# ଓଡ଼ିଆ ସାହିତ୍ୟର ଇତିହାସ

## ଚତୁର୍ଥ ଖଣ୍ଡ

# ଓଡ଼ିଆ ସାହିତ୍ୟର ଇତିହାସ

## ଦ୍ୱିତୀୟ ଭାଗ

ଲେଖକ :

ପଣ୍ଡିତ ସୂର୍ଯ୍ୟନାରାୟଣ ଦାଶ, ଏମ୍. ଏ.

ଗ୍ରନ୍ଥମନ୍ଦିର

କଟକ : ବ୍ରହ୍ମପୁର

ପ୍ରକାଶକ

ଅକ୍ରୁରାମ ମହାପାତ୍ର

ଗ୍ରନ୍ଥ ମନ୍ଦିର

କଟକ : ବଙ୍କୁର

ପ୍ରଥମ ମୁଦ୍ରଣ

ଫେବୃଆରୀ, ୧୯୭୬

ମୁଦ୍ରାକର

ଜଗୁରାମ ମହାପାତ୍ର

ଗ୍ରନ୍ଥ ପ୍ରକାଶିନୀ

କଟକ-୧

ସାଦା ବନ୍ଧେଇ ଟ ୧୪.୦୦

ବୋର୍ଡ଼ ବନ୍ଧେଇ ଟ ୧୬.୦୦

# History of Oriya Literature
## Vol. III

Author
Pandit S. N. Das, M. A.

Published by:
Grantha Mandir,
Cuttack-2 : Berhampur.

Printed at
Grantha Prakasini
Cuttack-1
1966

Price
Rs. 16·00

लेखक
पंडित एस्. एन्. दाश, एम्. ए.

प्रकाशक :
ग्रन्थ मन्दिर
कटक—२ : ब्रह्मपुर

मुद्रक :
ग्रन्थ प्रकाशिनी
कटक—१

मूल्य :
१६=००

# ओड़िआ साहित्यर इतिहास
## तृतीय भाग

# ନିବେଦନ

ମୋର ଶାରୀରିକ ଅସୁସ୍ଥତା ପୂର୍ବବତ୍ ରହିଛି । ଏ ଗ୍ରନ୍ଥଟିକୁ ସର୍ବାଙ୍ଗସୁନ୍ଦର କରିବା ପାଇଁ କଳ୍ପନା କରିଥିଲେ ମଧ୍ୟ ଏହି ବାର୍ଦ୍ଧକ୍ୟ ତାହା କରି ପାରିନାହିଁ । ତେବେ, ଅନେକତାର ସତ୍ତ୍ୱେ କୌଣସି ତ୍ରୁଟି ଘଟିନାହିଁ ।

ଏହି ଖଣ୍ଡରେ ମହାପ୍ରସ୍ଥାନ ଶେଷ କରିବା ଇଚ୍ଛା ଥିଲା । କିନ୍ତୁ ପୁସ୍ତକର କଳେବର ଅତି ପ୍ରକାଣ୍ଡ ହୋଇଯିବା ଆଶଙ୍କାରେ ଏଠାରେ ଏ ଖଣ୍ଡକୁ ଶେଷ କଲି । ସ୍ୱାସ୍ଥ୍ୟ ଭଲ ରହିଲେ ଅନ୍ୟ ଖଣ୍ଡରେ ଅଧିକ ସୁନ୍ଦର ପରିଚ୍ଛଦ ସହିତ ପ୍ରକାଶ କରିବା ଆଶା ରହିଛି ।

ମୋ ସ୍ୱାସ୍ଥ୍ୟ ଅବନତି-ଜନିତ ଅସୁବିଧା ସତ୍ତ୍ୱେ ଗ୍ରନ୍ଥମନ୍ଦିରର ମାଲିକ ବନ୍ଧୁ ଶ୍ରୀ ଶ୍ରୀଧର ମହାପାତ୍ର ଓ ତାଙ୍କ ପୁଅ ଗ୍ରନ୍ଥ ପ୍ରକାଶିକା ଟ୍ରେଡର୍ସ ମାନେଜର ଶ୍ରୀ ଜୟରାମ ମହାପାତ୍ର ବହୁ ଶ୍ରମସ୍ୱୀକାର କରି ଏହି ଗ୍ରନ୍ଥ ପ୍ରକାଶ କରି ପାରିଛନ୍ତି । ତେଣୁ ମୁଁ ସେମାନଙ୍କଠାରେ ଋଣୀ ।

ମୋର କନିଷ୍ଠଭ୍ରାତା ଶ୍ରୀ ରାଧାକୃଷ୍ଣ ଦାଶ ଗ୍ରନ୍ଥ ଯୋଜନା ଓ ସଂଶୋଧନ ସହଯୋଗରେ ବହୁଭାବେ ସାହାଯ୍ୟ କରିଥିବାରୁ ମୋର ଆଶୀର୍ବାଦ ଜଣାଉଅଛି !

ସୂର୍ଯ୍ୟନାରାୟଣ ଦାଶ

ଲିଙ୍କ ରୋଡ

କଟକ-୨

# ସୂଚୀପତ୍ର

## ପ୍ରଥମ ଅଧ୍ୟାୟ

### ମୁସଲମାନ ଯୁଗ (ଖ) ଦିବ୍ୟସିଂହ ଯୁଗ ବା ଉପେନ୍ଦ୍ର ଯୁଗ ବା କାବ୍ୟଯୁଗ

ପ୍ରଥମ ପରିଚ୍ଛେଦ—

ଉପେନ୍ଦ୍ର ଭଞ୍ଜ—(୧) ଶୋଭାବତୀ—(୨) ଛାନ୍ଦ ଭୂଷଣ—(୩) କଳା-କଉତୁକ—(୪) ସୁଭଦ୍ରା ପରିଣୟ—(୫) ଅବନା ରସତରଙ୍ଗ—(୬) ରାମଲୀଳାମୃତ—(୭) ପ୍ରେମସୁଧାନିଧି—(୮) ରସିକ ହାରାବଳୀ—(୯) ସୁବର୍ଣ୍ଣରେଖା—(୧୦) ରସପଞ୍ଚକ—(୧୧) ଗୀତାଭିଧାନ—(୧୨) ଚିତ୍ରକାବ୍ୟ ବନ୍ଧୋଦୟ—(୧୩) ଲାବଣ୍ୟବତୀ—(୧୪) ଶୁଦ୍ଧ କବିତା—(୧୫) ଉପହାର ପୃ: ୧—୨୮୨

ଦ୍ୱିତୀୟ ପରିଚ୍ଛେଦ—

ବିଶ୍ୱନାଥ ଖୁଣ୍ଟିଆ ପୃ: ୨୮୩—୨୯୮

## ଦ୍ୱିତୀୟ ଅଧ୍ୟାୟ

### ମରହଟ୍ଟା ଯୁଗ ବା ଉପେନ୍ଦ୍ର ଯୁଗ

ପ୍ରଥମ ପରିଚ୍ଛେଦ—

ଯୁଗ ପରିଚୟ ପୃ: ୨୯୯—୩୦୯

ଦ୍ୱିତୀୟ ପରିଚ୍ଛେଦ—

ବୈଷ୍ଣବ କବି ବନମାଳୀ ଦାସ—(୧) ଚାଟ ଇଚ୍ଛାବତୀ
ପୃ: ୩୧୦—୩୨୪

ତୃତୀୟ ପରିଚ୍ଛେଦ—

ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମା—(୧) ଲଳିତ ଲୋଚନା—(୨) ସଙ୍କୀର୍ତ୍ତନ କଳ୍ପଲତା—(୩ ଯୁଗଳରସାମୃତ ଲହରୀ—(୪) ଯୁଗଳ ରସାମୃତ ଭଣିତା—(୫) ପ୍ରେମ ତରଙ୍ଗିଣୀ—(୬) ପ୍ରେମ କଳ୍ପଲତା—

(୭) ଜଗନ୍ନାଥ ସମୁଦ୍ର — (୮) ଦାମ ଚନ୍ଦ୍ରମଣି — (୯) ନିଷ୍ଠା ଲୋକମଣି — (୧୦) ଚୌର ଚନ୍ଦ୍ରମଣି ପୃ: ୩୨୫ — ୫୧୯

ଚତୁର୍ଥ ପରିଚ୍ଛେଦ —

ବୈଷ୍ଣବ ଭକ୍ତ ଦାଶରଥି ଦାସ ପୃ: ୫୨୦ — ୫୩୭

ପଞ୍ଚମ ପରିଚ୍ଛେଦ —

ରଘୁନାଥ ଭଞ୍ଜ ପୃ: ୫୩୮ — ୫୬୩

ଷଷ୍ଠ ପରିଚ୍ଛେଦ —

ରାଜା ପଦ୍ମନାଭ ଶ୍ରୀଚନ୍ଦନ ପୃ: ୫୬୪ — ୫୯୫

ସପ୍ତମ ପରିଚ୍ଛେଦ —

ରାଜା ତ୍ରିବିକ୍ରମ ଭଞ୍ଜ ପୃ: ୫୯୬ — ୬୧୨

ଅଷ୍ଟମ ପରିଚ୍ଛେଦ —

କୃପାସିନ୍ଧୁ ଦାସଙ୍କ ସମକାଳୀନ କବି — (୧) କୃପାସିନ୍ଧୁ ଦାସ — (୨) ରାଜା ପୁରୁଷୋତ୍ତମ ମାନଧାତା — (୩) ଭକ୍ତ ଲକ୍ଷ୍ମଣ — (୪) ବିଶ୍ୱେଶ୍ୱର ଦାସ — (୫) ରତ୍ନାକର ଦାସ — (୬) ଚନ୍ଦ୍ରମଣି ଦାସ — (୭) ଚୈତନ୍ୟ ଦାସ ପୃ: ୬୧୩ — ୬୩୫

ନବମ ପରିଚ୍ଛେଦ —

ରାଜା ନାରାୟଣ ଦେବ ପୃ: ୬୩୬ — ୬୫୪

ଦଶମ ପରିଚ୍ଛେଦ —

ପୀତାମ୍ବର ଦାସ ପୃ: ୬୫୫ — ୬୮୦

ଏକାଦଶ ପରିଚ୍ଛେଦ —

ରାଜକବି କୃଷ୍ଣଚନ୍ଦ୍ର ସିଂହ ପୃ: ୬୮୧ — ୬୯୭

ଦ୍ୱାଦଶ ପରିଚ୍ଛେଦ —

ନାରାୟଣ ଦାସ : ମଧୁ ଦେବ ଦାସ : ରାମଦାସାଦି କବି — (୧) ନାରାୟଣ ଦାସ — (୨) ମଧୁ ଦେବ ଦାସ — (୩) ରାମ ଦାସ — (୪) ବଳାମ୍ବର ଦାସ — ପୃ: ୬୯୮ — ୭୨୨

# ପ୍ରଥମ ଅଧ୍ୟାୟ

## ମୁସଲମାନ ଯୁଗ (ଖ)

## ଦିବ୍ୟସିଂହ ଯୁଗ ବା ଉପେନ୍ଦ୍ର ଯୁଗ ବା କାବ୍ୟ ଯୁଗ

## ପ୍ରଥମ ପରିଚ୍ଛେଦ

## ଉପେନ୍ଦ୍ର ଭଞ୍ଜ

(ଦ୍ୱିତୀୟ ଭାଗ, ତୃତୀୟ ଅଧ୍ୟାୟ, ଅଷ୍ଟମ ପରିଚ୍ଛେଦ ପରେ)

### ରସବତୀ

ସାରକଥା—୧ମ ଛାନ୍ଦ—କବି ଗୀତା, ରାମ ଓ ଶିବଙ୍କୁ ବନ୍ଦନା କରି କାବ୍ୟର କଥାବସ୍ତୁ ଆରମ୍ଭ କରିଛନ୍ତି । କେରଳ ଦେଶର ରାଜା କୁସୁମଶେଖର, ରାଣୀ ପଦ୍ମାବତୀ ଓ କନ୍ୟା ରସବତୀ । କନ୍ୟା ଅପୂର୍ବ ସୁନ୍ଦରୀ । ଯୌବନାବସ୍ଥା ପ୍ରାପ୍ତହେବା ପରେ ତାର ବିବାହର ବ୍ୟବସ୍ଥା କରିବା ପାଇଁ ପିତା ବ୍ୟଗ୍ରଚିତ୍ତ ହେଲେ । ସିଂହଳ ଦେଶର ରାଜା ମଧୁକର ଓ ରାଣୀ ଚନ୍ଦ୍ରରେଖା, କୁମର ରାଜକୁମାରର ବିବାହ ନିମନ୍ତେ ରାଜା ଚିତ୍ରପଟସହ ବିଭିନ୍ନ ଦେଶକୁ ଦୂତ ପଠାଇଲେ । ଦୂତମାନେ କେରଳରେ ପ୍ରବେଶ ହେଲେ । କେରଳରାଜା, ମନ୍ତ୍ରୀ ଓ କେମା କୁମାରର ଚିତ୍ରପଟ ଦେଖି ହରଷିତ ହେଲେ । ରାଜା ରସବତୀ ସହିତ କୁମାରଙ୍କ ବିବାହ ପ୍ରସ୍ତାବ ଦେଇ ସିଂହଳକୁ ଦୂତ ପଠାଇଲେ ।

୨ୟ ଛାନ୍ଦ — ମାଳିନୀ କୁମାରର ଚିତ୍ରପଟକୁ ଲୁଗାରେ ଗୁଡ଼େଇ ହାତରେ ଲୁଚାଇ ରଖିଥିଲା। ସଖୀମାନେ ପରସ୍ପରରେ ଚିତ୍ରକୁ ଛଡ଼ାଇନେଇ ଦେଖିଲେ ଏବଂ କୁମାରର ଅପୂର୍ବ ଶୋଭାକୁ ପ୍ରଶଂସା କଲେ। ଜେମା ସେହି ଚିତ୍ରପଟ ଦେଖି ସନ୍ତୋଷ ଲଭିଲେ ଏବଂ କୁମାର ପ୍ରତି ତାଙ୍କ ପ୍ରେମ ଜାତ ହେଲା। କ୍ରମେ ସେ ବିରହରେ କାତର ହେଲେ। ସଖୀମାନଙ୍କଠାରୁ କୁମାର ସମ୍ମତ ହେବାର ପ୍ରସ୍ତାବ ପିତା ମାତାଙ୍କୁ ପଠାଇଥିବା ଶୁଣି ଜେମା ଆଶ୍ୱସ୍ତ ହେଲେ।

୩ୟ ଛାନ୍ଦ — ଚିତ୍ରପଟରେ ରାଜକୁମାରୀର ଅପୂର୍ବ ଶୋଭା ଦେଖି ନାୟକ ମୋହିତ ହେଲା। ନାୟିକା ସମ୍ମତ ଥିବାରୁ ବିବାହ ଓ ମଧୁଶଯ୍ୟା। କନ୍ୟାକୁ ସଙ୍ଗରେ ନେଇ ବର ଫେରିଲା ତ୍ୟାରକରି ସ୍ୱପୁରରେ ପ୍ରବେଶ ହେଲା। ବହୁତ କାଳ ଦାମ୍ପତ୍ୟ ସୁଖ ଭୋଗ କଲେ। କେତେକ କାଳ ପରେ ପିତୃଶ୍ରାଦ୍ଧ ଏକଶ ଉପସ୍ଥିତ ହେବାରୁ ପିତାଙ୍କ ନିର୍ଦ୍ଦେଶରେ ନାୟକ ମୃଗ ମାରିବାକୁ ଘଟେଶ୍ୱରୀ ବନକୁ ଗଲା। ସେଠାରେ ଜଣେ ଅସୁରଭବନସ୍ଥା କୁମାରର ଅପୂର୍ବ ଶୋଭାରେ ମୋହିତ ହୋଇ ତାକୁ ହରିନେଲା। ଏ ସମ୍ବାଦ ପାଇବାମାତ୍ରେ ରାଜା ଅତ୍ୟନ୍ତ ଦୁଃଖିତ ହୋଇ କାଳଯାପନ କଲେ। ନୃପନନ୍ଦନ ଓ ନାୟିକା ଉଭୟେ ବିରହକାତର ହୋଇ ପଡ଼ିଲେ।

୪ର୍ଥ ଛାନ୍ଦ — ବର୍ଷାଋତୁ ଆଗମନ। ବର୍ଷାଋତୁରେ ଧରଣୀର ଅବସ୍ଥା, ନଗରୀର ଅବସ୍ଥା, କୁମାରର ବିରହ, ସର୍ପୀର ଗୁଣାବଳୀ ଓ ବନବଳକର ପ୍ରେମାନୁଭୂତ ସ୍ମରଣ କରି କୁମାରର ଦୁଃଖାନୁଭୂତି।

୫ମ ଛାନ୍ଦ — ଦେଶଦେବଟଲ କସ୍ତୁମଲତିକା ରୂପରେ ମଧୁପକୁ ସ୍ମୃତି କୁମାର ତାକୁ ସମ୍ବୋଧନ କରି ନିଜର ବିରହାନୁଭୂତି ବ୍ୟକ୍ତ କଲା।

୬ଷ୍ଠ ଛାନ୍ଦ — ନାୟିକାର ବିରହ, ବିରହପୀଡ଼ା। ସଖୀମାନଙ୍କର ଉପଚାର। ନାୟିକାର ଜୀବ ଥିବା ନଥିବା ଅବସ୍ଥା। ସମସ୍ତଙ୍କର ଉଦ୍‌ବେଗ। ଏହି ସମୟରେ ଜଣେ ମୁନିଙ୍କର ପ୍ରବେଶ। ରାଜା ତାଙ୍କୁ ଯଥୋଚିତ ମାନ୍ୟ କରି ନିଜ କୁମାରର ନିରୁଦ୍ଦେଶ ଅବସ୍ଥା ବର୍ଣ୍ଣନା କଲେ। ମୁନି ସେ ଦିନ ରାତିରେ ରାକ୍ଷସ

ପୁରରେ ପ୍ରବେଶ ହେଲେ। କୁମାରର ନଷ୍ଟ ଅବସ୍ଥାରେ ଯୋଗବଳରେ ମୁନି ତାଙ୍କୁ ହରଣ କରି କୁମାରର ପୁରକୁ ନେଇ ଆସିଲେ। କୁମାରର ପ୍ରତ୍ୟାଗମନରେ ସମସ୍ତଙ୍କର ଆନନ୍ଦ।

୭ମ ଛାନ୍ଦ — ଚନ୍ଦ୍ରମୁଖୀ ନାୟିକାର ବିରହାବସ୍ଥା ଦେଖି ନାୟକ ଦୂତୀଙ୍କୁ ପଠାଇଁ ଦେଲେ ଏବଂ ଦୂତୀ ଯାଇ ବିରହିଣୀର ମନକୁ ତୁଷ୍ଟ କଲା। ପଦ୍ମ ପତ୍ରିକୁ ଦେଇ ଦୂତୀ କାମିନୀଙ୍କୁ କହିଲା, ପୁଣି ଆଶ୍ୱାସ ଦେଲା, “ତବ ଜୀବନେଶ ଶୀଘ୍ର ଆସିବାରେ କୌଣସି ସନ୍ଦେହ ନାହିଁ।” ବର୍ଷାକାଳ ପୁରୁଷ ସ୍ତ୍ରୀ ଏକତ୍ର ସୁଖରେ ଦାମ୍ପତ୍ୟଜୀବନ ଯାପନ କଲେ।

ଲକ୍ଷଣୀୟ—(୧) ଏହି କାବ୍ୟଟିରେ କବିଙ୍କ ‘ମଙ୍ଗଳାଚରଣ’ ଉପାଧି ଦେଖା ଯାଉଛି। କାବ୍ୟଟି କବିଙ୍କର ପ୍ରାଥମିକ ଅବସ୍ଥାର ରଚନା ହୋଇଥିବାରୁ ଉପେନ୍ଦ୍ରଙ୍କର ଏହି ଉପାଧିଟି ପ୍ରଥମାବସ୍ଥାର ହୋଇଥିବା ସମ୍ଭବ। ଏହି ଉପାଧିଟି ତାଙ୍କ କେତେକ ଅନ୍ୟ ପୁସ୍ତକରେ ମଧ୍ୟ ଦେଖାଯାଇଥିବାରୁ ଏଗୁଡ଼ିକ ମଧ୍ୟ ପ୍ରାଥମିକ ଅବସ୍ଥାର ରଚନା ହୋଇ ନପାରେ।

(୨) କବିଙ୍କର ପ୍ରାଥମିକ ଅବସ୍ଥାର ଏ ପୁସ୍ତକ କାବ୍ୟଟି ସରଳ ଭାଷାରେ ରଚିତ ହୋଇଛି ଏବଂ ଏଥି ସଙ୍ଗେ କବିଙ୍କ ଲେଖନୀର ଆକାଂକ୍ଷା ଦେବକଣ୍ଠରୁ ପ୍ରକାଶ ଲାଭ କରିଛି।

(୩) କାବ୍ୟର ନାୟକ ସୋମଦେଶ ରାଜକୁମାର। ନାୟିକାର ପିତାମାତାଙ୍କ ନାମ କବି ଦେଇଛନ୍ତି, କିନ୍ତୁ ନାୟକର ନାମ ଉଲ୍ଲେଖ କରି ନାହାନ୍ତି। ନାୟିକାର ନାମ ସୋମଚନ୍ଦ୍ରିକା ଅଛି। ଏଥିରୁ ଅନୁମିତ ହୁଏ, କବି ନାୟକର ନାମ ଅପେକ୍ଷା ନାୟିକାର ନାମକୁ ବିଶେଷ ମୂଲ୍ୟବାନ ମନେ କରିଛନ୍ତି; କାରଣ, ନାୟିକାର ନାମାନୁସାରେ ଉପେନ୍ଦ୍ର ତାଙ୍କର ଗ୍ରନ୍ଥ ସମୂହ କାବ୍ୟର ନାମକରଣ କରିଛନ୍ତି। ନାୟିକାର ନାମ ନ ହେବା ଏକ

ଅସମ୍ପୂର୍ଣ୍ଣ ଲକ୍ଷଣ ଭିତରେ ଗୃହୀତ ହେବା ପାଠକ ପକ୍ଷରେ ସମ୍ଭବ, ତେଣୁ ଉପାଖ୍ୟାନଟିକୁ କାବ୍ୟ ବୋଲି ଧରିବା ମଧ୍ୟ ସମ୍ଭବ।

(୩) ସର୍ଗାନୁକ୍ରମରେ କେବଳ ବର୍ଷା ଋତୁର ଅନୁଚିନ୍ତା ଅଛି। ଦାମ୍ପତ୍ୟଜୀବନ ଏହି ଋତୁମାନଙ୍କ ମଧ୍ୟରେ କେବଳ ବେଳେବେଳେ ପାଇଁ ସ୍ଥିର ହୋଇ ସାରିଥିବାରୁ ଅନ୍ୟ ଋତୁରେ ସର୍ଗାନୁକ୍ରମର ଅବକାଶ ନଥିଲା।

(୪) ଅଳଙ୍କାରର ବିଶେଷ ପ୍ରୟୋଗ ନଥିଲେ ମଧ୍ୟ ସ୍ୱାଭାବିକ ବର୍ଣ୍ଣନା ଅତି ସୁନ୍ଦର ହୋଇଛି। ବର୍ଷାକାଳୀନ ପ୍ରାକୃତିକ ଦୃଶ୍ୟ ନଅଟି ଶ୍ଳୋକରେ ମଣ୍ଡିତ ହୋଇଛି। ବର୍ଣ୍ଣନାଟି ଚିତ୍ତାକର୍ଷକ ହୋଇଛି; ଉପମାଦିର ପ୍ରୟୋଗ ହୋଇନାହିଁ।

(୫) କାବ୍ୟଟିର କଳେବର କ୍ଷୁଦ୍ର ଥିବାରୁ ସଂସ୍କୃତର ବୃହତ୍ କାବ୍ୟମାନଙ୍କର ସମସ୍ତ ଲକ୍ଷଣ ଏଥିରେ ପ୍ରକାଶ ପାଇନାହିଁ। ଋତୁ, ନଦୀ, ନଗର, ବନ, ଉପବନ, ପର୍ବତର ପ୍ରଭୃତି ପ୍ରାକୃତିକ ଦୃଶ୍ୟ, ନାୟକନାୟିକାଙ୍କ ଶୋକ, ବିବାହାଦି ସାମାଜିକ ଅନୁଷ୍ଠାନ ପ୍ରଭୃତିର ସମୁଚିତ ବର୍ଣ୍ଣନା ଏବଂ ନାନାବିଧ ଅଳଙ୍କାର ପ୍ରୟୋଗ ଏଥିରେ ସ୍ଥାନଲାଭ କରିନାହିଁ; ନଗର, ବିବାହାଦି କେତେଗୋଟିର ସୂଚନା ଛଡ଼ା ବର୍ଣ୍ଣନା ନାହିଁ।

(୬) ଉପଧାମିଳନ — ଚତୁର୍ଥ ଛନ୍ଦଟିର ବସ୍ତାଳିଶଟିଯାକ ପଦ ଉପଧାମିଳନର ଦୃଷ୍ଟାନ୍ତ; ଏହା ଯମକର ଅନ୍ତର୍ଗତ ହେଲେ ମଧ୍ୟ ଏହି ଛନ୍ଦସ୍ଥିତର ପଦ।

ହେଲା ବରଷାକାଳ ପ୍ରବେଶ, ନଭ ଲେପିଦେଲା ପ୍ରାବୃଷ ଅଞ୍ଜନ।
ଥିଲି ଆକାଶ ଦେଶ ଘନ ଘୋଡ଼ାଇ, ଗିରି ଗିରି ଦେଖାଇଲା ବଢ଼ାଇ ॥ ୧ ॥

(୭) କାବ୍ୟଟିରେ ନାୟକ ଓ ନାୟିକାଙ୍କ ସ୍ୱଭାବପ୍ରେମ, ବିରହ, ପୁନର୍ମିଳନ, ନାୟକର ପ୍ରବାସ ହେତୁ ଉଭୟଙ୍କ ବିରହାଦି ବର୍ଣ୍ଣନା ମୁଖ୍ୟ ଥିବାରୁ ରସପରିପାକରେ ପ୍ରକାଶ ହୋଇନାହିଁ କହିଲେ ଅତ୍ୟୁକ୍ତି ହେବ ନାହିଁ। କାବ୍ୟଟି ଆଦିରସାତ୍ମକ; ଅନ୍ୟ ରସର ସଞ୍ଚାର କ୍ଷୀଣ ଓ ନଗଣ୍ୟ।

(୮) କଥାବସ୍ତୁର କ୍ରମବର୍ଦ୍ଧମାନ ଗଣ୍ଡରେ ମାଳିକର ଭୂମିକା ବିଶେଷ ଗୁରୁତ୍ୱର ଲକ୍ଷ୍ୟ କରିବାର କଥା । ତାଙ୍କର ପରବର୍ତ୍ତୀ ବୃହତ୍ ପ୍ରେମ କାବ୍ୟମାନଙ୍କରେ, ବିଶେଷତଃ ଲାବଣ୍ୟବତୀରେ ଏହା ପୂର୍ଣ୍ଣବିକାଶ ଲାଭ କରିଛି ।

କେତେକ ଅମୃତପଦାବଳୀ ଓ ଛନ୍ଦ—

(୧) ବାଳା ଅବସ୍ଥାରେ ନଖାଗ୍ରଶିମାନେ ଦେଖି
ଅତିରେ ତାହାର ଶୋଭା ଲେଖାଦେଲେ ଲେଖି ସେ । ୧୩ ।
(୧ମ ଛାନ୍ଦ)

(୨) (ବିଧାତା) ଉଦେକ କୁଚ ବେନି ସୃଜି ତା ହୃଦେ ନିର୍ମିଶି
ଭୁଲିବାକୁ କେମା ଖୋଳିବାକୁ ଦେ ପୁଣି ସେ । ୧୬ । (୧ମ ଛାନ୍ଦ)

(୩) ଯାହାର ସୁନା ଦର୍ପଣ, ମନର ଦୃଷ୍ଟି ପାଶେଣ
ନାହିଁ ତାହା ଜନିବାର କି ପ୍ରୟୋଜନ,
ମାଳଦଣ୍ଡ ମଣ୍ଡି ହେଉ ତ୍ରିଭୁବନେ କଷ୍ଟନାହିଁ
ତାପ ନାହିଁ ଏକାନ୍ତୋଭ ନେବାକୁ ପଦ ।
ଜନ୍ତୁଜାତ ତାକୁ ନ ରଖି,
ଯେ ତରୁଣୀ ଅଧରର ବାଣୀ ନ ଶୁଣି । ୫ ।

ଅଧର ବିମ୍ବ ସମାନ, ହାଦରେ କସ୍ତୁରୀ ପାନ
ଅଧୀରେ କର ଗଗନ ପାଦେଶ ମିଳାବ,
ଦେବତ୍ରିଜନ୍ତୁଳ ଦେନାଇ ନାହିଁନାପ୍ନ ଫଳାଇ
ସେହିଭଳି ବଦବଦନ ପ୍ରକାଶୁଥିବ ।
ଦେଖି ଯେଉଁ ଦୁଃଖ ଜନ୍ମିବ,
କେତେବେଳେ ଇନ୍ଦୁ ମୁଖ ଜାଣି ହେଉଥିବ । ୬ । (୩ୟ ଛାନ୍ଦ)

(୪) ନୃପତି ଶୁକ୍ଳାଂଶୁନନ, ମନୁଷ୍ୟ ଶ୍ୱାନ-ଦଶନ
ସୁବର୍ଣ୍ଣ କହନ୍ତି ସୁବା ତାଙ୍କ ସମାନ । × × । ୯ । (ଶକ୍ତି ଗୁପ୍ତ)

(୫) × × ମୋହ ଅଜ୍ଞାନ ଦୃଷ୍ଟି ପଡ଼ିଗଲୁ,
ଗୁଣ୍ଡି ଅସଇ ଘୃଣ୍ଣ ଯେ ଲଭିନ୍ତୁ ।
ଜଳୁଛି ତର୍ଜନୀ ତେଲ ପାଦାଙ୍ଗୁଳି
ମସ୍ତରେ ଦେଇ ଷୁବନ୍ତୁ ହେ ମଧୁପ । ୨ ।

ଟଣି ପଡ଼ୁଥାନ୍ତି ପୀୟୂଷବୃଷ୍ଟି,
ଯେ ବଦନ-ଶଶୀ ସୋଡ଼ିବାକୁ
ଏଣୁ ପ୍ରଣତ ମୁଣ୍ଡ ସ୍ପର୍ଶିବାକୁ,
ତୁଳି ଧରି କୋଟିକ କଣ୍ଠ ଲେଖି ଉଠିଲେ
ଷଣ୍ଢ ବଶରୁ ଦେବତାକୁ ହେ ମଧୁପ ! × × । ୩ ।

(୬) ସାଦର ଯେ ସୁନ୍ଦରୀ ଲେଖ ତୁମ୍ଭେ ମୋ ଓଠେ ଲଗିଥିଲା ଅଞ୍ଜନ
ଜାଣିନଥିଲି ପ୍ରାଣ ଆବେଦନ ।
ସ୍ୱର୍ଣ୍ଣ ହଙ୍କ ଥାଇ ନିଜ ଓଷ୍ଠ ପୋଛି ପାରିଲି ଜୀବନ ହେ ମଧୁପ !
ଜାଣି ପୋଛିଲି ଦେଖାଣ୍ଡ ଦୃଷ୍ଟିକି,
କ୍ଷୋଭ ସଇ ଯେ ମନ୍ଦିରେ ପଶିଲି,
ସେ ଲଭ ସେ ଶୋଭା ମନୁ ଗୁଣ୍ଠି ନାହିଁ
ବଳାଇ ପ୍ରାଣେ ରହିଲି ହେ ମଧୁପ ! ୭ । (ଜୟ ଗୁପ୍ତ)

(୭) ଫାଟି ଯା ଫାଟି ଯା ବୋଲିଲେ
ନ ଫାଟିଲା ଦେଖିଲ ନ ହୃଦୟ ପାଷାଣ
କାନ୍ଦି ଯାଉ ରହୁଅଛି ପରାଣ
ଦଣ୍ଡିବି ଭେଟ ହେଉଅଛି ନୟାନ ଧାଇଁ ସାହିବ ଏଥି ଚାହିଁ ହେ, ମଧୁପ ।

ନାଗରଙ୍କ ତ ତାଙ୍କୁ ନ ପାଇବ, ମୋର ଦୁଃଖ କାହାକୁ ଜଣାଇବି
ହୃଦୟ ସଂଶୟ ବଢ଼ଇ ଯନ୍ତ୍ରଣା
କଣ୍ଠ କେମନ୍ତ କରିବ କେ, ମଧୁପ । ୧୧ । (୫ମ ଛାନ୍ଦ)

( ) ମନର ପ୍ରବଣ ନିର୍ବନ୍ଧ ହେବାକୁ ଅଛି କପଟ ଅଟୁ ତାହିଁ
ପ୍ରୀତିଠାରୁ ପରମ ସୁଖ ନାହିଁ,
ମୁଁ ବା ବସ୍ତୁରେ ଏକା ଭଣି ନେବା
ଭାଙ୍ଗି କି ବହୁଳ ବନ୍ଧ କେ, ମଧୁପ ।
କାମ କାଣ୍ଡ ହୋଇ ରହୁ, ଏଥୁ ଭଳି ହୋଇ ନାହିଁ ବ୍ୟାପିବେ
ନବଯୁବତୀ ଲଭି ସଙ୍ଗ ଯାମିନୀ
ଆଉ କେ ସୁଖ ବୁଝାଇବ କେ, ମଧୁପ । ୧୨ । (୫ମ ଛାନ୍ଦ)

କାବ୍ୟର ସମୟ—କବି [illegible] ପ୍ରଥମ ଛାନ୍ଦରେ କାବ୍ୟମାନଙ୍କର ଯେଉଁ ତାଲିକା ଦେଇଛନ୍ତି, ସେଥିରୁ ଜଣାଯାଉଛି ଯେ ଅନେକ ଗୀତ, ଚଉତିଶା, ଚଉପଦୀ, ଗୀତା, ଦୋହା, ପୋଇ ପ୍ରଭୃତି କବିତା ରଚନା କରିଛନ୍ତି । କାବ୍ୟମାନଙ୍କର ନାମୋଲ୍ଲେଖ କ୍ରମରୁ ଜଣାଯାଉଛି ଯେ ଲାବଣ୍ୟବତୀ ପୂର୍ବରୁ କବି ଶୋଭାବତୀ, ହେମମଞ୍ଜରୀ, ରସଲେଖା, କାମକଳା, ମନୋରମା, ପ୍ରେମଲତାର ନାମ ଦେଇଛନ୍ତି । ଏଣୁ କବିଙ୍କ ରଚନା ସମୟର କ୍ରମ ହେଲେ ଧରିଲେ ଲାବଣ୍ୟବତୀ ସପ୍ତମ କାବ୍ୟ । ପୂର୍ବରଚିତ କାବ୍ୟମାନଙ୍କ ଭିତରୁ କେବଳ 'ରସଲେଖା'ଟି ମୁଦ୍ରିତ ହୋଇଅଛି ଏବଂ ଅନ୍ୟ କାବ୍ୟଗୁଡ଼ିକର ସନ୍ଧାନ ମିଳୁନାହିଁ । 'ରସଲେଖା' ଖ୍ରୀ: ୧୬୯୦ (ଦିବ୍ୟସିଂହ ଦେବଙ୍କ ଚତୁର୍ଥାଂଶ ଅଙ୍କ)ରେ ରଚିତ ହୋଇଥିବା ସେହି କାବ୍ୟରୁ ଜଣାଯାଏ । ଅତଏବ, ଲାବଣ୍ୟବତୀ ଖ୍ରୀ: ୧୬୯୦ ପରେ ରଚିତ ହୋଇଥିବା ଅନୁମାନ କରାଯାଇପାରେ । କବିପ୍ରଦତ୍ତ ତାଲିକାରେ ଲାବଣ୍ୟବତୀ ପରେ [illegible], ଛାନ୍ଦଭୂଷଣ, କଳାକଉତୁକ, ସୁଭଦ୍ରା ପରିଣୟ, ବୈଦେହୀଶ ବିଳାସ ଅନ୍ୟାନ୍ୟ କାବ୍ୟର ନାମୋଲ୍ଲେଖ ହୋଇଛି ।

## ଛାନ୍ଦ ଭୂଷଣ

'କ' ଠାରୁ 'କ୍ଷ' ପର୍ଯ୍ୟନ୍ତ ୩୪ଟି ବର୍ଣ୍ଣକୁ ବର୍ଣ୍ଣାଦ୍ୟ କରି ୩୪ଟି ବିଭିନ୍ନ ଛାନ୍ଦ କବି ରଚନା କରି କୃଷ୍ଣଲୀଳା ଗାୟନ କରିଛନ୍ତି । କବି ଏ ଗ୍ରନ୍ଥର ଛାନ୍ଦକୁ 'ବର୍ଣ୍ଣୋଦୟ ଛାନ୍ଦ' ବୋଲି ନାମକରଣ କରିଛନ୍ତି । ଅନ୍ୟ ସ୍ଥାନମାନଙ୍କରେ 'ବର୍ଣ୍ଣାଦ୍ୟ' ଛାନ୍ଦ ବୋଲି ମଧ୍ୟ କହିଛନ୍ତି ।

ଏହି କାବ୍ୟଟି ଛୋଟ ହେଲେ ମଧ୍ୟ ଏହାର ପ୍ରାଧାନ୍ୟ ବିଶେଷ ଭାବରେ ଲକ୍ଷ୍ୟ କରିବାର କଥା । ପ୍ରତ୍ୟେକ ଛାନ୍ଦରେ ୨୦ଟି ହେଲେହେଁ ପଦ ଥିବା ଜଣାପଡ଼ୁଥିଲେ ମଧ୍ୟ ଛାପା ବହିରେ ୧୩ଶ ରେ ୧୯ପଦ, ୧୯ଶ ରେ ୮ପଦ ଥିବା ଦେଖା ଯାଉଛି ।

(୧) ଏହା ଏକ କୃଷ୍ଣଲୀଳାବିଷୟକ ଭକ୍ତି କାବ୍ୟ ।

(୨) କାବ୍ୟରେ କବି ନିଜର ବଂଶ ପରିଚୟ ସମ୍ବନ୍ଧରେ କେତେକ ବିଶିଷ୍ଟ ତଥ୍ୟ ପ୍ରକାଶ କରିଛନ୍ତି ।

(୩) ଛାନ୍ଦଭୂଷଣର ଭାଷା ସରଳ ଓ ଲଳିତ ; ସ୍ୱରଚାତୁର୍ଯ୍ୟ, କଳ୍ପନା-ବୈଚିତ୍ର୍ୟ, କୋମଳକାନ୍ତ ପଦାବଳୀ ପ୍ରଭୃତିରେ ଏଥିର କେତୋଟି ଛାନ୍ଦ ଦୀନକୃଷ୍ଣଙ୍କ ରସକଲ୍ଲୋଳ ସହିତ ତୁଳନୀୟ ।

(୪) ଏହି କ୍ଷୁଦ୍ର କାବ୍ୟଟିରେ ଅଳଙ୍କାର ପ୍ରୟୋଗର ବହୁଳତା ନାହିଁ ।

(୫) ବହୁ ସଂଖ୍ୟକ ଓଡ଼ିଆ ଶବ୍ଦର ପ୍ରୟୋଗ ରହିଛି ।

(୬) ପ୍ରେମ ବର୍ଣ୍ଣନା ପ୍ରାକୃତିକ ବର୍ଣ୍ଣନା ତୁଳନାରେ ଅଳ୍ପ ସ୍ଥାନ ଅଧିକାର କରିଛି ।

ଉପେନ୍ଦ୍ର କୃଷ୍ଣଲୀଳା ବିଷୟକ କାବ୍ୟରଚନାର କାରଣ ସମ୍ବନ୍ଧରେ ପ୍ରଥମ ଛାନ୍ଦରେ ପ୍ରାର୍ଥନାଚ୍ଛଳେ ଜଣାଇଛନ୍ତି—

କବି ମୂଢ଼ ଅନ୍ତରେ ହେଉ ଏମନ୍ତ ଖାତିର
କଲି କାମିନୀ ବର୍ଣ୍ଣନା କରି ବହୁ ଗୀତ ।

କେଉଁ କାର୍ଯ୍ୟ ଅଛି ତହିଁ କୃଷ୍ଣ କଥା ଥାଉଁ
କଲ୍ପତ୍ରୁ ଯାହା ଅବେଷ୍ଟ ସମାପତ ହେଉ ।

ଏଥିରୁ ଅନୁମିତ ହେଉଛି ଯେ 'ଛନ୍ଦଭୂଷଣ' ରଚନା କରିବା ପୂର୍ବରୁ କବି 'କାଳିମା ବର୍ଣ୍ଣନା' ଓ 'ବନ୍ଧୁ' 'ଗୀତ' ରଚନା କରି ସାରିଥିଲେ । 'ବନ୍ଧୁ ଗୀତ' ଭିତରେ କାଳ୍ପନିକ କାବ୍ୟ ମଧ୍ୟ ଅନ୍ତର୍ଭୁକ୍ତ ।

କବିଙ୍କ କୃଷ୍ଣଭକ୍ତି ଏଥିରୁ ସୂଚିତ ହେଉଛି । ସେ ମୁଖ୍ୟତଃ ରାମଭକ୍ତ । ନିତ୍ୟବୈକୁଣ୍ଠ ଗୋଲୋକ ବା କାଳାନ୍ତରରେ ସେହିଠାରେ ବିରାଜମାନ କରୁଥିବା ରାମରୂପରେ ଅବତୀର୍ଣ୍ଣ ହୋଇଥିଲେ । ଦ୍ୱାପର ଯୁଗରେ ରାମଚନ୍ଦ୍ର କୃଷ୍ଣ ଅବତାର ଗ୍ରହଣ କଲେ । ରାମଚନ୍ଦ୍ର ଓ କୃଷ୍ଣ ବିଷ୍ଣୁଙ୍କ ଅବତାର ଥିବାରୁ କବି ତାଙ୍କର ଭକ୍ତି ନିବେଦନ କରିଛନ୍ତି—

ଜମ୍ବୁ କଙ୍କଣରେ ଯେଉଁ ଦାରୁରୂପଥିଲେ,
ବାଳେ ବାଳେ ଶ୍ୱେତଦ୍ୱୀପ ମଧ୍ୟେ ସେ ବସନ୍ତି ।
ରାମଚନ୍ଦ୍ର ବଂଶେ ଯେ ଥିଲେ ଅବତରି
କଣ୍ଠୀରବ ତନୁ ଯେ ପୂର୍ବରେ ଥିଲେ ଧରି ।
କୃଷ୍ଣରେ ଯେ ବସୁଜାତ ଦେବକୀ ଉଦରି
କମଳଯୁକ୍ତ ତ୍ରାଣ କର ଅପାଶର । × × (୧ମ ଛାନ୍ଦ)

କାବ୍ୟର ନାମ—କାବ୍ୟର 'ଛନ୍ଦଭୂଷଣ' ନାମ ସମ୍ବନ୍ଧରେ କଥାବସ୍ତୁର କୌଣସି ସମ୍ପର୍କ ନାହିଁ, କେବଳ କଥାଗ୍ରନ୍ଥ ଖଣ୍ଡ ବର୍ଣ୍ଣିକୁ ଅଧ୍ୟାୟରେ ଭିନ୍ନ ଏକ ଏକ ଛନ୍ଦ ରଚନା କରି କବି ତାଙ୍କ ପାଣ୍ଡିତ୍ୟ ଓ କବିତ୍ୱଶକ୍ତି ପ୍ରକାଶ କରିଥିବାରୁ କବି ଏପରି ନାମକରଣ କରିଛନ୍ତି । ମାତ୍ର ଗୋପୀକୃଷ୍ଣଙ୍କ ଲୀଳାର ଆଭାସ ଏହି ନାମରୁ ମଧ୍ୟ ମିଳୁନାହିଁ ।

ଛନ୍ଦଭୂଷଣ କୃଷ୍ଣଲୀଳା ବିଷୟକ ଏକ କାବ୍ୟ, କେବଳ ଛନ୍ଦର ସମାହାର ନୁହେଁ ।

କଥାବସ୍ତୁ — କୃଷ୍ଣଙ୍କ ଜନ୍ମ, ଗୋପପୁରରେ ଲାଳନପାଳନ, ଶୋଭା (୧ମ ଛାନ୍ଦ) । ଶିଶୁ ବ୍ରହ୍ମାଣ୍ଡନାଥଙ୍କ ପ୍ରକାଶ ଜାଣିପାରି ଅସୁରପତି କଂସ ସେତେ ଜନରେ ବୁଝିଗଲା ଏବଂ ଗୋପଜନପୁରରେ ଯେତେ ଶିଶୁ ଅଛନ୍ତି ସେମାନଙ୍କୁ ନାଶ କରିବା ପାଇଁ ପୂତନାକୁ ଆଦେଶ ଦେଲା । ପୂତନା ବଧ । ଶକଟାସୁର ଓ ତୃଣାସୁର ବଧ (୨ୟ ଛାନ୍ଦ) । ଗୋପପୁରର ଶୋଭା । ଗାର୍ଗମୁନି କୃଷ୍ଣ ବଳରାମଙ୍କ ନାମକରଣ କଲେ (୩ୟ ଛାନ୍ଦ) । ଶିଶୁରୂପଙ୍କ ବର୍ଣ୍ଣ, ବାଲ୍ୟଲୀଳା, କୃଷ୍ଣଙ୍କ ମାଟିଖିଆ, କୃଷ୍ଣଙ୍କ ଉଦରରେ ଯଶୋଦାଙ୍କ ଚତୁର୍ଦ୍ଦଶ ଭୁବନ ଦର୍ଶନ (୪ର୍ଥ ଛାନ୍ଦ) । ଯଶୋଦାଙ୍କ ଦଧିମନ୍ଥନ । ଯଶୋଦାଙ୍କଠାରୁ କୃଷ୍ଣଙ୍କ ସ୍ତନପାନ, ଦଧିଭାଣ୍ଡ ଭଙ୍ଗ, କୃଷ୍ଣ ମାତାଙ୍କ ଦଣ୍ଡ ଭୟରେ ଲୁଚିଲେ, ଯଶୋଦା ଘରେ ଘରେ ଖୋଜିଲେ । ଯମଳାର୍ଜ୍ଜୁନ ମୋକ୍ଷ (୫ମ ଛାନ୍ଦ) । ଗୋବତ୍ସଚାରଣ, ବନର ଶୋଭା, ବକାସୁରବଧ ଓ ବତ୍ସାସୁର ବଧ (୬ଷ୍ଠ ଛାନ୍ଦ) । କୃଷ୍ଣଙ୍କ ପ୍ରତି ଗୋପୀମାନଙ୍କର ଆସକ୍ତି, ଗୋପୀମାନେ କୁଳମର୍ଯ୍ୟାଦା ତ୍ୟାଗ କରି କୃଷ୍ଣ ପ୍ରେମର ଆକାଙ୍କ୍ଷୀ ହେଲେ, ଗୋପୀମାନଙ୍କର କାମଜ୍ୱରବାଣୀ, ଶରତ୍ ବର୍ଣ୍ଣନ, ବସନ୍ତ ରଚନା (୭ମ ଛାନ୍ଦ) । ଗୋପୀସୁନ୍ଦରୀମାନଙ୍କର ସ୍ନାନ ନିମନ୍ତେ ଯମୁନାଯାତ୍ରା, କୃଷ୍ଣଙ୍କ ବସ୍ତ୍ରହରଣ ହରଣ କରି ପାଦପର ମଧ୍ୟରେ ହାସ ପରିହାସ ଛଳରେ ପ୍ରଚ୍ଛନ୍ନ କାମପୀଡ଼ାର ଅଭିବ୍ୟକ୍ତି ।

"ଜାଣି ହେଲ ଚଞ୍ଚଳତା ପୀରତି ଯୁବତୀ ମନ ଶାସନେ ।"
"ଜାଣି ସ୍ୱଭାବେ ସ୍ୱତନ୍ତ୍ରତାବଳେ ବଶ ହୋଇବାରେ ସୁବିଧା ।"

"ଯାନ୍ତି ଚାଲି ଅଣି ଘେନି ବସ୍ତ୍ର × × ।" (୮ମ ଛାନ୍ଦ)
"ସେଠି ଚୀରସମ ହେଲା ମାଧବର ଶେଷେ ।"

ଗ୍ରୀଷ୍ମର ବର୍ଣ୍ଣନା, କୃଷ୍ଣ ଓ ଗୋପବାଳକମାନଙ୍କ ବନବିହାର ଦେଖି । ବନଭୋଜନ, ଯମୁନାଦୃଶ୍ୟ, ଗୋପବାଳକମାନଙ୍କ ବେଶ, ଖେଳ ଓ ନୃତ୍ୟ, ଅଘାସୁର ବଧ (୯ମ ଛାନ୍ଦ) । କୃଷ୍ଣ ଗୋପବାଳକମାନଙ୍କ ମେଳରେ ସେମାନଙ୍କ ଉଚ୍ଛିଷ୍ଟ ଭୋଜନ କରୁଥିବା ଦେଖି ବ୍ରହ୍ମା ମୋହ

ହେଲେ ଏବଂ କୃଷ୍ଣ ବତ୍ସ ଲୁଣ୍ଠନ୍ତି ବୋଲି ସନ୍ଦେହ କଲେ । ବ୍ରହ୍ମା ମାୟାବଳରେ ଗୋପବାଳକ ଓ ଗୋବତ୍ସାଦିଙ୍କୁ ହରଣ କରିନେଇ ନିମଗ୍ନ ଗୁମ୍ଫାରେ ପୂର୍ଣ୍ଣ ଏକବର୍ଷକାଳ ଲୁଚାଇ ରଖିଲେ । କୃଷ୍ଣ ଏହା ଜାଣିପାରି ସମସ୍ତଙ୍କ ଅଗୋଚରରେ ନୂତନ ଗୋପବାଳକ ଓ ଗୋବତ୍ସାଦି ସର୍ଜନା କଲେ । ବ୍ରହ୍ମା ନିଜ ଭ୍ରମ ବୁଝିପାରି କୃଷ୍ଣଙ୍କୁ ସ୍ତୁତି କଲେ । କୃଷ୍ଣ ଯୋଗମାୟାକୁ ପ୍ରତ୍ୟାହାର କରିନେଲେ । ବ୍ରହ୍ମା ଗୋପବାଳକ, ଗୋବତ୍ସାଦିଙ୍କୁ ଛାଡ଼ି ଦେଲେ (୧୦ମ ଛାନ୍ଦ) ।

କୃଷ୍ଣାଦି ବୃନ୍ଦାବନରେ ଗୋଚାରଣ କରୁଥିବା ସମୟରେ କଂସ ଦ୍ୱାରା ପ୍ରେରିତ ହୋଇ ଧେନୁକାସୁରର ଆଗମନ । ଧେନୁକାସୁର ବଧ (୧୧ଶ ଛାନ୍ଦ) । ଯମୁନା ହ୍ରଦରେ କାଳିୟ ନାଗ ଦ୍ୱାରା ଦୂଷିତ ଯମୁନା ଜଳ ପାନ କରି ଗୋପ ବାଳକଙ୍କ ମୃତ୍ୟୁ । କୃଷ୍ଣଙ୍କ ଦ୍ୱାରା ସଞ୍ଜୀବନ । କାଳୀୟ ସର୍ପକୁ ଦଳନ କରିବା ନିମନ୍ତେ କୃଷ୍ଣଙ୍କ ଉଦ୍ୟମ (୧୨ଶ ଛାନ୍ଦ) । କାଳୀୟ ଦମନ (୧୩ଶ ଛାନ୍ଦ) । ବର୍ଷାଋତୁ । ବୃନ୍ଦାବନରେ ଘନଶ୍ୟାମଙ୍କ କେଳି ରଚନା । ପ୍ରଲମ୍ବାସୁର ବଧ (୧୪ଶ ଛାନ୍ଦ) । ଗୋପ ଯୁବତୀଙ୍କ ଶୋଭା, ବନବିହାର । କୃଷ୍ଣଙ୍କୁ ପତି ଆଶା, ବରରୂପେ ପାଇବା କାମନା (୧୫ଶ ଛାନ୍ଦ) । କୃଷ୍ଣଙ୍କ ଗୋପୀବସ୍ତ୍ର ହରଣ ଲୀଳା । ଦେବ ଯଜ୍ଞ (୧୬ଶ ଛାନ୍ଦ) । ବ୍ରାହ୍ମଣୀଙ୍କ କୃଷ୍ଣଭକ୍ତି (୧୭ଶ ଛାନ୍ଦ) । ଗୋବର୍ଦ୍ଧନ ପୂଜା, ଇନ୍ଦ୍ରଙ୍କ କୋପ । ବୃଷ୍ଟି । କୃଷ୍ଣଙ୍କ ଗୋବର୍ଦ୍ଧନ ଧାରଣ । ଇନ୍ଦ୍ରଙ୍କ ଦର୍ପଭଙ୍ଗ, କ୍ଷମା ଭିକ୍ଷା । ନନ୍ଦଙ୍କୁ ଅଜଗର ମୁଖରୁ ଓ ବରୁଣର ମୁଖରୁ ଉଦ୍ଧାର (୧୮ଶ ଛାନ୍ଦ) । କୃଷ୍ଣଙ୍କ ବେଣୁବାଦନ, ବେଣୁ ସ୍ୱରର ସ୍ତବ । ଗୋପୀମାନଙ୍କ ହୃଦରେ ପ୍ରେମର ସଞ୍ଚାର । ଗୋପୀଭକ୍ତି (୧୯ଶ ଛାନ୍ଦ) । ଗୋପୀମାନେ କୃଷ୍ଣଙ୍କ ବେଣୁନାଦ ଶୁଣି ବନ ତାଙ୍କୁ ଖୋଜିଗଲେ । ବିଭିନ୍ନ ଗୋପୀର ମନର ଚିନ୍ତା—କେମିତି କୃଷ୍ଣଙ୍କୁ ପାଇବା ଏକାନ୍ତ ଇଚ୍ଛା । ଗୋପୀଙ୍କ ଦୁଃଖରୁ ଜାଣି କୃଷ୍ଣଙ୍କ ଆନନ୍ଦ (୨୦ଶ ଛାନ୍ଦ) ।

ଗୋପୀମାନଙ୍କ କୃଷ୍ଣ ଚିନ୍ତା । କୃଷ୍ଣ ପ୍ରତି ସ୍ୱଚ୍ଛନ୍ଦ ମନୋଭାବ ଓ ଭାବଚିତ୍ରିତ ଶୋଭା । କୃଷ୍ଣଙ୍କ ଉଦ୍ଭବ ଗୋପୀମାନଙ୍କ ସ୍ତୁତିଗୀତ (୨୧ଶ ଛାନ୍ଦ) । ରାସକ୍ରୀଡ଼ା (୨୨ଶ ଛାନ୍ଦ) । ବିଚ୍ଛେଦ ହେବ ଜାଣି କହିବା

ମନାପି କୃଷ୍ଣ ବୃନ୍ଦାବତୀଙ୍କୁ ଗୋପନରେ ନେଇ ବନର ଅନ୍ୟ ସ୍ଥାନକୁ ପ୍ରସ୍ଥାନ କଲେ । କୃଷ୍ଣଙ୍କ ବିନା ମେଳରେ ଅବଶେଷ ଗୋପୀମାନଙ୍କ ମନୋବୃତ୍ତି ଓ ଭାବନା, ଗୋପୀଙ୍କର ଦିବ୍ୟ ଭାବନା ଓ ସମ୍ମିଳିତ ବିଳାପ । କୃଷ୍ଣଙ୍କୁ ଅନ୍ୱେଷଣ କରିବା ପ୍ରସ୍ତାବ (୨୩ଶ ଛାନ୍ଦ) । ଗୋପୀମାନଙ୍କୁ ଉପଦେଶ କରି ବିରହୀ ଗୋପୀମାନଙ୍କ ବିରହ ଦୁଃଖ (୨୪ଶ ଛାନ୍ଦ) । ବୃନ୍ଦାବତୀଙ୍କ ସହିତ ବିହାର, ବୃନ୍ଦାବତୀଙ୍କ ଗର୍ବ । କୃଷ୍ଣଙ୍କ ସ୍କନ୍ଧରେ ଆରୋହଣ କରି ମନରେ ଗର୍ବ କଲେ ।" କୃଷ୍ଣ ଏହା ଜାଣିପାରି ତାଙ୍କୁ ତେଜିଲେ ଗୋପ୍ୟ ହୋଇ ପଳାୟନ କଲେ । ବୃନ୍ଦାବତୀଙ୍କ ଶୋକ ଓ କୃଷ୍ଣଙ୍କ ସ୍ତୁତି ବର୍ଣ୍ଣନା । ଗୋପୀମାନେ କୃଷ୍ଣଙ୍କୁ ଖୋଜୁଥିବା ବେଳେ ତାଙ୍କ ପଦଚିହ୍ନ ଦେଖି ଆନନ୍ଦିତ ହେଲେ । କୃଷ୍ଣଙ୍କୁ ଦେଖି ଦ୍ରୁତ ପାଦେ ପାଦେ ଧାଇଁଲେ, କୃଷ୍ଣ ମିଳିଯାଇ ସ୍ନେହ ବଚନରେ ସେମାନଙ୍କୁ ଶାନ୍ତ କଲେ (୨୫ଶ ଛାନ୍ଦ) । ଯମୁନା-ତଟରେ ଗୋପୀମାନଙ୍କ ସହ କୃଷ୍ଣଙ୍କ କ୍ରୀଡ଼ା (୨୬ଶ ଛାନ୍ଦ) । ଗୋପୀଙ୍କ ସଙ୍ଗେ କୃଷ୍ଣଙ୍କ କ୍ରୀଡ଼ା । ଲୀଳାବର୍ଣ୍ଣନ । (୨୭ଶ ଛାନ୍ଦ) ମାର୍ଜାର, ଭମରୀ, ଘାଣ୍ଟୁଳି, ଖାଟଲି, ଆଖିବୁଜାବୁଜି, ପୁଚିକା, ବୁଲଣ୍ଡଂଖେଳି ପ୍ରଭୃତି ମାଧ୍ୟମରେ କୃଷ୍ଣଙ୍କ ଗୋପୀଙ୍କ ସଙ୍ଗେ ଗୋପନ କ୍ରୀଡ଼ା (୨୮ଶ ଛାନ୍ଦ) । କଂସର କ୍ରୋଧ । କୃଷ୍ଣଙ୍କୁ ବଧ କରିବା ପାଇଁ ଅସୁରମାନଙ୍କୁ ପ୍ରେରଣ; ବତ୍ସାସୁର, ବକାସୁର ପ୍ରଭୃତି ବଧ । କଂସର ଅନ୍ୟ ଉପାୟ । ଧନୁର୍ଯାତ୍ରାକୁ କୃଷ୍ଣବଳରାମଙ୍କୁ ନିମନ୍ତ୍ରଣ କରିବା ପାଇଁ ଅକ୍ରୂରଙ୍କୁ ପ୍ରେରଣ (୨୯ଶ ଛାନ୍ଦ) । କୃଷ୍ଣ ମଥୁରାକୁ ଯିବା ସ୍ଥିର କରିଥିବା ଶୁଣି ଗୋପୀମାନଙ୍କ ଦୁଃଖ ଓ ବିଳାପ । କୃଷ୍ଣଙ୍କ ସାନ୍ତ୍ୱନା । ମଥୁରା ଯାତ୍ରା (୩୦ଶ ଛାନ୍ଦ) । ଅକ୍ରୂରଙ୍କ ସଙ୍ଗେ ରଥରେ ବସି ମଥୁରାକୁ ଗମନ । ମଧୁବନର ଶୋଭା, ପଥରେ ଦ୍ୱିଜମାନଙ୍କର ପୂଜା (୩୧ଶ ଛାନ୍ଦ) । ମଥୁରା ବାହାରେ ରଜକକୁ ଧରିବା ଓ ତାହାର ବସ୍ତ୍ର ନେଇ କୃଷ୍ଣବଳରାମ ଓ ଗୋପ ବାଳକଙ୍କ ବେଶ । କୁବୁଜା ଉଦ୍ଧାର । ମଥୁରା ନଗରରେ ପ୍ରବେଶ । କୃଷ୍ଣଙ୍କ ଧନୁ ଆକର୍ଷଣ । ଧନୁ ଭଙ୍ଗରେ କଂସର ଭୀତି । କଂସର ମଲ୍ଲ ଓ ହସ୍ତୀଙ୍କ ଦ୍ୱାରା କୃଷ୍ଣଙ୍କୁ ବଧ କରିବା କଳ୍ପନା (୩୨ଶ ଛାନ୍ଦ) । ଦୁଃସ୍ୱପ୍ନ ଦେଖିବାରୁ କଂସ ଶଯ୍ୟା ତ୍ୟାଗ କଲା । କଂସର ସିଂହଦ୍ୱାରଠାରେ ହସ୍ତୀ, ମଲ୍ଲ

ଅକ୍ରୂରଙ୍କ ଦ୍ୱାରା କୃଷ୍ଣ ବଳରାମଙ୍କୁ ବଧ କରିବା ଯାଞ୍ଚ । ବଳରାମକୃଷ୍ଣ ଯାତ୍ରା, ମଲ୍ଲ ମୁଷ୍ଟିକଙ୍କୁ ବଧ କଲେ । କଂସର ଭୟ । କଂସ କୋଠରେ ସ୍ୱପ୍ନରେ ଅସ୍ତ୍ର ଧାରଣ କରି ବାଳକୃଷ୍ଣଙ୍କୁ ଆକ୍ରମଣ । କଂସ ମଞ୍ଚରୁ ତଳକୁ ଡେଇଁ ପଳାଇବାକୁ କୃଷ୍ଣ ତାଙ୍କୁ ଧରି ବଧ କଲେ । ଦେବକୀ ବସୁଦେବଙ୍କ ବେଦନା । କୃଷ୍ଣଙ୍କ ପ୍ରବୋଧ । କୃଷ୍ଣ ଉଗ୍ରସେନଙ୍କୁ ମଥୁରାର ରାଜା କଲେ (୫ମ ଛାନ୍ଦ) । କୁବ୍ଜାଉଦ୍ଧାର, ସନ୍ଦୀପନି ଗୁରୁପୁତ୍ର ଆନୟନ, ରୁକ୍ମିଣୀ ହରଣ, କାଳଯବନ ବଧ, ସ୍ୟମନ୍ତକମଣି ହରଣ, ଶିଶୁପାଳ ବଧ, ଶାଲ୍ୱ ବଧ, ଦନ୍ତବକ୍ର ବଧ, ଭୂଙ୍ଗଣ ବଧ, ବଜ୍ରନାଭ ବଧ, କୌଶଜନବାହୁ ବଧ, ପାରିଜାତକ ହରଣ, କୌରବପକ୍ଷ ଧ୍ୱଂସ ଇତ୍ୟାଦି ଘଟଣା (୬ଷ୍ଠ ଛାନ୍ଦ) ।

ବର୍ଣ୍ଣନା ଚାତୁରୀ—ବାଲ୍ୟଙ୍କ ଉପର ଚାପ ଭିତରେ କୃଷ୍ଣଙ୍କ ବାଲ୍ୟଲୀଳା ଅଧିକ ସ୍ଥାନ ଅଧିକାର କରିଛି । ଛାନ୍ଦଗୁଡ଼ିକରେ କୃଷ୍ଣଙ୍କ ବାଲ୍ୟଲୀଳା ପ୍ରସଙ୍ଗଟି ଭକ୍ତିପୂର୍ଣ୍ଣ ଓ ରମଣୀୟ ହୋଇଛି ।

ଯେଉଁ ବାଳାଗ୍ରପାର ଲକ୍ଷ ଚନ୍ଦ୍ରକୁ ଦନ୍ତ ଦନ୍ତ ଦୁଇଁ କମଳ
ଘନ ଗୁଚ୍ଛ ଜଳଦ କଳାନ୍ତର ଯାଉ ଭକ୍ଷବାରେ ତୁଳ୍ୟର ।
ଯୋଗୀ ଭ୍ରମରା, ଘନେ ତାର ସେ ନାଶ ଯାଇ
ଘନଶ୍ୟାମଶୁଭ ପଦ୍ମଣ ହସ୍ତଣୀ ତୁଳବନ୍ଦ୍ୟ ଜାଣି ଶ୍ରଦ୍ଧାଲୁ । ୧ ।

ଯଷ୍ଟି ଯାଦବପ୍ରେମୀ ମୋର ଗୁମ୍ଫା ଗୁମ୍ଫା ପ୍ରବାଳ ଚକ୍ଷୁଳରେ ଭୂତ
ଯାତଦେଖଣେ ଦଶ ଖୁସ୍ୱ ସ୍ୱର୍ଣ୍ଣକର କଣ୍ଟୋଳ ପରେ ଅଳୁତ ।
ଘନଶ୍ୟାମଙ୍କୁ, ଘର ତମୋଧରେ ଧ୍ୟାଇ
ଘଣ୍ଟପ୍ରମାଏ ଗୁଳିତ କର୍ଣ୍ଣବାରେ ବହିଲେ କେତେଭାବନ ତନ୍ତି । ୨ ।

ଯୋଷା ଜଣ ଶୀର ଦୋଳକଳ ସ୍ରୀକୃଷ୍ଣେ ନାମକୁ ସାଇ ତୋଷମନ
ଯେଉଁ ସୁବର୍ଣ୍ଣ ସ୍ୱାମୀଳ ଶୀର ଭାଣ କାନ୍ତରେ କରାଳ ଶଯ୍ୟନ ।
ଘନଶ୍ୟାମଙ୍କୁ, ଘନ ଘନଯାଳ କରାଇ
ଯୋଷ କାମିନୀଏ ଉଦରେ ବର୍ଣ୍ଣରେ ଶେଷ କଲେ କେତେ ଧନନ୍ତି । ୩ ।

ଯଶୋଦା ନାହାକୁ କୋଳେ ଖେଳେ ତଳେ ନ ଥୁଅନ୍ତି କେତେ ଥର ନେଇ
ପର ଭୃତ୍ୟ ଚନ୍ଦ୍ରକୁ ଦେଖାଇ କେତେ ଭାଳ ନେଲେ ହେଲାଣି ।
ଘନଶ୍ୟାମଙ୍କୁ, ଯେଉଁ ବାହୁଁଧ ଭୂଜରି
ସେ କେତେ ନେଲେ ସ୍ୱଜନ ଅଧୀର ଚମାର ଭୂବନ ଝୁଲଇ । ୫ ।
ଯାଉଁଛି ନୂପୁର ଝଙ୍କି କଷ୍ଟି ଯତେ ବେଣୀ ଲମ୍ବି ଫୁଲ ଲମ୍ଭାଇ
ଯଷ୍ଟଣ କପାଳେ ତେଲ ଗନ୍ଧ ହୋଇ ଗୋପୀ ଲଲିତାଙ୍କ ଦନାଇ ।
ଘନଶ୍ୟାମଙ୍କୁ, ଯୋଉଁ ପେଲ ପେଲ ପଲ୍ଲବ
ଯଷ୍ଟ ଦଶ କୂଳ ଲିଛି ମଧୁସୂଦନ ନେଲେ କେତେଥର ବସାଇ । ୬ ।
(୪ଥ ଛାନ୍ଦ)

ବାଳକୃଷ୍ଣଙ୍କର କେତେକ ମାନ ଶୀତାଙ୍ଗ ନୌକା, ବାଳ ଚପଳତା, କୌତୁକ ପ୍ରବୃତ୍ତି ଦେଖି କବି ଅତି ସୁନ୍ଦର ରୂପରେ ଚିତ୍ରଣ କରି ପାରିଛନ୍ତି । ବାତ୍ସଲ୍ୟ ରସର ଏ ରଚନାଟି ମାତୃଜାତିର ଏକ ଅମୂଲ୍ୟ ସମ୍ପଦ । ଉପେନ୍ଦ୍ର ଭଞ୍ଜଙ୍କ ଅଙ୍କନ କଉଶଳର ଯେପରି ରସ ବୈଚିତ୍ର୍ୟ, ବାତ୍ସଲ୍ୟ ରସ ପ୍ରକାଶ ବର୍ଣ୍ଣନା କରିବାରେ ସେପରି ରସ, ଏହା ଏଥି ଚରିତ୍ରରୁ ସ୍ପଷ୍ଟ ପ୍ରମାଣିତ ହେଉଛି ।

ଯଶୋଦାଙ୍କ ପୁତ୍ରସ୍ନେହ ବାତ୍ସଲ୍ୟ ରସର ଏକ ସୁନ୍ଦର ରଚନା । କୃଷ୍ଣଙ୍କ ବାଳଲୀଳା, ମୃତ୍ତିକା ଭକ୍ଷଣ, ଦୁଗ୍ଧଲବଣୀ ଭକ୍ଷଣ ଓ ମାତାପିତାଙ୍କ ପ୍ରକୃତି ମନୋହର ଚିତ୍ରକୁ କବି ଅତି ଦକ୍ଷତା ସହକାରେ ରଚନା କରି ଜନପ୍ରିୟ କରିପାରିଛନ୍ତି ।

ବଳରାମ ଓ କୃଷ୍ଣଙ୍କ ପ୍ରଥମ ପାଦଗ୍ରହଣ, ବେଣୀ, ଚୁଡ଼ାର ଶୋଭନ, ଗୋପରମଣୀଙ୍କ ରୀତିନୀତି, ଖାଙ୍କିପାନ ପ୍ରଭୃତି ଦୃଶ୍ୟ ସବୁ ସଂକ୍ଷେପରେ ଅତି ଚମତ୍କାର ଭାବରେ ବ୍ୟକ୍ତ କରିଛନ୍ତି । ଶିଶୁକୃଷ୍ଣଙ୍କ ମୁଖ ଦର୍ଶନରେ ଯେତେ ସବୁ ଅଭିଳାଷ ଭାବ ଯଶୋଦା ନେଉଛନ୍ତି । ପାଠକମାନଙ୍କ ହୃଦୟରେ ଏହି ଭାବ ଅର୍ପଣ ନ କରି କବି ଏହାର ଦୃଶ୍ୟ ଉଦ୍ଭାବନ କରିଛନ୍ତି ଏବଂ ଦେଖିବାର ଅନ୍ୟ ହୋଇଛନ୍ତି ।

କୃଷ୍ଣ ମୃତ୍ତିକାଭକ୍ଷଣ କରିବାରୁ ବଳରାମ ଆସିବାର ବେଗରେ ଦୌଡ଼ିଯାଇ ମାଡ଼ାକୁ ବସିବାରୁ ମାତାଙ୍କ ସ୍ନେହରଞ୍ଜିତ କ୍ରୋଧ ପ୍ରକାଶ ପାଇଛି। ସେ ବାହ୍ୟରେ କଠୋର, ଭିତରେ କୋମଳ ଏହି ଭାବ ପ୍ରକାଶ କରିଛନ୍ତି। "ପଢ଼ିବା ପାଇ ସଂସାର" ଶେଷ କୃଷ୍ଣଙ୍କୁ ଯଶୋଦା ମାତୃତ୍ୱବଶରୁ ନିଜ ସନ୍ତାନ-ମନେକରି ଭର୍ତ୍ସନା, ତର୍ଜନା କରିଥିଲେ। ମୃତ୍ତିକାଭକ୍ଷଣର ପ୍ରମାଣ ପାଇବା ନିମନ୍ତେ କୃଷ୍ଣଙ୍କ ମୁଖ ମେଲା କରିବାପାଇଁ ଯଶୋଦା କହିବାରୁ କୃଷ୍ଣଙ୍କ ଉଦରରେ ଚତୁର୍ଦ୍ଦଶ ବ୍ରହ୍ମାଣ୍ଡ ଦେଖି ଯଶୋଦା ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ଏହା ହିଁ ତାଙ୍କ ପୁତ୍ରସ୍ନେହର ପୁରସ୍କାର। ସେ ଚର୍ମଚକ୍ଷୁରେ ବାସୁଦେବଙ୍କୁ ଦର୍ଶନ କରି ଧନ୍ୟ ହୋଇଲେ। ବାତ୍ସଲ୍ୟ ରସରେ ଭଗବାନଙ୍କ ଲୀଳା କରିବା ଦୃଷ୍ଟାନ୍ତ ଏଠାରେ ପ୍ରଦର୍ଶିତ ହୋଇଛି।

କୃଷ୍ଣଙ୍କୁ ପିତ୍ତ ରୋଗ ଘଟିଥିବା ଏବଂ ଗ୍ରହ ଲାଗିଥିବା ଆଶଙ୍କା କରି ମାତା ହରିହରଙ୍କୁ ମୋଦକ ଉତ୍ସର୍ଗ କରିବା ବିଧିବିଧାନ କଲେ। ଏହି ପ୍ରସଙ୍ଗରେ କବି ହରିହର ପୂଜାର ଉଲ୍ଲେଖ କରିଛନ୍ତି। ଉତ୍କଳରେ ପ୍ରାୟ ଦଶମ ଶତାବ୍ଦୀର ପୂଜାର ବ୍ୟାପକତା ଦୃଷ୍ଟିଗୋଚର ହୁଏ। ଗଙ୍ଗବଂଶର ରାଜତ୍ୱରେ ହରିହର ପୂଜାର ପ୍ରଚୁର ବିଶିଷ୍ଟ ସ୍ଥାନ ଅଧିକାର କରିଥିଲା। କେବଳ ପ୍ରାଚୀ ଉପତ୍ୟକାରେ ମଧ୍ୟ ହରିହର ପୂଜାର ପ୍ରଚଳନ ଦେଖାଯାଏ। ଏହି ହରିହର ପୂଜା ବୈଷ୍ଣବ-ଶୈବ ସମ୍ପ୍ରଦାୟର ସମନ୍ୱୟ ପନ୍ଥା ମାତ୍ର। କବି ଏହି ଗ୍ରାମାଞ୍ଚଳର ବଶବର୍ତ୍ତୀ ହୋଇ ଏହି ପୂଜାର ଉଲ୍ଲେଖ କରିଥିବା ଅନୁମିତ ହୁଏ।

ଘନଶ୍ୟାମଙ୍କୁ, ଯୋଗିନୀ ଦୃଷ୍ଟି ନାଶ ପାଇଁ
ଗନ୍ଧ, ଧୂପ, ଦୀପ, ନୈବେଦ୍ୟ ବିଧିରେ ହରିହର ପୂଜା କରାଇ। ୯୮।
(୯ମ ଛାନ୍ଦ)

ଯଶୋଦାଙ୍କ ଦଧିମନ୍ଥନ ଛବି—

ଦଧିଭାଣ୍ଡ ଧରି କୋଳକ କୃଷ୍ଣଙ୍କୁ ଧଇଲେ ଆକୁଳ
ଗଳବନ୍ଧାନଙ୍କୁ ଉଠେଇ ଦେଇ,

ନବୀନଜଳଦ ଅଙ୍କୁର    ଜଗତେଶୋଭନ୍ତର
ଦର୍ଶନ କରି୍ଉନ୍ମାଦ ଯାନ୍ତି ଯେ,
କାହ୍ନୁମଣି, ନିଜଳସ୍ଥ ଦାଧ୍ୟମନ୍ଦିରେ,
ନୃତ୍ୟ କରନ୍ତ ରମଣୀ    ରମଣୀୟ ସୁବେଶ ବେଣୀ
ଫଣୀ କି ଖେଳେ ହେମଭୂମିରେ ଯେ । ୨ ।

ନିରଳ ମନ୍ତ୍ର ଅଳକା    ଯନ୍ତ୍ରିରୁ ଶୋଭେ ମଲ୍ଲିକା
ମାଳିକା ଗ୍ରଥିତ ବେଣୀରେ ଦଶେ,
ଭକ୍ତଙ୍କ ପୀୟୂଷ ପିଇ    ଉଲ୍ଲ ଦମନ କରିଲ
ନୃଥକ୍ରୁତ ନି ଅପାଙ୍ଗଦଣ ଯେ
ନିବଦ୍ଧ, ନିଥାନ ଖଳ ଭଜନ୍ତି ମଣି,
ନାଶ ହୋଇ ସୁଣମାନ    ତାଡ଼ିକାରେଣ ପଡନ୍ତ
ଶୂନ୍ୟରୁ ହୋଇଲ ପ୍ରାପ୍ତ ଶୋଭା ଯେ । ୩ ।

ନାଭ ବନ୍ଧ ବନ୍ଧ ଭଙ୍ଗ,    ଦାସୀଙ୍କ ବଦନଭଙ୍ଗ
ଅନୁଭବନ୍ତ ଭୃଙ୍ଗି ନ ଦୋଷ,
ନାଲେନ ଭୂଷାରସାର    ପଦ୍ମ କି ଭୃଙ୍ଗର ତର
ତପସ୍ୱୀ ଚକ୍ଷୁ କରିବେ କେଶ ଯେ
ନାସାମଣି, ନଖଜାତ ସ୍ୱେଦ ବିନ୍ଦୁ ଅଙ୍ଗେ,
ନଖାନଳକ ବେଦନା    ଦେଖି ଯେଉଁ ମୂର୍ଚ୍ଛା କି
ଭୂତପାତ ହୃଦି ଅଙ୍ଗେ ଯେ । ୪ ।

ନସ୍ତନ ତଳ ଡିଣ୍ଡି    ନିରତେ ହୋଇଲ ଯାଇ
ହଲୁଧର ପଦ୍ମ ତଳ କି ବାତେ,
ନତନ୍ଦୁଳ କରି ଗୁରୁ    ନୃତ୍ୟେନ ଶିଞ୍ଜିତ ଝଲ୍ଲ
ବାଣକ ଶଙ୍ଖ ଜ ଦୈତ୍ୟ ସୂତେ ଯେ
ନୋଷ୍ଠରେ କି, ଶଙ୍ଗେଶ ବେଣୁ ଶ୍ରବଣ ପାଣ

କସ୍ତୁରି ପଣ୍ଡିତେ ଧାଇଁ       କୃଷ୍ଣଙ୍କ ହରଙ୍କ ହୋଇ
ଭଙ୍ଗିଲ କବରି ଯାଇ ଧାଇ ସେ । ୫ ।
(୮ମ ଛାନ୍ଦ)

ପଞ୍ଚମ ଛାନ୍ଦର ଉପମାସ୍ଥଳ ସବୁଟି ଅତି ଚମତ୍କାର ହୋଇଛି । କବି ତାଙ୍କର ବିଭିନ୍ନ ଭାବରେ ଏହାନ୍ତି ଭଙ୍ଗୀର ସୁନ୍ଦର ବର୍ଣ୍ଣନା ଦେଇ ପ୍ରଶଂସା ଲାଭ କରିଛନ୍ତି । ଏହି ଉପମାସ୍ଥଳ ବର୍ଣ୍ଣନାକ ତାଙ୍କର ପ୍ରଶଂସାକୁ ବୃଦ୍ଧି କରିଛି ଏବଂ ଅନ୍ୟ କେହି ଜଣକର ବିଭିନ୍ନ ବିଷୟର ଛବି ଅଙ୍କନ କରିବାରେ ଦକ୍ଷ ଥିଲେ ଏହା ପ୍ରମାଣିତ କରୁଛି ।

ରସପଞ୍ଚକ—ଏହାର ଅପହ୍ନୁତି ଉପମା ବ୍ୟବହାର କରି କବି କୃଷ୍ଣଙ୍କ 'ପୂର୍ବରାଗ' ଭାବକୁ ଅତି ଚମତ୍କାର ଭାବରେ ଜୀବନ୍ତ କରି ଅଙ୍କନ କରି- ପାରିଛନ୍ତି । ରାଧା ଓ ଅନ୍ୟର ପ୍ରେମଲୀଳା ବର୍ଣ୍ଣନାରେ କବି ଅସାଧାରଣ ଦକ୍ଷତା ବ୍ୟକ୍ତ କରିଛନ୍ତି । ତାହାର ପ୍ରେମିକାର ମନୋଭାବକୁ କବି ଅତି ସୁନ୍ଦର ପଦାବଳୀରେ ବର୍ଣ୍ଣନା କରିଛନ୍ତି । ଗୋପୀ କୃଷ୍ଣ ନାୟକଙ୍କୁ ଅନୁକୂଳ ନାୟକ ମନେ କରି ଭାବଭାବ ପ୍ରକାଶ କରିଛନ୍ତି । ଦକ୍ଷିଣ ନାୟକର ଏକମାତ୍ର ନାୟିକା ହେବା ପାଇଁ ଗୋପୀର ସେହି ପ୍ରବଳ ଚେଷ୍ଟା କାବ୍ୟମନୋ- ଭାବରେ ପ୍ରକାଶ ପାଇଛି ତାହା ଅତି ରମଣୀୟ ହୋଇଛି । ମନେ ହେଉଛି, ଯେପରି ସମସ୍ତ ଦୃଶ୍ୟଟି ଆଖି ଆଗରେ ଉଦ୍ଭାସିତ ହେଉଛି । କବିଙ୍କ ଲେଖନୀର ସାର୍ଥକତା ଏଠାରେ ପ୍ରକାଶ ପାଇଛି —

କମଳନୟନଙ୍କୁ ଦେଖି ଗୋପୀଲୋକେ ଏମନ୍ତ ମନରେ ଭାବିଲେ,
ନିରେଖିବାର ଅଳ୍ପ ସମୟ ଲାଗି ନୟନ ନ ଯାଉ ଫେରି ।
ନୀଳେନ୍ଦ୍ରମଣି ପ୍ରଭାବକୁ ଦେଖି ତ,
ନବଦୀପ୍ତ ହେମ ପ୍ରାକାର କି ଅଳ ଧାରାର ଲକ୍ଷିତ । ୧ ।

ନିର୍ମଳ କମଳଧରବଦନଙ୍କୁ କମଳବର ଦେଖାଇଲେ
ନଜ ଭୁଜ ତୋଳି ତୁମି ଆଗ ଭେଟି ସୁମନା ମନ ମନାଇଲେ ।

୨

ନିତମ୍ବ, ହେମାଦ୍ରି ଶୃଙ୍ଗସ୍ଥିତ ମଦ,
ଦେଖ ସଖି ଧୀରେ ବିଶେଷେ ସ୍ତନେ ଅଙ୍ଗ ଅଙ୍ଗେ ଆଲିଙ୍ଗନ । ୬ ।

ତାରଙ୍କୁଙ୍କ କୃତ କୁଙ୍କୁମଲେପନ ଅଙ୍ଗନ ଅଙ୍ଗନ ଶରୀର,
ଶାଳ ଚାନ୍ଦନି ଯାମିନୀ ହୋଇଲେ ଧଣି ଯେ ମନୋହର ।
ନସୁନ୍ଦରୀ କୁନ୍ତଳ ଯେ ଶୁଭୁଅଛି,
ନୀଳା ମନ୍ଦିରେ ଯେ ଚନ୍ଦ୍ରକାନ୍ତମଣି ଅଙ୍ଗନ ହୋଇଅଛି । ୫ ।

ଦୃଷ୍ଟି ସେମାନଙ୍କୁ ଦେଖି ନବ ନଗିନା ଗୋପୀର ସ୍ୱଉକ୍ତି—

ନବଯୌବନା ଯେ ଘରି ଘରେ ଘନ ଘୂର୍ଣ୍ଣନ ବାଣୀ ଉଛନ୍ତି,
ଶାଳ କେଶରଙ୍କୁ ଶିରୀଷ ବୋଲି କି ଭାବ ବୋଧଣ୍ଡ ନଷ୍ଟ କରୁଛନ୍ତି ।
ନାସ୍ତି ଯେ, ଅଳପ ଅଳପ ହସୁଛି,
ଅର୍ଣ୍ଣବର ଚନ୍ଦନକରକାନ୍ତିଶୁଭ ଉଦୟାଙ୍କ ଶସୁଛି । ୮ ।

କହିଲ ନ.ଶୁଚ ନାସ୍ତିକ ବାହୁରେ ଗ୍ରୀବା ବନ୍ଧ କରି ବସିଛି,
ଦଳ୍ପଣ ଯେ ଏବା ତଥ ପବନରେ ଚଞ୍ଚଳ ସୁନ୍ଦରୀ ଘେରିଛି ।
ନସୁନ, ଭାଲା ଯେ କୁଞ୍ଚିକି ଦେଖୁଛି,
ନତନ୍ତୁ ନୁତନ ସ୍ୱାଦନ କରିଣି ଧାଣାରଣି ବାଣି ଦେଉଛି । ୯ ।

ଦୃଷ୍ଟି ଅବଶ୍ୟ ନବଯୁବତୀଙ୍କ ସ୍ୱଉକ୍ତି—

ନିକୁଞ୍ଜ ପୁଷ୍ପଲତାକୁ ଠାରି ନସୁନ ଭୃଙ୍ଗ ସ୍ୱଦରେ ଯେ ସଙ୍କେତ,
ନ ଦେଖିଲେ ପଛ ବୋଲି ମନେ ମନେ କପୂର ଶବଦ ହୋଇଛି ।
ନେଇ ଯେ, ଥିଲି ଫୁଲମାଳା ଗନ୍ଥୁଛି,
ମଧୁବନ ତେଜି ଚେମନ୍ତ୍ର କଥା ସେ ସଜନୀଙ୍କ ଯେ ପଚାରୁଛି । ୭ ।
ନିତମ୍ବିନୀ ଯେ ଅଙ୍କ ଶୋକ କରି ଅମୂଲ୍ୟ ଚୁମ୍ବନ ଯାଚନ୍ତି,
ନାଗବଲ୍ଲୀ ବୋଲି ସ୍ତନରେ ପକାଇ କୃଷ୍ଣ କୃଷ୍ଣ ଭଣି ରହନ୍ତି ।
ଶବଦେ, ତମାଳ ତରୁ ଯେ ଗଢ଼ିଲା,
ମାଳତୀ-କେଶୀ ଯେ, ଲତାକୁ ଛାଡ଼ି ନବ ପଲ୍ଲବକୁ ପାଇଲା । ୭ ।

କଟିଳମୋଘି ଚେ କୃତାନ୍ତ ଜିଣାଇ କୃଷ୍ଣ ଶୁଣି କେଶୀ ଶାଜିଲା,
କଟିଦେଶ ଯାକୁ ଶ୍ୟାମ ଦେହ ସଙ୍ଗ ହେଉ ଦୋଲ ଚେ ଜାମେକ ବାଜିଲା ।
ଦାଳୀକ, ଯାଦେ ଚେ ଏକା ଅନାସ୍ଥା,
ନିରନ୍ତର ଏଥି ଦଶ ଦେଖି ରଥ ଯାଇ ଉକଣ୍ଠିତ ତ ଥାଉଛି । ୮ ।
(୬୦ଶ ଛାନ୍ଦ)

ଯଦୁଗୁଣ୍ଡିକ କବିତାବଳୀରେ ଅନୁରାଗ [ମୁରଲୀ ନାଦ, ମୁରଲୀ ନାଦରେ ଗୋପୀମାନଙ୍କ ଉନ୍ମାଦନା, ବନବିହାର, ଯମୁନାସ୍ନାନ, ବସ୍ତ୍ରହରଣ, ରାସକ୍ରୀଡ଼ା, କୃଷ୍ଣଙ୍କ ମଥୁରାଯାତ୍ରାରେ ଗୋପୀମାନଙ୍କର ବିଳାପ ଓ ବିରହ ବୃନ୍ଦରେ ଗୋପୀମାନଙ୍କର ବିରହାବସ୍ଥା ପ୍ରକୃତ ଚମତ୍କାର ଭାବରେ ବର୍ଣ୍ଣିତ ହୋଇଛି । ନିମ୍ନରେ କବିଙ୍କ ବର୍ଣ୍ଣିତ ରାସକ୍ରୀଡ଼ାର ଚିତ୍ର ଦିଆଗଲା ।

ପୀତାମ୍ବର ମଧ୍ୟରେ କାଳୀ ମଣ୍ଡଳାକାରେ, ତହିଁ କାବ୍ୟ ଉପମା ଯେ,
ପ୍ଲାବନ ହଂସପନ୍ତି ସୁଖ ବେଢ଼ି ଭରନ୍ତି, ଲକ୍ଷ୍ମୀ ସେହୁ ସୁଷମା ଯେ ।
ଘୁମନ୍ତରେ, ଘୁବନେ ଭ୍ରମନ୍ତି ଯେ,
ଯାଇ କୃଷ୍ଣ ଅଙ୍ଗୁଳି ଧରି ରଥାଙ୍ଗ ତୁଲ୍ୟ ତଥା ଯୁବତୀ ଯନ୍ତ୍ର ଯେ । ୧୪ ।

ପାଣିକି ପାଣି ଧରାଧରି ଚକ୍ର କାରା ପଣା ଶୋଭନ ନାସ ଯେ,
ଯାତ୍ରା ଯାଏ ମଧ୍ୟରୁ କି ଶୋଭା କଳେବର କେଶବ ମତ୍ତ କରି ଯେ ।
ପଟଲୁଦକ୍ଷ, ପକ୍ଷୀ ଶୃଙ୍ଗକ ଥାକ୍ତି ଯେ,
ପ୍ରେମରସ ବଳତ୍ରା କରେକ ଏ ଉରସ କରିଛନ୍ତି କି ବେଢ଼ି ଯେ । ୧୫ ।

ସୁନ୍ଦରୀ ଟେକ ଟେକ ମଧ୍ୟେ ଯଥା ନର୍ତ୍ତକୀ ମଯୂରୀ ପେଖିଆନ୍ତି ଯେ,
ପଦ୍ମାପତ୍ର ନର୍ତ୍ତକ ନାଟକ ଯଥା ଘଟକ ତାଥା ମଧ୍ୟରେ ଛୁଟି ଯେ ।
ପିଛଭଙ୍ଗୀ, ପିନ୍ଧନ୍ତି ନଯାଉନ୍ତି ଯେ,
ସୁରଜିତ ଅଙ୍ଗଚିତାର ବଳ ଦର୍ପଣ ସୁଖ ମଦନ ଭାବନ୍ତି ଯେ । ୧୬ ।

ଶୀତଳତା ଜଟୀଳ ଧରି ସେହୁପରି କି ଧରି ଚେ ଏକ କୁମ୍ଭ ଯେ,
ପରିଧିତରେ ବଳୁ କେମନ୍ତ କରି ମଞ୍ଜୁ ଚେ ଉଠେ ରୂପ ଧଳୁ ଯେ ।

ପଦପଦ୍ମ ପରନ୍ତୁ ଦେବ ଆଲିଙ୍ଗନ ଦେଇ,
ଭୁଜଦ୍ଵନ୍ଦ ଯୋଗରେ ହେମଲତା ତାପରେ ପଡ଼ିଲା ଶୋଭା ଭଳି ଦେଇ ॥
(୨୧ଶ ଛାନ୍ଦ)

ଭାଷା—ଉପେନ୍ଦ୍ରଙ୍କ ଭାଷା କବିତ୍ଵାଂଶରେ ସରଳ; ପଦଲାଳିତ୍ୟ ସରସ, କୋମଳ ଓ ରମଣୀୟ। କବି ପ୍ରତ୍ୟେକ ଛାନ୍ଦରେ ଅଳଙ୍କାରର ପ୍ରୟୋଗ କରିଥିଲେ ମଧ୍ୟ କ୍ଲିଷ୍ଟ ଓ ବହୁଅର୍ଥବ୍ୟଞ୍ଜକ ସଂସ୍କୃତ ଶବ୍ଦର ବହୁଳବ୍ୟବହାର କରି ନାହାନ୍ତି। କବିଙ୍କ ସ୍ଵଭାବ ସମ୍ମତର ବ୍ୟବହାର ସହିତ ଅନୁପ୍ରାସ ପଦଗୁଡ଼ିକର ରମଣୀୟତା ବୃଦ୍ଧି କରିଛି।

କବି ଭାଷାରେ ତଦ୍ଭବ, ଯାବନିକ ଓ ଦେଶଜ ଶବ୍ଦ ବ୍ୟବହାର କରିଛନ୍ତି। ଏହା ତାଙ୍କ ଶବ୍ଦପାଣ୍ଡିତ୍ୟର ନିଦର୍ଶନ। କେତୋଟି ଶବ୍ଦ ଏଠାରେ ଉଦ୍ଧୃତ ହେଲା—

୨ୟ ଛାନ୍ଦ—ପନ୍ଥିଣ୍ଡ, ବୋଲିଆ, ମଶାଇ, ଅନାଇ, ଲୋକ, ଗାଡ଼ି, ଚାନ୍ଦା, ଖେପି, ଝଙ୍କ, ଗୁଣ୍ଡ, ଟକାଭ, ସାଇ।

୪ର୍ଥ ଛାନ୍ଦ—ଗୁମାସ୍ତା, ବେଗୀ, ଖବର, ସହଜ, ଦୋହାଇ, ହୁସାଇ, ଅସ୍ତ୍ର, ମୁଣ୍ଡି, ଭୂଆଇ।

୬ଷ୍ଠ ଛାନ୍ଦ—ଡିକଂଅଗ୍ର, ବଢ଼ାଇ।

୭ମ ଛାନ୍ଦ—ଛପକେଇ, ଛଟକ, ଛଟପଟ, ଛକି, ଛୁଟ, ଛପାଇ, ଛୁଟି, ଛୁରି।

୮ମ ଛାନ୍ଦ—ଟିକାଇଲି, ଖଣ୍ଡା।

୧୦ମ ଛାନ୍ଦ—ଝୋଣ୍ଟ, ଝଲକ, ଝାଉଁଳା, ଝୁମ୍ପା, ଝାଡ଼, ଝିମିଟି, ଝକଝକ, ଝାଙ୍କିରି, ଝରଣା, ଝୁଲାଖଟ, ଝଞ୍ଜାଳି।

୧୧ଶ ଛାନ୍ଦ—ଟହକ, ଟେକ, ଟିକାଏ, ଟାଣ, ଟାଙ୍ଗିଲି, ଟଳମଳ, ଟାକି, ଟୋପର, ଟାଙ୍ଗି, ଟହଟହ, ଟିପଣ, ଟେକି।

୧୨ଶ ଛାନ୍ଦ—ପାଟେଳ, ପଣ, ପଥଗୁଳ, ପାବ, ପାଣି, ପାଟଳ, ପାଶ, ପେଶଳ, ପଲ୍ଲବ, ପାଶ, ପୌଷ, ପକ୍ଷିକ୍ଷ, ପଦ୍ମ, ପଦ୍ମା, ପୋତ।

୧୩ଶ ଛାନ୍ଦ—ଭାଲ, ଭେଲାଇବା, ଭେଳା, ଭାର୍ଗବି, ଭଗ୍ନ, ଭାଲୁଆ, ଭେଙ୍ଗୁରି, ଭାଲ୍ଲ, ଭର୍ଗ, ଭାବଭଙ୍ଗ, ଭୁଆଭୁଆ, ଭଇରିଆ, ଭିଆଁ, ଭାସ୍ୱା।

•୧୪ଶ ଛାନ୍ଦ—ତାରା, ତୁଣ୍ଡ, ତାଳ, ତାଲେନ, ତାଡ଼ିକା, ତନ୍ତ୍ର, ତଟ, ଦେଖ, ଦୀପ।

୧୮ଶ ଛାନ୍ଦ—ବେଣୁର, ଦୁଲୁକେ, ବୋଳନା, ଲେଉଟେ, ବଡ଼ଁ, ଅଣୀ, ଜାଣି।

୨୪ଶ ଛାନ୍ଦ—ଫୁଲ୍ଲଣ, ଫୁଙ୍କାଳି, ଫାଇ, ଫୁଟିକା, ଫଳି, ଫେଫାଫାଡ଼ୁଆ, ଫରଫୁର, ଫଙ୍ଗଫେଙ୍ଗ, ଫୁଲ୍ଲ।

୨୭ଶ ଛାନ୍ଦ—ମଉ, ମଉ।

୩୨ଶ ଛାନ୍ଦ—ଲଲାଜବାଟୀ, ଲେବୁ।

ଅଳଙ୍କାର ପ୍ରୟୋଗ—ଛାନ୍ଦଭୂଷଣରେ କବି ଭଞ୍ଜଙ୍କ ଅନ୍ୟାନ୍ୟ କାବ୍ୟ ଅଳଙ୍କାରମଣ୍ଡିତ କାବ୍ୟ ପରି ଅଳଙ୍କାରର ଯଥାଯୋଗ୍ୟ ପ୍ରୟୋଗ କରି କାବ୍ୟର ସୌନ୍ଦର୍ଯ୍ୟ ବୃଦ୍ଧି କରିଛନ୍ତି।

ବର୍ଣ୍ଣାଦ୍ୟ ଛାନ୍ଦରଚନାର ବୈଶିଷ୍ଟ୍ୟ ଉପରେ ଗୁରୁତ୍ୱ ପ୍ରଦର୍ଶନ କରି କବି କାବ୍ୟର ନାମ ମଧ୍ୟ 'ଛାନ୍ଦଭୂଷଣ' ରଖିଛନ୍ତି।

୧ମ ଛାନ୍ଦ—ଯମକ, ଗୋମୂତ୍ରି ଛନ୍ଦ।

୩ୟ ଛାନ୍ଦ—ଉପମାନନ୍ଦ ଓ ଅତିଶୟୋକ୍ତି, ଅନୁପ୍ରାସ।

୫ମ ଛାନ୍ଦ—ମାଲାଯମକ

୭ମ ,,—ଯମକ

୯ମ ,,—ଯମକ

୧୦ମ ,,—ଯମକ, ସିଂହାବଲୋକନ।

୧୧ଶ ,,—ଭ୍ରାନ୍ତିଯମକ ଓ ଉପଧା ମିଳନ।

୧୩ଶ ,,—ଯମକ

୧୪ଶ ,, —ଯମକ

ଏପରି ବହୁତ ଅଳଙ୍କାରର ପ୍ରୟୋଗ ହୋଇଛି । 'ଛାନ୍ଦଭୂଷଣ' କେବଳ ଅଳଙ୍କାର ପ୍ରୟୋଗ ଯୋଗୁଁ ପ୍ରସିଦ୍ଧ ନହେଲେ ମଧ୍ୟ ଅଳଙ୍କାର ପ୍ରୟୋଗ କୌଶଳ ଉପେନ୍ଦ୍ରଙ୍କର ଲୁଚେନି ।

ନୀତିବଚନ—ଛାନ୍ଦଭୂଷଣରେ କବି ପ୍ରସଙ୍ଗକ୍ରମେ କେତେଗୁଡ଼ିଏ ଉପାଦେୟ ନୀତିବଚନ ପ୍ରଦାନ କରିଛନ୍ତି । ଏଥିରୁ କେତୋଟି ଉଦ୍ଧୃତ ଦିଆଗଲା—

୧ । ଦୁର୍ଗା ଅଭଜନ ଟେକିଲେ ଏଡ଼େ । ହେଲା ଏବେ କହେ ଛାଡ଼ି ଯାଇ ।
ଭୁଜଙ୍ଗେ ସେବେଶୀ ହୋଇଲେ ଜନର
ଜୀବନକୁ ତାର ଅଣା କାଢ଼ିରେ । (୨୪ଶ ଛାନ୍ଦ)

୨ । ଖଳ୍ପ ଖଳ୍ପ ଚରିତ୍ର ଜାଣି, ଲୋକ କି ଯାଇବ ପଛେ ଆସି ।
ସୁଜିଲ ଧରେ ଅଛି ଥରେ ମାନସ
ତୁମ୍ଭେ କେମନ୍ତ ହେଲ ନିର୍ଘୃଣୀ ହେ । (୨୪ଶ ଛାନ୍ଦ)

୩ । ଲଜ୍ଜା ତୁମ୍ଭେ ନ ଦେଲ କପାଳେ, ଖଣ୍ଡ ପ୍ରାଣେ ଯେ ମାଳତୀ ନାହିଁ ।
ଲଭିଲ ଜାଣି ଅଳି ତିନି ହେଲା ଏ ଦଶା
କୁମେ କେତେକ ଦଶ ନ ପାରି ହେ । (୨୪ଶ ଛାନ୍ଦ)

୪ । ମୋର ଜଣ ଗଲା କି ଜଣା ତୁମ୍ଭଙ୍କୁ ହୋଇଲା
ସେମାନଙ୍କ ବୋଲିବେ ଜଲ ଫେରସ ପ୍ରୀତି କଲ ଯେ । (୨୫ଶ ଛାନ୍ଦ)

୫ । ମଳୟଜ ତରୁ ବେଷ୍ଟିତ ହେଲେ ଭୁଜଙ୍ଗ
ମୂର୍ଖପଣେ ଜଣ ଧାତା କହୁଥା ଜାଣିଲୁ ଯେ । (୨୫ଶ ଛାନ୍ଦ)

କୃଷ୍ଣଭକ୍ତି —ଭଞ୍ଜ କୃଷ୍ଣଭକ୍ତିର ଆବଶ୍ୟକତା ଅନୁଭବ କରିଥିଲେ। କୃଷ୍ଣ ରାମଚନ୍ଦ୍ରଙ୍କ ଅବତାର ହେବାରୁ ଭଞ୍ଜ ରାମଚନ୍ଦ୍ର ଓ କୃଷ୍ଣ ଉଭୟଙ୍କୁ ଭକ୍ତି କରିଛନ୍ତି। କିନ୍ତୁ ଛନ୍ଦଗ୍ରନ୍ଥରେ ରାମଚନ୍ଦ୍ରଙ୍କୁ ହିଁ ବାରମ୍ବାର ଉଲ୍ଲେଖକରି ଭଞ୍ଜ ପ୍ରଧାନତଃ ରାମଭକ୍ତି ହିଁ ପ୍ରକାଶିତ କରିଛନ୍ତି।

ଭଞ୍ଜ କୃଷ୍ଣଭକ୍ତି ସମ୍ପର୍କୀୟ କାବ୍ୟ ରଚନା କରି ନ ଥିବାରୁ ଖେଦ ପ୍ରକାଶ କରି ନିଜକୁ ଦୋଷ ଦେଇଛନ୍ତି। କୃଷ୍ଣକଥା କାମିନୀ କଥାଠାରୁ ଶ୍ରେଷ୍ଠ ଏବଂ କାମିନୀ କଥାରେ ବିଶେଷ ଭାବରେ ଲେଖନୀ ଚାଳନା କରି କୃଷ୍ଣକଥା ରଚନା ପ୍ରତି ଦୃଷ୍ଟିପାତ କରି ନ ଥିବାରୁ ନିଜକୁ ଧିକ୍କାର କରିଛନ୍ତି। ଏଥିରୁ ଅନୁମାନ କରାଯାଇପାରେ, ଏହି ସମସ୍ତ ଭଞ୍ଜଙ୍କର କଳାକାରସୁଲଭ ଭାବପ୍ରବଣତା ଜନିତ ହୋଇନାହିଁ; ବୈଦେହୀଶବିଳାସ ରଚିତ ହୋଇଥିଲା ପରି ମଧ୍ୟ ଜଣା ଯାଉନାହିଁ।

ଭଞ୍ଜ ଭୂପ ଅନ୍ତରେ ଯେ ଏମନ୍ତ ଚିନ୍ତେ
କଲି କାମିନୀ ବର୍ଣ୍ଣନା କରି ବହୁ ଗୀତ।
କେଉଁ କାର୍ଯ୍ୟ ଅଛି ତହିଁ କୃଷ୍ଣକଥା ଆଗେ
କଲ୍ପତରୁ ଶାଖା ଅବହେଳେ ଉପାସିତ କେହୁ। ୪। (୧ମ ଛାନ୍ଦ)

କୃଷ୍ଣ ଜମ୍ବୁକଟକରେ ଦାରୁରୂପରେ ବିଦ୍ୟମାନ ଏବଂ ସେ କାଳେ କାଳେ ଶ୍ୱେତଦ୍ୱୀପରେ ଉଦ୍ଧାର କରୁଛନ୍ତି ବୋଲି ଭଞ୍ଜ ପ୍ରାର୍ଥନା କରିଥିବାରୁ ଭଞ୍ଜ କୃଷ୍ଣ, ବିଷ୍ଣୁ ଓ ଜଗନ୍ନାଥ ଏକ ବୋଲି କହିଛନ୍ତି। ପୂର୍ବେ ତ୍ରେତେ କୃଷ୍ଣ ରାମ ରୂପରେ ଅବତରିଥିଲେ ବୋଲି କହିବାଦ୍ୱାରା କୃଷ୍ଣ ଓ ରାମ ଏକ ବୋଲି ବ୍ୟକ୍ତ କରିଛନ୍ତି। କୃଷ୍ଣ ରାମ, ବିଷ୍ଣୁ ବା ଜଗନ୍ନାଥଙ୍କ ଅବତାର ମାତ୍ର, ଏହାହିଁ ଏଠାରେ ପ୍ରତିପାଦିତ ହୋଇଛି। ବିଷ୍ଣୁ ଲୀଳା ରଚନା ଉଦ୍ଦେଶ୍ୟରେ ବହୁ ଅବତାର ହୋଇଛନ୍ତି। କୌତୁକରେ ସେ ଲୀଳା ରଚନା କରିବା ପାଇଁ ଦେବତା ଭାବରୁ ଜାତ ହେଲେ। ଭଞ୍ଜ କୃଷ୍ଣକଥାର ଉତ୍କର୍ଷତା ଏହିପରି ଭାବରେ ଦେଇଛନ୍ତି—

କମଳଚନ୍ଦ୍ର ବଂଶେ ସେ ଥିଲେ ଅବତରି
କଣ୍ଠୀରବ ତନୁ ସେ ଦୁର୍ଗରେ ଥିଲେ ଧରି ।
କ୍ଷୁଦ୍ରେକ ସେ କଥ୍ୟକାଳ ଦେବକୀ ହୃଦରେ
କମଳଧ୍ୱଜ ପ୍ରକାଶ ହେଲା ଆକାଶରେ ।
ବଳାହକ ସଦ୍ଭକୁଳ କଷ୍ଟେ ଭାଷାସିବେ
କଜ୍ଜଳ ଉତ୍ପ୍ରାମ ପୂକରେ ନାଶିବେ ।
କଳିବେ ନରନଜାର ଚନ୍ଦ୍ରମାନ୍ତ ଦ୍ୱିଜ
କଂସ କୁଶେଶୟର ହୋଇବ କୋଟି ଶଙ୍ଖ ।
କୁମୁଦ ଦୈତ୍ୟବଂଶ ଗରବ ଧ୍ୱଂସିବେ
ଭଉଲୁଦେ ରାଜଶ୍ରୀ ତାରକା ଦେଖିବେ ।
କରି ଏତେ ଲୀଳାରେ ମାନସ ବଣ ଲିର୍ଭ
କଲେ ମଧୁର ସେ ଗୋପ ବୃନ୍ଦାବନ୍ଦ୍ର ସାରଁ । (୨ୟ ଛାନ୍ଦ)

ଏହି ଗୋପପୁରରେ କୃଷ୍ଣଙ୍କ ଜନ୍ମ ଓ ନନ୍ଦଗୋପଙ୍କ ଦ୍ୱାରା କୃଷ୍ଣଙ୍କ ପରିପାଳନ ବୃତ୍ତାନ୍ତ କେବଳ ସଂକ୍ଷେପରେ ଉଲ୍ଲେଖ କରିଛନ୍ତି । କୃଷ୍ଣଙ୍କ ଜନ୍ମ ଓ ଗୋପପୁରକୁ ଆଗମନ ବୃତ୍ତାନ୍ତ ବିସ୍ତାରିତ ବର୍ଣ୍ଣନା ନାହିଁ । ବାଲ୍ୟକାଳରୁ କୃଷ୍ଣଙ୍କ ସୌନ୍ଦର୍ଯ୍ୟରେ ଗୋପଯୁବତୀମାନେ ମୁଗ୍ଧ ହୋଇ ତାଙ୍କୁ 'କନ୍ଦର୍ପ ପରି ମନରେ ଧ୍ୟାଇଲେ', ଏହି ସୂଚନା ଦେଇ କବି ଗୋପାଙ୍ଗନାର ସମର୍ପଣ ଭାବାନୁଭୂତି ବର୍ଣ୍ଣନା କରିଛନ୍ତି ।

ହରିବଂଶରେ ଗୋପ, ମଥୁରା ଓ ଦ୍ୱାରକା ଲୀଳାର ବର୍ଣ୍ଣନା ଥିଲେ ମଧ୍ୟ ଗୋପଲୀଳା ପ୍ରସଙ୍ଗ ଅଧିକାଂଶ ସ୍ଥାନ ଅଧିକାର କରିଛି; ଚଉତିରିଶି ଛାନ୍ଦ ମଧ୍ୟରୁ ପ୍ରଥମରୁ ଅଠେଇଶି ଛାନ୍ଦ ଗୋପଲୀଳା ଅଧିକାର କରିଛି ।

୨୯ଶ, ୩୦ଶ ଓ ୩୧ଶ ଏହି ତିନି ଛାନ୍ଦରେ ମଥୁରାଲୀଳା ବା କଂସବଧ ପ୍ରସଙ୍ଗ ବର୍ଣ୍ଣିତ ହୋଇଛି । ଶେଷ ବା ୩୪ଶ ଛାନ୍ଦରେ ଦ୍ୱାରକାରେ କୃଷ୍ଣଙ୍କ ଲୀଳାର ସଂକ୍ଷିପ୍ତ ଉଲ୍ଲେଖ ଦିଆ ଯାଇଛି । ଏଥିରୁ ସ୍ପଷ୍ଟ

ଦେଖୁଛୁ, କବି କୃଷ୍ଣଙ୍କ ତାଙ୍କର ଶୈଶବଲୀଳା ଦୃଷ୍ଟିରୁ ବର୍ଣ୍ଣନ କରିଥିଲେ ମଧ୍ୟ ତାଙ୍କର ଗୋପଲୀଳାକୁ ବିଶେଷ ସ୍ଥାନ ଦେଇଛନ୍ତି । ଗୋପୀପ୍ରେମ ଭଗବଦ୍ଭକ୍ତ ଓ ଶୃଙ୍ଗାରରସାପ୍ଳୁତ କାବ୍ୟର ରସିକମାନଙ୍କ ପକ୍ଷରେ ଆଦରଣୀୟ ଥିବାରୁ କବି କାବ୍ୟରେ କୃଷ୍ଣଗୋପୀଙ୍କ ପ୍ରେମଲୀଳାକୁ ବିସ୍ତୃତ ଭାବରେ ବର୍ଣ୍ଣନା କରିଛନ୍ତି ।

•

ଗୋପୀମାନେ ଶିଶୁ କୃଷ୍ଣଙ୍କ ପ୍ରତି ମଧ୍ୟ ଆସକ୍ତ ଥିଲେ । କୃଷ୍ଣଙ୍କ ପ୍ରେମଲାବଣୀ ଦେହ ଗୋପାଙ୍ଗନାରେ ସୁନ୍ଦରୀଙ୍କୁ ଦେଖି ଦ୍ୱାରାକ୍ଷି ସେବା କରୁଥିଲେ । ଘନଶ୍ୟାମଙ୍କୁ ସେମାନେ ଦେଖିବାଏ ମୁକ୍ତା ଭୁଲି ପାରୁନଥିଲେ । ଏହି କାରଣରୁ ସେମାନେ ଗୃହବ୍ୟାପାରରେ ମନୋଯୋଗୀ ନହେବାରୁ ଗୁରୁଜନମାନଙ୍କଠାରୁ ଘୋର ଗଞ୍ଜଣା ପାଉଥିଲେ ! କୃଷ୍ଣଙ୍କ ଶରଳବର୍ଣ୍ଣ ବେଣୁ, କଦମ୍ବ ଓ ଶାର୍ଙ୍ଗୀ ବେଳ ମୁକ୍ତା ଦେଖି ଗୋପୀମାନେ ଅଜାଣତ ହେଉଥିଲେ ଏବଂ କୃଷ୍ଣସ୍ନେହର ଅନୁଭୂତିକୁ ଲୁଚାଇ ରଖି ବାହ୍ୟରେ କୃଷ୍ଣଙ୍କର ଦୁଷ୍ଟ ବ୍ୟବହାରର ପ୍ରତିକାର ପାଇଁ ମାତାଙ୍କଠାରେ ଅଭିଯୋଗ କରୁଥିଲେ । ଏପରି ପ୍ରତ୍ୟେକ କଥାରେ ସେମାନଙ୍କର ଅପାର ଆନନ୍ଦ ପ୍ରକାଶ ପାଉଛି ଏବଂ ସେମାନେ କୃଷ୍ଣଙ୍କ ପ୍ରତି ଅନୁରକ୍ତ ଥିବା ସ୍ପଷ୍ଟ ହୋଇଛି !

× × ସେକାଳେ ବଣ ଯୁବତୀ,
ଦୋହକେତନ ପଡ଼ଗମଞ୍ଜିକ ଭୁଲି ମର୍ମ ହରନ୍ତି । ୧୦ । (୪ର୍ଥ ଛାନ୍ଦ)

ଗୋପୀମାନଙ୍କର କୃଷ୍ଣଙ୍କଠାରେ ତନ୍ମୟତା ସେମାନଙ୍କର ପ୍ରେମର ପ୍ରଗାଢ଼ତା ପ୍ରକାଶ କରୁଛି ।

କୃଷ୍ଣଙ୍କ ପ୍ରତି ଗୋପୀମାନଙ୍କର ପ୍ରେମ ଯେ ଗଭୀରତା ଓ ମାଧୁର୍ଯ୍ୟ ଏହା ଗୋପୀମାନଙ୍କ ଉକ୍ତି ବର୍ଣ୍ଣନାରୁ ସ୍ପଷ୍ଟ ହୋଇଛି ।

ତୁମ୍ଭାକୁ ବଇଜବଧୂ ବଂଶୀକି ବାଧୁ ବାଧୁ ଦାରଣରେ
ଛଇଳେ ଦେବଙ୍କୁ ଓଷ୍ଠ ଯୋଗାଇ ଗ୍ରୀତେଣ ସ୍ୱଦେଶେ । ୧ । (୬ଷ୍ଠ ଛାନ୍ଦ)

ଗୋପୀମାନଙ୍କର ଚକ୍ଷୁ ଶ୍ରୀକୃଷ୍ଣଙ୍କର ଚନ୍ଦ୍ରକାନ୍ତମଣି ଚନ୍ଦ୍ରକାନ୍ତିରେ ଦ୍ରବୀଭୂତ ହେଉଥିବାର ଉଦାହରଣ ଅଛି । ସେମାନେ କୃଷ୍ଣଙ୍କ ଅପୂର୍ବ କନ୍ଦର୍ପ ସୌନ୍ଦର୍ଯ୍ୟରେ ମୁଗ୍ଧ ହୋଇ ଯାଇଥିଲେ ଏବଂ ଏହି ମୂର୍ଚ୍ଛାବସ୍ଥା ବା ତନ୍ମୟତା ଯୋଗୁଁ କୃଷ୍ଣଙ୍କୁ ସେମାନେ ସ୍ପଷ୍ଟ ଦେଖିଲେ ଚକ୍ଷୁ ନ ବୁଜିଥିବାରୁ ଦୂର କରିବାକୁ ସ୍ପୃହା ନଥିଲେ ।

ହୁଣ୍ଡିଲ ନାହିଁ ରୂପ ଚକ୍ଷୁ ଚକୋର ଅତି ବ୍ୟାକୁଳର ପରି
ଝଲକବର ଧଣେ ଧଣେ ଚାହିଁଲେ ପୋଷେ ପେଷୀ ପଥୁନ୍ତି କୁହି । ୨ ।

ଗୋପୀମାନେ କୃଷ୍ଣପ୍ରେମରେ ଏତେ ତନ୍ମୟ ହୋଇଯାଇଥିଲେ ଯେ ସେମାନେ 'ତୁ ତୁ' କରି 'ଗୁଣ୍ଡୁଚି' ଅଥବା 'ଧଉଳି ଗାଈ'କୁ ଅନାଇରେ ଡାକି ଦେଉଥିଲେ ।

ଗୋପୀମାନେ କୃଷ୍ଣପ୍ରେମରେ ମଗ୍ନ ହୋଇଥିବାରୁ ବାରମ୍ବାର ମାୟା ଓ ମିଳନର ଅନେକ ଉପକ୍ରମ କରୁଥିଲେ ।

ଚିତ୍ତହର ଜଣ ଯେତେବେଳେ ମଣ୍ଡଳ ମଧ୍ୟେ ବସିଲେ ପଢ଼ନ୍ତି
ଲୀଳାମୃତ ଭାବ ଚିନ୍ତନ କରନ୍ତି ଅଶେଷ ଲାବଣ୍ୟବତୀ । ୧୬ ।
ଛିଦ୍ର ଜାଲିରେ ଯୁବତୀ ଖଣ୍ଡଖଣ୍ଡ ହୋଇଦୁଃଖ ନାଶନ୍ତି
ରୂପ ଦେଖିଥାନ୍ତି ବାହାରେ ଲୋଚନ ଲୋଟକ ଅପ୍ରକାଶନ୍ତି । ୧୭ ।
(୭ମ ଛାନ୍ଦ)

ଗୋପୀମାନେ ନାରୀସ୍ୱଭାବରେ ସୁନ୍ଦରୀସ୍ତ୍ରୀଙ୍କଠାରେ ବଶ ହୋଇଥିବା ଜନ୍ମ ବାଂଛା କରିଥିବାରୁ ପରକୀୟାତ୍ୱର ଅଧିକ ପୁଷ୍ଟି ହୋଇଛି ।

ନାରୀ ସ୍ୱଭାବରେ ସୁନ୍ଦରୀସ୍ତ୍ରୀଠାବରେ ବଶ ହୋଇବାରେ ସୁନ୍ଦରୀ
ଯାନ୍ତି ଜଳ ଅଣି ବହନ ବସ୍ତ୍ରକୁ,
ନାନାଙ୍କବକ୍ଷର ଧୀରେ ନ ଉପଭୋଗ୍ୟ ଭସ୍ମ ଜଳ ଚୁନ ପ୍ରାନ୍ତ ହେ,
ଜନେନ୍ଦ୍ର । ୨୦ । (୮ମ ଛାନ୍ଦ)

ବ୍ରଜବାସୀ ବୈଷ୍ଣବମାନଙ୍କ ମତରେ ବସ୍ତ୍ରହରଣ ହେଉଛି ପ୍ରେମର ଏକ ଅଗ୍ନିପରୀକ୍ଷା । ଗୋପୀମାନେ କୃଷ୍ଣଙ୍କଠାରେ ଏକାନ୍ତ ଶରଣାଗତ ହୋଇ ସାଂସାରିକ ଲଜ୍ଜା ତ୍ୟାଗକରି ଆତ୍ମସମର୍ପଣ କରିଛନ୍ତି; ଏହା ଐକାନ୍ତିକ ଭକ୍ତିର ଚରମ ପରୀକ୍ଷା ।

ତାହାରେ ଆନ ନାହିଁଟି ଗତି,
ସ୍ତୁତିରେ ମଣାଇବା ରୀତିରେ । ୧୩ । (୧୬ଶ ଛାନ୍ଦ)
ଟଳି ଏବଣି ଯେବେହୋ ଚିତ୍ତ,
ଦେଖାଇ ସ୍ନେହେ କରି ପ୍ରୀତ
ତଥାପି କୃଷ୍ଣେ ପ୍ରେମ ନିରତ
କରିଛ କଲେ ସେ ସ୍ନେହ ପ୍ରକାଶ । ୫ ।
( ୧୭ଶ ଛାନ୍ଦ )

ବ୍ରଜବାସୀମାନେ କୃଷ୍ଣଙ୍କୁ ଦେଖିବା ଓ ଅନ୍ୟ ଦେବତାପାଇଁ ସବୁ ବାହାର ହେବା ସମୟରେ ବ୍ରଜମାନେ ଦେବମାନଙ୍କୁ କାରଣ କରି ସେମାନେ "ଅସୁର ନାଶନ୍ତି" ସମ୍ଭବ ଦୂଳକୁ ଯାଉଛନ୍ତି ବୋଲି କହୁଥିଲେ । ବ୍ରଜବାସୀମାନେ ସେଇ ଭାବର ଦେଖାନ୍ତି ତାହାଙ୍କ ଭଗବାନଙ୍କଠାରେ ଐକାନ୍ତିକ ଭକ୍ତିର ସାରନ୍ତି ।

ଦ୍ୱିଜପ୍ରକାଶ ସମୟ, ଥାଳିରେ ପକାଇ ଅନ୍ନ
ଖିନ୍ନ କାହ୍ନୁ ଏହା ଶୁଣି ବୋଲି ଦ୍ୱିଜେ ପଥ ଜଗେଥି ବସନ । ୬ ।

ଆଜ୍ଞ ମାଗିଲେ ଯେ ଜନେ, ଅନ୍ନ ପାଣ୍ଠ ଦେଉଥନେ
ଗୁଣିଗ୍ ନଗରେ ଆସୁର ଜାଣନ୍ତୁ ଭାଙ୍ଗ ପାଆନ୍ତ ଯାଅ ବଚନ । ୭ ।

ଅନ ଅଦ ଯେତେ କରି, ଅଣ ଭକ୍ତେ କହେ ନାହିଁ
ଆପଣା ଧାଇଁ ମୁଁ ଲଭିବା କାହିଁ ଭକ୍ତ ହେବେ ତାହାଙ୍କୁ ଭଣେ । ୮ ।

ସୁଖଭ ଲୋକ ଭଳିତ, ଦୁ ଦୁ କରି କ ଅନ୍ତୁ
ଅହେ ମଝି ସାଜି ଅସିନ୍ତି ଏ ଯେତେ କରଣ ପରିମୁ ପଢ଼ତ୍ତୁ । ୯ ।
(୧୭ଶ ଛାନ୍ଦ)

କୃଷ୍ଣ-ଗୋପୀ ପ୍ରେମର ଏକ ସୁନ୍ଦର ଚିତ୍ର ଭକ୍ତ ପ୍ରଦାନ କରିଛନ୍ତି । କୃଷ୍ଣଙ୍କ ମୁରଲୀ ନାଦ ଶୁଣି ଗୋପୀମାନେ କୃଷ୍ଣଙ୍କୁ ଦେଖିବାପାଇଁ ଅଧୀର ହୋଇ "ଧୂଆ ଧୂଆ ଉଜାଣି" ହୋଇ ଧାଇଁଲେ । ଗୋପୀମାନେ ସେମାନଙ୍କୁ ବାରଣ କଲେ; କିନ୍ତୁ ସେମାନେ ସେହି ବାରଣକୁ ନମାନି ପ୍ରାଣପ୍ରିୟ ପ୍ରଭୁଙ୍କ ଦର୍ଶନ ପାଇଁ ବ୍ୟାକୁଳ ହେଲେ । ସେମାନଙ୍କ ପ୍ରେମକାମନା ଉଚ୍ଛୁଳି ହୋଇ କୂଳ ଲଙ୍ଘନ କଲା । ବନ୍ୟ ମତ୍ତହସ୍ତୀକୁ ଯେପରି ତାର ପାଦକୁ ଶୃଙ୍ଖଳରେ ବନ୍ଧନ କରି ଅଟକ କରାଯାଇ ନ ପାରେ ଏବଂ ନଦୀକୁ ସେପରି କୂଳଘେରି ଯୋଡ଼ାଇ ପାରେ ନାହିଁ ସେହିପରି ଅବସ୍ଥା ହେଲା । ପବନ ମହାବୃକ୍ଷକୁ ଉପାଡ଼ି ଦିଏ, କିନ୍ତୁ ତୃଣକୁ ଉପାଡ଼ି ପାରେ ନାହିଁ । ସେହିପରି ଗୋପୀମାନଙ୍କ ବାରଣ ଅକାରଣ ହେଲା । ଗୋପୀମାନେ କୃଷ୍ଣ ମିଳନ ପାଇଁ ବ୍ୟାକୁଳ ଚିତ୍ତରେ ଅଗ୍ରସର ହେଲେ । 'ମୋହନ ସ୍ୱର'ରେ 'ମଜ୍ଜି' ଗଲେ, 'ଅନ୍ତଃକରଣ' ହେବେ, ଏହି ଲକ୍ଷ୍ୟ କେବଳ ଭକ୍ତ ଗୋପୀମାନଙ୍କର ଥିଲା । କୃଷ୍ଣ-ଗୋପୀ ପ୍ରେମ ଅଧାର୍ମିକ ନୁହେଁ, ଧର୍ମଭଳେ ଗୋପୀମାନେ କୃଷ୍ଣଙ୍କୁ ଦେଖିଲେ ଏବଂ ତାଙ୍କ ସହିତ ମାଧୁର୍ଯ୍ୟଲୀଳାରେ ରତ ହେଲେ । ଭକ୍ତ ଏହି ତତ୍ତ୍ୱ ଦ୍ୱାରା କୃଷ୍ଣଭକ୍ତି 'ଅଧାର୍ମିକ' ନୁହେଁ 'ଧାର୍ମିକ', ଏହା ଦୃଢ଼କଣ୍ଠରେ ସ୍ପଷ୍ଟ କରିଛନ୍ତି ।

ଧୂଆ ଧୂଆ ଉଜାଣି ଏକୁଟେ ଗଢ଼ୀଣ ଗଣି
ଚିତା ଯେ କୃଷ୍ଣଙ୍କୁ ଦେଖି ଅନ୍ତ୍ୟ ବଦନ,
ଝରନ୍ତି ତନେ ଆଜ ବାଲ୍ମ ନୋହେ ସାଧାନ
ଉପବାଦ ସୁରପଣ ଯୋଗବା ମନେ,
ଧନପ୍ରତ୍ୟେ କଳକୁ ଦେବା,
ଧନଠାରୁ ବଳ ପ୍ରୀତି ଦଧା କରିବା । ୧୭ ।

× × ×

ଧାଇଁକାରେ ଗୋପବାଳ ଜାଣି ସୁନ୍ଦରୀ ଶିବାର
ପାଞ୍ଚକୁ ନଡ଼ଲେ ଅବାର କେଶବଙ୍କ,

ଧରିକି ଯାଏ ବାରଣ ଆରଣ ଧର୍ମ ଚରଣ
ଜଳଜ ନାଳସୂତ୍ରରେ ବଳେ ବନ୍ଧନ,
ଧୂପଲ୍ଲବେ ଗୁଞ୍ଜ ଶୁଣି ନ,
ଧସ୍ୱଧନ ଥାଳ ଭୃଙ୍ଗ ନଖାନ୍ତ କନ । ୧୮ ।

ଧ୍ୱଂସ କରେ ମହାତ୍ରାହୁ ଡିମ୍ବୁ ପବନ ଦିଗ୍ବୁ
ଧୃଷ୍ଟା ନ ମନ୍ଦୁଳକୁ ଉପାନ୍ତ ପାରେ,
ଧରିତଜନ୍ତୁପ ସ୍ୱେଦେ ମଣ୍ଡିବେ ମୋହନ ଲହବ
ତାଙ୍କୁ ନ ଧରି ପାରିବେ ବଜ ବଳରେ ।
ଧାଇଁ ଗୁଣ୍ଠି ଚରଣ ଧୂଳ,
ଧୂଳି ବୋଲ ପ୍ରୋଣ ବାଲୀ ସୁରପ ମନ । ୧୯ ।

ଧ୍ୟାପିଣ ଧନଷ ମୋହ ନାଦେ ବାସ ନ୍ୟାୟକ୍ରାୟଣ
ଧନାଙ୍କୁ ମୁରଲୀ ଶ୍ରିତ ନନ୍ଦନ୍ତ ଚଳେ,
ଧର୍ମବନେ ଗୋପୀକୁଳେ ଦେଖିଲେ ତାହାକୁ ତୋଳେ
ଫୁଲ ଧନୁ ବଳିଲ ଯେ ଦେବେ ତପରେ,
ଧାର୍ମିକ ଶ୍ରୀକୃଷ୍ଣ ନନ୍ଦନ,
ଧନୁର୍ଦ୍ଧର ଭଞ୍ଜ ନୃପ ନନ୍ଦା ଚନ୍ଦନ । ୨୦ । ( ୧୯ଶ ଛାନ୍ଦ )

କୃଷ୍ଣ ନାୟକଙ୍କ ଗୋପୀମାନଙ୍କର ସ୍ତୁତି ଶୁଣିକୁ ଆନନ୍ଦରେ ଗ୍ରହଣ କରିଛନ୍ତି ଏବଂ ଏହାର ସନ୍ତୋଷପ୍ରରୂପ ସେମାନଙ୍କ ସହିତ ବିହାର କରିଛନ୍ତି । ଶୁଦ୍ଧଚିତ୍ତ ଗୋପୀଙ୍କ ଭକ୍ତି ଅତୁଳନୀୟ । କବି ଏହି ଲୀଳାକୁ ଜନିତେ ଧ୍ୟାନକରି ଆନନ୍ଦ ଲାଭ କରିଥିଲେ । କୃଷ୍ଣ-ଗୋପୀ ଲୀଳାରେ ଭକ୍ତ ପୂର୍ଣ୍ଣପ୍ରାଣରେ ସମର୍ଥନ କରୁଥିବା ଏଥିରୁ ପ୍ରମାଣିତ ହେଉଅଛି ।

ନାୟକଙ୍କ ନାୟିକାଙ୍କ ଶୁଣିଚିତ୍ତ ଜାଣି ଉହାଁରବ ବହୁଲେ,
ନୃତ୍ୟ ସଙ୍ଗୀତ ଗୀତ ବିଚିତ୍ର ଶୁଦ୍ଧ ଉତ୍ସବରେ ମୋହିଲେ ।

ଘରଚେଳ, ସେ ଜଳାନ୍ତ ମନେ ଧ୍ୟାଇବ ।
ନୀଳକଣ୍ଠ ଭକ୍ତ କୃପାର ନନ୍ଦନ ହୃଦୟରେ ଭକ୍ତି ପାଇବ । ୨୦ ।
(୨୦ଶ ଛାନ୍ଦ)

ବସ୍ତୁତ ପ୍ରାଚୀ ଚଉତିଶା 'ଗୋପୀ-କୃଷ୍ଣ କେଳି' 'ବୋଧ' କରିବ, ଏଥି ଆଶା ପ୍ରକାଶ କରି କବି ତାହାର ପ୍ରଶଂସା ଗାନ କରିଛନ୍ତି ମାତ୍ର ।

ବିନ୍ଦୁଛ ବୃନ୍ଦ ଚଉତି ନେଇ କରିବ ଶ୍ରବଣ ବେଳି
ନିରୋଳିତ ରସ ଲୀଳା ଅଶେଷ ବସ୍ତୁର ବନମାଳୀ । ୯ । (୨୩ଶ ଛାନ୍ଦ)

ସ୍ତ୍ରୀଅଙ୍ଗୁଳିଠାରେ କୃଷ୍ଣପ୍ରେମ, ଗୋପୀ-କୃଷ୍ଣଲୀଳା ବର୍ଣ୍ଣନା ଭିତରେ ବୃନ୍ଦାବତୀଙ୍କ ନାମ ଉଲ୍ଲେଖ କରିଛନ୍ତି । ରାଧାଙ୍କ ନାମର ଉଲ୍ଲେଖ ନାହିଁ ।

କବି କୃଷ୍ଣଙ୍କ ଯଜ୍ଞସ୍ୱରୂପ ହୋଇ ବ୍ୟକ୍ତ କରି ରାସଲୀଳା ତାଙ୍କର ଯୋଗମାୟାର ଫଳ ବୋଲି କହିଛନ୍ତି । ତାନ୍ତ୍ରିକ ଦୃଷ୍ଟିରୁ ଏହା ବୈଷ୍ଣବମତବାଦ ଦ୍ୱାରା ସମର୍ଥିତ ହୋଇଛି ।

ଯଜ୍ଞସ୍ୱରୂପଙ୍କୁ କେତେ ଗୋପୀ ହେଲେ କହନ୍ତି ତାହା ଯାହା ହୋଇ ସେ ।୩।
ଯୋଗମାୟାବଶେ କେତେ ଦୂର ନାହିଁ କୋଟିକେ କୋଟିଏ ରୂପ ସେ ।୪।
(୧୬ଶ ଛାନ୍ଦ)

ପୁଣି, କବି ଏହି ଚଉତିଶା ସମର୍ଥନରେ "ଯୋଜନଗନ୍ଧାସୁତ ଯାହା ଚରିତ ଅବନିର ନ ଜାଣିଲେ"ର ସୂଚନା ଦେଇ ଏହା ଅତି ଗୂଢ଼ ଓ ଦୁର୍ଲଭ ବୋଲି ବ୍ୟକ୍ତ କରିଛନ୍ତି ।

ଯୋଜନଗନ୍ଧା ସୁତ ଯାହା କହିଛି ଅନ୍ୟ କେହି ନ ଜାଣଇ ସେ
ବାଦେଶ ଶ୍ରୀ ଚେତ ଶେଷ ବେଦରୁ ଜାଣିବ ଯାହା ଗୋପକୁ ଅନାଇଁ ସେ
ଯାଇବି ନ, ସନ୍ନିଭୂଷ ପ୍ରଭୁ ସେହି ସେ
ଯେ ଜନଗନ୍ଧା ସାହାର ମନୋହରା ହୃଦୟରେ, ତାକୁ ଧ୍ୟାଇ ସେ ।୨୦।
(୨୭ଶ ଛାନ୍ଦ)

ଏହି ରାସପଦଗୁଡ଼ିକୁ କବି ଏହିପରି ସ୍ଥଳରେ ମଧ୍ୟ ଅର୍ଥ କରିଛନ୍ତି—

ରାଧେ କ ମାଧବ ବୃନ୍ଦ ଛନ୍ଦରେ । ରହିଛି ଏଣୁ କଂସ ବନ୍ଧୁପଦରେ ।
ରସିକ ଏ ବେଶି ଅନ୍ତିକୁହରେ । ରସିଲେ ବଣ ଅଭ୍ୟନ୍ତ ଛନ୍ଦରେ ।
ରାଜାଜ୍ଞାବାଦେ ଟେକିଶ ଅଭିନ୍ନତେ । ରଙ୍ଗ ଯେ ବେଣୀର ଦେଶ ପ୍ରକୃଷ୍ଟରେ ।
ରବି ତଳେ ଗୋପୀକା ହୃଦୟରେ । ରମଣ ବୋଧାଏ କଜ୍ଜ କୁଞ୍ଜରେ ।
ରାସକ୍ରୀଡ଼ାରେ ବେଲ ମୁଦ୍ରରେ । ରହିଲା ଯେ ଶବ୍ଦଙ୍କ କନ୍ଦରେ ।
ରସିକ ଜାଲ ଏକ ବାଟରେ । ରଙ୍ଗେ ଅଭିଷେକ ହୋଇରେ ।
(୨୭ଶ ଛାନ୍ଦ) ।

ରାସକ୍ରୀଡ଼ା ରମଣ ଦୁହେଁ; ଗୋପୀମାନେ ସ୍ୱକୃତ ବଳରୁ ଏହା ଲାଭ କରିଥିଲେ । ଭଗବାନ ଶ୍ରୀକୃଷ୍ଣଙ୍କଠାରେ ରହିଲେ । ସେ ବାସ୍ତବରେ ଗୋପୀମାନେ ରହିଲେ । ଗୋପୀମାନେ ସଂସାରରେ ଧନ୍ୟ । ସେମାନେ 'ଭଗବତ'ରେ ବର୍ଣ୍ଣିତ ଏହି 'ରମଣ' ଯୋଗ୍ୟ ମୁକ୍ତି ପାଇଥିଲେ । ଏହି ରାସକ୍ରୀଡ଼ା ମୂଳକଥା ।

କବି ଏହି ଗୁଣଗୁଡ଼ିକୁ ବର୍ଣ୍ଣନା କରିବା ସମ୍ଭବ ନୁହେଁ ବୋଲି କହି ଓ ଭକ୍ତମାନଙ୍କର ପରମ୍ପରାକୁ କେବଳ ଅନୁସରଣ କରିଛନ୍ତି ।

ଲେଖା ଲେଖି ଗୋପୀଭକ୍ତି କେ ଲେଖା ଯାଏ ।
ଲକ୍ଷ ଲକ୍ଷ ମୁଖରେ ବର୍ଣ୍ଣନା ନ ଯିବ ସେ । × × । ୨୦ ।
(୨୮ଶ ଛାନ୍ଦ) ।

ସ୍ୱୟଂ ଶ୍ରୀକୃଷ୍ଣ ଗୋପୀପ୍ରେମର ପ୍ରଶଂସା କରି ନିଜେ ସର୍ବତ୍ର ସ୍ୱୀକାର କଲେ 'ଗୋପୀନାଥ' ରୂପରେ ପରିଚିତ ହୋଇଥିବା ବ୍ୟକ୍ତ କରିଛନ୍ତି ।

ସପ୍ତଦ୍ୱୀପ ପର୍ଯ୍ୟନ୍ତେ ଖେଳିବେ ନାମ ମୋହର
ଗଣ୍ଡିବେ ଗୋପୀନାଥ ଏହି ସେ । ୪୮ । (୩୦ଶ ଛାନ୍ଦ) ।

ଉପସଂହାର—କୃଷ୍ଣଲୀଳା କାବ୍ୟମାନଙ୍କ ଭିତରେ ଦୀନକୃଷ୍ଣଙ୍କ ରସକଲ୍ଲୋଳ ଭକ୍ତେନ୍ଦ୍ରଙ୍କ, ଛାନ୍ଦଭୂଷଣ ଓ କଳାକଉତୁକ, ଭକ୍ତଚରଣଙ୍କ

ମଥୁରାମଙ୍ଗଳ, ଭୂପତି ପଣ୍ଡିତଙ୍କ ପ୍ରେମପଞ୍ଚାମୃତ, ସଦାନନ୍ଦଙ୍କ ଯୁଗଳ-ରସାମୃତଲହରୀ ଆଦି କାବ୍ୟ ଓ ଅଭିମନ୍ୟୁଙ୍କ ବିଦଗ୍ଧ ଚିନ୍ତାମଣି ପ୍ରଧାନ । ଏମାନଙ୍କ ଭିତରେ କାବ୍ୟସମ୍ପଦ ଦୃଷ୍ଟିରୁ ରସକଲ୍ଲୋଳ ଅତି ଉଚ୍ଚସ୍ଥାନ ଅଧିକାର କରିଛି । ଛାନ୍ଦଭୂଷଣ ଆକାରରେ କ୍ଷୁଦ୍ର ହେଲେ ମଧ୍ୟ କାବ୍ୟସମ୍ପଦ ଦୃଷ୍ଟିରେ ରସକଲ୍ଲୋଳର ସମ ଆସନ ଦାବି କରିବ ।

ଉପେନ୍ଦ୍ରଙ୍କ 'ଗୋପୀବିଳାସ' ଛାନ୍ଦଟି ଓଡ଼ିଆ ଗୋପୀବିଳାସ ସାହିତ୍ୟରେ ଏକ ଉଜ୍ଜ୍ୱଳ ରତ୍ନ । ଦୀନକୃଷ୍ଣ, ଲୋକନାଥ, ଭକ୍ତଚରଣ ଓ ସଦାନନ୍ଦ ପ୍ରଭୃତି କବିମାନେ 'ଗୋପୀବିଳାସ' ରଚନା କରି ଅମର ହୋଇଛନ୍ତି । 'ଗୋପୀବିଳାସ' କାବ୍ୟମାନଙ୍କରେ କବିଙ୍କ ଅଂଶ ପଦ ରଚନା କରିବା ସ୍ପୃହା ରହିଛି । ଦୀନକୃଷ୍ଣାଦି କବିମାନେ ସ୍ୱତନ୍ତ୍ର ଛାନ୍ଦ ରଚନା କରି ପଦ-ପଦ୍ୟାର ଶାନ୍ତିବସନଙ୍କୁ ମୁକ୍ତି ଦେଇ ହେଲେଶକୁ ପ୍ରବଳ ସ୍ୱରରେ ହଳାଇ ଏକାକା ସାଧି ଅପାର ପାଇଛନ୍ତି । କିନ୍ତୁ, ଉପେନ୍ଦ୍ର ଛାନ୍ଦଗୁଡ଼ିକରେ ଏହି ପଞ୍ଚମ ସର୍ଗର ସ୍ୱତନ୍ତ୍ରତା ରକ୍ଷା କରି ପାରିନାହାନ୍ତି; କାବ୍ୟର ଛାନ୍ଦମାନଙ୍କର ପରିସଂଖ୍ୟା ତିଂଶରୁ ଅଧିକ ନ କରିବା ଲକ୍ଷ୍ୟ ଥିବାରୁ କବି ଏହି ଅପେକ୍ଷାକୃତ କ୍ଷୁଦ୍ର ପରିସର ମଧ୍ୟରେ 'ଗୋପୀବିଳାସ' ପ୍ରସଙ୍ଗ ବର୍ଣ୍ଣନା କରିଛନ୍ତି । ଏହି ସ୍ୱତନ୍ତ୍ର ଛାନ୍ଦ ରଚି 'ଗୋପୀବିରହ'କୁ ଚମତ୍କାର ରୂପ ଦାନ କରିଛନ୍ତି ।

କବିଙ୍କ ଗୋପୀବିଳାସ ଛାନ୍ଦର ଆରମ୍ଭ ଅଟେ ଦୀନକୃଷ୍ଣାଦି ସମସାମୟିକ କବିମାନଙ୍କ ଗୋପୀବିଳାସ ଛାନ୍ଦର ଆରମ୍ଭ ଭଳି ନୁହେଁ; ଭାବ ଓ ପ୍ରକାଶଭଙ୍ଗୀରେ ଯେତେକ ସାମ୍ୟ ପରିଲକ୍ଷିତ ହେଉଛି ।

ଯଥା—

ଶଶାଙ୍କ ଆରୋହିଲେ କଂସ ପୁରର ରଥରେ, ପ୍ରଭାତୁ ଶିଶୁ ସହିତେ
ନନ୍ଦଘରର ଶର ଗୋପାଳେ କରି କରି, ହୋଇ ଦେଖିଲେ ବ୍ରଜନାରୀ ହେଉ;
ଦୂରରୀଏ, ଶିରରେ ଶେଷଙ୍କର ଦେଇ,
ଶୋକେ କହନ୍ତି ହେମ ବନ୍ଧୁ,
ଶରତ ସୁଧାକର ଅଭୁଳି ମନୋହର ଶତଶିଳ ମୁଖକୁ ହୃଦି ଦେଇ । ୧ ।

(୩୦ଶ ଛାନ୍ଦ)

ଦୀନକୃଷ୍ଣ—

କୃଷ୍ଣ ବଂଶ କଦମ୍ବ ଶିବା ଶୁଣି ଜାତର ସକଳ କଳାବତୀମଣୀ
ଭାବୁଥା ହୋଇ ଧଁରେ ବସନ୍ତି କୋମଳରେ ଜଙ୍ଘ ନସ୍ଥଳରେ ଲଗି ଦେଇ
କୃପାକଷ୍ଟ, ଦେଖନ୍ତେ ମୁଞ୍ଚିବୁ ଗୁମ୍ଫି,
ଜଣ୍ଡ ଏ କଣ୍ଡୁର ଆସ୍ଫୁ.
ଦେଖି ମନ୍ତ୍ର ବଳରେ ଦ୍ରୁତଶ୍ରୁ କମଳରେ ଧଇଲ ଏମନ୍ତ ଦମ୍ଭିକୁ ଦେଇ । ୧ ।
(୨୬ଶ ଛାନ୍ଦ — ରସକଲ୍ଲୋଳ)

ଏ ରୂପ ବର୍ଣ୍ଣନାରେ କବିମାନେ ପ୍ରାୟଶଃ ବ୍ୟାକରଣର ଅଶୁଦ୍ଧ ନେଇ ଥାଆନ୍ତି । ଗୋପୀମାନଙ୍କ ମୁଖରେ ଅଭିମାନପୂର୍ଣ୍ଣ, ଭର୍ତ୍ସନାତ୍ମକ ପଦାବଳୀ ପ୍ରକାଶ କରିଥିଲେ ମଧ୍ୟ ତାହା ହେମ ଓ ଉଚ୍ଚଶାଳିତ ହୋଇଥାଏ । ଦୀନକୃଷ୍ଣ, ଉପେନ୍ଦ୍ରଙ୍କ କବିମାନେ ଏହି ପନ୍ଥାର ବନ୍ଧୁ ପଥପ୍ରଦର୍ଶକ ।

ଅନୁପ୍ରାସ, ଉପମା ଓ ଶ୍ଳେଷ ଅଳଙ୍କାରର ସୁଷମ ପ୍ରୟୋଗ ଗ୍ରନ୍ଥଟିକୁ ଅତି ସୁନ୍ଦର କରିଛି ।

କୃଷ୍ଣଙ୍କ ବାଲ୍ୟଲୀଳାରେ ବାତ୍ସଲ୍ୟ ରସ, ଗୋପୀମାନଙ୍କ ସହ କ୍ରୀଡ଼ାରେ ଶୃଙ୍ଗାର — କାବ୍ୟଟିରେ ଏ ଦୁଇ ରସର ପ୍ରକାଶ କାବ୍ୟୋପଯୋଗୀ ହୋଇଛି । କୃଷ୍ଣଙ୍କ ଜନ୍ମ, ବାଲ୍ୟଲୀଳା ପ୍ରଭୃତି ଚମତ୍କାର ଭାବରେ ବର୍ଣ୍ଣିତ ହୋଇଛି । କବି ଏ ପ୍ରସଙ୍ଗରେ ତାଙ୍କର ଅନ୍ୟାନ୍ୟ କାବ୍ୟମାନଙ୍କ ପରି ଉତ୍କଳୀୟ ସାମାଜିକ ନୀତିବିଧାନର ଉଲ୍ଲେଖ କରିଛନ୍ତି । ବାତ୍ସଲ୍ୟରସାତ୍ମକ ବର୍ଣ୍ଣନାଗୁଡ଼ିକ ଉଚ୍ଚ-ଶ୍ରେଣୀର ସାହିତ୍ୟରେ ବିଶିଷ୍ଟ ସ୍ଥାନ ଅଧିକାର କରିଛି । ଗୋପୀ, ବୃନ୍ଦାବନଙ୍କ କାମବିକାର ଓ ଜଳକେଳି ପ୍ରଭୃତିରେ ଶୃଙ୍ଗାରର ଉତ୍କଟ ପ୍ରକାଶ ଦେଖାଯାଉଛି ।

ପ୍ରକୃତି, ରୂପ, ବିଳାପ, ବିରହାଦି ବର୍ଣ୍ଣନାରେ କବି ଯଥେଷ୍ଟ କୃତିତ୍ୱ ଦେଖାଇ ପାରିଛନ୍ତି । ଋତୁବର୍ଣ୍ଣନା, ବନବର୍ଣ୍ଣନା, ଯମୁନାକେଳି, ମୁରଲୀନାଦ ପ୍ରଭୃତି ରମଣୀୟ ହୋଇଛି । ଯଶୋଦାଙ୍କ ଦଧିମନ୍ଥନ, କୃଷ୍ଣଙ୍କ ବାଲ୍ୟଲୀଳା,

ଗୋଧନଚାରଣ, ବନବିହାର, ମୁରଲୀନାଦ ପ୍ରଭୃତିର ବର୍ଣ୍ଣନା ମଧ୍ୟ ଚମତ୍କାର ହୋଇଛି । ଗୋପୀମାନଙ୍କ କାମଚେଷ୍ଟା, ବିରହ, ବିଳାପ ପ୍ରଭୃତି କବିତ୍ୱପୂର୍ଣ୍ଣ ହୋଇଛି ।

'ରୁଦ୍ର ସୁଧାନିଧି' ଯଦି କବିଙ୍କର ଏକମାତ୍ର କାବ୍ୟ ହୋଇଥାଆନ୍ତା ତେବେ ସେ ଯେ ଓଡ଼ିଆ କବିମାନଙ୍କ ଭିତରେ ଶୀର୍ଷ ଶ୍ରେଣୀରେ ସ୍ଥାନ ଅଧିକାର କରି ଥାଆନ୍ତେ ଏଥିରେ ସନ୍ଦେହ ନାହିଁ ।

## କଳାକଉତୁକ

କାବ୍ୟର ବନ୍ଦନାସ୍ୱରୂପ—'କଳାକଉତୁକ' କାବ୍ୟଟି ଶ୍ରେଷ୍ଠ ଶ୍ରେଷ୍ଠ ଗୁଣିଙ୍କି ଶ୍ରବଣରେ ସମର୍ପି । କବି ପ୍ରାର୍ଥନା ସ୍ୱରୂପରେ ଚନ୍ଦ୍ରାବଳୀ-କୃଷ୍ଣଲୀଳା ବିଷୟକ କାବ୍ୟ ରଚନା କରି "କବି ହୋଇବା" କାମନା ଅଭିଳାଷା ଜଣାଇଛନ୍ତି ।

କବି କବିଙ୍କର ଅଗୋଚର ଖ୍ୟାତ କୀର୍ତ୍ତିମୂଳ,
କବି କରଇଟି ହୋଇବି କବି ହେଉ ଅନୁକୂଳ । ୭ ।
କରୁଣା-କର ହେ କରୁଣା-କର ହୋଇ ହେତୁକ,
କହିବି ଚନ୍ଦ୍ରାବଳୀ-କୃଷ୍ଣ-କଳା କେଳି କୌତୁକ । ୮ ।
କଳା କଉତୁକ ଏ ଗୀତ ନାମ ହେଉ ଖ୍ୟାତକ,
ବନ୍ଧୁଗଣେ ଶୁଣି ପାଦରେ ବାସ ଅଧ୍ୟ ଜାନ୍ତୁ କ । ୯ । (୧ମ ଛାନ୍ଦ)

(୭) ଦୃଷ୍ଟି, କୃଷ୍ଣ-ଚନ୍ଦ୍ରାବଳୀ କେଳିକଳା ଅତି ଗୁହ୍ୟ ଥିବାରୁ ଏହା ପ୍ରକାଶ କରି ସ୍ୱଦେହ 'କବି' ହେବା କାମନା କରିଛନ୍ତି ।

କାବ୍ୟର ନାମ-କରଣ ପ୍ରସଙ୍ଗରେ କବି କହିଛନ୍ତି, "ଚନ୍ଦ୍ରାବଳୀ କୃଷ୍ଣ କଳା କେଳି କୌତୁକ" ଏଥିର ବିଷୟବସ୍ତୁ ହୋଇଥିବାରୁ ଏହାର ନାମ "କଳାକଉତୁକ" ରଖାଗଲା ।

ପୁଣି ତାହାର ନାମ ଅନ୍ୟ ସ୍ଥାନରେ ମଧ୍ୟ ବ୍ୟକ୍ତ କରିଛନ୍ତି —

ଭବାବ୍ଧି ନାମ ଯେଣ କଳାକୌତୁକ,
କଅନ୍ତେ ଉପେନ୍ଦ୍ର ଭଞ୍ଜ ତୋଷକ ଏ । ୨୩ । (୭ମ ଛାନ୍ଦ)

କବି ସମସ୍ତ କାବ୍ୟରେ ପ୍ରତ୍ୟେକ ପାଦର ଆଦ୍ୟରେ ଅବନା ନ ଓଁ ଛାନ୍ଦରେ ଅବନା କ ବ୍ୟବହାର କରି ଚମତ୍କାର ପାଣ୍ଡିତ୍ୟର ପରିଚୟ ପ୍ରଦାନ କରିଛନ୍ତି ।

କହେ ଉପେନ୍ଦ୍ର ଏ ଗୀତ ପଦାଦ୍ୟପ୍ରାନ୍ତରେ ଦେଇ ଅବନା 'କ' ।
(ଅଷ୍ଟ ଛାନ୍ଦ)

କବି କୃଷ୍ଣ-ଚନ୍ଦ୍ରାବଳୀ ଲୀଳାକୁ ବ୍ରଜବିଳାସ ଅନ୍ତର୍ଗତ କରିଛନ୍ତି ।
କହିବା ବ୍ରଜବିଳାସ ଶ୍ରେଣୀ ଜନେ ସୁଖ ତୋଷ । × । ୧ । (୨ୟ ଛାନ୍ଦ)
କୃଷ୍ଣଙ୍କ ଗୋପଲୀଳା ବା ବ୍ରଜଲୀଳା ହିଁ ଏଥିରେ ସୂଚିତ ହୋଇଛି ।

ଶ୍ରୀକୃଷ୍ଣ 'ପରକୀୟା' ରସ ବିଶେଷ ଭାବରେ ଚାଖିବେ ଧରି ବ୍ରଜରେ ଅବତୀର୍ଣ୍ଣ ହେଲେ । ଦେବଋଷିମାନେ କଳ୍ପାନ୍ତରେ (ତ୍ରେତାଯୁଗରେ) ସ୍ତ୍ରୀରୂପରେ ଭଗବାନଙ୍କୁ ପ୍ରାପ୍ତ ହେବା କାମନା କରିଥିଲେ; ଭଗବାନ ସେମାନଙ୍କ ମନୋବାଞ୍ଛା ପୂର୍ଣ୍ଣ କରିବା ପାଇଁ ବ୍ରଜରେ କୃଷ୍ଣ ହୋଇ ଅବତୀର୍ଣ୍ଣ ହୋଇଲେ ଏବଂ ଦେବଋଷିମାନେ ଗୋପବାଳା ରୂପରେ ଜନ୍ମଗ୍ରହଣ କଲେ ।

କହିବା ବ୍ରଜବିଳାସ ଶ୍ରେଣୀ ଜନେ ସୁଖ ତୋଷ
ଗୋପରେ ଜନମ ଲଭ୍ୟ କାରଣ ଯାକ,
କଳ୍ପାନ୍ତରୁ ଦେବଋଷି ହେବା ସ୍ତ୍ରୀ ଭାବ ମନାସି
ଥିଲେ ସେ ତାଙ୍କୁ ହେଲେ କାମନା-ଦାୟକ,
କଉସ୍ତୁଭ ମଣି ଧାରକ
କରି ତହିଁ ପରକୀୟା ରସ ଅଧିକ । ୧ । (୨ୟ ଛାନ୍ଦ)

ଗୋପୀ-କୃଷ୍ଣଲୀଳା ଶ୍ରେଷ୍ଠ ପ୍ରବନ୍ଧରୁ ରସ ଥିବା କବି; ସ୍ୱୀକାର କରିଛନ୍ତି ।

ଏଠାରେ 'ପ୍ରବନ୍ଧ ରସ' ଅତିରଞ୍ଜିତ ଶୁଣାଯାଉ ଭଳି ଏହାର ସମର୍ଥନର ସୂଚନା ଦେଉଛନ୍ତି । କୃଷ୍ଣଙ୍କ ଜନ୍ମ ସମୟରୁ କୃଷ୍ଣ ଅବତାରର 'ନନ୍ଦ ଉତ୍ସବ' ଶୁଣିଲେ; ଢୋଲ ଶବ୍ଦକୁ କଟାକ୍ଷରେ ଗୋପୀମାନଙ୍କୁ ଉଚାଟନ କରୁଥିଲେ ।

× × ପ୍ରଥମ ଘଡ଼ିରେ ନନ୍ଦ ଉତ୍ସବ,
ଜଣଣା ପ୍ରକଟିତ ଲୋକ,
କଟାକ୍ଷେ ଢୋଲ-ଶବ୍ଦର ଉଚାଟନ । ୪ । (୨ୟ ଛାନ୍ଦ)

ବସ୍ତୁତଃ କବି ଶବ୍ଦେ ଶବ୍ଦେ କୃଷ୍ଣଙ୍କ ଜନ୍ମବର୍ତ୍ତମାନ ଆଦରଣୀୟଭାବେ କବି ବିବିଧ ଛନ୍ଦରେ ବର୍ଣ୍ଣନା କରିଛନ୍ତି ।

କବି ଏହି କାବ୍ୟରେ ରାଧା-କୃଷ୍ଣ ଲୀଳା ପ୍ରସଙ୍ଗକୁ ଦୃଢ଼ତାରେ ବ୍ୟକ୍ତ କରିଛନ୍ତି; କୃଷ୍ଣଙ୍କ ବିବିଧ ଲୀଳା ମଧ୍ୟରେ ଏହି ଲୀଳା ଶୁଭ କହିଛନ୍ତି ।

କହନ୍ତି ଲଳନା ଚକ୍ରେ      କ୍ରୀଡ଼ା ଅଙ୍ଗନା ଲମ୍ପଟେ
ସଂଯୋଗ ହୋଇଲେ ଅଧି ଅଙ୍ଗନା ଏକ । × । ୧୨ ।(୨ୟ ଛାନ୍ଦ)

କୃଷ୍ଣଙ୍କର ବଲ୍ଲଭା ରାଧା ଓ ଚନ୍ଦ୍ରସେନ ନନ୍ଦିନୀ ଚନ୍ଦ୍ରାବଳୀ ଏହି ପ୍ରସଙ୍ଗ ଏଠାରେ ସୂଚିତ ହୋଇଛି ।

ପରଂପରାଗତ ଏହି ଆଦରଣୀୟ ପ୍ରବନ୍ଧ ଲୀଳାରେ କୃଷ୍ଣ ଧୃଷ୍ଟ-ଦକ୍ଷିଣ ନାୟକ ରୂପେ କବି ବ୍ୟକ୍ତ କରିଛନ୍ତି ।

ଧୃଷ୍ଟ ଦକ୍ଷିଣେ ନେତେ ଏହି ଦେବକ । × । ୧୮ । (୨ୟ ଛାନ୍ଦ)

ଚନ୍ଦ୍ରସେନ ଦୁହିତା ଚନ୍ଦ୍ରାବଳୀ ଗୋବର୍ଦ୍ଧନ ମଲ୍ଲଙ୍କ ବିବାହିତା ସ୍ତ୍ରୀ ।
ଏଣୁ ହେଉଛି ଚନ୍ଦ୍ରାବଳୀ-କୃଷ୍ଣ କେଳି ପରକୀୟା ।

କବି 'ଛାନ୍ଦଭୂଷଣ'ରେ କୃଷ୍ଣ-ବୃନ୍ଦାବନ ଲୀଳାକୁ ଓ 'କଳାକୌତୁକ'ରେ କୃଷ୍ଣ-ଜଳ୍‌କେଳି ଲୀଳାକୁ ମୁଖ୍ୟ ବିଷୟବସ୍ତୁ ରୂପେ ଗ୍ରହଣ କରିଛନ୍ତି । ଉଭୟର ଶୈଳୀରେ ଛାନ୍ଦ-ବର୍ତ୍ତନୀ ମୁଖ୍ୟସ୍ଥାନ ଅଧିକାର କରିଥିଲେ ମଧ୍ୟ ଅଳଙ୍କାର-ସମ୍ପାଦନ ଶୈଳୀ ପୃଥକ୍ ପୃଥକ୍ ଦେଖାଯାଏ ।

"କନ୍ଦ ଜନ୍ମରେ ଅଶୋକର" ଏହି ଗ୍ରନ୍ଥଟି ବର୍ଣ୍ଣିତ କୃଷ୍ଣଲୀଳାକୁ ଅବଲମ୍ବନ କରି ସ୍ୱତନ୍ତ୍ର କାବ୍ୟ ରଚନା କରିଥିବା ଲେଖକରେ ଉପେନ୍ଦ୍ର ହିଁ ପ୍ରଥମ ଓ ଶେଷ ମନେହୁଏ । କବିଙ୍କ ପୂର୍ବରୁ ରାଧା-କୃଷ୍ଣ ଲୀଳା ବହୁ କବିଙ୍କଦ୍ୱାରା ବିଷୟବସ୍ତୁ ରୂପେ ଗୃହୀତ ହୋଇଥିବାରୁ ମତ ଏହି ପୁରାତନ ପ୍ରସଙ୍ଗକୁ ଏଠାରେ ବର୍ଣ୍ଣିତ ସ୍ଥାନ ଦେଇ ନଥିବା ମନେ ହୁଏ ।

କବିଙ୍କ ଏହି କାବ୍ୟରେ ଆଦିରସ-କ୍ରୀଡ଼ା-ବର୍ଣ୍ଣନାର ପ୍ରାଚୁର୍ଯ୍ୟ ଦେଖାଯାଏ ନାହିଁ ।

ଗୋପୀ-କୃଷ୍ଣ ସଙ୍ଗମ—କବି ଗୋପୀ-କୃଷ୍ଣ ପ୍ରେମକୁ ପରକୀୟା ରସର ପ୍ରଧାନ ରୂପେ ଗ୍ରହଣ କରି ସେମାନଙ୍କର ନୈସର୍ଗିକ ପ୍ରେମଜୀବନ ସହିତ କୃଷ୍ଣଙ୍କ ସହିତ ପ୍ରେମ-ଜୀବନର ତୁଳନା କରି "ଜାନ୍-କୁମୁଦିନୀ ପଡ଼ି ଭବ ପ୍ରେମିକ"ର ଅବତାରଣା କରିଛନ୍ତି ।

କହନ୍ତି ଆସ୍ଥ ଦଇବା      ଗୋପାଳେ ହୋଇଣ ଲୋଭୀ
ଇନ୍ଦ୍ରକୁମୁଦିନ ପଡ଼ି ଭବ ପ୍ରେମିକ ।
କରିଣ ମଧୁସୂଦନ      ହେତରେ ଚାଖି ବିଧାନ,
ହୋଇଥିଲେ କାହିଁକି ବସ୍ତ୍ର ହେଉଥାଲନ ।
କମଳସ୍ଥ ସେ ଏହିଁ ଏକ,
କଲ୍ପ ଲେଉଁ ଜଗେ କୁନ ସେଉଁ କରନ । ୬ । ( ୨ୟ ଛାନ୍ଦ)

କଥାବସ୍ତୁ—କବି ନାରାୟଣ ଶ୍ରୀଗୋବିନ୍ଦଙ୍କୁ ବନ୍ଦନା କରିବା ପରେ କାବ୍ୟର ବିଷୟ ୨ ଧାର ସ୍ୱରୂପ ସମ୍ବନ୍ଧରେ ନିଜ କଳ୍ପନା ବ୍ୟକ୍ତ କରିଛନ୍ତି (୧ମ

ଛାନ୍ଦ) । କୃଷ୍ଣଙ୍କ ଗୋପରେ ଜନ୍ମ ଓ ବାଲଲୀଳା । କୃଷ୍ଣଙ୍କ ପ୍ରତି ଗୋପୀମାନଙ୍କର ପ୍ରେମ । (୨ୟ ଛାନ୍ଦ) । ଚନ୍ଦ୍ରାବଳୀଙ୍କ ଶୋଭା (୩ୟ ଛାନ୍ଦ) । ଚନ୍ଦ୍ରାବଳୀଙ୍କ ସହ ସଖୀମାନଙ୍କ ହାସପରିହାସ । ଯମୁନାରେ ସ୍ନାନ (୪ର୍ଥ ଛାନ୍ଦ) । ଚନ୍ଦ୍ରାବଳୀ ସ୍ନାନ-ପରେ ଜଳରୁ ବାହାରିବା ବେଳର ଶୋଭା (୫ମ ଛାନ୍ଦ) । ଚନ୍ଦ୍ରାବଳୀ ସଖୀମାନଙ୍କ ମେଳରେ ଯମୁନାରୁ ଫେରୁଥିବା ବେଳେ ଶ୍ରୀକୃଷ୍ଣଙ୍କ ସହିତ ଭେଟ । କୃଷ୍ଣଙ୍କ ବେଶବାଦ । ପ୍ରଥମ ଦର୍ଶନରେ ଚନ୍ଦ୍ରାବଳୀ ସଖୀଙ୍କୁ କୃଷ୍ଣଙ୍କ ପରିଚୟ ପ୍ରଶ୍ନ କଲେ (୬ଷ୍ଠ ଛାନ୍ଦ) । ପୁଷ୍ପଚୟନ କରିବା ପାଇଁ ଚନ୍ଦ୍ରାବଳୀଙ୍କର ସଖୀଙ୍କ ସଙ୍ଗେ ବନକୁ ଗମନ । କୃଷ୍ଣଙ୍କ ଚନ୍ଦ୍ରାବଳୀପ୍ରାପ୍ତି ଇଚ୍ଛା । ମଧୁମଙ୍ଗଳ ସହ କୃଷ୍ଣଙ୍କ ହାସପରିହାସ । ମଧୁମଙ୍ଗଳଙ୍କୁ କୃଷ୍ଣ ପ୍ରେମବେଦନା ଜଣାଇଲେ । ମଧୁମଙ୍ଗଳଠାରୁ କୃଷ୍ଣ ଚନ୍ଦ୍ରାବଳୀର ପରିଚୟ ପ୍ରାପ୍ତ ହେଲେ । ଚନ୍ଦ୍ରକଳା ନାମରେ ଦାର୍ଶନିକା (୭ମ ଛାନ୍ଦ) । ବନରେ ଫୁଲ-ତୋଳା ବେଳେ ମଧୁମଙ୍ଗଳଦ୍ୱାରା ଚନ୍ଦ୍ରାବଳୀ-କୃଷ୍ଣ ଭେଟ (୮ମ ଛାନ୍ଦ) । ବହୁଚିନ୍ତ ମଧୁମଙ୍ଗଳ କୃଷ୍ଣଙ୍କୁ ଚନ୍ଦ୍ରାବଳୀ ବଶ ହେବେ କି ନ ହେବେ ପ୍ରଶ୍ନ କରିବାରୁ ସଫଳ ହେବା ଆଶା ଥିବା କୃଷ୍ଣ ବ୍ୟକ୍ତ କଲେ । ଚନ୍ଦ୍ରାବଳୀ କୃଷ୍ଣଙ୍କ ମିଳନ ପାଇଁ ମଧୁମଙ୍ଗଳ ଓ ଶୈବ୍ୟାଙ୍କ ଉଦ୍ୟମ (୯ମ ଛାନ୍ଦ) । ଶୁକ୍ଳପକ୍ଷ ରାତ୍ରରେ ଚନ୍ଦ୍ରାବଳୀର ଶୟନ । ନିଦ୍ରା ଆସିବା ପାଇଁ ସଖୀର ଗଳ୍ପକଥନ । ସୁଲୋଚନାହରଣ କଥା (୧୦ମ ଛାନ୍ଦ) ।

କାବ୍ୟଟି ଅସମ୍ପୂର୍ଣ୍ଣ ଥିବା ସମ୍ଭାବନା—ଉପେନ୍ଦ୍ର ଚନ୍ଦ୍ରାବଳୀ-କୃଷ୍ଣଲୀଳା ପ୍ରସଙ୍ଗରେ ଉଭୟେ ଉଭୟଙ୍କ ପ୍ରତି ଆସକ୍ତ ଥିବା, ଉଭୟେ ଜାଣି ପାରିବା ପରେ ଉଭୟଙ୍କ ମିଳନ ପାଇଁ କୃଷ୍ଣସଖା ମଧୁମଙ୍ଗଳ ଓ ଚନ୍ଦ୍ରାବଳୀସଖୀ ଶୈବ୍ୟା ଉଦ୍ୟମ କରିଥିଲେ । ଏ ଉଦ୍ୟମ ସଫଳ ହେବା ଆଶା ଦେଖା ଦେବା ପରେ ପ୍ରେମ କ୍ଷେତ୍ରରେ ବୀଜ ବପନ କରି ସୁଫଳ ପାଇବା ନିମନ୍ତେ ଫଳରୂପ ପ୍ରେମଫଳ ଜାତ ହେବା ସୂଚନା । ଏହି ପ୍ରସଙ୍ଗରେ କବି କହନ୍ତି—

ଲଗାଇବା ଫଳିଲ ବନାଇ ସଫଳ,
କହୁଁ ସ୍ନେହ ପ୍ରେମ ଜାତ କରି ସେ ଦର୍ପିତ ସେ । ୩୫ । (୯ମ ଛାନ୍ଦ)

ଏହାପରେ ମିଳନର ସଙ୍କେତ ଦେଖାଯାଉ ନାହିଁ । ଶେଷ ଛାନ୍ଦରେ କବି ଅନ୍ୟ ପ୍ରସଙ୍ଗ ଉତ୍ଥାପନ କରି କାବ୍ୟଟିକୁ ଶେଷ କରିଛନ୍ତି ।

ଛାନ୍ଦ ଶେଷରେ କାବ୍ୟ ଅନ୍ତର୍ଭୁକ୍ତ ହୋଇଥିବା ବିଷୟ ଜଣା ବ୍ୟକ୍ତ କରି ନାହାନ୍ତି । ଶେଷ ଛାନ୍ଦର ଗଳ୍ପପ୍ରସଙ୍ଗ ପାଠ ପରେ ଅ-ଛୁ କରୁ ବାକି ରହିଗଲା ପରି ମନେ ହେବ । ଅବଶ୍ୟ ମିଳନ ଓ ମିଳନ ପରର କାମକୌତୁକର ବର୍ଣ୍ଣନା କେବଳ ବାକି ରହିଲା । ଏହି ପ୍ରବୃତ୍ତି କବି ସ୍ୱାଭାବିକ ବୋଲି ସ୍ଥିର ନିଶ୍ଚିତ ଜନକ ବିବରଣ ଦେବା ଆବଶ୍ୟକ ମନେ କରିଥିବେ । ପରସ୍ପରେ ସୁଜନ ଦ୍ୱାରା ଏହାର ସମାପ୍ତି ମଧ୍ୟ କରି କରାଯାଇ ପାରୁଥିଲା । କର୍ମର ଫଳ ନିର୍ଦ୍ଦିଷ୍ଟ ଥିବା ଯୁଗେ ଅବଶେଷରେ ହେଉ, କ ଗର୍ଭରେ ହେଉ, କ ସ୍ୱତନ୍ତ୍ରାଦ୍ୱାରା ହେଉ, ତାହାର ବର୍ଣ୍ଣନା କରିବା ଉଚିତ ଥିଲା ବୋଲି ମନେ ହେବ; କାବ୍ୟର କଥାବସ୍ତୁ ଅସମ୍ପୂର୍ଣ୍ଣ ରହିଗଲା, ଏହି ଧାରଣା ପାଠକ ମନରେ ଜାତ ହେଲେ ରସାସ୍ୱାଦନରେ ନିଶ୍ଚୟ ବ୍ୟାଘାତ ଘଟିବ ଏବଂ ଏହା ଏକ 'ଦୋଷ' ସ୍ୱରୂପ ବିବେଚିତ ହେବ । ଅବଶ୍ୟ ଏ ଦୋଷ ସାମାନ୍ୟ ।

ଗଳ୍ପ ପ୍ରସଙ୍ଗର ଆବଶ୍ୟକତା—ଚନ୍ଦ୍ରାନନୀର ମନକୁ କୃଷ୍ଣଙ୍କ ପ୍ରତି ବିଶେଷ ଭାବରେ ଆକର୍ଷିତ କରିବା ନିମନ୍ତେ ସଖୀ ପରକୀୟା ରସର ସମର୍ଥନସୂଚକ ଯୁକ୍ତିତର୍କ ସ୍ୱରୂପ ନାନା ଗଳ୍ପଟି କହୁଛି । କନ୍ୟାଗମନ ଯାତ୍ରାଙ୍କ ଦ୍ୱାରରେ, ପିତା କନ୍ୟାଦାନ କରିବା କଥା ନୁହେଁ । ତାରା-ଚନ୍ଦ୍ର ପ୍ରେମର ଦୃଷ୍ଟାନ୍ତ ପରକୀୟାର ଅନ୍ୟ ଏକ ଉଦାହରଣ ।

× × କନ୍ୟାଗମନ ପ୍ରଧାନ ଯାତ୍ରା ହେବା ଆନ ହେବାର ଜନକ ।
କର କର୍ମା ମୂଳ ଗୁରୁ ବ୍ରତଶୀଳ ତାରୁ ଚନ୍ଦ୍ରର ସ୍ନେହକ ।
କହୁଲ କୌତୁକ ମିଶ୍ର ଏ ଗୁରୁ କଥା ସମସ୍ତଙ୍କୁ ପ୍ରବୋଧକ । (ଶେଷ ଛାନ୍ଦ)

ଏହାର ତାତ୍ପର୍ଯ୍ୟ ମଧ୍ୟ ସଖୀ ବୁଝାଇଛି—

କହେ ଯାହା ମନ ରଞ୍ଜିକ ସାରର ନାଗର ରଞ୍ଜିକ ଲୋକ । × × ।
(୧୦ମ ଛାନ୍ଦ)

ଏହି ଗଳ୍ପଟି ସାମାଜିକ ଘଟଣାର ସୂଚନା ଦେଉଛି । ଶାସନ ପୂର୍ବରୁ ସନ୍ନ୍ୟାସୀମାନେ ଏପରି ଭାବରେ ଗଳ୍ପକଥନ କରୁଥିଲେ । ଓଡ଼ିଶାର ବହୁ ପ୍ରାଚୀନ ଗଳ୍ପ ଏଥିରୁ ଦୃଷ୍ଟ । ରାଜପଣ୍ଡାମାନଙ୍କରେ ଏ ସ୍ରୋତ ମଧ୍ୟ ପ୍ରଚଳିତ ଥିଲା ।

ଭାଷା—ଜଗନ୍ନାଥଦାସଙ୍କର ଭାଷା ହେଲେ ସରଳ ନୁହେଁ । କଠିନ ଶବ୍ଦ ଓ କ୍ଲିଷ୍ଟପଦ ଯୋଜନା ଯୋଗୁଁ ପଦାବଳୀ ମଧୁର କୋମଳ ହୋଇପାରି ନାହିଁ । ସଂସ୍କୃତ ଶବ୍ଦର ପ୍ରୟୋଗରେ ଓ ଗ୍ରାମ୍ୟରେ ଅଧିକା 'ନ' ରହିବା ଲକ୍ଷ୍ୟ କରିବା ପ୍ରାଧାନ୍ୟ ଦେବଭାଷାର ଉପଲବ୍ଧ କରନ୍ତି । ଶାବଳୀଳ ଭାବରେ ସଂସ୍କୃତ ଶବ୍ଦ ପ୍ରୟୋଗ ହୋଇନାହିଁ ।

କବିଙ୍କ ବୈଦଗ୍ଧ୍ୟ, ବର୍ଣ୍ଣନା ନୈପୁଣ୍ୟରେ ଜୀବନର ଗମ୍ଭୀରତା ଓ ଦାର୍ଶନିକତା କାବ୍ୟରେ ସ୍ପଷ୍ଟ ଭାବରେ ପ୍ରକାଶ ପାଇଛି ।

ଅଳଙ୍କାର ଭିତରେ ଅନେକ ପ୍ରକାର ଏକାଧିକ ରୂପରେ ହୋଇଛି । ଶବ୍ଦାଳଙ୍କାରରେ ଉପମା, ଉପମାନନ୍ଦା, ଉତ୍ପ୍ରେକ୍ଷା ପ୍ରଭୃତି ପ୍ରଧାନ ।

ବର୍ଣ୍ଣନା ଚାତୁରୀ—ରୂପ ବର୍ଣ୍ଣନା, ପ୍ରକୃତି ବର୍ଣ୍ଣନାରେ ଅଶ୍ଲେଷଯୋଗ୍ୟ ବାସ୍ତବତା ଦେଖାଯାଇ ନ ଥିଲେ ମଧ୍ୟ ବର୍ଣ୍ଣନା ପ୍ରଶଂସନୀୟ ନୁହେଁ ।

ଚନ୍ଦ୍ରାବଳୀର ଶୋକ ବର୍ଣ୍ଣନାରେ କବି ଉପମାନନ୍ଦା ପ୍ରୟୋଗ କରି ନିଜର ଦକ୍ଷତାର ପ୍ରମାଣ କରିଛନ୍ତି ।

ନବ ଚନ୍ଦନ ଲତେ ଯନ୍ତ୍ରରେ ଉପମାନ୍ତରର ଜନକ,
କଠୋର ରମ୍ଭା ଦଂଶନ ଆତ୍ମା ହେବ ନାହିଁ ସମ୍ପଦ ।
ଜୀବ ହେବ ତେବେ, ଶଚୀ ଯେତେ ଏଥି ପଦକ
କମଳ ମୁଖର ପ୍ରକାଶ ଶାଢ଼ୀ ଚନ୍ଦ୍ରାବଳୀରେ ସମ୍ପାଦନ । ୨ ।

କଲ୍ଲୋଳେ କେତେକ ବାଳାମାନ ଓଲଟିଲେ ଦେଖେ କି ଅଦ୍ଭୁତ ସୁଧାକର
କର୍ଣ୍ଣାଗ୍ର ଲମ୍ବା ଦେଖେ ଜିଡ଼ା ଅଳକ ତଳେ ଗ୍ରହ ଭଜି କାମୁକ ।
କରୁ ଶଙ୍କା, କରିଛ ଏ ଭୃଙ୍ଗେ ବାସଣ
ବଳାଟ ଗ୍ରୀବର ଗ୍ରନ୍ଥିର ତରୁ ତଳେ ଖେଳିଲେ ଯମ ଭୁଜଙ୍ଗ । ୩ ।

(୩ୟ ଛାନ୍ଦ) ।

ଯମୁନା ଜଳରେ ସ୍ନାନ କରିବା ପାଇଁ ସଖୀ ମେଳରେ ଚନ୍ଦ୍ରାବଳୀ ଗମନ କରୁଥିବା ଦୃଶ୍ୟ ରମଣୀୟ ହୋଇଛି । ସ୍ନାନ ପରେ ଚନ୍ଦ୍ରାବଳୀର ଜଳରୁ ବାହାରି ଦେବା ଦୃଶ୍ୟ ଅତି ରମଣୀୟ ଓ ସୁନ୍ଦର ହୋଇଛି ।

ଜଳସିକ୍ତତାରୁ ବାହାରି ଦେଖ ରମା ନାଶି ଯା ଶମ କାନ୍ତି ଏକ,
କମଳ ଧୃତିରି ଜଳଧରୁ ଯଥା ଏଡେ ଅଟୁ ଚାରୁ ନ୍ୟାମକ ।
କମଳ, ବାଣୀ ପଦ୍ମ ଉପମାନ,
କରୁ ଅକୁଣ୍ଠେନ ଶ୍ଳେଷ ଆଶ୍ଳେଷରେ ପ୍ରକାଶେ ବିଦଗ୍ଧଶ୍ରେଷ୍ଠ ଭୂପକ । ୧ ।

କଟାକ୍ଷ ଯହିଁ ଶ୍ୟାମ ଚାରୁ କୁଳଜେ ଦହନ ଶାନ୍ତ ସମ୍ପାଦକ,
କଡ଼ି ଲଗ୍ନ କୁଚପୁଣ୍ଡ ଅପଘନ ଜଳଗ୍ରହ ମଧ୍ୟ ତ୍ରିବଳ ।
କରୁଣା-ସିନ୍ଧୁ କେ ଲିଙ୍ଗ ଦର୍ଶନ,
କରିଟ-କଟ-ଛଟେ ଦୃଷ୍ଟି ସଞ୍ଚାରେ ଦେଖି ଭାବ । ୨ ।

(୫ମ ଛାନ୍ଦ) ।

ବନବିହାର ବର୍ଣ୍ଣନା ବିସ୍ତୃତ ହୋଇ ନ ଥିଲେ ମଧ୍ୟ ସରସ ହୋଇଅଛି ।

କାବ୍ୟରେ ଋତୁ, ଜଳକ୍ରୀଡ଼ା ପ୍ରଭୃତି ପ୍ରେମିକପ୍ରେମିକା ଭାବ ବର୍ଣ୍ଣିତ ହୋଇଅଛି ।

କବିଙ୍କ ଅନ୍ୟ କାବ୍ୟମାନଙ୍କ ମଧ୍ୟରେ 'ବୈଦେହୀଶବିଳାସ' ଅଧିକ ଲୋକପ୍ରିୟ ହେବା ଯୋଗୁଁ ବିଶିଷ୍ଟ ସ୍ଥାନ ଅଧିକାର କରିଛି; ଯୁକ୍ତିଯୁକ୍ତ ପଦବନ୍ଧ ଏହି ଶ୍ରେଣୀର

କାବ୍ୟ । କାବ୍ୟଟିର କଳ୍ପନା-ବିଳାସରେ ଗମ୍ଭୀରତାର ଅଭାବ ଏବଂ କୋମଳ ସରସ ପଦାବଳୀର ସଂଖ୍ୟାନ୍ୟୂନତା କାବ୍ୟସୌଷ୍ଠବକୁ କେତେକାଂଶରେ କ୍ଷୁଣ୍ଣ କରିଅଛି ।

କାବ୍ୟରଚନାରେ କବି ବେଶ ଚତୁର ଥିଲେ, ଏଥିରେ ସନ୍ଦେହ ନାହିଁ । ପଦ ରଚନାରେ କବିଙ୍କ ଦକ୍ଷତା, ଗାନରେ ସାଧୁଜନ ଭକ୍ତିଶ୍ରଦ୍ଧା ଏବଂ ଶ୍ରେଣୀର; ତାତ୍ପର୍ଯ୍ୟ ବ୍ୟକ୍ତିକ ପଦରଚନାରେ ଗୌରବ ଅନୁଭବ ଅସମ୍ଭବ । ମତ ଦେଇଛନ୍ତି—

ଜବେ ପ୍ରାପ୍ତ ଏ ବୃଦ୍ଧ ରଚନ ମନକ,
କବିଙ୍କୁ ରଚି ଗର୍ବ ଯଥା ଶାସ୍ତ୍ରଜ୍ଞ ହେଯେ ।।୧୮।। (୭ମ ଛାନ୍ଦ) ।

## ସୁଭଦ୍ରାପରିଣୟ

ନାଟ୍ୟର ରୂପ—ଏହି କାବ୍ୟର ଆରମ୍ଭ ଭାଗରେ କାବ୍ୟଟିର ରୂପ ସମ୍ପର୍କରେ କବିଙ୍କର ଅଭିଳାଷ ବ୍ୟକ୍ତ କରିଛନ୍ତି—"ସରଳ ପଦମାନଙ୍କେ ମନୋହର ଏ ଗ୍ରନ୍ଥ ।" କିନ୍ତୁ କବିଙ୍କ ପଦଗୁଡ଼ିକ ଅଳଙ୍କାର ଓ ଦୁର୍ବୋଧ୍ୟ ଶବ୍ଦ ହୋଇ ବହୁ ସ୍ଥାନରେ ସରଳ ହୋଇ ନାହିଁ ।

କବି କାବ୍ୟରେ ଏହି ଅଳଙ୍କାର ଗୁଡ଼ିକ ପ୍ରୟୋଗ କରିବା କାମନା କରିଛନ୍ତି; ଯଥା:—ଶ୍ଳେଷ, ରୂପକ, ଯମକ, ସିଂହାବଲୋକନ, ଉତ୍ପ୍ରେକ୍ଷା, ଅନୁପ୍ରାସ, ଚିତ୍ର ଆଦି, ପୁନରୁକ୍ତବଦାଭାସ, ଦୃଷ୍ଟାନ୍ତ, ନ୍ୟାୟାନ୍ତର, ଅର୍ଥ-ନ୍ୟାସାନ୍ତର ପ୍ରଭୃତି ।

ରସ—କବି ସୁଭଦ୍ରାପରିଣୟରେ ଏହି ରସ ଗୁଡ଼ିକର ପଦ ରଚନା କରିଛନ୍ତି—

ଅଦ୍ଭୁତବୀର ଶୃଙ୍ଗାର ପ୍ରଭୃତି    ହାସ କାରୁଣ୍ୟ ହାସ୍ୟ ଅଦ୍ଭୁତ
ବୀଭତ୍ସ ଭୟାନକ ଶାନ୍ତ ରୌଦ୍ର ଶୃଙ୍ଗାର ହେ ।

ସୁବର୍ଣ୍ଣ ସ୍ୱର୍ଣ୍ଣ ଛନ୍ଦ ଗୁଣରେ    ପ୍ରଶଂସିତ ହେବ ଅଳଙ୍କାରରେ
ଶ୍ରେଣୀ ଭୂଷିତ ହେବେ ରସିକେ ପଣ୍ଡିତ ଜନରେ ସେ । ୪ ।୩୭। (୫ମ ଛାନ୍ଦ)

ରସିକ, ପଣ୍ଡିତମାନଙ୍କ ପାଇଁ ଏ କାବ୍ୟଟି ଉଦ୍ଦିଷ୍ଟ ହୋଇଥିବା ସ୍ପଷ୍ଟ; ବନ୍ଧ କୌଶଳପୂର୍ଣ୍ଣ ରଚନାଶୈଳୀ ଓ ପାଣ୍ଡିତ୍ୟପୂର୍ଣ୍ଣ ଅଳଙ୍କାର ପ୍ରୟୋଗ ଏହା ପ୍ରମାଣିତ କରୁଛି ।

କରୁଣ—ଅର୍ଜୁନ ପାଣ୍ଡୁଙ୍କ ମୃତ୍ୟୁ ।
ବରୁଣ—ବରଯାତ୍ରା ।
ହାସ୍ୟ—ସ୍ୱାଷ୍ଟରେ ନାଗର-ନାଗରୀଙ୍କ ଉପାଳମ୍ଭ ।
ଅଦ୍ଭୁତ—ଅର୍ଜୁନ ସୁଭଦ୍ରାଙ୍କୁ ନେଇଯାଉଥିବା ବେଳେ ସତ୍ୟ-
ଦେବୀଙ୍କ ବୋକାହେଲାର ପ୍ରସଙ୍ଗ ।
ଶାନ୍ତ—ଅର୍ଜୁନଙ୍କ ବିରୋଧରେ ଯୁଦ୍ଧ କରିବା ପରେ କୃଷ୍ଣଦେବଙ୍କ ଅବସ୍ଥା ।
ଭୟାନକ—ଯୋଦ୍ଧାମାନଙ୍କ ବେଶଭୂଷାଦି, ସୈନ୍ୟଯାତ୍ରା, ଯୁଦ୍ଧ ବର୍ଣ୍ଣନା ।
ବୀଭତ୍ସ—ଯୁଦ୍ଧକ୍ଷେତ୍ର ।
ରୌଦ୍ର—ବଳରାମଙ୍କ କୋପ ।
ଶୃଙ୍ଗାର—ଅର୍ଜୁନ-ସୁଭଦ୍ରା କେଳି ।

କଥାବସ୍ତୁ ପ୍ରତି କବିଙ୍କ ବିଶେଷ ଆଗ୍ରହର କାରଣ—

(୧) ପୌରାଣିକ ହେଲେ ମଧ୍ୟ କଥାବସ୍ତୁ କଳ୍ପିତ ନୁହେଁ, ପ୍ରକୃତ ଅଟେ, ଏହା କବି କାବ୍ୟର ଶେଷରେ ମନ୍ତ୍ର କରିଛନ୍ତି—"ଏତ ଚରିତ ନୁହଇଁ କଳ୍ପିତ ।"

(୨) ବିଷୟବସ୍ତୁ ପୌରାଣିକ, ଯୁଦ୍ଧ, ପ୍ରେମିକପ୍ରେମିକାଙ୍କ ଶୃଙ୍ଗାର-ରସାତ୍ମକ ଓ ନାନା ବିଷୟକ ହୋଇଥିବାରୁ ସୁରସ ହୋଇଛି ।

"ସୁନ୍ଦର ପୁରୁଷ ତନ୍ତ୍ର ମନ୍ତ୍ରୀ,
ସାଧୁ ଭକତ ମାନବଙ୍କୁ ମୋହି ।"

(ଙ) ପୌରାଣିକ ଉତ୍ସବଟି ନବରଙ୍ଗ ବର୍ଣ୍ଣନା ବିଧାନରେ ସ୍ୱଚ୍ଛନ୍ଦେ ଅବକାଶ ଥିବାରୁ କବି ଏହାକୁ ଅବଲମ୍ବନ କରି କାବ୍ୟ ରଚନା କରିବାକୁ ମନ ଦେଲେ ।

ଦେଖ ଉତ୍ସବ ନବରଙ୍ଗ ବର୍ଣ୍ଣନ ବିଧାନେ,
ସ୍ୱଚ୍ଛନ୍ଦେ ଅବକାଶ ଅଛି କଲୁ ମନେ । (୧ମ ଛାନ୍ଦ)

(ଚ) ଶ୍ରୋତାର ଋଚିର ଅନୁଗତ ଏ କାବ୍ୟବସ୍ତୁ ଓ ବର୍ଣ୍ଣନାକୁ ଶୁଣି ଶ୍ରୋତୃଜନମାନେ ପରମ ଆନନ୍ଦ ଲାଭ କରିବେ ।

(ଛ) ପ୍ରଭୁଙ୍କ ମହିମା ଏଥିରେ ବ୍ୟାପ୍ତ ଥିବାରୁ ଶ୍ରବଣ ଓ କୀର୍ତ୍ତନରେ ପ୍ରାଣୀଙ୍କ ନ ହୋଇ କଳୁଷ ବିନାଶ ହେବ ।

କବି 'ସକଳ ଲୋକରେ' କଲ୍ୟାଣ ହେଉ, ଏ ଅବକାଶ ବା କାହିଁକି ତ୍ୟାଗ କରିବେ ? "ସକଳ ଲୋକେ ଏ ଲଭ ଶୁଣନ୍ତୁ କପାଳେ ।" (୧ମ ଛାନ୍ଦ)

କଥାବସ୍ତୁ—ପ୍ରାରମ୍ଭରେ କବି ନିଜ ଉଦ୍ଦିଷ୍ଟ ଶ୍ରୀପୁରୁଷୋତ୍ତମ କ୍ଷେତ୍ରପୁରର ମାହାତ୍ମ୍ୟ କୀର୍ତ୍ତନ କରି ବଳଭଦ୍ର, ଜଗନ୍ନାଥ, ସୁଭଦ୍ରା, ସୁଦର୍ଶନଙ୍କୁ ନମସ୍କାର କରିଛନ୍ତି । ଦ୍ୱାପର ଯୁଗର ଶେଷରେ ଶ୍ରୀକୃଷ୍ଣ ଗୋପରେ ସଂସାରରେ ଅନୁପମ ଲୀଳା କରିଥିଲେ, ଏହା ମହାଭାରତର ବିଷୟ । କବି ଏହି ଲୀଳା ଭିତରୁ ସୁଭଦ୍ରା ଜନିତ ଗୀତରେ ବୋଧିବା ପାଇଁ ଇଚ୍ଛା କରି ଏ ଗୀତ ରଚନା କରିଛନ୍ତି । ବ୍ରାହ୍ମଣ ସ୍ତୋତ୍ରାରୁ କଥାବସ୍ତୁର ଆରମ୍ଭ ହୋଇଛି । ଭାରତ ମଧ୍ୟରେ ଦ୍ୱାରକା ପୁର ଅବସ୍ଥିତ । ଏଠାରେ ବସୁଦେବ ସୁତ ଶ୍ରୀଦେବ ରାଜତ୍ୱ କରୁଥିଲେ । ଦ୍ୱାରକାବାସୀ ଯାଦବ କୁଳର ପ୍ରସିଦ୍ଧ ବସୁଦେବଙ୍କ ବଳରାମ ଓ ଶ୍ରୀକୃଷ୍ଣ ଦୁଇ ପୁତ୍ର । ବସୁଦେବଙ୍କ ପତ୍ନୀ ରୋହିଣୀ ଦେବୀ ରାତ୍ରିରେ ସ୍ୱପ୍ନ ଦେଖିବାକୁ

ଅନ୍ତେଶରେ ଏକ ପରମ ସୁନ୍ଦରୀ କନ୍ୟା ତାଙ୍କ ଗର୍ଭରୁ ଜାତ ହେଲା । ଏହାର ନାମ ସୁଭଦ୍ରା । ଏହି କନ୍ୟା କ୍ରମେ ଅତି ସୁନ୍ଦର ରୂପ ଧାରଣ କଲା ।

(୧ମ ଛାନ୍ଦ)

ସ୍ମା ନବଯୌବନ ଲାଭ କରି ସୁନ୍ଦରୀ ଦେଖାଗଲା । କେମା ସୁନ୍ଦରୀ ହେଲା । (୨ୟ ଛାନ୍ଦ) । ସୁଭଦ୍ରାଙ୍କ ଅପୂର୍ବ ଶୋଭା ବର୍ଣ୍ଣନା । ଶୃଙ୍ଗାରର ବର୍ଣ୍ଣନା । କବି ମାନୁଷବାଳା ବର୍ଣ୍ଣନା କରୁଥିବାରୁ ସୁଭଦ୍ରାଙ୍କ କେଶଠାରୁ ପାଦ ପର୍ଯ୍ୟନ୍ତ ବର୍ଣ୍ଣନା କଲେ । ଦେବତା ପକ୍ଷେ ପାଦଠାରୁ ମସ୍ତକ ପର୍ଯ୍ୟନ୍ତ ବର୍ଣ୍ଣନା ପ୍ରଥା ଇତ୍ୟାମାନ ଥିବା ଦେଖାଯାଏ । (୩ୟ ଛାନ୍ଦ )

ସୁଧର୍ମା ସଭାରେ ବୃହସ୍ପତି ଦେବତାମାନଙ୍କ ଆଗରେ ସୁଭଦ୍ରାଙ୍କ ଅପୂର୍ବ ଶୋଭା ବର୍ଣ୍ଣନା କଲେ । ଦେବତାମାନେ ସନ୍ତୋଷ ହୋଇ ପ୍ରଶଂସା କଲେ ଏବଂ "ସୁନ୍ଦର ସଂସାରେ ହେଉ କନକବର୍ତ୍ତୀ, ତାହାକୁ ସେ ଯୋଗ୍ୟ ତରୁଣୀ" ବୋଲି କହିଲେ । ନାୟିକାର ଅପୂର୍ବ ଶୋଭା ପ୍ରସଙ୍ଗ ଦେଶେ ଦେଶେ ପ୍ରକାଶ ଲାଭ କଲା । ନୃପତିମାନେ ତାହାକୁ ଲାଭ କରିବା ପାଇଁ ଉଲ୍ଲାସ କଲେ ଓ ବରକ୍ଷରେ ବାହାର ହେଲେ । "ଶୁଣିବାରେ ପାଇଁ ଏମନ୍ତ ଦେଖିଲେ କି ତୃପ୍ତି ତାହା ନ ଜାଣି । ସୁଲକ୍ଷଣୀ ବଦନ୍ୟଣୀ ଦେଶଶ୍ରୁତି ମଣ୍ଡିଳ ସମସ୍ତ ଧରଣୀ ।" ଦୁର୍ଯ୍ୟୋଧନ, ଅର୍ଜୁନ ଆଦି ବୀରମାନଙ୍କ ମଧ୍ୟରେ କେବଳ ଦୁର୍ଯ୍ୟୋଧନ ହିଁ "ସେ ଏକା କନ୍ୟା ସମାନେ ଅଛି ବର ।" ବୋଲି ବଳରାମ ସ୍ଥିର କଲେ । କୃଷ୍ଣ ବଳରାମଙ୍କ ମନୋଭାବ ବୁଝିପାରି ଯୋଗ କରିବା ସ୍ଥିର କଲେ । ଦେଶେ ଦେଶେ ଦୂତ ପଠାଇଲେ । ଯୋଷାଙ୍କ ଦେଶିକାରୁ ଅର୍ଜୁନଙ୍କ ଦ୍ୱାରା ବଧ କରାଇ "ସ୍ୱୟଂସ୍ଥାପିକା ସତୀ ହୋଇ ସେ କନ୍ୟା ପ୍ରାପତ କରିବା ନିମନ୍ତେ" କୃଷ୍ଣ ଏହି ଯୋଜନା ଉଦ୍ଭାବନ କରିଥିଲେ ।

(୪ର୍ଥ ଛାନ୍ଦ)

ଯାଦବ 'ଶାମ୍ଭରୀ କନ୍ୟା' ବଳରାମ ଓ କୃଷ୍ଣ ସମ୍ମୁଖରେ ରୈବତ ପର୍ବତରେ ପ୍ରବେଶ ହେଲେ । ପର୍ବତର ବର୍ଣ୍ଣନା । ଯାଦବମାନେ ସକୁଟୁମ୍ବ ସେଠାରେ ରହିଲେ । (୫ମ ଛାନ୍ଦ)

ବଳରାମ ଶ୍ରୀକୃଷ୍ଣ ଯାଗ କରୁଥିବା ସନ୍ଦେଶ ନିମନ୍ତ୍ରଣ ପତ୍ରରୁ ପାଇ ବହୁ ଦେଶର ନରପତି ସସୈନ୍ୟ ସେଠାକୁ ଗମନ କଲେ, ସୈନ୍ୟସାମନ୍ତ ବର୍ଣ୍ଣନା, ହାଟ ବର୍ଣ୍ଣନା । ଶୋଣିତଦୈତ୍ୟ ନିମନ୍ତ୍ରଣ ପାଇ ମହାଦର୍ପରେ ଅସୁର ସୈନ୍ୟଙ୍କୁ ଧରି ଦ୍ୱାରକାରେ ପ୍ରବେଶ କଲା । ଅସୁର ଭୟରେ ଯାଦବମାନେ ରୈବତକୁ ସ୍ତ୍ରୀଲୋକଙ୍କୁ ବୃଦ୍ଧମାନଙ୍କୁ ପଠାଇ ଦେଲେ । ଶ୍ରୀକୃଷ୍ଣ ଓ ବଳରାମ କ୍ରୋଧରେ ଦୈତ୍ୟମାନଙ୍କ ସଙ୍ଗେ ଯୁଦ୍ଧ କରି ଅନେକଙ୍କୁ ବଧ କଲେ । ଶୋଣିତ ଦୈତ୍ୟର ସୁବୁଦ୍ଧି ମନ୍ତ୍ରୀ ନମ୍ରସ୍ୱର ରାମ ଓ କୃଷ୍ଣଙ୍କୁ କହିଲେ, "ଆମକୁ ନିମନ୍ତ୍ରଣ କରି ତାଡ଼ନା ଦେଉଛ, ଏହା କି ନୀତି ?" ରାମ ଓ କୃଷ୍ଣ ଏଥିରେ ଶାନ୍ତ ହେଲେ ଏବଂ ଦାନବ ରାଜାଙ୍କୁ ବରଣ କରି ସଙ୍ଗରେ ଆଣିଲେ । ଯଜ୍ଞଶାଳା ବର୍ଣ୍ଣନା, ବଳରାମ-କୃଷ୍ଣ ଯାଗ-ଦୀକ୍ଷା ନେଲେ । କେତେ ଦିନ ପରେ ରାକ୍ଷସମାନେ କପଟ କରି ରାତ୍ରରେ ଯଜ୍ଞସ୍ଥଳରେ ପ୍ରବେଶ କରାଇ ଉତ୍ପାତ ଆରମ୍ଭ କଲେ ଏବଂ ବହୁ ଲୋକଙ୍କୁ ହତ୍ୟା କଲେ । ବଳଭଦ୍ର ଦୈତ୍ୟଙ୍କୁ ବଧ କଲେ । ଶୋଣିତ ରାମକୃଷ୍ଣଙ୍କୁ ମଧ୍ୟ ବାନ୍ଧି ଦେଇ ଅଗ୍ନିରେ ନିକ୍ଷେପ କଲା । ଶୋଣିତ ସତ୍ୟଭାମାଙ୍କୁ ଦେଖି ତାଙ୍କ ରୂପରେ ମୋହିତ ହୋଇଗଲା ଏବଂ ତାଙ୍କୁ ରଥରେ ବସାଇ ସ୍ୱରାଜ୍ୟକୁ ନେଇ ଯିବାକୁ ଉଦ୍ୟତ ହେବାରୁ ତାର ମନ୍ତ୍ରୀ ସଦୁପଦେଶ ଦେଲା; ତାହା ଶ୍ରବଣରେ ରାଜା, ମନ୍ତ୍ରୀପ୍ରମୁଖ ଅସୁରମାନେ ନିଧନ ହୋଇଥିବା କଥା ଏ ଘଟିତ କାର୍ଯ୍ୟକୁ ନିବର୍ତ୍ତିବା ପାଇଁ କହିଲା । ଅସୁରରାଜ ଏଥିପ୍ରତି କର୍ଣ୍ଣପାତ କଲା ନାହିଁ, ରଥ ବାହୁଡ଼ା ପାଇଁ ଆଦେଶ ଦେଲା । ସତ୍ୟଭାମା ଉଚ୍ଚ ଆର୍ତ୍ତସ୍ୱରରେ "ହା କୃଷ୍ଣ କୃଷ୍ଣ ପୁଣି ସେ ବୋଲେ ରକ୍ଷ ଅର୍ଜୁନ ହେ !" ଅର୍ଜୁନ ସେତେବେଳେ ସୁଭଦ୍ରା ନଦୀ କୂଳରେ ଥିଲେ । ଏ ଆର୍ତ୍ତନାଦ ସେ ଶୁଣିପାରିଲେ । ସେ ତତ୍କ୍ଷଣାତ୍ ମନ୍ତ୍ର ଉଚ୍ଚାରଣ କରି ଶର ପେଷିଲେ । ସକଳ ଦିଗ ଧୂମ ହୋଇଗଲା, ଅସୁରମାନେ ବାଟ ପାଇଲେ ନାହିଁ । ରାତ୍ରି ସମୟରେ ଏ ଉତ୍ପାତ ଘଟିଥିଲା । ସକାଳ ହେବାରୁ ଅସୁରମାନେ ଆଉ କପଟପଣ କରି ପାରିଲେ ନାହିଁ । ଶୋଣିତଙ୍କ ମନ୍ତ୍ରୀ ସତ୍ୟଭାମାଙ୍କୁ ନେଇ ଅର୍ଜୁନଙ୍କଠାରେ ସମର୍ପଣ କଲା । କ୍ରୋଧରେ ଅର୍ଜୁନ ରାକ୍ଷସମନ୍ତ୍ରୀଙ୍କୁ ବଧ

କଲେ । ଯୋଦ୍ଧାଙ୍କ ଦେହରେ ଯୁଦ୍ଧ କଲେ । ପୁଷ୍ପ ବର୍ଷିଲା । ଯୁଦ୍ଧରେ ଅର୍ଜୁନ ଗୋବିନ୍ଦଙ୍କୁ ସ୍ତୁତି କଲେ । ଦେବତାମାନେ ସାଧୁବାଦ କଲେ । ଶ୍ରୀକୃଷ୍ଣଙ୍କ ଶକ୍ତିରୁ ଉଦ୍ଧାର କରାଗଲା । ଅର୍ଜୁନ ଯଦୁକୁଳର ମହା ଉପକାର କରିଥିବାରୁ କୃଷ୍ଣଙ୍କ ଆଜ୍ଞାମତେ ଦ୍ୱାରକାର ସମସ୍ତ ରମଣୀ ସୁବେଶ ହୋଇ ଅର୍ଘ୍ୟଥାଳୀରେ ତାଙ୍କୁ ବନ୍ଦାଇ ଅଭ୍ୟର୍ଥନା କଲେ । (୬ଷ୍ଠ ଛାନ୍ଦ)

ଦ୍ୱାରକାପୁର ଲଳନାମାନେ ସୁଭଦ୍ରାଙ୍କ ନେତୃତ୍ୱରେ ଅର୍ଜୁନଙ୍କ ସାନ୍ନିଧ୍ୟରେ ଉପସ୍ଥିତ ହେଲେ । କାମଦେବ (ପ୍ରଦ୍ୟୁମ୍ନ) କୃଷ୍ଣଙ୍କ କାନ୍ଧ ଉପରେ ବସିଥିଲେ ଯେପରି ଦେଖାଯାନ୍ତି ସେହିପରି ଅର୍ଜୁନ ଦିଶିଲେ । ଶ୍ରୀକୃଷ୍ଣ ଓ ଅର୍ଜୁନଙ୍କ କାନ୍ତି ସମାନ ଥିବା ହେତୁ ସ୍ୱଳ୍ପବୁଦ୍ଧି ରାଣୀମାନେ ଅର୍ଘ୍ୟଥାଳୀ ବନ୍ଦାଇବାରେ ଭ୍ରମରେ ପଡ଼ିଲେ; ସେମାନେ ନିଜ ସ୍ୱାମୀଙ୍କୁ ମଧ୍ୟ ଚିହ୍ନି ପାରିଲେ ନାହିଁ । ଯାଦବ କୌମ୍ୟ ମେଳରେ ବଢ଼ିବା ନାସୁନ ସେମାନେ ସ୍ମରଣ କରିପାରିଲେ ନାହିଁ । କୃଷ୍ଣ ଏ ସନ୍ଦେହ ଦୂରେଇ ଦୂରେଇ ଅର୍ଜୁନଙ୍କ ଶିର ଉପରେ ହସ୍ତ ଦେବାରୁ ବାଳୀମାନେ ତାଙ୍କୁ ଚିହ୍ନି ବନ୍ଦାଇଲେ । ସୁଭଦ୍ରା ଅର୍ଜୁନଙ୍କ ସମୀପରେ ଉପସ୍ଥିତ ହେବା କ୍ଷଣି "ଶବରୂପରେ ଭଉଁରିଲା" । ସମସ୍ତେ ତାପରେ ଅର୍ଘ୍ୟ ଶିର ଉପରେ ଅର୍ଘ୍ୟ ଦେଲେ, କିନ୍ତୁ ସେ ଅର୍ଘ୍ୟଥାଳୀକୁ କରରେ ଧରି ରହିଲେ । କୃଷ୍ଣ ଏ ଭାବ ଦେଖି ହେଠାରୁ ଅନ୍ତର ହେଲେ । (୭ମ ଛାନ୍ଦ) ଅର୍ଜୁନଙ୍କୁ ଦେଖିବା ପରେ ସୁଭଦ୍ରା କାମଜ୍ୱରରେ ପୀଡ଼ିତ ହେଲେ । (୮ମ ଛାନ୍ଦ)

କେତେଦିନ ପରେ ସୁଭଦ୍ରାଙ୍କୁ ସନ୍ତୋଷିବା ପାଇଁ ସତ୍ୟଭାମା ଗଲେ । ସୁଭଦ୍ରା ଶାନ୍ତ୍ୟର୍ଥରେ ଉଦ୍ଧିନ୍ନ ହୋଇଥିବା ଦେଖିଲେ । ସୁଭଦ୍ରା ନିଜର ମନ କଥା ବ୍ୟକ୍ତ କରିବାକୁ ସତ୍ୟଭାମା ଜଣାଇଲେ, "ଦୂମନା ଭୃଙ୍ଗ ପଦ୍ମକୁ ଉଲ୍ଲାସିତ ହେବାକୁ ଦେଉ ନ ଦେ ।" ସତ୍ୟଭାମା ଏହା ଶୁଣି ଆନନ୍ଦିତ ହୋଇ ହସି କହିଲେ, "ହାତୀକି ଅଙ୍କୁଶ, ଘୋଡ଼ାକୁ କଡ଼ିଆ (ଲଗାମ) ନ ମାନିଲେ କି ଉପାୟ ହେବ !" ଅର୍ଜୁନଙ୍କ ସହିତ ସୁଭଦ୍ରାଙ୍କ ମିଳନ ପାଇଁ ସୁଭଦ୍ରା ଶ୍ରମ କରନ୍ତୁ ବୋଲି କୃଷ୍ଣ କହିଲେ । ସତ୍ୟଭାମା ସ୍ୱାମୀଙ୍କ ସମ୍ମତ

ଲାଗି ଉଦ୍ୟମ ଆରମ୍ଭ କଲେ । ଏକଥା ଦେଖିବାକୁ ସୁଭଦ୍ରାଙ୍କୁ ସୁବେଶ କରା- ଇଲେ । ରାତ୍ର ସାତଘଡ଼ି (ଘଣ୍ଟା) ସମୟରେ ସତ୍ୟଭାମା ସୁଭଦ୍ରାଙ୍କୁ ଧରି ଅର୍ଜୁନଙ୍କ ଶୟନ କକ୍ଷ ନିକଟରେ ପହଞ୍ଚିଲେ ଏବଂ ସତ୍ୟଭାମା ମଧୁରରେ ଅର୍ଜୁନଙ୍କୁ ଡାକି କବାଟ ଫିଟାଇବାକୁ କହିଲେ । ଅର୍ଜୁନ ଶୁଣି ପଚାରିବାରୁ କବାଟ ନ ଫିଟାଇ ଆସିବା କାରଣ ପଚାରିଲେ । ସତ୍ୟଭାମା ଉପଦେଶ ଦେଇ- ବାରୁ ପ୍ରଭୁ (କୃଷ୍ଣ)ଙ୍କ ଭଗ୍ନୀଙ୍କୁ ଦର୍ଶନ କରିବା କର୍ତ୍ତବ୍ୟ (ଅର୍ଜୁନ) ପିଙ୍ଗ ଅନାଇ ବୋଲି ଅର୍ଜୁନ କହିଲେ । ସତ୍ୟଭାମା ମନ ଦୁଃଖରେ ସୁଭଦ୍ରା ସହ ସେଠାରୁ ବାହୁଡ଼ିଲେ । ସୁଭଦ୍ରାଙ୍କ ମନୋବେଦନା ।(୯ମ ଛାନ୍ଦ)

ସୁଭଦ୍ରାର ଏ ବିରହ ଦଶା ଦେଖି ସତ୍ୟଭାମା କୃଷ୍ଣଙ୍କୁ ଜଣାଇବାରୁ ଅର୍ଜୁନଙ୍କୁ ଉଚ୍ଚାଟନ କରିବା ପାଇଁ ଅର୍ଜୁନଙ୍କ ଶୟନକକ୍ଷ କାନ୍ଥରେ ସୁନ୍ଦର କାମୋଦ୍ଦୀପକ ଚିତ୍ର ଲେଖାଇବା ପାଇଁ କହିଲେ ଏବଂ ବଶୀକରଣାଦି ମନ୍ତ୍ର ମଧ୍ୟ ଦେଲେ । ସତ୍ୟଭାମା ଏ ପରାମର୍ଶ ଅନୁସାରେ ଅର୍ଜୁନଙ୍କ ଶୟନାଗାରରେ ଚିତ୍ର ଲେଖାଇଲେ । ସନ୍ଧ୍ୟା ହେବାରୁ ଅର୍ଜୁନ ଶୟନାଗାରର ଚିତ୍ର ଦେଖିଲେ ଏବଂ ସେଥିରେ ମୁଗ୍ଧ ହୋଇଗଲେ । ଏଣିକି ବେଳେ କାମୋଦ୍ଦୀପକ ସଙ୍ଗୀତ ମଧ୍ୟ ଶୁଣାଗଲା । ଅର୍ଜୁନଙ୍କ କାମ ବିକାର ଆରମ୍ଭ ହେଲା । ସେ ସୁଭଦ୍ରାଙ୍କୁ ସ୍ମରଣ କଲେ । ସତ୍ୟଭାମା ସୁଭଦ୍ରାଙ୍କୁ ଶୟନାଗାର ନିକଟକୁ ନେଲେ । କବାଟ ଫିଟା ମନ୍ତ୍ରଦ୍ୱାରା କବାଟ ଫିଟେଇଲେ ଓ ବଶୀକରଣ ମନ୍ତ୍ରମୂଳ ପ୍ରୟୋଗ କଲେ । ଅର୍ଜୁନ ସୁଭଦ୍ରାଙ୍କ ପ୍ରତି ଆସକ୍ତ ଥିବା ଜଣାଇବାରୁ ସୁଭଦ୍ରା ସେଠାରୁ ଚାଲିଗଲେ । ଅର୍ଜୁନ ବିରହରେ କାତର ହେଲେ । (୧୦ମ ଛାନ୍ଦ)

ସତ୍ୟଭାମା ବାଜାରେ ବଣି ହୋଇ "ସୁଭଦ୍ରା ଦେଖି ଧନେଶ ଥିଲି ଝଙ୍କାର, ସେହୁ ଧନେଶ ଅଛି ହେଲେ ତାହାର । ଯୁବକ ପ୍ରବୀର ଯେତେ ବଙ୍କ, ସୀମନ୍ତିନୀ ନହେଲ କହୁ ମନେ ।" ଅର୍ଜୁନ କନ୍ଦର୍ପ ପୀଡ଼ାରେ ବିଚଳିତ ହୋଇପଡ଼ିଲେ ଏବଂ ବିରହକାତର ହୋଇ ସୁଭଦ୍ରାଙ୍କୁ ଡାକିଲେ । ତେଣିକି ପଛେ ଦେହରୁ ଯାଇ ଲେଖି ବାରମାସ ପାଠ କଲେ । ସୁଭଦ୍ରାଙ୍କ

ସଖୀମାନେ କାନ୍ଥ ପଛରେ ଲୁଚି ନାୟକର ବିକଳସୂଚକ ପାଠ ଶୁଣୁଥିଲେ । ସେମାନେ ସତ୍ୟଭାମା ଓ ସୁଭଦ୍ରାଙ୍କୁ ଏ ସମ୍ବାଦ ଜଣାଇଲେ । ସେଦିନ ସତ୍ୟଭାମା ମହୋତ୍ସବ ସଜାଡ଼ି ଅର୍ଜୁନଙ୍କୁ ନିମନ୍ତ୍ରଣ କରିଦେଲେ । ପାର୍ଥ ସୁଭଦ୍ରାର ପ୍ରେମରେ ଅଧୀର ହୋଇପଡ଼ିଲେ ଏବଂ ସତ୍ୟଭାମା କହିଲେ, “ସୁଭଦ୍ରାଙ୍କୁ ନ ଦେଖିଲେ ମୁଁ ବଞ୍ଚିବି ନାହିଁ, ଯଦିଓ ଦେଖିଲେ ତା ଦେହ ରଙ୍ଗରେ ।” ସେଦିନ ରାତ୍ରେ ସୁଭଦ୍ରାଙ୍କୁ ସେଜ ଦେଇ ସତ୍ୟଭାମା ଅର୍ଜୁନଙ୍କ ଶୟନକକ୍ଷରେ ଛାଡ଼ି ଦେଇ ଆସିଲେ । ଦୁହେଁ ପ୍ରେମାଳାପ କଲେ ।

(୧୧ଶ ଛାନ୍ଦ)

ଅର୍ଜୁନ ସୁରତରଙ୍ଗରେ ଆରତ ହୋଇ ବାଲା ନିକଟରେ ବସି ନିଜର ପଣ ଭାଗ୍ୟେ ସିଦ୍ଧ ମୃଦୁବଚନ କହିଲେ । ଅର୍ଜୁନ କହିଲେ, “ସୌନ୍ଦର୍ଯ୍ୟଦର୍ପ ନବପୁଷ୍ପ ତଣ୍ଡ ରେବତୀଧବେ (ନଳଦମ), ସୁଧା ଏଡ଼ିଲୁ ଆଗ ସ୍ମରିଲୁ ଶୋକେ ବୁଡ଼ିଲୁ ଏବେ ।” ଅର୍ଜୁନଙ୍କ ଏ ପରସ୍ପ ଚାଟୁବାଣୀ ଶୁଣି ଉପଧାନାଂ ସୁଲକ୍ଷଣୀ ସୁଭଦ୍ରା ବକ୍ଷରେ ମୁହଁ ଦେଖାଇ ଜଣାଇଲେ । (୧୨ଶ ଛାନ୍ଦ)

ସେଠାରେ ଅର୍ଜୁନ ଓ ସୁଭଦ୍ରାଙ୍କ ଗୁପ୍ତ କେଳି । ପ୍ରଭାତ ହେବାରୁ ପ୍ରେମିକା ସ୍ୱପୁରକୁ ବାହୁଡ଼ିଗଲେ । କୃଷ୍ଣଙ୍କ ଡାକରା ପାଇ ଅର୍ଜୁନ ସ୍ନାନବେଶ ଧାଇ ଗଲେ । (୧୩ଶ ଛାନ୍ଦ)

ସୁଭଦ୍ରା ଓ ଅର୍ଜୁନ ଦୁହେଁ ଏକତ୍ର ଗୁପ୍ତ ପ୍ରେମାଳାପ ଓ କେଳିରେ କଟାଇଲେ । ଗ୍ରୀଷ୍ମଋତୁ ପ୍ରବେଶ ହେଲା । ରେବତୀ ଓ ରୁକ୍ମିଣୀ ପ୍ରଭୃତି ରାଣୀମାନେ ସରୋବରରେ ଜଳକ୍ରୀଡ଼ା କରିବାକୁ ଗଲେ । ସୁଭଦ୍ରା ମଧ୍ୟ ସେଠାରେ ପ୍ରବେଶ ହେଲେ । ସ୍ନାନ ସମୟରେ ସଖୀମାନେ ସୁଭଦ୍ରାଙ୍କ ଦେହରେ ନଖକ୍ଷତ ଦେଖି ରେବତୀଙ୍କୁ କହିଲେ । ସେ ସୁଭଦ୍ରାଙ୍କୁ କାରଣ ପଚାରିଲେ । ସମସ୍ତେ ଚକିତ ହୋଇଗଲେ । କୂଳରେ କଳଙ୍କ ଲାଗିଲା ବୋଲି କହିଲେ । ପୁଣି, “କ ବୋଲିବେ ଶ୍ୟାମ ଶୁଣିଲେ” ଏ ଉକ୍ତିର ଛନ୍ଦ

ହସିଲ । ସତ୍ୟଭାମା କିଛି ନ ଜାଣିଲା ପରି ଭଦ୍ରକଙ୍କୁ କଥା କହିଲେ, “ସୁନ୍ଦରି ! ସ୍ୱୀକାର କରିଲି ପଣ୍ଡିତ, ସ୍ୱୟଂ ହୋଇ ଏ କଥା କହନ୍ତି ଜାଣନ୍ତି ଭଗବତୀ ସେ ।” ଏଥିରେ ସମସ୍ତେ ସନ୍ତୁଷ୍ଟ ହେଲେ । ତହିଁ ପରଦିନ ରେବତୀ ବଳରାମଙ୍କ ଆଗରେ କହିଲେ, “ସୁଭଦ୍ରାଙ୍କୁ ବିଭା କରି ଦେବାନ୍ତି ।” ବଳରାମ ଏଥିରେ ସମ୍ମତ ହୋଇ ହସ୍ତିନାପୁରକୁ ଦୂତ ପଠାଇଲେ । ଦୂତ ମୁଖରୁ ସୁଭଦ୍ରାଙ୍କ ଅପୂର୍ବ ଶୋଭା ବର୍ଣ୍ଣନା ଶୁଣି କୁରୁପତି ଦୁର୍ଯ୍ୟୋଧନ ସୈନ୍ୟସାମନ୍ତ ଧରି ଦ୍ୱାରକାକୁ ଯିବାକୁ ସ୍ଥିର କଲେ । ଦୂତର ସୁଭଦ୍ରାଙ୍କ ଶୋଭା ବର୍ଣ୍ଣନା । (୧୮ଶ ଛାନ୍ଦ)

ଦୁର୍ଯ୍ୟୋଧନ ସୈନ୍ୟ ଦ୍ୱାରକାକୁ ଯିବା ଅନୁକୂଳ କଲେ । ସୈନିକମାନଙ୍କର ବେଶଭୂଷା, ଅସ୍ତ୍ରଶସ୍ତ୍ର ସଜ୍ଜିକରଣ । ଯୋଦ୍ଧାମାନଙ୍କର ହେଷଣଶବ୍ଦର ଛନ୍ଦ; ରସିକରସିକାଙ୍କ ଶବ୍ଦ ଚିନ୍ତା; ବାଦ୍ୟ-କାଳୀନ ଦୃଶ୍ୟ । ଦୁର୍ଯ୍ୟୋଧନ ଯାତ୍ରା ଆରମ୍ଭ କରିବା ପୂର୍ବରୁ ସର୍ବଜ୍ଞ ସହଦେବ କହିଥିଲେ ସୁଭଦ୍ରା-ଅର୍ଜୁନଙ୍କ ଗୁପ୍ତପ୍ରୀତି କଥା ଜଣାଇ ଏ ପରିସ୍ଥିତିରେ କୁରୁପତି ସେଠାକୁ ଗଲେ ଲଜ୍ଜା ପାଇବା ସମ୍ଭାବନା ଥିବାରୁ କାହିଁକି ଯିବେ ବୋଲି କହିଲେ । ଅନୁକୂଳ କରି ବାହାରିବା ସମୟରେ ବିଦୁର ଗୋପନରେ ଦୁର୍ଯ୍ୟୋଧନଙ୍କୁ ଏ ପ୍ରସଙ୍ଗ ଜଣାଇଲେ ଏବଂ ସାନଭାଇ ହେଉଥିବାରୁ ବଡ଼ଭାଇ ଯିବା ଅନୁଚିତ ଏହା କହିଲେ । ଦୁର୍ଯ୍ୟୋଧନ ଏକଥାରେ ବିଶ୍ୱାସ କଲେ ନାହିଁ । ଅସମ୍ଭବ ବୋଲି ମଧ୍ୟ କହିଲେ । ଦ୍ୱାରକା ଅଭିମୁଖରେ ଦୁର୍ଯ୍ୟୋଧନ ଯାତ୍ରା କଲେ ଏବଂ ରୈବତ ପର୍ବତରେ ସୈନ୍ୟସହ ପ୍ରବେଶ କଲେ । (୧୯ଶ ଛାନ୍ଦ)

ବଳରାମ ଦୁର୍ଯ୍ୟୋଧନଙ୍କ ଆଗମ ସମ୍ବାଦ ଶୁଣି ସବାହ୍ନ ସମ୍ଭାଷି ଆଣିଲେ । ବିବାହବେଦୀ ନିର୍ମାଣ, ବାଦ୍ୟବାଜଣା ପ୍ରଭୃତିର ଆୟୋଜନ ହେଲା । କୃଷ୍ଣ ବଳରାମଙ୍କ ଇଚ୍ଛା ଜାଣିଥିଲେ । ସେ ସତ୍ୟଭାମାଙ୍କୁ ତାଙ୍କ ଦ୍ୱାରରେ ଗୁପ୍ତରେ କହିଲେ, “ସୁଭଦ୍ରାଙ୍କୁ ସେନସାଙ୍ଗ ଅର୍ଜୁନଙ୍କୁ ଦିଅ”; ବଳରାମଙ୍କୁ ଭୟ ନ କରିବାକୁ ମଧ୍ୟ ପରାମର୍ଶ ଦେଲେ । ପୁଣି କୃଷ୍ଣ କହିଲେ,

“ସୁମଣିରେ ରଥ ଅଶ୍ୱ ହେବ ପଶୁପକ୍ଷ । ତୁମମାନେ ମୋର ବାଞ୍ଛା ହୋଇବେ ସମସ୍ତ ଯେ ।” ସତ୍ୟଭାମା ଅର୍ଜୁନଙ୍କୁ ଏହା ଜଣାଇଲେ । ସୁଭଦ୍ରା “ଏ ବାଣୀ ଶୁଣି ଲଜ୍ଜରେ କମ୍ପିତା” ହେଲେ । ଅର୍ଜୁନ ତାଙ୍କୁ ଆଶ୍ୱାସନା ଦେଲେ, “ସେଲୁପେ କୃଷ୍ଣ ସାହାଯ୍ୟ କରୁ ନାହିଁ କର, ସେତେ ଶିଶୁପାଳ ପ୍ରାୟ ହେବ କୁରୁବୀର ।” ସୁଭଦ୍ରା ସ୍ୱପ୍ନରେ ବାହାରି ଯିବାକୁ ପ୍ରସ୍ତାବ କରିବାରୁ ଦୁଇ ଅର୍ଜୁନ ପ୍ରଭାତକାଳରେ ଯିବାକୁ ସ୍ଥିର କଲେ । ପ୍ରିୟାପ୍ରିୟ କୋପରେ ଶୁଣି ସାପିନ ଭଲେ । ରୋହିଣୀ ବଳରାମଙ୍କୁ ରୂପବାନ୍ ଓ ସୁନ୍ଦର ଅର୍ଜୁନଙ୍କ ହସ୍ତରେ ସୁଭଦ୍ରାଙ୍କୁ ଦେବା ପାଇଁ ପ୍ରସ୍ତାବ କରି କହିଲେ, “ସେ କନ୍ୟା ଯୌବନ ହୋଇଲାଣି ତା ଦେହରେ ।” ବଳରାମ କ୍ରୋଧରେ ପାଣ୍ଡବମାନେ “ଅଧମ” ବର୍ଣ୍ଣଜାତ ବୋଲି କହି ଏ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କଲେ । ରେବତୀ ବସୁ ଦୁଷ୍ମନ୍ତ ଦେଖାଇ ପ୍ରସ୍ତାବ ସପକ୍ଷରେ କହିଲେ ମଧ୍ୟ ବଳରାମ ସନ୍ତୁଷ୍ଟ ହେଲେ ନାହିଁ । ବଳରାମ ସୈନ୍ୟସାଜ ବାହାରିଲେ । ଅର୍ଜୁନ ସ୍ମରଣ ଭଗବାନଙ୍କ ନନ୍ଦିଘୋଷରଥ ଉପସ୍ଥିତ ହେଲା । ଶୂନ୍ୟରଥରେ ସୁଭଦ୍ରାଙ୍କୁ ବସାଇ ଅର୍ଜୁନ ବାହାରିଲେ । ଅର୍ଜୁନ-ସୁଭଦ୍ରା ବିବାହ ପାଇଁ କୃଷ୍ଣ ପ୍ରସ୍ତାବ କରିବାରୁ ବଳରାମଙ୍କ କ୍ରୋଧ ଭାଙ୍ଗି ପାରିଲା । କୁରୁସୈନ୍ୟ ଓ ଯଦୁସୈନ୍ୟ ଅର୍ଜୁନଙ୍କ ରଥକୁ ଅଟକାଇ ଯୁଦ୍ଧ କଲେ । କୃଷ୍ଣଙ୍କ ପୁତ୍ରମାନେ ଅର୍ଜୁନଙ୍କ ପକ୍ଷରେ ରହିଲେ । ପାଣ୍ଡବ ଓ କୁରୁ-ଯଦୁ ସେନାଙ୍କ ମଧ୍ୟରେ ଘୋର ଯୁଦ୍ଧ ହେଲା । କୁରୁ-ଯଦୁପକ୍ଷ ପରାସ୍ତ ହେଉଥିବା ଦେଖି ବଳରାମ ଚିନ୍ତା କଲେ, “ସୁମନ୍ତରେ ଚିନ୍ତିଲେ ସାହାଯ୍ୟରେ ଯିବି ପକ୍ଷ । ସମରରେ କେ ତାଙ୍କୁ ଜିଣିବାରେ ହେବ ଦକ୍ଷ କହ ।” ବଳରାମ ଅର୍ଜୁନଙ୍କୁ ଡାକି କହିଲେ, “ବତ୍ସ ତୁମେ କ୍ଷମା କର ମୋର କଲ ଦୋଷ ଯେ ।” ଦୁର୍ଯ୍ୟୋଧନ ଅପମାନ ପାଇ ସ୍ୱପୁରକୁ ଫେରିଗଲେ । ଅର୍ଜୁନ-ସୁଭଦ୍ରା ବିବାହ ସମାରୋହରେ ସମାହିତ ହେଲା । ବିବାହ ପରେ କନ୍ୟାକୁ ଧରି ଅର୍ଜୁନ ସ୍ୱପୁରକୁ ବାହୁଡ଼ିଲେ । (୧୬ଶ ଛାନ୍ଦ)

ତୀବ୍ର ପରେ କର୍ଣ୍ଣାଟରୁ ହେବ । ସୁଭଦ୍ରା-ଅର୍ଜୁନଙ୍କ ସୁଖମୟ ପ୍ରେମଜୀବନ । (୧୭ଶ ଛାନ୍ଦ)

ଚକଡକକ ଛନ୍ଦ—

ସୁଭଦ୍ରା ପରିଣୟରେ କବି ଅନେକ ରମଣୀୟ ଛନ୍ଦ ପ୍ରୟୋଗ କରିଅଛନ୍ତି । ସେଗୁଡ଼ିକ କବିତ୍ୱପୂର୍ଣ୍ଣ ହୋଇଥିବାରୁ ସହୃଦୟ ପାଠକମାନଙ୍କର ଅତି ଆଦରଣୀୟ ହୋଇ ପାରନ୍ତି ।

(୧) ତାହାଙ୍କ ଦନ୍ତ ପଙ୍କ୍ତିଙ୍କ ସମଶିରି ଧାରୀ ହୋଇ ହୀରାମାନ,
ସ୍ଫଟିକ ଲୁଚିଣ ଯାଇ ଅବରୋଧେ ବନ୍ଦୀ ହେଲେ ମୁକତାଙ୍କ ।
ଶମବସ୍ତୁହୀ କଣ୍ଠରେ ଭପଟ କଣ୍ଠଲଳ ଲକ୍ଷ୍ମାଞ୍ଜଳି,
ଯଦି ପରକାଶ ବଚନମାନଙ୍କ ଭବ ଭାଷିଲ ସେ ଛଳି ।
ସିନ୍ଦୂର ଟିକା ଟେକିକି ପଞ୍ଚ ନାସା ଖଣ୍ଡା କହିବାର ହେବେ,
ଗାରିବାରେ ଶୁଣି ସୁନ୍ଦପରକ ମଣିକ ଏକତ୍ର ହୋଇଲେ ।
ଉତ୍ତମରେ କାନ୍ତିଧାର୍ଣ୍ଣ ଏହାଙ୍କୁ ନାସିକ ହୋଇଲନ୍ତି ବୁଧ,
ମଣି ଭଙ୍ଗୁରିକି କପଟ ନବକ୍ଷ ମୋ ମନ ହୋଇଲା ବୋଧ ।
ବେଣୀ ଶ୍ରେଣୀ ହୋଇବେକ ନାସିକଟି ବେଦୁ ଦୁବେଧ ଜଗତେ ନେଇ ଥାଇ,
ମେଚକ ଲାଗି ଭି ଚେନ ସେ ତଣ୍ଡୁଷ୍ଟ କମ୍ପଦନ ଲୁଚଇ ।
ସଙ୍ଗତ ଦୃଷ୍ଟି ଘାତ କରେ ତହିଁରେ ଫାଟିଲେ ଲୁଟି ହେଲେ ଚୂତ,
ସ୍ପର୍ଶ କରି ନ୍ୟାୟ ଅନୁର୍ବରପୂର୍ଣ୍ଣ ସେତେକ ସେହିନ ଗୀତ ।
ସୁବର୍ଣ୍ଣ ବୃଷ୍ଟି ଦର୍ପଣେ ବ୍ୟମ୍ନିଙ୍କୁ ତୋଳ ବଢେନ୍ତି ଅଧର,
ପ୍ରକାଶ ଦେଖିଲେ ବଞ୍ଚାଇ ତାମ୍ବୁଲ ଭଳେ ପକାଇ ଅଧର ।
ସମୁଦାୟକ ଏହି ଚେଜନା ଛଳରେ ରସିଅଛି ପାଲଣ୍ଡରେ,
ସମଙ୍କୁ ବଣ୍ଟିବୁ ତୁଲ କଣ୍ଠ ଏଣୁ ହୋଇବା ଅରେ । ୧୮-୨୧ ।
(୨ୟ ଛାନ୍ଦ)

(୨) ଶାରପାଳକ୍ଷା ସୁମୁଖ ନାହିଁ ଅଙ୍ଗେ ସଙ୍ଗୀ ହୋଇ ସୁନ୍ଦରବର,
ସୁଲୁଚ ଲୁକାଇ ଦେଶ ଏମନ୍ତ, ସୁଧାକରଣ ତାର ମଧ୍ୟେ ସ୍ଥିତ ସେ
ଅଣାଣ ଏ ଦ୍ୱିତେ ଧରି ସେ,
ଏକାଠି ଶିଙ୍ଗଠ ମସ୍ତକେ ମଣିକ ଏକ ଭୁଜଙ୍ଗୀ ଅସି ଯେ । ୨୧ ।
( ୬ଷ ଛାନ୍ଦ )

(ଙ) ସଂଭୃତ ଦ୍ରବ୍ୟ ପୀରଣ ଖଂଖାରେ ତର୍ଣ୍ଣି ଯାହା ତହିଁ ଦେଖଇ,
ସ୍ୱର୍ଣ୍ଣ-ଶମ୍ଭଲି ଧନକେ ସେ ଏଥିର ସେତୁ ଜନ ସିନା ଲଭଇ ।
ସୁଞ୍ଜି ଉର୍ବିକେ, ସାମନ୍ତ ହ୍ରାସ୍ୱ ସେ ଶୋଷଇ ।
ସେୱହାନୁବଳେ ପର୍ଶ୍ୱ ଦେବ ବଳାଣ ଆଜ ଧନ୍ୟ ବାଣୀ ଶୁଭଇ । ୨୭ ।

ଶୁଣିଲି ଏ ଗୀତ ଦେହୁଥିଲି ଶଣ୍ଡ ଦୁଷ୍ଟବେ ଏକାନ୍ତ ସ୍ଥଳ ସେ
ସେ ପୁତ ଖଗ ଜନ୍ମାନ୍ତ ମନମାନ ଫଟାଇଲି କୁତୂହଳରେ ।
ତ୍ରୁଷାରେ ନେତ୍ରେ, ସ୍ପର୍ଶ ପ୍ରେମ-ଜଳ ସେ
ଶୀଘ୍ର ପକାଇ ଅଙ୍କେ ଅଧରରେ ଘୁମନଗରି ଆଲେଖେ । ୨୮ ।
(୧୦ମ ଛାନ୍ଦ)

ମାନବିକତା—

ସ୍ୱାଧୀନତା ଓ ପରାଧୀନତା ବ୍ୟକ୍ତିର ଜୀବନକୁ ବିଶେଷ ଭାବରେ ପ୍ରଭାବିତ କରିଥାଏ । କବି ନିଜେ ରାଜକୁଟୁମ୍ବରେ ଜନ୍ମ ଗ୍ରହଣ କରି କେତେକ କାଳ ଆର୍ଥିକ ଦୁର୍ଗତି ଭିତରେ କାଳ କଟାଇଥିଲେ ମଧ୍ୟ ସାମନ୍ତ-ସେବକର ସମ୍ପର୍କ ସମ୍ବନ୍ଧରେ ବିଶେଷ ଭାବରେ ସଚେତନ ଥିଲେ । ଯୁବତ ପିତା-ପିତାମହଙ୍କ ରାଜତ୍ୱ କାଳରେ ଶତଶତ ସେବକ ତାଙ୍କର ପରିଚର୍ଯ୍ୟାରେ ନିଯୁକ୍ତ ହୋଇ ତାଙ୍କର ଜୀବନକୁ ସୁଖମୟ ଓ ଆଡ଼ମ୍ବରପୂର୍ଣ୍ଣ କରିବା ପାଇଁ ସର୍ବଦା ଚେଷ୍ଟା କରିଥିବେ; ଅନ୍ୟାନ୍ୟ ଅନୁପ୍ରଭୁଙ୍କ ସେ ସେବକମାନଙ୍କ ସେବା ଦେଖିଥିବେ । ଏହା ଭିତରେ ତାଙ୍କର ରାଜନୈତିକ ଓ ଆର୍ଥିକ ଜୀବନର ଦୁର୍ଗତି ହୋଇଥିଲେ ମଧ୍ୟ ସେ ସେ ସେବକ-ସେବାରୁ ଏକାବେଳକେ ବଞ୍ଚିତ ହୋଇଥିଲେ ଏହା କଳ୍ପନା କରି ହେଉନାହିଁ । ସେବକର ସେବା ଭିତରେ ସେବକର ଯେଉଁ ମର୍ମବେଦନା ଲୁଚି ଥାଏ କବି ତାହାକୁ ସୁ ବିଚାର ଗୁଣ ବସ୍ତୁବନ୍ଧୁଙ୍କ ବଳରେ ଭୁକ୍ତଭୋଗୀ ଭଳି ପାରିଛନ୍ତି ଏବଂ ସୁ ମନୋଭାବ ଶୁଦ୍ଧ ଓ ଉତ୍ତମ ଭାବରେ ଦୈନନ୍ଦିନ ବେଳେ ସେବକ ସୁ ପ୍ରିୟାଠାରୁ ବିଦାୟ ନେବା ବେଳର ହୃଦୟବିଦାରକ ବେଦନାକୁ ପ୍ରେମିକ ସେବକ ମୁଖରେ ବ୍ୟକ୍ତ କରିଛନ୍ତି—

ସବୁ ପାଶୋରାକୁ ଶୁଣି ବୋଲେ ବେନି ରସିକ
ସେବକ ହୋଇଲୁ ଜନ ମାନଙ୍କ ଅଧିକ ।
ସ୍ୱ ଅଙ୍ଗୁଷ୍ଠ କଚ୍ଛ ଥିଲେ, ସଙ୍ଗର ତରୁଣୀ କେଳିକଳ ତରୁଣ ଯାକେ । ୮ ।

(୧୩ଶ ଛାନ୍ଦ)

ପ୍ରେମିକ ପ୍ରେମିକାଙ୍କ ପ୍ରୀତି—

ନବଦମ୍ପତ୍ତି ସୁଭଦ୍ରା ଓ ଅର୍ଜୁନଙ୍କ ପ୍ରୀତି ନାୟକ ନାୟିକାଙ୍କ ଆଦର୍ଶ ହୋଇ ରହିଥିବ । ସମାନ ପ୍ରୀତି, ଦୃଢ଼ାବଶ୍ୟ ମିଳନ, ସମସୌନ୍ଦର୍ଯ୍ୟ ଏହି ଦୁଇ-ଜଣଙ୍କ ଦାମ୍ପତ୍ୟ ଅଭେଦ ଜୀବନର କାରଣ । କବି ଶଙ୍କର ଅତୁଳନୀୟ କବିତାଶକ୍ତି ବଳରେ ଏହି ପ୍ରସଙ୍ଗକୁ ଚମତ୍କାର ଭାବରେ ରୂପ ଦେଇଛନ୍ତି ।

ଦୁରନ୍ତ ସୃଷ୍ଟି କରି ତୋହିକେତୁ, ସୁରଭିତ କରି ଆନନ୍ଦ ବହି ।
ସମାନ ପ୍ରୀତିରେ ଦୁହିଙ୍କି ଦୁହେଁ, ସଂଯୋଗ ଏକାନ୍ତ ହେବାକୁ ଦେବେ ।
ସେ ଲୁଦ୍ଧିଇ ବାରି, ସମୁଦ୍ର ଶରୀରେ ମିଳିଲ ଯେସି । ୧୫ ।

ସୁନ୍ଦରୀଙ୍କୁ ଇଚ୍ଛୁ ଦଦୁତେଣି ସେନ, ସୁରସ କାନ୍ତ ଦଲେ ଥାଇ ଅ.ନ ।
ସେ ହେମନ୍ତ ଭୂଙ୍ଗଶ୍ରେଣୀ ନିବାଳି, ଶାକର ଶାନ୍ତ ହୋଇ ମୋହେ ଚଷି ।
ସେପରି ହୋଇ, ପୁଷ୍କୁଞ୍ଜ ମନ ସ୍ୱଭାବେ ମୋହି । ୧୬ ।

ସୁନ୍ଦର ଚନ୍ଦ୍ରିରେ ଯଦୁ ସୁପୁତ୍ରେଣି, ଦୃଢ଼ମନ୍ତ୍ର ମୋହେ ଅଙ୍ଗ ଆଇ ରହେ ।
ସର୍ବ ଲିବଣୀ ଦାୟୀ ଦୃଢ଼ ଥାଇ, ସେ ଦ୍ରବ୍ୟ ଯଥା ଅଧିକ ପ୍ରମୋଦ ।
ସେ ପ୍ରକାରେ ହୋଇ, ସଦନ୍ତ କଲେ ସେ ଦୁହିଙ୍କି ବୁଲି । ୧୭ ।

(୧୭ଶ ଛାନ୍ଦ)

କବି ସ୍ୱଭାବେ ରସିକ ଥିବାରୁ ନବ ନବ ରୂପରେ ପାଠକଙ୍କୁ ମୋହିତ କରିବାରେ ସମର୍ଥ ହୋଇଥିଲେ । ରସିକ ହୃଦୟର 'ଭାବ' ହିଁ ଏହାର ପ୍ରଧାନ ପ୍ରେରଣା ।

ପ୍ରକୃତିଚିତ୍ରଣ—

ସୁଭଦ୍ରା ପରିଣୟରେ ଉପେନ୍ଦ୍ର ପ୍ରକୃତିଚିତ୍ରରେ ବହୁତ ସଂଯୋଜନ କରି ନାହାନ୍ତି । କଥାବସ୍ତୁ ପୌରାଣିକ ହେତୁରୁ ବାସ୍ତବଚିତ୍ରର ବର୍ଣ୍ଣନା ଦେବା–ପାଇଁ କବି ବିଶେଷ ଅବସର ପାଇ ନାହାନ୍ତି ।

ଚୈତ୍ର ପବନ ବର୍ଣ୍ଣନାରେ କବି କଳ୍ପନା ଶକ୍ତିକୁ ଆଶ୍ରୟ କରିଥିବା ସ୍ୱାଭାବିକ; ଏଥିରେ ସେ ଅନେକ ସ୍ଥାନରେ ନବ୍ୟ ଉପମାର ଅବତାରଣା କରିଛନ୍ତି ।

ହତ ଅବଳମ୍ବନତାର ପ୍ରାଣ ଶୋଷି ପାଉଛି,
ହୃଦୁଙ୍କ କଠିନ ଦୁର୍ଲଭ ଜନଗଣ ବହୁଛି ।୩।
ସନ୍ତପ୍ତ ସନ୍ଧ୍ୟା ମର୍ଜନଣୀ ପ୍ରକାଶେ ଶୋଭି,
ସନ୍ତୁଷ୍ଟ ହସ୍ତ କୋମଳ ଦୁଃଖ ଦେଖିଣ ଲୋଡ଼ି ।୪।

(୫ମ ଛନ୍ଦ)

ବୃକ୍ଷକୁ ଅବଳମ୍ବନତାର ପ୍ରାଣ, ଲୋକଭବର୍ଣ୍ଣ ସ୍ତ୍ରୀ ବୋଲି କହିଛନ୍ତି । ଏ ଶୃଙ୍ଗାରୁ ବହୁ ଗର୍ବର ବଖାଣିଛନ୍ତି; କରି ଏହାକୁ ସ୍ତ୍ରୀ ଚେଷ୍ଟା ସହିତ ସମାନ କରିଛନ୍ତି । ସେମାନଙ୍କ ଜଳ ଘୁଞ୍ଚିଥିବା ଭଳି କ୍ରୀଡ଼ାର କ୍ରୀଡ଼ା ବର୍ଣ୍ଣନା କରିଛନ୍ତି । ନଗର କୁଞ୍ଜଲତାଦିର ବର୍ଣ୍ଣନାରେ କବି "ସ୍ଫୁଟମାନ ଶ୍ଳେଷ ଅନୁପ୍ରାସ" ଅଳଙ୍କାର ବ୍ୟବହାର କରି ସୁନ୍ଦର ରସ ପ୍ରଦାନ କରିବା ସଙ୍ଗେ ସଙ୍ଗେ ଅପୂର୍ବ କଳ୍ପନା ଶକ୍ତି ଓ ପାଣ୍ଡିତ୍ୟର ପରିଚୟ ଦେଇଛନ୍ତି ।

ନିର୍ଜୀବ ପ୍ରକୃତିକୁ କବି ଜନମାନଙ୍କ ସଂସ୍ପର୍ଶରେ ଆଣି ତାକୁ ସଜୀବ କରି ଦେଇଛନ୍ତି ।

ଶ୍ରମକୁ ଭୁରିକ୍ତ ବିଶ୍ରାମ କରି ଜବ ମାତର
ସୁରସୁତ ସେନ୍ଦୁଠାବରେ ଜଗେ ମାଧ ମହାର ।୫।

× × ×

ଶବର ଶବରୀମାନେ ହେଯ ବିନଶନ୍ତି ସାନୁରେ
ତୃଣାଦିକ ଅତି ସମୀପେ ଉଭେ ଦୀପ ସ୍ୱଭାବେ । ୯ ।

ଶୀକରେ ତାଙ୍କର ଶୃଙ୍ଗରେ ଦେଖିଲା କନ୍ଦରକରେ
ଶଶାଙ୍କ ଧ୍ୱଜ ଶୃଙ୍ଗକୁ ଆଲିଙ୍ଗନ୍ତି ସ୍ୱଜନରେ । ୧୦ ।

ସିଂହବିଦାରଣ ବାରଣ କୁମ୍ଭ ପତନ ଛାଡ଼ି
ସାଉଁଟିଲି ପଦ୍ମବଦାଗ୍ର ମୁକ୍ତା ବିକନ୍ତି ଦେଇ । ୧୧ ।

ସଂଗ୍ରାମରେ କରି କଣ୍ଠର ଦନ୍ତ ଛିଣ୍ଡି ପତନ
ଦେହେ ଧୋଇ ଉଡ଼ୁଥିବା ଗଙ୍ଗରେ ତା ବୁଝନ୍ତି ଲୋଚନ । ୧୨ ।

ସମସ୍ତ ହିମସ୍ତୁ ଭାଳରେ ଶିଖୀ ତମାଳ ବୃକ୍ଷ
ଶୁଣିଲେ ଚକୋରଜନ୍ମନ ତଥ ବିକ୍ଷେପ ହୋଇ । ୧୩ ।

ବୃକ୍ଷରୁ କଟିବ ଦ୍ରାକ୍ଷା ବୃକ୍ଷ ତଳରେ ଥିବା ସ୍ଫଟିକ ପଥର ଉପରେ ପଡ଼ିବାରୁ ଶ୍ୱାପଦ ଓ ଶିକାରୀ ଜନ୍ତୁମାନେ ଲୋଭରେ ଦେଉଁ ଛାଇକୁ ମାଡ଼ି ବସନ୍ତି । ସୁନ୍ଦର କଳ୍ପନା ପଣ୍ଡିତ ବି ରମଣୀୟ କରି ଦେଇଛନ୍ତି । ଏହି ପର୍ବତ ସ୍ଫଟିକର ପରମାଣରେ ଉଜ୍ଜ୍ୱଳତା ପ୍ରକାଶ କରିବା ପାଇଁ କବି ଏ ସୁନ୍ଦର କଳ୍ପନା କରିଛନ୍ତି ।

ସ୍ଫଟିକ ଶିଳାରେ ଚନ୍ଦ୍ର ଦେଖି ବିମ୍ବ ଯାହାଙ୍କ
ଶ୍ୱାପଦେ ଅଶନ ଲୋଭରେ ମାଡ଼ି ବସନ୍ତି ତେଉଁ । ୧୪ ।

( ୫ମ ଗ୍ରନ୍ଥ )

ଜଳାଶୟପାଶରେ ଅବସ୍ଥିତ, ଜଳର ସ୍ୱଚ୍ଛତା ସହିତ ଏହି ସ୍ୱର୍ଣ୍ଣଚ୍ଛଟା, ଦର୍ପଣ ଓ ଅମୃତର ତୁଳନା କରିଛନ୍ତି । ଏହି ବର୍ଣ୍ଣନାରେ କୃତ୍ସ୍ନତା ଓ ଶୀତଳତା, ହଂସର କେଳି ସହିତ ନାଦ, ମାନସରୋବର, ବନ୍ଧୁଙ୍କ ଦାମ୍ପନ ହଂସର ତୁଳନା କରି ବର୍ଣ୍ଣନାର ଜୀବନ୍ତ ଚାହିଁକି ପ୍ରଦାନ କରିଛନ୍ତି । ପ୍ରକୃତରେ ଶୁଭ୍ରଶୁନ୍ଦରେ ଏହା ସ୍ୱର୍ଗର ପରମ ରମଣୀୟ ଇନ୍ଦ୍ରଙ୍କ ବିହାରସ୍ଥଳ ଦିବ୍ୟ ଉପବନ ନନ୍ଦନକାନନ ସଦୃଶ ତୁଳନୀୟ ହେବା ଯୋଗ୍ୟ ହୋଇଥିବାରୁ ଏହାର ନାମ ନନ୍ଦନକାନନ ହୋଇଛି ।

ସ୍ୱଚ୍ଛ ପାଣି ହୋଇ ସୁଧାଂଶୁ ବଢ଼େ ଉର୍ଦ୍ଧ୍ୱରମ୍ୟକ
ଦୁର୍ଗ୍ଗା ତେଜ ଦେବତାଏ ଆସି କରନ୍ତି ସ୍ନାନ । ୧୫ ।

ସେ ଜଳ ଅନ୍ତର ଛଡ଼ାଇଛୁ ଦର୍ପଣ ସମ
ସୁବେଦ ହୀର ମିତ୍ର ହୋଇଛୁ ଯାହା ସଙ୍ଗେ ଅମୃତ । ୧୬ ।

ସୁଧାଂଶୁ ଶୀତ ସୁତେର ଚନ୍ଦ୍ର ପ୍ରକାର ଦୀପ
ସୁକୃତି ପଟରେ କୁମୁଦ ସଜିଣ ବନ୍ଧୁତା କରି । ୧୭ ।

ସାରସ ଚେକ ଚରନ୍ତି, କୁହ୍ଲାଦନ ହଂସେ
ସଂକଳ୍ପନା କରନ୍ତି ସେ ମାନସକୁ ମାନସେ । ୧୮ ।

(୫ମ ଛାନ୍ଦ)

ପୁଣି ବନର ଅଦ୍ଭୁତ ଅବିଚ୍ଛିନ୍ନ ଶୋଭା କଳ୍ପନା କରିଛନ୍ତି । ବନର ସୁମନ-ସମ୍ପତ୍ତି ଏହି ଶୋଭା ।

ସୁରଭୁରସଷ ଆରମ ଶୋଭନକୁ ସେ ବନ
ସୁମନ-ସମ୍ପଦେ କରିଛୁ ହାସକୁ ଅବିଚ୍ଛିନ୍ନ । ୨୧ ।

ଏଠାରେ ନାନା ବୃକ୍ଷ, ପଶୁ, ପକ୍ଷୀ ଦେଖିତ ବିବିଧ ପ୍ରକାର ତୁଳନା ଓ କଳ୍ପନା ଅତି ଚମତ୍କାର ହୋଇଛି । ଜମକ ଓ ଶ୍ଳେଷର ପ୍ରୟୋଗରେ ବର୍ଣ୍ଣନା ଧ୍ୱନିତ ହୋଇଛି ।

ଆଦ୍ୟଯମକ—ସୁରଙ୍ଗ ସୁରଙ୍ଗ ଆଶ୍ରିତ ପକ୍ଷୀ ନାଗକେଶଲତା
ସୁନାସ୍ତି, ସୁନାସ୍ତି ପତ୍ରରେ ଧବ ଅଗ୍ରତେ ଗ୍ରଥିତା । ୨୩ ।

ଏହି ବର୍ଣ୍ଣନରେ କବି ଲତା, ପୁଷ୍ପ, ବୃକ୍ଷ, ପଶୁ, ପକ୍ଷୀଙ୍କ ସୁନ୍ଦର ଉପମାଦ୍ୱାରା ତଉଣ କରିଛନ୍ତି । ନିମ୍ନଲିଖିତ ବୃକ୍ଷ, ପୁଷ୍ପ, ପଶୁ ଓ ପକ୍ଷୀଙ୍କର ନାମ କବି ତାଙ୍କର କାବ୍ୟରେ ବ୍ୟବହାର କରିଛନ୍ତି :—

ଅଶ୍ୱତ୍ଥ, ତୁଳସୀ, ଧବ, ଶାଳ, ଅଠ, ଶତାଙ୍ଗ, ପଣସ, ଆମ୍ବ, ବକୁଳ, ପୁନାଗ, ମଲ୍ଲୀ, ଶେଫାଳିକା, କୋବିଦାର, କଳ୍ପକ, ଜମ୍ବୁ, ମଲ୍ଲିକାଗୁଚ୍ଛ, କଦଳୀ, ବାଇଶ ।

ଚମ୍ପା, ନାଗେଶ୍ୱର, କିଆରି, ଅଶୋକ, ସିନ୍ଦୁବାର, ମୁଚୁକୁନ୍ଦ, ମାଳତୀ, କଦମ୍ବ, ପଲାଶ, କଞ୍ଚନ, ଦୋଣକରଣ୍ଟା ପ୍ରଭୃତି ।

ଖଞ୍ଜନ, ଚକ୍ରବାକ, ଭ୍ରମର, ଭଦଭଦଳିଆ, ମୟୂର, ଶୁଆ, କୁକୁଡ଼ା, ହଂସ ପ୍ରଭୃତି ।

ଗଣ୍ଡା, ହସ୍ତୀ, ବ୍ୟାଘ୍ର, ମାର୍ଜ୍ଜାର ପ୍ରଭୃତି ।

ବନ ସମ୍ପଦ ସୌନ୍ଦର୍ଯ୍ୟମାନଙ୍କର ରଚନା ସହିତ ଲେଖକଙ୍କ ମଧ୍ୟ ସୁନ୍ଦର କଳ୍ପନା ପ୍ରକାଶ ପାଇଛି ।

ସମସ୍ତ ହୋଇଛି ପୋଷ୍ୟ ଦେଖି ଉଦ୍ୟାନ ସ୍ତବକ,
ମଞ୍ଜରୀ ଚମ୍ପକାସମନ ଦାଡ଼ିମ୍ବଶ୍ରେଣୀ କଦମ୍ବ । ୪୬ ।
ଜମ୍ବୁ ହେଜ ଜମ୍ବୁ କଦଳୀ ଲକ୍ଷ୍ମୀ ପ୍ରକାଶମାନ,
ସମ୍ପଦ ପଣସ ଧନୁ ପାଦ ଶାଖାରେ ଶୋଭନ । ୪୭ ।

ଏ ରମଣୀୟ କାନନ ଭିତରେ ଶବର ଜାତିର କଳ୍ପନା ଅତି ସାର୍ଥକ ହୋଇଛି । ଏମାନଙ୍କୁ ଚକ୍ଷୁରେ ଦେଖିବାକୁ ସମର୍ଥ ହୋଇଥିଲେ । ଅନୁଶୀଳନ ଯେତେବେଳେ କରି ସମାଜର ସେତେବେଳେ ସମାଜର ଚିତ୍ର ଅଙ୍କନ କରିଛନ୍ତି ।

ସମସ୍ତ ମନ ଲୋଭେ କଲା ଅଛି ଶବର ଭଣ୍ଡି
ସୁଧାର ଯୋଗାଣ ବିହଙ୍ଗ ଦ୍ରବ୍ୟ ଗ୍ରାମ ବସାଇ । ୫୦ ।
ଶନ୍ଦ୍ୟାବୀଥ ଦେଖିଲେ ଶାର୍ଦ୍ଦୂଳ ମୃଗ ଅଶ୍ୱମ ବୃତ୍ତି
ସାଧୁଙ୍କୁ ସାର ଚଉପା କରି ନାସ୍ତି ନୃପତି । ୫୧ ।
ପୂର୍ବମୀ ଗୁହକେ ଯେଉଁଠାରେ ଗଣ୍ଡାପାଳୀ ଅନ୍ତରୀ
ସାମନ୍ତନନ୍ଦନ ଜଙ୍ଗଲ ନେଇଲେ ଦର୍ଶନ କରି । ୫୨ ।
ସାରଙ୍ଗପାଣିକି ବଣିକେ ନେଇ ହୋଇ କରିଲେ
ସହସ୍ର ତନ୍ତୁବାୟୁବେଶ ଭୋଗାକାର କଲେ । ୫୩ ।

ସଞ୍ଚାର କଲେ ସୁରେସ୍ମଗ୍ର ତହିଁ ବ୍ୟାଘ୍ର-ଭଲ୍ଲୁକ
ସଲମଂଶ ହୋଇ ନଶିଲେ ପକ୍ଷପକ୍ଷୀ ସମାଜ । ୫୪ ।

ଗୁଲୁଦମ ଜଟେ କାଶିଲେ ମୁଣ୍ଡେ ଶିଳିବନ୍ଧ
ସ୍ତବ୍ଧ ହୋଇ ଦେଖେ ନୃପଙ୍କ ସୈନ୍ୟଗଣର ବୃନ୍ଦ । ୫୫ ।

ଶଯ୍ୟା ଅଠଶସ୍ୟ ହୋଇଲା ଶୁଭ ସ୍ୱରନ୍ତ ମନ
ସୁଖେ ତାଙ୍କ ସଙ୍ଗେ ରହିଲେ ବୈଦେହୀ ସୁନ୍ଦର ଧନ । ୫୬ ।

(୫୨ ଛାନ୍ଦ)

ବନ ଓ ବନବାସୀ ମନୁଷ୍ୟ, ପଶୁ ଓ ପକ୍ଷୀଙ୍କ ସମ୍ପର୍କରେ ଏକ ସ୍ୱାଭାବିକ ଚିତ୍ର କବି ପ୍ରଦାନ କରିଅଛନ୍ତି । ବନବାସୀମାନଙ୍କ ସରଳ, ନିଷ୍ପୃହ, ସନ୍ତୋଷୋଜ୍ଜ୍ୱଳ ଅନୁକୂଳ ଜୀବନର ଚିତ୍ର ପ୍ରଦାନ କରିବା ସଙ୍ଗେ ସଙ୍ଗେ ସେମାନଙ୍କର ଶିଳ୍ପବାଣିଜ୍ୟ ଓ କଳାନିପୁଣତାର ପରିଚୟ ମଧ୍ୟ ଦେଇଛନ୍ତି । ନାଗରିକମାନଙ୍କ ପକ୍ଷେ ଆଦିବାସୀମାନଙ୍କ ହାଟର 'ଅମୂଲ୍ୟ' ପଦାର୍ଥର ମୂଲ୍ୟ 'ଅଠଶସ୍ୟ ଶଯ୍ୟା' ଥିବାରୁ ସେମାନେ 'ସ୍ୱରନ୍ତ ମନ'ରେ ଦ୍ରବ୍ୟ ଦାନ କଲେ । ନାଗରିକମାନଙ୍କୁ ଦେଖି ସେମାନଙ୍କୁ ଦ୍ରବ୍ୟ ଦେଇ କଣ୍ଠ ଉଦର-ପୋଷଣାର୍ଥ କିଛି ଅର୍ଥ ସଂଗ୍ରହ କରିବା ମାନସରେ ବନବାସୀ ଶବର 'ହାଟ' ବସାଇ ଥିବା ଘଟ ବର୍ତ୍ତମାନ ଦୃଷ୍ଟ ଚିତ୍ରିତ ଅଛି । ଏହି ହାଟ ସେ 'ସମସ୍ତଙ୍କ ମନ ମୋହି' ଭରିଥିଲା, ଏହା ଅବଶ୍ୟ ଶବରର ଚାତୁରୀ ଓ ପଣ୍ୟଦ୍ରବ୍ୟର ମର୍ଯ୍ୟାଦା ଯୋଗୁଁ ସମ୍ଭବ ହୋଇଥିଲା ।

ଭଞ୍ଜ ବନ-ସୃଷ୍ଟିର ସୁଷମାଭାରର କେତେ ମୁଗ୍ଧ ଦାସ ଥିବାରୁ କାର୍ଯ୍ୟାନ୍ତରରେ ବନ ଓ ବନବାସୀମାନଙ୍କ ସହିତ ଘନିଷ୍ଠ ସମ୍ପର୍କରେ ଆସିଥିଲେ । ତାଙ୍କ ଅଭିଜ୍ଞତା ଏହି ଛାନ୍ଦରେ ପ୍ରକାଶ ପାଇଥିବା ସମ୍ଭବ । ଛନ୍ଦର ବାସ୍ତବତା ଓ ରମଣୀୟତା ଏହାର ସୂଚନା ଦେଉଛି ।

'ସୁଭଦ୍ରାହରଣ'ରେ ଋତୁବର୍ଣ୍ଣନା ବିଶେଷ ସ୍ଥାନ ଅଧିକାର କରିଅଛି । ଗ୍ରୀଷ୍ମ ଋତୁରେ ବର୍ଷା, ଶୀତ, ବସନ୍ତାଦିର ସହିତ ବର୍ଣ୍ଣନା ଦେଖିବାକୁ ଅଛି ।

୧୪ଶ ସ୍ଥଳରେ ଗାଁଙ୍କରୁ ବର୍ଣ୍ଣିତ ସୁଭଦ୍ରାଙ୍କ ସରୋବର ସ୍ନାନ ପ୍ରସଙ୍ଗରେ ପ୍ରଦତ୍ତ ହୋଇଛି । ଏଥିରେ କଳ୍ପନାର ବିଳାସ ବେଶି ନାହିଁ । କେବଳ ତଥ୍ୟମୂଳକ ହୋଇଅଛି ।

× × ଗାଧୁଆର ଋତୁ ତଦ ପରକାଶ ନବନେ ଯଦେ ହେଜ୍ଞ ଗାତ୍ରଣେ ।୧।
ତେସ୍ନ ଶ୍ୟାମଳ ସ୍ତନ୍ଙ୍କ ମନ ହଂସା ଅତି ଶକ୍ତରେ ଦୂର ହୋଇ,
ଶୋଭିଲେ ଯାଁଙ୍ଗସ୍ତ୍ରା ତେନେ କୁଞ୍ଜର ମସ୍ତକରୁ ତନେ ଅଙ୍ଗ । × ×
( ଭାରତୀୟ ୬୫ ପଦ ପର୍ଯ୍ୟନ୍ତ )

ରୂପବର୍ଣ୍ଣନା: ସଖୀମାନଙ୍କ ଶୋଭା—

ଏକାଧିକ ସ୍ଥାନରେ କବି ନାୟିକା ସଖୀମାନଙ୍କ ଶୋଭା ବର୍ଣ୍ଣନା କରିଛନ୍ତି । ଅଯୁତଶ୍ରୀ ଯୋଗେଶ୍ୱରଦେବୀଙ୍କ ସଖୀମାନଙ୍କ ଶୋଭାକୁ ଦୃଷ୍ଟି ମୋହିତ ହେବା ପ୍ରସଙ୍ଗରେ କବି ଶାସ୍ତ୍ରସମ୍ମତ ଋତୁ ଉପମା କାଳର ଶୋଭାରେ ବ୍ୟବହାର କରିଛନ୍ତି ଏବଂ ସଂକ୍ଷେପରେ ଶୋଭାକୁ ଆଦର୍ଶସ୍ଥାନୀୟ କରିଛନ୍ତି । ସଖୀମାନଙ୍କ ସୁନ୍ଦର ବର୍ଣ୍ଣନାରେ କଳ୍ପନାବିଳାସର ଅବକାଶ ରହିଁ ନାହିଁ ।

ଅନୁପ୍ରାସର ବ୍ୟବହାର ଯୋଗୁଁ ପଦବିନ୍ୟାସ ଅତି ରମଣୀୟ ହୋଇଛି ।

ସଖୀମାନଙ୍କୁ ଏଣ୍ଟପେ ଭଙ୍ଗି, ଅପୂର୍ବ ବୃଦ୍ଧି ହୋଇଲା ମୋହ,
ଯାଇଲୁ ସ୍ୱର୍ଗେ ନ ଥିଲା କାହିଁ ମୋହିତ ଦୃଷ୍ଟି ସେ,
ସମ୍ପୂର୍ଣ୍ଣ ଶୋଭିତା ସୁକେଶୀ, ବିକାଶ ଭାଷ ମଧୁର-ହାସୀ
ଜନମାନସ ମୋହନ ପାଣି, ରମଣୀମଣି ସେ,
ସରସିଜ ଦର୍ପଣ ଚନ୍ଦ୍ର ବଦନା ଯେ ସୁନ୍ଦରକ ଜନକ କୁନ୍ଦରଦନା ସେ
ସିନ୍ଦୂର ବାଳାରୁଣ ପ୍ରବାଳ ବନ୍ଧୁ ବନ୍ଧୁ ନବ ପ୍ରବାଳ,
କିବା ଶୁଙ୍ଗୁର ଅଧରଛଦନା ସେ । ୨ ।

ଦାନ୍ତ—ସୁବର୍ଣ୍ଣ ତମାଗ୍ରୀ ଲୁଣ୍ଠନ          କେତକୀ କଣା ଘଣ୍ଡି କୁସୁମ
ଚନ୍ଦ୍ରଶ୍ରୀ ହରଭାଳ ପ୍ରଭବ ଦାନ୍ତ ସଦୃଶୀ ସେ ।

କେଶ—ସଜଳ ଜଳଧର କଜ୍ଜଳ          ଭୃଙ୍ଗଦମାଳ କାଳିନ୍ଦୀ ଜଳ
ଚନ୍ଦ୍ରଖଣ୍ଡ ଶ୍ୟାମଳ ଗାଳଙ୍ଗଣି ସୁକେଶୀ ସେ ।

ବାହୁଯୁଗ—ସୁକୋମଳ ପଦ୍ମ ଶ ପଦ୍ମନିବାଶୀ ସେ,
ସୁରକ୍ଷ ବଲ୍ଲଭ ଭୁଜବନ୍ଧାଣୀ ସେ ।

ନୟନ—ଶାରଙ୍ଗ ଶାକକସ୍ତୁ ଖଞ୍ଜନ          କଞ୍ଜନ ବେଭଞ୍ଜ ଗଞ୍ଜନ
ଶଫରୀ ଭଙ୍ଗ ଅଞ୍ଜନ ରଞ୍ଜନଦୃଗଣୀ ସେ ।୨୭। (ବଂଶ ଗ୍ରନ୍ଥ)

ପଦ୍ମିନୀମାନ ଶୋଭାକୁ କବି ସାଧାରଣ ଭାବରେ ଆଦର୍ଶ ଚିତ୍ରଣ କରି କହନ୍ତି—

ସର୍ବଦେଶ ଭାବ୍ୟ ନାଟକାଣ୍ଡ କବି ବର୍ଣ୍ଣି ନ ପାରନ୍ତି ଯାହାଙ୍କୁ
ସେ ଶୋଭା ରତିଙ୍କୁ ରତି ସମ କୋଟେ, ଏମନ୍ତ ବୋଲନ୍ତି ତାହାଙ୍କୁ,
ଶାରଦା, ପିକା ବ୍ୟର୍ଥ କାଙ୍କଣି କାଳକୁ
ସେ ସୁନ୍ଦରୀମଣି ଶିରୋମଣି ଶୁଣି ଅର୍ଣ୍ଣି ଦେବା କେଉଁ ଗୁଣକୁ ।

କବି ତୁଳନା କରିବାକୁ ଅକ୍ଷମ ଥିବା ପ୍ରକାଶ କରି ସେଉଁ ଆଦର୍ଶ ଯୌବନ ସୁନ୍ଦର ରୂପର ବର୍ଣ୍ଣନା କରିଛନ୍ତି ତାହା ସୁସ୍ପଷ୍ଟର ଯଥାର୍ଥତା ପ୍ରତିପାଦନ କରୁଛି । ଦୁର୍ଯ୍ୟୋଧନଙ୍କୁ ସେପ୍ର ଦୂତ 'ରମଣୀୟ ରମଣୀମଣି' ପଦ୍ମିନୀମାନଙ୍କ ଶୋଭା ବର୍ଣ୍ଣନା କରି କହୁଛନ୍ତି—

ସେ ଶ୍ୟାମା କେତ୍ର ଡୋଳା ଦେଖୋ ବଣରେ ସତ ଶାରିଙ୍କ ଶୋଭା ଭଜି
ଫଣୀଙ୍କୁ ନନ୍ଦେହ କବି ବେଣୀର ମୁଖେ କମଳଭ୍ରମ ହସୁନ୍ତି ।
ସେଠାରେ, ଯଦା ଲକ୍ଷ୍ମୀ ଉବାକଣ ।
ସୁଭଳ ରହିତଳ ସ୍ୱର୍ଗ ରମ୍ୟ ସେ ସ୍ତନ ଅଳକାକୁ ଭଜାଯୀ ।୨୮।

ଶରସନକୁ ଗୁଣ ତୂର୍ଣ୍ଣ ବେଣୀ ଅର୍ଦ୍ଧଚନ୍ଦ୍ର ଫଳ ଲଲାଟ
ଶର ଲିଟିଥିଲେ ସଂଶାବ ନଥାନ୍ତା ଭଲ୍ଲ ଧାଡ଼ି ଦନ୍ତ କପଟ !
ଝଙ୍କାର, ହୁଙ୍କାର କାଶରେ କରଇ
ଦେଖୁ କି ଲୀଳା ଯେ ରାଣୀଙ୍କୁ ମଦନ ଆଚରଣ ଚନ୍ଦ୍ର ଲୁହିଲ ।୬୦।

ବୈରିଶରୀରକନକ ଦଳ ଦୋଳଭାବ ଭୁଜଙ୍ଗହସ୍ତରେ ଘାତିତ
ସର୍ପ ଟ ସ୍ୱରଜ ନରକଟୋଳିକ ଛୁଧର ରସକୂଳ ଜାତ ।
ସଞ୍ଚିତ, ଶବଦେହ ଝଙ୍କରମାଳା
ଯେ ଯଥା ସ୍ପର୍ଶିବେ, ଏ ତେବେ ଚାର୍ଣ୍ଣିବେ, ଲକ୍ଷ୍ମୀନ୍ଦ୍ର ଟେକେ ପ୍ରବଳ ।୬୨।
(୧୪ଶ ଛାନ୍ଦ)

ଏ ବର୍ଣ୍ଣନାର ରମଣୀୟତାକୁ ଚମତ୍କାର, ଅମୂଲ୍ୟ ପଦଯୋଜନା ଓ କଳ୍ପନା ଶକ୍ତିଗୁଣରେ ବର୍ଦ୍ଧିତ କରି ଦେଇଛି ।

ପୁନଃ—

ଯୁଦ୍ଧକ୍ଷେତ୍ରରେ ଯୁଦ୍ଧକୁ କବି ବର୍ଷାକାଳ ସଙ୍ଗେ ତୁଳନା କରିଛନ୍ତି ।

ସୈନ୍ୟ ଘନ ଘଟା ଗୁଣ ବରଷା, ଧାଳ ସଦୃଶା ଅତୁଣୀ ଘଣା
କର୍ଦ୍ଦମ ଜାତ ହୋଇଲା ରଣା ଶୀରଶୁଧିର ଯେ ।୨୯।

ସମୀର ଖଡ୍ଗ ମାର୍ଗଣ ଜାତ ଗୁଣ ଟଙ୍କାରେ ଗର୍ଜ୍ଜି ପ୍ରଜିତ
ଲୁଗାଣି ଝଟକବା ଚଞ୍ଚଳ ଧ୍ୱଜ ବକାଳି ଯେ,
ସମୂଳରବ ଯୋଦ୍ଧାମାନଙ୍କ ଭେକ ଡାହୁକ ମୟୂର ଡାକ
କୋଦଣ୍ଡ କୁଣ୍ଡ ଇନ୍ଦ୍ରକାର୍ମୁକ ଅତ୍ୟନ୍ତ ଝଳ ଯେ ।

ଘଟେଯେପରେ ହାଟକ କଲଶ ବୃଷ୍ଟି ଯେ,
ଶତ ଶକ୍ତି ଉର୍ଦ୍ଧ ହୋଇଲେ ବୃଷ୍ଟି ଯେ
ଶାନ୍ତୁକନାଦ ପକ୍ଷୀ ଶବଦ କବନ୍ଧ ନାଟ ଉଭତ ନଦ
ଅବୁଦ ଗରେ ସର୍ବ୍ବ ବେନାଦ ପଶୁ କର୍ଣ୍ଣାଟୀ ଯେ ।୩୦।

ନୂଆ ବର୍ଣ୍ଣନାଟି ଉପଯୁକ୍ତ ଭାବଦ୍ୟୋତକ ଶବ୍ଦାବଳୀର ପ୍ରୟୋଗ ଦ୍ୱାରା ଚମତ୍କୃତ ହୋଇ ପାରିଛି ।

ଶାନ୍ତରସର ଏ ଦୃଶ୍ୟ ଅତି ମର୍ମନ୍ତୁଦ, କରୁଣ ଓ ବୀଭତ୍ସ ହୋଇଛି ।

ବିରହାନୁଭୂତି —

ଏହି କାବ୍ୟଟିରେ ନାୟକନାୟିକାର ବିରହାନୁଭୂତିର ସ୍ଥାନ ନାହିଁ । ଏଥିପାଇଁ କବି ଅବକାଶ ସୃଷ୍ଟି ମଧ୍ୟ କରି ନାହାନ୍ତି ।

କାବ୍ୟଟି ଅଳଙ୍କାରପ୍ରଧାନ ଥିବାରୁ ଏବ ସ୍ଥାନାନ୍ତରର (ଅନ୍ୟ କାବ୍ୟ କବିତାରେ) ଏହା ବିଶେଷ ଭାବେ ବର୍ଣ୍ଣିତ ହୋଇଥିବାରୁ କବି ଏଥିରୁ କ୍ଷାନ୍ତ ହୋଇଥିବା ମନେ ହୁଏ ।

ଭୌଗୋଳିକ —

ନିମନ୍ତ୍ରଣ ପାଇ ଏହି ଦେଶର ରାଜାମାନେ ଦ୍ୱାରିକାରେ ଉପସ୍ଥିତ ହୋଇଥିଲେ:—ସୌରାଷ୍ଟ୍ର, ଲାଟ, ସୌଭଙ୍ଗ, ଭୋଟ, ଅଙ୍ଗ, କଳିଙ୍ଗ, ବଙ୍ଗ, ମର୍ହଟ, ଦ୍ରାବିଡ଼, ଗୌଡ଼, ମଦ୍ର, କର୍ଣ୍ଣାଟ, ମତ୍ସ୍ୟ, କେମଣ, ବିଦେହ, ବିଦର୍ଭ, ବାହ୍ଲିକ, ଶୂରସେନ, ମଗଧ, କାନ୍ୟକୁବ୍ଜ, ସିନ୍ଧୁ, ଉତ୍କଳ, ଚୋଳ, କୁନ୍ତଳ, କେରଳ, କୁଙ୍କଣ, ନେପାଳ, ମାଳବ, ଶୂଦ୍ରଦେଶ, କୋଶଳ, ମଳବାରକ ।

ସଂସ୍କୃତ ମହାଭାରତରେ କଳିଙ୍ଗ, ଉତ୍କଳର ନାମ ଅଛି । ଏହି କାରଣରୁ କବି ଏହି ଦୁଇନାମ ସ୍ୱତନ୍ତ୍ର ଦେଶ ରୂପରେ ଲେଖିଛନ୍ତି । ସେହି ଦେଶର ଭୌଗୋଳିକ ସୀମା ନିର୍ଦ୍ଦେଶ କରାଯାଇ ପାରୁନାହିଁ ।

ନଦୀ—ସିନ୍ଧୁ, କାବେରୀ, ଜାହ୍ନବୀ, ଗୋଦା, ଯମୁନା, ବ୍ରାହ୍ମୀ, ଭବୋଦ୍ଭୂତା, ଗର୍ଗରା, ସରସ୍ୱତୀ, ମେଖଳା, ରେବା, ନର୍ମଦା, ସୁବର୍ଣ୍ଣରେଖା, ଋଷିକୁଲ୍ୟା, ସରଯୂ, ଚନ୍ଦ୍ରଭାଗା, ପ୍ରାଚୀ, କୌଶିକୀ, ସାବିତ୍ରୀ, ବିମଳା, ତୁଙ୍ଗଭଦ୍ରା, ସଦାନୀରା । (୬ଷ୍ଠ ଛାନ୍ଦ)

ଶବ୍ଦ—

'ଦୁର୍ଲ୍ଲଭା ଚଉତିଶ୍ରେ'ରେ ବହୁ ବହୁ ଦେଶଜ, ତଦ୍ଭବ, ଓ ତତ୍ସମ ଶବ୍ଦ ବ୍ୟବହାର କରାଯିବା ଦେଖାଯାଏ । ଏଥିରୁ କେତୋଟି ତଦ୍ଭବ ଦେଶଜ ଶବ୍ଦ—ଗୁଡ଼ା, ଖୋଷା, ଖାଇ, ବେଲ୍ଲଭ, ସାରଣ, ଫେଣ୍ଟ ବେଲ, ଆଣ୍ଟୁ, ଠାବ, ଝୋଟାକାଠି, ଭୁଆଳ, ପେଣ୍ଟଲେ (ପଶିଲେ), ଚଷଣ୍ଡ, ବାଉଳ, ଧାପ, ଝିଙ୍କି, ଖାଣ୍ଟିଲି, ଦୁଆର, ପଇଠ, ଦୁହାଁଲ୍ଲଣ ।

କେତେକ ସାମାଜିକ ରୀତିନୀତି —

(କ) (୧) ସ୍ତ୍ରୀ ଶିକ୍ଷା —ପୌରାଣିକ ଯୁଗରେ ସ୍ତ୍ରୀମାନେ ସଂଗୀତ ବିଦ୍ୟା ଶିକ୍ଷା କରୁଥିବା କଥା କବି କହୁଛନ୍ତି । "ସଂଗୀତ ବିଦ୍ୟା ଅତି ଦେବ ହେଲେହେଁ ଶାରଦା ସ୍ତୁତି କଲେ । ୧୪ । (୨ୟ ଛାନ୍ଦ )

(୨) ପ୍ରଥମ ଯୁବତୀକାଳୀନ ଉତ୍ସବ—

ସାତଦିନ ବାର୍ତ୍ତା କାଉରେ ଉତ୍ପଳ ଯୋଗ ସେ କୁଳ କେଶର । (୨ୟ ଛାଃ)

(୩) ବିଦ୍ୟାଶିକ୍ଷା ସ୍ଥାନ—ଗୁରୁଙ୍କ ମୁଖରୁ ଶିଷ୍ୟମାନେ ପାଠ ଶୁଣି ଘୋଷୁଥିଲେ । ଏଣୁତେ ଗୁରୁ ମୁଖରୁ ଶିଷ୍ୟମାନେ ଘୋଷୁଥାନ୍ତି ଯେଉଁ । ୧୮ । (୪ର୍ଥ ଛାନ୍ଦ )

(୪) ପ୍ରେମିକପ୍ରେମିକା ମିଳନ—ଗ୍ରାମ ଦାଣ୍ଡରେ ବାଟୁଆ ଓ ବାଟୁଆ ସ୍ତ୍ରୀମାନଙ୍କ ଭିତରେ ଭାବ ଯୁଦ୍ଧର ଚିତ୍ର । କବିଙ୍କ ଶ୍ଳୋକରେ ଜଣା ଯାଉଥିବା ବର୍ଣ୍ଣନା କରିଛନ୍ତି ତାହା ସମାଜର ଏକ ବାସ୍ତବ ଚିତ୍ର । ସାଧାରଣ ନାରୀମାନେ ଏଠାରେ ପ୍ରାଧାନ୍ୟ ଲାଭ କରିଛନ୍ତି । (୬ଷ୍ଠ ଛାନ୍ଦ)

(୫) ଯୁଦ୍ଧଯାତ୍ରା ସମୟରେ ସୈନିକମାନଙ୍କ ବିଦାୟ ନେବା ବେଳର କରୁଣ ଚିତ୍ର ଅତି ସୁନ୍ଦର ହୋଇଛି । ସୈନିକମାନଙ୍କ ଭିତରେ ପ୍ରେମିକ ପ୍ରେମିକାଙ୍କୁ ବିଦାୟ ଦେବା ଦୃଶ୍ୟ ପାଠକ ହୃଦୟରେ ସମବେଦନା ଜାଗ୍ରତ କରିବାରେ ସମର୍ଥ ।

(୬) ସୈନ୍ୟମାନଙ୍କ ଭିତରେ ମଦ୍ୟପାୟୀ ଥିବା ଦେଖାଯାଏ । ଏମାନଙ୍କ ବ୍ୟବହାର ପ୍ରକୃତ ଅନୁସାରେ ହୋଇଛି ।

ଦେଖ ସ୍ଥାନେ ମିଳି ମଧୁପିଆଳୀ    ମଦୁଆଙ୍କରେ ଜଳନ୍ତି କେତ
ଧ୍ୱଜଧଙ୍କେ ରଥନ୍ତି ଶାଳି ଧଡ଼ିକ ଭଙ୍ଗ ଯେ । ୧୫ । (୬ଷ୍ଠ ଛାନ୍ଦ)

(୭) ମଙ୍ଗଳ ଉତ୍ସବର ଆରମ୍ଭରେ—ସୁକର୍ମି ଦ୍ୱିଜଙ୍କ ଆଶିଷ, ନାରୀମାନଙ୍କ ଘଣ୍ଟନାଦ, ସୁସ୍ଥଶାନ୍ତିକ ଦ୍ୱିଜଙ୍କ ବେଦପାଠ ପଠନ, ସ୍ୱରୂପା ବେଶ୍ୟା-ମାନଙ୍କର ନୃତ୍ୟଗାନ ପ୍ରଭୃତି ବିଧାନର ପ୍ରଚଳନ ଥିଲା ।

(୮) ବିଧବା ଲକ୍ଷଣ—ସ୍ୱର୍ଣ୍ଣସୂତ୍ର ଖଣ୍ଡି ହେଲା ଦୁର୍ବର୍ଣ୍ଣ ବସ୍ତ୍ର ଯେ, ସୁବର୍ଣ୍ଣ ଶାଢ଼ୀ ନୁହିଲେ । X । ୬୫ । (୬ଷ୍ଠ ଛାନ୍ଦ)

(୯) ଚିତ୍ରାଙ୍କନ—ପ୍ରେମିକ ପ୍ରେମିକାଙ୍କ ଶୟନାଗାରରେ କାମୋଦ୍ଦୀପକ ନାୟିକା ନାୟକ ମିଳନର ସୁନ୍ଦର ଚିତ୍ର ଅଙ୍କନ ହୋଇଥିଲା ।

ସ୍ୱଜନ ହାତ ଶୟନଘର ଚିତ୍ର, ସୁନ୍ଦ୍ର । କର୍ମପ୍ରେ ଦବେଶ । X ।
( ୮।୧୦ମ ଛାନ୍ଦ )

(୧୦) ନିମନ୍ତ୍ରଣ ରୀତି—ସହୋଦରମାନଙ୍କୁ ବିବାହାବସରରେ ନିମନ୍ତ୍ରଣ ପ୍ରତି ପାନଗୁଆ ବଣ୍ଟାଯାଏ ।

ସଂସ୍ତବଣ କରି ବନ୍ଧୁ ବାନ୍ଧି ପାନ ଗୁଆ ।
ସହୋଦରଙ୍କୁ ନିମନ୍ତ୍ରଣ ହୋଇଲା ଯାଅ ଯେ । (୧୬ଶ ଛାନ୍ଦ)

(୧୧) ବିବାହୋତ୍ସବର ଅନୁଷ୍ଠାନ ଆୟୋଜନ—

(୧୨) ସାମନ୍ତ ଯେସନ୍ତ ହୋଇ ଚେଟୀ ସଙ୍ଗେ ରମେ ନୂତନ ତରୁ କାଳେ ।
( ୧୪ଶ ଛାନ୍ଦ )

ବାଦ୍ୟ, ବିବାହମଣ୍ଡପ ନିର୍ମାଣ ଓ ମଣ୍ଡନ, ଛାୟାମଣ୍ଡପ ନିର୍ମାଣ, ବେଦୀ ନ୍ୟାସ, ଚୂନ ଓ ମଣ୍ଡନ, ଚିତ୍ର ଲେପନ, ଦୂନାରୀମାନଙ୍କର ଦ୍ୱାରା ଯୌତୁକ

ଅଳଙ୍କାର ଗଢ଼ାଣ, ରସିକାମାନଙ୍କ ମଙ୍ଗଳ ଗୀତ ଶିକ୍ଷା ଇତ୍ୟାଦି ସୁନ୍ଦର ପଦାବଳୀରେ ବର୍ଣ୍ଣିତ ହୋଇଛି ।

ପ୍ରତିପଦିନୁ ଯୋଗ ସ୍ନାନେ ଶୁଭେ ବାଦ୍ୟଘନ
ସ୍ତମ୍ଭାଏ ବଡ଼ମଣ୍ଡପ କରନ୍ତି ସଜନ ଯେ । ୩ ।
ଶତାମଣିସ୍ର ସ୍ତମ୍ଭା ମଣ୍ଡପକୁ ରଚନ୍ତି,
ସିଂହାଟକ ବନ୍ଧ ସୁମେର ବାଳୁକ ମଣ୍ଡନ୍ତି ଯେ । ୪ ।

ଗୋଲ୍ଲଂଗ ନବରତନରେ ମୋହନନ୍ଦ ମୂର୍ତ୍ତି
ସୁଧାଲେପନ ଲଭଇ ଉଜେଇ ଦରପଣ ଯେ । ୫ ।
ସୁନାସ୍ତ ମୌକ୍ତିକ ଅଲଙ୍କାର କରେ ଲକ୍ଷ,
ଶିଖନ୍ତି ରସିକା ଗୀତ ମଙ୍ଗଳ ଶ୍ରମାଜ ଯେ । ୬ ।

ଜଟାମ ଜଟେ ଦେଖନ୍ତି ଧର୍ମ ଯୋଧମାନ
ସାମଗ୍ରୀ ବହୁତ କର ଆଦେଶ ଭୃତ୍ୟ ଜନ ଯେ । ୭ ।
ଶକଟ ଭରନ୍ତି ଭକ୍ତିମାନ ବାଦକାରେ
ସଜାଡ଼ି ଭିଡ଼ନ୍ତି ବାଣ ନାଶିକ ଜନରେ ଯେ । ୮ ।

ସନ୍ଧ୍ୟାରେ କଦଳୀ କୁମ୍ଭ ସ୍ଥାପନ କରି
ସଂସରଣେ ଚୂତପତ୍ର ତୋରଣ ଲମ୍ବଇ ଯେ । ୯ ।
ସଂପୃକ୍ତ ରଜ ବସ୍ତୁ ବାଣ ଯାନ ଗୃହ
ସତୋଷ ଲୋକଙ୍କୁ ନିମନ୍ତ୍ରଣ ହେଲ ତଥା ଯେ ।୧୦। (୧୭ଶ ଛାନ୍ଦ)

କାନ୍ଥରେ ଚିତ୍ର ଅଙ୍କନ କରିବା, ବାଣ ଛୁଟିବା, ଦ୍ୱାରେ କଦଳୀ ଗଛ, ତୋରଣ ଓ କୁମ୍ଭ ଥୋଇବା ପ୍ରଭୃତି ବିଧି ବିଧାନ ଓଡ଼ିଶାରେ ବର୍ତ୍ତମାନ ସୁଦ୍ଧା ଚଳି ଆସୁଛି । କବି ପ୍ରଚଳିତ ସାମାଜିକ ବିଧିବିଧାନକୁ ଏଠାରେ ସୁନ୍ଦର ଭାବରେ ପଦରେ ରୂପ ଦେଇଛନ୍ତି ।

ଏହିପରି ବହୁ ସାମାଜିକ ବ୍ୟାପାର ଅବତାରିତ କବିଙ୍କ ଗଭୀର ଜ୍ଞା-ନର ପରିଚୟ ଦେଉଛି ।

ଏସବୁ ବନ୍ଧବିଧାନ, ଗୃହକାର୍ଯ୍ୟ, ମର୍ଯ୍ୟାଦା ଏକ ଉଚ୍ଚ ଶିକ୍ଷିତ ସମାଜରେ କେବଳ ସୀମିତ ଥିବାରୁ ସମସାମୟିକ ଓଡ଼ିଆ ସମାଜର ଉଚ୍ଚ ସାମାଜିକ ଜୀବନର ପରିଚୟ ମିଳୁଛି ।

(ଘ) ହାଟ: ସୈନ୍ୟଯାତ୍ରା—କବି ହାଟ ଓ ସୈନ୍ୟଯାତ୍ରାର ଯେଉଁ ଚିତ୍ର ଦେଇଛନ୍ତି ତାହା ସମାଜର ଏକ ଅଂଶର ସୁନ୍ଦର ଛବି । ହାଟକୁ ହାଟୁଆ ସ୍ତ୍ରୀ ବ୍ୟତୀତ ଅନ୍ୟ ଶ୍ରେଣୀର ସ୍ତ୍ରୀମାନେ ଯିବା ସାମାଜିକ ନିଷେଧ ଥିବାରୁ ହାଟୁଆ ସ୍ତ୍ରୀ ରସିକା ଥିବା ପ୍ରବାଦ ରହି ଆସିଛି । କବି ଏହି ସୁଯୋଗକୁ ରୂପ ଦେଇଛନ୍ତି ଏବଂ ରସିକରସିକାଙ୍କ କୌତୁକ ଓ ବ୍ୟଙ୍ଗ ଭାବପୂର୍ଣ୍ଣ କଥୋପକଥନ ଚମତ୍କାର ହୋଇଛି । ଶ୍ଳେଷାଦି ଅଳଙ୍କାର ବ୍ୟବହାର କରି କବି ପଦଗୁଡ଼ିକ ରମଣୀୟ କରି ପାରିଛନ୍ତି ।

ଗନ୍ଧବଣିକ, ମାଳୀ, ହୁଡ଼ାରି, ବେପାରି, ଗୁଡ଼ିଆ, ତମ୍ବୁଳବଣିକ, କୁମ୍ଭାର, ଧୀବର ପ୍ରଭୃତି ହାଟରେ ଦୋକାନ ବସାଇଛନ୍ତି । ଏମାନଙ୍କ ଭିତରେ ସ୍ତ୍ରୀ ପୁରୁଷ ଓ ପାଟରାଣୀ ପ୍ରଭୃତି ବିବିଧ ଦ୍ରବ୍ୟ ବିକ୍ରୀ କରୁଛନ୍ତି । ଏମାନଙ୍କ ସହିତ ରସିକ-ଗ୍ରାହକଙ୍କ ବ୍ୟଙ୍ଗ କଥୋପକଥନ ହାଟକୁ ଜମାଇ ରଖିଛି । କୌଶଳପୂର୍ଣ୍ଣ-ଭାବବ୍ୟଞ୍ଜକ, କଥୋପକଥନ କାବ୍ୟରସିକର ମନକୁ ମୋହିବାରେ ସମର୍ଥ ହୋଇଛି । ହାସ୍ୟରସର ଏ ପ୍ରସଙ୍ଗ ଆଦର୍ଶସ୍ଥାନୀୟ ହୋଇ ରହିଛି ।

ବ୍ୟଙ୍ଗଶ୍ଳେଷର ଏ କଥୋପକଥନ ଗୌରବପୂର୍ଣ୍ଣ ଏ କାବ୍ୟର ଅଙ୍ଗକୁ ଶୋଭନ ଭାବରେ ପୂର୍ଣ୍ଣ କରିଛି । ପଦଗୁଡ଼ିକ ଉଦ୍ଧୃତ ହୋଇଛି ।

ସେ ହାଟେ ରସିକଙ୍କ ପ୍ରବେଶ ହିନ୍ଦୁର ସମ୍ପୁଟେକ ଚଳନ୍ତି,
ଓଷ୍ଠାଧରକ ଦୋହାଇଛନ୍ତି ଅତି ସତକେ ସେ,
ହିମାଣ ଦେଖି ଯେତେକେ ବହୁ ଏ ସମ୍ପୁଟକ କାଣିକ ମୁଣ୍ଡି,
ସ୍ତ୍ରୀ ପଦ୍ମ ହସିଲ ହୋଇ ତଥ ନିପଟେନ ସେ
ସେ ଘଟକୁ ନାରେଦ୍ ସାମିଶ ଅପି ସେ,
ଟ୍ରକୂପରେ ଜଳନ୍ତ ରସ୍ତା ସ୍ୱବଣୀ ସେ,

ଦେହ୍ୟାନନ୍ଦ ଯାହା ଯାହାର ଦେଇ ହୋଇଲେ ତାହା ତାହାର
ଗହଳେ ସାନ୍ତ ନଦୀସାଗର ପରବେ ମିଶି ଯେ ।୧୩। (୬ଷ୍ଠ ଛାନ୍ଦ)

ଯେଉଁ ସାହାର ଦେହାନନ୍ଦ ଯେ ତାହାଃ ଚାରଣରେ ପ୍ରବେଶ ହୋଇ ଗହଳେ ନଦୀସାଗର ଭାବରେ ମିଶିଯାଆନ୍ତି । ଭକ୍ତିମିଳନ ରସିକ ହୃଦୟରେ ଅଶେଷ ଆନନ୍ଦ ଜାଗ୍ରତ କରୁଛି ।

କବି ଏ ପ୍ରସଙ୍ଗରେ ଯେଉଁସବୁ 'ଭାବ' ପ୍ରକାଶ କରନ୍ତି ତାହା ଆଜି ସାମାଜିକ ମାନ ଦୃଷ୍ଟିରେ ସମର୍ଥନ ଯୋଗ୍ୟ ନ ହେଲେ ମଧ୍ୟ ସାଧାରଣ ସାମାଜିକ ବାସ୍ତବ ଜୀବନର ଚିତ୍ର ରୂପରେ ଗ୍ରହଣୀୟ ହେବ । ଏ ପ୍ରସଙ୍ଗର ବର୍ଣ୍ଣନରେ କବିତ୍ୱପୂର୍ଣ୍ଣ ପ୍ରକାଶଭଙ୍ଗୀ ଅତି ଚମତ୍କାର ହୋଇଥିବାରୁ କାବ୍ୟଦୃଷ୍ଟିରେ ପ୍ରଶଂସାଯୋଗ୍ୟ ହୋଇଛି ।

ହାଟରେ ଦେଖାର ପାପଚେଲା, ମାଙ୍କଡ଼ ନାଟ, ନାଟୁଆଙ୍କ ନାଟ, ବାଜୁଆଙ୍କ ଭ୍ରମଣ ଓ ମଲ୍ଲୁଆଙ୍କ ଖେଳ ଇତ୍ୟାଦି ପ୍ରସଙ୍ଗ ସ୍ଥାନର ବର୍ଣ୍ଣନାକୁ ବାସ୍ତବତା ଦାନ କରିବା ସଙ୍ଗେ ସଙ୍ଗେ ଜୀବନ୍ତ ମଧ୍ୟ କରୁଛି ।

ଦେଶଯାତ୍ରା—କୃଷ୍ଣଙ୍କ ସଙ୍ଗେ ଭେଟିବା ପାଇଁ ସୌରାଷ୍ଟ୍ର, ଲାଟ, ତେଲିଙ୍ଗା, ଭୋଟ, ଅଙ୍ଗ, କଳିଙ୍ଗ, ମହାରାଷ୍ଟ୍ର, ଦ୍ରାବିଡ଼, ଗୌଡ଼, ମଦ୍ର, କର୍ଣ୍ଣାଟ, ମତ୍ସ୍ୟ, କୋଶଳ, ସିନ୍ଧୁ, ଉତ୍କଳ, କେରଳ ଆଦି ଦେଶର ନୃପତିମାନେ ସ୍ୱ ସ୍ୱ ସେନାବାହିନୀ ସହିତ ଦ୍ୱାରକାକୁ ଯାତ୍ରା କଲେ ।

ସୈନ୍ୟ ଅନେକ ରେଣୁ ଉଡ଼ାଇ, ସୂର୍ଯ୍ୟଙ୍କୁ ଦେଲେ ଏଣୁ ଘୋଡ଼ାଇ,
ଘୁଙ୍କ ଆଦେଶ ଏ ତେଜ ବଢ଼ାଇ ଦେଖାଇ ସ୍ୱପ୍ନ ଯେ,
ସପ୍ତଦ୍ୱୀପ ଜନପଦ, ଗଡ଼ଭିତରେ ଜାଳିଲେ ଦୀପ,
ଦୁଷ୍ଟ ବଳଣ ସ୍ୱର୍ଣ୍ଣ ଦ୍ୱୀପ ଅନ୍ଧ ପୃଥିବୀ ଯେ
ସମୁଦ୍ରରେ କଳକ୍ଷୁବ୍ଧ ଭାଜେ ଯେ,
ଦ୍ୱିମୁଣ୍ଡୀ ଭୂର ମେଘକ ଗର୍ଜେ ଯେ

ସେ ଆଡ଼ମ୍ବର ମେଘାଡ଼ମ୍ବର    ଶୋଭା ଅମ୍ବର ଛପି ଗୁମର
ଅଦୃଶ୍ୟ ହେଲା ସୈନ୍ୟ ସମ୍ଭାର ବାଜଣୀ ବାଜେ ସେ ।୬। X
ସମ୍ପଦସ୍ତର ପାହାନ୍ତି ଯାଟୀ    ଧାତୁପ ତୁଳକି ପର୍ବତ ପଣ୍ଡି,
ସୁରଙ୍ଗମଣି ରୋପଣ, କଞ୍ଚିଡ଼କରେ ବାଟ ସେ,
ଶାଦ୍ୱଳୀ ଜଳୀ ସ୍ତବକ ଘର    ଝଣ୍ଟା ପ୍ରଚଣ୍ଡା ଅଳକ ଧରି
ଫୁଲ୍ଲ ଭ୍ରମର ସଙ୍ଗେ ମାଧୁରୀ ହୋଇଅଛନ୍ତି ସେ ।

ସିଂହା ଦୁର୍ଲଭ ଚଣ୍ଡାତକ ଚିନ୍ତିତ ସେ, ମୃତ୍ୟୁଦେର ଖଦ୍ୟୋତ ଶିରେ ବାଜିତ ସେ,
ସରିତ୍ପତି ନ ଗ୍ରାହ୍ୟ କଲେ    ତପନେ ଡଳେ ଚାହାଁ କଣ୍ଠାନେ
କମଳଦଳ ଦଣ୍ଡ ସଙ୍ଗମେ ଯାଉଥି ଏ ସତ ସେ ।୭।

ଦୈବତ ବଳ ମସ୍ତକ ଛତ୍ର    ଶାଲ୍ମଳ ଶୁଳ ପର୍ବଶ୍ରେ ଶୋଭେ
ଜେମକ ଗୁଞ୍ଜାବ ଗୁଞ୍ଜର ତନେ ଟେକୁ ଟୁଳଣ ସେ !
ସେ ମନ୍ତ୍ରଙ୍କ ଗ୍ରୀବେ ଭଞ୍ଜିତ    ମଣ୍ଡାକୁ ଟେକି ଉଦେ ଚରନ୍ତ
ଧୂଳିଧାରରେ ବାଣ୍ଡ ଜଳର ଶତ ଦର୍ପିଙ୍କ ଖଣ୍ଡ ସେ,
ସୁରତଳରେ ଅଟନ୍ତି ମନୁ ସୁରତ,
ସେ ସେ ହାଙ୍କିଲେ    ତୈର୍ଣ୍ଣ ଚିତେ ସଙ୍ଗତ ସେ,
ଦୁର୍ଗେ ପିଠିରେ ଉଲ୍ଲସେ ବଣି,    ଦରଦପକ୍ଷ ଜମାଏ ଜଣି
କୋଟି ଆଜ୍ଞିଣି କୁଟିଳ ଅଟି ନଦୀରେ ଯୁକ୍ତ ସେ ।୮। (୬ଷ୍ଠ ଛାନ୍ଦ)

ଏ ସେନାବାହିନୀ କଳାପର ବର୍ଣ୍ଣନା ଚମତ୍କାରପୂର୍ଣ୍ଣ ହୋଇଛି । କବିବର ଏ ପ୍ରସଙ୍ଗକୁ ଅତି ଉପଯୁକ୍ତ ବାଗ୍ମୀ ଉଦ୍ଦୀପକ ଭାଷାରେ ବର୍ଣ୍ଣନା କରିଛନ୍ତି; ଯଥା ରସୋପଯୋଗୀ ହୋଇଥିବାରୁ ବର୍ଣ୍ଣନାଟି ସମ୍ପୂର୍ଣ୍ଣ ଓ ହୃଦ୍ୟ ହୋଇ ପାରିଛି । ଶବ୍ଦରସ-ପ୍ରସଙ୍ଗୋପଯୋଗୀ ଅନୁପ୍ରାସ ଯୋଜନାର ଘଟା ଏହାର ଗୌରବକୁ ବହୁଗୁଣ ବର୍ଦ୍ଧିତ କରିଛି ।

ସମ୍ମୁଖରେ ତରଙ୍ଗ ଶୋଭନ    ସେ ଘନ ଘନ କି ଘନାଘନ,
ଗର୍ଜିତ ଘନଘନ ସେ, ଘନ ଦାନ ଜଳରେ ସେ,

ଶିକଳା ଶୃଙ୍ଗବନ୍ତ ହସନ୍ତ ସିନ୍ଧୁ ସବୃନ୍ଦ, ମଣ୍ଡିତ ମଣ୍ଡୁ ବୃନ୍ଦି ଭୃଙ୍ଗ
ଧ୍ୱଜ ପ୍ରଚଣ୍ଡ ଗମନ ଧୀରେ ଯେ,

ଘନ ଆମ୍ବ ଚଳ୍ପଣ୍ଡି ବାଟରେ ଯେ,
ଦନ୍ତଭରେ ଶ୍ରୀବଣ ଭୂଲନ କରେ ଯେ,
ଘୃଷ୍ଟ ଦେଶରେ ଛିତି ମାତ୍ରୁକ ସଙ୍ଗୁଷ୍ଟ କୃତ୍ତ ଅଙ୍କୁଶକନ୍ତ ।
ଶିରେ ଘୁମନକସ୍ଥ କର୍ଣ୍ଣ ଭ ହୋଏ ପିବାରେ ଯେ,

କବି ଆଡ଼ମ୍ବରପ୍ରଧାନ କାବ୍ୟରେ କୌତୁକବହର ମଧ୍ୟ ଅବତାରଣା କରି ଯଶସ୍ୱୀ ହୋଇଛନ୍ତି । ଏହି ବର୍ଣ୍ଣନା ଲଳିତ୍ୱ ମଧୁ ପ୍ରେମରେ ମଧ୍ୟ ଉଚ୍ଛ୍ୱସିତ ହୋଇଯାଇଛି ।

ଖ୍ୟାପନକ୍ଷ୍ମ ଝିଲ ତରଳ ଭ୍ରମଦ୍ଭଷ୍ଟ ଦର୍ପଣମାନ
ଝଙ୍କରତ୍ରାକା ଠେକ ଚଳିଲ ଅଜନବଣେ ଯେ ।

ଝିଙ୍କ ଶୋଭାରେ ଚକ୍ଷ କଦମ୍ବକୁ ଭ୍ରମର ଝଙ୍କାର ନାଦ,
ଶିଖଣ୍ଡୀ ଶୃଙ୍ଗ ଅଗ୍ରେ ନୃତ୍ୟ ଶୂନ୍ୟେ ଆକାଶେ ଯେ,
ଶାରଦରେ ଲଘୁରେ ଅଙ୍ଗ ଝୁଲାରେ ଯେ,
ସୁପ୍ରନିକ ତଣ୍ଡିରେ ଘଣ୍ଟି ନାଦରେ ଯେ,
ଶରଣୀ ଜଳ ତରଣୀ ସେନ୍ଧି, ଅମ୍ଲାନ ଫୁଲହାରବେଷେ ବେଣି
ନବତରୁଣୀ ଶୋଭାକୁ ବସ୍ତ୍ର ମୋହିତ କରେ ଯେ । ୭ ।

ଦଣ୍ଡୀ ରୀତ୍ୟାତ୍ମକି ଭୃଙ୍ଗାଲ୍ପ ଝରଣ ଶାସ୍ତ୍ରୀ ଧରି କହାଯାଇଛି । କବିଙ୍କ ଶ୍ରୁଲ୍ୟ ସମୁଦ୍ର ଓ ପାର୍ଶ୍ୱବର୍ତ୍ତୀ ସ୍ଥାନରେ ଯେଉଁ ସ୍ୱଚ୍ଛନ୍ଦତାର ଦେଖାଯାଇଥିଲା ତାହାର ଏକ ଅନୁଭୂତିପ୍ରବୋଧିତ ପ୍ରତ୍ୟକ୍ଷ ଚିତ୍ର କବି ଦେଇଥିବା ଅନୁମିତ ହୁଏ ।

ଚରିତ୍ର ଚିତ୍ରଣ—କବି ଏହି କାବ୍ୟଟିରେ କୃଷ୍ଣ, ବଳରାମ, ସତ୍ୟଭାମା, ସୁଭଦ୍ରା, ଅର୍ଜୁନ, ଦୁର୍ଯ୍ୟୋଧନ, ଯଦୁବୀର ତୋଷିଣୀଦେବୀ ପ୍ରଭୃତିଙ୍କ

ଚରିତ୍ର ଚିତ୍ରଣ କରିଥିବାର ଦେଖାଯାଏ । ଏମାନଙ୍କ ମଧ୍ୟରେ ନାୟକ ଅର୍ଜୁନ, ନାୟିକା ସୁଭଦ୍ରା, ସତ୍ୟଭାମା ଓ ଶ୍ରୀକୃଷ୍ଣଙ୍କ ଚରିତ୍ର ବିଶେଷ ଭାବରେ ଚିତ୍ରିତ ହୋଇଥିଲେ ମଧ୍ୟ ଏହା ସନ୍ତୋଷ ହୋଇଛି ବୋଲିବାକୁ ହେବ । ପୌରାଣିକ କଥାବସ୍ତୁକୁ ଅବଲମ୍ବନ କରି କବି ସୁଦ୍ଧା ଯଥାଯଥ ରୂପରେ ଶବ୍ଦାର୍ଥ ଅଳଙ୍କାରମଣ୍ଡିତ ସ୍ୱ-ଆଦ୍ୟ କାବ୍ୟ ରଚନା କରିଥିବାରୁ ଏବଂ ପାଣ୍ଡିତ୍ୟ ପ୍ରକାଶ ହିଁ ମୁଖ୍ୟ ଲକ୍ଷ୍ୟ ଥିବାରୁ ଚରିତ୍ରଚିତ୍ରଣ, ପ୍ରାକୃତିକ ବର୍ଣ୍ଣନା, ଘଟଣାନୁକ୍ରମାଦି ବିଷୟକୁ ତ୍ୟାଗ କରିଛନ୍ତି । ଏଥିରୁ ଦ୍ୱିତୀୟ କବିଙ୍କ ଅନ୍ୟ କାବ୍ୟମାନଙ୍କରେ ଗୌଣଭାବର ସ୍ଥାନ ଅଧିକାର କରିଛି । ଏଥି ନାୟକଙ୍କୁ ଦଶା ଓ ଦାସୀ ପ୍ରଭୃତି ଧାତ୍ରୀପାତ୍ରୀମାନଙ୍କର ବିଶେଷ ସ୍ଥାନ ମଧ୍ୟ ନାହିଁ ।

କବି ପୌରାଣିକ କଥାବସ୍ତୁକୁ ଗ୍ରହଣ କରିଥିବାରୁ ଅର୍ଜୁନ, ସୁଭଦ୍ରା, କୃଷ୍ଣ, ବଳରାମ, ଦୁର୍ଯ୍ୟୋଧନ ପ୍ରଭୃତିଙ୍କ ଚରିତ୍ରକୁ ସୁରକ୍ଷିତ କରିବାକୁ ଚେଷ୍ଟା କରିଛନ୍ତି । ଶ୍ରୀକୃଷ୍ଣ ଓ ସତ୍ୟଭାମାଙ୍କ ଚରିତ୍ର ଚିତ୍ରଣରେ କବି ସାରଳାଦାସଙ୍କ ମହାଭାରତକୁ ଅନୁସରଣ କରିଥିବା ଜଣାଯାଏ ।

ଅଳଙ୍କାର ପ୍ରୟୋଗ—କେତେକ ଉଦାହରଣ—

ପର୍ଯ୍ୟାୟୋକ୍ତ ଶବ୍ଦଶ୍ଳେଷ—ସୁରଭିକାଳ ସରି ସେ ଶୋଭି ସୁମନରେ
ସରଦ୍ଧନ ପ୍ରକେତୁ ମନ୍ଦ୍ରାକୁଳ ସାଦବରେ ।୬୫। (୧ମ ଛାନ୍ଦ)

ସୁରଭିକାଳ—ବସନ୍ତ ସମୟ, ସୁମନ—ପୁଷ୍ପ, ସରଦ୍ଧନ—ସମୁଦ୍ର, ସାଦବରେ—ଜଳଜନ୍ତୁରେ ।

ସଭଙ୍ଗ ଶ୍ଳେଷ—ଶଶୀଧର ଶର୍ବ ପଦ ଭୂଷଣରେ ଶୋଭି
ହୋଇଲା ତହିଁ ଷଣ୍ମୁଖ ପ୍ରକାଶ ସତତ ।୬୬। (୧ମ ଛାନ୍ଦ)

ଶଶୀଧ—ଔଷଧି, କୁଣ୍ଡଳଧାରୀରେ—ସର୍ପରେ, ସେନାନୀ—କାର୍ତ୍ତିକେୟ, ଗଜାସ୍ୟ—ଗଣେଶ, ଈଶ—ମହାଦେବ ।

ଅଭଙ୍ଗ ଶ୍ଳେଷ—ସ୍ୱର୍ଣ୍ଣଦୀପତିସ୍ୱେ ପାପ ନାଶନରେ ଶ୍ରମ
ମୃଗାଙ୍କ ପାଣି-ଜାତକ ଫୁଲେ ମନୋରମ ସେ । ୨୭। (୧ମ ଛାନ୍ଦ)
ସ୍ୱର୍ଣ୍ଣଦୀ—ଗଙ୍ଗା । ସ୍ୱର୍ଣ୍ଣଦୀ ପତିସ୍ୱେ—ଗଙ୍ଗାନଦୀ ପ୍ରାନ୍ତେ ।

ରୂପକ—ମୁଖାମ୍ବୁ ପାଣିକାଞ୍ଚନ ଶଠ ଦୈତ୍ୟବତ
ସୁଧାକର ମୁଖ ଓଷ୍ଠ ଅମୃତ ଫଳାଭ ।୩୯। (୧ମ ଛାନ୍ଦ)

ବ୍ୟତିପଦାନ୍ତର ଶ୍ଳେଷ—ସୁରୋଘାରେ ସୁର-ଦଳିତ ମସ୍ତକର ବେଣୀ
ସମ୍ଭୃତ ସୁଗନ୍ଧ ଶିଖା ଦେଖି ଏତେ ବେଳେ ସେ ।

ସୁର-ଦଳିତ – ଦେବ ଅଧର । ସୁଗ—ସୁ ବ୍ୟତ ବା ଦାନ୍ତ ।
ଚର୍ବଦଳିତ – ବେଣ୍ଟୁଫଳ । ଶିଖା—ଶ୍ଳୀ ।

ଦଣ୍ଡାକ୍ଷର ଶ୍ଳେଷ—ଧନ ଶ୍ରୀ କୁମାରୀର କେଶ ନେତ୍ର ଗଲେ
ଶଙ୍କରେ ଶୁଚି ରେଖ ଚିନ ଚାକୁର କି ଥାରେ । ୪୯ ।
(୧ମ ଛାନ୍ଦ)

ଥାରେ—ରହାରେ । ଚ ଦଣ୍ଡାକ୍ଷର ।

ଆଦ୍ୟଯମକ—ଦୂରନ୍ତ ଦୂରନ୍ତ ଅଗ୍ରୀତ ଗନ୍ଧି ଲବଙ୍ଗଲତା
ସୁନାସ୍ତ, ସୁନାସ୍ତ ପରିମ୍ଳ ଧନ ଅଶ୍ଳେଷ ଛିତା । ୨୩ ।
(୫ମ ଛାନ୍ଦ)

ମଧ୍ୟଯମକ—ସଫଳ ରସାଳ ରସାଳତରୁ ବକୁଳବନ୍ତ
ପୁଷ୍ପିତ ଗନ୍ଧି ସମୀରେ ବ-ତାରେ ଅବେଷ୍ଟିତ । ୨୭ ।
(୫ମ ଛାନ୍ଦ)

ଅନ୍ତ୍ୟଯମକ—ଶୁଭ୍ର କେଶର କେଶର କେଶରଜରୁ ତଦ୍ଧି
ଶଶାଙ୍କ ଚନ୍ଦ୍ର ପଦ୍ମଗପତ୍ର ଗଗନେ ଶୋଭି । ୨୮ । (୫ମ ଛାନ୍ଦ)

ଆଦ୍ୟନ୍ତଯମକ—ସୁବାସ୍ତା କୁସୁମ ନଣ୍ଡିତ ମଧୁ ଭରୁଣିକରେ ।
ଶୌରଭ ନଶ୍ୱରେ ଟେକୁ ନେଷ୍ଟତ ଗୁଣୀ କରେ ।୩୦।(୫ମ ଛାନ୍ଦ)

ଆଦ୍ୟପ୍ରାନ୍ତଯମକ—ପ୍ରମଦନରେ ମନୋଦ୍ଭବକେ ଅଶୋକବନ୍ତଟି
ପ୍ରମଦଗଣର ଶୋକବଶ ଦେଖି ଦେହେ ବାଟି । ୬୬।
(୫ମ ଛାନ୍ଦ)

ସର୍ବଯମକ—ସନ୍ତାନ ପାଇ ବାହୁଳେ ସଙ୍ଗି ଉତ୍ତମ ତନ
ସନ୍ତାନ ପାଇଁ ବହୁଳେ ସଙ୍ଗି ଉତ୍ତମ ତନ ।୩୭।
ଚନ୍ଦ୍ରକାନ୍ତ ମାଧବୀ ମୋହନକରେ ମଧୁସୂଦନ
ଚନ୍ଦ୍ରକାନ୍ତ ମାଧବୀ ମୋହନ କରେ ମଧୁସୂଦନ ।୩୮।
ଶାଳସ କଦମ୍ବ ଯୋଗରେ ସଙ୍ଗି ଶୋଭେ ଅନନ୍ତ
ଶାଳସ କଦମ୍ବ ଯୋଗରେ ସଙ୍ଗି ଶୋଭେ ଅନନ୍ତ ।୩୯। (୫ମ ଛାନ୍ଦ)

ଏହିପରି ବହୁ ଅଳଙ୍କାରର ସୁନ୍ଦର ପ୍ରୟୋଗ ଅଛି । ଛଳ ଶ୍ଳେଷର ଉଦାହରଣ ଯଦି ବହୁ ସଂଖ୍ୟାରେ ଥିବାରୁ କଥୋପକଥନଗୁଡ଼ିକ ରସାପ୍ଳୁତ, ମନୋମୁଗ୍ଧକର ହୋଇଛି । କଥୋପକଥନରେ ପାତ୍ରପାତ୍ରୀମାନଙ୍କର ଉକ୍ତି-ଶୈଳୀର ପରିଚୟ ଏଥିରୁ ମିଳୁଛି ।

ଛଳ—ସରସୀ ଦେଖାଇ କେ କହେ କାହାକୁ ଏଥି ପଦ୍ମର କି ଉଚିତ
ଲକ୍ଷ୍ମୀ କି ଦର୍ଶନୀ ପୁଣି ସ୍ୱୟମ୍ବରୀ ପ୍ରବେଶ ନୁହେଁ ଉଦାହୃତ ।
ଜଣାଉ, ସେ ପୁଣି ଏମନ୍ତ ବୋଇଲା,
ଯାହାଙ୍କ ଭଳି ସଂସ୍କରେ ସୁବେଶଭାଳ ଏତେ ବେଳେ ଚେତା ହୋଇଲା ।
।୧୪। (୧୯ଶ ଛାନ୍ଦ)

ଭୌଗୋଳିକ ଜ୍ଞାନ—ଉପେନ୍ଦ୍ର । ଧରଣୀପୁରେ ପଞ୍ଚ ମନ୍ତ୍ରୀର ବର୍ଣ୍ଣନା ପ୍ରସଙ୍ଗରେ କବି ବହୁ ଦେଶର ରାଜାମାନଙ୍କ ଆଗମନର ବର୍ଣ୍ଣନା କରିଛନ୍ତି । ଗୋଷ୍ଠୀ ଜାନକୀର ବୈନ୍ୟଗୁଣକାର ଅସ୍ତୁଙ୍କର ବର୍ଣ୍ଣନା ପ୍ରସଙ୍ଗରେ କବି କହୁଛନ୍ତି ଯେ—ଶ୍ରୀଅଙ୍ଗ ଉତ୍ପାତର ଆଶଙ୍କା ହେଲା, ନଦୀମାନେ ଶଙ୍କିତା ହେଲେ । ଏଥି ପୃଥ୍ୱୀର ନଦୀମାନଙ୍କ ଭିତରେ ଉତ୍କଳର ବହୁ ନଦୀର ନାମ କବି ଉଲ୍ଲେଖ କରିଛନ୍ତି ; ଯଥା—ବ୍ରାହ୍ମୀ, ଚିତ୍ରୋତ୍ପଳା, ଭାର୍ଗବୀ, ସୁବର୍ଣ୍ଣରେଖା, ଋଷିକୁଲ୍ୟା, ବୈତରଣୀ ଓ କୌଶିକୀ ଇତ୍ୟାଦି ।

ସିନ୍ଧୁ କାବେରୀ କାଞ୍ଚନୀ ଘୋଲା    ଯମୁନା ବ୍ରାହ୍ମୀ ତପିଉତ୍ପଳା
ହର୍ଗଙ୍ଗା ସରସ୍ୱତୀ ମେଖଳା ରେବା ନର୍ମଦା ଯେ,
ସୁବର୍ଣ୍ଣରେଖା ସୁରସିନ୍ଧୁକନ୍ୟା    ସରଳ ଚନ୍ଦ୍ରଭଗା ସୁଶୀଳା
କୌଶିକ ସରବତୀ କମଳା ସୁଲକ୍ଷଭଦ୍ରା ଯେ ।
ସ୍ୱାଗତ ନଦୀ ହେଲେ ଶିକ୍ଷିତ ସେ । × × ୯ ।

([illegible])।

ଭରତଙ୍କ ସାତ ସନ୍ଦେଶ ପାଇ ଏହି ଦେଶର ରାଜାମାନେ ଉପସ୍ଥିତ ହୋଇଲେ; ଯଥା—ସୌରାଷ୍ଟ୍ର, କଚ୍ଛ, ରେଣୁଜା, ଭୋଟ, ଅଙ୍ଗ, କଳିଙ୍ଗ, ବଙ୍ଗ, ମହାରାଷ୍ଟ୍ର, ଦ୍ରାବିଡ, ଗୌଡ, ମଗଧ, କର୍ଣ୍ଣାଟ, ମତ୍ସ୍ୟ, କାମରୂପ, ବିଦେହ, ବିଦର୍ଭ, ବାହ୍ଲୀକ, ନୈଷଧ, ମଲୟ, ଭାରତବ୍ରଜ, ସିନ୍ଧୁ, ଉତ୍କଳ, ଚୋଳ, କୁନ୍ତଳ, କେରଳ, କୁଶଗଳ, ନେପାଳ, ମାଳବ, ଗୁର୍ଜ୍ଜର, କୋଶଳ, ମଲ୍ଲଭାରତ ।

ଏହି ତାଲିକାରେ ଭାରତବର୍ଷର ପ୍ରାୟ ସବୁ ଦେଶର ପ୍ରାଚୀନ ନାମ ରହିଛି । ସୁଭଦ୍ରା ପରିଣୟ ସମୟରୁ ଅର୍ଥାତ୍ ଦ୍ୱାପର ଯୁଗ ସମୟ କଳିଙ୍ଗ ବା ଉତ୍କଳର ସ୍ୱତନ୍ତ୍ର ଅବସ୍ଥିତିର ସୂଚନା ମିଳୁଛି ।

ଅନୁକୃତି—ଦୁର୍ଯ୍ୟୋଧନଙ୍କ ଦ୍ୱାରକାଯାତ୍ରା ପ୍ରସଙ୍ଗରେ ଅର୍ଜ୍ଜୁନ-ସୁଭଦ୍ରାଙ୍କ ଗୁପ୍ତ ପ୍ରଣୟର ସୂଚନା ତାଙ୍କ ବଳଦେବ ବିଦୁରଙ୍କୁ କହିଥିଲେ ଏବଂ ବିଦୁର ଏହିକଥା ଦୁର୍ଯ୍ୟୋଧନଙ୍କୁ କହିଲେ ।

ସୁଭଦ୍ରା ପୀରତି ଚୁହୁଁ ଅର୍ଜ୍ଜୁନର ଘୁଚିଲେ,
ସତ୍ୟଭାମା ଶ୍ରୀକୃଷ୍ଣ ନିଷ୍ଠୁରେ ଏଥା କଲେ ।
ସେଥିପାଇଁ କୃଷ୍ଣପତି,
ସକଳିତ ହେବାକୁ କି ବେଳସୁ ଭରନ୍ତି । ୧୯ । (୧୭ଶ ଛାନ୍ଦ)

ହେଉଛି ଛାନ୍ଦରେ—,
ସୁଭଦ୍ରା ସୁରତ ପ୍ରୀତ ଅର୍ଜ୍ଜୁନର ଘୁଚିଲେ
ସତ୍ୟଭାମା ଶ୍ରୀକୃଷ୍ଣ ବିଷ୍ଣୁରେ ଏହା କଲେ

ସଂକଳ୍ପିତ ତେଷ୍ଟା ହୋଇ,
ସେ ତ ହେଲ ସଞ୍ଜାତ ଚିତ୍ତ ଲାଗିପାଇଁ । ୬୧ । (୧୫ଶ ଛାନ୍ଦ) ।

ସୁଭଦ୍ରା-ଅର୍ଜୁନ ଗୁପ୍ତପ୍ରୀତି ପ୍ରସଙ୍ଗ ବିଦୂଷକ୍ସ ସଙ୍ଗେ ସହଦେବ ଆଲୋଚନା କରୁଥିଲେ ତାହା ବାହୁର ଦୁର୍ଯୋଧନଙ୍କଠାରେ ପ୍ରକାଶ କରୁଥିବାରୁ ସହଦେବଙ୍କ ଦ୍ୱାରାରେ ଉଦ୍‌ଘାଟିତ୍ତ ଜଣାଉଥିବା ସନ୍ଦେହ ହେଉଛି ମଧ୍ୟ ସ୍ୱାଭାବିକର ଅବଶ୍ୟମ୍ଭାବୀ ନଥିଲା ।

'ସ' ଆଦ୍ୟ ନଥିବା ପଦ—ଶମନ୍ତ୍ର ସୁଭଦ୍ରା । ପରବର୍ତ୍ତୀରେ 'ସ'-ଆଦ୍ୟ ନଥିବା ପଦ କେବଳ ଗୋଟିଏ ଦେଖାଯାଏ ।

(୧) କେଶାନ୍ତ କରେ କେଶାନ୍ତରଙ୍କ ଦେଶ,
ଶ୍ରୁତିରେ ଲଗିଲ ଧବଳିମାଣି । ୪ । ୬ । (୧୭ଶ ଛାନ୍ଦ) ।

ଏଥିରେ 'ଶ' ଓ 'ସ'ର ଉଚ୍ଚାରଣଗତ ଅଭେଦ ଥିବା ଦେଖାଯାଇ ଥିବାରୁ କବି 'ସ' ସ୍ଥାନରେ 'ଶ' ବ୍ୟବହାର କରିଛନ୍ତି ।

(୨) ତେଣୁ ବୃନ୍ଦାବନ ପକ୍ଷୀଙ୍କ ମନ ହଂସୀ ଅତି ପଦ୍ମରେ ବୁଲି ହୋଇ
ଶୋଭିଲେ ସିଂହମଧ୍ୟା ଉଦେ କୃଷ୍ଣର ମନ୍ଦିର ସୁଖ ହେଲ ଅଛି ।
୪୪ । ୨ । (୧୮ଶ ଛାନ୍ଦ) ।

ଅତିନାଟକୀୟ ପ୍ରସଙ୍ଗ—କବି ଶ୍ରୀକୃଷ୍ଣ, ଅର୍ଜୁନ, ସତ୍ୟଭାମା ଓ ସୁଭଦ୍ରାଙ୍କୁ ଆଦର୍ଶ ଚରିତ୍ରର ଅଧିକାରୀ କରି ଚିତ୍ରଣ କରି ନାହାନ୍ତି ।

ଶ୍ରୀକୃଷ୍ଣ କପଟୀ, କୌଶଳୀ ଓ ମାତୃପକ୍ଷୀ ଅବଲମ୍ବନକାରୀ ରୂପେ ଚିତ୍ରିତ ହୋଇଛନ୍ତି । ବିବାହବେଳେ, ଏପରିକି ଗାନ୍ଧର୍ବ ବିବାହ ନ କରି ମଧ୍ୟ ଅର୍ଜୁନ-ସୁଭଦ୍ରାଙ୍କ ଗୁପ୍ତ ମିଳନକୁ ଚରିତ୍ର ସମର୍ଥନ ହୋଇ ହେଉଛନ୍ତି । ଏଥିରେ ଶ୍ରୀକୃଷ୍ଣଙ୍କ ଅଂଶ କମ୍ ନୁହେଁ । କାମଉଦ୍ଦୀପନକାରୀ ରୂପକ୍ସ ମନ୍ତ୍ର ସବୁ ପ୍ରଶ୍ନର ବିଷୟ ସତ୍ୟଭାମା ତାଙ୍କଠାରୁ ଶିକ୍ଷା କରି ନାୟକ-ନାୟିକାଙ୍କ

ଗୁପ୍ତମିଳନ ପ୍ରସ୍ତୁତ କରାଇ ଥାଆନ୍ତି । ଦ୍ୱାରକାବାସୀଙ୍କୁ ଉଚିତ ସମ୍ମାନ ଦେଖାଇବା ପାଇଁ ସେ ସ୍ୱଭଗିନୀଙ୍କୁ ଅର୍ଜୁନ ହସ୍ତରେ ଦେବା ପାଇଁ ଇଚ୍ଛା କରିବା ଉଚିତ ଆଦର୍ଶର ବହିସ୍ଥ । ବଳରାମ ଦୁର୍ଯ୍ୟୋଧନଙ୍କୁ ବର କରି ଆଣିବା ଉଦ୍ୟମ କରୁଥିବାରୁ ଏହାକୁ କୃଷ୍ଣ ସମର୍ଥନ କରି ପାରିନାହାନ୍ତି । ପୁଣି, ସ୍ୱାମୀ ମହା-ଯୋଗୀ । ତାଙ୍କ ଉପରେ ସେ ସ୍ୱ ଅଭୀଷ୍ଟ ସିଦ୍ଧି ପାଇଁ ଏଭଳି ପନ୍ଥା ଅବଲମ୍ବନ କରିଥିଲେ ମଧ୍ୟ ତାଙ୍କ ପକ୍ଷରେ ଏହା ନୀତି ଦିଗରୁ ସମର୍ଥନଯୋଗ୍ୟ ନୁହେଁ ।

ଅର୍ଜୁନ ବୀର ହେଲେ ମଧ୍ୟ କାମ-ତାଡ଼ନାରେ ସ୍ୱଭାବଚ୍ୟୁତ ହୋଇଅଛନ୍ତି । ପ୍ରଥମ ଉଦ୍ୟମ ବେଳେ ସେ ଯେଉଁ ଉଚ୍ଚ ଆଦର୍ଶ ଅବତାରଣା କରି ସତ୍ୟଭାମା ଓ ସୁଭଦ୍ରାଙ୍କୁ ହେପାଜତ ଦେଇଥିଲେ ସେ ଆଦର୍ଶକୁ ମନ୍ତ୍ର-ଉଚ୍ଚାଟନ ପ୍ରଭାବରେ ପଡ଼ି ହରାଇଛନ୍ତି ।

ସତ୍ୟଭାମା, ଶ୍ରୀକୃଷ୍ଣଙ୍କ ଅଷ୍ଟପାଟମହିଷୀଙ୍କ ମଧ୍ୟରୁ ଅନ୍ୟତମ । ତାଙ୍କର ସ୍ୱଭାବ ଚରିତ୍ରରୁ ଗୁପ୍ତଘଟଣାଟିର ସେ ପ୍ରଧାନ ସହାୟକ ବା ଦୂତୀ ହୋଇ ଥିବାରୁ 'ଯଦୁବଂଶ ମର୍ଯ୍ୟାଦା'କୁ ସମ୍ୟକ୍ ରକ୍ଷା କରିବାରେ ସମର୍ଥ ହୋଇପାରି ନାହାନ୍ତି ।

ସୁଭଦ୍ରା ନବଯୌବନା, ପ୍ରେମମୁଗ୍ଧା । ଅର୍ଜୁନଙ୍କ ଅପୂର୍ବ ଶୋଭା ଦେଖି ସେ ମୁଗ୍ଧା । ଅର୍ଘ୍ୟ ବଢ଼ାଇବା ବେଳେ ଅର୍ଜୁନଙ୍କୁ ଦେଖି ସେ ମନେ ମନେ ତାଙ୍କୁ ସ୍ୱାମୀ ରୂପରେ ବରଣ କରି ନେଇଥିଲେ । କିନ୍ତୁ ଏହା ତାଙ୍କର ଶାସ୍ତ୍ରବିଧାନ ସମ୍ମତ ଅନ୍ୟ କୌଣସି ପ୍ରକାର ସମ୍ମାନ୍ୟ ବିବାହ ଦ୍ୱାରା ସମର୍ଥିତ ହୋଇନାହିଁ । ନାୟକ ନାୟିକା ଉଭୟେ ଏକମତ ହୋଇ ଗୁପ୍ତପ୍ରେମ ଓ ରତିକ୍ରୀଡ଼ା କରିଥିବାରୁ ଏହାକୁ ବଳାତ୍କାର ବିବାହ ବା ଆସୁରିକ ବିବାହ ବୋଲି ମଧ୍ୟ କୁହାଯାଇ ପାରିବ ନାହିଁ ।

କେତେକ ଦୋଷ—(୧) ସୁଭଦ୍ରା ପରିଣୟ କାବ୍ୟଟି ପ୍ରଧାନତଃ ଅଳଙ୍କାର ପାଇଁ ପ୍ରସିଦ୍ଧ । ଅଳଙ୍କାର ଶାସ୍ତ୍ରର ବିଭିନ୍ନ ଅଳଙ୍କାରର ପାଣ୍ଡିତ୍ୟପୂର୍ଣ୍ଣ ଦୃଷ୍ଟାନ୍ତ

ସଙ୍ଗୀତ ରତ୍ନାକର ଗ୍ରନ୍ଥ ଦେଇଛନ୍ତି । ଭାଷା ମାର୍ଜିତ ଓ ସଂସ୍କୃତ ବହୁଳ ଥିବାରୁ ସାଧାରଣ ପାଠକ ପକ୍ଷେ ସହଜ-ଗ୍ରହଣର ଯୋଗ୍ୟ ନ ହେଲେ ମଧ୍ୟ ପଣ୍ଡିତ ଗ୍ରାହକ ପକ୍ଷେ ତୋଷଦାୟକ ହୋଇଛି ।

(୨) ପୌରାଣିକ ଆଖ୍ୟାନକୁ ଅବଲମ୍ବନ କରି ସୁଭଦ୍ରା ପରିଣୟ, କଳାକଉତୁକ, ବୈଦେହୀଶ ବିଳାସକୁ ବିବିଧ ଅଳଙ୍କାର ବିନ୍ୟାସ କରି ରଚନା କରିଛନ୍ତି । ଏଥିରୁ ସୁଭଦ୍ରାପରିଣୟ ମହାଭାରତର ପ୍ରସଙ୍ଗ, କଳାକଉତୁକ କୃଷ୍ଣଙ୍କ ଗୋପଲୀଳାର ପ୍ରସଙ୍ଗ ଓ ବୈଦେହୀଶ ବିଳାସ ରାମାୟଣର ପ୍ରସଙ୍ଗ । ଉତ୍କଳର ମହାଭାରତର ରଚୟିତା 'ସରଳ' ଦାସଙ୍କ ଗ୍ରନ୍ଥରୁ ବିଶେଷ ଭାବରେ ଅନେକ ପ୍ରୟୋଗ ଆଣିଅଛି; କବି ଏଥି ସର୍ବଜନପ୍ରିୟ ପୌରାଣିକ ଉପାଖ୍ୟାନର 'ସରଳ' ଉପାଖ୍ୟାନକୁ କଳ୍ପନାପୂର୍ଣ୍ଣ ପଦାବଳୀରେ ରୂପଦାନ କରିଛନ୍ତି ।

(୩) ସୁଭଦ୍ରାପରିଣୟ ସକାରାଦ୍ୟ କାବ୍ୟ, କଳାକଉତୁକ କକାରାଦ୍ୟ କାବ୍ୟ ଓ ବୈଦେହୀଶ ବିଳାସ ବକାରାଦ୍ୟ କାବ୍ୟ । 'ସୁଭଦ୍ରା'ଙ୍କ ଚରିତ୍ର ଏଥିର ବର୍ଣ୍ଣିତ ବିଷୟବସ୍ତୁ ଥିବାରୁ କବି ନାୟିକା ନାମର ଆଦ୍ୟ ବର୍ଣ୍ଣର ସାମ୍ୟ ରକ୍ଷାକରି କାବ୍ୟଟି ସକାରାଦ୍ୟ କରିଛନ୍ତି ।

(୪) କବି ନିଜ ଜୀବନ ଓ କାବ୍ୟ ସମ୍ପର୍କରେ କେତେକ ସୂଚନା ଏଥିରେ ଦେଇଛନ୍ତି । ନାମ, ଗ୍ରାମ ଓ ଉପାଧି ସମ୍ପର୍କରେ ତଥ୍ୟ ଏଥିରେ ପ୍ରଦତ୍ତ ହୋଇଛି ।

ଶୀରା ବଂଶଜ, ପିତ ନୃପ ମଦନ ଚନ୍ଦ୍ର,
ଘଞ୍ଜି ଭଞ୍ଜ ନାମ ଉପେନ୍ଦ୍ର ପଦ ସାରଙ୍କର ଯେ ରଚନ୍ତି । ୩୭ ।

(୧୦ମ ଛାନ୍ଦ)

କବି ସ୍ୱ କାବ୍ୟ ସମ୍ବନ୍ଧରେ କେତେକ ସୂଚନା ଦେଇଛନ୍ତି । କାବ୍ୟବସ୍ତୁ କଳ୍ପିତ ନୁହେଁ, ପୁରାଣ ବର୍ଣ୍ଣିତ ସତ୍ୟ ଘଟଣା ।

ଏତେକ ଗ୍ରନ୍ଥ ଏ ଜଗତେ ଶୀଘ୍ର, ଜଟାଚକ୍ର ମୁକୁଳ କଲିକି
ଅଦ୍ଭୁତ ବନ୍ଦନ୍ତ ସୁଜାତମାନ    ତୋଟକ ପଦ୍ଧତିଂଶ ପଦେ ସ୍ଫୂର୍ତ୍ତି,
ଶବ୍ଦାର୍ଥ ବସ୍ତୁକ,
ଗୁଣାର ହେଉ ଯାଉଁଥୋ ବସ୍ତୁକ । ୨୩ ।

ଯଶେ ପୂର୍ଣ୍ଣ ଦେଶର ଯନ୍ତି, ଶ୍ରୀ ରସିକ ମାନସଙ୍କୁ ମୋହିତ ।
ସଜ୍ଜନେ ଏକବର୍ଦ୍ଧି ଜସ୍ୱନସ୍ତୁ, ଦଳନ ମୂର୍ଖକୁ ଜନ୍ମାମି ଭକ୍ତ ।
ଗ୍ରନ୍ଥକର୍ତ୍ତା,
ସୁପଥ ଆଶରେ କଲୁ ମେଘନ୍ତ । ୨୪ ।

ଶୁମନଦନ୍ତୁକ ତେଣେ ନିଜ କୃତ, ଶଜାଦେଶ ଜୋଷ୍ଟ ଏ ପୁସ୍ତକ ଧାର
ସମସ୍ତ ଦେଶକର ପ୍ରକାଶ ହେଉ, ସଂସାର ମଧ୍ୟ ଚିରକାଳ ଥାଉ । X
। ୨୫ । (୧୬ଶ ଛାନ୍ଦ)

କବିଙ୍କ କଟୁ ସମାଲୋଚନା—ସବୁ 'ଅଧରଶ'ର ପ୍ରକାଶକୁ ସମର୍ଥନ କରି ସୁନ୍ଦର । ପଣ୍ଡିତମାନେ ଦେଖେଣ ପଦ ରଚନା କରନ୍ତି; କୁଟିଳ ସମାଲୋଚକଙ୍କୁ ଅତି କଠୋର ଭାଷାରେ ଗାଳି ଦେଇଛନ୍ତି ।

ଗ୍ରନ୍ଥରେ ସୁଧୀ ଦେଖି ଯେ ନିଜ ସ୍ୱଭାବ,
ପୁଣ ବ୍ୟର୍ଥ ନ କରିବ ନ ବୁଝି ଏ ଗୀତ ।
ସୁଜ୍ଞରେ କୁଟିଳ ଗୁଣେ ଭାବ ଦୁଷ୍ଟ ଯାଇ
ଅଭି ଲେଖିଲା ସିଦ୍ଧ ବା କାବ୍ୟ ଅର୍ଥ କରି ?
ସମ୍ଭାଷା ଦେଖିବ କଣ୍ଟ ଗ୍ରନ୍ଥ ବନ୍ଧିତାର
କ୍ଷୀଣିଲୁ ଦେବତେ ନାଭ ଶମଣ୍ଡୁଡ ଧର । (୧୩ଶ ଛାନ୍ଦ)

ମନେ ହୁଏ, କବିଙ୍କ ଜୀବନକାଳରେ ତାଙ୍କ କେତେ ଆଧୁନିକ ଶୈଳୀ ପ୍ରକାରକୁ ଲକ୍ଷ୍ୟ କରି, କଟୁ ସମାଲୋଚନା କରୁଥିଲେ ଏବଂ କବି କ୍ରୋଧରେ ସେମାନଙ୍କୁ 'କୁକୁର'-ସହିତ ତୁଳନା କରିଛନ୍ତି । କବିଙ୍କ ଏ କଟୁ ସମାଲୋଚନା ଅନୁଚିତ ସୀମାରେ ପହଞ୍ଚିଛି ବୋଲି କହିବାକୁ ହେବ ।

## ଅବନା ରସତରଙ୍ଗ

“ଅବନା ରସତରଙ୍ଗ” କାବ୍ୟଟିରେ କବିଙ୍କର ଶବ୍ଦର ପାଣ୍ଡିତ୍ୟ ଓ ଯମକ କୌଶଳ କବିତ୍ୱଶକ୍ତି ପ୍ରକାଶ ପାଇଛି । ବାଇଶି ଛାନ୍ଦ, ଛନ୍ଦ, ଛାନ୍ଦରେ କବି ସମସ୍ତ ଚରଣଗୁଡ଼ିକୁ ଅବନା ଅକ୍ଷରରେ ରଚନା କରି ଅଦ୍ଭୁତ ପାଣ୍ଡିତ୍ୟର ସୂଚନା ଦେଇଛନ୍ତି ।

ଭବ୍ୟ ଅଭବ୍ୟ ସ୍ୱଭାବରେ ରଚିତ ଏହି କାବ୍ୟଟି ଓଡ଼ିଆ ସାହିତ୍ୟ ସଂସାରରେ ଶବ୍ଦ ପାଣ୍ଡିତ୍ୟର ଏକ ଅତୁଳନୀୟ ନିଦର୍ଶନ ହୋଇ ଚିରକାଳ ରହିଥିବ । ଏହାର ପ୍ରତିପଦରେ କବିଙ୍କ ଶବ୍ଦର ପାଣ୍ଡିତ୍ୟ ଏଥିରେ ପ୍ରକାଶ ପାଇଛି ।

ପଦକଳନାରେ କବିଙ୍କ ନୈଷଧୀୟ ପ୍ରଶ୍ନୋତ୍ତର ତାଙ୍କ ପାଣ୍ଡିତ୍ୟର ଅନ୍ୟ ଏକ ଉଦାହରଣ ।

କବି 'ଅବନା' ଶବ୍ଦକୁ ଅବଲମ୍ବନ କରିଥିବାରୁ କେତେକ ସ୍ଥାନରେ ବଞ୍ଜନାଙ୍କ ଶବ୍ଦରୂପ ଦେଖାଯାଏ; ଏହା କବିଙ୍କ ପକ୍ଷରେ ଦୋଷାବହ ନୁହେଁ । କେତୋଟି ଉଦାହରଣ:—

(୧) ଅନଭବ ଅଗ୍ନଲତ ଦାଗଧ କଷଣ ପକ୍ଷ । ୧୬ । (୪ର୍ଥ) ଅନୁଭବ ସ୍ଥାନରେ ଅନଭବ ।

(୨) କବଳକ କଣ୍ଠ ଏଥ ପଦଲ ଶବ୍ଦ । ୨୦ । (୪ର୍ଥ) ଏଣ୍ଡ ସ୍ଥାନରେ ଏଣ୍ଡା ।

(୩) ଲକ୍ଷ୍ମଣ ଜନକ କରକ ଏ ଉପମ କନକ ଧନ ଅପଧନ । ୯ । (୭ମ ଛାନ୍ଦ) ଉପମା ସ୍ଥାନରେ ଉପମ ।

ବୈଦେହୀଶ ବିଳାସ, ରାମଲୀଳାମୃତ ଓ ଅବନା ରସତରଙ୍ଗ—ରାମାୟଣ ବୈଚିତ୍ର୍ୟ କାବ୍ୟ ।

ଅବନା ଉପେନ୍ଦ୍ରଭଞ୍ଜଙ୍କର ରାମଚନ୍ଦ୍ରଙ୍କ ଆବର୍ତ୍ତବଠାରୁ ଆରମ୍ଭ କରି ସୀତା ଉଦ୍ଧାର ପରେ ସୀତା ରାମଙ୍କର ଅଯୋଧ୍ୟାକୁ ପ୍ରତ୍ୟାଗମନ ପର୍ଯ୍ୟନ୍ତ ମୁଖ୍ୟ ଘଟଣାଗୁଡ଼ିକ ସଂକ୍ଷେପରେ ବର୍ଣ୍ଣିତ ହୋଇଛି । ସ୍ୱାମୀ ସ୍ତ୍ରୀଙ୍କ ବିଚ୍ଛେଦ ପରେ ରାମଙ୍କର ବିରହ ସ୍ମୃତିର କରୁଣାନୁଭୂତି କାବ୍ୟରେ ମୁଖ୍ୟ ସ୍ଥାନ ଅଧିକାର କରିଛି, କାବ୍ୟ-କଳେବରର ବହୁଳାଂଶ ଏହି ଭାବନାରେ ପୂର୍ଣ୍ଣ ହୋଇଛି ।

କବି ଅବନା କାବ୍ୟରେ ଅନ୍ୟାନ୍ୟ ଅଳଙ୍କାର ପ୍ରୟୋଗ ମଧ୍ୟ କରିଛନ୍ତି । ଉପମା, ଉତ୍ପ୍ରେକ୍ଷା, ଉପମାନୋପମା, ଯମକ, ଶୃଙ୍ଖଳା, ସିଂହାବଲୋକନ ପ୍ରଭୃତି ଏଥିରେ ଶୋଭନ ଭାବରେ ବ୍ୟବହୃତ ହୋଇଛି ।

କାବ୍ୟଟିରେ ରାମଙ୍କ ମେଘଦୂତ, ପବନଦୂତ, ଚନ୍ଦ୍ରମାଙ୍କ ଦୂତ, ସୀତାଙ୍କ ଶୋକ ଓ ଋତୁ ବର୍ଣ୍ଣନାଦି ପ୍ରାକୃତିକ ବର୍ଣ୍ଣନା ଅତି ମନୋହର ଓ କବିତ୍ୱପୂର୍ଣ୍ଣ ହୋଇଛି । ସୀତାଙ୍କ ମୁଖମଣ୍ଡଳ, ଦେହାଦିର ଶୋଭାବର୍ଣ୍ଣନାରେ କବି ଅନନ୍ୟ ସାଧାରଣ କବିତ୍ୱଶକ୍ତି ପ୍ରକାଶ କରିଛନ୍ତି ।

କାବ୍ୟଟି ତାଙ୍କ ଯୁବାରେ ରଚିତ, ମୋଟରେ ୩୮୧ ପଦ ବା ୭୬୮ ପାଦ ଏଥିରେ ଅଛି । କବି ପ୍ରାୟ ତିନି ଚତୁର୍ଥାଂଶ ଅକ୍ଷର ଚରଣ କରନ୍ତି ଓ ପାଣ୍ଡିତ୍ୟ ପୂର୍ଣ୍ଣ ପଦ୍ୟ ଅବନା ପଦ୍ୟରେ ରଚନା କରି ଏକ ନୂତନ କଳାର ଆଦର୍ଶ ସ୍ଥାପନ କରି ପାରିଛନ୍ତି ; ଏହାକୁ ସାହିତ୍ୟଜଗତରେ ଏକ ଆଶ୍ଚର୍ଯ୍ୟ କହିଲେ ଅତ୍ୟୁକ୍ତି ହେବ ନାହିଁ ।

କଥାସାର—୧ମ ଛାନ୍ଦ—ରାମଙ୍କ ଆବର୍ତ୍ତ, ଶୂର୍ପଣଖାଗମନ, ବିବାହ, ବନବାସ, ରାବଣଦ୍ୱାରା ସୀତାହରଣ, ଲଙ୍କାରେ ସୀତା, ସୀତାଙ୍କ ଇନ୍ଦ୍ରଙ୍କ ଅନୁଭବାଦ ଓ ରାବଣ ବଧ ରହସ୍ୟ କଥନ, ସୀତାଙ୍କ ଦୁଃଖ ।

୨ୟ ଛାନ୍ଦ—ମାୟାମୃଗକୁ ବଧ କରି ରାମ କୁଟୀରକୁ ପ୍ରତ୍ୟାବର୍ତ୍ତନ । ସୀତାଙ୍କୁ ନ ଦେଖି ରାମଙ୍କ ଶୋକ । ବନର ବୃକ୍ଷଲତା, ପଶୁପକ୍ଷୀ ପ୍ରଭୃତିଙ୍କୁ

ରାମ ସୀତାଙ୍କ ସମ୍ବାଦ ପ୍ରଶ୍ନ କରି ବିକଳ ହେଲେ । ଜଟାୟୁଠାରୁ ରାବଣ ସୀତା ହରଣ କରିଥିବା ପ୍ରସଙ୍ଗ ରାମ ଶୁଣିଲେ । ଦେବବାଳଙ୍କ ଶାପ, କବନ୍ଧ ବଧ ।

୩ୟ ଛାନ୍ଦ—ରାମଙ୍କ ଗୋପାଳପୁରୀଙ୍କୁ ବରଦାନ, ଶବରୀ ଦତ୍ତ ଫଳ ଭକ୍ଷଣ, ହନୁମାନ ସଙ୍ଗେ ଭେଟ, ସୁଗ୍ରୀବ ସଙ୍ଗେ ମୈତ୍ରୀ, ଦୁନ୍ଦୁଭି ରାକ୍ଷସ ବଧ, ସପ୍ତତାଳବୃକ୍ଷ ଭେଦ, ବାଳି ବଧ ଓ ସୁଗ୍ରୀବଙ୍କ ସିଂହାସନ ପ୍ରାପ୍ତି, ମାଲ୍ୟବନ୍ତରେ ଅବସ୍ଥାନ, କାର୍ତ୍ତିକମାସରେ ଲଙ୍କା ଅଭିଯାନ ସଙ୍କଳ୍ପ, ମାଲ୍ୟବନ୍ତରେ ବର୍ଷାକାଳ ଯାପନ ।

୪ର୍ଥ ଛାନ୍ଦ—ବର୍ଷାକାଳ । ରାମଙ୍କ ବିରହ ।

୫ମ ଛାନ୍ଦ—ରାତ୍ରିରେ ରାମଙ୍କ ସ୍ୱପ୍ନ ଓ ସ୍ୱପ୍ନ ଭଙ୍ଗ ପରେ ବିଳାପ । ରାମଲକ୍ଷ୍ମଣଙ୍କ ସାନ୍ତ୍ୱନା ଓ ଉପଦେଶ ।

୬ଷ୍ଠ ଛାନ୍ଦ—ବର୍ଷାଋତୁ । ପବନଙ୍କୁ ସମ୍ବୋଧନ କରି ରାମଙ୍କ ବିରହବେଦନା ଜ୍ଞାପନ ।

୭ମ ଛାନ୍ଦ—ବର୍ଷାକାଳ । ଜଳଧରଙ୍କୁ ସମ୍ବୋଧନ କରି ରାମଙ୍କ ବିରହବେଦନା ପ୍ରକାଶ ।

୮ମ ଛାନ୍ଦ—ଶରତ ଋତୁ । ବର୍ଷା ଯାଇ ଶରତ ଉପସ୍ଥିତ ହୋଇଥିଲେ ମଧ୍ୟ ସୁଗ୍ରୀବ ଆସି ନଥିବାରୁ ରାମଙ୍କ ଚିନ୍ତା । ରାମଙ୍କଦ୍ୱାରା ଲକ୍ଷ୍ମଣ କିଷ୍କିନ୍ଧାକୁ ଗମନ । ବନର ଖଗମୃଗାଦିଙ୍କୁ ରାମଙ୍କ ସୀତାପ୍ରସଙ୍ଗ ପ୍ରଶ୍ନ । ସୀତାଙ୍କୁ ରାବଣ ହରିଯାଇ ନେଇଥିବା ପ୍ରସଙ୍ଗ ବନ ରାମଙ୍କୁ କହିଲା ଓ ସେହି ସମୟରେ ସୀତାଙ୍କ ବଦନର ବର୍ଣ୍ଣନା କଲା ।

୯ମ ଛାନ୍ଦ—ରାମଙ୍କ ଦ୍ୱାରା ସୀତାଙ୍କ କେଶ ଓ ବଦନ ଶୋଭା ବର୍ଣ୍ଣନ ।

୧୦ମ ଛାନ୍ଦ—ରାମଙ୍କଦ୍ୱାରା ସୀତାଙ୍କ ଦେହକାନ୍ତି, କେଶ, କବରୀ ଅବସ୍ଥାନର ଶୋଭା ବର୍ଣ୍ଣନ । ଜଟାୟୁଙ୍କୁ ରାମଙ୍କ ବରପ୍ରଦାନ ।

୧୧ଶ ଛାନ୍ଦ—କିଷ୍କିନ୍ଧ୍ୟାରେ ରାମଲକ୍ଷ୍ମଣଙ୍କ ପ୍ରବେଶ । ଶୀତ ଋତୁର ପ୍ରବେଶ । ରାମଙ୍କ ସନ୍ଦେଶ ବହନ କରି ସୀତାଙ୍କ ଅନ୍ୱେଷଣରେ ହନୁମାନ ଲଙ୍କାକୁ ଗଲେ, ଅଙ୍ଗଦ ମଧ୍ୟ ସଙ୍ଗରେ ଗଲେ । ସମ୍ପାତି ଲଙ୍କାମାର୍ଗ ଦେଖାଇଲେ ।

୧୨ଶ ଛାନ୍ଦ—ବସନ୍ତ ଋତୁର ଆଗମନ । ଏହି ସମୟରେ ହନୁମାନ ଲଙ୍କାକୁ ଯାତ୍ରା କଲେ । ଲଙ୍କାଦେବୀଙ୍କୁ ପରାସ୍ତ କରି ହନୁମାନ ତାଙ୍କ ସାହାଯ୍ୟରେ ଲଙ୍କା ଭିତରେ ପ୍ରବେଶ କଲେ । ହନୁମାନ ସୀତାଙ୍କୁ ଭେଟିଲେ । ହନୁମାନଠାରୁ ରାମ ସୀତାଙ୍କ ସମ୍ବାଦ ଶୁଣିଲେ । ରାମ ସୁଗ୍ରୀବାଦିଙ୍କ ସହ ଲଙ୍କା ଆକ୍ରମଣ କଲେ । ଲଙ୍କା ଯୁଦ୍ଧରେ ରାବଣ ବଧ । ସୀତା ଉଦ୍ଧାର । ରାମସୀତାଙ୍କ ଅଯୋଧ୍ୟା ପ୍ରତ୍ୟାଗମନ ।

ପଦ୍ୟାମୃତ—(୧) ବର୍ଷାକାଳ ଉପସ୍ଥିତ ହେବାରୁ ବିରହୀ ରାମଚନ୍ଦ୍ର କନ୍ଦର୍ପ ଜ୍ୱାଳାରେ ପୀଡ଼ିତ ହୋଇ କନ୍ଦର୍ପଙ୍କୁ ସ୍ତୁତି କଲେ ।

× ଏ ପ୍ରଭୁ ମଥନ ସ୍ତୁତି

ମମ ଏକଳକ ପୂରି ଭ୍ରମ ନ ଭରୁ । ୧୩ ।
କନକ ପତ୍ରୀ କୁଣ୍ଡଳ, ଶମନ ଗନ୍ଧନସ୍ଥଳ,
ଭ୍ରୂ ଚର୍ମ ଜଟଧର ନଗ ଭୁବନ
ଅଳକ ତଳର ସୂତ, ଅର୍ଦ୍ଧ ଶଶଧରକୃତ,
ଦର୍ଭ୍ୟ ସୁର୍ଦ୍ଧିବନ୍ତ ଧନ ଦକ୍ଷି ବଦନ ।
ତବ ପଦ ସିନ୍ଧୁ ନୟନ, ଜ୍ୱରର ଅଙ୍ଗଦ କୃପଧ୍ୱଜ ହେଲ୍ଲୁ । ୧୪ ।
ଚଳ ଚଳ ମନମଥ, ରକତଦ୍ୱନ୍ଦ୍ୱ ପ୍ରମଥ,
ବର ସଙ୍ଗ ଅନଙ୍ଗ ସମଟପଣ,
ଏକାନ୍ତ ଦନ୍ତ ନ ମନ୍ତ୍ର, ଏ ଧଣି ପ୍ରକଟ ବର୍ଯ୍ୟ
ନ ବନ୍ଧୁ ନ ବନ୍ଧୁ ଏଣି ମଧ୍ୟ ଲକ୍ଷଣ ।
ସର୍ପ ସମ ପରି ଉପର,
ନ କର ନ କର ହୃତ ପବନ ଶର । ୧୫ । (୮ମ ଛାନ୍ଦ)

ଦାରୁଣ ଶଙ୍କା, ବ୍ୟଥିତ ହୃଦୟ, ଜଟାଧାରୀ, ବନବାସୀ ରାମଚନ୍ଦ୍ରଙ୍କ ନିଦର୍ପ ସୁଗ୍ରୀବ ଭୃତ୍ୟ ବୋଲି ସ୍ୱତ ବିନାଶ କରିବାକୁ ଉଦ୍ୟତ ନ ହେଲେ, ମାତ୍ରା ରାମଚନ୍ଦ୍ର କହୁଛନ୍ତି । ଉପମା ମଣ୍ଡିତ, ଚମତ୍କାର କଳ୍ପନାପ୍ରସୂତ ଏହି ପଦଗୁଚ୍ଛକ ଅତୀବ ରମଣୀୟ ହୋଇଅଛି । ଯଥା—

ଭସ୍ମ କରିଲି ମଦନ, ମୃତ ସଞ୍ଜୀବନ ବନ୍ଧନ,
ମମ ମୃତ ଅଙ୍ଗ ତବ ଏମନ ତନ୍ତ୍ର
ଅନଙ୍ଗ ଅଛି ଇତ, ଦଶରଥ କପିଶ ସୁତ,
ମନ୍ଦ ଅପଶ ନ ମଣ୍ଡ ଏ ମଣ୍ଡିୟନ୍ତେ ।
ନେତ୍ରଶ୍ରିଲ ନଭନଭ, ଜବ ବାହ୍ୟ ଯଗ ବନ୍ଧରେ ନନ୍ଦନ । ୧୭ ।

ରାମଚନ୍ଦ୍ର କପର୍ଦ୍ଦଙ୍କୁ ସମ୍ବୋଧନ କରି ସେହି ସବୁ କଥା କହୁଛନ୍ତି ତାହା କବିଙ୍କର ଗଭୀର ପାଣ୍ଡିତ୍ୟ ଓ କଳ୍ପନା ଶକ୍ତିର ପରିଚୟ ଦେଉଛି ।

(୨) ଧନ ରମ୍ୟ ସୁନ୍ଦରବନ ପଲ୍ଲବନ ରସସାର,
ପ୍ରକାଶ ଅମଳ ଶତଦଳାଭ ଛବି
ଭବନ୍ତି ଭାସନ୍ତି ସୁତ ଧବଳ ପଥର ମତ,
କରମ ଅକ୍ଷରଭରି ମନ ଚାଲିଲ ।
ଚୁମ୍ବିଲୁ ତପସ୍ୱୀ ମନ, ସ୍ୱଚ୍ଛଦଣ୍ଡ କେଳିସ୍ଥ ମମ ଏ ସତ । ୨୭ ।
(୪ର୍ଥ ଛାନ୍ଦ)

(୩) ସତ କରମ କରିଲ ସକଳ, ହୃଦ ଅଶନ କରିକ ଗରଳ । ୫ ।
ମଳୟଜ ଜଣିଲ ଚନ୍ଦନ, ଶଶୀ ତନୁ ଧବଳ କରୁ ଯେବେ । ୬ ।
ଉପବନ ମମ ଧନ କରମ, କରିଥିବ ଭୁବନର ଜନମ । ୭ ।
(୬ଷ୍ଠ ଛାନ୍ଦ)

(୪) କନକପତ୍ର ବରଣ ବସ୍ତ୍ର, ଏକ ଅବସ୍ଥାନ ରସ ଭୁବନ । ୨୪ ।
ମଧୁ ସଞ୍ଚରଣ କରୁ ଶିବକ୍ଷ, ଷଟପଦ ନ ଲଭିଲ କମଳ । ୨୫ ।
ଭୂଷ ନୀଳାମ୍ବ ଅପରାଜିତ କରୁ, ଏ ସତ ନଭସ୍ତଳ ଚଳର । ୨୬ ।
ଏପନନ ନୟନ ବନ୍ଧପଣ, କରି ଉଷ୍ଣର କଣ୍ଟକ ଶରଣ । ୨୭ ।
(୬ଷ୍ଠ ଛାନ୍ଦ)

(୫) ଜଳଦଙ୍କୁ ସମ୍ବୋଧନ କରି ସୀତାଙ୍କପାଖରୁ ଦୂତ ସ୍ୱରୂପ ଯିବା ନିମନ୍ତେ ରାମଚନ୍ଦ୍ର ଅନୁରୋଧ କରି ସୀତାଙ୍କୁ କିପରି ଚିହ୍ନିବେ, ତାଣ ଉଣ୍ଟେବ ଲାବଣ୍ୟ-ପ୍ରସଙ୍ଗ ଜଣାଉଛନ୍ତି ।—

ହେମଶୀର ଇନ୍ଦ୍ରନୀଳ କରିଥିବ, ବଦନ କମଳନୟନ
କର କଳଧୌତ ଶୋଭିବ ଉଦାସ୍ୟ, ନ କର ବଳ ସରଜନ ।
ଜଳଦ, ଚଳନ୍ତ କନକ ନଗରୀ,
ନ କର ଶଙ୍କା ପରିଖାରେ ପଡ଼ନ ଜଳ ବରିଷିଣି ତ କରି । ୧ ।

ମମ ଧନଙ୍କ ଏସନ ପରିଚୟ, ତୋହର କର ଦରଶନ
ତାକ ତଳପ କରିଣ ଅତି ଶୀଘ୍ର କହିବା ସଜଳ ନୟନ ।
ଜଳଦ, ସୁତ ଏ ଘଣ ଅବଳନ
ଦିଅ କଦଳୀ ତତ୍ପର ବଦନଘ ଗୁଞ୍ଜରସମ ଦୋତନ । ୨ ।

(୨ମ ଛାନ୍ଦ)

(୬) ମମ ପଦ୍ଧିବ ଭଲ ନଗ ଘଞ୍ଚର ଖତ ଦରଶନ ବଶରୁ
ଶିବ ଉପମ ପରିଶଙ୍କ ଧରିଇ ବଶନ ଜରି ଜରି ଜରୁ ।
ଜଳଦ, ଝଳ ମମ ଦରଶନରୁ
ଶକ୍ଳଦ ବଶ ତରୁ ତରୁ ଓଲଗ କରଇ ଶକଳ ଇତରୁ । ୧୬ ।

(୭ମ ଛାନ୍ଦ)

(୭) ରାମଙ୍କ ମୁଖରେ ସୀତାଙ୍କ ଶୋଭା ବର୍ଣ୍ଣନ (୯ମ ଓ ୧୦ମ ଛାନ୍ଦ) ଏ ଦୁଇଟି ଛାନ୍ଦର ପ୍ରତ୍ୟେକ ପଦ କବିତା ମାଧୁର୍ଯ୍ୟରେ ସମ୍ପୂର୍ଣ୍ଣ ଏବଂ କାବ୍ୟ ଜଗତରେ ଅତୁଳନୀୟ ।

## ରାମଲୀଳାମୃତ

ରାମଲୀଳାମୃତ କାବ୍ୟଟି ଚଉଦଟି କ୍ଷୁଦ୍ର କ୍ଷୁଦ୍ର ଛାନ୍ଦରେ ରଚିତ । ରାମଜନ୍ମଠାରୁ ପରଶୁରାମ ଦର୍ପ-ଭଙ୍ଗ ପର୍ଯ୍ୟନ୍ତ ରାମାୟଣାନ୍ତର୍ଗତ ଚରିତ ଏଥିରେ ବର୍ଣ୍ଣିତ ହୋଇଅଛି । ସୀତା-ରାମ ବିବାହ ହିଁ ଏଥିର ମୁଖ୍ୟ ବର୍ଣ୍ଣନୀୟ ବସ୍ତୁ ।

ଅବଶ୍ୟ ରାମଚରିତ୍ର ଓ ବୈଦେହୀଶ ବିଳାସରେ କବି ରାମଜନ୍ମଠାରୁ ସୀତା ଉଦ୍ଧାର ପରେ ରାମ ସୀତାଙ୍କ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ ପ୍ରସଙ୍ଗ ବର୍ଣ୍ଣନା କରିଛନ୍ତି । ଉତ୍ତରକାଣ୍ଡ ବର୍ଣ୍ଣିତ ଦୁଃଖପୂର୍ଣ୍ଣ ହୋଇଥିବାରୁ କବି ପରଂପରାକୁ ଅବଲମ୍ବନ କରି ସେହି ବିଷୟକୁ ଭକ୍ତ କାବ୍ୟମାନଙ୍କରେ ତ୍ୟାଗ କରିଥିବା ବୈଦେହୀଶ ବିଳାସରୁ ଜଣାପଡ଼େ ।

ବିଶେଷତ୍ୱ—(୧) କାବ୍ୟକାର୍ଯ୍ୟକାରୀ ପ୍ରଥମ ବର୍ଣ୍ଣସଂଖ୍ୟକ ଅଳଙ୍କାରରେ ଭରାକ୍ରାନ୍ତ ହୋଇ ନାହିଁ; ସ୍ୱାଭାବିକ ବର୍ଣ୍ଣନାରେ କବି ଯେ ସିଦ୍ଧହସ୍ତ ଏହା ଏହି କାବ୍ୟରୁ ସ୍ପଷ୍ଟ ପ୍ରମାଣିତ ହେଉଛି । ଉପମା ଅଳଙ୍କାର ପ୍ରୟୋଗ ସ୍ଥଳରେ ବ୍ୟବହୃତ ହୋଇ ପଦାବଳୀକୁ ଉଜ୍ଜ୍ୱଳ କରିଛି । ଭାଷା ପାଣ୍ଡିତ୍ୟପୂର୍ଣ୍ଣ ଓ ମାର୍ଜିତ ।

(୨) ସମୟ—କାବ୍ୟଟିର ବହୁ ଛାନ୍ଦରେ ରାଗନିର୍ଦ୍ଦେଶ ସ୍ଥଳରେ କବି ଅନ୍ୟ କବିମାନଙ୍କର କେତେକ ପ୍ରସିଦ୍ଧ ବାଣୀ ଓ ଛାନ୍ଦର ଉଲ୍ଲେଖ କରିଥିବାରୁ କାବ୍ୟ ଓ କବିଙ୍କ ସମୟ ନିର୍ଣ୍ଣୟ କରିବା ପାଇଁ ସୁବିଧା ହେଉଛି ।

୧ମ ଛାନ୍ଦ —ରାଗ— ମଙ୍ଗଳଗୁର୍ଜ୍ଜରୀ, ଧନଞ୍ଜୟଭଞ୍ଜ ବାଣୀରେ ଗାଇବ ।
୨ୟ ଛାନ୍ଦ —ରାଗ— ରାମକେରୀ, ଯୋଗୀ ସମାଧି ବାଣୀ ।
୪ର୍ଥ ଛାନ୍ଦ —ରାଗ— ବସନ୍ତବରାଡ଼ି, ଅନ୍ୟ ନର୍ତ୍ତକୀର ବାଣୀ ।
୫ମ ଛାନ୍ଦ —ରାଗ— ଦେଶାକ୍ଷୀ, ଦ୍ରୁପଦ ଚେଡ଼ୁଆ ବାଣୀ ।
୬ଷ୍ଠ ଛାନ୍ଦ —ରାଗ— କୌଶିକ, କୁମୁଦକାନ୍ତ ବାଣୀ ।

(୩) କାବ୍ୟଟିର ଶେଷରେ କବି ନିଜର ପିତା, ପିତାମହଙ୍କ ନାମୋଲ୍ଲେଖ କରିଛନ୍ତି । ନିଜର 'ବୀରବର' ଉପାଧି ଏକାଧିକ ସ୍ଥାନରେ ବ୍ୟବହାର କରିଛନ୍ତି ।

ରାମଲୀଳାମୃତ ଏ ଗୀତାଭିଧାନ ଯେ, ଧନଞ୍ଜୟ ନୃପତି ସୁତ ନନ୍ଦନ ଯେ,

× ନୀଳକଣ୍ଠଭଞ୍ଜ ଧରଣୀର ଜନକ ହେଉଛି ଯେଉଁ ସୁତର
ଶ୍ରୀ ଉପେନ୍ଦ୍ର ନାମରେ କୋବିଦମାନେ ଜାଣନ୍ତୁ ସାର ହେ । (ଶେଷ ଛାନ୍ଦ)

"ଧନଞ୍ଜୟ ନୃପତିସୁତ ନନ୍ଦନ" ପଦରୁ ଜଣାଯାଉଛି କାବ୍ୟଟି ଶେଷ ହେବା ସମୟରୁ ରାଜା ଧନଞ୍ଜୟ ଭଞ୍ଜ ଜୀବିତ ଥିଲେ ।

(ଘ) କାବ୍ୟଟିର ଶୈଳୀ, ଅଳଙ୍କାରଚ୍ଛଟା, ଛନ୍ଦୋବୈଚିତ୍ର୍ୟ, ବର୍ଣ୍ଣନାଚାତୁରୀ ଉପେନ୍ଦ୍ର ଭଞ୍ଜଙ୍କ ପ୍ରତିଭାର ପୂର୍ବାଭାସ ।

(ଙ) ଉପେନ୍ଦ୍ର ଭଞ୍ଜ ରସଲୀଳାମୃତରେ ଯେଉଁ ଧର୍ମ-ସମ୍ପ୍ରଦାୟର ନାମୋ-ଲ୍ଲେଖ କରି ସେ ସମସ୍ତଙ୍କର ଆସ୍ଥା ଥିବା ପ୍ରତିପାଦନ କରିଅଛନ୍ତି । ଏହି କାବ୍ୟଟିର ଏକାଧିକ ସ୍ଥଳ ଭଣିତା ସ୍ଥଳରେ ଏହାର ଉଲ୍ଲେଖ କରିଥିବାରୁ ଏଥି ପ୍ରତି ସେ ବିଶେଷ ଗୁରୁତ୍ୱ ଆରୋପ କରିଥିବା ସ୍ପଷ୍ଟ ହେଉଛି ।

କବି 'ହରିହର' ଉପାସନାର ସୂଚନା ଦେଇଛନ୍ତି । ସେ ମୁଖ୍ୟତଃ ରାମ ଉପାସକ ଥିଲେ ମଧ୍ୟ ଅନ୍ୟ ଦେବଦେବୀ ବା ସମ୍ପ୍ରଦାୟ ପ୍ରତି ତାଙ୍କର ସମ୍ମାନ କରୁଥିବା ଏଥିରୁ ସ୍ପଷ୍ଟ ହେଉଛି ।

(ଚ) ଶୁଭଦର୍ଶ ଭବଭୟାପନାଶନ ମହାକାଳସୁଖ ଝଡାନ
ବୈଷ୍ଣବ ଶୈବ ଶାକ୍ତ ଗାଣପତ୍ୟଙ୍କ ହରିହରାତ୍ମା ବ୍ରଜନନ୍ଦନ × × । ୩୨ ।
(୬ଷ୍ଠ ଛାନ୍ଦ)

(ଛ) ହରିରୂପ ଧର୍ମରାଜସୁରେନ୍ଦ୍ରାଦି ଦାଣ୍ଡପତ ଭଣଶରଣ
ସେମା ହେ ବୈଷ୍ଣବ ଗାଣପତ୍ୟ ଶୈବ ଶାକ୍ତ ଜାଣ ନାହିଁ କାରଣ,
ଏଣୁ ସେ, ପ୍ରାଣୀଙ୍କ ସଦା ଭଜନସୁ
ଜଣେ ଉପେନ୍ଦ୍ର ଭଞ୍ଜ ବାରବାର ସେ ଶ୍ରୀପଦ ଧ୍ୟାୟି । ୨୭ ।
(୭ମ ଛାନ୍ଦ)

(ଜ) ଶ୍ରୀନିବାସ ସେ ସମସ୍ତ କାଳରେ । ମହାଦେବ ତେଜ ସେ ଭାବୁ ଭବେ ।
ବୈଷ୍ଣବ ଶୈବ ଶାକ୍ତ ଗାଣପତ୍ୟ । ଶାସ୍ତ୍ର ଅନୁସାରେ ସେବାନ୍ତି ନିତ୍ୟ ।
ସେ ସବୁ ତରଙ୍ଗ, ଉପେନ୍ଦ୍ର ଭଞ୍ଜ ପଦେ ଶରଣ । ୩୯ । (୮ମ ଛାନ୍ଦ)

ରସଲୀଳା କାବ୍ୟ—ଉପେନ୍ଦ୍ର ରସଲୀଳାମୃତ କାବ୍ୟଟିକୁ 'ରସଲୀଳା' ନାଟକୋପଯୋଗୀ କରିଥିବା ଅନୁମାନ କରାଯାଏ । କାବ୍ୟଟିର ବର୍ଣ୍ଣନାତ୍ମକ ପଦାବଳୀ ଏହାର ଏକ ପ୍ରମାଣ । 'ଲୀଳା' ଗୀତି-ନାଟ୍ୟରେ ସଙ୍ଗୀତନବୋଧ୍ୟ

ପଦ୍ମକଳିକା ବ୍ୟବହୃତ ହୋଇଥାଏ; ସମସାମୟିକ ବିଶ୍ୱନାଥ ଖୁଣ୍ଟିଆଙ୍କ 'ବିଚିତ୍ର ରାମାୟଣ' ଏହାର ପ୍ରମାଣ । ପରବର୍ତ୍ତୀ ସମୟରୁ ଏକାଧିକ ରାଜା ପୀତାମ୍ବର ଦେବଙ୍କ ରାମଲୀଳା, କେଶବ ପଟ୍ଟନାୟକଙ୍କ ରାମାୟଣ, ଈଶ୍ୱର ଦାସଙ୍କ ରାମାୟଣ ଲୀଳା, ରାଜେନ୍ଦ୍ର ଦେବଙ୍କ ରାମଲୀଳା ପ୍ରଭୃତି 'ଲୀଳା' କାବ୍ୟମାନଙ୍କରେ ସରଳ ପ୍ରକାର ବନ୍ଧ ଛାନ୍ଦ ଅଛି । ଉପେନ୍ଦ୍ରଙ୍କ 'ରାମଲୀଳାମୃତ' ଉପେନ୍ଦ୍ରଙ୍କ ଦୃଷ୍ଟିରୁ ସରଳ ହେଲେ ମଧ୍ୟ ସାଧାରଣଙ୍କ ପକ୍ଷରେ ସେତେ ସହଜ ନୁହେଁ । ଏହାର ଏ-ସରଳତା ଏହି କାବ୍ୟଟିକୁ 'ଲୀଳା'ରେ ବ୍ୟବହାର କରିବାରେ ବାଧା ସୃଷ୍ଟି କରିବା ସମ୍ଭାବନା ଥିବାରୁ 'ଲୀଳା'କାବ୍ୟରୂପେ ଏହାର ପ୍ରଚଳନ ଦେଖାଯାଏ ନାହିଁ ।

ରାମଲୀଳାମୃତକୁ ଏକ ଉଚ୍ଚକୋଟୀର କାବ୍ୟରୂପେ ସୁଧୀସମାଜ ଗ୍ରହଣ କରିବା ଆଶା କବିଙ୍କର ରହିବା ସ୍ୱାଭାବିକ, ଏହି ପ୍ରସଙ୍ଗରେ ଶେଷ ଛାନ୍ଦରେ ଲେଖିଛନ୍ତି—

ମୋହ ଭୁବନ ଚନ୍ଦ୍ର ଛାନ୍ଦ    ଶାନ୍ତରଞ୍ଜନ ପଦକୁ ପଦ
ବୁଦ୍ଧି କାବ୍ୟଗୁଣଂଶା ଏଥି ନିତ୍ୟ ଯତ୍ନବ ସେ,
ପେଷଣେ ହୃଦୟ ସବରେ    କହିବ ସାଧୁ କବି ମୁଖରେ
ଏ ପ୍ରତିପଦ ଅର୍ଥ ବୁଝିବାକୁ ବୋଧ କରିବ ସେ ।X୧୭। (୧୪ ଛାନ୍ଦ)

ବିବିଧ ସଙ୍ଗର ବ୍ୟବହାରିକ ଜ୍ଞାନ—ରାମଲୀଳାମୃତରେ କବି ନେତୋଟି ରାଜନୈତିକ ବ୍ୟବହାରିକ ଜ୍ଞାନ ପ୍ରସଙ୍ଗକ୍ରମେ ବ୍ୟକ୍ତ କରିଛନ୍ତି । ମିଥିଳାପୁରରେ ବରଯାତ୍ରୀଙ୍କ ଆଗମନ, ବରଯାତ୍ରୀଙ୍କ କବାଟ ବେଢ଼ାରେ ପ୍ରବେଶ ପ୍ରଭୃତି ବର୍ଣ୍ଣନା ଛାନ୍ଦରେ କବି ଏପରି ରାଜ-ଶାସ୍ତ୍ରର ସମସ୍ତର ସୂଚନା ଦେଇଛନ୍ତି (୧୧ଶ ଛାନ୍ଦ)—

୧ । ମଙ୍ଗଳ ରାଗ—

(କ) ଏଥୁ ଅନନ୍ତରେ ଜନକ ଆଦେଶେ; କୃଷ୍ଣଧ୍ୱଜବଂଶୀଧର ଧାଇଁ ନେ
ରାମଚନ୍ଦ୍ରଙ୍କ ଶୋଭାକୁ ଦେଖି ବଡ଼େଲ, ଅନ୍ତଃପୁରସ୍ଥ ନାରୀମାନେ

ସୁଗୀତ, ମଙ୍ଗଳ ସ୍ୱରରେ ପୂରିତ,
ଭରତନାଟ୍ୟମାଳା-ବଶରେ ମଣ୍ଡନ, ବରଗାଳ ଏକ୍ଷା ଖଚିତ । ୧ । (୭ମ ଛାନ୍ଦ)

(ଖ) ଦଶମୀ କଣି ପ୍ରବେଶେ ବହୁତ ସାଧସ,
ଗାଇଥିଲେ ଗନ୍ଧର୍ବର ସୁରେ ଇନ୍ଦ୍ର ଦେବ ହେ । ୧ ।
ମୁଖର ହେଲା ଜାତ ବାଦ୍ୟ ଶୁଭେ ଜଣା
ମଙ୍ଗଳଗୀତ ପ୍ରକାଶ ସମ୍ପଦ ଯାଇ ହେ । ୨ । (୧୧ଶ ଛାନ୍ଦ)

୨ । ବସନ୍ତ ରାଗ—

ବରଙ୍କୁ ଗାଧୋଇବା ବେଳେ ମଙ୍ଗଳଗୀତ ଓ ବାଦ୍ୟଭାଣ୍ଡ ବେଳେ ବସନ୍ତ ରାଗ—

ବର ସୁଧାନନ୍ଦ ସ୍ୱରେ ଗାଧୋଇବା ପାଇଁ,
ନାଗ୍ରୀ ନିଲେ ଦୈବକ ମଙ୍ଗଳଗୀତ ଗାଇ ହେ । ୮ ।
ବେଣୀ ଦ୍ରୁତ ସୁମନା ବେଳା ବର ଅଙ୍ଗେ,
ନେତ୍ର-ଖଣ୍ଡ ଭରି ଗ୍ରାମ ଶୀର୍ଷ୍ଣ ଦଳଙ୍କେ ହେ । ୯ ।

× × ×

ବାହୁବଲ୍ଲୀ ନବର ବସନ୍ତ ରାଗ କରି,
ତନ୍ଦ୍ରୁ ଭାବେ ଗାଧୋଇଲେ ସୁରେ ହୁଳହୁଳି । ୧୧ ।

୩ । ବଙ୍ଗାଳଶ୍ରୀ ରାଗ—

ଦଣ୍ଡି ବେଧ୍ରୁମାଲ୍ଲିକା ବୋଇଲ ସୁରଙ୍କି,
ଏ ବାଧ୍ୟ କଲେ ଜନକ ସୁରେ କୁମାରଙ୍କି । ୧୫ ।
ପୂଜା କରନ୍ତୁ କମଳା ନିବଣୀତଳସ୍ଥ,
ବଙ୍ଗଳା-ଶ୍ରୀ ରାଗ ତହିଁ ଶୁଭିଲା ମାଧୁର୍ଯ୍ୟ ହେ । ୧୬ ।

୪ । ପଟ୍ଟମଞ୍ଜରୀ—

ଏକାଳେ ଉଜାଣ୍ଡି ଦଶରଥ ଦଣ୍ଡଧାରୀ,
ରୁହିଁ ଅନୁକୂଳ ଶତ ପଟ୍ଟମଞ୍ଜରୀ ହେ । ୨୩ ।

୫ । ମାଳବ (ଶଶିକାନୃତ୍ୟବେଳେ)—

କେଉଁଠାରେ ଗାୟକ ମଞ୍ଜୁଳ ମାଳବରେ,
ଜନଜାଣୁ ହୋଉଛୁ ମର୍ଦ୍ଦଳ ମଣ୍ଡଳରେ ଯେ । ୩୬ ।

୬ । ଅଶାବରୀ—

ଏଥିକ୍ରେ ସ୍ୱାମ ଶଙ୍କଟ କନକକୁମାରୀ,
ଅଶାବରୀ ବନ୍ଦିଭ କେସ୍ମାଳିଛୁ ବେଗ ବାଳରି ଯେ । ୪୧ ।

୭ । ଭୂପାଳ—

ବଧୂବଦନକୁ କଳା ଅତଏ ଲଧପତି,
ଭୂପାଳୀର ପ୍ରକାଶି ଦେ ଏମନ୍ତ ପ୍ରଗାଢ଼ ଯେ । ୪୨ ।

୮ । ଧନାଶ୍ରୀ (ମଧୁସ୍ୱଦାଜ ବେଳେ)—

ଚଳେ ସକଳ ମାଧୁରୀ ବାଜେ ଧନାଶ୍ରୀରେ,
ସ୍ତବକ ଘନ ଙ୍କୁଣ୍ଟିଆ ମହିମା ଡାକରେ ଯେ । ୪୭ ।

୯ । ପଞ୍ଚମବରାଡ଼ି (ଙ୍କୁଣ୍ଟିଆ ଡାକ ଦେଲବେଳେ) —

ଗୀତ ପଞ୍ଚମ ବରାଡ଼ୀ ସୁରସାଠ କରେ,
ପଶୁପକ୍ଷୀର ଭୂତଦାଖା ସେହୁ ଏକାକାରେ । ୫୦ ।

୧୦ । ଭୈରବ—

କେଉଁଠାରେ ଭଜନ ମାଗଧ ଗଣମାନ,
ଭୈରବ ସ୍ୱର କ୍ଷ୍ମାଇଅଛୁ ସ୍ତୁତିପାଠ ଯେ । ୩୦ ।

ନୃତ୍ୟ ସମୟରେ ଗୀତର କେତୋଟି ସ୍ୱରର ନାମ କରି ସ୍ତୁତିର ଭାବ-ମାନଙ୍କର ପ୍ରସଙ୍ଗକ୍ରମେ ଉଲ୍ଲେଖ କରିଛନ୍ତି । କିନ୍ତୁ ସମନ୍ୱୟାତ୍ମକ ଭାବରେ କଟିକି ସ୍ୱରର ଗାୟକ ସମସ୍ତ ସ୍ୱରଭଦନାରେ ପ୍ରକାଶ କରିଛନ୍ତି । ପୂର୍ବେ ଅନ୍ୟ-କେହି କବି ଏପରି ବର୍ଣ୍ଣିତ ସନ୍ଦେଶ ଦେଇଥିବା ଜଣା ଯାଇନାହିଁ ।

ସାମାଜିକ ରୀତିନୀତି—ରାମଲୀଳାମୃତରେ ବହୁ ବହୁ ସାମାଜିକ ଘଟଣାର ବର୍ଣ୍ଣନା କରିଛନ୍ତି । ସେଗୁଡ଼ିକ ସମସାମୟିକ ସମାଜରେ ପ୍ରଚଳିତ ଥିଲା ଏବଂ ବର୍ତ୍ତମାନ ମଧ୍ୟ ପ୍ରଚଳିତ ଅଛି । ବିବାହରେ ବରକନ୍ୟା ବେଶ, ବରଯାତ୍ରୀଙ୍କ ଶୋଭାଯାତ୍ରା, ବରବରଣ ଓ ବିବାହ ପ୍ରଭୃତି ବହୁ ବିଧିବିଧାନର ସୂଚନା ଏଠି କବି ଦେଇଛନ୍ତି । ବାଣ, ନୃତ୍ୟ ଓ ବରକୁ ଦେଖି ପୁରନାରୀମାନଙ୍କର କୌତୁକ କଥୋପକଥନ ଓ ବିଭିନ୍ନ ପ୍ରକାର ଦୃଶ୍ୟ ଜନପ୍ରିୟ ହୋଇଛି ।

କଥାସାର—୧ମ ଛାନ୍ଦ—ରାମାଦିଙ୍କ ଜନ୍ମ । ରାକ୍ଷସମାନଙ୍କ ଅତ୍ୟାଚାରରୁ ଯଜ୍ଞ ରକ୍ଷା ନିମନ୍ତେ ରାମଲକ୍ଷ୍ମଣଙ୍କୁ ବନକୁ ପଠାଇବା ପାଇଁ ବିଶ୍ୱାମିତ୍ରଙ୍କ ଦଶରଥଙ୍କପାଖରେ ନିବେଦନ । ରାମ ଲକ୍ଷ୍ମଣଙ୍କୁ ସଙ୍ଗରେ ନେଇ ବିଶ୍ୱାମିତ୍ରଙ୍କ ବନଗମନ ।

୨ୟ ଛାନ୍ଦ—ତାଡ଼କା ଆଦି ଅସୁରମାନଙ୍କୁ ରାମଲକ୍ଷ୍ମଣ ବଧକରି ବନକୁ ନିରାପଦ କଲେ । ସୀତା ସ୍ୱୟମ୍ବର ପ୍ରସଙ୍ଗ ବିଶ୍ୱାମିତ୍ର ରାମଲକ୍ଷ୍ମଣଙ୍କୁ କହିଲେ ।

୩ୟ ଛାନ୍ଦ—ବିଶ୍ୱାମିତ୍ର ସୀତାଙ୍କ ଶୋଭା ବର୍ଣ୍ଣନା କଲେ ।

୪ର୍ଥ ଛାନ୍ଦ—ମୁନି ବିଶ୍ୱାମିତ୍ରଙ୍କ ସଙ୍ଗରେ ରାମଲକ୍ଷ୍ମଣ ବନର ନାନାସ୍ଥାନ ଭ୍ରମଣ କଲେ । ଅହଲ୍ୟାଙ୍କ ଚରିତ । ଅହଲ୍ୟାଶାପ ମୋଚନ । ଗଙ୍ଗାପାର ଓ ଧୀବରଙ୍କ ସ୍ତୁତି କଥା ।

୫ମ ଛାନ୍ଦ—ରାମଲକ୍ଷ୍ମଣ, ବିଶ୍ୱାମିତ୍ରଙ୍କ ସହ ମିଥିଳା ନଗରରେ ପ୍ରବେଶ । ନଗରର ସୌନ୍ଦର୍ଯ୍ୟ ଓ ସମୃଦ୍ଧ ଅବସ୍ଥା । ରାମଙ୍କ ଅପୂର୍ବ ଶୋଭାକୁ ଦେଖି ପୁରନାରୀମାନଙ୍କର ପ୍ରଶଂସା ।

୬ଷ୍ଠ ଛାନ୍ଦ—ସ୍ୱୟମ୍ବର ସଭା । ସଭାରେ ରାମଙ୍କୁ ଦେଖି ସୀତାଙ୍କ ସଖୀମାନେ ସୀତାଙ୍କୁ ଉପଯୁକ୍ତ ବର ମିଳିଲା ବୋଲି ସୂଚନା ଦେଲେ । ରାମଙ୍କ ଧନୁଭଙ୍ଗ । ସୀତା ଓ ଜନକ ପ୍ରଭୃତିଙ୍କ ଆନନ୍ଦ ।

୭ମ ଛାନ୍ଦ — ସଖୀମାନେ ସୀତାଙ୍କୁ ପ୍ରବେଶ କଲେ । ସୀତା ବରମାଳା ଧରି ରାମଙ୍କ ଗଳାରେ ଦେଲେ । ରାମସୀତାଙ୍କ ବିବାହ ଦିନ ନିର୍ଣ୍ଣୟ କରିବା ନିମନ୍ତେ ଅଯୋଧ୍ୟାକୁ ମିଥିଳାରୁ ଦୂତ ଗଲେ ।

୮ମ ଛାନ୍ଦ—"ରାଘବେନ୍ଦ୍ର ଶୀତାଂଶୁମୁଖୀ"ଙ୍କ "କୁସୁମ ବିଶିଖ ପ୍ରଭାବ"ରେ ଦୁଃଖୀ ହେଲେ ।

୯ମ ଛାନ୍ଦ—ମିଥିଳାଦୂତ ଅଯୋଧ୍ୟାରେ ପ୍ରବେଶ । ଦଶରଥଙ୍କ ମିଥିଳା ଯାତ୍ରା । ସୈନ୍ୟ, ବରଯାତ୍ରୀ ଓ ପଟୁଆର ।

୧୦ମ ଛାନ୍ଦ—କନ୍ୟାମାନଙ୍କ ବେଶ । ଦଶରଥଙ୍କ ମିଥିଳାପୁରରେ ପ୍ରବେଶ । ବିବାହତିଥି ନିର୍ଣ୍ଣୟ ।

୧୧ଶ ଛାନ୍ଦ—ବିବାହ ଉତ୍ସବ । ବରଯାତ୍ରୀଙ୍କ ପଟୁଆର । ବରକନ୍ୟାମାନଙ୍କର ବିବାହ ।

୧୨ଶ ଛାନ୍ଦ—ବର କନ୍ୟାଙ୍କ ମଧୁଶଯ୍ୟା ।

୧୩ଶ ଛାନ୍ଦ—କନ୍ୟା ବିଦାୟ ।

୧୪ଶ ଛାନ୍ଦ—ପୁତ୍ର-ପୁତ୍ରବଧୂଙ୍କୁ ସଙ୍ଗରେ ନେଇ ଦଶରଥଙ୍କ ଅଯୋଧ୍ୟାଭିମୁଖେ ଗମନ । ପରଶୁରାମ ଦର୍ପଭଙ୍ଗ । ବରକନ୍ୟାଙ୍କ ଅଯୋଧ୍ୟାରେ ପ୍ରବେଶ ।

ବର୍ଣ୍ଣନା ଚାତୁରୀ—କାବ୍ୟଟିରେ ଘଟଣା କମ୍ ବର୍ଣ୍ଣନା ଅଧିକ । ପ୍ରାକୃତିକ ଦୃଶ୍ୟମାନଙ୍କର ବିସ୍ତୃତ ବର୍ଣ୍ଣନା ମଧ୍ୟ ନାହିଁ ।

ବିଭିନ୍ନ ଖଣ୍ଡରେ ବିରହ ବର୍ଣ୍ଣନା ସ୍ଥାନ ପାଇ ନାହିଁ । ସ୍ୱୟମ୍ବର ସଭାରେ ରାମଙ୍କୁ ଦେଖିବା ପରେ ସୀତାଙ୍କ କାମପୀଡ଼ା ଓ ବିରହର ବର୍ଣ୍ଣନା ସଂକ୍ଷିପ୍ତ ହୋଇଛି । ସଖୀମାନଙ୍କର ବୋଧବାଣୀ ଓ ଉପଦେଶପୂର୍ଣ୍ଣ ବାକ୍ୟାବଳୀ ସୁନ୍ଦର ହୋଇଛି ।

ରୂପବର୍ଣ୍ଣନା ବେଶି ନାହିଁ । ରାମ ଲକ୍ଷ୍ମଣଙ୍କ ଶୋଭା ବର୍ଣ୍ଣନା ଅପେକ୍ଷା ସୀତାଙ୍କ ଶୋଭା ବର୍ଣ୍ଣନା ଅଧିକ ଚମତ୍କାର ହୋଇଛି । ଋଷି ବିଶ୍ୱାମିତ୍ରଙ୍କ ମୁଖରେ ସୀତାଙ୍କ ସର୍ବାଙ୍ଗ ଶୋଭା କଳ୍ପନାପୂର୍ଣ୍ଣ ହୋଇଛି ।

ସାମାଜିକ ବିଧିବିଧାନର ବର୍ଣ୍ଣନା ଭିତରେ ଦଶରଥଙ୍କ ପଟ୍ଟଯାତ୍ରା, ମିଥିଳାରେ ବରଯାତ୍ରୀଙ୍କ ପ୍ରବେଶ, ବିବାହୋତ୍ସବ ବିସ୍ତୃତ ବର୍ଣ୍ଣନା ରସପୂର୍ଣ୍ଣ ହୋଇଛି । ବିବିଧ ବର୍ଣ୍ଣନାରେ ଗମ୍ଭୀର ଚିନ୍ତା-ଉଦ୍ରେକ ଉପମାର ଅଭାବ ବର୍ଣ୍ଣନାଗୁଡ଼ିକୁ ସହଜ ସରଳ କରି ପାରିଛି ।

କଥାପ୍ରସଙ୍ଗ—'ବୈଦେହୀଶ ବିଳାସ'ର ପ୍ରଥମ ଶ୍ଳୋକଟି ଛାନ୍ଦର ବିଷୟକୁ କବି ରାମଲୀଳାମୃତରେ ତିନୋଟି ଛାନ୍ଦରେ ବର୍ଣ୍ଣନା କରିଛନ୍ତି । ବୈଦେହୀଶ ବିଳାସର କଥା ସରଣୀ ରାମଲୀଳାମୃତରେ ଅନୁସୃତ ହୋଇଛି । ଉଭୟ କାବ୍ୟରେ ଋଷି ବିଶ୍ୱାମିତ୍ରଙ୍କ ମୁଖରେ ସୀତାଙ୍କ ରୂପ ବର୍ଣ୍ଣିତ ହୋଇଛି । ଧନୁ-ଭଙ୍ଗ ସମୟରେ ରାମଙ୍କ ଲକ୍ଷ୍ମଣଙ୍କ ପରାମର୍ଶ ଉଭୟ କାବ୍ୟରେ ଅଭିନ୍ନ ଭାବରେ ସ୍ଥାନ ପାଇଛି । ବିବାହ ଉତ୍ସବରେ ଦଶରଥଙ୍କ ପଟ୍ଟଯାତ୍ରା, ବରଯାତ୍ରୀଙ୍କ ପଟ୍ଟଯାତ୍ରା ବିଶେଷ ଭାବରେ ରାମଲୀଳାମୃତରେ ସ୍ଥାନ ପାଇଛି କିନ୍ତୁ ବୈଦେହୀଶ ବିଳାସରେ ଏହା ସେପରି ବର୍ଣ୍ଣନା ନାହିଁ ।

## ପ୍ରେମ ସୁଧାନିଧି

ପ୍ରେମସୁଧାନିଧି ଗୋଟିଏ କାଳ୍ପନିକ ପ୍ରେମକାବ୍ୟ; ଷୋଳଟି ଛୋଟ ଛୋଟ ଛାନ୍ଦରେ ବିଭିନ୍ନ ରାଗରେ ରଚିତ ହୋଇଛି । ଯମକାଦି ଅଳଙ୍କାରର ବିସ୍ତୃତ ସୁସଂଗତ ପ୍ରୟୋଗ ଏହାର ବିଶେଷତ୍ୱ । ପ୍ରତ୍ୟେକ ଛାନ୍ଦ ଅଳଙ୍କାରମଣ୍ଡିତ । କେତେକ ଛାନ୍ଦ ଏକ ପ୍ରକାର ଅଳଙ୍କାରରେ ଆଦ୍ୟରୁ ପ୍ରାନ୍ତ ପର୍ଯ୍ୟନ୍ତ ରଚିତ ହୋଇଛି । କେତୋଟି ଛାନ୍ଦରେ ଏକାଧିକ ପ୍ରକାର ଅଳଙ୍କାର ବ୍ୟବହୃତ ହୋଇଛି ।

କାବ୍ୟଟିରେ ଷୋଳଛାନ୍ଦ ରହିବା ସଂପର୍କରେ କବି କହିଛନ୍ତି ଯେ ଷୋଳକଳାପୂର୍ଣ୍ଣ ପୂର୍ଣ୍ଣଚନ୍ଦ୍ର ପରି ଷୋଳଛାନ୍ଦବିଶିଷ୍ଟ ଏହି କାବ୍ୟଚନ୍ଦ୍ର ଜନମନ ହରଣ କରିବାକୁ ସମର୍ଥ ହେବ ଏବଂ ଅଜ୍ଞାନରୂପକ ରାହୁ ଏହି ଚନ୍ଦ୍ରକୁ ଗ୍ରାସ କରିପାରିବ ନାହିଁ । ଫଳରେ ଚନ୍ଦ୍ରାଲୋକ ଚତୁର୍ଦ୍ଦିଗରେ ପ୍ରକାଶ ପାଇ ଆନନ୍ଦ ଦାନ କଲା ପରି ବିଭିନ୍ନଦେଶୀ ବା ରାଗରେ ରଚିତ ଏହି କାବ୍ୟଚନ୍ଦ୍ର

ଯଥା ଉଦୟରେ ପ୍ରକାଶିତ ହୋଇ "ରସିକହୃଦୟରତ୍ନାକର ଉଲ୍ଲାସିତ।" ପୁଣି ଉକ୍ତ ଉଦୟ ହେବାକ୍ଷଣି "ପଣ୍ଡିତ କୁମୁଦ ମୁଦ ବର୍ଜନ କରିବ" ଏବଂ "ଖଳକୁଳ ଅନ୍ଧକାର ବେଗେ ବିଦାରିବ।"

ଉକ୍ତ ଭାବାର୍ଥକୁ ଅଧିକ ରସାତ୍ମକ କରିଛନ୍ତି। ଏହା ରସପୂର୍ଣ୍ଣ ଓ ପାଣ୍ଡିତ୍ୟ-ପୂର୍ଣ୍ଣ ହୋଇଥିବାରୁ କବି ଆଶା କରିଛନ୍ତି ଯେ "ନାରିକେଳ ଫଳବତ୍ ତାହାରେ କର୍ଣ୍ଣ ଭିତରେ ତ ସରସତା" ପରି ବୋଧ ହେବ। ଯମକାଦି ଅଳଙ୍କାର ପ୍ରୟୋଗ ଦ୍ୱାରା କାବ୍ୟପଦଗୁଡ଼ିକର ଶାବ୍ଦିକ ଓ ତାତ୍ତ୍ୱିକ ଅର୍ଥବୋଧରେ ତାହାକୁ କଠିନବୋଧ ହେଲେ ମଧ୍ୟ ଅଭ୍ୟନ୍ତରର ସରସତା, ତେଣା ନଡ଼ା ଅନୁଭବ କରିହୋଇ ପାରିବ। 'ନାରିକା ଫଳ' ଯେ ଏହାକୁ ମୁକ୍ତାହାର ତୁଲ୍ୟ କଣ୍ଠରେ ଲମ୍ବାଇବ, ଏଥିରେ ସନ୍ଦେହ ନାହିଁ।

ଉକ୍ତରୂପ ଅଳଙ୍କାରର ଦୃଷ୍ଟାନ୍ତ ପାଣ୍ଡିତ୍ୟପୂର୍ଣ୍ଣ ପ୍ରୟୋଗ ଥିବା ପଦରଚନା ସହଜସାଧ୍ୟ ନୁହେଁ। ଏପରି ବହୁସଂଖ୍ୟକ ପଦରଚନା କରିବା ଅଧିକ କଷ୍ଟସାଧ୍ୟ। ସମଗ୍ର ଗ୍ରନ୍ଥରେ ଏକ ପ୍ରକାର ଅଳଙ୍କାରର ପ୍ରୟୋଗ ଅଧିକ କଷ୍ଟକର। ପୁଣି ପଦର ଭାବ, ଭାଷାକୁ ପ୍ରାଞ୍ଜଳ ଓ ଚମତ୍କାରପୂର୍ଣ୍ଣ କରି ରଖିବା ସଙ୍ଗେ ସଙ୍ଗେ ଅଳଙ୍କାର ମଣ୍ଡିତ କରିବା ବହୁଶ୍ରମସାପେକ୍ଷ। ଉପେନ୍ଦ୍ର ସିଦ୍ଧହସ୍ତ କବି, ମହା ବିଜ୍ଞ ପଣ୍ଡିତ, ଶବ୍ଦଶାସ୍ତ୍ରର ଅଧିକାରୀ ହୋଇଥିଲେ ମଧ୍ୟ ସ୍ୱପ୍ରଣୀତ ଆଦର୍ଶାନୁଯାୟୀ ପଦ ରଚନା କରିବାରେ ତାଙ୍କର ଉଦ୍ୟମ କରି-ଥିବାରୁ ଅନ୍ୟମାନଙ୍କ ପକ୍ଷେ ଏହା ଅଧିକ କଷ୍ଟକର ହେବ, ଏଥିରେ ସନ୍ଦେହ ନାହିଁ।

ବୋଲି ଛାନ୍ଦ ବୋଲି ଜଳା ସଦା ପୂର୍ଣ୍ଣ ଚନ୍ଦ୍ର,
ଅଜ୍ଞସ୍ତୁତ ଦୂଷଣକୁ ଅବକାଶ ନାହିଁ।
ଯହଦେଶ ପ୍ରଭାବଶୀ ଚନ୍ଦ୍ରି ପ୍ରକାଶିବ,
ରସିକ ହୃଦୟ ରତ୍ନାକର ଉଲ୍ଲାସିବ।
ପଣ୍ଡିତ-କୁମୁଦ ମୁଦ ବର୍ଜନ କରିବ,
ଖଳକୁଳ ଅନ୍ଧକାର ବେଗେ ବିଦାରିବ।

ମନତଚକୋରକୁ ତୋଷେ କରବ ସନ୍ତତି,
ପୁଣି ଏହି ଗୀତ, ନାରିକେଳ ଫଳବତ ।
ବାହାରେ କର୍କଶ ଭିତରେ ତ ସରସତା,
ଜାଣିଲେ ଜନ କର୍ଣ୍ଣକୁ ହୋଇବ ମୁକତା ।
କବି ବିନା କେ ଜାଣିବ ଏଥି ଭାବ ଭେଦତ,
ବୁଝନ୍ତେ ଅନ୍ତ୍ୟ ଯମକ ଯେବେ ଯୁକ୍ତ ହେଉ । ୪ ୧୮-୧୯ ।
( ଶେଷ ଛାନ୍ଦ)

କବି ଉତ୍କଳ ରାଜ୍ୟରେ ନ ଅବସ୍ଥାରେ ଉତ୍କଳ ଗୀତ ରଚନା କରିବା ଅଭିପ୍ରାୟ ଗ୍ରନ୍ଥାରମ୍ଭରେ ବ୍ୟକ୍ତ କରିଛନ୍ତି—

ଉତ୍କଳ ଉତ୍କଳ ଭାଷେ ଗୀତ ହୋଇବ ।
ମାନସ ମାନହଂସ ପ୍ରାୟେ କୀଳିବ ।

ତାଙ୍କ ଆଶା ସଫଳ ହୋଇଛି । ମାନସରୋବରରେ ରସିକ ଛାନ୍ଦଜନର ମନ ହଂସପ୍ରାୟେ କ୍ରୀଡ଼ା କରୁଛି ।

ଏହି ପୋଲ ଛାନ୍ଦ ବିଶିଷ୍ଟ କାବ୍ୟଟିରେ 'ଲକ୍ଷଣାର ପଞ୍ଚହୋଇ' ସମ୍ବନ୍ଧ ପଡ଼ ଥିବା କବି କାବ୍ୟ ଶେଷରେ ବ୍ୟକ୍ତ କରିଛନ୍ତି । ବର୍ତ୍ତମାନ ଗ୍ରନ୍ଥରେ ଏହି ସଂଖ୍ୟା ଅପରିବର୍ତ୍ତିତ ଅଛି ।

ଶ୍ୟାମ ହେବ ପ୍ରେମସୁଧାନିଧି ଗୀତ ମୋର,
ଏ ପ୍ରକାଶ ଲକ୍ଷଣାରପଞ୍ଚହୋଇ ପଦ,
ଧ୍ୟାନ କରୁ ଭକ୍ତ ଭଜନ୍ତର ହୃଦ । ୨୩ । (୧୬ଶ ଛାନ୍ଦ)

କାବ୍ୟର ରଚନା ସମ୍ବନ୍ଧ—କବି 'ସୁବର୍ଣ୍ଣରେଖା' କାବ୍ୟର ଶେଷ ଛାନ୍ଦରେ କହିଛନ୍ତି ଯେଉଁ କାବ୍ୟଟି "ପ୍ରେମସୁଧାନିଧି ରସିକ ହାରାବଳୀର ଏ ଶେଷ ।" ଏଥିରୁ ସ୍ପଷ୍ଟ ହେଉଛି ଯେ ପ୍ରେମସୁଧାନିଧି କାବ୍ୟଟି ରସିକ-ହାରାବଳୀ ପୂର୍ବର ରଚନା; ରସିକହାରାବଳୀ ପରେ ସୁବର୍ଣ୍ଣରେଖା ରଚିତ ହୋଇଛି । ସ୍ୱକୃତ ଅନୁଯାୟୀ ବରଷାନୁକ୍ରମ ଦୃଷ୍ଟିରୁ କବି ଏହି କ୍ରମ ନିର୍ଣ୍ଣୟ କରିଛନ୍ତି ।

ସାଙ୍ଗ ଛାନ୍ଦେ ଶେଷ ହୋଇଲା ଏ ରସ ଭଣିବ ରସିକ ବର୍ଣ୍ଣ,
ସେହି ଜନେ ପ୍ରେମସୁଧାନିଧି ରସିକହାରାବଳୀର ଏ ଶେଷ । ୫୮ ।
(୫ମ ଛାନ୍ଦ—ସୁବର୍ଣ୍ଣରେଖା ।)

'ଛନ୍ଦକାବ୍ୟ ବଳୋଦୟ'ରେ କବି ଯେଉଁ ଗ୍ରନ୍ଥସୂଚୀ ପ୍ରଦାନ କରିଛନ୍ତି ସେଥିରେ ପ୍ରେମସୁଧାନିଧି ପରେ ରସିକ ହାରାବଳୀର ନାମ ଅଛି ; କିନ୍ତୁ ସୁବର୍ଣ୍ଣରେଖାର ନାମ ନାହିଁ । ସୁବର୍ଣ୍ଣରେଖା କାବ୍ୟଟି ଅତି କ୍ଷୁଦ୍ର ଥିବାରୁ କବି ଗ୍ରନ୍ଥ ତାଲିକାରେ ତାହାର ନାମ ଦେଇ ନଥିବା ଅନୁମାନ କରାଯାଇପାରେ । ସୁବର୍ଣ୍ଣରେଖା ଯେ ଉପେନ୍ଦ୍ରଙ୍କ କୃତି ଏଥିରେ ସନ୍ଦେହ ନାହିଁ ।

କଥାବସ୍ତୁ:—କବି 'ଚଉଷଠି ପଦ୍ମଶ୍ଳୋକି' ପଦ ବା ପ୍ରାୟ ଷୋଳଶତ ପଦରେ ଏହି କାବ୍ୟଟି ରଚନା କରିଛନ୍ତି । ଏହି କ୍ଷୁଦ୍ର କାଳ୍ପନିକ ପ୍ରେମ କାବ୍ୟର କଥାପ୍ରସଙ୍ଗ ସଂକ୍ଷେପରେ ପ୍ରାୟ ପଚାଶ ପଦରେ ପ୍ରକାଶ କରିଥିବା ଜଣାଯାଏ । କବି କଥାପ୍ରସଙ୍ଗକୁ ସଂକ୍ଷେପରେ ବ୍ୟକ୍ତ କରିଥିବାରୁ କଥା ଅପେକ୍ଷା ଭାବ ଉପରେ ବିଶେଷ ଗୁରୁତ୍ୱ ଦେଇଛନ୍ତି, ଏହା ସ୍ପଷ୍ଟ ହେଉଛି । କଥାପ୍ରସଙ୍ଗକୁ ସଂକ୍ଷେପରେ ବ୍ୟକ୍ତକରି ଅବାନ୍ତର ପ୍ରସଙ୍ଗ ବର୍ଣ୍ଣନାରେ ନିଜର ଅସାଧାରଣ କବିତ୍ୱ ଶକ୍ତି ଓ ପାଣ୍ଡିତ୍ୟ ସାହାଯ୍ୟରେ ଅପେକ୍ଷାକୃତ ଖର୍ଚ୍ଚ କରିଛନ୍ତି । କାବ୍ୟଟିକୁ ଅଳଙ୍କାରପ୍ରଧାନ କରିବା ଲକ୍ଷ୍ୟ କବିଙ୍କର ଥିବାରୁ ଏହି ଶୈଳୀ ବ୍ୟବହାର କରିବା ପାଇଁ ସେ ବାଧ୍ୟ ହୋଇଛନ୍ତି ବୋଲି ମନେହୁଏ । କଥାଂଶଟିକୁ ସଂକ୍ଷେପରେ ପ୍ରାୟ ପଚିଶଟି ପଦରେ ବ୍ୟକ୍ତ କରାଯାଇ ପାରେ ।

୧ମ ଛାନ୍ଦ—ଶିର ସୁରସ୍ତନ ତେଜେ ଯେଉଁ ବଂଶରେ
ଜାତ ଜାତିବେଦ ରାଜା ଅରିନ୍ଦମରେ । ୭ ।

କୁଶଳ କଶଳ ଦେଶ ପାଳନ୍ତେ ସେହି
ଜମାର ନ ମାର ଛାର ସମାନ ହୋଇ । ୮ ।

ବିବୋଧ ବିବୋଧ ହୋଇ ଯେ ନାହିଁ
ବନ୍ଧୁ ବାନ୍ଧବସ୍ତ ଏକା ହୋଇ ନଥାଇ । ୧୦ ।

ଘଟ ଘଟକ ସ୍ୱରୂପ ଶିଶି କରାଇ
ଦେବେଶ ଦେବେଶ ଭୂକାଇଲ ସୁରଙ୍ଗ ଟେକଇ । ୧୧ ।

ବୃଷ୍ଟି ବୃଷ୍ଟିରେ ଉତ୍ତମ ଦେଶ ଦେବାଳା
ଗ୍ରହେଣ ଗ୍ରହେ ନଗନ୍ତି ତନାମ ମନ୍ତ୍ରାଳା । ୧୨ ।

ତାରି ତାରଗଣଗ୍ରାମ କାନ୍ତି ପ୍ରକାଶି
ଜଳ ଭଳ ଜଳଦ୍ୱୀ ଯେ ନୈବଦ୍ୟବଂଶୀ । ୧୩ ।

ସତୀ ଶୁଭାମର-ସାଙ୍ଗୀ ତୃଷିଲ ଅତି
ଲେଲେ ଲେଲେକ ପ୍ରେମସୁଧାନିଧି କହନ୍ତି । ୧୪ ।

ଅନୁଷ୍ଟ ଅନୁଷ୍ଟରଜାବାନ୍ତୁ ଦେଖି
ହେଳେ ହେଳେ ଲୁପ୍ତ ଅମ୍ବର ନ କହି । ୧୬ ।

ଶିତ୍ର ଶିବଚୂଡ଼ଙ୍କୁ ସେ ରଜା ଗୁଣି
ସୁଷମା ସୁ-ସୁଷମାବରେ ଖେଳିଲ ଏଣ୍ଟ । ୧୯ ।

ଦେବ ଦେବକମାଦ୍ୱୟାନି ମୂଳ ଯେ କଲ
ଘରେଣ ସଦେଶ-ବଙ୍ଗ ଦେଇ ପେଷିଲ । ୨୦ ।

ଭୁଳା ଭୁଳାଅଙ୍ଗୀ ଶ୍ୟାମ ପିତୁଳା ଦେଇ
କଳଣରେ କଳଣରେ ତପର ଗାଇ । ୨୧ ।

କଣ୍ଠ କଣ୍ଠସୂତ୍ର ଶୁଣି ଶୁଷଣେ ମନ୍ତ୍ର
ଘଣକ ଘଣବରେ ବଣାଇଲେ ଲିଙ୍ଗ । ୨୨ ।

ଲୁଣ୍ଠି ଲୁଣ୍ଠର ସୁବର୍ଣ୍ଣ ସଙ୍କରେ
ମଞ୍ଜୁଳ ମଞ୍ଜୁଳ ଦେଇ ରଥ ଚଲରେ । ୨୩ ।

ଘନ୍ତ ଘନ୍ତ ଘଣ୍ଟି ଭାଟ୍ୟ ନାଦ କରିଲେ
ବୁନେ ବୁନେ ଗୀତି ଗୁଣେଶ ଦେବଙ୍କଲେ । ୨୪ ।

କଣ୍ଠ କଣ୍ଠବନ୍ଧୁ ଶାର୍ଙ୍ଗୀ କଣ୍ଟକ କଲେ
କୁଣଳିଚ୍ଛେ କୁଣ୍ଡଳଚ୍ଛେ ଭୁମି ହାଣିଲେ । ୩୮ ।

କଣ୍ଠ ବନ୍ଧନରେ ଯେବେ ଯନ୍ତ୍ର ମଣ୍ଡଳା
ଭାଳ ଭାମକାନ୍ତିର ସ୍ୱର୍ଣ୍ଣ ଫଳଶ୍ରୀ ଦଳା । ୩୯ ।

ଉନ୍ନତା ଉନ୍ନୋଷୀତ ସ୍ପୃଷ୍ଟେ ରଣି
ମାର-ମାରଙ୍କେଳ କାନ୍ତ ଝଙ୍କେ ଦୃଷ୍ଟାନ୍ତୀ । ୪୦ ।

ଚନ୍ଦ୍ର ଚନ୍ଦ୍ରରକ୍ଷାଶ୍ରୀ ଶୋଭିଛ ସ୍ତୁଟିର
ସୁନ୍ଦନା ସୁନ୍ଦନାପକ୍ଷ୍ୟବାସ୍ତ ତକାଳ । ୪୧ ।

୨ୟ ଛାନ୍ଦ—ନବ-ନବନ୍ତ ଭରିତ ଶ୍ରୀବଟ । ଅଷମ ପରମ ଲାବଣ୍ୟଯତ୍ନଣି ।

୩ୟ ଛାନ୍ଦ—ଚନ୍ଦ୍ରକୁ କେବେ କୁମାରୀ ମାଲିକୁ କି ଏଣ୍ଟି ନବଙ୍କେ ଲଗାଇବ ।
ଶ୍ରୀବ ଜନ କବରନ୍ଧ୍ରୁ ଲିଷ୍ଟିବା ଯାଏ କି ଭକ୍ତ ଦଶାଇବ । ୪ । ୧ ।

୪ର୍ଥ ଛାନ୍ଦ—ଏ ସମସ୍ତେ ଆସି ତାଲା ସିଂହତାଲୀ ହୁଇ ସୁତିଳ କୁମାରଙ୍କୁ ।
ଏତିକ୍ନୁ ଆଜି ଅନୁକୂଳ ହୋଇଲ ତରୁଣ କୁଳ ଅଙ୍କୁଲକୁ ।
ଲଗେ କେତକ, କେତକର ଭଲ୍ଲ ବନ୍ଧନ । ୪ । ୧ ।

୫ମ ଛାନ୍ଦ — ଶ୍ରୀଯୋବନରେ ସରିଲ୍ପ ବଦାପଳା ଧନ
ନ ସରିଲୁ ଧନ କାନ୍ତ ଅତ୍ୟନ୍ତ ଲିଭିଲ୍ଲ ହେ । ୧ ।
ଏ ସମସ୍ତେ ଯାମିନୀ ହୋଇଲ ପ୍ରବେଶ
ଦ୍ୱିଜରାଜ ଦ୍ୱିଜଚନ୍ଦ୍ରେ ବହୁଲ ହେଲା ହେ । ୨ ।
ଏକାକ୍ଷି ସଜନୀ କଲେ ଲମ୍ପଟୀକି ହେବ ହେ । ୩ ।

ଏତେ କୋଣି ସଜନୀ ଦେହୁଲୀ ଡାଳାଇଲେ
ଦେହୁଲୀ ନ ବଳାଇଲେ କୋଣ ନାଚ କଲେ ହେ । ୧୫ ।
ରତ ଜନ୍ମା କରି ରତି ଭିଷ୍ଟାକଲ୍ପ ସଂଜ୍ଞ
କହେ ଉପେନ୍ଦ୍ର ଭଞ୍ଜ ବାନ୍ଧବର ରସ ହେ । ୩୫ ।

୬ଷ୍ଠ ଛାନ୍ଦ—ମାଂସ ଶୋଣିତଭ୍ରମରେ ସନ୍ଧ୍ୟାରେ,
ମୁଖ-କମଳ କେଶର କଲା ମୂଳ
ଚଞ୍ଚୁ ମଣ୍ଡା ଆନନକୁ ପାଇଲେ,
ଓଷ୍ଠ ବନ୍ଧୁକରୁ ମଧୁ ପିଇଲେ । ୭ ।
ରତ ଚୁମ୍ବନ ବିକାଶିତ ହୋଇ,
ଶୁକସ୍ୱର ସ୍ୱରନ୍ଧ୍ର ବାଜଇ । ୮ ।

ଏ ସମସ୍ତରେ ନଖାଘାତ ହୃଦ,
ଜାଣି କାକରବ ଛଳେ ବେଦତ । ୯ ।

ଶ୍ରମଃସ୍ୱଂଶ୍ରୀ ଓ କାନ୍ତ ମାନସର,
ହେଲ ସ୍ୱାଧୁର ଶରଦ ବାସର । ୧୦ ।
ସଖୀ ଦେଖି ପରସ୍ପରେ ଲୁପ୍ତ କଲେ,
କାଲି ପରସନ୍ନ ଶୁଣି କି ହେଲେ । ୧୧ ।

୭ମ ଛାନ୍ଦ—ରସିକ ବସ୍ତୁର କରେ, ଦାସଦାନ ବାର୍ତ୍ତିକରେ,
ପ୍ରତ୍ୟେକେ ସ୍ଥାନ ମନରେ, ସେଥିରୁ ନ କରେ ।
ନିଶେ ଓ ବେଶ ଅବଲେକରେ, ରସିକା ସ୍ୱୀୟ ଅଙ୍ଗରେ,
ଦେଖି ବରେ ପର୍ଯ୍ୟଙ୍କରେ କି ଶୁଭଙ୍କରେ । ୧ ।

୮ମ ଛାନ୍ଦ—ପାରଗତ-ଦଣ୍ଡ ବେଶଧର ଅନ୍ତରେ ଲକ୍ଷ୍ମୀ କାନ୍ତର,
ଶରକଣ୍ଠପର ପରମ କଣ୍ଠକୁ ମନରୁ ନେଲ୍ଲ ଅନ୍ତର ।
ଭରାଳାକ୍ଷୀ ବନା ଯୋଗିଲ୍ଲ ମୋତେ ତ ନାହିଁ ଆଜ ସୁଖକାର ।
ଜାତିପରଶେ ବିଦେଶ କରିବାକୁ ଆଜ୍ଞା ଦେଲେ ନରେଶ୍ୱର । ୧ ।

ସୁରଭିଙ୍କ ସ୍ତମ୍ଭ ସ୍ୱେଦାକ୍ତ ହୋଇଥି ଦଣ୍ଡେ ଦଣ୍ଡେ କହନ୍ତ,
ଉତ୍ତମ୍ଭିଙ୍କ ପାଶେ ନିଲ ହେ ଏମନ୍ତ ବାଣୀ କି କଲ୍ଲ ଉଚିତ ।
ଚିତ୍ତମୋହନ ରେ କଣ୍ଟକ ବହିଲ୍ଲ କାଳ ମୁଁ ବିଦେଶ ଯିବ
ଜନକେ ଥିବ ହେବେ ଦଣ୍ଡ ଯତନ୍ତ ଯେଉଁ ଉପାୟ କରିବ । ୨ ।

୯ମ ଛାନ୍ଦ—ମାଲବେବ ଶ୍ରୀମନ୍ତଙ୍କୁ ଚୋବନ କରି,
ଏ କାଳେ କଦେଣ ସ ଚୋବ ନ କରୁ ସେ ।
ବଶନ ନାହିଁ କୁବେର ରସି କବର,
କାନ୍ତା ମୋ ଏକା ଶୁବେ ଗଳିକରନ୍ତୁ ସେ । ୧ ।

୧୦ମ ଛାନ୍ଦ—ସୁମା ସିଣିରେ ଚୋଷ ନଣିରେ ଧୂଳୀ ଗୁଣିରେ ଭସି
ବସି ଏକାନ୍ତ ମାନସେ କାନ୍ତପ୍ରବୁଧ ବାନ୍ତ ଯୋଗି ।
ଭୃଙ୍ଗ କଦେଶି ଭି ଦୁଦଦେଶ ଚେଇଲା ଦବେଶ ମାଜ୍ଞି
ଚେଇଁ ସୁନ୍ଦରୀ ମନଗୁବସ୍ତ ପୀନ୍ତ ଆଦରି ଦେନ୍ତୁ । ୧ ।

୧୧ଶ ଛାନ୍ଦ—ବସନ୍ତରେ ବରଷା ଅବଶ, ବସନ୍ତ-ଦୂତ ଖପାରେ ଦଶ
ବସିଲ ଛଠାଇ ଟିକଲୁ କଣ୍ଟଲ ସୁଖ ଶ୍ରମ ଗଜଣା ସବସ
ଦେଖୁ ଚୋଳିଲ । ୧ ।

୧୨ଶ ଛାନ୍ଦ—ମାଳବରେ ବନ୍ଧୁ ଭ୍ରାମ ଗମନେ କାଟେମ ଦୁଃଖୀ କୃଷନନ୍ଦନ ।୧।
୧୩ଶ ଛାନ୍ଦ—ଯେନ ସନବାଳ କାଳ ମଣି ଶୁବୁଂଜ୍ଜାଲ କାଳ
ଅଗ୍ନି ବୃଷ୍ଟି ପଦ୍ମୋତ୍ପଳ ଜଳ ।
ଲଷିକ ଚଞ୍ଚଳ କଳନା ଶି ଚୋଚିଲ ଜଳଜଳ
ପ୍ରିୟାଗଣେ ଶତମାଳ ମାଳ ଦେଖୁ ଜଳଧର । ୧ ।

୧୪ଶ ଛାନ୍ଦ—ନିର୍ମଳ ଚନ୍ଦ୍ର ମଣ୍ଡଳ ଶରଦେ ବସ୍ତୁଜ,
ସଦେଶ ସଖୀ ଦର୍ପଣ ଦର୍ଶନେ ଶୁବେଲ ମାଜି,
ଭୃଙ୍ଗ କୁମର କାତର,
ଲେଖି ଆନନ୍ଦ୍ରେ ବସି ବାନସୁ ପତର । ୧ ।

ଏତେ ଲେଖି ଦୂତ କରେ ଯୋଗଣ ପେଶିଲ ।
କୁରଙ୍ଗ ପଦ୍ମଶେ କନ୍ୟା-କପଟି ଦଶିଲ ।
ତାହିଁ କେତେ ଦିନ ଶେଷେ,
ବାଳା ପାଶ୍ୱ ଦୂତ ଜଳ ଚଟାଲ ପ୍ରବେଶ । ୧୯ ।

ମୃଗ ଲକ୍ଷ ମୃଗଙ୍କୁ ଦେଖିଲା ଭ୍ରାନ୍ତି କରେ,
କସ୍ତୁରୀ ମୋହଦାନ ପାଇଲା ପ୍ରକାରେ । ୨୦ ।

ପଡ଼ି କୁମର ସନ୍ତୋଷେ,
ସେହିକ୍ଷଣି ଦୂତ ହସ୍ତେ ଛାଡ଼ିଲା ଭୂବାସେ । ୨୯ ।
ପୁରେ ପ୍ରବେଶି ଏକେଶୀ ପ୍ରିୟାପାଶେ କହି,
ମନୋହରମ ସ୍ପଷ୍ଟ ପତ୍ର ବଚନ ପ୍ରକାଶି । ୩୦ ।

୧୫ଶ ଛାନ୍ଦ—ରଜନୀ ଶେଷେ ନଷ୍ଟ ଦୂତ ଗଲା ସଙ୍ଗତି
ଲଜ୍ଜା ଦରବ ଭୃତ୍ୟ ନାଶ୍ଚ ସ୍ନାତେ ରସ । ୧ ।

୧୬ଶ ଛାନ୍ଦ—ପଞ୍ଚ ବାଣ ତିଷ୍ଠି ମନେନକୁ ଭର୍ତ୍ସି ଶୁଣି,
କୋପମାନ ବାଣ କଲ୍ପ ଲୀଳା ଶିରୋମଣି । ୧ ।

ଘନ କାମ୍ଭୃତକେଶୀକି କୋକିଲ ବଖାଣିଲ । ୨ ।
ଶୃଙ୍ଗାରଷଟେରେ ମାଡ଼ ଯୁଦ୍ଧ କଲେ ଶେଷ । ୩ ।
ସୁଖେ ବହିଲେ ଦମ୍ପତି ଦ୍ରବ୍ୟ ହସ୍ତି
ଏଣୁ ରୀତି ସକଳଙ୍କ ଚନ୍ଦ୍ରମା ସମାନ । ୧୩ ।

ବିଶେଷତ—ପ୍ରେମସୁଧାନିଧିରେ କବି ନିଜର କାଳ୍ପନିକ ପ୍ରେମକାହାଣୀର ଗଠନପ୍ରଣାଳୀକୁ ଅବଲମ୍ବନ କରିଥିଲେ ମଧ୍ୟ ଏଥିରେ କେତେକ ବିଶେଷ ଲକ୍ଷଣ ସ୍ପଷ୍ଟ ହୋଇଛି ।

(୧) ନାୟକନାୟିକାଙ୍କର ପୂର୍ବଜନ୍ମ ବୃତ୍ତାନ୍ତ ବର୍ଣ୍ଣିତ ହୋଇନାହିଁ । ପ୍ରଚଳିତ ଅପ୍ସରା ଶାପଗ୍ରସ୍ତ, ଶାପମୁକ୍ତିର ଉପାୟ, ମର୍ତ୍ତ୍ୟରେ ଜନ୍ମ ପ୍ରଭୃତି ପ୍ରସଙ୍ଗ ଏଥିରେ ନାହିଁ । ନାୟକଙ୍କ ପିତା କୋଶଳ ରାଜ୍ୟର ସୂର୍ଯ୍ୟବଂଶୀୟ ଜଣେ ରାଜାଙ୍କ କୁମର ଥିବା ଅବସ୍ଥାରୁ କବି କାବ୍ୟର କଥାବସ୍ତୁ ଆରମ୍ଭ କରିଛନ୍ତି । ନାୟିକାଙ୍କ ପ୍ରସଙ୍ଗ ମଧ୍ୟ ଏହିପରି ସୂଚିତ ହୋଇଛି ।

(୨) ନାୟକନାୟିକାଙ୍କ ପିତାମାତାଙ୍କ ନାମ, ନାୟକ ନାୟିକାଙ୍କ ଜନ୍ମ, ବାଲ୍ୟଲୀଳା ବୃତ୍ତାନ୍ତର ବର୍ଣ୍ଣନା ନାହିଁ ।

(୩) ନାୟିକା ବାଳିକା ଥିବା ଅବସ୍ଥାରେ ବିବାହ କରିଛି । ବାଲ୍ୟବିବାହ ପ୍ରଥା ରାଜକୁଳରେ ମଧ୍ୟ ପ୍ରଚଳିତ ଥିବା ସୂଚିତ ହେଉଛି ।

(୪) ନାୟକନାୟିକାଙ୍କ ସଖା ସଖୀ ସୂଚନା ଛଡ଼ା ଅନ୍ୟ ବର୍ଣ୍ଣନା ନାହିଁ ।

(୫) ନାୟକନାୟିକା ପରସ୍ପରାନୁରକ୍ତ ପ୍ରକାରରେ ବାରମ୍ବାର ବିରହ ବିସ୍ମୟ ବ୍ୟକ୍ତ କରିବା ଛଡ଼ା ଦେହକାର ପ୍ରତ୍ୟକ୍ଷ ବର୍ଣ୍ଣନା ଅଳ୍ପ ଅଛି ।

(୬) ମାଙ୍ଗଳ୍ୟ, ସ୍ତୁତି, ଅଶରୀରୀ ବାଣୀ, ଦୈବ ବାଣୀ ଓ ସ୍ୱପ୍ନ ପ୍ରଭୃତି ପ୍ରସଙ୍ଗ ଏଥିରେ ନାହିଁ ।

(୭) ନଗର, ଉପବନ, ଋତୁବର୍ଣ୍ଣ, ସନ୍ଧ୍ୟା, ପ୍ରଭାତ ଓ ଚନ୍ଦ୍ର ପ୍ରଭୃତିର ବିସ୍ତୃତ ବର୍ଣ୍ଣନା ନାହିଁ ।

(୮) କଥା ଅଂଶ ଅତି ସଂକ୍ଷିପ୍ତ ହୋଇଅଛି । ପାତ୍ରପାତ୍ରୀଙ୍କ ସଂଖ୍ୟା ଅଳ୍ପ ।

(୯) ବିରହାନୁଭୂତି କାବ୍ୟର ଅଧିକାଂଶ ସ୍ଥାନ ଅଧିକାର କରିଛି ।

(୧୦) ନାୟକର ନାମ ପ୍ରକାଶ ପାଇନାହିଁ । ସମଗ୍ର କାବ୍ୟରେ ପାତ୍ରପାତ୍ରୀ ଭିତରେ କେବଳ 'ପ୍ରେମସୁଧାନିଧି' ନାମଟି ଦେଖାଯାଏ ।

ଅଳଙ୍କାର ପ୍ରୟୋଗ—କାବ୍ୟରେ କବି ବିଭିନ୍ନ ସ୍ଥାନରେ ଯେଉଁ ବହୁ ଅଳଙ୍କାର ପ୍ରୟୋଗ କରିଛନ୍ତି ତାହା ଶେଷ ଛାନ୍ଦରେ ବ୍ୟକ୍ତ କରିଛନ୍ତି । କାବ୍ୟଟି ଯମକପ୍ରଧାନ ହୋଇଥିବାରୁ କବି ଅଳଙ୍କାରକୁ କଥାପ୍ରସଙ୍ଗ ଓ ଅନ୍ୟାନ୍ୟ ସ୍ୱାଭାବିକ ବର୍ଣ୍ଣନା ଅପେକ୍ଷା ଅଧିକ ପ୍ରାଧାନ୍ୟ ଦେଇଥିବା ସ୍ପଷ୍ଟ ହେଉଛି ।

୧ମ ଛାନ୍ଦ—ଅନ୍ତ୍ୟଯମକ ।
୨ୟ ,, —ଅନନ୍ୟା, ମଧ୍ୟଯମକ ।
୩ୟ ,, —ଛେକାନୁପ୍ରାସ ।
୪ର୍ଥ ,, —ଅବ୍ୟକ୍ତ ଉପମା ।
୫ମ ,, —ବିରୋଧାଭାସ ।
୬ଷ୍ଠ ,, —ରୂପକ ।
୭ମ ,, —ଅନୁପ୍ରାସ ।
୮ମ ,, —ସିଂହାବଲୋକନ ।
୯ମ ,, —ଶୃଙ୍ଖଳଯମକ ।
୧୦ମ ,, —ତ୍ରିଭଙ୍ଗୀ ।
୧୧ଶ ,, —ଆଦ୍ୟାନ୍ତ ଯମକ ।
୧୨ଶ ,, —ଅଶ୍ଳିଷ୍ଟ ।
୧୩ଶ ,, —ନିରୋଷ୍ଠଯମକ ।
୧୪ଶ ,, —ଦୃଷ୍ଟାନ୍ତର ।
୧୫ଶ ,, —ଅନୁଲୋମ ପ୍ରତିଲୋମ ।
୧୬ଶ ,, —ପୁନରୁକ୍ତି ନବାକ୍ଷର, ବହିଃସ୍ୱର, ଦ୍ୟୁତ୍ତାକ୍ଷର, ଦଶତ୍ୟକ୍ଷର, ଏକାକ୍ଷର, ଚକ୍ରବନ୍ଧ, ନାଗବନ୍ଧ, ମହାଯମକ, ଓ ସର୍ବଯମକ ।

କବି ଉପେନ୍ଦ୍ର ଯେ ଏହି ଗୀତଟିକୁ ଯମକପ୍ରଧାନ କରିଥିବାରୁ ଏଥିରେ ଶ୍ଳେଷାଦି ଅଳଙ୍କାର ସେ ରଖି ନାହାନ୍ତି ।

ଯମକ ପ୍ରଧାନ କରି କଲି ଏହି ଗୀତ,
ଶ୍ଳେଷ ଛନ୍ଦ ନ ରଖି କଲି ସମାପତ । ୨୦ । (୧୬ଶ ଛାନ୍ଦ) ।

କାବ୍ୟଟି ଆଦିରସାତ୍ମକ । ଏହାର କଳେବର କ୍ଷୁଦ୍ର । ଛାନ୍ଦସଂଖ୍ୟା ଓ ଛାନ୍ଦର ପଦ ସଂଖ୍ୟା ଅଳ୍ପ ଅଟେ । କାବ୍ୟର କଳେବର ତୁଳନାରେ ଅଳଙ୍କାର

ସଂଖ୍ୟା ବେଶି ହୋଇଥିଲେ ମଧ୍ୟ ରସବୋଧରେ ବ୍ୟାଘାତ ଘଟୁନାହିଁ । ଅଲଙ୍କାରପ୍ରୟୋଗ କାବ୍ୟର ଏକ ବିଶେଷ ଲକ୍ଷ୍ୟ ଥିଲେ ମଧ୍ୟ କାବ୍ୟର ସୌଷ୍ଠବ, ସରସ ରହିଛି । ଭାବ ଓ ଭାଷା ପ୍ରସଙ୍ଗର ସ୍ୱଚ୍ଛନ୍ଦ ପ୍ରବାହରେ ଅଲଙ୍କାର ପ୍ରୟୋଗ ବାଧା ଦାନ କରୁନାହିଁ; ରସର ପ୍ରଗାଢ଼ତା ବୃଦ୍ଧି କରିବାରେ ସମର୍ଥ ହୋଇଛି ।

ଅଲଙ୍କାର ପ୍ରୟୋଗରେ ଉପେନ୍ଦ୍ର ପାଣ୍ଡିତ୍ୟ, ଚିନ୍ତା ଓ ପରିଶ୍ରମର ଅବର୍ଣ୍ଣନୀୟ ରୂପ, ଏହା କେତ ମଧ୍ୟ ବ୍ୟକ୍ତ କରିଛନ୍ତି ।

କନ୍ଦ ବିନା କେ ଜାଣିବ ଏଥି ଭନ୍ତ ହେତେ,
ପ୍ରଥମେ ଅନ୍ୟ ସମାନ ହେବ ବୁଝି ତତେ ।
ଦ୍ୱିତୀୟ ଅବଳା ମଧ୍ୟ ସମାନ କୁଚାଗ୍ର,
ଲେଖିବା ଉପାୟରେ ସ୍ମରି ଏହା ରମଣୀଗ୍ର । ୧୬ ।

ଚନ୍ଦ୍ରରେ ଅଦ୍ଭୁତ ବିଶ୍ୱୋଧାଙ୍କ ସମ୍ପଦ,
ପଦ୍ମେ କୁମୁଦବନ୍ଧୁ ଅନୁଭାବ ସମ୍ଭବେ ।
ଅସ୍ତମନେ ମନ୍ଦଜନେ ସିଂହାସନ ବଳଭଦ୍ର,
ନନ୍ଦନେ ପ୍ରାନ୍ତସମଳ ମାନସ-ରଞ୍ଜନ । ୧୭ । (୧୨ଶ ଛାନ୍ଦ)

ବର୍ଣ୍ଣନା-ଚମତ୍କାରିତା—ଅବସ୍ଥିତା ପ୍ରେମସୁଧାନିଧିର ଶୋଭା ବର୍ଣ୍ଣନାରେ ଅନନ୍ୟ ସାଧାରଣ କଳ୍ପନା ଶକ୍ତି ପ୍ରକାଶ କରିଛନ୍ତି । ଉପମାରେ କଳ୍ପନାର ବିଳାସ ନୂତନ ନୂତନ ରୂପରେ ଦୃଷ୍ଟିଗୋଚର ସ୍ଥାନ ଅଧିକାର କରିଛନ୍ତି ।

ସମଗ୍ର ଦ୍ୱିତୀୟ ଛାନ୍ଦଟିର ଶୋଭାଏକି ଦାନ ପଦ ନାୟିକାର ରୂପ-ଶୋଭା ବର୍ଣ୍ଣନାରେ ବିନିଯୁକ୍ତ ହୋଇଛି । ସମଗ୍ର ଛାନ୍ଦଟି ଅନେକ ଅଲଙ୍କାରରେ ମଣ୍ଡିତ ହୋଇ କବିଙ୍କ ଗଭୀର ଶବ୍ଦପାଣ୍ଡିତ୍ୟ ଓ କଳ୍ପନା-ବିଳାସର ପରିଚୟ ପ୍ରଦାନ କରୁଛି ।

ଶ୍ରୀକୃଷ୍ଣଙ୍କ ବାଲ୍ୟଲୀଳାର ବଂଶୀବାଦନ କେଶାର ନେତ୍ରସମ୍ପତ୍ତିକୁ ଉପୋଦ୍‌ଘାତରେ ଅଳ୍ପ ପଦରେ ସାରକଥାକୁ ବ୍ୟକ୍ତ କରିଛନ୍ତି ; 'ତାଙ୍କର ଲକ୍ଷଣ ଅତୁଳନୀୟ ରମ୍ୟ, ମଦନମଦ ଚର୍ଚ୍ଚନକାରୀ । ସେ ଅଙ୍ଗ କାନ୍ତିର ଶୋଭାରୁ ବେଣୀ ନାଶ କରୁଛି ଏବଂ ବସ୍ତ୍ରସମାନଙ୍କୁ ମୁଗ୍ଧ କରୁଛି ।' ଏହି ଶାରିକତ୍ତ୍ୱକୁ କବି ନିଜ ଅସାଧାରଣ କଳ୍ପନାଶକ୍ତି ଦ୍ୱାରା ମନୋହର ଉପମା ପ୍ରୟୋଗ କରି ବର୍ଣ୍ଣନାଟିକୁ ଚମତ୍କାରିତାରେ ମନକୁ ମୁଗ୍ଧ କରି ଦେଇଛନ୍ତି ।

ଲକ୍ଷଣ ଅତୁଳନୀୟ, ସରମ ରମ୍ୟ, ଶ୍ୱେତରକ୍ତନୀଳବର୍ଣ୍ଣ ମିଶ୍ରିତ ଚକ୍ଷୁର ଚଞ୍ଚଳ ଗତି ପ୍ରକାରର ବୈଚିତ୍ର୍ୟକୁ ସ୍ପଷ୍ଟ କରି ଦେଉଛି ।

ମଧ୍ୟ ତ ମରକତର ବରନ, ଉଜ୍ଜ୍ୱଳତର ଅତ୍ୟନ୍ତ ପତନ ।
ଧବଳପଦ୍ମର ଦଳକାନ୍ତିମ, ପଡ଼ ଅଦ୍ଭୁତ ମନ ଭ୍ରମ ।
ଏମନ୍ତ ଏ ଲକ୍ଷ୍ୟ, ତହିଁରେ ଶଶୀ ଦୃଷ୍ଟି ପ୍ରତ୍ୟକ୍ଷ । ୨ ।

ଚୋନାର ମଧ୍ୟ ଭାଗ ମରକତ ମଣି ପରି ନୀଳ ଏବଂ ଏହାର ଚତୁର୍ଦ୍ଦିଗରେ ଧବଳବର୍ଣ୍ଣ ଅତ୍ୟନ୍ତ ସୁନ୍ଦର ଦେଖାଯାଉଛି । ମନେ ହେଉଛି, ସତେ ଯେପରି ଚନ୍ଦ୍ରକୁ ରାହୁ ଗ୍ରାସ କରୁଛି । ଏହା ନୁହେଁ କହନ୍ତି, ଏହା ମନର ଭ୍ରମମାତ୍ର, କାରଣ ଏହା ଅଦ୍ଭୁତ । ଏମନ୍ତ ଲକ୍ଷ୍ୟ ହେଉଛି, ଶଶାଙ୍କଙ୍କ ବାହଘର ଶଶୀ-କଳଙ୍କ ଦୃଷ୍ଟି ହୋଇ ପ୍ରତ୍ୟକ୍ଷ ହେଉଛି କି ? ପୁଣି—

ଅଠ ଶଶଧର ଉତ୍ଫୁଲ୍ଲ ଅଙ୍ଗ, ତରଙ୍ଗ ତମସ ଗଭୀର ଭଙ୍ଗି
ଶାରଦ ଦ୍ୱିପଦ୍ମ ଚଉପଦ, ହୃଦୟ ଦୁର୍ଦ୍ଧର ବନ୍ଧନ ଛନ୍ଦ,
ଏହନ ମହିମା, ଦ୍ୱିଜନ୍ମ ସମ ଆନ ନ ଗଣି । ୩ । (୨ୟ ଛାନ୍ଦ)

ଚନ୍ଦ୍ରଙ୍କ ପରି ଉତ୍ଫୁଲ୍ଲ ଅଙ୍ଗ ଦେଖି ଅନ୍ଧକାରର ତରଙ୍ଗ ଭଙ୍ଗି ଶିରୀକୁ ସେ ଭୟ ହୋଇ ଚନ୍ଦ୍ରକଠାରେ ଶରଣ ପଶିଲା । ଚନ୍ଦ୍ର ପରସ୍ପର ପ୍ରସନ୍ନ ହୋଇ ସ୍ୱ ଶଶକରୂପୀ ଅନ୍ଧକାରକୁ ବକ୍ଷରେ ଧାରଣ କଲେ । ତାହାର

ଝଲ୍‌ମଲ ଝୁଲକୁ ତାଙ୍କ ଶଶୁର ଓ ଉଦକାର ଝଲକୁ ଶଶ ସହିତ ତୁଳନା କରାଯାଇଛି । ଶଶକୁ ଦସ୍ୟୁଙ୍କ ଚନ୍ଦ୍ର ସ୍ୱ ବକ୍ଷରେ ସ୍ଥାନ ଦେଇଥିବାରୁ ତୋଳା ନ ଅନ୍ଧକାର ଭୟ ଯାଇ ମନେକଲ, ଦସ୍ୟୁଙ୍କ ଚନ୍ଦ୍ର ସେତେବେଳେ ଶଶକକୁ ଆଶ୍ରୟ ଦେଇଛନ୍ତି, ସେତେବେଳେ ତାକୁ ମଧ୍ୟ ସ୍ୱ ବକ୍ଷରେ ସ୍ଥାନ ଦେବା ସମ୍ଭବ । ଏହା ଦେଖି ସେ ଚନ୍ଦ୍ରଙ୍କଠାରେ ଶରଣ ପଶିଛି କି ! ପ୍ରଫୁଲ୍ଲ ନେତ୍ର ସହିତ ଅନ୍ୟ କେହି ତୁଳନୀୟ ନୁହେଁ ।

ଏହିପରି ମନୋହର ଭାବରେ କବି ସମସ୍ତ ସ୍ଥାନରେ ନେତ୍ରର ବର୍ଣ୍ଣନା କରି ଅନନ୍ୟ ସାଧାରଣ ଆଦର୍ଶ ସ୍ଥାପନ କରିଛନ୍ତି; ଏହା ନିଜ କୌଣସି ସାହିତ୍ୟର ଗୌରବର ସ୍ଥାନ ଅଧିକାର କରିବ ।

ଏ କେଶ ପଦ୍ମଗନ୍ଧ ହୋଇଛି । ଏ ପୁଣି ବନବାସୀ ଋଷିମାନଙ୍କ ତପସ୍ୟାକୁ ଭଙ୍ଗ କରୁଛି କି ? ପଦ୍ମ-ମୁଖ ଉପରେ କୁନ୍ତଳକେଶ ବସିଥିବାରୁ ବହୁ ଭ୍ରମର ଲଜ୍ଜାର ସୂଚନା ଦେଉଛି । ନାସିକାର ତଳୁ ସୁନ୍ଦର ସୁବର୍ଣ୍ଣ ବେଷ୍ଟନୀ ଶୋଭା ପାଉଛି ।

ଏ ମୃଗନେତ୍ରୀର ଶୋଭା କି ଅପୂର୍ବ ! ବିଧାତା କୌତୁକରେ ଭୁଲି ମୃଗର ମୂର୍ତ୍ତିକୁ ଏତ ଦାଶକୁ କରି ବାନ୍ଧି ରଖିଛି କି ? ମନେହେଉଛି, ଏ ଦୁହେଁ ଅନ୍ୟକୁ ଲଜ୍ଜିତ କରାଇଥିବା ଅଧର ପଲ୍ଲବକୁ ଖାଇବା ପାଇଁ ଚଞ୍ଚଳ ହୋଇଛନ୍ତି, କିନ୍ତୁ ବନ୍ଧନରେ ଥିବା ଯୋଗୁଁ ସମର୍ଥ ହୋଇ ପାରୁ ନାହାନ୍ତି । କଜ୍ଜ୍ୱଳ ଲଗ୍ନ ନେତ୍ରର ଭ୍ରମର ଦଶ ବସିଛି ।

ରମ୍ଭୋପମ ବଦନ ନନ୍ଦନ, ଏଣୀ ଦୃଷ୍ଟି ସ୍ୱ-ବନ୍ଧନ ବନ୍ଦନ ।
ଅଧର-ପଲ୍ଲବ ଅଶନ ଅର୍ଥ, ଚଳନ୍ତି ଚଞ୍ଚଳ ଅସମର୍ଥ ।
କଜ୍ଜ୍ୱଳ ଭ୍ରମର, ପ୍ରତ୍ୟକ୍ଷ ପରକଟ ପରମର । ୮ ।

ଅବନାଅକ୍ଷରରେ ରଚିତ ସମ୍ପୂର୍ଣ୍ଣ କର୍ଣ୍ଣନାଟି ଅପୂର୍ବ ରସ ସୃଷ୍ଟି କରି ପାରିଛି ।

ଅବଲୁପ୍ତୋପମା ପ୍ରଭୃତିଙ୍କର ଜନ୍ମ ଚତୁର୍ଥ ଛାନ୍ଦରେ ନବଯୁବତୀ ନାୟିକାର ଶୋଭାର ଯେଉଁ ବର୍ଣ୍ଣନା କରିଛନ୍ତି ତାହା ଚମତ୍କାର ହୋଇଛି; ଉଦ୍ଧବଙ୍କର ଚିତ୍ତର ପ୍ରସନ୍ନତା ଓ ପାଣ୍ଡିତ୍ୟ ଅଦ୍ଭୁତ କବିତ୍ୱ ଶକ୍ତି ଏଥିରେ ପ୍ରକାଶ ପାଇଛି ।

ଚନ୍ଦ୍ର ଓ ପଦ୍ମ କେବେ ଏକତ୍ର ବାସ କରୁଥିଲେ ? ମାତ୍ର ପୂର୍ବେ କାଳରୁ ଜାତ; ଏହା ପ୍ରାଚୀନମାନେ ଜାଣନ୍ତି । ଏଠାରେ ମୁଖଚନ୍ଦ୍ରରୁ ନୟନପଦ୍ମ ଜାତ ହୋଇ ଶୋଭା ପାଉଛି । କିନ୍ତୁ ଏବେ ମୁଖପଦ୍ମରୁ ସେହି ଦୃଶ୍ୟ କଥା ବାହାରୁଛି ହେଉଥିବେକି ଅଧରରେ ହାସ ଚନ୍ଦ୍ରମା ପ୍ରକାଶ ପାଉଛି ।

ଚନ୍ଦ୍ରମାରୁ ପଦ୍ମ ଜନମ କରଣ ଶୁଣିବେ କହନ୍ତି ସୁଜନ ।
ଶୁଣି ସଖି କଥା ପ୍ରମାଣ ପଦ୍ମରୁ କାଳକରେ ଏବେ ଚନ୍ଦ୍ରମା ।
ଦେଖ ଏ କଥା, ମାନିତ ଅଦ୍ଭୁତ ଅଦ୍ଭୁତ,
ଚନ୍ଦ୍ର କମଳ ଜନ୍ମ ଜାତ ବୋଲନ୍ତି ପୂର୍ବମାନେ କହୁଛନ୍ତି । ୭ ।

ସୁନ୍ଦରୀ, ତୋର ଅରୁଣ କୋଳରେ କୁମୁଦକୁ ବିକଶିତ କରିବା କି ଆଶ୍ଚର୍ଯ୍ୟ
ଏବଂ କେଶ ମେଘରେ ନବ ବିଜୁଳି ଖେଳା କରୁଛି !
ବାଳଅରୁଣ-କୋଳରେ ବିକଶିତ ନବ କୁମୁଦ ଏ ଅଦ୍ଭୁତ,
ଉପମାକୁ ଏବେ ଶବ୍ଦ ଦେଖୁଛି ସଖୀ କଥା ଆନ ଅଛି ତ !
କିଶୀ ବାହାରେ, ମନ୍ଦ କି ଆଉ ପାରେଶବ !
ନବ ବିଜୁଳି କେଶ ମେଘ ମଧ୍ୟରେ ଖେଳା କରିବାର ଶୁଭିବ । ୮ ।
(ଚତୁର୍ଥ ଛାନ୍ଦ)

ଏ ରମଣୀରତ୍ନକୁ କବିଙ୍କର ଅଦ୍ଭୁତ ଧନ୍ୟ ହୋଇଛି । ଦାଶୀ ନାୟିକାର ନବଯୌବନ ହେବା ସମ୍ବାଦକୁ ସଖୀମାନେ କହୁଛି—

ଏତେ କଣ୍ଠ ଶା ସମ୍ପତ୍ତ୍ୟ କୋଳିଆରେ କୋଟି କନ୍ଦ କାମକଳ୍ପନ ।
ନୃତ୍ୟକେ ମୁଖବ ପେଷ୍ଟ କାନି ଏବେ ଦୃଶ୍ୟକୁ ହୋଇଛି ପ୍ରବେଶ ।

ଦନ୍ତମଞ୍ଜୁ ଚକ୍ଷୁ, ଦର୍ଶନେ ଅମର ପଦଶୀ
ଲଜ୍ଜିବ ଭୂମିର କବିଶ୍ରୀ ଶୋଭାକୁ ଏ ଛନ୍ଦକୁ କିଏ କହିବ । ୧୩ ।
(୪ର୍ଥ ଛାନ୍ଦ)

ଋତୁ ବର୍ଣ୍ଣନା—କବି ନାୟକନାୟିକାଙ୍କ ଯୌବନ ଲୀଳାର ପରବର୍ତ୍ତୀ ଅବସ୍ଥାକୁ ଗ୍ରୀଷ୍ମଋତୁ ସହିତ ତୁଳନା କରିଛନ୍ତି; ଏଥିରେ ଗ୍ରୀଷ୍ମଋତୁର କେତେକ ବୈଶିଷ୍ଟ୍ୟ ଲକ୍ଷଣ ବେଶ୍ ପ୍ରକାଶ କରି କଳ୍ପନା ଶକ୍ତିରେ ଚମତ୍କୃତି ରମଣୀୟ କରିଛନ୍ତି ।

ସୁରତାନ୍ତ ଗ୍ରୀଷ୍ମ ଋତୁପରି, ଦୃଶ୍ୟାଳିକ ଚନ୍ଦ୍ର ପ୍ରଭା ମାଧୁରୀ ।
ଘାଟଚିକ୍କ ବିଦ୍ଧଲତ ଦଶନ, ମଲ୍ଲି ତକାଦନ ମୃଦୁତନେ ଥାଇ । ୭ ।
ଜଳ କ୍ରୀଡ଼ା ଲୁଚିତ ଜଳ ଦେଖି, ମଦମତ୍ତେ ଏକା ଗଣ୍ଡା ହୋଇ । ୮ ।
(୬ଷ୍ଠ ଛାନ୍ଦ)

ଗ୍ରୀଷ୍ମଋତୁରେ ଚନ୍ଦ୍ରମଣ୍ଡଳ ଧୂଳି ଦ୍ୱାରା ମଳିନ ଦେଖାଯାଏ, ମଲ୍ଲିଫୁଲ ଫୁଟେ ଓ କୋକିଳର ସ୍ୱର ମନ୍ଦ ମନ୍ଦ ହୋଇ ଶର୍ବରୀରେ ଶୁଭିଆସେ । ଏହିସବୁ ଲକ୍ଷଣ ସହିତ ଯୌବନାନ୍ତେ ନାୟିକାର ମୁଖମଣ୍ଡଳର ମ୍ଳାନ୍ତ ଜନକ ହାସ୍ୟ ଭଙ୍ଗୀ, ଧୀର ଗମନ ସଦୃଶ ମୃଦୁ ବଚନ, 'ମନ୍ଦ ମନ୍ଦ' ଶବ୍ଦର ଉଚ୍ଚାରଣ ସହିତ ତୁଳନା କରି କବି ଅଳ୍ପ ପଦରେ ବର୍ଣ୍ଣନା କରି ସୁନ୍ଦର ଚମତ୍କାର ଦେଇଛନ୍ତି । ତୁଳନାଟି ଉପଯୁକ୍ତ ହେବାରେ ସୁସ୍ପଷ୍ଟ ଉଦ୍ଭାସ ଥିବାରୁ ପଦଗୁଡ଼ିକ ରସପୂର୍ଣ୍ଣ ହୋଇଛି ।

ବର୍ଷା ଓ ଶରତ୍‌ଋତୁର ଗୋଟିଏ ଗୋଟିଏ ମାତ୍ର ଲକ୍ଷଣକୁ କବି କେଳି-ପ୍ରସଙ୍ଗରେ ବ୍ୟକ୍ତ କରିଛନ୍ତି; ଏହି ପ୍ରସଙ୍ଗରେ ବର୍ଷାଋତୁର ଅବତାରଣା କରିବା ପରେ ଶେଷ ପ୍ରସଙ୍ଗରେ ଅନ୍ୟ ରୂପ ପରବର୍ତ୍ତୀ ଋତୁ (ଶରତ) କୁ ଦେଖାଇଛନ୍ତି ।

ଦୂର୍ଣ୍ଣି ଘୁଦେଇ ହେବାରୁ ଚନ୍ଦ୍ର ଓ ଅନ୍ଧକାର ହୋଇପେ ଲୁଚିଲେ । ବାରମ୍ବାର କେଳକୁ ଚନ୍ଦ୍ର କେଶି କଷ୍ଟ ଦେଉଥିଲା, ଏବେ ଏହା ଦୂର ହେଲା;

ଆଉ ଚନ୍ଦ୍ର ଉଦୟ ନାହିଁ । ବର୍ଷାଋତୁରେ ହଂସମାନେ ପୀଡ଼ା କରନ୍ତି, ଶରତ୍ କାଳ ଉପସ୍ଥିତ ହେଲେ ସେ ସ୍ଥାନକୁ ତ୍ୟାଗ କରି ଅନ୍ୟ ସ୍ଥାନକୁ ଚାଲି ଯାଆନ୍ତି । ଏହି ପ୍ରସଙ୍ଗରେ କବି ଗୋପୀଙ୍କୁ ବର୍ଷାଋତୁ, ରାଧାଙ୍କୁ ଶରତ୍‌ଋତୁ, ଶ୍ୟାମଙ୍କୁ ହଂସୀ, ଗୋକୁଳକୁ ମାନସସରୋବର ରୂପେ କଳ୍ପନା କରିଅଛନ୍ତି ।

ତପ୍ତ ମାର୍ଗ ଚନ୍ଦ୍ରାସ୍ତ ଜଳାଇଲ । ଚନ୍ଦ୍ର-ଅସ୍ତର ଦାଣ୍ଡି ପକାଇଲ ।
ଶ୍ୟାମହଂସୀ କି ବାଲ୍ୟ-ମାନସର, ଭଳି ଗୁଧର ଶରତ ଦାସର । ୨୧ ।
(ଚମ୍ପୂ ଛନ୍ଦ)

କବି ପ୍ରେମସୁଧାନିଧିରେ ଋତୁ ଚକ୍ରର ନୂତନ ରୂପ ପ୍ରଦାନ କରିଛନ୍ତି; ଅନ୍ୟାନ୍ୟ କାବ୍ୟମାନଙ୍କରେ ପ୍ରାକୃତିକ ଶୋଭାକୁ କେବଳ ଉପମାରୂପ ବର୍ଣ୍ଣନା କରି ସେଥିରେ ସ୍ୱତନ୍ତ୍ର ବିରହାନୁଭୂତିକୁ ପ୍ରକାଶ କରିଛନ୍ତି । ଏହି ପ୍ରକାର କାହାଣୀ ଋତୁ ବର୍ଣ୍ଣନା ପ୍ରସଙ୍ଗରେ ବର୍ଣ୍ଣିତ ହୋଇଥିଲେ ମଧ୍ୟ ଏଠାରେ ଏକ ରସପୂର୍ଣ୍ଣ ଆନନ୍ଦଦାୟକ କାହାଣୀରେ ପରିଣତ ହୋଇଛି ।

ଚତୁର୍ଥ ଉଲ୍ଲାସରେ—ଦୁଃଖ ଓ ସୁଖ ଉଭୟଙ୍କୁ କବି ସ୍ୱ କାବ୍ୟମାନଙ୍କରେ କୌଶଳ ପୂର୍ବକ ବିଭିନ୍ନ ସ୍ଥାନରେ ପ୍ରକାଶ କରିଥିବାରୁ ଏହାର ବ୍ୟାପକତା ସୀମାର ଅତୀତ ବନ୍ଧୁ ଗୁଣରେ ବର୍ଣ୍ଣିତ ହୋଇଛି । ଏକ ପ୍ରସଙ୍ଗକୁ ସମାପ୍ତ କରି ଓ ନବ ନବ ରୂପରେ ସଜ୍ଜିତ କରି କବି ଅସାମାନ୍ୟ କବି ପ୍ରତିଭାର ପରିଚୟ ପ୍ରଦାନ କରିଛନ୍ତି ।

କବି ଏହି ଭାବରେ ବସନ୍ତ, ଗ୍ରୀଷ୍ମ, ବର୍ଷା ଋତୁରେ ନାୟକ ନାୟିକାଙ୍କ ବିରହାନୁଭୂତି ଅତି ଚମତ୍କାର ଭାବରେ ବର୍ଣ୍ଣନା କରିଛନ୍ତି ।

ଭକ୍ତ ଚରିତ୍ର ବର୍ଣ୍ଣନାରେ ପଦ୍ମଲୋଚନ ଶୈଳୀ ବ୍ୟବହାର କରିଛନ୍ତି । ଶବ୍ଦଚାତୁରୀରେ ଏହାଙ୍କ ନୈଷଧୀୟଟୀକୁ ସେମିତି ପଢି ଦେଇଛି ତାହା ନ ଭୂତ, ନ ଭୂତ, ନ ପ୍ରକାଶେଇ ପ୍ରୟୋଗ ରୀତିକୁ ଅତି ଉତ୍କୋଚୀର କଠୋର ହୋଇଛି ଏବଂ ଓଡ଼ିଆ ରସିକ ପାଠକମାନଙ୍କର ଅତି ଆଦରର ବସ୍ତୁ ହୋଇପାରିଛି ।

ଶରତକାଳୀନ ନିର୍ମଳ ଚନ୍ଦ୍ରମଣ୍ଡଳ କାମଦେବଙ୍କ ଦ୍ୱାରା ମଜା ହୋଇଥିବା ଦର୍ପଣ ପରି ଦିଶୁଛି । ସେହି ଚନ୍ଦ୍ରମଣ୍ଡଳକୁ ଦେଖି କୁମାର ବହୁତର କାତର ହୋଇ ସ୍ୱପ୍ନ ଦେଖିବା ଆରମ୍ଭ କଲା । ନାୟକ ପରଂପରା ରୀତିକୁ ଅନୁସରଣ କରି ଇଷ୍ଟଦେବ 'ନାରଙ୍ଗବଲ୍ଲଭ'ଙ୍କ ପାଦପଦ୍ମରେ ଚିତ୍ତକୁ ରଖିବ ବୋଲି ପ୍ରାର୍ଥନା କରିଛନ୍ତି । ତେଙ୍କ ଇଷ୍ଟଦେବ ନାରଙ୍ଗବଲ୍ଲଭ ହିଁ ନାୟିକାଙ୍କର ଇଷ୍ଟଦେବ ରୂପେ ପ୍ରକାଶ ପାଇଛନ୍ତି । ପାଠକମାନେ ଭଗବତ୍ପ୍ରୀତିକୁ ଉପଲବ୍ଧ କରିବା ମାନସରେ ନାୟକ 'ସ୍ୱକୀୟା ପ୍ରୀତିଭଞ୍ଜନକାରୀ ତନ୍ତ୍ରାଙ୍ଗ' ବୋଲି ଲେଖିଛନ୍ତି ।

ନାୟକ ନାୟିକାକୁ ନିଜର ପ୍ରିୟତମା ବୋଲି କହନ୍ତି । ଉଭୟଙ୍କ ପ୍ରୀତି ଚନ୍ଦ୍ରକୁମୁଦଙ୍କ ପ୍ରୀତି ପରି ଅଭେଦ । "ଯେତେକ ଦୂରେ ଥିଲେ ହେଁ ପାଶ୍ୱର ଦେହ ତାହାର ।" ଚନ୍ଦ୍ରକୁ ଚକୋର, ଜଳଧରକୁ ଚାତକ ପ୍ରାୟ ନାୟକ ନାୟିକାଙ୍କୁ ଆଶା କରୁଥିବା, ନାୟକ ଗୁଣ ପରି ନାୟିକା ପାଣିରେ ମାଡି ରହିଥିବା ବ୍ୟକ୍ତ କରି ନାୟିକା ଅନ୍ତରରେ କପଟ ମର୍ମାନ୍ତିକ ହୋଇଛି ତାହା ଚମତ୍କାର ଭାବରେ ଉପମାଗୁଡ଼ିକ ବର୍ଣ୍ଣିତ ହୋଇଛି ।

ଦୁହିଁଙ୍କ ଅଭେଦ ପ୍ରୀତି ପୁଣି ଗଭୀର ହୋଇ ଥିବା ଜଣାଯାଏ । କିନ୍ତୁ ଏହି ଅଭେଦ ପ୍ରୀତି ଦୁର୍ଜନ-ହଂସ ଦ୍ୱାରା ବିଚ୍ଛିନ୍ନ ହୋଇଯାଇଛି ।

ନାୟକ ନାୟିକାକୁ ପତ୍ର ଶେଷରେ "ସୁରତି ପରି ଗୁଣବତୀ", ପୁଣି "ଯୁବତୀ" ସମ୍ବୋଧନ କରି ପତ୍ରର ଉପାନ୍ତ ମର୍ମକୁ ବହୁଗୁଣରେ ବର୍ଦ୍ଧିତ କରି ଦେଇଛନ୍ତି ।

ନାୟିକାର ଉତ୍ତର ଉପଯୁକ୍ତ ହୋଇଛି । ନାୟକ ନାୟିକାର ଉପମାଗୁଡ଼ିକର ଦୂରବର୍ତ୍ତିତା ନିଜର ନୂତନ ଭାବ ପ୍ରକାଶଭଙ୍ଗୀ ଦ୍ୱାରା ରଚନାଟିକୁ ମନୋମୁଗ୍ଧକର କରି ପାରିଛନ୍ତି । ନାୟକ ପ୍ରଦତ୍ତ ଉପାଧିଗୁଡ଼ିକର ସାର୍ଥକତା ଏଥିରେ ପ୍ରତିପାଦିତ ହୋଇଛି ।

ନାୟିକା ନାୟକଙ୍କୁ, "ପ୍ରେୟସ ! କନ୍ଦର୍ପସୁନ୍ଦର କୃପାକର ସୁତ" ବୋଲି ସମ୍ବୋଧନ କରନ୍ତି; ନାୟକଙ୍କ ସମ୍ବୋଧନ "ରାଜସୁତା, ପ୍ରୀତି ଚନ୍ଦ୍ରକଳା"ର ଏହା ଉପଯୁକ୍ତ ଉତ୍ତର । ନାୟିକାର ଲଜ୍ଜା, ମନର ଆଶଙ୍କା, ନାୟକର ପ୍ରେମପ୍ରତି ସନ୍ଦେହ, ନିଜ ପ୍ରେମର ସ୍ବଚ୍ଛତା ପ୍ରଭୃତି ଏଥିରେ ସୁନ୍ଦର ଭାବରେ ପ୍ରକାଶିତ ହୋଇଛି । ନାୟକ ସେପରିସବୁ ଭାବ ଓ ପ୍ରଶ୍ନ ପ୍ରକାଶ କରିଛି ନାୟିକା ଏକ ଏକ କରି ତାହାର ଉତ୍ତର ନ ଦେଲେ ମଧ୍ୟ ପତ୍ର ଓ ଉତ୍ତରର ଭାବରେ ସାମ୍ୟ ରହିଛି । ପତ୍ର ଦୁଇଟିରେ ପତ୍ରାଂଶର ସ୍ବତନ୍ତ୍ର ସମ୍ବୋଧନୀ ଓ ସମାପ୍ତି ଆଦି ସବୁ ସ୍ପଷ୍ଟ ବ୍ୟକ୍ତ ହୋଇ ନଥିଲେ ମଧ୍ୟ ମର୍ଯ୍ୟାଦାପୂର୍ଣ୍ଣ ହୋଇଛି ।

ନାୟକର ପତ୍ର—

ନିର୍ମଳ ଚନ୍ଦ୍ରମଣ୍ଡଳ ଶରଦେ ଦେଖନ୍ତି,
ଯେଣେ ଯଥା ଦର୍ପଣ ଦର୍ପଣେ ଥିଲେ ମାଜ
ଦୃଷ୍ଟି କୁମର କାତର, ଲେଖି ଆରମ୍ଭିଲି କରି ସମସ୍ତ ପତ୍ରର । ୧ ।

କାନନବଲ୍ଲଭ ସନ୍ଧ୍ୟାରେ ଚଢ଼ି ଥାନ୍ତ,
ରାଜସୁତା ପ୍ରୀତି-ଚନ୍ଦ୍ରକଳାକୁ ଚାହିଁ
ଏବେ ମନ୍ଦୁଅଛି ଦୂରୁ, ବନ୍ଦନ ରଚନ ପାଇ ଲେଖିଛି ପତ୍ର । ୨ ।

ତୁ ଯେ ପ୍ରୀତିଚନ୍ଦ୍ର ଦେଖି ହୋଇଛି ଅଧୀର,
ଦର୍ଶନାକାଂକ୍ଷି କରୁ ଜାଣି ଅଜ ପ୍ରୀତିକାର
ନୃପାଂଶ ଅଭ୍ୟାସେ ହୋଇ, ଚକୋରେ ଆକୁଳ କଲାଣି ପ୍ରାଣସଖୀ । ୩ ।

ଦୂରେ ଥିଲେ ପାଶେ ଅଛୁ ଏହା ଥିବୁ ଜାଣି,
କେତେ ଦୂରେ ଚନ୍ଦ୍ର, କେତେ ଦୂରେ କୁମୁଦିନୀ,
ପ୍ରୀତି ଅଚ୍ଛେଦ ତାଙ୍କର, ଯେତେ ଦୂରେ ଥିଲେ ସେ ଯାହାର ସେ ତାହାର ।୪।

(ଛାନ୍ଦ ୧-୪)

ନାୟିକାର ସ୍ଥିର—

ହରେ ! କନ୍ଦର୍ପ ସୁନ୍ଦର ନୃପବର ସୁତ,
ଚନ୍ଦ୍ର-ଆସ୍ୟ ହୋଇ ଭ୍ରମ କରନ୍ତି ଚକୋର
ଚୋଟକର ସଂଗମକ, ଯନ୍ତ୍ରଣାପରି ତୁଳନା ତୁମର ମଳୟ । ୨୧ ।

ଦ୍ୱାପ୍ରେୟେ କଲି ଦେଖଆଛନ୍ତି ଯାହାଙ୍କୁ,
ଭ୍ରାନ୍ତି ଦିଶ ଦୃଷ୍ଟି ବହିଲ ପ୍ରାୟେ ତାଙ୍କୁ
କେବେକ ନଭୁଞ୍ଜିବ ଅଂଶ, ଏବେଲ ଯେଉଁ ପ୍ରାୟେ ହେବେଲ ହେବ ନାଶ ।
୨୨ । ଇତ୍ୟାଦ ୨୨-୨୯ । (୧୪ଶ ଛାନ୍ଦ)

ଏହାପରି କୃତିରେ ରସିକପ୍ରିୟ ପ୍ରବନ୍ଧର ସରଳତାର ସ୍ୱାଭାବିକତା ନ ଥିବାରୁ ଏହା ସର୍ବଜନ ପ୍ରିୟ ହୋଇ ପାରିନାହିଁ ।

ନାୟକର ଋତୁକାଳୀନ ଅବସ୍ଥାନୁଭୂତିରେ କବି ବସନ୍ତରେ "କୋକିଳ ସନ୍ଦେଶ," ଗ୍ରୀଷ୍ମଋତୁରେ "ଭ୍ରମର ସନ୍ଦେଶ," ବର୍ଷାଋତୁରେ "ମେଘ ସନ୍ଦେଶ"ର ଅବତାରଣା କରି ଋତୁକାଳକୁ ରମଣୀୟ କରି ପାରିଛନ୍ତି । ଏହି ଋତୁକାଳୀନ ଅବସ୍ଥାନୁଭୂତିରେ ରସିକାର ଉତ୍କଣ୍ଠା ବର୍ଣ୍ଣନା କରି କବି ତାହାକୁ ସର୍ବଜନାଦୃତ କରିପାରି ନ ଥିଲେ ମଧ୍ୟ ସୌନ୍ଦର୍ଯ୍ୟପୂର୍ଣ୍ଣ କରି ପାରିଛନ୍ତି । ଭାଷା ଭାବକୁ ଅନୁସରଣ କରିଛି । ବର୍ଣ୍ଣନାଗୁଡ଼ିକ ଅଳଙ୍କାର ପ୍ରଧାନ ଥିଲେ ମଧ୍ୟ ଭାବ ଓ ଭାଷା ଯୋଗୁଁ ସୁନ୍ଦର ହୋଇଛି ।

ସନ୍ଧ୍ୟା — ଅବୋଧ୍ୟାଙ୍କ ଗାଥିରେ କବି ସନ୍ଧ୍ୟାର ବର୍ଣ୍ଣନା ଅଳ୍ପ ସଂଖ୍ୟକ ପଦରେ କରିଛନ୍ତି । ଅବୋଧ୍ୟାଙ୍କର ଉଦାହରଣ ବ୍ୟତୀତ ଏଥିରେ ଅନ୍ୟ ବିଶେଷତ୍ୱ ଦେଖାଯାଏ ନାହିଁ ।

ଏ ସମୟରେ ଯାମିନୀ ହୋଇଲା ପ୍ରବେଶ
ଦ୍ୱିଜରାଜ ଦ୍ୱିଜଦେବ ବନ୍ଧନକୁ ହୋଇ ଯେ । ୧ ।

ପଦ୍ମିନୀ ସୁମନାଙ୍କୁ ମୁଦିତ କରାଇଲା
ପଦ୍ମିନୀ ସୁମନାଙ୍କୁ ବାରବେ ମଜ୍ଜାଇଲା ଯେ । ୬ ।

ପ୍ରଦୋଷକୁ ନାଶକଲା ଦୋଷାକର ହୋଇ
ତମକଜଳ ତମକୁ ଗୁହାରେ ପୂରାଇ ଯେ । ୭ ।

ସୁରଙ୍କୁ ବାରୁଣୀ ସେବା କରାଇବା ବଳେ
ସକଳ ହୋଇ ରୁଚିର ଅଷ୍ଟମଣ୍ଡଳ ଯେ । ୮ ।

ଅନନ୍ତ ନୃସିଂହ କଲା ସାଷ୍ଟା କର ଶ୍ରୀସ
ଏକାଠିକ ସକଳ କଲେ ରମଣୀଙ୍କ ବେଶ ଯେ । ୯ । (ଜେମ ଗ୍ରନ୍ଥ) ।

କବିଙ୍କ ଉଦ୍ୟାନ୍ୟ ଭାବ୍ୟରେ ଥିବା ସନ୍ଧ୍ୟା ବର୍ଣ୍ଣନା ତୁଳନାରେ ଏହା ସମକକ୍ଷ ହୋଇନାହିଁ; ବର୍ଣ୍ଣନାଟି କେବଳ ବିରୋଧାଭାସ ଅଳଙ୍କାରର ଦୃଷ୍ଟାନ୍ତ ଥିବାରୁ ଏହାର ଭିନ୍ନ ଅଳଙ୍କାରିକ ବିଶେଷତ୍ୱ ଦେଖାଯାଉଛି ।

ସାମିଙ୍କୁ ପ୍ରବେଶ ହେବାରୁ ଚନ୍ଦ୍ର ଉଦିତ ହେଲେ । ଶୁଭ କଳ୍ପବାଦ ଯୁଗଳଙ୍କୁ ପୃଥକ କରିଦେଇ କ୍ଲେଶ ଦେଲା । ପଦ୍ମିନୀ ସ୍ତ୍ରୀମାନଙ୍କୁ ସାମିଙ୍କ ନିରତ କରାଇଲା; ସେମାନେ ସ୍ୱାମୀଙ୍କୁ ଲାଭକଲେ । କିନ୍ତୁ ପଦ୍ମକୁ ଦୁଃଖ ଦେଲା । ( ସେ ମୁଦ ହୋଇଗଲା । )

ଚନ୍ଦ୍ର ଉଦୟ ହେବାରୁ ଅନ୍ଧାର ପଳାଇ ପର୍ବତ ଗୁହାରେ ରହିଲା । ତମ ଯେ ରାହୁ ଚନ୍ଦ୍ରଙ୍କୁ ଗ୍ରାସ କରେ । କିନ୍ତୁ ଏଠାରେ (ତମ ଯେ ଅନ୍ଧାର) ରାହୁ ଚନ୍ଦ୍ରଙ୍କୁ ଭୟ କରି ଗିରିଗହ୍ୱରରେ ଲୁଚିଲା ।

ସୁର ଯେ ସୂର୍ଯ୍ୟ ସେ ବାରୁଣୀ ଅର୍ଥାତ୍ ପଶ୍ଚିମ ଦିଗନ୍ତରେ ଅସ୍ତ ହେଲେ । ଅଷ୍ଟମଣ୍ଡଳ ରୁଚିର ଦିଶିଲା । ସୁର ଯେ ଦେବତାମାନେ ବାରୁଣୀ ଯେ ମଦ୍ୟ ତାକୁ ପିଆଇଲା ।

ପ୍ରଭାତ — ପ୍ରଭାତ ବର୍ଣ୍ଣନାରେ କବି ବେଶି ପଦ ବ୍ୟବହାର କରି ନ ଥିଲେ ମଧ୍ୟ ବର୍ଣ୍ଣନାର ମାଧୁର୍ଯ୍ୟ ପ୍ରକୃଷ୍ଟ ହେବାରେ ବ୍ୟାଘାତ ଘଟିନାହିଁ ।

ଏ ସମୟରେ କଣାପଣ୍ଡ ଭକ୍ତ,
ନାଶି ଜାକନବନ୍ଦରେ ରୋଦନ । ୧୮ ।
ଜନ୍ତୁ ବନ୍ଧୁ ଦ୍ୱୀପେ ଜଳେ ମଜ୍ଜନ,
ପ୍ରେତାତ୍ମାମାନ ହିଁ କଲେ ପାନ ।
ତାଙ୍କ ଦାଣ୍ଡ ହିଁ ବାଧକ ହୋଇଥିଲା,
ଏଣୁ ମଜ୍ଜନ ଦେଖିଣ ଥିଲେ । ୧୯ ।

ଖଳୁ ବନ୍ଦେଶୀ ପୁର ଉତ୍ତରରେ,
ଅଧିକ ପ୍ରବେଶ ହୋଇବା ବେଳରେ ।
ଦାସୀ ତୁଳତୁଳି ପକ୍ଷୀନାଦ,
ହେଲେ ପଣ୍ଡିତ କାମିନୀ ପ୍ରମୋଦ । ୨୦ । (ଚିତ୍ର ଗ୍ରନ୍ଥ)

କବି ପ୍ରସ୍ତରରେ କଣାପଣ୍ଡଙ୍କ ମୃତ୍ୟୁ ହେବା କଳ୍ପନା କରିଛନ୍ତି; ଚାତକମାନେ ଉଦ୍ବେଳନରେ ରୋଦନ କରୁଛନ୍ତି । ଜଳରେ ବୁଡ଼ି ପ୍ରେତାତ୍ମାମାନେ ପାନ କରୁଛନ୍ତି । ତାଙ୍କମାନେ ବାଧକ ହେଉଛନ୍ତି । ଏହେତୁ ମଜ୍ଜନ ମଧ୍ୟ ଦେଖାଯାଉଛନ୍ତି ।

ଖଳୁ ଉଦୟ ହେବାରୁ ଦୁଃଖର ରାତି ପ୍ରଭାତରେ ପରିଣତ ହେଲା । ବନ୍ଦେଶକୁ ସ୍ୱାମୀ ଫେରିଲେ ସ୍ତ୍ରୀ ଆନନ୍ଦିତ ହୁଏ, ଦାସଦାସୀମାନେ ଆନନ୍ଦରେ ତୁଳତୁଳି ଦିଅନ୍ତି । ସୂର୍ଯ୍ୟଙ୍କୁ କବି ବିଦେଶୀ ସ୍ୱାମୀ ସହିତ ତୁଳନା କରିଛନ୍ତି, ପକ୍ଷୀମାନଙ୍କ ରାବକୁ ତୁଳତୁଳି ବୋଲି କଳ୍ପନା କରିଛନ୍ତି ।

ପ୍ରକୃତି ସାମାଜିକ ବିଧାନର ଅବତାରଣା କରି କବି ଏହା ଚମତ୍କାର ଭାବରେ ପ୍ରଭାତର ବର୍ଣ୍ଣନା କରିଛନ୍ତି ।

ସ୍ତ୍ରୀମାନଙ୍କ ଚେଷ୍ଟାପର ମାଧୁରୀ—କବି ଯୁବକଯୁବତୀଙ୍କ ପ୍ରେମଜୀବନକୁ ଅତି ମୂଲ୍ୟବାନ ବୋଲି ମନେ କରିଛନ୍ତି । ପ୍ରିୟାର ହାବଭାବ, ଚେଷ୍ଟା, ତରଙ୍ଗ ଏକୁ ସ୍ମୃତିକୁ ଆନନ୍ଦ ଦାନ କରେ; ଇନ୍ଦ୍ରିୟସମ୍ଭୋଗଠାରୁ

ଏହାଙ୍କୁ ମୂଲ୍ୟବାନ୍ ମନେ କରନ୍ତି । ଉଦାହରଣ ସ୍ୱରୂପ ବକ୍ଷ ହିଁ ମୋହନମନ୍ତ୍ର ପଣ ରସିକ ପ୍ରିୟଙ୍କ ମନକୁ ମୋହିତ କରୁଛି ।

ପରିହରିବେ ଭଥନ ପରିହାସମାନ,
ମୁକ୍ତାର ରଚନା କର କଣ୍ଠରେ ରଞ୍ଜନ ଯେ । ୧୦ । (୪ର୍ଥ ଛାନ୍ଦ)

ବେଶ କରିବା ସମୟରେ ଜଣେ ସଖୀ ଅନ୍ୟ ସଖୀଙ୍କୁ କହୁଛି, ତାଙ୍କୁ ନେଇ ଅଙ୍ଗରେ ଲଗାଇ । ଅର୍ଥାତ୍ ମୁକ୍ତାର ଯେ ଗଳେ ଭଳି ଥିବା ରଚନା ସେ ମେଖଳାକୁ କଣ୍ଠରେ ବାନ୍ଧିଦିଅ । ଏହିପରି କାଞ୍ଚିଲ, ନୂପୁର, ନାସାମୋତି ଫୁଲମାଳ ଏହି ବେଶ ସାମଗ୍ରୀଙ୍କୁ ଲକ୍ଷ୍ୟକରି କବି କଳ୍ପନା-ଶକ୍ତି ସାହାଯ୍ୟରେ ସୁନ୍ଦର ଅବା ରସାପ୍ଲୁତ ପଦବୃନ୍ଦ ରଚନା କରିଛନ୍ତି ।

ନବୀନତ୍ୱସ୍ୱ ଶତ୍ରୁର ସମସ୍ତ, ହିମପଙ୍କଜନ୍ତୁ ହଂସ ହୃଦୟ
ଅନ୍ୟ ସମସ୍ତ ଲକ୍ଷ୍ୟକର ପଛ, ପଦ୍ମ ଶରଣ ଚକ୍ରବାକ ମଧ୍ୟ
ମନ୍ଦିରଚିତ୍ରିତ, ଛିଟକ ପଲକ ଫେଡ଼ ସଜ । ୯ ।

ଚକଚକ ରମଣୀୟ ଚିତ୍ର, ଅମୃତ ପଦାବଳୀ—ଉପେନ୍ଦ୍ର ଏହି କ୍ଷୁଦ୍ର କାବ୍ୟଟିରେ ବହୁ ସୁନ୍ଦର କଳ୍ପନାପୂର୍ଣ୍ଣ, ଗମ୍ଭୀର ତାତ୍ପର୍ଯ୍ୟଗର୍ଭକ, ଛନ୍ଦପୂର୍ଣ୍ଣ, ରସାପ୍ଲୁତ ପଦାବଳୀ ରଚନା କରିଛନ୍ତି । ଏକ ଏକ ପଦ ଏକ ଏକ ରତ୍ନ । ଯେ କୌଣସି ସାହିତ୍ୟରେ ଏହା ଉଚ୍ଚ ସ୍ଥାନ ଅଧିକାର କରିବ ।

ନବପରିଣୀତ ଯୁବକ ଚତୁର ସୁନ୍ଦର ସ୍ୱାମୀ ତାହାର ହୃଦୟ ଗଗନର ରସିକା ଚନ୍ଦ୍ରମା ବାଳାଙ୍କୁ ଯେଉଁ ପ୍ରେମିକ ଜନଙ୍କର ଅନୁଭୂତିକୁ ଉତ୍କଣ୍ଠାପୂର୍ଣ୍ଣ ଓ ରସପୂର୍ଣ୍ଣ ପଦାବଳୀରେ ବ୍ୟକ୍ତ କରି ରସିକ ପାଠକ ମନକୁ ଆହ୍ଲାଦିତ କରିପାରନ୍ତି । ଏଠାରେ ହିଁ କବିର ଲେଖନୀର ସାର୍ଥକତା ।

(୯) ଅବନା —

ଉର୍ଦ୍ଧ୍ୱ ଚନ୍ଦ୍ର ବକ୍ର ଅଳକଜାଳ ଶ୍ରୀମୁଖ କମଳଜ ଗଣ୍ଡମଣ୍ଡଳ
ମନ୍ଦସ୍ମିତ ନବ କଳିକା ଭବ, ଅମୃତ ମଧୁ ସରସ ଅଧର
ଅଞ୍ଜନ କପଟ, ତ୍ରିବଳୀରସ ଗମକ ଲିପିଚ । ୧୦ ।

ରଙ୍ଗକୁହୁଳ ମଧ୍ୟ ଶତଦଳ, ମଧ୍ୟସ୍ଥ ସ୍ୱମଣ୍ଡଳର କୁଣ୍ଡଳ
ଏମନ୍ତ ମନ-ପବନ ଚଳନ୍ତ, ବହୁଳ ମକରନ୍ଦ ନ ଝଡ଼ନ୍ତ
ଗନ୍ଧ ମନମନ, କମଳ ଅଧରେ ନେ ଯାଇ । ୧୧ । ( ୨ୟ ଛାନ୍ଦ )

(୨) ଛେକାନୁପ୍ରାସ, ମଧ୍ୟଯମକ—

କଦମ୍ବମୂଳ ମଣ୍ଡଳୀ ଯୋଗାକୁ ଜଳକେଳିରେ ମଜାଇବ
ମୁଖ ଅଧିକ ଧନ ଏ ସ୍ୱର୍ଣ୍ଣିକ ଦେଖାଇବାକୁ ଶିଖାଇବ
ଚନ୍ଦ୍ରମା, ଉଦ୍ଧରେ ମନ ଯେନାଇବ,
ଲଙ୍କା ଅନ୍ତର ଶରୀର କର କର ଦେହା ଶୋଭିକୁ ଜଣାଇବ । ୧୩ ।
(୩ୟ ଛାନ୍ଦ) ।

(୩) ଅଦ୍ଭୁତୋପମା—

ବାଲଅଙ୍କୁଶ ବେଳରେ ଶରମ୍ପିତ କଳ୍ପ କୁମୁଦ ଏ ଅଦ୍ଭୁତ
ରୂପମାକୁ ଏବେ ଚକ୍ଷୁକ ହେଉଛୁ ସବୁ କଥା ଆନ ଆନ କି
ଜଣି ବାଣ୍ଟରେ, ମଳ୍ଲୁ କି ଆଣ୍ଠି ଯାମୋଦିବ
ନବଦୂଳକୁ କଳା ଶେଷେ ମଙ୍କରେ, ଚେଳା କରିବାର ଶୁଣିବ । ୮ ।

ଚନ୍ଦ୍ର କରି ଯା ଉଦ୍ଧରେ ବୋଲିଥାଅ ବୋଲି ଜନ୍ମ କାମକଳ୍ପ
ତାମ୍ବୁରେ ଝୁରାବ ଶେଷୁ କାଳ ଏବେ ସୁରାଙ୍କୁ ହୋଇଛି ପ୍ରବେଶ ।
ପ୍ରଥମକୁ ଦେଖ, ଦର୍ଶନେ ଅମରୁ ପଦବୀ
ଲଭିବ ଲୁବ୍ଧ ବନ୍ଦିଶ ତୋଷାକୁ ଏ ଛବିକୁ କଶ କଲ୍ପିବ । ୧୩ ।
( ୪ର୍ଥ ଛାନ୍ଦ )

(୪) ଅନୁପ୍ରାସ—

ମଣ୍ଡେ କର ଜଦେବଗନ, ଚନ୍ଦ୍ର ଶୋଭିବା ବସନ
ବିରଞ୍ଚି ବେଣି ବଦନ ବୋଲେ ପ୍ରସନ୍ନ

ପ୍ରଖର ଧ୍ୱାନ୍ତ ଧ୍ୱଂସନ ସ୍ଫୁରିତ ନାସା ଭୂଷଣ,
ଅଧରେ ସ୍ମିତ ଦଶନକୁନ୍ଦ ଦଂଶନ ।
ଯୁବତି ଯେ ଜନ୍ମରୁ ଦର୍ଶନ, ତା ଚକ୍ଷୁ ଜନ୍ମରୁ ପ୍ରେମସୁଧା ଅଶନ ॥ ୯ ॥

ଏମନ୍ତ ମନେ ଭାବି ନାୟକ ନାହିଁ ଯେ ଧନ,
ଧଇର୍ଯ୍ୟ ଜଣ୍ଡ ଦେଖାଏ ଲୋଡ଼େ ସନ୍ତୁଷ୍ଟ,
ଯାହେଣ ଥିଲେ ଜନ ସଖି, ତାପମାନ ଉପଶମି,
ଯେ ନ ଭୂଷିଲା ଦେଖାଏ ମୁଁ କି ତା ସର
ମଟେକ ଯା ଶୁଣ ନ ପଶି, ସୁବେଶ ଦଣ୍ଡ ଦେଖାଇ ହୋଇ ଯେ ଉପଶମ ।
୮ । (୭ମ ଛାନ୍ଦ)

(ଙ) ସିଂହାବଲୋକନ ଶୃଙ୍ଖଳା—

ଅର୍ଦ୍ଧନିଶାର ସପ୍ନରୂପେ ମୋହର ଛାଡ଼ିବାରୁ ମୁଁ ଜାଣିଲି
ମୁନିଗଣଙ୍କ ଛାଡ଼ି ଯାଇ ଯେ ଲୋଡ଼ନ୍ତି ଏ କଥା ଅସୁ ମଣିଲି ।
ସୁମଣିଙ୍କ ଆଜ୍ଞ ତୋହର ସଙ୍ଗେ ଥିଲ ପରୁ ସୁଖ ଦେବଦାସ
ଦେବଦାସକୋଭଦାସୀନ ରୁ ମୋର ଅନ୍ତର ଚିରଦାସ । ୧୬ ।

ଜଳାପଦେଖି ନ ଦେଖିବୁ ଅନ୍ତର ନଦୀରେ ଯଥା ଏଣିକ
ଏଣିକ ଆଜ୍ଞ ଗର୍ବତ ନ କରୁଅ ଏତେ କହେ ସୁବେଣୀକ
ବେଣୀକ ଲୁଚ୍ଛା ଯେଉଁ ସେଠୁ ଯତନେ ବଢ଼ାଇ ଥିବୁ ଭୁଜଙ୍ଗେ
ଭୁଜଙ୍ଗେ ବାନ୍ଧି ଅଷ୍ଟେଲେ ନ ଶୋଭିବୁ ପଲଙ୍କ ବାଳା ଭାଷିଲେ । ୧୭ ।
(୮ମ ଛାନ୍ଦ)

(ଚ) ଆଦ୍ୟ ଯମକ—

ଅବଶ୍ୟ ଫିଙ୍ଗୁ ଅଙ୍ଗେ ଗିରି ଭାବନ,
ତା ଲାଗି ରାମ କାନ୍ତ ଜବଜାବନ ଯେ ।
ଏହୁ ଯଶସ୍ଵ ହୁଏ ଶୁଣି ଭଳକ,
ଭଲ୍ଲ ତ ନ ଦେଖିବ ଶୁଣୀ ଭଲକ ଯେ । ୩ ।

ମୋ ଧନ୍ୟା ନ ଜାଣିବ ମୋ ବନାଶରେ,
ଗଡ଼ ଦେବାକୁ ମୋତେ ତା ବନାଶରେ ସେ ।
ଏଣୁ ଅନେ ତାହା କରବଶ ସଲ୍ଲେ,
ଦେବେ ବୋଲିବେ ସ୍ୱର୍ଗ ବଶ ସଙ୍ଗିନ ସେ । ୪ ।

ମୋହିଥିବା ଯାଏ ଗ୍ରାମକୁ ତାହାର,
ନଟିକି ମୋ ଭ୍ରୂକୁଳି ମୁକୁତା ହାର ସେ ।
ଦେଖି ପ୍ରେମବୃଥିବ ମୋତେ ବାଳିଶ,
ମୁହିଁ ତୋଳିଲି ପଦ୍ମ ମଦେ ବାଲିଶ ସେ । ୩, ୪, ୫ ।
( ୯ମ ଛାନ୍ଦ )

(୭) ଆଧ୍ୟାତ୍ମ୍ୟଜନକ—

(କ) ପଦ୍ମପଦ ତେଜ ମୋ ଭାଗ୍ୟଂ ପଦ୍ମ, ପଦ୍ମଜନ୍ମ ନାହିଁ ମୋ ଅପଦ୍ମ ।
ପଦ୍ମଶ ଭବେ ପ୍ରାଣୀ କହିଁ ଶୁଣି ନ ଥିବଛି ପରଂପରା ଏହୁ,
ବୋଲିଲ । ୭ ।

ନରଙ୍କ ନାହିଁ ହେଲ ଅମର, ମରଣରେ ହେଦନ୍ତୁ ଭ୍ରମର,
ମରଣତବେଣୀ ଓଷ୍ଠସୁଧାପାନ୍ତୁ ନ ଭରବଇ ହଂସବୃମର ଏହୁ,
ବୋଲିଲ । ୧ । (୧୧ଶ ଛାନ୍ଦ)

(ଖ) ଇନ୍ଦୁଶଣକୁଣୀ ଶତ୍ରୁରଜ, ରଞ୍ଜନେ ମାଳୁ ବର୍ଣ୍ଣ ଭ୍ରମଜ
ରଜନୀ ପିତକା ମୁଁ ଶୋଷି ମାରଦେଲୁ ଇ ନରଭ ନସ୍ତୁନଜାଗନ୍ତ ଏହୁ,
ବୋଲିଲ । ୧୩ । (୧୧ଶ ଛାନ୍ଦ)

(୮) ଆଶ୍ଚର୍ଯ୍ୟ—

(କ) ଏଣ୍ଡ ପରମାଦ ପଡ଼ିଲା ବାନ୍ଧିବା ଗୁଣରେ ନ ଆଶିଲ୍ପ ଜନ୍ମା,
ମୋର ଛଇଲାମଣି ସବୁ ଜାଣା,
ଭ୍ରମରକୃଷ୍ଣପ୍ରାପତ ଜନ-ଜେବନ ହେବେ ନଭୂଥାନ୍ତି କଣା ଏହେ । ମଧୁପ ।

ଏତେ ଭଲ ଯେ ଧରଣ ଚରଣ ଧରଣ, କାହିଁପାଇଁ ମୋ ଅଙ୍ଗରେ ଜମିଲେ ।
ନଖ ଦନ୍ତ ଘାତ ଏବେ ଚନ୍ଦ୍ରାବଳୀ ପରଶେ ମନକୁ ଆଣେ ହେ ।

ମଧୁପ । ୨ ।

(ଖ) ଯାହୁଁ ସଖୀ ସଙ୍ଗେ ଉପବନ ଭାସରେ ମ୍ଳାନ ହୋଇଥିଲେ ଲପନ
ସ୍ମୃତି ସ୍ଥଳେ ବାଳୀ ନ ଭଲ ମାନ
ଚୋଲି ଖସି ଯେବେ କମଳ ଲତାର୍ଦ୍ଧ ଶିରେ ଜଣାଇ ଯେ ଅଛ ହେ

। ମଧୁପ ।

କ୍ଷଣେ ଏତେ ଯାଦବଙ୍କୁ ମୁଁହିଁ ଜ ? ତାହା ନିସ୍ତାର କରଣ କାହିଁକି
ଅତନୁ କ୍ଷେତ୍ରେ ମନୁ ଜାଗ ମଦନ ଏତେ ଦାରବଳ କାହିଁ କି ହେ

। ମଧୁପ । ୯ ।

(ଗ) ହରେଷ୍ଟବରେ ଭେଳା କରିବା ସମୟେ ତାଙ୍କୁ ମୁଁ ପ୍ରଣମି କହିଲି
ଦାସ୍ୟ ପ୍ରକାଶ ଭବନାରେ ସାଥ୍ୟ,
ଚରଣ ଶରଣ ଲୋକଙ୍କୁ ରାଖିବା ତାଙ୍କ ଉଚିତ ହୋଇଥ ହେ । ମଧୁପ ।
ତୁଲ ନା ଦେଖ କେତ୍ର ଲଳିତମଲ୍ଲରେ, ଚୋର ବଚ୍ଛେଦ ହେଉଛି ଦର୍ଶନେ,
କାନ୍ତ କେତେ କଥା କହିଥାଇ ବୋଲି ଅଳପ ଭୂଷେ ଭ୍ରମିଲେ ହେ ।

ମଧୁପ । ୧୫ ।

(ଘ) ପଦ୍ମଧଶୀଣସି ଲୋକରେ ନ ଯୋଗି ଲପନ ଦେଖିଲ ଦର୍ପଣେ
ମୁଁ କହିଲି, କହିଲ୍ଲ ମୂର୍ଖପଣେ
ଯାହିଁ ଅଧର ତୁଣ୍ଡି ଘମ ଭରନ୍ତୁ ଭେଦ କେହୁ କେଇ ଗୁଣେ ହେ । ମଧୁପ ।
ଏ ବଚନରେ ଘୁଙ୍ଗିଲ ଫୁଟିଲ, ମୋର ଧରିବୁ ସେ ତଳିପଡ଼ିଲ
ମୁଁ କ ଅନ୍ଧକାରେ ଭରେ ଅନ୍ଧକାର ଦଶାଇବ ଖଣା କାହିଁ ହେ ।

ମଧୁପ । ୧୬ ।

(ଙ) ସ୍ୱପ୍ନ ଯଦେ ଚିନେ କ ଦେଖି ବାହେଇ ବାସକୁ
ବାସ କୃଷ୍ଣ-କର୍ଣ୍ଣ ନ କହିଲ ମୁଁ ପଶ୍ଚିଲେ ଧ୍ରୁଷ୍ଟି
ବୋଲୁଁ କତ ଅନାଦର କ୍ଷେମ୍ପଂ ଦେଖ ମୋଠାରେ କେଉଁ ତପସ୍ୟା ହେ ।

ମଧୁପ ।

କହେ ଅଙ୍ଗ କି ପଡ଼ୁଥିବ ଦଶା, ମୋତେ କରୁଥିଲ ପରଶଂସା
ହେମ ଶିଶିର ବସନ୍ତ ଗ୍ରୀଷ୍ମରୁ ଅଧିକ ବୋଲି ବରଷା ସେ । ମଧୁର ।୧୮।
(୧୨ ଶ ଛାନ୍ଦ)

(୯) ଯୋଡ଼ ଯମକ—

(କ) ଘନେ ଯେ ଘନେ ତନ୍ଦନ ଯେଣ ଭୂଷିତେ ପଞ୍ଚ
ନେତନେ କେଳି ରଙ୍ଗେ ଶୀତେ ।
ଶାନ୍ତି ଯେ ଏକାନ୍ତେ କାନ୍ତେ ପ୍ରେମ-ନଦସ୍ରୋତେ ସ୍ରୋତେ
ସ୍ମରି ମୁଁ ସ୍ମର କମ୍ପିତେ ମିତେ ହେ । ଜଳଧର ।
ବୋଲେ ଯେ ବେଦନା ଗଣ୍ଡେ ଡଡେ,
ଦୃଶିତା ଲମ୍ବିତେ କିଂଶୁକ ସୁମୋଷ୍ଣ ମଧ୍ୟେ ମତେ ଜାତ ରହ
ନେତ୍ର ନେତ୍ରେ ହେ । ୧୩ ।

(ଖ) ଯେ ବେଶବଳୀ ବନଶୋଭା ଦେଖୁ ବଳ
ବଳଲ୍ଲୁକେ ପୁଲ୍ଲ ବାଣ୍ଡୀ ଅଳୀ ଅଳୀ
କମ୍ପନ୍ତ ତୁଙ୍ଗାଙ୍କୀ ନାଳୀକାକ୍ଷୀ କଦଳୀ
କାଳଶ ମୁଁ ଦୁଃଖ ଦେବା ପାଳି ପାଳି ହେ । ଜଳଧର ।
ବୃଶ୍ଚଣୀ ପାଠ ମନ୍ତ୍ରାର ସ୍ମୃତି,
ଶୃଙ୍ଗି ଫଳନାଳ ମାନପ୍ରାନ୍ତେ ପାଳି
ତୁଳି ତୁଳିକେ ହସ୍ତ କେଳିଶ ଖଳି ଖଳି ହେ । ୧୬ ।

(ଗ) ଦେଖାଇ ସୁନ୍ଦର କମ୍ପନ୍ତ କନକ ସମ୍ଭାଳ ପାନ
ନ ଦେବ ତ ନଭୁପ୍ରିୟ ପ୍ରତି
ତାମ୍ରଳାବେଶାଭ୍ରିତ ଗୀତ ଦେବତା ନାଶକ ସନ୍ତ
ତେଣେ ଦେଖାଉଁ ଶମିତ ମିତ ହେ । ଜଳଧର ।
କମ୍ପକ ତନ୍ତ୍ରମାତ୍ରିତ ସୁତ, ସେବ ତୋ ଏକାନ୍ତ,
କାନ୍ତ ଶ୍ରୁତିରେ ବର୍ଷିତ
ପ୍ରିୟବାଣୀ ଯେ ତୋତେ କହିତ ରତି ହେ । ୧୭ । (୧୩ଶ ଛାନ୍ଦ) ।

(୧୦) ଦୃଷ୍ଟାନ୍ତ —

ନାୟକ — ଛାଇ ଯେସନେ ପାଦେଶ ଲାଗି ଥାଇ ଅନୁକ୍ଷଣେ,
ଆଶଙ୍କା ଯେସନେ ପୁଣି ଚୋ ଅନୁସରଣେ ।
ନୀର କ୍ଷୀର ଯେସନେ ପ୍ରୀତ,
କାଦମ୍ବ ଦେଖିଲେ ହୁଅନ୍ତି ବିଚ୍ଛେଦ ଘଟନ୍ତି । ୧୫ ।

ନାୟିକା—ପ୍ରାଣ ଯେସନେ ଜଗି ଦେହ ଥାଇଛି ଯାହାକୁ
ଛାଡ଼ି ନଷ୍ଟ ପୁଷ୍ପିତ ଚନ୍ଦନ ଯେସନେ ତାକୁ
ନେଦେ ନ ଛାଡ଼ନ୍ତି ଆଶ,
ଅନଳ ପତଙ୍ଗ ଯେସନେ ହୋଇଲେ ହୋଇବ ନାଶ । ୨୨ ।
ମଣ୍ଡିତ ଲୋକମାନଙ୍କ ଭ୍ରମର ନୋଷ୍ଟର
ଭଜନାର କଥା କହି ଲଗାନ୍ତେ ସୁନ୍ଦର
ଆହେ ରସିକରଞ୍ଜନ
ନୃତ୍ୟବଧୂଙ୍କ ଯେସନେ ପ୍ରୀତି କଲ ଆଜ । ୨୩ । (୧୪ଶ ଛାନ୍ଦ)

ଅଳଙ୍କାର —

ନିମ୍ନଲିଖିତ ଛାନ୍ଦର ଓ ଅନ୍ୟ ଅଳଙ୍କାର ପ୍ରମୁଖାଂଶରେ ଦେଖାଯାଏ—

| | |
|---|---|
| ୧ମ ଛାନ୍ଦ—ଆଦ୍ୟଯମକ | ୯ମ—ପ୍ରାନ୍ତ୍ୟଯମକ |
| ୨ୟ ,, —ଉପମା | ୧୦ମ—ନିରଙ୍ଗ ବା ନିବୃତ୍ତି ଯମକ |
| ୩ୟ ,, —ଚେକାନୁପ୍ରାସ; ମଧ୍ୟଯମକ | ୧୧ଶ—ଆଦ୍ୟପ୍ରାନ୍ତ୍ୟ ଯମକ |
| ୪ର୍ଥ ,, —ଉତ୍ପ୍ରେକ୍ଷୋପମା | ୧୨ଶ—ଆଶୀଷ |
| ୫ମ ,, —ବିରୋଧାଭାସ | ୧୩ଶ—ଯୋଡ଼ି ଯମକ |
| ୬ଷ୍ଠ ,, —ରୂପକ | ୧୪ଶ—ଦୃଷ୍ଟାନ୍ତ |
| ୭ମ ,, —ଅନୁପ୍ରାସ | ୧୫ଶ—ଶ୍ଳେଷ ବକ୍ରୋକ୍ତି |
| ୮ମ ,, —ସାଂଖ୍ୟାବଲେହନ, ଶୃଙ୍ଖଳା | ୧୬ଶ—ପୂର୍ବୋକ୍ତ ସମାହାର । |

ସମସ୍ତ ପ୍ରେମସୁଧାନିଧି କାବ୍ୟଟି ଯମକ ପ୍ରଧାନ । ପ୍ରତ୍ୟେକ ଛାନ୍ଦରେ ଏକ ପ୍ରକାର ଯମକ ବ୍ୟବହୃତ ହୋଇଛି । ଯମକ-ପ୍ରଧାନ ଥିବାରୁ ଉତ୍କଟରେ ଶ୍ଳେଷ ଛାନ୍ଦର ବ୍ୟବହାର ନାହିଁ ।

ଦୋଳିକଳା ଅନୁପ୍ରାସରେ ଗ୍ରନ୍ଥରେ କେତୋଟି ଛାନ୍ଦ ରଚିତ ହୋଇଛି ।

ଅଳଙ୍କାର ନିପୁଣ ଜାଣିବାରେ କବି ଉତ୍କୃଷ୍ଟସ୍ଥାନରେ କ୍ଲିଷ୍ଟ ଶବ୍ଦ ବ୍ୟବହାର କରିଥିବାରୁ ସାଧାରଣଙ୍କ ପକ୍ଷରେ ସୁବ ବୋଧଗମ୍ୟ ହେବା ସହଜ ନୁହେଁ; କିନ୍ତୁ ପଣ୍ଡିତମାନଙ୍କ ପକ୍ଷରେ ଏହା ସହଜ । କବି ଅଳଙ୍କାର ସମନ୍ୱିତ ପାଣ୍ଡିତ୍ୟପୂର୍ଣ୍ଣ ରଚନାକୁ ନାରିକେଳ ସହିତ ତୁଳନା କରିଛନ୍ତି ।

ଘନ ଚକୋରକୁ ତୋଷ କରିବ ସଜ୍ଜନ,
ପୁଣି ଏଥୁ ଶୀତ ନାରିକେଳ ଫଳପରି ।
ବାହାରେ କର୍କଶ ଭିତରେ ତ ରସଟା,
ଜାଣିବ ଜନ ମନକୁ ହୋଇବ ମୁକୁତା । ୧୬ । (ଶେଷ ଛାନ୍ଦ)

ପ୍ରପଞ୍ଚଜ୍ଞାନ ( ଦେଶନାମର ତାତ୍ପର୍ଯ୍ୟ )—କବି ଭାରତର ବିଭିନ୍ନ ପ୍ରଦେଶର ପ୍ରାଚୀନ ନାମକୁ କୌତୁକରେ ଅର୍ଥ କରି କାବ୍ୟରେ ଅପୂର୍ବଶୋଭା ଦେଇ କୌଶଳରେ କିପରି ଆଦର ଲାଭ କରିଥିଲା ତାହା ବ୍ୟକ୍ତ କରିଛନ୍ତି । ଏଥିରେ ପାଣ୍ଡିତ୍ୟ ଓ କଳ୍ପନା ସ୍ୱଭାବେ ମିଶ୍ରିତ ଥିବାରୁ କୌତୁକ ରାଶିଟି ଅଧିକ ଚମତ୍କାର ହୋଇଛି ।

ଘନ ପଟଳ ସ୍ୱରୂପ ଛପ କରଇ,
ଦେଖରେ ଦେଖରେ ବୁଲିଆସି ଘୃତଞ୍ଜ ଦେଇ । ୧୧ ।
ମାଳବରେ ମାଳ ବଟର ନାଞ୍ଚ ବନ୍ଧିଲେ,
'ଅଙ୍ଗ ଚଢାଇ ତାଙ୍କୁ ଅ.ବୁଝି ନୋହିଲେ । ୧୨ ।
ଭୁଲିଲ ଭୁଲିଲ ଘୁମା ବାଦରେ ଖେଳିଲ,
ବାଦେଶ୍ୱ ବାଦେଶ୍ୱ ସେହିଠି ଯୋଗ୍ୟା ଭଣିଲେ । ୧୩ ।

କୁନ୍ତଳେ କୁନ୍ତଳେ ସୁମା ଘଟ ଧଇଲେ,
ସ୍ତେନେ ସ୍ତେନେ ଅନାଦର ଝୁରୁ ଉଡ଼ିଲେ । ୧୪ ।

× × × ×

ନଗ୍ରାରେ ମଲ୍ଲରେ ଶମ ବେଷ୍ଟନେ ସୁରକ୍ଷ,
ମସ୍ତ୍ୟ ମସ୍ତ୍ୟ-କସୁନାଏ ଦେଖିଣ କାଥଣି । ୧୭ ।
ଭଲ ଜନିଙ୍କ ପ୍ରବଗ୍ଗ ବାପୁନ କରିଲ,
ତେଜମ ରୋମଶ-ବାପ୍ନଙ୍କ ଉଦ୍ଭ୍ରମ ହେଲେ । ୧୮ ।
( ପ୍ରଥମ ଛାନ୍ଦ )

ଏପରି ମଗ, ମଗଧ, ସିନ୍ଧୁ, କନୌଜ, ନିଷଧ, ମଲୁ, ବିଦର୍ଭ, କର୍ଣ୍ଣାଟ, କେରଳ, ନୈଷଧ, କୋଶଳ, କୁମ୍ଭର, ଗୁଜୁରାଟ ଦେଶମାନଙ୍କର ପ୍ରକୃତ ଅର୍ଥ ଓ ବ୍ୟଙ୍ଗାର୍ଥ ପ୍ରକାଶ କରିଛନ୍ତି ।

ଜ୍ୟୋତିଷଜ୍ଞାନ — କବି ଏକାଧିକ ସ୍ଥଳରେ ଜ୍ୟୋତିଷ ବିଦ୍ୟାର ଅବତାରଣା କରି ପରଂପରା ପ୍ରଚଳିତ ଜ୍ଞାନ ଶାସ୍ତ୍ର ତାଙ୍କର ସମ୍ୟକ୍ ପରିଚୟ ଥିବା ପ୍ରମାଣ ଦେଇଛନ୍ତି । କେତୋଟି ଉଦାହରଣ—

(୧) ଏତେକ ଅନୁଭବ ହେଲା,
ଉଚ୍ଚରେ ମଙ୍ଗଳଗ୍ରହ ଦେଖନ୍ତୁ ହେଲା । × ୨୦ । (୧୪ଶ ଛାନ୍ଦ)

(୨) ରାହୁ ଦଶା ପ୍ରାପ୍ତେ ମୋର,
ସୁଧାପାନ ଇଚ୍ଛୁ ଛେଦନ ହେଲା ଶିର । ୧୧ । (୧୪ଶ ଛାନ୍ଦ)

(୩) କୁଟିଳ-ଦସ୍ୟୁନାଶି କଲେ ମେଳଣିପ୍ରେତେ ମଙ୍ଗଳ ଶରୀର
ମଙ୍ଗଳିଆଛନ୍ତି ଅବନୀ କି ଶତ ସଦାଶିବ ଘରର । ୧୨ । × (୮ମ ଛାନ୍ଦ)

ସାମାଜିକ ବିଧିବିଧାନ — 'ଉଦ୍ଧବରଜା' କନ୍ୟାର ବିବାହରେ କବି ବିବାହର ବିଧିବିଧାନ ବର୍ଣ୍ଣନା କରିଛନ୍ତି । ଏହି କାବ୍ୟରେ ସପ୍ତମଙ୍ଗଳାଠାରୁ

ବିବାହ ଶେଷ ପର୍ଯ୍ୟନ୍ତ ବାଧିବାର ସହିତ ବିବରଣ ଛଅଟାଡ଼ ପଦରେ ଦିଆଯାଇଛି ।

ଶୀତ ଶୀତଳକୁମ୍ଭ ଢୋଳିଲେ ଜଳ,
ଝଣ୍ଟି ଝଣ୍ଟି ଶଙ୍ଖଧ୍ୱନେ ଗୀତ ମର୍ଦ୍ଦଳ ।
ନାସ୍ତି ନାରିକେଳ ଭାଣ୍ଡ ସ୍ପର୍ଶରେ ଥୋଇ,
ବର ବର ଗଣପତେ ପୂଜନ ହୋଇ । ୩୬ ।
ବାସ୍ତୁ ବାସ୍ତବକୁ ସାକ୍ଷୀ କରାଇ ଜଳେ,
କୁଶହସ୍ତେ କୁଣ୍ଡହସ୍ତେ କର୍ମ ସାରିଲେ ॥ (୧୪ ଛାନ୍ଦ)

ସପ୍ତମଙ୍ଗଳା କରିବାକୁ ସ୍ୱଦେଶକୁ ଯାତ୍ରା କରିବା ବାଟରେ ଶେଷ କରିଥିଲେ ।

ଏପରି ବହୁ ସାମାଜିକ ଅନୁଷ୍ଠାନର ଉଲ୍ଲେଖ ଥିଲେ ମଧ୍ୟ ବିସ୍ତୃତ ବିବରଣ ନାହିଁ ।

ଭାଷା—କବି କାବ୍ୟଟିରେ ଅଳଙ୍କାରକୁ ପ୍ରଧାନ କରିଥିବାରୁ ଅଳଙ୍କାର ପ୍ରୟୋଗରେ ଶବ୍ଦସମ୍ଭାରର ବହୁଳତା ସ୍ପଷ୍ଟ ଭାବରେ ପ୍ରକାଶ ପାଇଛି । ତଦ୍ୟ, ଅଦ୍ୟ ସ୍ୱୀୟ ଶବ୍ଦଭାଣ୍ଡାରରୁ କବି କୌଶଳପୂର୍ଣ୍ଣ ଉପାୟରେ ମଣି ଆହରଣ କରିଛନ୍ତି । ଅଳଙ୍କାର-ଅନୁରୋଧରେ କବି ସଂସ୍କୃତଶବ୍ଦର ବହୁଳ ପ୍ରୟୋଗ କରିବାକୁ ବାଧ୍ୟ ହୋଇଛନ୍ତି । ଯମକ ଅଳଙ୍କାର ପ୍ରୟୋଗ ଯୋଗୁଁ ପଦାବଳୀ ମନୋହର ହୋଇଥିବା ସ୍ୱାଭାବିକ । ତଦ୍ୟ ଅଦ୍ୟ ସ୍ୱୀୟ କଳନାରୁ ପ୍ରୟୋଗରେ କବି କୃତିତ୍ୱ ପ୍ରଦର୍ଶନ କରିଛନ୍ତି । ସଂସ୍କୃତବହୁଳ ପଦ ପ୍ରୟୋଗରେ ପାଣ୍ଡିତ୍ୟ ପ୍ରଦର୍ଶିତ ହୋଇଥିବାରୁ ସ୍ୱଳ୍ପ-ଜ୍ଞାନ-ସମ୍ପନ୍ନ ପାଠକ ପକ୍ଷେ ବହୁ ସ୍ଥଳ ଦୁର୍ବୋଧ ହେବା ସମ୍ଭାବନା ରହିଛି ।

(୧) ଅଳଙ୍କାର ପ୍ରୟୋଗର ଅନୁରୋଧରେ କବି ଅପେକ୍ଷାକୃତ କ୍ଲିଷ୍ଟତର ସଂସ୍କୃତବହୁଳ ଶବ୍ଦାବଳୀ ବ୍ୟବହାର କରିଛନ୍ତି । କେତୋଟି ଉଦାହରଣ—

(କ) କୁ-ମୁଦ କୁମୁଦ ବନ୍ଧୁ ଘଣ ଉଦିତ,
ଜନକ ଜନକ ତୋଷ କଲେ ବହୁତ । ୧ ।

ଅନନ୍ତ ଅନନ୍ତ ସାତ୍ତ୍ୱା ମନ୍ତ୍ରମାମାନ,
ଜଗତ ଜଗଦ୍‌ବନ୍ଧୁ ଲୀଳା ଘଟନ । ୨ । (୧ମ ଛାନ୍ଦ)

(ଖ) ଅମର — ଅଶନ ମଞ୍ଚମଣ୍ଡନ,
ଗରଲ ତରଳ କରଇ ମନ । ୪ (୨ୟ ଛାନ୍ଦ)

(ଗ) ଏତେଁ ଚନ୍ଦ୍ର ବଳ ଉଜଳ ଜଳି,
କୁଣ୍ଡଳମଳନ ଗଣ୍ଡମଣ୍ଡଳ
କନକସିଦ୍ଧ ଗବ ଜଳନ୍ତ କର,
ଅମ୍ଭୁଜ ନଥ ଶରଣ ଶରଣ । (୨ୟ ଛାନ୍ଦ)

(୨) ଛେକାନୁପ୍ରାସରେ କବି ଓଡ଼ିଆ ଶବ୍ଦର ସୁନ୍ଦର ବ୍ୟବହାର କରିଛନ୍ତି । କେତୋଟି ଉଦାହରଣ—

ଚନ୍ଦ୍ରକୁ କହେ କୁମାର ମାଉକୁ ଦେ ଏଥି ନିକଟେ ଲଗାଇବି
ଧୂଳ ଉଡ ନିବଲକ୍ଷ୍ମୀ ଲଭିବା ଯାଏ କି ସ୍ଥୂଶ୍ୟ ଦଶାଇବ ।
ଚନ୍ଦ୍ରମା ! ଶୁଭଟ ଭବେ ଲଗାଇବି,
ନ ବଶାଇ ତାଙ୍କୁ ସଲ୍ଲକେ ପଲକେଁ ଉତ୍ତୁ ଉପରେ ବସାଇବ । ୧ ।

ନବ ପ୍ରମଦା ମଣ୍ଡଳିଣୀ ଶୋଭ୍ୟଙ୍କୁ ଜଳ କେଳିରେ ମଜାଇବି
ମୁଖ ଅଧିକ ଧିକ ଏ ହରିଣିଳ ଦେଖାଇବାକୁ ବଞ୍ଚାଇବ ।
ଚନ୍ଦ୍ରମା ! ରହସ୍ୟ ମନ ଦେଖାଇବ
ନୀଳା ଅନୁର ହରିଣ ଜଳ ଜଳ ସ୍ନେହା ଶୋଭକୁ ଅନାଇବ । ୧୩ ।

( ୩ୟ ଛାନ୍ଦ )

(୪) ଶବ୍ଦ-ଅର୍ଥଗତ ଶ୍ଳେଷର ସମ୍ମିଶ୍ରଣ—

(କ) ବଧୂ ମୁଖ-ବାଧୁ ଭୂଷଣୀଭୂତ, ଶୁଣି ଚନ୍ଦ୍ରଦେବୀଙ୍କ ହେଲେ ଭୋଳ ।
କୁବଳୟମନୋରଞ୍ଜନ ବର୍ତ୍ତିକା, ଲଜ ଅଛାରେ ରହିଛି ଗଣ୍ଡିକା ।୧।

ଘଂଘ ଦେଖି ଭ୍ରମର ମଧୁଲୋଭନ, ମୁଖ-କମଳ ନୟନ-ଗୋଳୋତ୍ପଳ ।
କ୍ଷୁଦ୍ର ମହାଆନନ୍ଦକୁ ପାଇଲା, ଓଷ୍ଠ ବନ୍ଧୁଜୀବୁ ମଧୁ ପିଇଲା ।୨।

(ଖ) ଚନ୍ଦ୍ରି କନ୍ୟାମାନଙ୍କୁ ମିଶାଇ, ସେପାରୁ ଦେବୀଙ୍କ ଗୁଣ ବଖାଣ ହେବି ।
ଚଳୁଚଳୁ ଅଧିକ ଗୁଣବାନ, ହେଲା ଭାଗ୍ୟଗୁଣଙ୍କ ସମାନ ।
।୧୨। (୬ଷ୍ଠ ଛାନ୍ଦ)

(୫) କେତେକ ଗ୍ରାମ୍ୟ ଶବ୍ଦ ପ୍ରୟୋଗ—

ପେଲିବା—ତଳେ ତେଳେ ମାଟି ଲଗେଇ ଦେଇ ଏହୁ ଭରେ ପୂର୍ଣ୍ଣି ପେଲିଲା ।
। । (୩ୟ ଛାନ୍ଦ)

ଦଣ୍ଡ ପଡ଼ିଲା — କହେ ତ ଆଣୁ କେତେ ଦଣ୍ଡ ପଡ଼ିଲା କେଉଁ ଲୁଚାଇ ଭରନ ।
।୨। (୮ମ ଛାନ୍ଦ)

ଘାଣ୍ଟେଇ — ଏ ପ୍ରବନ୍ଧ ଲକ୍ଷଣଗତଘାଣ୍ଟେଇ ପଦ ।୨୩। (୧୭ଶ ଛାନ୍ଦ)

ଅଷ୍ଟମଠାରୁ ଶେଷପର୍ଯ୍ୟନ୍ତ ସବୁ ଛାନ୍ଦର ଭାଷା ଅପେକ୍ଷାକୃତ ସରଳ । ଅଳଙ୍କାର ପ୍ରୟୋଗ ଯୋଗୁଁ ଶେଷ ଛାନ୍ଦରେ କେତେକ କ୍ଲିଷ୍ଟ ଶବ୍ଦ ବ୍ୟବହୃତ ହୋଇଥିଲେ ମଧ୍ୟ ଅଧିକାଂଶ ପଦ ସରଳ ।

ପ୍ରଥମ ଛାନ୍ଦଠାରୁ ସପ୍ତମ ଛାନ୍ଦ ପର୍ଯ୍ୟନ୍ତ ଭାଷା ସମ୍ପୂର୍ଣ୍ଣ ଜଟିଳ ହୋଇଛି । ଅଳଙ୍କାର ପ୍ରୟୋଗର ଦୃଷ୍ଟାନ୍ତ ପଦମାନଙ୍କର ସଂଖ୍ୟା ବହୁଳତାହିଁ ଏହାର କାରଣ । ଏଥିରେ ଭକ୍ତକବିଙ୍କ ଗଭୀର କଳ୍ପନାଶକ୍ତି ଓ ପାଣ୍ଡିତ୍ୟ ପ୍ରକାଶ ପାଇଛି ।

ଉପେନ୍ଦ୍ର ଭଞ୍ଜ ପ୍ରେମସୁଧାନିଧିରେ ଯେଉଁ ସବୁ ପଦାବଳୀ ରଚନା କରିଛନ୍ତି ତାହା ତାଙ୍କର ଅନନ୍ୟ ଧାରଣା ଶକ୍ତି ସ୍ମରଣର ପରିଚୟ ପ୍ରଦାନ କରୁଛି । କି କଳ୍ପନା, କି ଶବ୍ଦ ଯୋଜନା, କି ଅଳଙ୍କାର ପ୍ରୟୋଗ ସବୁ ବିଷୟରେ କବି ଅପୂର୍ବ କୌଶଳ ସୃଜନା କରି ଧନ୍ୟ ହୋଇଛନ୍ତି । ସେ ଅନେକ କୌଶଳ ସାହାଯ୍ୟରେ ଯେଉଁ ସବୁ ଚିତ୍ର ସୃଷ୍ଟି କରିଛନ୍ତି ତାହା ଜୀବନ୍ତ, ରସପୂର୍ଣ୍ଣ, କବିତ୍ୱପୂର୍ଣ୍ଣ, ଅତୁଳନୀୟ ହୋଇଛି । ବାସ୍ତବ ଅନୁଭୂତିକୁ ପ୍ରାଣସ୍ପର୍ଶୀ ଭାବରେ ପ୍ରେମସୁଧାନିଧି ଉଜ୍ଜ୍ୱଳ କାବ୍ୟ ରଚନାରେ ଏକ ଅତୁଳ ତାଳିକା । କାଳକବଳର କ୍ଷୁଦ୍ରତା କାବ୍ୟର ମହତ୍ତ୍ୱକୁ ସ୍ପର୍ଶ କରୁନାହିଁ ।

କବି ବିବିଧ ଅଳଙ୍କାରର ଦୃଷ୍ଟାନ୍ତ ସ୍ୱରୂପ ଯେଉଁସବୁ ପଦ ରଚନା କରିଛନ୍ତି ସେଗୁଡ଼ିକ ସବୁକାଳରେ ଜୀବନ୍ତ ହୋଇ ରହିଥିବ ଏବଂ ଆଦର୍ଶସ୍ଥାନ ଅଧିକାର କରୁଥିବ ।

## ରସିକ ହାରାବଳୀ

କାବ୍ୟର ନାମକରଣ—ନାୟିକାର ନାମାନୁସାରେ କାବ୍ୟର ନାମ 'ରସିକହାରାବଳୀ' ହୋଇଛି । ନାୟିକାର ନାମ କୋଟିବ୍ରହ୍ମାଣ୍ଡସୁନ୍ଦରୀ ଓ ରସିକହାରାବଳୀ—ଏ ଦୁଇଟି ଥିବାର କବି ଦର୍ଶାଇଛନ୍ତି । ବାଲ୍ୟ କାଳରେ ଯେତେ ଲୋକ ବାଳାକୁ ଦେଖିଲେ, ସମସ୍ତେ ତାହାର ଅପୂର୍ବ ଶୋଭାରେ ମୁଗ୍ଧ ହୋଇ ଯାଉଥିଲେ । ସ୍ତ୍ରୀ, "ଅବଳା ସୁନ୍ଦରୀ-ଲଜ୍ଜିଲେ ତାହାର ଶୋଭାରେ" । କୋଟିବ୍ରହ୍ମାଣ୍ଡସୁନ୍ଦରୀ ନାମ ଲୋକଙ୍କ ସମ୍ମତି ଅନୁସାରେ ହୋଇଛି । ବିଜ୍ଞମନେ ରସିକହାରାବଳୀ ବୋଲି ନାମ ଦେଲେ । ପିତାମାତା ଉତ୍ତମ ନାମରେ ଡାକିଲେ ।

କୋଟିବ୍ରହ୍ମାଣ୍ଡସୁନ୍ଦରୀ ବୋଲି ନାମ ଦେଲେ,
ଯେତେଲୋକ ବାଳକାଳେ ବାଳାକୁ ଦେଖିଲେ । ୨୫ ।

ଭଞ୍ଜେ ଦେଶ ବୋଲଇଲେ ଏ ରସିକହାରାବଳୀ,
ପିତାମାତାଙ୍କି ଭାଜିଲେ ଦେବ ନାମ ଛଳ । ୨୭ । (୧ମ ଛାନ୍ଦ)

କାବ୍ୟରେ ରସିକହାରାବଳୀ ନାମଟି କବି ବ୍ୟବହାର କରିଛନ୍ତି । ତେବେ, କୋଟିବ୍ରହ୍ମାଣ୍ଡସୁନ୍ଦରୀ ନାମର ବ୍ୟବହାର ମଧ୍ୟ ସ୍ଥାନେ ସ୍ଥାନେ ଅଛି ।

× × କୋଟିବ୍ରହ୍ମାଣ୍ଡସୁନ୍ଦରୀ ସୁରତ, ମଣ୍ଡି ଥିଲ ଜଳ ପୂର କରତ ।୧।
(୪ର୍ଥ ଛାନ୍ଦ)

କୋଟିବ୍ରହ୍ମାଣ୍ଡସୁନ୍ଦରୀ ନାମଟି କବି ଅନ୍ୟ ଏକ କାବ୍ୟରେ ନାୟିକାର ନାମ ରଖି, ସେହି କାବ୍ୟର ନାମକୁ ନାୟିକାର ନାମାନୁସାରେ 'କୋଟିବ୍ରହ୍ମାଣ୍ଡସୁନ୍ଦରୀ' ନାମକରଣ କରିଛନ୍ତି । ଏହି ସ୍ଥଳେ ରସିକହାରାବଳୀର ଅନ୍ୟନାମ କୋଟିବ୍ରହ୍ମାଣ୍ଡସୁନ୍ଦରୀ ହେବାର କାରଣ ସ୍ପଷ୍ଟ ହେଉ ନଥିଲେ ମଧ୍ୟ 'କୋଟିବ୍ରହ୍ମାଣ୍ଡସୁନ୍ଦରୀ' କାବ୍ୟଟି ସେତେବେଳକୁ ରଚିତ ହୋଇ ନ ଥିବା ଅନୁମାନ କରାଯାଇ ପାରେ ।

ପଦସଂଖ୍ୟା:—ରସିକ ହାରାବଳୀରେ ଏକଶହ ପଞ୍ଚଷଠି ପଦ ଥିବା କବି ବ୍ୟକ୍ତ କରିଛନ୍ତି । କିନ୍ତୁ ମୋଟ ପଦ ସଂଖ୍ୟା ଏକଶହ ଶତାଅଣୀ ଥିବା ଜଣାଯାଉଛି । ଅର୍ଥାତ୍ ବାଉଶିଟି ପଦ ଅଧିକ ରହୁଛି । ଏହାର କାରଣ ନିର୍ଦ୍ଦେଶ କରିବା ସହଜ ନୁହେଁ । କବି ପରବର୍ତ୍ତୀ ସମୟରେ ଛାନ୍ଦମାନଙ୍କରେ ଅଧିକପଦ ଯୁକ୍ତ ଯୋଡ଼ିଦେବେ କିମ୍ବା ଅନ୍ୟ କେହି ଲେଖକ ଅଧିକ ପଦ ଯୋଡ଼ିଥିବା ମଧ୍ୟ ଅସମ୍ଭବ ନୁହେଁ । କବି ସବୁ ଛାନ୍ଦ ଶେଷରେ ପଦ ସଂଖ୍ୟା ଦେଇ ନାହାନ୍ତି; ଶେଷ ଛାନ୍ଦରେ ମୋଟ ପଦସଂଖ୍ୟା ଦେଇଛନ୍ତି ।

ପଦସଂଖ୍ୟାରେ, ଏକଶ ଷଷ୍ଠପଞ୍ଚ କାନ୍ତେ । × × । (୧୫ଶ ଛାନ୍ଦ)

ରଚନା ସମୟ:—କବି କାବ୍ୟରଚନା କଲବେଳେ ଯୁବରେ ବନ୍ଦନଯାତ୍ରା ସମୟରେ ଥିବା ଅନୁମାନ କରାଯାଇ ପାରେ । ବନ୍ଦନଯାତ୍ରା

ସମ୍ମୁଖରେ ଜଗନ୍ନାଥଙ୍କୁ ନାୟକ ବର ମାଗିବା ପ୍ରସଙ୍ଗ ହୃଦୟସ୍ପର୍ଶୀ ଭଙ୍ଗୀରେ ଭଣିତା ପଦରେ କବି କହୁଛନ୍ତି —

ଦେଖି ଅଦ୍ଭୁତ ଦରଶନ ମନ ଉତ୍କଣ୍ଠ ହୋଇ,
ଏ ଭବେ ସ୍ୱପନନ୍ତ ବାଳକର କହୁଛ । ୩୦ । (୫ମ ଛାନ୍ଦ)

ଉପେନ୍ଦ୍ର କାବ୍ୟ ରଚନାର ଲକ୍ଷ୍ୟ ସମ୍ବନ୍ଧରେ ପ୍ରଥମ ଛାନ୍ଦରେ କହିଛନ୍ତି ଯେ ସେ 'ରସସାର ଶୃଙ୍ଗାର' ବ୍ୟକ୍ତ ହୋଇଥିବା 'ଉତ୍ତମ-ଛାନ୍ଦ ଗୀତ' ରଚନା କରିବା ପାଇଁ ଚେଷ୍ଟା କରିଛନ୍ତି । ଏହି ଶୃଙ୍ଗାରରସାଶ୍ରିତ ଉତ୍ତମ ଛାନ୍ଦ ଗୀତଟି ପୁଣି 'ଅନୁଭବକୁ ପ୍ରଖ୍ୟାତ ମାନସ ରଚନା' ହେବ ।

ଅନୁଭବକୁ ପ୍ରଖ୍ୟାତ ଶୃଙ୍ଗାରରସାଶ୍ରିତ, ମାନସ ରଚନା — ଏ ଉତ୍ତମ ଛାନ୍ଦ ଗୀତ ଯେ ରସିକଜନମାନଙ୍କର ମନକୁ ମୋହିବ ଏଥିରେ ସନ୍ଦେହର ଅବକାଶ ନାହିଁ । କବି କେବଳ ରସିକମାନଙ୍କୁ 'ସୁମନ'ରେ ଶୁଣିବା ପାଇଁ ଅନୁରୋଧ କରିଛନ୍ତି; କାରଣ, ସୁମନ ବିନା ଏ ପ୍ରକାର କାବ୍ୟର ରସାସ୍ୱାଦନ ସମ୍ଭବ ନୁହେଁ ।

ବସୁରଜ ଭଞ୍ଜ ଉତ୍ତମ ଛାନ୍ଦ ଗୀତ,
ରସସାର ଶୃଙ୍ଗାର ଯହିଁରେ ହେବ ବ୍ୟକ୍ତ । ୫ ।
ଅନୁଭବକୁ ପ୍ରଖ୍ୟାତ ମାନସ ରଚନା,
ଶୁଣି ରସିକମାନେ ହୋଇବେ ସୁମନା । ୬ । (୧ମ ଛାନ୍ଦ)

ପୁଣି, ଏହି କାବ୍ୟଟି ରସପୂର୍ଣ୍ଣ ହୋଇ ରସିକମାନଙ୍କ ମନକୁ ଆନନ୍ଦ-ଦାନ କରୁଥିବାରୁ ଏହାର 'ରସିକ ହାରାବଳୀ' ନାମ ସାର୍ଥକ ହୋଇଥିବା କବି ବ୍ୟକ୍ତ କରିଛନ୍ତି । କବି ଏହାକୁ 'ଅଠ ଚୌତିଶ'ରେ ରଚନା କରିଥିବାରୁ ଏହା କବିତ୍ୱ ରସିକ ଛାତ୍ରମାନଙ୍କୁ ଆନନ୍ଦଦାନ କରିବ ଏହି-ବିଶ୍ୱାସ ତାଙ୍କର ଥିବା ସ୍ପଷ୍ଟ ହୋଇଛି ।

କବି ଜାଣନ୍ତି ତ ଏ କାବ୍ୟରତ୍ନ ରସଜ୍ଞମାନଙ୍କ ଶ୍ରୁତିଗତ ହେଲେ ଆଦର ପାଇବ ଏବଂ ଏହାଦ୍ୱାରା କବିଙ୍କ ଜନ୍ମ ବା 'ଶ୍ରମ ସାର୍ଥକ ହେବ' । ଅଜ୍ଞସମୂହର କର୍ଣ୍ଣ କୁହରରେ ଏ ରସିକ ହାରାବଳୀ ପଦାବଳୀ କେବେ ପ୍ରବେଶ କରି ପାରିବ ନାହିଁ ଓ ଭୂଷଣର ହେବ ନାହିଁ । ଏହି କାବ୍ୟଟି ଉତ୍ତମଜନଙ୍କ ଦ୍ୱାରା ଭୂଷିତ ହେବା କାରଣ ନ ଥିଲେ ମଧ୍ୟ କବି ସ୍ୱ ଦୋଷଗଣକୁ ଏହି ଆଶା ପୋଷଣ କରନ୍ତି ଯେ ଉତ୍ତମଜନ-ଅଦ୍ଭୁତ ଏହି ଉକ୍ତି ସବୁ ଦେଶରେ ପ୍ରକାଶିତ ହେବ ।

ମଧୁର, ରସାପ୍ଲୁତ, କୋମଳ ପଦାବଳୀ, ଉପମା ଯମକାଦି ଅଳଙ୍କାର ବର୍ଣ୍ଣନା ଚାତୁରୀ, ଅପୂର୍ବ କାବ୍ୟ-ଛନ୍ଦରେ ପୂର୍ଣ୍ଣ କାବ୍ୟଟି ଯେ କବିଙ୍କ ଆଶା ପୂର୍ଣ୍ଣ କରିବାରେ ସମର୍ଥ ହେବ ଏଥିରେ ସନ୍ଦେହ ନାହିଁ । କବିଙ୍କ ଆଶା ଦୁରାଶା ନୁହେଁ ।

ପ୍ରଭୁ ରାମଚନ୍ଦ୍ରଙ୍କୁ ପ୍ରାର୍ଥନା କରି କବି ଗ୍ରନ୍ଥଶେଷରେ କହୁଛନ୍ତି—

କର ଏ କରୁଣା ଜାଣି ଶ୍ରୁତିଗତ ଏ ପୁସ୍ତକ ମୋର ହୋଇବ ।
ଅଜ୍ଞସମୂହର କର୍ଣ୍ଣକୁହରକୁ କେବେହେଁ ପ୍ରବେଶ ନୋହିବ ।
ଆଶୁ ଅନଳ, ଶାସ୍ତ୍ରରେ ନ ଲଭି ବିନାଶ,
ଉତ୍ତମ ଜନରେ ଭୂଷିତ ହୋଇଣ ପ୍ରକାଶ ହେଉ ସବୁଦେଶ । ୧୯ ।

ଉପେନ୍ଦ୍ର ଭଞ୍ଜ ବାରବର ବରଗତ ଅଙ୍ଗ କୋଷ ଚାହିଁରେ,
ରସିକ ହାରାବଳୀ ନାମ ଧରିତ (ରଚିତ) ବୋଲିବାର ଏହି ଗୀତରେ ।
ପଦ ସଂଖ୍ୟାରେ, ଚଉଦଶ ପଞ୍ଚଷଷ୍ଟୀ ଜାଣ,
ରୂପକ ଯମକ ଅର୍ଥରୁ ବିରୋଧ ଶ୍ଳେଷ ଛଳେ ଗୀତ ସମ୍ପୂର୍ଣ୍ଣ । ୨୦ ।
(୧୪ଶ ଛାନ୍ଦ)

କଥାବସ୍ତୁ—କବି ଗଣପତି ପାର୍ବତୀ ଦାରୁରୂପୀ ଜଗନ୍ନାଥଙ୍କୁ ସ୍ତୁତି କରି କାବ୍ୟ ଆରମ୍ଭ କରିଛନ୍ତି । ଏବେ ବସନ୍ତ ସମୟରେ ଚନ୍ଦ୍ର ମଳୟ ପର୍ବତରେ

ବିଳସୁ କରୁଥିଲେ । ଗ୍ରୀଷ୍ମରେ ସ୍ୱର୍ଗର ଅପ୍‌ସରମାନେ ଉପସ୍ଥିତ ଥିଲେ ଓ ନାରଦ ବୀଣା ବଜାଉଥିଲେ । ଉର୍ବଶୀ କେଦାରଗୌଡ଼ ଆଳାପ କରୁଥିଲେ । ଇନ୍ଦ୍ର ଏହି ଆଳାପରେ ଲୀନ ଥିଲେ । ଜଣେ ବିଦ୍ୟାଧର ସ୍ୱର ଶୁଣୁଥିଲା । ସେ ଉର୍ବଶୀର ସଙ୍ଗୀତ ଆଳାପରେ ମୁଗ୍ଧ ହୋଇ ମଦନ ବିକାରରେ ପୀଡ଼ିତ ହେବାରୁ ଇନ୍ଦ୍ରଙ୍କ ଉପରେ ପଡ଼ିଗଲା । ଇନ୍ଦ୍ର କ୍ରୋଧରେ ତାକୁ ଅଭିଶାପ ଦେଲେ, “ତୁ ମର୍ତ୍ତ୍ୟରେ ଜାତ ହୁଅ ।” ବିଦ୍ୟାଧର କ୍ଷମା ମାଗି ପ୍ରାର୍ଥନା କରିବାରୁ ଇନ୍ଦ୍ର କୃପା ପରବଶ ହୋଇ କହିଲେ—“ଉତ୍କଳରେ ଜନ୍ମ ଗ୍ରହଣ କରି ବସ୍ତୁଭାଳ ବିଷ୍ଣୁଙ୍କୁ ସେବା କର । ବୀଣ ଋଷି ସ୍ୱର୍ଗକୁ ପୁଣି ଫେରିଆସ ।” ବିଦ୍ୟାଧର ନିଜ ସ୍ତ୍ରୀ ସହିତ ମର୍ତ୍ତ୍ୟରେ ଜନ୍ମିଲା ଏବଂ ଜାତିସ୍ମର ହୋଇଥିବାରୁ ପୁରୁଷୋତ୍ତମ କ୍ଷେତ୍ରରେ ବାସ କଲା । ବିଦ୍ୟାଧର କେତେକାଳ କମଳାଙ୍କୁ ସେବା କରି “ବିଦ୍ୟାସୁତା ପ୍ରାପତରେ ମନ ବଳାଇଲା ।” କମଳା ସନ୍ତୁଷ୍ଟ ହୋଇ ବିଦ୍ୟାଧରର ମନକାମନା ପୂର୍ଣ୍ଣ କରିବା ପାଇଁ ଇଚ୍ଛା ପ୍ରକାଶ କରିବା ମାତ୍ରେ ଦେବୀଙ୍କ ଶ୍ରୁତିବରେ ବିଧାତା “ଉତ୍ତମ ସୀମା କର୍ଷଣରେ ହେଲା ବିଶ୍ଳଥ ।” ବିଧାତା ଉତ୍ତମ କନ୍ୟାଟିଏ ନିର୍ମାଣ କରି ବିଦ୍ୟାଧରର ଉଦରରେ ରଚିଲେ । ଜାତେ ଏହି କନ୍ୟା ଜାତ ହେବାରୁ “ଅବନୀ ପୂରିଲା ହେଲା ଭାଗ୍ୟଶ ତୋଷରେ ।” କୋଟିବ୍ରହ୍ମାଣ୍ଡସୁନ୍ଦରୀ ବୋଲି କନ୍ୟାର ନାମ ଦେଲେ । ଯେତେକ ଲୋକ ବାଳକାଳେ ତାହାକୁ ଦେଖିଲେ, “ବଡ଼ଟି ଯେ ହୋଇଲେ ଏ ରସିକ ସାମ୍ବବଲୀ, ପିତାମାତାଙ୍କ ଡାକିଲେ ହେବ ନାଦେ ଲୀଳା ।” ତାହାର ସୌନ୍ଦର୍ଯ୍ୟ ଏଦେଶ ବର୍ଣ୍ଣିତ ହେବାରୁ ନୃପ ନନ୍ଦନମାନେ ମନରେ ତ୍ରାସ ପାଇଲେ । କୋଶଳ ଦେଶର ନୃପକୁମାର ଦ୍ୱିଜକନ୍ୟାଠାରୁ ରସିକ ସାମ୍ବବଲୀର ସୌନ୍ଦର୍ଯ୍ୟ ପ୍ରସଙ୍ଗ ଶ୍ରବଣ କରି “ଶୁଣିଥାଇ ମୋର ସେ ନ ସୁଣିବା ବାଳସା, କରନ୍ତୁ ମୁଁ ପଦତଳେ ମନ୍ମଥପରବଶ ।” ଜଣେ ପ୍ରତ୍ୟକ୍ଷଦର୍ଶୀ ଚିତ୍ର ନାମ କୃଷ୍ଣର ଶୋଭା, ଦକ୍ଷିଣ ପ୍ରକୃତି ଲୁମାର ଆଗରେ ବର୍ଣ୍ଣନା ଆରମ୍ଭ କଲା ।

(୧୩ ଛାନ୍ଦ)

ନବଯୌବନା, ଲାବଣ୍ୟ ଶରଣୀ, ଲାବଣ୍ୟ ସିନ୍ଧୁ ନାୟିକା ପୁଷ୍ପବତୀ ହେଲା । ବ୍ରାହ୍ମଣୀ ମୁଖରୁ ଉତ୍କଳ କୋମାର ସୌନ୍ଦର୍ଯ୍ୟ ପ୍ରଶଂସା ଶ୍ରବଣ କରି

କୋଶଳ ରାଜକୁମାର ମୁଗ୍ଧ ହୋଇଗଲେ ଏବଂ ସେ ବିରହାନଳରେ ଦଗ୍ଧ ହେଉଥିବା ବ୍ରାହ୍ମଣୀକୁ କହିଲେ । ତେମାର ରୂପ ଦର୍ଶନ କରିବା ପାଇଁ ରାଜକୁମାରଙ୍କ ପ୍ରବଳ ଇଚ୍ଛା ଦେଖିବାରୁ ପୁରୁଷୋତ୍ତମ କ୍ଷେତ୍ରର ମାଧବ (ବୈଶାଖ) ମାସର ଚନ୍ଦନ ଯାତ୍ରା ବେଳେ ତେମାଙ୍କୁ ଦେଖିବା ସୁବିଧା ହେବ ବୋଲି ବ୍ରାହ୍ମଣୀ କହିଲେ । ସଖା ଭୃଙ୍ଗ ଓ ସୈନ୍ୟଙ୍କୁ ଧରି କୁମାର ନୀଳଗିରି ଦେଶକୁ ଯାତ୍ରା କଲେ ଓ କେତେ ଦିନ ପରେ ଶ୍ରୀକ୍ଷେତ୍ରରେ ପ୍ରବେଶ ହେଲେ । (୨ୟ ଛାନ୍ଦ)

କ୍ଷେତ୍ରବରର ମାହାତ୍ମ୍ୟ । ବୈଶାଖ ମାସରେ ଜଗନ୍ନାଥଙ୍କ ଚନ୍ଦନ ଯାତ୍ରା । ଯାତ୍ରା ବେଳର ବର୍ଣ୍ଣନା । ପ୍ରଭୁ ଚନ୍ଦନ ଯାତ୍ରାରେ ବିଜେ ହୋଇଥିବା ବେଳେ କୁମାର ଏହି ବର ମାଗିଲେ, "ସୁଧାମର ହାସୀ ରମଣୀ ମୋତେ ପ୍ରାପତ କର ।" (୩ୟ ଛାନ୍ଦ)

ଜଗନ୍ନାଥ ଚନ୍ଦନ ଯାତ୍ରା ସାରି ବଡ଼ ଦେଉଳକୁ ବେଗ ଗଲେଣି । ତେମା ଜଗତି ଉପରେ ଠିଆ ହୋଇଥିଲେ; କୁମରର ଦୃଷ୍ଟି ତାଙ୍କ ଉପରେ ପଡ଼ିଲା । ତେମାର ଦୃଷ୍ଟି ମଧ୍ୟ କୁମର ଉପରେ ପଡ଼ିଲା । ଉଭୟେ ଉଭୟ ପ୍ରତି ଆକୃଷ୍ଟ ହେଲେ । ଉଭୟଙ୍କ ହୃଦୟ ମିଶିଲା । "ଭାଗ୍ୟ ରଶ୍ମିଲକୁ ହୃଦ ମିଳିଲା ।" "ତେଜ ମନ ଶୀଘ୍ର ନୀର ବିକାର, ଦେଲା ମିଶାଇ ମଦନ ବିକାର ।" ଦୁହେଁ ଦୁହିଁଙ୍କର ପ୍ରସଙ୍ଗ ଜାଣି କରି କାମଦ୍ୱାରା ପୀଡ଼ିତ ହେଲେ । ସେହି ଦିନୁଁ ଉଭୟେ "ଦରଶନେ ତ ନୟନେ ରଖିଲେ । ରୂପ ଚିତ୍ତପଟେ ଲେଖିଲେ ।" (୪ର୍ଥ ଛାନ୍ଦ)

ଯୁବରାଜଙ୍କ ସଖାମାନେ ସାମନ୍ତଙ୍କ କନ୍ୟା ରୂପକଳାବଳୀ ସହିତ ବିବାହ ପ୍ରସ୍ତାବ କଲେ । ସାମନ୍ତ ସମ୍ମତ ହେଲେ । ସେହି ବୈଶାଖ ମାସରେ ବିବାହ ସ୍ଥିର ହେଲା । ବିବାହ ଉତ୍ସବ । (୫ମ ଛାନ୍ଦ)

ମଧୁଶଯ୍ୟା । (୬ଷ୍ଠ ଛାନ୍ଦ)

ଏପରି ମଙ୍ଗଳା ସାରି ବରକନ୍ୟା ବରଙ୍କ ଦେଶକୁ ଗମନ କଲେ । ବରକନ୍ୟା ହିମ, ଶିଶିର, ବସନ୍ତ, ଗ୍ରୀଷ୍ମ, ବର୍ଷା, ଶରତ ଏପରି ଷଡ଼ଋତୁକୁ ଏକାଠି ଭୋଗ କଲେ । ବିଧିବଶରେ ରାକ୍ଷସମାନେ ପୃଥିବୀରେ ଅତ୍ୟାଚାର

କରିବାକୁ ପିତାଙ୍କ ଆଜ୍ଞାରେ ଯୁବରାଜ ଚନ୍ଦ୍ରଭାନୁ ବୈରିନୃପଙ୍କ ସୈନ୍ୟଙ୍କ ବିରୁଦ୍ଧରେ ଯୁଦ୍ଧ କଲେ । ଶତ୍ରୁମାନେ ଯୁଦ୍ଧ ଭୂମିରୁ ପଳାୟନ କରିବାରୁ ଯୁବରାଜ ତାଙ୍କର ପଶ୍ଚାଦ୍ଧାବନ କଲେ । ଯୁବରାଜ ଏହିପରି ଯାଇ ଯାଇଁ ସିଂହଳ ପ୍ରଦେଶରେ ପ୍ରବେଶ କଲେ । ସିଂହଳ ପ୍ରଦେଶର ଅନ୍ତଃପୁରକାନନ ଦେଖି କୁମାର ଏହାକୁ ଦେବପୁରୀ ବୋଲି ଭାବିଲେ ଏବଂ ବାହୁଡ଼ିବା ପଥ ଭୁଲିଗଲେ । ଯୁବରାଜ ବଗିଚାରେ ବିଶେଷ ସ୍ଥାନରେ ଚିନ୍ତା କରିବାରୁ ତାଙ୍କର ଶରୀର କ୍ଷୀଣ ହୋଇଗଲା । (୭ମ ଛାନ୍ଦ)

କୁମାର ବୈବଶରେ ବିଦେଶରେ ରହି ରଜନୀକର ଭୃଙ୍ଗଙ୍କୁ ସମ୍ବୋଧନ କରି ନିଜର ବିରହାନୁଭୂତି ପ୍ରକାଶ କଲେ । (୮ମ ଛାନ୍ଦ)

କୁମାର ଭ୍ରମରଙ୍କୁ ସମ୍ବୋଧନ କରି ନାୟିକାର ଶୋଭା ବର୍ଣ୍ଣନା କଲେ । ନାୟିକା ଶୋଭାବତୀ, ରୂପବତୀ, ପୂର୍ଣ୍ଣଲକ୍ଷଣବତୀ ।

ଏବେ ଶୋଭାବତୀ ସେ । ଶୁଣି ତ ଲାବଣ୍ୟବତୀ ସେ ।
କହେ ଉପେନ୍ଦ୍ର ଭଞ୍ଜ ଭାବବର ପୂର୍ଣ୍ଣଲକ୍ଷଣବତୀ ସେ । ୨୬ ।
(୯ମ ଛାନ୍ଦ)

ରାଜକୁମାର ନାୟିକାର ଗୁଣ ଶୁଣି ଭ୍ରମର ପାଶରେ ଦୁଃଖ ପ୍ରକାଶ କଲେ । ପୁଣି ଦିନକର ପ୍ରେମକାହାଣୀ ସ୍ମରଣ କରି କୁମାର କାତର ହେଲେ ।
(୧୦ମ ଛାନ୍ଦ)

ହେମନ୍ତ ଋତୁରେ ନାୟକର ବିରହାନୁଭୂତି । ନାୟିକାର ପ୍ରେମପୂର୍ଣ୍ଣ ବ୍ୟବହାର, ଲଜ୍ଜାଶୀଳତା ଦୃଷ୍ଟି ପ୍ରଭୃତି ସ୍ମରଣ କରି ନାୟକର ବିରହ ବର୍ଣ୍ଣନା ।

କହେ ଏହିରୂପେ ଭାବନା ସ୍ମରୁଣ୍ଡ, ବାଳା ଦରଶ ଅବଶ,
ତଥାରି ନାହିଁ ଉପାୟ ଶମ୍ଭୁସରି ଅଙ୍ଗେ ଚିନ୍ତା କଲେ ଧଣ । ୩୧ ।
(୧୧ଶ ଛାନ୍ଦ)

ବସନ୍ତ ଋତୁରେ ନାୟକର ବିରହାନୁଭୂତି । (୧୨ଶ ଛାନ୍ଦ)

ବର୍ଷା କାଳରେ ନାୟିକାର ଅବସ୍ଥା । ମେଘକୁ ଦୂତ କରି ତାହା ପାଖରେ ନାୟିକା ସ୍ୱ ବିରହାନୁଭୂତି ପ୍ରକାଶ କଲା । ବିରହ ବେଦନାରେ ନାୟିକା ଚନ୍ଦ୍ର ଭଳି କ୍ଷୀଣ ଦଶାକୁ ଭଜିଲା ।

ତାପିତ ସୁରମଧ୍ୟମା ସ୍ୱର, କଣ୍ଠ ଶବଦ ଝରି
ଶଶୀ ଯୋଜନ, କୁଚେଷ୍ଟ ତୋଷଣ, ପ୍ରକାଶ କାଶ ହରି,
ଦାମ ସୁବର୍ଣ୍ଣ ସମାନ ବର୍ଣ୍ଣ ସୁବର୍ଣ୍ଣ ପରକାଶ,
କରେ ଅରୁଣ, ଓଷ୍ଠୀ ଅରୁଣ ଜଳିଲେ ସାରବର । ୮ ।

(୧୩ଶ ଛାନ୍ଦ)

ଦଶାନ୍ତରରେ 'ନାୟକର ବିରହାନୁଭୂତି' । ବିରହୀ ନାୟକ ବିକଳ ହୋଇ ଅରଣ୍ୟରେ ଶୋକ କଲେ । (୧୪ଶ ଛାନ୍ଦ) ।

କୁମାର ପାନକନ ପର ବନସ୍ତରେ ଲଳାଭୂମି ଷଣ୍ଡରେ ଭ୍ରମଣ କଲେ । ସେଠାକୁ ଚଢେଇ ଯକ୍ଷମାନେ ବିମାନରେ ଆସିଲେ । କୁମାରଙ୍କ ପ୍ରତି ସେମାନଙ୍କର ଦୃଷ୍ଟି ପଡ଼ିଲା ଏବଂ ସେମାନେ ତାଙ୍କର ଅପୂର୍ବ ରୂପ, ତେଜ ଦେଖି ସେ ଜଣେ ରାଜପୁତ୍ର ଓ ଗୁଣୀ ହୋଇଥିବେ ବୋଲି ଭାବିଲେ । "ବିଧି ବାଧୁରୁ ବାହାର ସୁନ୍ଦର ଏ ଏଥି ନୋହେ ଉଚିତ ।" ଏହି ଭାବନା କରି କୁମାରଙ୍କୁ ତାଙ୍କ ପରିଚୟ ପଚାରା କଲେ । କୁମାର ଶତ୍ରୁକୁ ଦଣ୍ଡ ଦେବାକୁ ଆସି ପ୍ରିୟାର ବିରହରେ ଦୁଃଖଭୋଗ କରୁଥିବା ବ୍ୟକ୍ତ କଲେ । ଯକ୍ଷମାନେ ଏହାଙ୍କ ଦୁଃଖରେ କାତର ହୋଇ ରଥରେ ବସାଇ ବନ୍ଦୀ କାରେ ଛାଡ଼ିଦେଲେ । ବୈଷ୍ଣବମାନଙ୍କ ସଙ୍ଗରେ କୁମାର ସପ୍ତବଣ୍ଣଙ୍କୁ 'ନୈରୁକ'ରେ ପ୍ରତ୍ୟାବର୍ତ୍ତନ କଲେ ଓ ସ୍ୱାମୀ ସ୍ତ୍ରୀ ଦୁହେଁ ସୁଖରେ କାଳଯାପନ କଲେ । (୧୫ଶ ଛାନ୍ଦ)

କବିଙ୍କ ସ୍ୱ ଅନୁଭୂତ ପ୍ରକାଶ—ଭଞ୍ଜ ଅନ୍ୟ ସ୍ୱତନ୍ତ୍ରବାଦରେ 'ଅନୁଭବ'କୁ ମୂଳ କରିଥିବା ଜଣାଯାଉଛି । ନାୟକ ଓ ନାୟିକାଙ୍କ ପ୍ରଥମ ଦର୍ଶନ ପରେ ହିଁ ଏହି ପରସ୍ପର ପ୍ରତି ଆକୃଷ୍ଟ ହେଲେ; ମନ ସହିତ ମନ ମିଳାଇଲା, ଉଭୟେ କାମର ଅଧୀନ ହେଲେ । ନାୟିକାର ସଖୀମାନେ ଓ ନାୟକର ସଖାମାନେ ଏମାନଙ୍କୁ ସମ୍ଭାଳି ନେଲେ । ଏହି ପ୍ରସଙ୍ଗରେ କବି

'ଅନୁଭବ' 'ଅନୁଭାବ'ର ତଥା ଅବତାରଣା କରିଛନ୍ତି ଏବଂ ରାଧାକୃଷ୍ଣଙ୍କ ଦୃଷ୍ଟାନ୍ତ ଉଲ୍ଲେଖ କରିଛନ୍ତି । ତାଙ୍କ ଅନୁଭୂତିର ସୂଚନା ଏଠାରେ ଲକ୍ଷିତ ହୋଇଛି ।

ଧରାଧରେ ତ ନନ୍ଦନେ ରସିଲେ,
ଦୂର ଥିବୁ ତନୁ-ପଟେ ଲେଖିଲେ ।
ରାଧାକୃଷ୍ଣ ନିପୁଣ ଏ ଭାବରେ,
ଜାଣେ ଅନୁଭାବ ଅନୁଭବରେ । ୨୫ ।
ଦେଖି ତାହାକୁ ଗୋଚର ହୋଇଲା,
ଉପେନ୍ଦ୍ର ଭାବର ବୋଲିଲା । ୨୬ । (୪ର୍ଥ ଛାନ୍ଦ)

ପୁଣି, ବିବାହ ଉତ୍ସବ ପରେ ସର୍ବଗ୍ରାହୀ ଶୃଙ୍ଗାର ଭାବକୁ ଲକ୍ଷ୍ୟକରି କହିଛନ୍ତି—

ଏ ଛାନ୍ଦେ ଯେତେ ସୁରସ କବିଙ୍କ ଗୋଚର,
ରସେ କହେ ଉପେନ୍ଦ୍ର ଭଞ୍ଜ ବାରବର । ୨୭ । (୭ମ ଛାନ୍ଦ)

ଏଥିରୁ ତାଙ୍କ ବ୍ୟକ୍ତିଗତ ଅନୁଭୂତିର ପ୍ରକାଶ ପ୍ରମାଣିତ ହେଉଛି ।

କାବ୍ୟଟିରେ ଭଞ୍ଜ ନିଜ ଜୀବନର କେତେକ ଘଟଣାର ସୂଚନା ଏହି ପଦରେ ଦେଇଥିବା ଅନୁମିତ ହୁଏ ।

ରାଜାଙ୍କୁ ହେବାର ରାଜ୍ୟ ନଷ୍ଟ, ସୁତାଙ୍କୁ ହେବାର ପତ୍ନୀଭ୍ରଷ୍ଟ,
କହେ ଉପେନ୍ଦ୍ର ଭଞ୍ଜ ବାରବର, ଏଥି ବଳ ଅଛୁ କାହିଁ କଷ୍ଟ । ୨୫ ।
( ୮ମ ଛାନ୍ଦ )

ପୁଣି ନାୟକଙ୍କୁ ସୂର୍ଯ୍ୟବଂଶୀୟ କରିଥିବାରୁ ଭଞ୍ଜ ସ୍ୱ ବଂଶର ଗୌରବ ବର୍ଣ୍ଣନ କରିବା ସଙ୍ଗେ ସଙ୍ଗେ ନିଜେ ନାୟକ ଥିବା ଅନୁମାନ କରିବା ପାଇଁ ଅବକାଶ ଦେଇଛନ୍ତି ।

ସେ ସୀତାଭାବେ କହିଲେ ବଂଶାଧର ପାଶେ,
ସେ ବୋଲିଲେ ବଂଶ ଅଛି ତତ୍ପୂର୍ବ ସୂର୍ଯ୍ୟରେ ।

କୁଳଶୀଳ ଉତ୍କଳ ଭୂପର ଗଙ୍ଗବଂଶ,
ସେ କୁମାରୀ ବିବାହ କରିବ ଏହି ମାନସେ । ୨ । (୫ମ ଛାନ୍ଦ)

ନାୟିକାର ପିତା ବିଦ୍ୟାଧର ସାମନ୍ତବଂଶର ଥିବାରୁ ମନେହୁଏ କବି ସ୍ୱ ଶ୍ୱଶୁର ବଂଶ ବିଦ୍ୟାଧର ଥିବାର ସୂଚନା ଦେଇଛନ୍ତି ଏବଂ କବିଙ୍କ ବାଣପୁର ରାଜବଂଶରେ ବିବାହ ହୋଇଥିବା ଘଟଣାର ଛାୟା ଏଠାରେ ପଡ଼ିଛି ବୋଲି ଅନୁମାନ କରାଯାଇ ପାରେ । ଶ୍ୱଶୁରବଂଶର ବିଦ୍ୟାଧର ପଦବୀ ଥିବା ମଧ୍ୟ ଜଣାଯାଏ ।

ପ୍ରସଙ୍ଗକ୍ରମେ ଗାରିବର ପଦବୀ ଭଣ୍ଡ ନାୟକକୁ ଦେଇଛନ୍ତି; ତାଙ୍କ ନିଜ ପଦବୀ 'ଗାରିବର'ର ସୂଚନା ଏଥିରେ ଥିବା ଅନୁମାନ କରିବା ଅସଙ୍ଗତ ହେବନାହିଁ ।

ଶ୍ରବଣେ ସେ ଗାରିବର ହୋଇଲ ଏମନ୍ତ,
ଚାତକ ପାଇଲେ ମେଘଜଳକୁ ଯେମନ୍ତ । ୩ । (୫ମ ଛାନ୍ଦ)

ପୁରୀରେ ଚନ୍ଦନଯାତ୍ରା ସମୟରେ କବି ସାମନ୍ତଙ୍କ କନ୍ୟାଙ୍କୁ ଦେଖି ବିବାହ କରିବା ସ୍ଥିର କରିଥିବେ, ଏହାର ମଧ୍ୟ ଅନୁମାନ କରାଯାଇପାରେ ।

କାବ୍ୟର ନାୟକ ଲାବଣ୍ୟବତୀଙ୍କୁ ଗୃହସନ୍ନିଧାନ ପାଇଁ ଯାତ୍ରା କରିଥିବା ପ୍ରସଙ୍ଗ କବିଙ୍କ ସମୟରେ ତାଙ୍କ ପିତାଙ୍କର ରାଜତ୍ୱବେଳେ ଘୁମୁସରରେ କୌଣସି ଆତତାୟୀ ବିଦ୍ରୋହକୁ ଲକ୍ଷିତ ହୋଇଥିବା ଅନୁମାନ କରାଯାଇ ପାରେ ।

କବିଙ୍କ ପତ୍ନୀ ବାଣପୁର ରାଜକନ୍ୟା ତାଙ୍କର ଅତି ପ୍ରିୟ ଥିବା କିମ୍ବଦନ୍ତୀରୁ ଜଣାଯାଏ । କବି ପରବର୍ତ୍ତୀଗ୍ରନ୍ଥମାନଙ୍କରେ ସ୍ୱ ଅନୁଭୂତିର ବିଷୟ ଲିପିବଦ୍ଧ କରିଥିବା ସମ୍ଭବ, କାରଣ କବି 'ଅନୁଭବ'ର ବିଷୟ ହିଁ କାବ୍ୟରେ ରଚିତ ହୋଇଥିବା ବ୍ୟକ୍ତ କରିଛନ୍ତି ।

ପ୍ରାଣବନ୍ତ ଚରିତ୍ର ଚିତ୍ରଣ—କବି ନାୟକ-ନାୟିକାଙ୍କ ଚରିତ୍ରାଙ୍କନରେ ସ୍ୱକୀୟ ପ୍ରକାଶ ବ୍ୟଞ୍ଜକ ବ୍ୟକ୍ତିଗତ ଜୀବନର ଭେଦଦୃଷ୍ଟି

ସାମାନ୍ୟ ଦୃଶ୍ୟ ମଧ୍ୟ ଚିତ୍ରଣ କରି ପ୍ରେମବାଉଳ ନାୟକନାୟିକାଙ୍କ ସାମାଜିକ ଚିତ୍ର ବିଶେଷ କରି ପାଠକ ସମ୍ମୁଖରେ ଉପସ୍ଥାପିତ କରିଛନ୍ତି ।

ନାୟିକାର ବ୍ୟବହାର—

ତାଙ୍କୁ ସପନ ମୋର ଲପନ ବିରସ କରୁଇବା,
ଶୁଣିକି ଶରି ମୁଁ ଅନୁସର କରି ସେ ଥାଇ ସେବା ।
ସେ ସୁକୁମାର ପଦ୍ମକ ମାଳ ଚଉଠା କି କସ୍ତୁରି,
ଗୃହୀ ତୋହାର ତେବ ତାହାରି ଯେ ଦେଖି ନଯାଉ । ୯ ।

ତେଜନ୍ତି ଉତ୍ତୁଙ୍ଗ ଭାବଣ୍ୟ ଉଦ୍ଧ ଅଶନ ଅସ୍ତରେ,
ମୋ ପରି ଚଳି କାହିଁ କହିଲି ଜାଣିପାରେତ ଶୁଣେ । ୪ । ୧୦ ।

ତେଣେ ଆଦର ଵରଣ ସାଦର ସେବକ ଚତୁର,
ଦେଖାଇଲେ ଥିରେ ରସ-କଥାରେ ତାହା ଅଶିବ କର ।
ତୁ ଯେ କମଳାନନା କୋମଳା ଏଥକୁ ଦେଖୁଛି ରଖ,
ପାଣି ଅନ୍ତର ହେଲ ମାତର ନ ଯେଲେ ମୋ ଦୁଃଖ । ୧୨ ।

(୧୩ଶ ଛାନ୍ଦ)

ସାମାଜ୍ୟ ଜୀବନର ପବିତ୍ରତା ସମ୍ପର୍କରେ ଏହି କେତୋଟି ବ୍ୟବହାର ବର୍ଣ୍ଣନା କରି କବି ନାୟକ ନାୟିକାଙ୍କ ଚରିତ୍ର ସ୍ୱାଭାବିକ ମନୁଷ୍ୟ ରୂପ ଅର୍ପଣ କରିଛନ୍ତି ।

ଉକ୍ତ କାବ୍ୟକାଳରେ ନାୟକନାୟିକାର ଚରିତ୍ର ବିଶେଷ ସ୍ଥାନ ଅଧିକାର କରିଛି । ତାଙ୍କ ଅନ୍ୟାନ୍ୟ କାବ୍ୟର ନାୟକ ନାୟିକାଙ୍କ ପରି ଏମାନଙ୍କର ପୌରାଣିକ ବୈଶିଷ୍ଟ୍ୟ, ମଣିଷ୍ୟ ଲୀଳା ଓ ଶାପମୁକ୍ତିର ପ୍ରସଙ୍ଗ ଶୈଳୀ ଏଥିରେ ଅଛି । ବିଷୟବସ୍ତୁ ଚରିତ୍ରଚିତ୍ରଣଶୈଳୀଯୁକ୍ତ ହୋଇଛି ।

କାବ୍ୟରେ ଶ୍ରୀକ୍ଷେତ୍ର ବର୍ଣ୍ଣନା ଓ ବହୁଳାକାରେ ବିଶେଷ ସ୍ଥାନ ଅଧିକାର କରିଥିବାରୁ ସଖା, ସଖୀ, ଦୂତ, ଦୂତୀ ପ୍ରଭୃତିଙ୍କ କାର୍ଯ୍ୟକଳାପ ଅତି ସଂକ୍ଷିପ୍ତ ହୋଇଛି ।

ନାୟକଙ୍କୁ ଉତ୍କଳଜନ୍ମ, ଶିକ୍ଷିତ, ରସିକ, ଚତୁର, ସାର, ପ୍ରିୟାଗତ ପ୍ରାଣ ରୂପେ ଭବ ବର୍ଣ୍ଣନ କରିଅଛନ୍ତି । ପୁତ୍ରଜନ୍ମ, ମନ୍ତ୍ରୀଙ୍କର ରାଜବଂଶରେ ଜନ୍ମ, ନାୟିକା ସହିତ ମିଳନ, ବିରହ, କଳାକୃଷ୍ଟିରେ ପ୍ରଣୟ-ବନ୍ଧନ ପ୍ରଭୃତି ଏହା ପ୍ରମାଣିତ କରୁଛି ।

ନାୟିକା ସର୍ବତୋଭାବେ ନାୟକର ଉପଯୁକ୍ତ ହୋଇଛି ।

ସ୍ୱର୍ଗର ବିଦ୍ୟାଧର ଦଣ୍ଡିତ ଇନ୍ଦ୍ରଙ୍କ ଶାପବଶରୁ ଉତ୍କଳର ଶ୍ରୀପୁରୁଷୋତ୍ତମ କ୍ଷେତ୍ରରେ ଜନ୍ମଗ୍ରହଣ କଲେ । ବିଦ୍ୟାଧରୀ ଦେବଦେବାଳ ଶ୍ରୀକ୍ଷେତ୍ରରେ ବିମଳା ଠାକୁରାଣୀଙ୍କୁ ସେବା କରିବା ପରେ ତାଙ୍କ ବରପ୍ରସାଦରୁ ଏକ କନ୍ୟା ଜନ୍ମ କଲେ । ଏହି କନ୍ୟାର ନାମ କୋଟିବ୍ରହ୍ମାଣ୍ଡସୁନ୍ଦରୀ ବୋଲି ପିତାମାତା ଦେଲେ । ବାଲ କାଳରେ ତାହାକୁ ଦେଖି ଲୋକମାନେ ରସିକ ହାରାବଳୀ ବୋଲି ଡାକିଲେ । ପିତାମାତା ଏ ଦୁଇଟି ନାମରେ କନ୍ୟାକୁ ଡାକିଲେ ।

ବିଦ୍ୟାଧର ଶ୍ରୀକ୍ଷେତ୍ରରେ ସାମନ୍ତକୁଳରେ ଜନ୍ମଗ୍ରହଣ କରିଥିଲେ । ଅତଏବ ନାୟିକା ରସିକ ହାରାବଳୀ ସାର୍ବଭୌମ ରାଜାର କନ୍ୟା ନୁହନ୍ତି; ସେ କ୍ଷତ୍ରିୟ କନ୍ୟା ମାତ୍ର । ସାମନ୍ତ ବିଦ୍ୟାଧରଙ୍କ ବଂଶ କୋଶଳାଧିପ ରାଜ୍ୟର ରାଜାମାନଙ୍କ ସହିତ ବୈବାହିକ ସମ୍ବନ୍ଧରେ ଆବଦ୍ଧ ଥିଲେ । ସେ ସାମନ୍ତ ରାଜା ଥିବା ମଧ୍ୟ ଅନୁମାନ କରାଯାଇପାରେ । ଗଞ୍ଜାମ ଓ ଓଡ଼ିଶାର ଦକ୍ଷିଣ ଅଞ୍ଚଳରେ 'ସାମନ୍ତ' କହିଲେ ରାଜବଂଶଧର ଲୋକଙ୍କୁ ବୁଝାଏ ନାହିଁ, ରାଜ-କୁଟୁମ୍ବ ବ୍ୟତୀତ ରାଜ-ବଂଶୀୟ ସ୍ୱ ଜ୍ଞାତି ବ୍ୟକ୍ତିଙ୍କୁ ବୁଝାଏ । କୋଶଳ ଦକ୍ଷିଣ କୋଶଳ ବା ପଶ୍ଚିମ ଉତ୍କଳକୁ ମଧ୍ୟ ବୁଝାଏ ।

ସାମାଜିକ ବ୍ୟବସ୍ଥାନର ତତ୍ତ୍ୱ—କବି ସାମାଜିକ ସ୍ୱଚ୍ଛ ନଗରର ବର୍ଣ୍ଣନ ଚାରି ବସ୍ତୁ ସ୍ଥାନରେ ପ୍ରଦାନ କରିଅଛନ୍ତି ଏବଂ ଏହା ସହିତ ସ୍ଥାନେ ସ୍ଥାନେ ନାଟକୀୟ ଛନ୍ଦରେ ଏପରି ସ୍ୱରରେ ପ୍ରକାଶ କରିଅଛନ୍ତି ଯେ ତାହା ସବୁବେଳେ ଅର୍ଥ ଅଟେଇ ଦେଉଛି ।

ଏ ସମୟେ କୁମରର ମଣ୍ଡପ ପରବେଶ
ଦ୍ୱିଜେ କର୍ମ ଆରମ୍ଭିଲେ କରି ବେଦଘୋଷ,

ଅନ୍ତ୍ୟେ ସ୍ୱେଦବିନ୍ଦୁ ଦାଗ ପଦାବ୍ଜେ ଅନାଇଁ
ଦୀର୍ଘଦଣ୍ଡ ନମନ୍ତି ସେ ଯେମା କର୍ଣ୍ଣେ ଶୁଣି । ୧୭ ।

ଅଳି ଚୋର ତେଜ ତୁ କନ୍ଦର୍ପ ପ୍ରାଣେ ପର
ଯାଉଛୁ ଝର୍କରେ ମନ ଦେଇ ରେଖା କର । ×୧୮ ।

ଶୁଣି କନ୍ୟାର ନାମ ଭଗିନୀମାନଙ୍କର ମାନସିକ ଅବସ୍ଥାର ବର୍ଣ୍ଣନା ଅତି ମନୋହର ହୋଇଛି—

×କନ୍ୟା ନାମ ଉଚ୍ଚାରି କୁମାର ଶୋକେ ସୁନ୍ଦୀ
ବସୁଛନ୍ତି ଆନନ୍ଦ ଏମନ୍ତ କର୍ମ ଭାବି । ୧୮ ।
ଏ ସୁଚ୍ଛନ୍ଦ ହୋଇଥାନ୍ତି ଯେବେ ଅମୃତ ବର,
ତବାଙ୍ଗିକି ହୋଇବାର କୁନ୍ଦଲ୍ଲୀ ଶୋକର ।
ଧାତା ଘଣବାନ୍ତି କଲ୍ପି ହେଲେ ଦେଇଥାନ୍ତା,
ଯେବାବେଳେ କରପଦ୍ମ ଅଙ୍ଗରେ ଲଗନ୍ତା । ୧୯ । ( ୫ମ ଛାନ୍ଦ )

ଭଞ୍ଜଙ୍କ ଦୃଷ୍ଟିରେ ସ୍ୱାମୀଙ୍କ ବଧୂବଧାନ ନୂତନ ଅର୍ଥ ଲାଭ କରିଛି ।

ବିବାହ ସମୟର ଲୋକଶିକ୍ଷା ଘଟନ୍ତି ଜଣା କ୍ୟାକରେ ମଣ୍ଟୁଥିଲା ମାଣି ନବବାଳୀକୁ ଉଚାଟ କରିବା ଉପାୟ ବୋଲି କଳ୍ପନା କରିଛନ୍ତି । ଏହି ମଣ୍ଡପରେ ବରର ସଙ୍କୋଚ ପଠାଇବା ବ୍ୟାପାରକୁ କବି ସୁନ୍ଦର କଳ୍ପନାପ୍ରସୂତ ଅର୍ଥ ଦେଇଛନ୍ତି—

କୁମାର ଯେଣୁ ମନକୁ ହରଷେ ପଠାଇଲା,
ତାଙ୍କୁ ନ ଜାଣି ସମା ଅଣି ବାନ୍ଧୁଥାଇ ।
ଅଳପ ଅଧିକର ଅବଧାନ ଏହି ହେବେକ,
ଅଙ୍ଗ ସଙ୍କୋଚବାତ ହେଉଁଚି ଦଳ ତ୍ୟାଜେ ।
ଭଲ୍ଲସଣ୍ଡ୍ୟ ଜନ୍ମୁଖ ପାଖଲ ହୃଦ ଜାଣି;
ଧନ୍ୟ ରସିକ କପଟେ ଅଯିନ୍ଦ୍ର ଅଣି । ୨୧, ୨୨ । (୫ମ ଛାନ୍ଦ)

କନ୍ୟା-ଟିକା କନ୍ୟାଦାନ ଭଣାଯାଇବାଠାରୁ ପଞ୍ଚଶାଖୀ ପର୍ଯ୍ୟନ୍ତ ବିଧି-ବିଧାନର ଭଞ୍ଜ-ତାତ୍ପର୍ଯ୍ୟ ଚମତ୍କାର ହୋଇଛି ।

ଶଯ୍ୟରେ ପଡ଼ି ଦେଖିଦେଲେ ଶଙ୍ଖ କାଢିଲା ପଣ୍ଡ ଦେବାଙ୍ଗନା । ସେ ସୁମାଇ ଶୋଷ ଦେଖି କହିଲ, "ତୁମେ କେଉଁଣ ପାଇଲ ସମାନ ହେଲ ନାହିଁ ।" ଲଜ୍ଜାହୋମ, ସ୍ମିତରଶ୍ମି ପ୍ରଭୃତି ମଧ୍ୟ କଡ଼ଙ୍କ ଜାଲ୍ମଣଙ୍କ ଏଡ଼ଣି ଅର୍ଥ ଲକ୍ଷ କରନ୍ତୁ ।

ଲଜ୍ଜାହୋମ ନ କଲେଟି ପାଷ୍ଟେଲ ଲଗ୍ନାକୁ
ମଧୁଶଯ୍ୟା ପଦେନ କଣ୍ଠଧାକୁ ତେଜାଂକୁ ।
ସୁରକନ୍ତ ଗୁଳି ହେଜ ବୋଲି ଏଥୁ ସଖୀ,
ନାରଦେନ ଫଳକୁ ଅଗତେଲ ଦେଟେଲ ଜାଳ । ୨୪ ।

କରପଦ୍ମ କୋକନଦ ଶୋଷ କରେ ହେଳି,
କୁଚେ କାଞ୍ଚ ଦଣ୍ଡ ଦେଲେ ଭୂଷଣେ ବସ୍ତ୍ରଣ ।
ଶାନ୍ତି ଅଙ୍ଗ ଧସ୍ଥା କଣ ଦେଲେ ତା ବିହାଇ,
ଅଭ୍ୟାସରେ ଚେଇ କୁଚ ହୋଇଲେ ଶଙ୍ଖ । ୨୫ ।

ଅବଳା ହୋଇଲ ବଳ ଦେଖାଇବା ପାଇଁ,
ହସ୍ତେ ତର୍ଜନୀ ଦୃଢ଼ ଧରି ସେ ଧରଇ । × × ୨୬ ।
ପଞ୍ଚବାଣ ଦ୍ରାପକୁ ଭଜିଲ ପଞ୍ଚଚ୍ଛାୟୀ
କର ବୋଲି କହୁଲା ଦ୍ୱିଜରମଣୀ ସୁଖି । ୨୭ । (୪ମ ଛାନ୍ଦ)

ଟୀକା—ବୈଦେହୀଶ ବିଳାସର ଟୋଳକନାଗର ଚେଟେକ ସାମଗ୍ରୀ ଏଥି କାବ୍ୟକୁ କଣାଯାଏ, ଯଥା—ଫୁଲ, ଭଙ୍ଗୋଟା, ଘଟଦୂତ୍ର, ଚିତ୍ର, ଅଳତା, ଅଳଙ୍କାରଶାଢ଼ୀ ପ୍ରଭୃତିର ବିଶିଷ୍ଟ ସୌନ୍ଦର୍ଯ୍ୟ ବର୍ଣ୍ଣନ ଓ କଳାପୂର୍ଣ୍ଣ ବ୍ୟବହାର କାବ୍ୟରେ କର ହୋଇଛନ୍ତି । ଏହା ଉତ୍କଳ ସାମାଜିକ ଉପଚାର ଲକ୍ଷଣର ପ୍ରମାଣ ଦେଉଛନ୍ତି ।

ନୂତନ ରାଜା ହେବା ସମୟର ଅବସ୍ଥା—

ରାଜାଙ୍କର ଅଭିଷେକ ପାଇଁ ନିଯୁକ୍ତ ହୁଅନ୍ତି ଏବଂ ଶାଢ଼ୀ ବନ୍ଧା ହୁଏ । ଅପରାଧୀ-ମାନେ ଭଦ୍ରରେ ଲୁଚନ୍ତି । ଜଣଙ୍କ ପିତା ନୀଳକଣ୍ଠ ଭଞ୍ଜ ସମ୍ପୂର୍ଣ୍ଣର ସଂସ୍କାରକରେ

ବଢ଼ିବା ସମୟର ଅବସ୍ଥା ଏଥିରେ ସୂଚିତ ହୋଇଥିବା ଅନୁମାନ କରାଯାଇ ପାରେ । ଅଳ୍ପ କେତେ ବର୍ଷ ପରେ ଗଜପତିଙ୍କୁ ସିଂହାସନରୁ ବିତାଡ଼ିତ କରି ସନାତନ ରାଜା ହେଲେ; ସେତ ସମୟର ଅବସ୍ଥା ସ୍ପଷ୍ଟ ଏଥିପରି ହୋଇଥିବ । ତେବେ, ସନାତନଙ୍କ ରାଜ୍ୟପ୍ରାପ୍ତି ସମୟର ଅବସ୍ଥା ଉପେନ୍ଦ୍ରଙ୍କ ପ୍ରତି ଅନୁକୂଳ ହୋଇ ନଥିବାରୁ ଏ ପ୍ରଶଂସା ସୂଚକ ବିବରଣ ପ୍ରଦତ୍ତ ହୋଇ ନଥିବା ବେଶୀ ସମ୍ଭବ ।

ବ୍ରାହ୍ମଣ, ବ୍ରାହ୍ମଣୀ ଓ ବାର୍ତ୍ତାବହ—ପୂର୍ବେ ଯାତାୟାତ ବ୍ୟବସ୍ଥା ସୁବିଧାଜନକ ନଥିଲା । ବ୍ରାହ୍ମଣ, ବ୍ୟାସଶାସ୍ତ୍ରୀ, ରାଜକର୍ମଚାରୀ, ତୀର୍ଥଯାତ୍ରୀ ପ୍ରଭୃତି ଅଳ୍ପ କେତେକ ଲୋକଙ୍କର କେବଳ ଯାତାୟାତର ସୁବିଧା ଥିଲା । ରାଜନବରମାନଙ୍କରେ ଯାନ-ଚିଠ୍ଠାତ ସମ୍ପାଦନ କରିବା ନିମିତ୍ତ ବ୍ରାହ୍ମଣୀମାନେ ନିଯୁକ୍ତ ଥିଲେ । ରାଜକନ୍ୟାମାନଙ୍କ ରକ୍ଷଣରେ ପୁରୋହିତ କନ୍ୟା ଜଣେ ପ୍ରଧାନ ସଖୀ ଥିଲେ । ଭିନ୍ନ ରାଜପରିବାର ମଧ୍ୟରେ ଆଦାନପ୍ରଦାନ କ୍ଷେତ୍ରରେ ବାହ୍ୟ ସମ୍ପର୍କୀୟ କାର୍ଯ୍ୟରେ ପୁରୋହିତ, ମନ୍ତ୍ରୀ, ବ୍ରାହ୍ମଣ ପ୍ରଭୃତି, ସ୍ତ୍ରୀ ମହଲ ଓ ପରୋକ୍ଷ ସମ୍ପର୍କୀୟ କାର୍ଯ୍ୟରେ ବ୍ରାହ୍ମଣୀ, ମାଳୁଣୀ ପ୍ରଭୃତି ଦୂତ ଓ ସମ୍ବାଦବାହକ ରୂପେ ନିଯୁକ୍ତ ହେଉଥିଲେ ।

ପୂର୍ବେ କୋଶଳ ଦେଶର ନରେଶକୁମର,
ଦ୍ୱିଜଙ୍କ ବଦନୁ ଶୋଭା ଶୁଣିଥାଇ ତାର । ୨୮ ।

ସଖୀ—କେତେ ବେଳେ କେତେ ତାକୁ ବଖାଣ ପଚାରେ,
ପୁର କେ ହୋଇବ ଏହୁ ଜଣା ତ ବିସ୍ତରେ । ୩୦ ।

ବିପ୍ରକାମିନୀଏ ଭକ୍ତି ଆରମ୍ଭିଲ ତାକୁ,
ମୁଁ ଯାଇଥିଲି ସେ ମନୋହରମାର ପୁରକୁ । ୩୧ । (୧ମ ଛାନ୍ଦ)

ଶୁଆକୁ ଶ୍ଳୋକ ପଢ଼ାଇବା—ଶୁଆକୁ କଥା ଶିଖାଇବା, ଶ୍ଳୋକ ପଢ଼ାଇବା ବଡ଼ ଚୂନ୍ଦ ଥିଲା; ବର୍ତ୍ତମାନ ମଧ୍ୟ ଏହା ପ୍ରଚଳିତ ଅଛି । ଏହି 'ଶୁଆ ପାଠ ପଢ଼ିଲା ପରି' ଭଳି ମଧ୍ୟ ଏହି ରୀତିରୁ ଜାତ ହୋଇଛି ।

ଗୁରୁ ହୋଇ ବ୍ରହ୍ମଚାରୀ ଶିଶୁ ଶୁକ ଶିକ୍ଷା କରି ଶ୍ଳୋକ ପଢ଼ାଇ । ୭ ।

(୧ମ ଛାନ୍ଦ)

ଯାତ୍ରା ଉତ୍ସବରେ ରସିକ ରସିକାଙ୍କ ଅଙ୍ଗଚାଞ୍ଚଲ୍ୟ ପ୍ର— ଚନ୍ଦନ ଯାତ୍ରା ସମୟରେ ଯାତ୍ରା-ଉପଯୋଗୀ ଅଙ୍ଗଚାଞ୍ଚଲ୍ୟ ସ୍ୱତଃ ଜାତ ହୋଇଥାଏ । ବୃଦ୍ଧ, ବାଳକ, ସନ୍ନ୍ୟାସୀ, ଧାର୍ମିକ ପ୍ରଭୃତିଙ୍କ ମନରେ ସ୍ୱ ସ୍ୱ ଅବସ୍ଥା-ଉପଯୋଗୀ ଅଙ୍ଗଚାଞ୍ଚଲ୍ୟ ଦେଖାଯାଏ; କିନ୍ତୁ ଆନନ୍ଦ ଓ କୌତୁକ ସ୍ରୋତ ମଧ୍ୟ ପ୍ରଶ୍ରୟ ପ୍ରାପ୍ତ କରି ଏକ ମାଦକତାମୟ ଦୃଶ୍ୟ ସୃଷ୍ଟି କରିଥାଏ । ବିଶେଷତଃ ରସିକ ରସିକାମାନେ ଉତ୍ସବର ଆନନ୍ଦକୁ ପ୍ରବଞ୍ଚନାରୂପରେ ଉପଭୋଗ କରିବାକୁ ମନ ବଳାଇ ଥାଆନ୍ତି । କବି ଏହି ସମୟର ବିଭିନ୍ନ ପ୍ରକାର ଲୋକଙ୍କ ମାନସିକ ବିକାରର ସୁନ୍ଦର ଚିତ୍ର ପ୍ରଦାନ କରି ମନସ୍ତାତ୍ତ୍ୱିକ ବିଶ୍ଳେଷଣ ଦକ୍ଷତାର ପରିଚୟ ଦେଇଛନ୍ତି ।

ସରୋଜମୁଖୀଙ୍କ ଉରଜ ଭ୍ରମରଜରେ ଭୁଲି,
ଦର୍ପଣ ଲୋଭରେ ଦର୍ଶନ କଲେ ଯୋଗୀ ସନ୍ନ୍ୟାସୀ । ୮ ।

ଏହିକି ବନ୍ଧୁର ତାହାଙ୍କ ଦେଖି ଅଙ୍କିତ ହୋଇ,
ତନୁ ପୁଲକିତ ଶଙ୍କିତ ଚୋର କେତେକ ନାହିଁ । ୯ ।

ଭେଟେ ଭେଟେ ମାରୁ ଉଠାଟେ, ଦେଖିହେ ନାଗ ସ୍ୱରୂପ,
ଧିକ୍ଷଣେ ଧିକ୍ଷଣେ କଲେ ସେ, ଷଣେ ଷଣେ ବିଳାପ । ୧୦ ।

କପଟ ଦର୍ଶନ ଲମ୍ପଟ ବଟସ୍ଥଳ ସୁଧି,
ସେ ସୁଧୀ ସୁଧୀରେ ବୋଲନ୍ତି ଲୋଭବନ୍ତି ଏହୁ । ୧୧ ।

କଣ୍ଟୁର ତରଙ୍ଗ ମନ୍ଥର କରି ଯାଆନ୍ତି ପାଦ,
ପଥଭ ହୋଇଣ ଜାବନ୍ତି ସଂଗ୍ରହି ଶଶୀଙ୍କ ବଧୂ । ୧୨ ।

(୩ୟ ଛାନ୍ଦ)

ସନ୍ନ୍ୟାସୀମାନଙ୍କର ମତିଭ୍ରମର ସମ୍ଭାବନା ନଥିଲେ ମଧ୍ୟ କାମିନୀମାନଙ୍କ ଉପରେ ସେମାନଙ୍କ ଆକର୍ଷଣର ପ୍ରଭାବ ପଡ଼ିଛି । ସୁଧୀବର୍ଗଙ୍କ ଉପଦେଶ

ସମନ୍ୱୟଯୋଗୀ ଓ ଧର୍ମ-ନିର୍ଭିକ ହୋଇଛନ୍ତି ! ସାଧୁମାନେ ପ୍ରଭୁଙ୍କ ବନ୍ଦନା ମଧୁର ସ୍ୱରରେ ଗାୟନ କରି ଆନନ୍ଦଦାୟକ ଉତ୍ସବର ଆନନ୍ଦ ବର୍ଦ୍ଧନ କରିଛନ୍ତି ।

ପୁରୀରେ ଚନ୍ଦନ ଉତ୍ସବ ସମୟରେ ଦେବଦାସୀମାନେ ଲଳନା ପୂର୍ଣ୍ଣ ଭଙ୍ଗୀ ନର୍ତ୍ତନ ଗାୟନ କରନ୍ତି । ଶିଷ୍ୟମାନେ ଚତୁରତା ପ୍ରଦର୍ଶନ କରିବା ପାଇଁ ଗୋପୀ-ଗୋପୀନାଥଙ୍କ ଚନ୍ଦନ ଉତ୍ସବକୁ ସ୍ମରଣ କରି ଗୋପୀନାଥ ଜଗ-ନ୍ନାଥଙ୍କ ଏ ଚନ୍ଦନ ଉତ୍ସବକୁ ତାହା ସହିତ ସମାନ କରନ୍ତି । ଉତ୍ସବରେ ନିଜ ଠାକୁର ଗୋପୀନାଥଙ୍କୁ ଲକ୍ଷ୍ୟ କରି ଏହାପରି କରିଥିବା ଅନୁମିତ ହୁଏ ।

କୁଳଲଳନାମାନେ ସର୍ବସାଧାରଣଙ୍କ ପରି ମେଳକଟକଣ୍ଟକ ଭିତରେ ଯାଇ ଠାକୁରଙ୍କ ବିଜେ ଉତ୍ସବକୁ ଦେଖୁ ନଥିଲେ । ସେମାନେ କୋଠା ଘର ଉପରେ ରହି ଦେଖୁଥିଲେ । ସାମନ୍ତ ଘରର ନାରୀମାନେ କୋଠା ଉପରେ ବସ୍ତ୍ର ଆଚ୍ଛାଦନ କରି ଝରକା ଦେଇ ଉତ୍ସବ ଦେଖୁଥିଲେ; କେତେ ବା ଜଳାକବାଟି ବାଟେ ସୃଷ୍ଟି ଜଗନ୍ନାଥଙ୍କ ନୌକା ବିହାର ଦେଖୁଥିଲେ । ଏଥିରୁ ଅନୁମିତ ହେଉଛି, ଚନ୍ଦନ ସରୋବର ବା ନରେନ୍ଦ୍ର ସରୋବର ଚାରି ପାଖରେ ସାମନ୍ତ ଓ ଭଦ୍ରବ୍ୟକ୍ତିମାନଙ୍କର କୋଠା ଥିଲା; ଜଳାକବାଟି ଦୃଶ୍ୟ ଦର୍ଶନ ଉଦ୍ଦେଶ୍ୟ ମଧ୍ୟ ସାଧନ କରୁଥିଲା ।

ତୃତୀୟ ଛାନ୍ଦର ୧୧ଶ ପଦଠାରୁ ୨୮ଶ ପଦ ପର୍ଯ୍ୟନ୍ତ ଏଥିର ଚନ୍ଦନ ଯାତ୍ରାର ପ୍ରତ୍ୟକ୍ଷ ବିବରଣ ଦିଆଯାଇଛି । ଏହି ବିବରଣଟିକୁ କବି ଛନ୍ଦ ସ୍ୱଚ୍ଛ ସ୍ରୋତ କରି ଅତି ରମଣୀୟ କରିଛନ୍ତି । ଉତ୍ସବର ପ୍ରଧାନ ଅଙ୍ଗଗୁଡ଼ିକ ଏଥିରେ ସନ୍ନିବେଶିତ ହୋଇଛି ଏବଂ ଅନାବଶ୍ୟକ ଓ ବାହୁଲ୍ୟକର ସୂକ୍ଷ୍ମାତି-ସୂକ୍ଷ୍ମ ପ୍ରସଙ୍ଗର ବର୍ଣ୍ଣନା ନଥିବାରୁ ଚନ୍ଦନଉତ୍ସବ ବର୍ଣ୍ଣନାଟି ଅତି ରସପୂର୍ଣ୍ଣ ଓ ଚିତ୍ତୋନ୍ମାଦକର ହୋଇଛି । ପ୍ରତ୍ୟକ୍ଷ ବିବରଣ ଦେବାରେ କବି ଭ୍ରମ ଥିବା ଏଥିରୁ ସ୍ପଷ୍ଟ ହେଉଛି ଏବଂ ପ୍ରବେଶ ଉତ୍କଳର ଏକ ଓଷ ପୋତରେ ପ୍ରଦର୍ଶନ କରିଥିବାରୁ ତାଙ୍କର ଗୌରବ ବୃଦ୍ଧି ପାଇଛି । ଏମନ୍ତର ସୁଶୋଭନ ଦୁଷ୍ପ୍ରୟୋଗ ପଦଗୁଡ଼ିକୁ ନିବନ୍ଧ କରୁଛି ।

ଘନସାରିତ ମାଧବର ଭଙ୍ଗି ମାଧବମାସେ,
ମୃଗନ୍ଧ ଚନ୍ଦନ ଚନ୍ଦନଘୋଷା ଦେଶେ ଦୂରଶେ । ୧୧ ।

ନରେନ୍ଦ୍ର ଚନ୍ଦ୍ରାରେ ନଗେନ୍ଦ୍ର ସୁରେନ୍ଦ୍ର ଧରାଧର,
ନାବରେ ସ୍ୱବରେ ବଳସୁ କଣ୍ଠ ଦୁଃଖେ ବିସ୍ମୃତ । ୧୨ ।

ପଡ଼େ ରବି ଯତ୍ନେ ବରଣୁଛନ୍ତି ଦ୍ୱିଜେ ବେଦନ୍ତ,
ଭକ୍ତନ ବାଗନ ପଙ୍କଜ କରେ ଧରି ଦେଖିନ୍ତ । ୧୩ ।

ଶଙ୍ଖାରିଶାରୁ ଦନଶାଳ୍ପ ପିତକା ନେ ମାରଇ,
ଖୀରକଣ୍ଠ ଧୀର ଲମ୍ବଣ୍ଟ ପକ୍ଷ ଗୁମର ଶୋଭନ୍ତ । ୧୪ ।

ତନ୍ୱେ ତନ୍ୱେ ବୃକ୍ଷନ୍ତ ନାନା ଗାଧ ଷ୍ଟରଣୀ,
ଚନ୍ଦ୍ର ଜନ୍ମିତ ଚନ୍ଦ୍ରଗର୍ଭ ତାର ତାର ପ୍ରକାଶି । ୧୫ ।

ଧବଳ ଶୋଭନ ଧବଳଛଣ ବର୍ଣ୍ଣି ଲୁହଇ,
ବନରେ କବଳ ଧବଳନର ଶୋଭା ଦରଇ । ୧୬ ।

ଅଳ୍ପକୁର ନେପାତନୁର କେତେ ଦେଖି ଅନୁର,
ଅମର ପୁରେ ଶମ୍ଭରଙ୍କ ନାନା ବାଦ୍ୟ ନାଦର । ୧୭ ।

ନାରଜମୁଖୀଙ୍କ ଭରଜ ଧ୍ୱମରଜନରେ ସ୍ମୃତି,
ଦର୍ଶନ ନେତ୍ରରେ କର୍ଣ୍ଣର କଲେ ଯୋଗୀ ସନ୍ନ୍ୟାସୀ । ୧୮ ।

ମନ୍ତ୍ରାଙ୍କ ବଲ୍ଲଭ ତାଙ୍କାଙ୍କ ଅଙ୍ଗ ଅଙ୍କିତ ହୋଇ,
ତନ୍ତୁ ପୁଲକଭ ଶଙ୍କିତ କୋଟେ କୈତବ ନାହିଁ । ୧୯ ।

ବେଢେ ବେଢେ ମାର ଛଡାଟେ ସ୍ନେହେ ନାଶ ସ୍ତବୃତ,
ଛନ୍ଦେଣ ପ୍ରସଣେ କଲେ ସେ ଶିରେଣ ଶରେଣ ବଳାୟ । ୨୦ ।

କପଟ ଦର୍ଶନ ଲମ୍ପଟ ବଚସ୍ୱରଳ ସ୍ମୃତି,
ସେ ପୃଥ୍ୱୀ ପୃଥ୍ୱୀରେ ବୋଳନ୍ତି ଖେଦଚଳନ୍ତି ଏଣ୍ଡ । ୨୧ ।

ବିଧୁର ଚନ୍ଦ୍ରକ ମଧୁର ଜଣି ଗାଅନ୍ତି ସାଧୁ,
ଶ୍ରୀଗଡ ହୋଇଣ ନାଚନ୍ତି ଘନ୍ତ୍ର ରଣିକାବଧୂ । ୨୨ ।

ମୁରଳି ନାଦକୁ ହରିଣ ହରିଣ ଯେହ୍ନେ ଚମକେ,
ସେ ବିଦୁର ମୋହନ୍ତିଙ୍କୁ ବୋଲନ୍ତି ସେ ଜ ଦୃଷ୍ଟ୍ୟ-ସ୍ପର୍ଶମନେ । ୨୩ ।
ଗୋପୀ ଗୋପୀନାଥ ପୂର୍ବେଣ ସବୁ ଆବେଶ ନୃତ୍ୟେ,
ଅତ ବଦରଥ ମାଧବ ତୋଷେ ଅଣ୍ଡ କରନ୍ତେ ।
(ଅଟ ବଦରଥ ମାଧବ ତୋଷେ ଶରେଷ୍ଠ କରନ୍ତେ) । ୨୪ ।

ହରି ହରି ଧ୍ୱନି ଭୂଷିତେ ସ୍ତୁତେ ଉଦଦବକେ,
ଦଣ୍ଡଧର ଦଣ୍ଡ ଖଣ୍ଡନ କରନ୍ତି ଦାଣ୍ଡକ ମାଝେ । ୨୫ ।

ଛନ୍ଦନ ଶବଦମାନଙ୍କୁ ଯେହ୍ନ କରି ଅଛନ୍ତି,
ନବଖାଇରେ ଦାମନ୍ତଙ୍କ କାର୍ଣ୍ଣିକାଏ ଦେଖନ୍ତି । ୨୬ ।
ବାଦ୍ୟଶବ୍ଦ ଯାକେଣ ନବୁକ ବେଇ ନିକଟେ ସୁହିଁ,
ହଲ୍ଲାଳ ଗଲ୍ଲାଳ ଭ୍ରମନ୍ତି ଜଗବନ୍ଧୁର ଭଡ଼ିଁ । ୨୭ ।
ଦ୍ୱିଷ୍ଟ ନ ଦଣ୍ଡକ ଅବେଶ୍ୟ ଖେଳେ ଏମନ୍ତ ଭାବି,
ଏହୁ ମତ ବେଦେ ମନ୍ଦିରେ ଭବଜନ୍ତୁ ତାରିବ । ୨୮ ।

( ଶମ୍ଭୁ ଗୀତ )

ଉତ୍ସବର ବର୍ଣ୍ଣନାରେ ଲୌକିକ ସ୍ୱଭାବ ପ୍ରକାଶ ଥିଲେ ମଧ୍ୟ ଧାର୍ମିକ ମନୋବୃତ୍ତି ପ୍ରାଧାନ୍ୟ ଲାଭ କରିଛି; ପ୍ରତ୍ୟେକ ଉତ୍ସବର ପ୍ରକାଶରେ କବି ପାର୍ଥିବ ଓ ଅପାର୍ଥିବ ଉଭୟ ଚିନ୍ତାର ସମ୍ଭବ ଦୃଷ୍ଟି ଦେଖିଛି, "ସୁରେଶ ମଣିଗଣାଇବ" ନ୍ୟାୟରେ ଧାର୍ମିକ ଚିନ୍ତା ପ୍ରତ୍ୟେକ ପ୍ରକାଶକୁ ଆବେଷ୍ଟନ କରି ରହିଛି ।

ତପସ୍ୱ—ତପସ୍ୟେ ତନ୍ଦ୍ରେଶ ଦୁଃଖଙ୍କୁ ନାନା ପାପ ସ୍ମରଣୀ,
ତନେ ନର୍ମିତ ନେ ପୂର୍ଣ୍ଣ ଭାର ଭାବ ପ୍ରକାଶି । ୧୫ । × ×
ପରୀକ୍ଷା-ନୃତ୍ୟ—ଗୋପୀ ଗୋପୀନାଥ ପୂର୍ବେଣ ସବୁ ଆବେଶ ନୃତ୍ୟେ,
ଅତ ବଦରଥ ମାଧବ ତୋଷେ ଶରେଷ୍ଠ କରନ୍ତେ । ୨୪ ।
ନୌକାବିହାର—ଦ୍ୱିଷ୍ଟ ନ ଦଣ୍ଡକ ଅବେଶ୍ୟ ଖେଳେ ଏମନ୍ତ ଭାବି,
ଏହୁ ମତ ବେଦେ ମନ୍ଦିରେ ଭବଜନ୍ତୁ ତାରିବ । ୨୮ ।

କବି ଉପରିକ ସ୍ୱାରବଳୀର ପ୍ରଥମ ଛାନ୍ଦର ଆରମ୍ଭରେ ଦାରୁରୂପଧାରୀ ଜଗନ୍ନାଥଙ୍କୁ ବନ୍ଦନା କରିଛନ୍ତି । ଜଗନ୍ନାଥଙ୍କୁ, ନୀଳଗିରି-ଅଧୀଶ୍ୱର, ଶିବ-ବନ୍ଦନୀୟ, ସୁଭଦ୍ରାଙ୍କ ଜ୍ୟେଷ୍ଠଭ୍ରାତ, ବଳରାମଙ୍କ କନିଷ୍ଠଭ୍ରାତ, ଗରୁଡ଼ବାହନ, ଚତୁର୍ଭୁଜ ସନକାଦି ଋଷିମାନଙ୍କ ବନ୍ଦ୍ୟସ୍ୱରୂପ ବର୍ଣ୍ଣନା କରିଛନ୍ତି । ଚତୁର୍ଭୁଜ ବିଷ୍ଣୁ ହିଁ ଜଗନ୍ନାଥ ଏହା କବିଙ୍କ ଉକ୍ତିରୁ ସ୍ପଷ୍ଟ । ଶିବ ବନ୍ଦନୀୟ ପଦରୁ ବିଷ୍ଣୁ ଶିବଙ୍କଠାରୁ ଶ୍ରେଷ୍ଠ ଏହି ବୈଷ୍ଣବୀୟ ଧାରଣାର ସୂଚନା ଦେଉଛନ୍ତି ।

ଜଗନ୍ନାଥଙ୍କ କୃଷ୍ଣବର୍ଣ୍ଣର ସୂଚନା 'ନୀଳସୁନ୍ଦର' ପଦରୁ ସ୍ପଷ୍ଟ ହେଉଛି ।

ଭଗ୍ନୀ ସୁଭଦ୍ରା ଓ ବଳରାମଙ୍କ ପରିଚୟ ପ୍ରଦାନ କରି ଜଗନ୍ନାଥ ଶ୍ରୀକୃଷ୍ଣ ଏହା ପ୍ରତିପାଦନ କରିଛନ୍ତି । ପୁଣି, 'କମଳାକାନ୍ତ' ପଦର ବ୍ୟବହାର ହୋଇଥିବାରୁ ଜଗନ୍ନାଥ ବିଷ୍ଣୁ ଏହା ତତ୍ତ୍ୱ ପ୍ରତିପାଦିତ ହୋଇଛି ।

ତୃତୀୟ ଛାନ୍ଦରେ ଜଗନ୍ନାଥଙ୍କ ଶ୍ରୀକ୍ଷେତ୍ରର ପ୍ରତ୍ୟକ୍ଷ ଫଳପ୍ରଦ ମାହାତ୍ମ୍ୟ ପ୍ରତିପାଦନ କରି କବି ମହାପ୍ରସାଦର ମାହାତ୍ମ୍ୟର ଅବତାରଣା କରିଛନ୍ତି । ଚଣ୍ଡାଳ କରରୁ ଦେଲେ ମହାପ୍ରସାଦ ମିଳେ ଏବଂ ଏହି ମହାପ୍ରସାଦ ସେବନରେ ମୁକ୍ତି ମିଳେ ।

ଯେବଣ କଟକେ ଛତକେ ବସାଇକେ ମୁକତି,
ମହାପ୍ରସାଦର ପାଦରେ ଲୋକମାନେ ଲୋଟନ୍ତି । ୨ । (ଅଷ୍ଟ ଛାନ୍ଦ)

କବି କଳ୍ପବଟ ସମ୍ବନ୍ଧରେ କହିଛନ୍ତି ଯେ ଏହି ବଟଛାୟା ତଳେ ମହାପାପୀ ନର କାଳରୁ ମୁକ୍ତିଲାଭ କରିଛନ୍ତି ।

ରୋହିଣୀକୁଣ୍ଡର ମାହାତ୍ମ୍ୟ ମଧ୍ୟ ବର୍ଣ୍ଣିତ ହୋଇଛି । ବିନା ତୃଷାରେ କାକ ଚତୁରପଣରେ କୁଣ୍ଡରେ ପଡ଼ି ଚତୁର୍ଭୁଜ ହୋଇଥିବା ପ୍ରସଙ୍ଗ ସଂକ୍ଷେପରେ ଏକପଦରେ ଅତି ସୁନ୍ଦର ସ୍ୱରରେ ବ୍ୟକ୍ତ କରିଛନ୍ତି ।

ବିନା ତୃଷାରୁରେ ଚତୁରେ କୁଣ୍ଡ ପଡ଼ନ୍ତେ ଯାଇଁ,
କାକର ଦେହ କଲା ଭୁଜ ଚାରି ବାହୁର ତହିଁ । ୪ । (ତୃତୀୟ ଛାନ୍ଦ)

ଦକ୍ଷିଣରେ ମହୋଦଧି ପାପୀମାନଙ୍କର ପାପକୁ କ୍ଷୀଣ କରୁଛି । ଅଙ୍ଗ ଦେଉଳରୁ ସୃଷ୍ଟି ସମସ୍ତମାନଙ୍କ ଦର୍ପ ଭୟ ନାଶ କରୁଛି । ଅଙ୍ଗ ଦେଉଳର ତେଜ ଅଜ୍ଞାନମାନଙ୍କୁ ନାଶ କରୁଛି ।

ନୀଳଚକ୍ର ଉପରେ ଉଡ଼ୁଥିବା ପତାକାକୁ ଲକ୍ଷ୍ୟ କରି କବି କହୁଛନ୍ତି ଯେ ପାପୀମାନଙ୍କୁ ଏ ପତାକା ଡାକି "ଏ ନଗରକୁ ଶୀଘ୍ର ଆସ, ତୁମ୍ଭଙ୍କୁ ଭଲ କରି ଦେବା" ବୋଲି କହୁଛି କି ?

ବଡ଼ ଦେଉଳର ଘଣ୍ଟାନାଦ, ସେବକମାନଙ୍କର ହେହାପାଉଡ଼ି ସୂଚନା ଦେଇ ଏମାନେ ମଧ୍ୟ ମୁକ୍ତିପ୍ରାପ୍ତିରେ ସହାୟକ ଥିବା କଥା ବ୍ୟକ୍ତ କରୁଛନ୍ତି ।

ସମସ୍ତ କ୍ଷେତ୍ରମାହାତ୍ମ୍ୟ ସଂସ୍କୃତି ସଂଶ୍ଳିଷ୍ଟ ହେଲେ ମଧ୍ୟ ସାରଗର୍ଭକ, ଶାସ୍ତ୍ରସମ୍ମତ, ଲୋକବିଶ୍ୱାସସମ୍ମତ ହୋଇଛି ଏବଂ ଉପମା ଓ ଯମକ ପ୍ରୟୋଗରେ ସୁନ୍ଦର ରୂପ ଧାରଣ କରିଛି ।

ଯେଉଁ କ୍ଷେତ୍ରରାଜ ବାସିଜନମାନ ଗରୁଡ଼ ଧ୍ୱଜେ,
ଶ୍ରୀବତ୍ସେ ଚରିତ ଭୂଷିତ କଳି ଦୂଷିତ ଭକ୍ତେ ।୧।
ଯେବଣ କଣ୍ଟକେ ଛଟକେ ବଇଟେ ମୁକତି,
ମହାପ୍ରସାଦରେ ସାଦରେ ଲୋକମାନେ ଲଭନ୍ତି ।୨।
ଜଳପ ଜଳପତରେ ଯହିଁ ଛାୟା ଆଶ୍ରିତ,
କଳପ କଳପ ନର କନ୍ଦର ତରଣ୍ଡ ମତ ।୩। (କାଞ୍ଚୀ ଗ୍ରନ୍ଥ)

ତାହାର କ୍ଷୁଦ୍ର କଲେବର ଅନୁପାତରେ ପ୍ରସଙ୍ଗକ୍ରମେ ଜଗନ୍ନାଥ, ଜଗନ୍ନାଥକ୍ଷେତ୍ର ମାହାତ୍ମ୍ୟ, ଚନ୍ଦନ ଉତ୍ସବର ବର୍ଣ୍ଣନାକୁ ମଧ୍ୟ କ୍ଷୁଦ୍ର କରିଥିବା ମନେହୁଏ ।

ଭାବକଳ୍ପନା: (କ) ବାରହ୍ମାନୁଚିତ୍ର — ରସିକହାରାବଳୀରେ ବାର-ହ୍ମାନୁଚିତ୍ର ଗୁଣମାନଙ୍କ ମଧ୍ୟରେ ନାୟକର ବସନ୍ତାନୁଚିତ୍ର ଅତି ଭାବପୂର୍ଣ୍ଣ, ରସପୂର୍ଣ୍ଣ ଓ ରମଣୀୟ ହୋଇଛି ।

ବସନ୍ତକାଳରେ ପ୍ରିୟା ସହିତ ନାୟକ ବନ ଉପବନର ଦୀର୍ଘିକାଙ୍ଗନର ଶୋଭା ସୁରଭିକର ବହ୍ନିରେ କାତର ହୋଇଛନ୍ତି । ଅବଶ୍ୟ ବହୁବାହୁର ଅବସ୍ଥା ଶୁଣି ପରେ ପ୍ରାୟ ଏକ ବର୍ଷ ପର୍ଯ୍ୟନ୍ତ ଏହି ବିରହ ଦଶା ଘଟିଥିଲା; ତେଣୁ ସନ୍ତାନସନ୍ତତିର ଅଧିକାରୀ ହୋଇ ନଥିବା କଳ୍ପନା କରାଯାଏ । କାରଣ, ଏ ଦୁର୍ଦ୍ଦେ ବୈଦେଶିକରେ ସୁ ସନ୍ତାନସନ୍ତତିଙ୍କ ଅବସ୍ଥାର ସୂଚନା ଦେଇ ନାହାନ୍ତି ।

ଏହି ବଇଦ୍ଧାନୁଚିନ୍ତା ଭିତରେ ନାୟକ କେତୋଟି ଅତି ଚମତ୍କାର କଳ୍ପନାବିଳାସ ପରିପୂର୍ଣ୍ଣ ପଦ କବି ରଚନା କରିଅଛନ୍ତି । ନାୟକ ନାୟିକା ଉଭୟେ, ରସିକ, ଶିକ୍ଷିତ, ଚତୁର ଥିବାରୁ ସେମାନଙ୍କର ବ୍ୟବହାର ଉକ୍ତି କଳ୍ପନାର ଚର୍ଚ୍ଚା ଦେଖାଇବା ନିମନ୍ତେ ବହୁତ ଆକାଂକ୍ଷା କରିଛି ।

ଋତୁମତୀ ହେବା ସମୟରେ ନାୟିକା ସ୍ୱର୍ଣ୍ଣ ଛୁଇଁବା ନିଷେଧ ଥିବା ସାମାଜିକ ବିଧାନର ସୂଚନା ଦେଇ କବି ଅତି ରମଣୀୟ ଉପମିତିଏ ପ୍ରଦାନ କରିଅଛନ୍ତି । ଚମ୍ପାଫୁଲକୁ ଏହି ଋତୁମତୀ ଅବସ୍ଥାରେ ଓ ମଲ୍ଲିଫୁଲକୁ "ମଲ୍ଲି, ମଲ୍ଲି" ଅବସ୍ଥାରେ ଧରିବାକୁ କବି ପଦ ରଚନା କରିଛନ୍ତି ।

ଅନ୍ଧା ରସବତୀସୁନ୍ଦରୀ,   ଅଳ୍ପର ବଳରେ ହରି,
ଉପରେ ପଙ୍କଜଫୁଲ ଧରି ସେ ଥାଇ ।
ମୋତେରେ ଶ୍ରିମ୍ମା ସେହିବେଳେ   ଆସି ଦରଶନ ଦେଲେ
ମଲ୍ଲିକୁସୁମ ମୁଁ କରେ ଧରି ଦେଖାଇ ।
ଜାଣି ସୁଚେ କାହ୍ନା ଅନ୍ଧ, ନାସା ପୁଷ୍ପଙ୍କୁ ଦର୍ଶ ତଲବକ୍ରିତ ।୨।

ନାୟିକା ବୀଣାବାଦନ ଓ ସଙ୍ଗୀତ ଶାସ୍ତ୍ରରେ ନିପୁଣା ଥିଲେ ଏବଂ ତାହାର ସ୍ୱର କୋକିଳ ସ୍ୱରଠାରୁ ମଧୁର ଥିଲା । ଏହା କବି ନାୟକ ମୁଖରେ ସୁନ୍ଦରଭାବରେ ବ୍ୟକ୍ତ କରିଛନ୍ତି ।

ପିକ ତାଳବା ସମୟେ,   ତନ୍ତ୍ରୀ ବୀଣା ବଜାଏ,
ବଜାଇ ଦେଖାଇ ଗାଏ ଗୀତ ମଧୁରେ ।
ଶୁଣି ମୁଁ ଜାଣି ହୃଦୟେ   ଗାଇ କହଇ ସ୍ୱନୟେ
କଣ୍ଠମୂର୍ଚ୍ଛନା ଲଜ୍ଜାଇ ମୋତେରେ,
"ଦାସୀ ଦୋଷ ସେଥିକି ହେବ ?"
ଏମନ୍ତ କହିବା ତାର କେମନ୍ତ ସ୍ୱର । ୫ ।

ଚମ୍ପାଫୁଲରେ ଭ୍ରମର ବସେ ନାହିଁ, ଏହି ତଥ୍ୟକୁ ଅବଲମ୍ବନ କରି କବି ନାୟକମୁଖରେ ନାୟିକା ବୁଦ୍ଧିମତ୍ତା ଓ ଚତୁରୀ ଥିବା ଦେଖାଇଛନ୍ତି ।

କରି ମୁଁ ଚମ୍ପାକଳିଁ ଯେ   ଦେଲି ସେ ଚମ୍ପାରଙ୍ଗୀ
ମୋ ସେନ୍ଦୂରବର୍ଣ୍ଣକୁ ଚଞ୍ଚଳ ନ ଦେଲେ ତିରେ,

ମୁଁ କହେଁ "ଏମନ୍ତ ଶଙ୍କା- ମାନଙ୍କୁ ପକ୍ଷକୁ ଟଳା,
କବଳା ବନା ହୋଇବ୍‌ କି ମୋ ସଂସାରେ ।"
ଶୁଣି କହେ ଦୂତି ହସିଣ, ଏଥି ଅବଧାନ ଥିବା ଲେଙ୍କା ମୋହର । ୭ ।

ଅଶୋକ, ବକୁଳ, କେତକୀ ପ୍ରଭୃତି ଫୁଲ ଓ ଚନ୍ଦନଲତା, କର୍ପୂର ପ୍ରଭୃତି ପ୍ରସାଧନ ସାମଗ୍ରୀକୁ ଅବଲମ୍ବନ କରି କବି ଏ ଅପୂର୍ବ କଳ୍ପନା ବଳରେ ଏହି ପଦ ସୃଷ୍ଟି କରିଛନ୍ତି ।

ନାୟକର କଳ୍ପନା ଶକ୍ତି ଓ ତନ୍ମୟତାର ପ୍ରମାଣ ଦେବା ପାଇଁ କବି ନାୟିକାର ବିରହ ଅବସ୍ଥାକୁ ନାୟକ କପୋତସ୍ୱପ୍ନରେ ସ୍ୱ ମାନସପଟରେ ଚିତ୍ରଣ କରୁଛି ତାହା ରସପୂର୍ଣ୍ଣ ପଦାବଳୀରେ ବର୍ଣ୍ଣନା କରିଛନ୍ତି ।

ବିଦେଶ ଗମନକାଳେ ଦେଖିଛୁ ମୁଁ ମୋତିମାଳେ
ମୋ ପ୍ରୀତିକୁ ଥିବ ଗଳେ ଭୂମି ଦେବନ୍ତି,
ରସବନ୍ତ ସ୍ୱାନ୍ତରେ ଖୋଜି ନ ପାଇ କେଶରେ
ତୋଳାଇ ଅଣାଇଥିବ ନାଗକେଶରେ,
ଅଧର ଅଧର ଯାମିନୀ
ପ୍ରିୟାକାଳେ ଏ ଦଶା ପାଇଲି କାମିନୀ । ୧୯ ।

ନ ଦିଶୁଛି ଦେଖ ମୋତି ଖୋଲି ଦର୍ପଣ ଦେଖାଇ
ଦେଖି ଶଶୀ କପୋଳେ ପୁଲକି ପୂରିଲେ
ଦୃଷ୍ଟି ଚମକ ଶୋଭନା ରଚନା ମୁକ୍ତକେଶିନୀ
କଷ୍ଟ ଭାବିଣାରମ୍ଭ ଗଣିବି ଚପଳେ
ଅନୁଭବ ହେଲା ଅର୍ଦ୍ଧଭୂତ,
ସ୍ମରେ ଦରଶ ହେମ ସ୍ନେହ ହିତ । ୨୦ । (୧୨ଶ ଛାନ୍ଦ)

ଏ ପଦରେ "ସ୍ମରେ ଦରଶ ହେମ ସ୍ନେହ ହିତ" ଅବସ୍ଥାକୁ କବି ଚମତ୍କାର ସ୍ୱରରେ ଏଠାରେ ଚିତ୍ରଣ କରିଛନ୍ତି । କବିମାନେ କାହିଁରେ ସାର ଭାବି ଏକ ଦେଖିଥିବା ହିତକୁ କବି ଏଠାରେ ଲକ୍ଷ୍ୟ କରିଛନ୍ତି ।

ତରଙ୍ଗ-ତରଙ୍ଗିଣୀ ପ୍ରାଣର ସ୍ପନ୍ଦନକୁ କବି ରସପୂର୍ଣ୍ଣ କୋମଳ ମଧୁର ପଦାବଳୀରେ ରୂପଦାନ କରି ପ୍ରାଣବନ୍ତ କରିପାରିଛନ୍ତି । ପ୍ରେମଜୀବନର ସାମାନ୍ୟ ସାମାନ୍ୟ ଘଟଣାକୁ କବି ଗାମ୍ଭୀର୍ଯ୍ୟ ପ୍ରଦାନ କରି ନିଜର ପଦ ରଚନା କରି ଲେଖନୀକୁ ଅମର କରିଛନ୍ତି ।

ନାୟିକା ମୁଖରେ ବିରହ ଯନ୍ତ୍ରଣାର ପ୍ରକାଶ ମଧ୍ୟ ଚମତ୍କାର ହୋଇଛି । ବିରହ ଯନ୍ତ୍ରଣା ଉଦ୍ଦୀପକ ଲକ୍ଷଣମାନଙ୍କୁ ଅବଲମ୍ବନ କରି ନାୟିକା ମୁଖରେ କବି ପ୍ରାଣସ୍ପର୍ଶୀ ଯନ୍ତ୍ରଣା ବ୍ୟକ୍ତ କରିଛନ୍ତି ।

ପଶାଖେଳ—ଶୀତ-ଉପଶମ ଯେ ଦେଖେ ପଶାଖେଳ ଏ କାହିଁ କାହିଁ,
ପଦ୍ମିନୀ ରତି-ତୁଙ୍ଗ ଶୀତଳ ଏବେ ଦେଖିଲେ ତାହିଁ ।
ଚନ୍ଦ୍ର ଦର୍ପଣ ତାଳବୃନ୍ତ କାଚନ ନ ମିଳଇ,
ପୁଷ୍ପ ବିରହ ଏଣୁ ଶରୀର ପଡ଼ିକା ହେଲେ କାହିଁ । ୧୩ ।

ଭେକ ଡାହୁକନାଦ—ଭେକ ବରଷା ଡାହୁକ ଶବ୍ଦ ଯେ ଶୀମାନ୍ତେ ନ ଥିବେ,
କାମ୍ୟ କରଣ ଅଥବା ଶୋଷ ଭୁଗୁରୁ ଭେଦ ହେବେ ।

ଦୂତ—ନବ ଦୂତର କାହିଁ କି ଦୂର ଯେ ଦେଖେ ନ ମିଳଇ,
ବନ୍ଧୁ ଅନଳ ଶୋକ କବଳ ପକ୍ଷୀଦୂତ କି କର୍ମ । ୧୪ ।
ଏତେ ଭରସା ହୋଏ କରୁଣା ହେଉଛି କେ ପଢ଼ିବେ,
ମେଘ ଦମକ ବାନ୍ଧୀ ଦମକ ଦେଖିଲେ ନ ପାରିବେ ।
ମଧ୍ୟ ଭର୍ମିତୁ ଦେଖିଲ ମଧୁ ଦେଶ ଯେ ନୋଛୁ ଥାଇ,
ହେ ସୁରଥର ଏ ଦୁଃଖ ହର ପ୍ରବାସ କାଣ ଯାଇ । ୧୫ ।

(୧୩ଶ ଛାନ୍ଦ)

(ଖ) ଶୀତ—ଉପେନ୍ଦ୍ର ଶୀତ ସମ୍ପର୍କରେ ଅଳ୍ପ ପଦରେ ସୁନ୍ଦର ବର୍ଣ୍ଣନାଟିଏ ଦେଇଛନ୍ତି । ଭାବ, ଭାଷା ଓ ପ୍ରକାଶ ଭଙ୍ଗୀର ଦକ୍ଷତା ଯୋଗୁଁ ବର୍ଣ୍ଣନାଟି ଚମତ୍କାର ହୋଇଛି ।

ଚନ୍ଦନ ଉତ୍ସବ ସମୟରେ ନାୟକ ଓ ନାୟିକାର ସ୍ୱତନ୍ତ୍ର ହେବା ପରେ ନାୟକ ମନରେ ସମ୍ପୂର୍ଣ୍ଣ ସ୍ୱତନ୍ତ୍ରୀ ଉଦୟ ହୋଇଛି; କାର୍ତ୍ତିକା ଚନ୍ଦ୍ରା ଭିତରେ 'ପ୍ରୀତି'ର ମାହାତ୍ମ୍ୟ କୀର୍ତ୍ତନ କରିଛନ୍ତି ।

ପୁଂସ ଅନାଇଁଥିଲ ସେ ରମଣୀ, ଲଗାଏ ଦର୍ଶନକୁ ହୁଏ ମିଳନ । ୧୪ ।

ସ୍ୱର୍ଗ ନ ଥିଲେ କଳ ଦେଖିବାର, ହେଲ୍ଲ କ ରୂପେ ଅର୍ପିତ ସେବାର ।
ମୁଁ କ ସ୍ୱଜନ ସେବାବାରେ ଭାଙ୍ଗୁ, ବଳାସ୍ତ୍ରାର ତ ବାନ୍ଧି ବଧାତାକୁ ।୧୫।

ସ୍ୱର ଅଷ୍ଟ ଦେହେ ସୁଧା ଅଶନ, ଭ୍ରମ କରୁଅଛୁ ଭାହା ପ୍ରସନ୍ନ ।
ଦେହ ମନ ଶାଁର ନାହିଁ ପ୍ରକାର, ତେଜି ମିଶାଇ ମଦନ ବଳର ।୧୬।

ପ୍ରୀତି ବାଳ ଦୃଢ କେତେକ କୃଷିତ, ହେଲା ଯୁଗଳାଙ୍କର ଅଗଣିତ ।
ବଧିତାକୁ କହୁଁଛି ଶେଷକରେ, ପରେପରେ ପଦେ ଦେଇ କରେ ।୧୭।

ପ୍ରୀତି କଣ୍ଠ କଥାଏ ଉପୁଜାଇ, ଜନ ଥିବା ଯାଏ ମନୁ ନ ଯାଇ ।
ଚକ୍ଷୁ ଆଉ ବଚସ୍ୟରେ ନ ଥାଇ, ଏଥି ବଳର ପରା ହେଉଥାଇ ।୧୮।

ହେଲେ ହୋଇବ ସଙ୍କେ ସିଦ୍ଧ, କେବେ ନୋହିବ ପ୍ରୀତିର ଛେଦ ।
ଯୁବାକାଳ ରଜା ଶତ ଉପରେ, ମନ ରଜା ସ୍ୱରା କାଳ ଉପରେ ।୧୯।

ମନ ଉପରେଣ ରଜା ପ୍ରୀତି, କେହି ଯାବତ ନକୁଟାଏ ବରତି ।
ନବ ଅନୁରାଗ ପଦେ ପଦେକ, ସୁଖ ଜାତ ହେଉ ଥାଇ ଅନେକ ।୨୦।

ପ୍ରୀତି ହୋଇ ଦେବେ ଏତେ ମଧୁର, କ୍ଷୁଧା ତୃଷା ନିଦ୍ରା ହେବ ଦୂର ।
ସ୍ୱର୍ଗ ଦାଇବେ ହୋଇଲେ ଦୀପ୍ତି, ପଦତଳେ ମିଳେ ଇନ୍ଦ୍ର ସମ୍ପତ୍ତି ।୨୧।

ପଶୁମାନେ ହେଲେ ବଶ ଏ ରସେ, ଯେତେ ପାଷାଣ ସେ ଏଥି ନ ଭେଦେ ।
ପ୍ରୀତି ଯୋଗେ ପାଷାଣ ତ ଦ୍ରବଇ, ବନ୍ଧୁ ବନ୍ଧୁମଣି ଠାରୁ ଝରଇ ।୨୨।

ଯେତେ ପୀରତରେ ବଶ ନୋହିଲା, କ ହୋଇଲା ସେ ମନକୁ ନଇଲା ।
× (ଷଷ୍ଠ ଛାନ୍ଦ)

ପ୍ରୀତିର ମାହାତ୍ମ୍ୟ କୀର୍ତ୍ତନ କରି ସାହିତ୍ୟକ୍ଷେତ୍ରକୁ ଏଠାରେ ଚମତ୍କାର କବିତ୍ୱ ଶକ୍ତି ବଳରେ ଅତି ଶୀଘ୍ର ଏ ପାଠକ ହୃଦୟରେ ପ୍ରକଟିତ କରିପାରି

ଚେଷ୍ଟାଙ୍କୁ ଧାରଣ କରିଅଛନ୍ତି । ନବ ଯୁବକ ଓ ନବଯୁବତୀର ଭେଟ, ପରସ୍ପର ପ୍ରଥମ ମିଳନ, ମିଳନ ଆକାଂକ୍ଷା, ପ୍ରୀତିର ପ୍ରଭାବରେ ନବ ପ୍ରେମିକ ପ୍ରେମିକାଙ୍କ କାମ୍ୟ ସଙ୍କୋଚାଚାର ଅବସ୍ଥା ସୁନ୍ଦର ଭାବରେ କବି ବର୍ଣ୍ଣନା କରିଅଛନ୍ତି । ପ୍ରଥମ ଥରେ ପ୍ରୀତି-ଅଙ୍କୁର ବୃଦ୍ଧିର ସୂଚନା ଦେଇ ତାଙ୍କ ପକ୍ଷପାତ ଜ୍ଞାନ କରିଛନ୍ତି; କବି କୌତୁକରେ କହୁଛନ୍ତି ଯେ ପ୍ରୀତି-ସ୍ଥାନ ଲୋକଙ୍କୁ କଣ ଦେଖାଇ କହିବେ ସେ କିପରି ପାରୁ ନାହାନ୍ତି—

ଯେଉଁ ଜୀବନରେ ବଣ ଖେଳିଲ, କି ବୋଲିବି ସେ ମନକୁ ନଇଲା ।

କବି ତାଙ୍କର ଅନ୍ୟାନ୍ୟ କୃତିମାନଙ୍କରେ ପ୍ରୀତିର ଉତ୍କଟ ଭାବଭୂମିର ବର୍ଣ୍ଣନା ଦେଇଥିଲେ ମଧ୍ୟ ସରଳ ସ୍ୱାଭାବିକ ବର୍ଣ୍ଣନା ପ୍ରଦାନ କରିବାରେ କବି ଯେ ସିଦ୍ଧହସ୍ତ ଏହା ଏଠାରେ ପ୍ରମାଣିତ ହୋଇଛି ।

ନାୟିକା ଶୀଘ୍ର ନାୟକର ସ୍ୱୀୟ ଦାମ୍ପତ୍ୟ-ପ୍ରୀତିରେ ପରିଣତ ହେଲେ ଏହା ଆଦର୍ଶ-ସୁଖ ଦାନ କରେ; ଏହା ହିଁ ପ୍ରୀତିର ସାର୍ଥକତା । ସ୍ୱକୀୟା ପ୍ରୀତିକୁ କବି ଏଠାରେ ଉଚ୍ଚ ସ୍ଥାନ ଦେଇଛନ୍ତି ।

ଦୃଷ୍ଟି ଦେଇବେ ହୋଇଲେ ଦମ୍ପତି, ସହିତରେ ମିଳେ ଇନ୍ଦ୍ର ସମ୍ପତି ।

(ଗ) ଅସମ୍ଭବ ସମ୍ଭବ—ନାୟକ ନାୟିକାଙ୍କ ପ୍ରଥମ ଭେଟ ପରେ ପରସ୍ପର ପ୍ରତି ପ୍ରୀତି ଜାତ ହୋଇ ସାରି ଯଦି ଏହା ଦାମ୍ପତ୍ୟ ପ୍ରୀତିରେ ପରିଣତ ହୁଏ ତାହାହେଲେ ଉଭୟଙ୍କ ପକ୍ଷରେ ଏହା ଜୀବନରେ ଅତ୍ୟନ୍ତ ସୁଖକର ହୁଏ । କନ୍ୟା ଲକ୍ଷଣ ଅଣ୍ଡା ପ୍ରତିଭୂତ ହେଲେ ନାୟକର ମନରେ ଯେଉଁ ଆନନ୍ଦ ଜାତ ହୁଏ ତାହାକୁ କବି କାମ୍ୟ, ଅସମ୍ଭବ ଓ ଦୁର୍ଲଭ ପଦାର୍ଥକୁ ସହଜେ ଲାଭ କଲେ ଯେଉଁ ଆନନ୍ଦ ଜାତ ହୁଏ ତାହା ସହିତ ତୁଳନା କରିଛନ୍ତି । ନାୟକର ଉକ୍ତ ଆନନ୍ଦକୁ କବି ଲକ୍ଷ କରିଛି ।

ଶ୍ରବଣେ ସେ ବାରତା ହୋଇଲା ଏମନ୍ତ,
ସୁତନୁ ପାଇଲେ ମେଘ ଜଳକୁ ଯେମନ୍ତ । ୬ ।

ମାଳତୀ ମକରନ୍ଦ କି ପାଇବ ଭ୍ରମର,
ପିକ କି ଦେଖିବ ମୁକୁଳିତ ସହକାର ।
ମାନସକୁ ହଂସ କି ପାଇବେ କାଦମ୍ବ,
ବନ୍ଧୁ ପ୍ରସନ୍ନ ହୋଇଲେ କି ମୁଞ୍ଜରିବ କଦମ୍ବ । ୪ । (୫ମ ଛାନ୍ଦ)

ନାୟକ ଏହି ଦୁର୍ଲ୍ଲଭ ପଦାର୍ଥ ଲଭରେ ଆନନ୍ଦିତ ହୋଇ ଭାବୁଛି, ଭଲ ଭାଗ୍ୟରେ ଆଜି ନିଶି ଶେଷ ହେଲା କି ? ଅକାଶରୁ ଶଶୀ କରକୁ ଆସିଲା କି ? ଅଲଙ୍ଘିତ ପାରାବାରକୁ ଡଙ୍ଗା ଯୋଗରେ ତରିବା ସମ୍ଭବ ହେଲା କି ? ପାଣ ପାଉବାକୁ ପବନ ବନ୍ଦ ହେଲା କି ? ସ୍ୱଦେହରେ ବୈକୁଣ୍ଠ ଗମନ କରିବା ଭାଗ୍ୟ ହେଲା କି ?

ନାୟକ ଏପରି ଚିନ୍ତା କରୁଥିଲା ବେଳେ ନାୟିକାର ଚିନ୍ତାଧାରା ମଧ୍ୟ ସେହି ପଥରେ ଗତି କରୁଛି । ଅସମ୍ଭବ ସମ୍ଭବ ହେବା ମନେ ହେବାରୁ ସେ ଭାବୁଛି—

ସ୍ଥିର ହେବ ବିଜୁଳି ଚନ୍ଦ୍ରମା ହେବ ଖର,
ପଦ୍ମବନେ ରହିବ ନିଶାରେ ଭ୍ରମର ।
ସ୍ୱପ୍ନ ହେବ ସତ ସର୍ପ ସୁଧା ଉଦ୍‌ଗାରିବ,
ବଳଆର ଧର୍ମ ମୋ ସେ ସ୍ୱରୂପ ଲଭିବ । ୧୦ । (୫ମ ଛାନ୍ଦ)

କବି ପ୍ରୀତି-ଆବେଶିତ ନାୟକ ନାୟିକାର ଚିନ୍ତାଧାରାକୁ ସୁନ୍ଦର ଭାବରେ ଚିତ୍ରଣ କରି ମାନବ ପ୍ରକୃତି ସମ୍ବନ୍ଧରେ ତାଙ୍କର ଗଭୀର ଜ୍ଞାନ ଥିବା ପ୍ରମାଣିତ କରାଇଛନ୍ତି । ନାୟିକାର ମନୋଭାବ ଓ କାର୍ଯ୍ୟକଳାପରୁ ଏହା ସ୍ପଷ୍ଟ କରି ଦେଇଛନ୍ତି ।

ଲଜ୍ଜାକୁ ପ୍ରୀତି ବଳିଲା ଅନୁରାଗ ଯୋଗୁ,
ଦଣ୍ଡି ଦଳ ଖଞ୍ଜିଲା ମୁକୁତାମାଳା କଣ୍ଠେ ।
ମଦନ ମନାସିଲା ଦେଖାଦେଖେ ନେତ୍ରେ ହେଳା,
ହୋଇବାକୁ ସ୍ୱରୂପ ରଚନ ସଙ୍ଗ ଯୋଗ । ୯ । (୫ମ ଛାନ୍ଦ)

ଅଶ୍ଳୀଳ ଭଞ୍ଜ—କନ୍ୟା ପୁଷ୍ପବତୀ ହେବା ବେଳର ବର୍ଣ୍ଣନା, ନାୟକ ନାୟିକାଙ୍କ ରତିକେଳି ବର୍ଣ୍ଣନା, କାବ୍ୟ ରଚନାରେ ଅନାବଶ୍ୟକ ଅଙ୍ଗଙ୍କ ଶରୀରର ଅନାବୃତ୍ତ, ଅଶ୍ଳୀଳ ହୋଇଛି । ଏହା ଦ୍ୱାରା କାବ୍ୟର ଗୌରବ କେତେକାଂଶରେ ହ୍ରାସ ପାଇଛି । ଉପେନ୍ଦ୍ର ପୂର୍ବାଚାର୍ଯ୍ୟମାନଙ୍କ ପଦାଙ୍କ ଅନୁସରଣ କରିଥିଲେ ମଧ୍ୟ ଏହା ସୁରୁଚି ଦୃଷ୍ଟିରେ ସମର୍ଥିତ ହୋଇ ପାରିବ ନାହିଁ ।

(ଘ) ଛନ୍ଦ—ଉପେନ୍ଦ୍ର ବହୁବିଧ ଧାରାବଳୀରେ ସାହିତ୍ୟରସିକ-ମନମୋହନ କେତୋଟି ଛନ୍ଦ ପ୍ରଦାନ କରିଛନ୍ତି । ଭାଷା, ଭାବ ଓ ପ୍ରକାଶ ଭଙ୍ଗୀର ଚମତ୍କାରିତା ଏହି ଛନ୍ଦଗୁଡ଼ିକୁ ଅମର କରିଛି; ଅଳଙ୍କାରର ଏହି ଝଙ୍କାରପୂର୍ଣ୍ଣ ଶବ୍ଦାଳଙ୍କୃତ ପଦାବଳୀ ତାଙ୍କ ଉଦାର କଳ୍ପନା ବିଳାସର ପରିଚୟ ଦେଉଛି । ତାଙ୍କ ଛନ୍ଦ ଗୁଡ଼ିକରୁ କେତୋଟି ଏଠାରେ ଉଦ୍ଧୃତ ହେଲା—

(୧) ବନ୍ଦେ ଶ୍ରୀଶ୍ରୀଦେବ ଜଗତ ବନ୍ଦନ, ବାଞ୍ଛାନିଧି ବେନି ଶ୍ରୀନନ୍ଦନନ ।
କୋଟିବ୍ରହ୍ମାଣ୍ଡସୁନ୍ଦରୀ ସୁଗନ୍ଧ, ମଣ୍ଡିଥିଲା ଜଳ ପୁର ଜଗନ୍ଧ ।୧।
ଦ୍ୱାରବନ୍ଦପରେ କର ଦେବେଶୀ, ଶୋଭା ହୋଇ ହୋଇବାରୁ ପ୍ରବେଶୀ ।
ଆଉ ଭିତରେ ଦେଖ ବାଘ ଅଛଲ, ପର୍ଣ୍ଣଶାଳାକୁ ଭଙ୍ଗାଇ ଚାହିଲ ।୨।
ସେ ଯେ ଯାଇଲା ପାଞ୍ଚରୁ ଶରଣ, କମ୍ପାଇଲା କର କଣ୍ଠ ଚରଣ ।
ଶ୍ରୁତ ଦେଖିବା ଭଲାରେ ଧ୍ୱଂସନ, ସ୍ଥିର ହୋଇ ନ ଉଠେ ଏକ କ୍ଷଣ ।୩।
ସ୍ୱର୍ଣ୍ଣବର୍ଣ୍ଣ ପୁଂଷ ନେତ୍ର ପଡ଼ିଲା, କୋଟି ଚନ୍ଦ୍ରଙ୍କ ପଞ୍ଚକୁ ଜଡ଼ିଲା ।×୪।
(୪ର୍ଥ ଛନ୍ଦ)

(୨) ବସନ୍ତେ ଭ୍ରମୁ କାନନ, ତରୁଣ ଦରଶି ଅଙ୍ଗନ,
ଭୁଲିଲି ମୁଁ ମାନ ଧନ କନ୍ଧ କି ମୋତେ,
ଯାଇ ସଦନ୍ତୁ ତାହାର ଚିରନ୍ତନ କଲି ମୋର ।
କାହିଁ ସେ ହୋଇ ଭାବର ଲଜ୍ଜା ଶ୍ରୀଚେତ,
ବୋଲିଲି ମଲ୍ଲି କି ମଦନ,
ଏହା ଜାଣି ପ୍ରକାଶ କରୁଛ ଏମାନ ।୧।

(୩) ଅଶୋକ କୁସୁମ ଡାଳେ ଯେବେ ଥିଲ କରୁଥିଲେ
ସ୍ପର୍ଶି ମୁଁ ଦେଖଣେନେଲେ ଦେଲି ତା ଶିରେ,
ଶମ୍ଭୁ ଯେବେ କା କଣ୍ଠେ ଭଜିଲା ଏମନ୍ତ ଭାବ
ବୋଇଲି ପୂର୍ତ୍ତ ପାଳିବ ଜବ ଶ୍ରୀବାସରେ । × ୧୩ ।

(୪) ନେତକଦଳୀକୁ ଖାଲୁ, ହେବେ ଚଳୁଛେ ତନ୍ଧୁଁ
କୁରଙ୍ଗ ନେଷ୍ଟ ବଙ୍ଗକୁ ଜାଣି ମୁଁ ଧୀରେ,
ବୋଇଲି ମୋ ଅନୁଗତ ତାକୁ ଦଣ୍ଡିବା ଉଚିତ
ଦେଖି ମୁଁ ଭଲୁଛି ଶୁଣି ପେଶଲ ଶିରେ । × ୧୮ ।

(୫) ବିଦେଶ ଗମନ କାଳେ ଦେଉଛି ମୁଁ ମୋତି ମାଳେ,
ମୋ ପ୍ରୀତିକୁ ଥିବ ଗଳେ ଭୂମ ନେଇଲେ,
ଉପବନ ଘାଟରେ ଶୋକ ନ ଘାଇ ଦେଶରେ
ହୋଇବ ପଶ୍ଚିମ ନାଗ ଦେଶରେ । × ୧୯ । (୧୬ଶ ଛାନ୍ଦ)

ଭାଷା— ରସିକ ହାରାବଳୀର ଭାଷା ସରଳ ଓ ସୁବୋଧ । ରଚନା ଅଳଙ୍କାରମଣ୍ଡିତ ହେଲେ ମଧ୍ୟ ଅର୍ଥବୋଧ ଓ ରସଗ୍ରହଣରେ ବ୍ୟାଘାତ ଘଟୁନାହିଁ । କବିସୂର୍ଯ୍ୟଙ୍କ ଶୃଙ୍ଗାରରସାଶ୍ରିତ ଏହି କାଳ୍ପନିକ ପ୍ରେମକାବ୍ୟଟି ସରସ ଓ ସରଳ ମାର୍ଜିତ ଭାଷାର ଏକ ଆଦର୍ଶ ସ୍ୱରୂପ । କୋଟିବ୍ରହ୍ମାଣ୍ଡସୁନ୍ଦରୀ, ବୈଦେହୀଶବିଳାସ ପରି ମାର୍ଜିତ ଭାଷାରେ ରଚିତ ହୋଇଥିଲେ ମଧ୍ୟ ଗ୍ରାହକର ଶବ୍ଦ ପାଣ୍ଡିତ୍ୟ ଉପରେ ବହୁ ସ୍ଥାନର ଅର୍ଥବୋଧ ନିର୍ଭର କରେ । ରସିକ ହାରାବଳୀ ସରଳ ଭାଷା-କାବ୍ୟର ଏକ ପ୍ରତୀକ ।

ସୁତରାଂ କଠିନ ଓ ସରଳ ଉଭୟ ଭାଷାରେ ସୁନ୍ଦର କବିତ୍ୱପୂର୍ଣ୍ଣ କାବ୍ୟ ରଚନା କରି ପାରନ୍ତି, ଏହା କୋଟିବ୍ରହ୍ମାଣ୍ଡସୁନ୍ଦରୀ ଓ ରସିକ-ହାରାବଳୀରୁ ପ୍ରମାଣିତ ହେଉଛି ।

(ଙ) ଚକଡେକ ଅମୃତ ପଦାବଳୀ—

(୧) ଲାବଣ୍ୟ ଲହରୀ ଶୋଭା ବଲ୍ଲଭୀ, ଉପଦ୍ରୁତି ଗୁଣ ଗର୍ଭରେ
ଲପନ ନଳିନ ଦୃଗକୁ ପୁଲକ ଶଳିଲାଞ୍ଜଳି ନାଭିରେ ।

ରସିକ, ସ୍ୱାଦ ଭୃଙ୍ଗ ନେତ୍ରମୀନ,
ଚଞ୍ଚଳାକ୍ଷ ସ୍ତନ ମଣ୍ଡଳ ଶମନ ଦଣ୍ଡେ ନିକ ଚାରୁ କରେ ମନ । ୯ ।
(୨ୟ ଛାନ୍ଦ)

(୨) ନାହିଁ ଏଣେ କାଣ୍ଟି ଶ୍ରୀରୁ ଦର୍ଶନ,
ଆଗ ଜନଙ୍କୁ ସମାନ ସ୍ୱପ୍ନ । ।୯। (୪ର୍ଥ ଛାନ୍ଦ)

(୩) ଅଠାକାଠି ସ୍ତ୍ରାସ୍ତ ତାର ଲୋଚନ,
ଲାଗି ରହିଲା ନୟନ ଖଞ୍ଜନ । ୧୨ । (୪ର୍ଥ ଛାନ୍ଦ)

(୪) ବଧୂଠାରୁ କଢ଼ ନାହିଁ କେଳିରେ,
ସଦେଇ ସନେ ସରସେ ଦେଇ ନରେ । ୧୭ । (୪ର୍ଥ ଛାନ୍ଦ)

(୫) ପ୍ରୀତି କର କଥାଏ ହସୁଣାଇ,
ଜବ ଶୁଦ୍ଧାଧାଏ ମନ୍ଦ ନ ଯାଇ । ୧୮ । (୪ର୍ଥ ଛାନ୍ଦ)

(୬) ସୁବାକାଳି ରାଜା ପଦ ଉପରେ,
ମନ ରାଜା ଟୁକ୍‌କାଳ ଉପରେ । ୧୯ । (୪ର୍ଥ ଛାନ୍ଦ)

(୭) ସନ୍ତୁଷ ନାହିଁକି ଯେ ସାହାର ଯେ ତାହାର,
ଦେଖି ଦେଖା ଯାଏ ସିନା ମଝଟେ ଅନ୍ତର । ୭ । (୭ମ ଛାନ୍ଦ)

(୮) ଯୋଗୀଙ୍କ ଯୋଗ ଦୁଅନ୍ତା ନାଶ, ସତ୍ତ୍ୱ ହେଲେ ଆତ୍ମା ମଧ୍ୟନାଶ ।
ମନ ଯହିଁ ଯାଏ ଦେହ ସେହି ସଙ୍ଗେ ହେଉ ଥାନ୍ତା ପୃଥ୍ୱୀ ସରବେଶ ।
। ୨୪ । (୮ମ ଛାନ୍ଦ)

(୯) ରାଜାଙ୍କୁ ଦେଖିବାର ସ୍ୱାନନ୍ଦ, ସୁବାକୁ ଦେଖିବାର ପରୀକ୍ଷ
କଷ୍ଟେ ଉପଲବ୍ଧ ଭଞ୍ଜ ଗାରବର, ଏଥୁଁ ବଳ ଆଉ ନାହିଁ କଷ୍ଟ । ୨୫ ।
( ୮ମ ଛାନ୍ଦ )

(୧୦) ଲୁଚିବାବେଳେ ସୁକେଶୀ, ଅଧର କି ଶୋଭା ଦେଲି ।
ଶୁଦ୍ଧ ସୁନ୍ଦର ରଶ ଅନୁଭବ ହୋଇଲେ କି ମିଶାମିଶି । ୪ ।
( ୯ମ ଛାନ୍ଦ )

(୧୧) ସ୍ୱର୍ଣ୍ଣ କମଳ ଶୋଚନା ରଚନା ମୁକ୍ତଲୋଚନା କର ଲକ୍ଷିତାରକୁ
ଜୀବିତ ତପଲେ ।୨୦। (୧୨ଶ ଛାନ୍ଦ)

(୧୨) ରତି ମଦନ ସ୍ୱେଦେଲି ମଳାନ ପ୍ରାତେ କି ନ ଶୋଭନ୍ତି । × । ୪ ।
(୧୩ଶ ଛାନ୍ଦ)

(୧୩) କେତେଛ ସୁମନ ମିଳିଲେକି ମନ ଭୃଙ୍ଗର ମାଳତୀରେ × । ୩ ।
(୧୩ଶ ଛାନ୍ଦ)

(୧୪) ତାଙ୍କୁ ସ୍ୱପନ ମୋର ଲୋଚନ ବିଷୟ କରାଇବା,
ଶୁଣିକି ସଖି ମୁଁ ଅନୁସରି କରିବେ ଆଉ ସେବା ।୧। (୧୩ଶ ଛାନ୍ଦ)

(୧୫) ଲକ୍ଷଣିଙ୍କର ଖଣ୍ଡ ଦାନ୍ତ କି କରି କଇଁଶ୍ୱେତର ପୟୋଧର ଧରି ।
ମୁଖ ଶୋଧନ ଦରହାସିଙ୍କ ଭାବ ଭାରିକେଶ ହାସ ଆଦରିବରି ।
।୧୧। (୧୪ଶ ଛାନ୍ଦ)

(୧୬) କୋଳେ କି ଆଶେ ପରଶ ଭାର୍ଗ ଭ ବଶେ ଧଶେ ଖଣେ ଖଣେ ନ
ଧଶେ ଭଶେ । କୋଟିପ୍ରଭା ସେ ଦାସେ ଲଭା ସୁରୁଖେ ରୁଖେ
ଘଷିଜନ ସ୍ନେହାସେ ହାସେ । × । ୨୦ । (୧୪ଶ ଛାନ୍ଦ)

କାବ୍ୟର ବୈଶିଷ୍ଟ୍ୟ : ସ୍ଥାନ ନିର୍ଦ୍ଦେଶ—ରସିକହାରାବଳୀରେ ବିରହାନୁଭୂତି ଶ୍ରେଷ୍ଠ ସ୍ଥାନ ଅଧିକାର କରିଛି । ସମଗ୍ର କାବ୍ୟର ୧୫ଟି ଛାନ୍ଦ ମଧ୍ୟରୁ ୮ମ, ୯ମ, ୧୦ମ, ୧୧ଶ, ୧୨ଶ, ୧୩ଶ, ୧୪ଶ ଛାନ୍ଦ—ଏହି ସାତଟି ଛାନ୍ଦର ବିରହାନୁଭୂତି ହିଁ ବିଷୟ ବସ୍ତୁ ।

୭ମ ଛାନ୍ଦରେ ନାୟକର ବିରହ ଆରମ୍ଭର ସୂଚନା ଛାନ୍ଦର ପ୍ରାନ୍ତରେ ଦିଆଯାଇଛି ।

୮ମ, ୯ମ, ୧୦ମ—ଏହି ତିନୋଟି ଛାନ୍ଦରେ ନାୟକ ଭ୍ରମରକୁ ସମ୍ବୋଧନ କରି ନିଜର ବିରହକାହାଣୀ ପ୍ରକାଶ କରିଛନ୍ତି । କେତେକ ଜୀବନର ଦାମ୍ପତ୍ୟ ଲୀଳା ଅବିସ୍ମରଣୀୟ ଘଟଣାକୁ ମନେ ପକାଇ ପ୍ରିୟାର ଗୁଣ ଗୁଣି ନାୟକ କାତର ହୋଇଛନ୍ତି ।

ବିରହାନୁଭୂତିରେ ପ୍ରକୃତିର ସ୍ଥାନ ମଧ୍ୟ ଅଛି । କିନ୍ତୁ ଋତୁ ପ୍ରଭାବ ଜନ୍ୟ ଋତୁର ବିଶଦ ବର୍ଣ୍ଣନା କାବ୍ୟରେ ନାହିଁ । ନାୟକ, ନାୟିକାଙ୍କ ପ୍ରେମମୟ ଜୀବନର କେତେକ ରସପୂର୍ଣ୍ଣ ଘଟଣା ଏହି ବିରହାନୁଭୂତିରେ ବିଶେଷ ପ୍ରାଧାନ୍ୟ ବିସ୍ତାର କରିଛି ।

୧୧ଶ ଛାନ୍ଦରେ ହେମନ୍ତ ଓ ୧୨ଶ ଛାନ୍ଦରେ ବସନ୍ତ ଋତୁରେ ନାୟକର ଅନୁଚିନ୍ତା, ୧୩ଶ ଛାନ୍ଦ, ୧୪ଶ ଛାନ୍ଦରେ ବର୍ଷାଋତୁରେ ନାୟିକାର ଅନୁଚିନ୍ତା ବ୍ୟକ୍ତ ହୋଇଛି ।

ବିରହାନୁଚିନ୍ତନରେ ଋତୁ ବର୍ଣ୍ଣନାର କୁଶଳତା, ପାଣ୍ଡିତ୍ୟ ଜୀବନର ଅନନୁକରଣୀୟ ଘଟଣାର ବାହୁଲ୍ୟ, ଏହି କାବ୍ୟର ବିଶେଷତ୍ୱ ।

ପ୍ରାକୃତିକ ବର୍ଣ୍ଣନାର ପ୍ରାଚୁର୍ଯ୍ୟ ମଧ୍ୟ କାବ୍ୟରେ ନାହିଁ । ଶ୍ରୀକ୍ଷେତ୍ର ଓ ଇଲାବୃତ ଖଣ୍ଡର ବର୍ଣ୍ଣନା ସଂକ୍ଷିପ୍ତ ହୋଇଛି ।

ନାୟକନାୟିକାର ରୂପବର୍ଣ୍ଣନା ଅଳ୍ପ ସ୍ଥାନ ଅଧିକାର କରିଛି ।

କାବ୍ୟର ପରିକଳ୍ପନାରେ କଳେବରର କ୍ଷୁଦ୍ରତା ଲକ୍ଷ୍ୟ ଥିବାରୁ ବିଭିନ୍ନ ବିଷୟର ପଲ୍ଲବିତ ବର୍ଣ୍ଣନାର ଅବକାଶ ରହି ନାହିଁ ।

ଚନ୍ଦ୍ରଶ୍ରେଣୀର ବର୍ଣ୍ଣନା ସଂକ୍ଷେପ ହେଲେ ମଧ୍ୟ କବିତା ମାଧୁର୍ଯ୍ୟରେ ପରିପୂର୍ଣ୍ଣ ହୋଇଛି ।

କାବ୍ୟଟି କ୍ଷୁଦ୍ର ହେଲେ ମଧ୍ୟ ରୂପକ, ଯମକ, ଅନୁପ୍ରାସ, ବିରୋଧାଭାସ, ଶ୍ଳେଷ ପ୍ରଭୃତି ଅଳଙ୍କାରର ପ୍ରୟୋଗ ପଦାବଳୀକୁ ମଧୁର, କୋମଳ ଓ ସରସ କରିଛି ।

କାବ୍ୟର ନାୟିକାକୁ କବିଙ୍କ ଜନ୍ମଭୂମି ଉତ୍କଳର କନ୍ୟା କରିଥିବାରୁ କବି ଶ୍ରୀକ୍ଷେତ୍ର ବର୍ଣ୍ଣନାର ସୁଯୋଗ ଗ୍ରହଣ କରିବା ସଙ୍ଗେ ସଙ୍ଗେ ଜାତିପ୍ରେମ-ପ୍ରକାଶ ଗୌରବର ମଧ୍ୟ ଅଧିକାରୀ ହୋଇ ପାରିଛନ୍ତି ।

କୋଶଳକୁ ଦକ୍ଷିଣ କୋଶଳ ବୋଲି ଗ୍ରହଣ କଲେ ନାୟକ ନାୟିକା ଉଭୟ ପ୍ରାକୃତିକ ଉତ୍କଳର ନରନାରୀ ହେବେ ।

ସଂକ୍ଷେପରେ ରଚିତ କାବ୍ୟଖଣ୍ଡିରେ ଏହି ବିଶେଷତ୍ୱ ଗୁଡ଼ିକ ଦେଖା-ଯାଏ—

(କ) (୧) ଶ୍ରୀକ୍ଷେତ୍ର ବା ଜଗନ୍ନାଥ କ୍ଷେତ୍ରର ମାହାତ୍ମ୍ୟ;
(୨) ଶ୍ରୀ ଜଗନ୍ନାଥଙ୍କ ମାହାତ୍ମ୍ୟ ଓ ତତ୍ତ୍ୱ;
(୩) ଶ୍ରୀ ଜଗନ୍ନାଥ ଦେବଙ୍କ ଚନ୍ଦନ ଯାତ୍ରାର ଜାଜ୍ଜ୍ୱଲ୍ୟପୂର୍ଣ୍ଣ ପ୍ରତ୍ୟକ୍ଷ ବିବରଣ ।

(ଖ) ଉତ୍କଳକୁ ନାୟିକାର ଜନ୍ମସ୍ଥାନ କରି କବିଙ୍କ ଜାତୀୟଭାବର ପ୍ରକାଶ ।

(ଗ) ଉତ୍କଳର ବୈବାହିକ ସାମାଜିକ ପ୍ରଥାଗତ ଅନୁକୂଳ ସାମନ୍ତ କନ୍ୟାଙ୍କ ବିବାହୋତ୍ସବରେ ବର୍ଣ୍ଣିତ ହୋଇଥିବାରୁ କବି ସମସାମୟିକ ସମାଜର ଚିତ୍ର ପ୍ରଦାନ କରିଥିବା ସ୍ପଷ୍ଟ ।

(ଘ) କବିଙ୍କ ଜୀବନର ବିବାହ, ବହୁବିଧ ଅନେକ ଘଟଣାର ଛାୟା କାବ୍ୟରେ ପ୍ରକାଶିତ ହୋଇଥିବା ଅନୁମାନ କରାଯାଏ ।

(ଙ) କବି ନାୟକଙ୍କୁ 'ସରବର' ଉପାଧିରେ ଭୂଷିତ କରିଛନ୍ତି । ଏଥିରେ ନିଜ ଉପାଧିର ସୂଚନା ଥିବା ଅନୁମାନ କରାଯାଇ ପାରେ । ନାୟକର ବଂଶ ମଧ୍ୟ କବିଙ୍କ ବଂଶ ପରି ସୂର୍ଯ୍ୟବଂଶ । ଏହି ଆପାତ ସାମ୍ୟ ଦୃଷ୍ଟିରୁ କବି ନିଜେ ନାୟକ ଥିବା ଏବଂ କାବ୍ୟ ଚରିତଟି ସ୍ୱ ଜୀବନର ଏକ ଚିତ୍ର ଥିବା ଅନୁମାନ ମଧ୍ୟ କରାଯାଇ ପାରେ ।

(ଚ) ନାୟିକାକୁ କବି ଉତ୍କଳ ଦେଶର ବୋଲି ବର୍ଣ୍ଣନା କରିଥିବାରୁ କବିଙ୍କ ସ୍ୱଦେଶ ପ୍ରୀତିର ନିଦର୍ଶନ ଏଠାରେ ମିଳୁଛି ।

## ସୁବର୍ଣ୍ଣ ରେଖା

ସୁବର୍ଣ୍ଣରେଖା କାବ୍ୟଟି ଆକାରରେ ଅତି କ୍ଷୁଦ୍ର; କେବଳ ପାଞ୍ଚଟି କ୍ଷୁଦ୍ର କ୍ଷୁଦ୍ର ଛାନ୍ଦରେ ସମ୍ପୂର୍ଣ୍ଣ ହୋଇଛି । ପ୍ରଥମ ଛାନ୍ଦରେ ନାୟକ-ନାୟିକାର ପରିଚୟ ବିବାହ ଓ ନାୟକର ପ୍ରବାସ; ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ଛାନ୍ଦରେ

ବର୍ଣ୍ଣୀ ବୃତ୍ତରେ ନାୟକର ବିରହ; ପଞ୍ଚମ ସ୍ଥାନରେ ନାୟକର ପ୍ରବାସରୁ ପ୍ରତ୍ୟା-ଗମନ ପରେ ନାୟିକା ସହିତ ମିଳନ ବର୍ଣ୍ଣିତ ହୋଇଛି ।

କୋଶଳାଧିପତିଙ୍କ କୁମର ଏ କାବ୍ୟର ନାୟକ । ନାୟିକା ଅନ୍ୟ ଦେଶର ମନ୍ତ୍ରୀଙ୍କର କୁମାରୀ । ଏମାନଙ୍କ ମଧ୍ୟରେ ଗାନ୍ଧର୍ବ ମତରେ ବିବାହ ସମ୍ପନ୍ନ ହୋଇଥିଲା ।

ବିବାହ ପୂର୍ବରୁ ରାଜକୁମାରମାନେ ସଖାମାନଙ୍କସହ ସଙ୍ଗ କରୁଥିଲେ ଏବଂ ସେଠାରେ ବେଶ୍ୟାମାନେ ନୃତ୍ୟ କରୁଥିଲେ । ନଟମାନେ ନାନା ଭଙ୍ଗୀରେ ହାସ ପରିହାସରେ ମନ ମୋହୁଥିଲେ । ଏ ପରିହାସରେ ନୃତ୍ୟକାରୀ ବେଶ୍ୟାମାନେ ମଧ୍ୟ ଯୋଗ ଦେଉଥିଲେ ।

ରାଜପୁତ୍ର ସହିତ ମନ୍ତ୍ରୀ କନ୍ୟାର ବିବାହ ରାଜକୁଳର ସମ୍ମାନ ବୋଲି ବିବେଚିତ ହେଉ ନ ଥିଲେହେଁ ଅନତିକ୍ରମ୍ୟ ବିଧି ଭାବରେ ନଥିଲା । ମନ୍ତ୍ରୀ କୁମାରୀ 'କୁଳେ ନୁହେଁ ସମ ହେଲେ ମଧ୍ୟ ତାହାର ଅପୂର୍ବ ଶୋଭାରେ ମୁଗ୍ଧ ହୋଇ ରାଜକୁମାର ଗାନ୍ଧର୍ବ ବିବାହ କରିଥିଲେ ।

ନାୟିକାର ଦେଶାଦି ବିଷୟର ପରିଚୟ କାବ୍ୟରେ ନାହିଁ, କେବଳ ନାମଟିର ଉଲ୍ଲେଖ ଅଛି । ନାୟକର ଦେଶର ପରିଚୟ ଅଛି କିନ୍ତୁ ତାଙ୍କର ନାମର ଉଲ୍ଲେଖ ନାହିଁ ।

ନାୟକ ନାୟିକାଙ୍କ ପିତା ମାତା, ଦେଶ, ଜନ୍ମ, ବୟଃ ବୃଦ୍ଧି ରୂପବର୍ଣ୍ଣନା ପ୍ରଭୃତି ବିଷୟ କାବ୍ୟରେ ନାହିଁ । କେବଳ ବର୍ଣ୍ଣୀ ବୃତ୍ତରେ ନାୟକର ବିରହ ବର୍ଣ୍ଣନା କରିବା କବିଙ୍କ ଲକ୍ଷ୍ୟ ଥିବାରୁ ନାୟକ-ନାୟିକା ଦୁହେଁ ଉପଲକ୍ଷ୍ୟ ରୂପେ ଗୃହୀତ ହୋଇଛି ।

କବି କାବ୍ୟବର୍ଣ୍ଣିତ ନାୟକ-ବିରହାନୁଭୂତି ପ୍ରସଙ୍ଗରେ କହନ୍ତି—

ହେମ ଶିଶିର ଯେ ବସନ୍ତ, ଗ୍ରୀଷମ, ବରଷା, ଶରଦ ପୁଣି,
ନାନା ବିନୋଦରେ ମଦନ ଉତ୍ସବରେ ବଞ୍ଚେ ରସିକ-ରମଣୀ ।

ଯାହା ଶୁଣିବେ ଶେଷ ହୋଇଲା ଏ ରସ ନବୀନ ରସିକ ବଶ ।
କହେ ଜନେ, ପ୍ରେମସୁଧାନିଧି ରସିକ-ହାରାବଳୀର ଏ ଶେଷ ।
ସୁବର୍ଣ୍ଣରେଖାର ବର୍ଣ୍ଣନା ସେତିକ ଉଦେଶ ଏଣୁ ଛନ୍ଦ ଗୀତ ।
କହେ ଉପେନ୍ଦ୍ର ନରବର ଅନୁଭବୁଁ ଏ ସଙ୍ଗତ । (ଶେଷ ଛାନ୍ଦ)

କାବ୍ୟଟିରେ ବର୍ଣ୍ଣିତ ରସ 'ଅନୁଭବରୁ ସଙ୍ଗତ' ବୋଲି କବି କହି ଥିବାରୁ କାବ୍ୟର ମର୍ଯ୍ୟାଦା ବୃଦ୍ଧି ପାଇଛି; ମାନବର ସାଧାରଣ ବୃତ୍ତି ଏଠାରେ ଚିତ୍ରିତ ହୋଇଛି । ଅସମ୍ଭବ, ଅଲୌକିକ କଳ୍ପନା ଏଥିରେ ନ ହେବାର୍ଥ ଛନ୍ତି ।

ରସିକ ହାରାବଳୀରେ ମଧ୍ୟ ଏପରି 'ଅନୁଭବ' ପ୍ରସଙ୍ଗର ଉଲ୍ଲେଖ କରିଛନ୍ତି ।

ଅନୁଭବରୁ ପ୍ରଯୋଗ ମାନସ ରଚନା,
ଶୁଣ ସୁରସିକମାନେ ହୋଇଣ ସୁମନା ॥ ୬ । ର: ହା: ।
(୧୯ ଛାନ୍ଦ)

ପ୍ରେମସୁଧାନିଧିର ନାୟକ କୋଶଳରାଜ୍ୟର ରାଜକୁମାର, ନାୟିକା କେରଳ ରାଜ କନ୍ୟା; ସୁବର୍ଣ୍ଣରେଖାର ନାୟକ ମଧ୍ୟ କୋଶଳ ଦେଶର ରାଜକୁମାର ।

ପ୍ରେମସୁଧାନିଧି, ରସିକହାରାବଳୀ ଓ ସୁବର୍ଣ୍ଣରେଖା ପ୍ରେମରସାତ୍ମକ କାବ୍ୟ ଥିବାରୁ କବି ଏହି ତିନୋଟି କାବ୍ୟର ସମାପ୍ତିର ଉଲ୍ଲେଖ କରିଛନ୍ତି ।

ସୁବର୍ଣ୍ଣରେଖାର ଭାଷା ସରଳ ଓ ହୃଦ୍ୟ । ଏହି କାବ୍ୟଟିରେ ଅଳଙ୍କାରର ପ୍ରୟୋଗ ନ ଥିଲେ ମଧ୍ୟ ରଚନା ସରସ ହୋଇଛି । ରସସୃଷ୍ଟି ତଥିର ସଂଖ୍ୟା ଅଧିକ ନ ହେଲେ ମଧ୍ୟ ଚିତ୍ର-ଶୂନ୍ୟ ନୁହେଁ ।

(୧) ମୋତେ ଅଙ୍ଗରେ ଭୂଷା ଦେଲ ଦେଲେ,
ମୁଣ୍ଡ ଲୁଆଁ ଫିଁ ଆଉ ସବୁଦେଲେ ।

ପାଉ ବୃକ୍ଷାଙ୍କୁ ପଶି ଅବନୀ,
ଚିତ୍ରକରେ ବେଢ଼ ଥାଇ ଭର୍ଣ୍ଣିମା । ୯ ।

କାଶ୍ମୀ ଅଜସ୍ର ଅଲସ ଫୁଲ୍ଲଇ,
ପଦେ ପଦେ କଳୁ ଥାଇ ଖେଲ୍ଲାଇ ।
ମୋର ନ ସ୍ଫୁରିଲା ବେଳ ଅନାଇ,
ସ୍ଫୁର୍ତ୍ତି ଦେଲେ ମହାବୃଷ୍ଟି ଜଗଇ । ୧୦ ।

ଦେବେ ହାସ୍ୟ ପରକାଶ ଉଦୟରେ,
ଶୋଭ ଦରେ ଲୁବ୍ଧବନ୍ତ ଅଧରେ ।
ମୋତେ ଘୃଷ୍ଟିବାକୁ ବଡ଼ ଗରଧା,
ନିଜ କୁଚଣ୍ଡ କନ୍ଧୁଥାଇ ବାଧା । ୧୧ । (୪ର୍ଥ ଛାନ୍ଦ)

(୨) ଲୁଧ କରିଯୁଥିଲ ଜାନଧନ, କରିଥିଲୁ କରିଲୁ ସମ୍ମାନ ।
ଲୋକମାନ ମାଂସଲ କସ୍ତୂରି, ଦୁର୍ଗ୍ରିପାଣି କି ଥିଆ ଶିଳାଟାଇ ।

## ରସପଞ୍ଚକ

ଉକ୍ତ ରସପଞ୍ଚକଟି ଉତ୍କଳର ଖ୍ୟାତ ଆଳଙ୍କାରିକ ବିଶ୍ୱନାଥ କବିରାଜଙ୍କ ସଂସ୍କୃତରେ ଲିଖିତ 'ସାହିତ୍ୟ ଦର୍ପଣ' ଓ 'ରସତରଙ୍ଗିଣୀ' ନାମକ ଅଳଙ୍କାର ଗ୍ରନ୍ଥର ସୂତ୍ର ଅନୁସରଣରେ ଲିଖିତ ହୋଇଥିବାରୁ ଏହି ଗ୍ରନ୍ଥକୁ 'ରସତରଙ୍ଗିଣୀ' ବୋଲି ମଧ୍ୟ କହନ୍ତି । ଗ୍ରନ୍ଥର ନାମକରଣର ସାର୍ଥକତା ଏପରି ଭାବରେ ବ୍ୟକ୍ତ ହୋଇଛି:—

ଗ୍ରନ୍ଥ ବୋଲି ଛାନ୍ଦ ଚଉପଦୀ ଚଉଦଶୀ ଗୀତ ପଞ୍ଚବିଧ ଗୀତେ ଥିବ,
ରସପଞ୍ଚକ ବର୍ଣ୍ଣିରେ ବର୍ଣ୍ଣିତ ହେବାରୁ ରସପଞ୍ଚକ ଏ ବୋଲାଇବ ।
ରସତରଙ୍ଗିଣୀ ଛନ୍ଦ ସାହିତ୍ୟ ଦର୍ପଣ କବିସମ୍ମତକ ଏ ଆସିବ,
କହାଇବ ତେଣୁ ଗୀତ ନାୟିକା ନାୟକ-ଲକ୍ଷଣର ସମ୍ପୂର୍ଣ୍ଣ ହେବ ।
(୧ମ ପଦ୍ମନ)

‘ରସପଞ୍ଚକ’ଟି ପଞ୍ଚବିଧ ଗୀତ ଥିବା କଥା ବ୍ୟକ୍ତ କରିଛନ୍ତି ।

କାବ୍ୟପ୍ରକାଶ, କବି-କଳ୍ପଲତା ଆଦି ସଂସ୍କୃତ ଅଳଙ୍କାର ଗ୍ରନ୍ଥସମୂହ ଅନୁସୃତି ରସପଞ୍ଚକରେ ବର୍ଣ୍ଣିତ ହୋଇଛି । ରସପଞ୍ଚକ ଗ୍ରନ୍ଥଟିରେ ସୂତ୍ର ଓ ଉଦାହରଣ ରୀତି ଚମତ୍କାର ଭାବରେ ବର୍ଣ୍ଣିତ ହୋଇଥିବାରୁ ଓଡ଼ିଶାର କବିମାନେ ‘ରସପଞ୍ଚକ’କୁ ପ୍ରଧାନ ଆଦର୍ଶ ଗ୍ରନ୍ଥ ରୂପେ ଗ୍ରହଣ କରି ଆସୁଅଛନ୍ତି ।

କବିତ୍ୱ ଖ୍ୟାତେ, ଅଳଙ୍କାର ରୀତେ, କରି ଆନ ଗ୍ରନ୍ଥ ବିଶେଷରେ ।
କାବ୍ୟ ପ୍ରକାଶ, ଦଶରୂପ ରସ, କବି କଳ୍ପଲତାର ଯେ ବିଶେଷ ।
କବିତ୍ୱସାର, ଯେତେକ ରୂପେ ସ୍ଥିତ, କଥାଣ ଦୃଷ୍ଟାନ୍ତେ ହେବ ପ୍ରଗଟ ।
(କ-କାର ବୋଲି)

ରସପଞ୍ଚକରେ ବୋଲି, ଛାନ୍ଦ, ଚଉପଦୀ, ଚଉତିଶା, ଭଣ — ଏହି ପାଞ୍ଚ ପ୍ରକାର ଗୀତ ଏଥିରେ ଥିବା କଥା ପ୍ରଥମ ‘ଧାଡ଼ି’ରେ ଉଦାହରଣରେ କହିଛନ୍ତି ।

ବୋଲି :—‘ରସପଞ୍ଚକ’କୁ ଗ୍ରନ୍ଥର ନାମରେ ଥିବା ପାଞ୍ଚଟି ଅକ୍ଷରକୁ ଆଦ୍ୟାକ୍ଷର ଯୋଗେ ‘ବୋଲି’ରେ ରଚନା କରାଯାଇଛି ।

ଯଥା—ପ୍ରଥମ ପଞ୍ଚକ—ର-କାର ବୋଲି ।
ଦ୍ୱିତୀୟ ପଞ୍ଚକ—ସ-କାର ବୋଲି ।
ତୃତୀୟ ପଞ୍ଚକ—ପ-କାର ବୋଲି ।
ଚତୁର୍ଥ ପଞ୍ଚକ—ଚ-କାର ବୋଲି ।
ପଞ୍ଚମ ପଞ୍ଚକ—କ-କାର ବୋଲି ।

ଛାନ୍ଦ ଓ ଭଣ ‘ବୋଲି’ର ଅନ୍ତର୍ଭୁକ୍ତ ।

ଛାନ୍ଦ :—ର-କାର ବୋଲିରେ ‘ସାତ ଦଣ୍ଡକ’ର ଉଦ୍ଦୀପନରୂପେ ବର୍ଣ୍ଣନା କରି କବି ଏକ ଛାନ୍ଦ ରଚନା କରିଛନ୍ତି । ଏହା ପ୍ରଥମ ଛାନ୍ଦ । ସ-କାର ବୋଲିରେ ବୃକ୍ଷ-କୁସୁମାଦିମାନଙ୍କର ରଚିତ ସ-କାର ଛାନ୍ଦ, ପ-ବୋଲିରେ ଭଗବତୀ ବେଶରେ ରଚିତ ପ-କାର ଛାନ୍ଦ, ଚ-ବୋଲିରେ

କେଦାର କାମୋଦୀ ରାଗରେ ଢ-କାର ଛାନ୍ଦ, ଭ-କାର ବୋଲିରେ ଚକ୍ରକେଳୀ ରାଗରେ ଲ-କାର ଛାନ୍ଦ ରଚିତ ହୋଇଛି ।

ବାଣୀ:—ପ୍ରତ୍ୟେକ ବୋଲିର ପ୍ରଥମ ଗୀତ ବା ଛାନ୍ଦଟି 'ବାଣୀ'ରେ ଗାଇବାକୁ ନିର୍ଦ୍ଦେଶ ଦିଆଯାଇଛି ।

ଖ-କାର ବୋଲିରେ—ଛପୋଇ ବାଣୀ ।
ଝ-କାର ବୋଲିରେ—ଶୃଙ୍ଗାରର ବାଣୀ ।
ଘ-କାର ବୋଲିରେ—ଗୋପାଳ ବାଣୀ ।
ତ-କାର ବୋଲିରେ—ଗୀତା ବାଣୀ ।
ନ-କାର ବୋଲିରେ—ବାଣୀର ଉଲ୍ଲେଖ ନାହିଁ ।

ଭଗ:—'ଭଗ' ସାଧାରଣ ଶ୍ରେଣୀର କାମୁକ ନାୟିକା, ବାରନାରୀଙ୍କ ନୃତ୍ୟରେ କୁହାଯାଇଛି । ଭଗ ବୋଲିବା ରୀତି ଏଥିରେ ଅନୁସୃତ ହୋଇଛି ।

ସୁମାକୁ ଖୁଣ୍ଟି, ବେଳ ବଳାଇ ଭଙ୍ଗୀ, ରହିଥାଇ ଅଣ ମୁଁ ତୋହ ଡଙ୍କୁଁ ।
ଲଗିଲେ ରଙ୍ଗ, ହେଲି ଉଦ୍ବେଗ, ରତ୍ନ ଦୋଳାଇଲେ ପଳାଇ ଦୂରେ ।
କୁଚକୁ ଦେଖି, ନଖେ ଲେଖି, ରତ୍ନ ଧରେନ ତେଣୁ ଡହ୍ର ମାମୁଁ ।
(ଭ-କାର)

ଏହି ଭଗକୁ 'ଦଣ୍ଡଭଗ' ବୃତ୍ତିରେ ଗାଇବାକୁ କବି ନିର୍ଦ୍ଦେଶ ଦେଇଛନ୍ତି ।

ଘ-କାର, ଡ-କାର, ଭ-କାର ଭଗ ମଧ୍ୟ 'ଦଣ୍ଡଭଗ' ବୃତ୍ତିରେ ଗାଇବାକୁ ନିର୍ଦ୍ଦେଶ ଅଛି ।

ଚଉତିଶା ଓ ଚଉପଦୀ:—ଉଦାହରଣ ବିଶେଷ ରୂପରେ ଉଦାହରଣ ସ୍ଥଳରେ ବ୍ୟବହୃତ ହୋଇଛି । ଚୌପଦୀରେ ରାଗ ଓ ତାଳର ନିର୍ଦ୍ଦେଶ ଅଛି । ପ୍ରତ୍ୟେକ ବୋଲିରେ ଏକାଧିକ ଚୌପଦୀ ଅଛି । ଚୌପଦୀମାନଙ୍କରେ ୪, ୫, ୬ ପଦ ଥିବା ଦେଖାଯାଏ; ୫ଟି ପଦ ଥିବା ଚୌପଦୀର ସଂଖ୍ୟା ଅଧିକ ।

ଗ୍ରନ୍ଥର ସୂଚୀ:—ଗ୍ରନ୍ଥଟିରେ ନାୟକନାୟିକା ଲକ୍ଷଣ, କନ୍ଦର୍ପର ଦଶ-ଦଶା, ନବରସ, ଅନୁସାତ୍ତ୍ୱିକ, ଉଦ୍ଦୀପନ, ଆଲମ୍ବନ, ସଞ୍ଚାରିକା ଭାବ ପ୍ରଭୃତିର ମୂଳ ଓ ଉଦାହରଣ ଗୀତାଦି ମୁଖ୍ୟ ବିଷୟ ।

ପ୍ରଥମ ସ୍ତବକ :—ରସର ବୋଲ :—ବାଣୀରେ—ରସ—ଶୃଙ୍ଗାର, ହାସ, କରୁଣ, ଅଦ୍ଭୁତ, ବୀର୍ଯ୍ୟ, ଭୟାନକ, ରୌଦ୍ର, ଶାନ୍ତ ।

ଛାନ୍ଦରେ—ଉଦ୍ଦୀପନ, ଆଲମ୍ବନଭାବ । ଚୌପଦୀରେ—ନବାଲୁବଧ, ବୃଦ୍ଧ ସ୍ୱପ୍ନ, ପଞ୍ଚାଙ୍ଗ, ଦୂତୀ ନିବେଦନ, ପ୍ରାପ୍ତି ଇଚ୍ଛା, ବଚସ୍ୱ, ବସନ୍ତ ଧନ—ଯୌବନ, ନାୟକର ବିଦେଶ ଗମନେ ଚିନ୍ତା, ଦେମଲଶୀ ।

ଚଉତିଶାରେ—ନାୟକର ଯେ ବିଧି ଉତ୍ସାହ, ବୃହତ୍‌ଲେଖନ । ଅଷ୍ଟାବର୍ଣ୍ଣ ଅନ୍ତରଦଶା । ଉପରେ ନାୟକର ବଚନ; କାମିନୀ ପୁଂସଙ୍କ ଉତ୍ତରପ୍ରଦାନ ।

ଦ୍ୱିତୀୟ ପଞ୍ଚକ—ରତିବୋଧନା—ଭୃତ, ସନ୍ଧ୍ୟା, ଉତ୍ତଭାଳ, ଅନ୍ଧକାର, ସାହସ, ଚତୁର ସୁରତ ଗୋପନ । ନାୟକ—ଶଠ, ନାୟିକା—ମଧ୍ୟାଧୀରା, ନାୟକ ଦକ୍ଷିଣ—ମଧ୍ୟା ଅଧୀରା । ନାୟକ ଧୃଷ୍ଟ—ମଧ୍ୟାଧୀରା ଅଧୀରା, ପ୍ରଗଲ୍‌ଭା ଧୀରା । ନାୟକ ଅନୁକୂଳ । ପ୍ରଗଲ୍‌ଭା ଅଧୀରା—ନାୟକ ଧୃଷ୍ଟ । ପ୍ରଗଲ୍‌ଭା ଧୀରା ଧୀରା ନାୟକ ଶଠ । ନାୟିକା—ପ୍ରେମଗର୍ବିତା, ବାକ୍‌ଚାତୁ ଗର୍ବିତା, ରୂପଗର୍ବିତା, ଜ୍ୟେଷ୍ଠା କନିଷ୍ଠା, ଉତ୍କଣ୍ଠା । ସ୍ୱାଧୀନଭର୍ତ୍ତୃକା, ବାସକ ସଜ୍ଜା, ବିପ୍ରଲବ୍ଧା, ବାସକୋତ୍କଣ୍ଠିତା, ପ୍ରୋଷିତ ଭର୍ତ୍ତୃକା, କଳହାନ୍ତରିତା, ଅଭିସାରିକା, ଖଣ୍ଡିତା, ପ୍ରୋଷିତ ପତିକା । ଅନୁଦଶ ଭଙ୍ଗ । ଅବତୀର୍ଣ୍ଣ ଯୌବନା, ଅବତୀର୍ଣ୍ଣ ଯୌବନ ବିକାର, ସମ୍ମୁଖ ଲଜ୍ଜାବତୀ, ରତୌ ବାମ, ମାନେ ମୃଦୁ, ପ୍ରାରୂଢ଼ ସ୍ମର, ଅତ୍ୟନ୍ତ ସୁରତା, ପୂରିତ ଯୌବନା, ବ୍ରୀଡ଼ିତା, ସ୍ୱବୋଦ୍ଧାଶ୍ରୀ, କତିପ ସୁରତଜ୍ଞ, ଅନ୍ୟାନ୍ତ ନାୟିକା, ସୂରଜ, ସ୍ୱକ୍ରୀଡ଼ା, ଗାଢ଼ ତାରୁଣ୍ୟ । ବେଶ୍ୟା ପ୍ରଶଂସା, ବେଶ୍ୟା ନିନ୍ଦା, ବେଶ୍ୟା ପ୍ରୋଷିତଭର୍ତ୍ତୃକାଦି ଅଷ୍ଟବିଧ ନାୟିକା ।

ତୃତୀୟ ପଞ୍ଚକ—ଷୋଡ଼ଶ ଅଲଙ୍କାର—ଭାବ, ହାବ, ହେଲା, କାନ୍ତି, ଦୀପ୍ତି, ମାଧୁର୍ଯ୍ୟ, ପ୍ରଗଲ୍‌ଭତା, ଔଦାର୍ଯ୍ୟ, ଧୈର୍ଯ୍ୟ, ଲୀଳା,

ବିଳାସ, ବିଚ୍ଛିତ୍ତି, ବିବ୍ବୋକ, କିଳକିଞ୍ଚିତ, କୁଟ୍ଟମିତ, ମୋଟ୍ଟାୟିତ, ବିଭ୍ରମ, ଲଳିତା, ମଦ, ବିହୃତ, ତାପ, ମୌଗ୍ଧ୍ୟ, ବିକ୍ଷେପ, କୁତୂହଳ, ହସିତ, ଚକିତ ଓ କେଳି ।

କେଳି — ଗାତ୍ରରତା, ବପସ୍ତନ, ଉଦ୍ଭାନ୍ତ, ଉତ୍ତରଜ୍ଞା, ମୁଗ୍ଧା ଉରସ୍ପୃଷ୍ଟ, ମଧ୍ୟା ହୃଦସ୍ପୃଷ୍ଟ, ପ୍ରଗଲ୍ଭା ଉଦସ୍ପୃଷ୍ଟ, ପ୍ରୀତ ଉତ୍କଟ, ପ୍ରାରୂଢ଼ ମୁଗ୍ଧା ।

କନ୍ଦର୍ପର ଦଶଦଶା — ଅଭିଳାଷ, ଚିନ୍ତା, ସ୍ମୃତି, ଗୁଣକଥନ, ଉଦ୍‌ବେଗ, ପ୍ରଳାପ, ଉନ୍ମାଦ, ବ୍ୟାଧି, ଜଡ଼ତା, ମୂର୍ଚ୍ଛା ।

ଅନୁଭାବିକ — ପ୍ରକାଶ, ସ୍ୱେଦ, ରୋମାଞ୍ଚ, ସ୍ୱରଭଙ୍ଗ, ବେପଥୁ, ବୈବର୍ଣ୍ଣ୍ୟ, ଅଶ୍ରୁ, ପ୍ରଳୟ ।

ଅନୁଭାବିକ ଦଣ୍ଡ — ପ୍ରକାଶ ସ୍ତମ୍ଭ, ସ୍ୱେଦ, ରୋମାଞ୍ଚ, ସ୍ୱରଭଙ୍ଗ, ବେପଥୁ, ବୈବର୍ଣ୍ଣ୍ୟ, ଅଶ୍ରୁ, ପ୍ରଳୟ ।

ଚତୁର୍ଥ ଛାନ୍ଦ :—ପଦାନ୍ତ ବର୍ଣ୍ଣନା । ନାୟିକା—ମୁଗ୍ଧା, ମଧ୍ୟା । ପ୍ରବଳ ଭଙ୍ଗ ପ୍ରୀତ ଓ ରତି, ପ୍ରବାସ । ଚମ୍ପକ ଆଲମ୍ବନ, ଯମୁନା ଝଡ଼ । ପ୍ରକାଶୀର ଉଦ୍ଧ୍ୟାବର୍ତ୍ତନ । ଘୂର ଘୂର ନାୟିକା, ଘୂର ଘୂର ନାୟକ ଭେଦ । ସ୍ୱଭାବୋକ୍ତି ଅଳଙ୍କାର ।

ନାୟିକା—ଖଣ୍ଡିତା, ମଧ୍ୟା, ଧୀରା, ଅଧୀରା । ସ୍ୱୀୟା, ମାନିନୀ ।

ନାୟକ—ଶଠ, ବିପ୍ରଲମ୍ଭ ଶୃଙ୍ଗାର । ଆକ୍ଷେପାଳଙ୍କାର, ଶ୍ଲେଷାଳଙ୍କାର, ନାୟିକା କଳହାନ୍ତରିତା, ନାୟକ ଶଠ ବିପ୍ରଲମ୍ଭଶୃଙ୍ଗାର । ଦୈନ୍ୟ ସଂସୃଷ୍ଟ ଭାବ, ଜାତ୍ୟାଳଙ୍କାର ।

ନାୟିକା ସ୍ୱାଧୀନଭର୍ତ୍ତୃକା, ନାୟକ ଅନୁକୂଳ ପର୍ଯ୍ୟାୟ ଅଳଙ୍କାର । ନାୟିକା ପରକୀୟା, ଅଭିସାରିକା, ଶଙ୍କାସଂଯୁକ୍ତା ଭାବ । ଆକ୍ଷେପାଳଙ୍କାର । ରୂପକାଳଙ୍କାର ।

ନାୟିକା ସ୍ୱକୀୟା । ଅନୁକୂଳ ନାୟକ । ସମ୍ଭୋଗଶୃଙ୍ଗାର ।

ଅନୁରାଗ—ନୀଳୀ, କୁସୁମ୍ଭ, ମଞ୍ଜିଷ୍ଠା, ସୁରାନୁରାଗ, ଅଙ୍ଗାରକାନୁରାଗ, ଅଭ୍ରଶ୍ୟାମାନୁରାଗ, ପ୍ରୀଧକୁଡ଼ାନୁରାଗ, ପାଦଧାନାନୁରାଗ, ଉଦଶ୍ୱାଭାନୁରାଗ ।

ଦୋହଦ—ପ୍ରିୟଙ୍ଗୁ, କେତକୀ, ବକୁଳ, ଅମ୍ର, କୁରୁବକ, କର୍ଣ୍ଣିକାର, ସିନ୍ଦୁବାର, କୁମୁଦ, ଶ୍ୟାମା, ପୁନ୍ନାଗ, ଦେବଦାରୁ, ଚମ୍ପକ, କଦମ୍ବ ।

ଦୂତୀ—ସ୍ୱୟଂଦୂତୀ, ଜନ୍ମଦୂତୀ ।

ବିଦୂଷକ—ପୀଠମର୍ଦ୍ଦ, ବିଟ ଓ ଚେଟ ।

ପଞ୍ଚମ ପଟଳ ;—କଳାକରବିମ୍ବ (ଚନ୍ଦ୍ର) ବର୍ଣ୍ଣନା । ରୂପକ, ଉତ୍ପ୍ରେକ୍ଷା, ଉପମା ।

ବତିଶ ଦେଶ ସ୍ତ୍ରୀ ଲକ୍ଷଣ—ମାଳବ, ସିଂହଳ, କୋଶଳ, ମହାରାଷ୍ଟ୍ର, କଳିଙ୍ଗ ।

ଅଷ୍ଟକାଷ୍ଠ ନଖର ଚିହ୍ନ ଲକ୍ଷଣ—ଶଶପ୍ଳୁତ, ମଣ୍ଡଳକ, ମୟୂରପଦ, ଅର୍ଦ୍ଧଚନ୍ଦ୍ର, ଛୁରିତକ, ରେଖା ଲକ୍ଷଣ, ବ୍ୟାଘ୍ରପଦ, ଉତ୍ପଳପତ୍ର ।

ଅଷ୍ଟପ୍ରକାର ଦନ୍ତକ୍ଷତ ଲକ୍ଷଣ—ବିନ୍ଦୁ, ଉଚ୍ଛୁନକ, ଖଣ୍ଡାଭ୍ର, ଗୂଢ଼, ମଣି, ପ୍ରବାଳ, କୋଳଚର୍ବିତ, ବିନ୍ଦୁମାଳା ।

ଚୁମ୍ବନ ଲକ୍ଷଣ—ସଂପୂର୍ଣ୍ଣ, ଘଟିତ, ଜିହ୍ୱାଭ୍ରମଣ, ପୀଡ଼ିତ, ସ୍ଫୁରିତ, ଭ୍ରମର, ଓଷ୍ଠପାନ, ଆନ୍ଦୋଳିତ, ଉଦ୍‌ଘୃଷ୍ଟକ, ଓଷ୍ଠ ସମ୍ପୁଟକ ।

ଆଲିଙ୍ଗନ ଲକ୍ଷଣ—୫.୦ ପ୍ରକାର;—ବୃକ୍ଷାଧିରୂଢ଼କ, ବାହୁପାରୂଢ଼, ଉରୂପଗୂହନ, ଲଳିତିକ, ଚୂର୍ଣ୍ଣକଳ, ତିଳତଣ୍ଡୁଳ, ଲତାବେଷ୍ଟନ, ଜଘନୋପଗୂହନ ।

ଦଶଟିଶ ପୃଷ୍ଠାରେ ଉକ୍ତର ଅନୁକ୍ରମଣୀ ପ୍ରଦତ୍ତ ହୋଇଛି ।

ଗ୍ରନ୍ଥରେ ରତିପ୍ରୀତିଆଦି ଭେଦ ଓ ବ୍ୟବହାର ବାତ୍ସ୍ୟାୟନ କାମସୂତ୍ରାଦି ଗ୍ରନ୍ଥସଙ୍କେତ ହୋଇଥିବା କବି ପ୍ରକାଶ କରିଛନ୍ତି ।

× × କୁଚ ବାତ୍ସ୍ୟାୟନାଦେଶେ, କାମଶାସ୍ତ୍ର ସମ୍ମତିର କଲି ଅଳଙ୍କାରେ
(ଏ ଭାବ ହେଲା) ।

ଗ୍ରନ୍ଥରଚନା ସମୟ :—ଗ୍ରନ୍ଥଶେଷରେ କବିଙ୍କ ବଂଶ ପରିଚୟ ସମ୍ବନ୍ଧୀୟ କେତେକ କଥା ପ୍ରକାଶ ପାଇଛି । ଏହିପରି କବିଙ୍କୁ ରାଜା ବୋଲି ମଧ୍ୟ ଭଣିତାରେ ଲେଖିଥିବାରୁ କେତେକଲୋକ ତାଙ୍କ ପିତା ରାଜା ଜନକଙ୍କୁ

ଭଞ୍ଜଙ୍କ ମୃତ୍ୟୁ ହୋଇ ଯାଇଥିବା ସ୍ପଷ୍ଟ । ନୀଳକଣ୍ଠ ପ୍ରଦେଶରୁ ବିତାଡ଼ିତ ହୋଇଥିଲେ ମଧ୍ୟ ନିଜକୁ ରାଜା ବୋଲି ପରିଚୟ ଦେଉଥିଲେ ଏବଂ ତାଙ୍କ ପରେ ତାଙ୍କ ଜ୍ୟେଷ୍ଠପୁତ୍ର ଉପେନ୍ଦ୍ର ମଧ୍ୟ ପିତାଙ୍କ ପଦାଙ୍କ ଅନୁସରଣ କରିଥିଲେ । ପିତାପୁତ୍ର ଉଭୟେ ପ୍ରଦେଶତ୍ୟାଗୀ ରାଜାରୂପେ ପରିଚୟ ଦେଉଥିବାରୁ ଘୁମୁସର ସିଂହାସନରୁ ବିତାଡ଼ନ ସେମାନେ ସ୍ୱୀକାର କରୁ ନଥିଲେ, ଏହା ଅନୁମେୟ ।

ନୀଳକଣ୍ଠଙ୍କ ମୃତ୍ୟୁ ପୂର୍ବରୁ ସେ ଗ୍ରନ୍ଥଟି ଆରମ୍ଭ କରିଥିଲେ । ସେତେବେଳକୁ ସେ ପାଟକୁମାର ବା ରାଜାଙ୍କ ଜ୍ୟେଷ୍ଠପୁତ୍ର ଥିଲେ ।

ଉଚିତ ପାଟକୁମାର, ଯାତ୍ରା ସ୍ୱଦେଶୀ ବସ୍ତୁର
ଭୂଷଣ ଭୂରେ ଦୁର୍ଦ୍ଦିନର ପଦ ସୋଢ଼ି ଲାଭବ । ୪ । (ର କାଳ ବୋଲି)

ପକାର ବୋଲି ସ୍ତନା ବେଳକୁ କବି 'ଭଞ୍ଜରାଜ' ବୋଲି ପରିଚୟ ଦେଉଥିବାରୁ ସେତେବେଳକୁ ନୀଳକଣ୍ଠଙ୍କ ମୃତ୍ୟୁ ହୋଇ ଯାଇଥିବା ସ୍ପଷ୍ଟ ।

ସୁବାଣୀ ମଧ୍ୟା ଉଦ୍‌ଗୀତ ଏହୁ, ପଦେ ଉପେନ୍ଦ୍ର ଭଞ୍ଜରାଜ କହୁ ।
(ପ୍ର-କାଶ ବୋଲି)

ଉପେନ୍ଦ୍ରଙ୍କ ପିତା ସିଂହାସନରୁ ବିତାଡ଼ିତ ହୋଇଥିଲେ ମଧ୍ୟ ସେ କେବେ ତାଙ୍କ ରାଜସିଂହାସନ ଅଧିକାରକୁ ସ୍ୱୀକାର କରି ନଥିଲେ; ଉପେନ୍ଦ୍ର ପିତାଙ୍କ ପଦାଙ୍କ ଅନୁସରଣ କରିଥିଲେ ।

ନୀଳକଣ୍ଠ ଭଞ୍ଜ ଖ୍ରୀ: ୧୬୭୧ ଠାରୁ ଖ୍ରୀ: ୧୭୦୩ ପର୍ଯ୍ୟନ୍ତ ରାଜତ୍ୱ କରିଥିବା ଜଣାଯାଏ । ଏହି ବୃନ୍ଦାବନବର୍ତ୍ତୀ ଭିତରେ କବି ନିଜକୁ ପାଟକୁମାର ବୋଲି ପରିଚିତ କରାଇଥିବା ସମ୍ଭବ । ଖ୍ରୀ: ୧୬୮୬ ରେ ନୀଳକଣ୍ଠଙ୍କ ମୃତ୍ୟୁ ହୋଇଥିବା ଜଣାଯାଏ । ନୀଳକଣ୍ଠ ଜୀବିତ ଥିବା ପର୍ଯ୍ୟନ୍ତ ନିଜକୁ ରାଜା ବୋଲି ପରିଚିତ କରାଉଥିଲେ । ଅର୍ଥାତ୍ ପ୍ରାୟ ତେତିଶ ବର୍ଷ କାଳ ସେ ଏହି ଉପାଧି ଧାରଣ କରିଥିଲେ । ଏହି ସମୟରେ ଉପେନ୍ଦ୍ର ନିଜକୁ ପାଟକୁମାର ବୋଲି ପରିଚିତ କରାଉଥିଲେ ଏବଂ ଖ୍ରୀ: ୧୬୮୬ ରେ ପିତାଙ୍କ ମୃତ୍ୟୁ ପରେ 'ରାଜା' ଉପାଧି ଧାରଣ କଲେ । ପାଟକୁମାର ଥିବାବେଳେ କବି ରସପଞ୍ଚକର ପ୍ରଥମ

ବୋଲି ( ଲ-କାର ବୋଲି ) ରଚନା କରିଥିଲେ ଏବଂ ଖ୍ରୀ: ୧୭୩୬ ରେ ସେ ରାଜା ଉପାଧି ଧାରଣ କରିବା ପରେ 'ଶ-କାର ବୋଲି' ରଚିତ ହୋଇଥିଲା । ଏଥିରୁ ସ୍ପଷ୍ଟ ହେଉଛି ଯେ, ନୀଳକଣ୍ଠଙ୍କ ମୃତ୍ୟୁ ସମୟ ଖ୍ରୀ: ୧୭୩୬ କିମ୍ବା ତାର ଅଳ୍ପ ପୂର୍ବରୁ ନିଘଘଷକ ଆରମ୍ଭ ହୋଇଥିଲା ଏବଂ ନୀଳକଣ୍ଠଙ୍କ ମୃତ୍ୟୁ ପରେ ବା ଖ୍ରୀ: ୧୭୩୬ର ଅଳ୍ପ ସମୟ ପରେ ଏହା ଶେଷ ହୋଇଥିଲା ।

"ଶ କାର ବୋଲି"ରେ ଦୀନକୃଷ୍ଣ ଦାସଙ୍କ 'ଗୁଣସାଗର' ବାଣୀରେ ଗାଇବାକୁ ନିର୍ଦ୍ଦେଶ ଥିବାରୁ ଏହା ନିଶ୍ଚିତ ଗୁଣସାଗର ପରେ ରଚିତ ହୋଇଥିବା ସ୍ପଷ୍ଟ । ଦୀନକୃଷ୍ଣ କବିଙ୍କ ସମସାମୟିକ ହୋଇଥିଲେ ମଧ୍ୟ ତାଙ୍କର 'ଗୁଣସାଗର' ସେ ଲୋକପ୍ରିୟ ହୋଇ ସାରିଥିଲା ଏହା ସ୍ପଷ୍ଟ ହେଉଛି ।

କବି 'ଗୋପାଳ ବାଣୀ', 'ଗୀତା ବାଣୀ' ପ୍ରଭୃତିର ନାମୋଲ୍ଲେଖ କରିଛନ୍ତି । ଏହି ବାଣୀର ରଚକମାନଙ୍କର ପରିଚୟ ମିଳୁ ନାହିଁ; ତେବେ ଏମାନେ କବିଙ୍କ ପୂର୍ବବର୍ତ୍ତୀ ବା ସମସାମୟିକ ।

ବଂଶ ପରିଚୟ :—କବି ଶେଷ ବୋଲି ବା 'ଶ—ବୋଲି'ର ଶେଷରେ ନିଜର ବଂଶ ପରିଚୟ ପ୍ରଦାନ କରିଛନ୍ତି ।

ଚନ୍ଦ୍ର-ସୂର୍ଯ୍ୟବଂଶ ଦୃପ୍ତଶରରେ ଜନମ ପ୍ରକାଶ ଲାଭ କଲେ । ଏହି ବଂଶର ରାଜା ରଣଭଞ୍ଜ । ବଂଶାବଳୀ ଏପରି ଦିଆଯାଇଛି—

ରଣଭଞ୍ଜ
|
ପ୍ରତାପ — ହୋଗୀନାଥ
|
ଧନଞ୍ଜୟ
|
ନୀଳକଣ୍ଠ
|
ଉପେନ୍ଦ୍ର

କବିଙ୍କ ଆତ୍ମପ୍ରଶଂସା :—'କ-ବୋଲି'ର ଶେଷରେ କବି ନିଜର ଅତ୍ର ପ୍ରଶଂସା କରିଛନ୍ତି ।

କାଶୀପତିନାଥ, ତାହାଙ୍କ ସୁତ, କୃତଜ୍ଞ ନୀଳକଣ୍ଠଭଞ୍ଜ ସୁତ ।
କୁମର ଜ୍ୟେଷ୍ଠ, ଚତୁର ଶ୍ରେଷ୍ଠ, କବି—ପଣ୍ଡରେ ଅତି ପରିନିଷ୍ଠ ॥ ୧୯ ॥
କାବ୍ୟ, ନାଟକ, ଅଳଙ୍କାରଯୋଗ, କୋବିଦେ କେବଳ ବୋଲନ୍ତି ଏକ ।
କୋଷାଭିଧାନ, ଶାସ୍ତ୍ରେ ଜନ, କବିତ୍ୱ ଛନ୍ଦବନ୍ଧେ ନେ ସମାନ ॥ ୨୦ ॥
କଥିତ କୀର୍ତ୍ତି ଗୀତେ ଏମନ୍ତ, କାଳିଦାସ—ବାଣୀ ପଶ୍ଚେ ସ୍ଫୂର୍ତ୍ତି ।
କଳା-ପିଙ୍ଗଳ, ଶାସ୍ତ୍ରେ ଅନର୍ଗଳ, ଦେଖେ ପ୍ରବନ୍ଧ ସୁଧୀର ଭୁଜଳ ॥ ୨୧ ॥
କୁଜନେ ଯଶ, ନେକ ପ୍ରକାଶ, କବି ଗବ୍ଦପଟଳୁ ଗ୍ଳାଶ ।
କିଣ ତଣେ ପଞ୍ଚବ୍ୟାଧିଗୀତେ, କଲ୍ ପ୍ରାନ୍ତେ କବିଙ୍କ ହୃଦେ ॥ ୨୨ ॥
କବାର୍ଦ୍ଧ ନୋମ ପ୍ରେମ ସେ ପ୍ରକାଶ, କର ବଦନ ସୁଧୀ ବଙ୍ଗଦର ।
କବି ସୁହୃଦ, ଭୃତ୍ୟକୁମୁଦ, କଣ୍ଡିକାକୁ ମୋଦ ପୂର୍ଣ୍ଣିମା ଚନ୍ଦ୍ର ॥ ୨୩ ॥
ନନ୍ଦ ଏପରି ବିଭବ ବର୍ଣ୍ଣି, କୁମର ମତ ମଣନ ମଣାଣ ।
ତା ବ୍ୟ ବ୍ୟୋପଦ ଦେବାଙ୍କ ଏ ଗଦ, କଳଙ୍କ ଭାସ୍ୱ ଆଶୀର୍ବ୍ୟପଦ ॥ ୨୪ ॥
କରୁ ସରସ ଦ୍ରୁତ ବିଦ୍ରୂପ, କର୍ତ୍ତି କେଳର ଏ ଗୀତ ଗନ୍ଧ ।
ବୈଷ୍ଣବୀ ଭଞ୍ଜ ଉପେନ୍ଦ୍ର ଭଞ୍ଜ, କରେ ଧ୍ୟାନ ତାଙ୍କ ଚରଣ କଞ୍ଜ ॥ ୨୫ ॥

କବି ନିଜ ଗ୍ରନ୍ଥମାନଙ୍କର ମିଳ ପରିଚୟ, ନିଜର ପାଣ୍ଡିତ୍ୟ ଓ ଶିକ୍ଷା ପ୍ରଭୃତି ବିଷୟରେ ଏଥିରେ ଲେଖିଛନ୍ତି । ସେ ନାନାବିଧ ବସ୍ତୁ ପ୍ରବନ୍ଧ ଓ କାବ୍ୟ ରଚନା କରିଥିଲେ । କାବ୍ୟ, ଅଳଙ୍କାର, ଅଭିଧାନାଦି ଓ କଳାପିଙ୍ଗଳ ଶାସ୍ତ୍ରାଦିରେ ତାଙ୍କର ଅଗାଧ ପାଣ୍ଡିତ୍ୟ ଥିଲା । ତାଙ୍କ କାବ୍ୟନିର୍ମାଣ ରଚନା-ଶକ୍ତି ଅସାଧାରଣ ଥିବା ଓ ତାଙ୍କର କୀର୍ତ୍ତି ଅତୁଳନୀୟ ଥିବା ଲୋକମୁଖରେ କଥିତ ହେଉଥିଲା; ଏହି କାରଣରୁ ଲୋକେ କହୁଥିଲେ ଯେ ଉପେନ୍ଦ୍ରଙ୍କ ବାଣୀ "କାଳିଦାସ ବାଣୀ ପଶ୍ଚେ ସ୍ଫୁର୍ତ୍ତି" ହେଉଥିଲା । ସୁଧୀ, ବେଦଜ୍ଞ, ବଙ୍ଗବର, ସୁହୃଦମାନେ ଉପେନ୍ଦ୍ରଙ୍କୁ କାଳିଦାସଙ୍କ ସହିତ ତୁଳନା କରୁଥିବା ଅନେକ ଗୌରବର ବିଷୟ କହନ୍ତି; ଉପେନ୍ଦ୍ର ନିଜ ଏ ତୁଳନାର ଅତି ଯୋଗ୍ୟ

ଏଥିରେ ପ୍ରବେଶ ନାହିଁ । କବିଙ୍କ ଗୌରବ ତାଙ୍କ ଜୀବିତାବସ୍ଥାରେ ବ୍ୟାପିଥିବା ଅତି ସ୍ୱାଭାବିକ ବିଷୟ ।

କବି-ପରମ୍ପରାକୁ ଅନୁସରଣ କରି ଉପେନ୍ଦ୍ର ନିଜର ଆତ୍ମ-ପ୍ରଶଂସା କରିଛନ୍ତି; ଏଥିରେ ଅଯୁକ୍ତ କିଛି ନାହିଁ । ପ୍ରକୃତରେ ତୁଳନାରେ ଉପେନ୍ଦ୍ରଙ୍କର ଉକ୍ତି "କବିତ୍ୱ ଲକ୍ଷଣବନ୍ତ କେ ସମାନ" ବୋଲି ସାହସୀ କବି ଶତେକ କହିଛନ୍ତି ତାହା ଆତ୍ମ ପ୍ରଶଂସା ବା ଗର୍ବସୂଚକ ହେଲେ ମଧ୍ୟ ନିଶ୍ଚିତ ସତ୍ୟ ।

ଗ୍ରନ୍ଥର ବିଶେଷତ୍ୱ:—(୧) ରସପଞ୍ଚକଟି ପ୍ରଧାନତଃ 'ରସ' ଶାସ୍ତ୍ର ସମ୍ବନ୍ଧୀୟ । ଏହା ପୂର୍ବରୁ ଉତ୍କଳ ଭାଷାରେ 'ରସ' ସମ୍ବନ୍ଧୀୟ ପ୍ରାମାଣିକ ଶାସ୍ତ୍ର-ଗ୍ରନ୍ଥ କେହି ରଚନା କରିଥିବା ଜଣାଯାଏ ନାହିଁ; ଉଦାହରଣଗୁଡ଼ିକ ଏ ପ୍ରାମାଣିକ ଗ୍ରନ୍ଥର ମୂଲ୍ୟବାନ୍ କବିତା ଅଂଶ । ଉଦାହରଣ ସମ୍ବନ୍ଧେ କବି ବହୁ ଚଉପଦୀ, ଚଉତିଶା, ଛାନ୍ଦ, ବୋଲି ଓ ଗୀତ ଆଦି ବିବିଧ ଭାବରେ ରଚନା କରିଥିବାରୁ ଏହି ଗ୍ରନ୍ଥ କବି, ଆଳଙ୍କାରିକ ସମସ୍ତଙ୍କର ଆଦର୍ଶ ହୋଇ ରହିଅଛି ।

(୨) କବିଙ୍କ ବଂଶ ପରିଚୟ ଏହାର ଅନ୍ୟ ଏକ ବିଶେଷତ୍ୱ ।

(୩) କବି ନିଜକୁ ପାଟକୁମାର ଓ ରଜା ବୋଲି ପରିଚୟ ପ୍ରଦାନ କରିଛନ୍ତି ।

(୪) ଆତ୍ମ ପ୍ରଶଂସା ଓ କାଳିଦାସଙ୍କ ସହିତ ତୁଳନା ।

(୫) ରସପଞ୍ଚକ ରଚନା ପରେ ବହୁ ଓଡ଼ିଆ କବି ଏହାକୁ ଆଦର୍ଶ ରୂପେ ଗ୍ରହଣ କରିଥିବାରୁ ସଂସ୍କୃତ ରସଗ୍ରନ୍ଥମାନଙ୍କର ଆବଶ୍ୟକତା କେତେକ ପରିମାଣରେ ହ୍ରାସ ପାଇଛି । ଓଡ଼ିଆ ଭାଷା ଓ ସାହିତ୍ୟକୁ ବହୁଳ କ୍ଷେତ୍ରରେ 'ଆତ୍ମନିର୍ଭରଶୀଳ' କରିବାରେ ଏହି ଗ୍ରନ୍ଥଟିର ବିଶେଷ ଦାନ ରହିଛି ।

## ଗୀତାଭିଧାନ

ଗୀତାଭିଧାନଟି ପଦ୍ୟରେ ରଚିତ ଏକ ଶବ୍ଦକୋଷ ଗ୍ରନ୍ଥ । ଗ୍ରନ୍ଥର କଳେବର କ୍ଷୁଦ୍ର ହେଲେ ମଧ୍ୟ ରଚନା ପ୍ରଣାଳୀର କୌଶଳ ଏହାକୁ ବିଶେଷତ୍ୱ ଦାନ କରିଛି । କବି ସ୍ୱ-ପ୍ରଣାଳୀ ସମ୍ବନ୍ଧରେ ଏପରି ସୂଚାଇଛନ୍ତି—

ଗୀତ ଅଭିଧାନ ହୋଇ ସାବଧାନେ ଶୁଣ ସୁଜନେ ସନ୍ତୋଷେ,
ଅମର ତ୍ରିକାଣ୍ଡ ଯାଦବ ଶାଶ୍ୱତ ମେଦିନୀ ବିଶ୍ୱ ପ୍ରକାଶେ । ୧ ।
ଚତୁର ଶବଦ ଯେତେକ ତା କହିବା ଛନ୍ଦ ଅନ୍ତରର ମାନ,
ବୁଝାଇଲେ ମୂର୍ଖେ ବୁଝିବେ ଅକ୍ଳେଶେ ପ୍ରଶ୍ନେ କୋବିଦଜନ । ୨ ।
କ-ଠାରୁ କ୍ଷ-ଯାଏ ପ୍ରାନ୍ତାକ୍ଷର ଯେଣ ବର୍ଗ ବର୍ଗ ଏ ହୋଇବ,
ଏକା ଶବଦକୁ ନାନାର୍ଥେ ବୁଝାଇ କବିଙ୍କି ପ୍ରମୋଦ ଦେବ । ୩ ।
(୧ମ ଛାନ୍ଦ)

ଏହାର ଉଦାହରଣ;—

କ ବୋଲି ପବନ ଜଳକୁ କ ବୋଲି ବ୍ରହ୍ମାଙ୍କ ଶିରକୁ ସତ,
କୁ ବୋଲି କୁତ୍ସିତ କଥାକୁ ପୃଥ୍ୱୀକି ଶୁଣ ବୁଧେ ଦେଇ ଚିତ୍ତ । ୪ ।
ଅର୍କ ବୋଲି ଅର୍କ ପତ୍ରିକି ରବିଙ୍କି ତାମ୍ର ସ୍ଫଟିକ ଇନ୍ଦ୍ରକୁ,
ଅଙ୍କ ବୋଲି କାଖ କୋଡ଼ ଚିହ୍ନ ପାପ ଦୁଃଖ ଦୂଷଣ ରେଖାକୁ । ୫ ।
(୧ମ ଛାନ୍ଦ)

କ-ଅନ୍ତ, ଖ-ଅନ୍ତ, ଗ-ଅନ୍ତ ଇତ୍ୟାଦି ବର୍ଣ୍ଣଭେଦରେ ଉପେନ୍ଦ୍ର ଶବ୍ଦଗୁଡ଼ିକୁ ସଜ୍ଜିତ କରି ନାନାର୍ଥ ଲିପିବଦ୍ଧ କରିଛନ୍ତି । ଉପସଂହାରରେ ଭଣି କହିଛନ୍ତି—

ନାନାର୍ଥ ଗୀତ-ଅଭିଧାନ କଲି ମୁଁ ଯାର ଯାର ଯେତେକ ବାହୁ,
ଶବ୍ଦ ସମୁଦ୍ରର ପାର ହେବାକୁ କାହାର ସାମର୍ଥ୍ୟ ଅଛି ।
ମନ ଦେଲେ ମୂର୍ଖେ ପଣ୍ଡିତ ହୋଇବେ ବୁଧେ କରିବେ ପ୍ରଶଂସା,
ସଂସ୍କୃତ ଲିଙ୍ଗ ସଙ୍ଗରେ ଅବଂଶବୋଧକ ପ୍ରାକୃତ ଭାଷା ।
କ ଠାରୁ କ୍ଷ ଯାଏ ବର୍ଣ୍ଣ ରଚନା ଅକ୍ଷର ଧରି ହୋଇବ,
କହେ ଉପେନ୍ଦ୍ର ଭଞ୍ଜ ସଜ୍ଜନର ଲୋଡ଼ା ଶବ୍ଦ ଯେତେକ ।

କବି ଯେ 'ଶବ୍ଦ ସମୁଦ୍ର' 'ପାର' ହୋଇଛନ୍ତି ଏହା ତାଙ୍କର ଗୀତାଭିଧାନ ଦ୍ୱାରା ପ୍ରମାଣିତ ହେଉଛି ।

‘ଚିତ୍ରକାବ୍ୟ ବନ୍ଧୋଦୟ’ରେ ‘ଗୀତାଭିଧାନ’ର ନାମୋଲ୍ଲେଖ ଥିବାରୁ ଗ୍ରନ୍ଥଟି ଚିତ୍ରକାବ୍ୟ ବନ୍ଧୋଦୟ ପୂର୍ବରୁ ରଚିତ ହୋଇଥିବା ପ୍ରମାଣିତ ହେଉଛି ।

ପୁରୁଷୋତ୍ତମ ମାହାତ୍ମ୍ୟ ରଚନ, ନାନାକୋଷ ଶବଦ ଗୀତାଭିଧାନ ।
(୧ମ ଛାନ୍ଦ)

ଏହାଙ୍କ ପୂର୍ବରୁ ଓଡ଼ିଆ ଭାଷାରେ ଶବ୍ଦକୋଷ ରଚିତ ହୋଇଥିବା ଜଣାଯାଉ ନାହିଁ; ତାଙ୍କ ପରେ ‘ଧ୍ୱନିମଞ୍ଜରୀ’ ରଚିତ ହୋଇଛି । ଧ୍ୱନିମଞ୍ଜରୀରେ ଗୀତାଭିଧାନର କୌଶଳ ନାହିଁ । କବି ଓ ସାହିତ୍ୟପ୍ରେମୀମାନେ ଅମରକୋଷାଦି ସଂସ୍କୃତ କୋଷ ଗ୍ରନ୍ଥର ସାହାଯ୍ୟ ନେଉଥିବା ଉପେନ୍ଦ୍ର ଲକ୍ଷ୍ୟ କରନ୍ତି । ‘ଲକ୍ଷା’ରେ ଗୀତାଭିଧାନ ରଚନା ସେଥିରେ ଉପେନ୍ଦ୍ରଙ୍କ ପଥ ପ୍ରଦର୍ଶକ । ଛାତ୍ରାର୍ଥୀମାନେ ଗୀତାଭିଧାନକୁ ପ୍ରମାଣ ସ୍ୱୀକାର କରୁଥିବାର ବହୁଳ ଦୃଷ୍ଟାନ୍ତ ଦେଖାଯାଏ; ଏହା ଏହି ଗ୍ରନ୍ଥଟିର ଲୋକପ୍ରିୟତାର ଜ୍ୱଳନ୍ତ ପ୍ରମାଣ । ଓଡ଼ିଆଭାଷାରେ କୋଷଗ୍ରନ୍ଥ ଭଣ୍ଡାରକୁ ପ୍ରଥମ ମଣି ଦାନ କରି ଭଣ୍ଡାରର ସୁଯୋଗ ବଢ଼ାଇଛନ୍ତି ଏବଂ ମଣିଟି ଅମୂଲ୍ୟ ଥିବାରୁ ସେ ଅମର ହୋଇଛନ୍ତି ।

## ଚିତ୍ରକାବ୍ୟ ବନ୍ଧୋଦୟ

ପ୍ରାଚୀନ ଅଳଙ୍କାରିକମାନେ ‘ଚିତ୍ର’ କାବ୍ୟକୁ ରଚକର ପାଣ୍ଡିତ୍ୟର ପରିଚୟ ସ୍ୱରୂପ ଗ୍ରହଣ କରି ଅଛନ୍ତି । ଏଥିରେ ଶିଳ୍ପକଳା ସହିତ ଶବ୍ଦ-ଚୟନ-କୌଶଳ ଜଡ଼ିତ ଥିବାରୁ ବହୁ କବି ଏହି କ୍ଷେତ୍ରରେ ବିଚରଣ କରି ନାହାନ୍ତି । କବିତା ରୀତିକ ଦୃଷ୍ଟିରେ ଚିତ୍ର କବିତାର ସ୍ଥାନ ସେତେ ଉଚ୍ଚ ନ ଥିବାରୁ ଏହା ବହୁ କବିଙ୍କ ଦ୍ୱାରା ବର୍ଜିତ ହୋଇଛି । କିନ୍ତୁ କେତେକ କବି ସ୍ୱ ପ୍ରତିଭାର ବ୍ୟାପକତା ପ୍ରକାଶ କରିବା ନିମନ୍ତେ ‘କାବ୍ୟ-ରଚନା’ କ୍ଷେତ୍ରର ଏହି କୌଶଳରେ ଗ୍ରନ୍ଥ ରଚନା କରିଛନ୍ତି ।

ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ଚିତ୍ରକାବ୍ୟ ରଚକଙ୍କ ସଂଖ୍ୟା ଅତି ଅଳ୍ପ ଏବଂ ଏମାନଙ୍କ ଭିତରେ ଉପେନ୍ଦ୍ର ଭଞ୍ଜ ଶ୍ରେଷ୍ଠ ଓ ଆଦର୍ଶ ସ୍ଥାନୀୟ ହୋଇ

ରହିଛନ୍ତି । ଉପେନ୍ଦ୍ରଙ୍କ ପୂର୍ବରୁ ଚମ୍ପୂକବିତା ବର୍ତ୍ତମାନ ଥିବା ଜଣାଯାଉ ନାହିଁ; ତାଙ୍କ ପରେ ବନମାଳୀ, ଅଭିମନ୍ୟୁ ପ୍ରଭୃତି କିଛି କବିମାନେ ଚମ୍ପୂ କବିତା ରଚନା କରି ଯଶ ଅର୍ଜନ କରିଛନ୍ତି । ଚିତ୍ରକାବ୍ୟ କବିତା ଶ୍ରେଣୀରେ 'ଚିତ୍ରକାବ୍ୟ ବନ୍ଧୋଦୟ'ଟି ଶ୍ରେଷ୍ଠ ଓ ଆଦର୍ଶରୂପେ ସମ୍ମାନ ଲାଭ କରି ଆସୁଛି ।

ଚିତ୍ରକାବ୍ୟ ବନ୍ଧୋଦୟରେ ପ୍ରଦତ୍ତ ଗ୍ରନ୍ଥ ସୂଚୀ—ଏହା ପୂର୍ବରୁ "ଅଶେଷ ଚଉତିଶା, ଚଉପଦୀ, ଗୀତ, ଦୋହା, ଷୋଳପୋଇ, ଛଅ ପୋଇ" "ଇତ୍ୟାଦି କବିତ୍ୱ ଗଣନା ନାହିଁ ।"

| | |
|---|---|
| ୧ । ଚିତ୍ରଲେଖା | ୧୨ । ବୈଦେହୀଶ ବିଳାସ |
| ୨ । ହେମ ମଞ୍ଜରୀ | ୧୩ । ଅବନା ରସତରଙ୍ଗ |
| ୩ । ରସଲେଖା | ୧୪ । ରାମଲୀଳାମୃତ |
| ୪ । କାମକଳା | ୧୫ । ପ୍ରେମସୁଧାନିଧି |
| ୫ । ମଦନାରମ୍ଭ | ୧୬ । ରସିକ ହାରାବଳୀ |
| ୬ । ପ୍ରେମକଳା | ୧୭ । ଦୁଷ୍ଟବିଦାର |
| ୭ । ରସବନ୍ତି | ୧୮ । ରସପଞ୍ଚକ |
| ୮ । ମୁକ୍ତାବଳୀ | ୧୯ । ଲାବଣ୍ୟବତୀ |
| ୯ । ଛାନ୍ଦ ଭୂଷଣ | ୨୦ । ପୁରୁଷୋତ୍ତମ ମାହାତ୍ମ୍ୟ |
| ୧୦ । କଳାକଉତୁକ | ୨୧ । ଗୀତାଭିଧାନ |
| ୧୧ । ସୁଭଦ୍ରାପରିଣୟ | ୨୨ । କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ |
| | ୨୩ । ଚିତ୍ରକାବ୍ୟ ବନ୍ଧୋଦୟ |

ଅନ୍ୟମାନଙ୍କ ନାମରେ ଭଣିତା କରିଥିବା—

"ତ୍ରୈଲୋକ୍ୟ ମୋହିନୀ" ଆଉ "ପାଞ୍ଚ ସାତ ଗ୍ରନ୍ଥ ପୋଥି ।"

'ଚିତ୍ରକାବ୍ୟ ବନ୍ଧୋଦୟ'ରେ ଆଦର୍ଶ ଗ୍ରନ୍ଥରୂପେ ସଂସ୍କୃତ ଅମର ଦଣ୍ଡୀ କଳ୍ପଲତା, ସାହିତ୍ୟ ରତ୍ନାକର, ମାଘକାବ୍ୟ, ବିଦଗ୍ଧମଞ୍ଜରୀ, ଛନ୍ଦରତ୍ନାକରର ନାମ ସ୍ଥାନ ପାଇଛି ।

ଭେଦମାନ ସୃଷ୍ଟି ଉପାୟ ଅଛି,
ଯେଉଁ କବି ଯେତେ ଭେଦ ଘାଣ୍ଟି,
କବିକଲ୍ପଲତା ମତେ ଏ ଗ୍ରନ୍ଥ,
ସାହିତ୍ୟ ରତ୍ନାକର ମାଘବ ଦେବ ।   × (୧ମ ଛାନ୍ଦ)
ଏଥି ଅନନ୍ତେ ମେଧାସୀ ସୁବୁଦ୍ଧି,
ବୃନ୍ଦ ଚନ୍ଦ୍ରପ୍ରବନ୍ଧ ବନ୍ଧବଧି ।
ଛାନ୍ଦମଞ୍ଜରୀ ଛାନ୍ଦରତ୍ନାକର,
ଯେତେକ ବିଦଗ୍ଧ ମଣ୍ଡନ-ବସ୍ତୁର ।   (୨ୟ ଛାନ୍ଦ)

କବି ଚଉ, ଛାନ୍ଦ, ବନ୍ଧ ଓ ଏମାନଙ୍କର ପ୍ରକାରଭେଦ ମଧ୍ୟ ଦୃଷ୍ଟିରେ ଲୁଚାଇଛନ୍ତି । ବହୁ ପ୍ରକାର ଛାନ୍ଦଶୀଳ ରଚନା କରି ସାଧିବା ପରେ କବି "ଚଉ କବିତ୍ୱ"ରେ ମନଦେଇଥିବା ବ୍ୟକ୍ତ କରିଛନ୍ତି । ଏହି ଗ୍ରନ୍ଥରେ ଭବିଷ୍ୟତ୍ ଗ୍ରନ୍ଥ ସୃଷ୍ଟି ଏହାର ପ୍ରମାଣ ।

କବି କହୁଛନ୍ତି ଯେ ଛାନ୍ଦ ଓ ବନ୍ଧ ହେଉଛି ଦୁଇ ପ୍ରକାର । ଏଥିର କେତୋଟି ପ୍ରକାର ଏପରି ବ୍ୟକ୍ତ ହୋଇଛି—

ଛାନ୍ଦ:—ଶାର୍ଦ୍ଦୂଳ ବିକ୍ରୀଡ଼ିତ, ମଣ୍ଡୂକ, ତ୍ରୁଟି, ଲୋମ-ବିଲୋମ, ଭୁଜଙ୍ଗମ ଗତି ।

ବନ୍ଧଲିପିକା—ଶାସ୍ତ୍ରପ୍ରକାର ଓ ଅନ୍ତ୍ୟଲିପିକା—ଛଅପ୍ରକାର ।

ଏପରି ବହୁ ଛାନ୍ଦ, ବନ୍ଧର ପ୍ରକାର ଏ ଗ୍ରନ୍ଥରେ ସ୍ଥାନ ପାଇଛି ।

ଏ ଗ୍ରନ୍ଥ ଯେ କେବଳ ପଣ୍ଡିତଜନମାନଙ୍କ ପାଇଁ ଉଦ୍ଦିଷ୍ଟ ହୋଇଛି ଏହା କବି ସ୍ପଷ୍ଟଭାବରେ ଏଥିରେ ବ୍ୟକ୍ତ କରିଛନ୍ତି ।

ଏଥିଅନନ୍ତେ ମେଧାସୀ ସୁବୁଦ୍ଧି, ବୃନ୍ଦ ଚନ୍ଦ୍ରପ୍ରବନ୍ଧ ବନ୍ଧବଧି ।
ଛନ୍ଦମଞ୍ଜରୀ ଛନ୍ଦରତ୍ନାକର, ଯେତେକ ବିଦଗ୍ଧ ମଣ୍ଡନ-ବସ୍ତୁର ।
ଶିଖିଥିଲେ ଜନ ଦେଖି ଏ ପୋଥି, ହେବ ବୋଲନ୍ତିଲେ ସିନା ଏଥି ମତି ।
ବିଜ୍ଞଙ୍କ ଜନ ଯଥା ଅଜ୍ଞ, ସୁଖ ଚର୍ବଣେ ମୂର୍ଖ ହୁଏ ଅଜ୍ଞ ।
ଏହା ଜାଣି ଜାଣି ଉଣି ବସ୍ତୁରେ, ନ କହିବଟି ରୀତି ଆଣ କରି । (୨ୟ ଛାନ୍ଦ)

କବି ଅଭିଧାନୋକ୍ତ ବିଭିନ୍ନ ବସ୍ତୁର ଉଦାହରଣଗୁଡ଼ିକ ଦେଇଛନ୍ତି । ନାୟକ—ରସିକ, ଲମ୍ପଟ । ନାୟିକା—ସ୍ୱକୀୟା, ପରକୀୟା, ସାମାନ୍ୟା । ନାୟିକାଙ୍କ ଭିତରେ ପ୍ରୌଢ଼ା, ମଧ୍ୟା, ନବୀନା ।

(ଦ୍ୱିତୀୟ ଛାନ୍ଦରେ) ଦେଖ ରସିକ ଦୂତ ଆଗରେ ବାଳାଶୋକ-ଗୁଡ଼ିକୁ ବର୍ଣ୍ଣନା କରୁଛି—

ଅବନା—କୁଚଟସ୍ତୁ କନକ ଉଜ୍ଜ୍ୱଳ, ଲପନ ତର ଅମଳକମଳ ।
ଶଶାଙ୍କ ଧରୁଚର ଖଞ୍ଜନ, ଅଙ୍ଗ ଝଞ୍ଜନ ଗଞ୍ଜନ ରଞ୍ଜନ । × × ।
(୨ୟ ଛାନ୍ଦ)

ବନା:—ବିଦେଶେ ରଖି ଦେବଶ ନାଗର, ବନାରେ ସ୍ୱପନ ଧନକ ତାର,
କୋଶୁରେ ମୋହପାରେ ଦେଖ ଶଙ୍କୁଳ, କାନ୍ଧି କାନ୍ଧି ଲୋକେ ଭୁଲା
ବାଳୀକି । × × ।

ଦ୍ୱି ଅକ୍ଷର:—ରଶାରେ ସାର ସୁରଶ ସରସୀ, ସଂସାରଶିଖ ସୁରସ ସରସୀ ।
ଏକାକ୍ଷର:—ଧୀ ଧା ଧା ଧା ଧା ଧୁଁ ଧୁ ଧୁଁ ଧୁ ଧୁଁ ଧୁଁ,
ଧେଁ ଧେ ଧେଁ ଧେଁ ଧେ ଧୁଁ ଧୁଁ ଧୁଁ ଧୁଁ ଧୁଁ ଧୁଁ ।

ଏଥିରେ ସବାରବସ୍ତୁ, ସ ଓଷ୍ଠ୍ୟ, ନିରୋଷ୍ଠ୍ୟ, ଅନ୍ତର୍ଲିପି, ବହିର୍ଲିପି, ଲୋମବିଲୋମର ବହୁଧ ଉଦାହରଣ ଅଛି ।

ସିଂହାବଲୋକନ, ଶୃଙ୍ଖଳା, ଦ୍ୱ୍ୟକ୍ଷର ପ୍ରଭୃତିର ଉଦାହରଣ ମଧ୍ୟ ଅଛି । ବନ୍ଧ ଭିତରେ ଅଷ୍ଟାଳୀ, ଗୁର୍ଚ୍ଚିରଥ, ପ୍ରାସାଦ, ପୀଢ଼ା, ବିମାନ, ମଣ୍ଡପ, ମନ୍ଦାରଥ, ପୁଷ୍କରଥ, ରଥ, ପ୍ରାଚୀନରଥ, ଛତ୍ର, ପଦ୍ମମତ୍ସ୍ୟ, ସ୍ୱସ୍ତିକ-ନାଗ, ଚିତ୍ରମତ୍ସ୍ୟ, ତ୍ରିଶୂଳ, ଶତ୍ରୁଘ୍ନ, ମୁଦ୍ଗର, ପରଶୁ, ଖଡ୍ଗ, ମତ୍ସ୍ୟ, ଶଙ୍ଖ, ଷୋଡ଼ଶଦଳ, ଶିବଦଳ, କବାଟ, ଅଷ୍ଟଦଳ, ଦୋଳପୁର, ଅଷ୍ଟଭୁଜପଦ୍ମ, ଚତୁରଙ୍ଗ, ଅଶ୍ୱଗତି, ବୃକ୍ଷ, ଗଦା, ଡମ୍ବରୁ, ବଜ୍ର, ଶକଟ, ନାଗପାଶ, କୂର୍ମ, ଗୋମୂତ୍ର, ଘଣ୍ଟା, କେଶବିଭୁଜ, ରଦା, କାକପାଦ, ମାଳା,

ତ୍ରିଶାଖା, ଯମଦଣ୍ଡ, ଫଳକ, କର୍ତ୍ତରୀ, ଲଗୁଡ଼, ଚକ୍ରଅଷ୍ଟ, କାଣ୍ଡ, ଧନୁ, ଲତା, ପାଶ, ଅଳାଯୁକ୍ତ, ନାଗପାଶ, ମହାପଦ୍ମ, ମହାଚକ୍ର, ଗଦାସ୍ତ୍ର, ସ୍ୱସ୍ତିକ, ସ୍ୱସ୍ତି କଟକଚେଳକ, ଛତ୍ରବନ୍ଧ, କଳସ, ପଦ୍ମବନ୍ଧ, ଶଙ୍ଖ, ମେଘଯୁକ୍ତ, ବହିତ୍ର, ଗୁରୁଚମ୍ପକ, ଫଟୋତ୍ତୋଳିତ, ଖଡ୍ଗ, ଲାଙ୍ଗଳ, ଚତୁର୍ବନ୍ଧରଥ, ଅଙ୍କୁଶ, କୁରଳୀ, ଶୃଙ୍ଖଳବନ୍ଧୁଯୁକ୍ତ, ଅଷ୍ଟକୋଣ, ଶ୍ୟେନ, ପର୍ଯ୍ୟଙ୍କ—ଏପରି ୮୪ଟି ବନ୍ଧର ଉଦାହରଣ ପଦ ଦିଆଯାଇଛି ।

କବିଙ୍କ ସମକାଳୀନମାନେ ଏହି ଅଙ୍କ ଭଳି ଅକ୍ଷର ବନ୍ଧ ଏବଂ ପଦର ସାର୍ଥକତା ହୃଦୟଙ୍ଗମ କରି ଏହାର ଅନନ୍ତ ଉପଭୋଗ କରନ୍ତି ।

ଏହି ଗ୍ରନ୍ଥ, କବିଙ୍କର ଶବ୍ଦର ପାଣ୍ଡିତ୍ୟ, ଅଳଙ୍କାରଶୈଳୀର ଜ୍ଞାନ ପ୍ରକାଶ ପାଇଛି । ଉଦାହରଣଗୁଡ଼ିକ ସରସ ହୋଇଥିଲେହେଁ, ଏଥିରେ ଅଧିକ କଳ୍ପନା-ସ୍ତର ଓ ସମାଧିଯୁକ୍ତ ଅନ୍ୱେଷଣ କରିବା ବୃଥା; କାରଣ ଏହାର ରଚନାରେ ଏହା ଆଶା କରାଯାଇ ନପାରେ ।

କେତୋଟି ଉଦାହରଣ—(କ୍ରମ ଛାଡ଼ରେ)

ଅଙ୍ଗୁଳି ବନ୍ଧ—କଷ୍ଟ କୁଞ୍ଜ ସୁକଣ୍ଠୀମାନେ ଶିଶୁହିରୁ ତାହା ଘେଟାଇଲେ ଯମ,
ମଞ୍ଜୁଳ ଲୁଟି କଂସର ଯଶ ହୁଣ୍ଡିକେ ଏତେ ତାହା କଲେ କ୍ଷମ ।
ନାଶ ଭକ୍ତର କିସ କରେ ଲକଲେ ଉଅଁସ୍ତେ କ୍ଷ୍ମାବକ,
କଣ୍ଠ ତାହା ଘଣ ଜୁଡ଼ରେ ସନ୍ଦୋହ ନୃତ୍ୟାସ୍ତକ ।
ଶରେ ଅଟ୍ଟେ ବାଣବାଣ ଦୁରନ ଲଘ ସିନ୍ଧୁ ଉଦ୍ଭବର,
ତର୍କରସ କେଶୀ ସ୍ୱଷ୍ଟର ପ୍ରତମା ଚକ୍ରବ୍ୟୂହ ନ ମିତ୍ରର ।

କମଳ ବନ୍ଧ—କର ଉଚ୍ଚ କନ୍ଧ ବାଣୀ ସ୍ଥିରମନେ ପ୍ରେମବଶ ପଦ୍ମ ଭୃଙ୍ଗ,
ତୋ ଶରଣ ଏନେ କଲଙ୍କ ନ ଦୃଶ ତେଣୁ ଅଙ୍ଗ କନକ ମୁଦ୍ରି ।
ଶଙ୍ଖ ମୃଦୁ ମୁଖ ଭରସା ସଂସାର ମଁ ଚେକ ଚପ କରକ,
ସ୍ତୋକ ସ୍ତୋକ ଦୃଶ ରଚିବା ସେବାରେ ଅଳୀ ରମଣୀଗ୍ରାହକ ।

ତ୍ରିଲବନ୍ଧ୍ୟ ବନ୍ଧ—ଘନଶ୍ୟାମକେଶୀ କର୍ପୂରଗନ୍ଧ ଧନ ସୁରସଦାବୃତ ସ୍ୱରେ,
ଘନଶ୍ୟାମକେଶୀ କର୍ପୂରଗନ୍ଧ ଧନ ସୁରସଦାବୃତ ସ୍ୱରେ ।

ନେତ୍ରଗ ବନ୍ଧ—ଭ୍ରମର ଦଶ ଶର, ଭ୍ରମରର ଧର ମୋର,
କର କୋପ ଶୁକମନ, ଧନ ମୋ ନ ଯେନ ମାନ ।

ଉପଭାଷା ବନ୍ଧୋଦୟର ଭଙ୍ଗୀ ଶବ୍ଦକଳ୍ପନାର ରୂପରେଖ ଅନୁଶୀଳନରେ ସ୍ଥାନେ ସ୍ଥାନେ କଷ୍ଟାନୁଭବଯୋଗୀ ଜଟିଳତାଥିଲେହେଁ ସମଗ୍ରଦୃଷ୍ଟିରେ କର୍କଶ ବୋଧ ହୁଏ ନାହିଁ; ବରଂ, ଲେଖନ ଓ ଶବ୍ଦରେ କବିଙ୍କ ପାଣ୍ଡିତ୍ୟର ମୁଦ୍ରଣ ସୃଷ୍ଟି ହୋଇଛି । ଯମକ, ଅନୁପ୍ରାସାଦର ସୁଷମ ପ୍ରୟୋଗ କବିତାଗୁଡ଼ିକୁ ମହନୀୟ କରାଇଅଛି ।

କେତୋଟି ଉଦାହରଣ—

(୧) ଚନ୍ଦ୍ରାଭ ଆନନ ସୁମନ୍ଦ୍ର, ଇନ୍ଦ୍ର ବାପଦର୍ଶିଶ ବିଜନ୍ଦ୍ର । ୧ ।
ଶୀତାଂଶୁ ଶିତାମ୍ବୁଜନୟନୀ ଦୀନା, ନିତାନ୍ତ ସାମ୍ଭାର ପ୍ରିୟବଦନତା । ୨ ।
(୧ମ ଛାନ୍ଦ)

(୨) କୁଞ୍ଚତନୁ ନବଘନଉଜ୍ଜ୍ୱଳ, ଲୋଚନ ଭର ଶ୍ୟାମଳକମଳ । ୧୦ ।
ଶଶଧର ଦରପଣ ଗଞ୍ଜନ, ଅଙ୍ଗ ଖଞ୍ଜନ ଗଞ୍ଜନ ଅଞ୍ଜନ । ୧୧ ।
ଜନକ ଚମ୍ପକ କରବରନ, ଭ୍ରମିଷ ପବନ ପଦନଜଗନ । ୧୨ ।
(୨ୟ ଛାନ୍ଦ)

(୩) ଶୋଭିରେ ମୋହିପାରେ ଦେଖି ଚକ୍ରକ,
ନାହିଁ ନାହିଁ କେତେକ ଗୁଳା ବାଳୀକ । ୧୬ ।
ନାଥ ବଧୂମୁଖୀ ଦେଲାନଧାନ, ଫୁଲାବିଳାସିନୀ ଚନ୍ଦ୍ରାନନୀ । ୧୭ ।
ସିଂହଯାଜୀ ନାସା ଯାହା ମୋହୁଛି, ମୋହନ ମୋଚନ୍ତାନ ବନ୍ଧ୍ୟଶୋଭ୍ୟ ।୧୮।
ମୋ ପ୍ରାଣଧନା ସିନା ଦେଖି ଲୋଚନ, ପ୍ରେମଭାଷୀନୀ କାଶୀବାସୀ ଭାମିନୀ ।୧୯।
(୨ୟ ଛାନ୍ଦ)

ଦ୍ୱାରିକାପୁର ମଦନ (କୃଷ୍ଣଙ୍କ ପୁତ୍ର ପ୍ରଦ୍ୟୁମ୍ନ) ଙ୍କ ବିହାର ସ୍ଥଳ । ଏହି ମଦନରାଜଙ୍କ ରାଜ୍ୟରେ ସୁନା ଦର୍ପଣ ବନ୍ଧାଣ କରୁଛନ୍ତି । ସଂଯୋଗୀ,

ବିୟୋଗୀ, ମାନ୍, ଯୋଗୀନ୍ଦ୍ର ପ୍ରଭୃତିଙ୍କ ଉପମେୟ ଖାଦ୍ୟ ଦ୍ରବ୍ୟମାନଙ୍କୁ ଅବଲମ୍ବନ କରି ଶ୍ଳେଷ ରଚିତ ହୋଇଛି ।

ସଂଯୋଗୀ ବିୟୋଗୀ ମାନବର ଯେନ,
ବନ୍ଧୁଙ୍କ ଅଛନ୍ତି ଯୋଗୀନ୍ଦ୍ର ମାନ,
ସେ ବଶବାଧକେ ପ୍ରିୟା ମିଳଣା,
ସେଥି ସ୍ତନାରେ ଲଳ ଦେବତା ସ୍ତୁତ ।
ଯେ ଦୁଇ ଆସନେ ବସନ୍ତ ଛାଡ଼ିଲ,
ତାହାଙ୍କୁ ଦୃଶ୍ୟ ଦବନେ ଜୋଡ଼ିଲ,
ଏ ଉଭୟ ବସ୍ତୁ ଦର୍ଶିତ ଉଦର,
ବଶସାଧନ ରସିକ ପଣ୍ଡିତ ।

ରସିକ ପ୍ରିୟା ଦଶକମାନଙ୍କ ଜେଷ୍ଠ ଉପଦେଶଙ୍କୁ କବି କୌଶଳ ସହକାରେ ଉପମିତ ପଦ ରଚନା କରିଛନ୍ତି । ପଦାଳୀଗୁଡ଼ିକ କୌତୁକପୂର୍ଣ୍ଣ ହୋଇଛି ।

ଏ ଅବନ୍ତରେ ଶୁଣ କରେ କଲଶଧ୍ୱଫଣ୍ଡି,
ସ୍ତ୍ରିୟ ଯେବେକ ରସିକ ନାଗର ନାଗରୀ ।
ଅନ୍ତର୍ଲୀପି ବହିର୍ଲୀପି ଉପଯୁକ୍ତ ଗୀତେ,
କଥା ଦେଖିଛନ୍ତି ଯେଉଁ ରୂପେ ପଦ୍ୟରେ ।
ଅନ୍ତର୍ଲୀପିରେ ଯେ ଗୁପ୍ତ ପରିହାସ ଆଇ,
ବହିର୍ଗତେ ଗୋପ୍ୟସ୍ଥଳ ଚତୁର ଲେଖଇ ।

(ଅଷ୍ଟ ଛାନ୍ଦ)

## ଲାବଣ୍ୟବତୀ

ବିଷୟବସ୍ତୁ —ଉପେନ୍ଦ୍ର ଭଞ୍ଜ ପ୍ରଥମେ ଶ୍ରୀରାମଚନ୍ଦ୍ରଙ୍କୁ ନମସ୍କାରପୂର୍ବକ ପ୍ରାଚୀନକାବ୍ୟର ପଥ ଅନୁସାରେ ଖଳନିନ୍ଦା ଓ ସାଧୁପ୍ରଶଂସା କରି କଥାବସ୍ତୁ ଆରମ୍ଭ କରିଛନ୍ତି । ସିଂହଳର ପ୍ରାନ୍ତ ଓ ଶହର ବା ରୂପର କଳ୍ପିତ

ହୋଇଛି ତାହା ବ୍ୟକ୍ତ କରିଛନ୍ତି । 'ମୃଦୁଗୀତ ମୂର୍ତ୍ତିବନ୍ତ ହେବ' । ଏହି ମୃଦୁଗୀତ କାବ୍ୟରମଣୀ ବିବିଧ ଅଳଙ୍କାରରେ ମଣ୍ଡିତ ହୋଇ ଶୋଭା ପାଇବ । କାବ୍ୟର ପଦବିନ୍ୟାସ ସରଳ ଓ ସୁଶ୍ରାବ୍ୟ ହୋଇ ମନ ମୋହିବ ଏବଂ ଅର୍ଥୀ ପଣ୍ଡିତମାନଙ୍କୁ ଆନନ୍ଦ ଦେବ । ସମସ୍ତି ରତି ନିମନ୍ତେ ପାଇଁ କବି ଏହି ଗୀତ ରଚନା କରିବାକୁ ମନ ବଳାଇଛନ୍ତି । ବୁଝାଇ ଦେଲେ ଜଡ଼ଜନମାନେ ମଧ୍ୟ ଏହି କାବ୍ୟର ସ୍ୱାଦକୁ ଧରି ପାରିବେ । ଖଳମାନେ ଶିଖି ଅମୃତବଚନକୁ ନ ଖାଇଲା ପରି ହେବେ ।

ବୁଝାଇଲେ ଜଡ଼ଜନ ସ୍ୱାଦକୁ ପାଇବ,
ଖଳ ଖଳ ଚୂତାଙ୍କୁର ସ୍ୱାଦେଯଥା ସ୍ୱାଦିବ ହେ । ୧୦ । (୧ମ ଛାନ୍ଦ)

ଏହା ପରେ କବି କଥାବସ୍ତୁର ଆରମ୍ଭ କରିଛନ୍ତି । କୈଳାସରେ ହରନ ଗୌରୀ ଏକାନ୍ତରେ ବସିଥିଲେ । ପଶାଖେଳରେ ଜିତିବାକୁ ମନହେବାରୁ ଦୁହିଙ୍କ ପାଇଁ ମାନସରୁ ଏକ ଦିବ୍ୟ କନ୍ୟା ଅଭ୍ୟନ୍ତରେ ଜାତ କଲେ । "ତୁମମାନେ ଗମନରେ ଯିଣିବକରେ" ଆଉ କେହି ନାହାନ୍ତି । ଏହି ଦିବ୍ୟ କନ୍ୟା ବାଞ୍ଛାରୁ ଜାତ ହୋଇଥିବାରୁ ପାର୍ବତୀ ତାର ନାମ 'ବାଞ୍ଛାବତୀ' ଦେଲେ । ଦୁହେଁ ଖେଳ ବସିଲେ । ଏହି ସମୟରେ ଶିବଙ୍କ ଆଗମନର ସୂଚନା ମିଳିବାରୁ ଜାଣିଲେ ସେ ବାଞ୍ଛାବତୀର ଅପୂର୍ବ ଶୋଭାରେ ମୋହିତ ହୋଇଯିବେ ଏବଂ ପାର୍ବତୀଙ୍କ 'ମୁଗ୍ଧାପଣ' ଲଙ୍ଘିଯିବ ଏହି ଆଶଙ୍କାରେ ପାର୍ବତୀ ସେ କନ୍ୟାକୁ ଘୋର କାନନରେ ଏକ ଉଦ୍ୟାନର ନିର୍ମାଣ କରି ସେଠାରେ ତାକୁ ରଖିଦେଲେ । ବରଦାନ କଲେ, ଯେ ବାଞ୍ଛାବତୀ ଯେବେ ସେ ଦ୍ୱାରକୁ ଲଙ୍ଘିବ ତେବେ ତାର ପ୍ରାଣ ନାଶଯିବ ଏବଂ ଯେଉଁ ପୁରୁଷ ତାହାର କରଗ୍ରହଣ କରିବ ତାକୁ ପରଜନ୍ମରେ ପଦ୍ମବନେ ପାଇବ ।

ଏହି ଘୋର ଅରଣ୍ୟରେ ବାଞ୍ଛାବତୀ କିଛି ବର୍ଷ ଅତିବାହିତ କରିବା ପରେ ପ୍ରଭାକର ନାମକ ଏକ ଗନ୍ଧର୍ବ କୁମାର ବିଦ୍ୟାଜ୍ଞାନ ପ୍ରାପ୍ତି ଉଦ୍ଦେଶ୍ୟରେ ସେହି କାନନରେ ଶ୍ରୀଭବାନୀଶଙ୍କରଙ୍କଠାରେ ତପସ୍ୟା କରିବା ପାଇଁ ଆସିଲେ । ବାଞ୍ଛାବତୀ ଓ ପ୍ରଭାକର ଉଭୟେ ପରସ୍ପରର ଅପୂର୍ବ ଶୋଭାରେ

ମୋହିତ ହୋଇଗଲେ । ବାସ୍ତିବକସ୍ତ କୁମାର ଆଲିଙ୍ଗନ କରିବାକୁ ଇଚ୍ଛା ପ୍ରକାଶ କରିବାକୁ ସେ କନ୍ୟାଧିକୁ ପାଦେଶାଣି ହେଉ ପୁରଦ୍ୱାର ଲଂଘନ କରି ବାହାରକୁ ଆସିଗଲା । କୁମାର କୁମାରୀକୁ ଆଲିଙ୍ଗନ କରି ମୁଖରେ ଚୁମ୍ବନ ଦେଲବେଳକୁ କୁମାରୀର ପ୍ରାଣବାୟୁ ଉଡ଼ିଗଲା । କୁମାର ବିଳାପ କରିବାରୁ ଆକାଶରୁ ବାଣୀ ଶୁଭିଲା ଯେ "କୁମାର ଗଙ୍ଗାସାଗରସଙ୍ଗମରେ ସ୍ନାନ କଲେ ପରଜନ୍ମରେ ସେ କୃତାର୍ଥ ହୋଇ ଜନ୍ମ ହେବ ଏବଂ କୁମାରୀକୁ ସ୍ୱୀୟପତ୍ନୀରୂପେ ପ୍ରାପ୍ତ ହେବ; କନ୍ୟାର ମୃତଦେହକୁ ଅନଳରେ ନ ଦେଇ ସେହିଠାରେ ଥୋଇ ଦେବ ।" କୁମାର ଦୈବବାଣୀ ଅନୁସାରେ ଗଙ୍ଗାସାଗରରେ ସ୍ନାନ କଲା ଏବଂ କର୍ଣ୍ଣାଟ ଦେଶର କାଞ୍ଚି ନଗରର ରାଜା ଶମ୍ଭୁଦେବଙ୍କ ପୁତ୍ର ରୂପେ ଜନ୍ମ ହେଲା । ପିତା କୁମାରର ନାମ ଚନ୍ଦ୍ରକାନ୍ତ ଦେଲେ । କୁମାରର ରୂପଗୁଣକୁ ଉପମା ମିଳିଲା ନାହିଁ । ସେ ସବୁ ବିଦ୍ୟାରେ ପ୍ରବୀଣ ହେଲେ । ତାଙ୍କର ଅନ୍ତରଙ୍ଗ ଚାରି ମିତ୍ର—ମନ୍ତ୍ରୀ ପୁତ୍ର, ପୁରୋହିତ ପୁତ୍ର, ସାଧବ ପୁତ୍ର ଓ କୋଟୱାଳ ପୁତ୍ର । (୧ମ ଛାନ୍ଦ)

ଅତି ସମୃଦ୍ଧିଶାଳୀ ସିଂହଳଦେଶର ରାଜା ରତ୍ନେଶ୍ୱରଙ୍କ ପଟ୍ଟମହିଷୀ ବସୁମ୍ମିତା ଦେବୀଙ୍କ ଗର୍ଭରୁ ଷଡ଼ଧର୍ମ ପଞ୍ଚପୁତ୍ର ଜାତ ହୋଇଥିଲେ ମଧ୍ୟ ଏକକନ୍ୟା ପ୍ରାପ୍ତ ହେବା ପାଇଁ ସେ ଚୈତ୍ରମାସ ମଙ୍ଗଳବାର ପୂଜା କରି ଗିରିଜାଙ୍କୁ ତୋଷ କଲେ । ଗିରିଜା ସନ୍ତୁଷ୍ଟ ହୋଇ ଅରଣ୍ୟ କାନନରେ ପଡ଼ିରହିଥିବା ବାସ୍ତିବକର ମୃତଶରୀରକୁ ସଂଜୀବନ କରି ସୁନ୍ଦରୀକୁ ରସାଳ ଫଳରେ ପରିଣତ କଲେ । କନ୍ୟାର୍ଥିନୀଙ୍କ ସ୍ୱପ୍ନାବସ୍ଥାରେ ତାଙ୍କ ହସ୍ତରେ ଦେବୀ ରସାଳଫଳକୁ ଥୋଇଦେଇ ଅନ୍ତର୍ଦ୍ଧାନ ହୋଇଗଲେ । ନିଦ୍ରାଭଙ୍ଗ ହେଲେ ରାଣୀ ହସ୍ତରେ ରସାଳଫଳକୁ ଦେଖି ଭକ୍ଷଣ କଲେ ଏବଂ ସ୍ୱାମୀଙ୍କ ସଙ୍ଗେ ରତିକେଳି କଲେ । ରାଣୀଙ୍କର ଗର୍ଭୋଦୟ ହେଲା ଏବଂ ଲାବଣ୍ୟସମ୍ପନ୍ନ କନ୍ୟାଟିଏ ଜନ୍ମ ହେଲା । ପିତାମାତା ତାକୁ ଲାବଣ୍ୟବତୀ ବୋଲି ନାମ ଦେଲେ ।

ସର୍ବମତେ ସର୍ବ ଶୋଭା ସ୍ଥାନ ବୋଲି ବାଳୀ,
ଲାବଣ୍ୟବତୀ ନାମକୁ ଦେଲେ ରାଜା ରାଣୀ ଯେ । ୫୨ । (୨ୟ ଛାନ୍ଦ)

ଲାବଣ୍ୟବତୀର ଯୌବନୋଦ୍‌ଗମ-ଅବସ୍ଥାର ଅପୂର୍ବ ରୂପରାଶି ଜନମନକୁ ହରଣ କଲା; ସେ 'ସୁନ୍ଦରୀ ସଂସାରରେ ଚକ୍ରବର୍ତ୍ତୀ' ହୋଇଗଲା ପୁଣି—

ମଣି ରମଣୀମଣିଙ୍କ ଶାଣ ଉଦ୍ଭବନ,
ବହୁମୂଲ୍ୟ ମଣିକୁ ବଢ଼ାଇ ଯନ୍ତ୍ର ଯେନ ସେ । ୭୯ । (୭ମ ଛାନ୍ଦ)

କ୍ରମେ କନ୍ୟାର ନବଯୌବନ ହୋଇ ଅଙ୍ଗକୁ ମଣ୍ଡିଲା, ଯୁବମାନେ ନଗରର କାତର ହୋଇ ଉଦ୍ଭ୍ରାନ୍ତ ହେଲେ; କଏ କୃଷ୍ଣ ହେ ପଳାଇ ଗଲେ । ତାହାପରେ 'ସୁନ୍ଦରେ ସୁନ୍ଦର' ହୋଇଗଲେ । ଏହିପ୍ରକାରେ ସୁନ୍ଦରୀ ରୂପେଗୁଣେ ସବୁଙ୍କୁ ମଣ୍ଡନ କରୁଥିଲାବେଳେ ପ୍ରସ୍ତାବନା ଦିଅଲେ । ପିତାମାତା ଦୁହିତା ଯୁବକଯୋଗ୍ୟା ହେବାରୁ ନାନା ବିଧିବିଧାନ କଲେ । ଜ୍ୟୋତିଷକୁମାର ଶେଷରେ ଏକ ଯନ୍ତ୍ରାଶୁକୁ ଉପହାର ମାଗିବାରୁ କେମା ଆନନ୍ଦରେ ଦେଲେ । ଜ୍ୟୋତିଷକୁମାର କର୍ଣ୍ଣାଟ ଦେଶକୁ ଗମନ କଲା । ଏହି ଶୁକ ପୁଣି କାର୍ଯ୍ୟରେ ଆସିବ ।

ଗଲା ସେ ଦାସ କର୍ଣ୍ଣାଟ ଦେଶକୁ ।
ଶୁକ ଆସିବ କାର୍ଯ୍ୟ ଉଦ୍ଦେଶ୍ୟକୁ । (୮ମ ଛାନ୍ଦ)

ତହିଁ ସଖୀମାନେ ସୁନ୍ଦରୀଙ୍କୁ ବେଶ କରିବା ମନାସ କଲେ— "ଆମ୍ଭ ସକଳ ସେ ସୁନ୍ଦରିଆର, ତାଙ୍କୁ ନ ଶୁଣ ଦୋହଦ ବଣାର ।" ପୁଣି, ସେ ନବଯୌବନା । "ଆମ୍ଭ ଲେଡକଙ୍କୁ କଳବଳକୁ ସହସ୍ର କରିବା ଦେଖି ସେ । ଏହା ବାଲିଧ କଣ୍ଠ ହାର ଅଳଙ୍କାରରେ ଭୂଷିତ କରିବାରୁ କେମାର ଶୋଭା ଦିଶିଲା ହେଲ ଏବଂ ଦ୍ୱାବାଜଜନଙ୍କୁ ବଶ କଲା । କେମା 'ଅତୁଳା ଚତୁ ପିଙ୍ଗଳା' ଯାଏ ଧରିଲେ ; ଅସି ସଖ ଧଠାକାଠି ଧର ହେଲେ । (୯ମ ଛାନ୍ଦ)

ଏବେ ଅତ ମଧୁର ମଧ୍ୟସ୍ଥରୁ ସୁରବଣ ହେବାରୁ ନବଯୌବନା ଲାବଣ୍ୟବତୀ ସଖୀମାନଙ୍କ ସଙ୍ଗ କ୍ରୀଡ଼ା ଉପବନରେ ନାନାବିଧ କ୍ରୀଡ଼ା କଲେ । ବିବିଧ କୁସୁମକୁ ଦେଖି ହାସ ପରିହାସରେ ବକୋକ୍ତି କରି ଆନନ୍ଦର

ଲହରୀ ଖେଳାଇ ଦେଲେ । ସହଚରୀମାନେ ତର୍ଜ୍ଜନ କରି ତେମାଙ୍କ ସହିତ ଖେଳିଲେ । ବେଳ ଶେଷ ପ୍ରହର ହୋଇଯିବାରୁ ସଖୀମାନଙ୍କ ସଙ୍ଗ ତେମା ସରୋବରକୁ ସ୍ନାନ କରିବାକୁ ଗଲେ । (୫ମ ଛାନ୍ଦ)

ନୃପସୁତା ସୁବେଶୀ ଲବଣ୍ୟବତୀ ସରୋବର କୂଳରେ ବକୁଳ ମୂଳର ପୀଠ ଉପରେ ବସିଲେ । ଅତ୍ୟନ୍ତ ଶୋଭା ମଣ୍ଡିତ ସରୋବରର ସ୍ୱଚ୍ଛ ସୁନ୍ଦର ସୁଶୀତଳ ଜଳରେ ସଖୀମାନଙ୍କ ସଙ୍ଗ କୌତୁକରେ ମର୍ଦ୍ଦନ (ସ୍ନାନ) କରି ସାରିଲେ । ଦିନେଶ ଅସ୍ତ ହେବାରୁ ପୁରକୁ ଫେରିଲେ । ସଖୀମାନେ ତେମାଙ୍କୁ ପୁଣି ସୁବେଶ କଲେ । (୬ଷ୍ଠ ଛାନ୍ଦ)

ଏଣେ ମନୋହର ବସନ୍ତ ଋତୁରେ ପୁଷ୍ପି କର୍ଣ୍ଣାଟ ରାଜସୁତ ଚନ୍ଦ୍ରଭାନୁ ମିତ୍ରମାନଙ୍କ ସଙ୍ଗ ଆଶ୍ରମରେ ବସି ଆନନ୍ଦରେ ସମସ୍ତ ଅଦ୍ଭୁତ କଥା ଶୁଣୁଥିବା-ବେଳେ ସିଂହଳ ଦେଶରୁ ଜଣେ ବୋହିତୁଆଳ ରାଜକୁମାରଙ୍କ ସହିତ ଦେଖାକଲା ଏବଂ ବସ୍ତ୍ର ଅମୂଲ୍ୟରତ୍ନ ଓ ପଦାର୍ଥ ଉପଢୌକନ ଦେଲା-ବେଳେ କହିଲା,—ଲବଣ୍ୟବତୀର ଜନ୍ମସ୍ଥାନ ଥିବାରୁ ସିଂହଳରେ ବା କେଉଁ ଦ୍ରବ୍ୟ ଅଛି ?

ଲବଣ୍ୟବତୀର ଏହିପରି ପ୍ରଶଂସା ଶୁଣି ରାଜକୁମାର କୌତୂହଳୀ ହୋଇ ପ୍ରଶ୍ନ କରିବାରୁ ବୋହିତୁଆଳ ତେମାଙ୍କ ଶୋଭା ବର୍ଣ୍ଣନା କରି କହିଲା, ତାଙ୍କୁ ବ୍ରହ୍ମା ନିର୍ଦ୍ଦିଷ୍ଟ ରୂପ କରି ଗଢ଼ିବାକୁ ସ୍ଥିର କରି ନଥିଲା; ସୁନ୍ଦର ରୂପଟିଏ ଗଢ଼ି ସାରି ପୋକ ଅକ୍ଷର ଲାଗିଲା ପରି ଅତି ସୁନ୍ଦର ଚିହ୍ନଟିଏ ହୋଇଗଲା । ଏବେ ମଦନ ଭସ୍ମ ହେବା ଦିନଠାରୁ ଏହା ସମାନ ବର ବ୍ରହ୍ମାଣ୍ଡ ମଧ୍ୟରେ ଆଉ ନାହିଁ ।

"ତାହା ଶୋଭା କହିଲେ ସରିବ ନାହିଁ;
ପୂର୍ବେ ନ ଥିଲା ହୋଇବ ଏବେ ନାହିଁ ।"

ତେଣୁ ଉପଯୁକ୍ତ ବର ପାଇବା ଆଶାରେ 'ମନ ପ୍ରଧାନ ବାଛ' (ସ୍ୱୟମ୍ବର) କରିବାକୁ ସ୍ଥିର କରିଥିବା ବୋହିତୁଆଳ କହିଲା । ରାଜକୁମାର "ଉଦ୍‌ଯୋଗ କଲେ କାର୍ଯ୍ୟ ହେବ କି ?" ବୋଲି କହିବାରୁ ଶୁକ ପକ୍ଷୀ

ସେହି କଥାକୁ ପଢ଼ି ଦେଲା । ଶିଶୁ କାଳରୁ ଲାବଣ୍ୟବତୀ ଦ୍ୱାରା ପାଳିତ ହୋଇ ଥିବାରୁ ତାଙ୍କର ଅପୂର୍ବ ଶୋଭା ଦେଖିଥିବା ଶୁକ କହିଲା । ଏହା ପରେ କେମାପୁତ କୁମାରର ଲେଖ ପାଠ ହେଲା । ସେ ସମୟରେ ଶୁଭସୂଚକ ଶକୁନମାନ ଦର୍ଶିବାରୁ ରାଜକୁମାରଙ୍କ ମନରେ ଆଶାର ସଞ୍ଚାର ହେଲା ।
(୭ମ ଛାନ୍ଦ)

କିଶୋର ଦଶାପ୍ରାପ୍ତ କୁମାରର ଶାବାନ୍ଧ ସ୍ୱୟଂବର ବାର୍ତ୍ତା ଅନୁସାରେ କରିବା ସ୍ଥିର କରି ଲାବଣ୍ୟବତୀର ଚିତ୍ରଟିଏ ଦେଖାଇବା ପାଇଁ ପିତା ବ୍ୟବସ୍ଥା କଲେ । କେହି ମାନବ ଏହି ଅପୂର୍ବ ସୁନ୍ଦରୀର ଚିତ୍ର ଅଙ୍କନ କରିବାରେ ସମର୍ଥ ନ ହେବାରୁ ସଚ୍ଚିଦାନନ୍ଦ ନାମକ ଏକ ସନ୍ନ୍ୟାସୀଙ୍କ ଉପରେ ଏହି ଭାର ନ୍ୟସ୍ତ କରାଗଲା । ସନ୍ନ୍ୟାସୀ ମନ୍ତ୍ରୀଙ୍କ ସମୀପକୁ ଗଲେ । ସେହି ସମୟରେ ବିଧାତା ତେମାର ସମାନ ପିତୁଳାଟିଏ ନିର୍ମାଣ କରୁଥିଲେ । ସନ୍ନ୍ୟାସୀଙ୍କ ସ୍ତୁତିରେ ବ୍ରହ୍ମା ପ୍ରୀତ ହୋଇ ସେହି ପିତୁଳାଟିକୁ ତାଙ୍କୁ ଦେଲେ । ସନ୍ନ୍ୟାସୀ ସେହି ପିତୁଳାଟିକୁ ଆଣିଲେ । ମନ୍ତ୍ରୀଙ୍କ ଆଦେଶରେ ସନ୍ନ୍ୟାସୀ ଚିତ୍ରକୁ ଧରି ବାହାରି ରାଜଧାନୀ ଭ୍ରମଣ କରି ରାଜକୁମାରମାନଙ୍କୁ ଦେଖାଇଲେ । କ୍ରମେ ସଭାରରେ ଚିତ୍ରର ପ୍ରଶଂସା ଖ୍ୟାତ ହେଲା । ନୃପତିସମୂହ ଉତ୍କଣ୍ଠିତ ହେଲେ । ଏମାନେ—

"ମଦନକୁ ପ୍ରେରିତ କଲେ ସିଂହଳ ଦ୍ୱୀପ,
ଶସ୍ତୁକେ ଦେଖିଲେ ସ୍ୱପ୍ନେ ବାଳା ସ୍ୱରୂପ ।" (୮ମ ଛାନ୍ଦ)

ଗ୍ରୀଷ୍ମକାଳରେ କୁମାର ଚନ୍ଦ୍ରଭାନୁ ମିତ୍ରମାନଙ୍କ ସହ କାନନ-ସୁନ୍ଦରୀ ମଧ୍ୟସ୍ଥ ମଣ୍ଡପରେ ବସି ଲାବଣ୍ୟବତୀର ପ୍ରସଙ୍ଗ ପକାଇ ସନ୍ନ୍ୟାସୀ ପ୍ରଦର୍ଶିତ ଚିତ୍ରପଟକୁ ଦେଖି ଦେଖି ମୁଗ୍ଧ ହୋଇଗଲେ ଏବଂ ମୋହିତରେ ଲାବଣ୍ୟବତୀର ନାମ ଜପ କଲେ । ସତେ ଏହି ସମୟରେ ମଲ୍ଲାର ଦେଶର ମଧୁନିଭା ସ୍ୱବର୍ଣ୍ଣ ଚନ୍ଦ୍ରଭାନୁଙ୍କୁ ଦର୍ଶନ କରିବା ପାଇଁ ଆସିଥିଲା । ତାର ଅପୂର୍ବ ରୂପ-ଲାବଣ୍ୟ ଦେଖି ସମସ୍ତେ ଧନ୍ୟ ଧନ୍ୟ କଲେ । ସନ୍ନ୍ୟାସୀ କହିଲେ, ଲାବଣ୍ୟବତୀର ଶୋଭାକୁ ଏ ଶୋଭା ତୁଳନାକୁ ନୁହେଁ । "ଏ ଶୋଭା ସୌଭାଗ୍ୟ କୋଟିକୁ ତା ପଦଧୂଳା ତୁଳ ଉପମା ହେବାକୁ ।" କୁମାର ପ୍ରେମ-ରୂପ ବନ୍ଧନରେ ବନ୍ଧୁ ବାସନା ପଞ୍ଚକୁ ପକାଇ ଚଞ୍ଚଳ ହେଲେ । (୯ମ ଛାନ୍ଦ) ।

କୁମାର ଲବଙ୍ଗଲତାର ଚିତ୍ରପଟ ଦେଖି ମୁଗ୍ଧ ହୋଇଥିବା ସନ୍ନ୍ୟାସୀ ଲକ୍ଷ୍ୟ କଲେ ଏବଂ ସ୍ୱଦେଶକୁ ପ୍ରତ୍ୟାବର୍ତ୍ତନ କରି ଚନ୍ଦ୍ରଧ୍ୱଜ ଜେମାର ସର୍ବଗୁଣରେ ଉପଯୁକ୍ତ ବର ଥିବା ମତ ଦେଲେ । ଚନ୍ଦ୍ରଧ୍ୱଜଙ୍କର ମନ ଜେମା ପ୍ରତି ଉଚାଟ ହୋଇଥିଲା, ଏହା ସିଂହଳ ରାଜା ରତ୍ନେଶ୍ୱର ଜାଣି ପାରି ସେ ଉପଯୁକ୍ତ ପାତ୍ର ଥିବାରୁ ତାଙ୍କ ସହିତ ଜେମାର ବିବାହ ଦେବା ମନେ ମନେ ସ୍ଥିର କଲେ । ଚନ୍ଦ୍ରଧ୍ୱଜଙ୍କୁ ସ୍ୱ ରାଜ୍ୟକୁ ଆଣିବା ପାଇଁ ଉପାୟ ପାଞ୍ଚିଲେ । କନ୍ୟା ମାଗିବା ନ ଦିଶିଲା ପରି ଉପାୟ କଲେ । ଏକ ଭୋଜିର ଆୟୋଜନ କରି ଦୂତ ପେଷି ତାଙ୍କୁ ଆଣିବା ବ୍ୟବସ୍ଥା କଲେ । ଘୋଡ଼ାଦଉଡ଼ ଖେଳ ।

(୧୦ମ ଛାନ୍ଦ)

ଲବଙ୍ଗଲତା ସନ୍ନ୍ୟାସୀଙ୍କଠାରୁ ଚନ୍ଦ୍ରଧ୍ୱଜଙ୍କର ପ୍ରଶଂସା ଶୁଣି ତାଙ୍କ ପ୍ରତି ଅନୁରକ୍ତା ହେଲେ ଏବଂ ଏହି ବରକୁ ଲାଭ କରିବା ଆଶାରେ ହରପାର୍ବତୀଙ୍କୁ ପୂଜା କଲେ । ହରପାର୍ବତୀ ସନ୍ତୁଷ୍ଟ ହୋଇ ରାତ୍ରିରେ ଏକ ଯୋଗିନୀଙ୍କୁ ପ୍ରେରଣ କରି ଚନ୍ଦ୍ରଧ୍ୱଜଙ୍କୁ ସ୍ୱ ଅଲୌକିକ ଶକ୍ତି ବଳରେ ଗୋପନରେ ଜେମାର ପୁରକୁ ଆଣି ତାଙ୍କ ପାଖରେ ଛାଡ଼ିଦେଲେ । ଜେମା ଓ ରାଜକୁମାର ଉଭୟେ ବହୁସମୟ ଆଳାପରେ ମଗ୍ନ ହେଲେ । କୁମାର କୁମାରୀଙ୍କୁ ଆଲିଙ୍ଗନ କରି ମୁଖରେ ଚୁମ୍ବନ ଦେବା ବେଳେ କୁମାରୀର ଅଙ୍ଗୁଳିରେ କୁମାର ମୁଦ୍ରିକା ପିନ୍ଧାଇ ଦେଲେ ଏବଂ କୁମାରୀ ନିଜ ଗଳାର ମୋତିମାଳାଟି କୁମାରଙ୍କ ଗଳାରେ ଲମ୍ବାଇ ଦେଲେ । ଉଭୟେ ଏହିପରି ଭାବରେ ପରସ୍ପରକୁ ବରଣ କରିନେଲେ ଓ ଉଭୟେ ଏକତ୍ର ନିଦ୍ରାଗଲେ । ସେ ସମୟକୁ ଚନ୍ଦ୍ରମା ଅସ୍ତ ହେଉଥିଲେ । କୁମାରୀର ସ୍ୱରୂପ ପ୍ରତିମାଟିଏ ବାହୁରେ ଲେଖିଲେ । ଯୋଗୀ ମାୟା ହରଣ କରି କୁମାରଙ୍କୁ ତାଙ୍କର ନିଜ ପୁରକୁ ନେଇଗଲେ ।

(୧୧ଶ ଛାନ୍ଦ)

ରାତ୍ରି ଅବସାନରେ ନିଦ୍ରା ଭାଙ୍ଗିଯିବାରୁ ଜେମା କୁମାରଙ୍କୁ ପାଖରେ ନ ଥିବା ଦେଖି ବିକଳହୋଇ ବିଳାପ କଲେ । ସଖୀମାନେ ତାଙ୍କ ଅଙ୍ଗରେ କ୍ଷତଚିହ୍ନ ଓ ଅଙ୍ଗୁଳିରେ ମୁଦ୍ରିକା ଦେଖି ଗୋପନରେ କୌଣସି କୁମାର ସହିତ ଜେମା ପ୍ରଣୟରେ ଆବଦ୍ଧ ହୋଇଥିବା ଅନୁମାନ କଲେ ।

ଜେମା ତୀବ୍ର ଜ୍ୱରରେ ପୀଡ଼ିତ ହୋଇଥିବା ରାଜବୈଦ୍ୟ ଦେଖିଲେ ଏବଂ ଜେମାଙ୍କର କାମଜ୍ୱର ହୋଇଥିବା ଯୁକ୍ତିରେ ଜଣାଇଦେଲେ । ଏହି ସମୟରେ ମାଳିନୀ ଚଉରୁ ଫୁଲ ଶୁଙ୍ଖ ଧରି ପ୍ରବେଶ ହେଲା ।
(୧୨ଶ ଛାନ୍ଦ)

ଜେମାଙ୍କ ଉଦ୍ଦେଶରେ ସେ ଶିବସାମନ୍ତଙ୍କୁ ଦୂଷି ଦେଇ ସନ୍ତୁଷ୍ଟ କରିଥିଲା । ଚନ୍ଦ୍ରଭାନୁ ହସ୍ତରେ ଜେମାଙ୍କ ମିଳନର ବ୍ୟବସ୍ଥା ପ୍ରସଙ୍ଗ ଉପସ୍ଥାପନ ମାଳିନୀକୁ ପୂର୍ବ ରାତିରେ ସ୍ୱପ୍ନରେ କହୁଥିବା ମାଳିନୀ ପ୍ରକାଶ କରିବାରୁ ଜେମା ଅସୁସ୍ଥ ହେଲେ ଏବଂ ଚନ୍ଦ୍ରଭାନୁଙ୍କୁ ନ ପାଇଲେ ପ୍ରାଣତ୍ୟାଗ କରିବେ ବୋଲି ପ୍ରତିଜ୍ଞା କଲେ । (୧୩ଶ ଛାନ୍ଦ)

ଏଣେ କୁମାର ପୁରନ୍ଦରେ ଶୋଇଥିଲେ । ଶଯ୍ୟା ତେଜିବାରୁ "ନାହିଁ ଯାମିନୀ ନାହିଁ କାମିନୀ'' ଦେଖି କାତର ହେଲେ । କୁମାରୀଙ୍କୁ ସ୍ମରଣ କରି ସେ ବାତୁଳରେ ବିଳାପ କଲେ ଏବଂ ଅଧୈର୍ଯ୍ୟ ହୋଇ ପ୍ରାଣ ତ୍ୟାଗ କରିବାକୁ ସଂକଳ୍ପ କଲେ । ମିତ୍ରମାନଙ୍କ ସଦୁପଦେଶ ଓ ଆକାଶ ବାଣୀ ତାଙ୍କୁ ଶାନ୍ତ କଲା । (୧୪ଶ ଛାନ୍ଦ)

ଏହି ସମୟରେ କର୍ଣ୍ଣାଟ ଦେଶରୁ ଜଣେ ଐନ୍ଦ୍ରଜାଲିକ ନଟ ନଟୀ, ଶିଷ୍ୟ, ପ୍ରଶିଷ୍ୟ ଓ ବାଦ୍ୟଯନ୍ତ୍ର ଧରି ସିଂହଳରେ ଉପସ୍ଥିତ ହେଲା । ରାଜ ପ୍ରାସାଦରେ ସେ ଇନ୍ଦ୍ରଜାଲ କୌତୁକ ଦେଖାଉଥିବାବେଳେ ରାମାୟଣ ଚରିତକୁ ମଧ୍ୟ ମାୟାରେ ଦେଖାଇଲା । ରାମ ସୀତାଙ୍କ ଅଭିଷେକ ରୂପ ଦେଖାଇଲାବେଳେ ଲାବଣ୍ୟବତୀଙ୍କୁ ସ୍ୱ ପ୍ରେୟସୀର ରୂପ ଦେଖିଲା ପରି ଲାଗିଲା । ରାମଙ୍କ ଆଗରେ ଚନ୍ଦ୍ରଭାନୁ ଦଣ୍ଡାୟମାନ ହୋଇଥିଲା ପରି ତାଙ୍କୁ ଜଣାଗଲା । କୁହୁକ କୁଶଳର ମାୟାରେ ଲାବଣ୍ୟବତୀ ସ୍ୱ ପ୍ରେମିକ ସହିତ ପ୍ରେମାଳାପ କରୁଥିଲା ପରି ଅନୁଭବ କଲେ । ପ୍ରେୟସୀ ନଟଙ୍କର ପ୍ରେମାଳାପ ପ୍ରସଙ୍ଗୀମାନଙ୍କୁ ସତ୍ୟବତ୍ ପ୍ରତୀୟମାନ ହେଲା । ପ୍ରେମାଲିଙ୍ଗନର ଚିତ୍ର ଜେମାର ମାନସପଟରେ ଦୃଶ୍ୟ ହେଉଥିଲାବେଳେ କୁହୁକକୁଶଳୀ ଐନ୍ଦ୍ରଜାଲିକ ମାୟାକୁ ସଂହରଣ କଲେ । ଐନ୍ଦ୍ରଜାଲିକ କର୍ଣ୍ଣାଟକୁ ପ୍ରତ୍ୟାବର୍ତ୍ତିକ କରି ଦୁର୍ଭିକ୍ଷକାର୍ଯ୍ୟ

ଲବଣ୍ୟବତୀ କୁମାର ପ୍ରତି ବଶଥିବାର ଜଣାଇବାରୁ କୁମାର ପ୍ରକୃତ ଦଶିଲା ଦେଖାଇ ବହୁତ ଆନନ୍ଦିତ ହେଲେ । (୧୫ଶ ଦୃଶ୍ୟ) ।

ଔନ୍ଦ୍ରଜାଲିକ ମନ୍ତ୍ରରୁ କୁମାରଙ୍କ ବଶ ହୋଇଥିବା ଶୁଣି କୁମାର ମନ ଆନନ୍ଦରେ ମିତ୍ରମାନଙ୍କ ଆଗରେ ପ୍ରିୟାର ଶୋଭା ଅନୁରାଗ ବର୍ଣ୍ଣନା କଲେ ।
(୧୬ଶ ଦୃଶ୍ୟ)

ଏଣେ ବୋଣ୍ଡୁରୂଆଳ ଶାସକ ଜଳନ୍ଧର, ଶୁକ ଓ ଚନ୍ଦ୍ରସଖୀଙ୍କ ସଙ୍ଗରେ ଦେଇ ସିଂହଳକୁ ଫେରିଲେ । କର୍ଣ୍ଣାଟ ରାଜକୁମାର ଚନ୍ଦ୍ରଭାନୁ ଲବଣ୍ୟବତୀଙ୍କର ଶୋଭା ଶୁଣିବା ଦିନରୁ ତାହାଠାରେ ମୁଗ୍ଧ ହୋଇଛି ଏବଂ ଉପଯୁକ୍ତ ବରପାତ୍ର ଥିବାରୁ ତାଙ୍କୁ ରାଜକନ୍ୟା ସହିତ ବିବାହ କରାଇଲେ ଉତ୍ତମ ହେବ, ଏହି ପ୍ରସ୍ତାବ ସମ୍ବନ୍ଧରେ କନ୍ୟାର ମନୋଭାବ ଜାଣିବାକୁ ନିଜ ଭଗିନୀ ମେଘମାଳାକୁ କନ୍ୟା ନିକଟକୁ ପଠାଇବା ସ୍ଥିର କଲା । ପୁଣି ଚନ୍ଦ୍ରସଖୀଙ୍କ ସହିତ ଏ ସମ୍ବନ୍ଧରେ ଆଲୋଚନା କରି ଶୁକକୁ ମେଘମାଳା ହାତରେ ଦେଇ ରାଜନଅରକୁ ପଠାଇ ଦେଲା । ବାଳା ପ୍ରିୟର ବଚନରେ ଲୀଳାବତୀକୁ ଭଜିଥିଲା । ଶୁକଠାରୁ କୁମାର ତାହାପ୍ରତି ଅନୁରାଗ ଥିବା ଜାଣି ଅତ୍ୟନ୍ତ ଖୁସୀ ହେଲା । ପ୍ରେମିକା ଆଗେ ପ୍ରେମପତ୍ର ଦେବା ମର୍ଯ୍ୟାଦାହାନିକର ଭାବି ଚନ୍ଦ୍ରଭାନୁଠାରୁ ପ୍ରେମପତ୍ର ଆଣିବା ପାଇଁ ଗୋପନରେ ଚନ୍ଦ୍ରସଖୀ କର୍ଣ୍ଣାଟ ରାଜଧାନୀ ଉଦ୍ୟାନପୁରକୁ ଗଲେ । (୧୭ଶ ଦୃଶ୍ୟ)

ଚନ୍ଦ୍ରସଖୀ ଉଦ୍ୟାନପୁରକୁ ଯାଇ ଚନ୍ଦ୍ରଭାନୁ ସହିତ ଦେଖା କଲେ । ସେତେବେଳେ ଚନ୍ଦ୍ରଭାନୁ ଲବଣ୍ୟବତୀର ଶୋଭା ମିତ୍ରମାନଙ୍କ ଆଗରେ ବର୍ଣ୍ଣନା କରି ବିରହରେ କାତର ହୋଇଥିଲେ । ସେ କନ୍ୟା ପ୍ରତି ଅନୁରାଗୀ ଓ ଉତ୍କଣ୍ଠିତ ଥିବାର ଜାଣି ତାହାଙ୍କୁ କନ୍ୟାଙ୍କଠାରୁ ଚିଠି ଦେବାକୁ ଚନ୍ଦ୍ରସଖୀ କହିଲେ । ଚନ୍ଦ୍ରଭାନୁର ଚିଠିକୁ ଜଟାରେ ରଖି ଚନ୍ଦ୍ରସଖୀ ସିଂହଳକୁ ପ୍ରତ୍ୟାବର୍ତ୍ତନ କଲେ ଏବଂ ଉପଯୁକ୍ତ ସମୟ ସୁଯୋଗ କରି ନାରୀ ବେଶରେ ରାଜନଅରରେ ପ୍ରବେଶ କରି ଲବଣ୍ୟବତୀଙ୍କୁ ଚିଠି ଦେଲେ । (୧୮ ଶ ଦୃଶ୍ୟ)

ଲାବଣ୍ୟବତୀ ଚନ୍ଦ୍ରଭାନୁର ପ୍ରେମାନୁରକ୍ତ ପତ୍ର ପାଠ କରି ଅତ୍ୟନ୍ତ ଆନନ୍ଦିତ ହେଲେ ଏବଂ ବ୍ରହ୍ମଭଟ୍ଟଙ୍କୁ ଶୁକ ଓ ଗୋଟି ପତ୍ର କର୍ଣ୍ଣାଟକୁ ପଠାଇବାକୁ ସ୍ଥିର କଲେ । (୯ଶ ଛାନ୍ଦ)

ଲାବଣ୍ୟବତୀ ସମ୍ପୂର୍ଣ୍ଣ ଉତ୍ତର ଲେଖି ବ୍ରହ୍ମଭଟ୍ଟଙ୍କ ହାତରେ ଦେଲେ । ଶିବରାତ୍ରି ଦିନ ରାମେଶ୍ୱରଙ୍କଠାରେ ମେଳା ବସିବା ଅବସରରେ ଦୁହିଙ୍କ ଭେଟ ହେବା ସୂଚନା ସେଥିରେ ଥିଲା । ବ୍ରହ୍ମଭଟ୍ଟ ଶୁକକୁ ଧରି କର୍ଣ୍ଣାଟକୁ ପ୍ରସ୍ଥାନ କଲେ । (୧୦ଶ ଛାନ୍ଦ)

ବର୍ଷାଋତୁ ଆସିବାରୁ ଚନ୍ଦ୍ରଭାନୁ ବିରହରେ କାତର ହୋଇ କନ୍ଦର୍ପ ପୀଡ଼ାରେ ବ୍ୟଥିତ ହେଲେ । ତହିଁ ସେ ବିରହରେ ମୂର୍ଚ୍ଛା ହୋଇଯିବାରୁ ସଖାମାନେ ସେବା କରାଇଲେ । ଏହି ସମୟରେ ଶୁକ ଓ ବ୍ରହ୍ମଭଟ୍ଟ ତାଙ୍କ ନିକଟରେ ଉପସ୍ଥିତ ହୋଇ ଲାବଣ୍ୟବତୀର ଚିଠାଟି ଦେଲେ । କୁମାର ଚିଠାଟି ପାଠକରି କ୍ଷମାଶ୍ୱର ଭକ୍ତ ପ୍ରଶଂସା କଲେ ଏବଂ ସେଠାରେ ଶିବରାତ୍ରି ବେଳକୁ ସିଂହଳ ଯିବା ପାଇଁ ନେମ ଲେଖିଥିବା ଜାଣିଲେ । ଶୁକ ଓ ବ୍ରହ୍ମଭଟ୍ଟଙ୍କଠାରୁ ଲାବଣ୍ୟବତୀ କଥା ବାରମ୍ବାର ଶୁଣିବାରୁ ତାଙ୍କ ମନ ଉଚ୍ଛନ୍ନ ହେଲା; ବିରହ ବ୍ୟଥା ବୃଦ୍ଧି ପାଇଲା । (୧୧ଶ ଛାନ୍ଦ)

ଏହି ବର୍ଷାଋତୁରେ ଲାବଣ୍ୟବତୀ ବିରହ ବ୍ୟଥାରେ କାତର ହେଲେ । ଶରତ, ହେମନ୍ତ, ଶିଶିର ଋତୁ କଟିଗଲା । (୧୨ଶ ଛାନ୍ଦ)

କ୍ରମେ ବସନ୍ତ ଋତୁ ଆଗତ ହେଲା । ରାମେଶ୍ୱରଠାରେ ଶିବରାତ୍ରି ଉତ୍ସବ ଦେଖିବା ପାଇଁ ପିତା ଅନୁମତି ଦେବାରୁ ମିତ୍ର, ସେବକ, ସୈନ୍ୟସାମନ୍ତ ସହିତ ସୁସଜ୍ଜିତ ଚନ୍ଦ୍ରଭାନୁ ଶୁଭଦିନରେ ଯାତ୍ରା କଲେ । ବହୁଦିନ ପରେ କିଷ୍କିନ୍ଧ୍ୟାପୁର ପ୍ରଦେଶରେ ପ୍ରବେଶ କଲେ । (୧୩ଶ ଛାନ୍ଦ)

କୁମାର କିଷ୍କିନ୍ଧ୍ୟା ବନରେ ମୃଗୟା କରି ସେଠାରୁ ରାମେଶ୍ୱରକୁ ଗମନ କଲେ । ଫାଲ୍ଗୁନ ମାସ ପ୍ରବେଶ ହେବାରୁ ସିଂହଳରାଜ ସପରିବାର ରାମେଶ୍ୱରକୁ ବୋଇତରେ ଗଲେ । ରାମେଶ୍ୱରରେ ଚନ୍ଦ୍ରଭାନୁ ମଧ୍ୟ ଉପସ୍ଥିତ ହେଲେ । ଦେବାଳୟରେ ଚନ୍ଦ୍ରଭାନୁ ହସ୍ତରେ ଲାବଣ୍ୟବତୀର ଗୋଟି ବେଣୀ ଦେଇ ଆସିଲା । (୧୪ଶ ଛାନ୍ଦ)

ରାମେଶ୍ୱର ଦେବାଳୟରେ ନାୟକଙ୍କ ସହିତ ନାୟିକାର ଭେଟ ହେବା ସ୍ଥିର କରି ନାୟିକା ନାୟକଠାକୁ ଭଟ ଦେଲେ; ନାୟକ ସ୍ତ୍ରୀ ବେଶରେ ମନ୍ଦିରକୁ ଯିବେ, ସେଠାରେ ଉଭୟଙ୍କର ଦେଖା ସାକ୍ଷାତ ହେବ । (୧୪ଶ ଛାନ୍ଦ) ।

ନିଜ ସଙ୍ଗରେ ଆସିଥିବା ସ୍ତ୍ରୀମାନେ ଦେବାଳୟକୁ ଯିବାପାଇଁ ଅନୁମତି ଚନ୍ଦ୍ରଭାନୁ ସିଂହଳ ରାଜାଙ୍କଠାରୁ ଆଣିବାକୁ ଚାହିଁଲେ । ଚନ୍ଦ୍ରଭାନୁ ସ୍ତ୍ରୀ ବେଶରେ ମନ୍ଦିରରେ ପ୍ରବେଶ କଲେ । ଲାବଣ୍ୟବତୀ ପିତାଙ୍କ ଅନୁମତି ନେଇ ଦେବାଳୟକୁ ଗଲେ । (୧୬ଶ ଛାନ୍ଦ)

ଦେବାଳୟରେ ନାୟକ ଓ ନାୟିକାଙ୍କ ଭେଟ ହେଲା । ଉଭୟେ ପରସ୍ପରକୁ ଗୁପ୍ତ ସଙ୍କେତ ଦେଲେ । (୧୭ ଛାନ୍ଦ)

କର୍ଣ୍ଣାଟ ରାଜକୁମାର ସହିତ ହେମାଙ୍କ ବିବାହ ପ୍ରସଙ୍ଗ ଉତ୍ଥାପନ କରିବାକୁ ସିଂହଳ ରାଜା ସ୍ଥିର କଲେ; କିନ୍ତୁ କନ୍ୟା ଯାଚିବା ଅସମ୍ମାନଜନକ ଥିବାରୁ ରାଜକୁମାରଙ୍କ ମନୋଭାବ ଜାଣିବା ନିମନ୍ତେ ସୁରେନ୍ଦ୍ରଙ୍କୁ ପଠାଇଲେ । ରାଜକୁମାରଙ୍କ ମନରେ ସନ୍ତୋଷ ଜାତ କରାଇ ତାଙ୍କୁ ସମ୍ମତ କରାଇବା ପାଇଁ ସୁରେନ୍ଦ୍ରଙ୍କ ବହୁବିଧ 'ପାଠ' (କବିତା) ଶୁଣାଇଲେ । ସୁରେନ୍ଦ୍ର କାମଶାସ୍ତ୍ର ରସ ମଧ୍ୟ ଉତ୍ଥାପନ କରି କାମିନୀ ବର୍ଣ୍ଣନା ଅବଶେଷ କରି, କୁମାରର ମନକୁ ମୋହିଲେ । ସୁରେନ୍ଦ୍ର କୌଶଳରେ ପ୍ରସ୍ତାବ କରି ଯୁବରାଜ ଅବିବାହିତ ଥିବା ମଧ୍ୟ ଜାଣିଲେ । କୁମାରର ମିତ୍ର ଲାବଣ୍ୟବତୀ ସହିତ କୁମାରର ବିବାହ ପ୍ରସଙ୍ଗ ଚଳାଇବା ପାଇଁ ସୁରେନ୍ଦ୍ରଙ୍କୁ ଅନୁରୋଧ କଲେ । ସୁରେନ୍ଦ୍ର ଶେଷରେ କୁମାରର ମିତ୍ର ବୃଦ୍ଧିଧ୍ୱଜ ସିଂହଳ ରାଜାଙ୍କ ନିକଟକୁ ଯାଇ ପ୍ରସ୍ତାବ ଉତ୍ଥାପନ କରନ୍ତେ ରାଜା ସମ୍ମତ ହେଲେ । ଜାତକ ମେଳକ ହେବାକୁ ଦଇବଜ୍ଞଙ୍କୁ ଦେଖା କରାଇ ଦିଆଗଲା । ନାୟକ ଓ ନାୟିକା ଉଭୟେ ବିରହରେ ଉତ୍କଣ୍ଠିତ ହେଲେ । (୧୮ଶ ଛାନ୍ଦ)

ଲାବଣ୍ୟବତୀ ପିତାଙ୍କ ସଙ୍ଗ ସିଂହଳକୁ ଫେରି ଆସିଲେ ଏବଂ ଚନ୍ଦ୍ରଭାନୁ ସହିତ ବିବାହ ସ୍ଥିର ହୋଇଥିବା ଶୁଣି ଆନନ୍ଦିତ ହେଲେ । ମାତାମହଙ୍କ

କରନ୍ତା ଦାସୀଙ୍କ ମୁଖରେ ଲାବଣ୍ୟବତୀର ସଖୀମାନେ ସୁନ୍ଦର ଉପାଳାପ କଲେ । (୨୯ଶ ଛାନ୍ଦ)

ଲାବଣ୍ୟବତୀ ସହିତ ଚନ୍ଦ୍ରଭାନୁର ଅଧିବାସ ସହ ଅନ୍ତଃପୁରରେ ବିବାହ ହେଲା । ସଖୀମାନେ କେଳିପୁରକୁ ଯିବାଇଲେ । (୩୦ଶ ଛାନ୍ଦ)

ନବଦମ୍ପତିଙ୍କର ମିଳନପ୍ରସଙ୍ଗ ଅଶ୍ଳୀଳ ପ୍ରକାଶ ପାଇଛି । କେଳିପୁର ବିବିଧ ମଣ୍ଡଣି ଓ ଉପଭୋଗୋପଯୋଗୀ ଦ୍ରବ୍ୟରେ ଭୂଷିତ ହେଲା । (୩୧ଶ ଛାନ୍ଦ)

ଲାବଣ୍ୟବତୀଙ୍କୁ ସଖୀମାନେ ସୁରମ୍ୟ ବେଶରେ ସଜାଇ ହାସ୍ୟ-ପରିହାସ-ପୂର୍ଣ୍ଣ ଆଳାପ ଭିତରେ କେଳିପୁରରେ ବର ସମୀପରେ ଛାଡ଼ିଦେଇ ଆସିଲେ । (୩୨ଶ ଛାନ୍ଦ)

ସ୍ୱାମୀ ଓ ସ୍ତ୍ରୀ ସମ୍ଭୋଗରେ ମାତି ସୁଖରେ ରାତ୍ରି ଯାପନ କଲେ । (୩୩ଶ ଛାନ୍ଦ)

କେଳିପୁରରୁ ବାହୁଡ଼ି ଆସିବା ବେଳେ ଲାବଣ୍ୟବତୀଙ୍କୁ ସଖୀମାନଙ୍କର ପରିହାସ । (୩୪ଶ ଛାନ୍ଦ)

ଅସ୍ତମଙ୍ଗଳା ଦିନ ଚନ୍ଦ୍ରଭାନୁଙ୍କର ଅନ୍ୟ ଉଦ୍ଦିଷ୍ଟ ମଧ୍ୟ ଲାବଣ୍ୟବତୀର ଏକ ସଖୀଙ୍କୁ ବିବାହ କଲେ । ଚନ୍ଦ୍ରଭାନୁ ଓ ତାଙ୍କ ମିତ୍ରମାନେ ସିଂହଳରେ କନ୍ଦର୍ପ ଯୁଦ୍ଧରେ ଅନ୍ତଃପୁର କରି କନ୍ୟାମାନଙ୍କ ସହ ବୋଇତରେ ବସି ସ୍ୱଦେଶକୁ ଫେରିଲେ । ଏ ଭିତରେ ନାରଦଙ୍କଠାରୁ ଲାବଣ୍ୟବତୀର ଅପୂର୍ବ ବେଶୀ ବିଷୟ ଅବଗତ ହୋଇ ଇନ୍ଦ୍ରାଦି ଦେବତାମାନେ ଈର୍ଷାନ୍ୱିତ ହୋଇ ଶାପ ଦେଲେ । କାଳଦମ୍ପତ୍ତି ତୁଲ୍ୟ ଚନ୍ଦ୍ରଭାନୁ ଓ ଲାବଣ୍ୟବତୀଙ୍କର କନ୍ଦର୍ପ ବିଚ୍ଛେଦ ହେବ ଏବଂ ପରେ ସେମାନେ ବିପୁଳ ସୁଖସମ୍ପଦ ଭୋଗ କରିବେ । ସିଦ୍ଧ ଦେଶର ଅଶ୍ୱାରୋହଣ ଯାତ୍ରା ଚଣ୍ଡୀଙ୍କ ଦ୍ୱାରା ଦେବତାମାନେ ବିଚ୍ଛେଦ ଘଟାଇବାକୁ ସ୍ଥିର କଲେ । (୩୫ଶ ଛାନ୍ଦ)

ନବଦମ୍ପତି କୌତୁକରେ ପଶାଖେଳ କରିବାକୁ ଲାଗିଲେ । ଲାବଣ୍ୟବତୀ ମାନଭଞ୍ଜନ କଲେ । ଉଭୟେ କେଳି କରି ଆନନ୍ଦ ଉପଭୋଗ କଲେ । ଚନ୍ଦ୍ରଭାନୁ ଲୋଡ଼େଇଦେଲେ ଲାବଣ୍ୟବତୀଙ୍କୁ ପ୍ରବାସ କରି ବିଚ୍ଛେଦ ଦୁଃଖ ଦେବେ ନାହିଁ ବୋଲି ପ୍ରତିଜ୍ଞା କଲେ । (୩୬ଶ-୩୮ ଛାନ୍ଦ)

ଏହି ସମୟରେ ଅସୁରମାନେ ସଂଯତମାନଙ୍କ ସହିତ ଯୋଗ ଦେଇ ଋଷିମାନଙ୍କ ଯାଗ ନଷ୍ଟ କଲେ। କେବଳ ଚନ୍ଦ୍ରଧ୍ୱଜଙ୍କ ଦ୍ୱାରା ଦୁଷ୍ଟ ନିବାରଣ ସମ୍ଭବ ବୋଲି ଋଷିମାନେ ଭାବିଲେ। ତାଙ୍କ ଋଷିମାନେ ଦେବତାମାନଙ୍କ ଶାପକୁ ହୁକଣ କଣ ସିନ୍ଧୁ ଦେଶର ଅଧିଷ୍ଠାତ୍ରୀ ଚଣ୍ଡୀଙ୍କ ଆରାଧନା କଲେ। ବସନ୍ତ ଋତୁରେ ଜାହ୍ନବୀ କୂଳରେ ଚନ୍ଦ୍ରଧ୍ୱଜ ଓ ଲବଣାବତୀ ବନ ବିଳାସରେ ଲିପ୍ତ ଥିବା ଅବସରରେ ହଠାତ ଚଣ୍ଡୀଙ୍କ ଆଦେଶରେ ପ୍ରଚଣ୍ଡ ପବନ ବହିବାରୁ ମିତ୍ରମାନଙ୍କ ସହ କୁମାର ଲବଣାବତୀ ଓ ତାର ସଖୀମାନଙ୍କଠାରୁ ବିଚ୍ଛିନ୍ନ ହେଲେ। ପବନ ଏମାନଙ୍କୁ ଘୋଡ଼ି ନେଇ ଏଳାବୃଷ୍ଟି ବନରେ ଛାଡ଼ିଲା। ଏ ଦୃଶ୍ୟ ପାଖରେ କର୍ଣ୍ଣାଟ ରାଜା ଚନ୍ଦ୍ରକ ହୋଇ ସ୍ୱ ଇଷ୍ଟଦେବୀଙ୍କୁ ପୂଜା କରିବାରୁ ଦେବୀ ପ୍ରସନ୍ନ ହୋଇ ଦେବତାମାନଙ୍କ ଶାପ ପ୍ରସଙ୍ଗ ରାଜାଙ୍କୁ କହିଲେ। ରାଜା ସନ୍ତୁଷ୍ଟ ହେଲେ। ପ୍ରବଳ ପବନ ଶାନ୍ତ ହେବାରୁ ଚନ୍ଦ୍ରଧ୍ୱଜ ପ୍ରିୟାଙ୍କୁ ନ ଦେଖି ବିକଳ ହେଲେ। ଏ ସମୟରେ ନାରଦଙ୍କର ଶୂନ୍ୟବାଣୀ ହେଲା, "ଏକ ସମୁଦ୍ରର ବିଚ୍ଛେଦ ହେବ, ପୁଣି ବାଳା ସଙ୍ଗେ ମିଳନ ହେବ, ଏହା ଦେବତାମାନଙ୍କ ଶାପ।" ଏହାପରେ ଚନ୍ଦ୍ରଧ୍ୱଜ ଓ ତାଙ୍କ ମିତ୍ରମାନଙ୍କୁ ଗନ୍ଧର୍ବ ଓ କିନ୍ନରମାନେ ଦେଖି ମନରେ ଆଶଙ୍କା କଲେ। ଏମାନଙ୍କର ମାଧୁର୍ଯ୍ୟ ଦେଖିଲେ, ସେମାନଙ୍କ ମନୋହାରୀମାନେ ଭ୍ରଷ୍ଟ ହୋଇଯିବେ। ଏ ବିପଦରୁ ରକ୍ଷା ପାଇବା ପାଇଁ ଚନ୍ଦ୍ରଧ୍ୱଜଙ୍କୁ ମୂଲ୍ୟବାନ ପ୍ରସ୍ତର ଗୁମ୍ଫାରେ ଲୁଚାଇ ରଖିଲେ। (୩୯ଶ ଛାନ୍ଦ)

ଗ୍ରୀଷ୍ମ, ବର୍ଷା, ଶରତ, ହେମନ୍ତ, ଶିଶିର ଓ ବସନ୍ତ ଋତୁରେ ବିରହ ବର୍ଣ୍ଣନା। (୪୦ଶ—୪୪ଶ ଛାନ୍ଦ)

ସ୍ୱପ୍ନର କୃପାରେ ଅସୁର ଓ ସଂଯତମାନଙ୍କ ଉପଦ୍ରବରୁ ରକ୍ଷା କରିବା ପାଇଁ କୋଟି କଣ୍ଠରେ ସେମାନେ ଚନ୍ଦ୍ରଧ୍ୱଜଙ୍କୁ ଡାକ ଦେଲେ। ଅଦ୍ଭୁତରେ ବିବିଧ ଆୟୁଧରେ ସଜ୍ଜିତ ଏକ ରଥ ଆସି ଚନ୍ଦ୍ରଧ୍ୱଜଙ୍କ ନିକଟରେ ଉପସ୍ଥିତ ହେଲା। ଏଥିରେ ବସି ଚନ୍ଦ୍ରଧ୍ୱଜ ଭୀଷଣ ଯୁଦ୍ଧରେ ଦୁଷ୍ଟ ସଂହାର କଲେ। ଦେବତାମାନେ ପ୍ରସନ୍ନ ହୋଇ ଚନ୍ଦ୍ରଧ୍ୱଜଙ୍କୁ ଶାପରୁ ମୁକ୍ତ କଲେ। କୁମାର ଅଦ୍ଭୁତ ରଥରେ ସ୍ୱଦେଶକୁ ପ୍ରତ୍ୟାବର୍ତ୍ତନ କଲେ। (୪୫ଶ ଛାନ୍ଦ)

ଚନ୍ଦ୍ରଭାନୁଙ୍କ ବିରହରେ ମଦନଶୋଭଣା ଅତି ଦୁଃଖ ପାଇ ମୃତ-ପ୍ରାୟ ହୋଇ ଯାଇଥିଲେ । ଚନ୍ଦ୍ରଭାନୁଙ୍କୁ ଦେଖି ତାଙ୍କ ଦୁଃଖ ନାଶ ହେଲା ।
(୪୬ଶ ଛାନ୍ଦ)

ଦମ୍ପତିଙ୍କ ପ୍ରେମ । ଚନ୍ଦ୍ରଭାନୁଙ୍କ କୀର୍ତ୍ତି ଚତୁର୍ଦ୍ଦିଗରେ ସୁଯଶ ଲାଭ କରିବାରୁ ଶତ୍ରୁ ରାଜାମାନେ ଭୟ କଲେ ଏବଂ ମିତ୍ରମାନେ ଆନନ୍ଦିତ ହେଲେ । (୪୭ଶ ଛାନ୍ଦ)

ରାଜ୍ୟଶାସନ କରିବାକୁ ଚନ୍ଦ୍ରଭାନୁ ଉପଯୁକ୍ତ ହୋଇ ପାରିଥିବାରୁ ବୃଦ୍ଧ ରାଜା ତାଙ୍କୁ ନୃପତିପଦବୀ ଦେଇ ପୁରୁଷୋତ୍ତମରେ ସେବାଶ୍ରୟ କଲେ । ଚଂଦ୍ରଭାନୁଙ୍କ ସୁଶାସନରେ ଦେଶ ସମୃଦ୍ଧିଶାଳୀ ହେଲା ଏବଂ ପ୍ରଜାମାନେ ଆନନ୍ଦିତ ହେଲେ । (୪୮ଶ ଛାନ୍ଦ) ।

ଛାନ୍ଦର ନାମକରଣ—କବି ଲାବଣ୍ୟବତୀର ଶେଷ ଭାଗର କେତେକ ଛାଂଦର ନାମ-କରଣ ବିଷୟାନୁସାରେ କରିଛନ୍ତି । ବହୁ ଛାଂଦର ଆରମ୍ଭରେ କିମ୍ବା ପ୍ରାନ୍ତରେ ଛାଂଦ-ବିଷୟର ସୂଚନା ଦିଆଯାଇଥିଲେ ମଧ୍ୟ ସ୍ପଷ୍ଟ ନାମକରଣ ହୋଇ ନାହିଁ ।

୪୦ଶ ଛାଂଦ, ୪୧ଶ ଛାଂଦ ଓ ୪୨ଶ ଛାଂଦର ନାମକରଣ ଦେଖା ଯାଉଛି ।

୪୦ ଛାଂଦ—ବସନ୍ତରେ ଗ୍ରୀଷ୍ମଋତୁ ବର୍ଣ୍ଣନା ବିଷୟ—ଛାଂଦନାମ 'ରସ ରତ୍ନାକର' ।

କହେ ଉପଇଂଦ୍ର ଭଞ୍ଜ ଗାଇବର ଛାଂଦ ରସରତ୍ନାକର ।
(ଶେଷ ପଦ । ୪୦ଶ ଛାଂଦ)

୪୧ଶ ଛାଂଦ—ବରଷାରେ ଶରତ ଋତୁ ବର୍ଣ୍ଣନା ।
ଛାନ୍ଦ ନାମ—ରସିକ ରତ୍ନମାଳା ।

୪୨ଶ ଛାଂଦ—ବିରହରେ ହେମନ୍ତ ଋତୁ ବର୍ଣ୍ଣନା । ଛାନ୍ଦ ନାମ—ରସିକ ଭ୍ରମର ତୋଷଦ ମାଳତୀ ।

କାବ୍ୟର ରଚନା ସମୟ—ଲକ୍ଷଣାବତୀର କେତେକ ଛାନ୍ଦର ସ୍ୱର ନିର୍ଦ୍ଦେଶ ମୂଳରେ ଖସ୍ତ ଅନ୍ୟ କବିମାନଙ୍କର କାବ୍ୟ ଓ କବିତାର ଉଲ୍ଲେଖ କରିଥିବା ଦେଖାଯାଏ । ଏଥି ଭିତରେ ଲିପିକାରମାନଙ୍କର ପ୍ରକ୍ଷେପ ଅଂଶ ରହିଥିବା ଅସମ୍ଭବ ନୁହେଁ, ତେବେ ପରବର୍ତ୍ତୀ କବି ଓ ରଚନାର ଉଲ୍ଲେଖ ଥିବା ଦୃଢ଼ ପ୍ରମାଣ ନ ମିଳିଲେ ପ୍ରକ୍ଷିପ୍ତ ଅଂଶର ଦୋଷମାନଙ୍କ ସିଦ୍ଧାନ୍ତ ହୋଇ ପାରିବା ସମ୍ଭବ ନୁହେଁ ।

୧ମ ଛାନ୍ଦ—ସ୍ୱର-କଳସା ଚୌଡ଼ା । ସୁମ ବଶ୍ୱ ପ୍ରଥମ ଛାନ୍ଦ ବାଣୀ ।
୫ମ ,, — ,, ବସନ୍ତ । ମଧୁପ ଚଉତିଶା ବାଣୀ ।
୬ଷ୍ଠ ,, — ,, ରାମକେରୀ । ଯୋଗୀ ପ୍ରମାଦ ବାଣୀ ।
୮ମ ,, — ,, ମଙ୍ଗଳ ଗୁର୍ଜରୀ । ଏଣମଠଅଣ୍ଡ ବାଣୀ ।
୧୦ମ ,, — ,, ଦେଶାକ୍ଷ । ସଜନୀ ନଉତିଶା ବାଣୀ ।
୧୧ଶ ,, — ,, କେଶ୍ଟି । ଶଫନକେଶରଅ ବାଣୀ ।
୧୨ଶ ,, — ,, କଉଶିକ । କୃଷ୍ଣକାନ୍ତ ଚଉତିଶା ବାଣୀ ।
୧୩ଶ ,, — ,, କଦ୍ଧୀନ । ମୁଦବର ବାଣୀ ।
୧୪ଶ ,, — ,, କଳହଂସ କେଦାର । ନଅସ୍ୱ କେଳସ୍ତୁ ବାଣୀ ।
୧୫ଶ ,, — ,, ବସନ୍ତ ଭୈରବ । ଛିଣ୍ଣା ବୃତ୍ତାସ୍ତୁ ଛାନ୍ଦ ବା କଳଶା ବାଣୀ ।
୧୬ଶ ,, — ,, ଗୁର୍ଜରୀ । ଚନ୍ଦ୍ରାବତୀ ପ୍ରସୂନ୍ନର ବାଣୀ ବା ସ୍ୱରନତ ବାଣୀ ।
୧୭ଶ ,, — ,, ଶଙ୍କରାଭରଣ । ଗୀତା ସ୍ମରଣ ଚଉତିଶା ବାଣୀ ।
୨୦ଶ ,, — ,, ଚିନ୍ତା ଭୈରବ । ଇଚ୍ଛାବତୀ ବାଣୀ ।
୨୧ଶ ,, — ,, ଭୈରବ । ବଡ଼ ଅନୁକୂଳେ ନାଭ ହରିବେ ବାଣୀ ।
୨୨ଶ ,, — ,, କାମୋଦୀ । ହଂସ ଦୂତ ଚଉତିଶା ବାଣୀ ।
୨୩ଶ ,, — ,, କଲ୍ୟାଣ ଆହାରୀ । ତୋ ନାଅ ଏନ୍ତେଷୀ ଥିବ ପଲ୍ଲବେ ବାଣୀ ।
୨୬ଶ ,, — ,, ଚିନ୍ତାଦେଶାକ୍ଷ । ପଙ୍କଜ ବଦନ କୁଟିଳ କୁନ୍ତଳ ଜଟିଳ ବାଣୀ ।

୨୭ଶ ଛାନ୍ଦ — ରାଗ ବସନ୍ତ ବରାଡ଼ି । ଆଦ୍ୟମଙ୍ଗଳିକ ବାଣୀ ।
୨୯ଶ ,, — ,, କଳସ ଚୌଧାରି । ତାଡ଼ଙ୍କ ସଂହାର ରାମ ଏ ବାଣୀ ।
୩୦ଶ ,, — ,, ମଙ୍ଗଳଗୁର୍ଜ୍ଜରୀ । ଜଗନ୍ନାଥ ଧାମ ଦଶାବତାରଙ୍କୁ ମଙ୍ଗଳ ବାଣୀ ।
୩୧ଶ ,, — ,, ବସନ୍ତୀକ । ଦୂତ ଚଉତିଶା ବାଣୀ ।
୩୨ଶ ,, — ,, ମାଳବ । ସ୍ୱଳପ ଯୋଜନା ତଣ୍ଡି ନାଗଏ ଅକ୍ଷରର ବାଣୀ ।
୩୭ଶ ,, — ,, ବସନ୍ତ । ଗୋପୀଙ୍କବଚନ ବାଣୀ ।
୩୯ଶ ,, — ,, ଚନ୍ଦ୍ରମୁଖାରି । ଛାନ୍ଦ ଚଉତିଶା ବାଣୀ ।
୪୮ଶ ,, — ,, ମଙ୍ଗଳ । ମହେଶଙ୍କ ସ୍ତୁତି ବାଣୀ ।

ଏହି ଚଉତିଶାଗୁଡ଼ିକର ନାମ ଏଠାରେ ଉଲ୍ଲେଖ କରାଯାଇ ଥିବାରୁ ଏଗୁଡ଼ିକ ଲାବଣ୍ୟବତୀ ରଚନା ସମୟର ପୂର୍ବରୁ ରଚିତ ହୋଇଥିବା ଅନୁମାନ କରିବା ସମୀଚୀନ ହେବ । ଏହି ଚଉତିଶାର ଗୁଡ଼ିକୁ 'ବାଣୀ' ନାମରେ ମଧ୍ୟ ସୂଚିତ ହୋଇଛି ।

ରଥପଦ ଚଉତିଶା — ହଂସଦୂତ ଚଉତିଶା
ବଜାର ଚଉତିଶା — ଭ୍ରମର ଚଉତିଶା
କୃଷ୍ଣଚନ୍ଦ୍ର ଚଉତିଶା — ସୀତାହରଣ ଚଉତିଶା

'ବାଣୀ' ଭିତରେ ଚଉତିଶାର ସଂଖ୍ୟା ଓ ଗ୍ରନ୍ଥର ପ୍ରସିଦ୍ଧ ଛାନ୍ଦର ସ୍ଥାନ ଥିବା ସ୍ପଷ୍ଟ ହେଉଛି ।

ଦେଉଳୀ ସମାଜ, ମୁନିବର, ପ୍ରଥମ ଉଆସି, ମଥୁରା ଗମନ, ଶପଥ ଚେତାଣି, ଉଷା ଦୃଷ୍ଟିପାତ ସ୍ୱପ୍ନ ବାଣୀ, ଚନ୍ଦ୍ରାବତୀ ସ୍ୱୟମ୍ବରବାଣୀ, ଲଲ୍ଲାବତୀ ବାଣୀ, ଗୁଣବତୀ ବାଣୀ, ଚଡ଼ି ଅନୁକୂଳ କାଳ ଶର୍ମୀ ବାଣୀ,—ପ୍ରଭୃତି ଭିତରୁ ସ୍ୱୟଂ ଶିଖ, ଚନ୍ଦ୍ରାବତୀ ସ୍ୱୟମ୍ବର, ଉଷା, ଗୁଣବତୀ, ଲଲ୍ଲାବତୀ ପ୍ରଭୃତିଙ୍କର ନାମ ଜଣାଯାଇଛି—

ଅନ୍ୟ ବାଣୀମାନଙ୍କ କୃତ ନାମର ଉଲ୍ଲେଖ ସ୍ଥାନର ବର୍ଣ୍ଣନା ମଧ୍ୟ ଏଥିରେ ଥିବାରୁ ଏହି ଗୁଡ଼ିକର ସମସ୍ତ ଲାବଣ୍ୟବତୀ ପୂର୍ବରୁ ରଚିତ ହୋଇଥିବା କହି ହେବ । କିନ୍ତୁ ସେଥି ମଧ୍ୟରୁ କେତେକ ଉଲ୍ଲିଖିତ ବାଣୀଗୁଡ଼ିକ ଲୁପ୍ତ ହୋଇଯିବାରୁ ତାହା ଜଣାପଡ଼ୁ ନାହିଁ ।

ସପନେ ଚେତିଆ ବାଣୀ ।
ବଡ଼ ଅନୁକୂଳେ ଜାତ ସଖି ସେ ବାଣୀ ।
ତୋ ନାଥ ଏକ୍ଷଣି ଥିବୁ ପଲଙ୍କେ ବାଣୀ ।
ପଙ୍କଜ ବଦନ ଲୁଚିଲେ ଲଜ୍ଜାଳ ଜଳେ ବାଣୀ ।
କୁଳଜା ଯୌବନ ତତ୍ତ୍ୱ ନାସ୍ତି ଏ ଅନୁଭବ ବାଣୀ । ଇତ୍ୟାଦି ।

କାବ୍ୟ ନାୟିକାର ରୂପ—କାବ୍ୟଟି ୪୮ଟି ଛାନ୍ଦରେ ସମ୍ପୂର୍ଣ୍ଣ ହୋଇଛି । କବି ଏଥିରେ ୨୩୭୧ ପଦ ଥିବା ବ୍ୟକ୍ତ କରିଛନ୍ତି ।

ଛବିଳ ଦୂତ ହସ୍ତଧ୍ୱ ପାଦଣି,
ଶୋଭିଏ ଏକ ସବରେ ଦେଶେ । (୪୮ଶ ଛାନ୍ଦ)

କବି କାବ୍ୟଟିକୁ ଏକ ମୂର୍ତ୍ତିମନ୍ତ ନାୟିକା ରୂପରେ କଳ୍ପନା କରିଛନ୍ତି ଏବଂ ବିବିଧ ଅଳଙ୍କାର ପରିଧାନ ଦ୍ୱାରା ନାୟିକାର ଶୋଭା ଯେପରି ବର୍ଦ୍ଧିତ ହୁଏ ସେହିପରି କବି ଏହି ମୂର୍ତ୍ତିମନ୍ତ କାବ୍ୟନାୟିକାକୁ ବିବିଧ କାବ୍ୟ-ଅଳଙ୍କାର ଦ୍ୱାରା ମଣ୍ଡିତ କରିଥିଲେ ଏହାର ଶୋଭା-ବର୍ଦ୍ଧନ କରିଅଛନ୍ତି ।

ରୂପବତୀ ନାୟିକାର ମୃଦୁ ସ୍ୱର ଓ ବ୍ୟବହାର ଯେପରି ଏହାର ଜନସାଧାରଣଙ୍କୁ ଆକର୍ଷିତ କରେ ଏବଂ ମାନସରଞ୍ଜନ କରେ ସେହିପରି କବି ମୃଦୁ ପଦାବଳୀ ଦ୍ୱାରା ଏହି କାବ୍ୟ ନାୟିକା ସମସ୍ତଙ୍କର ମନ ମୋହିତ ହେବାର ଆଶା ପ୍ରକାଶ କରିଛନ୍ତି ।

ମୂର୍ତ୍ତିମନ୍ତ କଲି ମୃଦୁ ଗୀତ ରସଭଲି,
ଏଣୁକରି ଥିବ ଅଳଙ୍କାର ଯୁକ୍ତ ହୋଇ । ୬ ।
ପଢ଼ ଶୁଣିଲେ ଜନରେ ଶ୍ରବଣ ମୋହିବ,
ଅର୍ଥୀଜନ—ସୁଜନଙ୍କୁ ଆନନ୍ଦ କରିବ ସେ । ୮ । (୧ମ ଛାନ୍ଦ)

କବି ଏହି କାବ୍ୟରେ ତାଙ୍କର '[illegible]' ଗ୍ରନ୍ଥରେ ସୂଚନା ଦେଇଛନ୍ତି—

ଅଭିନବ ସାରଶ୍ରୀ ଯା ବ୍ୟାକରଣେ ଅଛି,
ପୂର୍ବେ କରିଲି ଏହି ଗୀତ ହିତ ପାଇଁ ସେ । ୯ । (୧ମ ଛାନ୍ଦ)

'ଶୀତ ଋତୁ' ପାଇଁ କବି ଓହଳରେ ଲାବଣ୍ୟ ଭଙ୍ଗୀ କେତେକ ଶବ୍ଦ କାବ୍ୟରେ ବ୍ୟବହାର କରିଛନ୍ତି; ଏହା କବିଙ୍କ 'ଶବ୍ଦମାତ୍ର ସର୍ବଅଳଙ୍କାରଭୂଷିତା' ବୋଲିବାର ଉଦ୍ଦେଶ୍ୟ ଥାଇପାରେ ମଧ୍ୟ, ଏହା ବ୍ୟାକରଣ ସମ୍ମତ ଓ ସ୍ପଷ୍ଟ ଥିବାରୁ 'ଦୋଷ' ଅନ୍ତର୍ଭୁକ୍ତ ହୁଏନି ।

ଜାବର୍ଷି ତପସ୍ୱୀଗଣ, ସୁମଧୁର ବେଶ ଏବଂ ବୃଦ୍ଧଜନମାନେ ଶ୍ରୀକୃଷ୍ଣଙ୍କ ବଦନରେ ଏହା ପାନ କରି ଆନନ୍ଦ ଲାଭ କରିବେ, ଏହି ଆର୍ଥିକ ଆଶା ବ୍ୟକ୍ତ କରିଛନ୍ତି ।

ଏବେ ତରି ଭୂତଳ ଉଚିତ ସୁମଧୁର,
ଶ୍ରୀକୃଷ୍ଣବଦନରେ ପାନ କର ବୃଦ୍ଧଜନ ହେ । ୧ । (୧ମ ଛାନ୍ଦ)

କଥା, କବିଙ୍କ ଭାବ, ଛାନ୍ଦ—କବି ପାଠକଙ୍କ ରୁଚିକୁ ବୋଲି ବରାବର କହି ଆସିଛନ୍ତି । ସୁତରାଂ ରସିକ ପାଠକଙ୍କ ମନସ୍ତୁଷ୍ଟି ନିମନ୍ତେ ରସଗ୍ରାହକରେ ଦସ୍ତୁ ନ କରି ଆନନ୍ଦ ଲାଭ କରନ୍ତୁ । ରସିକା ନାୟିକା ଲାବଣ୍ୟବତୀଙ୍କ ମଧୁରହାସ୍ୟ-ମଣ୍ଡିତ ପଦାବଳୀ ପାଇଁ ସମ୍ଭ୍ରମ କେ ତାଙ୍କୁ ସୁବେଶ କରୁଛନ୍ତି । ଅଦ୍ଭୁତ ରସିକ ବ୍ରାହ୍ମଣର ମନ ମଧ୍ୟ ଯେ ରସରେ ଆପ୍ଲୁତ ହୋଇ ଗୁଣକ ଧନରସକୁ ଅଭିଳଷିତ ହେବାରେ ସୃଷ୍ଟି ହୋଇଲା ଥିବା ଅଭିଳଷିତ ହୋଇ ପରବର୍ତ୍ତୀ ବେଶ ବାବଦରେ ଶ୍ରୀମତୀ ପାଇଁ ବାହି ରହୁଛି । ବୈଦର୍ଭୀଙ୍କ ସ୍ତୁତି ଗୁଣକ-ରସିକ-ଗାମ୍ଭୀର୍ଯ୍ୟ ପକ୍ଷେ ପୁଣ୍ୟ-ଧନରସଦାୟୀ ହୋଇଛି । ତତ୍ତ୍ୱଦର୍ଶୀ ରସିକବ୍ରାହ୍ମଣ-ଚନ୍ଦନାର ପକ୍ଷେ ଉପେନ୍ଦ୍ରଙ୍କ ଗ୍ରନ୍ଥାବଳୀ ସ୍ତୁତି ପୁଣ୍ୟ-ଧନରସଦାୟୀ ।

ରସିକ ଗୁଣକ ପୁଣ୍ୟ ଧନରସ ଦାୟୀ,
ଏ ଛାନ୍ଦକୁ ଶ୍ରୀମତୀ ସୁକବି ମନ ଦେଇ ଦେ । ୧ । (୩୬ଶ ଛାନ୍ଦ)

ଏତ ରଚନାରେ କବି କଳାକୌଶଳର ସୃଷ୍ଟି କରିଥିବା ଜଣାଯାଏ । ଅଳଙ୍କାରାଦି ଶାସ୍ତ୍ରବିରୁଦ୍ଧ କୌଣସି ଦୋଷ ଯେପରି ତାଙ୍କ କାବ୍ୟକବିତାରେ ସ୍ଥାନ ନପାଏ ସେଥିପ୍ରତି ସେ ସତର୍କ ଦୃଷ୍ଟି ଦେଇଛନ୍ତି । ସୁ ରଚନାକୁ ନିର୍ଦ୍ଦୋଷ କରିବା ତାଙ୍କର ପ୍ରଧାନ ଲକ୍ଷ୍ୟ ଥିଲା । ଏଣୁ ସେ ଜଗନ୍ନାଥ ପ୍ରାର୍ଥନାରେ ଏହା ସ୍ପଷ୍ଟ ଭାବରେ ବ୍ୟକ୍ତ କରିଛନ୍ତି—

> ରୂପଲାବଣ୍ୟ ଜନ୍ମ ସାରବରକୁ ଶୁଖତ,
> ଜଳେ ଶିରେ ଏଣୁ ରୀତି ହୋଇ ଉମାପତ । ୮୬ । (୬ଷ୍ଠ ଛାନ୍ଦ)

କବିଙ୍କର କବିତା ବିଚିତ୍ରପଦାବଳୀରେ ମଣ୍ଡିତ ହୋଇ 'ମୁକ୍ତାମୁକ୍ତା ଖଚିତକୁ ସ୍ୱର୍ଣ୍ଣ' ହେଉ, ଏହା କବି କାମନା କରନ୍ତି; ସେ ପୂର୍ଣ୍ଣକାମ ହୋଇଛନ୍ତି ।

ଏ କଟାକ୍ଷ ଶ୍ୟାମ, ମୁକ୍ତାମୁକ୍ତ ଖଚିତକୁ ସ୍ୱର୍ଣ୍ଣ । ୩୮ । (୪୧ଶ ଛାନ୍ଦ)

କବି ଓ କବିତା—କବିତା ରଚନାରେ ଶ୍ରମ ସ୍ୱୀକାର କରିବାକୁ ହୁଏ ଏବଂ ସୁଷମ ପାଣ୍ଡିତ୍ୟପୂର୍ଣ୍ଣ ପଦାବଳୀ ରଚନାରେ ଯେଉଁ ଶ୍ରମ ହୁଏ, ଏହା କବି ବ୍ୟକ୍ତ କରିଛନ୍ତି ।

ଶ୍ରମ ବିନେ ଯେ କବିତା ସୁନ୍ଦର ହେବ ନାହିଁ, ଏହି ଧାରଣା ଭ୍ରମପୂର୍ଣ୍ଣ ଥିବା କବିଙ୍କ ଏହି ଉକ୍ତିରୁ ସ୍ପଷ୍ଟ ଜଣାପଡୁଛି ଏବଂ ଏହା ତାଙ୍କର କମନୀୟ ପଦାବଳୀ ଓ କଳ୍ପନାପୂର୍ଣ୍ଣ ଛନ୍ଦ ଦ୍ୱାରା ପ୍ରମାଣିତ ହେଉଛି ।

> ସ୍ମରଣୋଚିତରେ ଯେ ଅଳଙ୍କାର, ଦାଶରଥିର ଶ୍ରମ ନିବନ୍ଧ ।
> ଧ୍ୟାନେ ଅର୍ଜିତ ଯଶ କରି ସତ, ରୂପଲାବଣ୍ୟ ସାରବର ରଚିତ ଯେ ।
> ସର୍ବେ କବିବର ଶୁଦ୍ଧ ଯେ,
> କହି ସେ ଜାଣିନେ ଯେତେ ଶ୍ରମ ଏଥି ଏ ବେଶଭୂଷଣ ଗ୍ରନ୍ଥ ଯେ ।
> । ୪୦ । (୪ର୍ଥ ଛାନ୍ଦ)

କବି ଏଠାରେ ରଚନା ସ୍ଥଳରେ ଥିବା ଶ୍ଳେଷର ସୂଚନା ଦେଇ ସ୍ଥାନେ ସ୍ଥାନେ ରଚନାର ଗୌରବକୁ ବର୍ଣ୍ଣନ କରିଛନ୍ତି; 'ଜାଣିବା ମନ'କୁ ଆନନ୍ଦ ଦେବା କବିଙ୍କର ଏହି ଲକ୍ଷ୍ୟ ରହିଛି; ଯେଣୁ ସେ ପାରିଲେ ଏ ଆନନ୍ଦ ଲଭ୍ୟ ନୁହେଁ । ଗ୍ରନ୍ଥର ଶେଷରେ ଶ୍ରୋତାମାନଙ୍କ ନିଷ୍ଠ କାମ୍ୟ ହେବ ସୂଚେଇ ହୋଇଛି ଛନ୍ଦ ପ୍ରାନ୍ତରେ କବି ଏହି ଲକ୍ଷ୍ୟ ଉଲ୍ଲେଖ କରିଛନ୍ତି—

ହରେଇବର ପେଣ୍ଡଷ ପ୍ରବେଶ ସୁବେଶ
 ହୃଦବି ପାଶୁଁ ଏ ଛନ୍ଦ,
କବି ଭୂପତି ଅନେକ ଏହୁ ପୁର
 ଦେଖନ୍ତେ ଜନ୍ମିତ ଆନନ୍ଦ ।
ଭାଣିଲ, ଲଳନମନକୁ ଏ ତୋଷିବ,
ମୂର୍ଖ ସ୍ୱଭାବ ଅନୁସ୍ୱରଣା ପଣ ନେଇ କାହ୍ନ ଗଣ ପ୍ରକାଶିବ କାହିଁ ।
 (୫ମ ଛାନ୍ଦ)

ପ୍ରସଙ୍ଗାନୁକୂଳ ଭୂପତିର ଅହଙ୍କାରଣାବର ମୂର୍ଖ ସ୍ୱଭାବକୁ ବର୍ଣ୍ଣନା କରିଛନ୍ତି; ମୂର୍ଖ ପକ୍ଷେ କାବ୍ୟ ଆନନ୍ଦଉପଭୋଗ ସମ୍ଭବ ନୁହେଁ ।

କବିଙ୍କ ଆତ୍ମପ୍ରଶଂସା—କବି ସ୍ୱ କାବ୍ୟ ଲକ୍ଷ୍ୟବସ୍ତୁ ସମ୍ବନ୍ଧରେ ନିଜେ ପ୍ରଶଂସା କାବ୍ୟରଚନା କରନ୍ତି । ଅନ୍ୟାନ୍ୟ କାବ୍ୟରେ ବ୍ୟକ୍ତିତ୍ୱ ପଛାଇଁ ଏଠାରେ ସେ ଅନୁସରଣ କରିଛନ୍ତି ।

ନାନା ଅଭିଧାନ ବିଧାନ ପଣ,
 ନାଟକକାବ୍ୟ ଅଙ୍ଗ ମାଧୁରୀ ।
ଦୃଷ୍ଟି ସୃଷ୍ଟିରେ ହୋଇଛି ବଢ଼ି,
 ରସିକ ଚିତ୍ତ ମୋହନ ମନ୍ତ୍ର ।
ଶୀଳ-ଗର୍ବ-ଦୃଷ୍ଟି-ଦୋଷ-ଦୂଷଣ,
 ପଣ୍ଡିତ-ମୂର୍ଖ-ଅଗମ୍ୟ-ପଦ ।
ଧନ୍ୟ ବର୍ଣ୍ଣିବ ପଦର ସମାଜ,
 ବିବିଧ ରସ ପ୍ରବନ୍ଧରେ ପୂର୍ଣ୍ଣ । (୮ଶ ଛାନ୍ଦ)

ନାଟକକାବ୍ୟ ପ୍ରକୃତିର ଶୃଙ୍ଗାରର ମାଧୁର୍ଯ୍ୟ, ବିବିଧ ଅଭିଧାନର ବିଧାନ ପ୍ରକୃତ ଏହାର ମର୍ଯ୍ୟାଦା ବୃଦ୍ଧି କରିଛି । ଦୃଷ୍ଟି ଓ ସୃଷ୍ଟି ଉଭୟରେ ଏ ଗ୍ରନ୍ଥ ହୋଇ ରସିକଜନମାନଙ୍କର ଚିତ୍ତକୁ ମୋହନମନ୍ତ୍ର ପରି ମୋହିତ କରୁଛି ।

ଏହି ଅଶ୍ଳୀଳ କାବ୍ୟ ରୁଚିକ ହୀନ ଲୋକଙ୍କ ମନକୁ ଦୂଷିତ କରୁଥିଲେ ମଧ୍ୟ କାଳକ୍ରମେ ଏହାର କୁତ୍ସିତ ପ୍ରଭାବ ବିସ୍ତାର କରି ସେମାନଙ୍କ ନୈତିକ ବୋଧକୁ ଧ୍ୱଂସ କରି ଦେଉଛି । ମୂର୍ଖମାନେ ଅଗମ୍ୟବନରେ ପଥିକ ଭଳି ବିହ୍ୱଳ-ପ୍ରାୟ ହେଉଛନ୍ତି ।

ଧନର ପରସ୍ପ ନାନା ପ୍ରକାର ଶବ୍ଦ ଚାତୁରୀରେ ପୂର୍ଣ୍ଣ ରହିଥିଲେହେଁ ଏହି କାବ୍ୟଟି ଅଶେଷ ଦୋଷ ଦୃଶ୍ୟ ରସରେ ପୂର୍ଣ୍ଣ ହୋଇ ରୋଗ ପରି ଓ ଅଶ୍ଳୀଳତା ଆନନ୍ଦ ଦେଉଛି ।

କବି ଗୁଣବନ୍ତ ଓ ନିର୍ଗୁଣ ବ୍ୟକ୍ତିଙ୍କ ପ୍ରସଙ୍ଗ ଉତ୍ଥାପନ କରି ନିର୍ଗୁଣଙ୍କ ନିନ୍ଦା ବା ଅନାଦର ପ୍ରତି ଦୃଷ୍ଟି ଆକ୍ଷେପ କରିନାହାନ୍ତି; ଗୁଣବନ୍ତମାନେ ଏ କାବ୍ୟକୁ ମଣିମାଳା ତୁଲ୍ୟ ଧାରଣ କରିବେ ବୋଲି ଆଶା ପୋଷଣ କରିଛନ୍ତି ।

ଗୁଣବନ୍ତେ ଏ ଚିନ୍ତାମଣିକୁ ମାଳା କରି,
ନିର୍ଗୁଣେ ନ ଦେଖିବାକୁ ନାହିଁ ମୋ ବିଷାଦ ହେ । ୧ ।

( ୪୭ଶ ଛାନ୍ଦ )

କବିଙ୍କ ପାଣ୍ଡିତ୍ୟ—କବି ଶବ୍ଦାଳଙ୍କାରରେ ନମସ୍କାର ପ୍ରସଙ୍ଗରେ ଯେଉଁ ଶ୍ଳେଷାର୍ଥକ କବିତା କରିଛନ୍ତି ତାହା ତିନିପ୍ରକାର ଅର୍ଥରେ ରାମ, ପର୍ଶୁରାମ ଓ ବଳରାମଙ୍କୁ ବୁଝାଉଅଛି । ଏହା କବିଙ୍କର ଗଭୀର ପାଣ୍ଡିତ୍ୟ ଓ ବଳିଷ୍ଠ-ରଚନାଶକ୍ତିର ପରିଚୟ ଦେଉଛି ।

ଜୟ ଜୟ ଜୟ ରାମ ଜନକ ସୁତେଶ,
ଶ୍ୟାମ ଦୁରିତ ଦାନବର ସଦା ବିଶାରଦ ହେ । ୧ ।

( ୧ମ ଛାନ୍ଦ )

କବି ରାମ-ଉପାସକ ଥିବାରୁ 'ରାମ' ଶବ୍ଦ ଯୁକ୍ତ ପର୍ଶୁରାମ ଓ ବଳରାମଙ୍କୁ ମଧ୍ୟ ଏକପଦରେ ତିନି ଅର୍ଥରେ ତିନିଜଣଙ୍କୁ ନମସ୍କାର କରିଛନ୍ତି । ଏଥିରୁ ରାମାୟଣ, ମହାଭାରତାଦି ପୁରାଣମାନଙ୍କରେ ତାଙ୍କର ଗଭୀର ଜ୍ଞାନ ଥିବାର ପ୍ରମାଣିତ ହେଉଛି ।

କବିକଳ୍ପଲତା : ଦେଶର ନାମ ବ୍ୟାଖ୍ୟା — କେମାର ଚନ୍ଦ୍ରପଟ ନେଇ ଯୋଗୀ କହିଲା ଦେଶର ରାଜକୁମାରମାନଙ୍କୁ ଦେଖାଇଲେ । କେଉଁ ଦେଶରେ କପଟ ଅନ୍ତର ପାଇଲେ ତାହା କବି ଦେଶ ନାମ ତତ୍ତ୍ୱାନୁସାରେ ବୁଝାଇଛନ୍ତି ।

କୁନ୍ତଳେ କୁନ୍ତଳବର୍ଣ୍ଣେ ଥାଉଲେ ଧନ,
ମତ୍ସ୍ୟଦେଶେ ମତ୍ସ୍ୟପରି ଅନିମିଷନ । ୧୧ ।
କଟେଶ ନନ୍ଦେଷ ଥାଇ ଲୋକନ କଲେ,
ମଳୟରେ ମାଳା କରି ଗଳା ଜଡ଼ିଲେ । ୧୨ ।
ମଗଧେ ମଗଧାଧିପ ଶାଳିକୁ ଘେରି,
ବିଦେହ ବିଦେହଶରେ ହୋଇଲେ ଧୀର । ୧୩ ।
କାମାକ୍ଷର କାମ୍ୟ ସ୍ଥଳ ସୁଲଭ ବାଣୀ,
ମଲ୍ଲଦେଶ 'ମଲ୍ଲଭୂମି' ମେଲୁ ଭଣି । ୧୪ ।
ଅଙ୍ଗରେ ଅଙ୍ଗନା-ଅଙ୍ଗ ପ୍ରଶଂସା କଲେ,
ଏଣୁ ରମା ନେଇ କଳା କଲଙ୍କେ ଗଡ଼ିଲେ । ୧୬ ।
ଉତ୍କଳେ ଉତ୍କଳ ହୋଇ ବଢ଼ନ୍ତେ ସୁଖ,
ତଇଁ ଏ ଗୌରବ ଗଣ୍ଡେ ଭରି । ୧୯ ।
କୁମ୍ଭଟକେ ପରେ ବାଷ୍ପ ବୁଲାବା ଦେଖି,
ବଙ୍ଗାଳୀ ଟାଳି ଛପମାରିଲା ନ ଦେଖି । ୨୧ ।

ଏପରି ନେପାଳ, କେରଳ, ମହାରାଷ୍ଟ୍ର, ଧୃତରାଷ୍ଟ୍ର, ଦ୍ରାବିଡ଼, କର୍ଣ୍ଣାଟ, ମଗଧ, ବଙ୍ଗାଳ, କାମାକ୍ଷା, କେରଳ, ଯବନ, ସିନ୍ଧୁ ଦେଶର ନାମକରଣ କରିଛନ୍ତି ।

କର୍ଣ୍ଣାଟର କର୍ଣ୍ଣ, ବଙ୍ଗାଳୀଙ୍କ ଗାଲ, କେରଳ ନାମ ପ୍ରକୃତ କେରଳ ବା କେଳାର ମାହାତ୍ମ୍ୟ ଅତ୍ୟନ୍ତ ବଡ଼ କୌତୁକ ପୂର୍ଣ୍ଣ ହୋଇଛି । ନାମର ତତ୍ତ୍ୱ ଯଥାର୍ଥ କରି ସାଦୃଶ୍ୟ ଥିବା ଦେଖାଯାଉଥିଲେ ମଧ୍ୟ କେବଳ ହାସ୍ୟ-ପରିହାସ ଛଳରେ ବ୍ୟକ୍ତ ହୋଇଛି ।

ସ୍ନାନ ପରର ନାରୀର ଚିତ୍ର—ସ୍ନାନ ଅବଶେଷରେ ସରୋବର କୂଳକୁ ରାଜକନ୍ୟା ସଖୀମାନଙ୍କ ସହ ଆସିଲେ । ସେ କାଳର ଦୃଶ୍ୟ ବର୍ଣ୍ଣନା କରି ଅତି ସରଳ ସରସ ଭାଷାରେ କବି ବାସ୍ତବ ଚିତ୍ରଟିଏ ପ୍ରଦାନ କରିଛନ୍ତି ଏବଂ ବର୍ଣ୍ଣନାଟିକୁ ଉପମାମଣ୍ଡିତ କରି ଅତି ରମଣୀୟ ଓ ଉପଭୋଗ୍ୟ କରିଛନ୍ତି ।

ସ୍ନାନ ଅବଶେଷେ କୂଳକୁ କୂଳପାଳିକା ଆସି,
ଓଦର ଅଙ୍ଗରେ ଜଡ଼ି ହୋଇ ଶାଢ଼ୀ ଏମନ୍ତ ଦିଶି । ୩୯ ।
ଫୁଟିଲ ବାଡ଼ ଫୁଟି ଦେଖ କଣ୍ଠ ହେମ ପୁତୁଳା,
ସ୍ତନ ସଂପୁଟେ କି ବାରିଣ ଦେନ୍ତି ପିଧାନ କରି । ୪୦ ।
ଅତି ଜରଜର କରିଲେ ଅଙ୍ଗ ଏମନ୍ତ ସ୍ୱର,
ସେ ଉଦ୍ଭିଲ ଶଇଳ କି ସ୍ତାନ ଚନ୍ଦ୍ରବର ଦୁର । ୪୧
କେଶ୍ କଣ୍ଠ୍ ଜଳ ଝଡ଼ୁଛି ସୁଦ୍ଧ କୁଟିଲ ବାଳେ,
ରୂପାର ବୃନ୍ଦ କି ହୋଇଛି ନବ ତମାଳ ଦଳେ । ୪୨ ।
ନନ୍ଦନେ ଜବା ଫୁଟିଛି ତାର ତାରକା ଶ୍ରେଣୀ,
ମୋତି ପଡ଼ଳ କି ହୋଇଛି ନୀଳମଣି-ଧରଣୀ । ୪୩ । (୭ମ ଛାନ୍ଦ)

ଏଥି କବି ବାସ୍ତବ ଦୃଶ୍ୟଟିକୁ କବି ସ୍ୱ ଲେଖନୀ ବଳରେ ଅତି ରମଣୀୟ କରିପାରିଛନ୍ତି । ବାସ୍ତବ ଦୃଶ୍ୟର ସ୍ୱଭାବୋକ୍ତି ବର୍ଣ୍ଣନାଟିକୁ କବି ଉପଯୁକ୍ତ ଅଳଙ୍କାର ବ୍ୟବହାର କରି ସ୍ୱ କଳ୍ପନା ବଳରେ ଅନୁସରଣୀୟ କରିଦେଇଛନ୍ତି ।

ନବ ପ୍ରସୂତିର ଲଜ୍ଜା—

ସଦ୍ୟତନୟ ଚନ୍ଦ୍ରହାସ-ଶକଟ, ମୃଦୁହାସୀ ସ୍ୱିନ୍ନପଦ୍ମ ଭୂଷଣେ ।
ମୁଖ ଅବେଶିଲ ନିଜ ଅଞ୍ଚଳେ, ଶିର ପୂଜ ଅରବିନ୍ଦ କରନେ । ୪୭ ।
(୩ୟ ଛାନ୍ଦ)

ନାରୀର କେଶ—ନାୟିକାର କେଶପାଶକୁ କବି ବହୁ ପ୍ରକାରେ ବର୍ଣ୍ଣନା କରି ସଙ୍ଗୀତ ପାଣ୍ଡିତ୍ୟ ଓ ଚମତ୍କାର ପରିଚୟ ଦେଇଛନ୍ତି । ନାୟିକାକୁ 'ସ୍ୱଦେଶ ଚକ୍ରବର୍ତ୍ତୀ' ବୋଲି କହିବା ବେଳେ ତାହାର ଚକ୍ରବର୍ତ୍ତୀ ଉପାଧି

ପ୍ରକାଶ କରିବା ଉଚିତ ମନେ କରିଛନ୍ତି । ଏଥିରୁ କବିଙ୍କ ଔଚିତ୍ୟଜ୍ଞାନ ଜଣାପଡ଼ୁଛି । ଚକ୍ରବର୍ତ୍ତୀର ସାମନ୍ତଗୁଣ ଥିବା ଏକ ତଥ୍ୟ । ସ୍ୱରୂପତଃ 'ସୁନ୍ଦରୀ ଚକ୍ରବର୍ତ୍ତୀ'ର କଳ୍ପନା କବିଙ୍କ ମୌଳିକତାକୁ ସୂଚିତ କରୁଛି । କବି ନାୟିକାକୁ ସୁନ୍ଦରୀ ସଂସାରର ଚକ୍ରବର୍ତ୍ତୀ ଥିବା ବ୍ୟକ୍ତ କରିଥିଲେ ମଧ୍ୟ ସାମନ୍ତରାଜ୍ୟ ପରିବେଶରୁ ସ୍ୱତନ୍ତ୍ରଭାବେ ଲକ୍ଷ୍ୟ କରିଥିବା ଜଣାଯାଉଛି ।

ସୁନ୍ଦରୀ ସଂସାରେ ଯେ ହେବାରୁ ଚକ୍ରବର୍ତ୍ତୀ,
ଦେଲେ କି ମୁଡ଼ି ଅଙ୍ଗରେ ଭୂଷଣ ସମ୍ପତ୍ତି ଯେ । ୭୫ ।

କୁନ୍ତଳ ଦେଶରେ ଚୂଡ଼ା ଟେକି ସ୍ୱ କରିଗଲା,
କନ୍ଦର୍ପରେ ହାସକୁ ଦ୍ୱାରଧ୍ୱଜ ଦେଲେ ଯେ । ୭୬ । (୨ୟ ଛାନ୍ଦ)

ଏହିପରି ଭାବରେ ମାଳବକୁ, ଉତ୍କଳକୁ ତୈଲଙ୍ଗ, ଚନ୍ଦ୍ରଦ୍ୱାର (କାଞ୍ଚି)ରେ କାଞ୍ଚୀଦେଶକୁ, ପାଦରେ କନକ କଟକକୁ ପ୍ରକୃତ କରାଇଲେ । ଏହିପରି ସାମନ୍ତମାନଙ୍କୁ ଦେଇ ଅଙ୍ଗଦେଶରେ ପ୍ରତିଷ୍ଠା ହେଲା ବର 'ସୁନ୍ଦରୀ ସଂସାର ଚକ୍ରବର୍ତ୍ତୀ''ର ଶୋଭା ଅନୁପମ ହେଲା । ଯୌବନ ଶାଣରେ ସୁନ୍ଦରୀ—ରମଣୀମଣି ମଜା ଦିବାରୁ ବହୁମୂଲ୍ୟ ପ୍ରାପ୍ତ ହୀନକୁ ଧନ ଏବେ ବୃଦ୍ଧି ପାଇଲା ଯେ କବିଙ୍କ କଳ୍ପନା ଏଠାରେ ପର୍ଯ୍ୟବସିତ ହେଲା, ତାଙ୍କୁ ଆଉ ଉପମା ମିଳିଲା ନାହିଁ । ସୁନ୍ଦରେ ସାହା ଅଙ୍ଗରେ ସୁନ୍ଦର ହେଲେ, ତାହାର ବା ଉପମା ଆଉ କାହିଁ ? କବି କଳ୍ପନା ଏଠାରେ ପର୍ଯ୍ୟବସିତ ହେଲା କହି ନେଇଥିଲେ ମଧ୍ୟ ପ୍ରକୃତରେ ତାଙ୍କର କଳ୍ପନା ଗଗନକୁ ଛୁଇଁ ଏକ ଅଦ୍ଭୁତ ଚମତ୍କାରିତା ସୃଷ୍ଟି କରିଛି ।

ମଣି ରମଣୀମଣିକି ଶାଣ ଯୌବନ,
ବହୁ ମୂଲ୍ୟ ପ୍ରାପ୍ତକୁ ବଢ଼ାଇ ହୀନ ଧନ । ୭୯ ।

ଉପମା ଆଉ କାହିଁ ମନ୍ଦାକିନୀ ହେଲେ,
ସୁନ୍ଦରେ ସାହା ଅଙ୍ଗରେ ସୁନ୍ଦର ବୋଲାଇଲେ ଯେ । ୮୦ ।

(୨ୟ ଛାନ୍ଦ)

କବି ସମ୍ଭବତଃ ବନଲତା ଅଧରଙ୍କୁ ମଣ୍ଡିବାକୁ ଉପମାମାନଙ୍କ ମଧ୍ୟ ନିରନ୍ତର “କି କହିବା” ସ୍ଥିର ଭାବର ହେଲେ; ଶେଷରେ ଜବା କେଉଁଠାରେ ଲୁଚିଲେ । ଉପମା ସଂଖ୍ୟା ଅଳଙ୍କାରର ଅବତାରଣା ଶୈଳୀ ଅତି ଚମତ୍କାର ହୋଇଛି ।

ଝଳି କାନ୍ତିରେ ନିନ୍ଦିଣ ଚମ୍ପକ,
କିନ୍ତୁ କଣ୍ଟକ ଦୁର୍ଗକୁ କେତକୀ ।
ଯାହେଁ ନଂଦର କୁଚ ବଢ଼ିବାରେ,
ଜଙ୍ଘା ରୂଢ଼ି ନ ଚଳି ପାରୁବାରେ । ୨ ।
ନାଶା ପୁଚ୍ଛା ତୂଳବୀଜ ଜନାଇ,
ଭ୍ରୁଗା ଭଟଶ୍ରେ ଧନ୍ଦ ମଦ ମଦାଇ ।
ମୁଚୁଂ ଚନ୍ଦ୍ରର ପକସ୍କର-ଘଟ,
ମୁଖେ ଦର୍ପ ସ୍ପର୍ଶି କଳି ଦର୍ପଣ । ୩ ।
( ଲାସ୍ୟ ଛାନ୍ଦ )

କମ୍ବୁ (ଶଙ୍ଖ) କଣ୍ଠ ସଙ୍ଗେ ତୁଳନା ନହେବାରୁ ଲଜ୍ଜାରେ ‘ମୁଁ ଶଙ୍ଖ ନୁହେଁ’ ବୋଲି ସ୍ପଷ୍ଟ ଶବ୍ଦ ଜଣାଇ ଦେଉଛି । ମୀନ ନେତ୍ରସଙ୍ଗେ ସମାନ ନ ହୋଇ ଜଳସ୍ଥଳରେ ମରି ଯାଉଛି । ତାଳ ଶ୍ରୀଫଳ କୁମ୍ଭ ତୁଳନୀୟ ହୋଇ ନପାରି ମନଦୁଃଖ ଛଳରେ ଅଶ୍ରୁ ବର୍ଷଣ କରୁଛି । ରମ୍ଭା ଜାନୁର ସଦୃଶ ତୁଳନୀୟ ହୋଇ ନପାରି ପଦପ୍ରଦେଶରେ ସେବା କରୁଛି ।

ଏହିଭଳି ଉପମା ଲକ୍ଷିତ ହୋଇଥିବା ପଦର ମଧ୍ୟ ସୁନ୍ଦରୀଙ୍କୁ “କୁଂଦ କୋରକ-ହୀରକ-ରଦନା, ସୁଧାକର-ଶରଦିଜ-ବଦନା” ବୋଲି ଉଦ୍ଧାର କରୁହେବ । କବି ଏଥିକୁ ଏହାକୁ ଦୃଷ୍ଟିରେ ନାପସନ୍ଦ କରିଛନ୍ତି । ପୁଣି ଚନ୍ଦ୍ର ପଦ୍ମର ସମତାକାରକ, କୁନ୍ଦ ସୃଷ୍ଟିର ବର୍ଣ୍ଣ ଓ ସାଦୃଶ୍ୟ ବର୍ଣ୍ଣ ସମାନ ନୁହେଁ । କିନ୍ତୁ, ଏସବୁ ଉପମା ଏକ ଏକ ସୁଯୋଗ ହୋଇଥିଲେ ମଧ୍ୟ ଏ ନାୟିକାରେ ତାହା ପ୍ରଯୋଜ୍ୟ ନୁହେଁ ବୋଲି କହି କବି ନିଜର ରଚନା କୌଶଳ ପ୍ରଦର୍ଶନ କରନ୍ତି । ଏହା ଶରଂପ୍ରସ୍ତାବ ମଧ୍ୟ ଲକ୍ଷ୍ୟ କରନ୍ତି ।

କୁନ୍ଦକୋରକ-ସୁରକ-ରଦନା,
ସୁଧାକର-ପ୍ରହର୍ଷିକ-ବଦନା ।
ଏ ପ୍ରୟୋଗ ପରଂପରୁ ଅଛୁ ତ,
ବାଳାପାଦରେ ବର୍ଣ୍ଣିବାର କୁଣ୍ଠିତ ।
କମ୍ବୁ-ଖଞ୍ଜନ-ଗଞ୍ଜନ-କେତନା ।
ନଖ ପରଭୃତ କିତ-ବଚନା ।
ଏ ମଧ୍ୟରେ ବର୍ଣ୍ଣିଲେ ଯେ ଚତୁର,
କେତେ ହୋଇବ କବିତା ସୁରୁଚ ।
ସର୍ବ କୁଶ କଲା ମଂଦ ଶୋଭିତ,
ତାକୁ ସୁଦ୍ଧ ହୋଇଥାଇ ଲୋଭିତ ।
ତେଣୁ ସୁଂଦରେ ସୁଂଦର ହୋଇଲେ,
କଶ୍ମ ଅଧିକ ହୋଇବ ବୋଇଲେ ।
( ଶମ୍ଭୁ ଛାଂଦ )

ପ୍ରଥମ ଉଦ୍ଧୃତ—ନାୟକ ନାୟିକାଙ୍କ ପ୍ରଥମ ଭେଟ ସମୟର ଭାବଗତ କଥା ଅନ୍ୟ ଗମକ ଗୁଣ ସ୍ୱଭାବରେ ଅଳ୍ପପଦରେ ବ୍ୟକ୍ତ କରି ପାରିଛନ୍ତି; ଦ୍ୱିତୀୟ ଉଦ୍ଧୃତରେ ପ୍ରକୃତ ଅଳଙ୍କାରର ସାମଞ୍ଜସ୍ୟ ରକ୍ଷା କରି କବି ଅମର ପଦାବଳୀ ରଚନା କରିଛନ୍ତି । ଉଭୟଙ୍କର ମାନସିକ ବିକାର ଓ ଚଳାଧାରର ଚଟକୁ କରିଣ ମାନବପ୍ରକୃତିର ଗଭୀର ଅନ୍ତରର ପରିଚୟ ମିଳୁଛି ।

ପ୍ରକାଶ ଓ ବାଞ୍ଛାବତୀର ପ୍ରଥମ ଦର୍ଶନର ଚିତ୍ର :—

(ନାୟକ) ଅମର ସ୍ୱାର୍ଥି ଲଭି ବିକଳକଳ ମାଝେ,
ନାଗ-ରୂପ ଶିରୁଳା ଲୋଚନ ହେଲା ନେଦେହ ଯେ । ୩୫ ।
ସେ ପ୍ରେମମନ୍ତ୍ରଙ୍କ ଦର୍ଶନ୍ତ ପଡ଼ିଗ ହୋଇଲା,
ପୁଂସ୍ତ ନେଠ ଖଣ୍ଡସ୍ଥାନ ତର୍ଣ୍ଣରେ ରହିଲା । ୩୬ ।
ସ୍ୱମ ଶିର ବନ୍ଧୁବଚନରେ କଲା ତପ,
ରମା ଷପସ୍ତଭ ଶେଷୁ କାଟିଲ ବଜ୍ର କୋପ । ୩୭ ।

× × ×

(ନାୟିକା) ଏ କାଳରେ ପୁଂସଠାରେ ରାମା ଦୃଷ୍ଟିପାତ,
କନ୍ଦର୍ପ ନୟନକୁ ଲକ୍ଷିଲେ ଯେମନ୍ତ । ୪୧ ।
ମନମଥ ମଧ୍ୟରେ ଅଗ୍ନି ହେଲା ଜାତ,
ଉଦ୍ଗମ ହୋଇଲା ଶୋଷ୍ମ ଲୁହି ଉଦ୍ଗତ ଯେ । ୪୨ ।
ନେତ୍ର ବହ୍ନିରେ ସେ ଧଇର୍ଯ୍ୟ ଅନ୍ତରିତ,
ସୁବୃଦ୍ଧି ମନ୍ତ୍ରୀଙ୍କୁ ଧଇଲେ ନେତ୍ରେ ଯେ । ୪୩ ।

X X X

ସେ ସମୟେ ସକୃତ ଭକ୍ତିମ ଯୋଡ଼ି କର,
ହେ ଇଶ ଈଷସ୍ୟ ସ୍ମୃତିଶୟା ଦଶା ହର ହେ । ୪୫ ।
ସେତ କମଳାକ୍ଷୀ କମଳ ପୋଷ୍ଟ,
ପୁଷ୍ପିଶେଷ ଶଖିରେ ଶ୍ରୀପଲ ଭଣ ଭଲ ଯେ । ୪୬ ।
ଅନ୍ତ ପାନ କ୍ଷୀଣ ଶ୍ୱାନ ନ ସହନ ହେଲେ,
ରତ୍ନାକର ଭଣ୍ଡ:ଡଣ କୃଷ୍ଣିକାଳୀ ବାହେର ଯେ । ୪୭ ।
ଏ ବଚନ ଶୀଘ୍ରକାଲ କଣ୍ଠାଶ୍ରେ ଆଣିଲ,
ଋଷିକା ଭଜିଲ୍ଲ ଶ୍ୱବ ରସିକ ଜାଣିଲ୍ଲ ଯେ । ୪୮ ।

ଏ ସ୍ୱବନ୍ଦୀ ହେଉଳ ଦୁଶ୍ଚନ୍ଦ୍ର ଓ ବାସ୍ପିଦଶା ପକ୍ଷରେ କହେଁ, ସମସ୍ତ ସେମିତ ନାୟକ-ନାୟିକା ପକ୍ଷରେ ସମ୍ଭବ ଓ ଉପଭୋଗ୍ୟ । ନାୟିକାକୁ ବେଶି ପରମ ତପସ୍ୱୀ ଦୁଶ୍ଚନ୍ଦ୍ରର ସ୍ୱ-ଅଧିକ ମନ ଚଞ୍ଚଳ ହୋଇ ପଡ଼ିଲା, କବିଙ୍କର ସେ ସତ୍ୟକଥାରେ "ଅନ୍ତ ପାନ କ୍ଷୀଣ ଶ୍ୱାନ" ଅବସ୍ଥାକୁ ଆଣିଲ ।

ଏବେ ଏକାନ୍ତ, ଦୁହେଁ ତରୁଣ ତରୁଣୀ; ଏମାନଙ୍କ ଭେଟ ହେଲେ କନ୍ଦର୍ପର ଶର ସେମାନଙ୍କୁ ଉତ୍ତ୍ୟକ୍ତ କରିବା ସ୍ୱାଭାବିକ । ଏହି ତତ୍ତ୍ୱଟିକୁ କବି ଅତି ସୁନ୍ଦର ଭାବରେ ପ୍ରକାଶ କରିଛନ୍ତି—

ଏବେକତ ଏକାନ୍ତ ଦୁହେଁ ତରୁଣ ତରୁଣୀ,
ଭେଟ ଯାହା ହେଉଅଛି ଫୁଲ-ଧନୁ-ପାଣି ଯେ । ୪୯ ।

ଲେଖ ପତ୍ରର ଫୁଲ-ଫଳ-ପାଣିର ଦର୍ପଣସ୍ତୁଳ ହେବା ଓ ନେବା ଶୀଳତା, ପରସ୍ପର ଉପରେ ନିର୍ଭର କରେ; କିନ୍ତୁ ରସିକରସିକା ମିଳନ ପାର୍ଶ୍ୱ ଅତି ଉଚ୍ଛନ୍ନ ହେବା ସ୍ୱାଭାବିକ; ଦୃଷ୍ଟି ଓ ଶରୀରର ଉତ୍ତେଜନା ପରସ୍ପର ସ୍ୱତ ଜାତ ହେବେ, ଏଥିରେ ଆଶ୍ଚର୍ଯ୍ୟ କିଛି ନାହିଁ। କବିଙ୍କ ଅପୂର୍ବ ଦୃଷ୍ଟି ଏହାକୁ ଅମୃତମୟ କରିଦେଇଛି।

ଏହି ଘଟଣା ପ୍ରଭାତର ପରିଣତି ମିଳନ। କବି ଏହାକୁ ଅତି ଦକ୍ଷତା ସହକାରେ ନାଟକୀୟ ଛନ୍ଦରେ କେତେ ପଦାବଳୀ ରଚନା କରିଛନ୍ତି।

ପଞ୍ଚବର୍ଷୀୟକୁ ଦେଖିଲେ ଲକ୍ଷ୍ୟ ଅଛି ବଳି,
ଉଭୟ ଲକ୍ଷ୍ୟ ନାଗର ନାଗରୀ ତୁଲ ହେଲେ ସେ। ୫୦ ।

ସୁରୂପ ଧଇଁ ଲମ୍ବମାନ୍ କୁଣ୍ଡଳୀ,
ସ୍ୱରବର୍ଣ୍ଣ ନେତ୍ରକୀଣ ଉଭୟ ପାଇଲି। ୫୧ ।

ସୁଖ ଦେଖି ବଇ ଏ ଉଭୟଙ୍କ ବଡ଼ କଥା,
ଉଦ୍ଭବ ହେଲା କାହିଁକି ସେ ବସ୍ତୁ ବାଞ୍ଛିତ। ୫୨ । (୧ମ ଛାନ୍ଦ)

ରସିକରସିକା ସୁଖ ଦେଖି ବଡ଼ ମିଳନ ଘଟିବା ସ୍ୱାଭାବିକ; ଏହାଠାରୁ ବଳି ବଡ଼ ଉତ୍ସବ ଆଉ ନାହିଁ। କବି ଏହି ଉକ୍ତିକୁ ପ୍ରତ୍ୟେକ ଶ୍ଳେଷକାବ୍ୟରେ ପ୍ରତିପାଦନ କରିଛନ୍ତି।

ଏହି ପ୍ରଥମ ଦେଖାର ଅନ୍ୟ ଏକ ଦୃଶ୍ୟ ବର୍ଣ୍ଣନାରେ ମଧ୍ୟ ସେଠି ଅନନ୍ୟସାଧାରଣ କବିତ୍ୱଶକ୍ତି ପ୍ରକାଶ କରିଛନ୍ତି ତାହା ସାହିତ୍ୟଜଗତରେ ଅତୁଳନୀୟ।

ଦେବାଳୟରେ ଚନ୍ଦ୍ରଭାନୁ ଓ ଲାବଣ୍ୟବତୀର ପ୍ରଥମ ଦର୍ଶନର ଦୃଶ୍ୟ—

ବନ୍ଧନକ୍ଷ ସୁଖ ସୁନ୍ଦର ପ୍ରଭାମଣି ରମଣୀ ସୁଲକ୍ଷଣୀ,
ଶଶୀଶିଖା ଘନ ଚନ୍ଦ୍ରମା ଘେନି ବର୍ତ୍ତିକ ହେଲା ନ ହେ ଶଶୀ।
ନ ଶୋଷ, ଉଷିଲ ପିନ୍ଧାଣୀ ସୁନ୍ଦରୀ,
ନେତ୍ରପ୍ରାନ୍ତରେ ସୁରସ ରସ ଅନ୍ତରକୁ ଟାଣି ଦେଲା ଆସି। ୨୪ ।

ସୁହାଁଇ ନ ସୁହାଁଇ ହେଉ ଲଳନ୍ତୁ ମୁକୁନ୍ଦ ଯୋଗୀଙ୍କ ଦରଶନେ,
ସେହି ପଥ ପ୍ରାପତ ଇଚ୍ଛାକର କାଶୀ ଗମ୍ୟ, ତ୍ରିକାଳ ନ ଗାହନେ ।
କାବେରୀ, ପିତୃକା ସୁବର୍ଣ୍ଣରେଖା ଘଡ଼,
ଗୀର ଏବେ ନାମ ଶପଥ ହୋଇ ଉଦଲଡ ଦଇ ଭୂଷଣ । ୨୬ ।

× × ×

ବାଳ୍ୟ ଯୌବନ ଘଟନ ହେଲା ପଶ୍ଚାତ୍ ମନ୍ତ୍ର ଚୂଡ଼ାମଣି ଘଟାଇଲା,
ଯୌବନ ଛଟନ ଅଙ୍ଗରେ ମନାଇ ମନ ନେତ୍ରଙ୍କୁ ଦେଖାଇଲା ।
ସୋଣ୍ଡିଲ, ସୁଧାରୁ ସୁଶ୍ରୀକୁ ଧରିଲେ,
ପ୍ରେମ ମନ୍ତ୍ରଣା ସୁଖ ଦେଖି ପତ୍ନୀ ମଧ୍ୟେ ରହି ଘଣ୍ଟା ବଖାଣେ । ୨୭ ।
ବାଳା ନେତ୍ର ମନ ଲୁଭଣ ଦୂରଗ କରୁଥିଲା ଜନ୍ମ ବନରେ,
ଦାଉ ନାଗର ଜନାର ଶୋଣ୍ଡ ଜାତେକ ପଡ଼ିଲେ ଅତି ଲଜ୍ଜିତରେ ।
ଶ୍ରୀଖାନ୍ତ, ତୈଟି ନ ଦଶିଲ ଝୁପାନ୍ତ,
ସେ ଯେ ହା ଦର୍ଶନ ସେ ତାଙ୍କା ଲୁଣ୍ଠନ ଏଥି ଅଛୁ ଦେଖି ପାଶର । ୨୮ ।
ସେ ଧରଣୀ ହେଲା ଚକ୍ରବାକ-ଶୌଖ ତରଣ ଅଚ୍ଛିନ୍ନ ଅମ୍ବୁଜେ
ଲକ୍ଷ ନ ପାଇଲ ମନ୍ଦରଗମନା ଭୁବନ ନ ସ୍ପର୍ଶ ସାଞ୍ଚ ନଭେ ।
ଧ୍ୱଜ, ମୁକ୍ତାଦ୍ୱାର ହେଲା କାନ୍ତାର,
ତରୁଣ ଜନ୍ମେ ପଣ୍ଡିତ ଅନ୍ତରେ ମହାବାରୁଣୀ ଯୋଗ ଲକ୍ଷ । ୨୯ ।

ଏ 'ମହାବାରୁଣୀ' ଯୋଗରେ ଉଭୟେ 'ଶୋଣ୍ଡ-ରତ୍ନାକର'ରେ ସ୍ନାନ କରିବାକୁ ଦେଇ ପାରିଲେ ନାହିଁ । ଅକସ୍ମାତ୍ ନ୍ୟସ୍ତରେ ପ୍ରେମଡକ୍ରୁ ଦୁଇ କରି ତୋଳି ପରିଧ ଲାଗି ପଡ଼ିଲେ । ମନ ମହାକୁପଣ ଜନ ପରି ହେଲା । ଉଭୟେ ଭାମଦେବଙ୍କ ଓ ଜଳପାତସ୍ୱରୂପ ହୋଇ ବାସ୍ତୁକୁ ସିଦ୍ଧ କଲେ ।

ନୋହିଲେ ସେ ବେଳ ଶୋଣ୍ଡ ରତ୍ନାକର ଦରଶନଜନ୍ମ ଜନ୍ମରେ,
ପ୍ରେମଭଜନ ଶତାଧ କରି ନୋହୁଥିଲେ କି ଅକସ୍ମାତ୍ ରେ ।
ମନ ସେ, ମହାକୃପଣ ଜନ ପରି,
ସେ ବେଳ ଭାମଦେବଙ୍କ ଜଳପାତ ଦେଖୁ ବାଣ୍ଡାକୁ ସିଞ୍ଚିଲା । ୩୦ ।
(୨୭ଶ ଛାନ୍ଦ)

ଶ୍ଳେଷର ସାର୍ଥକତା—ତାଙ୍କ ଶ୍ଳେଷର ଓ ପ୍ରକୃତ ଶ୍ଳେଷର ସାର୍ଥକତା ସମ୍ଭବରେ ତାଙ୍କ ଅତି ଚମତ୍କାର ଭାବରେ କେତେକ ଅମର ପଦ ରଚନା କରିଛନ୍ତି । ତାଙ୍କ ଶ୍ଳେଷର ଅପୂର୍ବତାର ଧାରଣା କେବଳ ଅନୁଭବୀ ମନେ ଜାଗିପାରିବ । ଉଦାହରଣଗୁଡ଼ିକୁ ଅବଲୋକନ କଲା ମାତ୍ରେ ଅମର ପଂକ୍ତି ଭଳିଆ ଆନନ୍ଦ ମନରେ ଜାତ ହୁଏ, ସେହି ତାଙ୍କର ଅପୂର୍ବ ରୂପର ଛବି ନେତ୍ରରେ ଚିତ୍ରିତ ହୋଇ ରହିବ ।

ଅମର ପଂକ୍ତି ଲିଭ ଅଞ୍ଜନ ମାତେ,
ନାସା ରୂପ ପିବୁଲା ଲୋଚନ ହେବା ନେତ୍ରେ ସେ । ୩୫ ।

ପୁଣି, ସେ ପ୍ରଭୃତି ପ୍ରେମମତ୍ତଙ୍କ; ତାଙ୍କର ଶୋକ-ପଙ୍କଜରେ ପ୍ରକୃତ ନେତ୍ର-ଖଞ୍ଜନଙ୍କ ଅବସ୍ଥା ହୋଇ ରହିବ ।

ସେ ପ୍ରେମମତ୍ତଙ୍କ ଶୋକ-ପଙ୍କଜ ହୋଇବ,
ସଂସ-ନେତ୍ର-ଖଞ୍ଜନ ଚଞ୍ଚୁରେ ରହିବ । ୩୭ । (୧ମ ଛାନ୍ଦ)

ତାଙ୍କ ମଧ୍ୟ ସୁନ୍ଦର ପ୍ରକୃତିକୁ ଦେଖି ବିହ୍ୱଳ ହୋଇଯାଏ; ତାହାପାଇଁ ଛୁଅନ ଅନୁଭୂତ ।

ଏ କାଳରେ ସଂଗଠରେ ଭ୍ରମାକୃଷ୍ଟି ପାତ
ଜନ୍ମ-ଅଗ୍ନି ଦଗ୍ଧବକୁ ଲଭିଲେ ହେମନ୍ତ ସେ । ୩୧ ।
ମଦନମଥ ମଠରେ ଥିଲା ହେଲା ଜାତ
ଜଗନ୍ନାଥ ଜୋଡ଼ିକ ଶୋକ ଲୁହି ଜଳ ଭିଜ ସେ । ୪୨ ।(୧ମ ଛାନ୍ଦ)

ଉଦାହରଣ, ଉଦାହରଣ ପଦେ ଏ ଅନୁଭୂତ ସ୍ୱାଭାବିକ । ତାଙ୍କ ଏହି ସ୍ୱାଭାବିକ ବାକ୍ୟକୁ ଯୁକ୍ତାକ୍ଷରମାନଙ୍କରେ ଅନୁପ୍ରାସପୂର୍ଣ୍ଣ ପଦାବଳୀରେ ଚମତ୍କାର ରୂପ ପ୍ରଦାନ କରି ଲୋକଙ୍କୁ ଶାର୍ଦ୍ଦିକ କରିବା ସହିତ ସହିତ କବିତା-ଜଗତରେ ଅମର ହୋଇ ରହିଛନ୍ତି ।

ପରମ ଶୋଭାବତୀ ଲବଣ୍ୟବତୀ ଓ ପରମଶୋଭାବନ୍ତ ଚନ୍ଦ୍ରଭାନୁଙ୍କର ଏକାନ୍ତରେ ପ୍ରଥମ ଭେଟରେ ଭାବକୁ କବି ଅତି ସୁନ୍ଦର ପଦରେ ବର୍ଣ୍ଣନା କରି ସମର୍ଥ କରି ପାରିଛନ୍ତି । ରସିକ-ରସିକାର ଭାବ ବାକ୍ୟରେ ପ୍ରକାଶ ପାଏ

ନଥିଲେ କେବଳରେ ପ୍ରକାଶ ପାଇଥାଏ । ଏହି ସ୍ୱାମୀ ଭକ୍ତି କଥା ଅତି ସୁନ୍ଦର ଭାବରେ ସମ୍ପୂର୍ଣ୍ଣ ପଦରେ ବ୍ୟକ୍ତ କରିଛନ୍ତି—

ଏ ବଚନ ଶ୍ରୀହରିଭାର ଭଟ୍ଟାରେ ଶୁଣିଲ,
ରହିଲା ଭକତିର ଭାବ ରହିବ ଜାଣିଲ ଯେ । ୪୮ ।
ଏକେତ ଏକାନ୍ତ ଦୃଢ଼ନ ଭକ୍ତ ତରୁଣୀ,
ତେଣୁ ଯାହା କେଉଁ ଥାଇ ଫୁଲ-ଧନୁ-ପାଣି ଯେ । ୪୯ ।
(୧ମ ଛାନ୍ଦ)

ସପ୍ତଶର ଦାମ୍ପତ ଏକ ଖଣିରୁ କୁମାର ତପୋବନରେ ସ୍ୱାମୀ ଶ୍ରୀଙ୍କରେ କଠୋର ତପସ୍ୟା କରିଥିଲେ । 'ତପ୍ୟ-ନାଶ' ଲକ୍ଷ୍ୟରେ ସାଁଙ୍କ ସ୍ୱରୂପ ଅନ୍ତ ଭକ୍ତ ଭକ୍ତ ସଙ୍କଟଙ୍କୁ ମଧ୍ୟ କୁଣ୍ଠିତ କରନ୍ତି, ଏହାହିଁ ଏହି ଆଖ୍ୟାନର ତାତ୍ପର୍ଯ୍ୟ । ଏହି କଠୋର ତପସ୍ୟାରୂପକ ପ୍ରକୃତକୁ ସେ ପରମ ସୁନ୍ଦରୀ ବାଣୀଦେବୀଙ୍କୁ ମୁକ୍ତ ହୋଇଥିଲ ।

ତପ ତା ଅନଳଶିଖା ପବ୍ୟ ପାଖ ଶୁଦ୍ଧ,
ପଞ୍ଚାଗ୍ନି ସ୍ଥାପନ କରିଲ ତେଜରୁ ମଧ୍ୟ । ୨୭ ।
ପାଉଁଷ କାଳରେ ବୃକ୍ଷୋଦରଙ୍କୁ ନ ଯାଇ,
ବର୍ଷାକାଳ ଜଳପାତ ଉରସା ହୋଇଲ ଯେ । ୨୮ ।
ଶୀତେ ଜଳଶାୟୀ ଭୂମିଶଯ୍ୟା ବସ୍ତ୍ର-ସ୍ୱରେ,
ମୁଣ୍ଡିଲା ଶଙ୍କର ପୂଜା ଭରେ ପ୍ରତାପରେ ଯେ । ୨୯ । (୧ମ ଛାନ୍ଦ)

ଏତେ ବଡ଼ ତପସ୍ୟା କରୁଥିବା ପ୍ରକୃତ ମଧ୍ୟ ପରମ ସୁନ୍ଦରୀ ବାଣୀଦେବୀଙ୍କୁ ଦେଖି କାମବିକାରରେ ମୋହିତ ହୋଇଯାଇ ଅତି ଦଣ୍ଡନୀୟ ଦଶା ପ୍ରାପ୍ତ ହୋଇଥିଲେ ।

କହନ୍ତି ତପସ୍ୱିନୀ ତପଫଳ ମୋର,
ଦାନ୍ତିରେ ଇଚ୍ଛେ ସୁଫଳ ଜାଣ ଜଣ ଯେ । ୪୬ ।
ଅତି ଦାନ ଶୁଣି ପ୍ରଭୁ ମୁଁ ମଦନ ଶରେ,
ଦୟାକର ନଦୀକର କୃପାନାଶ ବାରେ ଯେ । ୪୭ । (୧ମ ଛାନ୍ଦ)

ପ୍ରେମକାବ୍ୟମାନଙ୍କର ସୃଷ୍ଟି ଏହି ମୂଳତତ୍ତ୍ୱ ଉପରେ ପ୍ରତିଷ୍ଠିତ । ଏହି ତତ୍ତ୍ୱର ପ୍ରଭାବ ନାୟକନାୟିକାଙ୍କ ପ୍ରତ୍ୟେକ ହାବଭାବରେ ପ୍ରକାଶ ଲାଭ କରିଛି ।

ରାଗ ବିଷୟ ଶ୍ରବଣ କରିବା, ଚିତ୍ର ପଟଳ ପଟକୁ ଚାହିଁବା
ଚାରୁ ଅଳଙ୍କାରେ ମଣ୍ଡନ ହେବା,
ଏତେ ଘଟାରେ ବଶ ହୋନ୍ତି ଯୁବା ଯେ ।
ଶୁଣି ପରିହାର କର ଯେ,
ବ୍ୟାଧିବନ୍ତର ବାଞ୍ଛିତ ଉପଭୋଗ ବୈଦ୍ୟ ହେଲାର ପରି ହେ । ୩ ।
(୪ର୍ଥ ଛାନ୍ଦ)

କାବ୍ୟର ବିଷୟବସ୍ତୁ ନାୟକନାୟିକାଙ୍କ ଯୁବା ବୟସର ପ୍ରେମକାହାଣୀ; ବୈବାହିକ, ବିବାହ, ବିବାହର ଅବ୍ୟବହିତ ପରେ ପ୍ରେମସମ୍ଭୋଗ କାହାଣୀର ମୁଖ୍ୟ ବିଷୟ । ପ୍ରକାବ୍ୟମାନଙ୍କରେ କବି ମାତା-ପିତାଙ୍କ ବିଷୟ ଅବତାରଣା କରି ନାହାନ୍ତି, କାରଣ, ତାହା ପ୍ରେମରସାତ୍ମକ କଥାବସ୍ତୁର ଉପଯୋଗୀ ନୁହେଁ । ଏହି ଯୁବାବସ୍ଥାର ମନୋହରଣକାରୀ ରସସ୍ୱାଦ କେବଳ କାବ୍ୟରେ ପ୍ରଧାନ ସ୍ଥାନ ଅଧିକାର କରିଛି, ଏହି କାରଣରୁ କବି ଏହିଠାରେ ଏହାର ସ୍ୱରୂପ ସୂଚନାରେ ବ୍ୟକ୍ତ କରିଛନ୍ତି ।

ଲାବଣ୍ୟବତୀ ରୂପର ସାର୍ଥକତା:—ଚିତ୍ରପଟରେ ହେମାର ରୂପଲାବଣ୍ୟ ଅବଲୋକନ କରିବା ଧାରଣା କରାଇବା ପାଇଁ କବି ବିଶ୍ୱକର୍ମାଙ୍କ ଚିତ୍ରଶାଳା ନିର୍ମାଣ ପ୍ରସଙ୍ଗର ଅବତାରଣା କରିଛନ୍ତି । ଜୈନାନନ୍ଦ ସନ୍ନ୍ୟାସୀ ମନ୍ତ୍ରୀଠାରୁ ଶାଳ ପ୍ରତିମା ନିର୍ମାଣ ପାଇଁ ଅନୁରୋଧ କରିବା ଇଚ୍ଛା କରିଥିଲେ । କିନ୍ତୁ ସେହି ସମୟରେ ବିଶ୍ୱକର୍ମା 'ଏକାନ୍ତ ମନରେ' ହେମା ପ୍ରମୋଦ ଚିତ୍ରଶାଳା ନିର୍ମାଣ କରୁଥିଲେ । ତାଙ୍କୁ ସନ୍ତୁଷ୍ଟ କରି ସନ୍ନ୍ୟାସୀ ବିଶ୍ୱକର୍ମାଙ୍କଠାରୁ ଲାବଣ୍ୟବତୀର ସ୍ୱପନ ଦାନ ନେଇଥିଲେ ।

ଜଗତ ମଣ୍ଡଳ ମଧ୍ୟେ ପ୍ରତିମା,
ଦର୍ପଣେ ଫୁଟି ଉଠିଛି ହେମା ପ୍ରତିମା । ୬୩ । (୮ମ ଛାନ୍ଦ)

ଏହି ଚିତ୍ରପଟ୍ଟ ରୂପକୁ ଦେଖି ବିଭିନ୍ନ ଦେଶର ଲୋକେ ଏଥି କେତେ ପ୍ରକାର ଅତୀବ ପ୍ରଶଂସା କଲେ ।

ଯେ ହୋଇଲେ ପଟ ଏଥି ଚାତୁରୀ କପଟ,
　　　　ଦେଖିଲେ କାମ୍ୟ ଚକ୍ଷୁ ହୋଏ ଲମ୍ପଟ,
ଯେ ହୋଇଲେ ସ୍ୱଚ୍ଛ ଭାମିନୀ ଅଛି ଏମନ୍ତେ,
　　　　ଏମନ୍ତେ ଗଢ଼ିଲା ବିଧି ଆୟୁଧ କେତେ ।
ଯେ ତୋହରେ ମୋହନ ମୂର୍ତ୍ତିବନ୍ତ ହୋଇଲ,
　　　　ଧନ୍ୟରେ ସୁନ୍ଦର ଅଙ୍ଗ ଯେଉଁ ଅଛିଲ ।୪।

ବଦ୍ଧ୍ୟିର ଇନ୍ଦ୍ରର ଶଚୀ ଯେବଣ,
　　　　ଅମଳିନ ହୋଇ ତ ମଳିନ ବଦନ ।
ପୃଥ୍ୱୀ ଚତୁର୍ଥରେ ଜଳଭୂମି ବସୁଗ,
　　　　ଅଙ୍ଗେ ଅନଙ୍ଗ ଉଶ୍ୱଳ କି ଦୂର୍ଣ୍ଣ କରୁ ।୪।

ସୁମା ପ୍ରଶଂସାରେ ଶାନ୍ତ ହେଲା, ନୃପତିଶମ୍ଭୁ ଅସ୍ତର ଚକ୍ଷୁରେ ରହିଲେ । ସେମାନଙ୍କ ଅବସ୍ଥାକୁ କବି ଏତିକି ଭାବରେ ବ୍ୟକ୍ତ କରୁଛନ୍ତି—

ମନକୁ ପ୍ରେରିତ କଲେ ସିଂହଳ ଦ୍ୱୀପ,
　　　　ଶରୀରେ ଦେଖିଲେ ସ୍ୱପ୍ନ ବାଳା ସ୍ୱରୂପ । ( ୮ମ ଛାନ୍ଦ )

ପୁଣି ସେହି ଚିତ୍ରାର ଚିତ୍ରପଟ୍ଟ ଦେଖାଇବା ବେଳେ ନୃପସୁତଙ୍କ ଅବସ୍ଥା—

ନୃପସୁତ ଅସେଷ ସେହି ଦେଖିଲା, ଦେଖିଲା ଭାବି ନୟନ ପଡ଼ିଲା ।
ନ ପଡ଼ିଲା, ଭାବି ଲଜ୍ଜିଲା ସେବକ, ଲଜ୍ଜିଲା ଭାବି ଚିତ୍ତ ବୁଡ଼ିଲା ଶୋକ ।୧।
ମୂର୍ତ୍ତିବନ୍ତ କମ ମଦନକଳା, କନକଜନର ମଦନ ପିଣ୍ଡୁଳା ।
ଅ:ତବାଡ଼ପୂରର ବଶିଷ୍ଟ ପରି, ମୂଳରେ ଫୁଟି ଦଶଇ ମାଧୁରୀ ।
କି ସୁନ୍ଦର, ସମେ ଆଉ ଭାବିଲୁ, ଏତେ କେଉଁ ବଡ଼ି ହୋଇଛୁ ।୨।

ସୁଖୀ, ଚଉପଦରେ ପିଙ୍ଗଳା ଜବନ୍ୟରୂପ ଧାରଣ କରି ଶିଳ୍ପୀର ତୂଳୀକୁ ପ୍ରାର୍ଥନା କରୁଛି । ଏ 'ସୁନ୍ଦର' ରୂପ 'ନବବଚନ ପଥକୁ କୃତାର୍ଥ' କରୁଛି । ଛନ୍ଦର ରଚନାଶୈଳୀ ଏତେ ସୁନ୍ଦର ଯେ ଚଉ-ଚାରି ପ୍ରତି ଅନୁରାଗ ଜନ୍ମାଇ ପାରୁଛି ଏବଂ ଫଳରେ ନାୟକ ଏହା 'ରମା କି ପ୍ରତିମା' ଚିହ୍ନି ପାରୁନାହିଁ । ନାୟକ ଏତେ ମୁଗ୍ଧ ହୋଇଗଲେ ଯେ ସେ 'ମନେ ମନେ ଲକ୍ଷେ ଚୁମ୍ବନ' ଦେଲେ ।

ଯଉଁଠିକେ ଶିଶୁ ଅଳଆବଳୀ, ବସିଥିଲା ପଦ୍ମ ଅଳକାଞ୍ଚଳ ।
ଅଧରେ ତ ଅଛି ହାସ ଝଲକ, କର୍ଣ୍ଣରେ ଦାଣ୍ଡିକା ପଦ୍ମ ମାଣିକ୍ୟ ।
କି ସୁନ୍ଦର, ସୁଖୀ ଚିତ୍ରରୂପୀ, ତୂଳିଦେବା ପାଇଁ ନିର୍ଦ୍ଦେଶ କରୁଛି । ୩ ।
ଯେଉଁ ଅନୁରାଗ ଭ୍ରମ ଉପୁଜ, ରମା କି ପ୍ରତିମା ନ ପାରେ ଚିହ୍ନି ।
ତନୁ ପୁଲକିତ ଦର୍ଶନେ ହୋଇଲେ, ମନେ ମନେ ଲକ୍ଷେ ଚୁମ୍ବନ ଦେଲେ ।
କି ସୁନ୍ଦର, ମନନସ୍ୱନ ପ୍ରାଣ, ସେଥିର ବୋଷାନ୍ତରେ ଜଳ ସମର୍ପଣ । ୪ ।

(୧୦ମ ଛନ୍ଦ)

ପୌରାଣିକ ଦୃଷ୍ଟାନ୍ତ—ଉପେନ୍ଦ୍ରଙ୍କ ପୁରାଣଜ୍ଞାନ ଅତି ଗଭୀର ଥିବା ତାଙ୍କ କାବ୍ୟମାନଙ୍କରେ ବହୁଳ ପୌରାଣିକ ପ୍ରସଙ୍ଗାନୁକୂଳ ଉଲ୍ଲେଖରୁ ଜଣାଯାଏ । ରାମାୟଣ, ମହାଭାରତ, ଭାଗବତ ଓ ଅନ୍ୟାନ୍ୟ ପୁରାଣମାନଙ୍କର ବହୁ ଚରିତ ଓ ଚରିତ୍ରର ଉଲ୍ଲେଖ ଦ୍ୱାରା ପ୍ରତିପାଦିତ ବିଷୟକୁ ପ୍ରାମାଣିକ ଓ ରମଣୀୟ କରିପାରିଛନ୍ତି । ଏହାଦ୍ୱାରା ମହାକାବ୍ୟର ପୌରାଣିକ କଥାବସ୍ତୁ ସ୍ୱକୀୟ ବିଧାନକୁ ମଧ୍ୟ ସେ କାର୍ଯ୍ୟରେ ପରିଣତ କରିଥିବା ମନେହୁଏ ।

ପୌରାଣିକ ଚରିତ ଓ ଚରିତ୍ରର ଉଲ୍ଲେଖଥିବା ଏହି କେତୋଟି ସ୍ଥାନକୁ ଦେଖିଲେ ପୁରାଣ-ଜ୍ଞାନର ଗଭୀରତା ଓ ବ୍ୟାପକତା ସୁସ୍ପଷ୍ଟ ହେଉଛି ।

(୧) ରାମ, ଜନକ, ଶ୍ୟାମ, ଶିବ, ପର୍ଶୁରାମ, ବଳରାମ—ପ୍ରଥମ ଛନ୍ଦରେ ପ୍ରାର୍ଥନାରେ ଏମାନଙ୍କ ଉପସ୍ଥିତ ଅବତାରଣା ହୋଇଛି । ରାମାୟଣ, ମହାଭାରତ, ଭାଗବତ ଓ ଶିବପୁରାଣର ପ୍ରସଙ୍ଗର ସୂଚନା ଏଥିରେ ମିଳୁଛି ।

ଜୟ ଜୟ ରାମ ଜନକ ସୁତେଶ,
ଶ୍ୟାମ ଧନୁଷ ଦାନବରେ ସଦା ତଣାରେଡ ହେ । ୯-୫ ।
ହେ ରାମକୃଷ୍ଣ ସୁନ୍ଦର କଳାପ ମଣ୍ଡନ,
ରାଧାପଦ୍ମ ଭୃଙ୍ଗରାଜ ଅଘ ବିଖଣ୍ଡନ । ୨୦ ।

(୨) ନୃସିଂହ ପୁରାଣ—ହିରଣ୍ୟ ଉଦରେ ଯେ ଉଚ୍ଚକାଶ୍ମି,
ଦାସବତ୍ସଳ ରାମ ନରହରି । (୪ର୍ଥ ଛାନ୍ଦ)

(୩) ରାମାୟଣ—ଶ୍ରୀଜନକସୁ ଦ୍ୱିଜରାଜ ବଦନସୁ ଜନକ ସୁଖକୁ ପ୍ରକାଶି
ସୁନ୍ଦର, ମନେ ହେଲେ ରାମଚନ୍ଦ୍ର ସୀତ । ୩୨ । (୫ମ ଛାନ୍ଦ)

(୪) ବାମନପୁରାଣ—ବଳ ଛଳି ରାମ ବାମନ ମୂର୍ତ୍ତି ମନରେ ଧରି । X ୬୭।
(୭ମ ଛାନ୍ଦ)

(୫) ଏଥ ମନ୍ମଥର ମନ ଭେଦ ଶର,
ମନମଥ ଭେଦବାରେ ମନୋହର । ୭୧ ।
ଜର ପଥର ହେଲେ ଜୀବର ସୋଡ଼ି,
ଯେବେ ଏଥର ଶିବ ହୃଦୟ ଫୁଟି ।୭୨। (୭ମ ଛାନ୍ଦ)

(୬) ନାନା ବେଶକୁ ଶରୀର ଦରଶାଇ,
ଶୁଦ୍ଧ ନଗ୍ନରୂପ କରି ଶୀତକାଳ । ୯୬ ।
ନୀଳମୂର୍ତ୍ତି ରଘୁପତି ଶ୍ରୀପଦ୍ମନାଭ,
ସ୍ତବେ ହନୁମାନ୍ ଭକ୍ତ ବୀରବର । ୯୭ ।
(୭ମ ଛାନ୍ଦ)

(୭) ଶୋକ ଅର୍ଥେ ମଣ୍ଡି ହେଲେ ଜନ୍ମାଳଙ୍କାର,
ଶଙ୍ଖଚକ୍ର ବାସୁଦେବ ହେଲେ ପ୍ରକାଶ । ୬୦ । (୮ମ ଛାନ୍ଦ)

(୮) ଭୂପତିର ରଙ୍ଗଳକ ମଣ୍ଡିଙ୍କରେ କାନ୍ଦି,
ମନକୁ ଆସେ ମଦନ ଭ୍ରମରେ ବାନ୍ଧି ।୭୯।(୮ମ ଛାନ୍ଦ)

(୯) ଅଗସ୍ତି ସ୍ତ୍ରୀଙ୍କ—ସ୍ତନକୁମ୍ଭଙ୍କ ପୁଣ ପୂର୍ବଲେଖ ପାଲିଛୁ,
ଗାତୀର୍ଥ, ତନୁ ଭିତରରେ ରଖିଛୁ । ୨୦ । (୮ମ ଛାନ୍ଦ)

(୧୦) ଧନାତ୍ମକ ପୃଚ୍ଛ ସନ୍ନାହିତ ଚୌପଦୀ,
ସୁମଙ୍ଗଳ ଗଉରି ନେଇ ହୁରେ କଶାଦ । ୮୦ । (୮ମ ଛାନ୍ଦ)

(୧୧) ସଙ୍କୁଚି କୁଞ୍ଚିତ ମାରି, କାର୍ଯ୍ୟ ଫୁଲ ଧନୁଶର,
ସୁଧାକର ନେ.ତ୍ର ତନ୍ତ୍ରି ଦଳଙ୍କ ଅଛି X X । ୨୮ ।
(୧୧ଶ ଛାନ୍ଦ)

(୧୨) ନିକଟେ ଶୋଭୁଲେ ସ୍ତନ, ମୋହନକୁମ୍ଭକୁ ଧରି—
ଥିଲେ ନ.ଗ କଣ୍ଟକିତ ଅବକାଶର । ୨୯ । (୧୧ଶ ଛାନ୍ଦ)

(୧୩) ସ୍ତନ ଅଣ୍ଟ-ଦାନ୍ତ ଶୁଣ୍ଡ ରହିଲଙ୍କୁ ଘଣ୍ଟ ପିନ୍ଧିଛନ୍ତି ପାଦୁକ । ୪୮ ।
(୧୨ଶ ଛାନ୍ଦ)

(୧୪) ମଧ୍ୟ ମଳୁଭ, ବୋଲୁଛି ଦୋଷ ତନୁ ପୋଞ୍ଛି,
ଦେବତା ଦେଖାଇଲେ ପୁଣ ମାତା-ଗୁଣ ସୁଦଶ ପର୍ଯ୍ୟନ୍ତେ ନଥାନ୍ତି । ୨୦ ।
ଲଭିଲେ କାମୀ ବାଂଧୁତ ନ କରିବୁ ନାଁ:ରେ ବୋଲନ୍ତି ଶଶ୍ୱତ
ଏତେକ କହେବ ଇନ୍ଦ୍ରଘୁ ଦୋହୁଲି ଦେଖିବୁ କ୍ଷେତ୍ର ଦଳଦନ୍ତ ।
କଳସବଦ, ଏକ ସିନ୍ଧୁ ଗୁଣ ନ ସେବ,
ସୁମଠାକୁ କଣ୍ଠାଗ୍ରାହୁଁ ନିପତି କ୍ଷେତ୍ର ତଳ କାଲେ ଗବନ । ୨୧ ।
(୨୨ଶ ଛାନ୍ଦ)

(୧୫) ଶିବ କେମନ୍ତ ଦେଖ ବନ୍ଧୁଲେ ଶିରେ,
ଶଶିଶେଖର ଆଣି ଚନ୍ଦ୍ରଚୂଡରେ ସେ । ୮ । (୧୪ଶ ଛାନ୍ଦ)

(୧୬) ଧ ବ ବାଳକ ବ୍ରହ୍ମଜ୍ଞାନ କହୁଛି,
ଅନନ୍ତଙ୍କ ହୃଦରେ ସିନ୍ଧୁ ରହୁଛି । ୧୬ । (୧୪ଶ ଛାନ୍ଦ)

(୧୭) ଏବେ ଅଙ୍କୁଷ୍ଠରଜା ତୂଳେ ଧାଁବନ୍ତି,
ପର୍ଶଣି ଭୂଷିତ ହେବକ କରି ସେ । ୨୨ । (୧୪ଶ ଛାନ୍ଦ)

(୧୮) ଭାବୁ ଥାଇବ ଅଛୁ ଏଡ଼ୁ ଇଚ୍ଛା,
ଛନ୍ଦ ଲଭିଲ ମଲ୍ଲ ସ୍ଥଳୀରୁ ଶଶୀ ଯେ । ୪୦ । (୧୪ଶ ଛାନ୍ଦ)

(୧୯) ଅପୁରୁବ ବୃନ୍ଦାବନୀ ତୁଲେ ଶୁଭ,
ଶ୍ରୀଖଣ୍ଡ କେତକୀ ସୁନ୍ଦର ଚର ନ ବସିଲି ।
ମାଧ୍ୱୀଧର ଭଲେ ମାୟା,
ସଖୀ ଚେନ୍ନ ଅଙ୍ଗଲେ ଦହନ ଭଲ ଜାଣୁ । ୧୬ । (୧୭ଶ ଛାନ୍ଦ)

(୨୦) ମନ୍ଦପବନଶ୍ରୀ ଅଣ୍ଡ ସୁରଭି ସ୍ୱରୂପ,
ସଦାଶିବ ମୁଖଧ୍ୟାନ କରଣେ ଲୋଲୁପ ।
ସୁମନ୍ଦୁର୍ଗା ଲକ୍ଷ୍ମୀଦେବୀ,
ଉପଜନ୍ତ ସାଧବଙ୍କ ଦୁଃଖନାଶେ ସବୁ । ୪୯ । (୧୭ଶ ଛାନ୍ଦ)

(୨୧) ସୁଖଦର ସୁସମ୍ପନ୍ନ ସବ, ମାଝ ସ୍ୱଗନ୍ଧର ଜଣ୍ଣ ନେବ ।
ସ୍ୱର୍ଣ୍ଣ ଭଗୀରଥ ହୋଇ ଯେବେ ତବ,
ସ୍ନେହ-ଗଙ୍ଗାଜଳ ମନ୍ଥାଇବ ହେ । ସୁନ୍ଦର । ୧୦ । (୨୦ଶ ଛାନ୍ଦ)

(୨୨) ଧାମୀ ବୃନ୍ଦ ଖାଣ୍ଡବ ଦହନେ ଏ ପାଣ୍ଡବ,
କଳ୍ପନ ଶିଖା ପ୍ରକାଶି ଆରମ୍ଭ ତାଣ୍ଡବ । ୯ । (୨୧ଶ ଛାନ୍ଦ)

(୨୩) ଫାଲ୍‌ଗୁନ ଫାଲଗୁଣ ସ୍ତନ ଶୂନ ଜପ କରେ,
ଦୁଃଖ ସ୍ତ୍ରୀ ନାଶ ହୋଇବାର ସେ ବସ୍ତୁରେ ଯେ । ୫୯ ।
(୨୧ଶ ଛାନ୍ଦ)

(୨୪) ମହାନାଦ ଲଙ୍ଘି ଭନ୍ତ ଶତକୋଟି କୋଟି ମାଡ଼େ ଧନୁର ।
। ୩୯ । (୨୩ଶ ଛାନ୍ଦ)

(୨୫) ଚନ୍ଦ୍ର ସୂର୍ଯ୍ୟ ଭାସ୍ୱର ଉତ୍ପାତି କଳା,
ମଳଶିଖ ଦନ୍ତରୁ କ ଦେହ କମଳା । ୭୮ । (୨୫ଶ ଛାନ୍ଦ)

ଏପରି ଶତାଧିକ ସ୍ଥଳରେ ପୌରାଣିକ ତଥ୍ୟ ଓ ତଥ୍ୟର ଉଲ୍ଲେଖ ହୋଇଛି, ଏହାଦ୍ୱାରା କବିଙ୍କ ଗଭୀର ପାଣ୍ଡିତ୍ୟ ପ୍ରତିପାଦିତ ହୋଇଛି ।

ସାମାଜିକ ରୀତି—ଉପେନ୍ଦ୍ର ଭଞ୍ଜ ଲେଖ୍ୟଚୟରେ ସମାଜର ଅଭିନ୍ନ ମୌଳିକ ଗଠନର ଯେଉଁ ଧାରା ଦେଖାଇଛନ୍ତି ସେଥିରୁ ସମାଜର ସଂସ୍କୃତି ଉଚ୍ଚ ଓ ବ୍ୟାପକ ଥିବା ଜଣାଯାଉଛି ।

ମାନ୍ୟଧର୍ମ, ମର୍ଯ୍ୟାଦାଜ୍ଞାନ ଓ ଶୀଳତା ପ୍ରଭୃତି ସମାଜର ସବୁଶ୍ରେଣୀରେ ବର୍ତ୍ତମାନ ଥିବା ଏଥିରୁ ସୂଚିତ ହେଉଛି । କାବ୍ୟର ପରିସର ମୁଖ୍ୟତଃ ରାଜପରିବାର ଭିତରେ ଆବଦ୍ଧ ଥିଲେ ମଧ୍ୟ ରାଜପ୍ରାସାଦର ଗବାକ୍ଷ ବାଟେ ବାହ୍ୟ ଜଗତର ବହୁ ଦୃଶ୍ୟ ଦେଖାଯାଉଛି ।

ଜଳ ପ୍ରସଙ୍ଗରେ ସମସ୍ତସ୍ୱାବିତ ଓ ସୁସଜ୍ଜିତ ପ୍ରାସାଦର ଅବତାରଣା କରିଥିବାରୁ ବର୍ଣ୍ଣନାର ଗୌରବ ବୃଦ୍ଧି ପାଇଛି । ଏବଂ ଶୀଳପାଠକମାନଙ୍କ ମନ ଉଲ୍ଲସିତ କରି ପାରୁଛି । ବହୁ ସ୍ଥାନରେ ଉପଦେଶ ଥିଲେ ମଧ୍ୟ ଅଳ୍ପ କେତେକଟି ଏଠାରେ ଉଦ୍ଧାର କରାଗଲା ।

(୧) ଯେତେକ କୋଟି ସୁବର୍ଣ୍ଣ ଯାହାକୁ ମିଳେ କହି,
ତେତେକ ଗୋଟି କଳଶ ସେ ମନ୍ଦିରେ ବସାଇ ଦେଇ ।୪। (୨ୟ ଛାନ୍ଦ)

(୨) ଏହି ସମସ୍ତଙ୍କୁ ହୋଇ ସୁବେଶ,
ପାଟ କଷ୍ଟଣି ଶୁଭ୍ରା ପ୍ରବେଶ ।୩୮।
ଛାଇ ମଣ୍ଡାଇ ମୃଗ ଜଳ ଜାଳ,
ତେଜମା ପାଶକୁ ଚଳିଲେ ତତ୍କାଳ ।୩୯।
(୩ୟ ଛାନ୍ଦ)

(୩) କି କଲ ତୁମ୍ଭେ ନେମା ପାଶେ ଥାଇ,
ସୁବେଶ ଯତ୍ନ ନ କଲ କପାଇଁ ଗୋ ।୨। (୪ର୍ଥ ଛାନ୍ଦ)

(୪) ଶଶୀ ଜଳ ଭରି ପଇତ ଦେଲେ ତେଜ ଦୁଂଦଶ୍ର ।୩୮। (୭ମ ଛାନ୍ଦ)

(୫) ଏ ବଚନେ ଶାନ୍ତ ଲଭିବାକୁ ପ୍ରଭୁ,
ଶଙ୍ଖ ଫୁକାଇ କଲେ ଶକୁନମାନ ।୧୧।
ସାଧବାକୁ ତହିଁ ଅନୁକୂଳ ହେଲେ,
ଦ୍ୱିଜ ବୃନ୍ଦବୃନ୍ଦ ଜଣେ ଆଗେ ଚଳେ ।୧୨।

ଶୁଣେ ସେ କାଳେ ଶୁଦ୍ଧ ଅଚ୍ଛାଦ୍ରୀ ଭୁବନ,
ଗଲା ଦକ୍ଷିଣେ ଦ୍ବିଜ ରୋମାଞ୍ଚ ବାନେ । ୯୩ ।
ପଞ୍ଚ ପବନ ବନ୍ଧିଲା ହୋଇ ସ୍ଥିର,
ଯୋଗୀ ଧୀବର ଡାକେ ବଧିମାଛ । ୯୪ ।
ଏଣୁ ବଢ଼ିଲା ଶୁଭ ସୂଚକ ଜାଣି,
ଛାନ୍ଦ ସମାପତ ଭୋଗ ପୁଂସ-ମଣି । ୯୫ ।
(୭ମ ଛାନ୍ଦ)

(୬) ବଣ ହୋଇଛୁ ଶୁଣିକରି ଅସ୍ତ୍ର,
ଅମ୍ବର ଜନ୍ମ ସାରଦା ନବଶୁ । ୩୯ । (୧୦ମ ଛାନ୍ଦ)

(୭) ଭୂତଳକୁ ବାସୁକି ନକରି କମ୍ପମଣୀ,
ଭେଟି ଦେଖୁ ଅସରନ ଅଙ୍ଗନେ ଦୁର୍ଗ ଭଣି ଦେଶ । ୩୩ ।
(୧୫ଶ ଛାନ୍ଦ)

(୮) ଏ ଭ୍ରମରୁ ଶଙ୍କା ଭ୍ରମକାର ହେଲେ ଅଳୀ,
ଗୁପତ କଥା ପ୍ରକଟ ହେଲା ନବବାଳା ଗୋ ।
ରୁ ସ୍ଵଜନ୍ତୁମାନ୍ତ୍ର ତୋତେ ହେବ ବନ୍ଧୁ ଜନ,
ଗଣବ ଆମ୍ଭ ମନ୍ତ୍ରସ୍ଥି ନ ପାଇବୁ କାର୍ଯ୍ୟ ଗୋ । ୪୦ ।
(୧୫ଶ ଛାନ୍ଦ)

(୯) ବୋହିତ ଲାଗିଲା ଆସି ସିଂହଳ ଦ୍ୱୀପରେ
ସାଧବ ପୁତ୍ରମାନେ ଅତି ପ୍ରମୋଦରେ ।
ଗଲେ ବୋହିତ ନହାଇ
ଅର୍ଦ୍ଧାଳୀମାନ କରେ ଜୁଲୁଜୁଳ ଦେଇ । ୧ । (୧୭ଶ ଛାନ୍ଦ)

(୧୦) × ମୁଁ କପାଳେ ଖୁଣ୍ଟିବାଟି ଶରୀର ନଖାଇ ।
ପାଛୁ ଏମନ୍ତ ଭଣିଲ,
ଏବେ ବର ମିଳିଲେ ବଡ଼ାଇ ହେବ ବାଳା । ୧୧ । (୧୭ଶ ଛାନ୍ଦ)

(୧୧) ସେ ବୋଇଲେ ଅନେକ ଭାଷା
ସ୍ତ୍ରୀମନର କେଉଁଟି ପତ୍ରିକା କ କଣ । ୪୫ । (୧୭ଶ ଛାନ୍ଦ)

(୧୨) ଦ୍ୱିଜଙ୍କୁ କହୁଥିଲେ ମେଘମାଳା,
ନମସ୍କାର କରୁଅଛନ୍ତି ବାଳୀ । ୫୪ ।
ମନେଦାଇଅ ସିଦ୍ଧି ହେଉ ଏ ବାଣୀ,
ଯୋଗୀ କଲ୍ୟାଣ କଲେ ଯୋଡ଼ି ପାଣି । ୫୫ ।
(୧୮ଶ ଛାନ୍ଦ)

(୧୩) କରପଦ୍ମ ମୁଁ ଶୀଘ୍ର ସଂଦେଶ ଦେଇ ନ ଧରନ୍ତୁ ଚରଣରେ ।
ସୁନ୍ଦରୀ, ସବୁ ସଙ୍ଗିନୀ ସଜ୍ଜନୀ ମୋହର । × । ୨୫
(୧୯ଶ ଛାନ୍ଦ)

(୧୪) ଆଣି କାନ୍ତକୁ ନବବାଳୀ, ଅନୁରାଗ ନ ଲେଖିଲ ଆଳି
କୁଙ୍କୁମେ ଲିପିତ କର୍ଣ୍ଣ ଅଳଙ୍କାର୍ତ୍ତି,
ଶୁଳ ଆଲୀଙ୍କ କାନରେ ଛଳ ସେ । ଧ୍ରୁବ । ୧ । (୨୦ଶ ଛାନ୍ଦ)

(୧୫) ସଖି ଠାରୁ ଶୁଣିଥାଏ ପ୍ରଣମିତ କଲ୍ୟାଣ ବାଞ୍ଛା କଲେ ଦ୍ୱିଜେ ।

(୧୬) ପଦ୍ମଭାର ମୁଦ୍ରିତ କଣ୍ଠ ଙ୍କ ନନର,
ଅଙ୍ଗ ରେଖା ଅଙ୍ଗ ରେଖା ଭାବେ ବନ୍ଧ ନାଗର ।
ମହିମା ଭାବ ଅଣିମା ଦୃଢ଼ବାନ୍ଧିକ । × । ୮'-୮୨ ।
(୨୬ଶ ଛାନ୍ଦ)

(୧୭) ସନ୍ତ୍ରେ ଆସି ପରବେଶ ଦ୍ୱାରପାଳ କରେ
କଲ୍ୟାଣ ବାଞ୍ଛିଲ ସେ ନୃପଙ୍କ ସମ୍ମୁଖରେ ସେ ।
ଆସନ ପାଇ ବସୁଧାଦେବ ଅଙ୍ଗ ତୋଷି
ହାସ୍ୟରେ କହନ୍ତି ପାଠ ଶାଠ ବୋଲି ଖଟି ଯେ । ୧୮ ।
(୨୮ଶ ଛାନ୍ଦ)

(୧୮) କେଉଁଦିନ ଆସିବେ ମୋ କାନ୍ତ ସହବାସୀ
ବୋଲି ଦେବ! ବେଳେ ବାଳା ଶତ୍ରୁଙ୍କ ମନାସି ସେ । ୨୯ ।
(୪୬ଶ ଛାନ୍ଦ)

(୧୯) ଲକ୍ଷ୍ମୀପ୍ରିୟ ନୃସିଂହ କରନ୍ତୁ ଶୁଭ ଏବେ
ଯେତେବେଳେ ସଖୀ ଶୁଭ ସ୍ୱପ୍ନ କହୁଥିବେ ହେ । ୩୨ ।
(୪୬ଶ ଛାନ୍ଦ)

(୨୦) ଶଶୀ ତାର ଦେବ ଅନ୍ନ କହୁଛାନ୍ତି ଅସ
ନ ପାଇବ ହୃମୁଖୀ ମାନଙ୍କୁ ଅବକାଶ ଯେ । ୩୭ । (୪୬ଶ ଛାନ୍ଦ)
(୨୧) ସେ କଳ୍ପ କଲ୍ପେଦ୍ରୁ ବନ୍ଧୁ ପଡ଼ୁ ତାହା ଶିରେ
ଏକତ ବୋଲି କୋକିଳକଣ୍ଠୀ କୋକିଳ ସନ୍ଧରେ ଯେ । ୬୪ ।
(୪୭ଶ ଛାନ୍ଦ)

ନୀତି ଉପଦେଶ—ଏହି ଲାବଣ୍ୟବତୀରେ ସ୍ଥାନେ ସ୍ଥାନେ ନୀତ୍ୟାତ୍ମକ ପଦାବଳୀ ଲିପିବଦ୍ଧ କରିଛନ୍ତି । ସମାଜ ଓ ଜୀବନର ବିଭିନ୍ନ ଦିଗକୁ ସ୍ପର୍ଶ-କରି ଏହିପରି ସୂତ୍ରମୂଳକ ଭାଷାରେ ଲିଖିତ ହୋଇଥିବାରୁ ଏଗୁଡ଼ିକ ଜନପ୍ରିୟ ହୋଇ ପାରିଛି । ସମାଜ ଓ ଜୀବନ ସମ୍ପର୍କରେ କବିଙ୍କର ଗଭୀର ଜ୍ଞାନ ଥିବା ଏଥିରୁ ପ୍ରମାଣିତ ହେଉଛି; ସମାଜ ମଧ୍ୟ ଶିକ୍ଷିତ, ଅଭିଜ୍ଞ ଓ ରସଜ୍ଞ ଥିବା ପ୍ରତୀୟମାନ ହେଉଛି ।

(୧) ଲୁଚାଇଲେ କଣ୍ଟକ ସ୍ୱଭାବ ପାଇବେ
କେତକୀର ଚୂଡ଼ାକୁ ଆମୋଦ ପ୍ରକାଶିବ ହେ । ୧୦ ।
(୨) ମଧୁମକ୍ଷି ଲକ୍ଷ୍ମି ହେଲେ ଅନୁଭାବର ପୁରରେ
ଜଣାନ୍ତି ଯେମନ୍ତ ଶାଧୁଜନେ ସେ ପ୍ରଭାବ ହେ । ୧୧ ।
(୩) ବାସବୃକ୍ଷ ଗ୍ରାସି ନାଶ କରିବାର ହୋଇ
ଏ ସଂସାରେ ଅନ୍ୟ ନୋହେ ଜନକର ସଦ୍ଗୁଣ । ୨୦ । (୧ମ ଛାନ୍ଦ)
(୪) ବ୍ୟାଧିକାନ୍ତର ବାଞ୍ଛିତ କୁପଥ୍ୟରେ ବୈଦ୍ୟ ବାକ୍ୟର ପରି ହେ । ୩ ।
(୪ର୍ଥ ଛାନ୍ଦ)
(୫) କାଣ୍ଡ ପୁଣି ଗଡ଼ା ନ ଯାଏ ଯେବେ ଆଉ ଲଭଇ । ୧୨ ।
(୬ଷ୍ଠ ଛାନ୍ଦ)
(୬) ପରଦ୍ରବ୍ୟ ପରସ୍ତ୍ରୀ ଯେ ହରଣନ୍ତି,
କୋଳେ ସୁଖ କର ଭସ୍ମ କରଣନ୍ତି । ୫୨ ।
(୭) ତାଙ୍କି ଧନ ଦୁର୍ଜନ ଅର୍ଜନ ଜନ
ଶର୍ଣ୍ଣିଙ୍କର ତୁରଙ୍ଗ କରନ୍ତି ପୂଜ । ୫୩ । (୭ମ ଛାନ୍ଦ)

(୮) ସୁବର୍ଣ୍ଣ ସୀତାରେ ବଣ ଶ୍ରୀରାମ
ସାହାର ସଙ୍ଗରେ ଜଳାଇ ପ୍ରେମ । ୨୪ । (୧୦ମ ଛାନ୍ଦ)

(୯) ଚକ୍ଷୁର କେଶାଗ୍ର ମୁକ୍ତାର ସ୍ତନରମ୍ଭ ଯାଉଁଙ୍କଠେ ଯେତେବେ ଶୋଭିବ ।
ମୃଗତୃଷ୍ଣା ଜଳ ଭୃଷ୍ଣାକୁ ନାଶିବ ସ୍ଵପ୍ନ ଦେତେବେ ସତ ହୋଇବ ।
ନଭେଶ୍ଵ ସରବ-ପୁଷ୍ପ ଯତ୍ନ ବଢ଼ି ଦଇବ ।
ଭାଷା ମହିଳ ଥିଲ୍ଲ ଜଗୀଧ ଚନ୍ଦ୍ର ଚକ୍ଷୁଭଳରେ ପସ୍ଥାଇବ । ୭ ।
(୧୨ ଛାନ୍ଦ)

(୧୦) ପଦକକ୍କୁ ପାଶ ପାର୍ଥ ବସିଥିଲେ ଦେ କାହିଁ ହୋଇବ ଖଣ୍ଡନ । ୮ ।
(୧୧) ଜକ୍ତି ଥାନ୍ତି ଦେଖି ଦଣ୍ଡାର ଶୁନ୍ଦେକଳ ଦେଖିଲ ଦୁଃଖ କାହିଁ ପାଉନ । ୯ ।
(୧୨) ମଙ୍ଗଳ ଚଳିବେ ଭୁର୍ଲ୍ଲୀ ଘନ ଖ ଜଳ ବରଷା ନ କରନ୍ତି । ୧୮ ।
(୧୩) ଦେହିତ ବୃଷ ଶିର ଦେଖିଲ୍ଲୁ ଭକିଟିଲ ଅପଣାର ବାଧା ଏ କଥା । ୨୭।
(୧୪) ବଢ଼ ଦୋହାଇ କର ହୋଇବ ଅନିଲ୍ଲ ଜର୍ମ ସିନା ଦେହିତ କରିବ,
ସାଗର ମନ୍ଥନେ ଗରଳ ପାଇଲେ ଦେହିତ କଲେକି ମହାଦେବ । ୩୪ ।
(୧୨ଶ ଛାନ୍ଦ)

(୧୫) ପୂର୍ଣ୍ଣକରେ ଖଣ୍ଡେ ଦେଖୀ, ଦେଖିଲେ କି ସୁଖୀ ହେଲା । ୫୭ ।
(୧୬) ପକ୍ଷୀ ପକ୍ଷ ଥିଲେ ପାଇ ଶଙ୍ଖାକୁ ରୂପେ ଗମଇ । ୫୭ ।
(୧୭) ହୃଦକୁ ରକ୍ଷୁ ପ୍ରବେଶ, ସଦ୍ଭାବ କରେ ତୁଂଷ
ମୂଳ ଖୁଦାକୁ ବସନ୍ତେ, ଫାଲ୍ଗୁବ ସଙ୍ଗେ ସେ । ୫୯ ।
(୧୮) ଛାଣି ହୋଇ ବସ୍ତୁ ସ୍ଵଚ୍ଛ, ଜାଦମାଜେ ଥିଲେ ଭୁଚ୍ଛ
ଲକ୍ଷ୍ମୀ ପରମ ଦେହ, ଅଛୁ ଏ ଯୋଗ ଦେଶା । ୭୦ ।
(୧୯) ମାଳତୀ ଅଗମ୍ୟ ବନେ ଫୁଟିଲେ ବସ୍ତୁର ମନେ
ଲୁଣେ କି ହୈଦଣ୍ୟ ଲୁହର, ପଶ୍ଚାଣ ସ୍ଵଚ୍ଛ ହେଲା । ୭୧ ।
(୨୦) ଏକଥା ଭବତ ଚକ୍ଷୁ ମଧୁମକ୍ଷିକା ସମ୍ମତ
ଦେବଦେବଙ୍କ ହୋଏ ଦେଖୁ, ବସ୍ତୁର ହେଉ ହେଲା । ୭୨ ।
(୨୧) ଫଣୀ ଜାହ୍ନବୀ ଚନ୍ଦନ ଥିଲେହେଁ କରୁ ଭବନ
ଦେହ ହୋଇଛୁ କି ନାହିଁ, ପଶ୍ଚାଣ ସ୍ଵଚ୍ଛ ହେଲା । ୭୩ ।

(୨୨) ସେତେବେଳି କୁସୁମ ଫୁଟେ ତେତେ ସୁରଭି ପ୍ରକଟେ
ସନ୍ଧି ତନ୍ଧି ନବାଳକ । ସମୁଦ୍ର କୂଳ ଯୋ ! ୬୪ |( ୧୮ ଛାନ୍ଦ )

(୨୩) ଅଂଶଛ ହେଲେ ଯାଏଁ ଗ୍ରନ୍ଥିଛ ଭେଦ,
କାଳକୁ ସ୍ଥିତି ବେଗ ସ୍ପୃଶିଲ ଯୋଗ ହେ । ୨୧ ।

(୨୪) ନାଗରୁ ବଡ଼ ହୋଇ ଜଗତେ ନାହିଁ,
ଦାନଗ୍ରାହୀରୂପେ ହେଲେ ପବନ ମୋହି ଯେ । ୨୨ ।

(୨୫) ଅମୂଲ୍ୟ ଗ୍ରମାରନ୍ତି ଦେଖା ଉହ୍ଳରି,
ଦଣ୍ଡ କୋଟିବ ଜେଳୁ ସୁରା ମାତରେ ଯେ । ୨୩ ।

(୨୬) ଦୁର୍ବଳ ମାରବାକୁ ସମର୍ଥେ ଅ.ଛ,
ଧାନେକୁ ମହାଦେବ କହେଲ ଅନଙ୍ଗ ଯେ । ୧୪ ।

(୨୭) ମିଥ୍ୟେ ଶୁଣି ବୋଇଲେ ଜବକୁ ଉଗ୍ର,
ଜୀବନରୁ ଅଧିକ କେହି ନ ଲେଖ ହେ ।
ଜୀବନ ଥିଲେ ହୋଏ ସବୁ ପ୍ରାପତ,
ବୋଧଇ ସମ୍ଭାବତ ଅସମ୍ଭାବତ ହେ । ୧୫ । ( ୧୪ଶ ଛାନ୍ଦ )

(୨୮) ସୁମନା ବୋଇଲା ଶୁଣ ଏ ପ୍ରାଣ ଯାହାର,
ଏକଥାକୁ କାହିଁପାଇଁ ବସ୍ନମ ତାହାର । ୮ ।

(୨୯) ପଡ଼େଇ ଘେଉଁ ଜାଣି ପଡ଼ି,
ଯେ ଜାଣି କର୍ଣ୍ଣାକୁ ଭରେ ପ୍ରତ୍ୟୁତ୍ତର ଦେଲା । ୧୯ ।
ଦୂତ ହେଲେ ମିତ୍ର କହ,
କାର୍ଯ୍ୟକାଳେ ମିଥ୍ୟା କହିବାର ଦୋଷ ନାହିଁ । ୨୦ । (୧୬ଶ ଛାନ୍ଦ)

(୩୦) ଫୁଲ ଲୁଗାର ଲୁଣ୍ଠ ଫୁଲଙ୍କ,
ଫୁଲ ବନଇ କି ଅନ୍ଧାର । ୧୪ । (୨୦ଶ ଛାନ୍ଦ)

(୩୧) ଯାହାଠାରେ ଅଧିକାଷ୍ଟ କରେ ଯାହା ମନ,
ସେହି ତାର ସକଳ ସୁଶତ ବୋଲି ବେନ ଯେ । ୩୦ । (୨୮ଶ ଛାନ୍ଦ)

(୩୨) ଲୀଳାଇ ଦେବାର ବୁଝି କେତେବେଳ ଥାଇ
ହଂସ ଶ୍ଵେତ ଶିଖୀ ଚିତ୍ର କେ କରନ୍ତି ଯତ୍ନ ଯୋ ।୫୯ । (୩୨ଶ ଛାନ୍ଦ)

(୩୩) ବଳବନ୍ତରୁ କି ସନ ଅବଳା ଧରନ୍ତି ସେ । ୪ ।
(୩୪) ତାହା ଦୁଃଖେ ଦୁଃଖୀ ଅଟନ୍ତି ତାହା ସୁଖେ ସୁଖୀ ସେ । ୪୫ ।
(୩୫) ସେ ଯାହାର ତାକୁ କି ନ ଲଭେ ତା ବେଦନା ସେ । ୫ ।
(ଲାବଣ୍ୟ ଛନ୍ଦ)

(୩୬) ମନକୁ ଅନୁରୂପେ ଯୁବତୀ ମିଳେ ଯେବେ ।
ଏଣୁ ଦୁର୍ଲଭ କହୁ ବେ । ୧୪ ।(୪୨ଶ ଛାନ୍ଦ)

(୩୭) ଶତେକ ଦ୍ୱୀପ ଭିଣି ଭଳ,
ସତେଂ ନାସ୍ତି ନାହିଁ ତି ଭବକୁ ଅନୁସାର । ୧୫ । (୧୨ଶ ଛାନ୍ଦ)

(୩୮) ଶିବ ଥିଲେ ନରପତି ଶୋଭା ପାଇ ଶ୍ରୁତି ଥିଲେ ଚନ୍ଦ୍ର ଜ୍ୟୋତି
ପଦ୍ମ ଥିଲେ ସରୋବର ନନ୍ଦନ
ଯେମନ୍ତ ସେହି ମତ ଯୁବତୀଜନରେ ଯୁବା ଥିବାର ମଙ୍ଗଳରେ ।
ଯୁବତୀ, ଲକ୍ଷ୍ମୀ ସେ ବନ୍ଧୁସୁନ୍ଦରୀ,
ମନ୍ଦା ଗମନୀ ଆଉ କେତେକ କହ ।
ଜନ୍ମନ ନ ଥାଇ ଦେବବରଣରେ ଶଙ୍କ ସ୍ତ୍ରୀ ଉପସ୍ଥାସ ହେଉ ସୁନ୍ଦରୀ ।
। ୧୭ । (୧୯ଶ ଛାନ୍ଦ)

ସନ୍ଧ୍ୟାବନ୍ଧୁ—

ବାସ୍ତାର ବଳେ ନୀଳଶୀନ ଶାଢ଼ୀ, ଚିତ୍ରଗ ଚାଳୀ ଫୁଲ-ଲଗପତ୍ର
ରଖିଲେ ରତ୍ନିତ ମୁଦା ଭିତରେ, ସତେ ରହିଥିଲେ ବଣ-ଜଳରେ ସେ ।
ଲୁଣ୍ଠିଲେ କହିଲେ ଶଶୀ ସେ ।
ବାଳା ଚଳ ଅଶ୍ରୁ ବାହୁ ଶିଙ୍ଗାରିଲେ ଉପମାଏ ପୁଷ୍ପ ଦେଖି ସେ ।୩୪।
(୩୪ଥ ଛାନ୍ଦ)

ପାନଛିଆ—

ସ୍ମର ଖଡର ଚକ୍ରଶ୍ରେଣୀ କେ ଶୋଭକୀ,
ଉଦ୍‌ଘାଟନୀତ ଧାରଣରୀ ସ୍ପର୍ଶେ । ୧୪ । (ଶସ୍ତ୍ର ଛାନ୍ଦ)

ସ୍ତମ୍ଭାଧାନ—

ବାହୁ ଶୀନବାସ ସ୍ତମ୍ଭ ସନ୍ଧିରେ, ଶ୍ୱେତ ଲଙ୍କୁଛ କେ ତନ୍ତୁ ଅତରେ ।
ଦଳମାନ ଦୃଶ୍ୟ ବନ୍ଧି ସେବତୀ, ଶୃଙ୍ଖଳ ପଲ୍ଲ ମାଳଅ କେ ସୁନ୍ଦରୀ ।

ଝଂପି ନିକୁଳ ଉପରେ ମାଳିକା, କରୁଛନ୍ତି କେହି କେହି ବାଳିକା ।
ଘର ଲବଣୀ ସିନ୍ଦୂର ଦାଗକା, ଭରୁଅଛନ୍ତି ଦର୍ପେ କରି ଲଳନା ।
ମୃଗମଦ ଗୋଳୁଛନ୍ତି କରି ମିତ, କୁଚ କଳଶ ରଚନ ନିମିତ ।
ବେଣ୍ଟି ବେଣ୍ଟି କେ ବାନ୍ଧୁଛି ରତନ, ଅଳଙ୍କାରେ କେତେମାନେ ଯତନ ।
ଘନସାର ମିଶାଇ ଚନ୍ଦନରେ, କେହୁ ଘୋରନ୍ତି ପୂରତ ମନରେ ।
ସଖୀମାନଙ୍କର ଏହୁ ବ୍ୟାପାର, ପାଶ୍ୱବାସିକା ଛନ୍ତି ଅପାର । ୧୬-୧୮ ।
(ଗନ୍ଧ ଛୁଦ୍ର)

ପ୍ରସାଧନର ପ୍ରଧାନ ପ୍ରଧାନ ସାମଗ୍ରୀଗୁଡ଼ିକ ସଖୀମାନେ ସଜାଡ଼ୁଥିଲେ । ସମସ୍ତେ ପୂରଣ ମନରେ ଏହି ସ୍ୱତନ୍ତ୍ରପ୍ରଧାନ କାର୍ଯ୍ୟଟି କରୁଥିଲେ ।

ନୀଳବାସ ଭୂଷା ହେଉଥିଲା । ତୁଆ ଅତର ବ୍ୟବହୃତ ହେଉଥିଲା । କେତକୀଫୁଲର ତଳେ, ଝଂପିଶିଳ୍ପକୁ ମାଳିକା ଗୁନ୍ଥା ହେଉଥିଲା । ଲବଣୀରେ ସିନ୍ଦୂର ଦାଗ ଶୋଭା ଦିଆ ଯାଉଥିଲା । ମୃଗମଦ କସ୍ତୁରୀକୁ ଦଳି ଘୋଷିରେ ସଖୀମାନେ ନାୟିକାର କୁଚରେ ଚିତ୍ର ଅଙ୍କନ କରୁଥିଲେ । ଅଳଙ୍କାର ନିର୍ବାଚନରେ ମଧ୍ୟ ସୌନ୍ଦର୍ଯ୍ୟ ବୋଧ ଥିଲା । ବେଶକାରିଣୀ ସ୍ତ୍ରୀ ବେଣୀ ଗୁନ୍ଥାଇ, ଅଳଙ୍କାର ବାନ୍ଧି ପିନ୍ଧାଉଥିଲେ । ଚନ୍ଦନରେ କର୍ପୂର ମିଶାଇ ବ୍ୟବହାର କରାଯାଉଥିଲା ।

ସଖୀମାନଙ୍କ ଛଡ଼ା ବହୁ ପରିଚାରିକା ମଧ୍ୟ ରହୁଥିଲେ । ପ୍ରସାଧନ ପାଇଁ ବହୁ ପ୍ରକାର ଫୁଲଫଳ କେହି ପରିଚାରିକା ରଖୁଥିଲା । କେହି ବା ସନ୍ଧ୍ୟା ବା ନିକଟାଳ ସଜାଡ଼ିଧରି ଠିଆ ହେଉଥିଲେ । ଦର୍ପଣମାଳା, ଖଇରପଡ଼ା, ତମ୍ବାକୁଆ, ପିକଦାନୀ, ସୁବର୍ଣ୍ଣକୁମ୍ଭରେ ପାଣିଆଣ ପ୍ରଭୃତି କାର୍ଯ୍ୟରେ କେତେ କେତେ ପରିଚାରିକା ସର୍ବଦା ଲିପ୍ତ ରହୁଥିଲେ । ଏ ସମ୍ଭାର ରାଜଜେମା ପକ୍ଷରେ କେବଳ ସମ୍ଭବ ଥିଲେ ମଧ୍ୟ ସାଧାରଣ ପରିବାରରେ ଅପେକ୍ଷାକୃତ ସ୍ୱଳ୍ପମୂଲ୍ୟର ଦ୍ରବ୍ୟ ବ୍ୟବହୃତ ହେଉଥିଲା । ପ୍ରସାଧନଟିର ଅତ୍ୟନ୍ତ କୌଶଳପୂର୍ଣ୍ଣ ଥିଲା । ଏଥିରୁ ଉତ୍କଳୀୟ ସୌନ୍ଦର୍ଯ୍ୟଜ୍ଞାନର ପରିଚୟ ମିଳୁଥିଲା ।

ନବଯୁବତୀର ବେଶବିନ୍ୟାସ—ନବଯୁବତୀ ନାୟିକାର ପ୍ରସାଧନ ପ୍ରସଙ୍ଗରେ କବି ସମାଜର ପ୍ରଚଳିତ ସ୍ୱରୂପକୁ ହିଁ ରୂପ ଦେଇଛନ୍ତି । ଏହି ଗତ ବର୍ତ୍ତମାନ ପର୍ଯ୍ୟନ୍ତ ବହୁଳାଂଶରେ ଦେଖାଯାଏ । କି ରାଜା, କି ଦରିଦ୍ର ସବୁ ଶ୍ରେଣୀର ପରିବାରରେ ଆର୍ଥିକ ଅବସ୍ଥାନୁସାରେ ଏହି ସବୁର ତାରତମ୍ୟ ପରିଲକ୍ଷିତ ହେଉଥିଲେ ମଧ୍ୟ ପ୍ରକାର ଏକ ଥିଲା କହିଲେ ଚଳେ ।

ବେଶବିନ୍ୟାସ ବର୍ଣ୍ଣନାଟିକୁ କବି ଅତି ରମଣୀୟ ଓ ଜୀବନ୍ତ କରି ପାରିଛନ୍ତି । ବର୍ଣ୍ଣନାରେ ବାହୁଲ୍ୟ ଦୃଷ୍ଟିଗୋଚର ହେଉଥିଲେ ମଧ୍ୟ ଉପମା ଓ ଉତ୍ପ୍ରେକ୍ଷାର ଅଳଙ୍କାର, ସୁଲଳିତ ପଦାବଳୀ, ପଦଲାଳିତ୍ୟ ରଚନା ଶୈଳୀ ପଦଗୁଡ଼ିକୁ ଭବଭାଗ୍ରଣଙ୍କରେ ଅମର କରି ରଖିଛି ।

କବି ପ୍ରସଙ୍ଗଟିକୁ ଅତି ସ୍ୱାଭାବିକ କରି ବର୍ଣ୍ଣନା କରିଛନ୍ତି । ନବବଧୂଟି 'ସୁନ୍ଦରୀ ସ୍ୱର, ବାନ୍ଧି ନଥିଲୁ ବୋଲି ସଂସାର' ସଖୀଙ୍କୁ ବେଶ କରିବା ନିମନ୍ତେ ମିତମାନେ ଉତ୍କଣ୍ଠିଲେ । ଲକ୍ଷ୍ୟ ରହିଲା—

"ଆମ୍ଭ ନୋଚନକୁ କବି ଓଡନକୁ ପଦବଶ କରିବା ଦେଖିଶ ସେ ।"

ବେଶ କରିବା ପାଇଁ କାହାର ସଖୀମାନେ ସଜକୁ ବୁଝାଇଲେ—

ବେଶ କାରଣେ କାହା ମାନସ ଜେଠା
ତୋ ନଟେନ କରିବୁ, ଲୁପଦଲୁଚା ମୁଁ, କାର୍ତ୍ତିକ ହୋଇବ ବେଶ ଗୋ । ୨ ।

ଯୁବା ବସ୍ତ୍ରପରେ ସୁବାସିତ ଯାହା ଯେତେ ତାହା ସଖୀମାନେ ବର୍ଣ୍ଣନା କରିବା ପରେ ସଖୀ ମୁଖରେ ନ କହି ଇଙ୍ଗିତରେ ଅଙ୍ଗୀକାର କଲେ । କବି ଚମତ୍କାର ପଦରେ ପ୍ରକାଶ କରିଛନ୍ତି—

ଇଙ୍ଗିତରୁ ଜାଣିଲେ ସଖି ସବୁ ତା, ହେଲା କୋମଳ ଅଙ୍ଗୀ ଅଙ୍ଗୀକୃତ
ତାଙ୍କ ଉତ୍ସୁକ ଆକାରରୁ ଜାଣି, ତରୁଣୀ ପରିବାରେ ଆସି ସେ ୪ । ୪ ।

ସଖୀମାନେ ବେଶବିନ୍ୟାସ କରି ସାରିବା ପରେ ଅଳଙ୍କାରରେ ଭୂଷାଇଲେ । ପରେ ପାନ ଖୁଆଇଲେ ଏବଂ ଅଧରକୁ ରଙ୍ଗାଇଲେ । ଏ କାଳର ଦୋଷକୁ ସଖୀମାନଙ୍କ ମୁକୁର ଦେଖାଇ ସଖୀକୁ 'ହେଲା ଏ କ ହେଲା' ପଚାରିବା ପ୍ରସଙ୍ଗକୁ କବି ଅତି ଜୀବନ୍ତ ଭାବରେ ପ୍ରକାଶ କରି ଘଟଣାଟିକୁ ଜୀବନ ଦାନ କରିଛନ୍ତି । ମନର ସମସ୍ତ ଭାବଗୁଡ଼ିକ ପ୍ରକାଶରେ

ସନ୍ଦେହ ସ୍ଥଳରେ କବି ଫୁଟାଇ ପାରି ଅସାଧାରଣ କଳ୍ପନାଶକ୍ତିର ପରିଚୟ ଦେଇଛନ୍ତି—

ଲୁଚାଇଲେ ଚନ୍ଦ୍ର ଦୃଷ୍ଟିରୁ ପାଦ, ଏବେ ଅଧର ଦ୍ୱାରେ ପରସନ୍ନ ।
ବନ୍ଧୁମ ସ୍ତୁତି ଲଗାଇଲେ ପୁଣ, ଅରୁଣ କଳ ନ ସିନ୍ଦୂରେ ଶ୍ରୀନ ସେ ।
ଶ୍ରୀକଣ୍ଠେ ମୁକୁତା ଦେଲ ସେ ।
ଦେଖି କି କୋକିଳ ବୋଲି ପଶୁଣଲେ ରମଣୀ ମୁହିଁ ହୋଇ ସେ ।୩।
( ୪ର୍ଥ ଛାନ୍ଦ )

ଏ ଚଉ ଅନୁଲଗ୍ନ । ଶୃଙ୍ଗାର ଏବଂ ଶ୍ଳେଷ ରସରେ ପରିପୂର୍ଣ୍ଣ ହୋଇ ଗୌରବମଣ୍ଡିତ ହୋଇଛି । ଉପେନ୍ଦ୍ର ଲେଖନୀ ସାହାଯ୍ୟରେ ଲଳିତରେ ସେହି ଅପୂର୍ବ ରସର ରୂପ ଅଙ୍କନ କରିଛନ୍ତି ତାଙ୍କର ସହସ୍ରାଧିକ ବର୍ଷ ପୂର୍ବରୁ ତାଙ୍କ ପ୍ରକାରର ପୂର୍ବବର୍ତ୍ତୀମାନେ ସ୍ମରଣ ସାହିତ୍ୟ ଲିଖିତପ୍ରୟତ୍ନରେ ଏପରି ଶତାଧିକ ମୂର୍ତ୍ତି ଫୁଟାଇ ଯୁଗେଯୁଗେ ଜଗତର ରସିକମାନଙ୍କୁ ମୁଗ୍ଧ କରୁଛନ୍ତି । ଉପେନ୍ଦ୍ର ସଂସ୍କୃତ ରକ୍ଷା କରିବା ସଙ୍ଗେ ସଙ୍ଗେ ବାକ୍ୟବିନ୍ୟାସ-ଶିଳ୍ପୀର ଭଙ୍ଗୀ ଦେଖାଇ କାବ୍ୟଜଗତକୁ ଚମତ୍କୃତ କରିଛନ୍ତି ।

କବି ଏହି ଚତୁର୍ଥିକୁ ଶୃଙ୍ଗାର ରସର ସୌନ୍ଦର୍ଯ୍ୟରେ ମୁଗ୍ଧ ହେବା ପାଇଁ ରସିକପାଠକଙ୍କୁ ଅବକାଶ ଦେଇଛନ୍ତି । ନବଯୌବନା ନାୟିକାଙ୍କୁ ସଖୀମାନେ ବେଶ କରାଇସାରିବା ପରେ ନବ ଷୋଡ଼ଶୀ ଯୋଡ଼ାଇ ଦେବାକୁ ମନ ବଳାଉଥିଲା ପରି ଅତନୁ ରମଣୀଙ୍କୁ ଦେଖାଗଲା । ବସୁଥିଲା ଦେଖିଲେ ମନମଥନ କରିବେ, ନେତ୍ରକୋଣରେ ପକ୍ଷୀ ଲୁଚି ରହିଲା ପରି କଟାକ୍ଷ । ଏଠାରେ ସେହି ଅବସ୍ଥା ହେଲା; ନୟନମନ-ପକ୍ଷୀ ସୁନ୍ଦରୀଙ୍କୋଣ-ଅଟା-କାଠିରେ ଲାଗି ରହିଲା । କବି ସୁକଲ୍ପନା ଶକ୍ତିର ଅଭିନବଭାବର ଦୃଷ୍ଟାନ୍ତ ଦେଇଛନ୍ତି—ଯଦି ସଂସାରର ଜନମାନଙ୍କର ମନ ଏପରି ଲାଗିରହେ ତାହା-ହେଲେ ସୃଷ୍ଟି ଅଚଳ ହେବ । ଏହି ଭାବନାରେ ସଖୀମାନେ ସୃଷ୍ଟି ଥାଉ ବୋଲି କେବଳ ଆଖି, ଏଥି କାମନା କରି ଜଣି ଯୋଡ଼ିଏରେ ଯୋଡ଼ାଇ ଦେଲେ ।

ଭାବ, ଭାଷା ଓ ପ୍ରକାଶଭଙ୍ଗୀ ବର୍ଣ୍ଣନାକୁ ଜୀବନ୍ତ କରିଦେଇଛି ।

ଯୋଡ଼ାଇ ହେଲେ ଯେ ଜଗ ଯୋଡ଼ଣୀ, ଶମ୍ଭୁରେ ଅଛନ୍ତି ନିଶାମଣି,
ରୋଷଣ ଚନ୍ଦ୍ର ଅଶୁନା ପିନ୍ଧୁନା, ଦେଖ କଲ୍ପ ଜଗ ବେଢ଼ି ଘୁଞ୍ଚିର ଖେଳ ଯେ ।
ଅଞ୍ଜି ଗଞ୍ଜି ଝଠାଝାଠି ଯେ ।
ଯୋଡ଼ାଇ ହେଲେ କି ଏହି ସ୍ୱବଦନରେ ଧନ ଦେଖେ ଆଖି ଦୃଷ୍ଟି ଯେ ।
୩୯ । (୪ର୍ଥ ଛାନ୍ଦ)

ଉଚ୍ଚ ନାରୀଶିକ୍ଷା—ନାୟିକା ଓ ସଖୀମାନେ ସରୋବରରେ ସ୍ନାନ କଲାବେଳେ ଯେଉଁ ପରିହାସପୂର୍ଣ୍ଣ ଆଳାପ କରିଛନ୍ତି ତାହା ବୁଦ୍ଧି ଓ ଉଚ୍ଚଶିକ୍ଷାର ଦ୍ୟୋତକ ହୋଇଛି । ରାଜସମାଜରେ ଉଚ୍ଚନାରୀଶିକ୍ଷାର ପ୍ରଚଳନ ଥିବା ଏହା ପ୍ରମାଣିତ କରୁଛି । ସେମାନଙ୍କର 'ଦ୍ୱାଦଶାକ୍ଷରୀ ସରସ ଛନ୍ଦମାନ' ବର୍ଣ୍ଣନାକୁ ସଜୀବ କରିଛି ।

ଦେଖଦେଖ କନକ ନଳିନୀ କଣ୍ଟକରେ ପୂରିତ,
ଭ୍ରମନ୍ତି ଭ୍ରମରେ ଭ୍ରମରେ ଭ୍ରମରେ ଏ ଶୋଭିତ । ୮ । (୬ଷ୍ଠ ଛାନ୍ଦ)

ଏହି ହାସ୍ୟ-ପରିହାସ-ସରସ ଛନ୍ଦପ୍ରଶ୍ନମାନଙ୍କରେ ଭାଷାର ଛଟା, ସ୍ୱଚ୍ଛନ୍ଦମଧୁରତା ପ୍ରକାଶ ପାଉଛି । ସମସାମୟିକ ସମାଜର, ଏକାଂଶରେ ହେଲେ ହେଁ, ଏହା ଉଚ୍ଚମାନର ନାରୀଶିକ୍ଷା ବ୍ୟାପକତାର ପରିଚୟ ଦେଉଛି ।

ଅଲୌକିକତା—(୧) ପାର୍ବତୀଙ୍କ ଅଶୋକରେ ଇଚ୍ଛା ଏବଂ ମନକୁ ଜାଣିବାର ଜନ୍ମ । ପାର୍ବତୀଙ୍କ ଇଚ୍ଛାରେ ଇଚ୍ଛାବତୀର ମର୍ତ୍ତ୍ୟରେ ଆବିର୍ଭାବ । (୨) ଅଶରୀରୀ ବାଣୀ ନିର୍ଦ୍ଦେଶରେ ତ୍ରିଭୁବନର ରାଜା ସାଗର ସଙ୍ଗମରେ ସ୍ନାନ । (୩) ଇଚ୍ଛାବତୀର ମୃତଦେହର ପାର୍ବତୀଙ୍କଦ୍ୱାରା ଜୀବନପ୍ରାପ୍ତ ହେବା । (୪) ଶୁକ ଓ ବ୍ରହ୍ମସ୍ୱ ସୁନ୍ଦରଙ୍କ ଚରିତ ଓ କାର୍ଯ୍ୟକଳାପ । (୫) ସନ୍ନ୍ୟାସୀଙ୍କ ଉଚ୍ଚାଟନ ଓ ମାୟା । (୬) ଯୋଗୀ ନାଳିକ ମାୟା, ବଶ ଓ ଉଚ୍ଚାଟନ ।

ଉନ୍ନତ ଶିଳ୍ପଦ୍ରବ୍ୟର ମାନ—କର୍ଣ୍ଣାଟ ରାଜାଙ୍କୁ ସିଂହଳର ସାଧବ ଯେଉଁ ଉପହାର ଦେଇଥିଲେ ସେଥିରୁ ବହୁମୂଲ୍ୟ ଦ୍ରବ୍ୟ, ଉତ୍କୃଷ୍ଟ ଦ୍ରବ୍ୟ ଓ ଦୁର୍ଲଭ ଦ୍ରବ୍ୟ ପ୍ରଭୃତିର ଯେଉଁ ତାଲିକା କରି ଦେଇଛନ୍ତି ସେଥିରୁ ତାଙ୍କର ବ୍ୟାପକ ପ୍ରଯୁକ୍ତିଜ୍ଞାନର ପରିଚୟ ମିଳୁଛି—

ମେଷଡମ୍ବୁନାଳ, ବିଦ୍ରୁମଜାତ ସ୍ୱର୍ଣ୍ଣ, କ୍ଷୀରୋଦ ଶମ୍ଭୁ ସଦୃଶ ମୁକ୍ତା, ପଦ୍ମରାଗ ମାଣିକ୍ୟ, ଅସ୍ଥିରଙ୍ଗ ପ୍ରବାଳ, ଚନ୍ଦ୍ରକାନ୍ତ ମଣି, ଗଜେନ୍ଦ୍ର ମଣି, ଲକ୍ଷ୍ମୀନାରାୟଣ ଶିଳା, ଅଗୁରୁଚନ୍ଦନ, ଅତର, ଶ୍ରୀକର୍ପୂର, କନକ ଚାଉଳ ତୃଅ, ଗଙ୍ଗାଜଳ, ସୋମଲତା ଜଟିଦ, ଶଙ୍ଖାଜଳ, ବଂଶପତ୍ରୀ ହରିତାଳ, ଇନ୍ଦ୍ରନୀଳ ଫୁଲ ତୁଲ୍ୟ ରୂପା, ଜମ୍ବୁନଦ ସୁନା, ସିନ୍ଧୁରମଣି, ହସ୍ତୀଦନ୍ତ, ବ୍ୟାଘ୍ର-ନଖ, ଗୁଲ୍‌ଦାର (କୃଷ୍ଣାଜିନ୍) ମୃଗଚର୍ମ ଆସନ, ଢାଲ, ଗଣ୍ଡାର ଚର୍ମ, ଶ୍ୱେତ ଚାମର, ଦକ୍ଷିଣାବର୍ତ୍ତ ଶଙ୍ଖ, ଏକମୁଖୀ ରୁଦ୍ରାକ୍ଷ, କନକମୃଗ ଚର୍ମ, ଲମ୍ବକର୍ଣ୍ଣ ଦେଶଜାତ ଶୁଭ୍ର କାଗଜ, ସିନ୍ଧୁଜାତ ଅଶ୍ୱରାଜ, ବଙ୍ଗଜାତ ଗଜ, ପାଟସିଲ୍କ ନାର, ନେପାଳଦା ମୂର୍ତ୍ତି, ଖାଲିଆ ଲବଙ୍ଗଲତା, ନାଗଫଣ ତେଲ, ଚନ୍ଦନାର ପାତ୍ରବନ୍ତ, କଳଚୋଡ଼ା ତୈଳ୍ୟ ଗଣ୍ଡ, ନେତ୍ର ବସ୍ତ୍ର, ପଦ୍ମରାଗମଣି ପଥର, ନାହୁଣ୍ଡ ବେଣୀ, ଶୁଙ୍ଗ ଜମାଣ ଖାର ସୁଗନ୍ଧ ଘଟ ଓ ମଳୟାନିଳ ଧନୁ ଇତ୍ୟାଦି । ଏ ସବୁ ଦ୍ରବ୍ୟ ଏକ ଦେଶରେ ମିଳେ ନାହିଁ । ରାଜା କହୁଛନ୍ତି—

ଏକ ଦେଶେ ତ ନ ମିଳେ ବସ୍ତୁଗଲେ,
ନେଇଁ ଦେଶରୁ ଆଣନ୍ତ ପଠାଇଲେ । (୭ମ ଛାନ୍ଦ)

ନାୟିକାର ସଖୀମାନଙ୍କ ନାମ; କବିଙ୍କ ଗ୍ରନ୍ଥନାମର ସୂଚନା – ନାୟିକା ଲାବଣ୍ୟବତୀର ଷୋଳଶଖୀ ଥିବା କବି ଉଲ୍ଲେଖ କରିଛନ୍ତି— ରସରେଖା, ସୁରେଖା, ଚନ୍ଦ୍ରରେଖା, ହାରାବଳୀ, ଚନ୍ଦ୍ରାବଳୀ, ରତ୍ନମାଳା, ମେଘମାଳା, କମଳା, ପ୍ରେମଶୀଳା, ସୁଶୀଳା, ସରଳା, କଳ୍ପଲତା, ମଦାଳସା, ବକୁଳା, ପ୍ରେମସୁଧାନିଧି ଓ ପ୍ରେମମଞ୍ଜୁଳା ଇତ୍ୟାଦି । ଏମାନେ ସମସ୍ତେ ସାମନ୍ତସୁତା ।

ଏମାନଙ୍କ ବ୍ୟତୀତ ଧାତ୍ରୀସୁତୀ ପ୍ରେମମନ୍ତ୍ରୀ ଓ ମନ୍ତ୍ରୀକନ୍ୟା ଭାମଳା ମଧ୍ୟ ସଖୀରୂପେ ଥିଲେ । (୩ୟ ଛାନ୍ଦ)

ଏହି ସଖୀମାନଙ୍କରେ କବିଙ୍କ କେତେଗୁଡ଼ିଏ କାବ୍ୟର ନାମ ଥିବା ଜଣାଯାଉଛି, ଯଥା—ରସରେଖା (ରସଲେଖା), ହାରାବଳୀ (ରସିକ ହାରାବଳୀ) ଓ ପ୍ରେମସୁଧାନିଧି ଇତ୍ୟାଦି ।

ପ୍ରକୃତି ବର୍ଣ୍ଣନା—କବି ଭଞ୍ଜଙ୍କ କାବ୍ୟରେ ବହୁ ପ୍ରକାର ପ୍ରାକୃତିକ ଦୃଶ୍ୟର ବର୍ଣ୍ଣନା କରିଛନ୍ତି । ଏକାଧିକ ରଚନାରେ ଏକ ଦୃଶ୍ୟର ବର୍ଣ୍ଣନା ଅଛି; କିନ୍ତୁ କଳ୍ପନାର ପ୍ରାଚୁର୍ଯ୍ୟ ବିଭିନ୍ନ ସ୍ଥାନରେ ବର୍ଣ୍ଣନାର ଗୌରବକୁ ଭିନ୍ନ ରୂପ ଦେଇଛି । କୋଟିବ୍ରହ୍ମାଣ୍ଡସୁନ୍ଦରୀ, ଲାବଣ୍ୟବତୀ, ପ୍ରେମସୁଧାନିଧି, ବୈଦେହୀଶବିଳାସ ପ୍ରଭୃତି କାବ୍ୟର ଋତୁ, ବନ, ନଦୀ, ନଗରାଦିର ବର୍ଣ୍ଣନା ଅନ୍ୟାନ୍ୟ କାବ୍ୟର ବର୍ଣ୍ଣନ ଠାରୁ ଉତ୍କୃଷ୍ଟ ହୋଇଛି । ଲାବଣ୍ୟବତୀରେ ପ୍ରାକୃତିକ ବର୍ଣ୍ଣନାରେ କବି ଅସାଧାରଣ ଦକ୍ଷତା ପ୍ରଦର୍ଶନ କରିଛନ୍ତି । ଚିତ୍ରଗୁଡ଼ିକ ଜୀବନ୍ତ ହୋଇଛି । କଳ୍ପନାର ଗାମ୍ଭୀର୍ଯ୍ୟ ପଦାବଳୀକୁ ଅପୂର୍ବ ସୌନ୍ଦର୍ଯ୍ୟ ପ୍ରଦାନ କରି ଗୌରବମଣ୍ଡିତ କରିଛି । ନିର୍ଜୀବ ପ୍ରକୃତି ସଜୀବ ହୋଇ ମାନବର ସୁଖଦୁଃଖରେ ଭାଗୀ ହୋଇଛି; ସହାନୁଭୂତିଶୀଳ ପ୍ରକୃତି ମାନବର ହୃଦୟ-ଭାବରାଜିର ପ୍ରତିଛବି ରୂପେ ପ୍ରତିଭାତ ହୋଇଛି । କଳ୍ପନାର ମାଧୁରୀ ପ୍ରାକୃତିକ ବର୍ଣ୍ଣନାକୁ ବୈଚିତ୍ର୍ୟପୂର୍ଣ୍ଣ କରିଛି ।

କବି ଋତୁବର୍ଣ୍ଣନାକୁ ବିଶେଷ ଗୁରୁତ୍ୱ ଦେଇଛନ୍ତି; କାରଣ, ନାୟକ-ନାୟିକାଙ୍କ ପ୍ରେମଜୀବନ ଉପରେ ପ୍ରକୃତି ପ୍ରଭାବ ବିସ୍ତାର କରିଛି । ଅତି ମଧୁର ମଧୁଋତୁ ପ୍ରବେଶ ହୁଅନ୍ତେ ନବକାମିନୀର ମନ ଉଚାଟ ହେଲା, "ଉତ୍କୁ ସ୍ମରର ଶୀଶ କାମ୍ପି ନେ ଦେଖ ଡଳିଲୀ କାମ୍ପି ନେ ।" (୫ମ ଛାନ୍ଦ)

ଏହି ଅତି ମଧୁର ମଧୁଋତୁର ବର୍ଣ୍ଣନାରେ କବି ମଧୁର ରାଗର ବ୍ୟବସ୍ଥା କରି ଭାବପୂର୍ଣ୍ଣ ପଦକୁ ସମଧୁର କରି ରଚନାର ଗୌରବ ବୃଦ୍ଧି କରିଅଛନ୍ତି । ଛାନ୍ଦଟିକୁ କାଳ, ଭାବକୁ ଦୃଷ୍ଟି 'ରାଗ-ବସନ୍ତ, ମଧୁପଡ଼ଞ୍ଜରୀ ବାଣୀ'ରେ ଗାଇବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ।

ବର୍ଣ୍ଣନାର ପ୍ରାଚୁର୍ଯ୍ୟ, ପ୍ରକୃତିର ପ୍ରଭାବ, ପାର୍ଶ୍ୱପାର୍ଶିମାନଙ୍କର ଅସାଧାରଣ ସୁରୁଚି, ଉତ୍କଣ୍ଠା, ସଖୀସଖୀମାନଙ୍କର ଅଭେଦ ପ୍ରୀତି, ପ୍ରକୃତିକୁ ଅନ୍ତରଙ୍ଗ କରି ବିଭିନ୍ନ ଅନୁଭବକୁ ବ୍ୟକ୍ତ କରିବାରେ ଅପୂର୍ବ କୌଶଳ, ଏହି ବର୍ଣ୍ଣନାକୁ ଜୀବନ୍ତ କରିଛି । ଅତି ରମଣୀୟ ବୈଚିତ୍ର୍ୟପୂର୍ଣ୍ଣ ପଦାବଳୀ, ଉପମା, ଶ୍ଳେଷ, ଯମକ ଓ ଅନୁପ୍ରାସାଦି ଅଳଙ୍କାର ବିମଣ୍ଡିତ ହୋଇ ଅଦ୍ଭୁତ ଶୋଭାର ଚିତ୍ର ସୃଷ୍ଟି

କରନ୍ତି । ସାହିତ୍ୟ ଜଗତରେ ଭଞ୍ଜଙ୍କ ଋତୁବର୍ଣ୍ଣନା ଏକ ଅପୂର୍ବ କୃତି ମଧୁର । ଋତୁ ବର୍ଣ୍ଣନାର ଶତାଧିକ ମଧୁର ପଦ ଗୁଡ଼ିକରୁ କେତୋଟି ଉଦ୍ଧାର କରୁଅଛୁ ।

ବସନ୍ତ—ମଳୟକିଶୋରସିଂହ କେଶରକଣ୍ଠ ବହିଲାକ ମନ୍ଦ ସମୀର,
ସୁମନାଙ୍କ ବାସ କେଶର କେଉଁଠି ବୋଲି ଭଣ୍ଡିଳନ୍ତି ଭ୍ରମର ।
କେଶର, କେଶରର କେତକୀ ମଞ୍ଜୁଳ,
କେଶରେ ମଣ୍ଡନ କରିବା ଛଳରେ ଫୁଟିଲେକ କେତେ ବନ୍ଧୁଳ ।୨।
ମଲ୍ଲୀ ମାଧବୀ ନବଲତ ସାଧବୀ ହେଲେକ ବାସବ ବାନରେ,
ଭୃଙ୍ଗାର କାଶ ପୁଷ୍ପ ଦ୍ୱାରେ ପ୍ରକାଶ କଲେକ ପଙ୍କଜ ଯାନରେ ।
କେଳକ, ଚମ୍ପ ପୁଷ୍ପ କହିଲେ,
ଅଭଙ୍ଗ ଫୁଲର-ବନ୍ଦିଶ କାମ୍ବ କେ ପେକ ତନିଲେକ ଧାମ୍ବ ଦେ । ୩ ।
(ଙମ ଛାନ୍ଦ)

ଏପରି ସମସ୍ତ ସମ୍ପନ ଗୁଡ଼ିକ ଅତି ସୁନ୍ଦର ଭାବରେ ବର୍ଣ୍ଣିତ ହୋଇଛି । ଋତୁର ପ୍ରଭାବ ଅନୁସାରେ ନାୟିକାର ସମୟୋପଯୋଗୀ ବେଶଭୂଷା ଓ ବ୍ୟବହାର ଦେଖାଦେଇଛି । କାମୋଦ୍ଦୀପନ ସଙ୍ଗେ ଅନ୍ୟ ଅନୁଭବ ମଧ୍ୟ ଦେଖା ଦେଇଛି ।

ନବୀନା ଜଳା ସହିଲେକ ସୁଭିର ଶରୀର ହେଲେକ ସ୍ୱେଦରୁ,
ଚନ୍ଦନ କର୍ପୂର ସୁଧାଲେପନର ବ୍ୟଜନ ବଢ଼ାଇ ମୋଦକୁ ।
ଜଳୁର, ଜାଣି ନ ଥିବୁ ରୁ କପାଳି ।
ଅତି ଅଭିରାମ ଅବିରାମ ଦେଖିବା କହେକ ଭଣିବାକୁ ଜଣାଇ ।୪।
ଗ୍ରୀଷ୍ମ ଏ ସମୟରେ ପ୍ରବେଶ ସଖୀରେ ଶୀତଗୃହମାନେ ଦିନରେ
ଭୁଲିବା ଖେଳିବା କୁସୁମ ତୋଳିବା ଥାଉନ୍ତି କେଳି ତୋଷ ମନରେ ।
କହିଲେ, ଛଳ ଜନ୍ତୁମାନ ଜଣ୍ଡିଲେ,
ଶୁଣି ସରଳିତ ତନତ ଗୁଞ୍ଜିତ ମୁନି ଦଶ୍ଚିଳକ ବଞ୍ଚିଲେ । ୫ ।
(ଙମ ଛାନ୍ଦ)

ଏ ମଧୁର ମଧୁଋତୁରେ ସୁନାଭ ଫୁଲକୁ ଦେଖି ସଖୀ ଘୃତସ୍ୱଶୀକୁ କୌତୁକପୂର୍ଣ୍ଣ ପଦାବଳୀ ଓ ଭଙ୍ଗୀରେ ନାୟିକାକୁ ଜଣାଉଛି ।

କହିଁ ଏକ ନାସ୍ତି ବଶେଶେଷ ସୁନାସ୍ଥ ଏ ଦେଶରେ ବାସ କରନ୍ତି,
ଭୃଙ୍ଗ କିଂ ସୁଲୁବ୍ଧ ଚପଳମାନଙ୍କ ଏଥି ତହିଁ ପୁଣ ଯାଉଛି ।
ତହିଁକି, ଛଳ କନ୍ଦଳ କରି ଖାଲୁ,
ମହାବଦେକା ଦ୍ୱାରରୁ କପାଳି ମଧୁପ ନାମକୁ କହୋଇ । ୧୦ ।
(୫ମ ଛାନ୍ଦ)

ଏହିପରି ଅନ୍ୟାନ୍ୟ ବୃକ୍ଷମାନଙ୍କର ଶ୍ଳେଷଗର୍ଭିକ ବର୍ଣ୍ଣନା ରସିକ ପାଠକର ମନକୁ ମୋହିତ କରୁଛି ଏବଂ କବିଙ୍କ ରଚନାକୁ ସାର୍ଥକ କରୁଛି ।

ନାୟିକାର ବର୍ଷାକାଳୀନ ବିରହବର୍ଣ୍ଣନା ପ୍ରସଙ୍ଗରେ ବର୍ଷାଋତୁର ବର୍ଣ୍ଣନା ଅତି ଚମତ୍କାର ହୋଇଛି । ଓଡ଼ିଆ ସାହିତ୍ୟରେ ଏହି ଛାନ୍ଦଟି ଏକ ଅମୂଲ୍ୟରତ୍ନ । ଯମକ, ଶ୍ଳେଷ ଓ ଅନୁପ୍ରାସରଙ୍ଗୀ ସହିତଟକୁ ରଚନାଟି ମନୋରମ ହୋଇଛି । ଅନୁପ୍ରାସର କମନୀୟ ପ୍ରୟୋଗ ପଦଗୁଡ଼ିକୁ ସରସ ଓ ହୃଦ୍ୟ କରିଛି ।

ଦେଖି ନବଘନଘଟା ବଳାକା ମାଳିକା
ଅଳୀ କାଳକାକାନ୍ତ ଘୂରି,
ଘଟା କେମନ୍ତେ କହି କଣ୍ଠୀ ମଣ୍ଡି କଣ୍ଠତଟକ
ଏମନ୍ତ କଳ୍ପି ସେ, ହୃଦପଦ୍ମ,
ଶୁଚେ ଦଶ୍ଧଲେ ଏ କାଳକୁ, କଥା ଶୁଣ ଦାକଧାଳକୁ ।
ଏବେଳ କ୍ଷୀଣ ଧନ ଦେଖି ଦୁର୍ଦ୍ଦିନ ଦିନ
ନ ଲଭି ବଲ୍ଲଭମେଳକୁ ରେ । ୧ ।
ସୁତ ଅନମାନଙ୍କୁ ଯତ ଯାମିନୀଜନଙ୍କୁ
ଅଙ୍ଗ ଘଷି ଅବୃତ୍ତ ଏଥି
ଧୃତ କୃଶାନୁ ସ୍ଥାନୁମାନକୁ ଖାନ ହେନୁ-ତାପକୁ
ଜଳ୍ପବନ୍ଧ ମଧ୍ୟ ରେ ଅଧୃତତା,
ବରବାନଳ ହୃଦୟସ୍ଥଳେ, ଜଳେ ସେ ଧୃତ ନୋଦେହ ଜଳେ ।
କରୁଛି ନାଶ ନୀତି- ଦେବଙ୍କୁ ଯତ ଶତ-
ଦ୍ୟୁଧା-ଚ୍ଛନରେ ଧନି କୋଳେ ରେ । ୨ । (୨୨ଶ ଛାନ୍ଦ)

ଉପବନର ସରୋବର—'ଲାବଣ୍ୟବତୀ'ରେ ସରୋବରର ବର୍ଣ୍ଣନା ସୁନ୍ଦର ହୋଇଛି, ଉପମା ଓ ଅନୁପ୍ରାସ ବର୍ଣ୍ଣନାକୁ ରମଣୀୟ କରି ପାରିଛି ।

ମନଦେଇ ଶୁଣ କୋବିଦେ ନୃପସୁତା ସୁକେଶୀ,
କୂଳରେ ବକୁଳ ମୂଳରେ ପୀଠ ଉପରେ ବସି । ୧ ।
ସରସୀ ଶୋଭିତ ଅନାଇଁ ମନେ ମନେ ଉଲ୍ଲସିତ,
ତଟ ଘଟଣା ବନ୍ଧୁମରେ ପକ୍ଷୀପନ୍ତି କମ୍ପିତ । ୨ । (୧୨ଶ ଛାନ୍ଦ)

ଗ୍ରୀଷ୍ମକାଳୀନ ସନ୍ଧ୍ୟା—ଉପମା ଉତ୍ପ୍ରେକ୍ଷାଦି ପ୍ରୟୋଗ କରି କବି ସନ୍ଧ୍ୟା ବର୍ଣ୍ଣନାକୁ ମୂର୍ତ୍ତିମନ୍ତ କରି ପାରିଛନ୍ତି; ପ୍ରାଣୀଜଗତର କାଳୋପଯୋଗୀ ସୁଖଦୁଃଖାଦି ଚମତ୍କାର ଭାବେ ପଦାବଳୀରେ ସେ ବ୍ୟକ୍ତ କରି ପାରିଛନ୍ତି । ଏହି ବର୍ଣ୍ଣନାଟି ଅତି ଲୋକପ୍ରିୟ ହୋଇଥିବା ଏହା ହିଁ କାରଣ ।

ଏଥିଅନ୍ତେ ଶୁଣ ରସ        ଗ୍ରୀଷ୍ମେ ରବି ପ୍ରବେଶ
ଉଦସ୍ତ ତାମ୍ର-କଳେବର ହେଲେ ଆକାଶେ,
ତପ୍ତ-ମୁକୁଟ-ଜାଳ        ଛେଦନେ ପ୍ରବଳତ
ପଶିଲି ଜଳ-ସିନ୍ଧୁରେ ଜାମ ସ ରୋଷେ ।
ହେଲା ହେବ କ ସନ୍ଧ୍ୟାବାଳୀ,
ତ୍ରିଶିଖ ପେଟୀରେ କଲା କସ୍ତୁରୀ ଦଳ । ୧ ।

ପକ୍ଷୀ କି କମ୍ପଦଣ୍ଡି        ହୋଇଲେ ନାସ୍ତି ବର୍ଷି କି
ମଣ୍ଡଳୀମାଳା ଦେଇ ବାନ୍ଧୁ କଲେଣ ମଣି,
ଏ ହେତୁ ସୁରଙ୍ଗବର        ନାଗର ବଶଲ ବର
ଏତେ ଜାଣିଲେ ଦେଖାଗଲା ଏ କଥା ପୁଣି ।
ରବିକରେ ମଣ୍ଡ-ମଣ୍ଡିଳା,
ତାପି ହୋଇଥିଲା କି ତପନ ଲେପିଲା । ୨ ।

ଶୀତଳ ଛାୟା କରଣ        ପବନର ହ୍ରାସିତେ
ଜଣଜଣ ମିଳିପଣ ଯେଣ ନା ଏବେ

ବରବର୍ଣ୍ଣିନୀ ଶରୀର— ଠାରେ ଅଧରିଲା ତନୁ
ଯେ ଅଛୁ ସା ସର୍ବେ ତନ୍ତୁ କାଳ ସୁସ୍ୱେଦ ।
ସୁଂଷ୍ଠ ଶୋଭି ସୁଧାକରୁର,
ଚନ୍ଦ୍ର ବୃନ୍ଦ ହୋଇଲା ଅଧିକେ କାତର । ୩ । (୧୧ଶ ଛାନ୍ଦ)

ଏ ପଦରେ ଚନ୍ଦ୍ରଙ୍କୁ ଦେଖି ନାୟିକା ଅଧିକ କାତର ହୋଇ ପଡ଼ିଲା । ବନ, ଉପବନ, ନଗର ପ୍ରଭୃତିର ବର୍ଣ୍ଣନା ଚମତ୍କାର ହୋଇଛି ।

ଅଳଙ୍କାର—ଉପେନ୍ଦ୍ର ଭଞ୍ଜ ତାଙ୍କର ଅଧିକାଂଶ କାବ୍ୟରେ ବହୁଧା ଅଳଙ୍କାର ପ୍ରୟୋଗ କରିଛନ୍ତି । ଲାବଣ୍ୟବତୀରେ ଏଥିର ବ୍ୟତିକ୍ରମ ହୋଇ ନାହିଁ । ଲାବଣ୍ୟବତୀରେ ବ୍ୟବହୃତ ଅଳଙ୍କାର ବହୁଳତାହେତୁ, ସରସ ଅଥଚ ଶାସ୍ତ୍ରୀୟ ପ୍ରୟୋଗ ହିଁ ଏହାର କାରଣ । ଏହି ଅଳଙ୍କାର ପ୍ରୟୋଗ ଭାବ-ଗାମ୍ଭୀର୍ଯ୍ୟ ଦ୍ୱାରା ମନକୁ ଆକର୍ଷଣ କରି ପାରୁଛି ଏବଂ କାବ୍ୟନାୟିକାର ଶୋଭାକୁ ବହୁଗୁଣରେ ବର୍ଦ୍ଧିତ କରିଛି ।

କବି ଅଳଙ୍କାର ପ୍ରୟୋଗର ଲକ୍ଷ୍ୟ ସମ୍ବନ୍ଧରେ ଗ୍ରନ୍ଥାରମ୍ଭରେ ଯେଉଁ ସୂଚନା ଦେଇଛନ୍ତି ତାହା ସେ ସର୍ବାଂଶରେ ପୂର୍ଣ୍ଣ କରି ପାରିଛନ୍ତି ।

ମୂର୍ତ୍ତିମନ୍ତ କରି ମୃଦୁ ଗୀତ ବିସ୍ତରି,
ଏଣୁ କରି ଥିବ ଅଳଙ୍କାର ଯୁକ୍ତ ହୋଇ ।୭।
ପଦ ସରଳ ଧ୍ୱନିରେ ଶ୍ରବଣ ମୋହିବ,
ଅର୍ଥୀ ଜନଚିତ୍ତକୁ ଆନନ୍ଦ କରିବ ସେ ।୮। (୧ମ ଛାନ୍ଦ)

ଏହି ମୂର୍ତ୍ତିମନ୍ତ ଗୀତ ଅଳଙ୍କାରଯୁକ୍ତ ହୋଇ ପରମ ଶୋଭାର ଆକର ହୋଇ ପାରିଛି; ସରଳ ଶବ୍ଦଯୁକ୍ତ ପଦାବଳୀ ଏହାର ସୌନ୍ଦର୍ଯ୍ୟକୁ ଯଥୋଚିତ ଭାବରେ ବୃଦ୍ଧି କରିଛି । ତଳେ ତାହାର କେତେଗୋଟି ଉଦାହରଣ ଦିଆଗଲା—

ଉପମା—ଉପମାନମାନଙ୍କର ଉଦାହରଣ ଦ୍ୱାରା ନବଯୌବନା ବନିତାର ଶୋଭାକୁ ବର୍ଣ୍ଣନାକରି ସୁନ୍ଦର ଚିତ୍ରଟିଏ ଅଙ୍କନ କରିଛନ୍ତି; ରସିକଜନମାନଙ୍କର ମନ ଯେ ବିଶେଷ ଭାବରେ ମୋହିତ ହୋଇଛି ଏଥିରେ ସନ୍ଦେହ ନାହିଁ ।

ନବଯୌବନ ଲାବଣ୍ୟବତୀର ଶୋଭା ଦେଖି ଋଷିମାନେ 'କି କରିବା' ବୋଲି ସ୍ଥିର କାତର ହେଲେ ।

ଶୁଣ ଋଷିଙ୍କେ ନବ ଯଉବନ, ହୋଇ ବାଳକା ମଣ୍ଡିଲା ଅବନୀ ।
ଏଣୁ ଋଷିମା ଅଶେଷ ନିରନ୍ତର, କି କରିବା! ସ୍ଥିର ହୋଇଲେ କାତର ।୧।
ଯେଣ କାନ୍ତରେ ଲକ୍ଷଣ ସ୍ୱରକ, ଜଳ କଣ୍ଟକ ଦୁର୍ଗକୁ ନେଇଲେ ।
ପାଶେ ମନ୍ଦର ଲୁତ ବଢ଼ିବାରେ, କମ୍ପା ବୁଣି ନ ମଣି ପାଶୁବାରେ ।୨।
ନାଭି କୁହା ଖ ଲିବାର ଅବାଳି, ସ୍ୱଧାବଟେଜ ଶୁନ ମନ ମଉାଳି ।
ମୁଖେ ପ୍ରଭୁର ପଣ୍ଡିତର ପଣ, ସୁବେଷ ଉପ ଭରୁ କଲା ଦର୍ପଣ ।୩।
( ଶମ୍ଭୁ ସ୍ତୁତ

ଯକଳ ଦେଖି ଦେବଙ୍କ ଦୁର୍ଦ୍ଦଶା କଣ୍ଟକ ଦ୍ୱାରା ଦେହଟି ଶ କରି ଲୁଣ୍ଠ ହେଲା, ଉଷ୍ଣ ହୋଇ ଖାଲେ ତାଙ୍କୁ ଏ ଯେଳି ପଶୁଜନ୍ତୁ କର ଧର୍ମଲା ଭଣେଦେବ କି ? ଏମନ୍ତ ରୂପ-ତୃଷ୍ଣାକୁ ଦେଖି ମନ୍ଦର, ନାଗାସୁନ୍ଦ ଝଙ୍କାବାର ଦେଖି ଶୁନ ସ୍ତୁତି କାତର ହୋଇ ସବୁ କପଟ ଛାଡ଼ିଲେ ଓ ବ୍ୟବହାର କଲେ ।

ଏହି କାବ୍ୟର ଅନ୍ୟାନ୍ୟ ସ୍ଥାନରେ ମଧ୍ୟ ଉପମାର ସୁନ୍ଦର ପ୍ରୟୋଗ କରିଛନ୍ତି । ବିବିଧ ପ୍ରକାର ଉପମାର ଉଦାହରଣ ମଧ୍ୟ ଏଥିରେ ମିଳୁଛି । କବିଙ୍କର ସୁନ୍ଦର ଶବ୍ଦର କଳ୍ପନା ପ୍ରତ୍ୟେକ ପଂକ୍ତିରେ ପ୍ରକାଶ ପାଉଛି । କେତେକ ଉଦାହରଣ—

ଅନ୍ତର୍ଲୁପ୍ତୋପମା—

ଯାର ଶୋଭା ଦେଖି ଲାଜେ, ଦେ ହରିଭ ମର୍ଦ୍ଦନ ଚନ୍ଦ୍ର,
ଦଣ୍ଡ ପ୍ରମାଣେ ଜଳେ ଯାଇଁ ଶୁକ୍ଲେ ଲାବଣ୍ୟମଧ୍ୟ । ୯ ।
ଭଲ୍ଲ ବକ୍ଷରେ ବଢାଇ ଦେଲ ଲକ୍ଷ୍ମୀ ଚୁଳିଲା,
ନ ବୁଡ଼ି ଶଇଳ ସମ୍ଭାଳ ଉପରରେ ରହିଲା । ୧୦ । (ନୃସିଂହ ସ୍ତୁତ)

ଯମକ—

ସମ୍ମୁଖରେ ସଜନୀ ଅମ୍ବରେ ଶୋଭାକାଳେ ପଶିଲେ,
ହାସ ପରିହାସ ସରସ ଉକ୍ତିମାନ ଭାଷିଲେ । ୧୭ ।
ଦେଖରେ କନକ ନଳିନୀ ନଳିନୀରେ ପ୍ରକଟ
ଭ୍ରମନ୍ତି ଭ୍ରମରେ ଭ୍ରମରେ ଭ୍ରମରେ ଏ ଶୋଭିତ । ୧୮ । (୬ଷ୍ଠ ଛାନ୍ଦ)

ଷଷ୍ଠ ଛାନ୍ଦରେ ଶ୍ଳେଷରେ ଅଭଙ୍ଗ, ସଭଙ୍ଗ, ଭଙ୍ଗାଭଙ୍ଗ, ଯମକ, ଅନ୍ତ୍ୟ, ରୂପକ ଅଲଙ୍କାର ପ୍ରୟୋଗ ହୋଇଛି । ବସନ୍ତ ଋତୁ ବର୍ଣ୍ଣନା ପ୍ରସଙ୍ଗରେ କବି ମାଳ୍ୟଯମକ, ଶୃଙ୍ଖଳା, ଗୋମୂତ୍ର ଶିଖରେ ପ୍ରୟୋଗ କରି ଅଦ୍ଭୁତ ଚମତ୍କାର ଉଦାହରଣଟିଏ ପ୍ରଦାନ କରିଛନ୍ତି, ଏଥିରୁ କବିଙ୍କ ଗଭୀର ଶବ୍ଦପାଣ୍ଡିତ୍ୟ ପ୍ରକାଶ ପାଉଛି ।

ଦର ତନୁ ହର ଧୀର ପ୍ରଶଂସାର,
ସାର ସାମ୍ଭୁଦର କର ଏ ସଂସାର । ୮ ।
ସାର ସାରଜିତ ଗତ ତେଜ କୁମର,
ମାର ପର ସୁତ ଅତି ସୁକୁମାର । ୯ । (୨ମ ଛାନ୍ଦ)

ପ୍ରଥମ ପାଦର ପ୍ରଥମ ବର୍ଣ୍ଣ, ଦ୍ୱିତୀୟ ପାଦର ଦ୍ୱିତୀୟ ବର୍ଣ୍ଣ, ପ୍ରଥମ ପାଦର ତୃତୀୟ ବର୍ଣ୍ଣ ସହିତ ଦ୍ୱିତୀୟ ପାଦର ଚତୁର୍ଥ ବର୍ଣ୍ଣ ଇତ୍ୟାଦି କ୍ରମରେ ପଦ ସଜାଇ ପାଠ କରିବାକୁ ହେବ । ଏ ସ୍ଥଳରେ ପ୍ରଥମ ପାଦର ସବୁ ପଦ ମିଳିବ ।

କବି ଚନ୍ଦ୍ରଙ୍କର ପ୍ରଶସ୍ତି ଗାନକରି କହୁଛି—

୧ମ ପାଦ—ତୁମେ ଦର (ଭୟ) ହରିବାକୁ ସ୍ମରଣ କରିପାର, ଏ ସଂସାରରେ ତୁମେ ସାର ।

୨ୟ ପାଦ—ତୁମେ ଏ ସଂସାରର ସାର । ତୁମ୍ଭ ଯଶ ଗାୟକ ସୃଷ୍ଟି ହୋଇଛି ।

୩ୟ ପାଦ—ସଂସାରକୁ ତୁମେ ଜୟ କରିଛ । ତୁମେ ସୁନ୍ଦର ।

୪ର୍ଥ ପାଦ—ତୁମେ କନ୍ଦର୍ପଙ୍କୁ ବଳି ସୁକୁମାର ଓ ସୁନ୍ଦର ଅଟ ।

ଅନ୍ତର୍ଲାପି, ବହିର୍ଲାପି, ବହିରୋଧାଖ୍ୟ, ଅଷ୍ଟଶବ୍ଦମାତ୍ର ଓ ସର୍ବତୋଭଦ୍ର ପ୍ରଭୃତି ବନ୍ଧବନ୍ଧ ଅଲଙ୍କାରର ସୁନ୍ଦର ଉଦାହରଣ ଏହି କାବ୍ୟରୁ ମିଳୁଛି ।

ଅନୁପ୍ରାସ—ଦେଖି ନବବାଳକା                    ବକାଳକାମାଳକା

ଅଳୀ କାଳକାଳାନ୍ତ ହୁଅ,
ଲଗା ତେଜନ୍ତେ କର          ଭରିବା ମଣ୍ଡଳଭରଣ
ଏମନ୍ତ ଦଶ୍ରୁ ଯେ ସନ୍ଦରଣୀ,
ସ୍ୱଭେ ବର୍ଣ୍ଣନ୍ତେ ଏ କାଳକୁ,    ତଥାପିବ ନ କଳାକୁ ।
ଏନେ ତ ଶୀଣ ଘନ          ହେଲା ଦୁର୍ଦ୍ଦିନ ଦିନ
ନ ଲଭୁ ବଲ୍ଲଭମେଳକୁ ରେ ।୧। (୨୨ଶ ଛାନ୍ଦ)

କଥୋପକଥନ—'ଲାବଣ୍ୟବତୀ'ରେ ଗୂଢ଼ାର୍ଥପୂର୍ଣ୍ଣ କଥୋପକଥନ ଏକ ବିଶିଷ୍ଟ ସ୍ଥାନ ଅଧିକାର କରିଛି । ଉପମା, ଶ୍ଳେଷ, ଅନୁପ୍ରାସାଦି ଅଳଙ୍କାର ପ୍ରୟୋଗ ଦ୍ୱାରା ପାତ୍ରପାତ୍ରୀମାନେ କଥୋପକଥନ କରିଥିବାରୁ ରସିକତା, ପାଣ୍ଡିତ୍ୟ, ଭାଷାର ପ୍ରାଞ୍ଜଳତା, ମର୍ଯ୍ୟାଦା ପ୍ରଭୃତିର ପରିଚୟ ମିଳୁଛି; ପାତ୍ରପାତ୍ରୀ ଅର୍କ ଶେଷରେ ଏହି ଶୈଳୀର ସ୍ୱାମୀ ହୋଇଛନ୍ତି । କଥୋପକଥନର ଆରମ୍ଭ କରିବାରେ ଯେଉଁ ଉପଯୁକ୍ତ ବାତାବରଣ ସୃଷ୍ଟି ହୋଇଛି ତାହା ଅତି କୌତୁକପ୍ରଦ ଓ ପାଣ୍ଡିତ୍ୟପୂର୍ଣ୍ଣ ହୋଇଛି; ଏହା ଜାତୀୟ ଭାଷା-ଧାରାକୁ ସୁଗମ ଓ ସାବଲୀଳ କରିବା ସଙ୍ଗେ ସଙ୍ଗେ ଅତି ରସମୟ କରି ପାରିଛି ।

(୧) ନାୟିକାର ନବସ୍ପର୍ଶ ସମୟ ଉପସ୍ଥିତ ହେବା ଜାଣିପାରି ସଖୀମାନେ ପରିହାସ ଛଳରେ ତାକୁ ପଚାରୁଛନ୍ତି—

କାନ୍ତ କେତକୀ ଦଳୁ ଚଳୁ ସ୍ମରୁ, ଧାତ୍ରି ଆମ୍ଭେମାନେ ମନେ ବିସ୍ମରୁ ।
ଦୃଷ୍ଟି ସମସ୍ତ ହେଲାଣି ନିକଟ,     ଘଟ କର୍ଣ୍ଣ ହୋଇଲା କି ପ୍ରକଟ ।
ଶୁଣି ସଖୀଏ କହିଲା ଏସନ,     ନ କହିଲେ କହୁଲାଣି ବଦନ ।
(୬ଷ୍ଠ ଛାନ୍ଦ)

(୨) ଲାବଣ୍ୟବତୀ ସରୋବରରେ ସ୍ନାନ କରିବା ପାଇଁ ଯାଇଥିବାବେଳେ ସରୋବରକୁ ଲକ୍ଷ୍ୟକରି ସଖୀମାନେ ଲାବଣ୍ୟବତୀଙ୍କ ସହିତ ଯେଉଁ ଆଳାପ କରିଥିଲେ ତାହା 'ହାସ ପରିହାସ' ପୂର୍ଣ୍ଣ ଓ 'ସରସ' ହୋଇଛି ।

ଦେଖରେ ନଖର ନଳିନୀ ନଳିନୀରେ ଦୂଷିତ
ଭ୍ରମନ୍ତି ଭ୍ରମରେ ଭ୍ରମରେ ଭ୍ରମରେ ଏ ଶୋଭିତ ।୯୮। (୭୪ ଛାନ୍ଦ)

(ଗ) ନବବିବାହିତ ପ୍ରେମିକ-ପ୍ରେମିକାଙ୍କ ପ୍ରେମପୂର୍ଣ୍ଣ କଥୋପକଥନ ଅତି ଚମତ୍କାର ଭାବରେ କବି ବର୍ଣ୍ଣନା କରିଛନ୍ତି । ନାୟକନାୟିକା ବିବିଧ ଆଳାପ ଓ କୌତୁକରେ ସମୟ ଅତିବାହିତ କରୁଥିଲେ । ଏବେ ନାୟକଙ୍କୁ ନାୟିକା ପଣ ଦେଖାଇବାକୁ ପ୍ରସ୍ତାବ ଦେବାରୁ ନାୟକ ପରିହାସରେ ଛଳ କହିଲା —

ନାୟକ —

କର ଚରଣ ଗାଲ କଳ ଚିବୁକ ସ୍ତନ ସ୍ଥାନେ ଶୋଭା ପାଇ,
ବିଦ୍ୟା ଶିକ୍ଷିତ କାନ୍ତ ଚାଳ ସନ୍ଧିରେ କି ଖେଳ ଖେଳିବା ପାଇଁ ।୩୫।
ଦେଖ କହିଲୁ କହଣେ ନ ହାରିବା ହାରିବ ବୁଦ୍ଧିମଣଳ,
ମନେ ବିସ୍ମୟ ତ ଏବେ ସୁଖ ଛାଡ଼ି ଆନ କଥା କହିବାର ।୩୬।

ନାୟିକା —

ଶୁଣି ରସିକାରମଣୀ ସେ ହୋଇଲା ଏ ଭଙ୍ଗୀ ତ କେ ପାରିବ,
କାହିଁ କଥା ନେଇ କାହିଁ ଲଗାଇବ ତହିଁକି ଉତ୍ତର ଶୁଣ ।୩୭।
(୩୬ଶ ଛାନ୍ଦ)

(ଘ) ନାୟିକାର ବିରହବେଦନା ଉପଶମ କରିବା ନିମନ୍ତେ ସଖୀ ଓ ଶିଳ୍ପକାରିଣୀମାନେ ବହୁବିଧ ଚାତୁରୀ କୌତୁକରେ ଆଳାପ କରୁଥିଲେ ।

ତହିଁ ଶିଳ୍ପକାରିକାରେ କଥା ପରସ୍ପର,
କି କହିବାଟି ହୋଇଲା ଅଧର ବାଧର ସେ ।୪୩।
ଅଣର ହୋଇବ ଦେହେ ମନଜିତ ମୂର୍ଚ୍ଛା,
ପାଶ ନୋହେ ପାଶ ପାଶ କୋଟି ତା କରିଥ ସେ ।୪୪।
ମାଳିନୀ ବୋଲୁଛି କନ୍ଦମାଣ ଆସିଥାଇ,
ବରଷେ ହୋଇଲା ସୃଷ୍ଟିବାଣୀ ନ ଶୁଣିଲୁ ସେ ।୪୫।
ଚେଟୀଏ ବୋଲନ୍ତି ବନୀ ମୋଷ ଶୁଭ ଦାସ୍ତ,
ବାଟି ବାଟି କ୍ଷୀର ଖଳନ ଭୃଷ୍ଣ ଧର ସେ ।୪୬।

ଶ୍ରୋତା ସଜନୀଙ୍କ ତହିଁ କରବାହା ପଞ୍ଚରେ,
ଫୁଲଶର ଦେଖୁ ଭେଦେ ଚିତ୍ତପୁନା ଜ୍ବରେ ଗୋ । ୪୭ ।
(୪୭ଶ ଛାନ୍ଦ)

ଏପରି ସ୍ୱରସାମ୍ପୂର୍ଣ୍ଣ ବହୁ କଥୋପକଥନ କାବ୍ୟଟିକୁ ସମୃଦ୍ଧିଶାଳୀ କରିଛି ।

ଭାଷା—ଲାବଣ୍ୟବତୀରେ କବି ସରଳ ଓ କ୍ଲିଷ୍ଟ ଉଭୟ ପ୍ରକାର ଭାଷା ବ୍ୟବହାର କରିଛନ୍ତି ।

(୧) ଦେଖ ସଖୀ ପ୍ରାଣରେ ବସି କରେ ଆଶ୍ୱାସନା,
ବୋଲେଣି କଥା ତ ନ କହୁ କରକ-ରଚନା ଗୋ । ୫୫ ।
ଉଲ୍ ନ ଦେଖିଲୁ ଚନ୍ଦ୍ର ନାଗରୀଙ୍କ ଲକ୍ଷଣ,
ଏହୁ କଥା କି ତୋହର କ ନେଲି ପାଳକ ଗୋ । ୫୬ ।
କୋଧଭରେ ବୋଲି କହିଁ ସଜନୀ ବୋଲୁଛି,
ଦେଖ ତାଙ୍କ ଦେଶିବ ଠାବ୍ଦା ଆପେ ଅରଜିଛୁ ଗୋ । ୫୭ ।
ଅନ୍ଥ ଦେଖ ବୋଲିଲ୍ଲ ଏହା ବୋଲିଲ ନ କରି,
ସମଜୁଦେହ୍ୟ ଅନୁରାଗୀ ହୋଇଲ ସୁନ୍ଦରୀ ସେ । ୫୮ । (୪୭ଶ ଛାନ୍ଦ)

(୨) ଏ ଦୁରନ୍ତ ଦର୍ପଣର ଚେତନା ଜଗେ ଦୂର
ଉଦୁର କାନ୍ତି ଅଙ୍କେ ପଡ଼ି,
କରମଜୁ ଏହାର ଭଲ ହାର ଅଙ୍ଗାର
ଭଲୁଡି କଲ୍ପ କବା କୋଡ଼ରେ, ସହଚରି !
ଜଗତି ଅଛି ଏ ଲୁବ୍ଧ, ଗଳିଜି ଗରଜ ମଣିକ,
ଦେଖ ଦ୍ୱେଷ ଏ ନରଦ ହୋଇ ହିଂସ୍ର ଶରଦ
ନାରଦ ଦ୍ୱ ଭବ ସୃଷ୍ଟିକ ରେ । ୧୦ ।
ଏ କାଳ ଏକା ଏକା- ଙ୍କରେ ପକାଇ ଭଜା
ବନ୍ଧ୍ୟାପଡ଼ିକା ଅଛି କଡ଼ି,
କି କଲେ ଚିରନ୍ତନା ଚେତା ଜନକ ଦେବା
କାଷା ମାଟ୍ଟି ଲୁହାଇ ରେ, ସହଚରି ।

ଏହି କାମନା ପଞ୍ଚଭୂତେ, ଏମାନ ଭୁଅନ୍ତୁ ବେଶେ,
ଯଥା ନାଟକାନ୍ତକ ତଥା ହୋଇ ସୁଳକ
ଧୂଳୁ ଧୂଳିକୁ ତନୁ ଦେବେଶ ରେ । ୧୧ ।

ଯେମନ୍ତ ନାଗଧାର ତେମନ୍ତ ନାଗଲୁର
ନାଗ ନଗଜନେଶ୍ୱରୀ ବନ୍ଧୁ,
ତଥା ପଙ୍କିଳ ମନ୍ଥ ମଙ୍ଗଳାଶ୍ରି ଶେଷ
ପ୍ରତ ପ୍ରତନରେ ହୋଇ ବେଗ, ସହୃଦୟ,
ପିକ ତ୍ରାସ୍ତ ବାଣୀ ନ ପିନ୍ଧୁ, ଅନାଇ ପ୍ରାସ୍ତ ଚନ୍ଦ୍ରା ପୋଷୁ,
ମାର ମାର୍ତ୍ତଣ୍ଡଗଣ ସ୍ତମ୍ଭରେ ପୁଣ ପୁଣ
ମାଳତୀ ସଙ୍ଗେ ପୁଷ୍ପ ଫୁଟନ୍ତେ । ୮ । (୨୨ଶ ଛାନ୍ଦ)

କୋମଳ ବର୍ଣ୍ଣାବଳୀ, ଅନୁପ୍ରାସ, ଯମକ, ଉପମାର ସୁନ୍ଦର ପ୍ରୟୋଗ ଭାଷାକୁ ଅମୃତମୟ କରିଛି ।

ଏହିପରି ସମସ୍ତ କାବ୍ୟଗୁଡ଼ିକରେ ବହୁ ଅମୃତମୟ ପଦାବଳୀ ରହିଛି ।

ଚରିତ୍ର ଚିତ୍ରଣ: ନାୟକ, ନାୟିକା ଓ ପାତ୍ରପାତ୍ରୀ—ବର୍ଣ୍ଣନା-ବହୁଳରେ ଚିତ୍ରିତ ହୋଇଥିବା ପ୍ରଧାନ ପାତ୍ରପାତ୍ରୀ ଉଚ୍ଚଶିକ୍ଷିତ, ଚତୁର, ମର୍ଯ୍ୟାଦାବନ୍ତ, ସୁନ୍ଦର ଓ ରସିକ । ନାୟକନାୟିକାଙ୍କ ଯୌବନର ପ୍ରାରମ୍ଭିକ ଅବସ୍ଥାର ପ୍ରେମକାହାଣୀ ଉପନ୍ୟାସ ବିଷୟ; ବିବାହ ଓ ନିର୍ମଳ ଦାମ୍ପତ୍ୟ ଜୀବନଯାପନରେ ଏହାର ପରିସମାପ୍ତି ।

ନାୟକନାୟିକା ଉଚ୍ଚଶିକ୍ଷିତ ଓ ଅଭିଜାତକୁଳସମ୍ଭୂତ ହୋଇ ଥିବାରୁ ସେମାନଙ୍କ ସଖୀମାନେ ମଧ୍ୟ ସେମାନଙ୍କର ବଂଶମର୍ଯ୍ୟାଦା ଓ ଗୁଣାବଳୀର ଉପଯୁକ୍ତ ହୋଇଛନ୍ତି ।

ପାତ୍ରଙ୍କ ମଧ୍ୟରେ ନାୟକ ଓ ତାର ମିତ୍ରଗଣ ଏବଂ ପାତ୍ରୀଙ୍କ ମଧ୍ୟରେ ନାୟିକା ଓ ତାର ସଖୀଗଣ ପ୍ରଧାନ । ଅନ୍ୟ ଗୌଣ ପାତ୍ରମାନେ ଲକ୍ଷ୍ୟ ପ୍ରାପ୍ତିରେ ସାହାଯ୍ୟକାରୀ ।

ନାୟକ ଚନ୍ଦ୍ରଭାନୁ ସତ୍‌କୁଳସମ୍ଭୂତ, ସୁଶିକ୍ଷିତ, ବଳୀ ଓ ସୁନ୍ଦର । ସେ ଆହ୍ଲାଦରେ ଚନ୍ଦ୍ର, ତେଜରେ ସୂର୍ଯ୍ୟ, ବେଦବେଦାନ୍ତରେ ବ୍ରହ୍ମା, ବ୍ୟାକରଣରେ ଶିବ, ସଙ୍ଗୀତରେ ନାରଦ, ଶୃଙ୍ଗାରଶାସ୍ତ୍ରରେ କନ୍ଦର୍ପ, କବିତ୍ୱରେ ଗଣେଶ, ଜ୍ୟୋତିଷ ଶାସ୍ତ୍ରରେ ବୃହସ୍ପତି, ଅଶ୍ୱାରୋହଣରେ ସୂର୍ଯ୍ୟ, ରଣରେ ଭୈରବ, ଧନୁର୍ଧାରଣରେ ଅର୍ଜୁନ, ଦାନରେ କର୍ଣ୍ଣ, ମାନରେ ଦୁର୍ଯ୍ୟୋଧନ, ଧର୍ମରେ ଯୁଧିଷ୍ଠିର ଓ ବଳରେ ବଳୀ ଥିଲେ । ସୁନ୍ଦରପଣରେ ତାହାଙ୍କର ଉପମାର ନ ଥିଲା, ସେ ନିଜେ ନିଜର ଉପମାର ।

ଆହ୍ଲାଦେ ଚନ୍ଦ୍ର ତେଜେ ଭାନୁ ଭାନୁ ଶଶୀ,

× × ×

ସୁନ୍ଦର ପଣେ ତାର ସେହ୍ନ ଉପମାର । ୬୩–୬୭ । (୧ମ ଛାନ୍ଦ)

ଚନ୍ଦ୍ରଭାନୁ ବାଲ୍ୟକାଳରୁ ସୁଖରେ ଲାଳିତପାଳିତ ହୋଇଥିଲେ । ଯୌବନାବସ୍ଥାରେ ସେ ଉପଯୁକ୍ତ ଚାରି ମିତ୍ର ପାଇଥିଲେ ଏବଂ ଏମାନଙ୍କ ଭିତରେ ଅତୀବ ପ୍ରୀତି ବିଦ୍ୟମାନ ଥିଲା । ଏମାନେ ସମସ୍ତେ ସତ୍‌କୁଳ-ସମ୍ଭୂତ ଥିଲେ ।

ମନ୍ତ୍ରୀ ଜ୍ୟୋତିଷ ସାଧୁତ ପୁରୋଧା କୁମର,
ନାମ ଶୁଣନ୍ତୁ ବସନ୍ତକ ପୁରନ୍ଦର । ୬୮ ।
ରତ୍ନାକର ସହିତେ ଏ ଗୁଣମଣି ଚଉ,
ଅନିମିଷ ଭାନୁ ନୋହେ ଏହାଙ୍କ ସଙ୍ଗତ । ୬୯ । (୧ମ ଛାନ୍ଦ)

କୁମାର ଯେପରି ଶିକ୍ଷିତ ସେପରି ନମ୍ର, ମର୍ଯ୍ୟାଦାଜ୍ଞାନସମ୍ପନ୍ନ, ରସିକ, ଚତୁର ଓ ବୀର ମଧ୍ୟ । କବି ନାୟକଙ୍କର ଏହି ଗୁଣମାନଙ୍କୁ ସୁନ୍ଦର ଭାବରେ ବିଭିନ୍ନ ଘଟଣା ସମ୍ପର୍କରେ ପ୍ରକାଶ କରିଛନ୍ତି ।

ଉପେନ୍ଦ୍ର ଭଞ୍ଜଙ୍କ ନାୟକମାନେ ଯେପରି ପ୍ରେମିକ ସେପରି ମଧ୍ୟ ବୀର । ଦେଶର ଆହ୍ୱାନ ପାଇବା ମାତ୍ରେ ସେମାନେ ନବପରିଣୀତା ସୁନ୍ଦରୀ ଭାର୍ଯ୍ୟାକୁ କୋଳରୁ ଅନ୍ତର କରି କର୍ତ୍ତବ୍ୟପାଳନ କରୁଥିଲେ । ଜନ୍ମଭୂମି ଓ ସ୍ୱଦେଶ ସେମାନଙ୍କୁ ଉଦ୍ବେଳିତ କରି ପାରୁ ନ ଥିଲା । ସ୍ୱକାର୍ଯ୍ୟ ସିଦ୍ଧି ବେଳେ ଓ ତାଙ୍କୁ

କର୍ତ୍ତବ୍ୟ ପାଳନ କଲେ ପ୍ରାଣାଧିକା ପ୍ରିୟତମାର ମୋହ ସେମାନଙ୍କୁ ଛୁଇଁ କରିପାରୁ ନଥିଲା ।

ରସିକ ହାରାବଳୀର ନାୟକ ଯୁବରାଜ ନବାଙ୍କ ଭଣ୍ଡ ଏକ ବର୍ଷ ପ୍ରିୟା ସହିତ ଅତି ସୁଖେ ସୁମୋଦରେ କାଳାତିପାତ କରିବା ପରେ 'ବିଧିବଶେ କଣ୍ଠେ ଶୋଭିତ ଚିତ୍ର'ର ସ୍ୱର ଶୁଣି ରହିବା ପାଇଁ ପିତାଙ୍କ ଆଦେଶରେ ଚତୁରଙ୍ଗ ସେନା ସହିତ ଉତ୍କଳ ରକ୍ଷାର ଯୁଦ୍ଧଭୂମିରେ ଅବତୀର୍ଣ୍ଣ ହୋଇଥିଲେ ।

ହସିତ ମଞ୍ଜୁଳା ଶୁଣ ନୃପ ନନ୍ଦନ,
କନ୍ୟା ସେନ ଭଳି ପୁରେ କଲେ ଗମନ । ୧ ।
ହୟ, ହସ୍ତୀ, ପଦାତି, ରଥ, ଭଟଶ୍ରୀ,
ଶୋଭିଲେ ଚଳିଲେ ଯେସନ ସ୍ୱର୍ଣ୍ଣୋତ୍ତରୀ । ୨ ।
ବିଧିବଶେ କଣ୍ଠେ ଯେ ଶୋଭିତ ଚିତ୍ର,
ଯୁବରାଜ ଗଲେ ଆଜ୍ଞା ଦେଲେ ନୃପତି । ୩ ।
ଚତୁରଙ୍ଗ ସେନା ସୈନ୍ୟ ଦେଖି ଉଦ୍ଧତ,
ସମରେ ଆଗ୍ରେ ପଳାଇଗଲେ ଦୈତ୍ୟ । ୪ ।
(ର: ହା:-୭ମ ଛାନ୍ଦ)

ପ୍ରେମସୁଧାନିଧିର ନାୟକ ମଧ୍ୟ ଅତି ସୁଖକର ଦାମ୍ପତ୍ୟ ଜୀବନକୁ ତୁଚ୍ଛ କରି ପିତାଙ୍କ ଆଜ୍ଞାରେ କାର୍ଯ୍ୟବଶରେ ବିଦେଶକୁ ଯିବା ପାଇଁ ଉତ୍କଣ୍ଠିତ ଚିତ୍ତରେ ପ୍ରସ୍ତୁତ ହୋଇଥିଲେ ।

ସୁରତଶ୍ରାନ୍ତ ସଙ୍ଗତ ନେଇବାକ ଅନ୍ତରେ ଲଭି ନାଗର,
ଭାବ କଣ୍ଠପର ପରମ କଷ୍ଟକୁ ମନକୁ ଭଳ ଅନ୍ତର ।
ତରଳାକ୍ଷୀ ବନା ଦେଖିଲ ମୋହେ ତ ନାହିଁ ଆନ ପ୍ରକାର,
କାରଣ ବଶେ ବିଦେଶ କରିବାକୁ ଆଜ୍ଞା ଦେଲେ ନରେଶ୍ୱର । ୧ ।
(ପ୍ରେ: ସୁ: ନି:-୮ମ ଛାନ୍ଦ)

ଏପରି ଅନ୍ୟାନ୍ୟ କାବ୍ୟରେ ମଧ୍ୟ କବି ନାୟକର ଗୁଣର ପ୍ରମାଣ ଦେଇଛନ୍ତି ।

ଉପେନ୍ଦ୍ରଙ୍କର ନାୟିକାରେ ମଧ୍ୟ ଏହି ଉଜ୍ଜ୍ୱଳ ଲକ୍ଷଣଟି ଦେଖାଯାଏ ।

ଏହି କାବ୍ୟରେ ନାୟିକା ରୂପଙ୍କୁ ବିଶେଷ ଗୁରୁତ୍ୱ ପ୍ରଦାନ କରି ଥିବାରୁ ତାହାର ବିଭିନ୍ନ ଗୁଣ, କାର୍ଯ୍ୟ, ବେଶଭୂଷା ଓ କଥାବାର୍ତ୍ତା ପ୍ରଭୃତିର ବିଶେଷ ଚର୍ଚ୍ଚା କରିଛନ୍ତି । ନାୟକଚରିତ୍ରଚିତ୍ରଣ ସୀମିତ ହୋଇଛି । ପ୍ରେମର ପ୍ରବାହ ପୂର୍ବରାଗଠାରୁ ଆରମ୍ଭ ହୋଇ ବିଭିନ୍ନ ଅବସ୍ଥା ଭିତରେ ଗତି କରି ପ୍ରେମମିଳନରେ ପର୍ଯ୍ୟବସିତ ହୋଇଛି । ପ୍ରେମିକପ୍ରେମିକାଙ୍କ ପ୍ରେମଜୀବନର ସ୍ୱଳ୍ପକାଳ ହିଁ ଏଥିର ବର୍ଣ୍ଣିତ ବିଷୟ ଥିବାରୁ ଚରିତ୍ରଚିତ୍ରଣ ସୀମିତ ହେବା ସ୍ୱାଭାବିକ ।

ନାୟିକା ଲାବଣ୍ୟବତୀ ବାସ୍ତବ ପକ୍ଷେ ଉଚ୍ଚକୁଳସମ୍ଭୂତା, ପରମାସୁନ୍ଦରୀ, ମର୍ଯ୍ୟାଦାଜ୍ଞାନସମ୍ପନ୍ନା, ପ୍ରେମିକା ଓ ବିଦୁଷୀ । ଏହାର ଶିକ୍ଷା, ବେଶଭୂଷା, ପ୍ରେମ-ବିକାଶ, ମିଳନ ଓ ବ୍ୟବହାର ପ୍ରଭୃତି କବି ଯଥାସ୍ଥାନରେ ସୁନ୍ଦର ଭାବରେ ପ୍ରକଟିତ କରିଛନ୍ତି । ବିବାହିତ ଜୀବନରେ ଦମ୍ପତି ଆନନ୍ଦରେ କାଳାତିପାତ କରିଛନ୍ତି ।

ସାଧାରଣ ଚରିତ୍ରମାନଙ୍କରେ ସନ୍ନ୍ୟାସୀ, ବୃଦ୍ଧବୈଦ୍ୟ ଓ ମାଳିନୀ ପ୍ରଭୃତିଙ୍କ ଉକ୍ତି ଚରିତ୍ର ପରିକଳ୍ପନାରେ ଯଥାସ୍ଥାନ ଅଧିକାର କରିଛି । ମାଳିନୀର ଚରିତ୍ର ଏମାନଙ୍କ ଭିତରେ ଅତି ରମଣୀୟ ହୋଇଛି ।

ନାୟିକାର ଶୋଭା ଓ ଗୁଣାବଳୀ ବର୍ଣ୍ଣନା କରିବାରେ କବି କୁଣ୍ଠାବୋଧ କରିନାହାନ୍ତି । ନାମର ତାତ୍ପର୍ଯ୍ୟରୁ ସେ ଏହାର ସୂଚନା ଦେଇଛନ୍ତି ।

ଗୁଣମତେ ସବୁ ଶୋଭା ଥାଇ ହୋଇ ବାଳୀ,
ଲାବଣ୍ୟବତୀ ନାମକୁ ଦେଲେ ବିପ୍ରେ ବିଚାରି । ୫୭ । (୨ୟ ଛାନ୍ଦ)

ଲାବଣ୍ୟବତୀର ସୁଷମା ବର୍ଣ୍ଣିବାରେ କବି ଅପୂର୍ବ କଳ୍ପନାଶକ୍ତି ପ୍ରକାଶ କରିଛନ୍ତି ।

ରତି ରଥ ଉପେଖ କରି ହୋଇବ ତା ସ୍ୱପନେ,
ଏଣୁକରି ଦର୍ପ ତନ କାଳିଲ ଶ୍ରୀପଦେ ସେ । ୭୦ ।

କଣ୍ଠସୂତ୍ର କମ୍ବୁକର୍ମୀ ଶିଳ୍ପୀ ହୋଇ ରୋପେ,
ନର୍ମାଣି ଚାରଣଚକ୍ର ଶିଖିଲା ତା ରୂପେ ଯେ ।୭୧।

ଛପିଲେହି କୃଷ୍ଣ ଚନ୍ଦ୍ର କେଶ ଭରେ,
କେବଳ ନା କୋଟିଳ ଗର୍ବ ଏମନ୍ତ ଶଙ୍କାରେ ଯେ ।୭୨।

ଚକ୍ଷୁ ନ ଆସି ଆବରଣ ଚଞ୍ଚଳ,
ହୋଇ ଭବେ ବଢଡ଼ି କେଶବିନ୍ଦୁ ଶୋଭା ତାକୁ ଯେ ।୭୩।

ତଥାପି ସୁଷମା ଶମା ପ୍ରତିମା ନ ହୋଇ,
ଶୋଭାକୁ ବର୍ଣ୍ଣନ୍ତି କବି କୃଷ୍ଟି କରି ଚାହିଁ ଯେ ।୭୪। (୨ୟ ଛାନ୍ଦ)

ଏହି କାବ୍ୟରେ ପ୍ରକୃତରେ କବି ଉପେନ୍ଦ୍ର ନାୟିକାର ସ୍ତନକୁ ସୃଷ୍ଟି କରିଛନ୍ତି । କାବ୍ୟର ବହୁ ସ୍ଥାନରେ ନାୟିକାର ଶୋଭାର ବର୍ଣ୍ଣନା କରିଛନ୍ତି । କବି ଦୃଷ୍ଟାନ୍ତ ଉପମାର ବାହୁଲ୍ୟତା ମଧ୍ୟ କରିଛନ୍ତି ।

ସରସ୍ୱତୀ ଶୋଭାରେ ବିଦ୍ୟା ଥିଲା ସେତେ,
ଦେଲେ ଭାଗ୍ୟ ଶୋଭା ଦୃଷ୍ଟି ନ କଣ୍ଠ ମୋହିତ ଯେ ।୭୮।

ନବଯୌବନା ନାୟିକାର ଅପୂର୍ବଶୋଭାକୁ କବି ଅତି ଚମତ୍କାର ଭାବରେ ବର୍ଣ୍ଣନା କରିଛନ୍ତି । ସୂଚନାରେ କହିଛନ୍ତି—

ମଣି ଉମଙ୍ଗୀମଣିକ ଶାଣ ପ୍ରଭବ,
ବହୁମୂଲ୍ୟ ପ୍ରସଙ୍ଗ ବଢ଼ାଇ ବିନ୍ଦୁ ଦନ ।୭୯।
ଉପମା ଅତୀବ କାନ୍ତି ମନ୍ଦାକର ହେଲେ
ପୂର୍ବରେ ଯାହା ଅଙ୍ଗରେ ପୁଷ୍ପ ହୋଇଥିଲା ଯେ ।୮୦।

ସୂଚନାରେ 'ଉପମା ଅତୀବ କାନ୍ତି ମନ୍ଦାକର ହେଲେ' ବୋଲି କହିଲେ ମଧ୍ୟ ସେ ଏ ପ୍ରସଙ୍ଗରେ କାବ୍ୟର ବିଭିନ୍ନ ସ୍ଥାନରେ ଉପମା-ଶାଗରର ପ୍ରୟୋଗ କରି ଅମର ହୋଇଛନ୍ତି ।

ନାୟିକାର ଶୋଭା, ବେଶ, ଗୁଣ୍ଡିଚଳନ, ବନବିହାର, ପ୍ରେମ, ପ୍ରେମ-ପରୀକ୍ଷଣ, ବିରହ, ମିଳନ ପ୍ରଭୃତି ପ୍ରସଙ୍ଗ କବି ଅତି କବିତ୍ୱପୂର୍ଣ୍ଣ ପଦାବଳୀରେ ବର୍ଣ୍ଣିତ କରି କାବ୍ୟଟିକୁ ଓଡ଼ିଆ ସାହିତ୍ୟରେ ପ୍ରଥମ ଶ୍ରେଣୀର କାବ୍ୟରୂପେ ଗଣ୍ୟ କରାଇ ପାରିଛନ୍ତି ।

ଉପେନ୍ଦ୍ର ଭଞ୍ଜଙ୍କ ମାଳିନୀ ଏକ ଅପୂର୍ବ ସୃଷ୍ଟି । ରୂପ, ଗୁଣ, ବୁଦ୍ଧି, ଶିକ୍ଷା ପ୍ରଭୃତିରେ ମାଳିନୀକୁ ଭୂଷିତ କରି କବି ମନୋମୁଗ୍ଧକର ମୂର୍ତ୍ତି ଗଠନ କରିଛନ୍ତି । ବଙ୍ଗ ଭାଷାରେ ଉପେନ୍ଦ୍ର ଭଞ୍ଜଙ୍କ ସମସାମୟିକ କବି ଭାରତଚନ୍ଦ୍ର 'ବିଦ୍ୟାସୁନ୍ଦର କାବ୍ୟ'ରେ ମାଳିନୀର ଏକ ଚିତ୍ର ଦେଇଛନ୍ତି । ଉପେନ୍ଦ୍ରଙ୍କ ମାଳିନୀ ଏହି ଭାରତଚନ୍ଦ୍ରଙ୍କ ମାଳିନୀଠାରୁ ରୂପ, ଗୁଣ ଓ ବର୍ଣ୍ଣନା ପ୍ରଭୃତିରେ ସୁନ୍ଦରତର । ଉଭୟ ମାଳିନୀଙ୍କ କାର୍ଯ୍ୟ ଭିତରେ ସାମ୍ୟ ରହିଛି, ଉଭୟେ ନାୟକନାୟିକା ମିଳନରେ ସାହାଯ୍ୟ କରିଛନ୍ତି ।

ଭାଷା, ଭାବ, ଉପମା, ରୂପକ ଓ ଅନୁପ୍ରାସାଦି ଅଳଙ୍କାର କବିତାମାନଙ୍କର ଶୋଭାକୁ ଶତଗୁଣରେ ବର୍ଦ୍ଧିତ କରିଛି ।

ମାଳିନୀ ରୂପବତୀ, ଗୁଣବତୀ, ଶିକ୍ଷିତା ଓ ଚତୁରା । ସ୍ୱବ୍ୟବସାୟୋପଯୋଗୀ ଉପକରଣାଦି ତାହାର ସୌନ୍ଦର୍ଯ୍ୟକୁ ବୃଦ୍ଧି କରିଛି ଏବଂ ଲକ୍ଷ୍ୟସିଦ୍ଧିରେ ସାହାଯ୍ୟ କରିଛି । ପ୍ରକୃତରେ ତାହାର ବ୍ୟବସାୟ ଯୋଗ୍ୟ ଦ୍ରବ୍ୟ ସେ କାର୍ଯ୍ୟସିଦ୍ଧିର ଉପାୟରୂପେ ବ୍ୟବହୃତ ହୋଇଛି । ମାଳିନୀ ମୋହିନୀ ହୋଇ ପାରିଛି ।

ଉପେନ୍ଦ୍ରଙ୍କ 'ମାଳିନୀ' ଓଡ଼ିଆ ରାଜପରିବାରର ମାଳିନୀ, ଜନସାଧାରଣଙ୍କ ମାଉସୀ ମଧ୍ୟ ।

ଏଥୁ ଅନନ୍ତରେ ଚିତ୍ର    ଶୁଣ ହେ ମାଳିନୀ ବେଶ
ଶ୍ରୀଫଳ ତଳୁ ଶୋଭା, ଶୋଭିଛି ଯୋଷା ସେ । ୧ ।
ଗର୍ବିକ ଦଳ ତରିବ    ସ୍ତନାବେଶ ବହି ଭର୍ତ୍ସି
ଶୁଣ୍ଡି ଅଛି ଗୋଟି ଚର୍ମା, ଧରଣୀ ଜନ୍ମା ଏ । ୨ ।
ଅଚାଳ ନଶାରେ ନଇଲ    ନିର୍ମଳ ତାର କି ଶୋଭିଲ
ହାଣାଇ ଚେମନ୍ତ୍ର ପାଦ୍ମ, ଜାତକ-କାନ୍ତି ଏ । ୩ ।

ବାମନ୍ତ ବିହ୍ୱଣୀ ପଣନ୍ତ  ତରୁ ଉପରେ ଲମ୍ବିତ
ବସନ ଛିଣ୍ଡନ ମାସ, ମୋହନ ଲବ ସେ । ୧୭ ।

ନୋହେ ସୁଜ ଶବ୍ଦ ଅତ  କଥା ଏ ନୋହେ ସୁବଶ
ପୀନ କୋହ୍ନ ଝୀଣ କୋଡ଼, ଏମନ୍ତ ଦେଖ ସେ । ୧୮ ।

ବିବର୍ଣ୍ଣିତ ଶ୍ୟେ ଶିଖ  ପାତଳ ରସାଳ ପତ୍ର
ବସ୍ତୁସ ବୋଳ ସ୍ତନର, ଏଥି ଭିତର ସେ । ୧୯ ।

କୁସୁମ ଗୁଞ୍ଜା କରେ  ଗୋଡାଇଛନ୍ତି ଭ୍ରମରେ
ଶଜ ପଡ଼ିଛି ମଣ୍ଡିତ, ଚମକ ତାର ସେ । ୨୦ ।

ପଣନ୍ତ ଦେଖନ୍ତି ଯିବେ  ଧନ୍ଦନ୍ତି ଦର୍ଶନ କରେ
ମୁଖ ଢଙ୍କିଲ ପଡ଼ିଛେ, କ ଶୋଭା ପାଏ ସେ । ୨୧ । (ଦଶମ ଛାନ୍ଦ)

କବି ଉପଟ୍ଟ ପାଠକଙ୍କୁ ନିଜର କରି ନେଇଛନ୍ତି । ତାଙ୍କର ମନପ୍ରାଣ ତାଙ୍କ ହାତରେ । ତାଙ୍କ କଳକୁ ଭୁଲିଯାଇ ଶବ୍ଦ ଓ ପଦାବଳୀରେ ତନ୍ମୟ ହୋଇ ଯାଉଛୁ । ଶବ୍ଦିକଶାସ୍ତ୍ରର ସମ୍ବନ୍ଧରେ ମାନ୍ଦା ଭୁଲ ଯାଉଥିବା ସବୁ ପ୍ରଶ୍ନମାନ ହେଉଛି । ଉ.ଭଞ୍ଜଙ୍କର ଏହି ତନ୍ମୟତା ରଚନା-କୌଶଳର ଫଳ ଏବଂ ଏହାର ପରିଣାମ ଉପରେ କବିଲେଖନୀର ସାର୍ଥକତା ନିର୍ଭର କରେ । ଉପେନ୍ଦ୍ର ଭଞ୍ଜ ଏହିଭଳି ତନ୍ମୟତା ସୃଷ୍ଟିକାରୀମାନଙ୍କରେ ଶତାଧିକ ସ୍ଥାନରେ ସୃଷ୍ଟି କରି ପାରିଛନ୍ତି ।

ଚମତ୍କାର ବର୍ଣ୍ଣନା ସହିତ ସରସ ସରଳ ପଦାବଳୀ ଉପସ୍ଥିତ କରନ୍ତି ଏବଂ ସ୍ୱଚ୍ଛନ୍ଦବୃତ୍ତି କରିପାରିଛି । କବିଙ୍କର ସବୁ ପାଠପାଠୀଙ୍କର ଚରିତ୍ରଚିତ୍ରଣ ମଧ୍ୟ ଜୀବନ୍ତ ହୋଇଛି ।

## କ୍ଷୁଦ୍ର କବିତା

ଲାବଣ୍ୟବତୀ—ସ୍ରୋତ ସ୍ରୋତ ପୁଞ୍ଜିତ ପ୍ରେମର କବିତା । ୧ମ ଛାନ୍ଦ-ମାନଙ୍କ ପ୍ରେମିକା ପ୍ରତି ନାୟକର ବିରହବାଣୀ । ୨ୟ ଛାନ୍ଦ—ନାୟିକାର

ନାୟକ ଭୃଙ୍ଗ-ଦୂତ ମୁଖରେ ନାୟିକାଠାକୁ ପତ୍ରପ୍ରେରଣ ଓ ଉତ୍ତର ନେଇ ପଠାଇବା ପାଇଁ ଅନୁରୋଧ; ଏଥିମଧ୍ୟରେ ଏହା ସମସ୍ତ ହୋଇଛି । ପ୍ରଥମ ଛାନ୍ଦରେ ପନ୍ଦର ପଦ ଓ ଦ୍ୱିତୀୟ ଛାନ୍ଦରେ ତେର ପଦ ।

ବକୁଳ ବୋଲି —ବକୁଳାଶ୍ରୀ ରାଗରେ ତେଇଶଟି ପଦରେ ବକୁଳ-ବୋଲ ସମ୍ପୂର୍ଣ୍ଣ । ସ୍ୱାତି-ନକ୍ଷତ୍ରକୁ ବନ୍ଦି କେତେକ ସ୍ତ୍ରୀ ପଦ୍ମକୁ ଧରି ଯାଆନ୍ତି । ସେମାନଙ୍କ ଭିତରେ କେତେ କେତେ ସଖୀ ଯୁବତୀ ରହିବା ନାଗରଙ୍କୁ ଦେଖି ରସିକ ନାଗର ସେମାନଙ୍କ ସହିତ ରସପୂର୍ଣ୍ଣ କଥୋପକଥନ କରନ୍ତି । କଥୋପକଥନରେ ରସିକଙ୍କର ଚାତୁରୀ ଓ ବୁଦ୍ଧି ଏଥିର ଦର୍ଶନୀୟ ।

ଏହି କମଳାସଖୀ ବୋଲି, କାମ୍ବୋଳ ଦହଣା, ମାଳାକାର ବୋଲି, କୁବଳୟଚନ୍ଦ୍ର, ଚଂପାଶ୍ୟାମା, ଯାଜ୍ଞସେନୀ, ଚନ୍ଦ୍ରିକାବଧୂ, ଗୁଣ୍ଡିଆବଧୂ, ଯାତ୍ରାକଳା ଦାସୀ (ପଞ୍ଚାଙ୍ଗୁଳୀ), ନାଗକେଳି ଦାସୀ, ଲାବଣ୍ୟ ବାମା, ଗୋପାଳୀ ତରୁଣୀ— ଏମାନଙ୍କ ସହିତ ରସିକ ନାଗରର ରସାଳାପ ବିଭିନ୍ନ ଛାନ୍ଦରେ ଅଭିବ୍ୟକ୍ତ ହୋଇଛି ।

ନାଗର-ନାଗରୀମାନଙ୍କ ଭୁଲ୍ଲ ପ୍ରତ୍ୟୁତ୍ତରରେ କହିଛ ଥିବା କୃତିତ୍ୱକୁ ଭକ୍ତ ପ୍ରଶଂସା କରିଛନ୍ତି, ଏହା ଯଥାର୍ଥ ହୋଇଛି ।

କହିବୁ କୃପାସିନ୍ଧୁ ଭକ୍ତ ବତ୍ସଳ ଅଟନ୍ତି ସେହୁ ନାଗର,
ତାହାର ସେଠି ପ୍ରତ୍ୟୁତ୍ତର ଶୁଣନ୍ତୁ ଧନ୍ୟ ଧନ୍ୟ ଯେ ସୁବୁଦ୍ଧି । ୩୦ ।

ନବତାଳିରେ ସ୍ୱାତିକୁ ନେଇ କେଉଁ ନାଗର ସ୍ତ୍ରୀଲୋକମାନେ ପଦ୍ମକୁ ଧରି ଯାଆନ୍ତି ସେମାନଙ୍କ ଭିତରୁ କେତେଜଣଙ୍କର ଏକ ତାଲିକା ଏଥିରୁ ମିଳୁଛି । କୌଣସି କାବ୍ୟ ଗ୍ରନ୍ଥ ଦୃଷ୍ଟା ମଧ୍ୟ-ଯୁଗର ତୁଳନା ଏଥିରେ ନାହିଁ ।

ଓଳଗ, ମାସ ଓ ମୁଦ୍ରାର କେତେକ ତଥ୍ୟ ଏଥିରୁ ମିଳୁଛି । ଓଳଗରେ ରଥ, ମାସରେ ଫଳ, ମୁଦ୍ରାରେ ଟଙ୍କା ଓ କଉଡ଼ିର ବ୍ୟବହାର ବିଷୟ ସମ୍ବନ୍ଧ ଥିଲା ।

ପରବର୍ତ୍ତୀ ସମୟରେ 'ଚକାରଚୋଲି' ଶ୍ରେଣୀର ହାସ୍ୟରସପୂର୍ଣ୍ଣ କୌତୁକ କବିତା ଦେଖାଯାଏ । ବୈଷ୍ଣବ କବିମାନେ ମଧ୍ୟ ଶ୍ରୀକୃଷ୍ଣଙ୍କ ଗୋପଲୀଳାରେ ଏ ପ୍ରକାର ପ୍ରସଙ୍ଗର ଅବତାରଣା କରି ରସମୟ ପଦ ରଚନା କରିଛନ୍ତି । କେହି କେହି କାବ୍ୟମାନଙ୍କ ଭିତରେ ମଧ୍ୟ ଏହାକୁ ସ୍ଥାନ ଦେଇ ତାହାକୁ ସରସ କରିପାରିଛନ୍ତି ।

କଥୋପକଥନର ସୃଷ୍ଟି କରି ସୁନ୍ଦର ଭାବରେ ଫୁଟାଇ ପାରିଛନ୍ତି । ପାତ୍ରପାତ୍ରୀ ଉଭୟେ ଚତୁରତା ଓ ରସିକତା ଅବଲମ୍ବନପୂର୍ବକ ଉତ୍ତର ପ୍ରତ୍ୟୁତ୍ତର କରୁଥିବାରୁ କଥୋପକଥନର ମାଧୁର୍ଯ୍ୟ ବର୍ଦ୍ଧିତ ହୋଇଛି । ଉଦାହରଣ, ରସିକ ନାଗର ଉପବନ ନାୟିକାର ଭାବଭଙ୍ଗୀ ଅନୁକୂଳ ଦେଖି କଥୋପକଥନ ଆରମ୍ଭ କରିଛନ୍ତି । ନାୟିକାର 'ମନ୍ଦହାସ' ଦେଖି 'ମୃଦୁ ବଚନ' କହୁଛନ୍ତି । ଏକାତ୍ମକ ରସିକ ଓ ଏକାଧିକ ରସିକାଙ୍କର ବ୍ୟବହାର ଏଠାରେ ପ୍ରଦର୍ଶିତ ହୋଇଛି । ଅର୍ଥ ଓ ଯୁକ୍ତାର୍ଥ କଥୋପକଥନର ମୂଳଭିତ୍ତି ଏବଂ ଏହା ଏହି କାରଣରୁ ସରସ ହୋଇଛି ।

ଚଉପଦ ଭୂଷଣ—ପ୍ରବାସୀ ନାୟକ ନାୟିକା ପ୍ରତି ତାହାର ବିରହ ବିଳାପ ଓ ଉପଦେଶକୁ ମନେ ପକାଇ ଜଣକ ଚନ୍ଦ୍ର'ବନକୁ ପ୍ରକାଶ କରୁଛି । ରାତ୍ରି ର ଦୁଃଖ ପ୍ରହରରେ ନାୟିକା ପକ୍ଷରେ ତାର ବିରହ ବ୍ୟବହାର ଓ ଭଙ୍ଗୀକୁ ସେ ପ୍ରକାଶ କରୁଛି । କବିଙ୍କ ରସିକ ନାୟକର ଚିନ୍ତା ଓ ଦୁଃଖ ଉତ୍କୃଷ୍ଟ ହୋଇଛି । ଭାବ, ଭାବପ୍ରକାଶ ଓ ଛନ୍ଦ ଅତି ରମଣୀୟ ଓ ଉପଭୋଗ୍ୟ ହୋଇଛି ।

ବିରହବତୀଙ୍କ ଚିନ୍ତା କରିବାରୁ କବିଙ୍କ ହୃଦୟ ଦଗ୍ଧ ହୋଇଯାଇ-ଥିବା ସେ ବ୍ୟକ୍ତ କରିଥିବାରୁ ଏଥିର ଭାବ ଓ ଭାଷା କବିଙ୍କ ଅନୁଭୂତିରୁ ସଂଗୃହୀତ ହୋଇଥିବା ମଧ୍ୟ ସମ୍ଭବ ।

ହେ ଶିବ ମାଗୁଅଛୁ ଲେଉଟାଇ ମୋତେ,
କହଇ ଉପେନ୍ଦ୍ର ଭଞ୍ଜ ଏ ଗୀତେ ସେ ।

ଦେଖ ବିରହରେ ସାହା ନାହିଁରୁ ମୂର୍ତ୍ତି,
ଏ ଖର ମଦନ ଶସ୍ତ୍ର ହୃଦ ଦହଇ ସେ ।
(୨ୟ ପ୍ରହର ଚନ୍ଦ୍ର)

ପ୍ରହରର ସଂଖ୍ୟା ଅନୁସାରେ ସ୍ୱରେଶ୍ଟି ଛନ୍ଦ ରଚିତ ହୋଇଛି । 'ପ୍ରହର' ଓ 'ଘର' ଶବ୍ଦର ଲୌକିକ ବ୍ୟବହାର ଅନୁସାରେ 'ଚଉପହର' ନାମ ହୋଇଛି । ପୂର୍ବପ୍ରଥାର ଅନୁସାରେ ଛନ୍ଦର ସଂଖ୍ୟା ଗୁଣ ହେଲେ ମଧ୍ୟ ପ୍ରତ୍ୟେକ ଛାନ୍ଦର ଅବସର ଅଠପ୍ରହର ଅନୁସାରେ ଆଠପଦ ଲେଖାଏଁ ରହିଛି ।

ଭଦ୍ରସୁ ସାମର ଛନ୍ଦାରେ ନାୟିକାର ସ୍ୱପ୍ନ ଓ ସ୍ୱପ୍ନାନ୍ତେ ବିଳାପ ସାର ଉବନ୍ଧର 'ଲାବଣ୍ୟବତୀ'ରେ 'ଚେତସ୍ୱରୂପ ବୁଝିଲ ନାୟିକାରେ ଯାଉଣ ନାହିଁ ଦେବ୍ୟ ଲକ୍ଷ୍ମଣ' ଇତ୍ୟାଦି ଛାନ୍ଦରେ ମଧ୍ୟ ପରିଦୃଷ୍ଟ ହୁଏ ।

ତ୍ରେତାସୁ ସାମ ସାମିନୀ ହୃଦବନେଶ ଧନେ କାମିନୀ,
ହୃଦ୍ଧରେ ଦେମା ସଙ୍ଗରୁ ବଦଳିଦ ହୋଇ,
ଆହା ଅହ୍ନା ପ୍ରାଣନାଥ ବୋଲି ଦୁଦନ୍ଧ ମାଗ ହାତ,
ହୃଟିଣ ଲୋଡ଼ନ୍ତ ପଲଙ୍କରେ ଭୂ-ମୂର୍ଚ୍ଛି ।

ଏଥି ସ୍ତୁତ ଲାବଣ୍ୟବତୀରେ ଦେବଦେବୀଙ୍କ ସ୍ୱପ୍ନର ଜୀବନ୍ତ ଚିତ୍ର ଅଙ୍କିତ ହୋଇଛି । ଗୋଟିଏ ଉଦାହରଣ—

ବଡ଼ଲୋକ ଜନ୍ମମ ଲଙ୍ଘ ବା ବହୁ ଦୋଷି,
ଏହା ମୁଁ ବୋଲିଲେ କାଳ ଜଳ ମୁହୂ ହାସେ ।

ଦେବ ପାଣ୍ଡବ ଏ ଭଙ୍ଗ କି ସାଥ ସୀ ବୋଇଲା,
ଅନଙ୍ଗ ଦେଖାଇ ଗ୍ରୀବା କି କଣ ଘୁଞ୍ଚିଲ ।

ମନ୍ଦ ମନ୍ଦ ହୃଦୟସୁ ଜ ହୁଏ ଡାଭା ଶୁଣି,
ସେ ଲୁବ ମଦେ ପଢ଼ିଲେ ତୁବ ହୁଏ ହାସି ।

ସଙ୍ଗୋବଡନୀର ସଙ୍ଗା ଏ ଦେଖ ମୋହର,
ପିଣ୍ଡେ ପ୍ରାଣ ଥିବା ଯାକେ ନ ହିବ ପାଶୋର । (୧ମ ଛାନ୍ଦ)
'ବହୁଯଦ୍ଧରୂପ ଛାପା ସରଳ ଓ ପଦଗୁଡ଼ିକ ରସାଳ ହୋଇଛି ।

ଯମକରାଜ ଚଉତିଶା—'ଯମକରାଜ ଚଉତିଶା' ଯମକ ଯୋଗୁଁ ପ୍ରସିଦ୍ଧି ଲାଭ କରିଛି । ଚଉତିଶାଟି କୌଶିକ ରାଗରେ ଲିଖିତ । ଶ୍ରୀକୃଷ୍ଣ କୁଞ୍ଜବନରେ ଥାଇ ପ୍ରେମିକା ରାଧାଙ୍କପାଖକୁ 'କୋକିଳ'କୁ ଦୂତ କରି ପ୍ରେରଣ କରୁଛନ୍ତି ।

ଏହି ଯୁଗ୍ମ ଚଉତିଶା କବିତାଟିରେ ଯମକର ଅଦ୍ଭୁତ ପ୍ରୟୋଗରେ କବିଙ୍କର ପାଣ୍ଡିତ୍ୟ ପ୍ରକାଶ ଲାଭ କରିଛି ଏବଂ ଭାଷା ଓ ଭାବର ଗାମ୍ଭୀର୍ଯ୍ୟ ପ୍ରସଙ୍ଗୋପଯୋଗୀ ହୋଇଛି । ଯମକ ଓ ଭାବର ସୁଷମ ବ୍ୟବହାର ପ୍ରତ୍ୟେକ ପଦ ପ୍ରମାଣ କରୁଛି । ଯମକର ସୁରୁଚିପୂର୍ଣ୍ଣ ବ୍ୟବହାର ପଦଗୁଡ଼ିକୁ ରମଣୀୟ କରିପାରିଛି ।

କୁଞ୍ଜବନେ କଳାନିଧି, କଳାନିଧି, କଳାନିଧି, କଳା ଶ୍ରୀହରି
କହନ୍ତି ସକଳ କଳକଣ୍ଠି ପାଃରେଣ, କଳକଣ୍ଠୀ ପ୍ରୀତି ଦୂତରି
କୋକିଳ, କି କହୁଥିବ ରମାମଣି
କୁସୁମ-ଶାୟକ ସାୟକ ସାୟକ ସାୟକ କରି ଅଛି ହାଣି । ୧ ।

ଖଞ୍ଜନ-ଜଘନୀ ଜଟକ ଜଟକ, କଟକ କଟକ ଶୋଭନୀ
କେଶବର ସେଜର ଗ୍ରାହକ ଗ୍ରାହକ ଗ୍ରାହକ ସୁମନମୋହନୀ
କୋକିଳ, ଖିନ୍ନମଣ୍ଡନା ଖଞ୍ଜାନନୀ
ଖଣ୍ଡି ଥିଲା ପ୍ରୀତି ଘଟକ ଘଟକ ଘଟକ ଶୁଣୁନାସମନୀ । ୨ ।

କବି ଏହି ଚଉତିଶାଟିରେ ନିଜକୁ 'ଉପେନ୍ଦ୍ର ନରରାଜ' ବୋଲି ପରିଚିତ କରାଇଛନ୍ତି । ତାଙ୍କର 'ନରରାଜ' ଉପାଧି ଥିବା କଥା ଏଥିରେ ପ୍ରକାଶିତ ହୋଇଥିବାରୁ ଐତିହାସିକ ଦୃଷ୍ଟିରେ ଏହାର ବିଶେଷତ୍ୱ ବୃଦ୍ଧି ପାଇଛି । ଶବ୍ଦ ଓ ଶ୍ଳେଷ ଅଳଙ୍କାର ପ୍ରୟୋଗ ନିପୁଣତା ରଚନାର ମୁଖ୍ୟ ଲକ୍ଷ୍ୟ ।

ଚମ୍ପୂ—ଉପେନ୍ଦ୍ରଙ୍କ ପୂର୍ବରୁ ଧନଞ୍ଜୟ ଭଞ୍ଜ 'ଚମ୍ପୂ' ଲେଖିଥିଲେ । ମାତ୍ର ଚମ୍ପୂର ନାମକରଣ କରିଥିବା ରଚନାରୁ ଜଣାପଡ଼ୁ ନ ଥିଲେ ମଧ୍ୟ ଆଧୁନିକ ଯୁଗର ମୁଦ୍ରିତ ପୁସ୍ତକମାନଙ୍କରେ ଚୌପଦୀ ଶବ୍ଦ 'ଚୌପଦୀ ଚନ୍ଦ୍ରୋଦୟ'ରେ ସ୍ଥାନ ପାଇଥିବାରୁ ବୋଧହୁଏ ଏହି ଚମ୍ପୂଟି 'ଚୌପଦୀ ଚନ୍ଦ୍ରୋଦୟ' ନାମରେ ପରିଚିତ ହେଉଛି । ଚୌପଦୀ ସଂଗ୍ରହ ଗ୍ରନ୍ଥରେ ନରସିଂହ ପଟ୍ଟନାୟକଙ୍କ ଚମ୍ପୂ ଓ ଉପେନ୍ଦ୍ର ଭଞ୍ଜଙ୍କ ଚମ୍ପୂ ମଧ୍ୟ ସ୍ଥାନ ପାଇଛି । ନରସିଂହ ପଟ୍ଟନାୟକଙ୍କ ସମୟ ଜଣାପଡ଼ୁ ନ ଥିବାରୁ ସେ ଉପେନ୍ଦ୍ରଙ୍କ ପୂର୍ବବର୍ତ୍ତୀ କିମ୍ବା ସମସାମୟିକ ବା ପରବର୍ତ୍ତୀ ତାହା ଠିକ୍ ଭାବରେ କହି ହେଉନାହିଁ ।

ଉପେନ୍ଦ୍ରଙ୍କ 'ନଛଷସନନ୍ଦ୍ର'ଟି 'ଅ'ଠାରୁ 'ଅଂ ଅଃ' ପର୍ଯ୍ୟନ୍ତ ବର୍ଣ୍ଣାଦ୍ୟ-ରଚିତ ଗୀତଗୁଚ୍ଛ ।

ବନମାଳୀଙ୍କ ଗୁଣ—ମାତ୍ରଙ୍କର 'ଚୌପଦୀ ଭୂଷଣ' 'କ'ଠାରୁ 'କ୍ଷ' ପର୍ଯ୍ୟନ୍ତ ବର୍ଣ୍ଣାଦ୍ୟ-ରଚିତ ଗୀତଗୁଚ୍ଛ । ମାତ୍ର ଉକ୍ତ ଚମ୍ପୂର ନାମକରଣ କରିବା ମଧ୍ୟରେ ରହିନାହାନ୍ତି । ଉକ୍ତ ଚମ୍ପୂର ଅଧିକାଂଶ ଗୀତର ଭାଷା ମାର୍ଜିତ । କେତେକ ଗୀତର ଭାଷା ଅଶ୍ଳୀଳଦୋଷଦୋଷୀ ହୁଏ । ମାତ୍ର ଲୋକମୁଖର ଭାଷା ମଧ୍ୟ ପ୍ରୟୋଗ କରିଛନ୍ତି । ଶୃଙ୍ଗାର ହିଁ କବିତାଗୁଡ଼ିକର ମୁଖ୍ୟରସ । ମାତ୍ର ଏହି ଚମ୍ପୂରେ ସୂଚନା ମଧ୍ୟ ଦେଇଛନ୍ତି—

ଅଙ୍କା ରେଖାଦିଠାରୁ ଗୀତ ରଚିତ ଚାରୁ ଲୁଚେଁ,
ଅନୁସାରେ ଉପେନ୍ଦ୍ର ଭଞ୍ଜ ବାରବର କହେ । ('ଅ' ଅକ୍ଷର ଗୀତ)
ଛନ୍ଦାନୁସାରେ କହେ ବାରବର ଭଞ୍ଜ,
ବନ୍ଧୁଙ୍କ ମନ ଯାହୋଇନ ('କ୍ଷ' ଅକ୍ଷର ଗୀତ)

ଉପେନ୍ଦ୍ର ପ୍ରତ୍ୟେକ ଗୀତର ରାଗ ଓ ତାଳ ନିର୍ଦ୍ଦେଶ କରିଛନ୍ତି । ତାଙ୍କ ବ୍ୟବହୃତ କେତୋଟି ରାଗ ଓ ତାଳର ନାମ—

ରାଗ କାମୋଦୀ—ତାଳ ଯତି, ରାଗ ଶଙ୍କରାଭରଣ—ତାଳ ଆଡ଼ତାଳୀ ଏକତାଳୀ, ରାଗ ଆହାରୀ—ତାଳ ରୂପକ, ରାଗ ବସନ୍ତ—ତାଳ ଝମ୍ପା,

ରାଗ ଆଶାବରୀ—ତାଳ ସରିମାନ, ରାଗ ମୁଖାରୀ—ଏକତାଳୀ, ରାଗ ସୌରାଷ୍ଟ୍ର ଗୁର୍ଜରୀ—ଏକତାଳୀ, ରାଗ ଧନୁଷୀ—ପଡ଼ିତାଳ, ରାଗ ଟୋଡ଼ୀ—ଏକତାଳୀ, ରାଗ କାଫି—ଯତିତାଳ, ରାଗ ବଙ୍ଗଳାଶ୍ରୀ—ଏକତାଳୀ, ରାଗ ଦେଶାକ୍ଷ—ପଡ଼ିତାଳ, ରାଗ ଇମନକଲ୍ୟାଣ—ଦୁଃଖପଡ଼ିତାଳ, ରାଗ କେଦାର ଗୌଡ଼ା—ପଡ଼ିତାଳ, ରାଗ ଆଶାବରୀ—ତାଳ ଏକତାଳୀ, ରାଗ କାମୋଦୀ—ତାଳ ସରିମାନ ଇତ୍ୟାଦି ।

ଏହି ଗୀତମାନଙ୍କରେ ସ୍ୱଦେଶାନୁରକ୍ତି, ଭଗବତ୍ସ୍ତବନା, ପ୍ରେମପ୍ରଶଂସା, ଆତ୍ମ ଇଚ୍ଛା, ସ୍ତୁତିଗୀତ, ସ୍ୱୈସ୍ୱ ପ୍ରଶଂସା, ଅନୁରକ୍ତି, ସନ୍ତୋଷ, ବିରହ ଜଣା, ସ୍ୱକପ୍ରଶଂସା, ମିଳନ ପ୍ରଭୃତି ଭାବର ସମଷ୍ଟିବସ୍ତୁ ଗୁମ୍ଫିତ ହୋଇଛି ।

ଏହି ଗୀତମାନଙ୍କରେ କବି ନିଜକୁ ଉପେନ୍ଦ୍ର, ଉପେନ୍ଦ୍ରଭଞ୍ଜ, ବୀରବର, ଉପେନ୍ଦ୍ର ଭଞ୍ଜ ବୀରବର, ନୀଳକଣ୍ଠଭଞ୍ଜସୁତ ଓ ଉପେନ୍ଦ୍ର ମଙ୍ଗରାଜ ପ୍ରଭୃତି ଭାବରେ ପରିଚିତ କରାଇଛନ୍ତି । କବିଙ୍କ ବଂଶ ଓ ପଦବୀର ଉଲ୍ଲେଖ ଥିବାରୁ ଏହି ଗୀତମାନଙ୍କର ବିଶେଷତ୍ୱ ସ୍ପଷ୍ଟ ହୋଇଛି ।

ଗୀତମାନଙ୍କରେ ନାୟକନାୟିକାଙ୍କର ଅନୁଭବଜନିତ ସୁକୁମାରି ସୁଖ-ଦୁଃଖମିଶ୍ରିତ ହୋଇ ପ୍ରକାଶ ଲାଭ କରିଥିବାରୁ ଏଗୁଡ଼ିକ ରସାଳ ହୋଇଛି ଏବଂ ପ୍ରେମିକପ୍ରେମିକାଙ୍କ ଆଦରର ସାମଗ୍ରୀ ହୋଇଛି । ବିରହାନୁଭୂତିର କବିତାଗୁଡ଼ିକ ଉପେକ୍ଷାକୃତ ଅଧିକ ରମଣୀୟ ହୋଇଛି । କବି ଯେଉଁ ଚିତ୍ରଗୁଡ଼ିକ ଅଙ୍କନ କରିଛନ୍ତି ତାହା ଜୀବନ୍ତ ଓ ସ୍ୱରପୂର୍ଣ୍ଣ ହୋଇଛି । ସ୍ୱର ଓ ଲୟ ଉଭୟେ ପରସ୍ପରର ଗୌରବ ବୃଦ୍ଧି କରିଛନ୍ତି ।

କହିବାବେଳେ ଯମକ ବିଦେଶୀକି ମୁହିଁ,
କି କରି ଏକାଉ ଥିଲୁ ବିରସତା ହୋଇ,
କଳାବତୀରେ, କତ୍ରିନେଦେ ନାର,
କହିଥିଲୁ ପୂର୍ଣ୍ଣ ବଶୀଥିଲି କି ଭୁତର । ୨ ।

କିନ୍ତୁ ଗନ୍ଧବହକୁ କରିଥିଲି କ୍ଷିପ୍ତା,
କୋଷଭିତରେ ଫୁଟୁଥିଲି ଶେଫାଳି ଗୁପ୍ତ
କେଳିବାସରେ, କମଳବଦନ,
କେମନ୍ତେ ବସୁଥିଲନ୍ତି ଦେଖାଇ ଅଭିମାନ । ୩ ।
ଚାଲୁ ନଥ ପାଶୁଛି ପଦ୍ମିନୀ ଧନ ଯାଏ,
କହୁଣି ରହୁ ଚେଲଣି ତାଅ ମୋତେ ପ୍ରିୟେ,
ନିକଟ ଗତରେ, କଠୋର ମୋ ହୃଦ,
କମୋଳି ନ ଚଳୁ ଫାଟି ଅହେଲା ବିଚ୍ଛେଦ ! ୪ ।
(ନନ୍ଦପଣୀ ଭୂଷଣ)

ଚନ୍ଦ୍ରପୀଚନ୍ଦ୍ରର ସଙ୍ଗୀତ ଅନୁପଯୋଗୀ ଭାଷା—

(୧) ଧିକ୍କୃତ ତାଙ୍କ ଅର୍ଦ୍ଧାଙ୍ଗ ହେଲା ଘର ବାଲା ଅଙ୍ଗ ଜଣ୍ଡା ବନ୍ଧ ।
(୨) ଉର୍ଦ୍ଧ୍ୱରେଖା-ମୋହନୀ ନନ ମୋହୁଛୁ ଟେଁ ।
(୩) ଓ ବକ୍ଷୋବନ୍ଧା କାଶହାସୀ ଇତ୍ୟାଦି ।

ଏହି ଚନ୍ଦ୍ରପାଚନ୍ଦ୍ରଙ୍କ ଦୁର୍ବୋଧ ଭାଷାର କେତୋଟି ଉଦାହରଣ ତଳେ ଦିଆଗଲା—

(୧) ଓଁକାର ମନ ଦେବାଦେବ ସ୍ୱଭବ ଦେବ ଯାଇ ହେଉ ।
(୨) ଏବେ ମୁଁ ବସୁକୁ ଦେଖୁ, ଏଣିକି ଉପାୟ ନାହିଁ, ଏ ଦୁଃଖକାଳେ—
(୩) ଛଳନାରେ ଲଜ୍ଜାଶୀ ଚକ୍ଷୁକୁ ନେଇ ମୋହ ।
(୪) ଶାନ୍ତା ମୋ ଆକାଂକ୍ଷୀ ।

କବି ଦକ୍ଷତାମାନଙ୍କରେ ସ୍ଥାନେ ସ୍ଥାନେ ସମକ ଓ ଅନୁପ୍ରାସ ବ୍ୟବହାର କରି ପଦଗୁଡ଼ିକୁ ରମଣୀୟ କରି ପାରିଛନ୍ତି । ତାହାର କେତୋଟି ଉଦାହରଣ—

(୧) ଭୂଷିତ ମୋ ମଲ୍ଲିକା, ବଲ୍ଲୀ ବୃନ୍ଦ ବଲ୍ଲିକା
ନବବାଳିକା ସେ ମୋ ମାଳତୀ
ଶୋଭିତ କରେ ଷଣ୍ଢଫାଳିକା ।
("ଭୂପକାର ସାଙ୍ଗକୁ, କାମିନୀ କାନ୍ତି ତାକୁ" ଗୀତ)

(୨) ଖଞ୍ଜନ ଯେ ଭଞ୍ଜ, ଖଣ୍ଡଖଣ୍ଡସୃଷ୍ଟ,
ଚଉ ଦେଶରେ ଅସ୍ତୁନ ଲକ୍ଷ୍ମୀ ('ଖଞ୍ଜଗଣ ଅଷ୍ଟ')

(୩) ବିଜୁଳିକି ଚଳା ବର୍ଷି ଜଳଦେ ଯଦେଶ,
ନଳିନ ଭରେ ବନ୍ଧୁଥିବା ସୂର୍ଣ୍ଣି ବାନ୍ଧୁଦେ । ('ଦ' ଗୀତ)

(୪) ହାରସରଣ ସଣତକଳି ମୁଦି,
ଦେବକର ଆଖି ନ ଦେବା ଟେକି—('ଗ' ଗୀତ)

(୫) ଶେଷୁଁ ମଣିମ ସ୍ତଳଗ ସୁଗ ଶମାନ ଋଜଳ ଅଙ୍ଗନ
ଖଳ କୁସୁମ କୋଦଣ୍ଡ ଦଣ୍ଡକୁ ଭୋମଳଟିଶ୍ର ଶଯ୍ୟନଳ । ('ଖ' ଗୀତ)

ଭୂପେନ୍ଦ୍ର ଭଞ୍ଜଙ୍କର ଶତାଧିକ ଗୀତ ବର୍ତ୍ତମାନ ସୁଦ୍ଧା ଅପ୍ରକାଶିତ ଥିବା ଜଣାଯାଏ । ତାଙ୍କର ଅପ୍ରକାଶିତ ପ୍ରେମ ଗୀତଗୁଡ଼ିକ ଏକାଡେମୀ, ନିକଟରେ ପ୍ରକାଶକଙ୍କଦ୍ୱାରା ଆବୃତ୍ତ ହୋଇ ଆସୁଅଛି । ତାଙ୍କ କେତୋଟି ଅଷ୍ଟ ତ୍ରିଷ୍ଟୁ ଗୀତ—

(୧) କ୍ୱିଗସ୍ତା ଯାମିନରେ ମୋ ପ୍ରାଣସଖୀ ।
(୨) ଆଜ ଦେଖିଲି ରେ ନବଜଳଦଶ୍ୟାମ କାଳା !
(୩) ଶ୍ରୀମତୀ ଶ୍ରୀପତ୍ର ବୃନ୍ଦାବନେ କେଳି ରଚିଲେ ।
(୪) ନ ଭଲରେ ଶ୍ୟାମ ମାନ, ଭଙ୍ଗୁଛୁ ବନସ୍ତୁ ଦେଖ ।
(୫) ଆଣ୍ଟ ବାହୁ ଭଣ ଧରବ, ସଜନୀ ଗୋ ।
(୬) ଦୂତ ଜନ୍ତୁରୁ ଗୋ ଚକ୍ରଶ୍ରେଷ୍ଠ ଏବେଳ ।
(୭) ମୋ ଶ୍ୟାମ ମଦନ କି ପାଣ୍ଡୁଳି !
(୮) ସୁଗନ୍ଧ ମଜା ଭଲି ଯଶ୍ଚ ଦେଖାଦେଉ ।

ନାୟକନାୟିକା ଭେଦଦରେ କବିତା—ନାୟକନାୟିକାଙ୍କର ସ୍ୱଭ, ଲକ୍ଷ୍ମୀ ଓ କାର୍ଯ୍ୟ ବର୍ଣ୍ଣନା ଭଞ୍ଜ ଭଗ ସେହି ଶତାଧିକ ଗୀତ ରଚନା କରିଛନ୍ତି ସେଥିରୁ ନାୟକନାୟିକା, ଦୂତଦୂତୀ ପ୍ରଭୃତି ଭେଦରେ ସମ୍ବନ୍ଧରେ ଅବଗତ ହୋଇପାରିବ । ଏ ସମ୍ପର୍କରେ 'ରସପଞ୍ଚକ' ପ୍ରେମ-ଲହରୀ ରଚନାରେ ଆଦର୍ଶ ସ୍ୱରୂପ ଗୃହୀତ ହୋଇଛି ।

କବି ରାଧାକୃଷ୍ଣଙ୍କ ସ୍ୱରଚିତ ଅନେକେକ କବିତା ମଧ୍ୟ ରଚନା କରିଛନ୍ତି । ଏଗୁଡ଼ିକୁ ମଧ୍ୟ ନାୟକନାୟିକାଭେଦରେ ବିଭକ୍ତ କରା-ଯାଇପାରେ ।

ଊନବିଂଶ ଶତାବ୍ଦୀର 'ରସରତ୍ନାକର ଚନ୍ଦ୍ରିକା' ନାମକ ଗ୍ରନ୍ଥ (ଅପ୍ରକାଶିତ) ରେ କଟକ ଜିଲ୍ଲାର କଟକ-ଭୁବନେଶ୍ୱର ମଧ୍ୟସ୍ଥିତ ପଣ୍ଡିଆ ଜମିଦାରୀର ପ୍ରବର୍ତ୍ତକ ରାଜା ଦିବ୍ୟସିଂହ ଦେବ ଓଡ଼ିଆ ଗୀତକବିତାଗୁଡ଼ିକର ଶ୍ରେଣୀବିଭାଗ କରିଛନ୍ତି । ସେ 'ସାହିତ୍ୟ ରତ୍ନାକର,' 'ସାହିତ୍ୟ ଦର୍ପଣ' ପ୍ରଭୃତି ସଂସ୍କୃତ ଅଳଙ୍କାର ଗ୍ରନ୍ଥର ସୂତ୍ର ଉଲ୍ଲେଖ କରି 'ରସପଞ୍ଚକ'ର ଗୀତମାନଙ୍କୁ ଆଦର୍ଶ ଓ ଉଦାହରଣ ରୂପେ ଗ୍ରହଣ କରିଛନ୍ତି । ଉପେନ୍ଦ୍ରାଦି ବହୁ ପ୍ରାଚୀନ କବିମାନଙ୍କର କବିତାବଳୀରୁ ସେ ବହୁ ଗୀତ ସଂଗ୍ରହ କରି ଉଦାହରଣ ଦେଇଛନ୍ତି ଏବଂ ନିଜେ ମଧ୍ୟ ବହୁ ଗୀତ ଉଦାହରଣ ନିମିତ୍ତ ରଚନା କରିଛନ୍ତି । ସଙ୍ଗୀତ ଶାସ୍ତ୍ର ଅନୁସାରେ ଉପରୋକ୍ତ ଗୀତମାନଙ୍କର ଗାୟନକାଳ ମଧ୍ୟ ନିର୍ଣ୍ଣୀତ ହୋଇଛି । ପୂର୍ବେ ଏହି ଅନୁସାରେ ସଙ୍ଗୀତ ହୋଇଥାଉଥିଲା ଏବଂ ଏହାର ବ୍ୟତିକ୍ରମକୁ ଏକ ଦୋଷ ବୋଲି ଧରାଯାଉଥିଲା ।

ଓଡ଼ିଆ ପ୍ରାଚୀନ ସାହିତ୍ୟରେ, ବିଶେଷତଃ ଭକ୍ତ ସାହିତ୍ୟରେ ସଙ୍ଗୀତର ସ୍ଥାନ ନ୍ୟୂନ ନୁହେଁ । ଭକ୍ତଙ୍କର ଗୀତଗୁଡ଼ିକ ଯେପରି ରସାପ୍ଲୁତ ସେପରି ସଙ୍ଗୀତମୟ ମଧ୍ୟ ।

ପ୍ରାଚୀନ କେରଳରାଜ ନଳପଣ୍ଡଙ୍କ 'ନାଟ୍ୟ ମନୋରମା' ନାମକ ସଂସ୍କୃତ ଗ୍ରନ୍ଥ ଅନୁସାରେ ଉପରୋକ୍ତ ଗୀତମାନଙ୍କର ଗାଇବା ସମୟ ବର୍ଣ୍ଣିତ ହୋଇଛି ।

ଦିବସେ ପ୍ରଥମେ ଯାମେ ଭଣ୍ଡୋବାର ପ୍ରକାଶତେ,
ଅଥ ଉକ୍ତ୍ୱ କୈରୀତ୍ରରସଂ ବଡଧ୍ୟାପ୍ରହର ଦୃଷ୍ଟେ ।

ଚତୁର୍ଥ ଯାମେ ତ ଦକ୍ଷିଣେ ରସସ୍ତ୍ରୀ ଉଦାହୃତଃ,
ସାୟଂ କେଦାର୍ଯ୍ୟା ତ ଶୃଙ୍ଗାରେ ମାଲଶ୍ରୀ ଭୂତକୌଶିକୀ ।

ଉଦୀଷ୍ଟାସ୍ୟାନ୍ତଂ ଶୃଙ୍ଗେ ବର୍ଣ୍ଣନୀୟୋ ଭୟାନକଃ
ତତୋଦ୍ଧ୍ୱ ପ୍ରହରେ ଚ ରସ ଶାନ୍ତ ଇବାଦ୍ଭୁତଃ ।
ବର୍ଣ୍ଣନୀୟୋ ଦିବା ହାସ୍ୟୋ ରସାନାଂ କାଲ ଈଷ୍ୟତେ ।
(‘ରସରତ୍ନାକର ଚନ୍ଦ୍ରମା’ରୁ ଉଦ୍ଧୃତ)

“ସକାଳଠାରୁ ଦେଢ ପ୍ରହରକ ପର୍ଯ୍ୟନ୍ତ ବୀରରସରେ, ପ୍ରହରଶେଷଠାରୁ ଦେଢ ଦୁଇ ପ୍ରହର ପର୍ଯ୍ୟନ୍ତ ରୌଦ୍ରରସରେ, ଦୁଇ ପ୍ରହରଠାରୁ ଦେଢ ତିନି ପ୍ରହର ପର୍ଯ୍ୟନ୍ତ ହାସ୍ୟରସରେ, ତୃତୀୟପ୍ରହରଠାରୁ ସାୟଂକାଳ ପର୍ଯ୍ୟନ୍ତ କରୁଣ ରସରେ, ସାୟଂକାଳଠାରୁ ରାତି ପ୍ରହରକ ପର୍ଯ୍ୟନ୍ତ ଶୃଙ୍ଗାର ରସରେ, ରାତ୍ରି ଦୁଇ ପ୍ରହର ଠାରୁ ତିନି ପ୍ରହର ପର୍ଯ୍ୟନ୍ତ ଭୟାନକରସରେ ଓ ରାତ୍ର ଚତୁର୍ଥ ପ୍ରହରଠାରୁ ପ୍ରଭାତ ପର୍ଯ୍ୟନ୍ତ ଶାନ୍ତ ରସରେ ଗାୟନ କରିବ ।”

ନବରସର ଜାତିମାନଙ୍କୁ ନାଟ୍ୟଶାସ୍ତ୍ରରେ ସ୍ତ୍ରୀପୁରୁଷ ଓ ନପୁଂସକ ଭେଦରେ ମଧ୍ୟ ବିଭକ୍ତ କରାଯାଇଛି ।

“ବୀଭତ୍ସ କରୁଣୌ ସ୍ତ୍ରୀଚ ହାସ୍ୟାଦ୍ଭୁତଏବଚ,
ଶାନ୍ତଶ୍ଚପଣ୍ଡୋଜ୍ଞେୟୋ ଶେଷାସ୍ତୁ ପୁରୁଷାଭିଧା ।”

ସ୍ତ୍ରୀ—ବୀଭତ୍ସ, କରୁଣ ।
ନପୁଂସକ—ହାସ୍ୟ, ଅଦ୍ଭୁତ, ଶାନ୍ତ ।
ପୁରୁଷ—ଅବଶିଷ୍ଟ ଚାରିରସ ।

ରାଗ ଓ ରସର ସମନ୍ୱୟ ବିଷୟରେ ଯେଉଁ ନିୟମ ବିଧିନିଷେଧ ପ୍ରଦତ୍ତ ହୋଇଛି ତାହା ରାଜାଙ୍କ ଆଦେଶରେ ଭଙ୍ଗ କରାଗଲେ ଦୋଷ ହୁଏ ନାହିଁ ।

ପ୍ରମାଣ ଯଥା—

“ନୃପେ ଚ ପ୍ରୋକ୍ତମପ୍ୟାତ୍ର ସମସ୍ତାନ୍ ରସାନପି
ତସ୍ମାତ୍ ମନ୍ଦଂ ଅସିଦ୍ଧ୍ୟାଦ୍ରାଜ୍ଞମାଜ୍ଞାଂ ବଶାଦପି ।” (ନାଟ୍ୟମନୋରମା)

ସ୍ତ୍ରୀ ନୃତ୍ୟକୁ ଲାସ୍ୟ ଓ ପୁରୁଷ ନୃତ୍ୟକୁ ତାଣ୍ଡବ କୁହାଯାଏ ।

ଛଅ ରାଗ, ଛତିଶ ରାଗିଣୀମାନଙ୍କୁ ସ୍ତ୍ରୀପୁରୁଷ ଭେଦରେ ଏହିପରି ଭାବରେ ଶ୍ରେଣୀବିଭକ୍ତ କରାଯାଇଛି ।

ପୁରୁଷ—୧ ମାଳବ, ୨ ମଲ୍ଲାର, ୩ ଶ୍ରୀରାଗ, ୪ ବସନ୍ତ, ୫ ହିନ୍ଦୋଳ, ୬ କର୍ଣ୍ଣାଟ । ଛଅ ଗୋଟି ପୁରୁଷ ରାଗମାନଙ୍କର ସ୍ତ୍ରୀମାନେ—

| ପୁରୁଷ ରାଗ— | ସ୍ତ୍ରୀ ରାଗିଣୀ— |
|---|---|
| ମାଳବ | ଧନାଶ୍ରୀ, ମାଲଶ୍ରୀ, ରାମକିରୀ, ସିନ୍ଧୁଡ଼ା, ଆଶାବରୀ, ଭୈରବୀ । |
| ମଲ୍ଲାର | ବେଲାବଲୀ, ପୁରବୀ, କାନଡ଼ା, ମାଧବୀ, କୋଡ଼ା, କେଦାରିକା । |
| ଶ୍ରୀରାଗ | ଦେବଳପାଳୀ, ଗୌରୀ, ଗାନ୍ଧାର, ଶୁଭଗା, କୌମାରୀ, ବୈରାଟୀ । |
| ବସନ୍ତ | ତୋଡ଼ି, ପଞ୍ଚମୀ, ଲଳିତା, ପଟ୍ଟମଞ୍ଜରୀ, ଗୁର୍ଜରୀ, ବିଭାଷା । |
| ହିନ୍ଦୋଳ | ମାୟୁରୀ, ଦୀପିକା, ଦେଶକାରୀ, ପାହିଡ଼ା, ବରାଡ଼ୀ, ମାରହଟ୍ଟା । |
| କର୍ଣ୍ଣାଟ | ନାଟିକା, ଭୂପାଳୀ, ରାମକିରୀ, ଗଡ଼ା, କାମୋଦା, କଲ୍ୟାଣୀ । |

ପଞ୍ଚମସାର ସଂହିତାନୁସାରେ ଏହି ରାଗରାଗିଣୀମାନଙ୍କର ସ୍ତ୍ରୀପୁରୁଷ ଭେଦ ଏହିପରି—

"ମାଳବଶ୍ଚୈବ ମଲ୍ଲାରଃ ଶ୍ରୀରାଗଶ୍ଚ ବସନ୍ତକଃ
ହିନ୍ଦୋଳଶ୍ଚାଥ କର୍ଣ୍ଣାଟଃ ଏତେ ପୁଂରାଗା ପ୍ରକୀର୍ତ୍ତିତାଃ ।
ଧନାଶ୍ରୀ ମାଲଶ୍ରୀ ରାମକିରୀ ଚ ସିନ୍ଧୁଡ଼ା ତଥା
ଆଶାବରୀ ଭୈରବୀ ଚ ମାଳବସ୍ୟ ପ୍ରିୟା ଇମାଃ ।
ବେଲାବଲୀ ଚ ପୂରବୀ କାନଡ଼ା ମାଧବୀ ତଥା
କୋଡ଼ା କେଦାରିକା ଚୈବ ମଲ୍ଲାରସ୍ୟ ପ୍ରିୟା ଇମାଃ ।
ଦେବଲାପାଳୀ ଚ ଗୌରୀ ଚ ଗାନ୍ଧାରୀ ସୁଭଗା ତଥା
କୌମାରୀ ଚୈବ ବୈରାଟୀ ଶ୍ରୀରାଗସ୍ୟ ପ୍ରିୟା ଇମାଃ ।
ତୋଡ଼ୀ ଚ ପଞ୍ଚମୀ ଚୈବ ଲଳିତା ପଟ୍ଟମଞ୍ଜରୀ
ଗୁର୍ଜରୀ ଚ ବିଭାଷା ଚ ବସନ୍ତସ୍ୟ ପ୍ରିୟା ଇମାଃ ।
ମାୟୁରୀ ଦୀପିକା ଚୈବ ଦେଶକାରୀ ଚ ପାହିଡ଼ା
ବରାଡ଼ୀ ମାରହଟ୍ଟୀ ଚ ଏତା ହିନ୍ଦୋଳ ଯୋଷିତାଃ ।
ନାଟିକା ଅଥ ଭୂପାଳୀ ରାମକିରୀ ଗଡ଼ା ତଥା
କାମୋଦା ସୁଥ କଲ୍ୟାଣୀ କର୍ଣ୍ଣାଟସ୍ୟ ପ୍ରିୟା ଇମାଃ ।"

(ଭ: ର: ଚନ୍ଦ୍ରିକାରୁ ଉଦ୍ଧୃତ)

ଅଷ୍ଟାଦଶ ଶତାବ୍ଦୀର ପାରଳାଖେମୁଣ୍ଡି ରାଜା ନାରାୟଣ ଗଜପତିଙ୍କ 'ସଙ୍ଗୀତ ନାରାୟଣ' (ସଂସ୍କୃତ) ଗ୍ରନ୍ଥ ଅନୁସାରେ ବୃନ୍ଦାବନରେ ଷୋଳ-ସହସ୍ର ଗୋପୀଙ୍କ ସହ ରାସକ୍ରୀଡ଼ା ସମୟରେ ଶ୍ରୀକୃଷ୍ଣ ଗୋପୀ ଗୋଟିଏଙ୍କୁ ଦୂର ଗୋଟିଏ ଏପରି ଆଳାପ କରି ଗୀତ ଗାୟନ କରିଥିଲେ । ଏହି ଷୋଳସହସ୍ର ରାଗ ମଧ୍ୟରୁ ଛଅଟି ରାଗ ଓ ଛତିଶଟି ରାଗିଣୀ ଲୋକରେ ପ୍ରଖ୍ୟାତ ଅଛି । ବାକି ରାଗ ରାଗିଣୀମାନେ ମେରୁ ପର୍ବତରେ ଗୁପ୍ତ ହୋଇ ରହିଛନ୍ତି ।

ପ୍ରାଚୀନ ସଙ୍ଗୀତ ଶାସ୍ତ୍ରର ରଚୟିତାମାନେ ବିଭିନ୍ନ ରାଗରୂପକୁ ମଧ୍ୟ କଳ୍ପନା କରିଛନ୍ତି । 'ନାରଦ ସଂହିତା'ରେ ଏହାର ବର୍ଣ୍ଣନା ଏହିପରି ଅଛି—

ଶ୍ରୀରାଗ—ଏ ଜାତିରେ କ୍ଷତ୍ରିୟ । ଏହାର ରୂପ—

"ଲୀଳା ବିହାରେଣ ବନାନ୍ତରାଳେ ଚିନ୍ବନ୍ ପ୍ରସୂନାନି ବଧୂସହାୟଃ
ବିଲାସିବେଶୋଽଦିତ ଦିବ୍ୟମୂର୍ତ୍ତିଃ ଶ୍ରୀରାଗ-ଏଷଃ ପ୍ରଥିତଃ ପୃଥିବ୍ୟାଂ ।"

"ବନାନ୍ତଭାଗରେ ସ୍ତ୍ରୀମାନଙ୍କ ସହିତ ପୁଷ୍ପୋଦ୍ୟାନରେ ଭ୍ରମଣ ଲୀଳା କରି ସେହି ବନରୁ ଫୁଲମାନଙ୍କୁ ତୋଳୁଥିବ । ତାହା ଶୃଙ୍ଗାର ବେଶ ବହୁଥିବ । କୁମ୍ଭବର୍ଣ୍ଣ ହୋଇଥିବ ।

କର୍ଣ୍ଣାଟରାଗ—ଜାତିରେ କ୍ଷତ୍ରିୟ । ଏହାର ରୂପ—

"କୃପାଣପାଣିର୍ଗଜଦନ୍ତପତ୍ରମେକଂ ବହନ୍ ଦକ୍ଷିଣକର୍ଣ୍ଣପୂରେ
ସଂସ୍ତୂୟମାନଃ ସୁରଚାରଣୌଘୈଃ କର୍ଣ୍ଣାଟରାଗଃ ଶିଖିକଣ୍ଠନୀଳଃ ।"

ଖଣ୍ଡା ଧରିଥାଏ, ହସ୍ତୀଦାନ୍ତ ଦକ୍ଷିଣ କର୍ଣ୍ଣରେ ଖୋସିଥାଏ । ମୟୂର କଣ୍ଠାକୃତି ବର୍ଣ୍ଣ ଅଟେ । ତାହାକୁ ଦେବତା ଓ ଋଷିମାନେ ସ୍ତୁତି କରୁଥାନ୍ତି । ଏମନ୍ତ ପ୍ରକାର କର୍ଣ୍ଣାଟ ରାଗର ମୂର୍ତ୍ତି ।

ବସନ୍ତରାଗ—ଜାତିରେ ଶୂଦ୍ର । ଏହାର ରୂପ—

"ଶିଖଣ୍ଡବର୍ହୋଚ୍ଚୟବଦ୍ଧଚୂଡଃ ପୁଷ୍ଣନ୍ ପିକଂ ଚୂତଲବାଙ୍କୁରେଣ ।
ଭ୍ରମନ୍ ମୁଦାରାମମନଙ୍ଗମୂର୍ତ୍ତିର୍ମତ୍ତୋ ମତଙ୍ଗୋ ହି ବସନ୍ତରାଗଃ ।"

ଆନନ୍ଦେ ସେ ବନ ଭିତରେ ଭ୍ରମଣ କରୁଥାଏ । ସନ୍ତୋଷବନ୍ତ ହୋଇଥାଏ, କନ୍ଦର୍ପ ସଦୃଶ ସୁନ୍ଦର, ମତଙ୍ଗ ମୁନି ତାହାକୁ ମାନନ୍ତି,

ମସ୍ତକ ପୃଷ୍ଠରେ ବେଣୀ ବାନ୍ଧିଥାଏ, ଅମ୍ବକଳିକ କେଶରେ ଧରି କୋକିଳକୁ ଶୁଣୁଥାଏ । ଏହିପରି ବସନ୍ତ ରାଗର ଲକ୍ଷଣ ।

ମାଳବରାଗ—ଏ ଜାତିରେ ଶୂଦ୍ର । ଏହାର ରୂପ—

"ନିତମ୍ବିନୀ ଚୁମ୍ବିତ ବକ୍ତ୍ରପଦ୍ମଃ ଶୁକଦ୍ୟୁତିଃ କୁଣ୍ଡଳବାନ୍ ପ୍ରମତ୍ତଃ
ସଙ୍କେତଶାଳାଂ ପ୍ରବିଶନ୍ ପ୍ରଦୋଷେ ମାଳାଧରୋ ମାଳବ ରାଗରାଜଃ ।"

ନିତମ୍ବିନୀ ଯେଉଁ ସ୍ତ୍ରୀ, ତାହାର ମୁଖପଦ୍ମକୁ ଚୁମ୍ବନକ୍ଷମ ହୋଇଥାଏ, ଶୁକବର୍ଣ୍ଣ ପକ୍ଷୀର ବର୍ଣ୍ଣ ଯାହାର, କୁଣ୍ଡଳକୁ କର୍ଣ୍ଣରେ ଧାରଣ କରିଥାଏ । ସେ ପ୍ରମତ୍ତ ଅଟେ । ସଙ୍କେତଶାଳାକୁ ପ୍ରଦୋଷକାଳେ ପ୍ରବେଶ କରେ । ଉତ୍ତମ ମାଳାକୁ ଧାରଣ କରିଥାଏ । ଏହିପରି ମାଳବ ରାଗର ମୂର୍ତ୍ତି ଅଟଇ ।

ମଲ୍ଲାରରାଗ—ଏ ଜାତିରେ ବ୍ରାହ୍ମଣ ଅଟେ । ଏହାର ରୂପ—

"କସ୍ତୂରିକାଜିନବଦ୍ଧମୂର୍ତ୍ତି କାନ୍ତ୍ୟା ଯଦଂଶଃ ପ୍ରଭବଦ୍ଦ୍ୱିଜେନ୍ଦ୍ରଃ
ଶୃଣ୍ୱନ୍ କଥାଂ ତୁମ୍ବୁରୁ ନାରଦାଭ୍ୟାଂ ଶ୍ରୀମାଧବାନ୍ତଃ କଥିତୋ ମୁନୀନ୍ଦ୍ରୈଃ ।"

ନିର୍ମଳ ମୃଗଚର୍ମ ମଧ୍ୟରେ ବସିଥାଏ, ଶୁଭ୍ର ଅଟେ, ଜାତିରେ ବ୍ରାହ୍ମଣ, ଅତି କୋମଳ ଦେହ, ତୁମ୍ବୁରୁ ନାରଦ ମୁନିଙ୍କ ସଙ୍ଗେ କଥା ହେଉଥାଏ, ହାତରେ କେତକୀ ଫୁଲ ଗୋଟିଏ ଧରିଥାଏ । ଏହିପରି ମଲ୍ଲାର ରାଗର ରୂପ ଲକ୍ଷଣ ।

ହିନ୍ଦୋଳ ରାଗ—ଏ ଜାତିରେ ବୈଶ୍ୟ । ଏହାର ରୂପ—

"ନିତମ୍ବିନୀ ମନ୍ଦ ତରଙ୍ଗିତାସୁ ଦୋଳାସୁ ଖେଳନ୍ ସୁଖମାଦଧାନଃ
ଖର୍ବଃ କପୋତଦ୍ୟୁତିକଣ୍ଠୁର ଶ୍ରୀ ହିନ୍ଦୋଳ ରାଗଃ କଥିତୋ ମୁନୀନ୍ଦ୍ରୈଃ ।"

ନିତମ୍ବିନୀ ଯେ ସ୍ତ୍ରୀମାନେ ମନ୍ଦ ମନ୍ଦ କରି ଝୁଲାଇଛନ୍ତି ସେହି ଦୋଳା ଉପରେ ବସିବାରେ ସୁଖକୁ ପାଉଅଛି । ପୁରୁଷଟି ଖର୍ବ, କପୋତ ପରି ଦେହର ବର୍ଣ୍ଣ । ଏହିପରି ହିନ୍ଦୋଳରାଗର ରୂପ ଲକ୍ଷଣ ।

ଦେବାଶ୍ରୟ ରସକୃତ୍ତ ନଇତାର ଅବର୍ଣ୍ଣ ସ୍ୱରେଣ 'ରସପଞ୍ଚକ'ରେ ଦେଇଛନ୍ତି । କବିଙ୍କ ଅଭିଜ୍ଞ ଶାସ୍ତ୍ରୋକ୍ତ ଓ ପରମ୍ପରା-ସମର୍ଥିତ । ରାମାୟଣର

ବିପକ୍ଷବକ୍ତାଙ୍କୁ ଅଶ୍ରଦ୍ଧା କରି ଉପେନ୍ଦ୍ର ଶୃଙ୍ଗାରାଦି ରସର ଉଦାହରଣ ସ୍ୱରଚିତ ପଦାବଳୀରେ ଦେଇଛନ୍ତି । 'ର'କାର ବୋଲିରେ—

ଶୃଙ୍ଗାର—ରତି କୁମାରକୁମାରୀ କଳ ମନୋହାରୀ
ବନପୁଷ୍ପ କାନ୍ତି ଦେହ ସଙ୍ଗ,
ରଚ ଏମନ୍ତ ଭୂତଳେ ଦେଖିଲା କହିବେ
ହେଳା ରଞ୍ଜିତ ଶ୍ୟାମ ଅଙ୍ଗ ।

ବୀର— ରକ୍ତ ଦନ୍ତୁରରେ ଖାଇ ଦନ୍ତୁରର ଚିହ୍ନ
ସ୍ତବକେ କାଟି ଦୂଷଣ ଶର,
ରମାପତି ସିଂହାସନେ ଯେତ୍ରୁ ଏକ ବାଣେ
ଭେଦିଲେ ବାଳିର ପଞ୍ଚ ଉର ।

କରୁଣ— ଶ୍ରବଣ ଯେ ମାତୃଶ୍ରାଦ୍ଧ କରନ୍ତେ ନେତ୍ରକ
ହେ ଶବକୁ ଆଣିଲେ ଧରି,
ରୋଦନ ଶିର ଛେଦରେ କରି ତାଙ୍କ ଜନନୀର
ମୂର୍ଚ୍ଛା ଲଭିଲେ ପୁତ୍ର ଶିର ।

ଅଦ୍ଭୁତ— ଦକ୍ଷିଣଦେଶ ସିନ୍ଧୁରେ ବିପୁଳ ବଳେ ସେ
ଶିଳାକୁ ଅଚଳା ଭୂଷି ଦେଇ,
ରତ୍ନାକରେ ସେତୁ ନ ବୁଡ଼ିଲା କିବା
ଜଳରେ ଏ କଥା ଶୁଣା ନାହିଁ ।

ହାସ୍ୟ— ବୈଦେହୀ ନାସିକା ଶ୍ରବଣ ଛେଦନ୍ତେ ଲକ୍ଷ୍ମଣ
ଶୂର୍ପଣଖାର ମୁଖକୁ ଚାହିଁ,
ଭଣ୍ଡାଳନର କରେ କର ମାରି ଜରେ
ଉଚ୍ଚ-ହାସ୍ୟେ ମତ୍ତ ହେଲେ ତହିଁ ।

ଭୟାନକ— ଗୁଞ୍ଜରୀ ତା ଦେହ ପାଦେ ଲେପି ଦେଖି ମୋହେ
ଦଶାନନେ ଶଙ୍କ ମୁଖ ଦୃଷ୍ଟି,

ସ୍ତବ କଲେ ହେ ଲକ୍ଷ୍ମଣ ଧନୁଃଶର ଆଣି
ପୁଣି ତ ଶ୍ରବଣ ଏଥି ଅପି ।
ଅବଗତ ଶତ୍ରୁ ସୈନ୍ୟ ସ୍ତବେ ମନ୍ତ୍ରୀ ପୂର୍ଣ୍ଣ
ବେଦତ ଟିଟିଭ ବଚନ ଶୁଣି,
ଲକ୍ଷ୍ମୀ ସେ ଧରି ନାଗ ସ୍ତୁସ୍ତବେ ଡାଳ
ତୁଷ୍ଟେ ଭୋଜନ କରନ୍ତୁ ଦେବ ।

ରୌଦ୍ର— ଭୃଗି ଦାଗ ରଣେରେ ମାରେଁ, ମାର୍ଦ୍ଦେରେ
ତାଡ଼ିକା ସୁଷଣୀ କଲେ ବଧ,
ରାବଣର ନାଶ ଶେଷେ କାଣ୍ଡାକୁ ଧରିବେ
ପରବେଶ କଲେ ଅଗ୍ନି ମଧ୍ୟ ।

ଶାନ୍ତ— ରାମଙ୍କୁ ବନବାସ ସନ୍ଦିଶେ ଜନକ
ନ ଯେଶ ନିଜ ଅନୁଜ ସଙ୍ଗ,
ସେନେ ସ୍ତୁଧନ୍ୟ ନୃପତି ଶେଷ ହେବେକି ଗ୍ରନ୍ଥ
ପିଶାଙ୍କରେ ବୋଲେ ମୁନିବେଶ ।

ଉପେନ୍ଦ୍ରଙ୍କ ପ୍ରତ୍ୟେକ ଗୀତରେ ତାଳ, ଲକ୍ଷଣ, ରସ, ଦଶା ଓ ଅନୁପ୍ରାସ ଶାସ୍ତ୍ରସମ୍ମତ ଢଙ୍ଗରେ ରଚିତ । ବିଧିବିଧାନର ନିଗଡ଼ ବନ୍ଧନ ଭିତରେ ପଦାବଳୀ ରଚନା କରିଥିଲେ ମଧ୍ୟ ଉପେନ୍ଦ୍ରଙ୍କ ଲେଖନୀ ବୈଶିଷ୍ଟ୍ୟରେ ନୀରସ ହୋଇନାହିଁ । ସର୍ବତ୍ର ଏସବୁ ଜନମନକୁ ରଞ୍ଜନ କରିପାରିଛି ।

“ସୁମନ୍ତ ଅଧୀଶ, ସର୍ବସ୍ୱ ବଳଜିଣି କଣ୍ଠରୁ ପର”—ଏହି କବିତ୍ୱର ଗୀତଟି ଆଲୋଚନା କଲେ ଜଣାଯିବ ଯେ ଏହାର ତାଳ—ଏକତାଳୀ; ଲକ୍ଷଣ—ସ୍ତବନା; ରସ—ରୌଦ୍ର; ସାତ୍ତ୍ୱିକ—ଅଶ୍ରୁ; ଦଶା—ଜାଗର; ଅନୁପ୍ରାସ—ବର୍ଣ୍ଣାନୁପ୍ରାସ । ଏ ବାସକସଜ୍ଜା ନାୟିକାର ଗୀତ ।

ସୁମନ୍ତ ଅଧୀଶ, ସର୍ବସ୍ୱ ବଳଜିଣି କଣ୍ଠରୁ ପର । ଦୋଷା ।
ସିଦ୍ଧଳତ ସ୍ଥଳ ଦେଖ ରସି (ପାଠାନ୍ତର—ସିଦ୍ଧଳ ତ ସ୍ଥାଣୁ ଦେଖ ତାର)
ସ୍ୱର୍ଣ୍ଣ ନଳନୈର ନ ଦେହ । ୧ ।

ସଜାଇଛି ଆଜ ସେବତୀ ପାଙ୍କୁଡ଼ା ବାନ୍ଧି ଦିବ୍ୟ ଶେଯ
ଯିହୁଁ ହେମ ରଜ ଏ କି ତେଜ । ୨ ।

ସଜାଡ଼ିଛି ପୁଣ, ସୁବାସିତ ଚୂଆ ଗୁଆ ପାଚ ପାନ
ସୁମନ ଚନ୍ଦନ ବସନ । ୩ ।

ସୁବେଶ ହୋଇଛି, ସ୍ୱରୂପେ ମୁଁ ତାହାଙ୍କୁ ମୋହିବା ପାଇଁ
ସୁଫଳ ହୋଇଛି ସେତ କାହିଁ । ୪ ।

ସରସ ଅକ୍ଷର, ସ୍ମରଣେ ହୋଇଲା କି ଉଆ ମୋର
ନଇଲେ ଆସନ୍ତାର, କି ହେବ । ୫ ।

ସକଳ ଯାମବର, ସର୍ଜି ଭ ନାଗର ଶଯ୍ୟା ଦୂତସ୍ଥିର
ଶ୍ୟାମ ମୁଖେ ଦେବ ଧରନ୍ତୁ । ୬ ।

ଏଥିରେ ବର୍ଣ୍ଣିତ ନାୟିକା ବାସକସଜ୍ଜା ନାୟିକାର ସବୁ ଲକ୍ଷଣରେ ମଣ୍ଡିତ । ଏହି ଶ୍ରେଣୀର 'ନାୟିକା' ସମ୍ବନ୍ଧରେ 'ସାହିତ୍ୟରତ୍ନାକର' କହୁଛନ୍ତି—

କେଳି ଗୃହଂ ତଥାତ୍ମାନମଲଙ୍କୃତ୍ୟ ମୁହୁର୍ମୁହୁଃ
ପ୍ରତୀକ୍ଷତେ ଯାଦୟିତଂ ସା ସ୍ୟା ବାସକସଜ୍ଜିକା ।

ମୁହୁର୍ମୁହୁ ନାୟିକା କେଳିଗୃହ ଓ ନିଜ ଶରୀରକୁ ଅଲଙ୍କୃତ କରି ନାୟକକୁ ଅପେକ୍ଷା କରି ରହୁଛି, ଏହା ହିଁ ବାସକସଜ୍ଜା ନାୟିକାର ଲକ୍ଷଣ ।

'ସାହିତ୍ୟ ଦର୍ପଣ'ରେ କୁହାଯାଇଛି—

କୁରୁତେ ମଣ୍ଡନଂ ଯସ୍ୟା ସଜ୍ଜିତେ ବାସବେଶ୍ମନି
ସାତୁ ବାସକସଜ୍ଜା ସ୍ୟା ବିଦିତ ପ୍ରିୟସଙ୍ଗମା ।

ସାହିତ୍ୟ ରତ୍ନାକର ଓ ସାହିତ୍ୟ ଦର୍ପଣରେ ବର୍ଣ୍ଣିତ ସଜ୍ଜା ଦ୍ୱାରା କବିଙ୍କ ବାସକସଜ୍ଜା ନାୟିକା ମୂର୍ତ୍ତି ଭାବରେ ସମର୍ଥିତ ହୋଇଛି ।

ନାୟିକା ଶେଯକୁ ସଜାଇଛି, ସେବତୀ ପାଙ୍କୁଡ଼ା ବିଛାଇଛି । ଦେଖାଯାଉଛି, ଯେତେ ଯେପରି ହେମରଜ ବିଛା ହୋଇଛି । ପୁଣି ସୁବାସିତ

ଚୁଆ, ଗୁଆ, ଖାଟପାଟ ସଜାଡ଼ିଛି । ସୁଗନ୍ଧ ପୁଷ୍ପ, ଚନ୍ଦନ ଓ ବସନ ମଧ୍ୟ ରଖିଛି । ଶେଜ ପୁଣି ମଦନମୋହନୀ ବେଶରେ ସୁବେଶ ହୋଇଛି । ଏପରି ସମୟରେ ନିଜ ଶଯ୍ୟା, ବାସ ଓ ନିଜକୁ ସମ୍ପୂର୍ଣ୍ଣ ଭାବରେ ଅଲଙ୍କୃତ କରି ବାସକସଜ୍ଜା ନାୟିକା ସ୍ୱାମୀଙ୍କୁ ଅପେକ୍ଷା କରି ରହିଛି । 'ଶର୍ବରୀ ବଞ୍ଚୁରୁ ବହି ଯିବା ନାଥୁବା, ସ୍ୱାମୀ ଆସିକି ନ ଆଇଲେ ବୋଲି ସଖୀଙ୍କୁ ମନଦୁଃଖରେ ଜଣାଉଛି ଧୀର ଛାଡ଼ି ପଡ଼ୁଛି । ତାହାର ଆଶଙ୍କା ହେଉଛି ଶଠନାୟକ ପତି ସ୍ୱାମୀ ଅନ୍ୟ ନାରୀ ସଙ୍ଗେ ବିହାର କରିବାରୁ ତାହାଙ୍କୁ କଷ୍ଟ ଦେଉଥିବା କଥା ଭାବୁଥିଲେ ।

କବିଙ୍କ ପ୍ରକାଶଭଙ୍ଗୀ ଅତି ଚମତ୍କାର ହୋଇଛି । ଅଳ୍ପ ପଦରେ ପ୍ରାଞ୍ଜଳ ବାସକସଜ୍ଜା ନାୟିକାର ଲକ୍ଷଣ ଆଣିବା ପ୍ରଭୃତି ମନୋହର କମନୀୟ ପଦାବଳୀରେ ବ୍ୟକ୍ତ କରି ଅମର ଚଉତିଶା ଅଙ୍କନ କରିପାରି କବି ନିଜ ଲେଖନୀକୁ ସାର୍ଥକ କରିଛନ୍ତି । ଏକ ଘଟଣା, ସମସ୍ତ ଭାବ ଅନୁଭବକୁ ଭଳି ରସପୂର୍ଣ୍ଣ, ଶବ୍ଦପୂର୍ଣ୍ଣ ପଦାବଳୀରେ କ୍ଷୁଦ୍ର ଆକାରରେ ସୃଷ୍ଟି କରିପାରିଛନ୍ତି ।

ବାସକସଜ୍ଜା ନାୟିକା ମାଧ୍ୟମରେ କବି ବେଶ୍ୟା ନାୟିକାର ଚିତ୍ର ମଧ୍ୟ ଦେଇଛନ୍ତି । ବିଭିନ୍ନ ପ୍ରକାର ନାୟକନାୟିକା, ଦୂତଦୂତୀ ସମ୍ବନ୍ଧୀୟ ବିଷୟ ଶୃଙ୍ଗାରାତ୍ମକ ସଙ୍ଗୀତ ମଧ୍ୟ ରଚନା କରି ଏଗୁଡ଼ିକୁ ପ୍ରାଚୀନ ଓଡ଼ିଆ କବିତା ଗ୍ରନ୍ଥରେ ଆଦର୍ଶ ସ୍ଥାନସ୍ଥ କରିପାରିଛନ୍ତି ।

ଉପେନ୍ଦ୍ରଙ୍କ ଅଧିକାଂଶ କବିତା ପ୍ରେମରସାତ୍ମକ ଓ ନାୟକନାୟିକାଭେଦ ଭାବମୂଳକ । ଅଦ୍ଭୁତରସାତ୍ମକ ସଂଗୀତ-କବିତା ସଂଖ୍ୟାରେ ସେପରି ଚରିତ୍ର, ଲାଳିତ୍ୟପୂର୍ଣ୍ଣ ଭାବ ଓ ଭାଷାରେ ମଧ୍ୟ ସେହିପରି ଉଚ୍ଚ । ଆଦିରସାତ୍ମକ କବିତା ବ୍ୟତୀତ କବି ଦାସ୍ୟ ଓ ଭକ୍ତି ରସାତ୍ମକ କେତେକ ପ୍ରାର୍ଥନା ଗୀତ ମଧ୍ୟ ରଚନା କରିଛନ୍ତି ।

ଉପେନ୍ଦ୍ରଙ୍କ ଉପରେ ପୂର୍ବ କବିମାନଙ୍କର ପ୍ରଭାବ— ଧନଞ୍ଜୟ, ଶିଶୁଶଙ୍କର ଓ ରଘୁନାଥ ହରିଚନ୍ଦନ ପ୍ରଭୃତି ଉପେନ୍ଦ୍ରଙ୍କ ପୂର୍ବସୂରୀମାନଙ୍କର ଅଳଙ୍କୃତ କାବ୍ୟର ଛାୟା ଉପେନ୍ଦ୍ରଙ୍କ କାବ୍ୟରେ ପଡ଼ିଥିବା

ଦେଖାଯାଏ । ଭାଷା, ଛନ୍ଦ ଓ ରଚନା ଶୈଳୀରେ ଉପେନ୍ଦ୍ର ଭଞ୍ଜ ଏମାନଙ୍କ ପରିସରକୁ ଅତିକ୍ରମ କରିଯାଇଛନ୍ତି । ଧନଞ୍ଜୟଙ୍କ ରତ୍ନମଞ୍ଜରୀ, ରଘୁନାଥଙ୍କ ଲୀଳାବତୀ କାବ୍ୟର କଳ୍ପନା, ବର୍ଣ୍ଣନା ଓ ଛନ୍ଦ ପ୍ରଭୃତି କେତେକ ସ୍ଥଳରେ ଉପେନ୍ଦ୍ରଙ୍କର ସାମ୍ୟ ଖୁବ ଦେଖାଯାଏ । ଏହି କାବ୍ୟଗୁଡ଼ିକ ବର୍ତ୍ତମାନ ପର୍ଯ୍ୟନ୍ତ ଅପ୍ରକାଶିତ ଅବସ୍ଥାରେ ଅଛି ଏବଂ ତାହା ଲେଖକ ( ଏ ପୁସ୍ତକର ଲେଖକଙ୍କ) ଦୃଷ୍ଟିକୁ ଆସିନଥିବାରୁ ବିଶେଷ ଚର୍ଚ୍ଚା କରାଯାଇ ପାରିଲା ନାହିଁ ।

ସିଂହଶେଖରଙ୍କ ଉଷାଭିଳାଷ ସହିତ ଲାବଣ୍ୟବତୀ କାବ୍ୟର କଥାବସ୍ତୁ, ଚିନ୍ତା ଓ ବର୍ଣ୍ଣନା ଶୈଳୀରେ କେତେକ ସାମ୍ୟ ଖୁବ ଦେଖାଯାଏ । ଲାବଣ୍ୟବତୀ ଓ ଉଷାଭିଳାଷ ଉଭୟେ ଉଚ୍ଚକୋଟୀର କାବ୍ୟ ; ଉଷାଭିଳାଷ ଅପେକ୍ଷା ଲାବଣ୍ୟବତୀର ଆସନ ଉଚ୍ଚରେ ।

(୧) ଉଷାଭିଳାଷ—

ସଜନି ଦେଖିଣ ଉଠିଲ ସୁମୁଖୀ ସପନ ସଙ୍କେତ ପାଇଣ
ଅଙ୍ଗୀ ପ୍ରାଣନାଥ କେଉଣେ ଗଲ ବୋଲି ଉଠି ଭୁଜେ ଜଳ ଜାଣୁଣୀ ।
(୫ମ ଛାନ୍ଦ)

ଲାବଣ୍ୟବତୀ—

ଦେଖି ଚକ୍ଷୁ ଖୋଜିଲ ଜଣି ଦାଣେ ପାଣେ ନାହିଁ ଧୈର୍ଯ୍ୟ ତରୁଣୀ
ମାର ଦୂତେ ପ୍ରାଣନାଥ ନାଥ ବୋଲି ଉଠି ଛତେ ବଳ କାତୁଣୀ ।
(୧୨ଶ ଛାନ୍ଦ)

(୨) ଉଷାଭିଳାଷ—

ପ୍ରିୟେ ମୋ ବଳୟ ଦେଇ    ରସିକେ ମୁହଁ ଚାହିଁ
ଛାଡ଼ ମଦନ-ସୂତ୍ର ଅଭାବ ଭାର ।
କପାଳେ ମକର ଲିହ    ଚରଣେ ଅଳତା ଦେଇ
ଚରଣ ଧରବ ମୋର ଏ ଦେହ ଧର
ସୁଧାରସ ଅଧରୁ ନେଇ,
ଦାସ କର ଜଣେ ମୋତେ ଜନମଯାଏଁ । (୭ମ ଛାନ୍ଦ)

ଲାବଣ୍ୟବତୀ—

ଏ କାଳେ କରକୋରକ        କରି ତରୁଣ ଧଳକ
ହୋଇଲା ବେନି କଦବନ୍ଧ ଶକନ୍ତ ଯେନ,
ଚରଣେ ଅଳତା ପରି        ପଡ଼ିଛି ପଦେ ନ ଛୁଇଁ ଧରି
ଅନୁରାଗ ଥିବାରୁ ମୋ ହେଉଛି ମନ,
ମୋତେ ଏଥ ବଚନ ଶୁଣ,
ହେଲିଣ ତନୁ ମତେ ମୁଁ କୃତାର୍ଥ ଯୋଗ୍ୟ । (୧୧ଶ ଛାନ୍ଦ)

(ଘ) ଲୁଚାଳିଲାଟି—

ମଦନେ କାତର ହୋଇ        ଚିତଚୋରିଲା ଗୁଟି କରି
ତରୁଣ ଧରିନ୍ତେ କରେ ସୁକାଣେ ରମା,
ପାଣ୍ଡି କି କବାଟେ ତନୁ        ଖିଞ୍ଚିଲା କୁସୁମ ଧନୁ
ଛଟି ପ୍ରସାରିତ କଲା ଅଧର ଜେମା,
ଭ୍ରୁଜଗ ଭଙ୍ଗି ମଦନସ୍ଥଳ,
ବଦନ ଚନ୍ଦ୍ରିକା ଶୋଭା ହସ୍ତ ନ ତଥି । (୬ଷ୍ଠ ଛାନ୍ଦ)

ଲାବଣ୍ୟବତୀ—

ସେ ରମଣୀ ଚନ୍ଦ୍ରମଣି        ହୋଇଲା ଏମନ୍ତ ମଣି
ଗୁହ୍ୟରନ୍ଧ୍ରେ ଦ୍ରବୀଭୂତ କଲା ନାଗର,
ହାସ ପୂରିଲା ତନ୍ତ୍ରରେ        ଶ୍ରୀମୁଖ ପ୍ରସନ୍ନ ହୋଏ
ହେଲା ଜାଣି ତତେ କେତେ ଆ ସାହିତ୍ୟର ।
କର ଧରି ଶିରେ ଲଗାଇ,
କୋଳ କରି ସୁନ୍ଦରିକ ପର୍ଯ୍ୟଙ୍କେ ନେଲା । (୧୧ଶ ଛାନ୍ଦ)

ଏହିପରି ହାସ୍ୟ ଯୋଗ୍ୟ ଦେଶକାଳୋପଯୋଗୀ ଅନ୍ତ୍ୟ ଓ ବ୍ୟବହାରରେ ମଧ୍ୟ ହାସ୍ୟ ରହିବା ପ୍ରଚଳନ । ଏ ସମ୍ପର୍କରେ ପଦାବଳୀର ସ୍ତବ, ସ୍ତୁତି ଓ ପ୍ରକାରଭେଦରେ ସବୁ ଭକ୍ତ କୁଳରେ ହାସ୍ୟ ଦେଖାଯିବା ସ୍ୱାଭାବିକ ।

କାଳିଦାସ ଓ ଶ୍ରୀହର୍ଷ ପ୍ରଭୃତିଙ୍କ ସଂସ୍କୃତ କାବ୍ୟର ବେଳେବେଳେ ଖୁବ ଘନିଷ୍ଠ ଉପେନ୍ଦ୍ରଙ୍କ ଖବର ସାମ୍ୟଥିବା ଦେଖାଯାଏ । ଏହା ସମାନ୍ତରାଳ ଚିନ୍ତାର ପ୍ରମାଣ । ଏକ କୋଟିବ୍ରହ୍ମାଣ୍ଡ ସୁନ୍ଦରୀ କାବ୍ୟଟିକୁ ଓଡ଼ିଆ ସାହାର 'ନୈଷଧ' ରୂପେ ସମ୍ମାନ ପ୍ରଦର୍ଶନ କରିବା ପାଇଁ ଗ୍ରାହକମାନଙ୍କୁ ଅନୁରୋଧ କରିଛନ୍ତି । ଶ୍ରୀହର୍ଷଙ୍କ 'ନୈଷଧୀୟ ଚରିତମ୍'ର ଯାବତୀୟ ଗୁଣାବଳୀ କୋଟି-ବ୍ରହ୍ମାଣ୍ଡ ସୁନ୍ଦରୀରେ ବିଦ୍ୟମାନ ଅଛି । କଳ୍ପନାବିଳାସରେ ସମାନ୍ତରାଳ ଧାରା ଦେଖାଯାଏ । କେତୋଟି ଉଦାହରଣ—

(୧) ବର୍ଣ୍ଣନାରେ କଳ୍ପନାର ସାମ୍ୟ—

ସଞ୍ଜାତ୍ୟ ନଃ ସ୍ମ ଧୃତ ଲୁଚ୍ୟ ବର୍ଣ୍ଣାନ୍ ନୈତ୍ୟାଶ୍ରୟ୍ୟାବଜ ନଳାସ୍ୟାନ୍ୟତୋ
ତସ୍ୟୋପଚନ୍ଦ୍ରାୟ ସଦେଶ ଶୀତାଂ ଧାତୁର୍ବିଲଙ୍ଘ୍ୟ ରମଣେ ରମାଦ୍ୟାମ୍ ।
(ନୈଷଧ, ସ: ୩, ଶ୍ଳୋକ—୨୪)

ହଂସମାନେ ନଳମୁଖର ସୌନ୍ଦର୍ଯ୍ୟ ବର୍ଣ୍ଣନା ପ୍ରସଙ୍ଗରେ କବି ହଂସ ମୁଖରେ ଏପରି କହାଇଛନ୍ତି । ଆମର ପକ୍ଷୀକୁଳ (ପୂର୍ବଜ) କ୍ଷୀରସମୁଦ୍ରରେ ବିଷ୍ଣୁଙ୍କ ନିକଟରେ ଶୋଇଥିବେଳେ ରହୁଥାନ୍ତି ସେତେବେଳେ ଆମକୁ ବିଷ୍ଣୁ ନଳମୁଖର ସ୍ତୁତି କରିବାକୁ କହନ୍ତି । ଆମେ ନଳମୁଖର ସ୍ତୁତି କଲେ ସେ ଲକ୍ଷ୍ମୀଙ୍କ ସଙ୍ଗ ଉପଭୋଗ କରନ୍ତି ।

କ୍ଷୀରସମୁଦ୍ରରେ ବିଷ୍ଣୁ ଶୟନ କରୁଥିବା ସମୟରେ ଲକ୍ଷ୍ମୀ ତାଙ୍କର ପାଦ ସେବା କରୁଥାଆନ୍ତି । ତାଙ୍କ ନାଭିରୁ ଜାତ କମଳ ଉପରେ ବ୍ରହ୍ମା ବସି ତାଙ୍କର ଚତୁର୍ମୁଖ ଯୋଗୁଁ ସବୁ ଦିଗକୁ ଚାହିଁଥାଆନ୍ତି । ଏହି କାରଣ ଯୋଗୁଁ ବିଷ୍ଣୁ ରମାଙ୍କ ସହିତ ଏକାନ୍ତ ହୋଇ ପାରନ୍ତି ନାହିଁ । ବଯ୍ୱୋଳୋଷ୍ଟ ବ୍ରହ୍ମାଙ୍କ ଦୃଷ୍ଟି ପଡ଼ୁଥିବା କେବଳ କାରଣ ବିଷ୍ଣୁ ଓ ରମାଙ୍କ ଏକାନ୍ତ ମିଳନ ସମ୍ଭବ ହୁଏ ନାହିଁ । ବିଷ୍ଣୁ ଏହି ମର୍ଯ୍ୟାଦା-ଅସୁବିଧା ଦୂର କରିବା ପାଇଁ ହଂସମାନଙ୍କୁ ନଳମୁଖର ପ୍ରଶଂସା କରିବାକୁ କହନ୍ତି । ବିଷ୍ଣୁଙ୍କ ନାଭିର କମଳ ସବୁଠାରୁ ସୁନ୍ଦର ବୋଲି ପ୍ରସିଦ୍ଧି ରହିଛି । ସେତେବେଳେ ବିଷ୍ଣୁଙ୍କ ନାଭିକମଳ ନଳମୁଖ-ସରୋଜ ତାହାଙ୍କଠାରୁ ଅଧିକ ସୁନ୍ଦର ବୋଲି

ବର୍ତ୍ତିକାକୁ ଶୁଣେଇ ଦେବତେବେଳେ ତାଙ୍କର ମୁଖ ମଳିନ ହୋଇଯାଏ । ଫଳରେ ସେ ସଙ୍କୁଚିତ ହୋଇଯାଏ । କମଳ ଉପରେ ଉପବେଶନ କରିଥିବା ଭୃଙ୍ଗ ମକରନ୍ଦ ସଂକୁଚିତ କମଳ ଭିତରେ ଲୁଚି ଯାଆନ୍ତି ଏବଂ ଏହି ଅବସରରେ ବସ୍ତ୍ର-ଭ୍ରମ ମିଳାଇ ହୁଅନ୍ତି । ଉପେନ୍ଦ୍ର ଏହି ପଦ ସହିତ ସୁବର୍ଣ୍ଣାମ୍ୟ ରଖି କହୁଛନ୍ତି—

ଘୋଡେଣ ଫୋପାଏ ଦେଲେ ଝୁଣ୍ଟି,
ଯନ୍ତ୍ରକ ଖିଟିପିବ ଭାଣ୍ଟି ।
ଏମନ୍ତ ଇଚ୍ଛିଁ ପନୁଟିକୁ,
ଖେଣି ଦେଲେ ସେ ଭଙ୍ଗେ ନୋମଳକୁ । ୭ ।
କମ୍ବୁ ତନକୁ ବସ୍ତ୍ର ଯିବେ,
ଜଙ୍ଘାନ୍ତି କି କହୁବୁ ଏବେ ।
ଯୌବନ କୁଟେ କୁଚ ହେଲା,
କାମ ହେମ ଘଣ୍ଟ ପିଟିଲା । ୮ ।
ବେଶ ଦେଖ ଜଳ ଦୌର୍ଯି ବାନ୍ଧ,
ଏକ ଶଯ୍ୟନ ଖଣ୍ଡ ମଧ୍ୟ ।
ଏକ କୃତ୍ରିମ ଦୋଳି ହେଲେ,
ତାଙ୍କୁ ଲୁଣ୍ଠିଲା ସେ କୁଟିଲେ । ୯ ।
ମୁଖ ଛନ୍ଦ ଆନନରେ ଲୁକ,
ସଙ୍କୋଚେ କନକ ମଳାନ ।
ଧନାଙ୍ଗ୍ରେ କମ୍ପିଲ ସେ ଭୃଙ୍ଗ,
କଢ଼ ଜଢ଼ ଭରେ ସେ ଭୃଙ୍ଗ । ୧୦ ।
ଚତୁରମୁଖ ସେ ଚତୁର,
କାଟିଲ ଅଶଳକୁ ତାର ।
ଏବେ ସେ ଚତୁଷ୍କ ଭଣେ,
କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ ସେ । ୧୧ ।
(କୋଟିବ୍ରହ୍ମାଣ୍ଡସୁନ୍ଦରୀ—୫ମ ଛାନ୍ଦ)

ଶ୍ରୀହର୍ଷଙ୍କ ଶ୍ଳୋକକୁ ଉପେନ୍ଦ୍ର ଗ୍ରହଣ କରି ତାକୁ ସ୍ୱପ୍ରତିଭା ବଳରେ ସୁନ୍ଦର କଳ୍ପନାକଳାପର·ସାମଗ୍ରୀ କରି ପାରିଛନ୍ତି ।

(୧) ନୈଷଧ—ସୁତନା ଚେତସ୍ସୁ ପକ୍ଷ୍ମଯନେ,
ଉଷିତଂ ପଦ୍ମସ୍ତକ ଭନ୍ତ୍ରାଣ୍ଡୁ ।
ଅଧୁନାପି ନ ଭଙ୍ଗ ଲକ୍ଷଣଂ,
ସଲିଳୋନ୍ମଜ୍ଜନ ମୁଜ୍ଝତେଽ ସ୍ତ୍ରୁତଂ । (୧ମ ସ: ଶ୍ଳୋକ—୨୭)

ଭଞ୍ଜ—ସନ୍ଦରକପୁର ହୋଇଲା ଶସ୍ତର ପଦ୍ମ ହେ ଜ୍ଞାନଲା ମୁଖେ ।
ସଦାତୋମ୍ବ ଜଣ ଭୁଞ୍ଜାଇ କ ତା ବୋଧେ ଛଡ଼ାଇ ବନ୍ଧନ ସୁଖେ ।
(ସୁ: ପ:)

(୩) ନୈଷଧ—ଅସ୍ୟ ଭସ୍ମନା ଶିଖୀନଶ୍ଚ ଜନ୍ମ
ବଧଂ କଳାପେ ରମଣୀୟ ଶାସ୍
ତେନାସ୍ୟ ନେତ୍ରଃ କମ୍ପୁଷ ପୁଚ୍ଛ-
ରଶ୍ମିପିତ୍ତ୍ୱା ସ କାମଶିତ୍ୱମ୍ । (୭ମ ସ: ଶ୍ଳୋକ—୨୭)

ଭଞ୍ଜ—ସୁକୁମ୍ଭଳା ସୁକୁମ୍ଭଳ    ଜଳ କୁଟୀଳ ଅଳକ
ଅନ୍ଧକାର ଲମ୍ବ ଧାଳନ୍ଧ ତାପ ନବାପ
ସୁନ୍ଦର ମୂର୍ତ୍ତି ବରଣ    ସୁଷ୍ଠୁ ଲକ୍ଷ୍ୟ ହେବା ପାଇଁ
ଶଳିଆ ପାଇଲା ଶାଳ ଲେଖଣ ପାଶ
ଯେ ତନ୍ତ୍ର ଚନ୍ଦ୍ରକା ପ୍ରମାଣ
ସମସ୍ତ ହୋଇଲେ ପୁଣି ଉପମା ଧଣ । (ସୁ: ପ: )

ଏପରି ବର୍ଣ୍ଣନା ଓ ଶ୍ଳୋକରେ ବହୁ ପଦ ସ୍ଥାନଂ ଉଭୟ କବିଙ୍କ କୃତ ଗ୍ରନ୍ଥରେ ଦେଖାଯାଏ । ନୈଷଧକାରଙ୍କ ପ୍ରଭାବ ଏଥିରେ ସ୍ପଷ୍ଟ ।

ପରବର୍ତ୍ତୀ କବିମାନଙ୍କ ଉପରେ ପ୍ରଭାବ—ଉପେନ୍ଦ୍ର ଭଞ୍ଜଙ୍କ ଅସାଧାରଣ କବିତ୍ୱଶକ୍ତି ଓ ଅନନ୍ୟସାଧାରଣ ପାଣ୍ଡିତ୍ୟ କୃତ ସମସାମୟିକ ଓ ପରବର୍ତ୍ତୀ ବହୁ କବିଙ୍କ ଉପରେ ପ୍ରଭାବ ବିସ୍ତାର କରିଛି । ଉପେନ୍ଦ୍ରଙ୍କୁ

ଅନେକ ସ୍ୱରୂପ ଗ୍ରହଣ କରିଥିବାରୁ ତାଙ୍କର ରଚନା ପାଠରେ ତନ୍ମୟ ହୋଇ କବିମାନେ ତାଙ୍କର ଭାବ ଓ ଭାଷାର ଅନୁସରଣ ଓ ଅନୁକରଣ କରିଛନ୍ତି । ବୈଶିଷ୍ଟ୍ୟ କବିମାନେ ମଧ୍ୟ ଏହି ପ୍ରଭାବରୁ ମୁକ୍ତ ହୋଇ ନାହାନ୍ତି । ବର୍ତ୍ତମାନ ପର୍ଯ୍ୟନ୍ତ ବହୁ ବୈଶିଷ୍ଟ୍ୟ କବି ଉପେନ୍ଦ୍ରଙ୍କ ଆଦର୍ଶରେ କାବ୍ୟକବିତାଦି ରଚନା କରି ଗୌରବ ଅନୁଭବ କରୁଛନ୍ତି ।

(୧) ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମା—

ସଦାନନ୍ଦ-ଏ ରଙ୍ଗ ଉଛୁଳିଲେ ହାରଙ୍ଗ-
ଧର ହେଲେ ସାରଙ୍ଗମୁଖୀ ଦେଖନ୍ତି ।

ଉପେ—ସାରଙ୍ଗ ରବ ଘନେ ଶାରଙ୍ଗ-ପଙ୍କ୍ତିକ ଘନେ
ସାରଙ୍ଗମୁଖୀ ସାରଙ୍ଗ ସାରଙ୍ଗରେ ମାରିଲେ । (ପ୍ରେ: ସୁ:)

(୨) ଅଭିମନ୍ୟୁ ସାମନ୍ତ ସିଂହାର—

(କ) ସୁନ୍ଦରୀ ଭଜୁ ଅବା ନ ଭଜୁ ମୋତେ,
ସୁନ୍ଦରୀ ତାହା ମାନ ନୁହିଁବ ହୃଦେ ।

ଉପେ—ଭଜୁ ନ ଭଜୁ ବାନ୍ଧବ ତନୁ ହେଲେ ଛୁଇଁଥିବ
କୃତାର୍ଥ ଏ ବହୁ ଲଭ ।

(ଖ) ଅଭିମନ୍ୟୁ—

ହୃଦରେ ସ୍ତନ ଦେବ କର୍ପୂରେ ସୁରଙ୍ଗ ଦର୍ଶନେ
ତେବେ ହେଁ ବାଳା ଭାବନା ଥାଇ ଭାବରେ
ଭୃଙ୍ଗବାଦ ଶବଦ ଶୁଣି
ଦୃତ ଦରକାରେ ଭ୍ରମେ ଦୁଆର ସ୍ତୁଣି । (ବି: ଚି:)

ସଦାନନ୍ଦ, ଅଭିମନ୍ୟୁ ବ୍ରଜନାଥ ଓ ଲୋକେଶ ପ୍ରଭୃତି ବୈଶିଷ୍ଟ୍ୟ କବିମାନେ ଉପେନ୍ଦ୍ରଙ୍କ ବିଳାସ ଶୈଳୀ ଅନୁସରଣ କରିଛନ୍ତି ।

(୩) ଲୋକନାଥ ଦାସ—

ଉପେ—ଦେଖ ଚତୁଷ୍ପ ବୃନ୍ଦାବନ ଶବ୍ଦ ଯାଉଣ ନାହିଁ ହବ୍ୟ ଲଭିଣ ।
(ଲ: ବ:)

ସୁଧାକାର—ବାଣେନ୍ଦୁତା ଦୃପ୍ତ ପୁଂଷ ଶରେଁ ମାରି ନାନା ଛନ୍ଦେ ପ୍ରେମୋଚ୍ଚାରେ
ଚେତଉତରୁଣୀ ସେ ପୁଂଷଭରତନକୁ ଅଶୋଭନ ଜନ ପାରେଣ ।
(ମନ୍ଦାକ୍ରାନ୍ତା)

ଅନ୍ୟାନ୍ୟ କେତେକ କବିଙ୍କ କାବ୍ୟକବିତାରେ ମଧ୍ୟ ଉପେନ୍ଦ୍ରଙ୍କ ଶୈଳୀର ପ୍ରଭାବ ପଡ଼ିଥିବା ଦେଖାଯାଏ ।

ଉପେନ୍ଦ୍ରଙ୍କ କାବ୍ୟକବିତାରେ ଆଳଙ୍କାରିକ ଦୋଷ—
ଉପେନ୍ଦ୍ର ଭଞ୍ଜଙ୍କ କାବ୍ୟକବିତା ସ୍ୱୟଂ କବିଙ୍କ ମତରେ ନିର୍ଦ୍ଦୋଷ ହେଲେ ମଧ୍ୟ କେହି କେହି ଆଳଙ୍କାରିକ ଏଥିରେ କେତେକ ଦୋଷ ଥିବା ଦର୍ଶାଇ ଆସନ୍ତି । ଏ ଦୋଷ ଗୁଡ଼ିକ ନଗଣ୍ୟ କହିଲେ ଚଳେ । କେବଳ ଆଳଙ୍କାରିକ ଦୃଷ୍ଟିରେ ଦୋଷ କାବ୍ୟର ଗୌରବକୁ କିୟଦଂଶରେ ହ୍ରାସ କରୁଛି । କେତୋଟି ଦୋଷର ଉଦାହରଣ—

(୧) ଅପ୍ରତୀତତା ଦୋଷ—

(କ) ସାଂଖ୍ୟିଦାସ୍ତକ ଦର୍ଶନଶାସ୍ତ୍ରଙ୍କ କାମୁକଦ୍ୱୟଙ୍କ ସମସ୍ତ
ଶୋଭିବା ପୂରେ ଧନଞ୍ଜୟ ପ୍ରବେଶ ଦେଖିଲେ ଛାଡ଼ି ତତ୍ପ୍ରମେୟ !
ସୁବର୍ଣ୍ଣାଶିଙ୍କୁ, ଶିକ୍ଷା ଦେଉଥିଲ ନ ମନ୍ୟ
ଯୁକାଣ ସଖୀଏ ଲେଖି ଯାଉଛନ୍ତି ସବୁ ଛଡ଼ାଇନ ପ୍ରମେୟ । (ସୁ: ପ:)

ଏଠାରେ 'ପ୍ରମେୟ' ଶବ୍ଦ ନ୍ୟାୟଶାସ୍ତ୍ରରେ ଅନଭିଜ୍ଞ ପାଠକ ପକ୍ଷରେ ଦୁର୍ବୋଧ । ଅନ୍ୟ ଏକ ଉଦାହରଣ—

(ଖ) ଅଥ ବିଶ୍ୱମସ୍ତ ବଦନ୍ତୁ ସମସ୍ତ ବିଚିତ୍ର ପ୍ରମେୟ ତାହାର,
ମିଶି ଅନଙ୍ଗକୁ ପ୍ରବଳ କରାଇ ଥାଆନ୍ତି ତରୁଣୀ ବହାର ।
(କୋ: ବ୍ର: ସୁ:—୭ମ ଛାନ୍ଦ)

ଏଠାରେ 'ପ୍ରମେୟ' ଶବ୍ଦ ସମୁଚିତ ଅର୍ଥରେ ବ୍ୟବହୃତ ହୋଇଥିବାରୁ ଦର୍ଶାଯାଇଥିବା ଦୋଷ ନ ହେବା ସମ୍ଭବ ।

(୨) କ୍ଲିଷ୍ଟତା—ଉପେନ୍ଦ୍ରଙ୍କ କାବ୍ୟକବିତାମାନଙ୍କରେ ବହୁ ସ୍ଥାନରେ କ୍ଲିଷ୍ଟଶବ୍ଦ ବ୍ୟବହୃତ ହୋଇଥିବା ଦେଖାଯାଏ । କିନ୍ତୁ ସେ ଯୁଗର ଗାମ୍ଭୀର୍ଯ୍ୟ ଓ ପାଣ୍ଡିତ୍ୟ ମଧ୍ୟରେ ଏହି କ୍ଲିଷ୍ଟତାର ତାତ୍ପର୍ଯ୍ୟ ରସିକ ପଣ୍ଡିତମାନେ ଅନୁଭବ କରିପାରନ୍ତି ନାହିଁ । କ୍ଲିଷ୍ଟତା ନଥିଲେ କାବ୍ୟଗୌରବ ଯେ ବୃଦ୍ଧି ପାଏ ଏଥିରେ ସନ୍ଦେହ ନାହିଁ । କବି କେବଳ ରସିକ, ଗୁଣଗ୍ରାହୀ ଓ ଗୁଣୀମାନଙ୍କୁ ନିଜର ପାଠକ ହୋଇ ଗ୍ରହଣ କରିଛନ୍ତି; ଅନ୍ୟମାନଙ୍କୁ ବୁଝାଇଲେ ସେମାନେ ଏହାକୁ ଉଚ୍ଚ ପୁଣି ଗ୍ରହଣ କରିବେ, ଏହି ମତ ସେ ବ୍ୟକ୍ତ କରିଛନ୍ତି ।

(୩) ଅସାଧୁତା—ଶବ୍ଦରେ ବ୍ୟାକରଣର ଦୋଷ ଥିଲେ ଏହି ଦୋଷ ହୁଏ । ସାଧାରଣତଃ କବିମାନେ ଛନ୍ଦ, ମିଳନ ପ୍ରଭୃତିର ଅନୁରୋଧରେ ବ୍ୟାକରଣଦୁଷ୍ଟ ଶବ୍ଦକୁ ପ୍ରୟୋଗ କରିଥାଆନ୍ତି । କବିମାନଙ୍କୁ 'ନିରଙ୍କୁଶ' ବୋଲି କୁହାଯାଇଥିବାରୁ ଏହି ସ୍ଥଳକୁ ଦୋଷ ବୋଲି ଧରିବା ଅନୁଚିତ ହେବ । ତେବେ ଅର୍ଥପ୍ରତୀତିରେ ବାଧା ସୃଷ୍ଟି ହେଲେ ଅବଶ୍ୟ ଦୋଷରୂପେ ଗୃହୀତ ହେବ । ଭଞ୍ଜଙ୍କ କାବ୍ୟକବିତାରେ ଏଭଳି ଦୋଷର ବହୁଳତା ନାହିଁ ।

ହେଲ୍ଲୁତା, ଘୁଡକାମ, ଦୁଦେଣୀଗ, ଅନାଥିନୀ ପ୍ରଭୃତି କେତେକ ଶବ୍ଦ ଅସାଧୁ ହେଲେ ମଧ୍ୟ ଓଡ଼ିଆ ଭାଷାରେ ଚଳି ଆସୁଛି । ତେବେ, ବ୍ୟାକରଣ-ପଣ୍ଡିତମାନଙ୍କ ଦୃଷ୍ଟିରେ ଏହା ଏକ ଦୋଷ । ଉପେନ୍ଦ୍ର ନିର୍ଦ୍ଦୋଷ ରଚନାର ପକ୍ଷପାତୀ ହେଲେ ମଧ୍ୟ ପଦାନୁରୋଧରେ ଅସାଧୁ ଶବ୍ଦର ପ୍ରୟୋଗ କରିଥିବା ଦେଖାଯାଏ; ଅବଶ୍ୟ ଏଭଳି ଶବ୍ଦର ସଂଖ୍ୟା ଅଳ୍ପ । ପଣ୍ଡିତ, ବିଦ୍ୱାନ୍ କବି ଅଜ୍ଞତାବଶରୁ ଏପରି ଅସାଧୁ ଶବ୍ଦ ବ୍ୟବହାର କରିଛନ୍ତି ବୋଲି କହି ହେବ ନାହିଁ । ସେ ଜାଣିଶୁଣି ଏପରି କରିଛନ୍ତି । ଏହି କାରଣରୁ କେହି କେହି ଭଞ୍ଜ-ବ୍ୟବହୃତ ତଥାକଥିତ ଅସାଧୁ ଶବ୍ଦକୁ ଅସାଧୁ ବୋଲି ଗ୍ରହଣ କରୁ ନାହାନ୍ତି । ଏ କ୍ଷେତ୍ରରେ କବିଙ୍କଠାରେ ସେଭଳି ଉଦାର ଦୃଷ୍ଟି ରଖିବାର କଥା ଉପେନ୍ଦ୍ର ତାହାର ପାଇଁ । ଅବଶ୍ୟ ଉପେନ୍ଦ୍ର ନିଜ କୃତି (ଲାବଣ୍ୟବତୀ)କୁ "ଭଲଙ୍କ ଧନ ମୋ ଗୀତ" (୯ମ ଛାନ୍ଦ) ବୋଲି କହିଛନ୍ତି । ଏହା ଅତ୍ୟୁକ୍ତି ବୋଲି

ପ୍ରତୀୟମାନ ହେବା ସ୍ୱାଭାବିକ ହେଲେ ମଧ୍ୟ ଉପେନ୍ଦ୍ର ମିଥ୍ୟା କହୁଥିବା ବୁଝାଯାଇ ପାରିବ ନାହିଁ । 'କଳଙ୍କ' 'ଗୁଣସାଗର'ରେ ସମସ୍ତ ହୋଇ ନିଜର ଉକ୍ତିକୁ ରକ୍ଷା କରିପାରି ନାହିଁ ।

(୪) ଅଶ୍ଳୀଳତା—ପରମ୍ପରାର ଅନୁବର୍ତ୍ତନରେ କବି ଶୃଙ୍ଗାର ରସ ବର୍ଣ୍ଣନାରେ ଅଶ୍ଳୀଳତାକୁ ସ୍ଥାନ ଦେଇଛନ୍ତି । କବିଙ୍କର ନାୟିକାର ଅଙ୍ଗପ୍ରତ୍ୟଙ୍ଗ ବର୍ଣ୍ଣନା, ନାୟକନାୟିକାଙ୍କ କାମକଳାପୂର୍ଣ୍ଣ ମନୋଭାବର ଅଭିବ୍ୟକ୍ତି ଓ ସେମାନଙ୍କର ଏକାନ୍ତ ମିଳନ ପ୍ରସଙ୍ଗରେ ଅଶ୍ଳୀଳତା ବିଶେଷ ଭାବରେ ପରିଲକ୍ଷିତ ହୁଏ । ସୁରତାରମ୍ଭ ତଥ୍ୟର ବାହୁଲ୍ୟ ବର୍ଣ୍ଣନା ପାଇଁ କବି ନିରଙ୍କୁଶ ହୋଇ ଲେଖନୀ ଚାଳନା କରିଛନ୍ତି ଏବଂ ଏହି କାରଣରୁ ଗ୍ରାହକ ମନରେ ଅତି ମାତ୍ରାରେ ଦୁର୍ନୀତିଭାବ ଜାଗ୍ରତ ହୁଏ । ସୂଚନାରେ ବା ଅଳ୍ପ ପଦରେ ଏହାର ସଙ୍କେତ ଦିଆ ଯାଇଥିଲେ କାବ୍ୟକବିତାର ଆଦର ହ୍ରାସ ପାଇ ଥାଆନ୍ତା ବୋଲି ମନେ ହୁଏ ନାହିଁ ।

ତେବେ, କବି ନିର୍ମଳ ଦାମ୍ପତ୍ୟ ଜୀବନଯାପନର ଲକ୍ଷ୍ୟ ରଖିଥିବାରୁ ବ୍ୟଭିଚାରର ପ୍ରଶ୍ରୟ ଦେଇଛନ୍ତି ବୋଲି ବୁଝାଯାଇ ପାରିବ ନାହିଁ । ଅନ୍ତତଃ ସେହିପରି ଅଂଶକୁ କାମଶାସ୍ତ୍ରର ଓ ତାର ଉଦାହରଣ ବୋଲି ଧରିନେବା ଉଚିତ ହେବ ।

ନବଯୌବନରେ ମନ ଉପରେ 'ରତି'ର ଯଥେଷ୍ଟ ପ୍ରଭାବ ରହିଥିବାରୁ କବି ଏପରି ସ୍ଥୂଳ ବର୍ଣ୍ଣନା କରିଛନ୍ତି ବୋଲି ସ୍ୱକୃତମାନଙ୍କରେ ଏକାଧିକ ସ୍ଥାନରେ ବ୍ୟକ୍ତ କରିଛନ୍ତି । ଏ ପ୍ରସଙ୍ଗରେ କବି ଅନୁଭବ ଉପରେ ବିଶେଷ ଗୁରୁତ୍ୱ ଆରୋପ କରିଛନ୍ତି ଏବଂ ଅନୁଭବ ବିନା ଏହାର ରସମାଧୁର୍ଯ୍ୟ ଅନ୍ୟ କେହି ହୃଦୟଙ୍ଗମ କରିପାରିବେ ନାହିଁ, ଏହା ସେ ଏକାଧିକ ସ୍ଥାନରେ କହିଛନ୍ତି ।

ପ୍ରଥମ ଯୌବନ ବଶ ଉଚ୍ଚାଟନ ସ୍ମୃତି,
ଜନଶ୍ରୁତି ବୋଲି ଜାଣ ଶୀତପଦ୍ମୋପମ ସେ ।

ସୀମା ନ ମୋହିଲ ଶୋଭା ଚଞ୍ଚଳ ଲୋଚନ,
ଅନ ନାହିଁ ଥିଲେ ଥିବ କଣ୍ଠସଙ୍ଗ ଜନ ସେ । ୨୧ ।
ବିକାଶ ନ ଥିଲେ ବ୍ୟାକୁଳତା ତାଙ୍କ ଅଛି,
ଭାଳୁଥାନ୍ତି ଅନ୍ତର ଜୀବନ କୋଟିଏ କଷ୍ଟ ସେ ।
ସ୍ୱର୍ଗ ଅପବର୍ଗଙ୍କୁ ପରମ ସୁଖ ନାହିଁ,
ଇଷ୍ଟ ସୁଖ ସଙ୍ଗେ ଯେ ସମାନ ହେବ କେହି ସେ । ୨୨ ।

ସେହି ପ୍ରସଙ୍ଗରେ କବି ଇନ୍ଦ୍ର, ବନ୍ଧୁ ଓ ସୁର ପ୍ରଭୃତିଙ୍କ ଉଦାହରଣ ଦେଇଛନ୍ତି ।

ସ୍ୱର୍ଗ ସୁଖ ଇନ୍ଦ୍ର ନନ୍ଦ ବାଞ୍ଛା ଭୃଙ୍ଗମାନ,
ଯେ ପଦ ଲେଖିଁ ଶାସ୍ତ୍ରୋକ୍ତି ସଜ୍ଜପ୍ରଲୋଚନ ସେ ।
ଅପବର୍ଗ ବନ୍ଧୁର ଆସ୍ୱାଦ ହେଲା କିଏ,
ଇତରଙ୍କେ ଗୁରୁ ଲିଳ ସୁଖ ଅଛ କଷ୍ଟ ସେ । ୨୩ ।
କେଉଁଠାରେ ହୋଇବ ବା ଶୁଣ ଦୃଷ୍ଟାନ୍ତର
ଘୋରମାଙ୍କୁ ଆଶ୍ରୟ ସ୍ୱରୂପ ଗଦାଧର ସେ ।
କୋପାଙ୍ଗନା ଲକ୍ଷ୍ମୀ ବଳେଶ୍ୱ ଅତିଭକ୍ତେ,
ଦିବ୍ୟ ଅର୍ଦ୍ଧ ଅଙ୍ଗ ଗରିମା ପ୍ରଶସ୍ତେଶ ସେ । ୨୪ ।
ଇନ୍ଦ୍ର ପାଦେ ଶୋଭା ରତି ପଦରେ ସ୍ନେହ,
ହେଲ ଇତର ଦୁର୍ଲଭ ଶରୀରିଙ୍କା ରୂପ ସେ । × × ୨୫ ।
(ଲୁ: ବ: —୨୮ଶ ଛାନ୍ଦ)

ପୁଣି—

ପ୍ରୀତିକାଳ ସଜା ଧନ ଉପରେ
ମନସ୍ତଜା ପ୍ରୀତି କାଳ ଉପରେ,
ମନ ଉପରେ ତ ସଜା ଯୌବନ
ହେଉ ପାରିବ ମନୁଷ୍ୟ ବଳର ।
ନବ ଅନୁସ୍ମୃତ ଧନେ ଧନେକ
ସୁଖ ଜାତ ହୋଇଥାଇ ଅନେକ,

ପ୍ରୀତି ହୋଇ ଯେବେ ଏତେ ମଧୁର
    କ୍ଷୁଧା ତୃଷା ଶଙ୍କା ହେବ ବଧୂର,
ପୁଣି ଦଇବେ ହୋଇଲେ ବାମିତ
    ପାତକେ ମିଳେ ଇନ୍ଦ୍ର ସମ୍ପତ୍ତି । ୨୧ ।

ପକ୍ଷୀମାନେ ହେଲେ ବଶ ଏ ରସେ
    କେଉଁ ପାଷାଣ ସେ ଏଥି ନ ରସେ ।
ପ୍ରୀତି ଯୋଗେ ପାଷାଣ ତ ଦ୍ରବଇ
    ବଧୂ ବଧୂମଣିଠାରୁ ସ୍ରବଇ । ୨୨ ।
ଯେଉଁ ପୀରତିରେ ବଶ ନୋହିଲା
    କି ବୋଲିବ ସେ ମନକୁ କହିଲା । ୨୩ ।
(ରସିକ ହାରାବଳୀ । ୪ର୍ଥ ଛାନ୍ଦ)

ରସ ଓ ପ୍ରୀତି ସମ୍ପର୍କରେ ଏହି ସୂକ୍ଷ୍ମ ପରଂପରା ଅନେକ ସଂସ୍କୃତ କବିମାନେ ପ୍ରସ୍ତାବିତ କରାଇଛନ୍ତି; ଉପେନ୍ଦ୍ର ସେମାନଙ୍କୁ ଅନୁସରଣ କରିଛନ୍ତି ମାତ୍ର ।

(୫) ପଦଗତ ପ୍ରକର୍ଷତା—ପଦର ପ୍ରତ୍ୟେକ ପାଦରେ ଅନୁପ୍ରାସ ରକ୍ଷା କରିପାରି ନ ଥିଲେ ଏହି ଦୋଷ ହୁଏ ।

ଶୁଣ ସାବଧାନେ ସୁଜନ ଜନ,
ଏଣୁ ସୀମନ୍ତ ବରଷା ରଞ୍ଜନ ।
ଶୁଣିଲ ଘନାଘନ ଘନ ଘନ,
ପ୍ରେମ ଯତ୍ନରେ ଅନ-ବନ୍ଧୁନ ।
    ସୁର ମାଂ ଗ୍ରାସି,
ସୁଧା ଭାନୁ ଭାନୁ ଭାନୁ ନ ବାସି ।
( ପୂ: ପବଣବ୍ଧ )—ଅଳଙ୍କାର ଶାସ୍ତ୍ରରୁ ଉଦ୍ଧୃତ ।

(୬) ଅର୍ଥ ଦୋଷର ପର୍ଯ୍ୟାୟରେ କେତେକ ଦୋଷ ଥିବା ସ୍ପର୍ଶୀସ୍ୱ ରଜା ସାଇ ବାମନ ତ୍ରିଭୁବନଦେବ ଅଳଙ୍କାର ଶାସ୍ତ୍ରରେ ଦର୍ଶାଇଛନ୍ତି ।

(ଖ) ଅପୁଷ୍ଟ ଦୋଷ—

ସୁରଙ୍ଗ ଅଧର ଅଗ୍ରଭାଗ ରଙ୍ଗ ଦନ୍ତ ଦନ୍ତୁ ହେଲା ବନ୍ଧୁ,
ସିନ୍ଦୂରରେ ସ୍ନାନ କଲା କି ଅରୁଣ ପୂର୍ଣ୍ଣ ମନ୍ଦ ହାସେ ଶୋଭୁ !
ସୁଗନ୍ଧୁ ଅଳକା ସାଜିବା ଦେଖି କି ମାଣିକ୍ୟ-କୂପରେ ଶଶୀ,
ଦେଖୁ ପ୍ରକାଶ ଗୁପତ ହେଉଅଛନ୍ତି ଯେତେକ ମାତ୍ରକ ବସି । (ଭୂ: ପ:)

ସୁରଙ୍ଗ ଅଧର ସ୍ଥଳରେ କେବଳ ଅଧର ବ୍ୟବହାର କରିଥିଲେ ଯଥେଷ୍ଟ ହୋଇଥାଆନ୍ତା । ପରେ ଦନ୍ତ ଦନ୍ତୁ ରଙ୍ଗ ହେବା ବର୍ଣ୍ଣିତ ହୋଇଥିବାରୁ ଏହା ପୁଷ୍ଟିସାଧନ କରୁନାହିଁ ।

(ଘ) ଦୁଷ୍କ୍ରମ—ଅର୍ଥ ରଚନାରେ କ୍ରମଭଙ୍ଗ ଦୋଷ ହିଁ ଦୁଷ୍କ୍ରମ ଦୋଷ ।

ପିଇଲେ ରୁଧିର ପଶୁପକ୍ଷୀରେ ପ୍ରେତ ଅଗଣା,
ମନ୍ତ୍ରୀଙ୍କର ମୁଣ୍ଡ ଖେଳାଇଲେ ସେ । ୨୪ ।

(ଲାବଣ୍ୟବତୀ, ୪୫ଶ ଛାନ୍ଦ)

କ୍ରମରକ୍ଷା କରିବାକୁ ହେଲେ ଖେଳାଇବା ପରେ ପିଇବା ହେବା ଉଚିତ ! ଏଠାରେ ପିଇବା ପରେ ଖାଇବା ସ୍ଥାନ ପାଇଛି ।

(୭) ରସ ଦୋଷ—

(କ) ଅନବସର ଦୋଷର ପ୍ରକାଶ ଓ ହ୍ରାସ

ଶୁଣିଲେ ଦୁନ୍ଦୁଭି ନାଦ କଳିତ    ଏମନ୍ତେ କେତେ ଦିବସ ଅନ୍ତ
କି ଭବ ବୃଦ୍ଧି ବଳୁର ବୈଶ୍ୟ ସୃଷ୍ଟି ପ୍ରବେଶେ ସେ ।
ଦେବତାମାନଙ୍କ ଦର୍ପକୁ ଦଣ୍ଡି    ହାଣି ରଖିଛି କୁପାଣେ ଖଣ୍ଡି
ଦେଖି ଭଜିଲେ ପଦାବ୍ଜ ଦୃଷ୍ଟି ଭୂତ ସନ୍ତାପେ ସେ ।

× × ×

ସଭ୍ୟସ୍ତମାକୁ ଏରୂପେ ତର୍ଜ୍ଜି    ଅସୁର ଗର୍ଜ୍ଜି ହୋଇଲା ମୋନ୍ଧ
ଗାଇଲା ପୁଷ୍ପ ନନ୍ଦନ ନାହିଁ ଚୋରବ ଦୃଷ୍ଟି ସେ ।

(ଭୂ:ପ:)

ଯୁଦ୍ଧ ବା ବୀରରସ ବର୍ଣ୍ଣନା ପ୍ରସଙ୍ଗରେ ଶୃଙ୍ଗାର ରସର ଅବତାରଣା ଅନବସର ରସଦୋଷଯୁକ୍ତ ହେଲା ।

ଏପରି କେତେକ ଦୋଷ ଆଲଙ୍କାରିକମାନେ ଦର୍ଶାଇଥିଲେ ମଧ୍ୟ ଏଗୁଡ଼ିକର ସଂଖ୍ୟା ଯଥେଷ୍ଟ ନୁହେଁ । କାବ୍ୟକବିତାର ଗୌରବଗରିମାରେ ଅନ୍ତର୍ହିତ ହୋଇ ଏହି କଳଙ୍କ ଅଲକ୍ଷଣରେ ଅଦୃଶ୍ୟ ହୋଇଛି ।

## ଉପସଂହାର

ଜାତୀୟ ମହାକବି—ଉପେନ୍ଦ୍ର ଭଞ୍ଜ ଜଣେ ଉଚ୍ଚଧରଣର ଜାତୀୟ କବି । ତାଙ୍କର କାବ୍ୟକବିତାମାନଙ୍କରେ ଉତ୍କଳୀୟ ଲୋକଙ୍କର ରୀତି, ନୀତି, ବେଶଭୂଷା, ଆଶା ଓ ଆକାଙ୍କ୍ଷା ପ୍ରଭୃତି ସୁନ୍ଦରରୂପେ ପ୍ରତିଫଳିତ ହୋଇଛି । ସ୍ୱୟଂ ଉପେନ୍ଦ୍ର ଉତ୍କଳର ନଦନଦୀ, ବନପର୍ବତ, ଗ୍ରାମ ଓ ଦେବଦେବୀଙ୍କ ବହୁ ସ୍ଥାନରେ ଉଲ୍ଲେଖ କରିଥିବାରୁ ତାଙ୍କର ସ୍ୱଦେଶପ୍ରେମ ସୁନ୍ଦର ଭାବରେ ପ୍ରତିପାଦିତ ହୋଇଛି । ଯଥା ଶଙ୍ଖଚୂଳା, ବୈତରଣୀ, ଋଷିକୁଲ୍ୟା, ବାହୁଦା ପ୍ରଭୃତି ଓଡ଼ିଶାର ପ୍ରସିଦ୍ଧ ନଦୀମାନଙ୍କର ନାମ ପ୍ରସଙ୍ଗକ୍ରମେ ସେ ଅନେକ କାବ୍ୟରେ ଉଲ୍ଲେଖ କରିଛନ୍ତି । ଓଡ଼ିଶାର ନାଥ ଜଗନ୍ନାଥଙ୍କୁ ପ୍ରାୟ ପ୍ରତ୍ୟେକ କାବ୍ୟରେ ଏକାଧିକ ସ୍ଥାନରେ ପ୍ରାର୍ଥନା କରିଛନ୍ତି । ଜଗନ୍ନାଥଙ୍କୁ ସ୍ୱୟଂ ବୈକୁଣ୍ଠନାଥ ବିଷ୍ଣୁ ଓ ଅବତାରୀ ବୋଲି ମତ ବ୍ୟକ୍ତ କରିଛନ୍ତି ।

ଓଡ଼ିଆ ଭାଷା ଓ ସାହିତ୍ୟକୁ ଉପେନ୍ଦ୍ର ଦୃଢ଼ ଭିତ୍ତି ଉପରେ ପ୍ରତିଷ୍ଠିତ କରି ପାରିଛନ୍ତି । ସେ ଉତ୍କଳଭାରତୀ ଭଣ୍ଡାରକୁ ବହୁ ଅମୂଲ୍ୟ ରତ୍ନ ଦାନକରି ଉତ୍କଳୀୟ ଭାଷା ଓ ସାହିତ୍ୟକୁ ଅସାଧାରଣ ସମୃଦ୍ଧିଶାଳୀ କରିବା ସଙ୍ଗେ ସଙ୍ଗେ ଉତ୍କଳକୁ ପୃଥିବୀର ସାହିତ୍ୟ ସଭାରେ ସମ୍ମାନଜନକ ସ୍ଥାନର ଅଧିକାରୀ କରି ପାରିଛନ୍ତି । କୋଣାର୍କ ପରି ଭଞ୍ଜକାବ୍ୟ ପୃଥିବୀରେ ଏକ ଆଶ୍ଚର୍ଯ୍ୟରୂପେ ବିବେଚିତ ହେବା ଯୋଗ୍ୟ ହୋଇ ପାରିଛି ।

ପାରଂପରିକ ଚିନ୍ତାଧାରାର ପରିବର୍ତ୍ତନ—ଉପେନ୍ଦ୍ର ତାଙ୍କ ପୂର୍ବରୁ ଶତ ଶତ ବର୍ଷ ଧରି ପ୍ରବାହିତ ହୋଇ ଆସୁଥିବା ଉତ୍କଳୀୟ

ରୀତିଯୁଗର ଗତିକୁ ବଳିଷ୍ଠ ଭାବରେ ପରିବର୍ତ୍ତିତ କରିବାରେ ସମର୍ଥ ହୋଇ ପାରିନାହାନ୍ତି । ପୂର୍ବରୁ ଓଡ଼ିଶାରେ ଅଧିକାଂଶ କବି ଧର୍ମ-ସମ୍ବନ୍ଧୀୟ କାବ୍ୟକବିତା ଲେଖିବାକୁ ଆଗ୍ରହ ପ୍ରକାଶ କରି ସେ କ୍ଷେତ୍ରରେ କୃତିତ୍ୱ ସହକାରେ ଲେଖନୀ ଚାଳନା କରୁଥିଲେ । ସାରଳା ଦାସ, ଜଗନ୍ନାଥ ଦାସ, ବଳରାମ ଦାସ ପ୍ରଭୃତି କବିମାନଙ୍କ ଧର୍ମ-କାବ୍ୟ, ଧର୍ମ-କବିତା ବା ପୁରାଣ ପ୍ରତି ବିଶେଷ ଦୃଷ୍ଟି ଦେଉଥିଲେ । ଧର୍ମନିଷ୍ଠା ହିଁ ସେମାନଙ୍କ ମୁଖ୍ୟ ଉଦ୍ଦେଶ୍ୟ ଥିଲା । ତେଣୁ ଅନ୍ୟ କେତେକ କବି ଲୌକିକ ବିଷୟବସ୍ତୁ ଗ୍ରହଣ କରି ସୁନ୍ଦର କାବ୍ୟକବିତା ରଚନା କରି ଯାଇଥିଲେ ମଧ୍ୟ ସେମାନେ ବଳିଷ୍ଠ ଭାବରେ ରୀତିଯୁଗର ଗତିକୁ ବଦଳାଇ ପାରି ନ ଥିଲେ ।

ଧନଞ୍ଜୟ ଭଞ୍ଜ ଏ କ୍ଷେତ୍ରରେ ଜଣେ ବଳିଷ୍ଠ ଅଗ୍ରଣୀ ହୋଇଲେ ମଧ୍ୟ ତାଙ୍କର ରଚନାବଳୀ ସମାଜକୁ ବିଶେଷ ଭାବରେ ପ୍ରଭାବିତ କରି ପାରି ନଥିଲା । ଭକ୍ତମାନଙ୍କରେ ସଠିକ ଶତାବ୍ଦୀର ଧର୍ମକୁ ବିଶେଷ ଗୁରୁତ୍ୱ ଓ ଗୌରବ ଦାନ କରିବାରେ ଉପେନ୍ଦ୍ର ଦୁରାଗ୍ରହୀ ସ୍ୱବର୍ତ୍ତିକ । ସେ ମାନବର ପାରତ୍ରିକ ଓ ଐହିକ ମୁକ୍ତି କାମନା କରି ସେ କାବ୍ୟକବିତା ଲେଖି ନାହାନ୍ତି ଏପରି କହେଁ । ସେ କେବଳ ସେତେବେଳେ ମାନବ ସମସ୍ତ ଶକ୍ତି ଅତିକ୍ରମିତ କରି ନାହାନ୍ତି । ମାନବ ଜୀବନର ସୁଖ ଦୁଃଖକୁ ସେ ଦୃଷ୍ଟି ଦେଇ ଶ୍ରେଷ୍ଠ ରୂପ ଦେଇ ଅନୁଭବକୁ ପ୍ରଧାନ ଅଙ୍ଗରୂପେ ବ୍ୟବହାର କରିଛନ୍ତି । ମାନବର ଦୈହିକ ଆଶା ଆକାଂକ୍ଷାକୁ ସେ ବିଶେଷ ଭାବରେ ଗୁରୁତ୍ୱ ଦେଇଛନ୍ତି । ମର୍ତ୍ତ୍ୟ ମାନବର ପୂର୍ବ ଦେବଙ୍କୁ ପ୍ରସଙ୍ଗ କେବଳ ଧର୍ମରେ ରକ୍ଷା ନମସ୍କାର ଉପେନ୍ଦ୍ର ବର୍ଣ୍ଣନା କରିଛନ୍ତି ।

କୋଟିବ୍ରହ୍ମାଣ୍ଡସୁନ୍ଦରୀ, ଲାବଣ୍ୟବତୀ ଆଦି କାବ୍ୟରେ ମାନବର ପ୍ରେମ, ତାର ଅନୁଭୂତି ଓ ପରିଣତି ସୁନ୍ଦର ଭାବରେ ଅତି ଉଚ୍ଚକୋଟୀର କବିତ୍ୱ ଓ ପାଣ୍ଡିତ୍ୟପୂର୍ଣ୍ଣ ପଦାବଳୀରେ ରଚିତ ହୋଇଥିବାରୁ ସମସାମୟିକ ଓ ପରବର୍ତ୍ତୀ କବିମାନେ ଏ କ୍ଷେତ୍ର ପ୍ରତି ବିଶେଷ ଆଗ୍ରହ ପ୍ରକାଶ କରିଛନ୍ତି ।

କବି ନୂତନ ଶୈଳୀର ପ୍ରବର୍ତ୍ତକ ହୋଇଲେ ମଧ୍ୟ ପ୍ରାଚୀନ ପରଂପରାକୁ ତ୍ୟାଗ କରି ନାହାନ୍ତି । କାବ୍ୟକବିତାର ରୂପ ଓ ପ୍ରାଣ ସମ୍ପର୍କରେ ପ୍ରାଚୀନ

-ଡଙ୍କଙ୍କୁ ସେ ଖଣ୍ଡନ କରିଥିଲେ; ଏହି କାରଣରୁ ତାଙ୍କୁ ଜଣେ ପ୍ରାଚୀନପନ୍ଥୀ ବୋଲି ମଧ୍ୟ କୁହାଯିବ ।

ଉପଗର୍ଭ କଳାମଣ୍ଡିତ ଭାଷା—ଉପେନ୍ଦ୍ରଙ୍କ ପୂର୍ବରୁ ଶିଶୁଶଙ୍କର, ନରସିଂହ ସେଣ, ଦେବଦୁର୍ଲ୍ଲଭ ଦାସ, କାର୍ତ୍ତିକ ଦାସ ପ୍ରଭୃତି ଓ ସମସାମୟିକ ଧନଞ୍ଜୟ, ଲୋକନାଥ, ଦୀନକୃଷ୍ଣ ପ୍ରମୁଖ କବିମାନେ ସ୍ୱ ସ୍ୱ କୃତିମାନଙ୍କରେ ଅତି ମାର୍ଜିତ, ଆଲଙ୍କାରିକ ଭାଷା ପ୍ରୟୋଗ କରି ଓଡ଼ିଆ ଭାଷାର ଶବ୍ଦ ସମ୍ଭାରର ସମୃଦ୍ଧିଶାଳୀତା ପ୍ରମାଣିତ କରିଛନ୍ତି । ଉପେନ୍ଦ୍ର ଏହି ଶୈଳୀର ସୌନ୍ଦର୍ଯ୍ୟକୁ ବିଶେଷ ଭାବରେ ବର୍ଦ୍ଧିତ କରିଛନ୍ତି ଏବଂ ସେ ଓଡ଼ିଆ ଭାଷା ରାଜ୍ୟରେ ଅଭିନବ, ଅମର ଭାଷା ଶିଳ୍ପୀ ଓ ସ୍ରଷ୍ଟା ସୃଷ୍ଟି କରି ଯାଇଛନ୍ତି । ମାନବ ଜୀବନର ସର୍ବବିଧ ଭାବଧାରାକୁ ସମ୍ୟକ୍ ରୂପ ପ୍ରଦାନ କରିବା ପାଇଁ ଯେ ଓଡ଼ିଆ ଭାଷା ସମର୍ଥ ତାହା ସେ ଅତି ଜ୍ୱଳନ୍ତ ଭାବରେ ପ୍ରମାଣିତ କରିଛନ୍ତି । ଓଡ଼ିଆ ଭାଷାରେ ଚମତ୍କାର, ଅସୀମ ଶବ୍ଦ-ସମ୍ଭାର ଅତି ସମୃଦ୍ଧିଶାଳୀ ସଂସ୍କୃତଭାଷା ତୁଲ୍ୟ ବିବିଧ ଅଲଙ୍କାରର ପ୍ରୟୋଗପାଇଁ ଉପଯୁକ୍ତ ଥିବା କଥା ସ୍ୱରଚନାବଳୀରେ ପ୍ରମାଣିତ କରିପାରି ଓଡ଼ିଆ ଭାଷାର ଗୌରବକୁ ବହୁଗୁଣରେ ବର୍ଦ୍ଧିତ କରିଛନ୍ତି ।

ଭାଷା ତାଙ୍କ ଲେଖନୀର ପରିକର ସ୍ୱରୂପ କାର୍ଯ୍ୟ କରୁଛି—'ଡାକିଲେ ଓ କହିଲେ' ସ୍ୱରରେ ସେବା କରୁଛି । ସେ କୌଣସି ଭାବକୁ ଯଥାଯଥ ପ୍ରକାଶ କରିବା ପାଇଁ ତାଙ୍କର ଲେଖନୀ ସମର୍ଥ ହୋଇଛି ।

କବି ସ୍ୱ ଅସାଧାରଣ ପ୍ରତିଭାବଳରେ ଶବ୍ଦସାଗରରୁ ଯାହା ଲୋଡ଼ା ପାଉଥିଲେ । କବି ସେହି ଶବ୍ଦ-ଗଠନ, ବହ୍ୱର୍ଥ ବୋଧକ ଶବ୍ଦର ଯଥାଯଥ ପ୍ରୟୋଗ ଓ ବିବିଧ ଅଲଙ୍କାର ଅନୁରୋଧରେ ଶବ୍ଦର ସୂକ୍ଷ୍ମ ପ୍ରୟୋଗ କରିଛନ୍ତି ତାହା ତାଙ୍କର ଶବ୍ଦଶକ୍ତି ଓ ଅଭିନବ ରଚନା ଶୈଳୀର ପରିଚୟ ପ୍ରଦାନ କରୁଛି । କବି ଶାସ୍ତ୍ରସମ୍ମତ ଶୈଳୀକୁ ଅନୁସରଣ କରି ରଚନାର ରୂପ-ରେଖ, ପ୍ରତିପାଦନ କରିଥିଲେ ମଧ୍ୟ ସ୍ୱ ଅସାଧାରଣ ପାଣ୍ଡିତ୍ୟ, ପ୍ରତିଭା ଓ ଶକ୍ତି ବଳରେ ପ୍ରାଚୀନ କାବ୍ୟଶୈଳୀକୁ ନୂତନ ରୂପ ଦାନକରି

ଯାଇଛନ୍ତି । ବିବିଧ ଅଲଙ୍କାରର ପ୍ରୟୋଗ, ଋତୁ ବର୍ଣ୍ଣନା ଓ ସମୁଦ୍ରାଦି ବର୍ଣ୍ଣନା ପ୍ରସଙ୍ଗରେ କବିଙ୍କର ଅପୂର୍ବ କ୍ଷମତାର ପରିଚୟ ଦେଉଛି । ତାଙ୍କର ଚରିତ୍ରରେ ମଧ୍ୟ ସେ ସିଦ୍ଧହସ୍ତ ଥିବା ପ୍ରମାଣ କରିଛନ୍ତି । ଉପେନ୍ଦ୍ରଙ୍କର ଶବ୍ଦପାଣ୍ଡିତ୍ୟ ଅଦ୍ୱିତୀୟ ।

ପ୍ରଗାଢ଼ଜ୍ଞାନ: ବହୁଶାସ୍ତ୍ରଦର୍ଶିତା—କବିଙ୍କ ରଚିତ ପୁସ୍ତକଗୁଡ଼ିକ ତାଙ୍କର କାବ୍ୟମାନଙ୍କରେ ସ୍ଥାନେ ସ୍ଥାନେ ଶୋଭନ ଭାବରେ ପ୍ରକାଶ ପାଇଛି । ସାମାଜିକ ଶିଷ୍ଟାଚାର, ପୌରାଣିକ କଥା, ନୀତିବଚନ, ଜ୍ୟୋତିଷ, ଧନୁର୍ବିଦ୍ୟା ଶିକାର, ଯୁଦ୍ଧଯାତ୍ରା, ସାମ୍ପ୍ରଦାୟିକ ମତ ଓ ମର୍ଯ୍ୟାଦାବୋଧ ପ୍ରଭୃତି କବିଙ୍କର ପାଣ୍ଡିତ୍ୟ-ଦକ୍ଷତାମାନଙ୍କରେ ଯଥାର୍ଥ ଭାବରେ ଦେଖାଯାଏ । କବି ଏକ ମର୍ଯ୍ୟାଦାବନ୍ତ, ଶିକ୍ଷିତ, ଚତୁର, ରସିକ, ଗୁଣଗ୍ରାହୀ ସମାଜର ଚିତ୍ର ଦେଇଛନ୍ତି । ତାଙ୍କର ବହୁଶାସ୍ତ୍ରଦର୍ଶିତାର ଭୂରି ଭୂରି ପ୍ରମାଣ କାବ୍ୟମାନଙ୍କରେ ମିଳୁଛି ।

ନୀତିବଚନ—କାବ୍ୟକବିତାମାନଙ୍କରେ କବି ପ୍ରସଙ୍ଗାନୁକ୍ରମେ ଜୀବନର ବହୁ ଦିଗକୁ ସ୍ପର୍ଶ କରି ଉପଦେଶ ଓ ନୀତିବଚନ ଦେଇଛନ୍ତି । କବିଙ୍କ ବ୍ୟାପକ ଦୃଷ୍ଟିକୋଣ ଓ ଉଦାରଭାବ ତାଙ୍କ ଉପଦେଶ ଅବସରରେ ବଢ଼ାଇ ପାରିଛି ।

ସାମାଜିକ ଚିତ୍ର—ସାମାଜିକ ଚିତ୍ର ଦେବାରେ କବିଙ୍କ ଦୃଷ୍ଟି ବ୍ୟାପକ ଥିବା ଦେଖାଯାଏ । ପରମ୍ପରାସମର୍ଥିତ ଉତ୍କଳୀୟ ଜୀବନର ବିବିଧ ଶ୍ରେଣୀ ଓ ପ୍ରକୃତିର ଲୋକଙ୍କ ମନୋଭାବକୁ କବି ସୁନ୍ଦର ଭାବରେ ଚିତ୍ରଣ କରିଛନ୍ତି । ରାଜରାଣୀ, ରାଜକୁମାର, ରାଜକୁମାରୀ, ମନ୍ତ୍ରୀ, ପୁରୋହିତ କୁମାରକୁମାରୀ ସଖୀଙ୍କ ଚିତ୍ର କବି ଯେପରି ସୁନ୍ଦର ଭାବରେ ଅଙ୍କନ କରିଛନ୍ତି ସେହିପରି ଗଣିକା, ମାଳିନୀ, ଦୈବଜ୍ଞ, ଦାସଦାସୀ ଓ ଚଉପଦ ପ୍ରଦର୍ଶକ ପ୍ରକୃତିର ଚିତ୍ର ମଧ୍ୟ ସେହିପରି ନିପୁଣ ଭାବରେ ପ୍ରଦାନ କରିଛନ୍ତି । ସବୁ ଚିତ୍ର ଜୀବନ୍ତ ।

କବି ଓଡ଼ିଆ ସମାଜର ପାରମ୍ପରିକ ବେଶବିଧାନ, ଓଷା, ଯଜ୍ଞ, ପୂଜା, ଗର୍ଭାଧାନ, ଶିଶୁଜନ୍ମ, ବିବାହ ଓ ବିଦାପନାଦି ଯାବତୀୟ ଘରକରଣ ରୀତି ଓ

ନିପୁଣ ଭାବରେ ବର୍ଣ୍ଣନା କରି ସମାଜର ଏକ ସୁନ୍ଦର ଚିତ୍ର ପ୍ରଦାନ କରିଛନ୍ତି । ତାଙ୍କର କୃଷ୍ଣଚନ୍ଦ୍ରୀୟ ଓଡ଼ିଆ ସମାଜର ଦର୍ପଣ ସ୍ୱରୂପ । ଉପେନ୍ଦ୍ର ରାଜକୁମାର ଥିଲେ ବହୁପତ୍ନୀ ବିଳାସପରିପୂର୍ଣ୍ଣ ଦେଶୀୟ ରୂପରେ ଜୀବନଯାପନ କରିଥିଲେ ମଧ୍ୟ ସେ ସମସାମୟିକ ଜୀବନକୁ ତ୍ୟାଗ କରି ନାହାନ୍ତି ।

କବି ସାମାଜିକ ଜୀବନରେ ଶୃଙ୍ଗାରରସାତ୍ମକ ଦାମ୍ପତ୍ୟଜୀବନକୁ ବିଶିଷ୍ଟ ସ୍ଥାନ ଦାନ କରିଛନ୍ତି । ନବଯୁବକ ଓ ନବଯୁବତୀଙ୍କ ଅନୁରାଗ ଭାବଧାରା, ଆଶାଆକାଙ୍କ୍ଷାକୁ ସେ କୌଶଳପୂର୍ଣ୍ଣ ଶୈଳୀ ବ୍ୟବହାର କରି ନୂତନ ସ୍ୱାଦର ରଚନା କରିଛନ୍ତି । ସ୍ୱାମୀ-ସ୍ତ୍ରୀଙ୍କ ପ୍ରେମ-ଜୀବନ ଦାମ୍ପତ୍ୟ ପରେ ମଧ୍ୟ ଅତୁଳନୀୟ ରହିବା ସେ କାମନା କରିଛନ୍ତି । ସୁନ୍ଦର ସୁବେଶ ସ୍ୱାମୀ-ସ୍ତ୍ରୀ ହୋଇ ରହି ଉଭୟେ ଅତି ପ୍ରେମଜୀବନ ଯାପନ କରିବା ଆଦର୍ଶକୁ ସେ ପ୍ରତିପାଦନ କରିଛନ୍ତି ।

ସଂସ୍କୃତ କାବ୍ୟମାନଙ୍କରେ ଦାମ୍ପତ୍ୟଜୀବନରେ 'ରତି'ର ସ୍ଥାନକୁ କବି ସ୍ପଷ୍ଟ ଓ ଦୃଢ଼ କରିଛନ୍ତି । ଯୌବନର ଆକାଙ୍କ୍ଷା ରୂପରେ ସ୍ଫୂର୍ତ୍ତିହେବା କଥା ବ୍ୟକ୍ତ କରିଛନ୍ତି । ମାନବଜୀବନରେ ପ୍ରେମ ଓ ପ୍ରେମଜୀବନରେ କାମ ଏ ଦୁଇଟି ପ୍ରସଙ୍ଗକୁ କବି ଅତି ଦକ୍ଷତା ସହକାରେ ସ୍ୱକାବ୍ୟମାନଙ୍କରେ ନାୟକ ନାୟିକାଙ୍କ ଜୀବନଚରିତରେ ପ୍ରକଟିତ କରିଛନ୍ତି । ପ୍ରଥମ ଯୌବନ ପ୍ରଥମ ରତିର ଅପେକ୍ଷା କରୁଥିବାରୁ କବି ଯୌବନାତିରିକ୍ତ ବୟସର ବ୍ୟକ୍ତିଙ୍କୁ ନାୟକନାୟିକା ରୂପେ କୌଣସିଠାରେ ଗ୍ରହଣ କରି ନାହାନ୍ତି । ନବଯୁବକ ଓ ନବଯୁବତୀ ହିଁ କବିଙ୍କ କାବ୍ୟସଂସାରର ମୁଖ୍ୟ ବ୍ୟକ୍ତି । ଏହି କାରଣରୁ କବି ବହୁ ନାୟିକାଙ୍କୁ 'ଷୋଡ଼ଶୀ' କରିଛନ୍ତି । କଣ ପିତାମାତାଙ୍କୁ ନାୟକ-ନାୟିକା କରି ନାହାନ୍ତି ।

କବି ଦାମ୍ପତ୍ୟପ୍ରେମର ଉତ୍କର୍ଷ ସମ୍ବନ୍ଧରେ ଲାବଣ୍ୟବତୀରେ କହିଛନ୍ତି —

ଯେ ଜନ ନାହିଁ ଯୁବତୀ    ଉଦ୍ଧେ ପୃଥ୍ୱୀ ଜଳେଣି
ଯମମାନଙ୍କୁ ଦଣ୍ଡ ଦେ,

ଜନ୍ମ କଲେ ଯେ ଆଗ ସେ କୁଳଣ ନୁହଇ
ସେହି କୁଳିଣ ଅଟଇ ରେ,
ଯାଃଦେବ, ନାସ୍ତ ସ୍ୱରୂପ ଦୁଇ ରେ
ଯେମନ ଏକ ଜୀବନ ଦେଖିଲ ତନୁ ଭିନ୍ନ
ଯୋଡେ ଏକତ୍ର ହୋଇ ରେ । ୯୮ । (୪୭ଶ ଛାନ୍ଦ)

ତହୁଁ ଏହାର ଦୃଷ୍ଟାନ୍ତସ୍ୱରୂପ ଦେଇ କଣଦଣ୍ଡକରେ ଗୁନ୍ଥିଲ୍ଲିନ୍ତି —

ଅଙ୍କୁରି କଥାଏ ଯଥା ଏକ ନାମ ଅଶ୍ୱିନୀକୁମାର ଦୁଇ
ସେହି ପ୍ରକାରେ ତା ମୋର ଏକପ୍ରାଣ କେବଳ ଯୁଗଳ ଦେଖା ଯେ
ଯେତେବେଳେ ମୋର ପ୍ରାଣ ଯିବ, ତାଙ୍କ ଦେହେ ସମ୍ଭାଇବ ।

ପ୍ରେମିକ ପ୍ରେମିକାଙ୍କ ଆଦର୍ଶ ଦାମ୍ପତ୍ୟ ଜୀବନର ଏକ ସୁନ୍ଦର ଚିତ୍ର ଲାବଣ୍ୟବତୀରେ ଦେଇଛନ୍ତି —

ପ୍ରାଣକୁ ଯେ ସ୍ମରଣ କରନ୍ତି ଦୁହେଁ ଦୁହିଁଙ୍କର ନାମ,
ମୁଖ କରେଥିଲି ଅଶ୍ରୁ ଦେଖନ୍ତି ଦେହପଞ୍ଚ ଏଡ଼େ ପ୍ରେମ । ୧୬ ।
ବାହେନ୍ତି ଦେଖିଲୁ ପଳକ ଅଧାକୁ ଯୁଗକ ହେବାକୁ ଅଙ୍ଗେ,
ଘଡ଼ି ଦେହେ ନାହିଁ ଛାଡ଼ି ବସନକୁ ଆଲିଙ୍ଗନ ଆନନ୍ଦରେ । ୧୭ ।
(୩୬ଶ ଛାନ୍ଦ)

କବି ଦାମ୍ପତ୍ୟ ଜୀବନରେ ଏକପତି ଏକପତ୍ନୀ ବ୍ରତକୁ ଆଦର୍ଶ ବୋଲି ପ୍ରକଟ କରିଛନ୍ତି; ଏଥିରେ ସମାଜରେ ବହୁବିବାହ ପ୍ରଥାର ସ୍ଥାନ ନାହିଁ ; ରସିକ ଜନଙ୍କୁ ସମ୍ବୋଧନକରି କବି କହୁଛନ୍ତି —

ଯିଏ ଥିଲା ଏତ ଉତ୍ତମ ନାରୀ ଯେ କଲେ ନିୟମ
ଏକପତି ଏକପତ୍ନୀ ବ୍ରତ,
ଜଗତେ ସେହି ଉତ୍ତମ ସାଧୁଙ୍କ ସୁଖ ସମ୍ପତ୍ତି
ମଧୁର ଅମୃତ ଆସ୍ୱାଦନ ସେ
ତାଙ୍କ ପାଦ । ମସ୍ତା ଶରଦ୍ଦ ଦାଣ କରେ,

ତରେଣି ଚନ୍ଦ୍ର ଜିତଇନ୍ଦୁ     ଭଞ୍ଜ ଉପମ-ଅଭେଦ
କହେ ରସିକ ଜନଙ୍କ ଯୁକ୍ତେ ବେଶ । ୨୦ ।
(ଲ: ବ:— ୮ଶ ଛାନ୍ଦ)

ଉପେନ୍ଦ୍ର ବୈଧିପ୍ରେମର ଉପାସକ ଓ ଶ୍ରେଷ୍ଠ କବି ।

ଦାମ୍ପତ୍ୟ ଜୀବନରେ ନାରୀର ପ୍ରାଧାନ୍ୟର ସୂଚନା ଦେଇ କବି ଲାବଣ୍ୟବତୀରେ ବ୍ୟକ୍ତ କରିଛନ୍ତି

ଦେହୁ ଉପରେ ମନ     ପ୍ରାଣୁ ପ୍ରମାଣ ଧନ
ମନର ପ୍ରାଣୁ ପ୍ରୀତି ରେ,
ପ୍ରୀତିର ପ୍ରାଣୁ ନାରୀ     ତାକୁ ପୁଣି ସଂସାରୀ
କେଉଁ ଧନକୁ ଧୃତି ରେ ।
ତ୍ରାଣେନ୍ଦ୍ର, ପୁଣି ଅପରେ ମୂର୍ଖରେ,
ମନକୁ ଅନୁରୂପେ     ଯୁବତୀ ମିଳେ ତପେ
ଏଥୁ ଦୃଷ୍ଟି ଗ କରୁ ଦେଖ । ୧୮ । (୪୭ଶ ଛାନ୍ଦ)

ଦାମ୍ପତ୍ୟ ଜୀବନ ହିଁ ଉପେନ୍ଦ୍ରଙ୍କ ମୁଖ୍ୟ ବର୍ଣ୍ଣନୀୟବସ୍ତୁ । ଏହି ପ୍ରକାର ବିଷୟକୁ କେନ୍ଦ୍ର କରି ଅନେକ କବି ଏକାଧିକ ଛନ୍ଦକୋଷୀର କାବ୍ୟ ରଚନା କରିବା କ୍ଷେତ୍ରରେ ଉପେନ୍ଦ୍ର ହିଁ ଶ୍ରେଷ୍ଠତମ । ସେହି ଏକାଧିକ ଛନ୍ଦକୋଷୀର କାବ୍ୟ ରଚନା କରିବା କ୍ଷେତ୍ରରେ ମଧ୍ୟ ଶ୍ରେଷ୍ଠ । ଉପେନ୍ଦ୍ର ଦାମ୍ପତ୍ୟପ୍ରେମର ଶ୍ରେଷ୍ଠକବି ।

ଶୃଙ୍ଗାର ରସ—ହିଁ ତାଙ୍କର କାଲ୍ପନିକ କାବ୍ୟମାନଙ୍କୁ ଶୃଙ୍ଗାରରସପ୍ଳାବିତ କରିଛନ୍ତି । ଏହି କାବ୍ୟମାନଙ୍କରେ ଯୌବନ, କାମକଳାପ, ବେଶକଳା ପ୍ରଭୃତିରେ ଅଳଙ୍କାରର ପ୍ରାଧାନ୍ୟ ଥିବାରୁ ଅନ୍ୟ ରସମାନଙ୍କର ଅଭିବ୍ୟକ୍ତି ସେତେ ପ୍ରକାଶ ପାଇ ନାହିଁ । ତଥାପି ଅଙ୍ଗୀରସ ବ୍ୟତୀତ ଅନ୍ୟାନ୍ୟ ରସକୁ ମଧ୍ୟ ଉଚିତରେ ସ୍ଥାନ ଦେଇଛନ୍ତି । କରୁଣ, ରୌଦ୍ର, ବୀଭତ୍ସ, ଅଦ୍ଭୁତ ଓ ବାତ୍ସଲ୍ୟ ପ୍ରଭୃତି ରସର ପ୍ରକାଶ ମଧ୍ୟ ହୋଇଛି ।

ଆତ୍ମ ପରିଚୟ—କବି ସ୍ୱକୃତମାନଙ୍କରେ ବହୁଳ ସ୍ଥାନରେ ତାଙ୍କର ପରିଚୟ ସଙ୍କେତରେ ପ୍ରଦାନ କରିଛନ୍ତି । ତାଙ୍କ ଜୀବନୀ ଗ୍ରନ୍ଥରେ ବର୍ତ୍ତମାନ ଯେଉଁଥିରୁ ଲିପିବଦ୍ଧ ହୋଇଛି, ସେଥିମଧ୍ୟରୁ କବିଙ୍କ ପ୍ରତିଭା ତଥା ବ୍ୟକ୍ତିଗତ ଅନ୍ୟ ସବୁ ଲେଖାରୁ ଅଧିକାଂଶ ନିର୍ଭରଯୋଗ୍ୟ ସୂଚନା ମିଳୁଛି । ଆତ୍ମ-ପରିଚୟ ଦ୍ୱାରା କବି ସ୍ୱଗ୍ରନ୍ଥକୁ ଜୀବନୀ ଲିପିବଦ୍ଧ ସମ୍ପନ୍ନ କରିବା ପାଇଁ ଭବିଷ୍ୟତ ଗବେଷକ ଓ ସାହିତ୍ୟପ୍ରେମୀମାନଙ୍କୁ ବିଶେଷ ସୁବିଧା ଦାନ କରିଛନ୍ତି ।

ଆତ୍ମପରିଚୟ ପ୍ରସଙ୍ଗରେ କବି ସ୍ୱକୃତମାନଙ୍କର ପ୍ରଶଂସା କରିଥିବା ଦେଖାଯାଏ । ତାଙ୍କର ଆତ୍ମପ୍ରଶଂସା ଦାମ୍ଭିକତା ନୁହେଁ, ଏହା ତାଙ୍କର କବିଶିଳ୍ପର ପ୍ରକୃତ ପରିଚୟ ମାତ୍ର ।

ଅପୂର୍ବ ବର୍ଣ୍ଣନାଶୈଳୀ—କବି ବସ୍ତୁବର୍ଣ୍ଣନର ସ୍ଥାନରେ ଯଥାଯଥ ସ୍ଥଳରେ ସମ ରକ୍ଷାକରିଛନ୍ତି । ବିଭିନ୍ନ କାବ୍ୟମାନଙ୍କରେ ମହାକାବ୍ୟର ବିଧାନ ଅନୁସାରେ ନମସ୍କାର, ସାଧୁପ୍ରଶଂସା ଖଳନିନ୍ଦା ପରେ ନାୟକର ଜନ୍ମ ବୃତ୍ତାନ୍ତ ପ୍ରଥମେ ବର୍ଣ୍ଣନା କରି ପରେ ନାୟିକାର ଜନ୍ମାଦି ବର୍ଣ୍ଣନା କରିଛନ୍ତି । କାବ୍ୟରେ ନାୟିକାମାନଙ୍କୁ ମୂଲ୍ୟବାନ ଦେଖାଇବାକୁ କବିତା-ପ୍ରସଙ୍ଗ ଅପେକ୍ଷାକୃତ ବିଶେଷ ସ୍ଥାନ ଅଧିକାର କରିଛି ।

ରୂପବର୍ଣ୍ଣନା ବର୍ଣ୍ଣନାରେ କବି 'ଶରମାତ୍ରା' ଉଲ୍ଲଂଘନ କରିଛନ୍ତି । ତଥାପି, ସଂସ୍କୃତ ଯୁଗ ଏହାକୁ ସମର୍ଥନ କରୁଛି । ପ୍ରାକୃତିକ ଦୃଶ୍ୟ, ନାୟିକାର ରୂପଗୁଣ, ନଗରାଦିର ବର୍ଣ୍ଣନାରେ ସ୍ୱାଭାବିକତା, ତଥା ଶ୍ଳେଷୋକ୍ତି, ଚମତ୍କାରିତା, ପ୍ରକାଶଭଙ୍ଗୀ ପ୍ରଭୃତି ବିଶେଷ ଭାବରେ ପ୍ରକାଶ ପାଇଛି । ଉପେନ୍ଦ୍ର ଓଡ଼ିଆ ସାହିତ୍ୟ ଜଗତର ସର୍ବଶ୍ରେଷ୍ଠ କବିଶିଳ୍ପୀ ।

ପ୍ରାଚୀନ ଯୁଗରେ ନାଟକୀୟ ଢଙ୍ଗର ପ୍ରୟୋଗ ଉପେନ୍ଦ୍ରଭଞ୍ଜଙ୍କୁ ଅମର କରିପାରିଛି । କବିଙ୍କ କଳ୍ପନାବିଳାସର ବୈଚିତ୍ର୍ୟ ତାଙ୍କ କାବ୍ୟମାନଙ୍କୁ ବୈଶିଷ୍ଟ୍ୟ ପ୍ରଦାନ କରିଛି । ଏହି କଳ୍ପନାବିଳାସୀ କବିଭୂପତିଙ୍କ ଉପେନ୍ଦ୍ର ସାହିତ୍ୟ ଜଗତରେ ଅଦ୍ୱିତୀୟ ।

କବି ଷଡ଼ଋତୁର ଅଭିଜ୍ଞ ପ୍ରାକୃତ କବି ।

ବର୍ଣ୍ଣନାବାହୁଲ୍ୟ ଅଳଙ୍କାରବାହୁଲ୍ୟ ଓ ଶବ୍ଦଝଙ୍କାର ସମ୍ବନ୍ଧରେ କାର୍ଯ୍ୟକାରୀ ହୋଇଥିବାରୁ କୃତିଗୁଡ଼ିକ ପ୍ରାଣବନ୍ତ ହୋଇଛି ।

ଉପେନ୍ଦ୍ରଙ୍କ ପ୍ରତ୍ୟେକ ବର୍ଣ୍ଣନା ଶ୍ଳେଷମୟ । ସେ ଶ୍ଳେଷର ପ୍ରଧାନ ଉପାସକ । ସୌନ୍ଦର୍ଯ୍ୟକୁ କବି ଶ୍ଳେଷକୁ ହିଁ ଦିବ୍ୟ ଚକ୍ଷୁରେ ଦେଖିଥିଲେ ।

କବିଙ୍କ ଅପୂର୍ବ ପାଣ୍ଡିତ୍ୟ, ଅନୁଭବ, ରଚନାଶୈଳୀ ତାଙ୍କ କୃତି-ଗୁଡ଼ିକୁ ରସମାଧୁର୍ଯ୍ୟାଧାର କରି ପାରିଛି ।

କବି ଅନ୍ତର୍ଜଗତ ଓ ବହିର୍ଜଗତର ସୌନ୍ଦର୍ଯ୍ୟକୁ ଅତି ସୁନ୍ଦର ଭାବରେ ଚିତ୍ରଣ କରି ପାରିଛନ୍ତି । ଶୈଳ, ବନ, ନଦୀ, ସରୋବର ଓ ଋତୁ ପ୍ରଭୃତି ପ୍ରାକୃତିକ ଦୃଶ୍ୟର ଶୋଭା ବର୍ଣ୍ଣନା ଯେପରି ଭବ୍ୟ ହୋଇଛି, ପାତ୍ରପାତ୍ରୀ-ମାନଙ୍କର ଚରିତ୍ରଚିତ୍ରଣରେ ସମବେଦନା, ଅନ୍ତର୍ଦ୍ୱନ୍ଦ୍ୱର ସଙ୍କଳ୍ପ, ଦେହାଦି ସଜ୍ଜାଭୂଷଣାବଳୀର ବର୍ଣ୍ଣନା ସେହିପରି ସୁନ୍ଦର ଓ ନିର୍ମଳ ହୋଇଛି । ଆଦର୍ଶ ଚରିତ୍ର, ଆଦର୍ଶ ଦୃଶ୍ୟ ଓ ଆଦର୍ଶ ବର୍ଣ୍ଣନାରେ ପ୍ରତିଫଳିତ ହୋଇ ଜନମନ ହରଣ କରୁଛି, ଏଥିରେ ସନ୍ଦେହର ଅବକାଶ ନାହିଁ । କବିଙ୍କର ସୌନ୍ଦର୍ଯ୍ୟବୋଧ ଅସାଧାରଣ । ତାଙ୍କର ସୁନ୍ଦର ସୃଷ୍ଟି ସୁନ୍ଦର ଉପାସକର ପରମ ଆଦରର ସାମଗ୍ରୀ ।

ବର୍ଣ୍ଣନାର ସୂକ୍ଷ୍ମତା ଓ 'ଅତିମାତ୍ରା' ଅବାସ୍ତବତାର ଅନୁଭବ ସୃଷ୍ଟି କରୁଥିଲେ ମଧ୍ୟ କବି ଆଦର୍ଶ ସୌନ୍ଦର୍ଯ୍ୟର ରୂପରେଖର ଲକ୍ଷ୍ୟ ରଖିଥିଲେ । ଆଦର୍ଶ ସୁନ୍ଦର ନଗର, ରାଜା, ପ୍ରଜା, କୁମାର, କୁମାରୀ, ନଦୀ, ବନ, ଶୈଳ, ଋତୁ ପ୍ରଭୃତିର ଚିତ୍ରଣ ତାଙ୍କର ଲକ୍ଷ୍ୟ ।

କାବ୍ୟକବିତା କୋଣାର୍କ—ଉପେନ୍ଦ୍ରଙ୍କ କାବ୍ୟ କବିତା ସାହିତ୍ୟ କ୍ଷେତ୍ରରେ କୋଣାର୍କ ସ୍ୱରୂପ—ପ୍ରତ୍ୟେକ ଅଂଶ ଶିଳ୍ପମୟ, ଛନ୍ଦୋମୟ । କୋଣାର୍କରେ ପ୍ରସ୍ତରଗାତ୍ରରେ ଯେପରି ଅତି ସୂକ୍ଷ୍ମାତିସୂକ୍ଷ୍ମ ଭାବର ରମଣୀୟ ରୂପ ଫୁଟି ଉଠିଛି ସମସ୍ତ ମଧୁରିମା ଶୋଭାର ଆକର ହୋଇ ପାରିଛି

ଉପେନ୍ଦ୍ରଙ୍କ ଲେଖନୀରେ ନୃତ୍ୟାଭିନୟ ବସନ୍ତ ନଖ ଯେପରି ମନୋଜ୍ଞ ରୂପ-ଲାଭ କରିଛି ଏବଂ ସମସ୍ତ ଭାବାବଳୀକୁ ଶୋଭାର ଆକର କରି ପାରିଛି ।

ଉପେନ୍ଦ୍ରଙ୍କ ଭାବାଭିବ୍ୟଞ୍ଜନା ଅତୁଳନୀୟ । ସେ ଯେଉଁ ଭାବ-ନାୟିକା ସୃଷ୍ଟି କରି ଯାଇଛନ୍ତି ତାହାର ଶୋଭା ଅତୁଳନୀୟ । ଏପରି ଶୋଭା 'ନାହିଁ, ନଥିଲା, ନୋହିବ' ।

ଉପେନ୍ଦ୍ର ଭଞ୍ଜ କାବ୍ୟକବିତାରେ ଧ୍ୱନ୍ୟାତ୍ମକ, ବ୍ୟଙ୍ଗାତ୍ମକ, ଅର୍ଥାଳଙ୍କାରଯୁକ୍ତ, ଶବ୍ଦାଳଙ୍କାରଯୁକ୍ତ କାବ୍ୟର ସବୁ ଲକ୍ଷଣ ସମ୍ୟକ୍ ଭାବରେ ସନ୍ନିବେଶିତ ହୋଇଥିବାରୁ ସବୁ ଶ୍ରେଣୀର ଆଳଙ୍କାରିକମାନଙ୍କର ସନ୍ତୋଷବିଧାନ କରିପାରୁଛି ଏବଂ ଏଗୁଡ଼ିକୁ ଉତ୍କୃଷ୍ଟ ଶ୍ରେଣୀରେ ସ୍ଥାନ ଦେଉଛି । ଏହି ସବୁ ସଦ୍‌ଗୁଣ ଉପେନ୍ଦ୍ରଙ୍କ ରଚନାକୁ ଅନିର୍ବଚନୀୟ ସୌନ୍ଦର୍ଯ୍ୟର ଅଧିକାରୀ କରି ପାରିଛି । କବି କୃତିମାନଙ୍କରେ ଧ୍ୱନି, ରୂପକ, ଯମକ, ଅନୁପ୍ରାସ, ବିରୋଧ, ଶ୍ଳେଷ ପ୍ରଭୃତି ଅଳଙ୍କାର ଯଥାଯଥ ଭାବରେ ସ୍ଥାନ ପାଇଥିବା ବ୍ୟକ୍ତ କରିଛନ୍ତି ଏବଂ ଏଥିଦ୍ୱାରା ତାଙ୍କର କୃତିଗୁଡ଼ିକ ଅତୀବ ରମଣୀୟ ହୋଇ ପାରିଛି ।

ନାୟକନାୟିକାଭେଦ, ସଖୀସଖା, ଦୂତଦୂତୀ ପ୍ରଭୃତିଙ୍କର କଥୋପକଥନରେ ଉକ୍ତି (ବକ୍ରୋକ୍ତି), ବ୍ୟଙ୍ଗୋକ୍ତି ଭଣିତାର ଚମତ୍କାର ସନ୍ନିବେଶ ଏଗୁଡ଼ିକୁ ରସମୟ କରିଛି । ଲକ୍ଷଣା ଓ ବ୍ୟଞ୍ଜନା ରଚନାମାନଙ୍କୁ ଗୌରବମଣ୍ଡିତ କରିଛି ।

ଉପେନ୍ଦ୍ରଙ୍କ କାବ୍ୟମାନଙ୍କରେ ଉତ୍କୃଷ୍ଟ କାବ୍ୟର ଆବଶ୍ୟକ ଲକ୍ଷଣ ସ୍ପଷ୍ଟ ଓ ପୂର୍ଣ୍ଣଭାବରେ ଲକ୍ଷିତ ଅଛି ଏବଂ ଏହି କାରଣରୁ ଏସବୁ ଜନମନୋହାରୀ ହୋଇ ପାରିଛି ।

ବୈଦେହୀଶ ବିଳାସ, କୋଟିବ୍ରହ୍ମାଣ୍ଡସୁନ୍ଦରୀ, ସୁଭଦ୍ରା ପରିଣୟ, ଲାବଣ୍ୟବତୀ, ଚିତ୍ରକାବ୍ୟ ବନ୍ଧୋଦୟ ପ୍ରଭୃତି କାବ୍ୟରେ ଅସାଧାରଣ ଭାଷା, ଶୈଳୀ, ବହୁଶାସ୍ତ୍ରଦର୍ଶିତାର ଉଚ୍ଚକୋଟୀର କାବ୍ୟଗୁଣ ସମଷ୍ଟି ଓ ସମ୍ୟକ୍ ଭାବର ପ୍ରକାଶ ପାଇଛି ଏବଂ ଏହି କାରଣରୁ କବିଙ୍କ କୃତିଗୁଡ଼ିକ ଅମର ଓ ଆଦରଣୀୟ ହୋଇ ରହିଛି ।

# ଦ୍ୱିତୀୟ ପରିଚ୍ଛେଦ

## ବିଶ୍ୱନାଥ ଖୁଣ୍ଟିଆ

ବିଶ୍ୱନାଥ ଖୁଣ୍ଟିଅଙ୍କ ବିଚିତ୍ର ରାମାୟଣ ଏକ ବହୁଜନାଦୃତ କାବ୍ୟ । ବିଭିନ୍ନ ରାଗରାଗିଣୀରେ ଗାନ କରି ଉଚିତ ହୋଇଥିବାରୁ ପାଲାଗାୟକ ଓ ନୃତ୍ୟକାରମାନଙ୍କଠାରେ ଏହା ଆଦର ଲାଭ କରିଛି । ସେ ଓଡ଼ିଆ ରାମ-ସାହିତ୍ୟ କ୍ଷେତ୍ରରେ ବିଶିଷ୍ଟ ସ୍ଥାନ ଅଧିକାର କରି ଜନପ୍ରିୟ ହୋଇ ପାରିଛନ୍ତି । ସରଳ ସୁନ୍ଦର ଭାବ, ଭାଷା, ପ୍ରକାଶଭଙ୍ଗୀ ଓ ରାଗରାଗିଣୀର ବୈଚିତ୍ର୍ୟ ଏହି ଜନପ୍ରିୟତାର କାରଣ ।

କବି ଖୋର୍ଦ୍ଧା ରାଜା ଦିବ୍ୟସିଂହ ଦେବଙ୍କ ରାଜତ୍ୱ ସମୟରେ ବିଚିତ୍ର ରାମାୟଣ ରଚନା କରିଥିବା ହେତୁ । କବି ରାଜା ଦିବ୍ୟସିଂହଙ୍କ ନାମ ପ୍ରଥମ ଛାନ୍ଦରେ ଉଲ୍ଲେଖ କରିଛନ୍ତି ।

ଉତ୍କଳରେ ଦକ୍ଷିଣ ଦିଗ୍ୱା ଭେଟ ଯାଗ ରତ୍ନସିଂହାସନେ ବସେ,
ଶ୍ରୀ ଦିବ୍ୟସିଂହ ରାଜପଣ୍ଡା ଶ୍ରୀ ଜଗନ୍ନାଥ ଶ୍ରୀଚରଣେ ଭଜେ ।
(୧ମ ଛାନ୍ଦ)

କବି ବିଶ୍ୱନାଥ ଦୀନକୃଷ୍ଣ, ଲୋକନାଥ, ଭୂପେନ୍ଦ୍ରଙ୍କ ସମସାମୟିକ । ଦିବ୍ୟସିଂହଙ୍କ ସମୟରେ ଏହି କବିମାନେ ଜଗନ୍ନାଥଙ୍କ ମାହାତ୍ମ୍ୟ ପ୍ରଚାର କରିବା ପାଇଁ ଜଗନ୍ନାଥ ଚରିତ ସମ୍ପର୍କୀୟ କାବ୍ୟକବିତା ଲେଖିଥିଲେ । ଦିବ୍ୟସିଂହଙ୍କ ଉତ୍ସାହବର୍ଦ୍ଧନରେ ଏମାନେ ଅନେକ ଗ୍ରନ୍ଥ ଲେଖିଥିବା ହେତୁ ।

ଦୀନକୃଷ୍ଣ 'ଜଗମୋହନ ଛାନ୍ଦ', ଲୋକନାଥ 'ନୀଳାଦ୍ରି ମହୋଦୟ' ଓ ଭୂପେନ୍ଦ୍ର 'ପୁରୁଷୋତ୍ତମ ମାହାତ୍ମ୍ୟ' ଲେଖିଥିଲେ । ବିଶ୍ୱନାଥ ଏହି ମାହାତ୍ମ୍ୟ

ଭକ୍ତିର ପାଇଁ 'ବିଚିତ୍ର ରାମାୟଣ' ରଚନା କରିଥିଲେ । ଜଗନ୍ନାଥ ଅବତାରୀ; ଜଗନ୍ନାଥଙ୍କ ରାମାବତାର ସମ୍ବନ୍ଧରେ ବିଶ୍ୱନାଥ ଜଣେ ପରମ ଭକ୍ତ ଥିଲେ । ନୀଳାଦ୍ରିରେ ବିଶ୍ୱନାଥ ଜଗନ୍ନାଥଙ୍କ ମୂର୍ତ୍ତିରୁ ଯାହା ସମସ୍ତରେ ଜଗନ୍ନାଥ ତା ରାମଙ୍କୁ ଦର୍ଶନ କରନ୍ତି । ଏହି ଦକ୍ଷିଣ-ମୂର୍ତ୍ତି ଦର୍ଶନ ସମସ୍ତ ଶ୍ରୀରାମଭକ୍ତଙ୍କ ପକ୍ଷରେ ବଡ଼ ସତ୍ୟ । ବିଶ୍ୱନାଥ ରାମାୟଣରେ ଜଗନ୍ନାଥଙ୍କ ମୂର୍ତ୍ତିରୁ ଯାହା', ବଶିଷ୍ଠଙ୍କ ଦକ୍ଷିଣ ମୂର୍ତ୍ତି ଦର୍ଶନ, ବାଲ୍ମୀକି ପରେ ଜଗନ୍ନାଥ ମନ୍ଦିରରେ ଲକ୍ଷ୍ମୀନାରାୟଣ ଭେଟ ଏହାର ଅବତାରଣା କରିଛନ୍ତି । ଜଗନ୍ନାଥ ଲକ୍ଷ୍ମୀଙ୍କୁ ସ୍ୱପ୍ନରେ ରାଣୀ ପ୍ରବେଶପତ୍ର କରିଥିଲେ । ପରେ ପ୍ରତ୍ୟକ୍ଷଦର୍ଶନ କରିବାରୁ ଲକ୍ଷ୍ମୀନାରାୟଣଙ୍କ ଭେଟ ହେଲା ଓ ବିବାହ ସୁନ୍ଦିଲା । ରାମ ଜଗନ୍ନାଥ, ଓ ସୀତା ଲକ୍ଷ୍ମୀଙ୍କୁ ଦକ୍ଷିଣ ମହୋଦଧିର ରାଜା । ବିଶ୍ୱନାଥ ଦକ୍ଷିଣ ମହୋଦଧି କୂଳେ ଅବସ୍ଥିତ ମର୍ତ୍ତ୍ୟ ବୈକୁଣ୍ଠ ନୀଳାଚଳ ଧାମରେ ଜଗନ୍ନାଥରୂପୀ ରାମ ଓ ସୀତାଙ୍କୁ ଦର୍ଶନ କରି ପରମ ଆନନ୍ଦ ଲାଭ କରିଥିଲେ । ଏହା ମୂର୍ତ୍ତି ସ୍ଥଳରେ ଛନ୍ଦ ଆରମ୍ଭ କରି ମୂର୍ତ୍ତି ସ୍ଥଳରେ ଶେଷ କରିଥିବା ଅନୁମାନ କରାଯାଇ ପାରେ । ଅର୍ଥାତ୍, ସେ ଲକ୍ଷ୍ମୀନାରାୟଣ ଭେଟରେ ଆରମ୍ଭ କରି ଲକ୍ଷ୍ମୀନାରାୟଣ ଭେଟରେ ଶେଷ କରିଛନ୍ତି ।

ଶ୍ରୀ ଜଗନ୍ନାଥ ଦକ୍ଷିଣ ଦର୍ଶନପାଇଁ ମୂର୍ତ୍ତିଙ୍କୁ ଘେରି ଚଳନ୍ତି,
ଦେଖି ନାରଦର ସନ୍ତୋଷ ଅନ୍ତର ଭରୁଥାନ୍ତି ଜୟ ଜୟ ।

ରତ୍ନ କୁଣ୍ଡଳ ମୁକୁଟ ବାହୁବଳୟ ଶିରଚୂଳ କଣ୍ଠମାଳ,
ହୃଦୟ ଧୂଳି ପଦ୍ମ ଦେଖି ତହିଁ ପଦ୍ମମାଳ ଶୋଭିଗଲ ।

ହେମ ଶ୍ରୀ ଅଙ୍ଗରେ ହେମ ଯେ ଭୂଷଣରେ ଶୋଭିଛି ହେମ ଆଭୂଷଣ,
ଦେଖଣ ଦକ୍ଷିଣ ଦର୍ଶନକୁ ଚାହିଁଥାନ୍ତି ବିଶ୍ୱନାଥ ।

ସିଂହଦ୍ୱାରର ଦୁଇ ପାର୍ଶ୍ୱରୁ ଲକ୍ଷ୍ମୀ କରନ୍ତେ କମଳ ଭେଟ,
ସେହି ସମୟରେ ଜନ ସମୁଦ୍ରର ଫାଟିଲା ମୁଦ କବାଟ ।

ଠାକୁର ଠାକୁରାଣୀ ଚନ୍ଦ୍ର ଆଲୋକ ଦୂର୍ବାକ୍ଷତ ବନ୍ଦାପନ,
ଜୟଧ୍ୱନି ଜଗତରେ ସେ କରନ୍ତି ସଜ୍ଜନମାନ ।

କଣ୍ଠ ବଳସ୍ତ ଦ୍ୱାରେ ଦ୍ୱାର ବଳସ୍ତ ଜପାଃ ପଢ଼ିବା ମନ୍ତ୍ର;
ଅନେକମଙ୍ଗଳ ପ୍ରବୋଧେଣ ପ୍ରିୟାଙ୍କୁ କହିଲେ କମଳଢ଼ୋଲା ।
ତତକ୍ଷଣେ ଶଙ୍ଖ-ପ୍ରିୟା-ଭେଟ ସାର ରତ୍ନ ସିଂହାସନେ ବସେ,
ଶ୍ରୀ ଦିବ୍ୟସିଂହ ଗଜପତି ଶ୍ରୀ ଜଗନ୍ନାଥ ଚରଣେ ଭଜେ ।

( ଆଦ୍ୟକାଣ୍ଡ—୧ମ ଛାନ୍ଦ )

ଅତେବ ବାସ୍ତୁଦ୍ୱାର ଦେଶତ ଓଳରେ ଲକ୍ଷ୍ମୀନାଥଙ୍କ ଭେଟ ସମୟରେ ଶ୍ରୀ ଦିବ୍ୟସିଂହ ଗଜପତି ଉପସ୍ଥିତ ହେବାର ସୂଚନା ଏହି ଦେଉଥିବାରୁ କବି ସ୍ୱୟଂ ସେଠାରେ ଉପସ୍ଥିତ ଥିଲେ ଏବଂ ସେ ଆନନ୍ଦରେ ସ୍ୱର୍ଗୀ ହୋଇଥିଲେ ବୋଲି ଅନୁମାନ କରାଯାଏ । କବି ସମସାମୟିକ ଲୋକନାଥ ବିଦ୍ୟାଧର ଓ ଉପେନ୍ଦ୍ର ଭଞ୍ଜଙ୍କ ଲୋକାବଳୀ ସନ୍ନିକ ପରିଚିତ ହୋଇ ପାରିଥିବା ସ୍ପଷ୍ଟ ।

ଅଷ୍ଟାଦଶ ଶତାବ୍ଦୀର ଶେଷାର୍ଦ୍ଧ ରାଜା ଦିବ୍ୟସିଂହ ଦେବଙ୍କ ସମୟରେ କବି ଜୀବିତ ଥିଲେ । ବିଶେଷ ସ୍ଥାନମାନଙ୍କରେ ଉପେନ୍ଦ୍ର ଭଞ୍ଜଙ୍କ 'ଛାନ୍ଦଭୂଷଣ' ଓ ଦୀନକୃଷ୍ଣଙ୍କ 'ଗୁଣସାଗର'ର ବାଣୀ ଉଲ୍ଲେଖ ଥିବାରୁ ଶୈଳିକ କାବ୍ୟଟି ଏହି ଦୁଇଟି ଗ୍ରନ୍ଥ ପରେ ରଚିତ ହୋଇଥିବା ସ୍ପଷ୍ଟ । କବି ଅନ୍ୟାନ୍ୟ ଲେଖକ କବିଙ୍କ ରଚନାର ବାଣୀ ମଧ୍ୟ ଦେଇଛନ୍ତି । ଏଥିରୁ 'ଗୋପୀ ଭାଷଣ' ଚଉପଦୀଟି କବି ଶ୍ରୀକବିଙ୍କଦ୍ୱାରା ରଚିତ; କିନ୍ତୁ କବିଙ୍କ ସମୟ ଜଣାନାହିଁ । 'ଦ୍ୱାଦଶ ଚଉତିଶା' ନାମକ ଦୁଇଟି ଚଉତିଶା ଥିବା ଜଣାଯାଏ; ସେଗୁଡ଼ିକର କବି ଦୀନକୃଷ୍ଣ ଦାସ ଓ ଅନ୍ୟଟିର କବି ଭୂପତି ପଣ୍ଡିତ । ଉଭୟେ ବିଶ୍ୱନାଥଙ୍କ ସମସାମୟିକ ବା କିଛି ପୂର୍ବବର୍ତ୍ତୀ । ଦ୍ୱିତୀୟକାଣ୍ଡରେ 'ବକୁଳ ବାଣୀ'ର ନିର୍ଦ୍ଦେଶ ଦୀନକୃଷ୍ଣଙ୍କ 'ବକୁଳ ଚଉତିଶା'ର 'ବାଣୀ' ଅନୁସାରେ ହୋଇଥିବା ସମ୍ଭବ । 'ନରାବାସ ଚଉତିଶା'ର କବି କିଏ ଜଣା ପଡ଼ୁ ନ ଥିଲେ ମଧ୍ୟ ନରାବାସ ନାମକ ଜଣେ ଚୈତନ୍ୟଙ୍କ ସମସାମୟିକ ଭକ୍ତ ଥିବା ଈଶ୍ୱର ପୁରୀଙ୍କ ଶ୍ରୀ ଚୈତନ୍ୟ ଭାଗବତ ଗ୍ରନ୍ଥରୁ ଜଣାଯାଏ । ଏ ନରାବାସ ପଞ୍ଚସଖାଙ୍କର ମଧ୍ୟ ସମସାମୟିକ । ପୁରୀରେ ଚୈତନ୍ୟଙ୍କ ତିରୋଧାନ ହୋଇଥିଲା । ତାଙ୍କର

ନୃକେଶରୀ ପୁତ୍ର ଶ୍ରୀଜୈମିନିକ ସ୍ଥଳରେ ସମାବୃତ ହୋଇଥିଲା । ଏହାପରେ କଟେଶ୍ୱରଙ୍କ ବୈଷ୍ଣବ ମନ୍ତ୍ରୀଙ୍କୁ ରାଜା ପ୍ରତାପରୁଦ୍ର ବିଦାୟ ଦେଇଥିଲେ । ସ୍ଥାନରେ ପଞ୍ଚସଖାଦି ପ୍ରଭୃତି ବୈଷ୍ଣବ ଓ ମନ୍ତ୍ରୀ ରହିଲେ । ଏମାନଙ୍କ ଭିତରେ କହ୍ନାଦାସ ଅନ୍ୟତମ ।

ପଞ୍ଚସଖାଏ ଯେ ଭକତି, ରହିଲେ ପୁଣ ନୀଳଗିରି ।
ସଙ୍ଗତେ ବୈଷ୍ଣବ ଅନେକ, କୃପଣ ଅଟନ୍ତି ଶତେକ ।
ବୈଷ୍ଣବ ସଖ୍ୟ କଟେୟ କର, ମନ୍ତ୍ରୀ ମାନଙ୍କ ହୁକାର ।
ସୁମନ୍ତ ଅଚ୍ୟୁତ ଯେ ଦାସ, କହ୍ନାଦାସ ହୁକାର ପାଶ ।

(୬୫ ଅଧ୍ୟାୟ)

କିନ୍ତୁ କହ୍ନାଦାସଙ୍କ ସହ କହ୍ନାଦାସଙ୍କ ଚଇତନ୍ୟଙ୍କ ଭକ୍ତ ହୋଇ ଥାଆନ୍ତି, ତାହାହେଲେ ସେ ବଳରାମଙ୍କ ବହୁ ପୂର୍ବବର୍ତ୍ତୀ । ଏପରି ଅନୁମାନ ନାହିଁ ।

ବିଭିନ୍ନ ସମାଲୋଚକ ଉଲ୍ଲେଖ କରିଥିବା ଅନ୍ୟ ଭକ୍ତମାନଙ୍କର ବାଣୀ—

| | | |
|---|---|---|
| ୧ । ଗୁଣ ସାଗର ବାଣୀ— | ୧୮ ପଦ | ଅପ୍ରକାଶିତ |
| ୨ । ଚିନ୍ତାମଣି ଭଜନ ,, — | ୧୨ଟି ,, | ,, |
| ୩ । ଦୁନ ବଲ ,, — | ୩୦ଟି ,, | ,, |
| ୪ । ଚଉତିଶା ,, — | ୪୮ଟି ,, | ,, |
| ୫ । ଚଳଇ ରଥ ,, — | ୧୪ ,, | ଅସମ୍ପୂର୍ଣ୍ଣ |
| ୬ । କଳଶ ,, — | ୧୮ଟି ,, | ,, |
| ୭ । ମାନଧାତା ମଧୁପ ବୃତ୍ତି— | ୧୯ଟି ,, | ,, |
| ୮ । ଭକ୍ତଙ୍କ ଚଉପଦୀ ଭୂଷଣ ବୃତ୍ତି— | ୨ଟି ,, | ପ୍ରକାଶିତ |
| ୯ । ଜ୍ଞାନଚିନ୍ତା ବାଣୀ— | ୩ଟି ,, | ,, |
| ୧୦ । କୃଷ୍ଣମନୋହର ,, — | ୨୨ଟି ,, | ,, |
| ୧୧ । ମଥୁରା ବିଜୟ ବୃତ୍ତି— | ୨୭ଟି ,, | ,, |

| | | | |
|---|---|---|---|
| ୧୨ । | କଳସା ବାଣୀ | ୧୨ଶ ଛନ୍ଦ | ଭକ୍ତିସ୍ୱା |
| ୧୩ । | ଗୋପୀ ଜୀବନ ବୁଲି— (କେଦାର) | ୧୬ଶ ,, | ,, |
| ୧୪ । | ଶ୍ରୀ ସୁଖବତ ବୁଲି— | ୨୯ଶ ,, | ଆଲୋଚନ |
| ୧୫ । | ଅଙ୍କଣ ଚଉତିଶା ବାଣୀ— | ୪ର୍ଥ ,, | ଲୀଳା |
| ୧୬ । | ଚୋଟାଇ ମୁଣ୍ଡି ସୁ ବୁଲି— (କେଦାର ଗୌଡ଼ା) | ୬ଷ୍ଠ ,, | ,, |
| ୧୭ । | ନବଗ୍ରହ ଚଉତିଶା ବାଣୀ— (ସିନ୍ଧୁ କାମୋଦୀ) | ୮ମ ,, | ,, |
| ୧୮ । | ରୋଗ ବିଳାପ ବୁଲି — (ଚକ୍ରକେଳି) | ୨୨ଶ ,, | ,, |
| ୧୯ । | କୁମ୍ଭମେଳା ବୁଲି— | ୨୦ଶ ,, | ,, |
| ୨୦ । | ଖେଚଡ଼ ଗୀତା ୨ୟ ଛନ୍ଦ ବୁଲିରେ ଗାଇବ— | ୩୧ଶ ,, | ,, |
| ୨୧ । | ସନ୍ଧ୍ୟା ତୋଳି ବୁଲି ଗାଇବ— | ୩୪ଶ ,, | ,, |
| ୨୨ । | ଚୋଟାଇ ମୁଣ୍ଡି ସୁ ବଦଳ ବାଣୀ (ରଣ ଖଳେକ)- | ୪୦ଶ ,, | ,, |
| ୨୩ । | ଧର୍ମମନ୍ଦିର ବୋଲ ଚଉକେଳି ବାଣୀ— | ୪୧ଶ ,, | ,, |
| ୨୪ । | ମୂଷିକର ବାଣୀ— | ୨ୟ ,, | ହାସ୍ୟ |
| ୨୫ । | ବାଘୁଳ ବୁଲି — | ୯ମ ,, | ,, |

କବି ସାତକାଣ୍ଡ ରାମାୟଣ ଛନ୍ଦରେ ରଚନା କରିଥିବା ଦାବି କରିଛନ୍ତି ।

ନାଶ ସକଳ ଭକତି ଜଗନ୍ନାଥ ଦର୍ଶନେ,
ସାତକାଣ୍ଡ ରାମାୟଣ ବିଶ୍ୱନାଥ ମୁଁ ଭଣେ । (ଶେଷ ଛନ୍ଦ)

କବି ବିଚିତ୍ର ରାମାୟଣ ଆଦ୍ୟରେ କେବଳ ଶେଷ ଛାନ୍ଦରେ ନିଜର ପୂର୍ଣ୍ଣନାମ 'ବିଶ୍ୱନାଥ' ଲିପିବଦ୍ଧ କରିଛନ୍ତି । ଅନ୍ୟ ସବୁ ଛାନ୍ଦରେ 'ଖୁଣ୍ଟି', 'ଦୀନ ଖୁଣ୍ଟି' ଓ 'ଦୀନଦୁଃଖ ଖୁଣ୍ଟି' ଲେଖିଛନ୍ତି । କୌଣସିଠାରେ ଖୁଣ୍ଟିଆ ସାଙ୍ଗି ବ୍ୟବହାର କରିଥିବା ଜଣାପଡ଼ୁନାହିଁ । ପଣ୍ଡିତ ତାରିଣୀଚରଣ ରଥ ତାଙ୍କ 'ଉତ୍କଳ ସାହିତ୍ୟର ଇତିହାସ' (୧୯୧୬) ଗ୍ରନ୍ଥରେ ଲେଖିଛନ୍ତି—''କଟକର ତାଳସାହିର ପୁତ୍ର ଥିଲା । ତାହାଙ୍କର ନାମ ବିଶ୍ୱନାଥ ଦାସ । ସେ ପୁରୁଷୋତ୍ତମରେ ବିଶ୍ୱନାଥ ଖୁଣ୍ଟିଆ ନାମରେ ପରିଚିତ ଥିଲେ ।'' ଏହାକୁ ଅବଶ୍ୟ ଅମୃତଲ୍ଲୀ ରୂପରେ ନିର୍ଣ୍ଣୟ କରି ଭଲ ମନ୍ତବ୍ୟ ଲେଖିଛନ୍ତି ।

ବିଶ୍ୱନାଥ ସାଧାରଣତଃ ବିଶ୍ୱନାଥ ଖୁଣ୍ଟିଆ ନାମରେ ପରିଚିତ ହୋଇଛନ୍ତି । କବିଙ୍କ ବାସସ୍ଥାନ ପୁରୀ ବୋଲି ଜଣାପଡୁଥିଲେ ମଧ୍ୟ ଏ ସମ୍ବନ୍ଧରେ କୌଣସି ତଥ୍ୟ ମିଳୁନାହିଁ । କେବଳ, ସେ ଖୋର୍ଦ୍ଧା ରାଜା ଦିବ୍ୟସିଂହ ଦେବ ୧ମଙ୍କ ସମୟରେ ପୁରୀରେ ଜଗନ୍ନାଥଙ୍କ ଚନ୍ଦନଯାତ୍ରା ସମୟରେ ଉପସ୍ଥିତ ଥିବା ତାଙ୍କ ଭାଷ୍ୟରୁ ଜଣାପଡ଼ୁଛି । ଏହା ବ୍ୟତୀତ କବିଙ୍କ ସମ୍ବନ୍ଧରେ ଅନ୍ୟ କୌଣସି ତଥ୍ୟ ତାଙ୍କର ଛାନ୍ଦରୁ ବା ଅନ୍ୟମାନଙ୍କ ଲେଖାରୁ ମିଳୁନାହିଁ ।

ରଚନା କଳେବର—ବିଚିତ୍ର ରାମାୟଣ ସାଧାରଣତଃ 'ଖୁଣ୍ଟି ରାମାୟଣ' ନାମରେ ସର୍ବସାଧାରଣରେ ପରିଚିତ । କବି ଭଣିତାରେ ନିଜକୁ ଖୁଣ୍ଟି ବୋଲି ପ୍ରତ୍ୟେକ ଛାନ୍ଦରେ ପରିଚୟ ଦେଇଥିବାରୁ ଏହି କାବ୍ୟଟି କବିଙ୍କ ନାମ ସହିତ ଯୁକ୍ତ ହୋଇଅଛି । 'ବିଚିତ୍ର ରାମାୟଣ' ଓ 'ଖୁଣ୍ଟି ରାମାୟଣ' ଉଭୟ ନାମରେ ଗ୍ରନ୍ଥଟି ପରିଚିତ ହୋଇଛି ।

'ବିଚିତ୍ର ରାମାୟଣ'ର ପ୍ରତ୍ୟେକ ଛାନ୍ଦର ଶେଷରେ କବି ନିଜର ସଂକ୍ଷିପ୍ତ ଭାବେ ନାମକୁ ଭଣିତାରେ ଯୋଗ କରିଛନ୍ତି । ତେବେ, କେତେକ ପ୍ରାଚୀନ ଗ୍ରନ୍ଥରେ ବଶମ ନରେନ୍ଦ୍ର, ଦ୍ୱିଜ ସତ୍ୟନାଥ, କବି ଲକ୍ଷ୍ମଣ, ଗୋପୀ, ନାରଙ୍କ ରଚିତ କେତେଗୁଡ଼ିଏ ଛାନ୍ଦ ପ୍ରକ୍ଷିପ୍ତ ହୋଇଛି । ଏଥିରୁ ବଶମ ନରେନ୍ଦ୍ର, ଗୋପୀନାଥ ଓ ସତ୍ୟନାଥଙ୍କ ଛାନ୍ଦ ସଂଖ୍ୟା ବେଶି । ରାଜା ବଶମ ନରେନ୍ଦ୍ରଙ୍କ 'ରସକଳା' ଏକ ବହୁଜନାଦୃତ କାବ୍ୟ । ବିଚିତ୍ର ରାମାୟଣ

ନୃତ୍ୟ ଓ ଗୀତ ସହ ଯୋଡ଼ାଯାଇଥିବାରୁ ନୃତ୍ୟଗୀତରେ ପଣ୍ଡିତଙ୍କୁ ସନ୍ତୁଷ୍ଟ କରିବା ଉଦ୍ଦେଶ୍ୟରେ ଏପରି କରାଯାଇଥିବା ସମ୍ଭବ । କିନ୍ତୁ ଅଂଶ ନୂଆ ଯେବେଳେ ବେଶ ରାମାୟଣର କଥାବସ୍ତୁ ବା ନୃତ୍ୟଗୀତ ପ୍ରସଙ୍ଗରେ କୌଣସି ଗଡ଼ ଘଟିବ ନାହିଁ । ବର୍ତ୍ତମାନ ଏକ ମୁଦ୍ରିତ ସଂସ୍କରଣରେ ୨୮୯ଟି ଛାନ୍ଦ ଥିବା ଦେଖାଯାଉଛି, ଏଥିରୁ ୫୨ଟି ଛାନ୍ଦ ଅନ୍ୟ କବିମାନଙ୍କର । ବିଶ୍ୱନାଥଙ୍କ ରଚିତ ଛାନ୍ଦ ସଂଖ୍ୟା ୨୩୭ । ପ୍ରାଚୀନ ମୁଦ୍ରିତ ସଂସ୍କରଣମାନଙ୍କରେ କେବଳ ଏହାଙ୍କ ରଚିତ ଛାନ୍ଦଗୁଡ଼ିକ ଥିବା ଜଣାଯାଏ ।

ରାମ-ଚରିତର ମୁଖ୍ୟ ମୁଖ୍ୟ କଳାପୂର୍ଣ୍ଣ ଘଟଣା ଗୁଡ଼ିକ ଏଥିରେ କବି ବର୍ଣ୍ଣନା କରିଛନ୍ତି । ରାମାୟଣର କାଣ୍ଡମାନଙ୍କର ନାମାନୁସାରେ ଛାନ୍ଦ-ଗୁଚ୍ଛ ସଜ୍ଜିତ ହୋଇଛି । ପ୍ରତ୍ୟେକ କାଣ୍ଡର ଘଟଣା ସେହି ଗୁଚ୍ଛ ଭିତରେ ଦିଆଯାଇଛି ।

କବି ବିଶ୍ୱନାଥ ଖୁଣ୍ଟିଆ ପ୍ରତ୍ୟେକ ଛାନ୍ଦର ରାଗ ସହିତ ତାଳ ମଧ୍ୟ ନିର୍ଦ୍ଦେଶ କରିଛନ୍ତି । ବାଦ୍ୟ ଓ ନୃତ୍ୟସହ ଛାନ୍ଦ ଗାନ ହେବା ତାଙ୍କର ଲକ୍ଷ୍ୟ ଥିଲା । ବର୍ତ୍ତମାନ ମଧ୍ୟ ଓଡ଼ିଶାର ବହୁସ୍ଥାନରେ ଶ୍ରୀରାମ ନବମୀ ଉତ୍ସବ ଉପଲକ୍ଷେ ସମଗ୍ର ବିଚିତ୍ର ରାମାୟଣଟି ଛାନ୍ଦ, ବାଦ୍ୟ ଓ ନୃତ୍ୟସହ ରଙ୍ଗମଞ୍ଚ ଉପରେ ଅଭିନୀତ ହୋଇଥାଏ । କବିଙ୍କ ରଚିତ ରାମାୟଣ ବହୁ ଦିନରୁ ବହୁ ଜନାଦୃତ ନୃତ୍ୟରାମାୟଣ ବା ରାମଲୀଳାରୂପେ ସୁପରିଚିତ ହୋଇ ଆସୁଛି ।

ସମସ୍ତ ଆଦ୍ୟକାଣ୍ଡରେ ତାଳର ନିର୍ଦ୍ଦେଶ ନାହିଁ । ଅନ୍ୟାନ୍ୟ କାଣ୍ଡର ସବୁ ଛାନ୍ଦରେ ମଧ୍ୟ ତାଳ ଲିଖିତ ହୋଇ ନାହିଁ । କେତୋଟି ରାଗ ଓ ତାଳର ନାମ—

ରାଗ — ଅହମାଣୀ ତାଳ, ଯତିମାନ, ରଘୁସିଂହାବାଣୀ — 'ଦଣ୍ଡକ ଅରଣ୍ୟ ବାସ' ।

ରାଗ—କଳିଆଣ, ପଢ଼ିତାଳ, "ମାରୀଚ ମୁଖରୁ ଶୁଣି ।"
ରାଗ—ମୁଖାରୀ, ଏକତାଳ, "ହେମ ହରିଣୀ ଧରିବ ।"
ରାଗ—ମଧୁକେଦାର ପଢ଼ିତାଳ, "ଲକ୍ଷ୍ମଣ ଥାଅ ଜାନକୀ ପାଶ ।"

କବି ଜଗନ୍ନାଥ ଅଟ୍ଟୁଣୀ ରାମଙ୍କ ଚରିତ୍ର ଗାୟନ କରିବା ନିମନ୍ତେ ଉଦ୍‌ବୁଦ୍ଧ ହୋଇଲେ । ମହାକବି ମୁନି ବାଲ୍ମୀକି 'ଶତକୋଟି ଗ୍ରନ୍ଥସାର' ରାମଚରିତକୁ "ସୁଧାସାଗରୁ ଭୃଙ୍ଗ ଅଙ୍ଗ ଆଣନ୍ତେ ଯେସନ ନୀର" ନ୍ୟାୟରେ ରାମାୟଣ ରଚନା କଲେ । ଆନନ୍ଦ ମନରେ 'ମୂଳ ତତ୍ତ୍ୱଶାସ୍ତ୍ର' ଗ୍ରନ୍ଥ ରଚନା କଲେ ।

ସେ ରାମାୟଣ ଶତସ୍କନ୍ଧ କରିଣ ସ୍ୱର୍ଗେ ଇନ୍ଦ୍ରକୁ ପେଶିଲେ,
ଏବେ ଧରଣୀରେ ଉତ୍କଳ ଭାଷାରେ ଗୀତ କରିଣ ଗାଇଲେ । (୧ମ ଛାନ୍ଦ)

କବି ଏଠାରେ ନିଜ ରଚନାକୁ ଲକ୍ଷ୍ୟ କରିଛନ୍ତି । କବିଙ୍କର ପ୍ରାୟ ଦୁଇଶତ ବର୍ଷ ପୂର୍ବରୁ ଓଡ଼ିଆ ଭାଷାରେ କୃପାସିନ୍ଧୁ ବଳରାମ ଦାସଙ୍କ ଜଗମୋହନ ବା ଦାଣ୍ଡି ରାମାୟଣ ରଚିତ ହୋଇ ସାରିଥିଲା । ଏହି ରାମାୟଣ-ଟି ଓଡ଼ିଶାରେ ବହୁଜନପ୍ରିୟ ହୋଇଥିଲା । କିନ୍ତୁ ଷୋଡ଼ଶ ଶତାବ୍ଦୀରେ ଏହି ଚରିତ ଲେଖିବା ପ୍ରୟାସ ଧନଞ୍ଜୟଙ୍କଠାରୁ ବଳିଷ୍ଠ ଭାବରେ ଆରମ୍ଭ ହୋଇଛି । 'ରାମଚନ୍ଦ୍ର' ଆଦି କାବ୍ୟ ଏହି ପରିସର ମଧ୍ୟରେ ରଚିତ ହୋଇଛି । ସମସ୍ତ ରାମାୟଣ ଚରିତର ବହୁଳ ପ୍ରଚାର ଥିଲାବେଳେ ଏହା ଅତି କ୍ଷୁଦ୍ର ହୋଇଥିଲା । ବସ୍ତୁତ ପାଣ୍ଡିତ୍ୟପୂର୍ଣ୍ଣ କାବ୍ୟ ଓ ଗୌରବମଣ୍ଡିତ ରଚନା ଉପେନ୍ଦ୍ର ଭଞ୍ଜଙ୍କ ଦ୍ୱାରା ରଚିତ ହେଲା । ଉପେନ୍ଦ୍ର ଧନଞ୍ଜୟଙ୍କ ସମସାମୟିକ । 'ବୈଦେହୀଶବିଳାସ'ର ରଚନା ପରେ ବା ପୂର୍ବରୁ 'ବିଚିତ୍ରରାମାୟଣ' ରଚିତ ହୋଇଛି କହି ହେବ ନାହିଁ, ତେବେ ଉଭୟେ ସମକାଳୀନ । ରାଜା ଯଦ୍ୟପି 'ଧନଞ୍ଜୟଙ୍କଠାରୁ ପୃଷ୍ଠପୋଷକତା' ଲାଭକରିଥିବାରୁ ଉଭୟେ ରାଜାଙ୍କ ପ୍ରୋତ୍ସାହନରେ ଜଗନ୍ନାଥ, ରାମଚରିତ କାବ୍ୟ ରଚନା କରିଥିବା ଅନୁମାନ କରାଯାଇପାରେ ।

ବୈଦେହୀଶବିଳାସ ଏକ ପାଣ୍ଡିତ୍ୟପୂର୍ଣ୍ଣ କାବ୍ୟ, ଲୀଳା ପାଠ୍ୟ ଯୋଗ୍ୟ ନୁହେଁ । କିନ୍ତୁ ରାମାୟଣ ଗାନୋପଯୋଗୀ ଶୈଳୀରେ ରଚିତ ହୋଇଛି । ସମସ୍ତ ରାମଚରିତ ଏଥିରେ ଥିବାରୁ ଲୀଳା ପକ୍ଷରେ ଏହାର ଉପଯୋଗିତା ବିଶେଷ ଭାବରେ ବୃଦ୍ଧି ପାଇଛି । ଜନସାଧାରଣ ଓ ଲୀଳାସେବକ ଗୋଷ୍ଠୀମାନେ ସରଳ ସୁନ୍ଦର ଭାଷାରେ ରଚିତ ଏହି ରାମଲୀଳା 'ବିଚିତ୍ର ରାମାୟଣ'କୁ ବେଶି ଆଦର କରିଥିବା ଓ କରୁଥିବା ପ୍ରତ୍ୟକ୍ଷ ।

ବିଶ୍ୱନାଥଙ୍କ ପରେ ରାଜା ବିକ୍ରମ ନରେନ୍ଦ୍ର, ଅନଙ୍ଗ ନରେନ୍ଦ୍ର, ବୈଦ୍ୟ ସଦାଶିବ ଓ ରଘୁନାଥ ଦାସ ପ୍ରଭୃତି ରାମଲୀଳା ରଚନା କରିଛନ୍ତି । ବିଚିତ୍ର ରାମାୟଣ ଅପେକ୍ଷା ଏହି ଲୀଳାମାନଙ୍କରେ ଅଧିକ ଲୀଳା-ଉପଯୋଗୀ ଉପକରଣ ରହିଛି; ଏଗୁଡ଼ିକ ମଧ୍ୟରେ ଶ୍ରୋତାମଣ୍ଡଳୀଙ୍କୁ ଘନ ଘନ ସମ୍ବୋଧନ ଅନ୍ୟତମ ।

କବି ରାମଚରିତ ରଚନାରେ ଦୋଷ ନ ଦେଖି ଶ୍ରୀରାମଙ୍କ ଗୁଣ ଭକ୍ତି ଦେଖିବାକୁ ବୁଧଜନମାନଙ୍କୁ ନିବେଦନ କରିଛନ୍ତି, ଏଥିରୁ ତାଙ୍କର ଭକ୍ତ-ଜନୋଚିତ ଦୈନ୍ୟ ଓ ଗଭୀର ଶ୍ରୀରାମ ଭକ୍ତି ପ୍ରମାଣିତ ହେଉଛି ।

ହେ ବୁଧଜନ ନ ଦେଖ ମୋର ଦୋଷ ଶ୍ରୀରାମ ଭଜନ ଦେଖ,
କବିର ଦୋଷକୁ କ୍ଷମିବ କବର ନମାମି ହେ କବିଜନ ।

ବିଶ୍ୱନାଥ ବିଭିନ୍ନ ରସର ଗୀତ ରଚନାରେ ସ୍ୱତନ୍ତ୍ର ଭାଷା ପ୍ରୟୋଗ କରି ରଚନାଗୁଡ଼ିକୁ ରସାପ୍ଳୁତ ଓ ହୃଦ୍ୟ କରି ପାରିଛନ୍ତି । କାବ୍ୟର ବହୁଳାଂଶ ବିବରଣାତ୍ମକ ପଦ ହେଲେ ମଧ୍ୟ ସ୍ଥାନେ ସ୍ଥାନେ ସେ କବିତ୍ୱ ଶକ୍ତି ପ୍ରଦର୍ଶନ କରିଛନ୍ତି । ବିଭିନ୍ନ ରସର କବିତାରେ ରସୋପଯୋଗୀ ଭାଷା ବ୍ୟବହାର କରି କବିତାକୁ ମାଧୁର୍ଯ୍ୟପୂର୍ଣ୍ଣ କରିଛନ୍ତି ।

ରାମ ବନବାସ କରିବାକୁ ସ୍ଥିର କରିବାରୁ ମାତା କୌଶଲ୍ୟାଙ୍କ ହୃଦୟ କଷ୍ଟରେ ପୂର୍ଣ୍ଣ ହୋଇ ଯାଇଛି । ତେବେ ହୃଦୟର ଶୁଦ୍ଧ ପଣ୍ଡିତର ବଚନ ଯୋଗ୍ୟଁ କିନ୍ତୁ ଜନତାର ପ୍ରଶଂସା ବୃଦ୍ଧି କରି ନପାରି ସ୍ତୁତି କରିଛନ୍ତି ।

ନ ଯା ରାମ ନ ଯା ଧନ ତୁ ବନବାସ କରି ରେ
ଆରେ କୋଦଣ୍ଡ ଧନୁଧାରୀ ରେ
ତୁ ଯେବେ ବନକୁ ଯିବୁ ମୋ ଗଳେ ଦେଇ ଛୁରୀ ରେ । (ଘୋଷା)
(ଅଯୋଧ୍ୟାକାଣ୍ଡ)

କବିଙ୍କ ବିବରଣାତ୍ମକ ଗୀତଗୁଡ଼ିକରେ ଅପାର ମାଧୁର୍ଯ୍ୟ ଅଛି; ବର୍ଣ୍ଣନା ସମୟର ରସ ପ୍ରବାହ ଅବ୍ୟାହତ ।

ମିତ ଦେଲେ ଯାହା ନେଇ,
ରାମ ଦେଲେ ବାହୁଡ଼ାଇ
ବଟକ୍ଷୀରେ ଜଟା ସଜ କଲେ ରାମ ଯେଉଁଠାରେ ସେ ଦିନ ରହି ।
ପାନ କଲେ ଗଙ୍ଗା ବାରି,
ହୋଇଲେକ ଜଟାଧାରୀ
ଘୋର ବୃକ୍ଷ ଆ ତରୁମୂଳେ ଶୋଇଲେ କୁଶାଙ୍କୁର ଶଯ୍ୟା କରି ।
ଜାଗି ରହିଲେ ଲକ୍ଷ୍ମଣ,
ଧନୁରେ ଯୋଗାଇ ବାଣ
ଗୁହକର ମିତ୍ରପଣ ଭକ୍ତି ଦେଖି ହୋଇଲେ ଚୈତନ୍ୟ ଲକ୍ଷ୍ମଣ ।
ସୁମନ୍ତ୍ର ମେଲାଣି ହୋଇଲେ,
ରଥ ବାହୁଡ଼ାଇ ନେଲେ
ସେଠାରୁ ଶ୍ରୀରାମ ଲକ୍ଷ୍ମଣ ଜାନକୀ ପଦ୍ମରେ ବିଜେ କଲେ ।
ଭେଦି ଗହ୍ୱର ପଥ ଗଲେ,
ଦେଖିଲେ ଗଙ୍ଗା ନଦୀରେ
ବାସ୍ତବତଃ ଅବଟରେ ଭରଦ୍ୱାଜ ମୁନିଙ୍କ ମଠ ଦେଖିଲେ ।
(ଅଯୋଧ୍ୟାକାଣ୍ଡ)

ଦଣ୍ଡକବନବର୍ଣ୍ଣନା ବିବରଣାତ୍ମକ ହୋଇଛି । ଅନ୍ୟସ୍ଥଳରେ ବର୍ଣ୍ଣନା ଶେଷ ହୋଇଥିବାରୁ ପୁନରୁକ୍ତି ନ ମିଳିଲେ ମଧ୍ୟ ବନର ଧାରଣା ମନରେ ଜାଗ୍ରତ ହେଉଛି । କଳ୍ପନା ବଳରେ ଅଙ୍କିତ ହୋଇଁ କବିତା ରସବର୍ଣ୍ଣିକ ହୋଇପାରି ନ ଥିଲେ ମଧ୍ୟ ସଂଗତ ବର୍ଣ୍ଣନା ପ୍ରବାହରେ ସାହାଯ୍ୟ କରୁଛି ।

ଏଥୁ ଅନନ୍ତରେ ଦଣ୍ଡକବନାନ୍ତରେ ପ୍ରବେଶ ହୋଇଲେ ଶ୍ରୀରାମ
ଦଣ୍ଡକ ଅରଣ୍ୟେ ସୀତାଙ୍କୁ ଦେଖାନ୍ତି ଦେଖଣ ଭଲେ ତୃଣ ବାମ ।
ହେ ଜାନକି, ତୁମ୍ଭମାନେ ଦେଖ ଅନ୍ଧରାମ,
ପ୍ରତ୍ୟେକ ବୃକ୍ଷେ ଲତା ଅଛି ଅପ୍ରମିତା ନ ଅଛି ଶଙ୍କର ଅଗମ ।୧।

ଶୁକ ସ ସ୍ତ ସଙ୍ଗେ ଅଛନ୍ତି ବସ୍ତିଙ୍କେ ଗାଲ ଦେଇ ହୋ ନ ଶୁଣନ୍ତି
ବିହଙ୍ଗ ସଙ୍ଗରେ କ୍ରୀଡ଼ା କରିବାରେ ବିବିଧ ଧ୍ୱନିକି ସୃଜନ୍ତି ।
ହେ ସଜନୀ, ଦେଖାଉ ଶ୍ରୀରାମ ସନ୍ତୋଷ,
ତମାଲର ମାଳ ଜଳରେ କନ୍ଦୁ ଥିବ ତରନ୍ତି ହେଉ ବିଶେଷ ।୨।

ଫିଂଚ ଶାଧ୍ ଲି ଭଣ୍ଡା ଗଜ ଭଲ୍ଲୁକ ମର୍କଟ ସ୍ୱକ୍ଷଙ୍କର କୁଳ
ମୃଗ ଶୂକର ଶମ୍ବର ହରିଣ କୃଷ୍ଣ ଜନର ଦେଖ ମେଳ ।
ହେ ଜାନକୀ, ସିଦ୍ଧଲେ ଶ୍ରମ ଯେ ସନ୍ତୋଷ
ଏହି ସମୟରେ ପ୍ରବେଶ ହୋଇଲେ ବିଶ୍ୱ ଜାନରେ ଚାରି ।୩।

( ଆରଣ୍ୟକ )

ତେଣୁ ସୁନ୍ଦର ବର୍ଣ୍ଣନା ଚିତ୍ରଣାତ୍ମକ ହୋଇଥିଲେ ମଧ୍ୟ ରସସୃଷ୍ଟି କରିବାରେ ସମର୍ଥ ହୋଇ ପାରିଛି ।

ବିବାହ ପରେ ରାମସୀତାଙ୍କ ମଧୁଶଯ୍ୟା ପ୍ରସଙ୍ଗରେ ପକ୍ଷୀମାନଙ୍କ ଉନ୍ମାଦପୂର୍ଣ୍ଣ ଉକ୍ତି—

ଚନ୍ଦନମଳୟ ସୁବେଶ କରି ସହିତସ୍ଥାନେ
ସମର୍ପିଲେ ଶ୍ରୀରାମ ପାଶେ,
ଅଢ଼ ସୁବୁମାଙ୍କ ଆନ୍ତୁ କୁମାରୀ ନବବଧୂଟୀ
ନ ଜାଣନ୍ତି ସୁରତ ବିଶେଷେ ହେଇ ରାଘବ ।
ମନମଥ ମନ ମୋହିନୀ, ସୁଚିର ହେଉ ଭିଭ ଏ ରଜନୀ ।

ଗୁଞ୍ଜିଲିତି ଏ ଶିବଧନୁ ଭିଗୁଣ କୁସୁମ ଧନୁ
ନ ଧରିବ ଅଢ଼ ଶ୍ରୀହସେ
କାନ୍ତ କୁସୁମେ ମଧୁପ ମଧୁପାନ କରିବ କିଏ
ଶେଷେ ଶୋଚନେ ପୀଡ଼ା ନ ପାଏ ହେ ।|

( ଅଯୋଧ୍ୟା )

ମଧୁଶଯ୍ୟା ପରେ ସୀତାଙ୍କ କେଳିକାଳୋଚିତ ବେଶର ବର୍ଣ୍ଣନା ସଂକ୍ଷିପ୍ତ ହୋଇଥିଲେ ମଧ୍ୟ ଉପମା, ଉତ୍ପ୍ରେକ୍ଷାର ବ୍ୟବହାର ଏହାକୁ ସୁନ୍ଦର କରିଛି ।

ଫିଟିଛି କୁସୁମ ସଜ୍ଜିତ ବେଣୀ, କାଳିନ୍ଦୀରେ ଯେସେ କି ହଂସ ଶ୍ରେଣୀ,
ଖସୁଛି ମୁକୁଳୁ କି ଖଦିର ଗଣ, ସରୋଜନେତ୍ରୀ ଦେଖନ୍ତି ମନେ ଦର୍ଶି ।
ଲିଭିଛି ତିଳକ, ଚନ୍ଦ୍ରିକାଯୋଗେ ନକ୍ଷତ୍ରମାନ ।
ଛୁଟିଛି ହୀର ହାର ଗଜମୋତି, ଲୁଟିଛି ଅଧର ରଙ୍ଗିମା ଜ୍ୟୋତି ।

× ରଙ୍ଗିମା ଦିଶୁଛି ନଖକ୍ଷତ ବେଶ, ଲାଗନ୍ତି ଅନୁରାଗ ଅଙ୍କ କି ଯେସ,
ଫିଟିଛି କସଣ, ପାଉଛି ଅଙ୍ଗର ନବା କାଞ୍ଚନ ।

ଶୁଣି ଦେଖି ସଖୀ ବୋଲେ ବଚନ, କଣ୍ଠ ଥିଲା ପରି ତନୁ ଲାବଣ୍ୟ,
ଏଣୁ ଲୁଅନ୍ତେ ନ କଲ କି ଚାହିଁ, ଗୃହ୍ଣ ନ କଲେ କି ଜନେଶ୍ୱରୀ ହୋଇ,
ନୀଳ ଅଳିଙ୍ଗିକ, ପୁରନ୍ତେ ଭୃଙ୍ଗକ୍ରୀ ଜଗିଲେ ଜଳ,

ଘନ ଭଲେ କାମ ଲକ୍ଷ୍ମୀର ଜୟ, ଜାଣିଲୁ ଏବେ ବେଶରୁ ଶୃଙ୍ଗାର,
ମୁକ୍ତା ଅଳକା ପଡ଼ିଛି ଚରି, ଚନ୍ଦ୍ର କି ସୁଧା ବରଷଇ ଝରି,
ଯୋ ନକ୍ଷତ୍ରଧର, ବୋଲେ ସଖୀ ଘନ ଭୃଙ୍ଗଙ୍କ ବର ।

ଗୀତଟିରେ ଅତି ସୁନ୍ଦର ଚତୁର୍ଦ୍ଦିଏ ଫୁଟି ଉଠିଛି । ଭାଷା ଓ ଭାବ ଏହାର ରମଣୀୟ ଗୁଣକୁ ଅତି ରମଣୀୟ କରି ଦେଇଛି ।

କବି ବୀରତ୍ୱ ରସର ବର୍ଣ୍ଣନାରେ କୃତିତ୍ୱ ପ୍ରଦର୍ଶନ କରିଛନ୍ତି । ତାଡ଼କା ବଧ ସମୟରେ ତାଡ଼କାର ରୂପ-ବିକାର, ଅଙ୍ଗଦ ଓ ହନୁଙ୍କ ଯୁଦ୍ଧରେ ମୃତ୍ୟୁ ଦୃଶ୍ୟଗୁଡ଼ିକୁ କବି ଅତି ଅଳ୍ପସଂଖ୍ୟକ ପଦରେ ଚମତ୍କାର ଭାବରେ ବର୍ଣ୍ଣନା କରିଛନ୍ତି ।

ସେତିକି ସୁବେଶ ତର୍ଜ୍ଜି ଘୋର ଗର୍ଜି ମୁହାଇ, ପ୍ରାଣଙ୍କୁ ମ୍ଳାନସନ୍ଧ୍ୟା କଲେ,
ବେନି ଭାଇଙ୍କ ଯୋଗ ଅଙ୍ଗଣ ହୋଇ ଦୃଢ଼ ପଥ ଅନୁସରଣ କଲେ ହେ,
ଦୁର୍ଜ୍ଜନ, ଖଳନ୍ତେ ମହାଘୋରବନ

ମୁଣ୍ଡ ସ୍ପର୍ଶନ୍ତୁ ଛନ୍ଦିଛନ୍ତି

ମୁନି ଭରସା ପାଇ ଧନୁରେ ଗୁଣ ଦେଇ ଟଙ୍କାର କଲେ ଘନ ଘନ ସେ ।
ଗର୍ଜନ ଶୁଣିକରି ଧାଇଁ ତାଡ଼କାସୁରୀ ଅନାଇ ଦେଖେଟି ଚଉପାଶ,
ତହୁଁ ସମ୍ମୁଖ ଦେଖି, ଭୁଲାଇ ନେଇ ତେଜ ପଥରେ ହୋଇଲା ପ୍ରବେଶ ହେ,
ସୁଜ୍ଞଜନେ, ଦଶନେ ଚାପିଣ ଅଧର
ଘୂର୍ଣ୍ଣିଲୁ ଚଳଇ ଭୂଧର
କେଶି କଣ୍ଟ ମୂଷଳ ଟେକି ବାହୁଯୁଗଳ ଧାଇଁଲି ମହାବିକରାଳ ହେ ।
ଯାମ ସଙ୍ଗେ ଅସୁରୀ ବହୁ ସମର କରି ମୁନିଙ୍କି କହୁଥିଲା ଭାଷା,
ତାହା ଜାଣି ଶ୍ରୀରାମ ଧନୁରେ ଯୋଖ ଗୁଣ ପ୍ରହାରିଲେ ଅସୁରୀ ମୁଖ ହେ,
ସୁଜ୍ଞଜନେ, ରାମଶର ତା ମୁଣ୍ଡେ ପଶି
ସ୍ୱର୍ଗେ ଗଲା ବିମାନ ଚଢ଼ି
ମହାଗର୍ଜନ କରି ମୁଚଣ୍ଡ ତାହାର ପଡ଼ିଲା ବନଭିତ ମାଡ଼ି ହେ ।
(ଆଦ୍ୟକାଣ୍ଡ)

ଇନ୍ଦ୍ରଜିତ ବଧ ପ୍ରସଙ୍ଗରେ ଏହି ଲକ୍ଷ୍ମଣ-ଇନ୍ଦ୍ରଜିତ ଯୁଦ୍ଧର ଯେଉଁ ବର୍ଣ୍ଣନା ଦେଇଛନ୍ତି ତାହା ଅତି ଚମତ୍କାର ଓ ଗାରିମାର ଏକ ଆଦର୍ଶ ବର୍ଣ୍ଣନାରେ ପରିଣତ ହୋଇଛି ।

ଲକ୍ଷ୍ମଣ ଇନ୍ଦ୍ରଜିତ ଦୁହେଁ ରଣ, ମହାଯୋଦ୍ଧା ଅଟନ୍ତି ବେନିଜଣ,
ଶର ଅଭିଘାତେ ନ ଦିଶେ ସ୍ୱର୍ଗ, ମଣ୍ଡଳାକାର ଦିଶେ ବେନି ଧନୁ ହେ ।
ବିନ୍ଧିବା ଲକ୍ଷ୍ୟ ନ ଦିଶେ ସେ,
ଧନୁ କମ୍ପନେ ଅଶେଷ ବାନରଙ୍କ ଦ୍ୱିପକ୍ଷସ୍ୱନ, ପ୍ରାଣ ହରଣ ସେ ।
ଲକ୍ଷ୍ମଣ ପେଷିଲେ ବାବନ ଶର, କାଟିଲେ ଅସୁରର ଧନୁଶର,
ପୁଣି କୋପେ ବିନ୍ଧିଲେ ଗାଣ୍ଡିକାଣ୍ଡ, କାଟିଲେ ଅଶ୍ୱସାରଥିର ମୁଣ୍ଡ ସେ ।
ରଥ ଭଜିଲା ଧନୁ ଭଙ୍ଗ ସେ,
ଦେଖିବଣି ଅଦୃଶ୍ୟ ରଥେ ଅନ୍ତରୀକ୍ଷେ ଯୁଝିଲା ଲକ୍ଷ୍ମଣ ସଙ୍ଗ ସେ ।
( ଲଙ୍କା କାଣ୍ଡ )

ଲଙ୍କାକାଣ୍ଡ ଅନ୍ତର୍ଗତ ଏ ସ୍ଥାନ ଅପେକ୍ଷାକୃତ ଦୀର୍ଘ ହୋଇଛି । ଶୁଚି ବର୍ଣ୍ଣିତା ନନ୍ଦନାଙ୍କ ହୋଇଥିବାରୁ ପାର୍ବତୀନନ୍ଦନ କ୍ଷାନ୍ତି ବୋଧ ହେଉନାହିଁ । ଏପରି ବହୁ ସୁନ୍ଦର ସ୍ଥଳ ଏଥି ଲଙ୍କାକାଣ୍ଡରେ ଅଛି ।

କବି ଅନେକ ସ୍ଥଳରେ ଉପଦେଶ ଦାନ ଦେଇଛନ୍ତି, ଏଗୁଡ଼ିକ ଦେଶକାଳପାତ୍ର ଉପଯୋଗୀ ହୋଇଛି ।

ମାୟାସୀତା ବଧ ସମ୍ବାଦ ପାଇ ରାମ ଅତ୍ୟନ୍ତ ଦୁଃଖିତ ହୋଇ ଧନୁଶର ତଳେ ପକାଇ ଦେଲେ ଏବଂ ମୂର୍ଚ୍ଛା ହୋଇଗଲେ । ଲକ୍ଷ୍ମଣ ତାଙ୍କୁ ଚେତା କରାଇ ପ୍ରବୋଧ କରୁଛନ୍ତି —

× × ହେ ଦେବ ହେ । ରଘୁନାଥ ଧର୍ମକୁ ଆଦର
ଧର୍ମ କଲେ କେତେ ଦୂର      କେଉଁ ଅଧର୍ମ ଭୁସ୍ତର
ଜାଣିଲୁ ଧର୍ମେ ହୁଏ ଅସାର ।

ଧର୍ମ ଅଧର୍ମ ବୁଝିଲେ      ଦୁହେଁ ସାଧ ହୁଅଇଲେ
ଏଣୁ ଧର୍ମ ଅଧର୍ମ ହିଁ ନାହିଁ,
ମହା ଅଧର୍ମୀ ରାବଣ ଦେଖ      ପୁତ୍ର ନାତିଗଣ
ଧର୍ମ ଥିଲେ କି ମରନ୍ତେ ନାହିଁ ।
ହେ ଦେବ ହେ, ଧର୍ମ ଅଧର୍ମକୁ ସେ ଡରଇ
ଜାଣିଲୁ ମୁଁ ଏତେ ଭାବେ      ଦେଖିଲୁ ମୁଁ ବେଳବେଳେ
ତାହାରେ ସେ ବହୁ ଦୁଃଖ ପାଇ ।

ଶୁଣି ବୋଲନ୍ତି ଲକ୍ଷ୍ମଣ      ଧର୍ମ କରନ୍ତି ପ୍ରମାଣ
ଅହଲ୍ୟା ଦୁର୍ଗତ ଜନମାନେ
ହେଶ ଭୂପ ତୁମ୍ଭ ମତ      ବୋଲ ମୋର ଧର୍ମ ପଥ
ଏଣୁହିଁ ପଶିଲୁ ଆସି ବନେ
ହେ ଦେବ ହେ, ଧର୍ମ କରି ଧନ ଅର୍ଜିଲେ ଦିନା
ଧର୍ମରେ ସମସ୍ତ ଗୁଣ, ମୂର୍ଖରେ ପଣ୍ଡିତପଣ ।

ଯେଣୁ ମୁଁ ବ୍ରହ୍ମ ଅସ୍ତ୍ରୁ        ମାରୁଥିଲି ସମସ୍ତଙ୍କୁ
ହୋଇଲି ଜଗତେ ଜିଣନ୍ତା ହୋଇ
ଧର୍ମଙ୍କ ବିରୋଧ କରି        ଅଧର୍ମ ଜନ୍ମାଇଁ କରି
ସମସ୍ତ ଜଗତର ଜ ହୋଇ
ସେ ଦୋଷ ହେତୁ, ସେ ଧର୍ମ ତ ଏବେ ନ ଦିଶିଲା
ପ୍ରମାଦ ହିଁରେ ପ୍ରମାଦ        ସନ୍ତାପ ଦୁଏ ବିଷାଦ
ହେଜକ୍କୁ ଦେଖ ଜଗଣ ଦେଲ୍ଲ ।

ଲକ୍ଷ୍ମଣଙ୍କ ଏ ଉପଦେଶ ଅତି ଦାର୍ଶନିକତାସମ୍ପନ୍ନ ହୋଇଛି । ଏହା ଲକ୍ଷ୍ମଣଙ୍କ ଚରିତ୍ରରେ କଠୋର ଦାୟିତ୍ୱଭାର ଏକ ଭିନ୍ନ ଦିଗ ମଧ୍ୟ ପ୍ରଦର୍ଶନ କରୁଛି ।

ଏହାପରେ ଲକ୍ଷ୍ମଣ-ବିଭୀଷଣ ସମ୍ବାଦ ମଧ୍ୟ ତତ୍ତ୍ୱପୂର୍ଣ୍ଣ ହୋଇଛି ।

କବିଙ୍କ ଭାଷା ସରଳ ଓ ବୋଧୋପଯୋଗୀ । ସାଧୁ ଓ ଗ୍ରାମ୍ୟ ଉଭୟ ଶ୍ରେଣୀର ଭାଷା କବି ବ୍ୟବହାର କରିଛନ୍ତି । ତାଙ୍କର ଉଦାହରଣ ପର ସମସ୍ତ ରୁଚିର ଭାଷା ।

ଶିବ ବ୍ରହ୍ମା ଇନ୍ଦ୍ର ଆଦି ସମସ୍ତେ ରହି ଆକାଶେ ଦେଖୁଥିଲେ,
ଜୟ ଜୟନ୍ତି ବୋଲି ବେଗ ଆଇଲେ
ରାମ ଦେଖି ଧନୁଶର ପାଣି-ଯୁଗ କରି ଅଞ୍ଜଳି ହୋଇଲେ
ହେ ରାମ, ତୁମ୍ଭେ ବୋଲନ୍ତି ବେଦହିଁ, ହେ ରାମ
କଳା ହୋଇଥିଲ ଜାଣ ଏ କର୍ମ,
ତୁମ୍ଭେ ନାରାୟଣ ସେ ତ ମହାଲକ୍ଷ୍ମୀ ଯାଉଥିଲେ ନିଜ ଧାମ କି ଶ୍ରୀରାମ ।
( ଲଙ୍କା କାଣ୍ଡ )

ବିଶ୍ୱନାଥଙ୍କ ବିଚିତ୍ର ରାମାୟଣର ଲୋକପ୍ରିୟତା ପରବର୍ତ୍ତୀ କବିମାନଙ୍କୁ ରାମ-ଲୀଳା କାବ୍ୟ ରଚନା କରିବାରେ ବହୁ ପ୍ରୋତ୍ସାହିତ କରିଛି । ଏହି

ଦ୍ରବଦର ଦୃଷ୍ଟାନ୍ତ ପ୍ରସିଦ୍ଧ ଅଂଶ । ବିକ୍ରମ, ଦେବଙ୍କ ଓ ଲକ୍ଷ୍ମଣ ପ୍ରଭୃତି ରାମଲୀଳା ଲେଖକମାନେ ଏହି ନୃତ୍ୟ-ବାଦନ-ଉପଯୋଗୀ ଗ୍ରନ୍ଥକାବ୍ୟକୁ ଆଦର୍ଶରୂପେ ଦେଖିଥିବା ସ୍ୱାଭାବିକ । ବର୍ତ୍ତମାନ ସୁଦ୍ଧା ରାମଲୀଳାରେ ଏଗୀତ ସ୍ଥାନ ହିଁ ପାଉଛି ।

ଓଡ଼ିଆ ରାମାୟଣରେ ସଂସ୍କୃତ ରାମାୟଣର ଅନୁକରଣଶୀଳ ଭାବ ଅନୁସରଣ କରିଥିବା ଜଣାଯାଏ ନାହିଁ । ବଳରାମ ଦାସଙ୍କ ଜଗମୋହନ ରାମାୟଣ କେବଳ ମଧ୍ୟ ସେ ସମ୍ପୂର୍ଣ୍ଣରୂପରେ ଅନୁସରଣ କରିନାହାନ୍ତି । ପ୍ରତ୍ୟେକ କାଣ୍ଡର ପ୍ରଧାନ ପ୍ରଧାନ ଘଟଣାଗୁଡ଼ିକୁ ଆଶ୍ରୟ କରି ନୂଆ ରୂପରେ କବିତା ଲେଖିଛନ୍ତି । ବିଶ୍ୱନାଥଙ୍କ ରାମ, ଲକ୍ଷ୍ମଣ ଓ ସୀତା ପ୍ରଭୃତି ଚରିତ୍ର ଦେବୋପମ ହେଲେ ମଧ୍ୟ ସାଧାରଣ ମାନବର ଦୋଷଦୁର୍ବଳତା ଦ୍ୱାରା କରି ଭାବ ଗଠନ କରିଛନ୍ତି । ସାଧାରଣ ଲୋକାଦର୍ଶକ ଓ ନୂଆ ପାଠକ ପକ୍ଷରେ ଆଦରଣୀୟ ହେଲେ ମଧ୍ୟ ଏହା ସମ୍ପୂର୍ଣ୍ଣ ଦୋଷମୁକ୍ତ ନୁହେଁ ।

# ଦ୍ୱିତୀୟ ଅଧ୍ୟାୟ

## ପ୍ରଥମ ପରିଚ୍ଛେଦ

### ମରହଟ୍ଟା ଯୁଗ ବା ଉପେନ୍ଦ୍ର ଯୁଗ

( ଖ୍ରୀ: ୧୭୫୧—ଖ୍ରୀ: ୧୮୦୩ )

## ଯୁଗ ପରିଚୟ

ଓଡ଼ିଶାରେ ମୁସଲମାନ ରାଜତ୍ୱ ଖ୍ରୀ: ୧୭୫୧ ଠାରୁ ଲୋପ ପାଇଥିଲେ ମଧ୍ୟ ତାହାର ବହୁ ବର୍ଷ ପୂର୍ବରୁ ମରହଟ୍ଟା ରାଜାମାନେ ଧାରାବାହିକ ଭାବେ ମୁସଲମାନ ଶାସକମାନଙ୍କୁ ନାନା ଭାବରେ ବ୍ୟତିବ୍ୟସ୍ତ କରୁଥିଲେ । ଏକେତ ମୁସଲମାନ ଶାସକମାନଙ୍କ ଭିତରେ କ୍ଷମତା ଲାଗି ଅନ୍ତର୍ଦ୍ୱନ୍ଦ୍ୱ ଶାସନକୁ ଦୁର୍ବଳ କରିଦେଇଥିଲା, ସେଥିରେ ପୁଣି କେତେକଙ୍କ ଧର୍ମାନ୍ଧତା ହେତୁ ଉପରେ ଜଳଜାଳ୍ପା ପଣ ହୋଇଥିଲା । ମୁସଲମାନ ରାଜତ୍ୱରେ ଶାସକମାନଙ୍କ ଭିତରୁ ଅନ୍ୟ କେତେଜଣ ମାତ୍ର ହିନ୍ଦୁ ପ୍ରଜାମାନଙ୍କର ପ୍ରିୟପାତ୍ର ହୋଇ ପାରିଥିଲେ । ଆକବରଙ୍କ ପରେ ଶାସକମାନଙ୍କ ଭିତରେ ଧାର୍ମିକ ଉଦାର ମନୋଭାବ ପ୍ରାୟ ଲୋପ ପାଇ ଯାଇଥିଲା । ଏହି କାରଣରୁ ପ୍ରଜାମାନେ ଅସନ୍ତୋଷ ଓ ଅନିଶ୍ଚିତ ଅବସ୍ଥାରେ ଜୀବନଯାପନ କରୁଥିଲେ । ସ୍ୱାଧୀନ ଦେଶରେ ସରକାରଙ୍କ ପ୍ରଭାବ ଅଳ୍ପ ଥିଲା । ଦେଶୀୟ ରାଜା ଓ ସାମନ୍ତଙ୍କର ଦାୟିତ୍ୱ, ଦେଶୀୟ ରାଜା ଓ ଜମିଦାରଙ୍କ ଉପରେ ପଡ଼ିଥିଲା ଏବଂ ସେମାନେ କେବଳ ସ୍ୱାତନ୍ତ୍ର୍ୟ-ଧାରାକୁ ବଜାଇ ରଖିଥିଲେ ।

ହସ୍ତପଣ୍ଡି    ମ ଅନୁମାନ କରାଯାଏ । ସମ୍ରାଟ ଆକବରଙ୍କ ଦରବାରରୁ ମହାରାଜା    ଦ୍ରଦେବ ସେଇ 'ମହାପାତ୍ର'ଙ୍କୁ ପଠାଇଥିବା ଇତିହାସରୁ ଜଣାଯାଏ    କୃଷ୍ଣଦାସ ବଡ଼ଜେନା ହୋଇଥିବା ମଧ୍ୟ ଅନୁମାନ କରାଯାଏ । ଏ କବି ରାଗମାନଙ୍କ ବର୍ଣ୍ଣନା ପ୍ରସଙ୍ଗରେ ସ୍ୱ ରଚିତ କେତେକ ଓଡ଼ିଆ, ବ୍ରଜ (ବ୍ରଜ ବୋଲି) ଗୀତ ଉଦାହରଣ ସ୍ୱରୂପ ପ୍ରଦାନ କରିଛନ୍ତି ।

କବିଙ୍କ ଏକ ଓଡ଼ିଆ ଗୀତ ଏହି ପରିଚ୍ଛେଦରେ ଉଦ୍ଧୃତ ହୋଇଛି । ଏଥିରୁ ଏ ଯୁଗରେ ପଣ୍ଡିତ କବିମାନେ ସଙ୍ଗୀତ ପ୍ରତି ବିଶେଷ ଭାବରେ ଆକୃଷ୍ଟ ଥିବା ଜଣାଯାଏ । ରଚନାର ଭାଷା ସରଳ ଅନୁପ୍ରାସାଦି ପ୍ରୟୋଗ ହେତୁ ସଙ୍ଗୀତମୟ ଥିଲା ।

ଧନଶ୍ରୀରେଖ } ଦେଖ ଭଣ୍ଡି ଅର୍ଦ୍ଧଚନ୍ଦ୍ର ମଣ୍ଡି ।
ଝଂପକ } ଶୁଣରେ ଆରେ କଙ୍କଲା ଭନୁକନୁ ଘୋଷିମା ଯନ୍ତୁ ।
ଝିପୁଟା } ରେ ସଖି ଶୁ ରେ ବ୍ରଜତରୁଣୀଜନ

ବୃନ୍ଦାବନେ ନନ୍ଦନନ୍ଦନ    ଶ୍ୟାମକାନ୍ତି ନବଘନ ଶୋଭନ
ତରୁଣୀ ମନ ମୋହନିଆ
ଶିଖୀଶିଖଣ୍ଡ ମଣ୍ଡିତ କୁନ୍ତଳ    ମାଳତୀ ମାଳଶୋଭା ମଞ୍ଜୁଳ ଗଣ୍ଡସ୍ଥଳ
କଳ୍ପିତ କୁଣ୍ଡଳ ମୁରଳୀଗୀତ ବଧୂମଣ୍ଡଳରଞ୍ଜିଆ । ଇତ୍ୟାଦି ।

ଗଜପତି ରାମଚନ୍ଦ୍ର ଦେବ—ଖୋର୍ଦ୍ଧା ରାଜା ଗଜପତି ରାମଚନ୍ଦ୍ର ଦେବ (ଖ୍ରୀ: ୧୫୬୮—୧୬୦୭) ଖୋର୍ଦ୍ଧା ରାଜବଂଶର ପ୍ରତିଷ୍ଠାତା । 'ଶ୍ରୀକୃଷ୍ଣ ଭକ୍ତ ବାତ୍ସଲ୍ୟଚରିତମ୍' ନାମକ ନାଟକ ରଚନା କରି ପୁରୀରେ ଜଗନ୍ନାଥଙ୍କ ରଥଯାତ୍ରା ସମୟରେ ଅଭିନୀତ କରାଇଥିଲେ ।

କବିଚନ୍ଦ୍ର ବିଶ୍ୱନାଥ ସାମନ୍ତରାୟ—ଏହି କବି ସମ୍ରାଟ ଆକବରଙ୍କ ସଭାପଣ୍ଡିତ ଥିଲେ । ଏହାଙ୍କ ଘର ପୁରୀର ପ୍ରତାପ ରାମଚନ୍ଦ୍ରପୁର ଶାସନ ।

ଗଙ୍ଗାଧର ମିଶ୍ର—ଏ 'କୋଶଳାନନ୍ଦ ମହାକାବ୍ୟ' ନାମକ ଐତିହାସିକ କାବ୍ୟ ସଂସ୍କୃତରେ ରଚନା କରିଥିଲେ । ସମ୍ବଲପୁରର ରାଜା ବଳିଆର

ସିଂହଙ୍କ ସଭାପଣ୍ଡିତ ଥିଲେ । ମହାକାବ୍ୟଟି ଖ୍ରୀ: ୧୬୧୫ରେ ରଚିତ ହୋଇଥିଲା ।

ହଳଧର ମିଶ୍ର—ସଂସ୍କୃତରେ ବସନ୍ତୋତ୍ସବ ମହାକାବ୍ୟ, ସଙ୍ଗୀତ କଳ୍ପଲତା ରଚନା କରିଥିଲେ । ଜଗନ୍ନାଥଙ୍କ ରଥଯାତ୍ରା ପ୍ରସଙ୍ଗ ବସନ୍ତୋତ୍ସବ କାବ୍ୟଟି ବାରଗୋଟି ସର୍ଗରେ ଲିଖିତ । ଖୋର୍ଦ୍ଧା ରାଜା ନରସିଂହ ଦେବ (ଖ୍ରୀ: ୧୬୨୨-୧୬୪୭)ଙ୍କ ସମୟରେ ଜୀବିତ ଥିଲେ । ପିତାମାତା ଓ ଗୁରୁଙ୍କ ନାମ ଯଥାକ୍ରମେ ଦିବାକର ମିଶ୍ର, ପଦ୍ମାବତୀ ଏବଂ କପିଳେଶ୍ୱର ମିଶ୍ର । ସଙ୍ଗୀତ କଳ୍ପଲତାରେ ଦାମୋଦରଙ୍କ ସଙ୍ଗୀତଦର୍ପଣ, ଗଦାଧର ଦାସ, ଅନଙ୍ଗଭୀମ, ମଧୁସୂଦନ ନରେନ୍ଦ୍ର, ଅନନ୍ତ ଭ୍ରମରବର, ଗଜପତି ମୁକୁନ୍ଦଦେବ, ଗଜପତି ରାମଚନ୍ଦ୍ର, ଗଜପତି ରୁଦ୍ରଦେବ, ମେନକା ଦେବୀ, କମଳା ପାଟମହାଦେଈ ପ୍ରଭୃତି ଲେଖକଙ୍କ ନାମୋଲ୍ଲେଖ କରିଛନ୍ତି । ମେନକା ଦେବୀ ଓ କମଳା ପାଟମହାଦେଈ—ଏ ଦୁଇଜଣ ନାରୀଙ୍କ ନାମ ଉଲ୍ଲେଖ ଥିଲା ।

କବିରାଜ ଗୋପୀନାଥ ରଥ—ଏ ସଂସ୍କୃତରେ 'ନୈଷଧୀୟ ଚରିତମ୍'ର 'ହର୍ଷହୃଦୟ' ନାମକ ଟୀକା ରଚନା କରିଥିଲେ । ଏହାଙ୍କ ପିତାଙ୍କ ନାମ ଦେବଦାସ ।

ନରସିଂହ ମିଶ୍ର—ଏ 'ଭକ୍ତି ମହୋଦୟ କାରିକା' ସଂସ୍କୃତରେ ରଚନା କରିଥିଲେ । ପୂର୍ବରୁ ଏହା ଅଜ୍ଞାତ ହୋଇଥିଲା । ଖୋର୍ଦ୍ଧା ରାଜା ବଳଭଦ୍ର ଦେବ (ଖ୍ରୀ: ୧୬୪୮-୧୬୫୪)ଙ୍କ ସମୟରେ ଜୀବିତଥିଲେ । କେଉଁଝର ରାଜା ଶ୍ରୀବନମାଳୀ ଭଞ୍ଜ ଏହାଙ୍କ ପୃଷ୍ଠପୋଷକ ଥିଲେ । ଖ୍ରୀ: ୧୬୫୦-୬୦ ଭିତରେ ଏ ଗ୍ରନ୍ଥଟି ରଚିତ ହୋଇଥିବା ଅନୁମାନ କରାଯାଏ । ପୂର୍ବେ କେଉଁଝରର ନାମ 'କେନ୍ଦୁଝର' ଥିବା ଏ ଗ୍ରନ୍ଥରୁ ଜଣାଯାଏ ।

ବିଦ୍ୟାକର ପୁରୁଷୋତ୍ତମ—ଏ 'ନାରାୟଣ ଶତକମ୍' ରଚନା କରି-ଥିଲେ । 'ରାଘବପାଣ୍ଡବୀୟ ମହାକାବ୍ୟମ୍'ର 'ହୃଦୟାଲ୍ଲୁ ରସାଦନମ୍' ନାମକ ଟୀକା ମଧ୍ୟ ଲେଖିଥିଲେ । ସେ ଭକ୍ତକୂର୍ମ ଜୟଦେବାଚାର୍ଯ୍ୟଙ୍କ ବଂଶଧର ଥିଲେ । ଖୋର୍ଦ୍ଧା ରାଜା ମୁକୁନ୍ଦଦେବ ୧ମ (ଖ୍ରୀ: ୧୬୫୭-୧୬୮୮)ଙ୍କର

ସେ ସମସାମୟିକ ଥିଲେ । ଏ ରାଜାଙ୍କ ୨୧ ଅଙ୍କରେ ବା ଖ୍ରୀ: ୧୬୨୫ରେ ଏହି 'ନାରାୟଣ ଶତକମ୍' ରଚିତ ହୋଇଥିବା ଜଣାଯାଏ ।

ଶତଂଜୀବ ମିଶ୍ର—ଏ 'ମୁଗ୍ଧମାଧବ' ନାମକ ଗୀତିକାବ୍ୟ ରଚନା କରିଥିଲେ । ଭାଷା ସଂସ୍କୃତ ।

ଅନାଦି ମିଶ୍ର—ଏ 'ମଣିମାଳା ନାଟିକା'ର ଲେଖକ । ସେ କବି ନାରାୟଣ ମଙ୍ଗରାଜଙ୍କ ପୃଷ୍ଠପୋଷକତାରେ ନାଟିକାଟି ରଚନା କରିଥିଲେ । ଗତ ୧୭ଶ ଶତାବ୍ଦୀର ପ୍ରଥମ ପାଦରେ ଏହି ନାଟିକାଟିକୁ ଲେଖିଥିବା ଅନୁମିତ ହୁଏ । ପିତା ଶତଂଜୀବ ଓ ପିତାମହ ମୁକୁନ୍ଦ । ଭାଷା ସଂସ୍କୃତ । ନାରାୟଣ ମଙ୍ଗରାଜ ଗଞ୍ଜାମର ଖିମୁଣ୍ଡି ରାଜାଙ୍କର ମନ୍ତ୍ରୀ ଥିଲେ । ନାରାୟଣ ମଙ୍ଗରାଜଙ୍କ ପିତା ରାମଚନ୍ଦ୍ର ମଙ୍ଗରାଜ ମଧ୍ୟ ମନ୍ତ୍ରୀ ଥିଲେ ।

କୃଷ୍ଣ ଶ୍ରୀଚନ୍ଦନ—ଏ ମନ୍ତ୍ରୀ ନାରାୟଣ ମଙ୍ଗରାଜଙ୍କ ପୁତ୍ର । 'ଅବ୍ଦଦୂତମ୍' ନାମକ ସଂସ୍କୃତ ଖଣ୍ଡକାବ୍ୟ ରଚନା କରିଥିଲେ । କାଳିଦାସଙ୍କ ମେଘଦୂତର ଅନୁକରଣରେ ଏହା ଲିଖିତ ହୋଇଥିଲା । କୃଷ୍ଣ ଖିମୁଣ୍ଡି ରାଜାଙ୍କର ମନ୍ତ୍ରୀ ଥିଲେ । ଖିମୁଣ୍ଡି ରାଜା ଶ୍ୟାମ ଧର୍ମରାଜ ଏହି ଖଣ୍ଡକାବ୍ୟର 'ମନୋରମା' ନାମକ ଟୀକା ଲେଖିଥିଲେ । ୧୭ଶ ଶତାବ୍ଦୀର ଶେଷ ପାଦରେ ଏହି ଖଣ୍ଡକାବ୍ୟଟି ରଚିତ ହୋଇଥିବା ଅନୁମାନ କରାଯାଏ ।

କବି ନତଧାନନ୍ଦ—ସଂସ୍କୃତରେ 'ଶିବ ଲୀଳାମୃତ ମହାକାବ୍ୟ' ରଚନା କରିଥିଲେ । ଜୟଦେବଙ୍କ ଗୀତଗୋବିନ୍ଦ ଅନୁକରଣରେ ଲିଖିତ । ନୟାଗଡ଼ ରାଜା ଗଦାଧର ମାନଧାତା ଏହାଙ୍କ ପୃଷ୍ଠପୋଷକ । କବି ଗଦାଧର ମାନଧାତାଙ୍କ ବଂଶ ସମ୍ବନ୍ଧରେ ଏହି କାବ୍ୟରେ କେତେକ ତଥ୍ୟ ଲିଖିତ ହୋଇଛି । ରାଜା ରଘୁନାଥ, ପୁତ୍ର ହରିହର, ପୁତ୍ର ଗୋକୁଳାନନ୍ଦ, ପୁତ୍ର ଗଦାଧର । ଗଦାଧର ମାନଧାତାଙ୍କ ପ୍ରପୌତ୍ର ପୃଷ୍ଠପୋଷକ ମାନଧାତା ଉପେନ୍ଦ୍ରଙ୍କ ସମସାମୟିକ । ଅତଏବ ଗ୍ରନ୍ଥଟି ଉପେନ୍ଦ୍ରଙ୍କ ପୂର୍ବରୁ ରଚିତ

ହୋଇଥିବା ସ୍ପଷ୍ଟ । ୧୭ଶ ଶତାବ୍ଦୀରେ ଏ କବି ଜୀବିତ ଥିବା ଅନୁମାନ କରାଯାଏ ।

କବିଚନ୍ଦ୍ର ପୁରୁଷୋତ୍ତମ ମିଶ୍ର—ଏ ଜଣେ ବିଖ୍ୟାତ ଟୀକାକାର ଓ ଅନର୍ଘରାଘବ ନାଟକର ଟୀକା ଲେଖିଥିଲେ । ରୂପ ଗୋସ୍ୱାମୀଙ୍କ କୃତ 'ହଂସଦୂତ'ର 'ମନୋହାରିଣୀ' ନାମକ ଟୀକା ଲେଖିଥିଲେ । ନୈଷଧୀୟ ମହାକାବ୍ୟର ଟୀକା ମଧ୍ୟ କବିଚନ୍ଦ୍ର ରଚନା କରିଥିଲେ । ଏହାଙ୍କ ପିତାଙ୍କ ନାମ ଆନନ୍ଦ ମିଶ୍ର । କବିଚନ୍ଦ୍ର ପୁରୁଷୋତ୍ତମ 'ସଂଗୀତ ନାରାୟଣ' ରଚୟିତା ପାରଳାର ଗଜପତି ନାରାୟଣ ଦେବଙ୍କ ଅଳ୍ପ ପୂର୍ବ ଜନ୍ମା ସମସାମୟିକ । ଖୋର୍ଦ୍ଧା ରାଜା ହରେକୃଷ୍ଣ ଦେବ (ଖ୍ରୀ: ୧୭୧୫–୨୦)ଙ୍କ ସମୟର ରସକଳ୍ପଦ୍ରୁମ ରଚୟିତା କବି ଜଗନ୍ନାଥ ମିଶ୍ରଙ୍କ ପୂର୍ବବର୍ତ୍ତୀ ।

ରଘୁନାଥ ରଥ—ଏ ଖୋର୍ଦ୍ଧା ରାଜା ପଦ୍ମସିଂହ ଦେବଙ୍କ ସମସାମୟିକ । କେଉଁଝର ରାଜା ନୀଳକଣ୍ଠଙ୍କ 'ନାଟ୍ୟମନୋରମା'ର ଏ ପ୍ରକୃତ ଲେଖକ ବୋଲି ବୁଝାଯାଏ ।

ଜଗନ୍ନାଥ ମିଶ୍ର—ରସକଳ୍ପଦ୍ରୁମ (ସଂସ୍କୃତ) ନାମକ ଅଳଂକାର ଗ୍ରନ୍ଥର ଲେଖକ । ଏହାଙ୍କ ପିତାଙ୍କ ନାମ ଆନନ୍ଦ ମିଶ୍ର । ଖୋର୍ଦ୍ଧା ରାଜା ହରେକୃଷ୍ଣ ଦେବଙ୍କ ସମସାମୟିକ । କବି ରସକଳ୍ପଦ୍ରୁମରେ ସଂସାରର ପ୍ରଚଳିତ କେତୋଟି ପଦ ବ୍ୟବହାର କରିଥିବା ଦେଖାଯାଏ । ପଦଗୁଡ଼ିକ ଓଡ଼ିଆ, ହିନ୍ଦୀ ଓ ସଂସ୍କୃତ ମିଶା ।

ଅଧିମଣ୍ଡିତ ଶଶଧରେ ଘନତୁଣ୍ଡେ ମିଳାଇ,
ମଧୁକର କରି ବଦନେ ନେଇଥିଲା କାଣ୍ଡ ବାହୁ ।
ମଳୟ ମରୁତେମନଂ ଖେଳିକ ନାଗ ଖାଇ,
ମଦନ ଶିରସି ଭୂଷଣ କା ବନା ଅଗି-କରି ।

ରଘୁନାଥ ଦାଶ—'କାଳନିର୍ଣ୍ଣୟଃ' (ସଂସ୍କୃତ) ନାମକ ଗ୍ରନ୍ଥ ରଚନା କରିଥିଲେ । ଗୁପ୍ତାର୍ଥତରଙ୍ଗିଣୀ ମଧ୍ୟ ରଚନା କରିଥିଲେ । ଭକ୍ତି କାବ୍ୟର ଟୀକା କରିଥିଲେ । ପିତାଙ୍କ ନାମ ବାସୁଦେବ । ପିତାମହ

କଲ୍ପସିଂହ ଓ ପ୍ରତିଭାମନ୍ଦ ସିଂହେଶ୍ୱର । ଏ ଅଷ୍ଟାଦଶ ଶତାବ୍ଦୀର ପ୍ରଥମାର୍ଦ୍ଧର ଲେଖକ ।

ରାମଚନ୍ଦ୍ର ଖଡ୍‌ଗରାୟ—ଅଳଙ୍କାର ଚନ୍ଦ୍ରାମଣି (ସଂସ୍କୃତ) ନାମକ ଅଳଙ୍କାର ଶାସ୍ତ୍ର ରଚନା କରିଥିଲେ । ପିତା—ଗଦାଧର ରାଜଗୁରୁ, ମାତା—ଲକ୍ଷ୍ମୀଦେବୀ ।

ବାସୁଦେବ ପ୍ରହରାଜ—ଖୁର୍ଦ୍ଧା ଜିଲ୍ଲା ଆଠଗଡ଼ ଜମିଦାରୀରେ ଜନ୍ମଗ୍ରହଣ କରିଥିଲେ । ଯାଦବରାଘବୀୟ ମହାକାବ୍ୟମ୍ (ସଂସ୍କୃତ)ର କର୍ତ୍ତା । 'ଯାଦବ ପାଣ୍ଡବୀୟ ମହାକାବ୍ୟମ୍'ର ଅନୁକରଣରେ ଲିଖିତ । 'ଶବ୍ଦ ପ୍ରକାଶିକା' (ସଂ) ନାମକ ବ୍ୟାକରଣ ଗ୍ରନ୍ଥ ରଚନା କରିଥିଲେ । ଜଗନ୍ନାଥ ରାଜଗୁରୁ ଓ ଗଜପତି ଶ୍ରୀ [illegible] ପଟ୍ଟନାୟକଙ୍କ ସମସାମୟିକ । ଅଷ୍ଟାଦଶ ଶତାବ୍ଦୀର ଖୋର୍ଦ୍ଧା ରାଜା ରାମଚନ୍ଦ୍ର ଦେବ (ଖ୍ରୀ:୧୭୨୭-ଖ୍ରୀ:୧୭୩୬) ଓ ତାଙ୍କ ପୁତ୍ର ବୀର କେଶରୀ ଦେବଙ୍କ ସମସାମୟିକ । ନ୍ୟାୟ ଶାସ୍ତ୍ରରେ ଅଦ୍ୱିତୀୟ ପଣ୍ଡିତ ଥିବା ଶୁଣାଯାଏ । ଗଜପତି ରାମଚନ୍ଦ୍ର ଦେବ ୨ୟ (ଖ୍ରୀ:୧୭୨୭-୧୭୩୬)ଙ୍କ ରାଜଗୁରୁ ଥିଲେ ।

ଜମ୍ବୁଲୀ ଚନ୍ଦ୍ରଶେଖର ରାଜଗୁରୁ—ମଧୁରାନିରୁଦ୍ଧ ନାଟକମ୍ (ସ)ର ଲେଖକ । ସେ ୧୮ଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ଖୋର୍ଦ୍ଧାରାଜା ବୀରକେଶରୀ ଦେବଙ୍କ ସମସାମୟିକ । ଏ ନୈଷଧୀୟ ମହାକାବ୍ୟର ଏକ ଟୀକା ଲେଖିଥିବା ଶୁଣାଯାଏ ।

ବ୍ରଜସୁନ୍ଦର ପଟ୍ଟନାୟକ—ଖଣ୍ଡାମର ଖେମୁଣ୍ଡି ରାଜା ଜଗନ୍ନାଥ ଦେବ ପୁରୁଷୋତ୍ତମ ଜଗନ୍ନାଥ ଦେବ (ଖ୍ରୀ:୧୭୨୮-୧୭୬୬)ଙ୍କ ସମସାମୟିକ । ଏ ରାଜାଙ୍କ ପୃଷ୍ଠପୋଷକତାରେ 'ମୁକୁନ୍ଦମାଧବକାବ୍ୟମ୍' (ସ) ରଚନା କରିଥିଲେ । ପିତାଙ୍କ ନାମ ବଳଭଦ୍ର ପଟ୍ଟନାୟକ । 'ଗଙ୍ଗବଂଶାନୁଚରିତ ଚମ୍ପୂ'ର ରଚୟିତା ବାସୁଦେବ ସୋମଯାଜୀଙ୍କ ସମସାମୟିକ ।

ତନ୍ତ୍ରବାଳ ଚକ୍ରପାଣି ପଟ୍ଟନାୟକ—ବ୍ରଜସୁନ୍ଦର ପଟ୍ଟନାୟକଙ୍କ ପୁତ୍ର । କଂସନିଧନକମ୍, ଗୁଣ୍ଡିଚାଚମ୍ପୂ ନାମକ (ସଂସ୍କୃତ) ଦୁଇଟି କାବ୍ୟ

ରଚନା କରିଥିଲେ । ଏ ଜଣେ ଅସାଧାରଣ ପଣ୍ଡିତ ଥିଲେ । ଏହାଙ୍କର ବାକ୍‌ଚାତୁରୀ ଯୋଗୁଁ ତାଙ୍କୁ 'ତମବାଜ୍' ଉପାଧି ପ୍ରଦତ୍ତ ହୋଇଥିଲା ।

କବିରାଜ ଭଗବାନ ରଥ—ଏ ଅଷ୍ଟାଦଶ ଶତାବ୍ଦୀର ମଧ୍ୟଭାଗରେ ଜୀବିତ ଥିଲେ । ଗଞ୍ଜାମ ଜିଲ୍ଲାରେ ଜନ୍ମଗ୍ରହଣ କରିଥିଲେ । ଗୁଣ୍ଡିଚୋତ୍ସବ-ବର୍ଣ୍ଣନମ୍ ଓ ମୁରଯାତ୍ରମ୍ ନାମକ ଦୁଇଟି ସଂସ୍କୃତ କାବ୍ୟ ରଚନା କରିଥିଲେ ।

କବିରତ୍ନ ହରିଚନ୍ଦନ ସାମନ୍ତରାୟ—ଗଞ୍ଜାମ ଜିଲ୍ଲା ଖେମୁଣ୍ଡି-ରାଜ୍ୟରେ ବାସ କରୁଥିଲେ । ତାଙ୍କ ପିତା ପରମେଶ୍ୱର ଜଣେ ପରମ ପଣ୍ଡିତ ଥିବାରୁ ଖେମୁଣ୍ଡି ରାଜା ପୀତାମ୍ବର ରାମଦେବ (ଖ୍ରୀ: ୧୭୨୮-୧୭୭୭) ତାଙ୍କୁ ସାମନ୍ତରାୟ ପଦବୀ ପ୍ରଦାନ କରିଥିଲେ । ତାଙ୍କ ପିତାଙ୍କ ଜନକ ଭ୍ରାତା ଦାମୋଦରଙ୍କ ଦ୍ୱାରା ଉପଦେଶ ଲଭି ସେ ବଙ୍ଗୀୟ ବୈଷ୍ଣବ ଜୀବନୀ ଲେଖକ କୃଷ୍ଣଦାସ କବିରାଜ ଗୋସ୍ୱାମୀଙ୍କ କୃତ 'ଗୋବିନ୍ଦଲୀଳାମୃତମ୍' (ସଂ)ର 'ବୈଷ୍ଣବ ଆହ୍ଲାଦିନୀ' ଟୀକା ଗ୍ରନ୍ଥ ରଚନା କରିଥିଲେ । ଏହାଙ୍କ ପୃଷ୍ଠପୋଷକ କିମିଡ଼ି ରାଜାଙ୍କଠାରୁ ସେ କବିରତ୍ନ ଉପାଧି ପ୍ରାପ୍ତ ହୋଇଥିଲେ ।

ରାଜଗୁରୁ ବାସୁଦେବ ରଥ ସୋମଯାଜୀ—'ଗଙ୍ଗବଂଶାନୁଚରିତମ୍' (ଚମ୍ପୂ—ସଂସ୍କୃତ)ର କର୍ତ୍ତା । ପିତା ଗୋବିନ୍ଦ ରଥ, ପିତାମହ ଶ୍ରୀନିବାସ ରଥ ପଣ୍ଡିତ ଓ ପ୍ରପିତାମହ—ବିଷ୍ଣୁ ରଥ । ଆଠଗଡ଼ ରାଜାଙ୍କ ରାଜଗୁରୁ ରୂପେ ବାସୁଦେବ ନିଯୁକ୍ତ ହୋଇଥିଲେ । ଆଠଗଡ଼ର ରାଜା ରଘୁନାଥ ହରିଚନ୍ଦନ ତାଙ୍କୁ ବହୁ ଭୂମି ଦେଇଥିଲେ । ସୋମଯଜ୍ଞ କରିଥିବାରୁ ଏହି ରାଜା ତାଙ୍କୁ 'ସୋମଯାଜୀ' ପଦବୀ ମଧ୍ୟ ଦେଇଥିଲେ । ଆଠଗଡ଼ରେ କିଛି କାଳ ରହିବା ପରେ ବାସୁଦେବ ଖିମୁଣ୍ଡି ରାଜା ପୁରୁଷୋତ୍ତମ ଅନଙ୍ଗଦେବଙ୍କ ଆଶ୍ରୟରେ ରହିଲେ । 'ଚମ୍ପୂ' ଏକ ଐତିହାସିକ କାବ୍ୟ । ଏଥିରେ ପ୍ରାଚୀନ ଓଡ଼ିଶା ଇତିହାସ ସମ୍ପର୍କୀୟ ବହୁ ତଥ୍ୟ ଥିଲେ ମଧ୍ୟ ସେ ସବୁ ପ୍ରାମାଣିକ ନୁହେଁ ।

କବିରାଜ ହରକୃଷ୍ଣ ପଟ୍ଟଯୋଷୀ—ରାଧାବିଳାସ ନାଟକମ୍ (ସଂ) ରଚନା କରିଥିଲେ । ଶ୍ରୀହର୍ଷଙ୍କ ନୈଷଧୀୟ କାବ୍ୟର ଅନୁକରଣରେ

ରଚିତ । ପିତା—କାଶୀନାଥ ସାମନ୍ତରାୟ । ମାତା—ଅପର୍ଣ୍ଣା । କବିଙ୍କ ପୃଷ୍ଠପୋଷକ ରାଜା ଗଜେନ୍ଦ୍ର ଦେବ ତାଙ୍କୁ କବିରାଜ ଓ ସୁରେଶ୍ୱର ଉପାଧି ପ୍ରଦାନ କରିଥିଲେ । ୧୮ଶ ଶତାବ୍ଦୀର ଶେଷଭାଗରେ ଜୀବିତ ଥିଲେ । ଗଞ୍ଜାମ ଜିଲ୍ଲା ଚିକିଟି ରାଜ୍ୟର ରାଜା କୃଷ୍ଣଚନ୍ଦ୍ର ଗଜେନ୍ଦ୍ର ଦେବ ତାଙ୍କର ପୃଷ୍ଠପୋଷକ ଥିଲେ ।

ମହାମହୋପାଧ୍ୟାୟ ନରହରି ପଣ୍ଡା—୧୮ଶ ଶତାବ୍ଦୀର ମଧ୍ୟ ଭାଗରେ ଜୀବିତ ଥିଲେ । ଚିକିଟି ରାଜ୍ୟର ଅଧିବାସୀ । ମୃଚ୍ଛକଟିକମ୍ ଓ ମେଘଦୂତମ୍‌ର ଟୀକା ରଚନା କରିଥିଲେ । ମେଘଦୂତମ୍ ଟୀକାର ନାମ ଚନ୍ଦ୍ରପ୍ରକାଶିକା । ମେଘଦୂତକୁ ଜଗନ୍ନାଥଙ୍କ ରଥଯାତ୍ରାସହ ତୁଳନା କରାଯାଇଛି ।

କବିଭୂଷଣ ଗୋବିନ୍ଦ ସାମନ୍ତରାୟ—ପ୍ରସିଦ୍ଧ 'ଦ୍ୱିଜ ଚର୍ଚ୍ଚିତମ୍'ର ଲେଖକ । ଖ୍ରୀ: ୧୭୭୮ରେ ଗ୍ରନ୍ଥଟି ରଚିତ ହୋଇଥିବାର ଜଣାଯାଏ । ଗନ୍ଧର୍ବ ମାଧବ ନାଟକମ୍ (ସ) ନାମକ ନାଟକର ମଧ୍ୟ ସେ ରଚି ଥିବା ଜଣାଯାଏ । ଏ କଟକ ଜିଲ୍ଲା ବାଙ୍କି ରାଜ୍ୟର ଅଧିବାସୀ ଖୋର୍ଦ୍ଧା ରାଜା ବୀରକିଶୋର ଦେବଙ୍କ ସମସାମୟିକ । ୧୮ଶ ଶତାବ୍ଦୀର ମଧ୍ୟଭାଗରେ ଜୀବିତ ଥିଲେ । ନାଟକଟି ପୁରୀରେ ଅଭିନୀତ ହୋଇଥିଲା । ଏହା ଗୀତଗୋବିନ୍ଦ ଅନୁକରଣରେ ଲିଖିତ ।

ଏ ଯୁଗରେ ଉପେନ୍ଦ୍ରଙ୍କ ପ୍ରଭାବ ହିଁ ପ୍ରବଳ । ଊନବିଂଶ ଶତାବ୍ଦୀର ଶେଷ ଭାଗ ପର୍ଯ୍ୟନ୍ତ ଉପେନ୍ଦ୍ର ହିଁ ବେଶିଷ୍ଟ କବିମାନଙ୍କର ଆଦର୍ଶ ହୋଇ ରହିଥିଲେ । ଏହି କାରଣରୁ ଏ ଯୁଗକୁ ମୂଳତଃ 'ଉପେନ୍ଦ୍ର ଯୁଗ' ହିଁ କୁହାଯିବା ସଙ୍ଗତ ହେବ ।

ଏ ଯୁଗରେ ଅଳଙ୍କାରିକ କାବ୍ୟକବିତାର ବେଶି ଆଦର ଥିଲା । ଲୌକିକ ଓ ପାରମାର୍ଥିକ ଉଭୟ ବିଷୟବସ୍ତୁର କୃତିମାନଙ୍କରେ ଅଳଙ୍କାର, ଆଡ଼ମ୍ବର, ବର୍ଣ୍ଣନା ବାହୁଲ୍ୟ ପ୍ରଧାନ ଆକର୍ଷଣୀୟ ଲକ୍ଷଣ ଥିଲା । ଧନଞ୍ଜୟ, ଉପେନ୍ଦ୍ର, ଲୋକନାଥ, ସଦାନନ୍ଦ, ବ୍ରଜନାଥ, ବନମାଳୀ, ଅଭିମନ୍ୟୁ, ବଳଦେବ, ଯଦୁମଣି, ଗୋପାଳକୃଷ୍ଣ ପ୍ରଭୃତି କବିମାନେ ଉକ୍ତମାର୍ଗଦ୍ୱାରା

ପ୍ରଣୀତ ହୋଇ ପାଣ୍ଡିତ୍ୟପୂର୍ଣ୍ଣ ଆଲଂକାରିକ ଓ ସରଳ ଭାବ୍ୟ କବିତା ରଚନା କରି ପାଣ୍ଡିତ୍ୟକୁ ସମୃଦ୍ଧ କରିଛନ୍ତି । ଓଡ଼ିଶାରେ ଶ୍ରୀକୃଷ୍ଣଙ୍କ ବୃନ୍ଦାବନଲୀଳାତତ୍ତ୍ୱସମ୍ବଳିତ ବହୁ ସଂସ୍କୃତ କାବ୍ୟ, କବିତା ଟୀକା ଏହି ସମୟରେ ରଚିତ ହୋଇଥିଲା । ବିଶେଷ ପୃଷ୍ଠପୋଷକମାନେ କୃଷ୍ଣଲୀଳା ବିଷୟକ କାବ୍ୟରଚନାକୁ ଦେଖି ଆଦର କରୁଥିଲେ । ରାଜପଲ୍ଲୀ ବା ଗୋସ୍ୱାମୀପଲ୍ଲୀ ବୈଷ୍ଣବ ସମ୍ପ୍ରଦାୟର ପ୍ରଭାବ, ପ୍ରଚାର ଫଳରେ ବିଶେଷ ଭାବରେ ବ୍ୟାପି ଯାଇଥିଲା । ଏହି କାରଣରୁ ଜନପ୍ରିୟ ବ୍ରଜଭାଷାକୁ ବୈଷ୍ଣବ, ଅବୈଷ୍ଣବ କବିମାନେ ଉତ୍ତରୋତ୍ତର ବ୍ୟବହାର କରିଛନ୍ତି । ଫଳରେ ଅଦ୍ୟାବଧି ବର୍ଣ୍ଣନାତ୍ମକ ସଂଖ୍ୟା ବୃଦ୍ଧି ପାଇଛି ।

# ଦ୍ୱିତୀୟ ପରିଚ୍ଛେଦ

## ବୈଷ୍ଣବ କବି ବନମାଳୀ ଦାସ

ବୈଷ୍ଣବ କବି ବନମାଳୀ ଦାସଙ୍କ ପଦାବଳୀ ଓଡ଼ିଶାରେ ସର୍ବତ୍ର ଆଦର ଲାଭ କରିଛି । ତାଙ୍କର ଗୀତଗୁଡ଼ିକ ସର୍ବଜନବୋଧ୍ୟ ଓ ହୃଦୟସ୍ପର୍ଶୀ ହୋଇଥିବାରୁ ଲୋକେ ଏହାକୁ ଅତିଶୟ ଆଗ୍ରହକାରେ ପାଠ କରନ୍ତି ଏବଂ ସଂଗୀତଜ୍ଞ ଓ ଗାୟକମାନେ ଭଲଭାବେ ଏହାକୁ ସ୍ୱ ସ୍ୱ ଉଦ୍ୟୋଗରେ ବ୍ୟବହାର କରନ୍ତି । କବି ମୁଖ୍ୟତଃ ରାଧାକୃଷ୍ଣ ଯୁଗଳଲୀଳା ବିଷୟକ କବିତା ଲେଖିଥିଲେ ହେଁ 'ଗ୍ରାମ୍ୟ' ପ୍ରକାର ଗୀତ ମଧ୍ୟ ରଚନା କରିଛନ୍ତି ।

ଭଜନ, ମନଶିକ୍ଷା ଓ ଲୀଳାପଦାବଳୀ—ଏହିପରି ତିନି ଶ୍ରେଣୀରେ ତାଙ୍କର ପଦାବଳୀ ସାହିତ୍ୟକୁ ବିଭକ୍ତ କରାଯାଇ ପାରେ । ତାଙ୍କର 'କୃଷ୍ଣ ଭକ୍ତିବତ୍ସ' ଓ 'ସ୍ୱପ୍ନ' ନାମ (ଲେଖକର) ହସ୍ତକୁ ଆସିନାହିଁ ।

କବିସୂର୍ଯ୍ୟ ତାଙ୍କ ଗ୍ରନ୍ଥମାନଙ୍କରେ ''ବନମାଳୀ ଦାସଙ୍କ ଗୀତ ବାଣୀରେ ଗାଉଛ'' ବୋଲି ନିର୍ଦ୍ଦେଶ କରିଥିବାରୁ ବନମାଳୀ ଦାସ ତାଙ୍କର ସମସାମୟିକ ବା ଅଳ୍ପ ପୂର୍ବବର୍ତ୍ତୀ ହେବା ଅନୁମିତ ହୁଏ । ପୁଣି, ସଦାନନ୍ଦ ସ୍ୱତନ୍ତ୍ର-

ପରମ୍ପରାରେ ବନମାଳୀ ଦାସଙ୍କ ନାମ ଉଲ୍ଲେଖ କରିଛନ୍ତି । ସାଧୁଚରଣ (ସଦାନନ୍ଦ)ଙ୍କ ଗୁରୁ ଶ୍ରୀ କିଶୋର ଦାସ । କିଶୋର ଦାସଙ୍କ ଗୁରୁ ବନମାଳୀ ଓ ବନମାଳୀଙ୍କ ଗୁରୁ ଗଙ୍ଗାମାତା । ଏହି ଗଙ୍ଗାମାତା ସ୍ୱୟଂ ଗଙ୍ଗାମାତା ମଠର ପ୍ରତିଷ୍ଠାତା । ବନମାଳୀ ଖୋର୍ଦ୍ଧାର ରାଜା ବୀରକେଶରୀ ଦେବଙ୍କ ସମସାମୟିକ । ବୀରକେଶରୀ ଦେବ ଖ୍ରୀ: ୧୭୩୬ ଠାରୁ ଖ୍ରୀ: ୧୭୯୩ ପର୍ଯ୍ୟନ୍ତ ରାଜା ହୋଇଥିବା ଜଣାଯାଏ । କବି ବନମାଳୀଙ୍କର ସେ ଜଣେ ପ୍ରଧାନ ପୃଷ୍ଠପୋଷକ ଥିଲେ ଏବଂ ଏହି କାରଣରୁ ରାଜାଙ୍କ ନାମରେ କବି କେତୋଟି ଗୀତ ରଚିଥିବା କରିଥିବା ଜଣାଯାଏ । ବନମାଳୀ ପ୍ରଥମେ ଗୃହସ୍ଥ ଥିଲେ ଏବଂ ତାଙ୍କର କୂଳ ସାଙ୍ଗି ପଟ୍ଟନାୟକ ଥିବା ଅନୁମିତ ହୁଏ । "କି ହେଲିଣି ଆଜ ମୋର ବନ-ମାଳୀ" ଗୀତରେ କବି 'ପଟ୍ଟନାୟକ' ସାଙ୍ଗି ବ୍ୟବହାର କରିଛନ୍ତି ।

"ବୋଲେ ବନମାଳୀ ସେ ପଟ୍ଟନାୟକ ସୁମନ୍ତ୍ର କିଶୋରସ୍ୱାମୀ ।"

ପୁରୀରେ ତାଙ୍କର ଘର ଥିଲା । ସେ ଜଗନ୍ନାଥ ମନ୍ଦିରର 'ଛତିଶା ନିଯୋଗ' ସେବକଙ୍କ ଭିତରେ ଜଣେ ସେବକ ହେବା ଏହି ଭଣିତାରେ 'ମହାବାହୁ ତାହାକୁ କରୁଣା ଦୃଷ୍ଟି' କହି ଗୀତରେ ଜଗନ୍ନାଥଙ୍କୁ ଜଣାଇଛନ୍ତି—

ପଟ୍ଟଉପାଧିକ ପଟ୍ଟନାୟକ ହେଁ ଅଟଇ ତ ଅବସ୍ଥି ମୁହିଁ,
କଣ୍ଠରେ ଗୁଣ୍ଡିଚ ଏତକ ଜଣାଣ ଘୁମ୍ଭିଁ ଛଡ଼ା ହେବ ନାହିଁ ।
ହେବୁ ଭାବ ପଛେ ହୁଏ ହୋଇଥିବ ଧୂପ ଅବକାଶ ବେଳେ,
ଚେଇଁ ପଶ୍ଚିମ ନନ୍ଦନ ପଣରେ ଶିଶୋ ଖଟିବ ହେଲେ ।
ଛତିଶ ନିଯୋଗୀ ମଧ୍ୟରେ ଗଣିବ ମହିମା ହେଁ ମୋହର ନାଥ,
ତାଳୁଥିବ ସ୍ୱଦେଶ ସୁମର ଅଳ୍ପ ଧାଇ ଗୁଣ୍ଡ ଗୁଣ ଗୀତ ।

ଏହି ରାଜାଙ୍କ ପୃଷ୍ଠପୋଷକତାରେ ସ୍ଥାନ ପାଇଥିବାରୁ ତାଙ୍କ ପକ୍ଷେ ଜଗନ୍ନାଥ ମନ୍ଦିର କିମ୍ବା ଅନ୍ୟ କୌଣସି ରାଜକାର୍ଯ୍ୟରେ 'ବଡ଼ପଣ' ପାଇବା ସମ୍ଭବ ଥିଲେ ମଧ୍ୟ ବୈଷ୍ଣବୋଚିତ ଦୈନ୍ୟବଶରୁ ଏହା କାମନା କରି ନାହାନ୍ତି ।

"କୃଷ୍ଣ ମୁଖ ମୋର ଲେଖା ନାହିଁ କିଛି ନ ଲେଖିଲ ବଡ଼ପଣ"
(ଉପରୋକ୍ତ ଗୀତରେ)

ରାଜା ହରିଚନ୍ଦନ ଦେବ ବ୍ରଜବିହାରୀ ଶିଷ୍ୟ ଥିବା ମନେ ହୁଏ, କାରଣ ତାଙ୍କ ନାମରେ ବନମାଳୀ ଭଣିତା ଥିବା ଏକ ଗୀତରେ ଯୁଗଳ ରସ ଓ ବୈଷ୍ଣବ ଧର୍ମର ମାହାତ୍ମ୍ୟ କୀର୍ତ୍ତିତ ହୋଇଛି ।

ଶ୍ରୀଗୁରୁ ବୈଷ୍ଣବ ଶୁଦ୍ଧ ଭକତି ଅଧିକ ରେ । ଘୋଷା । ×
ବ୍ରଜ-ଅପ୍ରାକୃତ ପ୍ରେମ-ରସାସ୍ୱାଦ ମନ୍ତ୍ର । × × ୨ ।
ବାହୁ ଟେକି ପୁରି ବୋଲି ଡାକନ୍ତି ଗୌରାଙ୍ଗରେ । ୩ ।
ଭଣିଲେ ଧୀର ଶ୍ରୀ ହରି ଚନ୍ଦନ ରାଜ ।
ଧ୍ୟାନ କରି ଶ୍ରୀ ଯୁଗଳ-ଚରଣ-ସରୋଜ ରେ । ୪ ।
( "ମନ, ଗୌରକୃଷ୍ଣ ଭଜରେ" ଗୀତରେ )

ଯାହା ହେଉ ପୂର୍ବରୁ ଜଣେ ଶୃଙ୍ଗାର ଥିବା ବି ଜଣାପଡ଼େ; ତାଙ୍କର 'ସ୍ତୋତ୍ର' ରସ ଗୀତମାନଙ୍କରୁ ସେ ଜଣେ ରସିକ ହୃଦୟ ଥିବା ସ୍ପଷ୍ଟ ହେଉଛି ।

(୧) "ଆହା ମୋର ରଙ୍ଗଲଳନୀ" ଗୀତ—
× × "ଶେଯେ ମନ୍ଦି ଫୁଲ ବିଛିବା କଥା,
ମନେ ପଡ଼ି, ହୃଦେ ଉଠଇ ବ୍ୟଥା × × । ୨ ।
× × ରତନ-ଫଳକା ମଣ୍ଡି ଦର୍ପଣରେ,
ଏବେ ଦେଖିଥିଲି ମୁଖ ମୁକୁରେ । ୩ ।
ପୁଷ୍ପ ବେଣୀ ଆଣି ଖୋଷି ଦେଉଥାଇ,
ଦେଖି ପ୍ରଭୁ ଭୃଙ୍ଗ ହେଲୁ ଯା ଭୁଷି । ୩ ।

(୨) "ଆହା ଶଶୀବଦନା" ଗୀତରେ—
"ଭୂଷିତ ମୁଣ୍ଡ ତରଳଣି ଚମ୍ପକ ଧାରହାରୀ ବନମାଳୀଙ୍କ ତୋଷିବ ।"

ଏତ ଦୂରରେ ଅବସ୍ଥାନ କରୁଥିବା ବେଳେ ପ୍ରତ୍ୟହ ଜଗନ୍ନାଥଙ୍କୁ ଦର୍ଶନ କରୁଥିଲେ ଏବଂ ତାଙ୍କର ଭାବସମୁଦ୍ରରେ ଡୋଳଦେଇ ଆନନ୍ଦ ଉପଭୋଗ କରୁଥିଲେ ।

ବାର୍ଦ୍ଧକ୍ୟରେ କବି କେବଳ ପୁରୀରେ ଦେହତ୍ୟାଗ କରିବା ଭାବନା କରି ଜଗନ୍ନାଥଙ୍କୁ ପ୍ରାର୍ଥନା କରୁଛନ୍ତି ଏବଂ ଶରଧାବାଲିରେ ଟିକିଏ ସ୍ଥାନ ଦେବା ପାଇଁ ଜଣାଇଛନ୍ତି ।

(୧) "ଜୟ ଜଗନ୍ନାଥ ହେ ଯଶୋଦା କୁମର" ଜଣାଣରେ—

ଲବଣ ଜଳଧି ତଟ ନୀଳାଦ୍ରି ନାମେ ପ୍ରକଟ,
କଳ୍ପବଟ ମୂଳେ କି ଲଭିବ ମୋର ଶରୀର ॥ ୪ ॥

କହେ ବନମାଳୀ ଦାସ ଶ୍ରୀଗୁରୁ ଚରଣେ ଆଶ,
ଅନ୍ତେ କ୍ଷେତ୍ରବାସେ ଶେଷେ ଜୀବନ ଯିବ ମୋର ॥ ୫ ॥

(୨) "ଜଗନ୍ନାଥ ହେ କିଛି ମାଗୁ ନାହିଁ ମୁଁ ତୋତେ" ଜଣାଣରେ

ଧନ ମାଗୁ ନାହିଁ, ଜନ ମାଗୁ ନାହିଁ,
ମାଗୁଛି ଶରଧା-ବାଲିକୁ ହାତେ । ଘୋଷା ।

କବି ଯୁବକ ଥିବା ବେଳେ ଗ୍ରାମ୍ୟରସର ଗୀତ ରଚନା କରିଥିବା ଜଣାଯାଏ, କାରଣ ପଞ୍ଚଶତବୟସରେ ସେ ଏହାକୁ ଘୃଣାକରି ହରିନାମ କୀର୍ତ୍ତନରେ ମନ ବଳାଇ ଥିବା ବ୍ୟକ୍ତ କରିଛନ୍ତି—

"ଜଗନ୍ନାଥ ହେ" ଜଣାଣରେ—

ଜିହ୍ୱା ନ ବାଞ୍ଛଇ ଗ୍ରାମ୍ୟ ଗୀତ ଗାଇବାକୁ ରଜନୀ ଦିବସ,
ତୁମ୍ଭ ନାମାବଳୀ କେବଳ ଅଟାଳି ହୋଇଥାଉ ପୀତବାସ ॥ ୨ ॥

ବୃଦ୍ଧାଶ୍ରମରେ କବି ବହୁ କଷ୍ଟରେ ଜୀବନଯାପନ କରୁଥିବା ପ୍ରକାଶ କରିଛନ୍ତି । କ୍ଷୁଧା, ଜଞ୍ଜାଳ, ଅଳ୍ପକଷ୍ଟ, ବହୁକଷ୍ଟ ତାଙ୍କୁ ଅସ୍ଥିର କରି ଦେଉଥିଲା । ଏପରିକି ସେ କାଳି 'ଭେକ' ଖଣ୍ଡିଏ ପିନ୍ଧି ଦେଉଥିଲେ ଯାଇ ଜଗନ୍ନାଥଙ୍କୁ ଦର୍ଶନ କରିବା ପାଇଁ ମଧ୍ୟ ତାଙ୍କର ସମ୍ବଳ ନଥିଲା । ଏହି କାରଣରୁ ସେ

ଜଗନ୍ନାଥ ଦେଉଳକୁ ମଧ୍ୟ ପ୍ରଭୁଦାସ ଯାଇ ପାରୁ ନଥିଲେ । ଦୁଃଖ ଜଣାଇବେ ସେ ଏହା ବଡ଼ କରୁଣ ଭାବରେ ପ୍ରକାଶ କରିଛନ୍ତି ।

ଅହେ ପ୍ରଭୁ ନୀଳାଶ୍ରୀମୁଖ !
ଜାଳି ଯାଉ ଭଜି ନପାଲୁ ଦୁଃଖ । (ଘୋଷା)
ନ ଥିବା ତୁମ୍ଭରି କଣ୍ଠାଲବ୍ଧ ମୁଁ ଯାଆନ୍ତେ ମୋ ଯାକ ଅବସ୍ଥା ଦେଖ ।
କେଣୁ ଶ୍ରୀମୁଖକୁ ଯାଇ ନ ପାରଇ
ଝୁରିଏ ତ ମୋର ନ ଥାଇ ଭେଳ । ୧ ।

ସାଧୁଙ୍କ କଙ୍କାଳ, କୃଷ୍ଣ ହେଲ ହୋଇଁ ତାଙ୍କର ଅନ୍ତର ବେଦନା ଅଧିକ ହୋଇ ପଡ଼ିଥିଲା । ଏହି କାରଣରୁ ତାଙ୍କର ମନ ମଧ୍ୟରେ ଶାନ୍ତି ନ ଥାଏ, ହୃଦୟ ମଧ୍ୟ ପଦାବମୁଖ ହୋଇ ଥାଏ ।

'ଭେଳ'କୁ ଯାଷା ଅର୍ଥରେ ନେଲେ ମଧ୍ୟ ସଂସାର କଙ୍କାଳରୁ, ଯଶୁ ଗୃହସ୍ଥଙ୍କ ପରି ସେ ମଧ୍ୟ ମୁକ୍ତ ନଥିଲେ ; ଅନ୍ନବସ୍ତ୍ରର କଷ୍ଟ ତାଙ୍କୁ କରୁଣନ କରୁଥିଲା, ଏହା ସହଜରେ ଅନୁମେୟ ।

ଜାତ ଯାଷା ନେବା ପରେ ମଧ୍ୟ ଘରେ ଅବସ୍ଥାନ କରୁଥିଲେ ଏବଂ ବୈଷ୍ଣବ-ବୈରାଗୀ ହେବା ପରେ ଅର୍ଦ୍ଧ ଜୀବନଯାପନ କରିବାରେ ସମ୍ପାସ୍ଥିକ ହେବା ନିମନ୍ତେ ପ୍ରଭୁ ନୀଳାଚଳନାଥ ଜଗନ୍ନାଥଙ୍କୁ ପ୍ରାର୍ଥନା କରୁଥିଲେ । "ଏହି ଅଙ୍କ ଶ୍ରୀ ତୁମ୍ଭରେ ହେ ଯାଦବ, ଏହି ଅଙ୍କ ଶ୍ରୀ ତୁମ୍ଭରେ" ଗୀତରେ ସେ ନିଜର ଅଭିଳାଷ ବ୍ୟକ୍ତ କରିଛନ୍ତି । ଏକାନ୍ତ ଭକ୍ତର ମନର କାମନା ଏହି ଗୀତଟିରେ ସୁନ୍ଦର ଭାବରେ ପ୍ରକ୍ଷିପ୍ତ ଅଛି । 'ଦୀନାଜନା' ନଥା ହେଲେ ମଧ୍ୟ ତାଙ୍କର ଚିନ୍ତା ନାହିଁ, ଭଲୁ ବଡ଼ ଦେଉଳର ନୀଳଚକ୍ରକୁ ସ୍ପର୍ଶ ସୁଖୀ ହେଉଥିବେ, ଶ୍ରୀକ୍ଷେତ୍ରରେ ବସି ଜଗନ୍ନାଥଙ୍କର ବାଇମାନଙ୍କରେ ତେଉର ଆସି ଦେଖୁଥିବେ, ଏହିଠାରେ ଭିକାରୀ ଓ ସାଧୁସନ୍ଥମାନଙ୍କର ଭକତ ହୋଇ ମଧୁକରୀ ମାଗୁଥିବେ । ବଡ଼ଦେଉଳ ଭିତରେ ଆନନ୍ଦ-ବଜାରରେ ଜଗନ୍ନାଥଙ୍କ ନାମ ଗାଇ ଗାଇ ମହାରେ ବୁଲୁଥିବେ ।

ଏହା ସାଧ୍ୟ ନେଇଥିବା ସ୍ପଷ୍ଟ ଭାବରେ ବ୍ୟକ୍ତ କରିଛନ୍ତି—"ଏଥିପାଇଁ କୁଳ ମୂଳ ଛାଡ଼ିଅଛୁ, ସଖି କରି ନେଉ ଏବେ।" ('ଏହି ଦେଖ ଶ୍ରୀ ଗୁଣ୍ଡିଚେ' ଗୀତ)

ବନମାଳୀ 'ଗର୍ବୋନ୍ମତ୍ତ ରାଜାଗୁରୁ'ମାନଙ୍କ ଦୃଷ୍ଟି ପାଇ ନଥିଲେ। ଏହି ଗର୍ବମତ୍ତମାନଙ୍କ ଅନାଦର ଅଭ୍ର ଭାଙ୍ଗି ନାହିଁ ବୋଲି ସେ ଦୁଃଖରେ ଜଗନ୍ନାଥଙ୍କୁ ଜଣାଇଛନ୍ତି। 'ଛାଦର ଚଳୁ'ରେ ଗର୍ବମତ୍ତ ରାଜାଗୁରୁମାନଙ୍କଠାରେ 'ଯାଚନା' କରିବାକୁ ତାଙ୍କୁ ଲାଜ ମାଡୁଥିଲା। ଏହି କାରଣରୁ ସେ ଅନ୍ତରବେଦନା ଅନୁଭବ କରୁଥିଲେ। ରାଜାମାନଙ୍କଠାରେ ଭିକ୍ଷା ମାଗିବା ମଧ୍ୟ ସେ ଅଳ୍ପ ପସନ୍ଦ କରୁ ନଥିଲେ।

(୧) ଛାଡ଼ ଏ ଛାଦର ପାଇଁ
    ନେତ୍ର ଜନଙ୍କୁ ବୋଲିବ ମହିମା ଶୋଭାଇଁ।
        ('ଛାଡ଼ି ଏ ଛାଦର ପାଇଁ' ଜଣାଣ)

(୨) ମହାବାହୁ ! ମୋ ଶ୍ରମ କାହିଁ କେ ବୁଝିବ,
    ଛାଦର ଚଳୁରେ ଚଳୁଥିଲି ନୟନ ବହୁ ଦିନ ଗଲି ଶୁଖି ! (ଘୋଷା)
    ଇତର ଜନରେ ଯାଚନା କରିବାକୁ ବଡ଼ଲୋକେ ମାଡ଼ଇ ଲାଜ,
    ଅନ୍ତରବେଦନା କେ ଜାଣିବ ଶ୍ରୀପତି ବିନୁ ଦେବ-ରାଜ !
    ରାଜାଗୁରୁମାନେ ଯେତେ ଯେ ଅଛନ୍ତି ସେ ସର୍ବେ ଗର୍ବମତ୍ତ,
    ହେଉଛନ୍ତି ଧନ ଆଶା ନ ଛାଡ଼ନ୍ତି ଶ୍ରୀପାଦେ ଦେବ ମହାନ୍ତ।

ବନମାଳୀଙ୍କ ସମସାମୟିକ ଗୋପୀନାଥ ଦାସ (ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମା) ମଧ୍ୟ ଏହିପରି ଭାବରେ ଗର୍ବମତ୍ତ ରାଜାଗୁରୁମାନଙ୍କୁ କଠୋର ଭାଷାରେ ସମାଲୋଚନା କରିଛନ୍ତି।

ଭାଷା—ବନମାଳୀଙ୍କ ଭାଷା ମାର୍ଜିତ, ସ୍ନିଗ୍ଧ ମଧୁର। ସେ ସରଳ ଭାଷା ବ୍ୟବହାର କରି ତାଙ୍କର ପଦଗୁଡ଼ିକୁ ମଧୁର କରିପାରିଛନ୍ତି।

ଅଳଙ୍କାର ଦୃଷ୍ଟିରେ ଅନୁପ୍ରାସର ସୁନ୍ଦର ପ୍ରୟୋଗ ପଦଗୁଡ଼ିକୁ ରମଣୀୟ କରିପାରିଛି।

ନାୟକ, ନାୟିକା, ଦୂତ ଦୂତୀ ପ୍ରଭୃତିଙ୍କ ଅନୁଚିନ୍ତା, ସ୍ତବ, ଶବ୍ଦାର୍ଥ ଅଲଙ୍କାର ମାଧ୍ୟମରେ ଶୋଭନ ସ୍ୱରରେ ଫୁଟାଇ କବିତ୍ୱ ଚିତ୍ର ସୃଷ୍ଟି କରି ପାରିଛନ୍ତି ।

ଭକ୍ତ ବନମାଳୀ କେତେକ ପ୍ରାଚୀନ ଛନ୍ଦ ବ୍ୟବହାର କରିଛନ୍ତି ।

ଝାମ୍ପା—"ଆହ୍ଲାଦରେ ଏଣି ଚାହାନ୍ତ ଦେଖ ସାମ୍ନାରେ ।"

('ଧଳା କଳା ଯୋଡ଼ରେ, ଭଲା ନାଚୁ ମୋଦରେ' ଗୀତ)

ଖମ୍ବା, ବରାଡ଼ି—"ଆନନ୍ଦ ବନାରେ କୃଷ୍ଣ ମଞ୍ଚାରେ ଗାଉଛନ୍ତି ତୋର ନାମ ।"

('ଏହୁ ଅଳି ଶ୍ରୀମୁଖରେ' ଗୀତ)

ନଟର—"ତା କଥା କ ଆରେ ମୋ ନାଗରକୁ ନେ ।"

('ଶ୍ୟାମ ସୁନ୍ଦର ଶ୍ରୀମୁଖ ଅନାଇ' ଗୀତ)

ଦେଶା—"ଦେଖାଦେବ ବନମାଳୀ କହ୍ନେଇ ।"

('ଲଙ୍କା ଲଙ୍କା ହଳାଇ କୁଳଜା ଗଢ଼ିଲେ' ଗୀତ)

ଗୌଡ଼ର—"କେଉଁପଦ୍ମର କହ୍ଲାର ପଦରେ ଝଙ୍କାର ଶୁଣିବ ହେଲେ"

('ମହାବାହୁ ! କାହାକୁ କହିବ ଦୁଃଖ' ଗୀତ)

## ଗୋଷ୍ଠ ଭକ୍ତାବଳୀ

ଭକ୍ତ ବନମାଳୀ ଦାସ ପ୍ରଥମେ ଗଣେଶଙ୍କୁ ଓ ସାରଳାଙ୍କୁ ବନ୍ଦନା କରି କାବ୍ୟଖଣ୍ଡ ଆରମ୍ଭ କରିଛନ୍ତି । ଛୋଟ ଛୋଟ ଛଅଟି ଛାନ୍ଦରେ କାବ୍ୟଟି ସମ୍ପୂର୍ଣ୍ଣ ହୋଇଛି । କ୍ରମାନୁସାରେ ଛାନ୍ଦମାନଙ୍କରେ ଏହି ରାଗଗୁଡ଼ିକ ବ୍ୟବହୃତ ହୋଇଛି—କଲ୍ୟାଣଗୌଡ଼ା, ମାଳଶ୍ରୀ, ବରାଡ଼ି, ଆସାଢ଼ ଶୁକ୍ଳବାଣୀ, କେଦାର ଚକ୍ରକେଳି ବାଣୀ, ଦେଶାକ୍ଷ । ଛାନ୍ଦମାନଙ୍କର ପଦସଂଖ୍ୟା ସମାନ ନୁହେଁ ।

୧ମ ଛାନ୍ଦରେ ୧୩ ପଦ, ୨ୟ ଛାନ୍ଦରେ ୧୮, ୩ୟ ଛାନ୍ଦରେ ୩୦, ୪ର୍ଥ ଛାନ୍ଦରେ ୮୧, ୫ମ ଛାନ୍ଦରେ ୬୨, ୬ଷ୍ଠ ଛାନ୍ଦରେ ୧୧ ପଦ ଅଛି ।

ପଞ୍ଚମ ଛାନ୍ଦ ବ୍ୟତୀତ ଅନ୍ୟ ସବୁ ଛାନ୍ଦର ଶେଷରେ ଭଣିତା ଅଛି । ସେ ନିଜକୁ ଭକ୍ତ ବନମାଳୀ, ଦୀନ ବନମାଳୀ, ଦାସ ବନମାଳୀ ବୋଲି ପରିଚୟ ଦେଇଛନ୍ତି । ଭକ୍ତ ନିଜକୁ 'ଦୀନ ହୀନ ମୂଢ଼ ମୂର୍ଖ ଜନ' ( ୨ୟ ଛାନ୍ଦ ) ବୋଲି ପରିଚୟ ଦେଉଥିବାରୁ ଏହା ତାଙ୍କର ନମ୍ରତା ପ୍ରମାଣିତ କରୁଛି ।

କବି ଗ୍ରନ୍ଥାରମ୍ଭରେ ଓ ଦ୍ୱିତୀୟ ଛାନ୍ଦର ଆରମ୍ଭରେ ଗଣେଶଙ୍କୁ ସ୍ତୁତି କରିଛନ୍ତି ଏବଂ ଦଶମ ଛାନ୍ଦରେ "ଗୋପୀନାଥ ପାଦ ତଳେ ରଖି ମୋର ଚିତ୍ତ" ଓ ଶେଷ ଛାନ୍ଦରେ "କମଳାପତିଙ୍କ ପାଦପଦ୍ମକୁ ଧ୍ୟାୟୀ" ବୋଲି ସୂଚନା ଦେଇଛନ୍ତି । ଏଥିରୁ ତାଙ୍କର ଉଦ୍ଦିଷ୍ଟ ଧର୍ମପନ୍ଥା ସ୍ପଷ୍ଟ ନ ହେଲେ ମଧ୍ୟ ଏଥିରେ ବୈଷ୍ଣବ-ଶୈବ ସମନ୍ୱୟ ଥିବା ଅନୁମାନ କରି ପାରିବା । କବି ସଜ୍ଜନ, ରସିକ, ପଣ୍ଡିତ ଓ ଗୁଣବନ୍ତ ପାଠକମାନଙ୍କୁ ବିନୟରେ ନିବେଦନ କରିଛନ୍ତି । ଏହି ଶ୍ରେଣୀର ପାଠକଙ୍କୁ 'ଆମ୍ଭ' ବୋଲି ସେ ଗଣାଇଛନ୍ତି । ଏହା ମଧ୍ୟ କବିପରମ୍ପରାର ଏକ ଲକ୍ଷଣ ।

କାବ୍ୟର କଳେବର କ୍ଷୁଦ୍ର ଭକ୍ତିର କଳ୍ପନା କରିଥିବା ଯୋଗୁଁ କବି ବସ୍ତୁବିନ୍ୟାସର ପ୍ରବାହ, ବିକାଶ ଓ ବର୍ଣ୍ଣନାର ପ୍ରାଞ୍ଜଳତା ପ୍ରଭୃତିକୁ ବାହୁଲ୍ୟ କରି ନାହାନ୍ତି । ଏହି କାରଣରୁ ଗୀତ-ଚାତୁର୍ଯ୍ୟର ଅଭାବ ପରିଲକ୍ଷିତ ହେଉଛି । କଥାପ୍ରବାହ ହିଁ କାବ୍ୟର ବହୁ ଅଂଶ ଅଧିକାର କରିଛି । କଥୋପକଥନ, ବର୍ଣ୍ଣନା ପ୍ରଭୃତିରେ ଶ୍ଳେଷ, ଛଳ, ବକ୍ରୋକ୍ତି ପ୍ରଭୃତିର ବ୍ୟବହାର ନଥିବାରୁ କାବ୍ୟନାୟିକା ଉକ୍ତି-କାବ୍ୟ-ସୌନ୍ଦର୍ଯ୍ୟରେ ସମଣ୍ଡିତ ହୋଇ ପାରିନାହିଁ । ତେବେ ସରଳ ଭାଷା, ଅଳଙ୍କାର ଓ ସୁଲକ୍ଷିତାବଳୀ ଯୋଗୁଁ କାବ୍ୟଟି ଜନସମାଜର ଆଦର ଲାଭ କରିପାରିଛି । ଅନୁପ୍ରାସ, ଯମକାଦି ଅଳଙ୍କାରର ପ୍ରୟୋଗ ଦୃଷ୍ଟିଗୋଚର ହୁଏ ନାହିଁ ।

କବି ସମାଜର କେତେକ ଘଟଣାକୁ ସଂକ୍ଷେପରେ, ସୁନ୍ଦର ଭାବେ ଓ ସରଳ ଭାଷାରେ ବ୍ୟକ୍ତ କରିଥିବାରୁ ସାଧାରଣଙ୍କଦ୍ୱାରା ଏହା ଆଦୃତ ହୋଇଛି ।

ହେମଜରାଜକନ୍ୟା ପଦ୍ମା କଳାବତୀଙ୍କ ସହ ଉତ୍କଳ ଦେଶର ରାଜା ମଦନଚନ୍ଦ୍ରଙ୍କ ପୁତ୍ର ଭୂବନଚନ୍ଦ୍ରଙ୍କ ସହିତ ପ୍ରୀତି, ମିଳନ ଓ ବିବାହ ଏହି କାବ୍ୟର ବିଷୟବସ୍ତୁ । ଧାନ୍ୟପୁରୀ ନଗର ହେମଜିତ୍‌ଙ୍କ ରାଜଧାନୀ ।

କଥାବସ୍ତୁ—ରାଜକୁମାର ରୂପ ବହୁ ଅତି ସୁନ୍ଦର ଯୁବକ । ପୁତ୍ରଙ୍କ ରୂପ ଯୌବନ ଦେଖି ପିତା ତାହାଙ୍କ ବିବାହ ନିମନ୍ତେ "ରସିକା ପଣ୍ଡିତା ସୁନ୍ଦରୀ" କନ୍ୟା ଖୋଜାଇଲେ । ଦେଶ ଦେଶାନ୍ତରରେ ଦୂତମାନେ ଭ୍ରମଣ କରି ବହୁ ସୁନ୍ଦରୀ ରାଜକୁମାରୀଙ୍କ ଚିତ୍ରପଟ ଆଣିଲେ । କେହି ସେଥିରେ କୁମାରଙ୍କ ମନ ମାନିଲା ନାହିଁ । କୁମାର ପ୍ରତିଜ୍ଞା କଲେ କନ୍ୟା ସୁନ୍ଦରୀ, ପଣ୍ଡିତ ହୋଇଥିବ । ଯଥା—

ଆସ୍ତ ମନ ମୁଗଧ ଯେ ବିଦ୍ୟାରେ ଭରସା,
ସୁନ୍ଦରୀ କାମିନୀଙ୍କ ରୂପରେ ଯେତ୍ତ ଭରସା ।

ଏଭଳି କନ୍ୟାକୁ କେବଳ ସେ ବରଣ କରିବେ । ପିତା ପୁତ୍ରଙ୍କର ଏ ପ୍ରତିଜ୍ଞା ଶୁଣି ବିଚଳିତ ହୋଇ ପଡ଼ିଲେ ଏବଂ ତାଙ୍କର କର୍ତ୍ତୃତ୍ୱ ଓ ବିବେଚନା ଉପରେ ପୁତ୍ର ନିର୍ଭର ନ କରୁଥିବାରୁ ଅତ୍ୟନ୍ତ କ୍ରୋଧ ପ୍ରକାଶ କଲେ । ପୁତ୍ରଙ୍କୁ କୁପୁତ୍ର ବୋଲି ଘୋଷଣା କରି କହିଲେ—

ବୋଲେ ରାଜା ହୋଇ ଅତି କୋପେ ପ୍ରଜ୍ୱଳିତ,
ରାଜ୍ୟରୁ ବାହାର କର ଦୁଷ୍ଟ ଏହି ପୁତ୍ର । (୧ମ ଛାନ୍ଦ)

ପୁତ୍ର "ତାହାର ଇଚ୍ଛାରେ ବଶ ହେବ ନାହିଁ କହି" ବୋଲି ମଧ୍ୟ କହିଲେ । ପିତାଙ୍କର ଏ ବାକ୍ୟ ଶୁଣି କୁମାର ଅନେକ ଶାସ୍ତ୍ରାଦିର ସ୍ୱଦେଶ ତ୍ୟାଗ କଲେ ।

କିଛିଦିନ ପରେ ହେମଜରାଜଙ୍କ ଧାନ୍ୟପୁରୀ ନଗରରେ କୁମାର ଉପସ୍ଥିତ ହେଲେ । ସେଠାରେ ରାଜକୁମାରୀ ଜିଜ୍ଞାସା ଦ୍ୱିଜ କନ୍ୟାଙ୍କର ସଖୀ ଚାମର କରେଣ ନାମ ପଣ୍ଡିତ-ଓଝାଙ୍କଠାରେ ବିଦ୍ୟାଶିକ୍ଷା କରୁଥିଲେ । ରାଜଅନ୍ତଃପୁର ସିଂହଦ୍ୱାରଠାରେ ଚିତ୍ରଶାଳୀ ଅବସ୍ଥିତ ଥିଲା । ସେଠାରେ

ଇନ୍ଦ୍ରାବତୀଙ୍କ ସଙ୍ଗେ ରାଜକୁମାର ସୁବୁଦ୍ଧିଙ୍କ ଭେଟ ହେଲା । ଉଭୟେ ଉଭୟଙ୍କ ଶୋଭାରେ ମୁଗ୍ଧ ହୋଇଗଲେ । ଗୁରୁ କରୁଣାକର ରାଜକୁମାରଙ୍କ ପରିଚୟ ମାଗିବାରୁ ସେ ପ୍ରକୃତ ଘଟଣା କହିଲେ । ଗୁରୁ ତାଙ୍କ ପ୍ରତି କୃପାପରବଶ ହୋଇ ନିଜ ଘରେ ରଖିଲେ ଏବଂ ତାଙ୍କୁ ଧର୍ମପୁତ୍ର କରି କହିଲେ—

ଆଜଠୁଁ ହୋଇଲୁ ଆମ୍ଭ ଧର୍ମର ନନ୍ଦନ ହେ ।
ଶୁଣବେଳା ଭକ୍ତି ପଡ଼ୁଥିବ ଇଚ୍ଛା ତୁଳେ
ଧର୍ମକେତୁ ବିଦ୍ୟାଧରେ ନାମ ତାଙ୍କୁ ଦେଲେ ସେ । (୧ମ ଛାନ୍ଦ)

ଏ ବ୍ୟବସ୍ଥାରେ ଇନ୍ଦ୍ରାବତୀ ପରମ ସନ୍ତୋଷ ଲାଭ କଲେ । "ସ୍ୱାମୀ ପାଇଲି ମୁଁ ଉତ୍ତମ ଦ୍ୱିତୀୟ ହେ" ବୋଲି ଭାବିଲେ ଏବଂ କୁମାରଙ୍କ ସହିତ ପାଠ ପଢ଼ିଲେ । ବିଦ୍ୟାଳୟରେ ପଠନ ସମୟରେ ଉଭୟଙ୍କ ମନ ଉଚ୍ଛନ୍ନ ହେଲା, ଉଭୟେ ପରସ୍ପରପ୍ରତି ଆକୃଷ୍ଟ ହେଲେ ।

କୁମାର ପରେ ନୟନ ପଡ଼ନ୍ତେ ତାହାର,
ମୋହ ବଶେ ମନ ତାର ହୋଇଲା ଅସ୍ଥିର ।
ଧର୍ମଧର ରାଜନେମା ଜରଇ ଶରୀର,
ମୋହରି ସଦୃଶ ଯଦି ମିଳିଲାକ ବର ।
ଇଚ୍ଛାରେ କହିବ ବୋଲି ମନେ ଭଳ ଚିନ୍ତା,
ଏ ମୋହର ମନବାଞ୍ଛା ସିଦ୍ଧକର ଧାତା । (୧ମ ଛାନ୍ଦ)

ପୁଣି ସୁବଟର ଅବସ୍ଥା:—

ବିଦ୍ୟା ପଢ଼ିବାରେ ନ ବଳଇ ସୁଟମନ,
ଜରେଗଲା ରୂପଁ ଆଇ କ୍ରମାସ୍ତ ବଦନ ।

ଉଭୟଙ୍କଠାରୁ ମୀଠାର ପରିଚୟ ମାଗିବାରୁ ଇନ୍ଦ୍ରାବତୀଙ୍କୁ ଗୁରୁ ସେ "ଆମର ଏ କନ୍ୟାପୁତ୍ର, ତୁମ୍ଭ କେମ୍ବଭଳ" ବୋଲି କହିଲେ । ଇନ୍ଦ୍ରା ହରଷିତ ହେଲେ ଏବଂ ଉଭୟେ ବିଦ୍ୟାଶିକ୍ଷା କଲେ ।

ସାହିତ୍ୟ ସଙ୍ଗୀତ ବାଦ୍ୟମାନ ସମ୍ଭରନ୍ତି,
ଦୁହେଁ ବିଦ୍ୟାରେ ସମାନ ତୁଳନା ଦେନ୍ତି । (୧ମ ଛାନ୍ଦ)

ଏଣେ କନ୍ୟାଶିକ୍ଷା ସମୟରେ ଇଚ୍ଛାର ଶ୍ରୁତିରୁ ଝଡ଼ି ଖସିଯାଇ ଚଳିଗଲା । ତେଣୁ ଝଡ଼ିଟି ଆଣିବାକୁ କହିବାରୁ ଚିତ୍ର କହିଲେ—"ଖଡ଼ି ଯେବେ ତୋଲିଦେବ ସତ୍ୟ ମୋତେ କର ।" ଇଚ୍ଛାବତୀ ସମ୍ମତା ହେବାରୁ ଚିତ୍ର ଝଡ଼ି ଆଣିଦେଲେ । ପରେ ଏ କଥା ଲୋକମାନଙ୍କ ମନରେ ଆନ୍ଦୋଳିତ ହେଲା । ଦୁହେଁ ଏକୁଟିଆ ଥିବା ସମୟରେ ପରସ୍ପରରେ ନିଜ ନିଜର ମନୋଭାବ ବୁଝିପାରିଲେ ଏବଂ ଚିତ୍ରଙ୍କ ଅନୁରୋଧ କ୍ରମେ ଇଚ୍ଛା ତାଙ୍କର 'ଭାର୍ଯ୍ୟା' ହେବାକୁ ସ୍ୱୀକାର କଲେ । ଗଣେଶ ଚତୁର୍ଥୀ ଦିନ ଦୁକାପାର୍ଶ୍ୱ ଦ୍ୱାରା ଅଣିଦା ନମସ୍କାର ଗୁରୁ ଆଜ୍ଞାଦେଲେ । ସ୍ୱପ୍ନରେ ଦୁହିଁଙ୍କର ମିଳନ ହେଲା । ସ୍ୱପ୍ନରୁ ସ୍ୱାମୀ-ସ୍ତ୍ରୀ ହେବେ ବୋଲି ଗୁରୁବାର ପ୍ରତିଜ୍ଞା କଲେ । ଚିତ୍ର ଓ ଇଚ୍ଛାବତୀଙ୍କ ବ୍ୟବହାରରୁ ପ୍ରେମବନ୍ଧନର ସଙ୍କେତ ପାଇ ଗୁରୁ ପ୍ରମାଦ ଗଣିଲେ । ଚିତ୍ରଙ୍କୁ ତର୍ଜନ କରିଦେଲେ ଏବଂ କନ୍ୟାଙ୍କୁ ଅଧିକ ପ୍ରୀତି ନ କରିବାକୁ କହିଲେ । ଶିଷ୍ୟ ହେଉଥିବାରୁ ଚିତ୍ରଶାଳୀ ଦିବା ବନ୍ଦ କଲେ । ଚିତ୍ର ଚିତ୍ରଶାଳୀକୁ ଫେରିବାରୁ ଇଚ୍ଛାବତୀଙ୍କ ମନରେ ଦୁଃଖ ହେଲା । (୬ଷ୍ଠ ଛାନ୍ଦ)

ଇଚ୍ଛାବତୀ ଚିତ୍ରଙ୍କୁ ନ ଦେଖି ମହାଦୁଃଖୀ ହୋଇ "ମଦନେ ମାରିଲା ଶର" । ଏହାର କାରଣ ପଚାରିବାରୁ ସତ୍ୟ ଘଟଣା କହିଲେ ନାହିଁ । ପ୍ରିୟସଖୀ ଅନୁଲ୍ୟବତୀକୁ ଗୁପ୍ତରେ ଏକଥା କହିଲେ—

"ମୋର ବେଦନା ଏ ବେଦ ହୋଇଛି,
ଧର୍ମ ଚିତ୍ରଙ୍କ ପାଶରେ ମୁଁ ମୁହିଁ ।
ତାହାର ବିଚ୍ଛେଦେ ହାରିବ ପ୍ରାଣ
ଯେବେ ମୁଁ କହିବ ତାହାକୁ ଘେନ ।

ଚିତ୍ର ସ୍ୱହସ୍ତ ଚିତ୍ରପଟିକା ( ଗଣେଶ ଚତୁର୍ଥୀ ) ଦିନ ପାଲଟୋଟାରେ ତାହାଙ୍କ ସ୍ୱପ୍ନ ଓ ମିଳନ ଇଚ୍ଛାବତୀ ଅନୁଲ୍ୟବତୀକୁ କହିଲେ । ସଖୀ ଗୋପନରେ

ସୁନ୍ଦରଙ୍କୁ ଦେଖି ତାଙ୍କର ସ୍ତ୍ରୀଭାବ କଥା ଜାଣିପାରି ଲଜ୍ଜାବତୀଙ୍କର ବରଣମାଳା ତାହାଙ୍କ ଗଳାରେ ଲମ୍ବାଇ ଦେଲେ । କୁମାର ପୁଲକିତ ହୋଇ ଅମାତ୍ୟଙ୍କର ପରାମର୍ଶ ଅନୁସାରେ ଲକ୍ଷ୍ମୀଙ୍କୁ ସମ୍ଭାଷଣ କଲେ ଗୋପନରେ ଲଜ୍ଜାବତୀପ୍ରତି ଗମନକଲେ । "କୁହେଁ ସୁଖେ ପଲଙ୍କେ ପହୁଡ଼ିଲେ", "ଦମ୍ପତ୍ତି ସୁଖ କରି ଶ୍ରମ ପାଇ" ପ୍ରଭୃତିରେ ଅଶ୍ଳୀଳତାର ସ୍ପର୍ଶ ଲୁଚି ରହିଲେ, ଅନ୍ୟ କେହି ଜାଣି ପାରିଲେ ନାହିଁ । ଲୁଚି ପାରିବ ନ ଦେଖିବାରୁ ଧର୍ମପିତା ସୁନ୍ଦରଙ୍କ ମନରେ କଷ୍ଟହେଲା । ସେ 'ଇଙ୍ଗିତ ବଚ୍ଛା' ଓ 'ନାନା ଚେଷ୍ଟାରେ ବୁଝିକି' ବୋଲିଥିବାରୁ ତାଙ୍କୁ ଗୋଚର ହେଲା ସେ କୁମର ଏକାଠିପୁର (କଳ୍ୟାଣପୁର) କେମା ପାଶରେ ଲୁଚି ରହିଛି । ସୁନ୍ଦରଙ୍କ ମନରେ ମହାଭୟ ଉପୁଜିତ ହେଲା । ସେ ଜଣେ ଦାସୀକୁ ଏକଥା ଗୋପନରେ କହିଲେ । ସେ ଅନ୍ୟଜଣକୁ କହିଲେ । ଏପରି କାନେକାନେ ଏ ସମ୍ବାଦ ପ୍ରଚାର ହୋଇଗଲା । ତପରେ ଏକଥା ଶୁଣି ରାଜାଙ୍କୁ ଜଣାଇଲେ । ରାଜା ଦୋଷାଧି (କୋଟୁଆଳ)କୁ ଡାକି କହିଲେ, "ଚୋରର ସଙ୍ଗରେ ଲଜ୍ଜାବତୀ ସଖୀ'ଙ୍କୁ ଧରିଆଣି ଆମ ଛାମୁରେ ଦେବୁ । ନୋହିଲେ ତୋ ବଂଶ ନାଶ ମାରିବୁ ।" ଦୋଷାଧି ନଗରର ଘର ଘରଘର ଖୋଜି ଲାଗିଲେ । (ଏଣୁ ଗ୍ରନ୍ଥ)

ଅନ୍ତଃପୁର ମୁଣ୍ଡସୁଲ ମଦନା ଜଣେ ଦାସ୍ୟବତୀ ନାରୀ; ତାଙ୍କୁ ଦୋଷାଧି ରାଜାଙ୍କ କଠୋର ଆଦେଶ ଜଣାଇ ନିଜ ଦୁଃଖ କହିଲେ । ମଦନା ଦାସ୍ୟ-ବନ୍ତ ଦୋଷାଧିଙ୍କୁ ଭେଦ ଦେଖାଇଲା । ସେ ଅନୁସାରେ ସନ୍ଧ୍ୟା ସମୟରେ ଦୋଷାଧି ସ୍ତ୍ରୀ ବେଶରେ ଅନ୍ତଃପୁରରେ ପଶି ଚୋରଙ୍କୁ ଧରିଲେ । ଲଜ୍ଜାବତୀ ଏହା ଦେଖି ମୂର୍ଚ୍ଛା ହୋଇ ପଡ଼ିଗଲା । "ଶତ୍ରୁଠାରେ ବାଜିଗଲା ଡାହୁଲ ।" ଶୁଣି ଚୋରଙ୍କୁ କୋଟୁଆଳ ଧରି ରାଜାଙ୍କ ନିକଟକୁ ନେଲେ । କୁମାରର ଶୋଭା ଦେଖି ରାଜା ମୋହିତ ହୋଇଗଲେ ଏବଂ "ସ୍ୱୟଂ ବୋଇଲେ କେମାକୁ ରାଜନ, ରାଜପୁତ୍ର ହେବ ଏହୁ ନନ୍ଦନ । କେମା ସମ୍ପୂର୍ଣ୍ଣ ବର ଅଟେ ଏହୁ, ଦେଖି ଅଦ୍ଭୁତ ମନକୁ ଆସଇ ।" କୁମାର ରାଜାଙ୍କୁ ତାଙ୍କର ଏହି ଅଭିମତକୁ କାର୍ଯ୍ୟରେ ପାଳନ କରିବା ପାଇଁ ଅନୁରୋଧ କଲେ । ରାଜା କୁମାର ଓ କେମାଙ୍କ ଅଭେଦ ପ୍ରୀତି କଥା ଜାଣି ପାରିଲେ । "ଏହା ମଲେ କେମା ଜୀବନେ ମରିବ ।"

"ଏଣୁ ମରିବା ଯୋଗ୍ୟତା ନୁହଇ" କହି ରାଜା ଦୋଷାଧିଙ୍କୁ ମିଥ୍ୟାରେ ପ୍ରାଣଦଣ୍ଡର ବନ୍ଦୋବସ୍ତ କରିବାକୁ ଆଜ୍ଞା ଦେଲେ । "ତାକୁ ନେଇଥିବୁ ଯୁ ଏକ ସ୍ଥାନ, ମୁଁ ତେଣେ କହିବୁ ତାକୁ ବଧିବ । ତାକୁ କେହିଜ ପ୍ରାଣ'ଶତ୍ରୁ ନାହିଁ, ମୁଁ ହିଁ ଖ୍ୟାତିକରୁ ଦୋଷ ଦଉ ।" 'ଦୁର୍ଦ୍ଧିଙ୍କର ପାତ୍ୟ ବୁଝିବା' ପାଇଁ ରାଜା ଏ ଉପାୟ କଲେ । ଦୋଷାଧି ହେତବି କଲେ । ଏଥୁ ଉତ୍ତର ସୁବୁଦ୍ଧିଙ୍କୁ ନେଇଯାଇ ଦ୍ୱାର୍ ମାଜଣା କରାଇଲେ ଏବଂ ବନ୍ଧ ଦ୍ୱାରବ ଅବରୁଦ୍ଧ କଲେ ।
(୪ର୍ଥ ଛାନ୍ଦ)

ରାଜା ଜାଣିଲେ ଯେ ସୁତ ରାଜା ମଦନବନ୍ଧୁଙ୍କ କନ୍ୟା ଅଟନ୍ତି । ବିବାହର ଆୟୋଜନ ହେଲା । ମଦନବନ୍ଧୁ ଉପସ୍ଥିତ ହେଲେ । ମହା ଆଡ଼ମ୍ବର ସହକାରେ ବିବାହ ସମ୍ପନ୍ନ ହେଲା । ସୁତ ଓ ଲକ୍ଷ୍ମୀବତୀ ସ୍ୱାମୀ-ସ୍ତ୍ରୀ ହୋଇ ସୁଖରେ କାଳଯାପନ କଲେ । ସାମାନ୍ୟ କଥାରେ ସୁତଙ୍କ ପ୍ରତି ଲକ୍ଷ୍ମୀଙ୍କ ମନ ବିରସ ହେଲା, ସେ ମାନ କଲେ । ସୁତ ମାନ ଭଙ୍ଗ ପାଇଁ ଯୁକ୍ତି ଚେଷ୍ଟା କଲେ ।
(୫ମ ଛାନ୍ଦ)

ସୁତଙ୍କ ଯୁକ୍ତିବଚନ ଓ 'ବୁଦ୍ଧାଙ୍କ' ପରେ ଲକ୍ଷ୍ମୀଙ୍କ ମନରୁ ରୋଷ ଦୂର ହେଲା । ଦୁହେଁ ସୁଖ ମନରେ ସୁତଙ୍କୁ ଧନଦାନ ଦେଇ ଆଶୀର୍ବାଦ ଦେଲେ । କେତେଦିନ ପରେ ସୁବୁଦ୍ଧି ଲକ୍ଷ୍ମୀବତୀଙ୍କୁ ଧରି ସ୍ୱଦେଶକୁ ଫେରିଲେ । ସୁବୁଦ୍ଧିଙ୍କ ସ୍ୱଦେଶାଗମନ, ବିବାହ, ସ୍ୱଦେଶ ପ୍ରତ୍ୟାଗମନ ବୃତ୍ତାନ୍ତ ଶୁଣି ମାତାପିତା ଆନନ୍ଦରେ କହିଲେ, "ସୁବୁଦ୍ଧି କର୍ମରେ ଯେ ଦେବତା ଥିଲା ।" ଲୋକେ କହିଲେ "ସୁବୁଦ୍ଧିଙ୍କୁ ଲକ୍ଷ୍ମୀ ଯୋଗାଇ, ଯାହାଙ୍କୁ ଯେମନ୍ତ ଯାହା କରୁ ପଞ୍ଚାଇ ।" କିଛି ସମୟ ପରେ ମଦନବନ୍ଧୁ ପୁତ୍ରକୁ ରାଜପଦ ସମର୍ପଣ କଲେ । (୬ଷ୍ଠ ଛାନ୍ଦ)

କବି ପାତ୍ରପାତ୍ରୀମାନଙ୍କ ଚରିତ୍ରଚିତ୍ରଣ ସ୍ୱଷ୍ଠ ଶ୍ରେଣୀରେ ଉପଯୁକ୍ତ କରିଛନ୍ତି । ରାଜା, ରାଣୀ, ରାଜକୁମାର, ରାଜକୁମାରୀ, ଦାସୀ, ମଦନବନ୍ଧୁ ଓ ସୁବୁଦ୍ଧିଙ୍କର ରୂପ ସ୍ୱଭାବରେ ମଧ୍ୟ ସ୍ପଷ୍ଟ ହୋଇଛି ଓ ଘଟଣାବଳୀ ସାମଞ୍ଜସ୍ୟ ରକ୍ଷାପାଇଁ

ସଂଯୋଗ ହୋଇଅଛି । ରୂପ, ବେଶ, ପ୍ରୀତି, ବିରହ, ମିଳନ ପ୍ରଭୃତି ବର୍ଣ୍ଣନାରେ କଳ୍ପନାର ଶୈଳୀ ଅତି ଉଚ୍ଚ, ନାହିଁ ସନ୍ଦେହ ନାହିଁ । ତଥା, ଗାର୍ହସ୍ଥ୍ୟ ଜୀବନର ଓ ଲେଖର ଧ୍ୱନିସମ୍ପନ୍ନ ବର୍ଣ୍ଣନା ଲାଗିଛି ବେଶି ହେଉଛି ।

ଗ୍ରନ୍ଥର ଦେବେତନ ବାଧ୍ୟବାଧକ ଏଠାରେ ଦୃଢ଼ର ସରଳ ସ୍ୱଭାବରେ ବର୍ତ୍ତିତ ହୋଇଅଛି, ତେବେ ବର୍ଣ୍ଣନାଚାତୁର୍ଯ୍ୟର ଅଧିକ ଧ୍ୱନିଗୀତ ମୋହକୁ ଛୁଇଁ ନଷ୍ଟ ହୋଇଛି । ଯେମା ଓ ରାଜକୁମାରଙ୍କ ମନୋଭାବର ବର୍ଣ୍ଣନା ସୁନ୍ଦର ଓ ଯଥାଯଥ ହୋଇଅଛି । ଯୌବନବର୍ଣ୍ଣନାର ସ୍ଥଳରେ ନାୟିକାର ବର୍ଣ୍ଣନାଟି ଅତି ଚମତ୍କାର ହୋଇଅଛି ।

ଗ୍ରାମ ଦେଶ ପଟ୍ଟଣାନ୍ତ ରାଜକୁମାରର ଯୌବନରେ ସେହି ପରିବର୍ତ୍ତନ ହୋଇଥିଲା । ବଡ଼ାଭାଇର ସ୍ୱ ଇଚ୍ଛାନୁରୂପ କନ୍ୟା ଅନ୍ୱେଷଣ କେଉଁ କୁମାରଙ୍କ ହସ୍ତ ନୃପାଙ୍କର ମନ୍ଦଭାବ ଦେଖିବାକୁ ପିତା ବୃଦ୍ଧାବସ୍ଥାରେ ପୁତ୍ରକୁମାରଙ୍କୁ ମଧ୍ୟ ପ୍ରଦେଶକୁ ନିର୍ବାସନ କଲେ । ଦଣ୍ଡ କଠୋର ହୋଇଲା ମଧ୍ୟ ପିତା-ରାଜା କଠୋର ସ୍ୱରରେ ନିଜର କର୍ତ୍ତବ୍ୟ ପାଳନ କରିଥିଲେ ବୋଲି ଭାବିଲେ । ପିତା ରାଜା ପରେ ସ୍ୱପକ୍ଷ ଅନୁକୂଳ କରିଥିବା ମଧ୍ୟ ଜଣାଯାଏ ନାହିଁ ।

ରାଜକୁମାର ଛଦ୍ମବେଶରେ ଗୁରୁଙ୍କଠାରେ ଶାସ୍ତ୍ର ଶିଖିବା ଉଚିତର ହେତୁ ନାହିଁ । ଶେଷ ଗ୍ରନ୍ଥ ଗୁରୁଙ୍କ ଶ୍ରେଷ୍ଠ ଓ ସୃଷ୍ଟ ଏବଂ ଇଚ୍ଛାଙ୍କ ଖେଳ ଆକର୍ଷିକ ।

ଏଥିରେ ଗ୍ରନ୍ଥକୁ ମାଳା ବଦଳରେ ଯେମା ଓ କୁମାରଙ୍କ ମିଳନ ସାମାଜିକ ଦୃଷ୍ଟିରେ ନୂତନ ବୋଧ ହେବ । ଯେମା ଶର୍ମୀ ବାଟରେ କୁମାରଙ୍କୁ ଦେଖା ହୋଇ ମିଳନ ପରି ଗୋପନରେ ନିମନ୍ତ୍ରଣ କରିବା ସୁଦ୍ଧା ମଧ୍ୟ ନୂତନ ବୋଧ ହେବ । ପ୍ରଚଳିତ ମର୍ଯ୍ୟାଦାନୁସାରେ ଏସବୁ ଉଚିତ ନାହିଁ ।

'ଦର୍ପଣ' ନାମରେ ନାଟକ ରଚିତ ଦର୍ପଣୀ କନ୍ୟାର ରାଜଧାନୀ ଦର୍ପଣୀ, ଯେଉଁ ରାଜାଙ୍କ ରାଜ୍ୟ ବାଣୀ ବାଲେଶ୍ୱର ଜିଲ୍ଲାର ଉତ୍ତରରେ ବର୍ତ୍ତମାନର ବାଲିଆପାଳ ନିକଟରେ ଅବସ୍ଥିତ ଥିବା ଜଣାପଡ଼େ ବୋଲି ହେବା ସମ୍ଭବ ।

ଜଣ ପୁରୁଷୋତ୍ତମଙ୍କ ନାମର ଉଲ୍ଲେଖ କରି ତାଙ୍କୁ 'ଦାଣ୍ଡୁଆସି' ରାଜା ଭାବରେ ଏହି କଥା ପ୍ରଚାରିତ ହୋଇଥିଲା । ଦାଣ୍ଡୁଆସି ନନ୍ଦ ପୁରୁଷୋତ୍ତମଙ୍କ କଥା ଜାଣିଥିବା କବିଙ୍କ ଲେଖାରୁ ଜଣାପଡ଼ୁଛି । ପୂର୍ବେ ଦାଣ୍ଡୁନ ଓଡ଼ିଶା ରାଜା ଭାବରେ ଥିଲେ, ତାଙ୍କ ସମୟକୁ ମଧ୍ୟ ଏହି ଅବସ୍ଥା ଥିଲା ।

କବି ଓଡ଼ିଶାର ଏକ ଐତିହାସିକ ଘଟଣା ବା କିମ୍ବଦନ୍ତୀକୁ ଆଶ୍ରୟ କରି ଏହି କାବ୍ୟଟି ରଚନା କରିଥିବା ମନେହୁଏ । ଓଡ଼ିଶାର ନାୟକ-ନାୟିକାଙ୍କ ଚରିତକୁ ଆଶ୍ରୟ କରି କାବ୍ୟ ରଚନା କରିଥିବା ପ୍ରାଚୀନ କବିମାନଙ୍କ ମଧ୍ୟରେ ବନମାଳୀ ଜଣେ । ତାଙ୍କ ସରଳଭାଷା, ସୁନ୍ଦର ବର୍ଣ୍ଣନା ଓ ଚରିତ୍ରସୃଷ୍ଟି ଏହି କାବ୍ୟଟିକୁ ଚମତ୍କାରିତ୍ୱ ଦେଇପାରିଛି । ଉତ୍କଳର 'କିମ୍ବଦନ୍ତୀ' ଉପରେ ପ୍ରତିଷ୍ଠିତ ହୋଇଥିବାରୁ ଏହାର ଆଦର ଓ ଗୌରବ ବୃଦ୍ଧି ପାଇଛି ।

ତାଙ୍କ ପୂର୍ବରୁ ଧନଞ୍ଜୟ ଭଞ୍ଜ 'ଇଚ୍ଛାବତୀ' ନାମରେ ସେହି କାବ୍ୟଟି ରଚନା କରିଥିଲେ ଓ ତାହା ଏହି କାବ୍ୟ ଅପେକ୍ଷା ଖୁବ୍ ଅଧିକ ହୋଇଲେ ମଧ୍ୟ ସେଥିରେ ନେଇଥିବା ପ୍ରାଚୀନ ସଂସ୍କୃତ ରଚନା 'ଚୌର ପଞ୍ଚାଶିକା' ଓ 'ବିହ୍ଲଣ ପଞ୍ଚାଶିକା'ର ପ୍ରଭାବ ବିଶେଷ ଭାବରେ ପଡ଼ିଥିବାରୁ ମୌଳିକତା ଅନେକ କାବ୍ୟଗୌରବ କିଛି ଅଂଶରେ ଲୁପ୍ତ ପାଇଛି । ଧନଞ୍ଜୟ ଓ ବନମାଳୀ ଏକ ବିଷୟକୁ ବର୍ଣ୍ଣନା କରିଥିଲେ ମଧ୍ୟ ଶୈଳୀରେ ପ୍ରଭେଦ ରହିଛି । ଧନଞ୍ଜୟଙ୍କ ଗ୍ରନ୍ଥର ନାୟକନାୟିକା ବେଣୁକଣ୍ଠ ଗୋପାଳ ଦେବଶାସନର ମନ୍ତ୍ରୀଙ୍କର ଜନ୍ମଗ୍ରହଣ କଲେ । ନାୟିକା ଅବନ୍ତୀପୁରରେ ଶ୍ରେଷ୍ଠୀଙ୍କ କନ୍ୟାରୂପେ ଜନ୍ମଗ୍ରହଣ କଲା ଓ ମଧୁବନର ରାଜାଙ୍କର ପୁତ୍ରରୂପରେ ନାୟକ ଜନ୍ମଗ୍ରହଣ କଲା । ଏ ଚରିତ ଉତ୍କଳର ନୁହେଁ ।

# ତୃତୀୟ ପରିଚ୍ଛେଦ

## ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମା

ଜୀବନୀ—ଅଷ୍ଟାଦଶ ଶତାବ୍ଦୀରେ ଉତ୍କଳ ସାହିତ୍ୟର ଶ୍ରୀବୃଦ୍ଧି ସାଧନରେ ଯେଉଁମାନେ ବିଶେଷ ଭାବରେ ଯଶସ୍ୱୀ, ସେମାନଙ୍କ ମଧ୍ୟରୁ ଜଣେ ପ୍ରଧାନ ବୋଲି ବିବେଚିତ ହୁଅନ୍ତି ସାଧୁ କବି ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମା । ଆଜି ପର୍ଯ୍ୟନ୍ତ ଏହି ମହାତ୍ମାଙ୍କ ଜୀବନ ସମ୍ବନ୍ଧରେ ଯେଉଁ ସବୁ ତଥ୍ୟ ପ୍ରକାଶ ପାଇଛି, ତାହା ଯଥେଷ୍ଟ ନୁହେଁ । ଉତ୍କଳର ଅନ୍ୟାନ୍ୟ କବିମାନଙ୍କ ସମ୍ବନ୍ଧରେ ଯେପରି, ଏହି କବିଙ୍କ ସମ୍ବନ୍ଧରେ ମଧ୍ୟ ସେହିପରି ଆମ୍ଭମାନଙ୍କୁ ଅନ୍ଧକାର ମଧ୍ୟରେ ପଡ଼ି ରହିବାକୁ ପଡ଼ୁଅଛି । ଆଜି ପର୍ଯ୍ୟନ୍ତ ଶତଶତ କବିଙ୍କ କାବ୍ୟ ଅପ୍ରକାଶିତ ଅବସ୍ଥାରେ ରହିଛି । ସଦାନନ୍ଦଙ୍କର ମଧ୍ୟ ଅନେକଗୁଡ଼ିଏ କାବ୍ୟ ଜନସାଧାରଣଙ୍କର ଦୃଷ୍ଟିକୁ ଆସିନାହିଁ । ପ୍ରକାଶିତ କାବ୍ୟମାନଙ୍କ ମଧ୍ୟରେ ଯୁଗଳରସାମୃତ-ଲହରୀ, ପ୍ରେମଲହରୀ, ପ୍ରେମତରଙ୍ଗିଣୀ, ନାମଚିନ୍ତାମଣି, ବ୍ରହ୍ମଚିନ୍ତାମଣି, ଚୌରଚିନ୍ତାମଣି ଓ ସଞ୍ଜୀବନୀଦର୍ଶି ପ୍ରଭୃତି ଯେଉଁ କେତେ ଖଣ୍ଡି ବହି ଆମ୍ଭେମାନେ ପାଉଛୁ, ସେଥିରୁ କବିଙ୍କ ଜୀବନର କୌଣସି ସୂତ୍ର ମିଳିବା ପାଇଁ ସୁବିଧା ନାହିଁ । କେବଳ ପ୍ରକାଶିତ ଓ କେତେକ ଅପ୍ରକାଶିତ ଗ୍ରନ୍ଥ ସାହାଯ୍ୟରେ କବିଙ୍କର ଜୀବନଚରିତ ରଚନା କରିବା ପାଇଁ ଚେଷ୍ଟା କରାଯାଉଛି ।

ଯୁଗଳରସାମୃତ ଲହରୀର ୬୨ଶ ଛାନ୍ଦରେ କବି ନିଜର ଆତ୍ମପରିଚୟ ସମ୍ବନ୍ଧରେ ଲେଖିଛନ୍ତି—

ନୃସିଂହ ସୁଜ୍ୟେ ପୁତ୍ରାଶ୍ରମ ସେ ଦେଶାନ୍ତର,
କହୁଥିବ ମାତଙ୍ଗ ରକ୍ଷିଲ ସମୁଦ୍ର ।
ଦଣ୍ଡପଲ୍ଲୀ ଭଞ୍ଜ ଭୁଜା ସଖ୍ୟ ପ୍ରେମେ ମୋତେ,
ବହୁ ସମ୍ଭାବନାରେ ରଖିଲେ ବର୍ତ୍ତି ଦେଶେ ।

କଟକ ନଗର ଦାସମଠର ସୁଖ ଧାମେ,
ସୁଖ ବର୍ଷ ରହିଲି ମାସକ ସେ ସ୍ଥାନେ ।
ତତ୍ପରେ ମଧୁପୁର ରାଜ୍ୟେ ଅଛୁ ଏବେ,
ବ୍ରହ୍ମଚର୍ଯ୍ୟ ଆଶ୍ରମ ତ ମୋହର ପ୍ରଭବେ ।

ଅନ୍ୟତ୍ର ମଧ୍ୟ ପ୍ରେମତରଙ୍ଗିଣୀରେ ଲେଖିଛନ୍ତି—

ନୂଆଗଡ଼ଠି ଶରଣକୁଳ ନିକଟେ ଛଟା'ପଡ଼ା ଶାସନ,
ସୂର୍ଯ୍ୟବ୍ରାହ୍ମଣ ସଙ୍ଗ ସାମବେଦୀ ଅଧ୍ୟାପକଙ୍କ ମୋ ଜନ୍ମ ।
(୨୨ଶ ପୃଷ୍ଠା)

ଏଥିରୁ ଜଣାଯାଉଛି, କବି ନୟାଗଡ଼ରେ ଶରଣକୁଳ ନିକଟସ୍ଥ ଛଟାପଡ଼ା ଶାସନରେ ସାମବେଦୀ ବ୍ରାହ୍ମଣ କୁଳରେ ଜନ୍ମଗ୍ରହଣ କରିଥିଲେ । ପ୍ରଥମରେ ସେ କଟକ ରହୁଥିଲେ । ଦଶପଲ୍ଲା ରାଜା ତାଙ୍କୁ 'ଅଷ୍ଟାଦେଶ'ରେ କିଛି ବର୍ଷ ବଡ଼ ମର୍ଯ୍ୟାଦାରେ ନିଜ ପାଖରେ ରଖିଥିଲେ । ଏହାପରେ ସେ କଟକ ଜଗନ୍ନାଥ ଦାମୋଦରମଠର ଶାସନରେ ସୁଖବର୍ଷ ରହୁଥିଲେ । ତାପରେ ମଧୁପୁର ଜମିଦାରଙ୍କ ପାଖ ସେଠାର ରାଜା ଶ୍ରୀ ଘନଶ୍ୟାମ ନରେନ୍ଦ୍ରଙ୍କ ଆଶ୍ରୟରେ ସନ୍ନ୍ୟାସ ନେଇ କିଛି ଭୂମି ଅଧିକାର କରି ଏକ ମଠ ପ୍ରତିଷ୍ଠା କରିଥିଲେ । ଏହି ସମୟରେ କବି 'ଯୁଗଳରସାମୃତ ଲହରୀ' ରଚନା କରିଥିଲେ ।

କବି ନୟାଗଡ଼ ଛାଡ଼ିବା ପରେ ବୈଷ୍ଣବ ଧର୍ମରେ ଦୀକ୍ଷିତ ହୋଇଥିଲେ ଏବଂ ମଧୁପୁରରେ ଥିବା ସମୟରେ ତାଙ୍କର ବ୍ରହ୍ମଚର୍ଯ୍ୟାଶ୍ରମ ଥିଲା । ସେ ଚୈତନ୍ୟ ଧର୍ମାବଲମ୍ବୀ ଥିଲେ । ତାଙ୍କର ନିଜର କୋଟିଏ ମଠ ମଧ୍ୟ ଥିଲା । ସେଠାରେ ସେ ସାଧାରଣତଃ ମହନ୍ତ ନାମରେ ପରିଚିତ ଥିଲେ ।

ସାଧୁଚରଣ ପୁସ୍ତକମାନଙ୍କରେ ସଦାଶିବ ନାମରେ ପରିଚିତ ଥିବାର ଉଲ୍ଲେଖ କରି ଅଛନ୍ତି ଏବଂ ସେ ସଦାଶିବ, ସଦାନନ୍ଦ ଓ ସାଧୁଚରଣ ପ୍ରଭୃତି ନାମରେ ପରିଚୟ ଦେଇଥିଲେ ।

ନାମ ସଦାଶିବ ସୁତ ଅନୁଭବ
ଧୃତି ଗୋତ୍ର କବିସୂର୍ଯ୍ୟ ବ୍ରହ୍ମ,
ଶ୍ରୀ ରାଧାଚରଣ ଶରଣ କାରଣ
ମୁଁ ରାଧାଚରଣ ଦାସ ହେ ।

ପ୍ରକୃତ ଭଗବଦ୍‌ଗୀତାରେ ସେ କହନ୍ତି—"କାଶ୍ୟପ କୁଳରେ ମୋହର, ବ୍ରାହ୍ମଣ ହୃଦୟ ସନ୍ତୁର" ଏବଂ ପ୍ରେମକଲ୍ପଲତାର ଷଡ଼ବିଂଶ ଛାନ୍ଦରେ କହିଛନ୍ତି—

ନହ କି କୋଇଲି ମୋ ଜନକ ଧନ,
ସନ୍ତୋଷ-ଆନନ୍ଦ-ସ୍ୱଜନର ଧନ ହେ ।
ଯଦୁ କୋଇଲି ହଣ କପାଳ ବଳ,
ଭଣନ୍ତି ଏ ସୂର୍ଯ୍ୟଓଝା ବାଳକର ହେ । (୨୬ଶ ଛାନ୍ଦ)

ଅନ୍ୟତ୍ର ମଧ୍ୟ ଶୃଙ୍ଗାରରସାମୃତଲହରୀରେ କହିଅଛନ୍ତି—

ଭଣେ ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମା,
ସୁଗାଗ୍ରେ ଗ୍ରାମଦେବା ବ୍ରାହ୍ମଣ ।

ଏଥିରୁ ଜଣା ପଡ଼ୁଛି, କବି କାଶ୍ୟପ ଗୋତ୍ରରେ ଜନ୍ମଗ୍ରହଣ କରିଥିଲେ, ତାଙ୍କର ସଂଜ୍ଞା ଓଝା ଥିଲା ଏବଂ ସେ ଗ୍ରାମଦେବ ବ୍ରାହ୍ମଣ ଥିଲେ ।

ନୟାଗଡ଼ ରାଜ୍ୟ ଅନ୍ତର୍ଗତ ପ୍ରସିଦ୍ଧ ଶ୍ରୀ ଲଡୁକେଶ୍ୱର ମହାଦେବଙ୍କ ପୀଠସ୍ଥଳ ଖଣ୍ଡପଡ଼ା ଗ୍ରାମ ନିକଟରେ ଲୁଣାଣ୍ଡ ପଡ଼ା ଅବସ୍ଥିତ । ଶ୍ରୀ ଲଡୁକେଶ୍ୱର ଏହାଙ୍କ ବଂଶର ଇଷ୍ଟଦେବତା ଥିଲେ ।

କବି ବାଲ୍ୟ ଜୀବନରେ ସୁଶିକ୍ଷା ଲାଭ କରିଥିଲେ । ଯୌବନାବସ୍ଥାରେ ମାତୃଭାଷା ଓଡ଼ିଆ ସହିତ ସଂସ୍କୃତ ଭାଷାରେ ଉଚ୍ଚ ଶିକ୍ଷା ପାଇଥିଲେ । ଓଡ଼ିଆରେ ପୂର୍ବପ୍ରସିଦ୍ଧ 'ସୁକବି'ମାନଙ୍କର କାବ୍ୟକବିତାର ସୂକ୍ଷ୍ମରୂପେ ଅଧ୍ୟୟନ କରିଥିଲେ । ସଂସ୍କୃତ ସାହିତ୍ୟରେ କାବ୍ୟ, ନାଟକ, ଅଳଙ୍କାରାଦି ବିବିଧ ଗ୍ରନ୍ଥ ଅଧ୍ୟୟନ କରି ଦକ୍ଷତା ଲାଭ କରିଥିଲେ । ବୈଷ୍ଣବାଚାର୍ଯ୍ୟମାନଙ୍କର

ବଇଶଙ୍ଗଃ ସେ ସ୍ୱାମୀମାନଙ୍କର ଶଙ୍କର ରୂପରେ ଲିଖିତ ବହୁ ଟୀକା ଅବଲୋକନ କରିଥିଲେ ଏବଂ ବୈଷ୍ଣବ ମାନଙ୍କରେ ଏ ଦୃଷ୍ଟିକୁ ନେଇକରି ଦାର୍ଶନିକ ଗ୍ରନ୍ଥ ରୂପେ ଗ୍ରହଣ କରିଥିଲେ । ସ୍ୱତନ୍ତ୍ରମାନଙ୍କରେ ସେ କରିଥିବା ଉଲ୍ଲେଖ ଓ ଅବଲୋକନାକୁ ଏଥା ସ୍ପଷ୍ଟ ହେଉଛି ।

ସଦାନନ୍ଦ ନା ସଦାଶିବ ଓଡ଼ିଆ ତାଙ୍କ ଶିକ୍ଷାଗୁରୁଙ୍କ ନିକଟରୁ ଆଜ୍ଞା ପାଇ ବୈଷ୍ଣବ ଦୀକ୍ଷା ନେଇଥିଲେ ଏବଂ 'ଭଜ ରାଧାକୃଷ୍ଣ' ବୋଲି ଶିକ୍ଷାଗୁରୁ ଯେଉଁ ଆଦେଶ ଦେଇଥିଲେ ତାହାକୁ ସେ ଅବଜ୍ଞା କରି ନାହାନ୍ତି । ଶିକ୍ଷା ଗୁରୁଙ୍କ ନାମ ସେ ଉଲ୍ଲେଖ କରି ନାହାନ୍ତି ଏବଂ ସେ (ଶିକ୍ଷାଗୁରୁ) ବୈଷ୍ଣବପନ୍ଥୀ ଥିଲେ କି ନାହିଁ ତାହା ବ୍ୟକ୍ତ କରି ନାହାନ୍ତି ।

ଶିବ ବେଙ୍କଟେଶ୍ୱ ମଧୁର ନାଦେ ଗୋପେଶ୍ୱର
ବୃନ୍ଦାବନଚାରୀ ସ୍ୱଘୋଷ ଅଂଶ,
ଦକ୍ଷିଣ ରାଜ୍ୟ ସ୍ଥଳ ସେ କର୍ଣ୍ଣାଟ କୂଳ
ସ୍ୱାମୀରେ ସୁ ଭକ୍ତରେ ପ୍ରଭାଶ । ୩୮ ।

ନାମ ଶ୍ରୀ ଲକ୍ଷ୍ମୀକେଶ୍ୱର କୁଳ ଇଷ୍ଟ ମୋର
ଶିକ୍ଷା ଗୁରୁ ସେହୁ କଲେ ଆଜ୍ଞା,
ବୈଷ୍ଣବ ଦୀକ୍ଷା କରି ଭଜ ରାଧାକୃଷ୍ଣ
ସେ କଥା ନ କଲି ଅବଜ୍ଞା । ୩୯ ।

ସ୍ୱାମୀଦେବ ଅନ୍ତର୍ଗତ ଦ୍ୱିଜକୁଳେ ଜାତ
ଦେବ ମୋ ଆଶ୍ରମ ଭୁଜଦାନା,
ଜୟ ଶ୍ରୀ ନରକେଶରୀ ଦେବଙ୍କ ଭକ୍ତ
ପଦ ଯୁଗଳ ଉତ୍ସର୍ଗ ଭୃଙ୍ଗା । ୪୦ ।

(ମୋହନ ଭକ୍ତିଲତା । ୩ୟ ଛାନ୍ଦ)

ସେ ବୈଷ୍ଣବ ହେବା ପରେ 'ସାଧୁଚରଣ ଦାସ' ବୋଲି ପରିଚିତ ହେଉଥିଲେ ଏବଂ ତାଙ୍କର ଅନେକ ଗୁଡ଼ିଏ ନାମ ଥିବାର ସେ ଲେଖି-ଛନ୍ତି—

ସାଧୁଚରଣ ଦାସ ବୋଲି ଆପଣ ଶ୍ରୀମୁଖେ ଆଜ୍ଞା ହୋଇଛ,
ପିତୃ ମାତୃ ବୈଷ୍ଣବ ସ୍ୱଜନ-ଦତ୍ତ ବହୁନାମ ମୋର ଅଛି ।
(ପ୍ରେମ ତରଙ୍ଗିଣୀ । ୩୬ଶ ଛାନ୍ଦ)

ତାଙ୍କର ବିଭିନ୍ନ ନାମ—ବାଲ୍ୟକାଳରୁ ତାଙ୍କର ବହୁ ନାମ ଥିବା ଜଣାଯାଏ । ମାତୃପିତୃଦତ୍ତ ନାମ ଦୟାଶିବ । ମାତା ସ୍ନେହରେ ସଦାନନ୍ଦ ବୋଲି ଡାକୁଥିଲେ । ଗ୍ରାମବାସୀଏ 'ଋଷଭ' ନାମ ଦେଇଥିଲେ । ବୈଷ୍ଣବ ଦୀକ୍ଷା ନେବା ପରେ ଗୁରୁ ତାଙ୍କୁ ସାଧୁଚରଣ ଦାସ ବୋଲି ନାମ ଦେଲେ । ବୈଷ୍ଣବମାନେ କରୁଣା ଭାବରେ ବ୍ରଜମୋହନ ଦାସ ନାମ ଦେଲେ । ଖୋର୍ଦ୍ଧାରାଜା ଗଜପତି ବୀରକେଶରୀ ଦେବ କବିସୂର୍ଯ୍ୟ ବ୍ରହ୍ମା ପଦ ଦେଲେ । ରାଜଦତ୍ତ ଉପାଧି, ମାତୃଦତ୍ତ ନାମ ସଦାନନ୍ଦ, ଗୁରୁଦତ୍ତ ନାମ ସାଧୁଚରଣ ଇତ୍ୟାଦି ପାଞ୍ଚ ଏ ସବୁ ନାମ କବି ବହୁଳ ଭାବରେ ବ୍ୟବହାର କରିଛନ୍ତି ।

ପୂର୍ବାଶ୍ରମର 'ଓଡ଼ା' ଶାଖା ଓ ଗ୍ରାମଦତ୍ତ ନାମ 'ଋଷଭ'କୁ କବି ବ୍ୟବହାର କରି ନାହାନ୍ତି; କେବଳ ଗ୍ରନ୍ଥରେ ଉଲ୍ଲେଖ କରିଛନ୍ତି ମାତ୍ର ।

ବ୍ରଜଲୀଳାମୃତ ସମୁଦ୍ରଏ, ଅବଗାହିଲେ କଳୁଷ ଖଣ୍ଡେ ।
ଭକ୍ତ ଶ୍ରୀମୁଖ ପ୍ରସାଦ ଜାଣ, ଭଣେ ଏ ସାଧୁଚରଣ ଦାସ । ୩୦ ।
ଗୁରୁଦତ୍ତ ନାମ ମୋର ଏହି, ମୋତେ ତନ୍ମାଳୀମା ପାଇଁ କହି ।
ଗ୍ରାମଦତ୍ତ ନାମ ସେ ଋଷଭ, ମାତା ପିତା ବୋଲେ ଦୟାଶିବ । ୩୧ ।
ମାତା ସ୍ନେହେ ଡାକେ ସଦାନନ୍ଦ, ତାଙ୍କ ଦାସ ଏଣୁ ସଦାନନ୍ଦ ।
ବୈଷ୍ଣବେ କରୁଣା ଚାହିଁ, ବ୍ରଜମୋହନ ଦାସ ବୋଇଲେ । ୩୨ ।
ବୀରକେଶରୀ ଦେବଙ୍କ ଦତ୍ତ, କବିସୂର୍ଯ୍ୟ ବ୍ରହ୍ମା ପଦ ଖ୍ୟାତ ।
ଏଣୁ ଏ ନାମେ ଭଣିତା ମୋର, ଦାସ ପଦ ରହିଛି ସ୍ୱଭାବ । ୩୩ ।
(ବ୍ରଜଲୀଳାମୃତ ସମୁଦ୍ର । ୫ମ ଛାନ୍ଦ)

କବି ସଦାଶିବ ଓ ବ୍ରଜମୋହନ ଦାସ ନାମକୁ ମଧ୍ୟ ବ୍ୟବହାର କରିଛନ୍ତି । 'ସଦାଶିବ' ବହୁ ସ୍ଥାନରେ ଅଛି । 'ବ୍ରଜମୋହନ' କ୍ୱଚିତ୍ ଦେଖାଯାଏ ।

ସୁବଳ ମଧୁମଙ୍ଗଳ ପ୍ରିୟସଖା ସାର,
ଯେହୁ ପ୍ରାଣେଶ୍ୱର ବ୍ରଜମୋହନ ଦାସର ।
(ପ୍ରେ.ଗୁଣକଳ୍ପଲତା । ୧୨ଶ ଛାନ୍ଦ)

କବି ନିଜକୁ ବହୁ ସ୍ଥାନରେ 'ସଦାନନ୍ଦ' ବୋଲି ପରିଚୟ ଦେଇଥିଲେ ମଧ୍ୟ ତାଙ୍କ ମାତାପିତାଙ୍କ ଦତ୍ତ ନାମ ସଦାଶିବ ଥିଲା ।

ନବଦୁର୍ଗ ବୋଲି ଜଳକାନ୍ଥର ନଗରେ,
ଯେ ଗୁଣ୍ୟାନରେଣ ପଦ ମାତାପିତା ଅଟେ ।
ତହିଁରେ ଶଳଖଣ୍ଡୁକ ବୋଲି ଯେ ନଗର,
ଯହିଁ ବିଜେ ଲିଙ୍ଗକେଶ ନାମେ ମହେଶ୍ୱର ।
ନବଲକ୍ଷ ସୁତ୍ରଗଡ଼ ଯହିଁ ଗୋ ସାଦ,
ଯାହାଙ୍କ ପ୍ରସାଦେ ଯାଇ ସକଳ ବିପଦ ।
ତାହାଙ୍କ ଅଙ୍କରେ ମୋର ଜନମ ମଣ୍ଡଳ,
ସଦାଶିବ ନାମ ଲଭି ମାତାପିତାଙ୍କରେ ।
ଶ୍ରୀଗୁରୁଙ୍କ ଆଜ୍ଞା ସାଧୁଜନଙ୍କ ହୋଇଲେ,
ଏହି ନାମ ମୋର ଅଟେ ଜଗତ କାରଣ ।
ଓଡ଼ିଶା ଶ୍ରୀ ଗଜପତି ଆଜ୍ଞାରେ ଯେମନ୍ତ,
ଭକ୍ତପୂର୍ଣ୍ଣ ବ୍ରହ୍ମା ପଦ ହେଲା ମୋର ଖ୍ୟାତ ।
(ଲଳିତଲୋଚନା । ୧ମ ଛାନ୍ଦ)

କବି ଲଳିତଲୋଚନା ରଚନା ସମୟରୁ ଶ୍ରୀ କିଶୋର ଦାସ ଗୋସ୍ୱାମୀଙ୍କ ଦ୍ୱାରା ଦୀକ୍ଷିତ ହୋଇ ତାଙ୍କ ଇଚ୍ଛାରୁ ବୈଷ୍ଣବ ସମ୍ପ୍ରଦାୟଭୁକ୍ତ ହୋଇଥିଲେ । କିଶୋର ଦାସ ଗୋସ୍ୱାମୀ ତାଙ୍କର ଦୀକ୍ଷାଗୁରୁ ଥିଲେ ଏବଂ

ତାଙ୍କର ଆଜ୍ଞାରୁ ସଦାଶିବ ଓଝା ନାମ ପରିବର୍ତ୍ତନ କରି ସାକ୍ଷାତ୍‌ନାମ 'ସାଧୁଚରଣ ଦାସ' ଗ୍ରହଣ କରିଥିଲେ । କିନ୍ତୁ ଗ୍ରନ୍ଥମାନଙ୍କରେ ବହୁତ ସ୍ଥାନରେ 'ସଦାନନ୍ଦ' ନାମ ବ୍ୟବହାର କରାଯାଇଛି ଏବଂ ନାମଟି ତାଙ୍କର ଅଭିପ୍ରେତ ଥିବା ମନେ ହୁଏ ।

ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମା ସଦ୍‌ଗୁରୁଙ୍କୁ ବିଶେଷ ସମ୍ମାନ ଦେଖାଇଥିଲେ । ତାଙ୍କୁ ସେ ଆଦର୍ଶ ଗୁରୁରୂପେ ପରିଚିତ କରାଇ ଅଛନ୍ତି । ଯେଉଁମାନେ କୃଷ୍ଣଙ୍କୁ ନିଷ୍ଠାରେ ଭଜୁଥାନ୍ତି, ଅନ୍ୟ କିଛି ଜାଣିନାହାନ୍ତି, ସେମାନଙ୍କ ହୃଦୟରେ ଶ୍ରୀ ଧର୍ମ ପୂର୍ଣ୍ଣ ରୂପରେ ବିଦ୍ୟମାନ । ଶିଷ୍ୟକୁ ଦେଖାଇ, କରଣୀ କରାଇ, ପ୍ରତିଷ୍ଠା ପାଇଁ ଯୋଗେ କୃଷ୍ଣଙ୍କ ପୂଜା କରନ୍ତି, ଏମାନଙ୍କଠାରୁ ଦୂରରେ ରହିବା ଉଚିତ । ଏମାନେ 'ବହିର୍ମୁଖଜନର ଲୋକ ।' କିନ୍ତୁ ସଦାନନ୍ଦ ଗୋସାଇଁଙ୍କ କରଣୀ ପ୍ରକୃତ ଭକ୍ତିର ପଥ । ସେ ରାଧାକୃଷ୍ଣ ମୁଖରେ ଗାନ କରନ୍ତି, ଏହି ଜନସ୍ୱରେ ଯେଉଁ ଦୃଢ଼ ହୋଇଯାଏ, ନେତ୍ରରୁ ଅଶ୍ରୁଧାର ବହେ, ଅଙ୍ଗରେ ସାତ୍ତ୍ୱିକ ବିକାର ଦେଖାଯାଏ । ତାଙ୍କର ପଦକୁ ଶ୍ରଦ୍ଧା, ପ୍ରେମ, ଶାନ୍ତି ଆଦି ଅନୁଭବ ଲଭି ହୁଏ । (ରସିକା ଜନକଶୀ, ୬ଷ୍ଠ ଗ୍ରନ୍ଥ)

ବର୍ଣ୍ଣାଶ୍ରମ ଭେଦରେ ବୈଷ୍ଣବ ସଦାନନ୍ଦ ବିଶ୍ୱାସ କରୁ ନଥିଲେ ଏବଂ ଏହି କାରଣରୁ ତାଙ୍କର ଗୁରୁ ଅପେକ୍ଷାକୃତ ନିମ୍ନବର୍ଣ୍ଣର ହୋଇଲେ ମଧ୍ୟ ତାଙ୍କୁ ସେ 'ପ୍ରଭୁ' ରୂପରେ ଗ୍ରହଣ କରୁଥିଲେ ।

ବର୍ଣ୍ଣାଶ୍ରମେ-ଭେଦ କିଛି ମୋ ପଥର ନାହିଁ,
ଏମନ୍ତ ସେ ଅଟେ ପ୍ରଭୁ ମୋର ।×। (୬ଷ୍ଠ ଗ୍ରନ୍ଥ, ନ: ଗ:)

ସଦାନନ୍ଦ ବୈଷ୍ଣବ ଦୀକ୍ଷା ଗ୍ରହଣ କରିବା ପୂର୍ବରୁ ସାଧୁଚରଣ ଦାସ ନାମକ ଜଣେ ପରମ ବୈଷ୍ଣବଙ୍କଠାରୁ ବୈଷ୍ଣବ ତତ୍ତ୍ୱ ଶିକ୍ଷାଲାଭ କରିଥିଲେ । ସେ କବିଙ୍କର 'ପ୍ରାଣବନ୍ଧୁ' ଥିଲେ । ତାଙ୍କର ପ୍ରଭାବ ଲଭି କବିଙ୍କର ଭକ୍ତି ଜାତ ହୋଇଥିଲା । ସେ କବିଙ୍କୁ ଭକ୍ତିରୁ ରସ 'ନେତ୍ରଭଞ୍ଜନ ଗୀତ' ଶୁଣାଇଲେ । ରସ୍ମିକଳପଶୀ ରଚନା ବେଳକୁ ସାଧୁଚରଣ ଦାସଙ୍କ ଅନ୍ତର୍ଦ୍ଧାନ ଘଟିଥିବାରୁ କବି ଅତ୍ୟନ୍ତ ଦୁଃଖିତ ହୋଇ ପଡ଼ିଥିଲେ ।

ସେହି ସେ ରାଧାଚରଣ ଦାସ ନାମେ ଗ୍ରାମେ ଜନ୍ମ
ମୋହର ସେହି ପଦେ ଆଶ୍ରି,
ଯାଙ୍କ ଶକ୍ତ୍ୟ ଲକ୍ଷ୍ମୀ ମୋର ସେ ସେବତାଂଶ୍ରୟ
ଭକ୍ତ ଛଡ଼ାଇଲେ ଭକ୍ତି ବନ୍ଧ । (ଭ: ଗ: । ୭ମ ଗୁଚ୍ଛ)

ଶ୍ରୀରାଧିକାଙ୍କ ସାଥିତ୍ୱଭାବ ସଖୀ, ଏଥିରୁ ପ୍ରିୟ ସଖୀମାନଙ୍କ, ମଧ୍ୟରେ ଅନନ୍ତ ସେ ରୂପମଞ୍ଜରୀ ସେ ଯେପରି ରାଧାଙ୍କ ସେବା କରୁଥିଲେ, ସେପରି ଭକ୍ତ କରିବାକୁ ଆଶା ପୋଷଣ କରନ୍ତି ।

ଏ ସ୍ୱର୍ଣ୍ଣ ଭାଣ୍ଡାର ଭବେ ରାଧିକା ସେବାରେ ନିଯୁକ୍ତ ହୋଇବ
ରୂପମଞ୍ଜରୀ ଅନୁଗତ ହେବ । (୧୨ଶ ଗୁଚ୍ଛ । ଭ: କ:)

ସଦାନନ୍ଦଙ୍କ ଶିକ୍ଷା ଗୁରୁ ଧନଞ୍ଜୟ ଥିଲେ । ସଂସ୍କୃତ ସାହିତ୍ୟରେ ତାଙ୍କର ପ୍ରବେଶ ଥିଲା । ମଧ୍ୟ (ଯୁଗଳଲୀଳାମୃତ ସମୁଦ୍ରରେ) ସେ ମଙ୍ଗଳାଚରଣରେ ଦୈନ୍ୟ ପ୍ରକାଶ କରି "ସଂସ୍କୃତ ଜ୍ଞାନ ମୋର ନାହିଁ" ବୋଲି କହୁଛନ୍ତି । କବିଙ୍କର ରୂପା-ପରିପାଟୀ ଓ ଶବ୍ଦ ଭଣ୍ଡାର ତାଙ୍କର ପାଣ୍ଡିତ୍ୟର ପ୍ରମାଣ ଦେଉଛି ।

ସମସ୍ତ ବୈଷ୍ଣବଙ୍କୁ ମିଳିଲେ, ଦୈନ୍ୟ ଭଣ୍ଡାର ଲୁଟି ନେଲେ ।
ମୋତେ ପାଇଁକି କିଛୁ ନାହିଁ, ମୁଁ ଅବା କହିବି ମୁହିଁ ।
ଯେତେକ ବୋଲିବି ମୁଁ ପଣ୍ଡିତ, ସେ କଥା ଅଟଇ ତ ସତ ।
ଯେତେ ବୋଲିବି ମୁଁ ମୂରୁଖ, ସେ କଥା ଘୋଷିବୁ ଲୋକେ ।
ସଂସ୍କୃତ ଜ୍ଞାନ ମୋର ନାହିଁ, ପଦ୍ମକୁ ଗୀତ ବୋଲଇ ।
(୩୮ଶ ଗୁଚ୍ଛ । ଯୁଗଳଲୀଳାମୃତ ସମୁଦ୍ର)

ଏହି ସକଳ ଧର୍ମ ସହିତ ଗୀତ ସେ,
ଜନସ୍ମୃତି ଡୁବା ନ ଜାଣେ ସଂସ୍କୃତ ସେ ।
(ପ୍ରେମ ତରଙ୍ଗିଣୀ । ୧୮ଶ ଗୁଚ୍ଛ)

ସଦାନନ୍ଦ ଓଡ଼ିଆ ଓ ସଂସ୍କୃତ ଭାଷା ବ୍ୟତୀତ ଓ ହିନ୍ଦୀ ଭାଷା ମଧ୍ୟ ଶିଖି କରିଥିଲେ ଏବଂ ବଙ୍ଗଳାରେ ଅନେକ କବିତା ଓ କାବ୍ୟଗ୍ରନ୍ଥ ମଧ୍ୟ ରଚନା କରିଥିଲେ ।

କବି ବୈଷ୍ଣବ ଧର୍ମ ଗ୍ରହଣ କରିବା ପରେ ତାଙ୍କ ଜାତୀୟ ପାରିବାରିକ ସ୍ଥାନରେ ନିଜର ଗୋଷ୍ଠୀ ମଠ ପ୍ରତିଷ୍ଠା କରି ବୈଷ୍ଣବ ଧର୍ମ ପ୍ରଚାର କରିଥିଲେ । ସେ ମଧୁପୁରରୁ ଆସି ପ୍ରଗଲଭଶ୍ୟାମସୁନ୍ଦରଦାସଙ୍କ ବଲ୍ଲଭେଳକୁ ମଠରେ ରାଧାକାନ୍ତ ମୂର୍ତ୍ତି ପ୍ରତିଷ୍ଠିତ ହୋଇ ନଥିଲା । ପ୍ରଥମ ମୂର୍ତ୍ତି ପ୍ରତିଷ୍ଠା କରିବା ନିମିତ୍ତ କବି ବ୍ୟାକୁଳ ଥିଲେ ।

ଶ୍ରୀବୈଷ୍ଣବ ଗୁରୁ ହେଲେ ବିଶ୍ୱାସ ପୂର୍ବକ,
ମୁଁ ମଠ ଆପଣ, ସେ ମୋର ଠାକୁର ।
ଶ୍ରୀରାଧା! ତୁମେ କରୁଣାବାନ୍ଧି ନନ୍ଦ,
ହେବ ଦେଖ ଏ ଗ୍ରନ୍ଥରେ ବସ୍ତୁତ ଆନନ୍ଦ ।
ପ୍ରଭୁ କେବେ ହେଇଛ ହୋଇଲେ ସ୍ଥୂଳ,
ରାଧାକାନ୍ତ ନାମ ଗାଇବାର ହେତୁ ତ ମୋ ମୂଳ ।
( ପ୍ର: ଭ: ଲ: । ୬ଷ୍ଠ ଛାନ୍ଦ )

ସଦାନନ୍ଦ ବା ରାଧାଚରଣ ଦାସଙ୍କ ମଠରେ ରାଧାକୃଷ୍ଣ ମୂର୍ତ୍ତି ପ୍ରତିଷ୍ଠିତ ହୋଇଥିଲେ । ମୂର୍ତ୍ତି ଶିଳ୍ପଶାସ୍ତ୍ର ପ୍ରମାଣେ 'ଦେବମୂର୍ତ୍ତି' ସୁନ୍ଦର ବା ହେଉ । କବି ନୂତନ ମଠରେ ଏଣୁ କରି ନୂତନ ମୂର୍ତ୍ତି ନିର୍ମାଣ କରାଇ ସ୍ଥାପନ କରାଇ ଥିବା ସ୍ପଷ୍ଟ । ଠାକୁରଙ୍କ 'ବେଶାବରଣ' ଶୋଭା (ବେଶକର) କରି ସେ ତୃପ୍ତି ଲାଭ କରୁଥିଲେ ।

ରାଧେଶ୍ୟାମ ରସିକସ୍ୱ    ମୋହନ ଯୁଗ ପଦରୁ
ମୋ କଣ୍ଠେ ବାନ୍ଧେ ଧନ ମୋହନ ମୂର୍ତ୍ତି
ସୁନ୍ଦର ଯେ ଦେବଦେହ    କାନ୍ତି ଏମାନେ ପ୍ରଣତ
ହେତୁ ଧନକର ଶୁଦ୍ଧ ଭକ୍ତ ସମ୍ପତ୍ତି ।
ଜୟ ପୂର୍ଣ୍ଣ ବ୍ରହ୍ମ ବନ୍ଦନ୍ତୁ
ତାଙ୍କ ଶ୍ରୀଚରଣ ଅବତଂସାଣରେ ମୁଁ ତୃପ୍ତି ।୪।
(୩୨ଶ ଛାନ୍ଦ)

ନବ ବୈଷ୍ଣବ ମାନେ ଉତ୍କଳ କବିତା ସହିତ ମଧ୍ୟ ସ୍ୱଜାତୀୟମତର ବର୍ଣ୍ଣ (ବ୍ରାହ୍ମଣ ଜାତୀ)ଙ୍କୁ ଏକାବେଳକେ ପ୍ରୟୋଗ କରିଥାଆନ୍ତି; ମାନେ ଗ୍ରନ୍ଥର ଦୃଷ୍ଟିରୁ ଏହା ଅନୁଚିତ ବିବେଚିତ ହେବା ସ୍ୱାଭାବିକ ।

ଶୂଦ୍ରୀ ବାଳୀ ଠାରୁ ଲୁଆଁ ଶିଖି, ଭଣେ କବିସୂର୍ଯ୍ୟ ବ୍ରହ୍ମା ଭ୍ରମର ।୩୦।
(ପ୍ରେ: ସୁ: ନି: । ୩୯ଶ ଛାନ୍ଦ)

ଗୁରୁ ପରମ୍ପରା—ବାବାଜୀ ଶ୍ରୀକିଶୋର ଦାସ ସଦାନନ୍ଦ ବା ସାଧୁଚରଣଙ୍କ ଶିଷ୍ୟ ଥିଲେ । ଏହାଙ୍କ ଗୁରୁ ପରମ୍ପରା ଏହିପରି—

କୋଟି ମୁଖରେ କହିଲେ ନ ସରିବ, ଗୁଣ ଅଗାଧ ଅପାର ।
ଶ୍ରୀକୃଷ୍ଣ ଚୈତନ୍ୟ ଶ୍ରୀପ୍ରଭୁ, ପ୍ରିୟ ଶିଷ୍ୟ ଗଦାଧର ।
ସେ ପଣ୍ଡିତ ଗୋସ୍ୱାମୀଙ୍କ ଶିଷ୍ୟ, ଅନନ୍ତାଚାର୍ଯ୍ୟ ଯା ନାମ ବ୍ୟାପ୍ତ ।
ଶ୍ରୀହରି ଗୋପାଳ ଗୋସ୍ୱାମୀ, ସେ ଦାସ ଲକ୍ଷ୍ମୀପ୍ରିୟା ତାଙ୍କ ଶିଷ୍ୟ ।

ତାଙ୍କ କୃପାପାତ୍ର ଶ୍ରୀ ଜଗନ୍ନାଥଜୀ, ଖଡିବରେ ପ୍ରତିଷ୍ଠିତ ।
ତାଙ୍କ ପାଦାଶ୍ରିତ ବନମାଳୀ ଦାସ, ଗୋସ୍ୱାମୀ କେତେକ ବିଦିତ ।
ତାଙ୍କ ଶିଷ୍ୟ ଶ୍ରୀ କିଶୋର ଦାସ, ନାମରେ ମୋହର ଗତି ।
ଶାସ୍ତ୍ରକୁ ନ ଜାଣି ମୁଁ ଅତି ଅଧମ, କୃପାକଲେ ଅନ୍ତର୍ଯ୍ୟାମୀ ।
(ପ୍ରେମ ତରଙ୍ଗିଣୀ । ୩୬ଶ ଛନ୍ଦ)

ବୈଷ୍ଣବଙ୍କ ପ୍ରକୃତ ବିବାଦ—ଭକ୍ତ ବ୍ରଜବାସୀ ଗୋସ୍ୱାମୀ ସମ୍ପ୍ରଦାୟର ବୈଷ୍ଣବ ଥିଲେ ଏବଂ ଅନ୍ୟାନ୍ୟ ବୈଷ୍ଣବ ସମ୍ପ୍ରଦାୟ ସହିତ ତାଙ୍କର ସମ୍ପର୍କ ନଥିବା ଜଣାଯାଏ । ତାଙ୍କର ଯୁଗଳମୂର୍ତ୍ତି ଉପାସନାରେ ସ୍ୱକୀୟା-ପରକୀୟା ଭାବକୁ କେତେକ ବୈଷ୍ଣବ ଆଦର କରୁ ନ ଥିଲେ । ସ୍ୱୀକୀ ଯେ ବୈରାଗୀ ହୋଇ ମଧ୍ୟ ସାଂସାରିକ ସମ୍ପର୍କର ସୂଚକ 'କବିସୂର୍ଯ୍ୟ ବ୍ରହ୍ମା' ପଦବୀ ବ୍ୟବହାର କରୁଥିବାରୁ ସମ୍ପ୍ରଦାୟର କେତେକ ବୈଷ୍ଣବ ତାହା ମଧ୍ୟ ପସନ୍ଦ କରୁନଥିଲେ । ନବ ବୈଷ୍ଣବ ହେବାପରେ ମଧ୍ୟ କବିସୂର୍ଯ୍ୟ ବ୍ରହ୍ମା ପଦବୀ

ବ୍ୟବହାର କରୁଥିଲେ । କିନ୍ତୁ ବୈଷ୍ଣବ ହେବା ପୂର୍ବରୁ ମଧ୍ୟ ସେ କବିସୂର୍ଯ୍ୟ ବ୍ରହ୍ମା ଉପାଧି ପାଇଥିଲେ ।

ସଦାଶିବ କବିସୂର୍ଯ୍ୟ ବ୍ରହ୍ମା, ସଦା ଶରଣ ମୁଁ ବ୍ରଜଧାମ ।
(ପୁ: ର: ଲ: । ୪୫ଶ ଛାନ୍ଦ)

ଅନ୍ତର ମଧ୍ୟ ସେ କାହିଁକି ଏ ଉପାଧି ବାରମ୍ବାର ବ୍ୟବହାର କରୁଛନ୍ତି, ସେ ସମ୍ବନ୍ଧରେ ଲେଖିଛନ୍ତି—

ମୋ କବିସୂର୍ଯ୍ୟ ବ୍ରହ୍ମା ପଦ, ଶୁଣିପାରନ୍ତୁ ଲୋକେ ଶବଦ,
ମୁଁ ଯେ ବୋଲଇ କେହି ନ ବଦ, ଜନେ ପିଶୁନ ହେ ।
(ପ୍ରେ:ସୁ:ନି: । ୪ର୍ଥ ଛାନ୍ଦ)

ସବେ ଜାଣିବା ପାଇଁ ଏ ନାମ ଭଣି, ଶାସ୍ତ୍ରବେଣ ଦାସ ମୁଁ ଅଟ ଜାଣି ।
(ପ୍ରେମ ତରଙ୍ଗିଣୀ । ୨୧ଶ ଛାନ୍ଦ)

ଏହି ଉପାଧି ପ୍ରତି ତାଙ୍କର ମୋହ ନାହିଁ ବୋଲି ସେ ପ୍ରମାଣ କରିଥିଲେ ହେଁ ସେ କେଉଁଥି ପାଇଁ ମୁହୁର୍ମୁହୁ ବ୍ୟବହାର କରି ଅଛନ୍ତି, ସେଥିରେ ଅନ୍ୟାନ୍ୟ ସମ୍ପ୍ରଦାୟର ଲୋକେ ଏ ସମ୍ପର୍କରେ ତାଙ୍କର ଆସକ୍ତି ଉପରେ ସନ୍ଦେହାନ ହେବାର କଥା । ବିଶେଷତଃ ତାଙ୍କ ନାମ କେଉଁଥି ସଂସାରରେ ଚିରଦିନ ପ୍ରକାଶେ ପ୍ରଖ୍ୟାତ ହେବ, ସେଥିପାଇଁ ସେ ବ୍ୟାକୁଳିତ ଥିଲାପରି ଜଣାପଡ଼େ ।

ଏଣୁ ପ୍ରେମ ପଦେ ନାହିଁ ଯୋଡ଼ଣି ସଂଖ୍ୟାତ,
କବିସୂର୍ଯ୍ୟ ନାମ ହେଉ ସଂସାରେ ବିଖ୍ୟାତ । (ପ୍ରେମ କଳ୍ପଲତା)

ସୁତରାଂ ରସାମୃତ ଲେଖକ ଯେଉଁ ଲେଖିଛନ୍ତି ଯେ, କାବ୍ୟଲେଖା ତାଙ୍କର ନିଜର ନୁହେଁ, ସେ କେବଳ ପ୍ରଭୁଙ୍କର କୃପାପ୍ରସୂତ ଏବଂ ସେଥିରେ ତାଙ୍କର କିଛି କୃତିତ୍ୱ ନାହିଁ, କିନ୍ତୁ ଉପରଲିଖିତ ପଦ୍ୟାଂଶରୁ ଏହି ସ୍ୱୀକୃତି ଅନ୍ତରର ଥିବା ଜଣା ପଡୁନାହିଁ ।

ପ୍ରବଳ ସୁଧାମୃତ ନାହିଁ, ଶୁଦ୍ଧ ଭକ୍ତିରେ ମୋ ହୃଦେ ପୂର୍ଣ୍ଣ,
ଶୁଦ୍ଧ ମୁହେଁ ବା କେଉଁ ପାପ କଣ, କହିଲେ ନନ୍ଦନ ହେ ।
କୋଟିଏ ତୀର୍ଥର ଜଳୁ ମଜ୍ଜନ, ସେବନ୍ତି କୃଷ୍ଣ ଚରଣ,
ଏ ମୋର କୃତ୍ୟ ବୋଲି ନ ମଣ, ସେହୁ ସନାତନ ହେ ।
ଏ ସିନ୍ଧୁ ପ୍ରଭାତେଣ ଛନ୍ଦାନ୍ତ ହେ, କର୍ତ୍ତା ସେହିନ୍ତୁ ଅକାରଣ ପ୍ରଭୁ ହେ ।
(ପ୍ର: କେ: ଲ: । ୪ର୍ଥ ଛାନ୍ଦ)

ଭକ୍ତ କବି ନାମକୁ ସଂସାରରେ ବିଖ୍ୟାତ କରିବା ହୃଦୟଶୀଳର ବୈଷ୍ଣବ ହେବା ପରେ ସୁଦ୍ଧା କବିସୂର୍ଯ୍ୟ ବ୍ରହ୍ମା ଉପାଧି ବ୍ୟବହାର କରିଥିବା ଯୋଗୁଁ ତାଙ୍କୁ କି ବିପତ୍ତି ପଡ଼ୁଥିଲା, ସେ ସମ୍ବନ୍ଧରେ ଲେଖିଛନ୍ତି—

କବିସୂର୍ଯ୍ୟ ବ୍ରହ୍ମା ପଦ, ଏ ଅଛି ମୋତେ ହେଲା ବିପଦ ହେ ।
ବୈଦେଶ ନହେ ! ବୈଷ୍ଣବ ଭଲେ ବାଦ ହେ ।
(ପ୍ର: ଭ: ଲ: । ୭ମ ଛାନ୍ଦ)

ଏହି ଶ୍ରେଣୀର ବୈଷ୍ଣବମାନଙ୍କୁ କପଟ ଭକ୍ତରେ ଦେଖୁଥିଲେ, ତାହା ଜାହିର ପ୍ରମାଣ ନିମ୍ନଲିଖିତ ପଦ୍ୟାଂଶରୁ ମିଳିପାରେ—

ଖାଲି ଝୋଲ ବାନ୍ଧିଲେ ଚନ୍ଦନ ଘର,
ଧୁ ଭୁଜ କୁହନ୍ତି ଆଶାର ମାଳ ଶତ୍ରୁ ।
ଅନ୍ତରରୁ ସଂସ୍କୃତ ତତ୍ତ୍ୱ ଉପଦେଶ,
ନନ୍ଦେ ବସ୍ତ୍ର କାହୁଁ ସେ କାଙ୍କି ସ୍ୱଭାବ ।
ସେ ଦ୍ୱାରେ ଭଜନ୍ତୁ ଶୁଦ୍ଧ ଭକ୍ତି ଅନୁଗତ,
କାଣ ହେବ ବର୍ତ୍ତମାନ ସେ ଗତ ଅତୀତ ।
(ପ୍ରେ: ଭ: ଲ: । ୯ମ ଛାନ୍ଦ)

ଭକ୍ତ ମଧୁସୂଦନ ରଚିତ ପରେ ଭାଗବତରେ ମଧ୍ୟ ଉତ୍ତମ ଭାବ ଥିବା ପଦ ଜଣାପଡ଼େ । ଉତ୍କଳରେ ଥିବା ସମୟରେ ସେ ଭଗବଦ୍‌ଗୀତା ଏକ ଟୀକା

କରିଥିଲେ । ଏ ବନ୍ଧରେ ସେ ନିଜକୁ 'ଭକ୍ତି କବିସୂର୍ଯ୍ୟ ବ୍ରହ୍ମା' ବୋଲି ମଧ୍ୟ ପ୍ରକାଶ କରି ଅଛନ୍ତି ।

ଉପାଧି ପ୍ରାପ୍ତି—ପୁରୀରେ ଥିବା ସମୟରେ ପୁରୀର ରାଜା ବୀରକେଶରୀ ଦେବଙ୍କ ଠାରୁ ସେ ଏହି ଉପାଧି ପାଇଥିଲେ ।

(୧) ସାର ଶ୍ରୀ ବୀରକେଶରୀ ଦେବ ଶୁଣି ଭକ୍ତି ପଦ,
ଦେଲେ କବିସୂର୍ଯ୍ୟ ବ୍ରହ୍ମା । (ସୋ: କ. ଲ: । ୩୧ଶ ଛାନ୍ଦ)

(୨) ଦେଲେ ଶ୍ରୀ ବୀରକେଶରୀ ଦାନ୍ତ ପଦ,
କବିସୂର୍ଯ୍ୟ ବ୍ରହ୍ମା ବୋଲି ଲୋକେ ବେଦ ।

(ପ୍ରେ: ଭ: । ୨୯ଶ ଛାନ୍ଦ)

ମଧୁପୁର ରାଜପରିବାର ବଂଶପରଂପରା କ୍ରମେ ସଦାନନ୍ଦଙ୍କ ପୀଠର ଶିଷ୍ୟତ୍ୱ ଗ୍ରହଣ କରନ୍ତି । ଗଞ୍ଜାମ ଜିଲ୍ଲାର ଅସ୍କା ବ୍ଲକର କଳାମ୍ବ ପଣ୍ଡିତପଡ଼ା ମଠ ସଦାନନ୍ଦଙ୍କ ପ୍ରତିଷ୍ଠିତ ମୂଳପୀଠ । ସଦାନନ୍ଦ ଶ୍ରୀ ଚୈତନ୍ୟ ଦେବଙ୍କ ସଖା ବ୍ରଜବାସୀ ନିତ୍ୟାନନ୍ଦଙ୍କ ପରିବାରଭୁକ୍ତ । ମଧୁପୁର ଜମିଦାରୀ ଅନ୍ତର୍ଗତ ଗଡ଼କେଲ ଗ୍ରାମରେ ସଦାନନ୍ଦ ମଧୁପୁର ରାଜାଙ୍କ ପୃଷ୍ଠପୋଷକତାରେ ଏକ ମଠ ସ୍ଥାପନ କରିଥିଲେ । ମଧୁପୁର ରାଜା ଘନଶ୍ୟାମ ନରେନ୍ଦ୍ର ମଠର ଠାକୁରଙ୍କ ଭୋଗରାଗ ନିମନ୍ତେ ଜମିରୁ ୪୪ ମାଣ (ଏକର) ଜମି କାଟିର ପ୍ରସ୍ତରେ ଶାସ୍ତ୍ରୀ ଦେଇଥିଲେ । ଗୋକୁଳଚନ୍ଦ୍ର ଘନଶ୍ୟାମଙ୍କ ପିତା ଥିବା ଅନୁମିତ ହୁଏ । ରଣସିଂହପଦାଙ୍କ ମୌଜାରେ ଏହି ଜମି ଅଛି । ସଦାନନ୍ଦ ପ୍ରତିବର୍ଷ କାର୍ତ୍ତିକ-ପକ୍ଷ ସମୟକୁ ମଧୁପୁର ଗଡ଼କୁ ଯାଉଥିଲେ ।

ମଧୁପୁର ଘନଶ୍ୟାମ ନରେନ୍ଦ୍ର ଶବ୍ଦ ଶୁଣି ଭକ୍ତ ଗୋକୁଳଚନ୍ଦ୍ର,
କବିସୂର୍ଯ୍ୟ ବ୍ରହ୍ମା ଭଣେ ସ୍ନେହ ପୂଜନେ,
ଏ ରସାମୃତ ଲହରୀ ପ୍ରମାଣେ । (ସ୍ନେ: ର: ଲ: । ୯ମ ଛାନ୍ଦ)

**ମଧୁପୁର ରାଜବଂଶ—**

ଗୋକୁଳଚନ୍ଦ୍ର ନରେନ୍ଦ୍ର

| | |
|---|---|
| ଘନଶ୍ୟାମ ନରେନ୍ଦ୍ର | ରଘୁନାଥ |

ସୁଦର୍ଶନ ( ଖ୍ରୀ: ୧୮୩୩ ରେ ମୃତ୍ୟୁ)

ରାମଚନ୍ଦ୍ର (ଖ୍ରୀ: ୧୮୪୮ ରେ ମୃତ୍ୟୁ)

କୃଷ୍ଣଚନ୍ଦ୍ର (ଖ୍ରୀ: ୧୮୮୮ ରେ ମୃତ୍ୟୁ)

ଦାଶରଥିଚନ୍ଦ୍ର (ଖ୍ରୀ: ୧୯୪୭ ରେ ମୃତ୍ୟୁ)

ବୃନ୍ଦାବନଚନ୍ଦ୍ର (ବର୍ତ୍ତମାନର ଜମିଦାର—ସନ୍ତାନର ଧାର୍ଯ୍ୟବୋଧ ରାଜକୁମାର । ଗୋପବନ୍ଧୁରୂପେ ପରିଚିତ)

ଘନଶ୍ୟାମ ନରେନ୍ଦ୍ର ଓଡ଼ିଶାରେ ମରହଟ୍ଟା ରାଜତ୍ୱରେ ଜୀବିତ ଥିଲେ । ସେହି ସମୟରେ ସରକାରୀ ଖଜଣାଖାନାରେ ଦେୟଦେଇ ନ ପାରିବାରୁ ମରହଟ୍ଟା ଲୋକ ତାଙ୍କୁ ଗିରଫ କରି କଟକର ବାରବାଟୀ ଦୁର୍ଗରେ ଅଟକ କରି ରଖିଥିଲେ । ସେ ପ୍ରାୟ ଛଅମାସ କାଳ ଅଟକ ହୋଇଥିବା ଜଣାଯାଏ । ସେତେବେଳେ ବାରବାଟୀ ଦୁର୍ଗରେ ମଧୁପୁର ଜମିଦାରଙ୍କ ବାସୀ, କେତେଜଣ ଖଣ୍ଡାୟତ ପ୍ରହରୀରୂପେ ଚାକିରି କରୁଥିଲେ । ସେମାନେ ନିଜ ରାଜାଙ୍କ ଏ ଦୁର୍ଦ୍ଦଶା ଦେଖି ସହ୍ୟ କରି ନ ପାରି ତାଙ୍କୁ ମୁକ୍ତ କରିବା ପାଇଁ ଏକ ଷଡ଼ଯନ୍ତ୍ର କଲେ । ରାଜା ଯେଉଁ କୋଠରୀରେ ଅଟକ ହୋଇଥିଲେ ସେଠାରେ ଏହି ଖଣ୍ଡାୟତମାନଙ୍କୁ ପ୍ରହରୀରୂପେ ରଖା ଯାଉଥିଲା । ଏମାନେ

ଗୁମ୍ଫରେ କୋଠରୀଠାରୁ ଏକ ସୁଡ଼ଙ୍ଗ ଖୋଳି ରାଜାଙ୍କୁ ଦୁର୍ଗ ବାହାରକୁ ନିରାପଦରେ ଛାଡ଼ିଦେଲେ । ରାଜା ଗୋପନରେ ସ୍ୱ ଜମିଦାରୀରେ ରହୁଥିଲେ । ରାଜା ପରେ ପେସ୍‌କେଶ ଟଙ୍କା ଦାଖଲ କରି ଦେବାରୁ ମରହଟ୍ଟା ସୁବାଦାର ରାଜାଙ୍କ ବିରୁଦ୍ଧରେ ଆଉ କିଛି କାର୍ଯ୍ୟାନୁଷ୍ଠାନ କଲେନାହିଁ । ମୁକ୍ତ କରିଥିବା ଏହି ଗଣ୍ଡାଶୁତମାନଙ୍କୁ ରାଜା କୃତଜ୍ଞତାର ଚିହ୍ନ ସ୍ୱରୂପ କେତେକ ଜମି ଜାଗିର ସ୍ୱରୂପ ଦାନ କରିଥିଲେ ।

ଘନଶ୍ୟାମ ନରେନ୍ଦ୍ରଙ୍କ ପୁଅ ସୁଦର୍ଶନ ନରେନ୍ଦ୍ର ଇଂରେଜମାନଙ୍କ ଓଡ଼ିଶା ଅଧିକାର ସମୟ (ଖ୍ରୀ: ୧୮୦୩)କୁ ଜୀବିତ ଥିଲେ । ଖ୍ରୀ: ୧୮୩୩ ରେ ତାଙ୍କର ମୃତ୍ୟୁ ହୋଇଥିଲା । ଘନଶ୍ୟାମଙ୍କ କନିଷ୍ଠଭ୍ରାତା ରଘୁନାଥ ବର୍ତ୍ତମାନର ପ୍ରସିଦ୍ଧ ଗାୟକ, ବାଦକ ଓ ସଙ୍ଗୀତଶାସ୍ତ୍ରବିତ୍ ଶ୍ରୀ ଶ୍ୟାମସୁନ୍ଦର ଧୀର ନରେନ୍ଦ୍ରଙ୍କ ପୂର୍ବପୁରୁଷ । ରଘୁନାଥଙ୍କ ପୁତ୍ର ମାଦନ, ମାଦନଙ୍କ ପୁତ୍ର କେଶବ, ତାଙ୍କପୁତ୍ର ଚୈତନ୍ୟ, ତାଙ୍କପୁତ୍ର ଜଗବନ୍ଧୁ ଓ ତାଙ୍କପୁତ୍ର ଶ୍ୟାମସୁନ୍ଦର ।

ସଦାନନ୍ଦ ମଧୁପୁରରେ ଥିଲାବେଳେ ସେଠାରେ ରାଜାଙ୍କ ଅନୁକୂଳରେ ଏକ ମଠ ସ୍ଥାପନା କରି ରସିକଙ୍କ ମୂର୍ତ୍ତି ପ୍ରତିଷ୍ଠା କରିଥିଲେ । ମଧୁପୁର ରାଜା ଠାକୁରମାନଙ୍କ ସେବାପୂଜା ନିମନ୍ତେ କିଛି ଜମି ମଧ୍ୟ ଦତ୍ତି ଦେଇଥିଲେ । କିନ୍ତୁ, କେତେକ ବର୍ଷ ପରେ ରାଜା ନିଜେ ମଠର ପରିଚାଳନା ଭାର ନିଜ ହାତରେ ନେବା ପାଇଁ ପ୍ରସ୍ତାବ କରିବାରୁ ସଦାନନ୍ଦ ଏହି ପ୍ରସ୍ତାବକୁ ପସନ୍ଦ କଲେ ନାହିଁ । ମଧୁପୁରରେ ରହିବା ନିମନ୍ତେ ତାଙ୍କର ଆଉ ଇଚ୍ଛା ହେଲା ନାହିଁ । କଥିତ ଅଛି, ସେ ରସିକଙ୍କ ମୂର୍ତ୍ତିକୁ ଧରି ଗୋପନରେ ମଧୁପୁର ରାଜ୍ୟ ତ୍ୟାଗ କଲେ ଏବଂ ପଟ୍ଟାଶୀ ବାଲିଆ ଜମିଦାରଙ୍କ ରାଜ୍ୟକୁ ଚାଲି ଆସିଲେ । ବାଲିଆରେ ଥିବା ସମୟରେ ସେ ଅଭିମନ୍ୟୁ ସାମନ୍ତସିଂହାରଙ୍କୁ ଶିକ୍ଷା ଦେଉଥିଲେ । ସେଠାରେ ରାସେଶ୍ୱରୀ ମୂର୍ତ୍ତି ନିର୍ମିତ ହୋଇଥିଲେ ଏବଂ ଏଠାରେ ରସିକଙ୍କ ସହିତ ରାସେଶ୍ୱରୀଙ୍କ ବିବାହ ଅନୁଷ୍ଠିତ ହୋଇଥିଲା । କିଛି କାଳପରେ ବାଲିଆରୁ କଟକ ଜିଲ୍ଲା ଅନ୍ତର୍ଗତ ମହାନଦୀର ଉତ୍ତର ତଟରେ ଅବସ୍ଥିତ ସୁନ୍ଦରୋଳ ନିକଟସ୍ଥ ପଦ୍ମପଡ଼ାକୁ ଆସି ସେଠାରେ ଛ ମାସ ଜମିଦାର କାନ୍ହୁନ୍‌ଚୋଙ୍କ ଆଶ୍ରୟରେ ରହିଲେ ।

ପଦ୍ମାସପଡ଼ା ନିକଟସ୍ଥ ଭାବଲ ଗ୍ରାମର ବାହୁତ ପଡ଼ିଆରେ ଏକ କୁଟୀର ନିର୍ମାଣ କରି ସେଠାରେ ଗୃହଦେବତା ରସିକରାୟଙ୍କୁ ପ୍ରତିଷ୍ଠା କଲେ । ଲୋକଙ୍କର ଓ ଜମିଦାରଙ୍କ ସାହାଯ୍ୟରେ ମଠ ଚଳୁଥିଲା । ସେତେବେଳେ ଭାବଲ ଗ୍ରାମ ବୈରପୁର ସୀମା ଥିଲା । ପରେ କଣ୍ଡରା ଓ ଭୂମିଜନ ଜାତିର ଡେରେଲେ ଲୋକ ଘର କରି ସେ ସ୍ଥାନରେ ରହିଲେ । ଜମିଦାର ବଂଶ କ୍ରମେ ସଦାନନ୍ଦଙ୍କ ପ୍ରତି ଆକୃଷ୍ଟ ହେଲେ ଏବଂ ସଦାନନ୍ଦଙ୍କ ଅନୁରୋଧ କ୍ରମେ ଭାବଲ ଗ୍ରାମର ବୃତ୍ତିଶୁଣ୍ଡ ପଡ଼ିଆଟି ମଠକୁ ଦାନ କଲେ । ଠାକୁରମାନଙ୍କ ସେବାପୂଜା ପାଇଁ କିଛି ଜମି ମଧ୍ୟ ଛାଡ଼ି ଦେଲେ । ମଠଟି ସଦାବ୍ରତ ମଠ ଥିବାରୁ ଏବଂ ସଦାନନ୍ଦ ପଣ୍ଡିତ ଓ ଭକ୍ତ ଥିବାରୁ କ୍ରମେ ମଠକୁ ବହୁ ଭକ୍ତ ଓ ସାହିତ୍ୟ ରସିକ ଆସିବାକୁ ଲାଗିଲେ ।

ମଠ ପ୍ରତିଷ୍ଠା ସମୟରେ ଭୁଲ ଘଟି ଥିଲା । ବାନୁଦଣ୍ଡୋ ଜମିଦାରଙ୍କୁ କହିଲେ ଯେ ଜମିଦାର ଦୀକ୍ଷାଶିଷ୍ୟ ନ ହେଲେ ମଠର ପ୍ରତିଷ୍ଠା ଗୌରବ ବୃଦ୍ଧି ପାଇବ ନାହିଁ, ଅତଏବ ବାନୁଦଣ୍ଡୋ ବଂଶରୁ କେହି ଜଣେ ଶିଷ୍ୟ ହେବା ଆବଶ୍ୟକ । ପୂର୍ବରୁ ବାନୁଦଣ୍ଡୋ ବଂଶ ଅନ୍ୟ ଗୁରୁପୀଠରୁ ପରଂପରା କ୍ରମେ ମନ୍ତ୍ରୋପଦେଶ ନେଇଥିବାରୁ ପୁଣି ନୂତନ ମନ୍ତ୍ରଗୁରୁ କରିବାକୁ ମନା କଲେ । କିନ୍ତୁ ନିଜ ଶ୍ୟାମକରଣଙ୍କୁ ଶିଷ୍ୟ ହେବା ପାଇଁ କହିଲେ । ଶ୍ୟାମକରଣ ଜମିଦାରଙ୍କ ଆଦେଶାନୁସାରେ ପ୍ରଥମ ଶିଷ୍ୟ ହେଲେ ଏବଂ ଗୁରୁଙ୍କ ଆଦେଶାନୁସାରେ କୁଳ ସାଙ୍ଗି 'ମହାନ୍ତି' ତ୍ୟାଗ କରି ବୈଷ୍ଣବୋଚିତ ସାଙ୍ଗି 'ଦାସ' ଗ୍ରହଣ କଲେ । ଏହି ଶ୍ୟାମଚରଣ ବଂଶ ବର୍ତ୍ତମାନ ସୁଦ୍ଧା 'ଦାସ' ସାଙ୍ଗି ବ୍ୟବହାର କରୁଛନ୍ତି । ଏହା ପରେ ଗୁଡ଼ିଆ, ଗଉଡ଼, କେଳ, ତନ୍ତୀ ପ୍ରଭୃତି ମଧ୍ୟ ଶିଷ୍ୟ ହେଲେ ।

ଗୁରୁ ସଦାନନ୍ଦ (ସାଧୁଚରଣ ଦାଶ) ଏକ ଷଡ଼ଭୁଜ ଚୈତନ୍ୟ ମୂର୍ତ୍ତି ରଖିଥିଲେ । ଶିଷ୍ୟ ଦାସ ପରିବାରଙ୍କୁ ଏହି ମୂର୍ତ୍ତି ପ୍ରଦାନ କଲେ । ଶିଷ୍ୟବଂଶ ମୂର୍ତ୍ତିଙ୍କର ସେବାପୂଜା ପାଇଁ କିଛି ଜମି ଛାଡ଼ି ଦେଲେ, ଜମିଦାର ମଧ୍ୟ କିଛି ଜମି ଦାନ କଲେ ।

ମଧୁପୁରମଠରୁ ଆସିବା ପରେ ସଦାନନ୍ଦ ଭାଦଲଗ୍ରାମ ମଠର 'ଅଧିକାର' ପତ୍ର ଜମିଦାର କାଳୁନ୍‌ଖୋଁଙ୍କଠାରୁ ପ୍ରାପ୍ତ ହୋଇ ମହନ୍ତାଇ କଲେ। ଏହି ହେତୁ ସାଧୁଚରଣଦାସଙ୍କ ଅଧିକାରୀ ସାଧୁଚରଣ ଦାସ କୋହଲାଇଲେ। ମଠର ନାମ 'ଗୋପେଶ୍ୱର ରସିକରାୟ ମଠ'। ଗୋପେଶ୍ୱର ରସିକରାୟ ( ରାଧାକୃଷ୍ଣ ) ଯୁଗଳମୂର୍ତ୍ତି ମଧ୍ୟରୁ ଗୋପେଶ୍ୱର ମୂର୍ତ୍ତି (ପାଷାଣ) ରହିଛି ଓ ରସିକରାୟ ଧାତୁ ବିଗ୍ରହ। ସମ୍ପ୍ରତି ଚୈତନ୍ୟ ଭାଠ ରହିଛି।

ଶବାଶିପଡ଼ାରେ ତାଙ୍କ ଦେହାବସାନ ହୋଇଥିଲା। ଏହିଠାରେ ତାଙ୍କର ସମାଧି ଅଛି ଏବଂ ପ୍ରତିବର୍ଷ ପୌଷମାସ ଅମାବାସ୍ୟା ( ବକୁଳ ଅମାବାସ୍ୟା) ରେ ତାଙ୍କର ମହୋତ୍ସବ (ଶ୍ରାଦ୍ଧ) ପାଳିତ ହୁଏ। ବୃଦ୍ଧ ବୟସରେ ଜଣଙ୍କର ଦେହାନ୍ତ ହୋଇଥିବା ଜଣାଯାଏ।

ଗୋପେଶ୍ୱର ରସିକରାୟ ମଠରେ ଜନ୍ମାଷ୍ଟମୀ ଦିନ ନନ୍ଦୋତ୍ସବ ଓ ରାଧାଷ୍ଟମୀ ଦିନ ନବାନ୍ନ ଭୋଗ ହୁଏ। ଦୋଳରେ ଠାକୁରମୂର୍ତ୍ତି ଗୋପେଶ୍ୱର-ରସିକରାୟ ବାହାର ବିଜେ ହୁଅନ୍ତି।

ରାମନବମୀ ଯାତ୍ରା ଅନୁଷ୍ଠାନ ଅବସରରେ ପବିତ୍ରପଣା ମଠରେ ପାଳିତ ହୁଏ। ସ୍ୱୟଂ ସଦାନନ୍ଦ ରାମଲୀଳାରେ ଯୋଗଦେବା ନିମନ୍ତେ ନାଟକ ଯାତ୍ରାକୁ ଉପଯୁକ୍ତ କୋଡ଼ିଏ (ପାଞ୍ଚଶତ ବା କୋଡ଼ିଏ)ଟି ଗୀତ ରଚନା କରିଥିଲେ। ଏହି ନାଟକାଙ୍କ ବା ୧୮°ଟି ଗୀତ ନାଟକ ବ୍ୟାପୀ ଯାତ୍ରାରେ ପ୍ରଚଳିତ କୋଡ଼ିଏଟି କେଉଁଠି ବୋଲାହୁଏ। ଏହି ଗୀତଗୁଡ଼ିକ ବ୍ରଜ ଓ ଓଡ଼ିଆ ମିଶ୍ରିତ ଭାଷାରେ ରଚିତ ହୋଇଥିବା ଶୁଣାଯାଏ। ବର୍ତ୍ତମାନ ପର୍ଯ୍ୟନ୍ତ ସଦାନନ୍ଦଙ୍କ ଗୀତଗୁଡ଼ିକ ବୋଲା ହେଉଛି।

ମଠରେ ସଦାନନ୍ଦ ଗୌର ଗଦାଧର ମୂର୍ତ୍ତି ମଧ୍ୟ ପ୍ରତିଷ୍ଠା କରିଥିଲେ। ଠାକୁରମାନେ ଦୋଳଯାତ୍ରାରେ ଜନଗଣ ସୁବାସ, କୋଇଲେ, ବାଣିକପଡ଼ା, ପଦ୍ମପଡ଼ା, ଧାନଗଡ଼ପୁର ଓ ଭିନ୍ନଗୋଳା ପ୍ରଭୃତି ଗ୍ରାମକୁ ବିଜେ ହୁଅନ୍ତି।

'ଯୁଗଳରସାମୃତଲହରୀ' ରଚନା ସମୟକୁ କବି ମଧୁପୁରରେ ବାସ କରୁଥିଲେ; ମଧୁପୁର ରାଜାଙ୍କ ପତ୍ନୀଙ୍କୁ ଉଦ୍ଦେଶ୍ୟ ଏହାର ପ୍ରମାଣ । ଏହାପରେ ସେ ସରିଷପଡ଼ାକୁ ଆସିଥିଲେ । ଗୌରଗଦାଧର ମୂର୍ତ୍ତି ପ୍ରତିଷ୍ଠା କରିବା ପରେ କବି 'ଗୌରଚନ୍ଦ୍ରାମଣି' ରଚନା କରିଥିବା ଅନୁମିତ ହୁଏ, କାରଣ ଏଥିରେ ରାଧାକୃଷ୍ଣ ଓ ଗୌରଗଦାଧର ଲୀଳା ବର୍ଣ୍ଣିତ ହୋଇଛି ।

ମଠର ମହନ୍ତ ବା ଅଧିକାରୀ ପରମ୍ପରାରେ ରାଧାଚରଣ (ସଦାନନ୍ଦ)ଙ୍କ ପରେ ଦ୍ୱିତୀୟ ଅଧିକାରୀଙ୍କ ନାମ ଜଣାଯାଇ ନାହିଁ । ଷଷ୍ଠ ଅଧିକାରୀ ପରମାନନ୍ଦ ଦାସ, ସପ୍ତମ ରାଧାଚରଣ ଦାସ ଓ ଅଷ୍ଟମ ସାଧୁଚରଣ ଦାସ । ବର୍ତ୍ତମାନର ଅଧିକାରୀ ସର୍ବେଶ୍ୱର ଦାସ ନବମ ଅଧିକାରୀ । ପ୍ରଥମ ଶିଷ୍ୟ ପରେ କେତେଜଣ ବଂଶଧରଙ୍କ ନାମ ଜଣାପଡ଼ୁ ନାହିଁ । ଏହି ବଂଶର ବର୍ତ୍ତମାନ ଜୀବିତ ବ୍ୟକ୍ତିଙ୍କ ଭିତରେ ଶ୍ରୀ ଜୈଲେନ୍ଦ୍ର ଦାସ ଭୁବନେଶ୍ୱରରେ ଜଣେ ସରକାରୀ କର୍ମଚାରୀ । ତାଙ୍କ ପିତା ଶ୍ରୀଧର ଦାସ, ପିତାମହ ଜଗନ୍ନାଥ ଦାସ, ପ୍ରପିତାମହ ବଲ୍ଲଭାନନ୍ଦ ଦାସ । ଅଧିକାରୀ ରାଧାଚରଣ ଦାସଙ୍କ ସମୟରେ ବର୍ତ୍ତମାନର ମନ୍ଦିର ନିର୍ମିତ ହୋଇଥିବା ଜଣାଯାଏ ।

କବିଙ୍କ ବୈଷ୍ଣବ ତତ୍ତ୍ୱ—ବୈଷ୍ଣବ ଧର୍ମ ସମ୍ବନ୍ଧରେ କବିଙ୍କ ମତ ସମ୍ପୂର୍ଣ୍ଣ ରୂପରେ ତାଙ୍କର କାବ୍ୟମାନଙ୍କରୁ ଜଣାପଡ଼େ । ସେ ମଧୁର ଭକ୍ତି ଅର୍ଥାତ୍ କାନ୍ତ ଭାବର ଉପାସକ ଥିଲେ । ଏହି କାନ୍ତଭାବ ଉପାସନାରେ ସୁଦ୍ଧା ଅନ୍ୟାନ୍ୟ ବୈଷ୍ଣବମାନଙ୍କଠାରୁ ତାଙ୍କର ବହୁତ ମତଭେଦ ଥିଲା ଏବଂ ଏହି ମତଭେଦ ହେତୁ ସେ ବୈଷ୍ଣବମାନଙ୍କଠାରୁ ବହୁତ ଗାଳି ଶୁଣୁଥିବାର ଅନୁମିତ ହୁଏ । ତାଙ୍କ ଲେଖା ତନ୍ନତନ୍ନ କରି ପଢ଼ିଲେ ଜଣାପଡ଼େ, ସେ ଯେପରି ଜଣେ ପ୍ରକୃତାର୍ଥରେ ସାମ୍ପ୍ରଦାୟିକ ଥିଲେ । ସେ ଅନ୍ୟମତାବଲମ୍ବୀ ଲୋକମାନଙ୍କୁ ତିରସ୍କାର କରିବାକୁ କୁଣ୍ଠିତ ହେଉ ନ ଥିଲେ । ରାଧାକୃଷ୍ଣପ୍ରେମ ସମ୍ବନ୍ଧରେ ତାଙ୍କର ମତକୁ ସେ ଏପରି ବର୍ଣ୍ଣନା କରି ଯାଇଛନ୍ତି—

ଜୟ ବୃଷଭାନୁସୁତା ବ୍ରଜେନ୍ଦ୍ର କୁମାର,
ରାଧାକୃଷ୍ଣ ନାମ ସର୍ବେଶ୍ୱରୀ ସର୍ବେଶ୍ୱର ।

ଜୟ ଜୟ ରସିକା ରସିକ ଶିରୋମଣି,
କିଶୋରୀ କିଶୋର ବର୍ଣ୍ଣି ସ୍ୱର୍ଣ୍ଣ ନୀଳମଣି ।
ଯାହା ପ୍ରେମ ମଦାଟର ଭ୍ରମନ୍ତି ଅନୁକ୍ଷଣ,
ଶ୍ରୀରାଧାଙ୍କ ପଦରେଣୁ ବନ୍ଦନ୍ତି ଅନୁକ୍ଷଣ )
(ପ୍ରେମ ତରଙ୍ଗିଣୀ — ୧ମ ଖଣ୍ଡ)

ପୂର୍ଣ୍ଣାପୂର୍ଣ୍ଣମାନ ନୟନ ସୂର୍ଯ୍ୟେ ଉଦ୍ଦୀପନେ,
ଅନ୍ୟାନ୍ୟରେ ପ୍ରାପ୍ତି ହେଲେ ପରକାଶ୍ୟ ରସ ଦେ ।
ଅପ୍ରାକୃତ ଅନଙ୍ଗରେ ପୀଡ଼ିତ ହୃଦୟ,
ମହାଭାବ-ରୂପା ରସରାଜ ଜୟ ଜୟ ।
ଜୟ ଜୟ ଲୋକେଶ୍ୱର ଚେଷ୍ଟା ଅଙ୍ଗୀକାର୍ଯ୍ୟ,
ଶ୍ରୀଚୈତନ୍ୟ ବେଶଧାରୀ ଚୌର୍ଯ୍ୟ ରଚନାରେ ।

ଭକ୍ତବାଞ୍ଛା ପୂର୍ଣ୍ଣ ହେବାକୁ ସ୍ୱଜନ ମାନସେ,
ଉଦୟେ ପ୍ରକାଶି ନବଦ୍ୱୀପେ ଗୌଡ଼ ଦେଶେ ।

ଭକ୍ତ ଭାବ ଅଙ୍ଗୀକାର ପ୍ରେମ ଆସ୍ୱାଦେ,
କ୍ଷଣେ କ୍ଷଣେ ବ୍ରଜଭାବ ବ୍ୟାପି ସର୍ବ ହୃଦେ ।
ଅନର୍ପିତ ଉଜ୍ଜ୍ୱଳ ରସ ସମ୍ପଦ ଦାନ,
ଶୁଭକାର୍ଯ୍ୟ ଭାବ ଏବେ କହିଲି ଯେ ତତ୍ତ୍ୱର ।
ସ୍ମରଣମାତ୍ରେ ସ୍ମରଣେ ଯେତେକ ଲୋଭି ଜନା,
ସାକ୍ଷାତ୍ ଯାହା ଭଳି କହିଲେ ସେହି ବିନା ।
ସଖା ସଖୀ ଦାସ ଦାସୀ ଆବେଶରେ ଅଛି,
ରଚିଲେ ସୁଖ ପ୍ରସାଦ ଯେତେକ ଲୀଳା ଶ୍ରେଣୀ ।

ରାଧାକୃଷ୍ଣ ରସ ଆସ୍ୱାଦନ ରୂପ ଭଣି,
କେତେଦିନ ଅନ୍ତେ ସେ ଲୀଳାକୁ ଗୁପ୍ତ କରି ।
ଏବେ ଜନଙ୍କ କର୍ମରେ ସ୍ୱଜନ ଭାଇଙ୍କୁ,
ଗୌରାଙ୍ଗ କୀର୍ତ୍ତନ ତା କଥ ନ ପାଉଛନ୍ତି ।

ଜୀଏ ଏବା ମାନଙ୍କୁ ତାଙ୍କ ଐଶ୍ୱର୍ଯ୍ୟର ଗ୍ରାସେ,
ତେ କାରଣେ ଭକ୍ତି ଦେବାକୁ ଅବତାର ହୁଏ ।
କେ ଯେବେ ଜାଣନ୍ତି ଗୌର କୃଷ୍ଣ ସର୍ବେଶ୍ୱର,
ସେ ଚେଷ୍ଟା ନ ବୁଝେ ମନ ଭ୍ରମ ନିରନ୍ତର ।
ନିଏ ବକ୍ଷରେ ଏକ ଅଙ୍ଗ ଧରି ରାଧାଗୁଣ,
କୃଷ୍ଣ ଚଇତନ ରୂପେ ମହୀ ଅବତରି ।
ଯେବେ ରାଧାକୃଷ୍ଣ ଏକା ଦେହରେ ଭଜିଲେ,
ଅନନ୍ତ ଐଶ୍ୱର୍ଯ୍ୟ ନ ଜାଣି ମାଧୁର୍ଯ୍ୟ ସେ ବୋଇଲେ ।
ଏହା ଶୁଣି ହସ ନ ମାଡ଼ିବ ତ କାହାକୁ
ବ୍ରଜ ପରକୀୟ ରସ ଲୁଚିନାହିଁ ଯାକୁ ।
ଯେଣୁ ସ୍ୱୟଂ ଭଗବାନ ସ୍ୱବପଟେ ତନ୍ତ୍ରି,
ତଥାପି ଲଭିବାକୁ ଏ ତତ୍ତ୍ୱ ଚାହିଁ ନୋହି ।
ରାଧା ଭାବ କାନ୍ତି ମାତ୍ର କଲେ ସେ ଗ୍ରହଣ,
ଅଦ୍ଭୁତ ରୂପକୁ ସ୍ୱୟଂ ରାଧା ସେ ଅର୍ପଣ ।
ନଟବର ପ୍ରଭୁ ଚେଷ୍ଟା କରେ ଅଙ୍ଗୀକାର,
ରାଧାକୃଷ୍ଣ ଅଭିମାନ ମାଧୁର୍ଯ୍ୟ ସାଗର ।
ରାଧା ସଙ୍ଗରେ ମିଳା କୃଷ୍ଣ ହୁଏ ପ୍ରାପ୍ତି,
ତାହା ଅନୁଗତେ ଗୌର ଭଜ ହେ ଜାଣନ୍ତି ।
ଏ ବୁଦ୍ଧି ତି ସାଧକ ଭକ୍ତଙ୍କୁ ବନ୍ଧୁହୁରେ
ଗୌର ଅନୁଗତେ କୃପାଲେଶ ଶୁଣ ବାରେ ।
ପରବଧୂ ପରସ୍ପର ରାଧାକୃଷ୍ଣ ପ୍ରୀତି
ଅନ୍ୟାନ୍ୟରେ ପ୍ରାପ୍ତ ହେଲେ ସ୍ୱରୂପ ନତି ।

ଶ୍ରୀକୃଷ୍ଣ ଚୈତନ୍ୟଦେବଙ୍କୁ ପୂର୍ଣ୍ଣ ଅବତାର ବୋଲି ସେ ସ୍ୱୀକାର କରୁଅଛନ୍ତି, ଏହା ତାଙ୍କର ଉପର୍ଯ୍ୟୁକ୍ତ କାବ୍ୟରୁ ଜଣାପଡ଼େ । ସେ ଗୌଡ଼ୀୟ ବୈଷ୍ଣବ ସମ୍ପ୍ରଦାୟର ସାଧକ ଥିଲେ, ଏହା ପ୍ରତିପନ୍ନ କରିବା ତାଙ୍କ ପକ୍ଷରେ ସ୍ୱାଭାବିକ ଅଟେ ।

ତେଣୁ ଜୀବନ – ଶେଷ କାଳରେ ସେ ବ୍ରଜଧାମରେ ଦିନାତି-ପାତ କରିଥିବା ପରି ଜଣାପଡ଼େ ।

ଦେହ କୃଷ୍ଣ ସେ ବ୍ରଜ-ପୁରେ, ଏ ଦେହକୁ ଭ୍ରମ ମନରେ ;
ସେଣୁ ସେ ମୋ ସ୍ଥାନ, ଜାଣି କରୁଛୁ ସ୍ତବନ ।

ଉତ୍କଳ ସାହିତ୍ୟ ଇତିହାସରେ ଗୋଟିଏ ପ୍ରଧାନ ଘଟଣା ହେଉଛି ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମା ଏବଂ ଅଭିମନ୍ୟୁ ସାମନ୍ତସିଂହାରଙ୍କର ଗୁରୁ-ଶିଷ୍ୟ ସମ୍ପର୍କ । ଅଭିମନ୍ୟୁଙ୍କ ପିତା ମକୁନ୍ଦ ସାଧୁଚରଣଙ୍କୁ ନିଜ ଗ୍ରାମ ବାଲିଆକୁ ନିମନ୍ତ୍ରଣ କରି ନେଇଥିଲେ । ପୁଣି ଆପଣାରେ ଉଦ୍ଧୃତ ସାଧୁଚରଣଙ୍କ ଉଦ୍ଦେଶ୍ୟରେ ଏତ ଉକ୍ତି କରାଯାଇ ଥିଲେ ଏବଂ ତାହାର ଫଳସ୍ୱରୂପ ଅଭିମନ୍ୟୁଙ୍କର ଜନ୍ମ ହୋଇଥିଲା ବୋଲି ଜନଶ୍ରୁତି ଅଛି । ଅଭିମନ୍ୟୁଙ୍କର ବାଲ୍ୟଗୁରୁ ଓ ଦୀକ୍ଷାଗୁରୁ ରୂପେ ସଦାନନ୍ଦ ପରିଚିତ ଥିଲେ । ସଦାନନ୍ଦଙ୍କର ପ୍ରଭାବ ଅଭିମନ୍ୟୁଙ୍କ ଉପରେ ସୁସ୍ପଷ୍ଟଭାବରେ ପ୍ରତିଫଳିତ ହୋଇଥିଲା । ଶୁଣାଯାଏ, ଶେଷ ଜୀବନରେ ଗୁରୁଶିଷ୍ୟଙ୍କ ମଧ୍ୟରେ ମନୋମାଳିନ୍ୟ ଘଟିଥିଲା । ସଦାନନ୍ଦଙ୍କର ବ୍ରଜ ପ୍ରସ୍ଥାନ ଏହାର କାରଣ ବୋଲି ଅନେକେ କହନ୍ତି ।

କବିଙ୍କ ସମସ୍ତ କଳ୍ପଣା—ଯୁଗଳରସାମୃତଲହରୀରେ କବି ଲେଖିଛନ୍ତି—

ଶ୍ରୀ ବୀରକେଶରୀ ଦେବ ପଞ୍ଚାବନାଙ୍କରେ,
ଗ୍ରନ୍ଥ ଆରମ୍ଭ ବାହୁଡ଼ା ଗୁଣ୍ଡିଚାରେ ।

ଅର୍ଥାତ୍ ବୀରକେଶରୀ ଦେବଙ୍କ ୫୫ ଅଙ୍କରେ କବି ଗ୍ରନ୍ଥ ଆରମ୍ଭ କରିଥିଲେ । ବୀରକେଶରୀ ଦେବ ଖ୍ରୀଷ୍ଟାବ୍ଦ ୧୭୩୬ରେ ସିଂହାସନାରୋହଣ କରିଥିଲେ । ତାଙ୍କର ୫୫ ଅଙ୍କ ଅର୍ଥାତ୍ ରାଜତ୍ୱର ପଇଁଚାଳିଶ ବର୍ଷ ପଡ଼ୁଛି ଖ୍ରୀ: ୧୭୮୧ରେ । ସେତେବେଳକୁ କବିଙ୍କ ତେୟାଳିଶ ବର୍ଷ ବୟସ ହୋଇ-ଥିବାର ସେ ଉଲ୍ଲେଖ କରିଅଛନ୍ତି ।

ମୁକ୍ତି ବନ୍ଧନେ ଯାହା ଜନ୍ମ ସେ ଅର୍ଥ, ଧର୍ମ ବ୍ରହ୍ମାର୍ପିତ ସେ ସତ୍ୟାର୍ଥ ।
ତହିଁ ଅବଧାନେ ମୋ ଗତି ସର୍ବ, ବସୁ ଚନ୍ଦ୍ରଗଜ ଚେତ୍ୟାଙ୍କିତ ବର୍ଷ ।
(ପ୍ରେ: ର: ଲ: । ୨୩ ଛାନ୍ଦ)

ଏଥିରୁ ଜଣା ପଡ଼ୁଛି, କବି ଖ୍ରୀ:୧୭୩୮ରେ ଜନ୍ମଗ୍ରହଣ କରିଥିଲେ । ଖ୍ରୀ:୧୭୮୮ରେ ମଝୁପୁରରେ ଥିବା ସମୟରେ ଦେବଗ୍ରାମ ଧୀର ନରେନ୍ଦ୍ର ଭଞ୍ଜଙ୍କରେ ବନ୍ଦୀ ହୋଇଥିଲେ ବୋଲି କବି ଯାହା ଲେଖିଛନ୍ତି, ସେ ବିଷୟକୁ ଦେଖିଲେ ମଧ୍ୟ ଏହି ସମୟଟି ଠିକ୍ ବୋଲି ବିଶ୍ୱାସ ହେଉଛି । କବି ୯୨ ବର୍ଷ ଜୀବିତ ଥିଲେ ଜଣାଯାଉଅଛି ।

ଅଷ୍ଟାଦଶ ଶତାବ୍ଦୀର କବିମାନଙ୍କ ମଧ୍ୟରେ ସଦାନନ୍ଦଙ୍କର ସ୍ଥାନ ଅତି ଉଚ୍ଚ; ଏହା ତାଙ୍କର କାବ୍ୟମାନଙ୍କରୁ ପ୍ରମାଣିତ ହେଉଅଛି । ସଦାନନ୍ଦ ଉତ୍କଳ ସାହିତ୍ୟରେ ବିଶିଷ୍ଟ ସ୍ଥାନ ଅଧିକାର କରି ଯାଇଅଛନ୍ତି । କି ଭାଷା, କି ଭାବ, କି ବର୍ଣ୍ଣନା ପ୍ରତ୍ୟେକ ଦିଗରେ ତାଙ୍କର ପ୍ରତିଭା ପ୍ରକାଶ ପାଇଛି ।

କବି 'ନାମଚିନ୍ତାମଣି'ର ମଙ୍ଗଳାଚରଣରେ ପ୍ରଥମେ ଗଣପତିଙ୍କୁ ବନ୍ଦନା କରିବା ପରେ ପ୍ରକାଶ କରିଛନ୍ତି ଯେ 'ପ୍ରାକୃତ ମତେ' ଅର୍ଥାତ୍ ପ୍ରାକୃତ ଭାଷା ଓଡ଼ିଆରେ ସଂସ୍କୃତ ମିଶ୍ରିତ ହୋଇ ବହୁ ଛନ୍ଦ, ବନ୍ଧ, କାବ୍ୟ ସେ ରଚନା କରିଛନ୍ତି । ଅଳଙ୍କାରାଦି ବିଷୟ ଲକ୍ଷ୍ୟ ସହକାରେ ସେ ଏହି ଗ୍ରନ୍ଥମାନଙ୍କରେ ପ୍ରକାଶ କରି ସ୍ୱ ସାମର୍ଥ୍ୟ ପ୍ରକାଶ କରି ଅଛନ୍ତି । ଏହି ଗ୍ରନ୍ଥମାନଙ୍କ ରଚନା ହେତୁ ସଦାନନ୍ଦ 'ସତ୍କବି' ନାମରେ ମଧ୍ୟ ଖ୍ୟାତି ଓ ପ୍ରତିଷ୍ଠା ଲାଭ କରିଥିଲେ ।

କିନ୍ତୁ ଏହି ଖ୍ୟାତି ଓ ପ୍ରତିଷ୍ଠା ସତ୍ତ୍ୱେ ସଦାନନ୍ଦ ଆଉ ସେହି ଛନ୍ଦ, ବନ୍ଧ ଓ କାବ୍ୟ ରଚନାରେ ମନ ବଳାଇ ନାହାନ୍ତି, ସେଥିରେ ତାଙ୍କର ଆଉ ପ୍ରୟୋଜନ ନଥିଲା । ସତ୍ୟବନ୍ତ ଜନମାନେ ଏଥିରେ ମୋହିତ ହେଉଥିଲେହେଁ ଏବଂ ସତ୍କବି ନାମର ଖ୍ୟାତି ଓ ପ୍ରତିଷ୍ଠା ଏଥିଦ୍ୱାରା ସମ୍ଭବ ହେଉଥିଲେହେଁ ତହିଁରୁ ତାଙ୍କର ମନ ଅତୃପ୍ତ ହେଲା । ଶବ୍ଦ ଅର୍ଥରେ ଓ ଗୂଢ଼ ଅର୍ଥରେ ତାଙ୍କର ଆଉ ପ୍ରୟୋଜନ ନଥିଲା । କେବଳ କୃଷ୍ଣଭକ୍ତମାନେ ତାଙ୍କର ପ୍ରେମ ସାର୍ଥକ

ମଣିବେ—ଏହାଙ୍କର ପ୍ରମାଣ 'ନବ୍ୟାକଳମଣି' ନାମକ ଗ୍ରନ୍ଥ । 'ଅଳଙ୍କାର ସଂହିତା' କରି ଏହାଙ୍କୁ ଦେଖି ରଚନା କରିଛନ୍ତି ।

ମଙ୍ଗଳାଚରଣରେ ସରସ୍ୱତୀ ସ୍ତୁତି ପ୍ରସଙ୍ଗରେ କବି ପ୍ରାର୍ଥନା କରିଛନ୍ତି—

ବର୍ଣ୍ଣ ଛନ୍ଦ ବନ୍ଧ କାବ୍ୟ ପରିପୂର୍ଣ୍ଣ ମଣ୍ଡନ,
ମୋ ମୁଖେ ସ୍ଫୁରାଇଲ ସନ୍ଦୁର ଶକ୍ତି ଭାବେ ।
ଅଳଙ୍କାରାଦି ସାମଗ୍ରୀ ବହୁତ,
କବି ସାମର୍ଥ୍ୟ ଯେତେକ ତହିଁରେ ପ୍ରତତ ।
ମହାକବି କାବ୍ୟ ଲୀଳା ପ୍ରସ୍ତାବ ଶହି,
କେତେ ଦେଖିଲେ ତହିଁରୁ ମୋ ପ୍ରୟୋଜନ ନାହିଁ ।
ତହିଁରୁ ଅଳ୍ପ ଦେଖି ମାନସ ଏଥିର,
ମୋହିତ ହୋଇଲେହେଁ ତହିଁ ବିଦ୍ୟାବନ୍ତ ନର ।
ଲଗ୍ନରତ ବୁଝିବେ ମୋ ଶ୍ରମ ଶାର୍ଥ ଏହି,
ଶବ୍ଦ ଗୂଢ଼େ ଅର୍ଥ ଗୂଢ଼ ପ୍ରୟୋଜନ ନାହିଁ ।(ନ: ମା: | ୧ମ ଛାନ୍ଦ)

'ନବ୍ୟାକଳମଣି' ଗ୍ରନ୍ଥଟି ରଚନା କରିବା ସମୟରେ କବିଙ୍କର ବାର୍ଦ୍ଧକ୍ୟ ଅବସ୍ଥା ଆସି ସାରିଥିବା ଅନୁମିତ ହୁଏ । 'ଚାନ୍ଦସମ୍ବା' ଛାନ୍ଦରେ କବି ପରିଚୟ ରହିଛି ସୂଚନା ସ୍ଥଳରେ କହିଛନ୍ତି—

ଏକଥା ଲିଖାନ୍ତି ପାଇଁ ଏଥାରେ ସମସ୍ତ ନାହିଁ
ନ ବୁଝିବେ ଗୀତ କେହି ହେବ ଅନ୍ତୁର ।(ନ:ମା: | ୮ମ ଛାନ୍ଦ)

'ରସକଳ୍ପ' ଛାନ୍ଦରେ ମଧ୍ୟ ପାଞ୍ଚ ପ୍ରକାର ନାୟିକାଙ୍କ ପ୍ରସଙ୍ଗରେ କହିଛନ୍ତି—

ତାଙ୍କ ଲକ୍ଷଣ ପାଞ୍ଚ ପ୍ରକାର, କହିବାକୁ ଶକ୍ତି ନାହିଁ ମୋର ।
ତହିଁ ପ୍ରିୟ-ସଖୀ ମଧ୍ୟେ ଜଣାଅ ଯେ, ସେ ସଙ୍ଗ ରୂପାଦି କହ ହେ ।
(ନ: ମା: | ୧୨ଶ ଛାନ୍ଦ)

ଏହି ସମସ୍ତ ସନ୍ଦେହର କାରଣ ନିର୍ଦ୍ଦେଶ କରି ହେଉନାହିଁ । ତାତ୍ପର୍ଯ୍ୟ ଏହି ନାମଙ୍କ ଭିତରୁ କୌଣସିଏ ହେବା ସମ୍ଭବ ।

କବି ନିଜର ଗୁରୁଙ୍କ ନାମ 'ସଦାନନ୍ଦ', ବୈଷ୍ଣବଦାସଙ୍କ ନାମ 'ସାଧୁ-ଚରଣ'—ଏ ଉଭୟଙ୍କ ନାମ 'ବହୁ ଗ୍ରନ୍ଥରେ ଭଣିତା ପଦମାନଙ୍କରେ ବ୍ୟବହାର କରିଅଛନ୍ତି । ଗୁରୁ ଅଭିମାନ ତ୍ୟାଗ କରିବାକୁ ଉପଦେଶ ଦେଇଥିଲେ ମଧ୍ୟ ନିଜେ ସେ 'କବିସୂର୍ଯ୍ୟ ବ୍ରହ୍ମା' ଉପାଧିଟିକୁ ଛାଡ଼ି ନପାରି ଦୁଃଖିତ ହୋଇଛନ୍ତି; ଏହି ଉପାଧି ନିମିତ୍ତ ସେ ଦୁଃଖ ଅନୁଭବ କରିଛନ୍ତି ଏବଂ ଏହା ତାଙ୍କର ଅଭିମାନର ଏକ ଚିହ୍ନ ବୋଲି ନିଜେ ସ୍ୱୀକାର କରିଛନ୍ତି । କବି ନିଜର ନାମକୁ ବିଭିନ୍ନ ସ୍ଥାନରେ ଏହିପରି ବିଭିନ୍ନ ପ୍ରକାରରେ ବ୍ୟବହାର କରିଛନ୍ତି—

ସଦାନନ୍ଦ—୧ । କହେ ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମା, ମୁକତି କି ଇଚ୍ଛା ନାହିଁ ।
(୨ୟ ଛାନ୍ଦ, ର: ମା:)

୨ । କହ୍ନା ଚାକଦଣୀ ଦେଖେ ବଜୁଳ, ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମାର ।
(୫ମ ଛାନ୍ଦ, ର: କ:)

୩ । କହେ ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମା, ଭଜ ହରି ଧ୍ୟାନ କରି ହେ ।
(୧୨ଶ ଛାନ୍ଦ, ର: ମା:)

ସାଧୁଚରଣ—ହେଲା କରି ଏମନ୍ତ ହୋଇବ । ଏ ବାଣୀ ଶୁଣେ କି ଶିଖିବ ।
ଏହି ବାଣୀକୁ ଆଦ୍ରୀ କରି । ସାଧୁଚରଣ ଦାସ ଗୁଣି ।
(୧୧ଶ ଛାନ୍ଦ, ନ: ମା:)

(ଉପାଧି ଗ୍ରହଣ—ମୁଁ କବିସୂର୍ଯ୍ୟ ବ୍ରହ୍ମା ଏହି ଗୁମାନ,
କୃଷ୍ଣ ନ ଭଜି ବୃଥା ଦେହରୁ ବହନ ସେ ।
(୪ର୍ଥ ଛାନ୍ଦ, ର: କ:)

ଯୁଗଳରସାମୃତଲହରୀ, ପ୍ରେମ କଳ୍ପଲତା ପ୍ରଭୃତି କାବ୍ୟରେ ମଧ୍ୟ ସେ ଏପରି ଲେଖିଛନ୍ତି ।

ବହୁ ସୂକ୍ଷ୍ମାର୍ଥ ଓ ଗୂଢ଼ ପ୍ରଶ୍ନ-ଉତ୍ତର, ମନ-ସମ୍ବୋଧନ ପ୍ରଭୃତି ପଥ ଅବଲମ୍ବନ କରି ଗୂଢ଼ ଧର୍ମତତ୍ତ୍ୱ ବ୍ୟାଖ୍ୟା କରିଛନ୍ତି । ଏହାଦ୍ୱାରା ବୁଝାଣ ସହଜ ହୁଏ । କବି ସଦାନନ୍ଦ ଏହି ପଥକୁ ଗ୍ରହଣ କରି ମଧ୍ୟ ସୂକ୍ଷ୍ମ ବୈଷ୍ଣବତତ୍ତ୍ୱକୁ ସରଳ ଭାବରେ ବ୍ୟକ୍ତ କରି ପାରିଛନ୍ତି । 'ନାମ ଚିନ୍ତାମଣି' ଏହାର ପ୍ରମାଣ । ଶ୍ରୋତାବକ୍ତା ରୂପେ ତାହା ବର୍ଣ୍ଣନା ନ କରି ମନକୁ ବୁଝାଇବା ପାଇଁ କବି ପ୍ରବଳ ଚେଷ୍ଟା କରିଛନ୍ତି ।

ସବୁ ଇନ୍ଦ୍ରିୟମାନଙ୍କ ଭିତରେ 'ମନ' ପ୍ରଧାନ ଥିବାରୁ ତାହା ବିଷୟ ଧରି ମନକୁ ବୁଝାଇବା ଆଶାରେ କବି 'ନାମ ଚିନ୍ତାମଣି' ଗ୍ରନ୍ଥଟିକୁ ରଚନା କରିଛନ୍ତି ।

ସବୁ ଇନ୍ଦ୍ରିୟରେ ପ୍ରଧାନ ମନ ସେ,
ତାହାର ବିଷୟ ହୋଇଲା ଏବେ ଏହୁ ଆଦେଶ । ୧୨ ।
ସେ ଶ୍ରୋତା ସେ ବକ୍ତା ଏଥି କିଛି ନ ବର୍ଣ୍ଣିବି,
ତାହୁଲ ପଦରେ କିଛି ବର୍ଣ୍ଣନ କରିବି । ୧୩ । (୧ମ ଛାନ୍ଦ)

'ନାମ ଚିନ୍ତାମଣି' ଗ୍ରନ୍ଥରେ ଶ୍ରୋତା ବକ୍ତା କେହି ନାହାନ୍ତି । ତାହେଲେ କେଉଁ ପଦ୍ଧତିରେ—କବି ତାହାକୁ କହୁଛନ୍ତି ? ଏହାର ଉତ୍ତରରେ କବି କହୁଛନ୍ତି ଯେ ଗୌରାଙ୍ଗ (ଚୈତନ୍ୟ)ଙ୍କ ହାତରେ ବହୁ ଦ୍ରବ୍ୟ ଥିଲା । ବିତରଣ କରିବା ପାଇଁ ମହାଜନମାନେ ଅଛନ୍ତି । କବି କହୁଛନ୍ତି (ଅବଶ୍ୟ ବୈନୟରେ) ଯେ ସେ ଜଣେ ଗରିବ ନୂତନ ବେପାରୀ । ଲାଭ ଆଶାରେ ସେ ଏହି ମହାଜନମାନଙ୍କଠାରୁ ଦ୍ରବ୍ୟ କିଣି ଆଣି ସୁନ୍ଦର ପସରା ମେଲିଛନ୍ତି । 'ନାମ ଚିନ୍ତାମଣି'ରୂପ ଏହି ପସରା । ଯେଉଁ ଲୋକ ସାଧୁ ଦ୍ରବ୍ୟ କ୍ରୟ କରିବା ଉଚିତ ବୁଝିବେ, ସେ ଗ୍ରାହକ ହେବ ସେ ଆସେ କିଣୁ ।

ପୁଣି ଏହିପରି ଏ ପଦ୍ୟ ଗ୍ରନ୍ଥଟିରେ ମହାଜନମାନଙ୍କର ଦ୍ରବ୍ୟ ଭର୍ତ୍ତି ହୋଇ ରହିଥିବାରୁ ବଣିଜମୂଳକ ବର୍ଣ୍ଣନା ଦେଖାଦେବା ସ୍ୱାଭାବିକ । କବି ସୁନ୍ଦର ଓ ଯୁକ୍ତି ସମର୍ଥକ ଦୃଷ୍ଟାନ୍ତଗୁଡ଼ିକ ଦେଇ ଉପସ୍ଥାପିତ କରି କୃତକାର୍ଯ୍ୟ ହୋଇଛନ୍ତି । ବର୍ଣ୍ଣନା ଗ୍ରନ୍ଥଟିର ମର୍ଯ୍ୟାଦାକୁ ନଷ୍ଟ କରି ନାହିଁ ।

'ଚନ୍ଦ୍ରକଳା' ରଚନାରେ ସମରକ୍ଷା କରିବା ପକ୍ଷେ ଅନ୍ତରାୟ ଥିବାରୁ ରଚନା ନାନାବାଣ୍ଟାଙ୍କୀତର ଆକାର ଧାରଣ କରିବା ସମ୍ଭବ । କବି ଏହା ଉପଲବ୍ଧି କରି 'କାମଚନ୍ଦ୍ରମଣି'କୁ 'ବାଉଳ ଗୀତ' ବୋଲି ଏକ ସ୍ଥାନରେ ଉଲ୍ଲେଖ କରିଛନ୍ତି । ଏହା ତାଙ୍କ ସମ୍ମାନକସୂଚକ ଦୈନ୍ୟ ।

ଏହି ଛନ୍ଦର ବିଶେଷତ୍ୱ ସେ ନିଜେ ଉପଲବ୍ଧି କରି ପାରିଛନ୍ତି । ସେଥିପାଇଁ ସେ ଏହି ଛନ୍ଦଟିକୁ ମୁଖସ୍ଥ କରିବା ପାଇଁ ଭକ୍ତମଣ୍ଡଳୀମାନଙ୍କୁ ଅନୁରୋଧ କରିଛନ୍ତି । ସେ ଯେ ଅସାଧାରଣ ଉପଦେଶ ଦେଇଛନ୍ତି ଏହା କଦାପି ଭୁଲାଯାଇ ପାରିବ ନାହିଁ । ବୈଷ୍ଣବଭକ୍ତ ସବୁ ଗୁରୁମାନଙ୍କ ଭିତରେ ସେତେ ଶ୍ରେଷ୍ଠ ହେଲେ ମଧ୍ୟ ଏହା ସେ ଗୋଟିଏ ମର୍ଜି ଏଥିରେ ସନ୍ଦେହ ନାହିଁ ।

କବିସୂର୍ଯ୍ୟ ବ୍ରହ୍ମା ରଚିତ
'ନିଶ୍ଚଳକମଣି' ନାମେ ବାଉଳ ଗୀତ । (୮ମ ଛାନ୍ଦ)

କଣ୍ଠା ଜଳମଣି ଗୀତ ସୁଜନେ କଣ୍ଠସ୍ଥ
କର ଭାଗ୍ୟ ହେବ ଉଦୟେଷ,
ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମାର ଅଦେଶ୍ୟ
ନ ହେଲା ବାଧାରା ସାଧୁଙ୍କ । (୭ମ ଛାନ୍ଦ)

ଅର୍ଥାତ୍—ସଦାନନ୍ଦ ବୈଷ୍ଣବ ଥିଲେ ମଧ୍ୟ ତାଙ୍କ ଦେହରୁ ଜାମଦେବ ନିତ ବେଶି ଚନ୍ଦ୍ରମାଣରେ ଦୂର ହୋଇଥିଲା ପଣି ଜଣା ପଡ଼େ ନାହିଁ । କବି 'କିଶୋର ଚନ୍ଦ୍ରାନନ୍ଦ'ର ପ୍ରଥମ ଛାନ୍ଦରେ ଲେଖିଛନ୍ତି—

ବର୍ତ୍ତମାନ ମୋ କଷ୍ଟ ଚେଷ୍ଟା ଶୁଣ ଜନ,
ଯେତେ ମୋତେ ସୁଖାନ୍ତ ଘଟେ ତ ତାହା ଭଣ ।
ଏ ଉଦ୍ୟମେ ଗୁଣାମୃତ ସ୍ୱାଦୁକ ସମାନେ,
ଦେଖିବାରୁ ଶୋଧନାଉ ହେଲା ମୋର ମନେ । (୧ମ ଛାନ୍ଦ)

ତାଙ୍କର କଡ଼ଚା ଖଣ୍ଡା ଧର୍ମମତ ସମ୍ବନ୍ଧରେ ଲେଖି ସମାଲୋଚନା କଲେ ସେ ତାହା ସହ୍ୟକରି ପାରୁନଥିଲେ ।

ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମାଙ୍କର ବୈଷ୍ଣବୀୟ ଆଦର୍ଶ ସ୍ଥାନୀୟ କହିଲେ ଅତ୍ୟୁକ୍ତି ହେବ ନାହିଁ । ଭକ୍ତଙ୍କର ବିପତ୍ତିରେ ସେ କେତେ ବିକଳ ଥିଲେ, ତାହା ଯୁଗଳ ରସାମୃତ ଲହରୀରେ ଦେଖିବାକୁ ମିଳେ । ମଧୁପୁର ରାଜା ଘନଶ୍ୟାମ ଧୀର ନରେନ୍ଦ୍ର ମରହଟ୍ଟାମାନଙ୍କ ଦ୍ୱାରା କଟକରେ ବନ୍ଦୀ ହୋଇ ରହିଥିଲେ । ସେତେବେଳକୁ କବିସୂର୍ଯ୍ୟ ବ୍ରହ୍ମା ମଧୁପୁରରେ ଥାଆନ୍ତି । ଘନଶ୍ୟାମ ବନ୍ଧନରୁ ମୁକ୍ତ ପାଇବେ, ଏହି ଆଶାରେ ସଦାନନ୍ଦ ସବୁବେଳେ ଭଗବାନଙ୍କୁ ପ୍ରାର୍ଥନା କରୁଥିଲେ । ଶ୍ରୀକୃଷ୍ଣଙ୍କ ମହିମା କୀର୍ତ୍ତନ କଲେ ସେ ପ୍ରଭୁ ପ୍ରୀତ ହୋଇ ଆଶୀର୍ବାଦ କରନ୍ତୁ, ତେବେ ରଜା ମଧ୍ୟ ମୁକ୍ତି ପାଇ ପାରନ୍ତୁ—ଏହି ଉଦ୍ଦେଶ୍ୟରେ କବି ଯୁଗଳ ରସାମୃତ ଲହରୀ ଲେଖିଥିଲେ ଏବଂ ଅତିଶୀଘ୍ର ଅଳ୍ପ ସମୟ ମଧ୍ୟରେ—କଷ୍ଟାଲେଶ ଦିନରେ ଅଠାବନଟି ଛାନ୍ଦବିଶିଷ୍ଟ ଗ୍ରନ୍ଥଟି ରଚନା କରିଥିଲେ । ଯୁଗଳ ରସାମୃତଲହରୀରେ କବି ଲେଖିଛନ୍ତି—

ଉତ୍କଳରେ ମଧୁପୁର ରାଜ୍ୟ ଅଛି ଏବେ,
ବ୍ରହ୍ମଚର୍ଯ୍ୟ ଆଶ୍ରମ ତ ମୋହର ଧରାବେ ।
ଘନଶ୍ୟାମ ଧୀର ନରେନ୍ଦ୍ର ମହୀପାଳ ସେ,
ମମ କୃପାପାତ୍ର କୃଷ୍ଣେ କହଅଛି ମୁଁ ଯେ ।

ଦୈବବଶେ କଟକେ ଅଟକ ହୋଇଲେ ସେହୁ,
ସେ ଖେଦେ ବ୍ୟାକୁଳ ମୋ ହୃଦ ହୋଇଛି ବହୁ ।
ଦୁଷ୍ଟରସେ ସବନ ତାହାଙ୍କଠାରୁ ସେଣୁ,
ସେ ବନ୍ଦୀ ମନ ଅଶ୍ରୁ କଷ୍ଟ ନୋହେ ଭେଣୁ ।

ଶାସ୍ତ୍ରଗନ୍ତି କୃଷ୍ଣରସେ ଚିତ୍ତ ବର୍ଣ୍ଣିବାକୁ,
ସାଧୁ ଭକ୍ତ କୃପା ପ୍ରଭୁ ପ୍ରସ୍ତୁତିକଲି ଯାଜୁ ।
ମନେ ଥିଲା ଏ ସମାପ୍ତ ହୋଇଲେ ସେ ଆସନ୍ତୁ,
ଛନ୍ଦ ମହିମା ସେ ଆଶୀର୍ବାଦ ହେଉ ।
ସଂଶୟ ଦଣ୍ଡ ପାତ୍ରରେ ହେଉଛନ୍ତି କେଶନ,
ସୃଷ୍ଟି ଲେଖିଣ ପୂର୍ଣ୍ଣ କରିବ ସେ ଦିନ—

ସେ କାଳେ ପ୍ରବେଶ ହେବେ କରି ଭଗବାନ,
ତବ ସ୍ୱନେ ମୋର ଏବେ ଚିତ୍ତ ନାହିଁ ଆନ ।
କିନ୍ତୁ ଯେତେ ଅପରାଧ ଅଛି ତାହାଙ୍କର,
ମୁଁ ମାଗୁଛି ପ୍ରଭୁ, ଏ ବାଳକ ରକ୍ଷା କର ।

ଆତ୍ମସୁତା ଓ ବନ୍ଧୁ ରାଜା ଘନଶ୍ୟାମଙ୍କ ପ୍ରତି ସଦାନନ୍ଦଙ୍କର କି ସ୍ନେହ ମମତା ଥିଲା, ତାହା ସ୍ପଷ୍ଟ ଭାବରେ ଏଥିରୁ ଜଣାପଡୁଛି ।

କବିଙ୍କର ବହୁଗ୍ରନ୍ଥ ଅପ୍ରକାଶିତ ଅବସ୍ଥାରେ ଥିବାରୁ ଏବଂ ପ୍ରୀତି ଚିନ୍ତାମଣି, ଯୁଗଳରସାମୃତ ଲହରୀ, ଯୁଗଳରସ.ମୁକ୍ତାବଳୀ ପ୍ରଭୃତି ଦୁଷ୍ପ୍ରାପ୍ୟ ଥିବାରୁ କବିଙ୍କ ଜୀବନୀ ସମ୍ବନ୍ଧରେ ନିଶ୍ଚିତ ତଥ୍ୟ ଅପ୍ରାପ୍ୟ ରହୁଛି; ଏହି କାରଣରୁ ତାଙ୍କ ଜୀବନ ଓ ଚିନ୍ତାଧାରାର ଇତିହାସ ସଂକଳନରେ କେତେକ ଅସୁବିଧା ହେଉଛି ।

କବି ବାଲ୍ୟାବସ୍ଥାରେ ଥିବା ସମୟରେ ପ୍ରୀତି ଚିନ୍ତାମଣି ( ଅନ୍ୟନାମ ବେଦସାର ଚିନ୍ତାମଣି ) ରଚନା କରି ଅଭିମନ୍ୟୁ ସାମନ୍ତସିଂହାରଙ୍କ ନାମରେ ଭଣିତା କରିଥିବା ପ୍ରବାଦ ଅଛି । ଏହାର ସତ୍ୟତା ଏପର୍ଯ୍ୟନ୍ତ ପ୍ରମାଣିତ ହୋଇନାହିଁ ।

**କୈଶୋର ଜୀବନ : ପରାଧୀନତା ; ସ୍ୱାତନ୍ତ୍ର୍ୟ**—ସଦାନନ୍ଦ ଶେଷ ପର୍ଯ୍ୟନ୍ତ ଅର୍ଥାଭାବ ଦେଖି ନଥିବା ଅନୁମାନ କରାଗଲେ ମଧ୍ୟ କିଛୁ ସମୟ ସେହି ଶାସନ ଅବସ୍ଥାରେହିଁ ଥିବା ଅନୁମାନ କରାଯାଏ ।

ଜବ ବେଦଗର୍ଭ ଜଣ ଜନ, ଜଳ ବାନ୍ଧିଲେ ହେମ ଶିକଳ,
ଜଳରେ ଭୁବନ ଭଣିଲେ ମୋ ପ୍ରଭୁ, ଜବଦୁର୍ଯ୍ୟ ମୁଁ ହେଟବାକଲ ହେ
(ପ୍ରୁ: ଗୀ: ଲି:, ୪୧ଶ ଛାନ୍ଦ)

ଏହି ଶାରୀରିକ ଦୁର୍ଗତି ହେତୁ ତାଙ୍କୁ ବନ୍ଧୁସ୍ଥାନରେ ବନ୍ଧୁଲୋକଙ୍କ ଅଧୀନରେ ରହିବାକୁ ପଡ଼ିଥିଲା । ପରାଶ୍ରିତ ବ୍ୟକ୍ତିର ସ୍ୱାଧୀନତା ବା କପରି ସମ୍ଭବ ? ସଦାନନ୍ଦ ଜଣେ ସୁବିଜ୍ଞ ପଣ୍ଡିତ, ଉଚ୍ଚକୋଟୀର କବି ଓ ବୈଷ୍ଣବ

ହୋଇ ମଧ୍ୟ ସ୍ୱାଧୀନତାର ସ୍ୱର୍ଗାନୁଭବ କରିବାପାଇଁ ମନୋଭୂମିରେ ରହୁଥିଲେ । ତେବେ ରାଧାକୃଷ୍ଣ ଚରଣରେ ଏକାନ୍ତ ଶରଣାଗତି ତାଙ୍କ ମନରେ ପ୍ରଭୂତ ଶକ୍ତି ଦାନ କରିଥିଲା । ସ୍ୱାଧୀନତା-ପରାଧୀନତାର ଭେଦ ତାଙ୍କୁ ସମ୍ପୂର୍ଣ୍ଣ ସମ୍ପୂର୍ଣ୍ଣ ବିଚଳିତ କରି ଦେଇଥିଲା । ପରିସ୍ଥିତିରେ ସ୍ୱାସ୍ଥ୍ୟାଦିକର ଉନ୍ନତି କରିବା ଏବଂ ତାଙ୍କ ସମ୍ମାନ ଲାଭ ତାଙ୍କ ପକ୍ଷରେ ସମ୍ଭବ ହୋଇଥିଲେ ମଧ୍ୟ ପରାଧୀନତା ଯୋଗୁଁ ସେ ସ୍ୱତନ୍ତ୍ରଭାବ ମାଧୁର୍ଯ୍ୟ ଉପଭୋଗ କରିପାରୁ ନଥିଲେ । ଜୀବନର ଲକ୍ଷ୍ୟ ଓ ଭକ୍ତି ସେ ସମ୍ପୂର୍ଣ୍ଣରୂପେ କାର୍ଯ୍ୟରେ ପରିଣତ କରିପାରୁ ନଥିଲେ । ରାଧାକୃଷ୍ଣଲୀଳା ଓ ବୈଷ୍ଣବ ଜୀବନ ସମ୍ବନ୍ଧରେ ଇଷ୍ଟଗୋଷ୍ଠୀର ସମ୍ୟକ୍ ସୁବିଧା ଲାଭ କରି ନପାରି ସେ ପୂର୍ଣ୍ଣ ଆନନ୍ଦ ଲାଭ କରିପାରୁ ନଥିଲେ । ସଦାନନ୍ଦଙ୍କ ବୈଷ୍ଣବ ସମ୍ପ୍ରଦାୟରେ ଏହି ଇଷ୍ଟଗୋଷ୍ଠୀ ଏକ ପ୍ରଧାନ ଅଙ୍ଗ । ଅଷ୍ଟ ଛତ୍ର-କୋଟୀର ସିଦ୍ଧସାଧକମାନଙ୍କ ଭିତରେ ଏହା ପ୍ରବନ୍ଧ ଥାଏ । ପ୍ରେମ-ଚିନ୍ତାମଣି ଛନ୍ଦରେ ସଦାନନ୍ଦ ଏହାର ତାତ୍ପର୍ଯ୍ୟ ଓ ରୂପ ସୁସ୍ପଷ୍ଟଭାବରେ ପ୍ରକାଶ କରି ଏହାର ମାଧୁର୍ଯ୍ୟ ଉପଭୋଗ କରିବା ସେ ବୈଷ୍ଣବ ଜୀବନର ପରମ ଲକ୍ଷ୍ୟ ବୋଲି ମନେ କରୁଥିଲେ । କିନ୍ତୁ ଉପଯୁକ୍ତ ବେଷ୍ଟନୀ ଓ ସଖା ଅଭାବ ହେଲେ ଏହି ମାଧୁର୍ଯ୍ୟ ଉପଭୋଗ କରିବା ସମ୍ଭବ ହୁଏ ନାହିଁ । ଏହି କାରଣରୁ ଆଶ୍ରୟଦାତା ଅତି ଧନବନ୍ତ, ଦାତା, ଜନସ୍ତୁତକାରୀ ହେଲେ ମଧ୍ୟ ତାଙ୍କଠାରୁ ସେ କାମ୍ୟ ଆନନ୍ଦ ପାଉନଥିଲେ । ସେଠାରେ ଇଷ୍ଟଗୋଷ୍ଠୀ କଥା କହିବାକୁ ଆଶ୍ରୟଦାତା ବସାଇ ପୋଷିଲେ ମଧ୍ୟ ସେଥିରେ ସେ ସୁଖ ଅନୁଭବ କରିପାରୁ ନଥିଲେ । ତାହାରେ ଦୁଃଖ ପକାଇ ଭାଷାନ୍ତେ କରି ମୁଖରେ ରାଧାପ୍ରାଣେଶ୍ୱର ଉଚ୍ଚାରଣ କରିବା ପ୍ରତିକୂଳ ଥିବ, ପରବଶ ନଥିବ ଏପରି ସ୍ଥାନହିଁ ତାଙ୍କର କାମ୍ୟ, ଯେ ଦେଖୁ ନ ଦେଖୁ କି କହୁ ! କବିଙ୍କ ଭାଷାରେ —

ଯେତେ ଅତି ଧନବନ୍ତ ଦାତା ଜନସ୍ତୁତ
ଘରେ ତା ସଙ୍ଗ ହେମ କାର୍ଯ୍ୟ ନାହିଁ,
ଯେବେ ବସାଇ ପୋଷିବ ତହିଁରେ କହିବ
ଇଷ୍ଟଗୋଷ୍ଠୀ କଥା ତ୍ୟାଗ ଯହିଁ । ୯ ।

କହନ୍ତି ଅଛା ଖୋଲି ଧର                ଲୁଚାଇବ ଲକ୍ଷ
ମୁଖେ ଫୁଟୁ ସୁଧାସ୍ରାବେ ସ୍ୱର,
ପ୍ରତିଷ୍ଠା ଶୁଷ୍କ ତର୍କ                ପରାବଶ ନୋହି
ଯେ ଦେଖୁ ନ ଦେଖୁ ନ ବସୁର । ୨ ।
( ୬ଷ୍ଠ ଛାନ୍ଦ, ମଥୁରା ମଙ୍ଗଳ )

କବିଙ୍କ ମତବାଦର ଦୃଷ୍ଟିକୋଣ—ବୈଷ୍ଣବ କବି ସାଧୁଚରଣ ଦାସ ଚୈତନ୍ୟପନ୍ଥୀ ବା ମାଧ୍ୱପନ୍ଥୀ ବୈଷ୍ଣବ । ତାଙ୍କ ମତରେ ଶ୍ରୀ, ବ୍ରହ୍ମ, ରୁଦ୍ର ଓ ସନକ ଇତ୍ୟାଦି ଚାରି ସମ୍ପ୍ରଦାୟର ଚାରିଧାମ ହେଉଛି— ଜଗନ୍ନାଥ, ବଦରିକାଶ୍ରମ, ଦ୍ୱାରକା ଓ ପୁରୁଷୋତ୍ତମ । କିନ୍ତୁ ଚୈତନ୍ୟପନ୍ଥୀ ଏ ଚାରିଧାମରେ କେଉଁ ଧାମ ତାହା ସାଧୁଚରଣ ଦାସ ପ୍ରକାଶ କରିନାହାନ୍ତି । ବୈଷ୍ଣବମାନଙ୍କର ବୃନ୍ଦାବନ ନିତ୍ୟଧାମ ବୋଲି ସେ ବ୍ୟକ୍ତ କରିଛନ୍ତି । କୃଷ୍ଣଙ୍କ ନାମ, ଧାମ ଓ ରୂପ ଅନେକ, ଯେ ଯେଉଁ ପ୍ରକାରେ ତାଙ୍କୁ ଭଜନା କରନ୍ତି ।

ଚାରି ସମ୍ପ୍ରଦାୟର ଚାରିଧାମ ଜଗନ୍ନାଥ ବଦରିକାଶ୍ରମ,
ଦ୍ୱାରକା ପୁରୁଷୋତ୍ତମ ଶୁଣ ପଞ୍ଚେ ବୃନ୍ଦାବନ ନିତ୍ୟଧାମ ।
କୃଷ୍ଣର ଧାମ ନାମରୂପ ଅନେକ ଯେ ଯେଉଁ ପ୍ରକାରେ ଭଜେ,
ନାରାୟଣ ନରସିଂହ ରାମକୃଷ୍ଣ ଯାହା ମନ ଯହିଁ ଭଜେ । (୨ୟ ଛାନ୍ଦ)

ଭକ୍ତ ସ୍ମାର୍ତ୍ତମାନଙ୍କ ସମ୍ବନ୍ଧରେ ସେତେ ଉଦାର ଦୃଷ୍ଟିଭଙ୍ଗି ଦେଖାଇବା ସମ୍ଭବପର ନାହିଁ । ସ୍ମାର୍ତ୍ତମାନେ ଶବାଦର ବା ଭର୍ଗଦେବଙ୍କ ଆଶ୍ରୟ ନେଉଥିବାରୁ ସେମାନଙ୍କ ସଙ୍ଗେ ଆଳାପ କରିବା ପାଇଁ 'ଭକ୍ତ' ହେଉଥିବା ଭୟ ପ୍ରକାଶ କରିଛନ୍ତି । ପୁଣି ସ୍ମାର୍ତ୍ତମାନେ 'ସୋଽହଂ' ବା 'ଅହଂ ବ୍ରହ୍ମାସ୍ମି' ବୋଲି ସିଦ୍ଧାନ୍ତ (ଅଦ୍ୱୈତବାଦ) କହୁଥିବାରୁ ସେମାନଙ୍କଠାରୁ ଦୂରରେ ରହିବାର୍ଥ ହେଉଛୁ । କୃଷ୍ଣଙ୍କ ମାୟାରେ ଦ୍ୱିଜମାନେ ସ୍ମାର୍ତ୍ତ ହୁଅନ୍ତି ବୋଲି ସେ କହିଛନ୍ତି ।

କୃଷ୍ଣ ମାୟାରେ ଦ୍ୱିଜେ ସ୍ମାର୍ତ୍ତ ବଡ଼ତ ବଇଷ୍ଣବ ନ ଜପ,
ଭକ୍ତ ଶବ୍ଦରେ ହେଉ ମୋ ତାଙ୍କ ସଙ୍ଗେ କରିବା ପାଇଁ ଆଳାପ ।

ନାରାୟଣ ସ୍ୱୟଂ ଅଭିମାନ ଯାଇ ସେ ସଙ୍ଗେ ହେଲି ବିବାଦ,
ଅନ୍ତର ପ୍ରଭୁ କୃଷ୍ଣ ଦାସ ହୋଇଣ ସେବକ କି ପଦ୍ମପାଦ ।
ବଶିଷ୍ଠ ମତ ଅନ୍ତର ଏ ଅଭିମାନେ ଯାଇ ଥାଉ ଜନ,
ମତାନ୍ତର ନେଇ ଘଟ ବିବାଦକୁ ଅଛୁ ହେଲି ପ୍ରୟୋଜନ । (ସ୍ୱ ଗ୍ରନ୍ଥ)

ନାରଦ, ବ୍ୟାସ, ସନକ, ଶୁକଦେବ, ବଶିଷ୍ଠ ଆଦିଙ୍କ ମତ ସେମାନଙ୍କ ଲିଖିତ ଗ୍ରନ୍ଥରେ ଲିପି ହୋଇଛି । ଏହି ମତକୁ ଅନୁସରଣ କରିବା ଭଲ, କିନ୍ତୁ ପୌଣ୍ଡ୍ରକ ଓ ବାସୁଦେବଙ୍କ ପରି 'ବାସୁଦେବ' ବୋଲି ପ୍ରଚାର କରିବା ଠିକ୍ ନୁହେଁ । ମୁକ୍ତିଙ୍କ ପରି ସେ ମୁକ୍ତ କାମନା କରୁନାହାନ୍ତି ।

ନାରଦ ବ୍ୟାସ ସନକ ଶୁକଦେବ ବଶିଷ୍ଠ ଆଦିଙ୍କ ମତ,
ଅନୁସରଣ କର ତାଙ୍କ ଗ୍ରନ୍ଥରେ ଯେ ହୋଇଛି ଲିପ୍ତ ।
ପୌଣ୍ଡ୍ରକ ବାସୁଦେବ ପରି ବାସୁଦେବ ହୋଇବା ନାହିଁ,
କହେ ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମା ମୁକତି କି ଇଚ୍ଛା ନାହିଁ । (ସ୍ୱ ଗ୍ରନ୍ଥ)

ଚୈତନ୍ୟପନ୍ଥୀ ବୈଷ୍ଣବମାନେ ଅନ୍ୟ ବୈଷ୍ଣବମାନଙ୍କ ପରି ଶ୍ରୀମଦ୍ ଭାଗବତ ମହାପୁରାଣକୁ ଶ୍ରେଷ୍ଠ ମତଗ୍ରନ୍ଥ ବୋଲି ବିଶ୍ୱାସ କରନ୍ତି । ଏହି ଗ୍ରନ୍ଥର ରଚନା ସମ୍ବନ୍ଧରେ ବୈଷ୍ଣବମାନଙ୍କର ସ୍ୱତନ୍ତ୍ର ଧାରଣା ଥିବା କଥା ପ୍ରକାଶ କରନ୍ତି । ବ୍ୟାସଦେବ ଅନେକ ପୁରାଣ ଗ୍ରନ୍ଥ ରଚନା କଲେ । କିନ୍ତୁ ତାଙ୍କ ମନରୁ ଭ୍ରମ ଦୂର ହେଲା ନାହିଁ । ଶ୍ରୀ ନାରଦ ଗୋସ୍ୱାମୀଙ୍କର ଅନୁଗ୍ରହ ପାଇ ବ୍ୟାସଦେବ କୃଷ୍ଣଙ୍କୁ ଭଜନା କଲେ । କୃଷ୍ଣ ଆଦେଶରେ ଅବତାର ହେଲେ । ସେ କହିଥିଲେ, "ମୋ ବିନା ମୋର ତତ୍ତ୍ୱ କିଏ ବା ଜାଣେ ? ଅତଏବ ଏଥର (ବ୍ୟାସ) ଦେହରେ ଅବତାର ହେବି ।" ଏହି କହିବାରେ ସେ ବ୍ୟାସଙ୍କ ଠାରେ ଆବେଶ ହେଲେ ଏବଂ ଶ୍ରୀମଦ୍ ଭାଗବତ ମହାପୁରାଣ ଲେଖିଲେ । ଧର୍ମଙ୍କର କଥା ତତ୍ତ୍ୱର ସିଦ୍ଧାନ୍ତ କଲେ । ପରମାତ୍ମା, ବ୍ରହ୍ମ ଓ ଭଗବାନ ଏ ତିନି କଥା ବୁଝାଇ ଭେଦାଭେଦ ବୁଝାଇଲେ । ଭୁକ୍ତି ମୁକ୍ତି ଛାଡ଼ି କରି ଭକ୍ତିକୁ ସାର କଲେ । କୃଷ୍ଣ ଅବତାରୀ ଏବଂ ଅନ୍ୟାନ୍ୟ ଅବତାରମାନେ ତାଙ୍କର ଅଂଶ । ସ୍ୱୟଂ ଭଗବାନ ଏହାଙ୍କର ଅଂଶ । ଚତୁର୍ବିଂଶ-ଅବତାର, ଅନେକ ଭକ୍ତଙ୍କ

ମହିମା ବର୍ଣ୍ଣନାର ଯଜ୍ଞପତ୍ନୀ ଓ ଗୋପୀଙ୍କ ଦାନ ବର୍ଣ୍ଣନା ଅଛି । ଦଶମସ୍କନ୍ଧ ଭାଗବତରେ ସାର । ବ୍ରଜଲୀଳା ଏଥିରେ ମୁଖ୍ୟ ପ୍ରସଙ୍ଗ । ବେଣୁଗୀତା, ଯୁଗଲଗୀତା ବର୍ଣ୍ଣିତ ହୋଇଛି । ରାସ ପଞ୍ଚାଧ୍ୟାୟୀ ଦଶମସ୍କନ୍ଧର ଶ୍ରେଷ୍ଠ ଅଂଶ । ଭକ୍ତିରେ ଏକତ୍ରିଂଶ ଅଧ୍ୟାୟ ଶ୍ରେଷ୍ଠତର । ପ୍ରେମଧାରା ପୂର୍ଣ୍ଣରୂପ ଏଥିରେ ପ୍ରଯୁକ୍ତ ହୋଇଛି ।

ପ୍ରେମଧାରା ପୂର୍ଣ୍ଣରୂପ ପ୍ରବୋଧ ଦେଖିବେ,
ଜାହିଁ ଜାହିଁ ଜାହିଁ ଏ ପ୍ରକଟ ବ୍ରହ୍ମାଣ୍ଡରେ ।
ସେମନ୍ତ ପ୍ରେମେ କୃଷ୍ଣ ହୋଇଲେ ତୃପ୍ତି ନ ପାଇଲ,
ସେ ସ୍ୱାଦକୁ ଅନ୍ତରାକୁ ବିଦିତ ହୋଇଲା । (ଶନ୍ଧ ଗ୍ରନ୍ଥ)

ଏହି ଭାବରେ ଏହି ଗ୍ରନ୍ଥ (ଭାଗବତ)ରେ ବୈଷ୍ଣବମାନେ ବିଶ୍ୱାସ କରନ୍ତି । ସ୍ୱୟଂ କୃଷ୍ଣ ଗୌର (ଚୈତନ୍ୟ) ରୂପରେ ଅବତାର ଗ୍ରହଣ କଲେ ଏବଂ ସେ ନିଜେ ଏ ରସ ଆସ୍ୱାଦନ କଲେ । ସେ ଗୋପୀଭାବରେ କାଶୀ ହେଲେ ଏବଂ (ପ୍ରେମ) ନିଜ ରୂପ ଧ୍ୟାନ କରି ସଦା ରୋଦନ, ପ୍ରଲାପ ଏହି ରୂପରେ ମଜ୍ଜିଲେ । ଭାଗବତର ମର୍ମ ପ୍ରଚାରରେ ଦୃଢ଼ କରିବା ପାଇଁ ଶକ୍ତି ପାଟରେ ରୂପସନାତନାଦି ଗୋସ୍ୱାମୀମାନଙ୍କ ହସ୍ତରେ ଭାର ଅର୍ପଣ କଲେ (ଦାନ ଦେଲେ) । ଭକ୍ତାନ୍ତରେ ଏମାନଙ୍କୁ ଭାଗବତଧର୍ମ ପ୍ରକାଶ କରିବା ପାଇଁ ଗୌର ଆଦେଶ ଦେଲେ । ଏହି ଦାନ ବା ଆଦେଶକୁ ରୂପ ସନାତନାଦି ଗୋସ୍ୱାମୀମାନେ ବହୁ ଗ୍ରନ୍ଥ ରଚନା କଲେ । ଯାହା ପ୍ରଭୁ ଗୌରାଙ୍ଗଙ୍କର କୃପା ପ୍ରାପ୍ତ ସେ କେବଳ ଏହି ଗ୍ରନ୍ଥର ମର୍ମକୁ ବୁଝନ୍ତି । ଯାହା ରୂପଗୋସ୍ୱାମୀ ଆଦିଙ୍କର ମତ ତାହାକୁ ସନାତନାଦି ବୈଷ୍ଣବମାନେ ବେଦ-ବାକ୍ୟରୁ ଅଧିକ ବୋଲି ମନେକରନ୍ତି । ଗୋସ୍ୱାମୀମାନଙ୍କ ବ୍ୟାଖ୍ୟା ଅନୁଯାୟୀ ପ୍ରସଙ୍ଗ ବର୍ଣ୍ଣନା ଅବତାରଣୀୟ ।

ଶ୍ରୀରୂପଗୋସ୍ୱାମୀ ଆଦିଙ୍କର ମତ ଯେହ୍ନ,
ବେଦ ବଚନୁଁ ଅଧିକ ଆମ୍ଭେ ମାନୁ ତହିଁ । (ଶନ୍ଧ ଗ୍ରନ୍ଥ)

ଶ୍ରୀକୃଷ୍ଣ ସ୍ୱସ୍ୱାଦର ପ୍ରାମାଣିକତା ସମ୍ବନ୍ଧରେ ମଧ୍ୟ ଚୈତନ୍ୟପନ୍ଥୀଙ୍କର ଶ୍ରେଷ୍ଠ ଅଙ୍ଗ ଥିବା ସେ ବାକ୍ୟ କରନ୍ତି । ବ୍ରଜକଥା ପ୍ରସଙ୍ଗରେ ଭାଗବତ

ହେଲେ ତାହା 'ବୈଷ୍ଣବ' 'ଶାସ୍ତ୍ର' ମତଠାରୁ ଭିନ୍ନ ହୋଇ ତାହାକୁ ତ୍ୟାଗ କରିବ । ସ୍ୱଗଣ ଗୁରୁ ଯେବେ ଏହି ଦୁର୍ଜନସ୍ତ ରସର ମହାପ୍ରଭୁର ହେବ ତେବେ ତାହାକୁ ମଧ୍ୟ ତ୍ୟାଗ କରିବ ।

ଦୁର୍ଜନଥା ହେଉ ଯେବେ ରସାଶ୍ରିତ ହେବ,
ଅନ୍ୟ ମତ ଭେଦ ତା ଶ୍ରବଣ ନ କରିବ ସେ ।

ସ୍ୱଗଣ ଗୁରୁ ଯେବେ ମହାପ୍ରଭୁ ନାହିଁ,
ତାହା ହେଲେ ଆତ୍ମର ସେ ପ୍ରୟୋଜନ ନାହିଁ । (ଅନ୍ୟ ଗ୍ରନ୍ଥ)

ସନାତନ ବହୁ ଗ୍ରନ୍ଥ, କଳାଭ୍ୟାସ, ବ୍ୟାଖ୍ୟା, ବାଦ ତ୍ୟାଗ କରିବା ପାଇଁ ବୈଷ୍ଣବମାନଙ୍କୁ ଉପଦେଶ ଦେଇଛନ୍ତି ।

ବହୁ ଗ୍ରନ୍ଥ-କଳାଭ୍ୟାସ ବ୍ୟାଖ୍ୟାବାଦ ତେଜ,
ଶ୍ରୀରୂପ ଗୋସ୍ୱାମୀ ଆଜ୍ଞା ଧର ମନେ ହେଜ । (ଅନ୍ୟ ଗ୍ରନ୍ଥ)

ଶ୍ରୀରୂପ ଗୋସ୍ୱାମୀ କହୁଛନ୍ତି ବହୁ ଗ୍ରନ୍ଥ ଅଭ୍ୟାସାଦି ପରିତ୍ୟାଗ କରି ଗୁରୁ ସେବା କର ଏବଂ ସାଧୁମାନଙ୍କର ପନ୍ଥାର ପଥିକ ହୁଅ ।

ବହୁ ଗ୍ରନ୍ଥକଳାଭ୍ୟାସ ବ୍ୟାଖ୍ୟାବାଦ ବର୍ଜିତା,
ଚୈତନ୍ୟେନ ଗୁରୋଃ ସେବା ସାଧୁ ବର୍ତ୍ମାନୁବର୍ତ୍ତିନଂ । (ଅନ୍ୟ ଗ୍ରନ୍ଥ)

ଗଦାଧର ବିନା ଗୌରଙ୍କୁ ଭଜନ କଲେ ସେହି ଭଜନ ନିଷ୍ଫଳ ହୁଏ ବୋଲି ଭକ୍ତ 'ରସିକ ପ୍ରିୟା' ଗ୍ରନ୍ଥରୁ ପ୍ରମାଣ ଉଦ୍ଧାର କରି ଏହା ଅନୁସରଣରେ କରିବା ପାଇଁ ମତବ୍ୟକ୍ତ କରିଛନ୍ତି ।

ଗଦାଧର ବିନା ଯେହୁ ଗୌରାଙ୍ଗ ଭଜଇ,
ନିଷ୍ଫଳ ତା ଭଜନ ପାଇବ ପଦ ନାହିଁ ସେ । (ଅନ୍ୟ ଗ୍ରନ୍ଥ)

ଗଦାଧରଂ ବିନା ଯସ୍ତୁ ଗୌରଚନ୍ଦ୍ର ମୁପାସତେ,
ନିଷ୍ଫଳଂ ଭଜନଂ ତସ୍ୟ ରସଭକ୍ତିର୍ନ ଲଭ୍ୟତେ । (ରସିକ ପ୍ରିୟା)

ବେଦର ପ୍ରମାଣ ଉପରେ ବୈଷ୍ଣବ ସଦାନନ୍ଦଙ୍କର ଶ୍ରଦ୍ଧା ନାହିଁ । ଶିଷ୍ୟ ଲକ୍ଷଣ ପ୍ରସଙ୍ଗରେ ସେ କହୁଛନ୍ତି ଯେ ଶିଷ୍ୟ ଶାସ୍ତ୍ରରେ ଗୁରୁଚରଣ ସେବା କରିବ । 'ବେଦ କହେ' ଏହି ପ୍ରମାଣ ତାର ନର ଦେବ ନାହିଁ । କାରଣ ବ୍ରାହ୍ମଣମାନେ ଶୂଦ୍ରମାନେ ବେଦ ପଢ଼ୁଛନ୍ତି ବୋଲି ନିନ୍ଦା କରନ୍ତେ । ତଥାପି ସେ ପୁରାଣର ପ୍ରମାଣ ଦେଇ ଗୁରୁଙ୍କୁ ଅଭେଦ ନପୂଜି କୃଷ୍ଣ ପୂଜା କରିବା ତାହାର ପୂଜିବା ନଥିଲ । ଏଥିରୁ ଜଣାଯାଉଛି, ବେଦ-ପ୍ରମାଣ ତାଙ୍କର ଆବଶ୍ୟକ ନାହିଁ । କିନ୍ତୁ ପୁରାଣ ପ୍ରମାଣର ଆବଶ୍ୟକତା ଅଛି ।

ଶାସ୍ତ୍ରେ ସେବା ଗୁରୁଚରଣ,
ବେଦ କହେ ନ ଦେଇ ତାର ପ୍ରମାଣ ଯେ ।
ଶୂଦ୍ରେ ବେଦ ପଢ଼ନ୍ତି ବୋଲି ବ୍ରାହ୍ମଣେ,
ନିନ୍ଦା କରିବେ ଯେଣୁ ଏହି କାରଣେ ଯେ ।
ତଥାପି ପୁରାଣର ପ୍ରମାଣ ଦେଇ,
ଗୁରୁ ଅଭେଦ ନପୂଜି କୃଷ୍ଣ ପୂଜିଲ ଯେ ।
ଦୁର୍ଭେଦ ଯାଏ ପୂଜିବାର ନ ଥିଲ,
ବସ୍ତୁ କହିବାକୁ ନାହିଁ ତ କାଳ ଯେ ।
(ଶମ୍ଭୁ ଗୁପ୍ତ)

ଗୁରୁଶିଷ୍ୟ ସମ୍ପର୍କ—ସଦାନନ୍ଦଙ୍କ ସମୟରେ ଗୁରୁଶିଷ୍ୟ ସମ୍ପର୍କ ବହୁ ସ୍ଥାନରେ ଆଦର୍ଶ ସ୍ଥାନୀୟ ନଥିବାରୁ ସେ ଦୁଃଖ କରିଛନ୍ତି । ଉପଯୁକ୍ତ ଗୁରୁ ଓ ଉପଯୁକ୍ତ ଶିଷ୍ୟ ସଂସାରରେ ଯେ ନଥିବା ଦେଖାଯାଉଛି । ବର୍ତ୍ତମାନ ଗୁରୁପର କେବଳ ଶିଷ୍ୟଙ୍କ ଲୋଭ । "ଆଉ ଯେ ଗୁରୁଠାରେ ନ ଆବଶ୍ୟକ" ଏପରି କହି ଶିଷ୍ୟମାନେ ମଧ୍ୟ ଦୂର ହୋଇ ଯାଉଛନ୍ତି । ଶିଷ୍ୟ "ମୁଁ ଗୁରୁ କଲିଣି" ବୋଲି ଆନନ୍ଦିତ ହେଉଛି । ଗୁରୁଙ୍କ ଉଦ୍ଦେଶ୍ୟ ଓ ଉଦ୍ୟମ ହେଉଛି 'କିଛି ମିଳିବ' । ଗୁରୁ ଉଦେନ ଦେଖିଲେ ଶିଷ୍ୟଙ୍କୁ ବହୁ ତାହାନ୍ତି ଯେ କୃଷ୍ଣଙ୍କ କଳିଲେ ଭବାର୍ଣ୍ଣବରୁ ତରିବୁ । ଶିଷ୍ୟ ମଧ୍ୟ ଗୁରୁଙ୍କ ଚରଣ ତଳେ ପଡ଼ି ପଚାରୁ ନାହାନ୍ତି ଯେ "କି ପଥରେ ମୋର ଗମନ ଏବଂ କି କାରଣ ?"

ଏ ଉଦ୍ଧତ ଦେଖି କବି ପ୍ରକୃତରେ ମର୍ମାହତ ହୋଇଛନ୍ତି ଏବଂ ଉପଦେଶ ଶୁଣିବା ଲୋକଙ୍କ ସଂଖ୍ୟା ନ୍ୟୂନ ଥିବାରୁ ତାଙ୍କର ଏ ମତ ବ୍ୟକ୍ତ କରିବା ପାଇଁ ଡର ମଧ୍ୟ ହେଉଛି । ଉପଯୁକ୍ତ ଗ୍ରାହକଙ୍କର ସଂଖ୍ୟାର ନ୍ୟୂନତା ହିଁ ଏହାର କାରଣ ।

ଏ କଥାମାନ କହିବାକୁ ତ ଡର,
ଏବେ ଭକ୍ତେ ସ୍ୱଭାବ ଲୁବ୍ଧନେ ଯେ ପୂର୍ଣ ଯେ ।
ଧନମୁଖ ଗ୍ରାମରେ କି ଶାନ୍ତାମୃତ ।
ସବେ ଦେଖି ବୋଲିବେ କପଟ ବେଭାର ଯେ ।
(୩ୟ ଛାନ୍ଦ)

ପ୍ରକୃତ ଗୁରୁ ଓ ପ୍ରକୃତ ଶିଷ୍ୟ ମଧ୍ୟ ଏହି କାରଣରୁ ଦୁଆରେ ନିନ୍ଦିତ ହେଉଥିବାରୁ ଏଥିରେ ସଦାନନ୍ଦ ସୂଚନା ଦେଉଛନ୍ତି ।

ଅନ୍ୟ ମତ ପ୍ରତି ଆକ୍ଷେପ—ବୈଷ୍ଣବ କବି ସଦାନନ୍ଦ ଦୃଷ୍ଟାନ୍ତରୁ ବୈଷ୍ଣବଙ୍କ ଛଡ଼ା ଅନ୍ୟମାନଙ୍କ ପ୍ରତି ବେଶ ଉଦାର ମନୋଭାବ ପୋଷଣ କରି ନାହାନ୍ତି । ଗଣେଶ, ଶିବ, ବ୍ରହ୍ମା, ଦୁର୍ଗା ପ୍ରଭୃତି ଦେବଦେବୀମାନେ କୃଷ୍ଣଙ୍କ ଅଂଶରୁ ଜାତ ହୋଇ ଥିବା ଦୁର୍ଗାଙ୍କୁ ଶାକ୍ତମାନେ ଯେପରି ଭାବରେ ପୂଜା କରୁଛନ୍ତି ତାର ନିନ୍ଦା କରିଛନ୍ତି ।

ଶାକ୍ତଙ୍କ ପଥ ଭୁଲି     ନ ଭଜନ୍ତି କୃଷ୍ଣଙ୍କୁ
ଯାହା ଭଲି ସବୁ ମାଡ଼ିଲି,
ଚଣ୍ଡୀ ବୋଲନ୍ତି ଯେ ତ     ତାଙ୍କୁ ଜଗତମାତ
ଛାଗ ମହିଷ ବଳି ଦେଇ ରେ । ଆଉ ମନ ।
ଜଗତକୁ ଯେ କି ବାହାର
ସୁତ ନ ଜାଣଇ ମାତାର । (୯ମ ଛାନ୍ଦ)

ଅବୈଷ୍ଣବମାନଙ୍କ ପ୍ରତି ତାଙ୍କର ଘୃଣାଭାବ ଅନ୍ୟାନ୍ୟ ସଂକୀର୍ଣ୍ଣମନା ବୈଷ୍ଣବମାନଙ୍କ ପରି । ଗୁରୁ-ଶିଷ୍ୟ ପ୍ରସଙ୍ଗରେ ସଦାନନ୍ଦ କହୁଛନ୍ତି—

ମହାକୁଳ ପ୍ରସୂତ ସର୍ବ ଯଜ୍ଞରେ
ଦୀକ୍ଷିତ ବହୁଶାଖା ବେଦ ପଢ଼ିଥିଲେ ସେ !
ଅବୈଷ୍ଣବ ଯେବେ ସେ ଗୁରୁ ନୋହି
ଶ୍ୱପଚ ହେଉ ଭକ୍ତ ଗୁରୁଟି ହେବେ ସେ !
(୪ର୍ଥ ଛାନ୍ଦ)

ଏ ସମ୍ବନ୍ଧରେ 'ରସାମୃତ ସିନ୍ଧୁ'ରୁ ଏକ ଶ୍ଳୋକ ସେ ଉଦ୍ଧାର କରିଛନ୍ତି ।

ମହାକୁଳପ୍ରସୂତୋଽପି ସର୍ବଯଜ୍ଞେଷୁ ଦୀକ୍ଷିତଃ
ସହସ୍ରଶାଖାଧ୍ୟାୟୀ ଚ ନ ଗୁରୁ ସ୍ୟାଦବୈଷ୍ଣବଃ ।
ଶୂଦ୍ରାଦ୍ୟୋଽପି ମୁନିଶ୍ରେଷ୍ଠଃ ବିଷ୍ଣୁଭକ୍ତ ପରାୟଣଃ
ବିଷ୍ଣୁଭକ୍ତି ବିହୀନସ୍ତୁ ଦ୍ୱିଜୋଽପି ଶ୍ୱପଚାଧମଃ ॥

ଅଦ୍ୱୈତବାଦୀଙ୍କ ମୁକ୍ତିଙ୍କ ସମ୍ବନ୍ଧରେ କବି କହୁଛନ୍ତି ଯେ ମୁକ୍ତିମାନଙ୍କ ସଂଖ୍ୟା ବହୁତ ଓ ବୈଷ୍ଣବଙ୍କ ସଂଖ୍ୟା ଅଳ୍ପ । ମୁକ୍ତିମାନଙ୍କ ସହିତ ଆଳାପ କରିବା ପାଇଁ ମଧ୍ୟ ତାଙ୍କ ଭୟ ମାଡ଼ୁଥିଲା । ଏହାର କାରଣସ୍ୱରୂପ ସେ କହୁଛନ୍ତି ଯେ ମୁକ୍ତିମାନେ ନିଜେ ସ୍ୱୟଂ ନାରାୟଣ ବୋଲି କହୁଥିବାରୁ, ଏହି ଅଭିମାନ ଥିବା ଲୋକଙ୍କ ସହିତ ଆଳାପ ବା ବିବାଦ କରିବା ଉଚିତ ନୁହେଁ । ଅଦ୍ୱୈତବାଦୀଙ୍କର 'ଅହଂବ୍ରହ୍ମାସ୍ମି', 'ସୋଽହଂ' ଏହି ସିଦ୍ଧାନ୍ତହିଁ ଅଭେଦର କାରଣ । ଏମାନେ ନିଜକୁ ସ୍ୱୟଂ ନାରାୟଣ ବୋଲି ଅଭିମାନ କରୁଛନ୍ତି । ଏମାନେ ବା କିପରି କୃଷ୍ଣଙ୍କୁ ଗୁରୁ ରୂପରେ ମାନି ତାଙ୍କର ପଦ୍ମପାଦ ସେବା କରିବେ ?

କୃଷ୍ଣ ମାୟାରେ ଦ୍ୱିଜେ ମୁକ୍ତି ବହୁତ ବୈଷ୍ଣବ ତ ଅଳ୍ପ,
ତାର ଡରରେ ହେଉ ନା ତାଙ୍କ ସଙ୍ଗେ କରିବା ପାଇଁ ଆଳାପ ।
ନାରାୟଣ ସ୍ୱୟଂ ଅଭିମାନ ଯାର ସେ ସଙ୍ଗେ କେଉଁ ବିବାଦ,
ଆମ୍ଭର ପ୍ରଭୁ କୃଷ୍ଣ, ଦାସ ହୋଇଣ ସେବିବ କି ପଦ୍ମପାଦ ।
(୨ୟ ଛାନ୍ଦ)

ଏହି ବୈଷ୍ଣବ ସମ୍ପ୍ରଦାୟସମ୍ମତ କେତେକ ତତ୍ତ୍ୱକୁ ସରଳ ଭାବରେ ବୁଝାଇଛନ୍ତି ।

ସୃଷ୍ଟି—ଈଶ୍ୱର ଦୃଷ୍ଟିରେ ଚାରି ପ୍ରକାର—ସ୍ଥାବର, ଜଙ୍ଗମ, ଜଡ଼, ଚେତନ ।

ମନୁଷ୍ୟ—ଜଙ୍ଗମ ମଧ୍ୟରେ ଶ୍ରେଷ୍ଠ ଓ ନୀଚ ଏବଂ ଜାତି ଭେଦରେ ମନୁଷ୍ୟମାନେ ଭିନ୍ନଭାବରେ ସୃଷ୍ଟ ହୋଇଛନ୍ତି ।

ବେଦ—ମନୁଷ୍ୟମାନଙ୍କ ମଧ୍ୟରେ କେହି କେହି ବେଦକୁ ସାର ବୋଲି ମାନନ୍ତି ।

ବୌଦ୍ଧ—ପୁଣି କେହି କେହି ବୌଦ୍ଧମତାବଲମ୍ବୀମାନେ ଈଶ୍ୱରଙ୍କ ନାମ ଓ ରୂପକୁ ମାନନ୍ତି ନାହିଁ । 'ନଥ ବା ଥାଇପାରେ,' ଏହା ତର୍କରେ ଲଗି ହୋଇ ମଜୁଥାଆନ୍ତି ।

ପୁଣି ହିନ୍ଦୁ ମୁସଲମାନ ଭେଦରେ ଲୋକ ଅଛନ୍ତି । ହିନ୍ଦୁ ମତ 'ଅମୃତ ମତ' (ଲେଖକଙ୍କ ମତ) ।

ଚାରି ଆଶ୍ରମ—ହିନ୍ଦୁ ଧର୍ମରେ ଚାରି ଆଶ୍ରମ—ବ୍ରହ୍ମ, କ୍ଷତ୍ରିୟ, ବୈଶ୍ୟ, ଶୂଦ୍ର ।

ପ୍ରବୃତ୍ତି ଓ ନିବୃତ୍ତି ମାର୍ଗ—ବେଦରେ ପ୍ରବୃତ୍ତି ଓ ନିବୃତ୍ତି—ଏ ଦୁଇ ମାର୍ଗ କୁହାଯାଇଛି । ପ୍ରବୃତ୍ତି ମାର୍ଗରେ ସଂସାରରେ ମୁକ୍ତ, ନିବୃତ୍ତି ମାର୍ଗରେ ଜନ୍ମ ଗୁଡ଼ାଇ । ଏଥି ନିବୃତ୍ତି ମାର୍ଗହିଁ ଶ୍ରେଷ୍ଠ ।

ଦ୍ୱୈତବାଦ, ଅଦ୍ୱୈତବାଦ—ଦ୍ୱୈତବାଦୀମାନେ ବୈଷ୍ଣବ । ଅଦ୍ୱୈତବାଦୀମାନେ ସ୍ମାର୍ତ୍ତ । ଅଦ୍ୱୈତବାଦ ଈଶ୍ୱରଙ୍କ ଉପରେ ଭେଦାଭେଦ ସମ୍ବନ୍ଧ ନିରୂପଣ କରନ୍ତି । ଉପାଧି ଥିବାଯାଏ ଜୀବ ଓ ବ୍ରହ୍ମ ଭିତରେ ଭେଦ ଅଛି । ଉପାଧି ଛୁଟିଲେ ଜୀବ ଓ ବ୍ରହ୍ମ ଏକ ଆଉ ଭେଦ ନାହିଁ ।

ଚାରି ସମ୍ପ୍ରଦାୟ—ଅଦ୍ୱୈତବାଦୀମାନଙ୍କର ଚାରି ସମ୍ପ୍ରଦାୟ—ଶୈବ, ଶାକ୍ତ, ଗାଣପତ୍ୟ, ସୌର । ପ୍ରବୃତ୍ତି ଓ ନିବୃତ୍ତି ମାର୍ଗରେ ଏମାନଙ୍କର ଉପାସନା ।

ବୈଷ୍ଣବମତ—ବୈଷ୍ଣବମାନଙ୍କର ସେବ୍ୟ-ସେବକ ସମ୍ପର୍କ । କୃଷ୍ଣ ପ୍ରଭୁ, ବୈଷ୍ଣବ ଦାସ ।

ମୂଳ ବୈଷ୍ଣବ ସମ୍ପ୍ରଦାୟ—ଶ୍ରୀ, ବ୍ରହ୍ମ, ରୁଦ୍ର ଓ ସନକ । ଶ୍ରୀ (ଲକ୍ଷ୍ମୀ) ସମ୍ପ୍ରଦାୟରେ ରାମାନୁଜ, ବ୍ରହ୍ମରେ ମାଧ୍ୱ, ସନକରେ ନିମ୍ବାର୍କ, ରୁଦ୍ର ସମ୍ପ୍ରଦାୟରେ ବିଷ୍ଣୁ ସ୍ୱାମୀ ପ୍ରଧାନ ହେଲେ । ଶିଷ୍ୟାନୁକ୍ରମରେ-ସଂସାରରେ ବୈଷ୍ଣବମାନେ ପୂର୍ଣ୍ଣ ହେଲେ । ମାତ୍ର ମୂର୍ତ୍ତିମାନଙ୍କର ଦ୍ୱେଷପଣ ନାହିଁ ।

ମୂଳ ସମ୍ପ୍ରଦାୟର ମୁଖ୍ୟଧାମ—ଶ୍ରୀମନ୍ନାଥ, ବଦ୍ରିକାଶ୍ରମ, ଦ୍ୱାରକା ଓ ପୁରୁଷୋତ୍ତମ । ବୃନ୍ଦାବନ ନିତ୍ୟଧାମ ।

ଭଜନ—ବୈଷ୍ଣବମାନେ କୃଷ୍ଣଙ୍କ ନାମକୁ ଏପରି ଅନେକ ପ୍ରକାରେ ଭଜନା କରନ୍ତି—ନାରାୟଣ, ନରସିଂହ, ରାମ, କୃଷ୍ଣ ପ୍ରଭୃତି । ଯାହା ମନ ଇଚ୍ଛାରେ ଯେଉଁ ନାମ ନେଇ ଭଜନ କଲେ ।

ସାର୍ତ୍ତ ମତ—ସ୍ୱୟଂ ନାରାୟଣ ବୋଲି ସ୍ମାର୍ତ୍ତମାନେ ଅଭିମାନ କରନ୍ତି । ସେଥିପାଇଁ ସେମାନେ କୃଷ୍ଣଙ୍କୁ ପ୍ରଭୁ ଓ ନିଜେ ଦାସ ସ୍ୱରୂପ ତାଙ୍କର ପାଦ ସେବା କରି ପାରନ୍ତି ନାହିଁ ।

ବୈଷ୍ଣବ ମତ—ନାରଦ, ବ୍ୟାସ, ସନକ, ଶୁକଦେବ, ବଶିଷ୍ଠାଦି ଋଷିମାନଙ୍କ ମତ ବୈଷ୍ଣବମାନେ ଆଚରଣ କରନ୍ତି । ଏମାନଙ୍କ କଥା ପୁରାଣରେ ଲେଖା ହୋଇଛି । (୧ମ ଛାନ୍ଦ)

## ଲଳିତଲୋଚନା

କଥାବସ୍ତୁ—ସଦାନନ୍ଦ ବାଇଶଟି ଛାନ୍ଦରେ ‘ଲଳିତଲୋଚନା’ ନାମକ ଏକ କାଳ୍ପନିକ କାବ୍ୟଟି ମହାକାବ୍ୟ ରୂପରେ ରଚନା କରିଛନ୍ତି ।

କବି ବୈଷ୍ଣବ, ରାଧାକୃଷ୍ଣ ଭକ୍ତ ଓ ବ୍ରଜପନ୍ଥୀ ଥିବାରୁ ପ୍ରଥମେ ‘ରାଧାକାନ୍ତ’ଙ୍କୁ ବନ୍ଦନା କରି ଗ୍ରନ୍ଥ ଆରମ୍ଭ କରିଛନ୍ତି । ସଦାନନ୍ଦଙ୍କ ପୂର୍ବବର୍ତ୍ତୀ ବହୁ ଉତ୍କଳୀୟ ବୈଷ୍ଣବ କବି ଗ୍ରନ୍ଥମାନଙ୍କରେ ‘ଜଗନ୍ନାଥ’ଙ୍କୁ ବନ୍ଦନା

କରି ଗ୍ରନ୍ଥ ଆରମ୍ଭ କରିଥିବା ଦେଖାଯାଏ । କିନ୍ତୁ ବହୁ ବ୍ରଜ ବୈଷ୍ଣବକବି ଗଣପତି ଛାଡ଼ିକରି ରାଧାକୃଷ୍ଣ କିମ୍ବା ଗୌରାଙ୍ଗଙ୍କୁ ପ୍ରଥମେ ବନ୍ଦନା କରିଛନ୍ତି । ଏଥିରୁ ସଦାନନ୍ଦ ବ୍ରଜବୈଷ୍ଣବ କବିମାନଙ୍କର ପନ୍ଥା ଅନୁସରଣ କରିଥିବା ମନେହେଉଛି ।

ସାଧୁପ୍ରଶଂସା ଓ ଖଳନିନ୍ଦା ପ୍ରସଙ୍ଗରେ କବି ସାଧୁଜନମାନଙ୍କୁ 'ଚାମ୍ପ' ସମାନ ହୋଇ ଗୁଣ ସଞ୍ଚୟରେ ନମ୍ରତାକୁ ଆଶ୍ରୟ କରି ଖଳକୁ 'କାଣ୍ଡ' ବ୍ୟବହାରରେ ଦଣ୍ଡ ଦେବାକୁ ନିବେଦନ କରିଛନ୍ତି । କବି ଖଳମାନଙ୍କୁ ମକ୍ଷିକା ସହିତ ତୁଳନା କରିଛନ୍ତି, କାରଣ ମକ୍ଷିକାମାନେ ଉଜ୍ଜ୍ୱଳ ଭଲକୁ ନ କରି ଅନ୍ତ୍ରବରେ ଶୁଦ୍ଧ ପାର୍ଶ୍ୱରେ ଲୁଣ୍ଠିତ ହୋଇ ରହନ୍ତି ଏବଂ ନିବାରିଲେ କେବେହେଁ ନିବାରଣ ମାନନ୍ତି ନାହିଁ । ଏମାନେ ଜୀବନ ଥିବା ଯାଏ ସ୍ୱଭାବକୁ ତେଜନ୍ତି ନାହିଁ ।

କବି ପ୍ରକାଶ୍ୟଟି 'ନାଗରୀ ନାରୀ' ପ୍ରକାରେ ହେବ, ଏହା ଆଶା କରିଛନ୍ତି । ଚତୁରା ନାଗରୀ ନାରୀ ଯେପରି ସର୍ବାଳଙ୍କାରଭୂଷିତା ହୋଇ ବସ୍ତ୍ର ଛନ୍ଦ ଦ୍ୱାରା ନିଜ କାନ୍ତକୁ ବଶ କରି ଜନମନ ମୁଗ୍ଧ କରେ ସେହିପରି ଏହି କାବ୍ୟ ନାଗରୀନାରୀ ହେବ ।

ନାଗରୀ ନାରୀ ପରାଏ ଏ ଗୀତ ହୋଇବ,
ଅଳଙ୍କାରେ ଯୁକ୍ତ ବର୍ଣ୍ଣିବା ଯେଣୁ ଶ୍ରୁତ ।
ରସ ଗୀତ ସିଦ୍ଧା ଶୁଦ୍ଧି ଉପମା ନିଧିବ,
ଅଣିମାରେ କେଶପୂରେ ଧ୍ୱନି ପ୍ରକାଶିବ ।
ଦର୍ଶନେ ଭ୍ରମରେ ନେଇ କର୍ଣ୍ଣିକାକଣରେ,
ପାଠକ ପଣ୍ଡିତ ବାଣ ଜଣିବ ହୃଦରେ ।
(୧ମ ଛାନ୍ଦ)

କାବ୍ୟଟିର କାବ୍ୟ ଓ ଅନ୍ତର ସମ୍ପର୍କରେ କବି ଯେଉଁ ସୂଚନା ଦେଇଛନ୍ତି ତାହା ସଫଳ ହୋଇଛି । ସର୍ବଥା କାବ୍ୟଗୁଣ ପରିପ୍ରେକ୍ଷୀରେ

ଶାରଦ ପ୍ରାପ୍ତ କାବ୍ୟଟି ଦେଖାଯାଉଛି । ରସିକ ନାରାୟଣ କାନ୍ତ ଓ ଉପଶ୍ରେଣୀବରର ଶାରଦ ଚତୁର୍ଶା ଏ କାବ୍ୟଟି ସୁଧୀପାଠକଙ୍କ ମନକୁ ଆକର୍ଷଣ କରି ସନ୍ତୋଷ ଦାନ କରି ପାରୁଛି ।

ଦଶଦଶା ମଧ୍ୟରୁ ଶେଷ ଦଶା ବା ଦଶମ ଦଶା 'ମୃତ୍ୟୁ'କୁ କାବ୍ୟରେ ବର୍ଣ୍ଣିବା 'ଅନୁଚିତ' ହେବାରୁ ଭାବୀର ଅଦ୍ୟରେ ନବ ବର୍ଣ୍ଣନା କରନ୍ତି । ନାୟକନାୟିକାଙ୍କ ପୂର୍ବଜନ୍ମବୃତ୍ତାନ୍ତ ଏଥିର ଉଦ୍ଦେଶ୍ୟ । କବିପରମ୍ପରାକୁ ଉଲ୍ଲଙ୍ଘି ପ୍ରାଚୀନ କବିମାନେ ତ୍ୟାଗ କରିନାହାନ୍ତି; ସଦାନନ୍ଦ ମଧ୍ୟ ଏହି ପରମ୍ପରା ରକ୍ଷାକରି ଅଳଙ୍କାରମଣ୍ଡିତ ମନୋହର ପୂର୍ବଜନ୍ମବୃତ୍ତାନ୍ତଟିଏ ସୃଷ୍ଟି କରି ପାରିଛନ୍ତି ।

ନବମ ଦଶାରେ ତା ଶରୀରେ ହୋଏ ମୋହ,
ଦଶମରେ ପ୍ରାଣଯାଏ ତେଜି ନିଜ ଦେହ ।
ଶାସ୍ତ୍ରେ କହେ ମରଣ ବର୍ଣ୍ଣିମା ଅଶୋଭିତ,
ଏଣୁ ଅନ୍ତେ ପୂର୍ବଜନ୍ମ କହିବା ତା ଖ୍ୟାତ ।

ନାୟକନାୟିକାଙ୍କ ପୂର୍ବଜନ୍ମବୃତ୍ତାନ୍ତରେ କବି ଦଶମଦଶାର ଅବତରଣ ଦେଇ କହିଛନ୍ତି ଯେ ଲକ୍ଷ୍ମୀ ଓ ନାରାୟଣଙ୍କର ଏକାନ୍ତ ଆଳାପ ସମୟରେ ନାରାୟଣ ପ୍ରେମପୀଡ଼ା ଅନୁଭବ କଲେ । ପ୍ରଧାନଭକ୍ତିଭାଜନ ଉଦୟ ହେବାରୁ ଲକ୍ଷ୍ମୀ ସ୍ୱ ଅଙ୍ଗରୁ ଏକ ଅପୂର୍ବ ସୁନ୍ଦରୀ କନ୍ୟା ଜାତ କରି, ନାରାୟଣ ଯେପରି ନବମ ଦଶା ବା ଜଡ଼ତ୍ୱଦଶା ପ୍ରାପ୍ତ ହେବେ ସେପରି ଭାର୍ଯ୍ୟା କରିବାକୁ ଆଦେଶ ଦେଇ ତାଙ୍କୁ ନାରାୟଣଙ୍କଠାରୁ ପଠାଇଲେ । କିନ୍ତୁ ତାଙ୍କୁ ଆଦେଶ ଦେଲେ, ଯଥା—

କେବଳ ସ୍ୱରୂପ ତନୁ ସ୍ପର୍ଶ ନକରିବୁ,
କଲେ ନମାନ ଦଶମ ଦଶାକୁ ପାଇବୁ ।

ଅନ୍ତର୍ଯାମୀ ନାରାୟଣଙ୍କଠାରୁ ଏ କଥା ଗୁପିବାରୁ ସେ ଲକ୍ଷ୍ମୀଙ୍କ ଉଦ୍ଦେଶ୍ୟ ବୁଝିପାରି ସ୍ୱ ଅଙ୍ଗୋପାଙ୍ଗରୁ ଏକ ପୁରୁଷ ଜାତ କଲେ । ଲକ୍ଷ୍ମୀଙ୍କ ମନକୁ

କନ୍ୟା ଜାତ ହୋଇଥିବାରୁ ତାହାର ନାମ ମନୋଜା ଓ କାମଦେବଙ୍କ ଅଂଶରୁ ଜାତ ହୋଇଥିବାରୁ ପୁତ୍ରର ନାମ ଶାମ୍ବୋଜାତ ହେଲା । କବିଙ୍କ ଏହି ନାମକରଣ ସାର୍ଥକ ଓ ଘଟଣାସୂଚକ ହୋଇଛି ।

ଏହି କାମ ଓ ପୁତ୍ରଙ୍କ ଭିତରେ ପ୍ରେମ ଜନ୍ମି ପରସ୍ପର ଆକୃଷ୍ଟ ହେଲେ । ପ୍ରେମୋନ୍ମାଦିନୀ ମନୋଜା ଲକ୍ଷ୍ମୀଙ୍କ ଉପଦେଶକୁ ଭୁଲିଗଲେ । ପୁତ୍ରକୁ ଆଲିଙ୍ଗନ କରିବାପାଇଁ ତାର ଅଙ୍ଗକୁ ସ୍ପର୍ଶ କରିବା ମାତ୍ରେ ତାର ଜୀବ ନାଶ ହେଲା । ଏହି ଅଲୌକିକ ଘଟଣାବଳୀକୁ କବି ସୁନ୍ଦର ଭାବରେ ଅଳ୍ପପଦରେ ବର୍ଣ୍ଣନା କରିଛନ୍ତି ।

କାମୁକ ଶ୍ୟାମୋଜାତ ସ୍ପର୍ଶରେ କାତର ହେବାରୁ ଲକ୍ଷ୍ମୀନାରାୟଣ ବର ଦେଇ ଅନ୍ୟଜନ୍ମରେ ମନୋଜାକୁ ପାଇବା ଆଶା ଦେଲେ । କର୍ଣ୍ଣାଟକରାଜ୍ୟପତି ପରମ ବୈଷ୍ଣବ ଭକ୍ତ ସୂର୍ଯ୍ୟବଂଶୋଦ୍ଭବ ରାଜା କୃପଚନ୍ଦ୍ରଙ୍କ ପୁତ୍ର ରୂପରେ ଶ୍ୟାମୋଜାତ ଏବଂ ତୈଲଙ୍ଗ ଦେଶ ରାଜା ଶାନ୍ତଶୀଳଙ୍କ କନ୍ୟାରୂପେ ମନୋଜା ଜନ୍ମଗ୍ରହଣ କଲେ । ସ୍ୱୟମ୍ବର କାଳରେ କନ୍ୟାକୁ ଶ୍ୟାମୋଜାତ ଲାଭ କରିବା ସମ୍ବନ୍ଧୀୟ ବାଣୀ ମଧ୍ୟ ନାରାୟଣ ଶୁଣାଇଲେ । (୧ମ ଛାନ୍ଦ)

କୃପଚନ୍ଦ୍ରଙ୍କ ରାଣୀ ସୁଲକ୍ଷଣାଙ୍କ ଗର୍ଭରେ ଶମ୍ବୋଜାତ ଜନ୍ମଲାଭ କଲେ । ମନ୍ତ୍ରୀକୁମାର ଚନ୍ଦ୍ରକଳେଶ୍ୱର, ପୁରୋହିତକୁମାର ବଳିଭଦ୍ର, ପାତ୍ରକର କୁମାର ଭୁଜଦନ୍ତ ଓ କୋଟପାଳକୁମାର ଯୋଗାନନ୍ଦ ଶମ୍ବୋଜାତଙ୍କର ଅନ୍ତରଙ୍ଗ ସଖା ହେଲେ । ରାଜକୁମାରଙ୍କର ଅପୂର୍ବ ସୌନ୍ଦର୍ଯ୍ୟରେ ମୁଗ୍ଧ ହୋଇ ସେ ଦେଶର ଜଣେ ଧନୀ ଚିତ୍ରକର ଜଙ୍ଗମ ଶିବଙ୍କୁ ସନ୍ତୁଷ୍ଟ କରି ବର ପ୍ରମାଣେ କୁମାରଙ୍କ ଛବି ଚିତ୍ରପଟରେ ଲେଖିଲା । ଏହି ଚିତ୍ରପଟ ତାର ସୁଖ୍ୟାତି କରାଇ ସବୁ ଦେଶବିଦେଶରେ ଏହାକୁ ପ୍ରଦର୍ଶନ କଲା ।

ତୈଲଙ୍ଗ ଦେଶର ବସୁଧାର ନଗରାଧିପତି ଶାନ୍ତଶୀଳଙ୍କ ପତ୍ନୀ ରାଣୀ ଗୁଣବତୀଙ୍କ ଗର୍ଭରୁ ଏକ କନ୍ୟା ଜାତ ହେଲା । ତାର ନେତ୍ରଶୋଭା ଦେଖି ତାକୁ 'ଲଳିତଲୋଚନା' ବୋଲି ନାମ ଦେଲେ । ଜ୍ୟୋତିଷକନ୍ୟା-ଶିକ୍ଷୟିତ୍ରୀ

ସଙ୍ଗୀତ, ସାହିତ୍ୟ ଓ ରତିଶାସ୍ତ୍ର ପ୍ରଭୃତିରେ ପଣ୍ଡିତା ଥିଲେ । ସେ ଲୀଳାବ-ତୀଙ୍କର ଶିକ୍ଷାଗୁରୁ ହେଲେ । (୨ୟ ଛାନ୍ଦ)

ରାଜକୁମାରୀ ବାଲ୍ୟାବସ୍ଥାରୁ ପୌଗଣ୍ଡ ଅବସ୍ଥାରେ ପ୍ରବେଶ କରିବାରୁ ଶିକ୍ଷୟିତ୍ରୀ ବୟସୋଚିତ ବିଦ୍ୟାଶିକ୍ଷା ଦେଲେ । କ୍ରମେ ଲୀଳାବତୀଙ୍କ ପୌଗଣ୍ଡ ଅତିକ୍ରମ କରି କୈଶୋର ଅବସ୍ଥାରେ ପଦାର୍ପଣ କଲେ । କନ୍ୟା ଅପୂର୍ବ ଶୋଭାର ଅଧିକାରିଣୀ ହେଲେ । (୪ର୍ଥ, ୫ମ ଛାନ୍ଦ)

ଥରେ ଲୀଳାବତୀ ସଖୀମାନଙ୍କ ମେଳରେ ବନଭ୍ରମଣ କରିବାକୁ ଗଲେ । ବସନ୍ତଋତୁର ଆଗମନ କାଳ ହୋଇଥିବାରୁ ବନଶ୍ରେଣୀ ମନୋହର ବେଶ ଧାରଣ କରିଥିଲେ । ବନରେ ସଖୀମାନଙ୍କ ସହିତ ସୁରୁଚିପୂର୍ଣ୍ଣ କଥୋପକଥନ କରି ସେ ନାନା କୌତୁକରେ କେତେକ ସମୟ ପରମ ଆନନ୍ଦରେ ଅତିବାହିତ କଲେ । ବନମଧ୍ୟସ୍ଥ ସରୋବରରେ ସଖୀମାନଙ୍କ ସହ କୌତୁକ କେଳି କରି ସ୍ନାନ କଲେ । ଏଠାରୁ ସଖୀମାନଙ୍କ ସହ ରାଜକନ୍ୟା ରାଜନଗରକୁ ଫେରି ଆସିଲେ । (୬ଷ୍ଠ, ୭ମ, ୮ମ ଛାନ୍ଦ)

ରାତିରେ ଶୟନ କରିବା ସମୟରେ ଲୀଳାବତୀ ସ୍ୱପ୍ନରେ ଦେଖିଲେ ସ୍ୱୟଂ ମହାଦେବ ତା ପାଖରେ ଉଭା ହୋଇ ପ୍ରସନ୍ନ ହୋଇ ବର ଦେଲେ—"ସଦାଶିବଙ୍କ ବର ଲଭିବୁ । ଅଚିରେ କାନ୍ତ ସଙ୍କେତ ପାଇବୁ । ତୋହର ମାଉସୀ ମଦନା ସାକ୍ଷାତ୍ ଯୋଗିନୀ ଅଟେ । ସେ ମନ୍ତ୍ରତନ୍ତ୍ର ଜାଣେ । ତାକୁ ଦୂତୀ କରି କାର୍ଯ୍ୟ ଲଭିବୁ ।" (୮ମ ଛାନ୍ଦ)

କିଛି ଦିନ ପରେ ଏକ ଜଙ୍ଗମ ସେ ରାଜ୍ୟରେ ପ୍ରବେଶ କଲା ଏବଂ ରାଜାଙ୍କ ସମ୍ମୁଖରେ ଉପସ୍ଥିତ ହୋଇ ବହୁବିଦ୍ୟାର ପରିଚୟ ଦେଲା । ତତ୍ପରେ ଅଙ୍କନରେ ସେ କୁଶଳୀ ଥିବାରୁ ସମସ୍ତ ଚିତ୍ରିତ ବସ୍ତ୍ର ଖଣ୍ଡିଏ ଦେଖାଇ ସମସ୍ତଙ୍କ ମନ ହରଣ କଲା । ଜାଗ୍ରତ ବିଦ୍ୟୁତ୍‌ପ୍ରଭଙ୍କ ରୂପଚିତ୍ରଟି ଦେଖି ନାୟିକା ମୁଗ୍ଧ ହୋଇଗଲା ଏବଂ ତାର ମନରେ ପ୍ରୀତି ଜାତ ହେଲା । (୯ମ, ୧୦ମ ଓ ୧୧ଶ ଛାନ୍ଦ)

ମହାଦେଈରାଜା ବୃଷଭାନୁଙ୍କ କୁମାର ନିତ୍ୟଚୈତନ୍ୟ ସଖାମାନଙ୍କସହ ମୃଗୟା ନିମିତ୍ତ ବନବିହାର କରିବାକୁ ବାହାରିଲେ । ସଙ୍ଗରେ ମୃଗୟୋପଯୋଗୀ ସାଜ ବସ୍ତ୍ର ସାମଗ୍ରୀ ନେଲେ । ସୈନ୍ୟମାନେ ମଧ୍ୟ ତା ସଙ୍ଗରେ ଗଲେ । ମୃଗୟା କରିବା ସମୟରେ ନିତ୍ୟଚୈତନ୍ୟ ବନ ମଧ୍ୟରେ ବାଟବଣା ହୋଇଗଲେ । ତା ସହିତ ମନ୍ତ୍ରୀପୁତ୍ର କେବଳ ଥିଲେ । ପୂର୍ବେ ଏକ ଉଦ୍ୟାନର ମଧ୍ୟସ୍ଥ ନଦୀ ତଟରେ ଉପସ୍ଥିତ ହେଲେ । ନଦୀ ତଟରେ କୁମାରୀ ଏକ ତନ୍ୱୀ ସୁନ୍ଦରୀକୁ ଦେଖି ତାର ଅପୂର୍ବ ଶୋଭାରେ ମୁଗ୍ଧ ହୋଇଗଲେ । ସୁନ୍ଦରୀ କୁମାରଙ୍କ ରୂପରେ ମୁଗ୍ଧ ହେଲେ । ନିର୍ଜନ ବନରେ ଭ୍ରମଣର କାରଣ ପ୍ରଶ୍ନ କରିବାରୁ ସୁନ୍ଦରୀ (ମାୟାବନୋଦ୍ଭବମୂର୍ତ୍ତିଧାରିଣୀ) କହିଲା, ମୁଁ କର୍ଣ୍ଣାଟ ରାଜାଙ୍କ ନନ୍ଦିନୀ । ପିତା ମୋର ବିବାହପାଇଁ ଆୟୋଜନ କଲେ । ମୁଁ ଦେଖିଲି ବର ଉପାଟନ କଲେ ସେଥିରେ ମୋର ମନ ବଳିଲା ନାହିଁ । ଉପବନବିହାର ଛଳରେ ନଗରରୁ ବାହାରି ଆସି ଗୋପନରେ ବନ ମଧ୍ୟକୁ ବାହାରି ଆସିଲି । ମୁଁ ବ୍ରହ୍ମାନନ୍ଦ ଯୋଗୀଙ୍କ ଶିଷ୍ୟା । ତାଙ୍କ ପ୍ରସାଦରୁ ମୋର କାହାକୁ ଭୟ ନାହିଁ । ବେତାଳ ଉପାସନା ମୁଁ ଜାଣେ ।" ରାଜକୁମାରର ପରିଚୟ ପ୍ରାପ୍ତ ହେବାରୁ ରାଜକୁମାରୀ ଅତ୍ୟନ୍ତ ଆନନ୍ଦିତା ହେଲା ଏବଂ ରାଜକୁମାରଙ୍କୁ ପତି-ରୂପେ ବରଣ କରିବାକୁ ଅଙ୍ଗୀକାର କଲା । ନିତ୍ୟଚୈତନ୍ୟାକୁ ପାଲିଙ୍କିରେ ବସାଇ ନିତ୍ୟଚୈତନ୍ୟ ସେଠାରୁ ପ୍ରସ୍ଥାନ କଲେ । କିନ୍ତୁ ପାଲିଙ୍କିରେ ନିତ୍ୟ-ଚୈତନ୍ୟା ନ ଥିଲା । ସେହି ବନରେ ନିତ୍ୟଚୈତନ୍ୟା ସହିତ ପୂର୍ବରୁ ଭେଟ ହୋଇଥିଲା । ମିଥ୍ୟାରେ ରାଜାଙ୍କୁ ବିବାହ କରିବେ ବୋଲି ମଧ୍ୟ କହିଥିଲା । ପାଲିଙ୍କିରେ ବସିଥିବା ଅବସ୍ଥାରେ ବାଟରେ ରାଜକୁମାରୀ ନଦୀକୁ ଯାଇ ପାଣି ପିଇବା ବାହାନାରେ ଖସି ପଳାଇଥିଲା । ( ୧୬ଶ, ୧୭ଶ ଛାନ୍ଦ )

ନେପାଳ ରାଜା ଖବର ନେଇ ବୁଝିଲେ ଯେ ନିତ୍ୟଚୈତନ୍ୟା ଉପଣ-ଚାଳକର ବିବାହ କରିବା ପାଇଁ ସ୍ଥିର କରିଛି । ସେ ଅପମାନର ପ୍ରତିଶୋଧ ନେବାକୁ ପ୍ରତିଜ୍ଞାବଦ୍ଧ ହେଲେ ଓ ବଳପ୍ରୟୋଗ କରି କନ୍ୟାକୁ ନେବା ଉଦ୍ଦେ-ଶ୍ୟରେ ଯୁଦ୍ଧ କଲେ । ସାଂଘାତିକ ଯୁଦ୍ଧ ହେଲା । ରାଜା ଯୁଦ୍ଧରେ ନିତ୍ୟଚୈତନ୍ୟଙ୍କଦ୍ୱାରା ପରାଜିତ ହୋଇ ଶରଣ ପଶି ପ୍ରାଣଭିକ୍ଷା କଲେ । ନିତ୍ୟଚୈତନ୍ୟଙ୍କ

ଦୟାପରବଶ ହୋଇ ମୁକ୍ତ କରିଦେଲ । ସେ ଯାହା ସ୍ଥାନକୁ ଗମନ କଲେ । ଦୂତ ଶିବିକାକୁ ଧରି କନ୍ଦର୍ପକେଳନ ମୁକ୍ତଭୂମି ତ୍ୟାଗକରି ଅନ୍ୟ ମାର୍ଗରେ ଗମନ କଲେ । ରାତ୍ରି ହେବାରୁ ମୁକ୍ତଭୂମିରେ ଡାକିନୀମାନେ ବିକଟ ନୃତ୍ୟକରି ଶବମାଂସରକ୍ତ ଭକ୍ଷଣ କଲେ । (୧୪ଶ ଛାନ୍ଦ)

ତାପରେ କନ୍ଦର୍ପକେଳନ ଶିବିକା ଶୂନ୍ୟଥିବା ଦେଖି ଶତ୍ରୁଦେଶଗାମୀ ଦୁଃଖିତ ହେଲେ; ଚିନ୍ତା ଓ ବିରହ ତାଙ୍କୁ ଆକୁଳିତ କଲା । ଏକ ଦିନ ମଧ୍ୟରେ ସୈନ୍ୟବାହିନୀ ଗମନ କରୁଥିବା ସମୟରେ ଜଣେ ଯୁବ ଅବଧୂତଙ୍କ ସହିତ ରାଜକୁମାରଙ୍କ ଦେଖାହେଲା । ସେବକ ଅବଧୂତଙ୍କୁ ଗମନ ଓ ଶିବିକାଶୂନ୍ୟ ପ୍ରସଙ୍ଗ ପ୍ରଶ୍ନ କରିବାରୁ ସେ ଏହାର ଭେଦ ଏହିପରି ବର୍ଣ୍ଣନା କଲେ—ବନରେ ନଦୀତଟରେ ଯେଉଁ ରମଣୀଙ୍କୁ କୁମାର ଦେଖିଥିଲ ସେ ପ୍ରକୃତରେ ମାନବୀ ନୁହେଁ, ମାୟାବତୀ । ଦଶଦେଶ ଏକତ୍ର ଦୁର୍ଗାଙ୍କୁ ଜଣାଇଲେ, "ରୁଧିର ମାଂସ ବିହୁନେ ହେଲୁ ଦୁଃଖିନୀ ।" ଏହାଙ୍କୁ ତୋଷିବା ପାଇଁ ଦୁର୍ଗା ମାୟାଙ୍କୁ ଆଜ୍ଞା ଦେଲେ । ମାୟା ମୋହିନୀ ରୂପରେ କନ୍ଦର୍ପ-କେଳନ ଓ ନେପାଳ ରାଜାଙ୍କୁ ଭ୍ରମରେ ପକାଇ ଯୁଦ୍ଧ ରଚନା କରାଇଲେ ଏବଂ ସ୍ୱକାର୍ଯ୍ୟ ସିଦ୍ଧି ପରେ ଅନ୍ତର୍ଦ୍ଧାନ ହୋଇଗଲେ । ଏହି ପ୍ରସଙ୍ଗ ବର୍ଣ୍ଣନା କରିବା ପରେ କୁନ୍ତଳାରେ ନିଜେ ରାଜକୁମାରୀ କମ୍ପିତ ହୋଇଥିବା ସୂଚନା କରାଇଦେଇ ଅଧୀର ନ ହେବାକୁ ଉପଦେଶ ଦେଲେ—କୁନ୍ତଳାରେ କନ୍ଦିଅଛି ସବୁ ଆଦେଶ, ତଥା ହେଲା ଅଟେ ଆପଣାଙ୍କ କର୍ତ୍ତା । ଏହି ସନ୍ଦର୍ଭରେ ନିଜକଳେବରରେ ଯଥେଷ୍ଟ ଜଙ୍ଗମ ନେଇଥିବା ବ୍ୟକ୍ତକଲେ ଏବଂ ସେ ରାଜକୁମାରୀ କୁମାରଙ୍କ ଉପଯୁକ୍ତ ପତ୍ନୀ ଥିବା କହିଲେ । ଯେତେ ବ୍ରହ୍ମାଣ୍ଡେ ନାରୀ, ତା ପାଦକୁ ନ ସରି, ଯାହାପାଇଁ ଶମ୍ଭୁ ହୋଇଛି ତା ଦାସୀ ପରି । ଏହାପରେ ଯୁବରାଜ ସ୍ୱଦେଶରେ ପ୍ରବେଶ ହେଲେ (୧୫ଶ ଛାନ୍ଦ) । ଜଙ୍ଗମ ନିଜକଳେବରରେ ଚିତ୍ରପଟକୁ ଦେଖାଇବାରୁ କୁମାର ମୁଗ୍ଧ ହୋଇଗଲେ । "ତୁମରେ ଶୁଣିଥିଲି ଭକ୍ତି ଭଣିବାକୁ ଦେବ । ନୃପସୁତ ତବ ସେବି ଦାସୀ ହେବ ସେ ।" କୁମାର ବଚନରେ କାତର ହେଲ । "କେବଳ ପଟକୁ ହୃଦତଟରେ ପକାଇ, ସ୍ୱାହା ସ୍ୱରୂପିଣୀ-ମୁଖୀ ଏଥି ସେ ବସିଥିଲ ସେ ।" (୧୬ଶ ଛାନ୍ଦ)

ଲୀଳାବତୀଙ୍କ ଏବେ କୁମାରର ଚିତ୍ରପଟ ଦର୍ଶନ କରିବା ପରଠାରୁ ବିରହବେଦନାରେ କାତର ହେଲା । ଚନ୍ଦ୍ରାଣୀ ଧାତ୍ରୀ—ଏ ତ ଆକୁଳ ଚିତ୍ରପଟ ଦେଖାଇଲା ବେଳରୁ ହୋଇଲା ସେହି ଚରିତ ଏ ସ୍ୱପ୍ନ । କୁମାରର ଏ ଅବସ୍ଥା ଦେଖି ଚିତ୍ରପଟ ଅଣି ତାକୁ ଦେଖାଇଲ । ତାହା କମଣ୍ଡଳୁ ଛୁଟି ପାଇବାରୁ ସଖୀମାନେ ପୂର୍ବେ ଶିବ ଦେଇଥିବା ବରକୁ ସ୍ମରଣକରି ଯୋଗିନୀ ମାଳିନୀଙ୍କୁ ପଟଚିତ୍ର ପ୍ରକୃତିର ପଶ୍ଚିମ ଆଣିବା ପାଇଁ ଅନୁରୋଧ କଲେ । (୧୭ଶ) ଶୁକ୍ଳପକ୍ଷରେ ମାଳିନୀ ବିଦେଶ ଭ୍ରମଣରେ ବାହାରିଲେ । ଓଡ୍ର, ମଗଧ, ମଗଧ, ଗୁଜରାଟ ସମସ୍ତ ଦେଶ ଭ୍ରମଣ କରି ମହାନଗରରେ ପ୍ରବେଶ କଲେ । ସେଠାରେ ସେ ମାୟା ମନ୍ତ୍ରୀଙ୍କ ଅନ୍ତଃପୁରରେ ରାଜନବର ରୂପରେ ପ୍ରବେଶ କରି କୁମାରଙ୍କୁ ଦେଖିଲେ । (୧୮ଶ) ପଇଠନ ସେ ରାଜ୍ୟର ମାଳୀଙ୍କୁ ଭଗିନୀରୂପେ ପରିଚୟ ଦେଇ ତା ସଙ୍ଗେ ମିତ୍ରତା କଲେ ଏବଂ ନାନାପ୍ରକାର ଚିତ୍ର ଦେଖାଇଲେ । ମାଳିନୀ ନିଜ ଦେଶର ଓ ଲୋକମାନଙ୍କ ପରିଚୟ ଦେଲେ । ତାଙ୍କ ହୃଦୟରେ ଯେଉଁ ପଦ୍ମଟି ଥିଲା ସେଥିରେ ଲୀଳାବତୀଙ୍କର ଚିତ୍ର ଅଙ୍କିତ ହୋଇଥିଲା । ତାକୁ ଦେଖି କୁମାର ଅତି ଆନନ୍ଦିତ ହେଲେ । ମାଳିନୀ ପୁନର୍ବାରରେ ଅନ୍ୟ ଦୋକାନରୁ କୁମାର ନାୟିକାର ରୂପକୁ ଦେଖିପାରିଲା । ତାହାକୁ ନ ଦେଖି ହଜେ ନୃପକୁମାରଙ୍କୁ, ଶୁଣ ଅଧିକ ଦେବେ ଲୀଳାବତୀଙ୍କୁ ସେ । ଏହି ଦୃଶ୍ୟ ଦେଖି କୁମାର ବିରହଜ୍ୱାଳାରେ ପୀଡ଼ିତ ହେଲା ଏବଂ ତା ଚକ୍ଷୁରୁ ଅଶ୍ରୁ ନିର୍ଗତ ହେଲା । ଅଶ୍ରୁଜଳରେ ଅଙ୍କିତ ଲୀଳାବତୀଙ୍କ ଚିତ୍ରପଟଦୃଶ୍ୟ ଅଦୃଶ୍ୟ ହୋଇଗଲା । କୁମାର ମାଳିନୀଙ୍କ ଅନୁରୋଧରେ ମହତ କୁମାରୀ ନିକଟକୁ ସନ୍ଦେଶରେ ଏକ ପତ୍ର ଲେଖିଲା । (୧୯ଶ ଛାନ୍ଦ)

ମାଳିନୀ ସ୍ୱଦେଶକୁ ପ୍ରତ୍ୟାଗମନ କରି ବିରହଜାତର କୁମାରୀ ସମ୍ମୁଖରେ ନୃପନନ୍ଦନର ଶୋଭା, ସ୍ୱଭାବ ଆଦର୍ଶ ରାଜତ୍ୱ, ରାଜ୍ୟର ଉନ୍ନତ ଅବସ୍ଥା, ଲୋକଙ୍କର ଅପୂର୍ବ ସୌନ୍ଦର୍ଯ୍ୟ ପ୍ରଭୃତି ବର୍ଣ୍ଣନା କଲେ; ଶେଷ ହସ୍ତରେ କୁମାରର ପତ୍ର ଦେଲେ (୨୦ଶ, ୨୧ଶ) । ନାୟିକା ଏହି ପତ୍ରପ୍ରାପ୍ତିରେ ପରମସନ୍ତୋଷ ଲାଭକଲା ଏବଂ ବିରହଦଶା ଭୋଗକଲା (୨୨ଶ) । ଲୀଳାବତୀ

ଅନୁଶଠନଙ୍କର ପଥ ପାଠକଙ୍କ ଭାବେ ସୁଖାଢ଼୍ୟ ବେଶମର ପରିଚୟ ପାଇଲା । କୁମାର ନାୟିକାକୁ ଉତ୍ତର ଦେବାପାଇଁ ଅନୁରୋଧ କରାଇଥିଲା । ପ୍ରତି ଉତ୍ତରକୁ ପ୍ରିୟେ ଲେଖିଛନ୍ତି, ଦୋଷ ଥିଲେ ଏଥିରେ ଉପେକ୍ଷିଛନ୍ତି । (୨୩ଶ)

ଜେମାର ତନୁ ଶୀର୍ଣ୍ଣ ହୋଇଯିବା ଦେଖି ଜନନୀ ରାଣୀ ଅତ୍ୟନ୍ତ ଦୁଃଖିତ ହେଲେ ଏବଂ ଧାତ୍ରୀ ପରିଷ୍କାରଙ୍କ ପରାମର୍ଶ ମତେ ଜେମାର ବିବାହ କରାଇଦେବା ନିମନ୍ତେ ରାଜାଙ୍କୁ କହିଲେ । ରାଜା ସ୍ୱୟମ୍ବରର ଆୟୋଜନ କଲେ । ବୈଶାଖ କୃଷ୍ଣ ଦ୍ୱିତୀୟା ଦିନ ବିବାହ ସ୍ଥିର ହେଲା । ମନ୍ତ୍ରୀ ବିଭିନ୍ନ ଦେଶକୁ ଦୂତ ପଠାଇ ସ୍ୱୟମ୍ବର ବିଷୟ ଜଣାଇବା ବ୍ୟବସ୍ଥା କଲେ । ଓଡ଼ଗଣ୍ଡ, ମଗଧ, କଳିଙ୍ଗ, ଗୁଜରାଟ, ମହାରାଷ୍ଟ୍ର ପ୍ରଭୃତି ରାଜ୍ୟକୁ ଭଟ୍ଟ (ଦୂତ) ଗଲେ । ଏହି ମହାନଗରୀରେ ପହଞ୍ଚି ନଗର ଶୋଭାରେ ମୁଗ୍ଧ ହୋଇ ରାଜକୁମାର ଅନୁଶଠନଙ୍କ ସଙ୍ଗେ ଆଲୋଚନା କରି ସ୍ୱୟମ୍ବର ବିଷୟ ଶୁଣାଇଲେ (୨୯ଶ ଛାନ୍ଦ) । କୁମର ପିତାମାତାଙ୍କଠାରୁ ଆଦେଶ ପାଇ ସ୍ୱୟମ୍ବରକୁ ଯିବାପାଇଁ ସ୍ଥିର କଲେ ଏବଂ ଜେମାଠାରୁ ପ୍ରତି ଉତ୍ତର ଆଶାରେ ଅପେକ୍ଷା କରି ରହିଲେ । ଜେମାର ମନ ମଧ୍ୟ ଉଦ୍‌ବେଗରେ ରହିଲା । ସଖୀଙ୍କ ପରାମର୍ଶକ୍ରମେ ଗୁପ୍ତଭାବରେ କୁମରଠାକୁ ପତ୍ର ଦେବା ସ୍ଥିର କଲା । "ତୋର ନାଗର ତୁ ତ ଜାଣୁଥିବୁ, ଲୋକ ପଢ଼ିବା ତୋ ମନକୁ ଜଣାଇବେ । କେତେ କାଳ ଥିବୁ ଲାଜ ଧରିବେ, ରତିଦେବ ନିଜ ହରିବେ ଚିତ୍ତରେ ।" ଜେମା ଆଜ୍ଞାକାରୀ ରକ୍ଷକର ଶଶୀ ନାମରେ ଚତୁର ଦୂତୀ ମାଳିନୀଙ୍କ ହାତରେ କୁମାର ନିକଟକୁ ପଠାଇଲା । (୨୫ଶ ଛାନ୍ଦ)

କୁମାର ବିରହଜ୍ୱାଳାରେ ପୀଡ଼ିତ ହେଉଥିଲା । ଜେମାର ଅନୁକୂଳ ଚାତୁରୀ-ପତ୍ର ପାଇ ଅତ୍ୟନ୍ତ ଆନନ୍ଦିତ ହେଲା । "ଧାତ୍ରୀ କି ଧାତ୍ରୀ ବରିଲ ସମାନ ଉତ୍ତର ହେ, ତ୍ରିଭୁବନେ ପୀୟୂଷ ଶ୍ରୁତିରୁ ଧାର ଧାର ହେ ।" "କେବଳ ବାଳା ଦେଖିବାକୁ ଏଠାରେ । ମନ ଅଛି ତୁମ୍ଭ ସନ୍ନିଧାନରେ ହେ ସୁନ୍ଦରୀ ।"

(୨୬ଶ, ୨୭ଶ ଓ ୨୮ଶ ଛାନ୍ଦ)

ମାଳଣୀ କୁମରଙ୍କୁ ଚଟାଉ ଦେଖାଇଲା କୁମାରର ଅନୁକୂଳ ସ୍ୱଭ-କଙ୍ଗୀର ଦର୍ଶନ ଧାରଣା କରି ସ୍ୱଦେଶକୁ ଫେରି ଆସିଲେ ଏବଂ ଜେମାକୁ ଏକଥା ଜଣାଇବାକୁ ସେ ଅତ୍ୟନ୍ତ ଅସ୍ଥିର ହେଲେ । (୨୯ଶ ଛାନ୍ଦ)

ଜୟଚନ୍ଦ୍ରଳକ ପିତାଙ୍କ ଆଦେଶ ପାଇ ସ୍ୱୟମ୍ବରରେ ଯୋଗ ଦେବା ନିମନ୍ତେ ସଖା ଓ ସୈନ୍ୟସାମନ୍ତଙ୍କ ସଙ୍ଗରେ ନେଇ ତେଲିଙ୍ଗ ଦେଶକୁ ଯାତ୍ରା କଲେ । (୨୯ଶ ଛାନ୍ଦ)

ଚାନ୍ଦ୍ରିକାଙ୍କୁ ପାଇଲେ କି ପ୍ରକାରେ ରବାଙ୍କୁ ଭାର୍ଯ୍ୟା ସମ୍ପନ୍ନ ହେବ, କି ପ୍ରକାର ଦାମ୍ପତ୍ୟ ଲୀଳା କରିବେ — ଏହି ଭାବନା ନାୟକ ମନରେ ଉଦୟ ହେଲା ଏବଂ ସେ ସ୍ୱପ୍ନ ଦ୍ରବୀଭୂତ ହୋଇ ନିଜକୁ କହୁଛନ୍ତି—"କଳ୍ପନାରେ କି ହୋଇବ, ଯେମନ୍ତ ଦଇବ କରିବ, ତା ଭଲ ହୋଇବ କି ।"

(୩୦ଶ ଛାନ୍ଦ)

ଲକ୍ଷକନ୍ୟାଙ୍କ ଅଟ୍ଟାଳି ଉପରେ ବସି ନଗର ଭିତରେ ପ୍ରବେଶ କରୁଥିବା ରାଜକୁମରମାନଙ୍କୁ ନିରୀକ୍ଷଣ କରୁଥିଲେ । ଜୟମଣ୍ଡଳକର ପଦ୍ମାଭ ଦେଖି ସେ ଆନନ୍ଦିତ ହେଲେ । "ହରେ କରିଛୁ ଅମାର ଉପରେ, ସେ କୋ ପଦ୍ମ ଲଗିଛୁ ହୃଦାନ୍ତରେ ।" ଉଭୟଙ୍କର ଶୁଭଦୃଷ୍ଟି ମିଳନ ହୋଇସିବାରୁ ଉଭୟେ ପରମ ଆନନ୍ଦ ଲାଭ କଲେ । ରାଜକୁମାରଙ୍କୁ ତୋରଣଦ୍ୱାରରେ ବସା ମିଳିଲା । ମାଳଣୀ ପେଡ଼ାରେ ପ୍ରବେଶ ହେବାରୁ ତାଙ୍କ ହସ୍ତରେ କୁମାର ଜେମା ନିକଟକୁ ଏକ ଚଟାଉ ଦେଲେ । (୩୧ଶ ଛାନ୍ଦ)

କୁମାରର ଲେଖ ପଢ଼ିଲା । (୩୨ଶ ଛାନ୍ଦ)

ଜେମା ଚଟାଉ ପାଇ ଅତ୍ୟନ୍ତ ପ୍ରୀତ ହେଲା ଏବଂ ପ୍ରେମିକ-ଅନୁରକ୍ତାରେ ବ୍ୟାକୁଳ ହୋଇ "ସମ୍ପୂର୍ଣ୍ଣ ଛଳକୁ ପାଇ, ପୁନଃପୁନଃ ଫେଡ଼ି ପଢ଼ଇ ।" ( ୩୨ଶ, ୩୩ଶ ଛାନ୍ଦ )

ସ୍ୱୟମ୍ବର ନିମନ୍ତେ ମଣ୍ଡପ ନିର୍ମିତ ହୋଇ ତଥବାତରେ ମଣ୍ଡିଣି ହେଲା । ବାଦ୍ୟ ବାଦ୍ୟ ଓ ବାଣରେ ତ୍ରିଭୁବନ ଉଛୁଳିଲା । (୩୩ଶ ଛାନ୍ଦ)

ସ୍ୱୟମ୍ବର ମଣ୍ଡପରେ ସବୁ ରାଜା ଉପସ୍ଥିତ ହେଲେ । ମାଳିନୀ ସେମାନଙ୍କୁ ଜଣ ଜଣ କରି ସମସ୍ତଙ୍କ ପରିଚୟ ଦେଲା । ଲାବଣ୍ୟବତୀ ନୃପନନ୍ଦନଙ୍କୁ ବରଣମାଳା ଦେଇ ପତିରୂପେ ନିର୍ବାଚନ କଲା । (୩୪ଶ ଛାନ୍ଦ)

ବରକନ୍ୟାଙ୍କ ବିବାହ ମହାସମାରୋହରେ ସମାପ୍ତ ହେଲା ।(୩୫ଶ ଛାନ୍ଦ)

ଶର ଭବନ ନଶ୍ରୀ ପ୍ରବେଶ ହୁଅନ୍ତେ ମଧୁଶଯ୍ୟା ମଣ୍ଡିଣି ହେଲା । କୁମାର କେଳି ମନ୍ଦିରରେ ପ୍ରବେଶ କଲେ । (୩୬ଶ ଛାନ୍ଦ)

ନାୟକ ନାୟିକାଙ୍କ ପ୍ରାଥମିକ ଲୀଳା । (୩୭ଶ ଛାନ୍ଦ)

କେଳିମନ୍ଦିରରୁ ବାହାରିବା ପରେ ସେମାନଙ୍କ ସଖୀମାନଙ୍କର ପରିହାସ । ନାୟକଙ୍କୁ ପ୍ରୌଢ଼ାପରକୀୟାଙ୍କ ପରିହାସ । (୩୮ଶ ଓ ୩୯ଶ ଛାନ୍ଦ)

କନ୍ୟାପିତା ବହୁଧନ ଯୌତୁକ ଦେଇ ବରକନ୍ୟାଙ୍କୁ ବିଦାୟ ଦେଲେ । (୩୯ଶ ଛାନ୍ଦ)

ନବବିବାହିତ ଦମ୍ପତିଙ୍କ ରଥ ଯାତ୍ରା । (୪୦ଶ ଛାନ୍ଦ)

ଗ୍ରୀଷ୍ମ ଓ ଶିଶିର ଋତୁର ବର୍ଣ୍ଣନା ଓ ନାୟକ ନାୟିକାଙ୍କ ଦାମ୍ପତ୍ୟ ବିହାର । (୪୧ଶ ଓ ୪୨ଶ ଛାନ୍ଦ)

ବସନ୍ତ ଋତୁ ବର୍ଣ୍ଣନା ଓ ନାୟକର ନାୟିକା ସହିତ ବିହାର । ଉପବନର ମଣ୍ଡପରେ ପ୍ରିୟା ସହିତ ପ୍ରେମାଳାପ କରୁଥିବା ସମୟରେ ଏକ ସିଂହ ବାହାରି ଆସି ସ୍ତ୍ରୀମାନଙ୍କୁ ଆକ୍ରମଣ କଲା । ତାର ଘୋର ଗର୍ଜନ ଶୁଣି ସମସ୍ତେ ଭୟ କଲେ । ଯାଇ ନୃପନନ୍ଦନଙ୍କ ପ୍ରିୟା କୋଳରୁ ଉଠିଆସି ସିଂହକୁ ମାରିବା ପାଇଁ ବାଜି ଅନ୍ୱେଷଣ କରିଥିଲେ । "ମୋ ଦେଶରେ କାହି ଭୟ, ହେଲେ ହୋଇବ ଦୁର୍ଜୟ । କି ପ୍ରୟୋଜନ ମୋ ବାହୁ ବଳ ଲୋକଙ୍କୁ ଏ କାଳେ ।" ସିଂହ ସହିତ ଯୁଦ୍ଧକରି 'ରସିକରାଜ' ଯୁବରାଜ ତାକୁ ଧ୍ୱଂସ କରିଦେଲେ । ସମସ୍ତେ ଧନ୍ୟ ଧନ୍ୟ କଲେ । ପରେ ଭୋଗୀ ରାଜାଙ୍କ ଶୋଭାକର ଯୁବରାଜ ନୃପନନ୍ଦନଙ୍କୁ ତାଙ୍କ ରାଜ୍ୟରେ ଶାସକରୂପେ ପଠାନ୍ତି , ରହି

ବନ୍ଧ୍ୟାଦାନ କରିବାକୁ ପ୍ରାର୍ଥନା କରିବାରୁ ଅପୁତ୍ରକଙ୍କ ଶିବାର ସତ୍ୟ ଦେଲେ। ନାରଦ ଋଷି ଏହି ସମ୍ବାଦ ରାଜାଙ୍କର ମାତାପିତାଙ୍କୁ ଦେବାପାଇଁ ଗଲେ। ପିତାମାତା ପୁତ୍ରର ସମ୍ବାଦ ନପାଇ ଦୁଃଖରେ ମୃତ୍ୟୁମୁଖ ଥିଲେ। କବଦବାନ୍ଧବା ପତ୍ନୀ ପତିଙ୍କ ଦର୍ଶନ ବିନା ମନଦୁଃଖରେ ରହିଥିଲେ। ନାରଦ କାହାଣୀ ଦ୍ୱାରା ସମ୍ବାଦ ଦେଇ ଅନ୍ତର୍ଦ୍ଧାନ ହେଲେ। (୪୩ଶ ଛାନ୍ଦ)

ଗ୍ରୀଷ୍ମ,ଋତୁ ବର୍ଣ୍ଣନା ଓ ଏ ଋତୁରେ ନାୟକନାୟିକାଙ୍କର ବିରହ ବେଦନା। (୪୪ଶ ଛାନ୍ଦ)

ବର୍ଷା ଋତୁ ବର୍ଣ୍ଣନା, ନାୟକ ନାୟିକାଙ୍କ ବିରହ ଅନୁଭୂତି। (୪୫ଶ ଛାନ୍ଦ)

ଶରତ ଋତୁର ବର୍ଣ୍ଣନା ଓ ନାୟକର ବିରହ। ଶରତ ଋତୁ ଉପସ୍ଥିତ ହେବାରୁ ସତ୍ୟପାଳଙ୍କ ପୂର୍ତ୍ତି ହେଲା। ଅପୁତ୍ରକଙ୍କ ସ୍ଥାନରେ ପାଦସେବା କରି ଆକାଶ ମାର୍ଗରେ ସ୍ୱଦେଶକୁ ଫେରି ଆସିଲେ। (୪୬ଶ ଛାନ୍ଦ)

ନାୟକର ସ୍ୱପୁର ପ୍ରବେଶ ଓ ପ୍ରିୟା ଦର୍ଶନ ଅନୁଭୂତି। (୪୭ଶ ଛାନ୍ଦ)
ନାୟକ ନାୟିକାଙ୍କ ବିରହାନ୍ତେ ଭେଟ ଓ କେଳିପୁରରେ ପ୍ରବେଶ। (୪୮ଶ ଛାନ୍ଦ)

ନାୟକର ନାୟିକାକୁ ପ୍ରବୋଧ ଓ ସ୍ତୁତିବଚନ। (୪୯ଶ ଛାନ୍ଦ)

କନ୍ଦର୍ପପୀଡ଼ିତା ନାୟିକାର ମାନ। ନାୟକର ପ୍ରବାସ ସମୟରେ ପ୍ରୋଷିତାର ବିରହ ବର୍ଣ୍ଣନା। (୫୦ଶ ଛାନ୍ଦ)

ନାୟକନାୟିକାଙ୍କ ଦାମ୍ପତ୍ୟକେଳି। (୫୧ଶ ଛାନ୍ଦ)

ସ୍ୱଦେଶକୁ ଫେରିବା ପରେ ପ୍ରଜାମାନେ ରାଜା କୃଷ୍ଣଦେବ ଉତ୍ସବ ମହା ଆଡ଼ମ୍ବରରେ କରିଥିଲେ। ରାଜାଙ୍କ ପରେ ରାଜା ଯୁବରାଜଙ୍କୁ ନିଜ ବଂଶକୁ ତାଙ୍କ ଶ୍ରୀ ମନ୍ତ୍ରୀ ପ୍ରମୁଖଙ୍କ ଆଗରେ ନିଶ୍ଚୟ କରି, ସକଳ ସଂସାର, ବାସୁଦେବ ଉପାସନା ପ୍ରଭୃତି ବିଷୟରେ ଉପଦେଶ ଦେଲେ।

ରାଜା ବୈଷ୍ଣବ ଦୀକ୍ଷା ନେଇ ବ୍ରଜଧାମ ବୃନ୍ଦାବନକୁ ସପତ୍ନୀକ ଗମନ କଲେ । ଯୁବରାଜ ରାଜସିଂହାସନରେ ଉପବେଶନ କଲେ ।

କାବ୍ୟଟି ଅସମ୍ପୂର୍ଣ୍ଣ ଥିଲା; ପରେ ସମ୍ପୂର୍ଣ୍ଣ ହେଲା—କବି ଏହାଧିକ ଛାନ୍ଦରେ ସ୍ୱ କୃତମାନଙ୍କର ଯେଉଁ ତାଲିକା ଦେଇଛନ୍ତି ସେଥିରେ ‘ଲଳିତ-ଲୋଚନା’ର ନାମ ନ ଥିବା ଦେଖାଯାଏ । ସମ୍ଭବତଃ ଲଳିତଲୋଚନା କାବ୍ୟଟି ବହୁକାଳ ଅସମ୍ପୂର୍ଣ୍ଣ ରହିଥିବାରୁ କବି ତାକୁ ତାଲିକାର ଅନ୍ତର୍ଭୁକ୍ତ କରି ନାହାନ୍ତି । କାବ୍ୟଟି ପୁରାଣାନୁମୋଦିତ ବା ପୁରାଣାନ୍ତର୍ଗତ ବିଷୟବସ୍ତୁ ଉପରେ ପ୍ରତିଷ୍ଠିତ ନ ହୋଇ କାଳ୍ପନିକ ଥିବାରୁ ରସିକମାନେ ତାକୁ ଆଦର କରିବା ସମ୍ଭବ ଥିଲେ ମଧ୍ୟ ‘ଦ୍ରୁତ ପରିବାର’ ଙ୍କୁ କାଳ୍ପନିକ ବା ଅଶାସ୍ତ୍ରୀୟ ବୋଲି ଦୂଷଣ କରିବାକୁ କୁଣ୍ଠାବୋଧ କରିବା ସମ୍ଭାବନା ହେଉଥିବାରୁ କବି ତାକୁ ଅସମ୍ପୂର୍ଣ୍ଣ ରଖିବା ଓ ତାଲିକାଭୁକ୍ତ କରି ନ ଥିବା ସମ୍ଭବ । ବହୁ କାଳ ପରେ କବିଙ୍କ ଗାଢ଼ ଭକ୍ତି ପାଇଥିବା ଓ ଅସମ୍ପୂର୍ଣ୍ଣ ଲଳିତଲୋଚନା ସାହିତ୍ୟ-ରସିକମାନଙ୍କର ଆଦର ଲାଭ କରିପାରିଥିବାରୁ ସଦାନନ୍ଦ ତାକୁ ସମ୍ପୂର୍ଣ୍ଣ କରିଥିଲେ ବୋଲି ମନେହୁଏ ।

କବି ଅଠାଇଶ ଛାନ୍ଦରେ ନାୟକନାୟିକାଙ୍କ ମିଳନର ଉଲ୍ଲେଖ କରି ଛାନ୍ଦ ଶେଷ କରିଛନ୍ତି । ଏହାପରେ ଛାନ୍ଦଟି ଶେଷ କରିବା କବିଙ୍କ ଇଚ୍ଛା ଥିଲା, କିନ୍ତୁ ‘ମନଭ୍ରମର’ ତାହା କରିବାକୁ ଦେଲା ନାହିଁ । କବି ପୁଣି ନାୟକ ନାୟିକାଙ୍କ ପୁନର୍ମିଳନ, ଯୁଦ୍ଧ, ବିଦେଶଦୁଃଖ, ମାନ-ଭଞ୍ଜ, ସ୍ୱଦେଶ ପ୍ରତ୍ୟାଗମନ ପରେ ଦାମ୍ପତ୍ୟ ଲୀଳା ବର୍ଣ୍ଣନା କରିଛନ୍ତି । ଏହାପରେ ଶେଷ ଛାନ୍ଦରେ ଯୁବରାଜଙ୍କ ରାଜ୍ୟାଭିଷେକ ଓ ପିତା-ରାଜାଙ୍କ ସସ୍ତ୍ରୀକ ବୃନ୍ଦାବନ ଯାତ୍ରା ବର୍ଣ୍ଣନା କରିଛନ୍ତି ।

ଲଳିତ-ଲୋଚନା ପଦ ପ୍ରବେଶ,
ବୃଷି ଅଠାଇଶ ଛାନ୍ଦ ହେଲା ଶେଷ ।
ଏକ ଭ୍ରମର ଥିଲା ମୋ ମନରେ
ପୁଣି ବା ଆଜିକୁ ମନ ବଳି ଦେଲା ।୨୦। (୩ଶ ଛାନ୍ଦ)

ଏତ ଗୁଡ଼ିଏ ଛାନ୍ଦ ଅଧିକ ଦେଇଥିବାରୁ ମଧ୍ୟ କାବ୍ୟର ଘଟଣାପ୍ରବାହରେ କୌଣସି ପ୍ରକାର ଛେଦ ହୋଇନାହିଁ । ନାୟକ ନାୟିକା, ନାୟକଙ୍କ ପିତାଙ୍କ ଚରିତ୍ରଚିତ୍ରଣ ମୂର୍ତ୍ତିଙ୍କ ଭଳି କରିଥିବାରୁ ଜଣାପଡ଼େ । ନାୟକ ଓ ନାୟିକା କେବଳ ଯୌବନ-ସ୍ୱପ୍ନର କାମୁକ-କାମୁକୀ ନରନାରୀ ନୁହନ୍ତି, ଶିକ୍ଷିତ ଓ ସୁଭଦ୍ର, ସମ୍ମାନ୍ୟ ମଧ୍ୟ । କବି ବୈଷ୍ଣବ ଓ ବୈଷ୍ଣବଧର୍ମ ପ୍ରଭାବିତ ଥିବାରୁ ନାୟକର ପିତାଙ୍କୁ ପରମ ବୈଷ୍ଣବ କରିଛନ୍ତି ଏବଂ କୃଷ୍ଣଲୀଳା ଅଭିନୟ ପରେ ବୈରାଗ୍ୟ ଉଦୟ ହୋଇଥିବା ଦର୍ଶାଇ ସିଂହାସନ ତ୍ୟାଗକରି ଶ୍ରୀଜି ବୃନ୍ଦାବନ ବାସ କରିବା ପାଇଁ କରାଇଛନ୍ତି ।

ପରବର୍ତ୍ତୀ ଅଧିକା ଗୁଡ଼ିଏ ଛାନ୍ଦ ଭିତରେ ପୂର୍ବ ଉକ୍ତ ବିଷୟ ସ୍ଥାନରେ ବର୍ଣ୍ଣିତ କେତେକ ସ୍ୱଭାବର ପୁନରାବୃତ୍ତି ହୋଇଛି ମାତ୍ର; ବର୍ଷା, ମାନ ଓ ବସନ୍ତ ଋତୁରେ ବିରହବର୍ଣ୍ଣନା ଏହାର ନିଦର୍ଶନ ।

ଲଳିତଲୋଚନା କାବ୍ୟଟି ଅସମ୍ପୂର୍ଣ୍ଣ ଅବସ୍ଥାରେ ଥିବା ବେଳକୁ ଲୋକ-ପ୍ରିୟ ହୋଇ ପାରିଥିବା କଥାକୁ କବି ନିଜେ ଲେଖିଛନ୍ତି । ଏହା ତାଙ୍କ ମନରେ ବହୁତ ଆନନ୍ଦ ଜାତ କରାଇଛି ।

ଶେଷ ଭଲ ଅଷ୍ଟାଦଶ ଛାନ୍ଦ ହେଉ ଯୁକତେ,
ମୋହ ପ୍ରଭୁ ସୁଧୀ ସଦାନନ୍ଦ ହେଉ । ୫୩ ।
ଲଳିତଲୋଚନା ଗୀତ, କେଶରୀ ଲେଖେ ବହୁତ,
ଯେବେ ହୋଇନାହିଁ ସମାପତ ହେଇ ଯୁକତେ,
ଏଣୁ ବହୁତ ଆନନ୍ଦ ବଢ଼ି ହେଉ । ୫୪ । (୮୧ଶ ଛାନ୍ଦ)

ପାତ୍ରପାତ୍ରୀ—ସଦାନନ୍ଦ 'ଲଳିତଲୋଚନା'ର ନାୟକନାୟିକା, ପାତ୍ରପାତ୍ରୀ ସମସ୍ତଙ୍କୁ ସୁଶିକ୍ଷିତ, ଶୀଳବାନ୍ ଓ ବିବେକୀ କରିଛନ୍ତି । ରାଜପରିବାରର ସୁଶିକ୍ଷାର ଏକ ଚିତ୍ର ଦେଇ ସମସାମୟିକ ଏକ ସାମାଜିକ ଚିତ୍ରରେ ଅଙ୍କନ କରି ପାରିଛନ୍ତି । ଚରିତ୍ରଗତ ସ୍ୱଭାବସ୍ଥ ସଂସ୍କାରର ଆଭା ଏଥିରେ ଦେଖା ଯାଉଛି, କୌଣସିଠାରେ କୌଣସି ପାପ ଶାଳୀନତାବର୍ଜନ କାର୍ଯ୍ୟ

କରିଥିବା ଜଣା ଯାଉଅଛି । ଦାସ, ଦାସୀ, ସଖା, ସଖୀ, ପୁରୋହିତ, ସେନା, ଘୋଡ଼ା, ହସ୍ତୀ, ମାଳିନୀ ବାରାଙ୍ଗିନୀ, ଇତ୍ୟାଦି ପ୍ରତ୍ୟେକ ସ୍ୱ ସ୍ୱ ମର୍ଯ୍ୟାଦାନୁସାରେ ଚଳିଛନ୍ତି; କେହି ମର୍ଯ୍ୟାଦା ଲଙ୍ଘନ କରି ନାହାନ୍ତି ।

ରାଜା ଅତି ପଣ୍ଡିତ, ବିବେକୀ, ପ୍ରଜାନୁରଞ୍ଜକ, ଗୁଣଗ୍ରାହୀ । ଯୁବରାଜ ଉଚ୍ଚଶିକ୍ଷିତ, ବୀର, ବିବେକୀ ଓ ପ୍ରେମିକ । କନ୍ୟା ଉଚ୍ଚଶିକ୍ଷିତା, ବିବେକିନୀ, ପ୍ରେମିକା । ଯୁବରାଜଙ୍କ ସଖା ଓ କନ୍ୟାଙ୍କ ସଖୀମାନେ ଉଚ୍ଚଶିକ୍ଷିତ, ସଖାଯୋଗ୍ୟ, ଚତୁର, ଶୀଳବାନ୍; ମାଳୁଣୀ ଶିକ୍ଷିତା, ବାକ୍‌ପଟୁ, ଚତୁରା ଓ ମର୍ଯ୍ୟାଦାବତୀ । ଇତ୍ୟାଦି ଉଚ୍ଚଶିକ୍ଷିତ, ବହୁଶାସ୍ତ୍ରଜ୍ଞ, ଉତ୍କୃଷ୍ଟ ଚିତ୍ରକର ଓ ବାକ୍‌ପଟୁ ।

ରାଜ୍ୟ ସମୃଦ୍ଧିଶାଳୀ, ପ୍ରଜା ସୁଖୀ । ରାଜା ସୁଶାସକ, ରାଜପଣ୍ୟଶାଳାରେ ପୃଥିବୀର ବିଭିନ୍ନ ଦେଶର ଉତ୍କୃଷ୍ଟ ପୋଷାକ ତଥା ଖାଦ୍ୟ, ଅସ୍ତ୍ରଶସ୍ତ୍ର ପ୍ରଭୃତିର ବିଦ୍ୟମାନତା ଏହାର ପ୍ରମାଣ ।

ପାତ୍ରପାତ୍ରୀମାନଙ୍କର ଶିକ୍ଷା ଉନ୍ନତ ଧରଣର ଥିଲା । ଅବଶ୍ୟ ରାଜପରିବାର ଓ ସେ ସମ୍ପର୍କୀୟ ସେବକ ସମ୍ପ୍ରଦାୟର ଲୋକଙ୍କ ସଂଖ୍ୟା ପାତ୍ରପାତ୍ରୀ ଭିତରେ ଅଧିକ ଥିବାରୁ ସ୍ଥାନସୂଚକ ଉଚ୍ଚଶିକ୍ଷା ବିଦ୍ୟମାନ ଥିବା ସ୍ୱାଭାବିକ ।

କୈଶୋର ଅବସ୍ଥାରେ ଚନ୍ଦ୍ରଭାନୁ ବହୁବିଦ୍ୟାରେ ପାଣ୍ଡିତ୍ୟ ଅର୍ଜନ କରି ପାରିଥିଲେ । ବ୍ୟାକରଣ, କାବ୍ୟ, ନାଟକ, ଅଳଙ୍କାର, ତର୍କଶାସ୍ତ୍ର, ଶସ୍ତ୍ରଶାସ୍ତ୍ର, ଜ୍ୟୋତିଷ, ଆୟୁର୍ବେଦ, ଶିଳ୍ପବିଦ୍ୟା, କାମଶାସ୍ତ୍ର ଓ ସଙ୍ଗୀତ ପ୍ରଭୃତି ବିଷୟରେ ପାରଦର୍ଶିତା ଲାଭ କରିଥିଲେ । ‘‘ଶାରଦାର ଉତ୍ସାହରେ ବିଦ୍ୟା ସେବିତ, ବୃଦ୍ଧେ ବଢ଼ିଲା ଅଶ୍ରମେ ରୂପେଣ ।’’ ହୁଣି ‘‘ସର୍ବ ଗୁଣରେ ରତ୍ନାକର’’ ହୋଇଗଲେ । (୨ୟ ଛାନ୍ଦ)

ଚିତ୍ରାଙ୍କନ ବିଦ୍ୟା ସେ ସମୟରେ ବହୁ ଆଦର ଲାଭ କରିଥିଲା । ବିଶେଷତଃ ରାଜପରିବାରରେ ରାଜକୁମାର ଓ ରାଜକୁମାରୀମାନଙ୍କର ଚିତ୍ର

ଜୀବନରେ ବହୁଳ ଦେଶରେ ଭ୍ରମଣ କରି ଶେଷରେ ଯାଜପୁରୀ ଅନ୍ବେଷଣ କରିବାକୁ ହେଉଥିବାରୁ ଦାରିଦ୍ର୍ୟ-ଲାଞ୍ଛନା ଏବଂ ଅର୍ଥକଷ୍ଟ ମଧ୍ୟରେ ପତିତ ହୋଇଥିଲେ । ତତ୍କାଳ ଲୀଳାମାନେ ଉତ୍କଳରେ ମଞ୍ଚ କରି ବହୁ ଅର୍ଥ ଉପାର୍ଜନ କରୁଥିଲେ । ଏହି ଯାତ୍ରା ସାଧାରଣତଃ ପୌରାଣିକ ବିଷୟକୁ ଅବଲମ୍ବନ କରି ରଚିତ ହୋଇଥାଏ । ରାମାୟଣ, ମହାଭାରତ ଓ ଭାଗବତ ପ୍ରଭୃତି ଜନପ୍ରିୟ ଧାର୍ମିକ ଗ୍ରନ୍ଥମାନଙ୍କର କଥା ଏହି ଯାତ୍ରାମାନଙ୍କରେ ରଚିତ ହୋଇଥାଏ । ଯାତ୍ରାପ୍ରଦର୍ଶକ ନାନା କାବ୍ୟ ଓ ପୁରାଣରୁ ଗୀତାଦି ବାଦ୍ୟ ସହ ଆସ୍ବାଦନ କରି ଦର୍ଶକମାନଙ୍କୁ ଶୁଣାଏ । ଏହି ଲୀଳାଭିନେତା କାର୍ଯ୍ୟରେ ଜଙ୍ଗମ ଜଣେ ଭକ୍ତଗୋଷ୍ଠୀର ଚଳ ଅନୁସନ୍ଧାନ ଓ ଯନ୍ତ୍ରପ୍ରଦର୍ଶନ । ଦେଶବିଦେଶରେ ଯଶଲାଭ ତାଙ୍କର ପ୍ରଧାନ ଆଦର୍ଶ ଥିଲା । ଶିବଙ୍କ ଅନୁଷ୍ଠ କରି ଜଙ୍ଗମ ସମ୍ପ୍ରଦାୟର ଶିବକୁ 'ତତ୍ତ୍ୱରୂପ' କରି ଲେଖିଲେ; ଚଳ ଓ ଅର୍ଥ ଏକାକାର ଦେଖାଇଲେ, କିନ୍ତୁ ଦେଖା ନ ଗଲେ ।

ଶିବ ତୋହେଁ ତତ୍ତ୍ୱରୂପ ଲେଖିଲି,
ଏକାକାର ଭିନ୍ନ ତା ନ ରହିଲା । (ଐ ଗ୍ରନ୍ଥ)

ଏହି ଉପଦେଶକୁ ଧରି ସେ ଦେଶ ଦେଶାନ୍ତର ପର୍ଯ୍ୟଟନ କଲେ ।

ବାଲ୍ୟ ସମୟରେ ସ୍ୱଜନକୁଟୁମ୍ବମାନେ ମଧ୍ୟ ଶିକ୍ଷୟିତ୍ରୀଙ୍କଠାରୁ ବିଦ୍ୟାଧ୍ୟୟନ କରୁଥିଲେ । ଲୀଳାଭିନେତା ଜଣେ 'ନ୍ୟାୟରତ୍ନ ଯୋଷା' (ବା ଅବଧାନ ସ୍ତ୍ରୀ)ଙ୍କ ଠାରୁ ବାଲ୍ୟଶିକ୍ଷା ଲାଭ କରିଥିଲେ । ଏହି ଶିକ୍ଷୟିତ୍ରୀ ବହୁ ବିଦ୍ୟାରେ ବିଶାରଦା ଥିଲେ ।

ସଙ୍ଗୀତାଦ୍ୟ ସାହିତ୍ୟ ବାଦ୍ୟ ବେଦେ,
ଷଡ଼ଶାସ୍ତ୍ର ଅନ୍ତରେ ବସି ଚଳେ । (ଐ ଗ୍ରନ୍ଥ)

ବର୍ଣ୍ଣନା : (୯) ରୂପ : ଶବର—ସଦାନନ୍ଦ ନିସ୍ପାଶଙ୍କ ପ୍ରକାରେ କଳ୍ପିବ୍ରଣ କରିଥିଲେ । ସଙ୍ଗ୍ରାମ, ଯୁଦ୍ଧ ଓ କଟକ ବର୍ଣ୍ଣନାର ବହୁ ସାହିତ୍ୟ ଅଞ୍ଚଳ ସେ ତୁଳିଥିଲେ । ଏହି କାରଣରୁ ସାହିତ୍ୟ ଅଞ୍ଚଳର ନାୟକମାନଙ୍କୁ ଦେଖିବାର

ମୁକ୍ତାଧାରେ ଯାଉଥିଲେ । କବି ନୀଳକଣ୍ଠଙ୍କ ରଚନାରେ ନାସ୍ତିକ ନୃସିଂହଦେବଙ୍କର ମୃଗୟାବିନୋଦ ପ୍ରସଙ୍ଗରେ ଶବରମାନେ ମୃଗୟା ଯାତ୍ରାରେ ଅଂଶ ଗ୍ରହଣ କରିଥିବା ଲେଖିଛନ୍ତି । ଏହି ସ୍ଥଳରେ ଶବରମାନଙ୍କର ଏକ ସୁନ୍ଦର ଚିତ୍ର ସେ ଦେଇଛନ୍ତି । ଅନୁପ୍ରାସବହୁଳ ସୁନ୍ଦର ପଦଯୋଜନା ବର୍ଣ୍ଣନାଟିକୁ କବିତ୍ୱପୂର୍ଣ୍ଣ କରି ପାରିଛି ।

ନାକଶେରେ ବେଢ଼ନ୍ତି ଚଗରୀ ଶୃଙ୍ଗୀ ଫେଡ଼ିଲେ ଦାଢ଼ୀର ଯେ,
ଆଗରେ ଅତି ବେଗରେ ଚଳି ଆବେଶ ବନ୍ଧୁ ଶବର ଯେ ।

ଶବରମାନେ ଅନେକରେ ବା ଏକୁଟିଆ ଓ ଗ୍ରାମ୍ୟବନରେ ମୃଗୟା ଅନ୍ୱେଷଣରେ ଯୋଗ ଦେଉଥିଲେ । ସେମାନେ ସର୍ବଦା ଧନୁର୍ବାଣ ଧାରୀ ଥିବା ଥିଲେ । ମୃଗୟା ଏକ ଚିରାଚରିତ ରୂପେ ଗୃହୀତ ହୋଇଥିବାରୁ ସମ୍ପ୍ରଦାୟ-ଯୋଗୀ ବେଶଭୂଷା, ଭାବସ୍ୱଭାବ ସେମାନଙ୍କର ମନର ପ୍ରକୃତିକୁ ପୂର୍ଣ୍ଣ ସ୍ୱଭାବରେ ପ୍ରକାଶ କରୁଥିଲା ।

ମୁଣ୍ଡରେ କେଶ ଭୂଷଣରେ କରି ଚୂଳକୁ ଆଣି ଯୋଗୀକୁ ଯେ,
ପାନିଆ ଚଇଁ ଯେ କର୍ଣ୍ଣେ ଧୂଆଁମୁହାଁ ଖୋସି ଲଗାକୁ ଯେ ।
କାଚରୂପଶୀ ଗୋଡ଼ର ସିଁରେ ବାଙ୍କରେ ବେଣୀ ବାନ୍ଧିର ଯେ,
ବାଦଙ୍ଗ ଫୁଲ ଯେ ପଙ୍ଗତରେ ନା କର୍ଣ୍ଣେ କଣ୍ଠି କୁ ଭାଗ ଯେ ।

ଦଣ୍ଡ ଭ କେନ୍ଦୁ ମଣ୍ଡି ଭ ଜାଳ ପୁରଇଁ ଗୁଞ୍ଜ ଫଳରେ ଯେ ।
ଓଳଳ କାନ୍ଥା ଫଳ ଓଲଣ୍ଡା ମାଟିରେ ନାନା ଘଣ୍ଟରେ ଯେ ।
ଗଳାରେ ନାନା ଫଳରେ ମାଳ ବଣ୍ଟାଳ ଭବଙ୍ଗ ଯେ,
ବାଇକୁ ଟିଣ ପଛକୁ ବାନ୍ଧି ଲଟି କେବଳ ଲଙ୍ଗୁଡ଼ ଯେ ।

ସୁନ୍ଦରେ ଲୋକା ଡୋରିରେ ମୃଗ ପଛେ କେନ୍ଦୁ ତଳିଲ ଯେ,
ପଥରେ ପାନ୍ତୁ ହାତରେ ଧନୁ କରେ କେ ମାଂସ କବଳ ଯେ !
ଚାଉଳ ଧନୁ ଉପର କରି କୁରଙ୍ଗ ପଣ କୁହାଟି ଯେ,
ଫାଉଶୀ କରେ କରଧା ପରେ ଅଧର ଦନ୍ତେ ଘଷନ୍ତି ଯେ ।

ଅଠାରେ କାଠି ମୁଠାରେ ନଳୀ, ଅଙ୍ଗୀ ଖାଲ ଖଟିକ ଯେ,
ଧଳଣ ଯାଣ୍ଡ ସେପଣ ବାଘେ ଗ୍ରୀବାକୁ କରୁ ଶଠ ନ ଦେ ।
ନଖାଦର୍ଶ ସଂଘା ଦକ୍ଷିଣ ଜାନୁକୁ ଅଧ ଯୋଚଣ ଯେ,
ଅଙ୍କ ଖଳା ଟେଙ୍କ କରଣ ଲୁଚେଇ ବଡ଼ ଦୁଷ୍ଟକ ଯେ । (୨ଶ ଛାନ୍ଦ)

ନର୍ତ୍ତକୀମାନଙ୍କ ବେଶ ସମ୍ବନ୍ଧରେ ପଞ୍ଚଦଶ ଶତାବ୍ଦୀର ପ୍ରାଚୀନତମ ସାରଳା ଦାସ କୃତ ମହାଭାରତରେ ଓ ଷୋଡ଼ଶ ଶତାବ୍ଦୀର ବଳରାମ ଦାସ କୃତ ଜଗମୋହନ ରାମାୟଣରେ ଯେଉଁ ଚିତ୍ର ଦେଇଛନ୍ତି, ସଦାନନ୍ଦଙ୍କ ଏହି ଚିତ୍ର ତାହାଠାରୁ ମଧ୍ୟ ବେଶ ସୁବୋଧ ଲାଗେ । ଶବରମାନେ ବନଜ ଦ୍ରବ୍ୟର ଆହରଣକାରୀ, ପ୍ରାକୃତିକ ପୃଷ୍ଠଭୂମିରେ ସେମାନଙ୍କର ଲୀଳାଖେଳା । ମାଂସ, ମଦ୍ୟ ଏମାନଙ୍କର ସମ୍ବଳ ବୋଲି ବହୁ ପ୍ରାଚୀନକାଳରୁ ଯେଉଁ ଧାରଣା ସମାଜରେ ରହିଛି ତାହାର କୌଣସି ପରିବର୍ତ୍ତନ ଘଟିବା ସମ୍ଭବ ହୋଇ-ନଥିବା ଜଣାଯାଉଛି । ତେବେ, ଏମାନେ ଯେ ସମୟ ବେଶଭୂଷା ଓ ପୋଷାକ ସମ୍ବନ୍ଧରେ ସଚେତନ ହେଉଥିଲେ, ଏହା ସେମାନଙ୍କର ପ୍ରସାଧନ ସାମଗ୍ରୀ, ମୁଦ୍ରା ଉପାଦାନ ପ୍ରଭୃତିରୁ ପ୍ରତୀୟମାନ ହେଉଛି ।

ଘଟ—ଶବ ଶବରର ବେଶ ବର୍ଣ୍ଣନାରେ କବି ଚିତ୍ରଟିଏ ଅଙ୍କନ କରି ଯାଇଛନ୍ତି । ଦେହରେ ଜାମାଜୋଡ଼ା, ଶିରରେ ପାଗ, ଜଣ ଫରଫର, ଏଣେ କଳା ଜଳେବର ଇତ୍ୟାଦି ବର୍ଣ୍ଣନା ବଡ଼ କୌତୁକପୂର୍ଣ୍ଣ ଓ ସାର୍ଥକ ହୋଇଛି ।

ସ୍ୱର୍ଣ୍ଣ ଶିରେ ଦେଲ କର, ବସି ଯେ ବାଜ ଉପର
ଦେହେ ଜାମାଜୋଡ଼ କଟାରେ ଝୁଲଇ ମାଟେ ଶିରେ ପାଗ ଭାର ।୧୮।
ଜଣ ଛନ୍ଦେ ଫରଫର ଏଣେ କଳା ଜଳେବର
ପାଡିଲ ଯୋଡ଼ି କ ଯମୁନା ମଧ୍ୟେ ବହୁଅଛୁ ଗଙ୍ଗା ଧାର ।୧୯।
ପଞ୍ଚ ବାଣ୍ଡି ମାତ୍ର ବାନ୍ଧ ନେତକୁ କଲା ଦୃଷ୍ଟିତ
ଯା ଯା ଭାବି ଲୁଚେ ଶିକିବାରେ ବାଜ ବାଜ ଆକାଶେ ଗୁହିତ ।୨୦।
(୨୪ଶ ଛାନ୍ଦ)

ଜାମାଗୋଡ଼ ସଙ୍ଗେ ଦେଶର ଅନ୍ୟାନ୍ୟ ଦ୍ରବ୍ୟ ଖାଇ ଖାଇ ସୁନ୍ଦର ଦିଶୁଛି; କିନ୍ତୁ ଏଥି ଉପରେ ଘୋଡ଼ା ଚଢ଼ି ଯାଉଥିବା ଏକ ପୁରୁଷ ଦେଖୁଛି ।

ଜଙ୍ଗମ—'ଜଙ୍ଗମ' ଦକ୍ଷିଣ କଳିଙ୍ଗର ଜଙ୍ଗମ ଜାତିରୁ ହୋଇଥିବା ସମ୍ଭବ । କାରଣ, ସଦାନନ୍ଦ ଏମାନଙ୍କର ଯେଉଁ ବର୍ଣ୍ଣନା ଦେଇଅଛନ୍ତି ସେଥିରୁ ଏହା ସ୍ପଷ୍ଟ ହେଉଛି । ଏମାନେ ଶୈବ । ବର୍ତ୍ତମାନ ମଧ୍ୟ ସେମାନଙ୍କର ଏହି ବେଶ ଦେଖାଯାଏ । ଜଙ୍ଗମଙ୍କର ଜଙ୍ଗମ ଚିତ୍ରଲକ୍ଷଣପଟ୍ଟ, ସଙ୍କଳ୍ପାନନ୍ଦମୁଣ୍ଡ, ଯୌବନାବସ୍ଥା ଅନୁକ୍ରମ ଧରିଥିବା ସେ ଜଣାଯାଏ । ମୁଣ୍ଡରେ 'ଗଙ୍ଗାଧରକଳାନିଶା ବେଣୀ' ଏବଂ ଏହି ବେଣୀଗୁଡ଼ିକ ପିଙ୍ଗଳପଟ୍ଟରେ ବନ୍ଧା ହୋଇଛି । ଭୂଜଦଣ୍ଡରେ ଭସ୍ମ ଲେପନ ହୋଇଛି । କପାଳରେ ଚନ୍ଦ୍ରାର୍ଦ୍ଧ, ଗଣ୍ଡଦେଶରେ ଚନ୍ଦନରେଖା, ଏହା ମଧ୍ୟରେ ପୁଣି ସିନ୍ଦୂର ବିନ୍ଦୁ ଥିବାରୁ ଅପୂର୍ବ ଶୋଭା ପାଉଛି । କର୍ଣ୍ଣରେ ତାମ୍ରକୁଣ୍ଡଳ, କଣ୍ଠରେ ରୁଦ୍ରାକ୍ଷର ମାଳ । ଅରୁଣ ବର୍ଣ୍ଣ ବସ୍ତ୍ରରେ ଶିବଲିଙ୍ଗ ବାନ୍ଧି ଗ୍ରୀବାରେ ଲମ୍ବାଇ ଅଛି । "ପଞ୍ଚ ଧାତୁ ଭକ୍ଷ ଭଲେ, ଶିବ ଶିବ ଶବଦେ ଭଲେ ।" (୯ମ ଛାନ୍ଦ)

(୨) ଷଷ୍ଠ : ଶିକାର ଓ ଯୁଦ୍ଧ—ନାୟକର ବୀରତ୍ୱପ୍ରକାଶକ ଘଟଣାମାନଙ୍କ ଭିତରେ ବନ୍ୟ ଗ୍ରାମରେ ବନହସ୍ତୀ କାଳରେ ଲୋକମାନଙ୍କୁ ସିଂହ ଆକ୍ରମଣ କରିବାରୁ ବୀର ନାୟକ ଉତ୍ପୀଡ଼ିତ ହୋଇ ଦିବ୍ୟ ରତ୍ନ କୁସୁମମାଳାରେ ବେଶକରି ଅନେକ ଉପଦେଶ କରୁଥିବା ପ୍ରିୟାକୁ ତ୍ୟାଗକରି ସିଂହକୁ ମାରିବା ପାଇଁ ଗମନ କଲେ । ବୀରର ପ୍ରକୃତ ଏହାର ଉପରେ ଭକ୍ତି ଗୁଣ ପ୍ରକାଶ ପାଇବାରେ ବାଧା ଦେଇପାରି ନାହିଁ; ବୀର ନିଜର କର୍ତ୍ତବ୍ୟକୁ ସ୍ପଷ୍ଟ ମନେ କରି ପ୍ରିୟାକୁ ଛାଡ଼ିବାକୁ ଅଗ୍ରସର ସ୍ୱ କର୍ତ୍ତବ୍ୟ ସମ୍ପାଦନରେ ଅଗ୍ରସର ହୋଇଛି ।

ସଦାନନ୍ଦ ଏହି ଘଟଣାଟିକୁ ଯେଉଁ ପଟ୍ଟଭୂମି ଉପରେ ଉପସ୍ଥାପିତ କରିଛନ୍ତି ତାହା ବୀରତ୍ୱର ପ୍ରକୃତିକୁ ବହୁଗୁଣରେ ବଢ଼ାଇ ଦେଉଛି । ନବଦମ୍ପତିର ସ୍ୱଭାବ ପ୍ରେମଜୀବନର କାହାଣୀ ପ୍ରାଥମିକ ମୂଳ ସମସ୍ତ ଇତର ଘଟଣାବଳୀରେ

ବଇଦେଶିକ ନାୟିକାପ୍ରାପ୍ତି ପ୍ରସଙ୍ଗଟି ଏଥିର ମୁଖ୍ୟ ଉପଜୀବ୍ୟ ଥିବାରୁ ନାୟକର ବୀରତ୍ୱପ୍ରକାଶିତ ଆଖ୍ୟାୟିକା ବିସ୍ତୃତ ଭାବରେ ବର୍ଣ୍ଣନା କରିବା ପ୍ରେମକାବ୍ୟରେ ସେତେ ଅବକାଶ ମନେ ମିଳୁ ନ ଥିଲେ ମଧ୍ୟ ସଦାନନ୍ଦ ନାୟକଙ୍କୁ ଧୀରୋଦାତ୍ତ କରିବା ସଙ୍ଗେ ସଙ୍ଗେ ଚମତ୍କାର ଉପାଖ୍ୟାନ ଅବତାରଣା କରି ତାର ଗୌରବ ପ୍ରକାଶ କରିଛନ୍ତି। ଜୟସେନଙ୍କ ଯେପରି ଉଚ୍ଚକୁଳ-ସମ୍ଭୂତ, ସୁଶିକ୍ଷିତ, ଶୀଳବାନ୍, ସୁନ୍ଦର, ସତ୍ୟବନ୍ତ ଓ ପ୍ରେମିକ ସେହିପରି ବୀର ମଧ୍ୟ।

ଏମନ୍ତେ ରସିକ ରାଜ, ଦୃଢ଼ାଙ୍ଗ ଚୌରୀ ସମାଜ,
ଦକ୍ଷ ଅଗ୍ରେ ମଣ୍ଡିଲ ପଦ ସରୋଜ, ଏକାଳେ। ୧୧।

ଛଡ଼ାଇଲେ ବାହେନ ଜାଲ, ଗୁଳନ୍ତି ଧୀରେ ପବନ,
ଦେଖନ୍ତି ଗୁଲି ଦୃଷ୍ଟେ କୁସୁମାକର, ଏକାଳେ। ୧୨। × ×

ମଣ୍ଡପେ ହୋଇ ପ୍ରବେଶ ଗୁଣ୍ଡି ଅପେ ସୁମନାଥ,
ସ୍ୱଶିରେ ପ୍ରିୟାଙ୍କୁ କଲା ବଢ଼ାଇ ବେଶ, ଏକାଳେ। ୧୮।

ସିଂହ ନଗର ଭିତରେ ପ୍ରବେଶ କରି ସ୍ତ୍ରୀଙ୍କୁ ଅନ୍ୱେଷଣ କଲାବେଳେ ସାତ ପ୍ରିୟାଙ୍କୁ ଛାଡ଼ି ସିଂହ ସମସ୍ତ ଯୁଦ୍ଧ କରିବାକୁ ନଗରକୁ ବେଢ଼ି ଆସିଲା।

ମୋ ଦେଶରେ ଏଡ଼େ ଭୟ ହେଲେ ହୋଇବ ପୂର୍ଣ୍ଣ
ନ ରୁହେ ଜାଣ ମୋ ବାହୁବଳ ଉଦୟ, ଏକାଳେ। ୨୩।

ଜୟସେନଙ୍କ ସିଂହ ସହିତ 'ମଲ୍ଲ ଆକାଶ'ରେ ଘୋରତର ଯୁଦ୍ଧ କରି ତାକୁ ପରାସ୍ତ କଲା।

କବି ସଦାନନ୍ଦଙ୍କ ସମର ବର୍ଣ୍ଣନା ପ୍ରତ୍ୟକ୍ଷଦର୍ଶୀର ଭଳି ଜୀବନ୍ତ ହୋଇଛି। ସମର-ଉପଯୋଗୀ ଶବ୍ଦଯୋଜନାପୂର୍ଣ୍ଣ ଛାନ୍ଦ ଓ ପଦାବଳୀ ବ୍ୟବହାର ଯୋଗୁଁ ଏହି ବର୍ଣ୍ଣନା ସରସ ଓ ଉପଭୋଗ୍ୟ ହୋଇଛି। ନେପାଳ ରାଜା ଓ ମହାଜନପୁରର ଯୁବରାଜ ଜୟସେନଙ୍କ ମଧ୍ୟରେ ଘଟିଥିବା ସମରର ବର୍ଣ୍ଣନା

ବୀର, ଭୟାନକ ଓ ବୀଭତ୍ସ ରସ ଉଦ୍ରେକ କରିବାରେ ସମର୍ଥ ହୋଇଛି । ଶବ୍ଦଯୋଜନା ଅନୁପ୍ରାସମଣ୍ଡିତ ଓ କ୍ଲିଷ୍ଟ କଳ୍ପନାବର୍ଜିତ ହୋଇଥିବାରୁ ସହଜ ସରଳ ଭାବରେ ବୋଧଗମ୍ୟ ହୋଇପାରିଛି ଏବଂ ସମର ଶେଷର ଭୟାବହ କରୁଣ ଦୃଶ୍ୟର ସ୍ପଷ୍ଟରେଖା ମନରେ ଅଙ୍କନ କରିପାରିଛି ।

ଦୁଇବଳ ହେଲେ ମିଶାମିଶି ଯେ, ରଣମାଡ଼ି କେ ଅଙ୍କ ସଖାପତି ଯେ
ଧୂଳିର ନାଦ କେ ଅବା ଘୋଟି କେ କେଉଁ ମଧ୍ୟେ ମାରଇ ପଶି
କେ ଭୁସୁଣ୍ଡି କେ କପାଳଗି କେ ହଣାହେଉଛି ଯେ ।୧।

କେ ଦଶ ବାଂଶ ଶର ସହାଇ, ତତକ୍ଷେ ବନ୍ଧ ବଶରେ ଯାଇ
ଜୀବନ ମାଗି ନେଲ କୁହାଇ, ଅନ୍ୟେ ବାହାର ଯେ
କେ ଖଣ୍ଡ ଖଣ୍ଡ କରଣ ମୁଣ୍ଡ ଭୁସଣ ହୋଇଅଛି ପ୍ରଚଣ୍ଡ
କେ ବୋଇଲ ଭଣ୍ଡ ଏ ପଟେ ଖଣ୍ଡ, ଚକ୍ର ଓହୋରି ଯେ,
କେ ଯେନ କୃଷ୍ଣ କାହ୍ନାଇ ଅନ୍ୟ ଯେ,
ହେଲୁ କାହାର ମାରିଲ ଦନ୍ତ ଯେ
ଚଣ୍ଡୀ ଝଙ୍କାର ରବେ ପଲକ
'ଭଣ୍ଡ ବୋଲି' କେ ପଳାଏ ଏକ
କେ କରେ ଶୋକ କରି ଅନେକ ପିତାର ଅନ୍ତେ ଯେ । ୨ ।
(୧୪ଶ ଛାନ୍ଦ, ଲି: କୋ:)

ଦୃଶ୍ୟର ବାସ୍ତବତା ସଙ୍ଗେ ସଙ୍ଗେ ଏ କରୁଣ ଦୃଶ୍ୟର ଅବର୍ଣ୍ଣିତ ମନରେ ଗଭୀର ଭାବ ଉଦ୍ରେକ କରୁଛି । ସମର ଶେଷରେ ପିତାର ମୃତଦେହ ଦେଖି ପୁତ୍ର, ଭ୍ରାତାର ମୃତଦେହ ଦେଖି ଭ୍ରାତା, ବୀର ହେଲେ ମଧ୍ୟ ମୁହ୍ୟମାନ ହୋଇପଡ଼ନ୍ତି ଶୋକ କରିବା ଦୃଶ୍ୟ ବର୍ଣ୍ଣନା କରିବାକୁ କବି ଭୁଲି ନାହାନ୍ତି । ବର୍ଣ୍ଣନା ସତେଜ ଓ ପ୍ରାକୃତିକ ହୋଇଛି ।

ସମରରେ ଧନୁବାଣ, ଖଡ୍ଗ, ଗଦା, ବରଛି, ଶାବଳୀ, ମୁଦ୍ଗର ପ୍ରଭୃତି ଅସ୍ତ୍ରଶସ୍ତ୍ର; ରଥ, ଉଷ୍ଟ୍ର, ହସ୍ତୀ, ଘୋଟକ ପ୍ରଭୃତି ବାହନର ବ୍ୟବହାର

ଧର୍ମ ଦେଖାଇଛନ୍ତି । କମାଣ ଓ ବସ୍ତୁଗତ ବ୍ୟବହାର ଯୁକ୍ତରେ ନାହିଁ । ଏଣୁ ଏକ ଆଳଙ୍କାରିକ ସୂତ୍ର ହୋଇଥିବାରୁ ଯୁକ୍ତଦୋଷଣୀ ପୂର୍ବର ସମର ଅନ୍ୱେଷଣ କରି ଦେଇ ନାହାନ୍ତି ବୋଲି ମନେହୁଏ ।

ସଦାନନ୍ଦ ଯୁଦ୍ଧକ୍ଷେତ୍ରକୁ ଭଗ୍ନନଦୀ ସହିତ ତୁଳନା କରିଛନ୍ତି । ସମସାମୟିକ 'ସମରତରଙ୍ଗ' ରଚୟିତା କବି ବ୍ରଜନାଥ ବଡ଼ଜେନାଙ୍କ ସମରବର୍ଣ୍ଣନାରେ ଅନେକତ୍ର ଯୁଦ୍ଧବାହିନୀକୁ ସମୁଦ୍ର ସଙ୍ଗେ ତୁଳନା କରିଛନ୍ତି । କିନ୍ତୁ ଏ ବିଷୟବସ୍ତୁ ଉପରେ ଅଳଙ୍କାର କଳ୍ପିତ ପ୍ରାକୃତ ବର୍ଣ୍ଣନା ମୁଖ୍ୟପ୍ରସଙ୍ଗର ଅପ୍ରଧାନ ଅଂଶ ରୂପେ ଦେଖାଇଛନ୍ତି । ସଦାନନ୍ଦ ବର୍ଣ୍ଣନାକୁ ସଂକ୍ଷେପ କରିଛନ୍ତି ଏବଂ ଏହି ସୂତ୍ର ସନ୍ଦର୍ଭର ଭିତରେ ସାଙ୍ଗରୂପ ଲାଭ କରିଛନ୍ତି । ପ୍ରକୃତ ସୂତ୍ର ଅଲଙ୍କାରର ସାମଗ୍ରିକ ପ୍ରଭେଦ ଜନକ ତଥ୍ୟ ଦେବାରେ ଓଡ଼ିଶାରେ ବ୍ରଜନାଥଙ୍କ ଅନ୍ୟ କେହି ଏପରି ଯାଇଛନ୍ତି ବୋଲି ମନେହୁଏ ନାହିଁ । ସଦାନନ୍ଦଙ୍କ ଉକ୍ତ ସ୍ୱପ୍ନସ୍ଥର ମଧ୍ୟରେ ଅତି ଚମତ୍କାର ହୋଇଛି ଏବଂ ସଂକ୍ଷିପ୍ତ ସୂଚନା ଦ୍ୱାରା ତାହା ଫୁଟାଇବାରେ ସେ ବଡ଼ଜେନାଙ୍କ ଠାରୁ କୃତିତ୍ୱ ଲାଭ କରିଛନ୍ତି ।

କୁମାର ବଳଦ୍ଦୁ ଭଗ୍ନ ଘମ ସହିତ ସମାନ କରି କହିଛନ୍ତି ସେ ଘୋର ସଂଗ୍ରାମରେ ରଣମାନେ ଭଗ୍ନନଦୀ ବହିଲା । ସୁଖି ଆଶୁଥିବା ଯୋଦ୍ଧାର ମୁଖ କମଳ, ବାହୁଯୁଗଳ ମୃଣାଳ, କେଶ ଶୈବାଳ, ନେତ୍ର ମୀନ ହେଲା । ସୂର୍ଯ୍ୟ କୁମ୍ଭୀ ମକର, ହସ୍ତୀ କମଠ, ଅଶ୍ୱ କୁମ୍ଭୀର, ଶଣ୍ଢାଶୁମ୍ଭ, ରଥ ବୋହିତ ହେଲା ।

ମୁଖ କମଳ ବାହୁ ଯୁଗଳ    ମୃଣାଳ ପରି ଅତି ମଞ୍ଜୁଳ
କେଶ ଘଞ୍ଚ କି ଶୈବାଳ ନେତ୍ର ମୀନାଦ୍ୟ ସେ ।
କରି ମକର ତହିଁ ଭିତର ସେ    ହସ୍ତୀ କମଠ ଅଶ୍ୱ କୁମ୍ଭୀର ସେ
ଶଣ୍ଢାଶୁମ୍ଭ ପ୍ରାଣେ ଚଳିତ    ତାଳ ଦାଣ୍ଡିକ କି ଚକ୍ରବାକ
ରଥ ବୋହିତ ତହିଁରେ ହୋଇ ଶୋଭିଲା ସାର ସେ ।

ସମୁଜ୍ଜଳ ଚୈତନ୍ୟର ଅବସ୍ଥା ବିଶେଷତଃ ଶତଦଳର ପୋଷଣର ବାଲେଶ୍ୱରା ଅତ୍ୟନ୍ତ କରୁଣ ହୋଇଛି, ସମଗ୍ର ଦୃଶ୍ୟଟି ଅଳ୍ପ ପଦରେ ବର୍ଣ୍ଣନା କରି କବି ଉଦ୍ଦେଶ୍ୟ କରିବାରେ ସେ ବିଶେଷ ଭାବରେ ସଫଳ ଲାଭ କରିଛନ୍ତି ।

କେ ପ୍ରାଣ ରଖେ ପଶି ଶରଣ ଯେ,
କେ ଅବା ଦନ୍ତେ ଧରିଲ ତୃଣ ଯେ ।

ଏହି ଉତ୍କଳୀୟ ଯୁଦ୍ଧରେ ସୈନ୍ୟସମାନଙ୍କ ଦ୍ୱନ୍ଦ୍ୱ କଠିନ ହେବାହିଁ ସ୍ୱାଭାବିକ ହେଲେ ମଧ୍ୟ ପ୍ରକୃତ ସାଗର ତରଙ୍ଗ ତଥା ପରାଜୟର କରୁଣରେ ସ୍ୱୀୟ କୃତି ପାଇଁ, 'କାବ୍ୟ'ଙ୍କର ଏହି ଦଶାହିଁ ହୋଇଥିଲା ।

କେଉଁ ଏମନ୍ତ ଦେଶ କହ ସୁତ ଦଶ୍ମାସନ୍ତ ଯେ ସମ୍ଭବ,
ଘୋଡ଼ାଇ ମାରୁଥିଲେ ସମସ୍ତ କରି ଜନେ ପୁଣ ଯେ ।

ସଦାନନ୍ଦଙ୍କ ସମସ୍ତକ୍ ଓଡ଼ିଶାରେ କମାଣ, ବନ୍ଧୁକର୍ ବ୍ୟବହାର ହୋଇ ସାରିଥିଲା । ପ୍ରଥମେ ମୋଗଲ ଓ ମରହଟ୍ଟାମାନେ ଏହାର ବହୁଳ ବ୍ୟବହାର କରିଥିଲେ । ଓଡ଼ିଶା ଉପକୂଳରେ ପର୍ତ୍ତୁଗୀଜ୍, ଫ୍ରେଞ୍ଚ୍ ଓ ଇଂଲଣ୍ଡ ପ୍ରଭୃତି ୟୁରୋପୀୟ ଜାତିମାନଙ୍କର ଓଡ଼ିଶାର ରାଜାମାନଙ୍କର ଥିବା ସୈନ୍ୟବାହିନୀରେ ଏହି ଶ୍ରେଣୀର ଅସ୍ତ୍ରଶସ୍ତ୍ର ବହୁଳ ବ୍ୟବହାର ହେଉଥିଲା ।

ଯୁଦ୍ଧାବସାନରେ ଶତ୍ରୁପକ୍ଷରେ ମୃତଦେହରେ ଡାକିନୀମାନଙ୍କର ତାଣ୍ଡବ ନୃତ୍ୟ ଓ ରକ୍ତପାନର ବର୍ଣ୍ଣନା ମଧ୍ୟରେ ଏକ ଭୟାବହ ଚିତ୍ର ଅଙ୍କନ କରି ଦେଇଛି । କବିଙ୍କ ସିଦ୍ଧହସ୍ତର ଏହା ଅନ୍ୟ ଏକ ପ୍ରମାଣ ।

ଯୁଦ୍ଧ ବର୍ଣ୍ଣନା ସ୍ଥଳ (ଚତୁର୍ଥ ଛାନ୍ଦ)ରେ 'ଗ୍ରାମ୍ୟଶବ୍ଦ' ପ୍ରୟୋଗ କରିବାକୁ ବାଧ୍ୟ ହୋଇଥିବାରୁ କବି ଦୁଃଖ ପ୍ରକାଶ କରିଥିଲେ ମଧ୍ୟ 'ରସସ୍ରଷ୍ଟା' ଦୃଷ୍ଟିରୁ ଏପରି କବିତା ଦୋଷାବହ ନୁହେଁ ବୋଲି ମଧ୍ୟ ଏହାର ସମର୍ଥନ କରିଛନ୍ତି । ଏହି 'ଗ୍ରାମ୍ୟଶବ୍ଦ'ର ବହୁଳ ପ୍ରୟୋଗ ରସ୍ୱରେ କବି ବର୍ଣ୍ଣନାକୁ ସଜୀବ କରି ଦେଇଥିବା ମନେହୁଏ ।

ଏ ରସ ବୃଷ୍ଟି ସକାଶେ ସୃଜିତ   ଶ୍ୟାମ ଜଳଦ ମୋହେ ଦୃଶିତ
ଏ ଛନ୍ଦ ଏତେବେଳେ ସମାପତ ହେଲଟି ଶୁଣ ହେ ।
(୧୪ଶ ଛାନ୍ଦ, ଲ: ଲୋ:)

ଦାମ୍ପତ୍ୟ ଚିତ୍ର —ନାୟକ ମନରେ ନାୟିକା ସହିତ କ୍ରୀଡ଼ା କରିବାର ଅଭିଳାଷିତ ଭାବଙ୍କ କଳ୍ପନାପ୍ରସୂତ ମନସ୍ତାତ୍ତ୍ୱିକ ବିଶ୍ଳେଷଣରେ ପରିବେଷଣ ଦେଇଛନ୍ତି ।

(୧) ଯେତେବେଳେ ଆସି ସ୍ୱାମୀ ହୋଇବ ସମ୍ମୁଖ
ଚରଣକୁ ସେ ଲୁଚିମି ମୁହିଁ,
ସେ ସେ ଅଙ୍ଗୀକୃତ ଚରଣ ହୋଇଣ ଅନ୍ତରେ
ଭରିବ ହେବ ଏ ସ୍ୱର ଗାଇ ।୬।

(୨) ଦେଖି ହେମ! ବଦନ ମଦନ କଦନ
ଦଶା କହିବଲି କେବେ ମୋର,
ତାର ଚଞ୍ଚଳ ଲୋଚନ ଅର୍ଦ୍ଧମୋଚନ
ଜାଣିଥ ହେବୁ ଭରିବ ସ୍ଥିର ।୭।

(୩) ସେତେବେଳେ ନଖର ଚରଣ ପଶିଲା ଶରଣ
ଗୁଞ୍ଜନର ମାଠ ଦେବ ଭାବ,
ଚେତେତେବେଳକୁ ନାସିକା ଫୁଲୁଛ ରଖିବା
ମନ ଖୁସି ବନ୍ଧୁ ଥିବ ବାନ୍ଧି ।୮।

(୪) ଏଥା ଶୁଣି ସେ ପୁଷ୍ପର ଲାଗିଛି ଶୋଭିତ
ଚେତାନା ଲାଜ ଟେକି ପ୍ରେମ ରୂପ,
ଶତ୍ରୁ ଚକ୍ଷିକ ବଦନ ପ୍ରେମ ଛାଡ଼ିଲା
ପଞ୍ଚର ଘଣ୍ଟା ମୋ ହୃଦେ ତଳ ।୨୦ ।

ଏତେ କଳ୍ପନା କରି ହିଁ ନାୟକ ନିଜର ଔତ୍ସୁକ୍ୟକୁ ସ୍ପଷ୍ଟ କରିଛନ୍ତି । ଏମ୍ନିତା ସମ୍ପର୍କରେ ତାଙ୍କ ମନ ତାକୁ ପ୍ରତି ସନ୍ଦେହ କରୁଛି

ଦେଇଛନ୍ତି । ତାହାଙ୍କ ସଂସ୍କୃତି ପ୍ରଧାନ । ମନୁଷ୍ୟର କଳ୍ପନା କିନ୍ତୁ ନୁହେଁ ।

କଳ୍ପନାରୁ କି ହୋଇବ ଯେମନ୍ତ ରଚିତ
କରିବ ତା ସ୍ୱୀକ ହୋଇବ କି । ୨୪ । (୩୦ଶ ଛାନ୍ଦ, ଲ: ଲୋ:)

(ଖ) ସ୍ୱୟମ୍ବରରେ ଯୋଗ ଦେବାପାଇଁ ଜାମ୍ବନ ଜାମ୍ବିନାଥ ନଗରରେ ପ୍ରବେଶ କରି ରାଜମାର୍ଗରେ ଗମନରେ ଯାଉଥିଲେ ସେତେବେଳେ ଜାମ୍ବୋବା ଅଟ୍ଟାଳି ଉପରେ ଉପବେଶନ କରି ବାତାୟନ କବାଟ ଖୋଲି ଲୁବ୍ଧ ନୟନରେ ମାର୍ଗକୁ ଦୃଷ୍ଟି ଦେଉଛନ୍ତି । ଏହି ସମୟରେ ଦୁଇଜଣଙ୍କର ମିଳନ ହୋଇଥିଲା ।

ଦୁଣ ଭମିଲେ ଏଥୁ ଅନନ୍ତରେ,
ନୃପନନ୍ଦନା ଅଟ୍ଟାଳି ଉପରେ ।
ସମସ୍ତ ସଖୀ ସଙ୍ଗରେ ରଙ୍ଗରେ,
ବିହାର କରେ ତରଳ ମନରେ ।
ବାତାୟନରେ ନୟନ ଅର୍ପିଲେ,
କୁମର ରୂପ ଦେଖିବାରେ । ୯ ।

ଯାକ ଅଙ୍ଗଜକୁ ଯେସ୍ତେ ଦୃଶନ
କଳାକର ଅବଲୋକନେ କୋକ ।
ସାଧୁ ଦର୍ଶନେ ବିବେକ ଯେମନ୍ତ
ତେମନ୍ତ ବାଳୀ ହୋଇଛି ଲୁବ୍ଧ ।
ପଞ୍ଚସ୍ମର ମନ୍ଥ ଶାସନ ଅଧିକ
ଭ୍ରମେ ମନ ଭ୍ରମ ଚାହିଁକ । ୨ । x x

ମାଳିନୀ କହିଲା ଏ ସମୟରେ
ଏଡ଼ି ବହୁ ଶୋଭନ ସ୍ୱର୍ଗରେ । x x
ତଳନା ବାଣୀ ଶୁଣି ରେମାଞ୍ଚ
କମ୍ପିତ ତନୁରେ ଲାଜ ମିଶାଇ ।

ପଦ୍ମର ପଦ୍ମଙ୍କ ମଧ୍ୟରେ ଲୋଚନ—
ଖଞ୍ଜନ ପ୍ରଭାକ ଦେଲା ଶୋଭାଇ ।
ଭ୍ରମର ମାନସ ତେଜି ଲୁଚାଇ
ଚେତନା ତଳ୍ପ ଆଶ ହୋଇ । ୫ ।

କଟାକ୍ଷ ବର୍ଷିଷ ପଶତାଳରେ
ବାଜିଲା କେତେ ହୃଦୟ ଲକ୍ଷରେ ।
ଏ କଥା କତ ବର୍ଣ୍ଣିତ ନ ପାରିବ
ଜାଣିମ ରସିକ ସେ ସେ ସ୍ଥଳରେ ।
ଅନେକ ଅନ୍ୟରେ ହାସ୍ୟ ପ୍ରକାଶରେ
ହେଳିଲେ ଶାନ୍ତ ମାନସରେ । ୬ ।
(୩୮ଶ ଛନ୍ଦ, ଲ: ଲୋ:)

(୨) ସ୍ୱୟମ୍ବର ମଣ୍ଡପରେ ଜୟୁଣ୍ଠଳକର ଗୁଣ ଗୁଣାଗ୍ରାକର ଦାସୀ କେମାକୁ ଶୁଣାଇ ଦେବା ପରେ କେମା ଜୟୁଣ୍ଠଳକର ଗଳାରେ ବରଣମାଳା ଲମ୍ବାଇ ଦେଲା । ଏହି ଦୃଶ୍ୟ—

ପ୍ରୀତି ଘଟରେ ପଥିକ ଏ ପ୍ରକାରେ ଶିକାରେ ଦୋହେଁ କଦାଚିତ
ଧୀର ଲକ୍ଷିତ ଦାଣ୍ଡକ ଏ ବଚନ ଅନୁକୂଳ ହେବ ପ୍ରଶ୍ରିତ
ବାଳାରେ, ଏହା ଗ୍ରାଣନାଥ ମୋହନ
ଶୁଣି ମୋହନ ହୋଇ ଦୃଷ୍ଟି ତା ଗଳେ ମଣ୍ଡିଲା ମାଳା ସେ ବଦନ । ୩୬ ।

ତାଙ୍କୁ ଶୁଭଙ୍କ ଅଙ୍ଗ କେ ନ ଜାଣିଲା ଉଣ୍ଡି ଷ୍ଟିଲା ସ୍ୱୟମଣି
ହୃଦେ ଘାଇ ସୁଖ ପାଇବା ଦେଖିଲା ଗ୍ରାମସ୍ତ୍ରେ କହନ୍ତି ଏ ବାଣୀ
ବାଳା ସେ, କହୁ ହାସ୍ୟ କଲା ପ୍ରକାଶ,
ସେହି କାଳରେ ଗନ୍ଧର୍ବ ଗୋଟିଏ ଆଜ ଭୂପତିଙ୍କ ଅଧୁଣ୍ୟ । ୩୭ ।

ଫୁଲ ତନୁ ହେମ କମ ଖୋଲିବାକୁ ମନ ଶାଙ୍କା ଲଗାଇଣ ।
ଜାମ ବର୍ଣ୍ଣିକ ଅଗ୍ରମୁରେ ସେ ଲକ୍ଷା ଦ୍ୱିଜ ଦୃଷ୍ଟି ହେଲା ସେ ଷଣ ।

ସଢ଼ିଲେ, ମାଟଳ ମିଶି ନ ଜଢ଼ିଲେ
ସୁଣ କେଶ ରୂପ ହୋଇବ ସୁପୁରୁଷ ବାଳାକୁ ବେନି କହୁଥିଲେ ।୩୮।
(ଷୋଡ଼ଶ ଛାନ୍ଦ, ଲ: ଦେ:)

ହାସ୍ୟୋଦ୍ଦୀପକ କୌତୁକ ଚିତ୍ର—ପ୍ରଥମର ପରେ ବିବାହୋତ୍ସବର ପ୍ରାରମ୍ଭିକ ଆୟୋଜନ ଶାଣ୍ଡ ବାଳୀମାନେ ସନ୍ଦେଶ ନେଇ କରିବା ସମୟରେ ସେମାନଙ୍କ 'ଲୁଦଲୁଲି' ଅନୁଷ୍ଠାନ ଚଳି ହେଉଥିବା ଦୃଶ୍ୟର ସ୍ୱରରେ ଅଙ୍କନ କରିଛନ୍ତି । ତାହାଟି ଆନନ୍ଦଦାୟକ ହେବା ସଙ୍ଗେ ସଙ୍ଗେ ହାସ୍ୟର ଉଦ୍ରେକ କରୁଛି । କବିଙ୍କ ଶ୍ଳେଷାର୍ଥକ ହୋଇଛି—ଉତ୍କଳୀୟତ୍ତ୍ୱ ଅପୂର୍ବ ହୋଇଛି । ଭ୍ରମର ରୂପରେ ବକୁଳ ହୋଇ ସେବାକାଙ୍କ୍ଷୀ ବାଳାମାନେ ଗଣ କରୁଛନ୍ତି ଓ ଦଣ୍ଡ କରୁଛନ୍ତି କାହୁ ବୁଦ୍ଧି ଘାବୁକାହାନ୍ତି ।

ଭ୍ରମର ରୂପ, ହୋଇଗଲା ବେଶ, ଦେଖିବା ଜନମନକଷ୍ଟ
ଗଣ୍ଡ ଉଢ଼ିଲେ, ଆସି ଦୋହିଲେ, ମଦନ ମଦରେ ଘାରି ।୮।
ମକ୍ଷି ଭ୍ରମର, ଖାଦ୍ୟ ଚକୁର ଧରି, କେ ଜାଣି ଦଇନ୍
ମଞ୍ଜିଷ୍ଠି ଦେଖି, ଲୁଚେମ ତଦଳ, ଖାହାର କେ କ୍ଷିତ୍ତଥିଲା ।୯।
ଜମନମଣି, କେ କାହ୍ନା ପାଣି, ଧରି ଓଟାରିଲା ଅଟେ
ଏ ଅଙ୍ଗ ତେଜ, ଭଲ କେ ଚେଳ, ଲୁଗଜ ଧଇଲା ବେଢେଶ ।୧୦।
କେ କାହ୍ନା ବାଣୀ, କର୍ଣ୍ଣେରେ ଶୁଣି, ଖାସ୍ତା ଲୁଚେମ ପଢ଼ାଇଲା
କେ କରେର ଘଡ଼, କେକେଇ ଖା ମଠ, ଗୁଂଖ ଦୋକ୍ ଗୋଡ଼ାଇଲା ।୧୧।
କେ ନଜ ଛାଇ, ଶୁଣି ହୋଇଲା, 'ଶଇଲ୍ ଣ ଭଲ୍ କଲ୍'
ଦେଘ ଯଣ୍ଡି ଲଗ୍ନ, ଦେଖ ତାଣ୍ଡି ମଗ୍ନ, ମଣ୍ଡିଲେ କଣ୍ଠ ଅମୂଲ୍ୟ ।୧୨।
(ଷୋଡ଼ଶ ଛାନ୍ଦ, ଲ: ଦେ:)

ଶେଷପଦରେ 'ଦେଘ ଯଣ୍ଡି ଲଗ୍ନ ଦେଖ ତାଣ୍ଡି ମଗ୍ନ ।' ମଧ୍ୟବର୍ତ୍ତୀଙ୍କରେ ଜମଜ୍ଜନ ପରେ ନଜର ଛାଇ ନଜକୁ ବାଖ୍ୟା କରୁଛି—'କେ ନଜ ଛାଇକ ଶୁଣି' ସେଥିରେ ଆସିବା ମନେକରି ତାକୁ ସମ୍ବୋଧନ କରି କହୁଛି—'ଶଇଲ୍ ଣ ଭଲ୍ କଲ୍ ।'

ଅମୃତ ପଦାବଳୀ—(୧) ଲଳିତଲୋଚନାରେ 'ରତିବାହୁଡ଼ା' ଗୀତ ( ୩୮ )ଟି ଉପମାମଣ୍ଡିତ ପଦାବଳୀରେ ରଚିତ ହୋଇ ଅତି ସୁନ୍ଦର ରୂପର ସୃଷ୍ଟି କରାଇଛି । ଗୀତଟିର କୋଡ଼ିଏଟି ପଦ ଉଦ୍ଧୃତ ହୋଇଛି ଏବଂ କାବ୍ୟ ଜଗତରେ ଉଚ୍ଚ ସ୍ଥାନ ଅଧିକାର କରିଛି । ଲଳିତଲୋଚନା ଓ ନବଘନଶ୍ୟାମଙ୍କୁ କେଳିପୁରରୁ ବାହୁଡ଼ିବା ସମୟରେ ଶୁକଶାରୀ ପକ୍ଷୀମାନେ ହାସ୍ୟଚ୍ଛଳରେ ଯେଉଁ ପଦାବଳୀ ବ୍ୟବହାର କରିଛନ୍ତି ତାହା ସଦାନନ୍ଦ-ସାହିତ୍ୟ ଜଗତରେ ଅମୂଲ୍ୟରତ୍ନ । ତୃଷ୍ଣାର ରମଣୀୟତା ବର୍ଣ୍ଣନ କରିବା ପାଇଁ କବି କୌଶଳକ୍ରମେ ପକ୍ଷୀମାନଙ୍କ ବ୍ୟକ୍ତିଗତ ଶ୍ରୀଅଙ୍ଗର ଅବତାରଣା କରିଛନ୍ତି—ସଖୀମାନେ ପରସ୍ପରେ ଦୁଇ ନବବଧୂଙ୍କୁ ଲକ୍ଷ୍ୟକରି ପକ୍ଷୀଙ୍କୁ କହୁଛନ୍ତି—

ଦୂଆ ସଙ୍ଗ ଯାଉଛନ୍ତି କି ଶୋଭରେ,
ଦେଖୁଥିଲୁ ଆମ୍ଭଙ୍କୁ ବଶୀକରିରେ ।

ଲଳିତ ଲୋଚନାର ରତିବାହୁଡ଼ା ଅବସ୍ଥାଟି ଏହି ପରିହାସର କାରଣ ।

"ପଦ୍ମଶ୍ରେ ଭଲ ପଦ୍ମଶ୍ରେ ଅସ୍ୱ ହୋଏ ହରି ହୋଇଲେ ଅନୁର ଯେ ।"
ତାମ୍ବୂଳବୋଳ ବନ୍ଧୁରେ ଯା ମଣ୍ଡିତ ହୋଇଛି ଗଣ୍ଡ ମଣ୍ଡଳ
ପ୍ରେମଲତା ବଢ଼ି ବାନ୍ଧୁଅଛି ମାଢ଼ି ଫଳିଛି କି ରସ ଫଳରେ ।
ଅରେ ଜଳଜନୟନା, ହେମ ଲଟେ କରପ ରସ ମୀନାରେ ।
ଦ୍ୱିପି ଅଳକ ମାଣିକ୍ୟ ସ୍ୱନାରେ ! ୩ ।

(୨)ବସନ୍ତ କାଳରେ ଗୃହେଚ୍ଛା ଖେଳରେ ବାମଚନ୍ଦ୍ରଙ୍କୁ ଭଲି
ଅଙ୍ଗ ଗ୍ରହଣ ଗ୍ରନ୍ଥି ଦେଲ ଦୂର ପାଶେ ସିନ୍ଦୂର ସିଂହା ଗଲୀ ବେ ।
ଅରେ ରମାରଞ୍ଜନ, ଏହି ରୂପେ ହୋଏ ଅନୁମାନ ରେ
ତୃଷ୍ଣା ନୋହୁଛି ଏଣୁ ନିସ୍ତନରେ, ମୁଗ୍ଧ ହୋଇଛି ପଦ୍ମନୟନରେ ।୫।

ନାୟିକଦ୍ୱୟ—

ମୁକୁଳ ଛାଡ଼ି ଦୂରେ ଥାଉ ଏ ରୂପ ହୋଇଲା ଧୂଳି ଧୂସର
ବଦନ ନୋହିଲେ କି ଚନ୍ଦ୍ରା ହୋଇଲା କମା ତାହାର,

ଯାଏ ଭ୍ରମର ହେ
ଅହେ ନୃପନନ୍ଦନ, ସବୁ କହୁଛୁ ଶୁଣ ନୟନ ହେ ।
କି ମାଦକ ଭରିଛି କି ପାନ ହେ,
ଭଣେଁ ରୂପ କହୁଛି ବା ଧାନ ହେ । ( ୧୭-୨୦ )

(୩) ନାୟିକାର ସ୍ୱୟଂବରକୁ ନିମନ୍ତ୍ରଣ ପାଇ ନାୟକର ଉତ୍ସାହ ବୃଦ୍ଧି-ପ୍ରାପ୍ତ ହେବାରୁ ଅବସ୍ଥା—କୁମାର ନାୟିକାର ଦେଶକୁ ଦର୍ଶନାର୍ଥେ ପ୍ରସ୍ଥାନ କରିବା ପାଇଁ ମନ କଲା, ଧଳନ୍ତୁ ଅଶଙ୍କା ବୋଧହେଲା ।

ଏତେ କ୍ରମର ଉତ୍ସାହୀ ବୀର ବନ୍ଦିଲା
ସୁମନ ସୁମନଲତା ଲେଖାଇ ଦେଲା ।
ସ୍ୱନ ଭାଙ୍କର, ମଣିରତନାକର,
ଉଡ଼ିଲା କି ଘୂରିଲା ବାଳକୁ ସାଗର । ୩ ।

ମନମାତଙ୍ଗକୁ ଚଢ଼ି ଗମନଗଜ
ଅଭିଳାଷା କରି ଚଳିଲୁ ଦେଶ୍ରୁ ଉଦ୍ୟାନ ।
ଧର୍ମର ବାଟ, ତଣ୍ଡି ବ୍ରୀଡ଼ା କବାଟ,
ନିଘନକସ୍ଥଳୀ ପରଂପରାକୁ ଛୁଟ । ୪ ।
( ୨୯ଶ ଛାନ୍ଦ, ଲା: ଲୋ. )

ଅଳଙ୍କାର : ବିଚିତ୍ରାଭାସ—ଗଣେଶ, ଶିବ, ଧ୍ରୁବ ଓ କୃଷ୍ଣ ପ୍ରଭୃତିଙ୍କ ଲୀଳାର ଚିତ୍ର ପ୍ରଦର୍ଶନ କରିବା ବେଳେ ପଣ୍ଡିତମାନେ ବିରୋଧାଭାସରେ ସୂଚ କରୁଛନ୍ତି—

ହେରା-ନାଗ ନାମକୁ ବଶ,
ହେତକ ଜନେ ଦସ୍ତାବନ୍ତି ।
ଅର୍ଦ୍ଧ ନାରୀରେ ଦୃଷ୍ଟ,
ଅର୍ଦ୍ଧ ନଙ୍କର ମଣ୍ଡାପସ ।

କୁଟିଳ କେଶୀର ଘାତକ,
କୁଟିଳକେଶୀ ପ୍ରାଣପତି ।
କୁଣ୍ଡଳୀ ଯାହାର ଭୂଷଣ,
କୁଣ୍ଡଳୀ ଶିରେ ନୃତ୍ୟଂଗନ ।
(୧ମ ଛାନ୍ଦ, ଲ: ବୋ:)

ଦଶାବତାର ସ୍ତୋତ୍ର : ଦୁଇ ଅକ୍ଷର ବର୍ଣ୍ଣିତ ପଦରେ—

ମୀନ—ନନେମୀ ନମ ମୀନ ନାମକ, ମମାନ ମାନ ମାନାନନ ।

କଚ୍ଛ— × × ×

କୂର୍ମ—କୂର୍ମ ଭର୍ମ ଦର୍ମି ମର୍ମଭ, ଭ ଭ ଭାମ କୁ କୁ କୁ ଭଭ ।
ବରାହ—ଦଂଷ୍ଟ୍ରିଷ୍ଟ ଦୁଷ୍ଟା ଦୁଷ୍ଟ ଦଂଷ୍ଟ୍ରୀ, ଦଷ୍ଟାଷ୍ଟୀ ଦଷ୍ଟି ଦୁଷ୍ଟି ଦୋଷ୍ଟି ।
ନୃସିଂହ—ହରି ହଂ ହର ହରି ହରି, ହା ହା ହୁ ହୁ ର ହୁ ହା ହରି ।
ପର୍ଶୁରାମ—ଜନ୍ମ ଦ୍ୱିଜ ଅଦ୍ୱାଜ ଦ୍ୱାଜ, ଅଦ୍ୱୀଦ ଯଜ୍ଞ ଦ୍ୱଜେ ଯାଜ ।
ରାମ—ସମ ମମ ର୍ମ ରାମର ରାମ, ମାର ରମାର ମାର ରାମ ।
ବଳରାମ—ବଲ ବାଳ ବଲବ ବଲ, ବଲେବଲା ବଲୋ ବଲ ଲଲ ।
ବୁଦ୍ଧ—ବୁଦ୍ଧି ବୁଧ ବୁଦ୍ଧି ବବୁଦ୍ଧି, ବୋଧା ବଧ୍ୟା ବଧ୍ୟ ବା ଧୃଷୀ ।
କଳ୍କୀ—କଳ କାଳ କୁଳ କଳଙ୍କ, କଳା କଳା, କଳ୍କିକାଳକ ।
( ୧ମ ଛାନ୍ଦ, ଲ: ବୋ: )

ଲୋମପ୍ରତିଲୋମ—(ଶ୍ରୀକୃଷ୍ଣ ସ୍ତୁତି) 'ବନ୍ଧ' ମଧ୍ୟ ଏଥିରେ ଅଛି ।
ମୁରଜ ବନ୍ଧ—ଦନନ ଅଥବୃଜ ନଦ, ଦନମାଳ ମାଳ ମାନଦ ।
ଚାମ୍ଭକି ବନ୍ଧ—ଦମ ନଦନଦନ ମନ, ନଦ ଦର ଦର ଦରନ ।
ନଦନ ଦର ଦର ଦନ, ନଦର ଦରତ ନଦନ ।
(୧ମ ଛାନ୍ଦ, ଲ: ବୋ:)

ଏପରି କୁଣ୍ଡଳୀ ବନ୍ଧ, ଚାମ୍ଭକି ବନ୍ଧ, ଡମ୍ବୁର ବନ୍ଧ, ଖଡ଼୍ଗ ବନ୍ଧ, ଭିଲଣି ବନ୍ଧ, ଖଡ୍ଗ ବନ୍ଧ, ଅଷ୍ଟଦଳପଦ୍ମ ବନ୍ଧ, ଶମ୍ଭୁ ବନ୍ଧ ଇତ୍ୟାଦି ଭିନ୍ନବଂଶଙ୍କି ବନ୍ଧର ସୃଷ୍ଟିର ପାଠ ଦେଇଛନ୍ତି ।

ଯମକ—ସରସର ଶରଭର ଜଳଜ ଉଦର ଖର ।
ଧରଧର ଧୁରନ୍ଧର ଧରଣର ଆଗ୍ରହର ।

× × ×

ହରଗର ଗର ଗର ଗରଙ୍ଗର ନରବର ।
ନରଦ ରସର ପର ପରମ ରମ୍ୟର ଗଣ ।
( ଗୀତ ବଳଣ: ୧°ମ ଛାନ୍ଦ, ଲ. ଲୋ:)

ଅନ୍ୟାନ୍ୟ—ଦଣ୍ଡଚକ୍ରାଭାସିତ, ଶୃଙ୍ଖଳା, ଗୋମୂତ୍ରିକା ଓ ମେଘଧ୍ୱଜ ପ୍ରଭୃତିର ସଂଜ୍ଞା, ରୂପର ବନ୍ଧ ଉଦାହରଣ କବି ଲଳିତଲୋଚନାର ଦଶମ ଛାନ୍ଦରେ ଦେଇଛନ୍ତି ।

ଛଳଶ୍ଳେଷ ଓ ବକ୍ରବାଣୀର ପ୍ରଶଂସା—ଅଧିକାଂଶ କବିତାରେ ଓ ଭଣିତାମାନଙ୍କରେ ଛଳଶ୍ଳେଷ ଓ ବକ୍ରବାଣୀର ପ୍ରଶଂସା କରି କବି ସ୍ତ୍ରୀବାଣୀର ଶୋଭା ସହିତ ତୁଳନା କରିଛନ୍ତି ।

ବନ୍ଧ ସ୍ତ୍ରୀଙ୍କର ଶୋଭା,
ବକ୍ରବାଣୀ ମନଲୋଭା ।
ଛଳଶ୍ଳେଷ ବନା ଗୀତ,
ହୁଅଇ କି ମନୋହର ।

ଭ୍ରାନ୍ତିମତ—ଏଣେ ନୃପ-ନନ୍ଦନ ଏମନ୍ତ କରି
ରହି ନ ପାରେ ମନ ସେ ମଣିକରି ।
ରତ୍ନସ୍ଥଳ ସେ ଅତ୍ୟନ୍ତ ଅଙ୍କଟାପରେ
ପଡ଼ି ନୃପ ଭୂପତି ଶ୍ରେଷ୍ଠ ଚୋପରେ ।୧। (୨୨ଶ ଛାନ୍ଦ)

ଅନୁପ୍ରାସ—କବି ଅନୁପ୍ରାସର ବହୁଳ ପ୍ରୟୋଗ କରି କମନୀୟ ପଦାବଳୀ ସୃଷ୍ଟି କରିଛନ୍ତି, କିନ୍ତୁ କେତେକ ପ୍ରୟୋଗ ସ୍ଥଳରେ ପଦଗୁଡ଼ିକ କୌତୁକପ୍ରଦ ହୋଇଛି ;

ଏ ଚଉଡ଼ ଘୁଞ୍ଚି କରେଣ ଭଗ୍ନ ଗଣ୍ଡ-ମୂଳ ଶିଖ ତଳସ୍ତ
ଶସ୍ତ ନ କରେ ମୁଖ ଲକ୍ଷ ଦେବାରେ ବକ୍ର ଭୁଦେବ କରେ ଗୁପ୍ତ ।
ଦାନାରେ, ପ୍ରସ୍ଥବା ଏଡେ ନୋଡ଼େ ଧୂସ୍ତ
ଯେ ମନକୁ ଅଶେ ବନ୍ଧ୍ୟାସ୍ତ୍ରୀ ଏ କଥ୍ୟ ଯୁକ୍ତ ଏହା ଭଣିବନ୍ତ ।୩୯।
(ଶଂଷଣ ଛନ୍ଦ, ଲ: ଲୋ: )

'ଗୌଡ଼ଗ୍ରନ୍ଥି' ଶବ୍ଦକୁ ଧରି 'ଅନୁପ୍ରାସ' ବ୍ୟବହୃତ ହୋଇଛି । ଏହିପରି ମଧ୍ୟପଦରେ 'ଝ', ମଣ୍ଡଳରେ 'ଧ' ର ବ୍ୟବହାର ଶୈଳୀ ପ୍ରଦର୍ଶିତ ହୋଇଛି । କବିଙ୍କ ଶବ୍ଦଶକ୍ତିର ଛନ୍ଦକୁ ଏହା ପ୍ରମାଣ କରୁଛି ।

ମାନସିକ ବିଶ୍ଳେଷଣ—ବାଲ୍ୟ, କିଶୋର ବର୍ଣ୍ଣନାରେ କବି ଯେଉଁ ଭାବବୋଧର ସୂକ୍ଷ୍ମ ମାନସିକ ବିଶ୍ଳେଷଣର ପରିଚୟ ଦେଇଛନ୍ତି ତାହା କମ ପ୍ରଶଂସା ଅର୍ହ ଶ୍ରଦ୍ଧାଜନକ । କବି ପ୍ରତ୍ୟେକ ସ୍ତରରେ ନିଜର ପାଣ୍ଡିତ୍ୟ ଓ ଭାବ ସମୃଦ୍ଧିର ସୂକ୍ଷ୍ମ ନାୟକନାୟିକାଙ୍କର ଚରିତ୍ର ଲୀଳାରେ ବ୍ୟକ୍ତ କରିଛନ୍ତି । ଅପ୍ରତ୍ୟକ୍ଷ ବିରହ ବେଦନାରେ କାତର ହୋଇ ସପ୍ତମ୍ବା ନାଟକକୁ ଯେଉଁ ଅନସୂୟା ଲେଖିଛି ସେଥିରେ ଯୌବନୋନ୍ମତ୍ତ ପ୍ରେମିକର ବିରହ ଚିନ୍ତାଧାରା ପ୍ରକାଶ ପାଇଛି ମାତ୍ର । ନାୟିକାପ୍ରାପ୍ତି ପୂର୍ବର ସ୍ୱବସ୍ଥା ନାୟକର ହୃଦୟକୁ ଉଦ୍‌ବେଳିତ କରିଥିଲେ ମଧ ସେ ଉଚିତ୍ୟ, ସ୍ଥାନ, ଓ ସଂସ୍କୃତିବୋଧକୁ ତ୍ୟାଗ କରି ନାହିଁ ।

ଶୀମନ୍ତ ତୋହର ମୁଖ ଦେଖିବାକୁ ଅନ୍ଧ ପ୍ରାୟେ ମନ ହେଉଛି
ଶକ୍ତ ପ୍ରକାରେ ଲେଖିଁ ବଞ୍ଚୁଛି
ସେ ବେନି ଶସ୍ତ୍ରେ ହେଲେହେଁ ଏ ବେନଙ୍କୁ
ଚିହ୍ନିଲୁ ସ୍ନେହ ଗ୍ରନ୍ଥିରେ ସୁନ୍ଦରୀ ।
ସୁଣି ନ ଜାଣେ ଦୁଃଖି ବେଦନା ସେ ପ୍ରକାରେ ନୋହୁଛି କଳନା
ସାଧାରଣ ଲୁହେଁ ବରଞ୍ଚ କଟନ୍ତ, ମୋହ ମନ ହାଣି ଶିନାରେ । ସୁନ୍ଦରୀ !
ସବୁଛି ଏଠାକୁ ଏ ଜନ୍ମ ମୋହର ସ୍ତୁମୁଖୀ ଶୁ କହେଲ କଲ୍ପଣ
ମାରଷ୍ଟାଙ୍କ ହୋଇବୁ ଯେବେ ବଣ,

ସଂସାରେ ଖ୍ୟାତ ହୋଇବ କି, ଏକଥା
ହେବ ସତ୍ୟ ଉପନ୍ୟାସରେ । ସୁନ୍ଦରୀ ।

ଯାଦୁବଂଶୀକି ମୁଁ ନିନ୍ଦା ପଦରେ ଯଦୁଦେଶଙ୍କୁ ବର୍ଣ୍ଣିବ ଯହିଁ
ଶାନ୍ତଭରେ ଏତେ ତର୍କରେ ଆଟପେ କି କୋଟିକ ଲୁ କି ଥିଲେ । ସୁନ୍ଦରୀ ।

ହର୍ମ୍ୟକ ପ୍ରକାରେ କଣ୍ଠ ଶ୍ରମ ସେଥିରେ ଅନନ୍ତ ହୋଇଲେ ଗୋଚର
ସମର୍ଥ ହେବ ଦୋଷଶାନ୍ତି ମାତର

ଦୃଷ୍ଟ ମନରେ ଯେ ବସ୍ତୁର ଭଏ
ହୋଇଯାଏ ଜର ଜରରେ । ସୁନ୍ଦରୀ ।

ଯେ ପ୍ରକାରେ ହେମ ଚକ୍ଷୁଣିକ ବସ୍ତୁର ଶୁଣାଶୁଣ ଦୋଷ ଥିଲେ କପଣ
ସନ୍ମାନ ପ୍ରାର୍ଥନା ତାହା ହେଉ ମୁଁ ବଢେଇବା ପ୍ରାଣେଶ୍ୱରରେ । ସୁନ୍ଦରୀ ।

(୩୮ଶ ଛାନ୍ଦ, ଲ: ଲୋ:)

ପ୍ରକୃତି ବର୍ଣ୍ଣନା : ବନ—କାନନର ପ୍ରଧାନ ଉପାଦାନ ବୃକ୍ଷ ଓ ସୁମନ ବର୍ଣ୍ଣନାରେ କବି ନବ ନବ ଶୈଳୀ ବ୍ୟବହାର କରି ଚିତ୍ରଗୁଡ଼ିକୁ ଜୀବନ୍ତ କରିବା ସଙ୍ଗେ ସଙ୍ଗେ ସ୍ୱ କଳ୍ପନା ଶକ୍ତି ଓ ଲକ୍ଷଣ ଭଙ୍ଗୀର ପାଣ୍ଡିତ୍ୟର ପରିଚୟ ଦେଇଛନ୍ତି । ନାୟକନାୟିକାଙ୍କର ମୃଗସ୍ୱାଭାବର ଶୋଭାକୁ ଦେଖି କବି ତାହାକୁ କୁଞ୍ଜଲତା ସହିତ ତୁଳନା କରିଛନ୍ତି । ମଥୁରା, ନୀଳାଚଳ, କଇଳାସ ପ୍ରଭୃତି ମଧ୍ୟ ତୁଳନା କରି ଦୂରର ମର୍ଯ୍ୟାଦା ବୃଦ୍ଧି କରିଛନ୍ତି । ମହାଭାରତ, ଭାଗବତ ଓ ରାମାୟଣ ପ୍ରଭୃତି ମଧ୍ୟ ସ୍ଥଳ ସ୍ଥଳରେ ଲକ୍ଷ୍ୟ ହୋଇଛନ୍ତି । ଦୃଷ୍ଟାନ୍ତର ଚାମତ୍କାର ଉପମାର ଅବଲମ୍ବନ । ଅଟ୍ଟମଣ୍ଡଳ ତଳ୍ପରେ ଥିବାରୁ କୃଷ୍ଣମୂର୍ତ୍ତି ସଙ୍ଗେ ସଙ୍ଗେ ମିଳିଛନ୍ତି । କଂସ ଥିବାରୁ ମଥୁରାପୁରୀ, ସୁଦର୍ଶନ ଥିବାରୁ କ୍ଷେତ୍ରବର ନୀଳାଚଳ ଓ ଚଉଷଠି ବୁଦ୍ଧିଜନ୍ମା ହେମନ୍ତର ଶୋଭା ପାଉଥିବାରୁ କୈଳାସ ସମ ଜଣାଯାଉଛି ।

ଭାଗବତ କେଉଁଠାରେ ସୁଶୀଳ ଶ୍ରେଣୀ,
ଭୂକମ୍ପନ ଦେଖିବାକୁ ସଂଶୟ ଛାଡ଼ି ।

ଯାଉଥାନ୍ତି ଦୋହଲାଇଅଙ୍ଗ କେତେକ ତରୁ,
ଧ୍ୱଜ ଶାଢ଼ୀ ଆଚ୍ଛାଦିତ ଅଟ୍ଟାଳି ସ୍ୱରୂ ।
( ୧୩ଶ ଛାନ୍ଦ, ଲ: ଲୋ: )

ଏହି ବନକୁ ନାଗ ଓ ରଥ ସହିତ ମଧ୍ୟ ତୁଳନା କରିଛନ୍ତି । ବନଟି ଉପବନ ସଦୃଶ ନାନା ବୃକ୍ଷରେ ଶୋଭା ପାଉଛି । ଏହା ପାର୍ଶ୍ୱରେ ସୁନ୍ଦର କେଶ ରମଣୀର ଘନ କଠିନ ଉରଜ ତୁଲ୍ୟ ଦେଖାଯାଉଛି । "କେଉଁ ଦେବ ରଥାକୃତ, ଲତାମଣ୍ଡପ ସ୍ଥିତ, ପତାକା ଉପରେ ଯାହା ପକ୍ଷୀ ଉଡ଼ନ୍ତି ସେ ।" ରଥର ଆକାର, ମଣ୍ଡପ ଓ ପତାକାକୁ ଏଥିରେ ଲକ୍ଷ୍ୟ କରାଯାଇଛି ।

ବସନ୍ତ ଋତୁରେ ବନବିହାର ପ୍ରସଙ୍ଗରେ ସଦାନନ୍ଦ 'ଲଳିତଲୋଚନା'ରେ କୁସୁମିତା ବୃକ୍ଷର ଉଲ୍ଲେଖ କରି କହିଛନ୍ତି, କୁସୁମିତା ନାମ ଶ୍ରେଣୀ ତରୁଣୀମାନେ ଭଳି ଯାଇ ଆଶ୍ରମ-ଉପବନରେ ଏକାଳରେ ଭ୍ରମଣ କରନ୍ତି ନାହିଁ । ନାମ ଭିତରେ ଥିବା 'କୁସୁ'କୁ ବେଣୀ ପକ୍ଷରେ ଉଦ୍ଧୃତ କାରଣ; ଏମେତ ବିରହିଣୀଆ ମନୋଗତିକୁ ଅଶେଷ କଷ୍ଟ ଦେଉଛି, ସେଥିରେ ପୁଣି କୁସୁମ ଆବର୍ତ୍ତ ନୟନକୁ କ୍ଷୋଭ କରେ । ଏହାଟି ସୁନ୍ଦର ଅଳଙ୍କାର ପରିଚୟ ଦେଉଛି । ଦୀନକୃଷ୍ଣ ମଧ୍ୟ ରସକଲ୍ଲୋଳର ସୁନ୍ଦର ପଦାବଳୀ ମଧ୍ୟରେ ବସନ୍ତ ଋତୁରେ ବନବିହାର ପ୍ରସଙ୍ଗର ରଚନା କରିଛନ୍ତି ।

ସଦାନନ୍ଦ—

କୁସୁମିତା ନାମ ଶ୍ରେଣୀ   ଭଙ୍ଗ ଲକ୍ଷ୍ୟ ତରୁଣୀ
ଶୋଭା ଯିବେଣ ଆଶ୍ରମ ନ କଲେ ଭ୍ରମଣୀ, ଏକାଳେ । ୭ ।
(୪ର୍ଥ ଛାନ୍ଦ, ଲ: ଲୋ:)

ଦୀନକୃଷ୍ଣ—

କୁସୁମ କଣ୍ଟକ ବାଣ ମନୋଭବ ନାମ ମାଧବ କୁସୁମଚାପ ।
କର୍ଣ୍ଣେ ପଡ଼େ ଶୁଣି ବ୍ରଜାଙ୍ଗନାମାନେ ହୁଅନ୍ତି ଛନ୍ନମନା ।

କବି ଅଷ୍ଟକାଳରେ ରେଳକ ବ୍ୟବହାର—ନବପରିଣୀତ ନାୟକ ଓ ନାୟିକାର ପ୍ରଥମ ମିଳନର ଆଗମନରେ ସେହି ସବୁସାଜ ଉଦ୍ଦୀପ୍ତ ହୁଏ ତାହାର ଅନୁକୂଳ ପରିବେଶଗୁଡ଼ିକ ଏକ ଚିତ୍ର କବି ନାନାଭଙ୍ଗୀରେ (୩୨ଶ ଛାନ୍ଦ) ଦେଇଛନ୍ତି । ଏହି କବିତାର ସର୍ବୋପାଖ୍ୟାନରେ ଅନୁକୂଳ ହେଲେ ମଧ୍ୟ "ଦୂତୀ ଓ ଚେଟୀ"ଙ୍କ ସମର୍ଥିତ ବ୍ୟବହାର ସହିତ ଶଠପୁରୁଷ ଓ ଶଠରମଣୀଙ୍କ ଅବୈଧ ପ୍ରେମର ପ୍ରତି ସମର୍ଥନଯୋଗ୍ୟ ନ ହେବା ଆଶଙ୍କାରେ କବି 'ରେଳକ ବ୍ୟବହାର'ର ଆଶ୍ରୟ ନେଇ ଏହାକୁ ସିଦ୍ଧ କରିଛନ୍ତି । ସାମାଜିକ ଦୃଷ୍ଟିରେ ଏହାର ଉଚ୍ଚ ସ୍ଥାନ ନଥିଲେ ମଧ୍ୟ 'ଶଠ' ପ୍ରେମିକ-ପ୍ରେମିକାଙ୍କ ସମାଜ ବହିର୍ଭୂତ ବ୍ୟବହାର 'ପ୍ରେମପୂଜା'ର ଏକ ଅପରିହାର୍ଯ୍ୟ ଅଙ୍ଗରୂପେ କବି ପରମ୍ପରା-ଅନୁମୋଦିତ ପନ୍ଥା ଅନୁସରଣ କରି ବର୍ଣ୍ଣନା କରିଛନ୍ତି । ସମାଜରେ ଶଠପୁରୁଷ ଓ ଶଠରମଣୀଙ୍କ ଅବୈଧ ପ୍ରେମ ଦୋଷପୂର୍ଣ୍ଣ ସୂଚିତ ହୋଇଛି । ଏହାର ବିଶେଷ ଧାର୍ମିକାଳୀ ବର୍ତ୍ତିନୀ କବି ଅବୈଧ ଆଚରଣକୁ କବି ସମର୍ଥନ କରିଥିବା ଅନୁମାନ ଠିକ୍ ହେବ ନାହିଁ । କେବଳ ଯାହା ପଛରେ ବା 'ରେଳକ ବ୍ୟବହାର' ଯେପରି ଦିଶୁଛି ତାହାକୁ ହିଁ କବି ଚିତ୍ରିତ କରିଛନ୍ତି ।

ଅନ୍ଧକାର ରାତ୍ରି ପଳାଇବା ପୁଷ୍ପବତୀ ସମ୍ମୁଖ ଉଷ୍ଣ ହୋଇଛି, କେତେ ଥିଲେ ମଧ୍ୟ ନଥିଲା ପ୍ରାୟସ୍ୱ ବ୍ୟବହାର କରୁଛି । କେତେକ କବି ଲିପିକରେ ଆଦର ହେବାକୁ 'ନିକଟରେ ବାନ୍ଧ ଅନୁରାଗର' ହେଉଛନ୍ତି । ପରନ୍ତୁ ପ୍ରଶ୍ନ କଲେ 'ହଁ' 'ନାଁ' ବ୍ୟତୀତ ଆଉ କିଛି କହୁ ନାହାନ୍ତି ।

ପରୁଷିଲେ ନାମ ଶୋଭା କଲେ,
ଏକାନ୍ତର ଆସେ ବୋଲାଇଲେ ।
ମୁଖ ଧର ନେବା ଅନୁମାନ,
କରି ଟାଣିଲେ ଆପଣା ଜନ ।
ଚନ୍ଦ୍ରକାନ୍ତି ଆଶୁଧ ଚପଳ
ହୋଏ ଯେତିକି ପଟ ନିର୍ବେଦ ।

ଦୂତୀମାନେ କଲେ ଚେଷ୍ଟା ଯତ୍ନ,
ଦୂତ ବାଟ ଚେଟ ଏଥି ମନ୍ତ୍ର ।

'ପଥିକ ବଣିକ' ଓ 'ସୁନାସ୍ତ' କଥୋପକଥନ ଅତି କୌତୁକ ସୃଷ୍ଟି କରି ପାରିଛି ।

ତାହା ଦ୍ୱାରେ ପଥିକ ବଣିକ
କହେ ବଣିମ ଭଲ ନାୟକ ।
ପଦକରେ ମଣ୍ଡିଲେ ଭୂଷଣ
ଶୁଣି ସୁବାଣୀ ବାଣୀ କନକ ।
ସୁନାସ୍ତ କି କଥା ଥିବେ କଥା ତାଙ୍କୁ
ଅନ୍ୟେ ଖଣ୍ଡିକି ଥିଲେକ ତୋଳୁ ।
ନାସ୍ତକେଳ ଫଳ ତେଣୁ ରସିକା,
ଯେତେ ଥିଲେ ତେଜନ ତ୍ରାଣଧିକା ।

ଏହି 'ବୈକୁଣ୍ଠ'ରେ ଏହି 'ଦସ୍ତୁଦୂତୀ'ମାନଙ୍କର ବ୍ୟବହାର ଏତିପଣ ବୋଲି ଲକ୍ଷ୍ୟ କର 'ଗୁପ୍ତ ବତ୍ସଳ ଭବେଶ' ଅଧିକ ବିସ୍ତାର ବର୍ଣ୍ଣନା ଶାନ୍ତ ହେଲେ ।

ଲବଦେବଣଧାସ୍ତ ସ୍ୱାମୀ ଓ ସ୍ତ୍ରୀଙ୍କ 'ଅବୋଧ ସୁବେଶ' ପ୍ରସ୍ତୁତି ହାସ୍ୟୋଦ୍ଦୀପକ ହୋଇଥିଲେ ମଧ୍ୟ ଭୂତକର ହୋଇନାହିଁ ।

କେଉଁ ନାସ୍ତ ଧରି ସ୍ୱଂସ ବେଶ
ଘରେ ଗମନ ହୋଇ ଆବେଶ ।
ତାର ପଥ ନାସ୍ତ ଦୂପ ମନେ
ହେଲେ ସୁବେଶ ଏକ ଶରୀରେ ।
ସୁକଣ୍ଠରେ ପଦକସ୍ତ ଦାସ
ସମାପନେ ହେଲା ଉପହାସ ।
ସେ ଯାହାର ପ୍ରୀତ ଶୋଚନେ,
ହାସ୍ୟରସେ ଭାଳି ଦେଇ କରେ ।

ଏହି ଚଉ ପଦଙ୍କୁ 'ଅଙ୍କ ମୁଦ୍ରାକାଶ ବନ୍ଧ ତ୍ରୈରାଜ୍ୟ ନୃସିଂହ ଅଙ୍କ' ବ୍ୟାଖ୍ୟାନଟି ସୁଦ୍ଧା ଅଧିକ ସନ୍ଦିଗ୍ଧ କରି ଦେଇଛୁ । କାରଣ ଯେ ଏହା ସୁତ-ସନ୍ଦିଗ୍ଧ ବୋଲି ନଜାଣି ଏପରି ଲେଖିଛନ୍ତି ଏହା କହିବ ନାହିଁ, କେବଳ 'ଲେଖ ବ୍ୟବହାର'ର ଚତୁ ଦେଖା ଉଦ୍ଦେଶ୍ୟରେ ଏହା ବର୍ଣ୍ଣନା କରିଅଛନ୍ତି, ଦ୍ୱିତୀୟ ଉଦ୍ଦେଶ୍ୟରେ ନୁହେଁ ।

ଏ ରୂପେ ଲେଖ ବ୍ୟବହାର
ଘୋର ଅମିର ଯୋଗି ସଂହାର । (୩୬ଶ ଛାନ୍ଦ)

ପ୍ରଭାତ—ସଦାନନ୍ଦ ଏକାଧିକ ସ୍ଥାନରେ ପ୍ରଭାତର ବର୍ଣ୍ଣନା କରିଥିଲେ ମଧ୍ୟ ଲାବଣ୍ୟବତୀର ଅଷ୍ଟାଦଶ ଛାନ୍ଦର ପ୍ରଭାତ ବର୍ଣ୍ଣନାଟି କବିତ୍ୱପୂର୍ଣ୍ଣ ହୋଇଛି ଏବଂ ଏହି ଛୋଟିଆ ପଂକ୍ତି ଉପେନ୍ଦ୍ର ଭଞ୍ଜାଦି କବିମାନଙ୍କ ବର୍ଣ୍ଣନାର ପଂକ୍ତିମାନଙ୍କ ସହ ତୁଳନୀୟ ।

ଏମନ୍ତେ ନିଦ୍ରା ଆବେଶ । ଯାମେ ହୋଇଲା ନିଶି ଶେଷ ।
ଦକ୍ଷିଣ ଦିଶ ଅରୁଣ । ଉଦେ ଅରୁଣ ଯେ । ୫୭ ।
ଲଭା ଚଉ ଦୂଶି ତଳ । ନଭଯାତ୍ରିକ ଏ ତାଳ ।
ଦେଖିଲେ ଅ.ଠ ମାଣକ । ଇଭାଛ ବର୍ଣ୍ଣ ଯେ । ୫୮ ।
କ ଅବା ଦେଖ ଆଶା ନାଶ । ଏ ସୁବର୍ଣ୍ଣ ଥାଳୀ ଧର ।
ଅନ୍ଧର ଦୂଶତ କଣ । କେଳି ବାହାର ଯେ । ୫୯ ।
ଦେଖି ତା କଣ୍ଠିନାଥ । ତୁଦରେ ଉଦ୍ଧଲ ତଳ ।
ପଳାଇ ଲୁଚ ହୃଦରେ । ମେଘୁ ପଟରେ ଯେ । ୬୦ । × ×
(୧୮ଶ ଛାନ୍ଦ ।)

ପୁଣି ଅନ୍ୟ ସ୍ଥାନରେ ପ୍ରଭାତର ବର୍ଣ୍ଣନା—

ଏକାଳେ ଅରୁଣ ଉଦେ ପ୍ରାଚୀରେ
ସିନ୍ଦୂର କି ପ୍ରତଙ୍ଗନା ଭାଲରେ ।

ଦେଖାଇଲେ ଯା ଦୋଳ-ମିହିର ସୁତ
ଅମ୍ବର ଧୀର ଅମ୍ବରେ ଶୋଭିତ ।
ଘଣ୍ଟି ବଳ ବଳ, ନୂପୁର କିଙ୍କିଣୀ ଆଦି ଭୂଷଣ । ୪୫ ।
( ୮ମ ଛାନ୍ଦ )

ସନ୍ଧ୍ୟା—ଏମନ୍ତରେ ଦେଖି ଦିବସ ଶେଷ,
ହୋଇଲା ରବି ଅସ୍ତ୍ୟ ପରବେଶ ।
ଏଣୁ ବିରହିଣୀ ଭଗ୍ନା ହୋଇଲା,
ରଜା କରରେ ଭାଣ୍ଡୀ ମିଶିଲା ।
ତାରାଗଣ ମାନ, ସୂର୍ଯ୍ୟ ଦମନ ଅସ୍ତ ନ ମଣ୍ଡନ । ୩୫ ।
(୮ମ ଛାନ୍ଦ, ଲ: ଦେ:)

କବିଙ୍କ ସୁପରିଜ୍ଞାନ: ଭୌଗୋଳିକ ଜ୍ଞାନ—ସଦାନନ୍ଦ ତାଙ୍କର ରଚନାମାନଙ୍କ ଭିତରେ ଏକାଧିକ ସ୍ଥାନରେ ପ୍ରସଙ୍ଗକ୍ରମେ ଭାରତର ବିଭିନ୍ନ ରାଜ୍ୟର ନାମକରଣ କରିଛନ୍ତି । ନାୟିକାର ସ୍ୱୟମ୍ବର, ନାୟକର ଦେଶ ପର୍ଯ୍ୟଟନ, କାମର ଚାପପଟ ପ୍ରଦର୍ଶନାର୍ଥେ ବହୁଳ ଦେଶଗମନ ପ୍ରଭୃତି ସ୍ଥଳରେ ଏହି ଦେଶଗୁଡ଼ିକର ନାମକରଣ କରିଛନ୍ତି ।

ଉତ୍ତରାଷ୍ଟ୍ର, ଉଡ୍ର ରାଷ୍ଟ୍ର, ମଗଧ, କଳିଙ୍ଗ, ଗୁଜରାଟ, ମରହଟ୍ଟ, ମଦ୍ରାଳସ୍ତ, ତେଲଙ୍ଗ, ଗଉଡ଼ । (୨୪ଶ ଛାନ୍ଦ, ଲ: ଦେ: )

ଶକୁନ—ଶାସ୍ତ୍ରାଭ୍ୟାସରୁ ଓ ପର୍ଯ୍ୟବେକ୍ଷଣ ବଳରୁ କବି ସ୍ୱଗ୍ରନ୍ଥରେ ଶୁଭ ଓ ଅଶୁଭ ଶକୁନର ସୂଚନା ଏକାଧିକ ସ୍ଥାନରେ ବ୍ୟକ୍ତ କରିଛନ୍ତି । 'ବାମେ ପିଙ୍ଗଳା ରୌଦ୍ର' ଇତ୍ୟାଦି ବାକ୍ୟର ଦୂତନା ସହିତ ଦେଶଜ ଶାସ୍ତ୍ରମୂଳକ ବହୁ ସଙ୍କେତର ସେ ଉଲ୍ଲେଖ କରିଛନ୍ତି । ଅନୁକୂଳ ହେଲେ 'ଧୀବର ମତ୍ସ୍ୟ ଭାର', ଗୋପୀମାନଙ୍କର ଦଧି ଦୁଗ୍ଧ ଭାଣ୍ଡ, ଦେବାଳୟରେ ଶଙ୍ଖଧ୍ୱନି, ଦକ୍ଷିଣ ପାର୍ଶ୍ୱରେ ମୃଗ, ଗାଭୀ ଓ ବ୍ରାହ୍ମଣଙ୍କ ଗତି, ବାମରେ ଶବ-

ଶିବାଳୁଙ୍କ ଗଡ଼, ଜଳପୂର୍ଣ୍ଣ କୁମ୍ଭ, ଶଙ୍ଖରେ ନକୁଳର ଭଙ୍ଗ—ଏହିସବୁ ଶୁଭସୂଚକ । (୯ଂଶ ଛନ୍ଦ, ୧୦, ୧୧:)

ଯୋଗ ସାଧନା—ସଦାନନ୍ଦ ଧ୍ୟାନସ୍ଥ ଯୋଗୀମାନଙ୍କର ଏକ ଚିତ୍ର ଦେଇଛନ୍ତି । ସେମାନଙ୍କର ବନରେ କଠୋର ସାଧନା ବନାଞ୍ଚଳ ଅନୁକୂଳ ବାତାବରଣ ଯୋଗୁଁ ହିଁ ସମ୍ଭବ ହୋଇଛି । ବନର ବୃକ୍ଷତଳେ ଯୋଗୀମାନଙ୍କ ଗୁମ୍ଫ ଦେଖାଯାଉଥିବା ଦୃଶ୍ୟ ବର୍ଣ୍ଣନାରେ କବିକଳ୍ପନାର ବିଶେଷତ୍ୱ ପ୍ରକାଶ ପାଇଛି ।

ଦେବ ଶାଳ ସଙ୍କଟ ମୁନିମାନଙ୍କ ଚିତ୍ତ
ଯୋଗ ସାଧନାରେ ସବେ ହେଳ ରହନ୍ତି ।

ସେମାନେ ବୃକ୍ଷଚକ୍ରରେ ପଦ୍ମାସନରେ ବସିଛନ୍ତି । ଅନ୍ନପୂର୍ଣ୍ଣ କମଣ୍ଡଳୁ ସମ୍ମୁଖରେ ସ୍ଥାପିତ ହୋଇଛି । ଅଙ୍ଗୁଳି ରୁଦ୍ରାକ୍ଷ ହୋଇଛି, ଊର୍ଦ୍ଧ୍ୱକୁ ଦୃଷ୍ଟି ଲଗାଇଛନ୍ତି । କେ ବା ଦୂର ପାଦକୁ କାନ୍ଧରେ ରଖିଛନ୍ତି ଏବଂ କେହି ବା ଡାହାଣକୁ ଊର୍ଦ୍ଧ୍ୱରେ ରଖିଛନ୍ତି । କେ ବା ହସ୍ତକୁ ଧରଣୀ ଉପରେ ନ୍ୟସ୍ତ କରିଛନ୍ତି ଏବଂ ନାଭିକମଳକୁ ପବନ ଟାଣି ବସିଛି । କେ ବା ବୃକ୍ଷରେ ପାଦକୁ ବାନ୍ଧି ଓଲଟ ମୁଣ୍ଡ କରିଛନ୍ତି । କେହି କେହି ଉତ୍କଟାଦି ନାନା ଆସନ କରି ଶରୀର ଧାରଣ କରୁଛନ୍ତି ।

ଜଣେ 'ନସ୍ତନ ମନଭୋଟର ନୋହିବ ସମାନ' ହିଁ ବୃଦ୍ଧ ଓ ଯୋଗୀଙ୍କ ପ୍ରଭେଦ ପ୍ରକାଶ କରୁଛି । (୧୪ଶ ଛନ୍ଦ)

ଏହି ଦୃଶ୍ୟ ବନବହୁଳ ଓଡ଼ିଶାରେ ବହୁ ପ୍ରାଚୀନ କାଳରୁ ଦେଖାଯାଉଥିଲା । ଓଡ଼ିଶାର ବହୁସ୍ଥ ଅଞ୍ଚଳରେ ପର୍ବତ କୋଟରମାନଙ୍କରେ ବୈଷ୍ଣବ, ଶୈବ, ଶାକ୍ତ ଓ ବୌଦ୍ଧ ତାନ୍ତ୍ରିକମାନଙ୍କର ସାଧନା ପୀଠ ଥିଲା । କବିଙ୍କର ଏହି ବର୍ଣ୍ଣନା ସମସାମୟିକ ପରିବେଶର ଫଳ ନ ହେଲେ ମଧ୍ୟ ପ୍ରାଚୀନ ସ୍ମୃତିର ପ୍ରଭାବ ଏଥିରେ ଥିବା ସ୍ୱାଭାବିକ ।

ସୂକ୍ତବାଣୀ: ଶୁଣ—ଗୁଣ ନଥାଇ ଯାହାର, ପଶୁ ହେବେଲେ ନରାକାର।
ଯେସନ ମଙ୍ଗଳବାର, ଅମଙ୍ଗଳ ରକ୍ଷା କର।

ଯେସନ ନାମ ମାତ୍ର, ଅର୍ଥ ନ ଲୁଆପଥର।
ଗୁଣ ପାଇଁ ବନବାସୀ, ପକ୍ଷୀଙ୍କ ଆଦରେ ପୋଷି।

ସମାଜରେ ସର୍ବଦାଙ୍କ ସ୍ୱସ୍ଥ୍ୟ ହିଁ ଦେଖି ସଦା କବି ସୁପନ୍ଥ ଜଣ ଗୁଣ ଓ ଗୁଣୀଙ୍କର ପ୍ରଶଂସା କରନ୍ତି। ଗୁଣହିଁ ମନୁଷ୍ୟର ପ୍ରକୃତ ଶୋଭାର ମାନଦଣ୍ଡ; ମନୁଷ୍ୟ ଆକୃତ ଏକ, ଗୁଣରେ ତଫାତ ଅଧିକ। ଗୁଣୀପ (ଗୁଣୀ)ଙ୍କ ଗୁଣ ଶୁଣିଲେ ବନସ୍ଥ ପଶୁପକ୍ଷୀ ଏବଂ ଏହି ବନସ୍ଥମାନେ ଗୁଣୀର ଗୌରବ ଗାଇ ଥାଏ। କେବଳ ଗୁଣୀର ଅଲଙ୍କାର। "ଜନ୍ମ ହୋଇ ପଶୁରେ, କୋଉଠି ଖାଲି କରେ।"

କିନ୍ତୁ ଗୁଣର ଆଦର ଗ୍ରାହକ ଯୋଗ୍ୟ ହୁଏ। ଗୁଣୀ ଓ ଗ୍ରାହକ ମିଳନରେ ଉଭୟମାନ ନ ରହିଲେ ଗୁଣର ଆଦର ଓ ମର୍ଯ୍ୟାଦା ରହେ ନାହିଁ। କବି ସୁନ୍ଦର ସ୍ୱରରେ ଉଦାହରଣଦ୍ୱାରା ଏହାକୁ ବୁଝାଇଛନ୍ତି। ଉତ୍ତମ ଜନଙ୍କ ଆଗରେ ଗୁଣ ପ୍ରକାଶ କରିବା ଉଚିତ, ମୂର୍ଖଙ୍କ ଆଗରେ ଗୁଣ ପ୍ରକାଶ କଲେ ଉପହାସ କେବଳ ପାଇ।

ମୂର୍ଖେ ନ ଜାଣେ କେ ଗୁଣ, ଅନ୍ଧ ଆଗେ ଦେଖାଇ ଦର୍ପଣ।
ଯେସନ ବନ୍ଧ୍ୟା ଜଣ ଦେଖି, ଗାନ ଶୁଣିନ ଅନ୍ଧୁଣୀ।
ତେଣୁ ଉତ୍ତମ ଆଗରେ, ପ୍ରକାଶି ଗୁଣ ଦେଖରେ।
ନୀଚଜନ କଲେ ପ୍ରକାଶି, ଫଳ ପାଇ ଉପହାସ।

କବି ଏହି ପଦ୍ୟଙ୍କରେ ବନ୍ଧୁଙ୍କରେ ଗୁଣ ଗ୍ରହଣର କେତୋଟି ସୁନ୍ଦର ଦୃଷ୍ଟାନ୍ତ ଦେଇଛନ୍ତି। ସାମାଜିକ ଜୀବନରେ ଏହାର ପ୍ରଭାବ କମ୍ ନୁହେଁ। ସମାଜରେ 'ସ୍ୱାର୍ଥ'ମାନଙ୍କର ସ୍ଥାନ ନ୍ୟୂନ ନ ହେଲେ ମଧ୍ୟ ଗୁଣଗ୍ରାହକମାନେ

ଏମାନଙ୍କର ସୁଭାଷ ଗଥିବା ଏକ ବୋଲି ଦେଶରେ ପ୍ରଚଳିତ ଅଛି । ତାକୁ ଲକ୍ଷ୍ୟକରି କବି ଉଦାହରଣ ଦେଇ ବୁଝେଇଛନ୍ତି—

ହାଲିକ ଗ୍ରାମେ ସେଥନ, ଅଶୋକ ସୁନ୍ଦର ଜନ ।
ଦେଖିଲେ କୋମଳ ଦେହ, ବୋଲନ୍ତି ବାଘ ଶରୀର ।
ନ ହେଲି ପୁତୁଳ ଅଙ୍ଗ, କହନ୍ତି ଜାମଳ ରଙ୍ଗ ।
ଯୁଝିଲେ ନସୁଇ କୋଣେ, ଦେଇ ଦାନ ଭଲ୍ଲ ଏଣେ ।
(୧୦ମ ଛାନ୍ଦ, ଲ: ଲୋ: )

ଅନୁଚିନ୍ତା—ସଦାନନ୍ଦ ଲଳିତ ଲୋଚନାରେ ନାୟକ ଓ ନାୟିକାର ଅନୁଚିନ୍ତା ଏକାଧିକ ଛାନ୍ଦରେ ଅତି ସୁନ୍ଦର ଭାବରେ ବର୍ଣ୍ଣନା କରିଛନ୍ତି । ନବ ପରିଣିତ ଦମ୍ପତିଙ୍କ ପକ୍ଷରେ ସମ୍ଭବତଃ ପ୍ରତ୍ୟେକ ଏହା ପ୍ରେମଉଦ୍ଦୀପିତ ଓ ଶୃଙ୍ଗାରପ୍ରଧାନ ହେବା ସ୍ୱାଭାବିକ । କବି ପ୍ରେମିକ ପ୍ରେମିକାଙ୍କର ପ୍ରେମ-ଜୀବନର ବିଭିନ୍ନ ସ୍ତରଗୁଡ଼ିକୁ ଅମର ଅମୃତପଦାବଳୀରେ ବର୍ଣ୍ଣନା କରି ଏକ ଅନ୍ୟତମ ସୁନ୍ଦର କାବ୍ୟକଳା ସୃଷ୍ଟି କରିପାରିଛନ୍ତି ଓ ତାଙ୍କ ଲେଖନୀ ଧନ୍ୟ ହୋଇଛି ।

ଓଡ଼ିଆ ପ୍ରେମକାବ୍ୟ ଜଗତରେ ସଦାନନ୍ଦଙ୍କର କାବ୍ୟସୃଷ୍ଟି ତାଙ୍କର ନାମକୁ ଅମର କରି ରଖିଛି ଏବଂ ତାଙ୍କୁ ଜଣେ ଶୀର୍ଷଶ୍ରେଣୀୟ କବିର ଆସନ ଦେଇଛି ।

ଲଳିତଲୋଚନା ପ୍ରଥମ କାବ୍ୟ—କବି ପ୍ରଥମେ ଶ୍ରେଷ୍ଠ ଶ୍ରେଷ୍ଠ ବହୁ କାବ୍ୟ ଲେଖିଥିଲେ । 'ଲଳିତଲୋଚନା'ଟି ତାଙ୍କର ପ୍ରଥମ କାବ୍ୟ ଥିବା ଅନୁମିତ ହୁଏ ।

ମୋହନ କଳ୍ପଲତା କାବ୍ୟର ଶେଷ ଛାନ୍ଦରେ କବି ଯେଉଁ ଗ୍ରନ୍ଥ-ତାଲିକା ଦେଇଛନ୍ତି ସେଥିରେ କାବ୍ୟମାନଙ୍କ ମଧ୍ୟରେ ପ୍ରଥମରୁ ଲଳିତ ଲୋଚନାର ନାମ ଦେଇଛନ୍ତି । ଏହାପରେ ଯୁଗଳରସାମୃତଲହରୀର ନାମ ଦିଆଯାଇଛି ।

ଭୁଜଙ୍ଗ ଦଳ ଶୃଙ୍ଖଳା କଣ୍ଠଧାମ
ଏ ପ୍ରକାରେ କରୁ କରୁ କରନ୍ତୁ ବର୍ଣ୍ଣନ । ୨ ।

ଚନ୍ଦ୍ରଧରା ଚନ୍ଦ୍ରଧରା ବୋଲି ଅଛୁ ଯେତେ
କେଉଁ ଦେଶେ କେଉଁଠାରେ ପ୍ରକାଶ କରନ୍ତେ । ୩ ।

ଲଳିତଲୋଚନା ଗ୍ରନ୍ଥ ବାହୁଡ଼ ଛନ୍ଦରେ
ସମ୍ପୂର୍ଣ୍ଣ ହୋଇଛୁ ଜାଣ କଳ୍ପନା ଦେଖରେ । ୪ ।

ଶ୍ରୀ ମୁରଳି କଣ୍ଠାମୃତ ଲହରୀ ପ୍ରକଟ
ରାଧାକୃଷ୍ଣ ପୂର୍ବରାଗ ଅଠାବନ ଛନ୍ଦ । ୫ ।

ପୁଣି ‘ମୁରଳୀରସାମୃତଲହରୀ’ କାବ୍ୟର ଯେତେକ ଛନ୍ଦର ଶେଷ ନିର୍ଦ୍ଦେଶରେ ଲଳିତଲୋଚନାର ଯେତେକ ଛନ୍ଦର ପ୍ରଥମ ଚରଣର ଉଲ୍ଲେଖ କରିଛନ୍ତି ।

(୧) ୩୯ଶ ଛନ୍ଦ—ଶେଷ ମୁଖାଗ୍ର—ଲଳିତଲୋଚନା ନୟନ ମିଳିତ ବାଣୀ ।

(୨) ୫୯ଶ ଛନ୍ଦ—କମଳ ଲୋଚନା ନାସିକ ଡଗାଗ୍ର ବାଣୀରେ ।

ଲଳିତଲୋଚନାର ପ୍ରଥମ ଛନ୍ଦରେ କବି ‘କାବ୍ୟପୂର୍ଣ୍ଣ ତୃଷ୍ଣା’ ଉପାଧି ‘ଓଡ଼ିଶା ଗଜପତି’ (ବୀରକିଶୋର ଦେବ)ଙ୍କ ଠାରୁ ପ୍ରାପ୍ତ ହୋଇଥିବା ଉଲ୍ଲେଖ କରିଥିବାରୁ ଏ କାବ୍ୟ ରଚନା ପୂର୍ବରୁ ସେ ପଦବୀ ଲାଭ କରିଥିବା ସ୍ପଷ୍ଟ । ଏଥିରୁ ତାଙ୍କର କବିପ୍ରତିଭା ଲଳିତଲୋଚନା ରଚନା ପୂର୍ବରୁ ମଧ୍ୟ ଥିବା ପ୍ରମାଣିତ ହେଉଛି ।

## ମୋହନ କଳ୍ପଲତା (ଅପ୍ରକାଶିତ)

କଥାବସ୍ତୁ—ଭାବର୍ତ୍ତି ୪୭ଟି ସର୍ଗ ଛନ୍ଦରେ ରଚିତ । ଶ୍ରୀକୃଷ୍ଣ ଦ୍ୱାରକାକୁ ଯିବା ପରେ ଗୋପରେ ଶ୍ରୀରାଧା ଓ ଅନ୍ୟାନ୍ୟ ଗୋପୀମାନେ ତାଙ୍କୁ ଝୁରିବାକୁ ଲାଗିଲେ । ଏକେ ଯମୁନା କୂଳରେ ଗୋପୀମାନେ ରାଧାଙ୍କୁ

ସଙ୍ଗରେ ଧରି ଶ୍ରୀକୃଷ୍ଣଙ୍କ ଗୁଣ ସ୍ମରଣ ବିଳାପ କରୁଥିଲେ । ରାଧାଙ୍କ ଦେହରୁ ନିର୍ଗତ ଧାରା ବନ୍ଧୁ ଗୋଟିଏ ଗର୍ତ୍ତରେ ପୂର୍ଣ୍ଣ ହୋଇ ରହିଲା । ବୃନ୍ଦା କୌତୁହଳବଶତଃ ସେଠାରୁ ମୃତ୍ତିକା ଆହରଣ କରି ଗୋଟିଏ କାନ୍ତ-ପ୍ରତିମା ନିର୍ମାଣ କଲେ । ସେହି ପ୍ରତିମାକୁ ରାଧା ଏକାନ୍ତରେ ମନ୍ତ୍ରରେ ନ୍ୟାସ କରିବା ପରେ ସେହି ପ୍ରତିମା ଜୀବନ ଲାଭକରି ଗୋଟିଏ ଅନବଦ୍ୟସୁନ୍ଦରୀ ଦେହ ଲାଭହେଲା । ଗୋପୀମାନେ ଏହି ସୁନ୍ଦରୀକୁ ଦ୍ୱାରକାକୁ ପଠାଇଲେ । ଏହାକୁ ଦେଖି କୃଷ୍ଣ ଅବା ଗୋପୀମାନଙ୍କୁ ମନେ ପକାଇବେ, ଏହି ଉଦ୍ଦେଶ୍ୟରେ ଏହାକୁ ଦୂତୀ ରୂପରେ ପ୍ରେରଣ କରାଗଲା । ଦ୍ୱାରକାରେ ଏହି ଦୂତୀ ପ୍ରବେଶ ହୋଇ ଶ୍ରୀକୃଷ୍ଣଙ୍କୁ ରାଧାଙ୍କ ସମ୍ବାଦ ଜଣାଇଲା । ଶ୍ରୀକୃଷ୍ଣ ନିଜ ପାଦର ନଖସ୍ପର୍ଶ କରି ଗୋଟିଏ ପରମ ରୂପବାନ୍ ପୁରୁଷକୁ ଆବିର୍ଭୂତ କରି ଦୁହିଁଙ୍କୁ ସ୍ୱାମୀ ସ୍ତ୍ରୀ ରୂପେ ବନରେ ରହି କାଳ କଟାଇବାକୁ ଆଦେଶ ଦେଲେ ଏବଂ କହିଲେ ଯେ, ମର୍ତ୍ତ୍ୟଧାମରେ ଜନ୍ମ ଗ୍ରହଣ ନ କଲେ ସୁଖ କଣ, ତାହା ଅନୁଭୂତ ହୁଏ ନାହିଁ; ସେଥିପାଇଁ ସେମାନେ ପୁନର୍ବାର ମର୍ତ୍ତ୍ୟରେ ଜନ୍ମଗ୍ରହଣ କରି ଲୀଳାବସାନପରେ ତାଙ୍କ ସଙ୍ଗରେ ମିଳନ ହେବେ । କୃଷ୍ଣଙ୍କ ଆଜ୍ଞାନୁସାରେ ଏହି ପୁରୁଷ କର୍ଣ୍ଣାଟଦେଶ ରାଜା ସତ୍ୟବାହୁଙ୍କ ପୁତ୍ର ନନ୍ଦବଦନ ରୂପରେ ଏବଂ ସେହି ଦୂତୀ ରତ୍ନାକର ନାମକ ଧର୍ମଶୀଳଙ୍କ ଦୁହିତା ମୋହନ କଳ୍ପଲତା ବା ମୋହନଲତା ରୂପରେ ଜନ୍ମଗ୍ରହଣ କଲେ । ଏ ଦୁହିଙ୍କର ଜନ୍ମବୃତ୍ତାନ୍ତ, ଶିଶୁଲୀଳା, ଯୌବନ ପ୍ରାପ୍ତି, ବିବାହ, ବିରହ, ପୁନର୍ମିଳନ ପ୍ରଭୃତି ଏହି ୨୭ଟି ଛାନ୍ଦରେ ବର୍ଣ୍ଣିତ ହୋଇଅଛି ।

୧ମ ଛାନ୍ଦରେ ମଙ୍ଗଳାଚରଣ, ୨ୟ—ନାୟକ ନାୟିକାର ପୂର୍ବଜନ୍ମ ବୃତ୍ତାନ୍ତ ବର୍ଣ୍ଣନ, ୩ୟ—ନାୟକର ଜନ୍ମ, ରୂପ ବର୍ଣ୍ଣନା, ୪ର୍ଥ—ନାୟକର ଗୁଣ ବର୍ଣ୍ଣନା, ୫ମ—ମୋହନଲତାର ଜନ୍ମ, ୬ଷ୍ଠ—ନାୟିକାର ବାଲ୍ୟଲୀଳା ବର୍ଣ୍ଣନ, ୭ମ—ସ୍ୱପ୍ନ ଭେଦ, ୮ମ—ଯୌବନ ବର୍ଣ୍ଣନ, ୯ମ—ମୋହନଲତାର ଚିତ୍ର ଦର୍ଶନ, ୧୦ମ—ନାୟକର ଶିକାର, ୧୧ଶ—ବନ ଭ୍ରମଣ, ଅସ୍ତବଟଣୀ, ୧୨ଶ—ନେହ ସୂର୍ଯ୍ୟୋଦୟ, ୧୩ଶ—ମୋହନଲତା ଚିତ୍ର ଦର୍ଶନ, ୧୪ଶ—ମୋହନ ଲତାର ଶୀଘ୍ର ଆଗମନ, ୧୫ଶ—ନାୟକ ନାୟିକାଙ୍କର କାଳକ୍ଷା

ପୂଜା, ୧୬ଶ—ମୋହନଲୀଳାର ସୁପ୍ରଭେଦ, ୧୭ଶ—ମୋହନଲୀଳାର ଉଦ୍ଭାଳ ବେଷ୍ଟନ, ୧୮ଶ—ବର୍ଷାକାଳ ବର୍ଣ୍ଣନା, ୧୯ଶ—ନାୟକ ଉତ୍ତର ଲେଖା, ୨୦ଶ—ଶରତ୍ ଋତୁ ବର୍ଣ୍ଣନା, ୨୧ଶ—ନାୟିକା ଚେଷ୍ଟା, ୨୨ଶ—ନାୟିକା ଚେଷ୍ଟା, ୨୩ଶ—ନାୟିକା ଚେଷ୍ଟା, ୨୪ଶ—ନାୟିକା ଚେଷ୍ଟା, ୨୫ଶ—ନାୟକ ଚେଷ୍ଟା, ୨୬ଶ—କେମାର ସ୍ୱୟମ୍ବର ଅବଲୋକନ, ନାୟିକାର ଚେଷ୍ଟା ନାୟକ ଦ୍ୱାରା ପ୍ରାପ୍ତି, ୨୭ଶ—ହିମ ଋତୁ ବର୍ଣ୍ଣନା, ୨୮ଶ—ପୂର୍ବ ସ୍ତବକ ଓ ଭେଟ, ୨୯ଶ—ବୈଦ୍ୟସଜ୍ଜା, ପ୍ରବାସ, ୩୦ଶ—ନାୟକ ଅନୁକୂଳ, ୩୧ଶ—ନାୟକର ଅଧୈର୍ଯ୍ୟ, ୩୨ଶ—ସ୍ୱୟମ୍ବର, ୩୩ଶ—ନାୟକ ଶରଣାବେଶ, ୩୪ଶ—ଶାଶୁଙ୍କ ଦର୍ଶନ, ୩୫ଶ—ବର୍ଣ୍ଣନ, ୩୬ଶ—ବିବାହ, ୩୭ଶ—ବେଶ, ୩୮ଶ—ଅନ୍ତଃପୁର, ୩୯ଶ—ଉପମା କଥା, ୪୦ଶ—ରତି, ୪୧ଶ—ଦାମ୍ପତ୍ୟ ସୁରତ, ୪୨ଶ—ନାୟିକା ସନ୍ତୋଷ, ୪୩ଶ—ରତିବାହୁଲ୍ୟ, ୪୪ଶ—ଅନ୍ତଃପୁରଲୀଳା ବର୍ଣ୍ଣନ, ୪୫ଶ—ନାୟକର ସ୍ତ୍ରୀସହ ସ୍ୱଦେଶ ପ୍ରତ୍ୟାଗମନ, ୪୬ଶ—କବିଙ୍କ ଆତ୍ମ ପରିଚୟ ।

ଶେଷ ଛାନ୍ଦରେ କବି ଯେ ଯେ ଗ୍ରନ୍ଥ ଲେଖିଛନ୍ତି, ତାର ଗୋଟିଏ ତାଲିକା ଦେଇଛନ୍ତି ଏବଂ ଓଡ଼ିଆ, ବଙ୍ଗଳା, ସଂସ୍କୃତି (ବ୍ରଜ) ଭାଷାମାନଙ୍କରେ ଗ୍ରନ୍ଥ ରଚନା କରିଥିବା କଥା ପ୍ରକାଶ କରିଛନ୍ତି ।

ରଚିତ ଗ୍ରନ୍ଥମାନଙ୍କର ନାମ—ଭିନ୍ନ ଭିନ୍ନ ସ୍ଥାନରେ ବହୁ ତାଳପତ୍ର ତାଳିକା ରଚିତ ହୋଇଛି । ଏହା ହେଲା (୧) ନିକୁଞ୍ଜକେଳିକଳା—୫୨ ଛାନ୍ଦ, ବାଲ୍ୟଲୀଳା ଆଦ୍ୟ; (୨) ଯୁଗଳ ରସାମୃତ ଲହରୀ—୫୮ ଛାନ୍ଦ, ରାଧାକୃଷ୍ଣ ପୂର୍ବରାଗ; (୩) ଯୁଗଳ ରସାମୃତ ଭକ୍ତି—୩୮ ଛାନ୍ଦ; (୪) ପ୍ରେମ ତରଙ୍ଗିଣୀ—୩୬ ଛାନ୍ଦ, ଚମତ୍କାର ରସ; (୫) ପ୍ରେମ କଲ୍ପଲତା—ମଥୁରାଗମନ ବୃତ୍ତାନ୍ତ ୧୮ ଛାନ୍ଦ; (୬) ଚେଷ୍ଟା ଚନ୍ଦ୍ରୋଦୟ—୧୬ ଛାନ୍ଦ, ପ୍ରତ୍ୟେକ ରସର ଗୋଟିଏ ଗୋଟିଏ ଚେଷ୍ଟା; (୭) ନାମ ଚିନ୍ତାମଣି—୧୨ ଛାନ୍ଦ; (୮) ଭକ୍ତି କଳାମଣି—୧୨ ଛାନ୍ଦ; (୯) ତତ୍ତ୍ୱ ତରଙ୍ଗିଣୀ—୨୨ ଛାନ୍ଦ; (୧୦) ପାଞ୍ଚରତ୍ନାବଳୀ—୧୨ ଛାନ୍ଦ; (୧୧) ଶୃଙ୍ଗାରସାର—୮ ଛାନ୍ଦ, ଅଷ୍ଟନାୟିକା ଲକ୍ଷଣ; (୧୨) ବୋଧନଗୁଣ

କଣ୍ଠିକମାଳା — ୨୨ ସ୍ତବ; (୧୩) ଦୁର୍ଜନାମୃତ — ୫୨ ଛାନ୍ଦ, ଶ୍ରୀମଦ୍ ରୂପ-ଗୋସ୍ୱାମୀଙ୍କ ରଚିତ ବିଦଗ୍ଧମାଧବ ନାମକ ସଂସ୍କୃତ ନାଟକର ଅନୁବାଦ; (୧୪) ଉଜ୍ଜ୍ୱଳ ନୀଳମଣି—ଗୋସ୍ୱାମୀଙ୍କର ସଂସ୍କୃତ ଗ୍ରନ୍ଥରୁ ବଙ୍ଗଳାରେ ଅନୁବାଦ; (୧୫) ପ୍ରେମଚନ୍ଦ୍ରାମଣି—ବଙ୍ଗଳାରେ ଅନୁବାଦ; (୧୬) ବ୍ରଜ ସୂର୍ଯ୍ୟୋଦୟ—୫ ଅଧ୍ୟାୟ; (୧୭) ସ୍ୱରଭକ୍ତି କଳ୍ପଲତା, ଭାଗବତ ଢଙ୍ଗରେ—୧୦ ଅଧ୍ୟାୟ, (୧୮) ଶ୍ରୀକୃଷ୍ଣ ଚୈତନ୍ୟ ଚରିତାମୃତ ସାର—ଭାଗବତ ଢଙ୍ଗରେ ବା ୯ ଅକ୍ଷର ଶ୍ରୀକୃଷ୍ଣ ଦାସ ଗୋସ୍ୱାମୀଙ୍କ ରଚିତ ବଙ୍ଗଳାର ଚୈତନ୍ୟ ଚରିତାମୃତ ଗ୍ରନ୍ଥର ଅନୁବାଦ; (୧୯) ବ୍ରହ୍ମାଣ୍ଡମଙ୍ଗଳ—ଚୈତନ୍ୟ ବାଲ୍ୟଲୀଳା ରାମାୟଣ ଗଡରେ, ଅର୍ଥାତ୍ ୧୪ ଅକ୍ଷର ଢଙ୍ଗରେ; (୨୦) ବର୍ଣ୍ଣପୁର ବିହାର—'ବ' ଅକ୍ଷର ଯମକରେ—ଅସମ୍ପୂର୍ଣ୍ଣ; (୨୧) ପ୍ରୀତିଚନ୍ଦ୍ରାମଣି—ଅସମ୍ପୂର୍ଣ୍ଣ; (୨୩) ସଙ୍ଗୀତ ସଦାନନ୍ଦ; (୨୪) ମୋହନଲତିକା—୪୨ ଛାନ୍ଦ ।

ଭାଷା—ଏହି ମୋହନ ଲତିକାରେ ସରଳ ଓ କ୍ଲିଷ୍ଟ ଉଭୟ ପ୍ରକାର ଭାଷା ବ୍ୟବହାର କରିଛନ୍ତି । କେତେକ ସ୍ଥଳରେ ସଂସ୍କୃତବହୁଳଶବ୍ଦ ପ୍ରୟୋଗ କରିଥିବାରୁ କେବଳ ପଣ୍ଡିତମାନଙ୍କ ପକ୍ଷରେ ଏହାର ଅର୍ଥ ବୁଝିବା ସମ୍ଭବ ହେଉଛି । ଅନ୍ୟମାନଙ୍କ ପକ୍ଷରେ ରସାସ୍ୱାଦନ କରିବାରେ ବାଧାଜନ୍ମାଉଛି ।

ସରଳ—

ଆଉତ ଦେବାଇଲୁ ତୁମ୍ଭେ ଧନ ଲେଖା ନାହିଁ,
ତୁମ୍ଭଠାରେ ଋଣ ହେବ ଯେ ନାମାନୁସରଣୀ ହେ । ୩୬ ।
ଶ୍ରୀଙ୍ଗ ପାଇଁ ପ୍ରାଣ ମାତ୍ର ଦାନ୍ତ କରୁ ପାର,
ଦ୍ରବ୍ୟ କହି କଥା ଗ୍ରାମ ବୁଝି ତ ନ ପାରି ହେ । ୩୭ ।
ଏ ବଚନେ ସ୍ୱୀ କରତାଳ ଦେଇ କହେ,
ବୋଇଲେ ତୁମ୍ଭେମାନେ ଗଣ୍ୟବନ୍ତ ଏ ପୁରରେ ହେ । ୩୮ ।

ସଂସ୍କୃତ ବହୁଳ—

ଲଙ୍ଘିଲେ ଶ୍ରୁତି ଯେ ସ୍ମୃତିରେ ଯେ ତତ୍ତ୍ୱପଥ,
ଜନ୍ମ ଗତ କର୍ମ କଏ ହୋଇବ ଯେ ରଥ ହେ ୬୧ ।

ଅସ୍ମାଭୁକ ସୌନ୍ଦର୍ଯ୍ୟ ଧୈର୍ଯ୍ୟ ଗାମ୍ଭୀର୍ଯ୍ୟ ଗୁଣ,
ପ୍ରଭୃତି ଜନକଙ୍କ ପ୍ରସିଦ୍ଧ ପ୍ରମାଣ ହେ । ୪୨ ।

ପୂର୍ଣ୍ଣେନ୍ଦୁ-ସୁନ୍ଦରବଦନା ପଦ୍ମ ବିମ୍ବାଧରା,
ଭ୍ରୂଲତାର ସ୍ରୋତୋଦିଗ୍ଧା ଦନ୍ତା ମୁକ୍ତାସମ ହେ । ୪୩ ।

ସ୍ୱର୍ଣ୍ଣଗୁଣାର୍ଣ୍ଣବ ସ୍ୱଚ୍ଛଶ୍ୱାସ ସୁବଦନା,
ପଞ୍ଚପଲ୍ଲବ ସୁକଣ୍ଠାଶ୍ରେଷ୍ଠ ମଧ୍ୟା ହେ । ୪୪ ।

ଗ୍ରୀବା ସାଦୃଶ୍ୟ ନାଭିକାଣ୍ଡ ଗୂଢ଼ୋପେତା,
ଗ୍ରାମୀଣ ମର୍ଯ୍ୟାଦା ସଦାସ୍ୱର ଅନୁରକ୍ତା ସେ । ୪୫ ।

ପିଣ୍ଡ ପାଣ୍ଡୁଷ୍ଠ ଦୃଷ୍ଟି ସୁପକ୍ୱଫଳ ମତ,
ସ୍ତ୍ରୀ ଶିରୀ ସୁଶ୍ରୋଣୀସମସ୍ତା ସ୍ୱପଦାକୃତ ହେ । ୪୬ ।

ଏକନୁକ୍ତା ନୃପାତ୍ମଜା ସେ ମୋହନ-ଲଭା,
ମଧ୍ୟାହ୍ନ-ଏଷଣା ହୋଇଅଛି ପୂଜନୀୟା ହେ । ୪୭ ।

(୭ମ ଛାନ୍ଦ)

ବର୍ଣ୍ଣନା ଚାତୁରୀ: ମହାସ୍ୱା ତତ୍ତ୍ୱ—ମୋହନ ଭାବଭାବରେ ମୁଗ୍ଧା ସଦୋପାର ରସ ନିଜରଦେହଠନା ପଣ ସ୍ୱପରି ହୋଇଛି । ସ୍ୱର ଅନୁରୂପ ଭଙ୍ଗୀ ବୀରନ୍ଦୀର ଭଣ୍ଡ ଭକ୍ତ ପ୍ରଭୁଙ୍କୁ ଜବନ ଦାନ କରନ୍ତି । କବିଙ୍କର ଗିରାର ପ୍ରତ୍ୟକ୍ଷ ଜ୍ଞାନ ଥିବା ତାଙ୍କ ବର୍ଣ୍ଣନାରୁ ଅନୁମିତ ହେଉଛି ।

× ଅନେକ ଶଙ୍କରେ ସର୍ବେ ସକଳ ସେ
ସୁର କୋଦଣ୍ଡ ଦ୍ୱିଜେ କେବଳ ସେ
ହେ ସ୍ୱଦେବ ତାଙ୍କ ଅଦେଶ ଦକଳ,
ଦେବ ସେ ତାକୁ କରାଇ ବଳ—
ଷଡ଼୍ ସୁମଣ ପୁଷ୍ପକୁଣ୍ଡଳ ଝଙ୍କ ଫନ୍ଦିଲ ସେ । ୪ ।

କେ ବାଳ ଗ୍ରଜ କରେ ଧ୍ୟାଇ,     ସେ ଦେହିଁ ଦେହିଁ ସଦେବ ଦେବତୁ ଜଗାଇ
କେ ବକ୍ଷେ ଲଗମାଣ୍ଡି ଛିପାଇ ପରମ ଗାଇ ସେ,

କେ ଧରିଛି ମନ୍ଦ ଆଶ ଛପାଇ, ଫଳକୁ କୋଟି ଅଙ୍କା ପଠାଇ
ମାରିଲେ କୋଟିଏ ଏକ୍କା ନପାଇ, ଏ ସ୍ୱର୍ଗ ପାଇ ହେ ।
ଘୋଡ଼ା ଘୋଡ଼ା ଏ ଭଳି ଖିଆଲି ହେ,
କେଉଁ ଧବଳ ବଗଡ଼େ ପାଲି ହେ,
କେ ଧାଁ ଧାଁ ନାଚେ ଡଏ ଝପାଇ,
ଜମ୍ବୁରୁ ଧରି କେ କଟେଇ ପାଲି-
ଭଙ୍ଗୁ ଦେଇ ଅଣ ଦାନ୍ତୁ କଷ୍ଟର ଭଣ୍ଡ ମୋ ପାଇଁ ହେ ।୬ ।

ଏହି ମୃଗୟାବିନୋଦ କାବ୍ୟରେ ସାରସ୍ୱ ପ୍ରକାଶ କରି ଭକ୍ତ ପରଂପରାରେ ହାସ ରସ ସୃଷ୍ଟି ଦେଖାଇବା ଅମନ୍ତ୍ର ସଦାନନ୍ଦ ସ୍ୱପମାବର୍ଣ୍ଣିତ ଏହି ଚିତ୍ରରଚନାମୂଳକ ବର୍ଣ୍ଣନାଟି ଅତି ରମଣୀୟ କରି ପାରିଛନ୍ତି ।

ମୃଗୟାବିନୋଦ ବ୍ୟାଧ, ନିଷାଦଙ୍କ ରାଜ ଲୀଳାଚକ୍ରାବଳୀ ଚମ୍ପୂର ଅନ୍ତର୍ଗତ ହୋଇଛି ।

ବାଗୁରୀ ଦେଇ ବ୍ୟାଧେ ବାହାର, ଗଳ ବନ୍ଧନା କଲେ ଭାହାର ।
ଭାଣ୍ଡ ବାଡ଼ିଣ ଘେନିଣ କର, କଲେ ଜୁହାର ଜୁହାର ହେ । × ×
ଚର୍ମ ପାଦୁକାମାନ ମାଡ଼ିଣ, କଟିରେ କାଛ ପେଟି ଘୋଡ଼ିଣ ।
କେ ଧନ ଅଠାକାଠି ନେଇଣ, ଟା ଧଳାଣ୍ଡିଣ ହେ ।
କେ ଖାଇଁ ଖଣ୍ଡା ପାଏ ପଢ଼ିଣ, କେ ଗର୍ଜେ ତର୍ଜେ ପଥ ଛାଡ଼ିଣ ।
କେ ଜାଲି ତାଳ ତଳି ଅଣ୍ଡିଣ, ଜନ୍ତୁ ନେଇଣ ହେ ।
ଲାଞ୍ଜ ଟେକିଣ ଶୁଭ ମାଡ଼ିଣ ଯେ ଅର୍ଥି କରନ୍ତି ଦାନ୍ତ ଭଙ୍ଗିଣ ହେ ।
କେ ଜଣ ବାଟକାର ମୋହନ୍ତ, ମୃଗଙ୍କ ଧରେ ପଣ୍ଡ ଚାଡ଼ିଣ ।
କୁଣ୍ଡା ଫନ୍ଦେ ପଇଶି ଯତ୍ନେ ଧାଏ ହୁଡ଼ିଣ ହେ ।୭ ।

କୁମର ଉଣ୍ଟାକେଶ ଚଳଇ, କେ ଶମ୍ବର ପାଟେ ମିଳଇ ।
କେ ଆଗ ବୋଲି ଅଟେ ବଳଇ, କେ ଓଗାଳଇ ହେ ।
ଟଙ୍କ ଧରି କେହୁ ଖେଳଇ, କେବା ପଞ୍ଜାଇ କରେ ମଲଇ ।
ହୁଁ କାରେ ଦେଇ ଭୂକାରେ ଶବ୍ଦରେ କାଳଇ ହେ ।

କରି ଫିରଙ୍ଗ ରକ୍ତ ଢୋଳଇ ଯେ, ଗୋ କଷା ମାଂସ ଖାଇ ଖେଳଇ ଯେ ।
କେତେ ପିଣ୍ଡେ ଶିଖ ବୋଳଇ ଯେ, ଖାଇ ମାଉଁସ ପଥେ ଚଳଇ ।
ଏକ ଦେଖି ତଣ୍ଡ ମୁଦ୍ରା ପକାଇ ଦେଖୁ କରଇ ଯେ । ୮ ।

ବ୍ୟାଧ, ନିଶାଦ, କଳ୍ପ, ଫିରିଙ୍ଗିଙ୍କ ଏହି ଗୁଣକୁ ଲଳିତଲୋଚନାରେ କବି ବର୍ଣ୍ଣନା କରିଛନ୍ତି, ଏହା ସେତେବେଳର ତାତ୍ପର୍ଯ୍ୟ ପରିସୂଚକ ।

ବ୍ରାହ୍ମଣମାନେ ମୁକ୍ତହା ପାଇଁ ଶୁଣ କ୍ଷତ୍ରିୟ ଏହା ବଡ଼ ବ୍ୟଙ୍ଗ କରିଛନ୍ତି । ପରମ୍ପରାରେ ଏହା ସତ । ସାହେବମାନଙ୍କ ଖଣ୍ଡେଇ ଦେଶ ଦୁର୍ଗା ଅଣ୍ଡ ତମସ୍ତାର ହୋଇଛି । ଫିରିଙ୍ଗିଙ୍କ ମାଂସ ଖିଆ, ରକ୍ତବୋଳା, ପିଠାରେ ଘିଅ ବୋଳା ବର୍ଣ୍ଣନା ସେମାନଙ୍କ ସମ୍ବନ୍ଧରେ ଏକ ସଂକ୍ଷିପ୍ତ ଧାରଣା କରାଇବାରେ ସମର୍ଥ ହୋଇଛି ।

ସଦାନନ୍ଦ ଲଳିତଲୋଚନା ଓ ମୋହନ କଳ୍ପଲତାରେ ଶିକାର ଓ ଯୁଦ୍ଧ ବର୍ଣ୍ଣନା ସ୍ଥଳରେ ଫିରିଙ୍ଗିମାନେ ଏଥିରେ ଯୋଗ ଦେଇଥିବା ଲେଖିଛନ୍ତି ଏବଂ ସେମାନଙ୍କର ଜାତୀୟ ଅଦ୍ଭୁତ ବ୍ୟବହାରର କିଛିଟା ଆଭାସ ଦେଇଛନ୍ତି । ଗୋଷ୍ଠୀ ମାଂସ ଖାଇବା, ରକ୍ତ ଢୋଳିବା ଆଦିରୁ ସେମାନେ ଦୁଷ୍ଟ ପ୍ରକୃତିର ଲୋକ ବୋଲି ଧାରଣା ହେବା ସ୍ୱାଭାବିକ । ପିଠାରେ ଘିଅ ବା ଶର୍କରାଦି ବୋଳିବା ଆଧୁନିକ ଖାଦ୍ୟର ନମୁନା । ଓଡ଼ିଶାର ଉପକୂଳ ଅଞ୍ଚଳମାନଙ୍କରେ ସପ୍ତଦଶ ଶତାବ୍ଦୀଠାରୁ ୟୁରୋପୀୟମାନେ ବାଣିଜ୍ୟ କରିବା ପାଇଁ ବନ୍ଦର ସ୍ଥାପନ କରି ସାରିଥିଲେ । ଗଞ୍ଜାମର ଉପକୂଳରେ ଫରାସୀମାନଙ୍କର ପ୍ରଭାବ ଇଂରେଜମାନେ ଗଞ୍ଜାମ ଦଖଲ କରି ନ ଥିବା ପର୍ଯ୍ୟନ୍ତ ଥିଲା । ବାଲେଶ୍ୱର ଉପକୂଳରେ ମଧ୍ୟ ଏମାନେ ବାଣିଜ୍ୟକୋଠୀ ସ୍ଥାପନ କରିଥିଲେ । ଓଡ଼ିଶାରେ ଫରାସୀମାନେ ସାଧାରଣତଃ ଫିରିଙ୍ଗି ନାମରେ ପରିଚିତ । ଏହି ଫିରିଙ୍ଗିମାନେ ଗଞ୍ଜାମ ଓ ଗଡ଼ଜାତର ବହୁ ରାଜା ଜମିଦାରଙ୍କ ସହ ବାଣିଜ୍ୟ ସମ୍ପର୍କ ସ୍ଥାପନ କରିଥିଲେ ଏବଂ ବହୁ ସ୍ଥାନରେ ଯୁଦ୍ଧକ୍ଷେତ୍ରରେ ପରାମର୍ଶଦାତା ଓ ଭଡ଼ାଟିଆ ସୈନିକ ହିସାବରେ ପକ୍ଷ ନେଉଥିଲେ । ଏମାନେ ଶିକାରପ୍ରିୟ ଥିବାରୁ ଶିକାରରେ ଅନ୍ୟମାନଙ୍କ ସହ ଯୋଗ ଦେଇ ଆନନ୍ଦ ଉପଭୋଗ କରୁଥିଲେ ।

ନାୟିକାଙ୍କ ଗଢ଼ଣରେ ଏମାନଙ୍କ ଯୋଗଦାନ ସ୍ୱଳ୍ପ ସତ୍ତ୍ୱ ଏମାନଙ୍କର ସମ୍ପର୍କ ଥିବାର ସୂଚନା ଦେଉଛୁ ।

ଉପବନ—ମୃଗୟାବିନୋଦ ପାଇଁ ନାୟକ ଯେଉଁ ବନକୁ ଯାଉଥିଲେ ତାର ଶୋଭା ବର୍ଣ୍ଣନାରେ କବି ଲକ୍ଷଣଲେଖକଙ୍କର ଶୈଳୀ ଅନୁସରଣ କରିଛନ୍ତି । ଉଭୟ ସ୍ଥଳର ବର୍ଣ୍ଣନାରେ ଭାବ, ଭାଷା, ଉପମା ପ୍ରଭୃତିରେ କିଛି ସାଦୃଶ୍ୟ ରହିଥିଲେ ମଧ୍ୟ ଉପେନ୍ଦ୍ରଙ୍କ କଳ୍ପନାର ବର୍ଣ୍ଣନା ଅଧିକ ବିସ୍ତୃତ ।

ଉପବନକୁ ‘ବନ୍ୟନାଗରୀ କନ୍ୟା’ ଓ ରାଜକୁମାରକୁ ‘ପୁଷ୍ପଶର’ ଆଖ୍ୟା ଦେଇ ସମାସୋକ୍ତି ସୂଚନା କରିଛନ୍ତି ଏବଂ ଏହି ସୂଚନାଟି କଳ୍ପନାରେ ନୂତନତ୍ୱର ସ୍ପର୍ଶ ପ୍ରକାଶ କରୁଛି ।

ବଲ୍ମୀକ ବୋଲାଇ ଶବେ ପୁରୁଷ ବର,
ସେ ବନ୍ୟ ନାଗରୀ କନ୍ୟା ପ୍ରଶଂସେ ବିହର ।
ଦେଖ ବନ୍ଧୁଲି ଅଧର ପଂକ୍ତି ଶୋଭା,
କୁନ୍ଦ କଳି ଦନ୍ତାବଳୀ ଅତି ଦୁର୍ଲଭ ।
ଖଞ୍ଜନ ନୟନ ଅତି ଚଞ୍ଚଳ ଘୂର୍ଣ୍ଣି,
କୋକିଳ ବାଣୀ ବଚନେ କରନ୍ତି ସ୍ନେହ ।
କେତକୀ କାନ୍ତିରେ ଶୋଭୁଅଛି କବରୀ,
ତାଳ ଫଳ ସ୍ତନ ତାର ମାନସେ ହେଜ ।
(୧୧ଶ ଛାନ୍ଦ)

ତମାଳ ଚିକୁର, ଶ୍ରୀଫଳ କୋମଳ କୁଚ, ଶୁକ ନାସା, ରସାଳ ମଞ୍ଜରୀ ବେଣୀ, ମଲ୍ଲୀକଳି, ଭୃଙ୍ଗଧ୍ୱନି ନୂପୁରଧ୍ୱନି, ସ୍ଥଳପଦ୍ମ ପାଦ, ବଳୟ ବାହୁ ।

ଦଳ କୁଳ କୁଟ୍ମଳ କଳିକା ଚର୍ଚ୍ଚିରେ,
ପଲ୍ଲବ ପତ୍ରେ ଉଚ୍ଛେ ପବନ ଘନେ ।
ନାୟକ ‘ନବସିଲିକୁ କପୋତ ସ୍ଥଳେ’ ନାୟିକା ‘ଝଙ୍କାର’ କରୁଛି ।

ପ୍ରେମ ଅଙ୍ଗ ବହୁତ ହୋଇଛନ୍ତି ସାଦୃଶ୍ୟ
ଏ ଶବ୍ଦ ବୋଲିଲେ ସମ୍ଭାଷଣଯୋଗ୍ୟ ।

ରୂପବନର ଏହି ରୂପମା କୁମାରୀର ମନକୁ ପାଇବାକୁ ସେ ମନ୍ତ୍ରୀଙ୍କ ପ୍ରକାଶ କଲେ ଏବଂ ସେହି ସ୍ୱପ୍ନର କାହାଣୀ ହୋଇଗଲେ; ରାଜକୁମାର ମିତ୍ର ଦେଖି ସ୍ୱପ୍ନ କାରଣୀର ପଥ ଖୋଜିଗଲେ । ତତ୍ପର ଧୀର୍ଯ୍ୟମତୀ ରାଜକୁମାର—

ଶୁଣି ମନ୍ତ୍ରୀକ ବାଣୀ ପାଇଁକି ଭଲ କ,
କୁମର ଦେଖାଇ ମଣ୍ଡି ଫୁଲ ତଡ଼ିକ,
ମନ୍ତ୍ରୀସୁତ ସ୍ୱପ୍ନେ ସ୍ୱପ୍ନ ମୁଁ ମନ୍ଦିର,
ଜଗତାଳ ଦେଇ ସେ ସ୍ୱପ୍ନ ତତ୍ତ୍ୱ କ ।

ଏଥିକି ଉପମା ହୋଇ ମନହରଣ କରିବାରେ ସମର୍ଥ ହୋଇଛି ।

ମଦାଳସାଙ୍କ ତତ୍ତ୍ୱ—ମୋହନକଲ୍ପଲତା ଗ୍ରନ୍ଥରେ ବହୁ ସୁନ୍ଦର ଦୃଶ୍ୟର ଚିତ୍ର ଉଦ୍ଧାର କରିଛନ୍ତି । ଅଳ୍ପ କେତୋଟି ଉଦାହରଣରୁ ତାଙ୍କ କବିତ୍ୱଶକ୍ତିର ପରିଚୟ ମିଳିବ ।

(୧) ଜାଗ୍ରତର ଉପପଦ ସଖୀଙ୍କ ମେଳରେ ନାୟିକା ଦେଖିବା ସମୟରେ ନାୟିକାର ମୂର୍ଚ୍ଛାବସ୍ଥା ଲକ୍ଷ୍ୟ କରି ମଦାଳସା ନାୟିକାକୁ ପରିହାସ କଲା । ମଦାଳସା ଉଠେଇ ବୃକ୍ଷରୁ ଧୋଇ ପ୍ରେମକଳାକୁ ଆଶ୍ୱାସନା ଓ ନାୟିକା ସହିତ ଅନାଇ ସମ୍ଭୋଗରେ ଭୁଜ ଯେବା ଦୃଶ୍ୟକି କବିଙ୍କ ହୋଇଛି ।

ନାୟକପ୍ରାପ୍ତି ପରେ ନାୟିକା ସଖୀମାନଙ୍କୁ ଏକାନ୍ତେ ସାକ୍ଷାତ ଦେବା ସାଙ୍ଗରେ ପରିହାସରେ ମଦାଳସା ପ୍ରକାଶ କରିଛି—

ବୃକ୍ଷେ ଫଳ ଫଳି ଶର୍କରା, ଏତେ ଲୁଚି ତଳେ ଥୋଇ ବାଂଶରା ।
ମଦାଳସାକୁ ଜନକବନ୍ଧୁ, ତାଙ୍କେ ଶୁଣିଲ ଅଳ୍ପ ହାସ କରି ।
ପ୍ରେମକଳା ପୁଣି ବୃକ୍ଷର, ଠଉର ବୋଲି ପଣ୍ଡ କହେଇ ।
ନୃପ ନନ୍ଦନା ଛଡ଼ିକ ଅନାଇ, ଅଙ୍ଗ ସନ୍ତୋଷେ ରାତେ ଲୁଚ ହୋଇ ।

(ମୋ: କ: ଲତା, ୧୦ମ ଛାନ୍ଦ)

(୨) କୁମାର ବିରହବେଦନାରେ କାତର ହୋଇଥିବା ବେଳେ କବିରାଜ ପଥ ଧରି ନନ୍ଦନମନ୍ତ୍ରୀଙ୍କ କୁମାରଙ୍କୁ ଦେଖାଇବା ନିମନ୍ତେ ରାଜନଗରରେ ପ୍ରବେଶ କଲା । ଏହି ସମ୍ବାଦ ଶୁଣି ରାଜକୁମାର ସଖାମାନଙ୍କୁ ଯୁଝିବା ଲାଗି ଓ ତାଙ୍କର ଶ୍ୱାଦଶ୍ୟବର ଚିତ୍ର ଉଲ୍ଲାସପଦରେ କବି ଚମତ୍କାର ଭାବରେ ଫୁଟାଇଛନ୍ତି ।

କନ୍ୟା ଅଛେ କହୁ ହେଳେ ପ୍ରଧାନ,
ବାଥରେ ହୋଇଲା ଶବଦ ଗାନ ।
ଲଙ୍କା ହଗାଇଲା ଧନ ନ ପାଇ,
ନରେଶନନ୍ଦନ ହେତୁ ହୋଇ ।
ଅନନ୍ତେ ତୃଷ୍ଣାବନ୍ତେ ହୋଇଲେ,
ଅସ୍ତୁ ବୋଲି ଦ୍ୱାରେ ପ୍ରବେଶ କଲେ ।
କୁମର ଲକ୍ଷଣୀ ମୂର୍ଚ୍ଛାକୁ ଲଭେ,
ଶୁଣିଣ ଶବ୍ଦ ନେଇ ସନ୍ଦେହେ ।

ଏହି ସ୍ୱରିତ ବଚନ ସବୁ ଚରିତ୍ର ବନ୍ଧୁବର୍ଗଙ୍କର ଶୁଭାଶୁଭ ବାର୍ତ୍ତା ପ୍ରଚ୍ଛଦରୁ ଜନ୍ମଲାଭ କରୁଛି; ଏହି କାରଣରୁ ଶୁଭ ଶକୁନ ଦର୍ଶନ ସତ୍ତ୍ୱେ ଅଶୁଭ ଆଶଙ୍କାରେ ମନରେ ସନ୍ଦେହ ଜନ୍ମେ ।

ପ୍ରଥମେ ଶୁଭ ଦେଖି ମଣ୍ଡପ, ପ୍ରାଣ ପକ୍ଷୀ ପାଇ ଉତ୍ସବ ଆଶ ।
ଉଡ଼ିବା ଜ୍ୟୋତ୍ସ୍ନାକୁ ରହୁଛି, ହେଳ-ନେତ୍ରକ ଥିବା-ଯିବା ଭଳି । ୨୫ ।
(୨୨ଶ ଛାନ୍ଦ, କୋ: କ: ଲ:)

ପ୍ରାଣ-ପକ୍ଷୀ 'ରହିବ କି ଉଡ଼ିଯିବ' ଏହି ଦୋଳାୟମାନ ପଥର 'ଅସ୍ତି ନାସ୍ତି' ସୂଚନା ମିଳିବା ପର୍ଯ୍ୟନ୍ତ ବିଦ୍ୟମାନ ଥିଲା । ସୁବାର୍ତ୍ତା ପାଇ କୁମର ପଥର ସୁମନୋରମ ଅଟ୍ଟାଳିକା ଓ ଲୀଳାନନ୍ଦସୁନ୍ଦରୀଙ୍କୁ ପ୍ରଶଂସା କଲେ ଏବଂ ଆଶ୍ୱସ୍ତ ହୋଇ ନିଶ୍ୱାସ ଛାଡ଼ିଲେ ।

ଏମନ୍ତ ବୋଲି ନିଶ୍ୱାସ ଛାଡ଼ିଲା, ପତିଙ୍କ ପଦ ଦେଖି କମ୍ପ ହେଲା ।
ଅଧରେ ହାସ ଦେଇ ଅଳ ଅଳ, ଅଦ୍ୟୋଭ୍ରାନ୍ତେ କର ଦେଇ ପ୍ରଭାକ ।
ରଖିଲୁ ପୁଣି କହିଲୁ, 'କେଣି ଦାସ ଭଙ୍ଗିଛି' ପୁଚ୍ଛି ।

କୁଳମର୍ଯ୍ୟାଦାଜ୍ଞାନ—ବିବାହ ପୂର୍ବରୁ ରାଜକୁମାରଙ୍କୁ ମୋହନଲତା ଦେଖିବା'ଠୁଁ ତାଠାରେ ବନ୍ଦୀ ହୋଇ ରହିଲା ପରି ଭାବପ୍ରକାଶ କଲା । ପ୍ରଥମ ଦର୍ଶନରେ ନାୟିକା ସୁଖ ଶଯ୍ୟାତଳେ ଜଡ଼ବତ ହୋଇ ପଡ଼ିଲା । ଗୁଣଗ୍ରାହୀ ରସିକା ନାୟିକା କାମ ଜ୍ୱାଳା ବେଳେ ବଳରୁ ପୁନଃପୁନଃ ଦର୍ଶନ ଇଚ୍ଛା କଲା । ତତ୍ପରି ଏଠି ମନୋରମ ହୋଇଛି ।

ପୁରୁଷରତନ ତନୁ ଆନନ ଅନଙ୍ଗ,!
ଦାଣ୍ଡମଣି ଶଶି-ଚନ୍ଦ୍ରମଣି ଦ୍ରବ ହୋଇ ସେ ।

ପ୍ରେମ ଭାବଙ୍କ ବାଦରେ ଲୁଚିତ ହେବାକୁ ନାୟିକା ଉଦ୍ବେଳଳବୀ ହୋଇ ଭିନ୍ନ ଚେଷ୍ଟା ପ୍ରକାଶ କଲା—

ସ୍ୱୟଂ ଦୂତୀ ଭଳି ଚେଷ୍ଟା ହୋଇଲା ପ୍ରକାଶ,
ଲଜ୍ଜେ ନ ଗୁଡ଼ିଲା ଗ୍ରୀବେ ମୁଖେ ମନ୍ଦହାସ ସେ ।
ତାଙ୍କ ଆଡ଼ ଅଲ୍ପ ମୋଡ଼ି ହେଲା ଆଗୁସରେ,
ଲୁଚ ତୋଳି ଅଙ୍ଗୁଳି ଫୁଟାଇଲା ପଧାରେ ସେ ।
କଣ୍ଠ କଣ୍ଡୁ ଛଳେ ଦେଖାଇ ରୋମାଞ୍ଚ ବଢ଼ାଇ,
ପଦ ମୁଦ୍ରା ଅଙ୍ଗୁଳିରେ ଧରିକ୍ଷି ଭାର ଦେଲା ସେ । (୧୭ଶ ଛାନ୍ଦ)

କନ୍ଦର୍ପପୀଡ଼ିତ ହୋଇଁ ପରସ୍ପରେ ଶଙ୍କିତ ଶୀଘ୍ର ଭଙ୍ଗିବା ଶାର୍ଦ୍ଦୁ ଦେଖି ଓ ମନ ସ୍ଫୁର୍ତ୍ତି ଅଛି ମଧ୍ୟ ମହାକୁଳପ୍ରସୂତ ଲୌକିକ ପରମାର୍ଥ ଲଙ୍ଘନ କରିବା ଅନୁଚିତ । ଏହି ଧୈର୍ଯ୍ୟବୋଧ ଦାସୀଙ୍କଠାରୁ ଏହି ପ୍ରକାର ପଥରୁ ନିବୃତ୍ତ କଲା ।

ମହାକୁଳପ୍ରସୂତ ଲୌକିକ ପରମାର୍ଥ,
ଲଙ୍ଘନ ତ ଅନୌଚିତ୍ୟ ଏବେ ଚିନ୍ତିବୁ ସେ । (୧୭ଶ ଛାନ୍ଦ)

ନାୟିକାର କୁଳମର୍ଯ୍ୟାଦା ଓ ପରମ୍ପରା ଜ୍ଞାନ ଭାବ ଅତି ବହୁଳାବସ୍ଥାରେ ମଧ୍ୟ ତ୍ୟାଗ କରି ନାହିଁ; ସେ କୁଳ ଲଙ୍ଘି ନାହିଁ । ଏହା ସଦାନନ୍ଦଙ୍କ ସବୁ ନାୟକନାୟିକା, ପାପପାପୀ ସତ୍ତ୍ୱେ ପ୍ରଯୁଜ୍ୟ । ଏହି ପରମ୍ପରା ମର୍ଯ୍ୟାଦା ରୂପ ସମାଜର ବନ୍ଧନକୁ ସେମାନଙ୍କର ଶ୍ରଦ୍ଧାରୁ ଅସାମାଜିକ ବା ବୈପ୍ଳବିକ କାର୍ଯ୍ୟ କରିବା ବା ସ୍ୱତପ୍ରକାଶ କରିବା ସମ୍ଭବ ହୋଇ ନାହିଁ । ପରମ୍ପରା ସଙ୍ଗେ ସ୍ୱଚଳିତ ସାମାଜିକ ନୀତି ଦୃଷ୍ଟିରୁ ଏମାନଙ୍କ ଚରିତ୍ର ଉଜ୍ଜ୍ୱଳ ହୋଇଛି; କାରଣ ଅସାମାଜିକ ବା ପରମ୍ପରା ଅନନୁମୋଦିତ କୌଣସି ପଥର ପ୍ରଶ୍ରୟ କରି ନାହାନ୍ତି ।

ନାୟିକାଙ୍କ ପ୍ରୀତି ଦର୍ପଣ ପରି ଉଜ୍ଜ୍ୱଳ; ଦୃଷ୍ଟିକୋଣର ପରସ୍ପର ଅନୁସାରେ ଏହାର ନିର୍ମଳତ୍ୱ ରକ୍ଷିତ ହୋଇଥାଏ ।

ଦର୍ପଣ ପ୍ରାୟେ ପ୍ରୀତି ନିର୍ମଳ ଅଟଇ,
ଝୁଣ୍ଟିଲେ ଭାଙ୍ଗଇ ନ ଝୁଣ୍ଟିଲେ ନ ଘଟଇ । (୨୧ଶ ଛାନ୍ଦ)

ନାୟକଠାରୁ ନାୟିକାର ପ୍ରଥମ ଚିଠିର ଲେଖନ ସମୟରେ ମଧ୍ୟ ନିର୍ମଳପ୍ରେମଜନିତ ଉଦ୍ବେଗତା ଓ ମର୍ଯ୍ୟାଦା ତାଙ୍କ ମନକୁ ଆନ୍ଦୋଳିତ କରିଛି; ସେ ମର୍ଯ୍ୟାଦା ତ୍ୟାଗ କରି ନାହାନ୍ତି ।

ପୀତବର୍ଣ୍ଣ କାଗଜ ଅଳକ୍ତ ସିକ୍ତାଇ,
ମର୍ଯ୍ୟାଦା ବଳାତ୍କାରେ କେମା କରେ ଦେଇ ଯେ !
ଲଜ୍ଜାଶ୍ରେଣୀ ବେଦନା ଧନ ତ୍ରିବେଣୀ ହୋଇ,
ଦୁଷ୍ପ୍ରଭା ମନ ହେଲା ଉଦ୍‌ଭ୍ରାନ୍ତ ପ୍ରାୟ ସେ ।
ଉଜ୍ଜ୍ୱଳ ଚେତନ ମାର୍ଗେ ବଢ଼େ ପ୍ରେମବାୟୁ,
ନିଜ ଭାଗ୍ୟ ଦୁଃଖ ଦୁଇ ମର୍ଯ୍ୟାଦା ରକ୍ଷିର ସେ । (୨୧ଶ ଛାନ୍ଦ)

ନାୟିକା ପ୍ରଥମରେ ପତ୍ରଟି ଲେଖିଥିଲେ ମଧ୍ୟ 'ମର୍ଯ୍ୟାଦା' ଓ 'ଉଚିତ ଅନୁଚିତ' ବ୍ୟବହାର ରକ୍ଷା କରିବା ମାନସରେ ସେ ସଖୀ ନାମରେ ପତ୍ରଟି ଲେଖିଛନ୍ତି । ନାୟକ ଏହି 'ବ୍ୟବହାର' ବା ବିଧାନ ବା ସ୍ୱଭାବ ପ୍ରଶଂସା କରିଛନ୍ତି ଏବଂ ଏହାକୁ 'ଚତୁରର ସ୍ୱରୂପ' ବୋଲି ଆନନ୍ଦ ପ୍ରକାଶ କରିଛନ୍ତି ।

ଶୁଣ ବୋଲଇ ଅହେ ପ୍ରାଣ ମିତ,
ବୁଝିଲଣି ସେ ଭଙ୍ଗ ଚରିତ ।
ସଖୀ ନାମରେ ଲେଖିଅଛୁ ଲେଖ,
ତହିଁ ଜଣାଉଛୁ ଆପଣା ଦୁଃଖ ।
(୨୮ଶ ଛାନ୍ଦ, ମୋ: କ: ଲ: )

ଆଦିବାସୀ—କବି ଆଦିବାସୀଙ୍କ ବେଶଭୂଷା, ଅସ୍ତ୍ରଶସ୍ତ୍ର, ଇତ୍ୟାଦି ପ୍ରଭୃତି ଅନୁପ୍ରାସ ଓ ଯମକ ପ୍ରୟୋଗ କରି ସୁନ୍ଦର ଚିତ୍ର ଦେଇଛନ୍ତି । ଉପମାର ବ୍ୟବହାର ସେତେ ନଥିଲେ ମଧ୍ୟ ପଦଯୋଜନାର ପାରିପାଟୀ ଯୋଗୁଁ ଏଥି ବିବରଣମୂଳକ ବର୍ଣ୍ଣନାଟି ଚମତ୍କାରିତା ଉତ୍ପାଦନ କରିବାରେ ସମ ହୋଇଛି ।

ଲଳିତଲୋଚନାରେ କବି ମୃଗୟାବିନୋଦନରେ ଶବରମାନଙ୍କର ବର୍ଣ୍ଣନା ଦେଇ ଉତ୍ସାହିତ କରି ପାରିଛନ୍ତି । ଏଠାରେ ବିଷାଦ ଚିତ୍ରଟି ଉଜ୍ଜ୍ୱଳ ହୋଇଛି । ଦୁଇଟି କାବ୍ୟରେ ମୃଗୟାବିନୋଦନ ବର୍ଣ୍ଣନା ପ୍ରାୟ ଏକା ପ୍ରକାର ଜଣାଯାଉଛି ।

ଜଙ୍ଗଲ—'ମୋହନ କଳ୍ପଲତା'ରେ ଜଙ୍ଗଲର ଯେଉଁ ବର୍ଣ୍ଣନା ଦିଆଯାଇଛି ତାହା ଲଳିତଲୋଚନାର ଜଙ୍ଗଲ ବର୍ଣ୍ଣନା ଅନୁରୂପ ହୋଇ-ଥିଲେହେଁ ଏଥିରେ ବିଷୟର ଆଧିକ୍ୟ ଅଛି ।

ଲଳିତଲୋଚନାରେ ଜଙ୍ଗଲ, ପାହାଡ଼ର ଅଳଙ୍କାର ବିଷୟରେ ବର୍ଣ୍ଣିଥିବା ଲେଖାଅଛି ଏବଂ ଶ୍ଳେଷ ଓ ଯୁକ୍ତ ଆଳଙ୍କାରିକ ଗଠନରେ ଉପସ୍ଥାପନ କରିଛନ୍ତି । ଯମକ, ଅନୁପ୍ରାସ, ବନ୍ଧ ପ୍ରଭୃତିର ଦୃଷ୍ଟାନ୍ତ ସେଥିରେ ଦିଆଯାଇଛି । ମୋହନ କଳ୍ପଲତାରେ ପାହାଡ଼ର ନାମକ ନାୟିକାର ଲକ୍ଷଣ ବିଚାର, କାମଶାସ୍ତ୍ର, ଶାଳିହୋତ୍ର ଶାସ୍ତ୍ର, ଗାରୁଡ଼ି ବିଦ୍ୟା, ଚିତ୍ରାଙ୍କନ ପ୍ରଭୃତି ବିଷୟରେ ବିଶେଷ ବ୍ୟାଖ୍ୟାନ ଦେଇଛନ୍ତି । ନାୟିକା ଆଙ୍ଗିକର ଯୁକ୍ତିର ଉଦ୍ଦାମ ଭଙ୍ଗୀ ଥିବା ବ୍ୟକ୍ତ କରି ଏ ସୁନ୍ଦରୀ ବର୍ଣ୍ଣିତ ଲୋକଙ୍କୁ ଅଧମ, ମଧ୍ୟ, ଉତ୍ତମ ପ୍ରଭୃତି ଆଖ୍ୟା ପ୍ରଦାନ କରି ଉପହାସ କରିଛନ୍ତି ।

ନାସ୍ତି ଅଙ୍ଗ ସଙ୍ଗ ଜନା ଯେ କରେ ଶପନ,
ତାକୁ କି ମନୁଷ୍ୟ କହି ବୁଝନ୍ତୁ ମନେ ଯେବେ ହେ । (୧୨ଶ ଛାନ୍ଦ)

ଏହାର ସମର୍ଥନରେ କବି ଜଙ୍ଗମ ମୁଖରେ ପ୍ରକାଶ କରିଛନ୍ତି —

ପ୍ରେମ ତ ସଂସାରେ ସାର ବୋଲନ୍ତି ସଜ୍ଜନ,
ସେ ପ୍ରୀତି କାରଣୁ କାମ ସବୁଙ୍କି ପ୍ରଧାନ ।
ଏଣୁ ତେଜ୍ୟ ଭୂଲି ଡରୁ ବଢ଼ଇ ପୀରତ,
ଅତୁ କି କାହିଁ ସ୍ୱଦେହ ଏହା ନ ଜାଣନ୍ତି ।

ଯାଉ ଧରିବାକୁ ଘୁଞ୍ଚ ନାହିଁ ଚନ୍ଦ୍ରିକା',
ସେଠି କବି ଶପନ କାଳରେ ନ ଶୋଇବା ଯେ ।
ଏଣି କାଞ୍ଚନବର୍ଣ୍ଣା ବିରହେ କ୍ଷରେ ଭଣି,
ଅତ ପ୍ରେମେ ଅନନ୍ୟାନେ ଚଳନ୍ତେ ଲେଖି ଯେ ।

ଷଣ୍ଢ ଦୁରୁ ଦେଖି ଦୃଷ୍ଟି ଯାଉଛନ୍ତି ଠିକାର,
ଅନ୍ତର ହେବା ଭୟରେ ଏଣୁ ଥାରେ ହାର ଯେ ।
ଏ ପ୍ରେମ ସମୁଦ୍ରରେ ବୁଡ଼ିବା କନକର,
ଅନ୍ୟ ଦୁଃଖ ସୁଖସନ୍ତାପ କି କରେ ତା ଛୁଇ ଯେ । (୧୨ଶ ଛାନ୍ଦ)

'ପ୍ରେମସମୁଦ୍ର' ଉପମା ପ୍ରେମିକ ପ୍ରେମିକାର ପ୍ରେମସମ୍ବନ୍ଧ କାହାଣୀକୁ ଅତ୍ୟ ଦୁନ୍ତ୍ରୁକାରେ ସୂକ୍ଷ୍ମ ଭାବରୁ ଚିତ୍ର ଅଙ୍କନ କରି ଅନାବଶ୍ୟକ ବିସ୍ତୃତ ବର୍ଣ୍ଣନା-ଜଞ୍ଜାଳ ପରିତ୍ୟାଗର ସ୍ୱଚ୍ଛ ଦୃଷ୍ଟ ପଦମାନରେ ଦେଖାଇ ଦେଇ ପାରିଛନ୍ତି । ତାଙ୍କର ଉଦ୍ଭାବନ ଚିତ୍ର ବାସ୍ତବିକ ରସଶାସ୍ତ୍ରରେ ବୁଡ଼ାଇ ରସପୂର୍ଣ୍ଣ କରି ଦେଇଛି ।

ଶକ୍ତି—ସଦାନନ୍ଦ ମୋହନ କଲ୍ପଲତାର ୧୧ଶ ଛାନ୍ଦରେ ସୃଷ୍ଟି-ବର୍ଣ୍ଣନାରେ ଅଷ୍ଟନାୟିକା, ଅଷ୍ଟଦୂତୀ, ସ୍ୱୟଂଦୂତୀର ପ୍ରେମଲୀଳା ଓ ହାବଭାବର ସଂକ୍ଷିପ୍ତ ପରିଚୟ ଦେଇ ବ୍ୟାଖ୍ୟାନ ଶେଷ କରିଛନ୍ତି । ୧୬ଶ ଛାନ୍ଦରେ କବି ଋତୁ ଜନଙ୍କ ପରି ବର୍ଣ୍ଣନା କରିଥିଲେ ମଧ୍ୟ ଏଥିରେ ବିଶେଷତ୍ୱ ରକ୍ଷା କରିଛନ୍ତି ।

ଶୁଣ ଏମନ୍ତେ ଦିବସ ଅନ୍ତେ ଆସି ହେଲା ପ୍ରଦୋଷ
ତାହାର ଭାନ୍ତି ହୋଇଣ କାନ୍ତି ଅମ୍ବରେ ସୁ ପ୍ରକାଶ । ୧ ।
କି କୋକ ଶୋକ ପିଂଶୁଦେଖୁକ ଦ୍ବେଦନ ସମ୍ଭବ
ଯେଣିକୁ ଝିଲ୍ଲିରବ କି ଡିମ୍ବ ପରମେଷ୍ଠୀ ଉତ୍ସବ । ୨ ।
ମଲ୍ଲୀ କୁସୁମେ ଅଥ ସୁରଭେ ଭଙ୍ଗ ଗନ୍ଧକ କାମେ
ଭରି ଧାଉଁଧ କି ବନ୍ଧୁ ସଙ୍ଗ ପୂଜିବୁ ମନୋହରେ । ୩ ।
ମଦନ ମଲ୍ଲି ଫୁଟିବ ଗ୍ଲାନି ଆଜ ରହିବୁ ଅନ୍ତି
ମୁଁ ତୋର ସୁଦା ଦେଉଛେ ଅବା ପଢ଼ିବ ଯିବ ଛନ୍ଦ । ୪ ।
(୧୭ଶ ଛାନ୍ଦ)

ସଂଗୀତ ଜ୍ଞାନ—କବିଙ୍କର ସଙ୍ଗୀତ ଚର୍ଚ୍ଚା ଓ ସଙ୍ଗୀତାଳାପ ସମ୍ବନ୍ଧରେ ଜ୍ଞାନ ଏବା ସ୍ପଷ୍ଟ ହୁଏ । କବି 'ମୋହନ କଳ୍ପଲତା'ରେ ସ୍ଥାନେ ସ୍ଥାନେ ଚର୍ଚ୍ଚାସ୍ତ୍ର ବଦ୍ୟାର ଶାସ୍ତ୍ରୀୟ ଲକ୍ଷଣବିଧାନର ବର୍ଣ୍ଣନାକୁ ମନୋରମ କରି ପାରିଛନ୍ତି ଏବଂ ସୁକଣ୍ଠତାର ସୁନ୍ଦର ପରିଚୟ ଦେଇଛନ୍ତି ।

'ମଧ୍ୟାହ୍ନ-ଶୟନା', 'ସଙ୍ଗୀତ ଶାସ୍ତ୍ରୀୟ ନାଟ୍ୟବାଦ ଗୁଣୋପେତା' ମୋହନକଳ୍ପଲତା ନିଦ୍ରା ତେଜିବାରୁ ତାଙ୍କୁ ବେଶ କରିବା ପାଇଁ ଚିତ୍ରଲେଖା, ସୁଭଦ୍ରା ପ୍ରମୁଖ ସଖୀମାନେ ଅଳଙ୍କାର, ଦର୍ପଣ ପ୍ରଭୃତି ଦ୍ରବ୍ୟ ଆଣିଲେ । ଏହି ସମୟରେ ସଙ୍ଗୀତାଳାପ ହୋଇଥିଲା; ମଦାଳସା, ବିଶାଳନୟନା, ପ୍ରେମଶୀଳା ଓ ପଦ୍ମମଳା ପ୍ରଭୃତି ଏଥିରେ ଅଂଶଗ୍ରହଣ କରିଥିଲେ । ତାଳମାନଙ୍କୁ ରକ୍ଷା-କରି ଏମାନେ ବାଦ୍ୟବାଦନ ଓ ଗୀତଗାୟନ କରି ଏକ ଅପୂର୍ବ ବାତାବରଣ ସୃଷ୍ଟି କରି ପାରିଥିଲେ । କବିଙ୍କର ଏ ବର୍ଣ୍ଣନାଟି ଅତ୍ୟନ୍ତ ମନୋରମ ହୋଇଛି । ସଖୀମାନେ ଗ୍ରାମତରର 'ପ୍ରଥମାବତରଣିକ' ଗୀତ ଗାୟନ କରିଥିଲେ ।

ବିଶାଳନୟନା ବାଦ୍ୟବାଦନ କରଇ,
ପଦ୍ମମଳା ଆଳୀ ଗୀତ ତାଳକୁ ସୁଚଇ ସେ ।
ଗ୍ରାମତମ ପଞ୍ଚମୀ ଶୁଭ ମନୋହର,
ଗାନ୍ଧାର ଗ୍ରାମ ସଙ୍ଗେ ପ୍ରଥମେ ଗାଇ ସେ ।

ପ୍ରେମଶୀଳା ଅଳପ ସେ କରଇ ଶୁଶ୍ରୂଷା,
ତା ନା ନା ନା ର ଣ ମିଳ ଅଛୁ ପଦ ଧରି ଯେ ।
ଗାୟନ କଲେ ଶ୍ରୀରାମ-ଜାନକୀ ଚରିତ,
ହୃଅମାବସ୍ୟାକଳେବର ସେ ତେଜ ଯେମନ୍ତ ଯେ ।
ଅନ୍ୟୋନ୍ୟରେ ପ୍ରୀତି ଆଶା ସମ୍ଭୂତ ହେଲି,
ପରସ୍ପରଙ୍କୁ କେ ମାତ୍ର ଭୁଲି ନ ଲୁଚଇ ଯେ । (୭ମ ଛାନ୍ଦ)

ସଦାନନ୍ଦ ବ୍ରହ୍ମଗୁରୁଙ୍କୁ ପ୍ରାର୍ଥନା କରି ହୃଦାବାସରେ 'ସଙ୍କେତମାନଙ୍କୁ' ସମ୍ମିଳିତ କରାଇବାରେ ସାମର୍ଥ୍ୟ ଦେବାପାଇଁ ଡାକ ମାଗିଛନ୍ତି । 'ସଙ୍କେତ'-ମାନେ ସମ୍ମିଳିତ ନ ହେଲେ କାବ୍ୟସୃଷ୍ଟି ସୁନ୍ଦର ଓ ମନୋଜ୍ଞ ହେବା ସମ୍ଭବ ନୁହେଁ । କାବ୍ୟମନୋହାରୀ ଶୁଭ ଥିଲେ ଚନ୍ଦ୍ରାଲୋକ୍ୟ ମଧ୍ୟ ଶୁଭ ହେବ; ଶୁଭ ବାତାବରଣରେ କାବ୍ୟସାଗର ବା ଶବ୍ଦସାଗର ପାରହେବା ସହଜ । ଏହ ନିର୍ବିଶେଷ ଶ୍ରବାରୁ 'ବିଚକ୍ଷଣ-ଇଚ୍ଛା'—ସାଗରସ୍ୱରୂପ । ଏହି ଶବ୍ଦ-ସାଗରରେ ଅଭିଧାନ ଜଳ, ବ୍ୟାକରଣ ତରଙ୍ଗ, ଶାସ୍ତ୍ର ଜଳଯନ୍ତ୍ର, ଛନ୍ଦ ସ୍ତ୍ରୋତ ଅଗ୍ନିସ୍ୱରୂପ ; ଏହାର 'ବାଡ଼ବାଗ୍ନି' ଶାସ୍ତ୍ର ହୁଅନ୍ତି । ବାଧ୍-ଅବାଧ୍ୟ ଏ ଜନଶାସ୍ତ୍ର ସଞ୍ଚାର । ବୈଦ୍ୟଶାସ୍ତ୍ର ଶୁକ୍ତିମାଳା, ଶାଳିହୋତ୍ର ମକର, ପିଙ୍ଗଳ ଦାବାନଳ, ପଶୁସଂଖ୍ୟା 'ଶଙ୍ଖ' । ବୈଷ୍ଣବତନ୍ତ୍ର ଏଥିରେ ସ୍ୱଚ୍ଛ ମତ୍ସ୍ୟ, ସୁବର୍ଣ୍ଣ ସକଳ ଜଳଚର । ଜ୍ୟୋତିଷ ତୋରଣ ଓ ଗ୍ରହମାଳା ଗର୍ଜନ । ପୁରାଣାଦି ଏ ସମୁଦ୍ରର ଦେବସେବ୍ୟ ଅମୃତ ସଦ୍ଗୁଣ ।

ଏହି 'ଶବ୍ଦସାଗର' ମନ୍ଥନ କରିବାକୁ ଇଚ୍ଛାକରି କବି ବୈଷ୍ଣବମାନଙ୍କର ସାହାଯ୍ୟ ନେଇଛନ୍ତି । କବିମାନେ ଦେବତା ଓ ଅସୁର । କେତ୍ରଯୁଗ ସ୍ୱୟମ୍ଭୁ, ନିଶ୍ୱାସ ସମୀର । କବି ବୃହସ୍ପତି, ବୁଦ୍ଧି ବାସୁଦେବ ଓ ଚୈତନ୍ୟ ମେରୁ । ଏହି ଶବ୍ଦସାଗରକୁ ଚୈତନ୍ୟରୂପୀ ମନ୍ଦରଦ୍ୱାରା ମନ୍ଥନ କଲେ ବସ୍ତୁରତ୍ନ ଲାଭ ହେବ ବୋଲି କବି ଆଶାପୋଷଣ କରିଛନ୍ତି ।

(ମୋହନ କଳ୍ପଲତା । ୧ମ ଛାନ୍ଦ)

ସଦାନନ୍ଦ ବହୁ ଚିନ୍ତା ବୈଷ୍ଣବଗ୍ରନ୍ଥ ମନ୍ଥନ କରି ସାରତତ୍ତ୍ୱ ଓ ରାଧାକୃଷ୍ଣ ଲୀଳା ମାହାତ୍ମ୍ୟ ପ୍ରତିପାଦନାର୍ଥ ମାନବ ଦେହଧାରୀ ନାୟକନାୟିକାର ପ୍ରେମ-

ତାହାଙ୍କୁ ସୁ ସାର୍ଥକ ଲେଖନୀ ଧରରେ ସୁନ୍ଦର କଳ୍ପଲତାଟିଏ ସୃଷ୍ଟି କରି ପାରିଛନ୍ତି । ଚୈତନ୍ୟଦେବଙ୍କୁ 'ମେରୁ' କରିଥିବାରୁ ଏହି ଶବ୍ଦସାଗର ମନ୍ଥନର ଫଳ ବୈଷ୍ଣବୋଚିତ ରୂପ ଧାରଣ କରିଛି । କାବ୍ୟଟି ନାନା ଅଳଙ୍କାର ଓ ବକ୍ରୋକ୍ତି ଛନ୍ଦରେ ମଣ୍ଡିତ ହୋଇ ଶୋଭା ପାଉଛି ।

କବିସୂର୍ଯ୍ୟ ବ୍ରହ୍ମାଙ୍କ କାବ୍ୟମାନଙ୍କ ଭିତରେ 'ମୋହନ କଳ୍ପଲତା'ଟି ଉତ୍ତମ ଶ୍ରେଣୀରେ ସ୍ଥାନ ଅଧିକାର କରିଛି । ଗୁଣଦ୍ୱେଷୀ ଦୁର୍ଜନ ମନ-ମକ୍ଷିକା ପକ୍ଷରେ ଏହି ଗ୍ରନ୍ଥଟି ଅଳଙ୍କାର ଚନ୍ଦନରେ ମଣ୍ଡିତ ହୋଇ ତାର ଉଦ୍ୟମକୁ ବିଫଳ କରୁ ବୋଲି ଆଦ୍ୟରୁ କବି ଯେଉଁ ଆଶା କରିଛନ୍ତି ତାହା ପୂର୍ଣ୍ଣ ହୋଇଛି ।

ଦୁର୍ଜନ-ମନ-ମକ୍ଷିକା ଖୋଜୁଥାଇ ବ୍ରଣ,
ହେବ ଛନ୍ଦ-ଅଳଙ୍କାର-ଚନ୍ଦନେ ଲୁପନ । ୩୮ । (୧ମ ଛାନ୍ଦ)

'ମୋହନ କଳ୍ପଲତା' କାବ୍ୟର ନାମକରଣର ସାର୍ଥକତା ସମ୍ବନ୍ଧରେ କବି କହିଛନ୍ତି—ଶୃଙ୍ଗାର ରସ ଏହି 'ମୋହନଲତା'ର ମୂଳ, ଗୁଣାଢ଼୍ୟ ବକଳ, ଛଳ ଶ୍ଳେଷ କରେଣୁଧାତୁଯ ଏହାର ଡାଳ, ରୂପକ ପାଳବାଳ । ଏହି ଲତାରେ କୃଷ୍ଣନାମ କୋମଳ ସ୍ୱରୂପ ବସିଥିବ । ଉତ୍ତମ-ଅକ୍ଷର ପୁଷ୍ପର ପଲ୍ଲବ ଓ ସୁରଭ ପତ୍ର । ଫଳଯୁଗ (ଅମୃତ ଓ ବଳ) ସମ୍ଭୋଗ ଓ ବିପ୍ରଲମ୍ଭ । କବିଙ୍କ କଳ୍ପନା ଦ୍ୱାରା 'ମୋହନ କଳ୍ପଲତା'ଟିଏ ସୃଷ୍ଟି କରି ଅମୃତ ଫଳାଇ ପାରିଛି ।

କବି 'ମୋହନ କଳ୍ପଲତା' କାବ୍ୟର ନାମକରଣରେ କାବ୍ୟନାୟିକା 'ମୋହନଲତା'ର ନାମକୁ କେତେକ ଅନୁରୋଧରେ ଗ୍ରହଣ କରିଛନ୍ତି । ଏହି କାବ୍ୟର ନାମକୁ ମୋହନକଳ୍ପଲତା ଓ ମୋହନଲତା ବୋଲି କହିଛନ୍ତି ଛାନ୍ଦରେ ଲେଖିଥିଲେହେଁ ପ୍ରକୃତ ନାମ ମୋହନକଳ୍ପଲତା ଏଥିରେ ସ୍ପଷ୍ଟ ।

ହେ ସିନ୍ଧୁ ମଣ୍ଡନକୁ ବନ୍ଦିତ ନାଥ ପଦ୍ମ,
ମୋହନ କଳ୍ପଲତା ଗାଇବୁ ଏବେ ସହୁ ଯେ । ୨୧ । (୧ମ ଛାନ୍ଦ)

ମୋହନକଳ୍ପଲତା ନାମରେ ଛାନ୍ଦ ହେବ,
ଯେଣୁ ସମସ୍ତଙ୍କ ମନୋରଥଦା ହୋଇବ ଯେ । ୩୩ । (୧ମ ଛାନ୍ଦ)

ରସିକେ ପଢ଼ିବ ଏ ମୋହନଲତା ଗୀତ ଯେ । ୧୧୪ । (୧୨ଶ ଛାନ୍ଦ)

ଏ ମୋହନ କଳ୍ପଲତା ସୁମଙ୍ଗଳ,
ମାଳଣ ଭବ (?) ଏଥି ଏ ଏକଫଳ । (୨୩ଶ ଛାନ୍ଦ)

ଏ ମୋହନଲତା ଅଷ୍ଟବିଂଶ ଛାନ୍ଦ ଶେଷ,
ଆଉ ଅନ୍ୟ ଛାନ୍ଦେ ଗୀତ ଅର୍ଥ କର ତୋଷ । ୪୨ । (୩୩ଶ ଛାନ୍ଦ) ।

ଏଣୁ ନାୟିକାର ନାମ ମୋହନଲତା ଓ ମୋହନକଳ୍ପଲତା ଉଭୟ ଗ୍ରହଣ କରାଯିବା ଦେଖାଯାଏ ।

ଏମନ୍ତେ ପଞ୍ଚମ ଛାନ୍ଦ ଏ ଅଟି ହୋଇଲା ଶେଷ,
ମୋହନଲତା ବାଲି ଚେଷ୍ଟା ଆର ଛାନ୍ଦେ ପ୍ରକାଶ । ୬୦ । (୫ମ ଛାନ୍ଦ)

ମୋହନ-କଳ୍ପଲତାର କୁସୁମ ବିକାଶ,
ବର୍ଣ୍ଣନାରେ ଏ ଛାନ୍ଦ ହୋଇଲା ଅଟି ଶେଷ । ୧୫୫ । (୬ମ ଛାନ୍ଦ)

ମୋହନଲତା ପଟ ବିଲୋକନ, ଏ ନବମ ଛାନ୍ଦ ହେଲା ସମ୍ପୂର୍ଣ୍ଣ ।
୧୨୦ । (୯ମ ଛାନ୍ଦ)

ମୋହନଲତାର ମୁଁ ଶରଣ, ଧର ବସିଛ ନା ଲଭେଗ ଚରଣ । ୭ ।
(୨୨ଶ ଛାନ୍ଦ)

ଛାନ୍ଦର ନାମକରଣ ଓ ନାୟିକାର ନାମକରଣରେ ପ୍ରଭେଦ ଥିବା ପ୍ରତୀତ ହେବା ସମ୍ଭାବନା ଥିଲେ ମଧ୍ୟ ଛାନ୍ଦ ଓ ନାୟିକାର ନାମ 'ମୋହନ-କଳ୍ପଲତା' ଥିବା ସ୍ପଷ୍ଟ । କବି ସଂକ୍ଷେପରେ ଏହି ନାମକୁ ଛାନ୍ଦର ନାମ ଓ ନାୟିକାର ନାମ କେତେକ ସ୍ଥାନରେ 'ମୋହନଲତା' ଲେଖିଅଛନ୍ତି ମାତ୍ର ।

କବି 'ମୋହନ କଳ୍ପଲତା' କାବ୍ୟଟିକୁ କୌଣସି ଅଦୃଷ୍ଟବଶତଃ ସମ୍ପୂର୍ଣ୍ଣ କରିପାରି ନଥିଲେ ବୋଲି ପ୍ରକାଶ କରିଛନ୍ତି, କିନ୍ତୁ ଏହି ବିଘ୍ନର କଥା ଉଲ୍ଲେଖ କରିନାହାନ୍ତି । (୩୫ଶ ଛାନ୍ଦ)

ବନ୍ଧୁଗ୍ରନ୍ଥରେ ଲକ୍ଷିତ ଏହି କାବ୍ୟଟି ବହୁବର୍ଷଯାଏ ଅସମ୍ପୂର୍ଣ୍ଣ ରହି ଥିବାରୁ ଭକ୍ତ ମନରେ ଅପାର ଦୁଃଖ ଜାତ ହୋଇଥିଲା । ବନ୍ଧୁଗ୍ରନ୍ଥରେ ଲକ୍ଷିତ ହୋଇଥିବାରୁ କାବ୍ୟକୁ ସମ୍ପୂର୍ଣ୍ଣ କରିବା ପାଇଁ ସେ ପ୍ରକାର ଚେଷ୍ଟା-କରି ସମ୍ପୂର୍ଣ୍ଣ କରିଥିଲେ ।

କେଉଁ ଛାନ୍ଦରୁ ଅସମ୍ପୂର୍ଣ୍ଣ ରହିଥିଲା ତାହା ଜାଣିବାର ଉପାୟ ନଥିଲେ ମଧ୍ୟ ଶେଷାଂଶର କେତେକ ଛାନ୍ଦର ଅଭାବର ଦୁର୍ବଳତା ଦୃଷ୍ଟିରେ ଏହା ଅଷ୍ଟବିଂଶ ଛାନ୍ଦଠାରୁ ହିଁ ଘଟିଥିବା ଅନୁମାନ କରାଯାଇ ପାରେ । ୨୮ଶ ଛାନ୍ଦଠାରୁ ଛନ୍ଦର କଳେବର ଛୋଟ ହୋଇଯାଇଥିବା ଦେଖାଯାଏ । ଏହା ହୋଇଥିଲେ ମଧ୍ୟ କାବ୍ୟର ଅଙ୍ଗହାନି ବା ସଂକ୍ଷିପ୍ତତାଜନିତ ବ୍ୟତିକ୍ରମ ଦେଖାଯାଏ ନାହିଁ ।

କେତେ ଗ୍ରନ୍ଥରେ କରିଥିଲୁ ଗୀତ, ତତ୍ତ୍ୱରୁ ନୋହିଥିଲା ସମାପତ ସେ,
ଏଣୁ କଲୁ ଏବେ ପୂର୍ଣ୍ଣ ହେ,
ଭଣେ ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମା, ମୋ ଶରଣ ପଦବର୍ଣ୍ଣ ହେ ।
(୪୮ଶ ଛାନ୍ଦ)

ଚିତ୍ରସୃଷ୍ଟିର ସଫଳତା—ଚିତ୍ରରେ ରୂପସୃଷ୍ଟିର ସାଫଲ୍ୟ ସମ୍ବନ୍ଧରେ ସଦାନନ୍ଦ ଗ୍ରନ୍ଥମାନଙ୍କରେ ଏକାଧିକ ସ୍ଥାନରେ ସୁନ୍ଦର ଭାବରେ ବ୍ୟକ୍ତ କରିଛନ୍ତି । ତାଙ୍କର ମାନଦଣ୍ଡ ଅତି ବାସ୍ତବ ।

ନାୟକର ଚିତ୍ରପଟ ଦେଖି ମୁଗ୍ଧା ନାୟିକା ସଖୀମାନଙ୍କୁ କହୁଛନ୍ତି—

ସତ କହିଲ, ମିଛ କେଉଁ କଲା,
ମିଥ୍ୟା କେବେ କେହୁ ତୋର ହୋଇଲା ।
ଚିତ୍ର ସେବେ ଜମା କଥା ନ କହେ,
ଏହୁ ଲିଖି ହେଲ ଅତି ବିଦେହେ ।
ଚନ୍ଦ୍ରହାସ ପ୍ରକାଶେ କେବେ ତେଣେ,
କ କେ ତନ୍ତ୍ରାତିମକୁ ଏ ନ ଜାଣେ ।
ଚନ୍ଦ୍ରହାସ ଅର୍ଦ୍ଧ ଅଙ୍କ ମଧ୍ୟରେ,
କଳାରାଜ ଧରେ କାନ୍ତ ଅଗରେ ।

ସତ୍ତି ହସେ ସ୍ପର୍ଶୁଛୁ ଆଉ ସ୍ପୃଶି,
    ଯେଉଁ ସ୍ପର୍ଶିଲେ ସ୍ପର୍ଶିଲା ପରାଇ ।
ସ୍ପର୍ଶ ନ ତଳେ କାହିଁକି ପିଲ୍ଲତା,
    ଏ ସଂଶୟ ତ କଲା ଦେଲ୍ଲୁତା ।
ପାଦ ଭୂଷଣ ସରାଏ ଦଶୁଛି,
    ତଳେ ଯେବେ ପଡ଼ୁଁ ତ ନ ଅଛୁଛି ।

ମୁଗ୍ଧା ନାୟିକା ଉପପତିର ନାୟକର ମୂର୍ତ୍ତି ଦେଖି ଏକୋଦେଶରେ ଉନ୍ମତ୍ତ ହୋଇ ପଡ଼ୁଛି—ସତେ ଯେପରି ନାୟକ ତା ଅଙ୍ଗକୁ ସ୍ପର୍ଶୁଛି, ଚୁମ୍ବୁଛି, ଯେଉଁଠି ସ୍ପର୍ଶିଲେ ସେଠିକି ସ୍ପର୍ଶିଲା ପରି ଲାଗୁଛି । ମୁଗ୍ଧା ମନରେ ସତ କି ମିଛ ସନ୍ଦେହ ଜାତ ହୋଇଛି; ସତ ହେବା କାମନାଟି ମନରେ ରହୁଛି । ଶେଷରେ ନାୟିକା ସଖୀଙ୍କୁ କହୁଛି—

ଏ ତ ପଟ ଦୋହେ ଅଟେ କପଟ,
    କାମ ଜାଣିଲ ଦେବେ ତ ନଟକୁଟ ।
ମାଗ ସଜ୍ଜୁ ନଥାରେ ଏ କଥାରେ,
    ଏତ ଛାଇକ ଚୋଳ କଲୁ ପ୍ରାଣେ ।
(୪ମ ଛାନ୍ଦ, ଗୋ: କ: ଲ:)

ଅମୃତପଦାବଳୀ—

ଶମାନୁରାଗୀ ମଧ୍ୟରେ    ବଚନାମୃତ ବୃଷ୍ଟି କରେ
ଲଳନାମାନ ଧୈର୍ଯ୍ୟ ହରେ ଭୁଲାଇ ଜୀବନ ରହେ କଷ୍ଟରେ ।
ରୋଳ ଫୁଲ ଫଟେ ଯେଣୁ    ଛଦ୍ମବେଶ ଛଦସ୍ଥ କେଣୁ
ତହିଁରୁ ସେଣୁ ଆଉଜାତ ଲୁଅନ୍ତ ମେରୁ ନଶେ ପରମାଣୁ ।
ଯେ ଫୁଲ ମଧ୍ୟେ ଶାହାର,    ଆସୁଛ କଳ୍ପ ମାତର
ଉଦ୍ୟମ କଲେ ଲଭିପାରେ ନ କଲେ ତାହାକୁ ବୋଲିବା ଗ୍ରହ ।
(୨୮ଶ ଛାନ୍ଦ । ଗୋ: କ: ଲ:)

ତାହା ବା କହିବା କେତେକେ,
ନବ ଶୀର ବଢ଼ ଚଂଣ୍ଡ ସଂଗତ ଧନ ନେଲେ ଏଡୁ ମତେ ଦେ,
(ଯୁ: ର: ଭ:, ୪୩ଶ ଛାନ୍ଦ)

ସଦାନନ୍ଦଙ୍କ 'ସାଧଣୀ' ଭିତରେ 'ଅଦ୍ଭୁତ' ରସାତ୍ମିକ ପଦାବଳୀ ମଧ୍ୟରେ ରହିଅଛି; ଏହା ସାଂସାରିକ ଜୀବନରେ ସମ୍ପୃକ୍ତିର ଫଳ।

ନାୟିକାର ଅଷ୍ଟମ ଦେଖି ନାୟକ ଏପରି ଅପୂର୍ବ ଶୋଭାବଳୀ ନାୟକୁ ପାଇବା ତାଙ୍କ ପକ୍ଷରେ ଅଦ୍ଭୁତ ମନେକରି ସେ କହୁଛନ୍ତି—

"ଶୁଳିକ ବୋଲି ଗୁଡ଼ଦନ୍ତ୍ର ସଂଶ୍ଳେଷ କରିବା ଉପହାସର କଥା କିନା! ଚନ୍ଦ୍ରଙ୍କୁ ଅଙ୍କୁଶରେ ବଢ଼ାଇବା, କସ୍ତୁରୀରେ ପବନକୁ ବାନ୍ଧିବା, ଜଳକୁ ହୋଲି ପେଣ୍ଡିରେ ରଖିବାକୁ ଉଦ୍ୟମ କରିବା ଯେପରି ଉପହାସର ବିଷୟ। ଏହିସବୁ ବ୍ୟାପାର ଅସମ୍ଭବ ଥିବାରୁ ଏହାକୁ ସମ୍ଭବ କରିବା ପାଇଁ ଉଦ୍ୟମ କରିବା ଉପହାସର ବିଷୟ।" (୧ମ ଛାନ୍ଦ)

ନାୟିକାର ସୁନ୍ଦରତା ଅଲଭ୍ୟ ବସ୍ତୁ ପ୍ରାପ୍ତି ପାଇଁ ଲାଳସା ଓ ପ୍ରାପ୍ତି ଅସମ୍ଭବ ଜାଣି ନୈରାଶ୍ୟ ମନୋଭାବକୁ କବି ସୁନ୍ଦର ଭାବରେ ସୂକ୍ଷ୍ମ ଛଳରେ ବ୍ୟକ୍ତ କରିଛନ୍ତି।

ଧର୍ମସାମଗ୍ରିକ ଜଣଙ୍କ କାବ୍ୟର ସୂଚନା—ମୋହନଲତିକା କାବ୍ୟରେ ଦେଖିବା 'ସାଧଣୀ' ନାୟିକ ଶ୍ରୀକୃଷ୍ଣଙ୍କ ଚରିତ୍ରକୁ ସେହି ଅଷ୍ଟମ ସୁନ୍ଦର ଦେଖାଇ ତାଙ୍କର ମନକୁ ମୁଗ୍ଧ କରିଦେଇଥିଲେ କବିଙ୍କ ସେ ଅଷ୍ଟମ ଶୃଙ୍ଗାରର ପରିଚୟରୁ ସ୍ପଷ୍ଟ ହୋଇଛି ଯେ କବି ଧର୍ମସାମଗ୍ରିକ କବିମାନଙ୍କର କେତୋଟି ଉତ୍କୃଷ୍ଟ କାବ୍ୟ ଓ ତାଙ୍କର 'ଲଳିତଲୋଚନା' କାବ୍ୟର ସୂଚନା ଦେଇଛନ୍ତି।

'ସୁଦର୍ଶନ ଦଶାଦ୍ଦ'ର କବିଙ୍କ ନାମ ଜଣାଯାଇ ନାହିଁ। 'ସଙ୍ଗୀତ ସୁନ୍ଦରୀ' ଲୋକନାଥ ଦାସ (ବିଦ୍ୟାଧର)ଙ୍କ ଦ୍ୱାରା ରଚିତ କାବ୍ୟ। କବି ସଦାନନ୍ଦ 'ଯୁଗଳ ରସାମୃତ ଭଞ୍ଜ'ରେ ଏହାଙ୍କ ନାମ ଉଲ୍ଲେଖ କରିଛନ୍ତି। 'କାଞ୍ଚନଲତା' କାହାର କୃତ ଜଣାଯାଇ ନାହିଁ।

'କନକଲତା' ନାମକ ଏକ କାବ୍ୟ ତ୍ରିବିକ୍ରମ ଭଞ୍ଜ ରଚନା କରିଛନ୍ତି । 'କନକଲତା'କୁ ଏଠାରେ ଲକ୍ଷ୍ୟ କରାଯାଇଅଛି ? 'କନକଲତା'ର ନାୟକ 'ରସାଭରଣ' 'ବସୁଧାବତଂସ' ନାମରେ ସୂଚିତ ହୋଇଥିବା ସମ୍ଭବ । 'ସୁଦର୍ଶନ' ନାୟକର ପିତା । 'ହେମମାଳା' କାବ୍ୟଟିର କବିଙ୍କ ନାମ ଜଣାଯାଉନାହିଁ । 'ଲୀଳାବତୀ' କାବ୍ୟଟି ବାଣପୁରର ରାଜା ରଘୁନାଥ ହରିଚନ୍ଦନ ରଚନା କରିଛନ୍ତି । ରଘୁନାଥ ଖ୍ରୀ: ୧୬୫୫ରେ ବାଣପୁର ସିଂହାସନ ଅଧିରୋହଣ କରିଥିଲେ । 'ଲଳିତଲୋଚନା' କବିଙ୍କ ନିଜ କାବ୍ୟ ଏବଂ ଏଥିର ନାୟକ ଓ ନାୟିକାଙ୍କ ନାମ ଉଲ୍ଲେଖ କରାଯାଇଥିବାରୁ କାବ୍ୟଟି ସ୍ପଷ୍ଟରୂପରେ ସୂଚିତ ହୋଇଛି ।

ରୁକ୍ମିଣୀ ଆଦି ଅଷ୍ଟମହିଷୀ, ମିଳନ ହେଲେ ଯେବେ ତୁଷ୍ଟିରେ ।
ଯେସି କୁମର କୁତୂହଳ କରି, ନଗ୍ନରୁ କଲେ ଘର ଘର ଗରି ।
ପୁଣି ତା ବର୍ଣ୍ଣିଲ, ବାଣ ରଜସ୍ୱୀ ପଞ୍ଚ ଫେଡ଼ିଲ । ୧୫ ।

ତଥି ତଳୁ ସୁଦର୍ଶନ ଶବାତ୍ମ, ଗଜାଗମନଙ୍କ ନାୟକ ସହ ।
ପୁଣି ଦେଖାଇଲି କନକଲତା, ବସୁଧାବତଂସ ସଙ୍ଗେ ଶୋଭିତା ।
ତହୁଁ ହେମମାଳା, କୁମାର ସଙ୍ଗେ ମଧୁଶଯ୍ୟା ଲୀଳା । ୧୬ ।

ଏ ଅନ୍ତେ ଦେଖାଇଲି ଲୀଳାବତୀ, ଚନ୍ଦ୍ରମିତ୍ର ସଙ୍ଗେ ହେମନ୍ତ ରତି ।
ପୁଣି ଦେଖାଏ ଲଳିତଲୋଚନା, ଧୀରଦେବ ସଙ୍ଗେ ସୂତ୍ର ଫେଦମନା ।
ନବଖଣ୍ଡବନ, ତାହା ପାଙ୍କୁ ସେମନ୍ତ ଉଷ୍ଟ୍ର । ୧୭ ।
(ମୋ: ଭ: ଲି:, ୮ମ ଛାନ୍ଦ)

ଓଡ଼ିଆ ପ୍ରାଚୀନ କବିମାନଙ୍କ ଯୁଗରେ ଏପରି କାବ୍ୟମାନଙ୍କର ସୂଚନା ମିଳିବା ଦୃଷ୍ଟାନ୍ତ ବେଶି ନାହିଁ । ଉପେନ୍ଦ୍ର 'କୃପାସିନ୍ଧୁ' ବଳରାମ ଦାସଙ୍କ ରାମାୟଣର ନାମୋଲ୍ଲେଖ କରିଛନ୍ତି । ସଦାନନ୍ଦ ପ୍ରଭୃତି, ଅନ୍ୟକବିଙ୍କ କାବ୍ୟର ସୂଚନା ଦେଇ ସେମାନଙ୍କର ଉତ୍କର୍ଷ ପ୍ରତିପାଦନ କରିଥିବା ସ୍ପଷ୍ଟ ।

ଜନ୍ମ-ପରମ୍ପରା ରକ୍ଷା—ପ୍ରଥମ ଭୂମିକା ନାଟକ ପ୍ରଥମପୂର୍ବ-କାଳୀନ ଅବସ୍ଥାକୁ ବର୍ଣ୍ଣନା କରିବା ଜନ୍ମ-ପରମ୍ପରାବିରୁଦ୍ଧ ହୋଇ ସଦାନନ୍ଦ

ବ୍ୟକ୍ତିଙ୍କର ସମ୍ଭୋଗକଳ୍ପନାଭାବ ଏଡ଼ାଇବା ସମୟର ବର୍ଣ୍ଣନାରୁ ଖାନ୍ତ ହୋଇଥିଲେ ।

ବେଶ ବର୍ଣ୍ଣିବାକୁ ଏଥି ବସ୍ତ୍ରହିଲ ଚିତ୍ତ,
ଏଣୁ ଭକ୍ତ-ପରମ୍ପରା ପଥ ବୋଇଲି ତ ଯେ ।
ଏଣୁ ଜିବନ୍ତିଳ ଅଙ୍ଗେ ବର୍ଣ୍ଣିତ ପ୍ରବନ୍ଧ,
ଅଳଙ୍କାରର ଯେଣୁ ଲୁପ୍ତପ୍ରାୟ ଯେ । (୭ମ ଛାନ୍ଦ)

ସଦାନନ୍ଦ ଏଠାରେ ଭକ୍ତପରମ୍ପରାର ପ୍ରୟୋଗାତ୍ମକ କାର୍ଯ୍ୟ ବୋଲି କହିଥିଲେ ମଧ୍ୟ ତାଙ୍କ ପୂର୍ବବର୍ତ୍ତୀ ମଙ୍ଗଳାଚରଣ ପ୍ରତିପାଦ୍ୟ ଏଥିରୁ ଜଣାପଡ଼େ ହୋଇ ନାହାନ୍ତି । ପ୍ରଭାବ୍ୟକାରିଣିକାମାନଙ୍କର ଭଜନୀଳା ସମୟର ଚିତ୍ର ସେ ଉପମାପୂର୍ଣ୍ଣ ପଦାବଳୀରେ ବର୍ଣ୍ଣନା କରିଛନ୍ତି । ସଦାନନ୍ଦଙ୍କ ଉକ୍ତି ଶିଷ୍ୟଙ୍କର ବୁଝିବାକୁ ଉଦ୍ଦିଷ୍ଟ । ସେ ମଧ୍ୟ 'ଭକ୍ତପରମ୍ପରା'ର ସୂତ୍ର ଅବତାରଣା କରିଥିବାରୁ ଭକ୍ତ ପ୍ରେମିକଙ୍କର ଏ ସମ୍ବନ୍ଧ ବର୍ଣ୍ଣନାକୁ ସମର୍ଥନ କରୁନାହାନ୍ତି ବୋଲି ଲକ୍ଷ୍ୟ କରାଯାଇପାରେ ।

## ଯୁଗଳରସାମୃତ ଲହରୀ

ଅନୁକ୍ରମଣିକା — କବି ପ୍ରଥମ ଛାନ୍ଦରେ ମଙ୍ଗଳାଚରଣ କରିଛନ୍ତି । ଦ୍ୱିତୀୟ ଛାନ୍ଦରେ ଉପାଖ୍ୟାନ କରି ରାଧା-ଚନ୍ଦ୍ରାବଳୀ ଆଦି ଗୋପୀମାନଙ୍କ ସହ କୃଷ୍ଣଙ୍କ ପ୍ରେମଲୀଳା ବର୍ଣ୍ଣନାକୁ ଯିବା ନିର୍ଦ୍ଦେଶ କରନ୍ତି । ଏଥି ତୃତୀୟଠାରୁ ୧୬ଶ ଛାନ୍ଦ ପର୍ଯ୍ୟନ୍ତ ଚନ୍ଦ୍ରାବଳୀ-କୃଷ୍ଣ ପ୍ରେମଲୀଳା ଓ ୧୭ଶ ଠାରୁ ଶେଷ ପର୍ଯ୍ୟନ୍ତ ରାଧା-କୃଷ୍ଣ ଲୀଳା ବର୍ଣ୍ଣିତ ହୋଇଛି ।

ଚନ୍ଦ୍ରାବଳୀ-କୃଷ୍ଣ ଲୀଳାପ୍ରସଙ୍ଗ ଅପେକ୍ଷା ରାଧା-କୃଷ୍ଣ ଲୀଳାପ୍ରସଙ୍ଗ ଦୀର୍ଘତର ହୋଇଛି । ଚନ୍ଦ୍ରାବଳୀ ଓ ରାଧାଙ୍କ ଉତ୍କଣ୍ଠା, ବିରହ, ଅଭିସାର ମାନଭଙ୍ଗ, ବସ୍ତ୍ରହରଣ ପ୍ରଭୃତିର ସବୁ ବ୍ୟାପାରକୁ ଏକ ଶୈଳୀରେ ରଚିତ ହୋଇଛି । ରାଧା-କୃଷ୍ଣ ଲୀଳାଟି ଦୀର୍ଘତର ହୋଇଥିବାରୁ ତତ୍ପ୍ରତି ପ୍ରାଧାନ୍ୟ ତୁଳନାରେ ସେଥିରେ ଅଧିକ ଥିବା ଜଣା ।

ଶ୍ରୀକୃଷ୍ଣଙ୍କ ସହ ଚନ୍ଦ୍ରାବଳୀଙ୍କ ପ୍ରେମ ସମ୍ପର୍କୀୟ କଥା ପୌର୍ଣ୍ଣମାସୀ ବାରମ୍ବାର ଘୋଷଣା କରିଛନ୍ତି । ଶ୍ରୀକୃଷ୍ଣ ଅନନ୍ତ ବ୍ରହ୍ମାଣ୍ଡପତି ଓ ଚନ୍ଦ୍ରାବଳୀ ତାଙ୍କର ସ୍ୱବଶ, ଏହା ସେ ଚନ୍ଦ୍ରାବଳୀଙ୍କୁ ବୁଝାଇ ହୃଦ୍‌ବୋଧ କରାଇଛନ୍ତି ଏବଂ ଉଭୟଙ୍କ ଭେଟ ପାଇଁ ଉପାୟ କରିଛନ୍ତି ।

ଭଗବତୀ ମନ୍ତ୍ରେ ସେ କି ଗୋପତ, ବୃନ୍ଦେ ତାଙ୍କର ଅଚଳ ଧନ ।
ଶ୍ରୀକୃଷ୍ଣ ଅନନ୍ତ ବ୍ରହ୍ମାଣ୍ଡପତି, ବୃନ୍ଦେ ତାହାଙ୍କର ନିଜ ସ୍ୱବଶ ।

ସ୍ୱବଶ କରିଛୁ ମୁଁ କୋଟେ ଟୋ, ସୁବଶ
ତାହା କି କେ ନ କରୁ ପ୍ରତେ । ୧୩ । (୯ମ ଛାନ୍ଦ)

କୃଷ୍ଣଙ୍କୁ ଆକର୍ଷଣ କରିବା ପାଇଁ ଚନ୍ଦ୍ରାବଳୀଙ୍କୁ ଭଗବତୀ ପୌର୍ଣ୍ଣମାସୀ ବଶୀକରଣ ଶାସ୍ତ୍ର ମନ୍ତ୍ରଦେଇ କଲ୍ୟାଣ୍ କରିଥିଲେ । ତାହାଙ୍କ ପ୍ରେରଣ କରିବାରେ ଶିଳ୍ପକାରିଣୀକ ଚନ୍ଦ୍ରାବଳୀ ଦୂତୀରୂପେ ବ୍ୟବହାର କରିଛନ୍ତି ।

ତାହାଙ୍କ ପ୍ରେରଣ, ପଠନ ପ୍ରଭୃତି ବିଷୟରେ ଉଭୟ ପକ୍ଷ ଗୋପନୀୟତା ଅବଲମ୍ବନ କରିଛନ୍ତି । ଗୋପନ ପ୍ରଣୟ ଏହାର କାରଣ । ପତ୍ରବାହକାର ପତ୍ର ପ୍ରଦାନ ଏବଂ କୃଷ୍ଣସଖା ଓ ମାତାଙ୍କଠାରୁ ପତ୍ରକୁ ଗୋପନ ରଖିବା ପ୍ରସଙ୍ଗ କବି ସୁନ୍ଦର ଭାବରେ ବର୍ଣ୍ଣନା କରିଛନ୍ତି ।

ଏବେ କହି ଯାଉ ନୂତନ ପାଦୁକା ଯୋଡ଼ି ଫିଟାଇ ଥୋଇଲ,
ସେହି ସମୟରେ କୃଷ୍ଣ ପୟରକୁ ପତ୍ରିକା ପକାଇଦେଲା ।
ଚରଣ ସ୍ପର୍ଶି ରହିଲେ ନରହରି ଦୂରୁ ଦେଖି ସଖାଗଣ,
ଜାଣି ମଧ୍ୟ ପାର୍ଶ୍ୱ ଦାସୀ ପ୍ରକାଶିଲା କରତାଳି ସେ ମାଧ୍ୱଣ । ୭ ।

ପୁଣି —

ଏ ବାଳେ ଜନନୀ ଡାକ କର୍ଣ୍ଣେ ଶୁଣି ପତ୍ରିକା ଶୀଘ୍ର ମୁଡ଼ିଲେ
ବଦନେ ଏକାନ୍ତେ ପଢ଼ିବା କଥା ପୀତ ଚେଳାଞ୍ଚଳରେ ବାନ୍ଧିଲେ । ୧୯ ।
(୧୦ମ ଛାନ୍ଦ)

ରାଧାଙ୍କର ଦୂତୀ ରୂପରେ ସଖୀମାନେହିଁ ବ୍ୟବହୃତ ହୋଇଛନ୍ତି ।

ପ୍ରଥମ ଛାନ୍ଦରେ କବି ମଙ୍ଗଳାଚରଣ କରିଛନ୍ତି । ଦ୍ୱିତୀୟରେ ଗ୍ରନ୍ଥାରମ୍ଭ ନିୟମ ପାଳନ କରି କୃଷ୍ଣଚରିତର ସୂଚନା ଦେଇଛନ୍ତି । ଆଦ୍ୟରେ ରାଜା ପରୀକ୍ଷିତ ଶୁକମୁନିଙ୍କଠାରୁ ଭାଗବତ ଶ୍ରବଣ କରି ବୈକୁଣ୍ଠଗତ କଲେ । 'ଭାଗବତ'ରେ ଶୁକଦେବ ପରୀକ୍ଷିତଙ୍କୁ ସମ୍ପୂର୍ଣ୍ଣ ରାଧାକୃଷ୍ଣ ଲୀଳା ପ୍ରସଙ୍ଗ କହିବାକୁ ଅସମର୍ଥ ହେଲେ । ଏହାର କାରଣସ୍ୱରୂପ ସେ କହିଲେ ଯେ ପରୀକ୍ଷିତଙ୍କ ମୃତ୍ୟୁ ସମୟ ନିକଟ ହୋଇ ଆସିଥିବାରୁ ଉନ୍ମାଦକ ରାଧାକୃଷ୍ଣ ପ୍ରସଙ୍ଗ ବର୍ଣ୍ଣନା କରିବା ଅସଂଗତ ହେବ । ପରୀକ୍ଷିତ ପରେ ନାରଦଙ୍କଠାରୁ ଏହି ଚରିତ ଶ୍ରବଣ କଲେ ।

ଅବତାରୀ ଯେଣୁ ସେ ଅବତୀର୍ଣ୍ଣ, ସର୍ବାବତାର ସାରର ବର୍ଣ୍ଣ ।
ରସରାଜ ରୂପ କୃଷ୍ଣ ସଂସର୍ଗ, ଲୀଳା କଲେ ଯା ରାଧା ଗୋପୀବର୍ଗ ।
ତାହା ପ୍ରକାଶି ନାହିଁ ଅସମ୍ପୂର୍ଣ୍ଣ, ଶୁଣ ପରୀକ୍ଷିତ ହେ ଦେଇ କର୍ଣ୍ଣ ।
ରାଧା ଚନ୍ଦ୍ରାବଳ୍ୟାଦି ଗୋପୀବର୍ଣ୍ଣ, ବେଶରସ ଆହ୍ଲାଦ ସଂକୀର୍ଣ୍ଣ ।
(୨ୟ ଛାନ୍ଦ)

ଅବତାରୀ ରସରାଜ ଶ୍ରୀକୃଷ୍ଣଙ୍କ ରାଧା, ଚନ୍ଦ୍ରାବଳୀ ଓ ଗୋପୀଙ୍କ ସହିତ ଲୀଳା ବର୍ଣ୍ଣନା କରି ନାରଦ ଚରିତକୁ ଅସମ୍ପୂର୍ଣ୍ଣ ରଖିଲେ । ପରବର୍ତ୍ତୀ ବ୍ରହ୍ମ-ବୈବର୍ତ୍ତ ପୁରାଣ ପ୍ରଭୃତିରେ ନିତ୍ୟବୈକୁଣ୍ଠ, ନିତ୍ୟରାଧା ନିତ୍ୟକୃଷ୍ଣ ଚରିତ ମର୍ତ୍ତ୍ୟର ରାଧାକୃଷ୍ଣ, ରାଧାକୃଷ୍ଣଲୀଳା ଅପେକ୍ଷା ଉତ୍କୃଷ୍ଟ ଥିବା ପ୍ରତିପାଦିତ ହୋଇଛି । ଏ ବିଷୟ ଏଠାରେ ବର୍ଣ୍ଣିତ ହୋଇ ନ ଥିବାରୁ ଏହା 'ଅସଂପୂର୍ଣ୍ଣ' ହୋଇଥିବା ଅନୁମାନ କରାଯାଇ ପାରେ । ପୁଣି ଗ୍ରନ୍ଥରେ ରାଧାକୃଷ୍ଣ ଜନ୍ମ, ପ୍ରଭୃତି ବିଷୟ ଓ ବାଲ୍ୟଲୀଳା ବର୍ଣ୍ଣିତ ହୋଇନାହିଁ । କେବଳ ପୌଗଣ୍ଡ ଓ କୈଶୋର ଅବସ୍ଥାର ଲୀଳା ବର୍ଣ୍ଣିତ ହୋଇଛି । ଏହି କାରଣରୁ ବିଷୟ 'ଅସମ୍ପୂର୍ଣ୍ଣ' ବୋଲି କବି କହିଥିବା ସମ୍ଭବ ।

କବି ଶ୍ରୀକୃଷ୍ଣଙ୍କ କୈଶୋର ଅବସ୍ଥାରେ ଚନ୍ଦ୍ରାବଳୀଙ୍କ ସହ ଲୀଳା ତୃତୀୟ ଛାନ୍ଦରେ ଆରମ୍ଭ କରିଛନ୍ତି । ଯେଉଁଦିନ ସେ ବନକୁ ଯାଇ ଗୋରୁ ଚରାଇବା ଇଚ୍ଛା ପ୍ରକାଶ କରି ଯଶୋଦାଙ୍କ ଅନୁମତି ମାଗିଲେ—ସେଠାରୁ ପ୍ରକୃତରେ ଚରିତ ଆରମ୍ଭ ହୋଇଛି ।

ଦିନେ ଗୋବିନ୍ଦ ହରଷିଣ ମନ, ଯଶୋଦାଙ୍କୁ ଜଣାଇଲେ ।
ବତ୍ସ ଚାରି ବନକୁ ଯାଇ, ଶୁଣି ମାତା ମନାକଲେ । ୨ ।

କୁମାରକୁ ଚାରି କରାଇବା ପାଇଁ ଅସମ୍ମତ ହେବାରୁ ପୌର୍ଣ୍ଣମାସୀଙ୍କୁ ଶ୍ରୀକୃଷ୍ଣ 'ଠାର ସୂଚିଲେ' ଏବଂ ପୌର୍ଣ୍ଣମାସୀ ଯଶୋଦାଙ୍କୁ କହିଲେ ଗୋଚାରଣ ଶିକ୍ଷା କରିବା ପାଇଁ ଗୋଚାରଣରୁ ଗୋବର୍ଦ୍ଧନ ମଲ୍ଲଙ୍କ ସହିତ ଗଲେ ଭଲ ହେବ । ଗୋବର୍ଦ୍ଧନ କୃଷ୍ଣଙ୍କୁ 'ସଖା' ସମ୍ବୋଧନ କରୁଛନ୍ତି । କୃଷ୍ଣଙ୍କୁ ସଙ୍କେତ ପ୍ରଦର୍ଶନ କରିବାକୁ ପଦ୍ମା ଚନ୍ଦ୍ରାବଳୀଙ୍କୁ କହିଲେ । ଈର୍ଷ୍ୟାଳୀ ଗୋଦୋହନ ସମୟରେ କୃଷ୍ଣଚନ୍ଦ୍ରାବଳୀଙ୍କ ପ୍ରଥମ ଭେଟ ହେଲା । ଉଭୟେ ଅନଙ୍ଗଶରରେ ବିଦ୍ଧ ହେଲେ । ଏହି ଘଟଣାଠାରୁ ଚନ୍ଦ୍ରାବଳୀ-କୃଷ୍ଣଲୀଳା ଆରମ୍ଭ ହେଲା । ଗୋଚାରଣ ଧରି କୃଷ୍ଣ ଘରକୁ ଫେରିଲେ । ଗୋପାଷ୍ଟମୀ ଦିନ ରାମଙ୍କୁ ନେଇ ବନଯାତ୍ରା କରିବା ନିମନ୍ତେ ଯଶୋଦା ସ୍ଥିର କଲେ । ଚତୁର୍ଥ ଦିନର ଗୋପାଷ୍ଟମୀ ଉତ୍ସବର ସୁନ୍ଦର ଚିତ୍ର ଦିଆଯାଇଛି ।

'ଏହି ପ୍ରକାରେ ଦିନକୁ ଦିନ, ହୋଇବୁ ବଢ଼ନ୍ତି ମଦନମୋହନ ହେ ।
ଯେ କାଣିଛନ୍ତି ବସୁର ମନ, ହେଲେ ସୁଖେ ଦେଖ ନନ୍ଦନ ।
ତୋଳି ରଖିଲେ କାସ୍ତ ନବୀନ, ଜୁଡ଼ ଯାଦବ ହେ । ୧୧ ।
( ୪ମ ଛାନ୍ଦ )

ମାତୃଲାଳସା—କିଶୋର ଗୋଷ୍ଠରେ ଖେଳ କରିବାରୁ ଯଶୋଦାଙ୍କ ମାତୃସ୍ନେହଜନିତ ମନୋବେଦନା ଉପସ୍ଥିତ ହେଲା, କିନ୍ତୁ କୃଷ୍ଣ ଗୋଷ୍ଠରୁ ଫେରିବାରୁ ମାତାଙ୍କ ମନ ପ୍ରଫୁଲ୍ଲିତ ହେଲା ।

ପଞ୍ଚମ ଛାନ୍ଦରେ ଚନ୍ଦ୍ରାବଳୀ ସଖୀ ପଦ୍ମା ଆଗରେ କୃଷ୍ଣଙ୍କ ଅଙ୍ଗର ଶୋଭାମୟ ରୂପ ଓ ଗୁଣର ବର୍ଣ୍ଣନା କରି ତାଙ୍କଠାରେ ଆକୃଷ୍ଟ ହୋଇଥିବା କହୁଛନ୍ତି ।

ଭଲ ଯେ ବାମା ଅପର ଗୋ, ଧନ୍ୟ କରମ ସୃଜିଲ ମୋର ଗୋ ।
ପଞ୍ଚମ ପଡ଼ି, ପଞ୍ଚବର୍ଗ ବୃତ୍ତ ଦୂର ଯେ ।

ଏବେ ନିଭୃତରେ ଗୋପନରେ କୃଷ୍ଣଙ୍କ ପ୍ରତି ଚନ୍ଦ୍ରାବଳୀ ଆଦର ପ୍ରୀତିଲୀଳା ବର୍ଣ୍ଣନା କରୁଛନ୍ତି । ଚନ୍ଦ୍ରାବଳୀଙ୍କ ବିରହ ଉନ୍ମାଦନ ବୃଦ୍ଧି ପାଇଲା ଏବଂ 'କାନ୍ଦି ମନ ନ ରହଇ' । ଚନ୍ଦ୍ରାବଳୀ କୃଷ୍ଣଙ୍କ ଭେଟ ପାଇଁ ବ୍ୟାକୁଳ ହେଲେ । "ତୋ ଆଗେ କେଉଁ କପଟ ଗୋ । କି ରୂପେ ହୋଇବ ତାହା ମୋହ ଭେଟ ଗୋ । ସଜଣି ସଖି । ନ ଜାଣଇ ବୁଦ୍ଧି ବାଟ ଗୋ ।" (୭ମ ଛାନ୍ଦ)

ଚନ୍ଦ୍ରାବଳୀଙ୍କ ସହ ଶ୍ରୀକୃଷ୍ଣଙ୍କ ନିଭୃତରେ ମିଳନ ସୁଯୋଗ କ୍ରମେ ସୃଷ୍ଟି ହୋଇଥିବାରୁ ଚନ୍ଦ୍ରାବଳୀଙ୍କ ସ୍ୱାମୀ ମାତାଙ୍କୁ ଠାରୁ ଗୁପ୍ତରେ ଏହା ଜଣାଇ ଦେଇ ତାଙ୍କୁ କେଉଁ ଆଡ଼େ ନ ଛାଡ଼ିବା ପାଇଁ କହିଲେ । "କଳା ପଟ ଭଲେ, କଳାବର୍ଣ୍ଣ ଟୋକେ କଳା କଳାକୁ ଚାହୁଁଛନ୍ତି । ବୋହୂ କାହିଁ ନ ଯାଉ ବନ୍ଧୁ ବୋଲାଣି ବୋହୂ, ବହୁଳା ବନ ଆଡ଼େ ରହିଛି ଗୋ, ନନନ୍ଦ ।"

ଅଷ୍ଟମ ଛାନ୍ଦରେ କୃଷ୍ଣଙ୍କ କୈଶୋର ବର୍ଣ୍ଣନା । କୈଶୋର ଅବସ୍ଥାରେ ରସିକ ଚେଷ୍ଟା ଉଦୟ ହେଲା । "ବାଟ ନଦୀଘାଟ କୁଞ୍ଜ କୁଟୀରେ, କୂଟ କପଟେ ଆସି ଗୁପତରେ, ଗୋପକନ୍ୟାମାନଙ୍କୁ ସେ ଭେଟି; ଲଜ ଲଜାକୁ କରୁ ବାହାରି ସେ । ଉରୁ କାନ୍ଧି ପେଷନ୍ତି ସେ । ମୁହଁସ୍ପର୍ଶ ଜୋରେ ସସ୍ନେହକଙ୍କର ବୁଢ଼ାଏ ସିନା ଛୁଅନ୍ତି ସେ ।"

କୃଷ୍ଣ ଚନ୍ଦ୍ର ଉପାସ୍ୟ ହେଲେ ମଧ୍ୟ କେବଳ 'ସୁରତ ଦାନ'କୁ 'ପରମାର୍ଥ' ହେଉଛି ନ ଥିବାରୁ ତାଙ୍କର କାମଚେଷ୍ଟା ବୃଦ୍ଧି ପାଇଲା ଏବଂ ସେ ବଶୀଭୂତ ମନରେ ରହିଲେ । ପୌର୍ଣ୍ଣମାସୀ ଏହା ଜାଣିପାରି ତାଙ୍କୁ ବଶୀକରଣ ମନ୍ତ୍ର ଦାନ କଲେ । "ତାକୁ ଯାହାକୁ ଲୋଭେ ମନେକର, ତାଙ୍କର ଦ୍ୱାରା ଏକ ଅକ୍ଷର ସେ, କଳାପ ପ୍ରାପ୍ତ ହେବକ ହେ ।"

ଚନ୍ଦ୍ରାବଳୀ ବିରହରେ କାତର ହେଲେ । ଉନ୍ମାଦନ ବିରହ ବୃଦ୍ଧି ପାଇଲା । କୃଷ୍ଣଙ୍କର ମୁରଲୀ ଧ୍ୱନି ତାଙ୍କୁ ଅତି 'ଉଦ୍ଦୀପନ' ହେଲା, ସେ ଅଚେତ ହୋଇଗଲେ । ପୌର୍ଣ୍ଣମାସୀ ତାଙ୍କୁ କୃଷ୍ଣଙ୍କ ବଶ କରିବା ଉଦ୍ଦେଶ୍ୟରେ 'କୃଷ୍ଣ ଭୁଜଙ୍ଗ ମନ୍ତ୍ର' ଦେଲେ ଏବଂ ଶୀଘ୍ର ତାହା ଲେଖିବାକୁ ପରାମର୍ଶ ଦେଲେ । ଚନ୍ଦ୍ରାବଳୀଙ୍କ ପତ୍ର ଧରି ଶିଳ୍ପକାରିଣୀ କୃଷ୍ଣଙ୍କ ନିକଟକୁ ଗଲା ।

( ୯ମ ଛାନ୍ଦ )

କୃଷ୍ଣ ଦେବାଳୟ କୂଳ ଯମୁନା ଉପରେ ଏକାନ୍ତରେ ବସିଥିବାବେଳେ ଚଣ୍ଡକାଟଣୀ ପ୍ରବେଶ କରି ଚନ୍ଦ୍ରାବଳୀ "ଶଙ୍କରଶାଳୁ ଯିବେ କାଲି ପୂଜିବାକୁ କାଳୀ ପାଦ୍ମବର୍ଣ୍ଣୀ" ବୋଲି କହି ଚହଟି ଦେଲା । ତତ୍ପରେ କାଲି ଚନ୍ଦ୍ରାଭ ପଢ଼ିବା ଅନ୍ୱେଷଣ କରିବା ବେଳେ ସଖୀମାନେ ଗୀତ ଗାଇବାରୁ ଯଶୋଦା କୃଷ୍ଣଙ୍କୁ ଡାକିଲେ । ଓଠାପାଠ ବନ୍ଦ ହେଲା । ବନରେ ଏକାନ୍ତରେ ପଢ଼ିବା ପାଇଁ କୃଷ୍ଣ ସଖାଙ୍କ ସଙ୍ଗେ ଘେନି ଧରି ଗଲେ ।

(୧୦ମ ଛାନ୍ଦ)

ଚନ୍ଦ୍ରାବଳୀଙ୍କ ଚିଠାଉ । ଏ ଚିଠାଉରେ କୃଷ୍ଣ ସମ୍ବୋଧନ, ବେଦର 'ତତ୍ତ୍ୱମସି' ବୋଲି ଚନ୍ଦ୍ରାବଳୀ ପ୍ରତିପାଦନ କରିଛନ୍ତି ଏବଂ ନିଜର କାମନା ବ୍ୟକ୍ତ କରି ନିଜ ଅବସ୍ଥା ଦର୍ଶାଇଛନ୍ତି । "ବୃନ୍ଦେ କଳଙ୍କୀ ହେଲି ଭୁଲି ମଥାରୁ ଦୂର ହେଉ ଗୋପନଗରରେ । ଦେଖିଶ ତୁମ ଫଳ ମିଳୁ ବେଗରେ ।"

( ୧୧ଶ ଛାନ୍ଦ )

ସଖୀଙ୍କ ସହ ଚନ୍ଦ୍ରାବଳୀଙ୍କ ଚିଠାଉ କୃଷ୍ଣ ପାଠକଲେ । ଶ୍ରୀକୃଷ୍ଣଙ୍କ ଉତ୍ତର-ଚିଠାଉ । ବିଶାଖା ଏହି ଚିଠାଉ ନେଇ ଚନ୍ଦ୍ରାବଳୀଙ୍କୁ ଦେଲେ ।

( ୧୨ଶ ଛାନ୍ଦ )

ଚନ୍ଦ୍ରାବଳୀଙ୍କୁ ଚିଠାଉ । (୧୩ଶ ଛାନ୍ଦ)

ଦେବ ସମ୍ମୁଖରେ ବାଳା ଚନ୍ଦ୍ରାବଳୀଙ୍କ ସହ କୃଷ୍ଣଙ୍କ ଭେଟ । (୧୪ଶ ଛାନ୍ଦ)

କାଳୀ ପୂଜିବାକୁ ଚନ୍ଦ୍ରାବଳୀ ସଖୀମାନଙ୍କ ସଙ୍ଗେ ଯିବାକୁ ଆୟୋଜନ କଲେ । ଶାଶୁ ସଖୀମାନଙ୍କୁ ସାବଧାନ କରି କୃଷ୍ଣଙ୍କଠାରୁ ଦୂରରେ ରହିବା ପାଇଁ କହିଲେ । "ତୁମ୍ଭେମାନେ ସଙ୍ଗେ ସଙ୍ଗେ ଥିବ, ଯେବେ କାହ୍ନୁ ତା ଦେଖି ଦେଇଥିବ, ତାକୁ କୁବାଣୀ ଯେତେ ପାର ବୋଲିବ, ମୋ ଆଗେ ଆସି କହିବ । ମାତ୍ର ଚନ୍ଦ୍ରାବଳୀ ପରିହାସ ପାଏ ଗୋ । ଗୋବର୍ଦ୍ଧନ ତାର ଯେଣୁ ତାର ଭ୍ରାତ ଗୋ, ହେଜିଥିବ ଅନ୍ୟ ଘେନ ସୁତ ଗୋ ।" ଚନ୍ଦ୍ରାବଳୀ କାଳୀ ପୂଜିବାକୁ ବନକୁ ଯିବା ପରେ କୃଷ୍ଣଙ୍କ ସହିତ ଭେଟ । ଅନ୍ତିମରେ "କାଳୀ ପୂଜନ୍ତି ଆଜ ଆ ଠାରେ, ମତ୍ତ ଦୁହେଁ ଚନ୍ତି ଏକେ ବେଳେ ।"

(୧୫ଶ ଛାନ୍ଦ)

ଶ୍ରୀକୃଷ୍ଣ–ଚନ୍ଦ୍ରାବଳୀ ବିହାର । "ଏହି ରୂପେ ଦଇବେ ଭେଟ ହେଲେ, ଚନ୍ଦ୍ରାବଳୀ ସଙ୍ଗରେ କୃଷ୍ଣ ଯେବେ ! ନାନା ଲୀଳା କରିବାରୁ ପ୍ରୀତ, କହୁ କହୁ ସେ ଲୋକେ ହେଲେ ଖ୍ୟାତ ।" ଚନ୍ଦ୍ରାବଳୀଙ୍କ ଶ୍ୟାମ ! (୧୨ଶ ଛାନ୍ଦ)

ଚନ୍ଦ୍ରାବଳୀ ସହିତ କୃଷ୍ଣଙ୍କ ଗୋପନ ପ୍ରୀତି ସବୁ ଲୋକରେ ପ୍ରକାଶ ପାଇଲା । 'ଗୃହରେ ସବେ ଜଣାଜଣି ଠାଠାରେ ଘରନ୍ତରେ ।' ତେବେ ଏକ ସ୍ଥାନରେ ରାଧାଙ୍କ ସ୍ୱାମୀ ଅଭିମନ୍ୟୁ (ଅଭିମନ୍ୟୁ) ଓ ଗ୍ରାମବାସୀ କେତେକେତେଜଣ ବସି ଏହି କଥା ଶୁଣିବାର ଭଲୁ ଭଲୁ ଜଣେ କହିଲେ, "ଯା ଶ୍ୱଶୁରଆଉ, ଏ ଗ୍ରାମରେ ଏ କଥା ଭଲ ନ ଶୋଭଇ ।" "ଶ୍ୱଶୁରଆଗେ କେଉଁ ଗୋପୀମାନଙ୍କୁ ଲୁଚାଇ ନେଲେ, ତାଙ୍କ ଅଙ୍ଗେ କ ବୋଲି ଧରିବା ନାହିଁ ତ ଯୋଗରେ ।" କୃଷ୍ଣ ଯଶୋଦାଙ୍କ ପୁଅ ନଣ୍ଡବା କଥା ମଧ୍ୟ ଉଠିଲା । ନନ୍ଦ ଏକଥା ଜାଣିଥିଲେଣି ବୋଲି ଜଣେ କହିଲେ । ଏଥିରେ ବହୁ କୃଷ୍ଣ-କୁତ୍ସିତ ବ୍ୟାଖ୍ୟାନ ହେଲା । ଅଭିମନ୍ୟୁ କହିଲେ, "ମୋ ସ୍ତ୍ରୀ ଅତି ପୁନସ୍ତ, ମୁଁ ତାର ଯୋଗ୍ୟ ନୁହେଁ ।" ନନ୍ଦ ସେତେବେଳେ କୃଷ୍ଣଙ୍କୁ ସଙ୍କଟ ଭଲୁଭାବାନ୍ତ କୃଷ୍ଣ ଚଳେଇଚଳେଇ ଭଣ ନଜର । "ସେବେ ତାକୁ ସେ ଦେଖିବ ଜାଡ଼ ବୋଲୁ ବହୁତ ଜଣାଏ । ତେବେ ଅପବାଦ ଶୁଣାଣ ଶୁଭିବ ଯୁଦ୍ଧ ଲୋକ ଯାଏ ।" "ବହୁ ବିଚ୍ଛୁର ଘରେ "ତେଣୁ ଘରେ ସଙ୍କଟ ଜଣବା ଲୁଚିଲ ଅତେଲ" ଏହି ମତ ପ୍ରକାଶ ପାଇବା ମାତ୍ରେ ଅଭିମନ୍ୟୁ ଘରକୁ ଯାଇ ନିଜ ମାତାଙ୍କୁ ଏ ସବୁ ବିଷୟ ବର୍ଣ୍ଣିବା କରି କହିଲେ, "ରାମ୍ଭ ବଧୂ ଯେତେ ସୁନ୍ଦର ତା ଜାଣ ବିଷୟର ଏଥିକି ।" ତାଙ୍କ ପୁରକୁ ବାହାର ନ କରିବ ଅତ୍ୟ ଜନ ଅସ୍ତ, ଯତ୍ତ ନୋହିବ ଏହା ନେଇ ଶରୁ ସେ ଆନ ନୋହୁ ଲକ୍ଷ୍ମୀ ।" ବୁଢ଼ୀ 'ସତ୍ୟ' ବୋଲି କହି "ସେ ବଧୂ ଚେହେରୀ ବଳାଇ ନ ଦେଲେ ।" "ସଂସାର ଜନ ଅଶୋଭରେ କଣୋଣ୍ଟ ଧନ ଗୃହେ ଥିଲ ।" (୧୨ଶ ଛାନ୍ଦ)

ରାଧା 'ଯେ କାନ୍ତ ସହିତ ଭେଟି' କୃଷ୍ଣଙ୍କୁ 'ସୁଣ୍ଡି ଦର୍ଶିଲ' । "ତାଙ୍କୁ ଧରି ସେ ସ୍ୱାମୀକୁ ଡୁବାଇଲ ।" ରାଧାଙ୍କ ପ୍ରତି କୃଷ୍ଣଙ୍କର ପ୍ରେମ ବୃଦ୍ଧି ପାଇଲା, ସେ ବିରହରେ କାତର ହେଲେ । ଶ୍ରୀକୃଷ୍ଣଙ୍କ ପ୍ରତି ରାଧା ମଧ୍ୟ ଅନୁରକ୍ତ ହୋଇ

ପ୍ରେମରେ ବିହ୍ୱଳ ହେଲେ । ଶାଶୁ ଜଟିଳାଙ୍କ ଆଦେଶ ନ ଶୁଣିବାରୁ ଦୂତୀ ବନ୍ଦୀଶାଳାରେ ଆବଦ୍ଧ କରି ରଖିଥିବାରୁ ମିଳନ ସମ୍ଭବ ହେଉନାହିଁ । ବିଶାଖା ଶ୍ରୀରାଧାଙ୍କ ଚିତ୍ର ଲେଖାଇ ରଖିଥିଲେ । ଚିତ୍ରପଟ ଦେଖାଇ କୃଷ୍ଣଙ୍କ ଅନ୍ତଃପୁର ପ୍ରବେଶ କରୁ ଉପାୟ କଳନା ପାଇଁ ସଖୀମାନେ ବିଚାର କଲେ । କୃଷ୍ଣ ଦକ୍ଷିଣ ନାୟକ, କନ୍ଥା ନାୟିକାରେ ଅନୁରାଗୀ । ଚନ୍ଦ୍ରାବଳୀର ପ୍ରେମ ଚିନ୍ତା କରୁକରୁ ରାଧାଙ୍କ ପ୍ରେମ ପାଇଁ ବ୍ୟାକୁଳ ହେଲେ ।

(୧୮ଶ, ୧୯ଶ ଛାନ୍ଦ)

ଏବେ ସୁବ ଅଳୀ ସଙ୍ଗେ ରାଧା ଫୁଲ ତୋଳିବାକୁ ଉପବନକୁ ଯାଉଥିବା ସମୟରେ କୃଷ୍ଣ ସେଠାରେ ପ୍ରବେଶ କଲେ । କୃଷ୍ଣ ଲୁଚି ରହି ବିଶାଖାଙ୍କୁ ଦେଖି ମୁଗ୍ଧ ହୋଇଗଲେ ଏବଂ ତାଙ୍କୁ କହିଲେ, "ଆସ, କଣ୍ଢେଇ ଅଛ ମୁଁ ତୋ ଦାସ ପରି ଜୀବଧନ ।" "ଅଧର ପୀୟୂଷ ଅର୍ପଣ କରି ସନ୍ତୋଷ ହେବ ଯେ ଆରେ ନାଗରୀ ବର ।" ବିଶାଖାଙ୍କୁ କୃଷ୍ଣ କୋଳକରି ଚୁମ୍ବନ ଦେବାକୁ ଯେ ଏହା ସହନ ନକରି କହିଲେ, "ଆମ୍ଭଙ୍କୁ ଦେଖିଚ ହେଉଛ ଏମନ୍ତ, ମୁଁ ଅବା କେଉଁ ପ୍ରକାର ସ୍ତ୍ରୀ । ରାଧିକା ଆନନ ଦେଖିଲେ ତ ଜୀବନ ରହିବ, ହେବ କାକୁଳବର ।" ରାଧାଙ୍କ ନାମ ଶ୍ରବଣ କରିବାରୁ କୃଷ୍ଣ ତାଙ୍କର ପରିଚୟ ବିଶାଖାଙ୍କୁ ମାଗିଲେ । ବିଶାଖା ରାଧାଙ୍କ ସ୍ୱାମୀ, ଶ୍ୱଶୁର ପରିଚୟ ଦେଇ କହିଲେ, "ତାହାର ମୁଖ ଦର୍ପଣ ତ ସଂସାର କଣ୍ଠରୁ ଯେ କହୁ ନ ପାରନ୍ତ, କିବା ହେଲେ କହି କ ବର୍ଣ୍ଣି ତା ଛବି ଜବି ସବୁ ଜ୍ଞାନ ନାଶ ହେବ ।" ବିଶାଖା ରାଧାଙ୍କ ଅପୂର୍ବ ଶୋଭା ବର୍ଣ୍ଣନା କଲେ । ରାଧାଙ୍କ ପ୍ରତ୍ୟଙ୍ଗ ବର୍ଣ୍ଣନା ।

(୨୦ଶ ଛାନ୍ଦ)

ରାଧା ସହଚରୀଠାରୁ ଶ୍ରୀକୃଷ୍ଣଙ୍କ ପ୍ରତ୍ୟଙ୍ଗ ବର୍ଣ୍ଣନା ଶୁଣିଲେ । ୨୧ଶ ଛାନ୍ଦ- ରାଧାଙ୍କ ଚିତ୍ରପଟ ଧରି ବିଶାଖା ନନ୍ଦୀଶ୍ୱର ଗ୍ରାମକୁ ଯାଇ ତାଙ୍କ ମାଉସୀଙ୍କ ଘରେ ଥିଲେ । ସେ ସେ.ସଦନରେ ମଧୁମଙ୍ଗଳଙ୍କୁ "କୃଷ୍ଣବର୍ଣ୍ଣ ମନୋହର 'ଦେଖୁ ଛୁଆଁ ଅଧିମ ପରି ଛ' 'ଏତେ ଜାଣିଲେ ମୁଁ ନିର୍ଭଳିଚି କିଛି ଖାଇ' ଇତ୍ୟାଦି ପ୍ରଶଂସନ କରାଇ ଦେବକ ଶ୍ରୀକୃଷ୍ଣଙ୍କ ହାତରେ

ଚିତ୍ରପଟଟି ଦେଖିବାପାଇଁ ଅନୁରୋଧ କଲେ । ଚିତ୍ରପଟ ଦେଖି କୃଷ୍ଣ ଓ ସଖୀମାନେ ପ୍ରଶଂସା କଲେ । (୧୨ଶ ଛାନ୍ଦ) ବିଶାଖା କୃଷ୍ଣଙ୍କ ଚିତ୍ରପଟ ନେଇ ରାଧାଙ୍କୁ ଦେଲେ । ରାଧା ସଖୀମାନଙ୍କ ସହ ଚିତ୍ରପଟ ଦେଖି ମୁଗ୍ଧ ହୋଇଗଲେ । ରାଧା ପଟରେ କୃଷ୍ଣଙ୍କ ଶୋଭା ଦେଖି ପ୍ରଶଂସା କରିବାରୁ ବିଶାଖା କହିଲେ, "ଯାହାର ପଟ ଏ ଅମୂଲ୍ୟ ତାକୁ ଦେଖ ଏ ଗୁମ୍ଫ ତା ଅଙ୍ଗେ ଭୂଲା ଯେ ।" ରାଧା କୃଷ୍ଣପ୍ରେମରେ ମୁଗ୍ଧ ହୋଇ ଅଚେତ ହୋଇ ଗଲେ ପଡ଼ିଯିବାରୁ ସଖୀମାନେ ଚେତା କରାଇଲେ । ସଖୀମାନେ ପ୍ରବୋଧ ଦେଇ କହିଲେ "ଏଣି ଚିନ୍ତା ନ କର ପଟଦ୍ରଷ୍ଟା ହୋଇ ଅଧରସୁଧା ହେବା ଦେବେ ନୋହିଲ ଉଚିତ ଗୋ ।" ଏଣୁ ରାଧା ବାହାରେ 'ମୌନବ୍ରତ' ହେଲେ ଯିବା ଭିତରେ "ସେହିରୂ ଶଙ୍ଖାସୁ ଭରନ୍ତ, ଛିନ ଛିନ କରେ ମରମ ଦାହ ।" ଏଣୁ ଦିନ ଏ ଭଳି 'ବର୍ଷାକାଳରେ ଚିନ୍ତାନଦୀ ପାରେଶୁ ଉଚ୍ଛୁଳ ଉଠି ବହିଲା । (୧୩ଶ ଛାନ୍ଦ) ଅନେକ ରାତିରେ ଶ୍ରୀକୃଷ୍ଣ ସଖାମାନଙ୍କ ସଙ୍ଗରେ ଶୋଇଥିବା ବେଳେ ଅର୍ଦ୍ଧରାତ୍ରିରେ ସ୍ୱପ୍ନ ଦେଖିଲେ ଯେ ପୌର୍ଣ୍ଣମାସୀ ଆସି ତାଙ୍କୁ ଚନ୍ଦ୍ରମଣ୍ଡଳ ପାଖକୁ ନେଇଗଲେ । ରାଧାଙ୍କ ଶଯ୍ୟାରୂପ ଦେଖିବାକୁ କୃଷ୍ଣଙ୍କୁ କହି ପୌର୍ଣ୍ଣମାସୀ ଅନ୍ତର୍ହିତ ହୋଇଗଲେ । କୃଷ୍ଣ ରାଧାଙ୍କର 'ଶଯ୍ୟା ଶୋଭା' ଦେଖି ମୁଗ୍ଧ ହୋଇଗଲେ ଏବଂ ତାଙ୍କୁ ସ୍ପର୍ଶ କରିବାକୁ ତାଙ୍କର ଇଚ୍ଛା ହେଲା । ବାଳା ଗହନ ପ୍ରେମାଳାପ କରି ତାଙ୍କ ଅଙ୍ଗରେ କମ୍ପନ ଦେବାମାତ୍ରେ କୃଷ୍ଣଙ୍କ ନିଦ୍ରାଭଙ୍ଗ ହେଲା, ସ୍ୱପ୍ନ ଭାଙ୍ଗିଗଲା । ସ୍ୱପ୍ନାନ୍ତେ ସେ ପୂର୍ବସ୍ୱପ୍ନର ବୃତ୍ତାନ୍ତ ସୁବଳ ସଖା ପାଖେ ବଖାଣ କଲେ, "ଅରୁଣ ଅଧରୁ ମଧୁ ମଧୁର ଚଷା'ଇ, ମାଧୁରୀ ମନ ଭିତରେ ସମର୍ପିଲୁ ନେଇ ।" "ସେହି ରୂପ ସ୍ମରଣ କରୁଅଛୁ ଏ ଜୀବନ ।" (୧୪ଶ ଛାନ୍ଦ) ରାଧାଙ୍କ ସ୍ୱପ୍ନ ବିଳାପ—ରାତିରେ ଶୋଇଥିଲା ବେଳେ କୃଷ୍ଣଙ୍କ ସହିତ ତାଙ୍କର ମିଳନ ହୋଇଥିବା ସ୍ୱପ୍ନ ଦେଖିଲେ । କୃଷ୍ଣ ଚୁମ୍ବନ ଦେବା ବେଳେ ନିଦ୍ରାଭଙ୍ଗ ହେବାରୁ ସ୍ୱପ୍ନର ସୁଖଭଙ୍ଗ ସ୍ମରଣକରି ବିଳାପ କଲେ । "ମୋ ପାଖେ ମିଳି କଲ ପ୍ରେମାଲିଙ୍ଗନ । ଅଧରେ ଚୁମ୍ବି ଲେଉଟି ମୋର ଅଧର ପାନ ସେ । ଏହି ସମୟେ ନିଦ୍ରା ହେଲା ଭଙ୍ଗ ।" ସଖୀମାନେ ଶୁଣି କହିଲେ, "ସେହି ସ୍ୱପ୍ନ କି ହେବ ଗୋ ।" ସମସ୍ତେ ରାଧା ସହ ଚକିତ ହୋଇଗଲେ । (୧୫ଶ ଛାନ୍ଦ) ଶ୍ରୀରାଧାଙ୍କ ଚିତ୍ରଲେଖା । ବର୍ଷାକାଳରେ ଏକଦିନ ଉଦ୍ୟାନ ରାଧା

ସ୍ୱପ୍ନରେ କୃଷ୍ଣଙ୍କ ବଂଶୀନାଦ ଶୁଣିଲେ ଏବଂ ବଂଶୀରେ ରାଧା ରାଧା ବୋଲି ଡାକୁଥିବା ତାଙ୍କୁ ଜଣାଗଲା । ରାଧା କୃଷ୍ଣଙ୍କ ପ୍ରେମରେ ବନ୍ଧନ ହେଲେ ଏବଂ ବିରହରେ କାତର ହୋଇ ପଡ଼ିଲେ । ରାଧାଙ୍କର ଚିତ୍ତରୁ ପୁରୁଷ ଭ୍ରମ ଯାଉ ଛେଦନ — ଚିତ୍ରପଟ ପୁରୁଷ, ସ୍ୱପ୍ନ ପୁରୁଷ, ବଂଶୀଧାରୀ ଏହିତ୍ରି ଏକ ପୁରୁଷ ବୋଲି ରାଧା ଜାଣିଲେ ।

ରାଧା ବୋଲି ମୋ ନାମ ଜାଣିଲୁ କି ପ୍ରକାରେ ସେ,
ବସାଇ ନ ଦେଲୁ ଗୁରୁଜନଙ୍କ ମଧ୍ୟରେ ସେ ।
ମରୁଛି ମରମ ଜଳେ ନାହିଁ ମୋର ଗତି ସେ ।

ତିନି ପୁରୁଷ ଭ୍ରମ ଦୂରରେ ରାଧାଙ୍କ ମନ ଶାନ୍ତ ହେଲା —
ସଖୀ କହେ ସେ ଯେ ତୁହେଁ ଚିହ୍ନିନ ଗୋ
ଏହା ସେ ନନ୍ଦନନ୍ଦନ ସଙ୍ଗ ଆକର୍ଷଣ ଗୋ । (୨୭୩ ଛାନ୍ଦ)

ରାଧାକୃଷ୍ଣ ଭେଟ ନୋହିବାରୁ ଯୋଗମାୟା ପୌର୍ଣ୍ଣମାସୀ ଉପାୟ ଚିନ୍ତା କଲେ । ଦୁର୍ବାସାଙ୍କୁ ଅଭିମନ୍ୟୁ ପୁତ୍ରକୁ ପଠାଇ ଝିଅଣୀଙ୍କୁ ନମନ୍ତ୍ରେ ରାଧା ମଧ୍ୟାହ୍ନରେ ବୃନ୍ଦାବନରେ ପ୍ରତିଦିନ ସୂର୍ଯ୍ୟପୂଜାର ବାହାନା କରିବାକୁ ପ୍ରବର୍ତ୍ତାଇଲେ, ଅଭିମନ୍ୟୁଙ୍କ ମାତାଙ୍କୁ ଋଷି କହିଲେ, "ଅଭିମନ୍ୟୁ ଚନ୍ଦ୍ରଲଗ୍ନଠାରେ ଅଷ୍ଟମକୁ ମିଶ ହୋଇଛି, ତାଙ୍କର ନାମ ଚନ୍ଦ୍ରସେନ ହେଉ, ଏହି ନାମରେହିଁ ସେ ପରିଚିତ ହେବେ ।" 'ସେନ' ଶାନ୍ତି । ଅଭିମନ୍ୟୁ ବ୍ରଜରେ ସମ୍ବନ୍ଧରେ ସମ୍ପୂର୍ଣ୍ଣ ହୋଇଥିଲେ ମଧ୍ୟ ନପୁଂସକ ଥିଲେ । "ଲଳିତା କହେ ସେ କୃଷ୍ଣ ପଙ୍କ ସମାନ ।" ଦୁହେଁ ରାଜା ପ୍ରଭୃତି କନ୍ୟାଦାନ କରିବା ମାନସରେ ପର୍ବତ ଓ ନାରଦ ଏ ଦୁଇ ଋଷିଙ୍କୁ ନିମନ୍ତ୍ରଣ କରି ଆଣିଲେ । କନ୍ଦ୍ରି କନ୍ୟା ଭଗବାନଙ୍କୁ ଧ୍ୟାନ କରି ତାଙ୍କୁ ମନେ ମନେ ବରଣ କଲା । ଶ୍ରୀହରି ଉତ୍ସବରେ ଦର୍ପ ରାଜାର ନଗରରୁ କନ୍ୟାକୁ ହରଣ କରିନେଲେ । ଋଷି କ୍ରୋଧରେ ବିଷ୍ଣୁଙ୍କୁ ଶାପ ଦେଲେ —"ତୁମ ନପୁଂସକ, ସ୍ତ୍ରୀଲୁ ହୋଇ ଦେଲ ଅନ୍ୟଙ୍କୁ ନାମ ସନ୍ତାପ ।" ପ୍ରଭୁ "ଭକ୍ତଙ୍କ ଇଚ୍ଛା ଅଟେ, ଭକ୍ତ ଶାପ ଅଙ୍ଗୀକାର" କହିଲେ । "ଦ୍ୱାପର ଯୁଗରେ ଅଭିମନ୍ୟୁ କୃଷ୍ଣ ଦୁଇ ଲୀଳା ଅବତାରି" ପିତା ପ୍ରକୃତରେ ଅଭିମନ୍ୟୁ ଓ କୃଷ୍ଣ ଏକ ପୁରୁଷ । ଲଳିତା ବଂଶୀନାଦ ଗୋପୀମାନଙ୍କ ଦୁଇଙ୍କରେ ରଙ୍ଗ

ଶିବ ପାର୍ଶ୍ୱେ ଶାସ୍ତ୍ର ଅନୁମତ ଦେଲେ । କୃଷ୍ଣ 'ଲକ୍ଷଣ' ସ୍ୱରୂପ ଓ ଚନ୍ଦ୍ରାବଳୀ-କୃଷ୍ଣ ଗୋପନ ପ୍ରେମ ଅପବାଦରୁ ଏହାର କାରଣ । ୨୮ଶ — ଶରତକାଳ — ବୃନ୍ଦାବନରେ ଶୋଭା । ବୃନ୍ଦାବନରେ କୃଷ୍ଣଙ୍କ ଚେଷ୍ଟା । ସଖୀମାନଙ୍କୁ "ବୋଲେ ଗୋ ସଜନି ସୁଜନ ମନ ବନ୍ଧୁ ହେଲଟି ମିତ । ସେ ଚନ୍ଦ୍ର ଦେଖି ନୋହେ ମୋ ଦେହ ଶୁଦ୍ଧ ନୋହୁଛ ଚିତ୍ତ ।" ଏହି ସମୟରେ ରାଧାଙ୍କ 'ଗଉର ବଲ୍ଲଭୀ' ସଖୀମାନେ ତାଙ୍କୁ ସୂର୍ଯ୍ୟପୂଜା ପାଇଁ ଫୁଲ ତୋଳିବାକୁ ଯାଇଥିବାରୁ ରାଧାଙ୍କୁ ଦେଖିବା ପାଇଁ 'କୃଷ୍ଣ ପ୍ରେମ ଦଣ୍ଡ' ଲେଖିଲେ । ସଖୀଙ୍କ ସଙ୍ଗେ କୃଷ୍ଣଙ୍କ ଦେଖାହେଲା । କୃଷ୍ଣ ରାଧାଙ୍କ ଦର୍ଶନ ମିଳନ କରିବାକୁ ସ୍ୱପ୍ନରେ ଦେଖିଲେ । ୨୯ଶ ଛାନ୍ଦ — ଶ୍ରୀକୃଷ୍ଣଙ୍କ ବୃନ୍ଦାବନରେ ପୁଷ୍ପବାଟିକା ଦାନ ଦର୍ଶନ । ନନ୍ଦୀସ୍ଥଳର ବର୍ଣ୍ଣନା । ବୃନ୍ଦାବନରୁ କୃଷ୍ଣ ମନ ମତ୍ତସ୍ଥଳର ସୌନ୍ଦର୍ଯ୍ୟ ଦେଖି ଅସ୍ଥିର ହୋଇଗଲେ । 'ଶୃଙ୍ଗାରଭଙ୍ଗିମ' ଏହି ଯେଉଁ ବୃନ୍ଦାବନରେ ଅଷ୍ଟଦଳରେ ଅଷ୍ଟକୁଞ୍ଜ । କେତେ ବୈକୁଣ୍ଠ ତାର ଦେଶୁ-ଡାକର । ଏ ସ୍ଥଳରେ ଷଡ଼ଦେଶ ପ୍ରମୁଖ ବର୍ଣ୍ଣିତ ରତ୍ନମଣ୍ଡପ । ତହିଁରେ 'ରତ୍ନ ସିଂହାସନ । ସେଥି ମଧ୍ୟ କମଳକଳିକା । ଷଡ଼ଋତୁ ଯହିଁ ସଦା ସେବନ୍ତି, ଅଳ୍ପରେ ଅଷ୍ଟଦଳ, ପୁଣି କେଶର ମଣ୍ଡଳ ।" ଏହି ଅଷ୍ଟଦଳ ପଦ୍ମରେ କେଶର ମଧ୍ୟରେ ରାଧା ପଦ୍ମତଳରେ ଆସି ବସି ସଦାପଦ କୃଷ୍ଣଙ୍କୁ ପ୍ରଣାମ ହେଲା । କୃଷ୍ଣ ବିହ୍ୱଳ ହୋଇ "ପୁଣି ନ ଦେଖି ସ୍ୱପ୍ନ ମୁଁ ନିଜ ଚିତ୍ତେ ସେ, ସକଳ ପୂର୍ଣ୍ଣ ହୋଇଗଲା ପ୍ରଭାତେ ସେ ।" ସେଠାରୁ ବାହୁଡ଼ି ଆସିଲେ । କିଛିକ୍ଷଣ ପରେ ରାଧା ସୂର୍ଯ୍ୟପୂଜାକୁ ଆସିବାରୁ କୃଷ୍ଣ ନୃତ୍ୟ ବନ୍ଧ ସଖାରୁ ରାଧାରୂପ ଦେଖି ଚେତନା ହରାଇଲେ ।

୩୦ଶ — ଶ୍ରୀକୃଷ୍ଣଙ୍କ ବଦନ ଅନୁରାଗ । ସଖୀମାନଙ୍କ ନିକଟରେ ରାଧାଙ୍କ ପାଖକୁ ଦୂତୀ ପ୍ରେରଣ ପାଇଁ ଅନୁରୋଧ । କାମସେନା ଦୂତୀ ହେବା ପ୍ରସ୍ତାବ ହେଲା । କୃଷ୍ଣ ରାଧ ରାଧା ଶ୍ରୀମୁଖରେ ଉଚ୍ଚାରଣ କରି ବିହ୍ୱଳ ହେବାରୁ ସଖୀମାନେ ପ୍ରବୋଧ ବାକ୍ୟ ଶୁଣାଇ ନିଦ୍ରା କରାଇଲେ । ୩୧ଶ - ବ୍ରହ୍ମଭୂମି — ତଦନ କୃଷ୍ଣ ପଟ୍ଟାଳି ଘରେ ଏକାନ୍ତରେ ବସିଥିଲେ । ଚନ୍ଦ୍ରସେନାର ସେଠାକୁ ଦେଖା ଯାଇଥିଲା । କାମସେନା ଦୂତୀକୁ କହିଲେ, "ମୋ ଦେହରେ ଅଙ୍ଗ

ଯିବୁ ରାଧା ପାଶ, ତା ଚରଣେ ମେଳେ ଦେଇ କର ଦାସ ।" ଦୂତୀ ସାକ୍ଷାତ୍‌ ନ ଦେଇ କାର୍ଯ୍ୟରେ ଗଲେ । ୩୮ଶ — ଶ୍ରୀରାଧା ଶ୍ରୀକୃଷ୍ଣଙ୍କ ମୋକ୍ଷ ବର୍ଣ୍ଣନା କରି ସଖୀମାନଙ୍କୁ ଏଥିପାଇଁ ସବୁଦେଶ ପରିଚୟ ମାଗିଲେ । କୃଷ୍ଣଙ୍କୁ ଯମୁନା ତୀରରେ ରାଧା ଦେଖି ମୂର୍ଚ୍ଛିତ ହୋଇ ପଡ଼ିଥିଲେ, ଜ୍ଞାନ ଫେରୁ ନଥିଲା । ଏହା ପ୍ରକାଶ କରି ସେ ପୁଣି ସଖୀମାନଙ୍କୁ କହୁଛନ୍ତି, "ଭଲ ହୋଇଲେ ଠାକୁରାଣୀଙ୍କ ଦେହ, ଅବେ ଅଲେ ସେ ଏଣେ ଉପଚାରେ, ଝଙ୍କେ ହେଁକୁଳ ନାଦ, ଦେବ କାଳକୁ ଜ୍ଞାନ ଫେରୁ ନ ହୃଦୟରୁ ସେଥି ।" ପୁଣି ସେହିଠାରେ କହିଲେ, "ଆଜ୍ଞା ନ ମିଳି ଯମୁନାକୁ ଯିବେ, ଏଠାରୁ ଗଲି ଭାଗ୍ୟ ମତେ ।" ୩୯ଶ — ଅଭିମନ୍ୟୁଙ୍କ ନିକଟରେ ଦୂତୀ ନାମଦେବୀ ପ୍ରବେଶ ହୋଇ ଗୃହରେ ରାଧାଙ୍କୁ ଭେଟି କୃଷ୍ଣଙ୍କ ସନ୍ଦେଶ ଦେଲେ । ରାଧା ଏଥିରେ ଅସମ୍ମତା ହୋଇ କୋପରେ କହିଲେ, "ବୋଇଲେ ନେଇ କରି ମୁଁ ହେବ ଇଚ୍ଛା ଭଙ୍ଗର ନାହିଁ, ପାତିବ୍ରତ୍ୟ ସ୍ୱର୍ଗ ବଳୁ ସମ୍ପଦା ଗାଇଲୁ ନାହିଁ । ଭର୍ତ୍ସନା ଭର୍ତ୍ସନ କରିବାରୁ ଦୂତୀ କୃଷ୍ଣଙ୍କଠାରୁ ଫେରି ଆସି କହିଲେ, "ପୃଥ୍ବୀରେ ନୋହେ ସେ ଲକ୍ଷ୍ୟ ଆପଣା ଉପାୟ କର ।" ଗୋବିନ୍ଦ କହିଲେ, "ମୋ ମାଧୁରୀ ଲୋଭାଇବ କି ସେହି ।"

୪୦ଶ — ସନ୍ଦେଶ ପ୍ରଥମ — ଏଥର କୃଷ୍ଣ ଯମୁନା ଭିତରେ ଶୂନ୍ୟ ଭୂଇଁ ରାଧା ସଙ୍ଗେ ଦେଖା କଲେ । ରାଧାଙ୍କ ସଙ୍ଗରେ ଆଉ କେହି ନଥିଲା ଦେଖି ବାଟ ଓଗାଳି ସାଙ୍ଗ ମାଗିଲେ । ରାଧାକୃଷ୍ଣ ବଚନାଳ । ରାଧା ଅଙ୍ଗ ସମାନ ହୋଇଯିବାରୁ କୃଷ୍ଣ ତଳରେ ଧରିନେଲେ । ୪୧ଶ କରଣାରସବଚନ ଅଲକ୍ଷ୍ୟ ହେବାରୁ କୃଷ୍ଣଙ୍କର ପ୍ରେମ ବେଦନା ବଢ଼ିଲା । ୪୨ଶ — ଦୂତୀଙ୍କ ପଠାଇ ରାଧାଙ୍କୁ କୃଷ୍ଣଙ୍କ ଦୁଃଖ ଜଣାଇବା ପାଇଁ ପ୍ରସ୍ତାବ କରି ନାନା ଉପାୟରେ ସୁ ଅଭୀଷ୍ଟ ସାଧନ କରିବା ପାଇଁ ସଖୀମାନେ କୃଷ୍ଣଙ୍କୁ ପରାମର୍ଶ ଦେଇ ପ୍ରବୋଧ କଲେ । ୪୩ଶ — ଶିଶିର ଋତୁ — ଶିଶିର ଋତୁ ପଶରେ ପ୍ରବେଶ କଲା । ବୃନ୍ଦାବନରେ ସର୍ବଦା ବସନ୍ତ ବହେ । କୃଷ୍ଣଙ୍କୁ ମନକ୍ଷୋଭ ଅଧିକ ଅନଙ୍ଗପୀଡ଼ା କଲା । କି ଉପାୟରେ ରାଧାଙ୍କ ସଙ୍ଗଲାଭ ହେବ, ଏହା ଚିନ୍ତା କରି ରହିଲେ । ଏହିକ୍ଷଣି ଗୋପଙ୍କ ସମ୍ମୁଖରେ ଜଣେ ଜାଙ୍ଗଳିକ ଉପସ୍ଥିତ ହୋଇ ସାପଖେଳ ଦେଖାଇଲା । କୃଷ୍ଣ ଜାଙ୍ଗଳିକଠାରୁ ସ୍ତମ୍ଭନମୋହନ ମନ୍ତ୍ର, 'ଗାରୁଡ଼ି

ମନ୍ତ୍ର ସ୍ମରଣ ଶିଖିଲେ । ଏହି ମନ୍ତ୍ର ବଳରେ ସେ "ଦ୍ୱିଜେନ୍ଦ୍ରଙ୍କ ଶୌର୍ଯ୍ୟ ଅର୍ଜ୍ଜନ କରିଲେ ।" ଅନୁକ୍ରମରେ ଚନ୍ଦ୍ରସେଣ ପୁରରେ ପ୍ରବେଶ କରି ସମସ୍ତଙ୍କୁ ମନ୍ତ୍ରଦ୍ୱାରା ଯନ୍ତ୍ରରେ ଅଚେତନ କରିଦେଲେ । ରାଧାଙ୍କ ପ୍ରକୋଷ୍ଠରେ ଗୋପନରେ ପ୍ରବେଶ କରି ରାଧା ଯନ୍ତ୍ର କନ୍ଦନ ଅବସ୍ଥାରେ ଥିବା ସମୟରେ ତାଙ୍କୁ କୋଳ କରିବାରୁ ରାଧାଙ୍କ ନିଦ ଭାଙ୍ଗିଗଲା । ସେ କୃଷ୍ଣଙ୍କୁ ଦୂରରେ ଠେଲିଦେଲେ । କୃଷ୍ଣ ଲଜ୍ଜାରେ ରାଧାଙ୍କ ଗୋଡ଼ତଳେ ପଡ଼ି ମିନତି କଲେ । "ଜଗି-ଜଗିଲେ ଯେବେ ଦେଲେ ପ୍ରମାଣ କୃଷ୍ଣ ଭଣ୍ଡେ ଧରି ଚରଣ ।' ଭବନଦହନୀ ଜାଣିଛି ନାଶ ତା ମୁଁ କେବଳ ଅଜ୍ଞ ମୋ ଶରଣ ।" ଏହା ଶୁଣି ରାଧାଙ୍କ ହୃଦୟ କରୁଣ ହେଲା । "ଜନ୍ମମରେ ଥିଲ' କହି ରାଧା କୃଷ୍ଣଙ୍କୁ ପାଦେ ପ୍ରହାରିଲେ, ତରେ ପଳାଇଲେ ମୋହନ ।" ରାଧା 'କେଉଁ କେଉଁ' ବୋଲି ଡାକ ପକାଇବାରୁ "ପଳାଇଲ ଲେଉଟି ନ ସ୍ୱର୍ଗୀୟ ପଳାନ୍ତି ପବନ ବେଗରେ ।" ୫୮ଶ — ଆରମ୍ଭନ ମଦନମଦେ ହେଲା କୃଷ୍ଣ ଅଜ୍ଞାନ ମୂର୍ଚ୍ଛାରେ ଲୁଣ୍ଠିଲେ । ଗୋପାଳଙ୍କ ଦେହ ଶୋଷ ଧରି ବସିଲୁ ଗଲେ । ସେ ସଙ୍ଗୀମାନଙ୍କ ଗୁଣ୍ଡି ଏକାନ୍ତରେ ବସିଲେ; ମଦନ ବେଦନାରେ ତାଙ୍କର ଉନ୍ମାଦ ସ୍ୱଭାବ ପ୍ରକାଶ ପାଇଲା । କୃଷ୍ଣଙ୍କ ବିକଳ ଅବସ୍ଥା ଦେଖି ବ୍ରହ୍ମା ତାଙ୍କୁ ମୋହନ ମୁରଲୀ ଦେଇ ଅନ୍ତର୍ଦ୍ଧାନ ହୋଇଗଲେ । ଏ ମୁରଲୀର ସମ୍ମୋହନବଶୀଭୂତି ଶିକ୍ଷା ପାଇଁ କୃଷ୍ଣ ସ୍ଥିର କଲେ । ଏହି ସମୟରେ କାମଦେବ ଆସି ତାଙ୍କୁ ରାଧାଙ୍କ ପ୍ରସଙ୍ଗ କହାଇଲା । "ବୋଲିଲା ଦୂତ ଏବେ ଯେ ଲେଖି ଲେଖିଛି ସତ, କରିଛି କଲ୍ପି ରୂପୁନ୍ତ ସେ ଅଟେ ସେ ପ୍ରବଳ ।" ଏହା ଶୁଣି କୃଷ୍ଣ ମଦନ୍ତ୍ରୀଙ୍କ ପ୍ରଶଂସା କଲେ ।

୫୯ଶ—ରାଧା ଲଜ୍ଜା ଭୟ ହୋଇଥିବା ଦୂତୀ କୃଷ୍ଣଙ୍କ ଆଗେ ପ୍ରକାଶ କଲେ । ୬୦ଶ — ଆନନ୍ଦେ ଶ୍ରୀକୃଷ୍ଣ ଦାମମୂର୍ତ୍ତି ଧରିଣ ଗୋଠୋଦ୍ଧନ କରିବା ସମସ୍ତେ ସଖାମାନଙ୍କ ସଙ୍ଗେ ଗ୍ରାମଭୋଜନରେ ପ୍ରବେଶ କଲେ । ଗୋବର୍ଦ୍ଧନ ଗାଈ କୃଷ୍ଣ ସଖାମାନଙ୍କ ସଙ୍ଗେ ରାଧାଙ୍କ ପ୍ରଶଂସା ଅଲୋଚନା କଲେ ।

ଯେବେ ନନ୍ଦ ବନ୍ଧୁ ନିରତ, ତୋ ପେଶାରୁଙ୍କୁ ଶତମୁଦ୍ରା ଦେବ ।
ପଦ ପଦେକ ସେ କେବେ ମଧୁର, ପରିଗୃହ ବଚ କଣ୍ଠ ସୁନ୍ଦର ।

ଏହା ଜାଣିଲେ କୌଶଳ ଭଙ୍ଗୀ ବୁଝି, କୃଷ୍ଣ ଚପଳ ପଣ୍ଡ ହୋଇଲେ ଭବ୍ୟ । ୪୨ଶ—କୃଷ୍ଣ ପିକକୁ ସମ୍ବୋଧନ କରି ଉନ୍ମାଦ ଚେଷ୍ଟା ଭଙ୍ଗି ପ୍ରକାଶ କରୁଛନ୍ତି । ୪୩ଶ—ତହୁଁ ରାଧା କୃଷ୍ଣଙ୍କ ଯମୁନାତଟକୁ ଯାଇଥିଲେ । ସେଠାରେ କଦମ୍ବବୃକ୍ଷ ମୂଳରେ କୃଷ୍ଣଙ୍କୁ ଦେଖି ତାଙ୍କ ଅପୂର୍ବ ସୌନ୍ଦର୍ଯ୍ୟରେ ମୁଗ୍ଧ ହୋଇଗଲେ । ସଖୀଙ୍କ ଆଗରେ ତାଙ୍କ ପ୍ରଶଂସା କରି ତାଙ୍କ ପରିଚୟ ପଚାରିବାରୁ "ଆଜି ଜନ୍ମେ କରତାଳି ମାରି, ବାଉଳ ହେଉଛି ବୃନ୍ଦାବନ, ଏ ନନ୍ଦନନ୍ଦନ ଜଗତ ବନ୍ଦନ ସେ ମନ ଚୋରାଇ ଅଟଇ ତୋର । ଦେଖ ଏହି ! ତୁମ୍ଭ ହୃଦୟରେ ଥାଉ ସେହି ।"

୪୪ଶ ଛାନ୍ଦ—ଚିଠି ଲେଖି ଶ୍ରୀକୃଷ୍ଣ ରାଧାଙ୍କଠାକୁ ମଧୁମଙ୍ଗଳ ହସ୍ତରେ ତାହାର ପ୍ରେରଣ କଲେ । ରାଧା ତାହାର ପଢ଼ି ସଖୀମାନଙ୍କୁ ଦେଲେ । ରାଧା ଆନନ୍ଦିତ ହେଲେ । ୪୫ଶ—ଶ୍ରୀକୃଷ୍ଣଙ୍କ ଚିଠାଲେଖ ପାଠ । ୪୬ଶ—ଶ୍ରୀକୃଷ୍ଣଙ୍କ ମୋହନମୁରଲୀ ବାଦନ । ୪୭ଶ—ମୋହନମୁରଲୀ ଧ୍ୱନି ଶୁଣି ଚତୁର୍ଦ୍ଦଶଭୁବନ ଉନ୍ମତ୍ତ ହେଲା । ସଖୀ କୃଷ୍ଣମାୟା ଜାଣିବାକୁ ଅସମର୍ଥ ହୋଇଗଲେ ; "ହେ ସଖି ସେ ଜାଣି ରହୁ ଯେ ।" ରାଧା ମୋହନମୁରଲୀର ରାଧା ରାଧା ଧ୍ୱନି ଶ୍ରବଣ କରି ଉଚ୍ଚାଟ ହୋଇଗଲେ । ଲଳିତା ଏହାକୁ ଜନଶ୍ରୁତିର ଭଙ୍ଗୀ ବୋଲି କହିଲେ । ଶାଶୂ ମୁରଲୀଧ୍ୱନିରେ ନିଜେ ମୋହିତ ହୋଇଯାଇଥିବା ପ୍ରକାଶ କଲେ । ରାଧା ଚୈତନ୍ୟ ଲଭିକରି ଏ ଧ୍ୱନି କଣ ବୋଲି ଲଳିତାକୁ ପଚାରିଲେ । ପୌର୍ଣ୍ଣମାସୀ କୃଷ୍ଣଙ୍କ ବଶ କରିବା ଉଦ୍ଦେଶ୍ୟରେ ରାଧାଙ୍କୁ ବଶୀକରଣ ମନ୍ତ୍ର ପ୍ରଦାନ କଲେ । ୪୮ଶ—ସଖୀ ଲେଖିଲା ପରି ରାଧ ଶ୍ରୀକୃଷ୍ଣଙ୍କ ଚିଠାର ଉତ୍ତର ଲେଖି ଦୂତୀ ବୃନ୍ଦାବତୀଙ୍କ ହାତରେ କୃଷ୍ଣଙ୍କଠାକୁ ପଠାଇଲେ ।

୪୯ଶ—ବୃନ୍ଦାବତୀ-କୃଷ୍ଣ ଭେଟ । ଯମୁନାକୂଳରେ କଦମ୍ବବୃକ୍ଷକୁ ଆଉଜି ଶ୍ରୀକୃଷ୍ଣ ଛିଡ଼ା ହୋଇଥିବା ବେଳେ ବୃନ୍ଦାବତୀ ରାଧାଙ୍କ ଚିଠାଉ ଦେଲେ । ରାଧାଙ୍କ ବିରହ ବର୍ଣ୍ଣନା କଲେ ଏବଂ ଆଉ ବଂଶୀବାଦନ ନ କରିବାକୁ ଅନୁରୋଧ କଲେ । ରାଧା ତାଙ୍କୁ ପାଣ ବନ୍ଧୁ, ଏହା ତୁମ୍ଭଙ୍କଠାରେ

ପ୍ରକାଶ କରେ । "ଧାତ୍ରୀଧ ସେ ଭୂମ୍ବ ପାଦର, ଧରଣୀରେ ରହିଛୁ କଦର (କେବଳ ?), ଚରମସ୍ତୁ ଦାରୁଣ ଝର୍ଣ୍ଣି ଆଣେ ଅଙ୍ଗୁଶୀୟ ସନ୍ତୁ ଅନୁଦାର ସେ । ସୋହନ ।" ୬୦ଶ ଛନ୍ଦ—କୃଷ୍ଣ ରାଧାଙ୍କ ଓଷ୍ଠାଧର ପାଠ କରି "ଶୁଣୁଥିଲେ ଗୁମାନେ ବାଣୀ ଶୁଣୁଥିଲେ ସମ୍ଭୁରେ ସେ ।" ୬୧ଶ—ରାଧାଙ୍କ ଓଷ୍ଠାଧର ପାଠ । ୬୨ଶ—ବୃନ୍ଦାବନ କୃଷ୍ଣଙ୍କ ଓଠେଠେଇ ଦେଖିବା ବେଳେ 'ଅଲ୍ଲଭ ଅବୁଝି'କୁ ମିଳନର ସଙ୍କେତ ସୂଚନା କୃଷ୍ଣଙ୍କୁ କହିଲେ । ତାହାରେ ପୌର୍ଣ୍ଣମାସୀଙ୍କୁ ମଧ୍ୟ ଜଣାଇଲେ । ରାଧାଙ୍କୁ ଏହି କଥା କହିଲେ । ଗୋପନ ମିଳନର ପରିକଳ୍ପନା ସ୍ଥିର ହେଲା । ୬୩ଶ— ଅଭିସାର । ୬୪ଶ— ଶ୍ରୀରାଧାକୃଷ୍ଣ ଯୁଗଳ ମିଳନ । ରାଧା ଓ କୃଷ୍ଣ କୁଞ୍ଜରେ ପ୍ରବେଶ କରିବାରୁ "ଫୁଲ ଶଯ୍ୟା ଶଷ୍ପ ଚଳାଞ୍ଚଳରେ ନେଇ ମଧ୍ୟେ କଲେ ମିଳ ମିଳ । ରାଧା ଦେଲେ ଶ୍ୟାମ ଶ୍ୟାମଳ ପଦ୍ମମାଳ, ନାଥ ଦେଲେ ହେମ ମାଳ । ଶୁଣ ବଲ୍ଲବୀଜାଲୀ ଦେଖିଲେ ଦେଖିଲେ ଫୁଲଫୁଲ ।" ସର୍ବେ ଫୁଟାଇ ଶୁଣିଲା, ନାନାରଙ୍ଗେ ଅପୂର୍ବ ନୃତ୍ୟ କରିଲେ । "ଘଞ୍ଚାଇରେ ଗାଇ ଉଚିତ ବିବାହ ରାଧାନାମ ଉତ୍ସବିକା । ମଙ୍ଗଳରେ ବସି ଦ୍ୱିଜେ ଧ୍ୱନି କଲେ କୃଷ୍ଣ ଶ୍ରୀରାଧାରେ ରଙ୍ଗା ।" କୁଞ୍ଜରେ କ୍ରୀଡ଼ା । ୬୫ଶ—ନିଶାନ୍ତ ଲୀଳା । ୬୬ଶ—ପ୍ରଭାତ ବର୍ଣ୍ଣନ । ୬୭ଶ—ଶ୍ରୀରୂପ ମଞ୍ଜରୀ ଶ୍ରୀକୃଷ୍ଣ ବୃନ୍ଦାବନ ମଣ୍ଡପରେ ମିଳନ । ୬୮ଶ—ଗ୍ରନ୍ଥର ଅନୁକ୍ରମଣୀ ।

ଯୁଗଳରସାମୃତ ଲହରୀର ରଚନା କାଳ—'ଯୁଗଳରସାମୃତ ଲହରୀ' ଲଳିତଲୋଚନାର ପରେ ରଚିତ ହୋଇଛି । କାରଣ ୩୪ଶ ଛନ୍ଦ (ନାମ ପାଞ୍ଚପଞ୍ଚସାଧନା)ର ରାଗ ସୂଚନାରେ 'ଲଳିତଲୋଚନା ନନ୍ଦନମିଳନ ବାଣୀରେ' ଗାଇବା ପାଇଁ ନିର୍ଦ୍ଦେଶ ଅଛି । ୬୧ଶ ଛନ୍ଦରେ 'ନାଗ୍ରଦ ଓଷ୍ଠାଗ୍ର ବାଣୀରେ' ବୋଲି ଲେଖା ଅଛି । ପୁଣି ଏହି କାବ୍ୟଟି 'ଚୌର ଚନ୍ଦ୍ରାମଣି' ପୂର୍ବରୁ ରଚିତ ହୋଇଥିବା ସମ୍ଭବ, କାରଣ ସେ ଚନ୍ଦ୍ରାମଣି ଲୋପାଣ୍ଡୁ ଛନ୍ଦରେ ରାଗ ସୂଚନା ପାଞ୍ଚପଞ୍ଚ ଛନ୍ଦବାଣୀ ବୋଲି ନିର୍ଦ୍ଦେଶ ଅଛି । ଏହି ପାଞ୍ଚପଞ୍ଚ ଛନ୍ଦଟି ଯୁଗଳ ରସାମୃତ ଲହରୀର 'ପାଞ୍ଚପଞ୍ଚ ସାଧନା' ଛନ୍ଦ । (୩୪ଶ ଛନ୍ଦ) ।

ଏହି ଲହରୀ କାବ୍ୟଟି ବନମାଳୀ ଦାସଙ୍କ 'ଦାସ' ପଦର୍ ରଚିତ ହୋଇଛି, କାରଣ ୮୪ଶ ଛାନ୍ଦର ଶେଷରେ 'ବନମାଳୀ ଦାସଙ୍କ ଦାସ ବାଣୀ,' ଉଲ୍ଲେଖ ଅଛି ।

'ପ୍ରେମକଳ୍ପଲତା'ର ପୂର୍ବରୁ ଏହି ଲହରୀ ରଚିତ ହୋଇଥିଲା । କାରଣ ଏହି କାବ୍ୟର ପ୍ରଥମ ଛାନ୍ଦରେ 'ଲହରୀ'ର ନାମ ଅଛି ।

ଯଃ ପୂର୍ବରେ ରଚିଲି ଲୀଳାମୃତ ସାଗର,
ଲହରୀ ଭବିଷ୍ୟ, ବନ୍ଦ୍ରଦଣ ଦେ ଶଙ୍କର । (୧ମ ଛାନ୍ଦ)

ଦୂତଲୀଳାମୃତ ଲହରୀରେ ପ୍ରତ୍ୟେକ ଛାନ୍ଦକୁ ଭବ-ଲୀଳାମୃତ ଲହରୀ ରୂପେ କଳ୍ପନା କରିଛନ୍ତି ।

ସପ୍ତଦଶ ଛାନ୍ଦ ସମ୍ପୂର୍ଣ୍ଣ ହୋଇଲା ଏମନ୍ତ ପ୍ରକାରେ
ସମୁଦ୍ର ନୀର କି ତେଜ ଭୂଷିତ ଥାଏ ଲହରୀରେ ।(୧୭ଶ ଛାନ୍ଦ)

ବର୍ଣ୍ଣନା କୌଶଳ—'ଚତୁର ଶିରୋମଣି ପ୍ରେମିକା' ରାଧାଙ୍କ 'ଦେଖାଚାହଁ' ସମ୍ବନ୍ଧରେ ପ୍ରେମିକ କୃଷ୍ଣ ପ୍ରେମଉତ୍କଣ୍ଠାପୂର୍ଣ୍ଣ ବାକ୍ୟାବଳୀ ପ୍ରକାଶ କରିଛନ୍ତି ।

କେତେବେଳେ ଭୁଲିବୁ ଜନାଇ ହସୁଛି,
ଯମୁନାକୁ କେ ନ କଲ ସ୍ନାନ ଦେଉଛି ।
ସୂର୍ଯ୍ୟଙ୍କୁ କୃଷ୍ଣଙ୍କୁ ଅଳେ ଅଳେ ସୁଦ୍ଧେ,
କାହୁଁ ମୋତେ ନ ସୁଝି ମୋର ଛାଇକି ପୂଜେ ।
ଲୋଟି ବସିଲେ ତାର ଲକ୍ଷ୍ମୀ ଜେଠ ଦେବ ନାହିଁ ।
ଯୋଗ୍ୟ ଏ କଥା କହିଲି ସେ ନୟନରେ,
ମୋ ବିନା ତାହା ଭୂଷଣ କେ ସଂସାରେ ।
ସାଥ ହୋଇ ଠାଣି ଝଟେ ଗଲି ନାସ,
କେତେ ଦେଖ ଥିଲି କାହେ କେ କ କରି ( ୪୭—୫୨ ।
୨୧ଶ ଛାନ୍ଦ)

(ଘ) କୃଷ୍ଣ ତାମ୍ବୁଳ ଯୋଗାଇ, ଜଳୁ ଯେ ନଳଚେ ଧୂପ,
ଦେଖି ଅନ୍ଧକାର ଭାଳା, ଖେଳାଇ ତୋଳା ଏ । ୮ ।
ନାସିକା ସୁଦ୍ଧା ଫୁଲକ, ଜନୁଲ ବାଣୀ ରେଣୁପାଦ,
ଦେଖିଲଣି ମୋତେ ହୁଲୁର, ପିବ ମୁଁ ପଇ ଏ । ୯ ।
ପଦାଙ୍ଗୁଳି ଜଟେ ମନ୍ଥ, ଜଳକେ ପୁଣି ଜଳୁ ଭସ୍ମ,
ପଦତେ ନୃପଲ୍ଭ ଅଧର, ଭାଳ ଦ୍ୱାବତେ ଏ । ୧୦ ।
ଦେଖି ନ ଦେଖିଲ୍ଲ ପଣ, ସ୍ୱର୍ଗେ ନ ସ୍ୱର୍ଗିଲ ଗଣ,
ଧର ହୁଦ ପ୍ରଧୂତ୍ତ, ମଣ୍ଡନ ଦଣ୍ଡ ଏ । ୧୧ ।

(୧୪ଶ ଛାନ୍ଦ)

(ଙ) ଘଷ ତେତେ ଶୀଘ୍ର ହୋଇ, ପୁଣି ଏ ଦେଲଣି ପାଇ,
ଗାଏ ଚଳ ଧୀରେ ଧୀରେ, ଜାଣ ଅଧରେ ଏ । ୩୮ ।
ପଦକୁ ଦେଲଣି ମୂର୍ତ୍ତି, ପୁଣି ଭାଙ୍ଗୁଛି ଦଣ୍ଡ,
ପକାନ୍ତୁ ଶୁଦଟି ମଦନ, ଉଠନ୍ତି ତନେ ଏ । ୩୯ ।
ଲବଣମାଏ ଛାଇ ଦେଇ, ଅତି ଶୀଘ୍ରେ ଚଢ଼ ବଳି,
ଦେବଣ ମଧ୍ୟରେ ଯୁବେ, ଧରାଇ ମୁଖେ ଏ । ୪୦ ।

(୧୪ଶ ଛାନ୍ଦ)

ଚନ୍ଦ୍ରାବଳୀଙ୍କ ଗୃହ ପ୍ରାଙ୍ଗଣରେ କୃଷ୍ଣଙ୍କ ଚନ୍ଦ୍ରାବଳୀ ଦେଖି ଚନ୍ଦନ ଚକ୍ଷୁରେ ଜଳାଇ ଅନ୍ତରେ ମୂର୍ଚ୍ଛି ଯାଉଥିଲେ । ସେ ବେଳର ଦୃଶ୍ୟ—

(ଚ) ଶୁଣି ସେ ବାଳୀ ଦୁଅର୍ଦ୍ଧ ଗ୍ଲାନି, ଦେଖ ପ୍ରବେଶ ହୋଇଲ,
ଦୂର୍ବା ଅକ୍ଷତ ଦେଇଣ ସ୍ୱାଗ ଥାଳରେ ବନ୍ଦାଇଲ । ୨୨ ।
ମଙ୍ଗଳ ଦୀପ ଅଦ୍ଭୁତ ବାଜ ଭୁଲିତା ଜନଃଏ ଶଙ୍ଖ,
ଜନ୍ମିଲ କାନ୍ତି ଗୃହେ ଯାନ୍ତି ଦେଖିଲା କୃଷ୍ଣ ମହନେ । ୨୩ ।
ତାଙ୍କୁ ଶ୍ରୀହସ୍ତ ନେତ୍ର ନଟାଇ କଲେ ଭକ୍ତି ପ୍ରତକାର,
ଦୂର ଦୃଷ୍ଟାପ ସୁଧା ବଦେଶ ପ୍ରାବେଶ ଦୃଷ୍ଟି କର । ୨୪ । x x

ଖସିଲା ପଦ୍ମ, ନୂପୁର ନାଦ ଝମଝମ ଝମଝମ,
ଶ୍ରୀକୃଷ୍ଣ ମନ ଚିତ୍ତ ହରିଲା ଗଣାଲି ହେଲେ କି କାମ । ୨୭ ।

ଚନ୍ଦ୍ରାଳି ଗଲା ଘରେ ମିଳିଲା ଧର ପଛେ ପଛେ ବିଜେ,
ପୌର୍ଣ୍ଣମାସୀର ଗଣ୍ଡେ ପୁରୁ ଦେଖିଲେ ସେ ଲଜ୍ଜେ ଲାଜେ । ୨୮ ।

(ଝୁଲ ଛନ୍ଦ)

(ଖ) ନିଶ୍ଚ ପିଙ୍ଗଳ ଲମ୍ବାଇ ପାଦ ଚଞ୍ଚଳ ଧାଉଁଥିଲେ,
ଦ୍ୱାର ପାଖରେ ଶୁଣୁ ଥାଉଥିଲା ଏଣେ ତେଣେ ବାଟରେ । ୨୯ ।

କି ନ ପାଇଲା ପୁଣି ଦୃଷ୍ଟିରେ ଚାହେଁ ଚେଙ୍କାଇ ମୁଖ,
ସେ ଦ୍ୱାର ନଇ ପ୍ରାୟ ପୁଲକ ଲଗେ କି ଶାନ୍ତି ମୟୁଖ । ୩୦ ।

କୃଷ୍ଣ ନୟନ ମୃଗ ଚକିତ ଦ୍ୱାର ଶଙ୍ଖ ଚକ୍ର ଧାଇଁ,
ଅଧର ଚମ୍ପା ଲଗ ଖାଇବା ଲୋଭ ଲେଖି ହୃଦୁଗାଏ । ୩୧ ।

ଲଜ୍ଜିତେ ହୋଇଲା ଗୋପାଙ୍ଗନା କୃଷ୍ଣଙ୍କର ମନେ ହେଲା,
ନେଇ ପୃଷ୍ଠିକ ଶେଷ ବର୍ଣ୍ଣିକ ଚୋର୍ଯ୍ୟେ ଚଳ ଚାହିଁ ଗଲା । ୩୨ ।

(ଶମ୍ଭୁ ଛନ୍ଦ)

ବ୍ରଜବାଳକମାନଙ୍କର ଦଳରେ କୌତୁକକାରୀ ବାଳକୃଷ୍ଣ ଉପ-କାର୍ଯ୍ୟାନରେ ସୁନ୍ଦର ସ୍ୱଭାବରେ ବର୍ଣ୍ଣିତ ହୋଇଛନ୍ତି । ସଦାନନ୍ଦ ଅଳ୍ପ ସମୟର ପଦରେ ଏହି ଚରିତ୍ରକୁ ଅବଲମ୍ବନ କରି ସୁନ୍ଦର ଅଭିବ୍ୟକ୍ତି ଦେଇଛନ୍ତି । ଭାଗବତରେ ମଧ୍ୟ ଏହିଭଳି ବର୍ଣ୍ଣନା ଅଛି ।

କେଉଁ ମୟୂର ପରାଏ ନାଚେ, କେତେ ବାନର ଲୁଚେ ଲୁଚେ ।
କେଉଁ ଭେକକଟ ଡମ୍ଫ ଧର ନାଚ, କେ ପକ୍ଷୀ ପ୍ରତିଧ୍ୱନି ଛାଡ଼ିବା ପାଶେ ।
ସେ ବ୍ରଜବାଳ, କେତେ ରୂପେ ଦେଖୁଛନ୍ତି ଭଲଭାଳି ସେ ।
କେ ଅଛି ପ୍ରେମେ କାହାକୁ କରନ୍ତି କୋଳ ସେ ।
କେ ନେ କାହା ମୁଖକୁ ଚୋରନ୍ତି ହାଲ ସେ । ୧୨ ।

ବାଳକୃଷ୍ଣଙ୍କ ଭଗତି ଏହି ତଥ୍ୟ ଅପେକ୍ଷା ବେଶି ମନୋରମ ହୋଇଛି ।

ଚନ୍ଦ୍ରାବଳୀ-ଶ୍ରୀକୃଷ୍ଣ ପ୍ରସଙ୍ଗରେ ସର୍ବଦାରେ ଚନ୍ଦ୍ରାବଳୀର ବୃଦ୍ଧା ଶାଶୂ ଓ ନଣନ୍ଦଙ୍କ କଟାକ୍ଷକୁ ଭୟ କରୁଥିଲେ । ସେ ବର୍ଣ୍ଣନାରେ ଦୂତୀମାନଙ୍କର କୌଶଳର ଚିତ୍ର ସଦାନନ୍ଦ ସୁନ୍ଦର ଭାବରେ ଅଙ୍କନ କରିଛନ୍ତି ।

ପଦ୍ମମାଳା ବୋଲେ ଜଳଘଟରେ ବୁଡ଼ି ଶ୍ରୀତିବନ୍ତି ଜପଘଟରେ
ମୁଁ ଯେ ଯେ ବାଟେ ଚଢ଼ାଇ ଯେ ଦେଖ ଚହ୍ନି
ଭୁଜଙ୍ଗ ଦଂଶିଲା ଏ ଜଗେ ଯେ,
ଆଁ ପିବନ୍ତି, ମହ୍ମା ତନୁସ୍ଥ ଜଣେ ଯାଇଛନ୍ତି ଯେ
ତାଙ୍କୁ ଦେଖ କିଛି ଭଲ ନପାରନ୍ତି ଯେ,
କିଛି କହିଲେ ମଣିବା, ମହାଭିକ୍ଷା ସେ । (୧୨ଶ ଛାନ୍ଦ)

ଦେଖାଣ ଭୁଜଙ୍ଗ ଦାଂଶ ବେଣୀ, ଫେଡାଇ ଚିଡାଇ କେଶ ଭାଲ
ଚଟାଇ ଦେଇ ଚନ୍ଦ୍ରାବଳୀ ଶ୍ୱାଶୁଙ୍କୁ ଅଳପ ଦେଇ ଗଲା ସଖୀ ଘରେ ଯେ ।
ଏମନ୍ତ ଦେଖିଣ ଭଲ ବୃଦ୍ଧ ଛନ୍ଦ ତାର ସର୍ବାଙ୍ଗରେ ଯେ
ବୃଦ୍ଧା ବସିଛି ଭୁଲିଛି ଖଣେ ଖଣେ ସେ,
ପଦ୍ମୁପଣି ଚିନ୍ତି ଦେଲେ କଣେ କଣେ ସେ । ୧୯ । (୧୨ଶ ଛାନ୍ଦ)

ପ୍ରାକୃତିକ ବର୍ଣ୍ଣନା : ସନ୍ଧ୍ୟା—ସନ୍ଧ୍ୟାବର୍ଣ୍ଣନରେ କବିମାନେ ପ୍ରକୃତିର ପୁଣ୍ୟ ସଦୃଶ ନାୟକନାୟିକାଙ୍କ ସମ୍ଭୋଗର ଉଦ୍ଦୀପକରୂପେ ମନୋଜ୍ଞ, ସେଶତସ୍ବର ଅନନ୍ୟ ପ୍ରକୃତିର ଚିତ୍ରଣ କରିଥାଆନ୍ତି । ସଦାନନ୍ଦ ପୂର୍ବାଚାର୍ଯ୍ୟମାନଙ୍କ ପରି ଏକାଧିକ ସ୍ଥାନରେ ସନ୍ଧ୍ୟାର ବର୍ଣ୍ଣନା କରିଛନ୍ତି ଏବଂ ସେହି ପ୍ରସଙ୍ଗଗୁଡ଼ିକ ମଧ୍ୟ ସୁପାଠ୍ୟ ନାହାନ୍ତି । ସୂତକଳାପ୍ରାପ୍ତ ଲକ୍ଷ୍ୟରେ କେତେଖାଣ୍ଡ ବସ୍ତୁବର୍ଗ ଶୀତ୍ରାଦେଶୀରୂପରେ ସନ୍ଧ୍ୟାକୁ କଳ୍ପନା ଦେଖାନ୍ତି ତାହା କର ବର୍ଣ୍ଣନା କରି ନୂତନତ୍ୱ ଦେଖାଇ ପାରିଛନ୍ତି ।

ବେଳେବେଳେ ଅସ୍ତ ଅସ୍ତ ଚିଲ,
ଅହିତ୍ୟ ଆରକ୍ତ ବର୍ଣ୍ଣ ଧର ।
ଯଜ୍ଜନ କଲେ, ଅମାବାସ୍ୟା ଅସିତ୍ର ଏ
ସ୍ୱୀୟ ବର୍ଣ୍ଣ ସନ୍ଧ୍ୟାଗ୍ନି ଧର, ହେ ବଂଶୀଧର,

ତୁମ୍ଭେ ସତ୍ପ୍ରେମେ ଏହାକୁ କୋଳ କର ହେ,
ତେବେ ନେଇ ସ୍ୱୀୟଙ୍କ ଏ ଜନ୍ମର ହେ
ଏ ଲୁଚିଲେ ଏକା ହେବ ଅନ୍ଧକାର ହେ । ୯ ।
ଦେଖ ବୋଇଲେ ଅମ୍ବର ତଳୁ ଫଳ, ଶାଢ଼ ଅଂଚଳୁ ଥିଲେ ଧବଳ
ବାଳର ବାଇଲ ତହିଁ ଛତୁରିଲା ଧର ଧର ପଢ଼ଇଛି ଜଳ ଯେ
ସବେ ଦୁଷି, ଛତ୍ର ଧଂଭେ ଟେକ ମୁଣ୍ଡ ସମ୍ମାନେ ଆଖି ଯେ
କେଶ୍ରୁ ସ୍ୱାଢ ବଢ଼ାଏ ତେଣ୍ଟି ଛନ୍ଦିଷି ଯେ
କେ ଦା ଅଂକୋଡ଼ି ଭାଙ୍ଗି ବୋଲୁଣ ଦେଘଂଷି ଯେ । ୧୦ ।
କେ ବୋଇଲେ ଜନ୍ମ ଦଳଶାଖା, ଏ ଦଣ୍ଡା ଯେ ଯାଉଛି ପ୍ରସବି ।
ଏଣ୍ଡ୍ର ରକ୍ତବର୍ଣ୍ଣ ଭଙ୍ଗ ଅନୁମାନ ହେଉ ନେ ଦୋଳି ଭାବ ଅମ୍ଭୁ ଭୁଞ୍ଜ ଯେ
ଶୀଘ୍ର ଦେଖ, ସବେ ବାହୁଷ ଟୋଡ଼ାଇ ଅଂଶୁ ହେଉ ଯେ
ଏତେ ଶାଖ ବଣ୍ଟିବା ଭାଙ୍ଗିକ ଅଙ୍କ ଯେ
ଗଡ ଗୋବିନ୍ଦେ ଚୁଲି ତହୁଁଥାଉ ଯେ । ୧୧ । (୧୨ଶ ଛାନ୍ଦ)

ଗୋପରେ ଗୋସ୍ୱାମୀ ଉତ୍ସବର ବର୍ଣ୍ଣନାରେ କବି ସ୍ୱକୀୟ ଉତ୍ସବର ଉପାଦାନର ସମାବେଶ କରିଥିଲେ ମଧ୍ୟ ଗୋପବାଳକ ଓ ସେମାନଙ୍କର ପ୍ରେମ ବୋଧୋଷ୍ଟର ହର୍ଷୋତ୍ପାଦକ ଓ ସ୍ୱର୍ଗଜନକ ବିଭିନ୍ନ ଭଙ୍ଗୀ ସାଧାରଣ ସମାଜର ଚିତ୍ର ଘଣି ହୋଇଛି ।

ମାତାପିତାଙ୍କ ଯତ୍ନସ୍ନେହ ବିଦାୟ—

ଧବଳୀ ଶିରେ ସୁବର୍ଣ୍ଣ ଖୋଳ, ଘଣ୍ଟି ଘାଗୁଡ଼ି ବାନ୍ଧଣ ଗଳ ।
ପାଟଫୁଲରେ ସୁମର ମେଳ, ଶିରେ ଭୂଷିତ ଯେ ।
ଶାମଳୀ ଆଦି କେଳୀ ଧୂମଳୀ ମୃଦଙ୍ଗମୁଖୀ ଯେ କୁନ୍ତଳୀ,
ଏକତ୍ର ଗୋଷ୍ଠ ସରକ ତଳ ହୋଇ ଭୂଷିତ ଯେ ।
ଗୋପ-ବାଳକେ ହେଲେ ଆବୃତ ଯେ,
ବଂଶୀ ବଜାଇ ଗାବନ୍ତି ଗୀତ ଯେ
'ହରେକୃଷ୍ଣ' ବୋଲି ମୋହନ, ତରଳ ଫାଳି କରି ଗର୍ଜନ
କରନ୍ତି ଧେନୁ ପଛେ ଗମନ, ହରଷେ ମାତ ଯେ । ୪ ।

ମାତାଙ୍କ ମନର ଦୁର୍ଭାବ ସମସ୍ତଙ୍କ ମନରେ ଫୁଟି ଉଠିଛି । ଗୋପୀମାନେ ଏ ଦୃଶ୍ୟ ଦେଖି ମୁଗ୍ଧ ହୋଇଛନ୍ତି । 'କୁଳ ଅଙ୍କୁର' ଦୃଷ୍ଟିରୁ ଏ ଉତ୍ସବ ଦେଖୁଥିଲେ ମଧ୍ୟ କୃଷ୍ଣଙ୍କ ପ୍ରତି ପ୍ରଗାଢ଼ ଅନୁରାଗବଶତଃ ଗୋପୀମାନେ ମାତାପିତାଙ୍କ ସ୍ନେହଦୋଳା ବର୍ଣ୍ଣନା କରିଛନ୍ତି ।

କେ ନାସ୍ତି କହେଁ ଗଳାଗ୍ର ମର୍ଦ୍ଦେ କେ ବୁକେ ଉଠି ଦେଖେ ଶିଶୁରେ
କେ ଉଠ ବୋଲି ପାଣ୍ଡି ମାରେ କେ ଥାଏ ହସି ଯେ ।

କେ ଆଶ୍ରେ ଯାଏ ଦହନ ନ ରହେ ଆବୁ ନ ପିଇ ବୋଲି କେ ବୋହେ
କେ କହେ ଏହେ କଳଇ ଆହେ ଦେଇବ ହୋଇଛି ଝୁଁ ।

କ୍ଷୁଧା ନ ଲାଗି ଅନ୍ନ ମାଗେ କି, ତାକୁ ଦେଉଛୁ ନ ଖୁଆ ଲୁହେ ହେ
ଧନ ଫୁଟି ଯା ଆତ୍ମ ନନ୍ଦନ, ଏ ରଙ୍ଗ ପାଦେ ଜୁଲିବ ଜନ
କି ହୋଇବନି ଜନନୀ ମନ ନ ଦେଖି ଆରେଗ ହେ । * ।

'କୁଳ ଅଙ୍କୁର' ରହୁ ଜନ୍ମରେ ଏ 'ଅନୁକୂଳ' ଦେଖାଇଥିଲେ ମଧ୍ୟ ମାତାର ହୃଦୟ ଫାଟିଯାଉଛି । ପିତା ରାଜା, କୁଳାଗ୍ରର ରକ୍ଷକ । ପତ୍ନୀଙ୍କ ପ୍ରବୋଧ ଦେଇ ଦୁଃଖରୁ ନିବର୍ତ୍ତାଉଛନ୍ତି ।

× × ଶତ୍ରୁ ହନେ କି ହେବ ଶିବାର ହେ,

ଶୁଣି ମୁକୁନ୍ଦ ଜନକ ମନ, ଯଶୋଦା ଶୁଏ ଦେଖ ନାଥ ନାଥ
ଧରନ୍ତୁ ନିବର୍ତ୍ତାଇ ସେ ଦନ୍ତ ଚଳନ୍ତୁ ଧୀରେ ହେ । * ।

ମାତା, ପିତା, ପୁତ୍ର, ସଙ୍ଗ ଓ ସ୍ନେହାଶ୍ରିତ ଗ୍ରାମବାସୀଙ୍କ ସମବେତ ମନୋଭାବକୁ କବି ଅତି ଚମତ୍କାର ଭାବରେ କୃଷ୍ଣଙ୍କ ପଦାବଳୀରେ ବର୍ଣ୍ଣନା କରି ସହୃଦୟ ପାଠକ ମନରେ ବାତ୍ସଲ୍ୟ ରସର ନିର୍ଝର ଖେଳାଇ ଦେଇ ଶ୍ରମ-ସାର୍ଥକ କରିଛନ୍ତି ।

କେତେବେଳେ ଦୂର ପାଳେଣି ଥାଇ ଯାଏ ହୋଇଲେ ଆସନ୍ତି ନାହିଁ
ଖେଳୁ ଅପରାଧ ବଳେ କୃଷ୍ଣାଇ, କେ ଯଦି ଦେଖ ସେ
ମା'ତ ଭାବନ୍ତି ଅରେ କହ୍ନାଇ ଶୀଘ୍ର ଆସିଛି ଉଛୁ ଅନାଇ

କେ ହୋଇଲେ ଯିବି ମୁଁ ଥାଇଁ ମୋ ଜନମାଳ ରେ
ଉଭ ଲକ୍ଷ୍ମୀ ଦ୍ୱାର୍ଶୀ ବସ୍ଥ.ନ, ବୃନ୍ଦାବନେ ଏକା ତାର ଭାଳରେ
ବାନିକ ପତ୍ନୀ କହୁଛି ଯେ.ନ, ଅଲିଙ୍କୁ ସୁବଳ ମଧୁ ମଙ୍ଗଳ
ସଙ୍ଗବ ଜେଣ ଏ ଯେ ବନ୍ଧୁକ ଗୋପବ ତାଙ୍କ ଦେଖ । ୭ ।
ଶୁଣି ଉଦ୍ଧବେ ବଦନ ଚାହାଁ ନୟନ ଜଳେ ଶ୍ରୀବନମାଳୀ
ଅବୁଣୀ ଦେଖାହୋଏ ନଦେଖା ଅଧି ନାହିଁ ସେ × × ୮ ।
(୩ୟ ଛାନ୍ଦ)

ସମସ୍ତ ପୁଣାଟି ଆଣି ଥାଉଛେ ଦେଖି ଯାଉଛୁ । ଏପରି ବହୁ ସେଠ ଗୋସ୍ୱାମୀ ବନଯାତ୍ରା ଛାନ୍ଦରେ ଜନ୍ତୁ ସମସ୍ତ ଛାନ୍ଦଟିକୁ ଉଦ୍ଧୃତ କରି ଯାଇଛୁ ।

'ଚମ୍ପୂ'ର ଶିଳ୍ପବସ୍ତୁ ସମ୍ବନ୍ଧରେ କବିଙ୍କର ଧାରଣା ଅତି ସୂକ୍ଷ୍ମ ଓ ସ୍ୱଚ୍ଛ ଧରଣର ଥିଲା । 'ସାକ୍ଷାତ୍କାର' ହିଁ ଏହାର ଆଦର୍ଶ, କଳାଜଗତ ଶିଳ୍ପୀର ଚରମ ଆକାଂକ୍ଷା ।

ବୋଇଲେ ଧନ୍ୟ ରାଜାଙ୍କ ଜେମା କର,
ଲେଖିଛୁ ଯାହା ଯେ ତ ସାକ୍ଷାତ୍କାର ।
ଶୁଣିବା କହିବା ଭାବିବା ସତ,
ଏ ଜଗତ ଲୋକ ଦେଖା ନାହିଁ ସତ ଦେ
ଚାଲ ବାଟେ ସେଙ୍କ ଭାଜ ଦେ,
ତାଙ୍କ ଅଛି ଶ୍ରୀବା, ବାହାରେ ଜା କର,
ତାଙ୍କର ଉପଦେଶ ଦେ । ୪ । (୩ଣ ଛାନ୍ଦ)

ଏଣୁ ଏ କୁହେ ସାକ୍ଷାତ୍କାର ମୁରତି
ଦେଖା ନଥିଲ ନୟନ ଗୋ । ୧୬ । (୭ମ ଛାନ୍ଦ)

ସାରଳଦାସଙ୍କ ପ୍ରତ୍ୟୁଷେ—ଚୋବନ କୃଷ୍ଣ ସହ ଉଦ୍ଧବଙ୍କ ଶବ୍ଦ ବ୍ୟବହାର ତଥା ବହୁ ଅଲଙ୍କାରପୂର୍ଣ୍ଣ ସାର୍ଥକ ପଦ ରଚନା କରିଛନ୍ତି ଏବଂ ଏହା ସଙ୍ଗକୁ ଅତି ସରଳ ସାଧାରଣ ଲୋକବୋଧ୍ୟ ଭାଷାରେ ମଧ୍ୟ ଅପୂର୍ବ

ତଥ୍ୟ ଦୃଷ୍ଟି ଭଣିପାରିଛନ୍ତି । 'ମାଳ୍ୟକଣ୍ଠ' ଛାନ୍ଦଟି ଏହାର ନିଦର୍ଶନ । ଯୋଗୀଜନ ନାଦବନ୍ଧୀରେ ପ୍ରବନ୍ଧ ଦେଖି ମାତାଙ୍କର ସ୍ୱରଲିପି ଏଥିରେ ପ୍ରକାଶିତ ହୋଇଛି ।

ପ୍ରଥମକୁ ସ୍ୱର ସନ୍ଦେଶକୁ ଏହି ସବଳ ଶ୍ଳେଷବୋଧ୍ୟ ସ୍ୱଷ୍ଟାର ସ୍ୱରଜା ମିଳୁଛି; ଛାନ୍ଦଟିକୁ 'କଣ୍ଠାଗ୍ର କାନ୍ତି ବାଣୀରେ ଗାଇବ'—ଏହି ସନ୍ଦେଶକୁ ଏହା ସ୍ପଷ୍ଟ କରୁଛି ।

ମୋର କଳା କାହ୍ନେଇ, ଲଭୁଅଛୁ କେତେ ଦୁଃଖ କେ,
ଲବଣି ମାଗଇ ମୁଖ କେ,
ଯଶୋଦା ଶୁଣି ଧାଇଁଲେ, ଦେଖନ୍ତି କୃଷ୍ଣର ଗାଲ ପଛରେ
ଧରୁଅଛୁ ଧୀରେ ଧୀରେ କେ ।
ଲଦଶ୍ରୁ ଫଳ ଆକାର, ଗୋଲ୍ଲ ଧୂଳି ପଛ ଧନ୍ତୁ ଧୂସର ଦେଖ
ଝଲି କାନ୍ଧା ସୁନ୍ଦର କେ ।
ଡାକଲେ ନଟାଣି ସ୍ୱର, ସୁଦୃଢ଼ ଦଳ ଫଳ ଧରେ ଦେ
ବୋଲୁଥିବ 'କି ମଧୁର' କେ ।
(୧ମ ଛାନ୍ଦ)

ଅଳଙ୍କାର—ଭକ୍ତ କବିଙ୍କ କବିତ୍ୱ ସ୍ଥାନରେ ବିଶେଷ ଅଳଙ୍କାର ପ୍ରୟୋଗ କରିଥିବା ଦେଖି କରିଥିବାରୁ ପାଠକ ଦେଶରେ ଏହାର ମାଧୁର୍ଯ୍ୟ ଉପଭୋଗ କରିବା ସୁବିଧାଜନକ ହୋଇଛି ।

ଅକ୍ଷୋ-ଜଳା ନାମ ଏକ ବର୍ଣ୍ଣ, ପୁଣି ଦ୍ୱିତୀୟରେ କହୁ ବିଦ୍ୟାର୍ଣ୍ଣ ।
ରେଫ୍ ଯୁକ୍ତାକ୍ଷର ଦେବେ ଡାକପର୍ଣ୍ଣ, ଛାନ୍ଦ ରଚିଲି କବିସୂର୍ଯ୍ୟ ।(୨ୟ ଛାନ୍ଦ)

'ଅକ୍ଷୋ-ଜଳା' ନାମ । ଏତ ବର୍ଣ୍ଣ ପ୍ରଥମ ଛାନ୍ଦର ଅବଳା ନାମକୁ ଲକ୍ଷ୍ୟ କରିଥିବା ଜଣାଯାଏ ।

ଅବଳା—ସଦାନନ୍ଦ ଯୁଗଳରସାମୃତ ଲହରୀର ଅଠର ପଦ ବ୍ୟାଖ୍ୟା ମଙ୍ଗଳାଚରଣ ସମ୍ପୂର୍ଣ୍ଣ ପ୍ରଥମ ଛାନ୍ଦଟି ଅବଳା ଶୈଳୀରେ ରଚନା କରିଛନ୍ତି । ଯଥା 'ସାହିତ୍ୟ' ଓ ସମ୍ପୂର୍ଣ୍ଣ ହୋଇଲେ ମଧ୍ୟ ଦୁର୍ବୋଧ୍ୟ ହୋଇନାହିଁ । ଅନୁପ୍ରାସ ଯୋଗୁଁ ପଦଗୁଡ଼ିକ ମନୋହର ହୋଇଛି ।

ଜୟ ଜୟ ପରମ ଈଶ ନନ୍ଦ ନନ୍ଦନ,
ମଙ୍ଗଳ ମଙ୍ଗଳ ପ୍ରଭୁ ଜଗତ ବନ୍ଦନ । ୧ ।
ଭୁବନ ନୟନ ଅଞ୍ଜନ ରଞ୍ଜନ,
ନବୀନ ଦଳିତ ବପୁ ନବୀନ ଅଞ୍ଜନ । ୨ ।
ମନମଥ ଶତଶତ ଚଞ୍ଚଳ ବଦନ,
ନବ ପଲ୍ଲବ ଅଧର ଅମୃତ ସଦନ । ୩ ।
ଶଙ୍ଖ ଶ୍ରୀପଦ ଜଗଜନଙ୍କ ଧରଣ,
ଶରଦ ସମ୍ପୂର୍ଣ୍ଣ ଚନ୍ଦ୍ର ଶୋଭ୍ୟ ଗଗନ । ୪ ।
ଶୋଭିତ ବକ୍ଷ ଉଜ୍ଜ୍ୱଳ ଭୂଷଣ,
ଜଗନ୍ନାଥ ହରି ଅଙ୍ଗ ଅଭରଣ ଭୂଷଣ । ୫ । (୧ମ ଛାନ୍ଦ)

ଆଦ୍ୟ ଅନୁପ୍ରାସ—ଏହି ଲକ୍ଷଣ କାବ୍ୟର ଦ୍ୱିତୀୟ ଛାନ୍ଦରେ ପ୍ରଥମ ୧୨ଟି ପଦ 'ଦ' ଅକ୍ଷର ଶବ୍ଦ ଓ ପଦ୍ମବନ୍ଧୀ ପଦଗୁଡ଼ିକ ପ୍ରତ୍ୟେକଟିରେ ଅ, ଆ ପ୍ରଭୃତି ସ୍ୱରବର୍ଣ୍ଣ ଓ ବ୍ୟଞ୍ଜନ ବର୍ଣ୍ଣର ଅନୁସାରରେ ରଚିତ ହୋଇଛି ।

ଦେହୂବ୍ଦାନ୍ତ—ଦ୍ୱିତୀୟ ଛାନ୍ଦର ୨୬ ପଦଠାରୁ ଶେଷ ପଦ ପର୍ଯ୍ୟନ୍ତ ଦେହୁବ୍ଦାନ୍ତ ପଦର ବ୍ୟବହାର ପଦର ଶେଷରେ ହୋଇଛି ।

ଉତ୍ତମର ସେପରେ ବସୁଦେବ, ଓଡ଼ିଆ ପିଠରେ, ତା ମଧ୍ୟେ ୬ଟି ହେବ ।୨୬।
ସାରଙ୍ଗ ଚନ୍ଦ୍ରକେଳ ସାରଙ୍ଗଧର ହେଲେ
ସାରଙ୍ଗମୁଖୀ ଦେଖଇଟି,
ସାରଙ୍ଗ ସାରଙ୍ଗରେ ସାରଙ୍ଗ ସାରଙ୍ଗରେ
ସାରଙ୍ଗ ସାରଙ୍ଗ ହୁଅନ୍ତି ଟେଳା କନକ । ୭ ।
(୭ମ ଛାନ୍ଦ)

ଅଲଙ୍କୃତି—ଅଲଙ୍କୃତି ଦ୍ୱାରା ଦ୍ରୁତ ଗମନର ପରିଚୟ ପ୍ରଦାନ କରେ । ଏହା ମେଳରେ କଳେଶ୍ୱର ଶ୍ରୀକୃଷ୍ଣଙ୍କ ତାଙ୍କର ସମବୟସ୍କ ସଖାମାନଙ୍କ

ଏହି ଶ୍ଳେଷପଦ କଥାବାର୍ତ୍ତା ଅଧିକନ୍ତୁ ତାହା ଭାବୋପଯୋଗୀ ଓ ସମୟୋପଯୋଗୀ ହୋଇଛି ।

ଶ୍ରୀଦାମ କୃଷ୍ଣଙ୍କୁ କହିଲେ, "ଠାଣ କହିଲେ, ବୁଝିବ କି ? ବୁଝିଲେ କାଳ ଶରପଣ ଖାଇବ, ନ ବୁଝିଲେ ମାଡ଼ି ଚାଲିବ ।"

ଶ୍ରୀଦାମ—"ଶରେ ଇନ୍ଦ୍ରାଣୀ ସବର୍ଣ୍ଣ ମଧ୍ୟରେ ସୁବର୍ଣ୍ଣମାଳ ହାର୍ଦ୍ଦେ,
ତାହାର ନାମଟି ବାହାର ଏଥିରୁ ଅକ୍ଷର ଟି ବୁଝି ଧୀରେ ।"

କୃଷ୍ଣ—ସେ ହୋଇଲା ଏବେ କଣାଇ ଇ ଟିକା ବ୍ୟାପ୍ତେ ହୃଲଙ୍କ ସଖୀ ହେଇ ।
(୧୦ମ ଛାନ୍ଦ)

ଯମକ-ଭ୍ରାନ୍ତିମାନ, ଶ୍ଳେଷ—

ଭର ତର ତରଳ ବହୁ ଶତଳ ଏଥର,
ଭଳ ଭଳ କର କଲରବ ପୂତ ଭାଡର । ୫ ।
ଘନ ଘନ ଘନ ରବ ଘନରସ ବରଷି,
ଶତଳ ସ୍ନ ଜଳରଦେ ଶବଳ ହୋଇ ପ୍ରକାଶି ।
ସୁରତରଙ୍ଗିଣୀ ସୁରତରଙ୍ଗିଣୀ ଜଳେଇ,
ତାର ଧାର ଧାର ଧାର ଯୋଷ୍ଟ ଏବେ ପାଇଁ । ୭ ।
ପ୍ରମ୍ନନାଦୀ ଚଗୁର ତରୁର ଚଗୁର ଭବେନ,
ଉଦ୍ଧ ଉଦ୍ଧ ଉଦ୍ଧ ଶବ୍ଦ ପ୍ରଥ ଲେମାଦ ମଦେନ । ୮ । (୪୬ଶ ଛାନ୍ଦ)

ଖଧକମ—

ଦୂରଦର୍ଶୀ କହେ ଶୁଣ ହେ ସଖି,
କମ୍ବ ଉପରେ ରହିଅଛି ଶଶି ।
ତା ଉପରେ କଣ୍ଠ, ତା ଉପରେ ଧନୁ,
ତାହା ମଧ୍ୟରେ ଧନୁ ଫୁଲ ଶର ।
ପୁଣି ଶରକୁ ଲୀଳ କର ଧରି,
ଏ ବୋଲି ବୁଝି କାହା ସ୍ୱାମି । ୧୩ । (୩୪ଶ ଛାନ୍ଦ । ପ୍ରଃ ସଂ ।)

ଏଠ ଶବ୍ଦର ପୁନରୁକ୍ତି—ପ୍ରଚଳରସାମୃତ ଲହରୀରେ କବି କେତେକ ସ୍ଥାନରେ ଏକ ଶବ୍ଦର ପୁନରୁକ୍ତି ପ୍ରୟୋଗ କୌଶଳକୁ ସୁନ୍ଦର

ଭାବରେ ପ୍ରଦର୍ଶନ କରିଛନ୍ତି । ଅତଏବ ବଳିଷ୍ଠ ସମସ୍ତ ଯମକ ଶ୍ଲେଷଟି ଏହି ଭାବରେ ଲିଖିତ ।

କଳା ପର୍ବତ ଚଳେ କଳାବଗ ନ ବୋଲେ କଳା କଳାକୁ କହୁଛେଟି,
ବନ୍ଧୁ କାନ୍ତି ନ ସାହି ନନ୍ଦ ବୋଲିଣ ନେତ୍ରକୁ ବନ୍ଧୁଲା ବନ ଅପରେଟି,
ଗୋ ଜନନୀ । ୨ ।

ଘନ ଦେଖିଲେ ଘନ ଘନ ନେବେଟି ଅଗ୍ର ଘନଜଳ ମନ କର,
ଘନସୁନ୍ଦା ନମଇ ଘନ ସେ ଘନପାଇ ଘନ-ବଦନଟି ତାହାର,
ଗୋ ଜନନୀ । ୩ ।

ସାରଙ୍ଗ ତନୁ ଚଳେ ସାରଙ୍ଗଧର ହେଲେ ସାରଙ୍ଗମୁଖୀ ଦେଖଇଟି,
ସାରଙ୍ଗ ସାରଙ୍ଗରେ ସାରଙ୍ଗ ସାରଙ୍ଗରେ ସାରଙ୍ଗ ସାରଙ୍ଗ ପଣଟି,
ଗୋ ଜନନୀ । ୭ ।

ବିରୋଧ —

ପ୍ରତ୍ୟକ୍ଷେ ଅପୂର୍ବ କଲେ ଯା ନାମ ଅଧିକ ଅର୍ଥ ଦୁଅଇ,
ତାକୁ ଦେଲେ ମଧ୍ୟ ଦିନ ମାସ ପ୍ରାପ୍ତ କଲେ ଏମ ଦଣ୍ଡଧର ହିଁ ।
ଅନ୍ତକକୁ ବାହୁଡ଼ିଲେ ନାଶ ଲକ୍ଷଣକୁ ଏକ ମଧ୍ୟ ବୁଝି,
ଏ ନାମ ଯାହାର ତାହାକୁ ଲଭିଲେ ବଇକୁଣ୍ଠେ କେଉଁ ଦିଶି ।

ରୂପ ବର୍ଣ୍ଣନା—ରାଧାଙ୍କ ରୂପ ବର୍ଣ୍ଣନାରେ ଓ ଚିତ୍ରମାନଙ୍କରେ ସ୍ୱତ କବିତ୍ୱଶକ୍ତିର ସମ୍ୟକ୍ ପ୍ରକାଶ ହୋଇଛି ।

ରାଧାଙ୍କ ଅଙ୍ଗପ୍ରତ୍ୟଙ୍ଗ ବର୍ଣ୍ଣନା । କବିପାଣି କବି ସ୍ୱ କବିତ୍ୱ ଶକ୍ତି ଦ୍ୱାରା ଅତି ଚମତ୍କାର ଭାବରେ ସେ ଅପୂର୍ବ ଶୋଭାସମ୍ଭାରର ଚିତ୍ରବର୍ଣ୍ଣନାର ଉପସଂହାର କରିଛନ୍ତି—

ନୀଳ ଶିବ ପ୍ରଭୁ ହେ ମୁଁ କରୁ କହନ,
ଭବ ଦୃଷ୍ଟି ଭବ ଦୃଷ୍ଟି ହେଲେ ସବ ସବ,
ସେ ସୁନ୍ଦର ଛବି, ଯୋଗୀ ଧ୍ୟାନ-ଧର ପଦ
ରସ ବୋଲେ ମୁଁ ନ ଶିବ, ଭଙ୍ଗୀ ବୋଲେ ସଦା ଅବ ! (୧୧ଶ ଛନ୍ଦ)

ଏହିଠାରେ ରସ ଓ ଭଙ୍ଗୀର ସ୍ଥାନ କର ସୁନ୍ଦର ଭାବରେ ସ୍ଥିର କରିଛନ୍ତି ।

ନାୟକଙ୍କ ଓ ନାୟିକାଙ୍କ ବେଶ ବର୍ଣ୍ଣନା ସୁନ୍ଦର ହୋଇଛି । ଉପମାଦି ଅଳଙ୍କାର ବର୍ଜିତ ହେଲେ ମଧ୍ୟ ସରଳ ପଦାବଳୀର ଏହି ବର୍ଣ୍ଣନା-ଗୁଡ଼ିକ ମାନସପଟରେ ଛବି ଉତ୍ପାଦନ କରିବାରେ ସମର୍ଥ ହୋଇଛି । ନାୟିକାଙ୍କର ସାଜସଜ୍ଜା ଓ କୃଷ୍ଣଙ୍କ ପ୍ରଣୟ ସମ୍ବାଦ ଉଭୟ କୌତୁକ-ପୂର୍ଣ୍ଣ ହୋଇଛି ।

ହାସ୍ୟରସ—ଏହି ଯୁଗଳରସାମୃତ ଗ୍ରନ୍ଥରେ ହାସ୍ୟରସର ବହୁ ସ୍ଥଳ ଦେଖାଇଛନ୍ତି । ଏ ଭିତରୁ କେତେକ ଘଟଣା ଚକ୍ର, ଚରିତ୍ରଚିତ୍ରଣ ଓ କଥୋପକଥନ ମାଧ୍ୟମରେ ପ୍ରତିଫଳିତ ହୋଇଛି ।

ଚନ୍ଦ୍ରାବଳୀ ଓ ରାଧାଙ୍କୁ ସେମାନଙ୍କ ଶାଶୁନଣନ୍ଦ ଅଟକ କରିବା ସତ୍ତ୍ୱେ କୌଶଳରେ ସେମାନଙ୍କ ସହ କୃଷ୍ଣଙ୍କ ମିଳନ ହାସ୍ୟ ଉତ୍ପାଦନ କରୁଛି । ଶାଶୁନଣନ୍ଦଙ୍କ ଚୋଖ ସମ୍ମୁଖରେ ଉପସ୍ଥିତ ହେବା, ତାକୁ ଅଟକ ମାନିବା ପ୍ରସ୍ତୁତରେ ଦୃଢ଼ବଳ୍ପନ୍ତ, ସେହି ସଖୀମାନେ ଗୁପ୍ତମିଳନରେ ସହାୟକ ସେମାନଙ୍କୁ ଜଗୁଆଳ କରିବା ପ୍ରଭୃତି ଦୃଶ୍ୟ ବର୍ଣ୍ଣନା ପଢ଼ିଲେ କପଟ ପରିସ୍ଥିତି ଉପଲବ୍ଧ ହେବାର ସମ୍ଭାବନା ମନରେ ହାସ୍ୟ ଉଦ୍ରେକ କରେ ଏବଂ ଶାଶୁନଣନ୍ଦଙ୍କ 'ଅଜ୍ଞତା' ଦେଖି କୌତୂହଳ ଜନ୍ମେ ।

ସଖୀମାନଙ୍କ ମେଳରେ ରାଧାଙ୍କ ଗମନ ରୀତି, ବଡ଼ବଡ଼ାଇ କରିବା ପ୍ରଭୃତି ପ୍ରସଙ୍ଗରେ ସଖୀମାନେ ରାଧାଙ୍କ ପ୍ରେମଭାବନାକୁ ବାରମ୍ବାର ଉପହାସ କରି ସନ୍ଧ୍ୟାର କୌତୁକ କଥୋପକଥନ କରିବା ଦେଖିଲେ ମନରେ ସ୍ୱତଃ ହାସ୍ୟ ଜାଗ୍ରତ ହୁଏ ।

ସଖାମାନେ ଓ ସଖୀମାନେ ନିଜ ନିଜ ଭିତରେ ଯେଉଁ ବ୍ୟଙ୍ଗ କଥୋପକଥନ କରନ୍ତି ତାହା ମଧ୍ୟ ହାସ୍ୟରସର ସୁନ୍ଦର ଉଦାହରଣ ।

ଶ୍ରୀକୃଷ୍ଣ ନାପିତା ରୂପରେ ଦୂତୀ ସାଜି ଲୀଳା କରିବା ଘଟଣା ମଧ୍ୟ କୌତୂହଳପ୍ରଦ ଏବଂ ହାସ୍ୟରସ ଉତ୍ପାଦକ ।

କବି ରସସୃଷ୍ଟି କରିବାରେ ଉପଯୁକ୍ତ ଶବ୍ଦର ପ୍ରୟୋଗ କରିଛନ୍ତି । ସୁଜନ ପାଠକମାନେ ରସ ଉପଭୋଗ କରିବାକୁ ଯେବେ 'ସ୍ୱଭାବ, ନିଜ ଧ୍ୟାନ ଅନୁଭବେ' ଏହାକୁ ଦେଖିବାକୁ ହେବ ।

"ଶୁଣ ହେ ସୁଜନ ସବେ, ଜନ ଧାଇଁ ଅନୁଭବେ । × ×।"

(୨୯ଶ ଛାନ୍ଦ)

ଏତେକ ଗୋଷ୍ଠଗୋପ ସଙ୍ଗରେ ଶ୍ରୀକୃଷ୍ଣ ବୃନ୍ଦାବନରେ ପ୍ରବେଶ କରି କୌତୁକରେ ନାନା କ୍ରୀଡ଼ା କଲେ ।

ମଧୁମଙ୍ଗଳ ହସି ତାମ୍ବୁଳ ଦେଖାଇ ଜିହ୍ବାମୂଳ ହେ
ବୋଇଲେ ଶୁଣମ୍ଭ କାହ୍ନୁ ପାଇବ ଗୋପାଳ ହେ,
କହେଁ ଦେଖ ଅମ୍ଭ ଓଷ୍ଠ ବନ୍ଧୁ-ତୁଳ ହେ । ୧ ।

ସଖା ଦାମ ବସୁଦାମ ଏହାର କାରଣ ପଚାରିବାରୁ ମଧୁମଙ୍ଗଳ କୌତୁକରେ ତାଙ୍କ କାନରେ କହିଲେ, ବଣସାରୁ ଚୋବାଇଲେ ଏପରି ହୁଏ ଏବଂ କାହାକୁ ନ କହିବା ପାଇଁ ଗୁପ୍ତମନ୍ତ୍ର ଦେଲେ । ପରାମର୍ଶମତ ସଖାଗଣ ବଣସାରୁ ଆଣି ଖାଇବାରୁ ପାଟି କୁଣ୍ଡେଇ ହେଲା । ମଧୁମଙ୍ଗଳ କୌତୁକ ସଫଳ ହେବାରୁ ଆନନ୍ଦିତ ହେଲେ । କିନ୍ତୁ, ଏହା ଅନେକାଂଶରେ ହାସ୍ୟରସ ସୃଷ୍ଟି କରିଛି । ଏହି କାରଣରୁ କୃଷ୍ଣ ରାଗି ଦେଲେ ଏବଂ ପ୍ରତିଶୋଧ ନେବା ପାଇଁ ମଧୁମଙ୍ଗଳ ହାତରେ ବାଇଡ଼ଙ୍କ ବେଙ୍କା ଦେବାରୁ କଣ୍ଟା ହେଲା । ମଧୁମଙ୍ଗଳ ଦୁଇ ହାତ 'ପତ୍ରି ବାଧ କହେ ମଲି ମଲି ।' ହାସ୍ୟ ଉପଦେଶର ଚେଷ୍ଟା ଚଳିଲା । "ଧନଟେ ହୁଁଟିଲେ, ସାଙ୍ଗ ଉଠେର ଭାର ପାଣେ ନ ପଶିଲେ ସେ । ନେଇ ତା ପଣ ହୁଏ ଦେହ ଅଧିଁଲେ ଯେ । ନେବା ମଧୁ ପଣ କରିଣ ବସିଲେ ଯେ ।" (୨୯ଶ ଛାନ୍ଦ)

ସଂଗୀତ ଆଳାପ—ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମା 'ଶ୍ରୀକୃଷ୍ଣଙ୍କ ମୁରଲୀ ବଜାଇବା' ଛାନ୍ଦ (୩୨ଶ ଛାନ୍ଦ)ରେ ସଙ୍ଗୀତର ମୌଳିକ ସ୍ୱର-ଶ୍ରୁତିର ସୂଚନା ଦେଇଛନ୍ତି । ଛାନ୍ଦଟିକୁ 'କାମୋଦୀ' ରାଗରେ ଗାଇବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ଏବଂ ଆରମ୍ଭରୁ ସଙ୍ଗୀତ ସ୍ୱର-ଆଳାପ କରିଛନ୍ତି; ପାଞ୍ଚସ୍ୱର ଓ ନାନା ରାଗରେ ରସବର୍ଣ୍ଣା କରିଅଛନ୍ତି ।

ତାନାନା ତାନାନ୍ନା ଆସ ରାଧିକା ଗୋ,
ମୁଁ ଅଛି କଦମ୍ବ ମୂଳରେ ଏକା ଗୋ । ଘୋଷା ।

ପାରିଜାତ ପଦ୍ମ ଧ୍ୟାନଧର ମଧୁଲିହା,
ପାଉଥିଲ ନାନା ଭାବେ ରସ କରେ ବରିଷା ।୧।
ତା ଧ୍ୱନି ତାଧ୍ୱନି ଶୁଣି ଏ ରଦେ ସେ ନରଦେ,
ତାତ୍ଥି ନ ତାତ୍ଥି ନଗରରେ ଯା ସଂଗରେ ଅବସେଶ ।୨।
ତାଧିନା ତାଧିନା ହୋଇ ନାଚି ଯେଉଁ ରମଣୀ,
ତାଥିଇ ତାଥିଇ ଗୁଣ ପଣ୍ଡିତେ ଗଣି ।୩।
ତା ଥଇ ଥଇ ବୃନ୍ଦ ଶୁଣେ ସଦାନନ୍ଦ ଏ,
ଯେ ତରଙ୍ଗ ତରଣି ଯଦ୍ ଦନେ ଅଙ୍ଗସେ ।୪।

ସଙ୍ଗୀତସ୍ୱରଲୀପ ସହିତ ଭାବର ସୁଷମ ସମନ୍ୱୟ ରହିଥିବାରୁ ଭାବ ମାଧୁର୍ଯ୍ୟ ପରିଲକ୍ଷିତ ହେଉଥିଲେ ମଧ୍ୟ ସଙ୍ଗୀତାଳାପର ପ୍ରଭାବ ଅଧିକ ରହିଛି ।

କଟାକ୍ଷ—ସଦାନନ୍ଦଙ୍କ ଶୃଙ୍ଗାରରେ 'କଟାକ୍ଷ'ର ସ୍ଥାନ ବିଶେଷତ୍ୱ ଲାଭ କରିଛି । ଗୋପଗୋପୀମାନେ ସିଦ୍ଧିକ ଥିବାରୁ 'କଟାକ୍ଷ' ମାଧ୍ୟମରେ ନାୟକ ନାୟିକା ପରସ୍ପରକୁ ସ୍ୱଚ୍ଛନ୍ଦ ରୂପେ ଚାହୁଁଛନ୍ତି ଏବଂ ସ୍ୱ ସ୍ୱ ଭାବ ପ୍ରକାଶ କରିବାରେ ସୁବିଧା ପାଇଛନ୍ତି । କବିଙ୍କ ଲୋକଙ୍କ ଦ୍ୱାରା ଏହି ରୀତି ହେଉଥିବା ହୋଇ ଗୋପନୀୟତା ରକ୍ଷା କରିପାରି ବିଭିନ୍ନ ପକ୍ଷର ମର୍ଯ୍ୟାଦା ରକ୍ଷା କରିଛି ।

ନାୟକ ପକ୍ଷରେ ପରସ୍ପର ମର୍ଯ୍ୟାଦା ରକ୍ଷା କରି ମଧ୍ୟ 'ଅଙ୍ଗ ସ୍ପର୍ଶ ଭାବ' ଲେଖାରେ ପ୍ରକଟିତ ହେବା ସମ୍ଭବ । କିନ୍ତୁ, ନାୟିକା ପକ୍ଷରେ କୁଳମାନ ରକ୍ଷା କରି 'କଟାକ୍ଷ' ଭାବ ଗୋପନରେ ବାର୍ତ୍ତା ଦେବା ସେତେ ସହଜ ନୁହେଁ କି କଷ୍ଟପ୍ରଦ ନୁହେଁ । କେବଳ କବିଙ୍କ ଶୈଳୀ, ଦୃଷ୍ଟି ବା ଦୃଷ୍ଟି ମାଧ୍ୟମରେହିଁ ଏହା ସମ୍ଭବ । ପଦ୍ମନାଭ ଓ ପଦ୍ମନାଭମାନେ ଉକ୍ତ ବଚନସୂତ୍ରରେ ମଧ୍ୟ ସାହାଯ୍ୟ କରିଛନ୍ତି । ପଦ୍ମର ବର୍ଣ୍ଣନାକୁ ସମର୍ଥନ କରି କବି ମଧ୍ୟ ମୌଳିକତାରେ କିଛି କିଛି ଭାବ ଚାତୁର୍ଯ୍ୟରେ ସାହାଯ୍ୟ କରିଛନ୍ତି ।

ପ୍ରେମିକ ନାୟକ ଓ ସମବୟସ୍କା ପ୍ରେମିକା ନାୟିକା ଉଭୟେ ଭାଷା ଓ ଭାବରେ ପରସ୍ପରକୁ ଆକର୍ଷଣ ଆକର୍ଷ କରିବା ପାଇଁ ପ୍ରୟାସ ଜାରି କରିଛନ୍ତି ।

ନମସ୍କାର, ଆଶୀର୍ବାଦ, କୁଶଳ ସମାଚାର ଓ ଲେଖକର ବକ୍ତବ୍ୟ ପ୍ରଭୃତି ବିଷୟରେ ସେଥି ମର୍ଯ୍ୟାଦା ଲଙ୍ଘନ କରି ନାହାନ୍ତି ।

ତାଙ୍କ ଲେଖନ ଶୈଳୀ ମଧ୍ୟ ଉଚ୍ଚ ସ୍ତରଶ୍ରେଣୀ ସାହିତ୍ୟର ପରିପୋଷକ ହୋଇଛି ।

ଲିପି, ଲେଖନଭଙ୍ଗୀ, ମୁଦ୍ରଣ, ସଙ୍କେତର ରୂପ ପ୍ରଭୃତି ତାଙ୍କ ଲେଖାର ଏକ ବୈଶିଷ୍ଟ୍ୟ ଅଙ୍ଗରୂପେ ଦୃଷ୍ଟ ହୋଇଛି ।

ବର୍ଣ୍ଣଶ୍ରେଣୀ ବର୍ତ୍ତୁଳ, ଘନ, ସରଳ ହେବା ଆଦର୍ଶ ଥିଲା ।

ଶିରେ ଲଗାଇ ପଂକ୍ତି ଯେବେ, ଚିହ୍ନାଇ କେତନ ଦେଲ ଯେବେ ।
ବୋଇଲ ଧନ୍ୟ ଧନ୍ୟ ଏ ବର୍ଣ୍ଣଶ୍ରେଣୀ, ବର୍ତ୍ତୁଳ ଘନ ସରଳ ସଙ୍ଗେ ଯେ ।
(୧୨ଶ ଛାନ୍ଦ)

ରାଧାଙ୍କ ସଖୀ ତାଙ୍କ ଲେଖା ସମ୍ବନ୍ଧରେ ନିର୍ଦ୍ଦେଶ ଦେଉଛନ୍ତି—

ଲେଖ ଗୁଣ୍ଠ ଅକ୍ଷର ଅଛି ସରଳ, ସ୍ଥାନଗୁଣ୍ଠ ନୋହିବ ମାତ୍ର କେବଳ,
ମାତ୍ରା ହୁଡ଼ିବ ନାହିଁ, ଧାଡ଼ିକି ଧାଡ଼ିକି ଥିବେ ଅଲଗା ହୋଇ ।୧।
ପାଦଙ୍କୁ ଶୁଣି ଧରୁ ମୋଟ ନୋହିବ, ଧଣ୍ଡ ଶୀମ ଭେଦେଁ ସ୍ଥାନରେ ଥିବ,
କଣ ବୈଦନ୍ୟ-ଯୁକ୍ତ, ଦୁଇ ମିଶ୍ରିତ ହୋଇ ଥିବଟି ଯୁକ୍ତ ।୨।
ଅନ୍ୟ ସ୍ୱରପୀ ଦୋଷ ରହିବ ନାହିଁ, ତାଙ୍କ ସକାଶ ନଖାଗ୍ରିବଟି ତହିଁ,
ଏକାକାର ହୁଁ ଥିବ, ଶୁଦ୍ଧତା ସ୍ଥାପାରୁ ସମସ୍ତ ଆସିବ ।୩।
ଦୀର୍ଘ ଅଧିକତା ହୁଁ ଶୋଭାର ହେବ, ଯାତଜ ଭଙ୍ଗ ବଢ଼ ଏ ପ୍ରକାଶିବ,
ଦୃଷ୍ଟାନ୍ତର ଉପମା, ଶବ୍ଦାଳଙ୍କାରର ହୋଇବ ସୀମା ।୪।
ଅବିଚିତ୍ର ବର୍ତ୍ତୁଳ ନୋହିବ କେବେ, ଏକାର ଦେବଶ୍ଳୀ ଶେଷ ଯେ ଠାବେ,
ଭୁଲେ ନ ଜାଣ ସଖୀ, ଉଚିତ ମାତ୍ରକ ଅନୁ ଲଗିବା ।୫।
(୪୮ଶ ଛାନ୍ଦ)

ଏଥି ମର୍ଯ୍ୟାଦା ଜ୍ଞାନରେ ସଖୀ ଲେଖିଲା ପତ୍ର ପଠେ ଲେଖି ସଖୀ ହସ୍ତରେ ଦେଲା । ସଖୀ 'ମୃଦୁ ହସିଲା' ଦେଲା; ତତ୍ପରେ 'ଶ୍ରୀ ବର୍ଣ୍ଣ ସର୍ବେ ଲେଖାଇ' 'ବର୍ଣ୍ଣ ଅକ୍ଷର ଅଳ୍ପ କଣ୍ଠ ଲଗାଇ', 'ହ୍ରସ୍ୱ ଦୀର୍ଘ ରୂପ'କୁ ଦେଲା ।

ରାଧାକୃଷ୍ଣପ୍ରେମ ତତ୍ତ୍ୱ —ଉଡ଼ିଶାର ଶୀର୍ଷ ଭକ୍ତି ସେବକ ସରସ ସାର୍ଥକ ପଦରେ କବି ରାଧାକୃଷ୍ଣ ପ୍ରେମତତ୍ତ୍ୱକୁ ରାଧା-ଚନ୍ଦ୍ରାବଳୀ କଥୋପ-କଥନ ଛଳରେ ବୁଝାଇଛନ୍ତି । ପରକୀୟାରୂପେ ରାଧା କୃଷ୍ଣଙ୍କଠାରୁ ଫେରାଇ ଦେଖିବା ସମ୍ପର୍କରେ ସଖୀମାନେ ଆପତ୍ତି କରନ୍ତି ରାଧାଙ୍କୁ ଦେଖିବାପାଇଁ କହୁଥିଲେ । ରାଧା ଏଥିରେ ଉତ୍ତର ଦେଉଥିଲେ । 'ସଖୀ କପାଳେ ମାର, ସବେ ପରପୁରୁଷ ଦେଖନ୍ତି କି କରି !" ପରପୁରୁଷକୁ କୁଳବଧୂ କପଟ ବା ପ୍ରେମପତ୍ର ଦେଖିବ ? ସାମାଜିକ ପ୍ରଚଳିତ ରୀତିକି ଏଥି କାର୍ଯ୍ୟର ବିରୁଦ୍ଧ ସେ ସ୍ୱୀକାରବୁଝି କରନ୍ତି । କିନ୍ତୁ, ବର୍ତ୍ତମାନ ଅବସ୍ଥାରେ ଏହାର ଆଉ ଉପାୟ ନାହିଁ । ସାମାଜିକ ବନ୍ଧନଠାରୁ ପ୍ରେମ ଅପେକ୍ଷା ହୃଦୟର ଟାଣ ବେଶି । ନାୟିକାଙ୍କ ପରପୁରୁଷର ସ୍ପର୍ଶରେ କହିବାକୁ ପ୍ରାଣର ବ୍ୟାକୁଳତା ପ୍ରକାଶ ପାଇ ଆସିଛି କରିଦେଉଛି ।

ଧିକ ବିଧାତା ନାରୀ ଜନମ ଦେଲୁ, ପର ପୁରୁଷଠାରେ ପ୍ରାଣ ରହିଲୁ ।
ତାହା ବିନୁ ଏ ଜୀବନ ଯିବ, କହେ ଦେବାକୁଲେ ଚାନ୍ଦ ସଜନୀ । ୫ ।

ଚନ୍ଦ୍ରାବଳୀ ଏହାର ସମ୍ମତି ଦେଉ ନ ଥିବ କୃଷ୍ଣଙ୍କଠାରେ ଗମନ ଦେବା କୁଳନାରୀ ପକ୍ଷେ ଅନୁଚିତ ବୋଲି କହୁଛନ୍ତି ଏବଂ ସ୍ୱମତ ସପକ୍ଷରେ ଋଷିଙ୍କ ମୁଖନିସୃତ ବାକ୍ୟକୁ ପ୍ରମାଣରୂପେ ଉପସ୍ଥାପିତ କରୁଛନ୍ତି ।

ଚନ୍ଦ୍ରାବଳୀ କହେ ଜନ୍ମେ ଜନ୍ମେ ସେ ପତି,
ସେବକ ଅଟେ ସ୍ତ୍ରୀ ନଗର ଲୋକ ।
ଋଷି ମୁଖ୍ୟ ବୋଲିଛନ୍ତି, ପତି ଯେ ସେ ଅନୁଭବ ଦୁର୍ଲଭ କହ । ୬ ।
ସେ ଅଟନ୍ତି ପ୍ରାଣନାଥ ଅନ୍ୟେକି ଦାସୀ,
ତୋହ୍ମରେ ନ ଦେଖ ମନ ସେ ଭଲେ ରହି ।
ଧର୍ମ ମର୍ଯ୍ୟାଦା ନାହିଁ, ରହିଲେ ରସି ଦୋହେ ଦୈନ୍ୟ ନ ସହି । ୭ ।
( ମାଣ ଲୀଳା )

ଶ୍ରୀକୃଷ୍ଣ ଅଖିଳବ୍ରହ୍ମାଣ୍ଡର ପ୍ରାଣନାଥ, ପ୍ରଭୁ ! ଗୋପୀମାନେ ସବୁକାଳେ ତାଙ୍କର ଦାସୀ । ଏହି ପ୍ରଭୁ-ଦାସୀ ଭାବପ୍ରସୂତ ହିଁ ରାଧାକୃଷ୍ଣ ପ୍ରେମତତ୍ତ୍ୱର ଭିତ୍ତି ।

କୃଷ୍ଣ ପରଂବ୍ରହ୍ମ । ତାଙ୍କର ମାୟା, ଲୀଳା, ରାଧା ଓ ଚନ୍ଦ୍ରାବଳୀଙ୍କ ସହିତ ତାଙ୍କର ପ୍ରେମଲୀଳାର ତତ୍ତ୍ୱ ସେ ଚନ୍ଦ୍ରାବଳୀଙ୍କଠାକୁ ପ୍ରେରଣ କରିଥିବା ପତ୍ରରେ ବୁଝାଇଛନ୍ତି । ଏହି ପତ୍ରଟି ବ୍ରଜବାଣୀ ବୈଷ୍ଣବଧର୍ମ୍ମ ଦର୍ଶନର ମୂଳତତ୍ତ୍ୱ ଶାସ୍ତ୍ର ବୋଲିବାକୁ ହେବ । କୃଷ୍ଣ ନିଜ ବଂଶୀର ବର୍ଣ୍ଣନା କରି ଏ ମାୟାଲୀଳାର ତତ୍ତ୍ୱ ବୁଝାଇଛନ୍ତି ।

ଚନ୍ଦ୍ରାବଳୀଙ୍କୁ ଶ୍ରୀକୃଷ୍ଣ ଚନ୍ଦ୍ରାର୍ଣ୍ଣବ ଅବଗାଢ଼, ମୋର ହୃଦୟ ଗୁଣଗ୍ରାହୀ, ସ୍ୱକମଳୀ ସର୍ବେଶ୍ୱରୀ, ସର୍ବେନ୍ଦ୍ରିୟ ଅଧିକାରୀ, ଭକ୍ତିମାର୍ଗାଧିଷ୍ଠିତା, ବ୍ରହ୍ମଜନନୀ, ରସାଧିକା ପ୍ରଭୃତି ନାମରେ ସମ୍ବୋଧନ କରି ତାଙ୍କର ପରିଚୟ ଦେଇଛନ୍ତି । ରାଧା ଓ ଚନ୍ଦ୍ରାବଳୀ ଅଭିନ୍ନ, ଉଭୟେ ଶ୍ରୀକୃଷ୍ଣଙ୍କ ଅଙ୍ଗରୁ ଜାତ ।

ଶ୍ରୀକୃଷ୍ଣ କହୁଛନ୍ତି, ମୁଁ ଅକ୍ଷର ନାମର ଶବ୍ଦକାଣ୍ଡେ । ମୁଁ ସବୁ ଉପରେ ସତ୍ୟ, ସଚ୍ଚିଦାନନ୍ଦ ସ୍ୱରୂପ । କିନ୍ତୁ ମୁଁ ନିର୍ଲେପ । ମୁଁ ଅଲେଖର ବୋଲାଇଲେ ମଧ୍ୟ ଅକ୍ଷରରୂପେ ବିରାଜିତ । ପୁଣି ମନୁଷ୍ୟ ରୂପରେ ମୁଁ ସଚରାଚର ଜାତକରେ । ବୃନ୍ଦାବନ ମୋର ନିତ୍ୟଧାମ । ପୂର୍ବେ ମୁଁ ଏକ ହୋଇଥିଲି । ମହାଯୋଗପୀଠ ଉପରେ ଗୋପବେଶରେ ମୁଁ ବିଜେ କରିଥିଲି । ସ୍ୱ ଅପୂର୍ବ ଶୋଭାମୂର୍ତ୍ତି ଅବଲୋକନ କରି ମୁଁ ସ୍ୱରସରେ ଜର୍ଜ୍ଜର ହୋଇଗଲି । ମୋ ଦେହରେ ପ୍ରେମବାଣ ଜାତହୋଇ ଛୁଟିଲା ଶକ୍ତିତାରୁ ମୋର ଦେହ ବାମଭାଗରୁ ଭଜିପଡ଼ିଲା । ଏଥିରୁ ମୁଁ ତ୍ରିଭଙ୍ଗୀରୂପ ହେଲି ।

ମୋ ତନୁ ଉଠେ ପ୍ରେମବାଣ, ପୂର୍ଣ୍ଣ ହେବାରୁ ନସମ୍ଭାଳି ।
ଢଳିଲି ମୁଖ ବାମ ଦେଶ, କଟୀ ସମ୍ଭାଳି ଦକ୍ଷମାର୍ଗେ ।
ଦେହୁ ବଳେ ପାଦ କଟେମ, ବାମ ପଦ୍ମର ରଖି ସମେ ।
ଦକ୍ଷିଣାଙ୍କେ ନାମାଂଶେ ଭଙ୍ଗୀ, ସେ ଭଙ୍ଗୀ ଏବେ ପରଂପର ।

ତ୍ରିଭଙ୍ଗରୂପ ଧାରଣ କରିବା ପରେ ନିତ୍ୟକୃଷ୍ଣ ନିଜ ଛବି ଦେଖି ପ୍ରଶଂସା କଲେ ଏବଂ କହିଲେ—

ଧନ୍ୟ ଧନ୍ୟ ମୋ ଛବି, ଅଳ୍ପ ଜଣେ ଦେଖିବେ ନୋହିବ ।
ଆସ୍ୱାଦନା ନୋହିବ ତେବେ, ତାମଙ୍କେ ସୃଷ୍ଟିଲି ଏ ଲେବେ ।
ହେଲି ତ୍ରିଭଙ୍ଗୀ ରୂପ ମୋର, ବାମାଂଶୁ ବାମରୂପ ସାର ।

ସେ କାଳରେ ପୀତାମ୍ବର କୃଷ୍ଣ ପଥରେ ଯାଉଥିବାରୁ ସେ ବାମା ପୀତବର୍ଣ୍ଣ ରୂପ ଧାରଣ କଲା । ଏହି ବାମା ହିଁ ଶ୍ରୀ ସୌଭାଗ୍ୟମଞ୍ଜରୀ ।

ସୌଭାଗ୍ୟ ମଞ୍ଜରୀ ନନ୍ଦକୃଷ୍ଣଙ୍କ ଉଦ୍‌ଘୋଷଣା ଦେଖି ମୂର୍ଚ୍ଛିତହେଲା—

ଧାଇଁ କୁସୁମ ମାଳା କଲ, କଣ୍ଠୋଜ୍ୱ ମୋତେ ସେ ବଇଲ ।
କେଶ ବୋଲନ୍ତି ତାକୁ ରାଧା, ତା ମୋହ ପ୍ରାଣ ଅଧା ଅଧା ।
( ୧୮ଶ ଛନ୍ଦ )

ପୁଣି ଏ ବାମା ଅଷ୍ଟମୂର୍ତ୍ତି ହେଲେ । ତହିଁରୁ ବହୁ ଜାତହେଲେ । ଏ ସମସ୍ତେ ଚନ୍ଦ୍ରାଙ୍ଗରେ ଏକ । ଏମାନଙ୍କ ସମସ୍ତେ ଏକ ଉପାସକ ସମଦ୍ଭାବ କାନ୍ତ ହୋଇଥିବାରୁ ମୋର ହୃଦୟାକାନ୍ତ ହେଲା ନାହିଁ । ତେବେ—

ସହଜେ ସୁଖ ଯେ ମଧୁର, ବହୁ ଭକ୍ଷଣେ ଅନାଦର ।
ମଧୁର ଅମ୍ଳ ମିଶ୍ରିତ, ଭକ୍ଷଣେ ବେଳେ ସୁଖ ଜାତ ।
( ୧୮ଶ ଛନ୍ଦ )

ଏହି ସବୁ ଭାବରୁ ହେବାରୁ ନନ୍ଦକୃଷ୍ଣ ପୁଣି ବାମକୁ ଘୃଣ୍ଟିବାରୁ ଅନ୍ୟ ଏକ ବାମାର ସୃଷ୍ଟି ହେଲା । ଏହାର ନାମହିଁ ଚନ୍ଦ୍ରାବଳୀ ।

ଏଣୁ ରାଧା ଓ ଚନ୍ଦ୍ରାବଳୀ ଏକ ଦେହର ପ୍ରତିପାଦନ କରନ୍ତି ଏବଂ ଦୁହିଁଙ୍କ ସହିତ ପ୍ରେମଲୀଳା କରିବା ଅର୍ଥ ସ୍ୱ ଅର୍ଦ୍ଧାଙ୍ଗିନୀଙ୍କ ସହିତ କ୍ରୀଡ଼ା କରିବା ସଙ୍ଗେ ସମାନ । ଏହା ସ୍ୱକୀୟାତ୍ୱର ବିଷୟ ହେଲେ ମଧ୍ୟ ବ୍ରଜବାସୀ ବୈଷ୍ଣବମାନେ ତାତ୍ତ୍ୱିକ ବ୍ୟାଖ୍ୟା ଅନୁସାରରେ ପରଂବ୍ରହ୍ମ ଶ୍ରୀକୃଷ୍ଣ ପରକୀୟା ରତକୁ ହିଁ ଉତ୍କୃଷ୍ଟ ବିବେଚନା କରନ୍ତି । ତେଣୁ ମଧ୍ୟ ପରଂବ୍ରହ୍ମ ଅବତାର ଶ୍ରୀକୃଷ୍ଣଙ୍କର ପରକୀୟା ପ୍ରେମକାହାଣୀକୁ ସବୁ ମତେନକରି ତାହାର ଉପାସକ ହୋଇଛନ୍ତି ।

ରାଧା ଚନ୍ଦ୍ରାବଳୀ ଦୁଇ, ତାଙ୍କ ମୋହର ଭେଦ ନାହିଁ । (୧୮ଶ ଛନ୍ଦ)

ଗୋପୀମାନେ ମଧ୍ୟ ପରଂବ୍ରହ୍ମଙ୍କ ଅଂଶରୁ ଜାତ ଅବା କୃଷ୍ଣ କହୁଛନ୍ତି । ରାଧା, ଚନ୍ଦ୍ରାବଳୀ ଓ ଗୋପୀମାନେ ପ୍ରଭୁଙ୍କ ମାୟାବଳରୁ ଆପେ ଆପଣାକୁ ଚିହ୍ନି ନପାରି ବଦ୍ଧ ହେଉଛନ୍ତି । ଏହି ମାୟା ଲଙ୍ଘନାର ଆଭରଣସ୍ତୂପ

ଶ୍ରୀକୃଷ୍ଣ କହୁଛନ୍ତି ଯେ, ଲୋକରେ ତାଙ୍କର ଲୀଳା ଗୁପ୍ତ ହୋଇଯିବାରୁ ସନାତନ ଏହାକୁ ଖ୍ୟାତ କରିବା ପାଇଁ ପୌର୍ଣ୍ଣମାସୀଙ୍କୁ ଲୀଳାକଥା ରଚନା କରିବା ପାଇଁ ବ୍ରଜକୁ ପଠାଇଲେ । ପୌର୍ଣ୍ଣମାସୀ କଥାଭାଷୁଣୀ, ପୌର୍ଣ୍ଣମାସୀ ତତ୍ତ୍ୱକର ରହସ୍ୟ କହୁଛନ୍ତି ।

ସ୍ୱପ୍ନ ଶୁଣି ଦୁହେଁ ଆଖିକୁ ଆଗେ ନାଇ ଯୋଗମାୟା ପ୍ରଭୃତିକୁ ଦେଖି ନିଜକୁ ଚିହ୍ନି ପାରିଲେ ନାହିଁ, ମାଧୁର୍ଯ୍ୟ ଆସ୍ୱାଦନ ଆଶାରେ ନବ ସମ୍ଭବରେ ପ୍ରେମଲୀଳାରେ ମଜ୍ଜି ରହିଲେ ।

ସ୍ୱୟଂ ଶ୍ରୀକୃଷ୍ଣଙ୍କ ମୁଖରେ ଏ ତତ୍ତ୍ୱ ବ୍ୟାଖ୍ୟାନର ନିଜର ଉତ୍କୃଷ୍ଟ ବିଷୟ ପ୍ରକାଶ କରିଥିବାରୁ ତାତ୍ତ୍ୱିକ ଭକ୍ତିର ବୃଦ୍ଧି କରିବା ପାଇଁ କବି ଏ କୌଶଳ ଅବଲମ୍ବନ କରିଛନ୍ତି । ଏହି ପ୍ରସଙ୍ଗ ସର୍ବଶାସ୍ତ୍ରସମ୍ମତ ଥିବା କବି ପ୍ରକାଶ କରିଛନ୍ତି ।

ଅନେକ ଟୀକାକାରେ ଶୁଣ, ଏ ସବୁ ଶାସ୍ତ୍ର ପ୍ରମାଣ ।

(୧୪ ଶ ଛାନ୍ଦ)

ପ୍ରକଟଅପ୍ରକଟ ଲକ୍ଷଣରେ ସଦାନନ୍ଦ ବୈଷ୍ଣବ ଭେଦାଭେଦ ସତ୍ତାକୁ ଅଳ୍ପଯୋଗ ପଦରେ ଏକାଦଶ ଛାନ୍ଦରେ ବୁଝାଇଛନ୍ତି । ପ୍ରାମାଣିକ ଗ୍ରନ୍ଥମାନଙ୍କରୁ ସମର୍ଥକ ଶ୍ଳୋକ ଉଦ୍ଧାର କରିନଥିଲେ ମଧ୍ୟ ଉପଯୁକ୍ତିକୁ ବୁଝାଇବାରେ ଅସୁବିଧା ଭୋଗକରି ନାହାନ୍ତି । ପ୍ରଳୟ, ସୃଷ୍ଟି, ବ୍ରହ୍ମା, ଶିବାଦିଙ୍କ ଉତ୍ପତ୍ତି, ନାନା ଅବତାର ପରଂବ୍ରହ୍ମ କୃଷ୍ଣଙ୍କଠାରୁ ଜାତହେବା, ଚିନ୍ତାମଣି, ଅଗ୍ନିକାର ତତ୍ତ୍ୱ, ସ୍ୱକୀୟାପରକୀୟା ପ୍ରେମ, ମୁକ୍ତିଲାଭ, ଚିଦାନନ୍ଦରୂପ ପ୍ରଭୃତି ପ୍ରସଙ୍ଗ ଠିକଠିକରେ ବର୍ଣ୍ଣିତ ହୋଇଛି ।

ତତ୍ତ୍ୱବୋଧକ ଶବ୍ଦାବଳୀର ସମ୍ମତ ପ୍ରୟୋଗକର ପଦାବଳୀର କବିତ୍ୱକୁ ରକ୍ଷା କରିବା ପାଇଁ କବି ଚେଷ୍ଟାକରି ସଫଳକାମ ହୋଇଛନ୍ତି ।

ବର୍ଣ୍ଣନୀୟ ଛାନ୍ଦଟି 'ନ' ଅନୁପ୍ରାସରେ ରଚିତ ହୋଇଛି ।

କୃଷ୍ଣଲୀଳାରେ ରମଣୀୟ ଶବ୍ଦଯୋଜନା ଓ ଅନୁପ୍ରାସର ବ୍ୟବହାର ତଥା ଭାବ ଓ ସରଳ ଭାଷାର ସୁନ୍ଦର ସମ୍ମିଶ୍ରଣ ପଦଗୁଡ଼ିକୁ କବିତ୍ୱମୟ କରିଛି ।

କନ୍ଦର୍ପ ଦର୍ପ ଖଣ୍ଡନ ସନାତନ ରଞ୍ଜନ ଚନ୍ଦ୍ରଧର ଭାଳିଆ,
କୁରୁଙ୍ଗଲିଆ ବାଳ ଫଣିମେଳିଆ କୁଞ୍ଚକଟାକ୍ଷ କଦମ୍ବ ମୂଳିଆ
ଝୁଲାଉଛ ପାଉଁଜିଆ, ହେ ସୁନ୍ଦର ।
କୋମଳ ପଦାବଳୀ ସିଥିଳିଆ କୁଞ୍ଜକୁଞ୍ଜକା କଦମ୍ବ ମୂଳିଆ
କଲାପି କଳାପଚୁଳିଆ କାମିନୀ କଦମ୍ବ ଯୌବନଟାଳିଆ, ହେ ସୁନ୍ଦର ।୨ ।
(୧୧ଶ ଛାନ୍ଦ)

କବି ଚନ୍ଦ୍ରବର୍ତ୍ତୀମା ସଖୀଙ୍କୁ କଷ୍ଟକ କରେଣି ଅନ୍ୟପଦରେ ସମାପ୍ତ କରିଥିବା କାରଣ ସ୍ୱରୂପ ଶ୍ରୀଚନ୍ଦ୍ରଶେଖ ସ୍ୱରୂପକୁ ଛାଡ଼ିବା କରିଥିବାରୁ ମନେହୁଏ ।
ଭାବାସ୍ୱରୂପମାନଙ୍କେ କୁଞ୍ଜେବାଟୁଁ ଏ ନାମମାନଙ୍କୁ ଥାଇରେ
କି କି ଦୁଃଖ ଅର୍ଥ ହେବ କାହାର
କୁଳବଧୂମାନେ ଅନୁଧାନେ ଖୋଜନ୍ତି ଯୁବତୀମାନଙ୍କର ଗୀତ, ହେ ସୁନ୍ଦର ।
କଟୀଳାକ୍ଷ କାଣ୍ଡେ କାଣ୍ଡେ ଭ୍ରମର, ତୁମ୍ଭଙ୍କ ମନକୁ ନେଇ ମୋର
ଦର୍ପଣେ ବାନ୍ଧିଲା ମୁଁ ନ ଯିବି ବାହାରିବାକୁ ଦୂରର, ହେ ସୁନ୍ଦର ।୧୩।

୧୩ଶ ଛାନ୍ଦରେ ଚନ୍ଦ୍ରାବଳୀଙ୍କୁ ବସ୍ତ୍ରହରି ଚନ୍ଦ୍ରାବଳୀ-ଶ୍ରୀକୃଷ୍ଣ ପ୍ରେମଲୀଳାକୁ ପରମ୍ପରାରେ ପ୍ରଚଳିତ ପଦ୍ଧତିର କବି ସମର୍ଥନ କରିଛନ୍ତି ।

ଶ୍ରୀକୃଷ୍ଣ-ଚନ୍ଦ୍ରାବଳୀ: ଶ୍ରୀକୃଷ୍ଣ-ରାଧା ଲୀଳା—ମୂଳକ ରସାମୃତ ନିମନ୍ତେ କବି ଶ୍ରୀକୃଷ୍ଣଙ୍କୁ ଦକ୍ଷିଣ ନାୟକ କରିଛନ୍ତି । ମୁଖ୍ୟନାୟିକା ଚନ୍ଦ୍ରାବଳୀ ଓ ରାଧା, ଶ୍ରୀକୃଷ୍ଣଙ୍କ ଜନ୍ମ, ସିଂହାସନ ପ୍ରଭୃତିର ବର୍ଣ୍ଣନା କରି କରିନାହାନ୍ତି; କୈଶୋର ଅବସ୍ଥା ଓ ଲୀଳାର ସୂଚନା ଦେଇ ବଂଶୀବଟରୁ ଆରମ୍ଭ କରିଛନ୍ତି ।

ଚନ୍ଦ୍ରାବଳୀ-କୃଷ୍ଣ ଲୀଳା ରାଧାକୃଷ୍ଣ ଲୀଳା ଅପେକ୍ଷା ଅଳ୍ପ ସ୍ଥାନ ଅଧିକାର କରିଛି । ରାସ ଲୀଳା ବର୍ଣ୍ଣନାରେ କବି ପ୍ରଭାବ ସାମ୍ୟ ରଖିଛନ୍ତି । ଭାଗବତ ପାଠୀ, ଜୟଦେବଙ୍କ ଗୀତଗୋବିନ୍ଦ ଓ ପଞ୍ଚସଖା ପ୍ରଭାବ ପ୍ରକୃତ ପ୍ରାପ୍ତ ଏକପ୍ରକାର ।

ପୂର୍ବରାଗ, କଳହ ଓ ମିଳନ ପ୍ରଭୃତି ଘଟଣା ଅପେକ୍ଷାକୃତ ଅଛନ୍ତି । ଚନ୍ଦ୍ରାବଳୀ ଲୀଳା ରାଧାଲୀଳାର ଏକ ସଂକ୍ଷିପ୍ତ ସଂସ୍କରଣ । ରାସ ଲୀଳା ଏବଂ

ନାଥ ଏକ କାବ୍ୟରେ ସ୍ଥାନ ଦେଇଥିବାରୁ କବି କୃଷ୍ଣଙ୍କ ଲୀଳାଦ୍ୱୟକୁ ମୁଖ୍ୟତଃ ରୂପେ ଧରି ନେଇଛନ୍ତି ବୋଲି ବୁଝାଯିବ । ଏହା କହୋଇ ଏ ଦୁଇଟି ବିଷୟକୁ ଭିନ୍ନ କରିଦେଇ ଦୁଇଟି ସ୍ୱତନ୍ତ୍ର କାବ୍ୟ ରଚି ଦେଇଥିଲେ, ବିଷୟସ୍ୱତନ୍ତ୍ର ଓ ରଚନାଶୈଳୀରେ ପୁନରାବୃତ୍ତି ଦୋଷର ପ୍ରାବଲ୍ୟ ଦେଖାଯାଇ ପାରନ୍ତା ସିନା, ବିଷୟ-ସ୍ୱତନ୍ତ୍ରତାରେ ଅସ୍ପଷ୍ଟ ହୁଅନ୍ତା ନାହିଁ । ଶବ୍ଦଗତର ପୁନରାବୃତ୍ତି ପ୍ରାଚୀନ କବିମାନଙ୍କ କାବ୍ୟମାନଙ୍କରେ ଦେଖା-ଯାଉଥିଲେ ମଧ୍ୟ କାବ୍ୟଉତ୍କର୍ଷରେ ବ୍ୟାଘାତ ଘଟୁନାହିଁ; କେବଳ ଗ୍ରନ୍ଥକାରଙ୍କ ମୂଲ୍ୟନିରୂପଣ କରିବାରେ ଏହା ସାହାଯ୍ୟ କରୁଛି ।

ଯୁଗଳରସାମୃତ ଲିଖିବାରେ ଚନ୍ଦ୍ରାବଳୀ ଚରିତ୍ର ନ ଦେଇ ରାଧାଙ୍କ ଚରିତ ଦେଇଥିଲେ କବିଙ୍କ କାବ୍ୟରଚନା ଗୌରବରେ କୌଣସି ଅଙ୍ଗ ଲାଗନ୍ତା ନାହିଁ । କେବଳ କୃଷ୍ଣଙ୍କ ମାଧୁର୍ଯ୍ୟଲୀଳା ବର୍ଣ୍ଣନା ଅଭିପ୍ରାୟରୁ କବି ଦୁଇଟି ଲୀଳାକୁ ଏକତ୍ର କରିଥିବା ଅନୁମାନ ହୁଏ । ଚନ୍ଦ୍ରାବଳୀ ଓ ରାଧା ଏକ, ଅଭିମନ୍ୟୁ ଓ କୃଷ୍ଣ ଏକ, ସ୍ୱକୀୟ ନାୟିକା ପରଂବ୍ରହ୍ମ ଶ୍ରୀକୃଷ୍ଣଙ୍କ ଅଙ୍ଗରୁ ଜାତ — ଏହା କବି ପ୍ରତିପାଦନ କରିବା ଉଦ୍ଦେଶ୍ୟରେ ସାମଞ୍ଜସ୍ୟପୂର୍ଣ୍ଣ ଏହି ଉଭୟ ଲୀଳାକୁ ଏକତ୍ର କରିଛନ୍ତି ।

## ଯୁଗଳରସାମୃତ ମଞ୍ଜରୀ

ଅଠସ୍ତବକଟି ଗ୍ରନ୍ଥରେ ଶ୍ରୀକୃଷ୍ଣଲୀଳା ବର୍ଣ୍ଣିତ ହୋଇଛି। ଛନ୍ଦଟି ଶବ୍ଦାଳଙ୍କାର-ବହୁଳ ହୋଇଅଛି । ଯୁଗଳରସାମୃତଲହରୀ ପଢ଼ିବା ପରେ ଏହି ଗ୍ରନ୍ଥଟିକୁ ପଢ଼ିଲେ ଏହାର ଉପାଦେୟତା ପାଠକେ ବୁଝିପାରିବେ ବୋଲି କବି ଲେଖି ଅଛନ୍ତି । ସଦାନନ୍ଦଙ୍କ ମତରେ ଯେଉଁମାନେ ରାଧାକୃଷ୍ଣ-ଯୁଗଳ ଉପାସକ ନୁହନ୍ତି ଏବଂ ଯୁଗଳ ଲୀଳା ସମ୍ବନ୍ଧରେ ଗୂଢ଼ ଘଟଣା କରି ଜାଣନ୍ତି, ସେମାନେ ମୁକ୍ତିରେ ଭଜି ନୁହନ୍ତି, ସେମାନଙ୍କର ଜନ୍ମ ପରିଶ୍ରମ ପଣ୍ଡ । ଉପେନ୍ଦ୍ର ଭଞ୍ଜ, ଦୀନକୃଷ୍ଣ, ଲୋକନାଥ ବିଦ୍ୟାଧର ଓ ଭୂପତି ପଣ୍ଡିତ ପ୍ରଭୃତିଙ୍କ ଗ୍ରନ୍ଥରେ ସେହି ମତର ମତ ପ୍ରକାଶ କରିଛନ୍ତି ।

କବି ମଧୁପୁରରେ ଥିବା ସମୟରେ ଏହି ଗ୍ରନ୍ଥଟି ଲେଖିଅଛନ୍ତି । ପ୍ରେମକଳ୍ପଲତାରେ କବି କହି ଅଛନ୍ତି—

ଯୁଗଳ ରସାମୃତ ଲହରୀ,
ପରେ ଯୁଗଳ ରସାମୃତ ଭକ୍ତି ।
ତା ପଶ୍ଚାତେ ଯୁଗଳ ଲୀଳାମୃତ ସାଗର,
ଲହରୀ ଭକ୍ତି ବିନ୍ଦୁ ନଦୀ ସେ ସକଳ ।
ପ୍ରେମ କଳ୍ପଲତା କଲୁ ଏବେ ଜନମରେ,
ଭବ ଶ୍ରୀଦୃଢ଼ତାପ ନାଶୁ ଛାୟା ବିଶ୍ରାମରେ ।

ଏଥିରୁ ଜଣା ପଡ଼ୁଛି, କବି ପ୍ରଥମେ ଯୁଗଳ ରସାମୃତ ଲହରୀ ଓ ପରେ ଯୁଗଳ ରସାମୃତ ଭକ୍ତି ରଚନା କରିଥିଲେ । ପରେ ଯୁଗଳ ଲୀଳାମୃତ ସାଗର, ଯୁଗଳ ରସାମୃତ ବିନ୍ଦୁ, ଯୁଗଳ ରସାମୃତ ନଦୀ ଓ ପ୍ରେମକଳ୍ପଲତା ରଚିତ ହୋଇଥିଲା ।

## ପ୍ରେମ ତରଙ୍ଗିଣୀ

'ପ୍ରେମତରଙ୍ଗିଣୀ' କାବ୍ୟଟି ଛତିଶଟି ଚାଉପଦୀ ଛାନ୍ଦରେ ରଚିତ । ପ୍ରଥମ ଛାନ୍ଦରେ କବି ମଙ୍ଗଳାଚରଣ କରି କୃଷ୍ଣ ଓ ରାଧାଙ୍କୁ 'ରସେଶ୍ୱର ଓ ରସେଶ୍ୱରୀ' ବୋଲି ଅଭିହିତ କରି 'ରସିକ ରସିକା ଶିରୋମଣି' ଆଖ୍ୟା ଦେଇଛନ୍ତି । ସ୍ୱର୍ଣ୍ଣବର୍ଣ୍ଣା କିଶୋରୀ ରାଧା ଓ ନୀଳମଣି କିଶୋର କୃଷ୍ଣ ଉଭୟେ ଅନୁରାଗ ମହାପ୍ରେମ ମଦରେ ପ୍ରମତ୍ତ । ଉଭୟେ ପୂର୍ଣ୍ଣ ପ୍ରୀତିରସ ସଂଶୟେ ବନ୍ଧୁଳ ଛଟପଟେଣି । 'କେଶାକର୍ଷରେ' ଦୁହିଁଙ୍କ ନୟନ ପୂର୍ଣ୍ଣୀଭୂତମାନ ଏବଂ ପରସ୍ପର ଉଭୟ ଅନ୍ୟୋନ୍ୟରେ ପ୍ରାପ୍ତି ହେତୁରେ ଆସକ୍ତ, "ଅପ୍ରାକୃତ ଅନଙ୍ଗରେ ପୀଡ଼ିତ ଦୁହେଁ ।" ରାଧା 'ମହାଭାବରୂପା' ଓ ଶ୍ରୀକୃଷ୍ଣ 'ରସରାଜ' ।

ରାଧାକୃଷ୍ଣଙ୍କ ପ୍ରେମ ରସ-ଲୀଳାର ସ୍ୱାଦ ଗ୍ରହଣ ନିମନ୍ତେ ଶ୍ରୀକୃଷ୍ଣ ଗୌରାଙ୍ଗରୂପରେ ନବଦ୍ୱୀପରେ ଜନ୍ମଗ୍ରହଣ କଲେ । ପ୍ରେମରସ ଆସ୍ୱାଦନରେ ସେ ମଜ୍ଜିଥିଲେ । ଭକ୍ତିରସର ଅଭିଳାଷୀ ଥିଲେ । ତାଙ୍କ ଅବଦାନ ଫଳରୁ କ୍ରମେ କ୍ରମେ ଭକ୍ତିରସ ସବୁ ହୃଦୟରେ ବ୍ୟାପିଲା ।

ସେ ପୁଣି—

ରାଧାକୃଷ୍ଣ ରସ ଆସ୍ୱାଦନ ହେବା ଲାଗି,
କେତେବେଳେ ସେ ଲୀଳାକୁ ଗୁପ୍ତକରି ହୁଅ ହେ ।

ଗୌରାଙ୍ଗଙ୍କ ତିରୋଧାନ ପରେ—

ଏବେ ଶୁଣ କର୍ମରେ ଭୁବନ ଭରିଲା,
ଗୌରାଙ୍ଗ ତ ତତ୍ତ୍ୱ ତାହା କେହୁ ନ ପରଶିଲା ।

ଗୌରଚନ୍ଦ୍ରଙ୍କୁ ସମ୍ପୂର୍ଣ୍ଣ ପରମେଶ୍ୱର ଗୌରକୃଷ୍ଣ ବୋଲି କେହୁ କେହୁ ଜାଣନ୍ତି । ଏହାଙ୍କ କେତେ ପ୍ରକାର ଲଘୁ ମଧ୍ୟ ତାଙ୍କର ଲୀଳାର ତତ୍ତ୍ୱ କେହୁ ହୃଦୟଙ୍ଗମ କରି ପାରନ୍ତି ନାହିଁ । କବି ଏହି ବିଷୟକୁ ଏପରି ସରଳ ଭାବରେ ବର୍ଣ୍ଣନା କରିଛନ୍ତି—

ଏବେ ଶୁଣ ଏ ଭୁବନ ଭରିଲା,
ଗୌରାଙ୍ଗ କ ତତ୍ତ୍ୱ ତା କେହୁ ନ ଜାଣିଲୁ ହେ ।
କେ ବୋଲି ମାନନ୍ତି ତାଙ୍କୁ ଆଚାର୍ଯ୍ୟଙ୍କ ପ୍ରାୟେ,
କେ କହନ୍ତି ଭକ୍ତି ଦେବାକୁ ଅବତାର ହୋଇ ହେ ।
କେ କେତେ ଜାଣନ୍ତି ଗୌରକୃଷ୍ଣ ପରମେଶ୍ୱର,
ସେ ଚେଷ୍ଟା ନ ବୁଝେ ମନ ଭ୍ରମ କରନ୍ତିଥ ହେ ।
କେ କହୁଛି ଏକ ଅଙ୍ଗ ଧରି ରାଧାଙ୍କୁ,
କୃଷ୍ଣ ଚୈତନ୍ୟ ରୂପେ ହୋଇ ଅବତରି ହେ ।
ସେତେ ରାଧାକୃଷ୍ଣ ଏକ ଦେହରେ ଅଛନ୍ତି,
ଅନେକ ଐଶ୍ୱର୍ଯ୍ୟ ନ ମାନୁ ମାଧୁର୍ଯ୍ୟ ସେ ବୋଲେ ହେ ।
ଏହା ଶୁଣି ମନ ନ ମାନୁଛି ତାହାକୁ,
ଦ୍ରୁତ ପରକାଶ୍ୟ ରସ ଛାଡ଼ି ନାହିଁ ହୃଦୁ ଶେ ।

‘ଅନ୍ତରେ ସତ୍ତ୍ୱ ଚେଷ୍ଟା ଅଙ୍ଗୀକାର’ କରୁଥିବାରୁ ‘ରାଧାକୃଷ୍ଣ ଅଭିମାନ ମାଧୁର୍ଯ୍ୟାସ୍ୱାଦନ ।’ ଏହି କାରଣରୁ ‘ରାଧିକା ସଙ୍ଗରେ ରସି କୃଷ୍ଣ ହୁଏ ତୃପ୍ତି ।’ ଗୌରଚନ୍ଦ୍ର ଏହି ରସର ମୂର୍ତ୍ତି । ରାଧାକୃଷ୍ଣ ଯୁଗଳସ୍ୱା ପ୍ରୀତ ରସ ଭକ୍ତମାନଙ୍କର ପରମ ଆଦରର ବସ୍ତୁ ।

ରାଧାକୃଷ୍ଣ ପରକୀୟା ପ୍ରୀତି 'ରସ ଅନୁଭବୀ'ମାନଙ୍କୁ ଆସ୍ୱାଦନ କରାଇବା ଲକ୍ଷ୍ୟରେ କବି ଏହି ଗ୍ରନ୍ଥରେ ଏ ରସର ଏକ ଏକ ଧାରାର ସଂଜ୍ଞାକୁ ବିଶ୍ଳେଷଣ ରୂପେ ଗ୍ରହଣ କରନ୍ତି । ରାଧାକୃଷ୍ଣ ପରସ୍ପର ଓ ପରସ୍ପର । ଏମାନେ ପରସ୍ପର ପ୍ରାପ୍ତି ଲୋଭରେ 'ବନ ଦ୍ରୁମ ଦ୍ରୁମ' ଭ୍ରମନ୍ତି ଏବଂ ବଧୂବେଶରେ ଯେବେ ଯେବେ କୌଣସି ସ୍ଥଳରେ ମିଳନ ହେଲେ ଆନନ୍ଦବର୍ଦ୍ଧନ ହୁଏ ।

ଏଣୁ ମୁଁ ଏଇ ରଜନୀ ମିଳନ କହିବି,
ଆସ୍ୱାଦନ କରନ୍ତୁ ସେ ରସ ଅନୁଭବୀ ଯେ ।

'ପ୍ରେମ ତରଙ୍ଗିଣୀ' ନାମକ ଏ 'ଗ୍ରନ୍ଥ'ଟିରେ 'ମାନସ ହଂସ' ବିହାର କରୁ, ଏହାହିଁ କବିଙ୍କ ଉଦ୍ଦେଶ୍ୟ । ଭକ୍ତ ଓ ପଣ୍ଡିତମାନେ ସଙ୍ଗୀତ, ସାହିତ୍ୟ ଓ କାବ୍ୟଗତ ପ୍ରଭୃତି ଶାସ୍ତ୍ରର ସେବକରୁ ଏବଂ ରସିକ ଭକ୍ତମାନେ ଏ ଗ୍ରନ୍ଥରେ ଅବଗାହ କରି 'ଦର୍ପଣରେ ରାଧାକୃଷ୍ଣ ମୁଖଚନ୍ଦ୍ର' ଦେଖନ୍ତୁ । ''କୃତକୃତାର୍ଥ ଏହି ପଦ ବୁଝିବାର ।'' କୃଷ୍ଣଚରଣ ସୁଜନଙ୍କୁ ଏ ରସ ସୁଧା ପାନକରି ସନ୍ତୋଷ ଲଭନ୍ତୁ ।

ଷଷ୍ଠ ଛାନ୍ଦରେ କବି କୃଷ୍ଣଙ୍କର ପରକୀୟା ପ୍ରୀତିର ଏକ ଦିନର ମଧୁର ମିଳନ ଘଟଣା 'ପ୍ରେମ ତରଙ୍ଗିଣୀ'ରେ ବର୍ଣ୍ଣନା କରିଛନ୍ତି । 'ଦଳପ ଭୂତର ଭକ୍ତ' ବୋଲି ଗ୍ରନ୍ଥଗୁଡ଼ିକୁ ନାମକରଣ କରିବା ପାଇଁ ପ୍ରଥମ ଛାନ୍ଦଠାରୁ ଶତ ଅନୁବାଦ୍ ହୋଇଛନ୍ତି । କବି ଷଷ୍ଠ ଛାନ୍ଦର ବିଷୟକୁ ଦଣ୍ଡେଇଟି 'ପ୍ରବାହ'ରେ ବିଭକ୍ତ କରିଛନ୍ତି ।

ପଞ୍ଚବିଂଶ ଛାନ୍ଦରେ 'ଶୈଶିରବିହାର'ର ବର୍ଣ୍ଣନା ହୋଇଛି । କବି ଏହି ପ୍ରସଙ୍ଗରେ ଚୈତନ୍ୟ ଦେବଙ୍କଠାରୁ ଆରମ୍ଭକରି ଗୁରୁପରଂପରା ମଧ୍ୟ ବର୍ଣ୍ଣନା କରିଛନ୍ତି ।

ଏହି ଗ୍ରନ୍ଥ ଚନ୍ଦ୍ରାବଳୀ-କୃଷ୍ଣ ଓ ରାଧାକୃଷ୍ଣ ମିଳନ ଲୀଳାରେ ଏକାଧିକ ରଜନୀର ଘଟଣା ବର୍ଣ୍ଣିତ ଥିବାରୁ ଯୁଗଳରସାମୃତ ଲହରୀ ଅପେକ୍ଷା ଉପାଖ୍ୟାନର ଘଟଣା ଏଥିରେ ବେଶି ଅଛି ।

ଯୁଗଳରସାମୃତ ଲହରୀ ଓ ପ୍ରେମତରଙ୍ଗିଣୀର ଭାଷା ଓ ଭାବରେ ବହୁ ସ୍ଥଳରେ ସାମ୍ୟ ରହିଛି । ବେଶବର୍ଣ୍ଣନା, ରୂପବର୍ଣ୍ଣନାରେ ଯୁଗଳରସାମୃତ ଲହରୀ ଅପେକ୍ଷା ଏଠାରେ କବି ବିସ୍ତୃତ ମନୋରମ ଛବି ଅଙ୍କନ କରି ପାରିଛନ୍ତି ।

ତନେ ଚନ୍ଦ୍ରବଦନା ଦୂତୀକୁ କୃଷ୍ଣଙ୍କ ଶୋଭା ଦେଖିଥିବା ବର୍ଣ୍ଣନା କରୁଛି । କବି ଏ ସୁଯୋଗରେ ବିପରୀତ ଅବତାରଣା କରି କୃଷ୍ଣଙ୍କ ଅପୂର୍ବ ଶୋଭା ନାୟିକା ଚନ୍ଦ୍ରାନନାର ମୁଖରେ ବର୍ଣ୍ଣିତ କରି ସେ ଶୋଭାରେ ମୁଗ୍ଧ ହେବା ବୁଝାଇଛନ୍ତି ।

କୃଷ୍ଣ ପ୍ରତ୍ୟଙ୍ଗ ଭାଣ୍ଡି ଅ. ହେଲେ କି ସଖୀ,
ଏଣୁ ଅକ୍ଷିପକ୍ଷୀ ତହିଁ ରହିଲ ନାଶି । (୨ୟ ଛାନ୍ଦ)

ନାୟକ ନାୟିକା ଲକ୍ଷଣେ—

ସମାନ ବୟଃ ସମାନ ସୁନ୍ଦର, ସମାନ ଗୁଣ ସମାନ ବେଭାର ।
ସମାନ ସ୍ନେହ ଅଧୀନତା ମନ, ଏ ଦୁହିଙ୍କ ମଧ୍ୟେ ପ୍ରୀତି ଘଟନ ।
ସେ ଯାହା କରୁ ଏ, କାଠ କଣ୍ଢେଇ ନାଚୁଆ ପରି ଏ । (୫ମ ଛାନ୍ଦ, ପ୍ରେ: ତ:)

ଦୂତୀ 'ବହୁ ସବ ବାଟରୁ ବହୁଛି' ଏଥିରେ ଦୁଃଖର କାରଣ ରହିବାର ନ ଥିଲେ ମଧ୍ୟ ନାୟିକା ପରପୁରୁଷ ପ୍ରୀତିକୁ ତ୍ୟାଗକରି ପାରୁ-ନାହିଁ ।

ସବ ବାଟରୁ ବହୁଅଛି ବଧୂ, ପ୍ରୀତି ଛାଡ଼ିବାକୁ ଉପାୟ ନାହିଁ
ଲଭ ଏହି କାଣ୍ଡ, ପରପୁରୁଷ ଲାଗି ଦିବ ପ୍ରାଣ । (୫ମ ଛାନ୍ଦ, ପ୍ରେ:ତ:)

କବି ଅନୁକୂଳ ନାୟକ କୃଷ୍ଣଙ୍କର ନାୟିକା ସହିତ ପ୍ରୀତିର ପୂର୍ବାନୁରାଗ, ବିରହ ଓ ମିଳନ ଦେଖାଇଛନ୍ତି । ଏଥିରେ ସମ୍ପୂର୍ଣ୍ଣ ସମ୍ଭୋଗାଦି ମଧ୍ୟ ବର୍ଣ୍ଣିତ ହୋଇଛି । ଏହି ସବୁ ପ୍ରସଙ୍ଗରେ କବି ତାଙ୍କ ପୂର୍ବାଚାର୍ଯ୍ୟମାନଙ୍କରେ ପ୍ରାୟ ଏକ ପ୍ରକାର ପଥ ବ୍ୟବହାର କରିଥିବାରୁ ଭାବରେ ମଧ୍ୟ ସାମ୍ୟ ଲକ୍ଷିତ ହେଉଛି ।

ପ୍ରାକୃତିକ ବର୍ଣ୍ଣନାରେ ସ୍ୱଶୈଳୀ କବି ବ୍ୟବହାର କରିଥିଲେ ମଧ୍ୟ ପଦବହୁଳତା ସାହାଯ୍ୟରେ କଳ୍ପନାର ବିକାଶ ପ୍ରକାଶ ପାଇଁ ଅଧିକ ସୁବିଧା

ସୃଷ୍ଟି କରିପାରିଛନ୍ତି । ଷୋଡ଼ଶ ଛାନ୍ଦର ସନ୍ଧ୍ୟା ବର୍ଣ୍ଣନାରେ କବିଙ୍କ ସାମର୍ଥ୍ୟ ପ୍ରକାଶ ପାଇଛି ।

ଏଥିଅନ୍ତେ ଶୁଣ ସଖି ପ୍ରକାଶ ଅସ୍ତାଚଳେ ଗଲେ ଭାନୁ
ଅରକ୍ତ ଅଚଳ ହୁଏ ଅନୁମାନ ଦେଖିବ ବାରୁଣୀ ପାନ୍ଥ ହେ । ୧ ।
ବରୁଣ ଗୃହିଣୀ କି ରଙ୍ଗ ଶାଢ଼ୀ ଦେଲେ ଦେଖିବାକୁ ଅଟେ
ନବା ଶ୍ୟାମା ସଜୀ ହୋଇ ମାନମତୀ ଏଣୁ ଏ ଅରକ୍ତ ବେଶ ହେ । ୨ ।

ଏହି ପ୍ରାକୃତିକ ଅନ୍ଧକାର ପ୍ରସ୍ଥିତ ଧାରଣୀ ଓ ମାନବଜୀବନ ଉପରେ ପଡୁଥିବା ଭାବ ଦର୍ଶାଇଛନ୍ତି । ପଶୁପକ୍ଷୀଙ୍କ ବ୍ୟବହାର, କପୋତୀ, ଚକ୍ରବାକ ପ୍ରଭୃତିଙ୍କର ଅନ୍ଧକାର ରଜନୀରେ ଅନୁକୂଳ ଚେଷ୍ଟା ଭାବ ପ୍ରକାଶ କରିଛନ୍ତି । କପୋତୀ ନାୟକଙ୍କ ଅନୁକୂଳ ଭାବଭାବରେ ସୃଷ୍ଟି କରି ଭାବ 'କପୋତୀ' ଗୀତ ସ୍ୱାମୀ ମନରେ ସୃଷ୍ଟି କରି ଅନୁଭବରେ ସନ୍ଦେହ ଜାଗ୍ରତ କରାଇ ତାର ପରୀକ୍ଷା ପାଇଁ ସ୍ୱାମୀଙ୍କୁ ଉଦ୍‌ଯୋଗୀ କରାଇଛନ୍ତି । ସେହିପରି ରାଧାଙ୍କ ସମ୍ମୁଖରେ ଏହି ବିଷୟ କହନ୍ତି—

ଏବାରେ ଏମନ୍ତ ହେଉ ତାଙ୍କ ଦେହ ବସ୍ତ୍ର କଲା ମନରେ,
ରାଧା ପଙ୍କଜ ଦେଖିଲେ ଶ୍ୟାମ ଗୋଲ ଲେଖା ଦେଖି ଏ ଛଳରେ ।
ଆଜ ତା ଲୁଚିବା କୃଷ୍ଣ ବେଶେ ଥିବା ବୃନ୍ଦେ ଦେଖେ ଯେ ମୁକୁଳ,
ଏ ବଚନ ଶିବ ସତ୍ୟ ଜଣାଇବ ଏହା ତାହା କଥିବୁ ।
(୧୬ଶ ଛାନ୍ଦ, ପ୍ରେ: ତ: )

ଏପରି ବୃତ୍ତାନ୍ତ କବିଙ୍କ ସଫଳ ଭାବରେ ଅଛି । ପ୍ରକୃତିର ଘଟଣା, ପ୍ରକୃତିର ସୌନ୍ଦର୍ଯ୍ୟ ପ୍ରକୃତ ବର୍ଣ୍ଣନା ଓ ମିଳନରେ ବ୍ୟବହୃତ ମନୋଭାବ ସୃଷ୍ଟି କରୁଥିବା ଭାବ ଦର୍ଶାଇଛନ୍ତି ଏବଂ ଏହା ଅତିଶୟ ପରିଚିତ ହୋଇଛି ।

କବି ସ୍ଥାନେସ୍ଥାନେ ଯମକ ପଦାବଳୀ ବ୍ୟବହାର କରିଛନ୍ତି; ଏହା ଶବ୍ଦ-ଅର୍ଥ-ଅଳଙ୍କାରମାନଙ୍କ ଉତ୍ତମ ସଜ୍ଜନ ଓ ସାଧାରଣ ସ୍ୱରୂପ ଓ [illegible]ମାନଙ୍କ ଉପରେ [illegible] ହୋଇଛି ଏବଂ 'ସରସ କୋମଳ ପଦାବଳୀ'ର ପରିଚୟ ଦେଇଛି । ଏଥିରେ କେବଳ କବିଙ୍କର [illegible] ଓ ପାଣ୍ଡିତ୍ୟ ପ୍ରକାଶ

ଯାଇଛି ଯିନା କାବ୍ୟନାୟିକାର କୋମଳତା ଅଲଙ୍କାରର ବାଧାପ୍ରାପ୍ତ ହୋଇଛି । ତତ୍ତ୍ୱବ୍ୟାଖ୍ୟାନର ପୁନଃସ୍ଥା ରୋଷାଜନିତା ପାଇଁ କବିଙ୍କ ବ୍ୟାକୁଳତା ହିଁ ଏହାର କାରଣ ।

ଶୁଣ ସ୍ୱରୂପ କାମିନୀ ଯୁବଶ୍ରେଣୀ ପ୍ରାଣରଞ୍ଜନୀ
ଦର୍ପଣ ଦର୍ପଦଂଶିନୀ ଗଣ୍ଡାଭାଜନ,
ସୁତପ୍ତ କନକ ରୁଚି ଭୂଷଣର ସୌନ୍ଦର୍ଯ୍ୟ
ସୁଦୀପ୍ତ ଶାନ୍ତିକ ଅନୁଭବ ମୋହନ,
ଅମ୍ଳାନବୃତ କନକଲତା, ଖଳ ଦୂଷଣ ଅବକାଶ ରହିତା । ୧ ।
ଦୂଷକୃତା କୃଷ୍ଣବ୍ୟଥା ସମର୍ଥା ଇଚ୍ଛାସମର୍ଥା
ମଣ୍ଡିତା ଗୁଣ ଶୋଭିତା ମୃଗଲକ୍ଷଣୀ
ମଦାନ୍ଧ ଭଙ୍ଗୀବିଲାସା ବୈଦଗ୍ଧ୍ୟାମୋଦ-ସୁଧା-ମଗ୍ନା
ନାଗର ଶେଖର-ହୃଦ-କୌସ୍ତୁଭମଣି
ମଧୁବ୍ରତ ଯତ ଭଜନା, ମନ୍ମଥର ପ୍ରତୃଷିଣୀ କାଳକୂଟଳା । ୨ ।
(୧୪ଶ ଛାନ୍ଦ)

କବିଙ୍କର ଅନ୍ୟାନ୍ୟ ପୂର୍ବବର୍ତ୍ତୀ କାବ୍ୟମାନଙ୍କର ଶବ୍ଦ ଲକ୍ଷଣର ଅଦ୍ୟମାନତା ଓ ବିଷୟବସ୍ତୁର ସାରତତ୍ତ୍ୱରେ ସାମ୍ୟ ପ୍ରେମତରଙ୍ଗିଣୀରେ ଲକ୍ଷ୍ୟ କରାଯାଇଛି । ଏପରି ସ୍ଥଳେ କବିଙ୍କର ଏ କାବ୍ୟ ରଚନାର ଆବଶ୍ୟକତା ସମ୍ବନ୍ଧରେ ସନ୍ଦେହର ଅବକାଶ ରହିବା ସ୍ୱାଭାବିକ । କିନ୍ତୁ ପ୍ରଥମତଃ କବି ସଦାନନ୍ଦ ପଣ୍ଡିତ, ବୈଦିକ ବ୍ରଜବାସୀ ବୈଷ୍ଣବ ଓ ସୁକବି ଥିବାରୁ କୃଷ୍ଣଙ୍କ ମାଧୁର୍ଯ୍ୟ ରସପୂର୍ଣ୍ଣ ପୂଜକପ୍ରେମର ପ୍ରକୃତ ଓ ପାଣ୍ଡିତ୍ୟ ପ୍ରଦର୍ଶନ ଉଦ୍ଦେଶ୍ୟରେ ରଚନାର ରୂପଦାନରେ ବିଭିନ୍ନ କୌଶଳପୂର୍ଣ୍ଣ ଉପାୟ ଅବଲମ୍ବନ କରିଛନ୍ତି । ପ୍ରେମତରଙ୍ଗିଣୀ ଏହି ଉଦ୍ଦେଶ୍ୟସାଧନରେ ସାହାଯ୍ୟ କରିଛି । ଦ୍ୱିତୀୟତଃ, ଚନ୍ଦ୍ରାବଳୀ-କୃଷ୍ଣ ଓ ରାଧା-କୃଷ୍ଣ ଯୁଗଳ ଲୀଳାରସ ପ୍ରଧାନ ବିଷୟବସ୍ତୁ ଥିଲେ ମଧ୍ୟ ଏବଂ ଇତଃପୂର୍ବରୁ ଯୁଗଳରସାମୃତ ଲହରୀ ଗ୍ରନ୍ଥରେ ଏହା ବର୍ଣ୍ଣିତ ହୋଇଥିଲେ ମଧ୍ୟ କବି ଏ କାବ୍ୟରେ ନୂତନ କୌଶଳ ଅବଲମ୍ବନ କରି

ନୂତନତ୍ୱ ଦାନ କରିଛନ୍ତି । ପ୍ରେମଭକ୍ତିଶୈଳୀରେ ଏହି ଜନ୍ମୋଲ୍ଲାସ ବର୍ଣ୍ଣନା ନକରି କେବଳ 'ଦଶମ ଚନ୍ଦ୍ର' ଉପରେ ଧାଡ଼ି ରଚନା କରିଛନ୍ତି ।

ଦଶମ ଚନ୍ଦ୍ର ହେ ରତ୍ନଭାଗ୍ୟ ଅଂଶ
କଲ ହେ କବେ କେମନ୍ତ ଦେହେଣ୍ଟି ଗଡ଼ାକୃତ୍ୟ ହେ,
ଘଣ୍ଟ ଘାତ, ଅଣ ହୁଦେ ଜଗତପତି ହେ । ୨୩ । (ଚଉତିଶ ସୁନ୍ଦର)

ପୁଣି କୃଷ୍ଣଙ୍କ ଏହି ନୂତନ ପ୍ରେମଲୀଳା ପ୍ରକାଶର ପ୍ରସ୍ତୁତ କରିବା ପାଇଁ ବୌଦ୍ଧାବତାରର ଆବଶ୍ୟକତା ସେ ଏଥିରେ ସୃଷ୍ଟି କରିଛନ୍ତି ଏବଂ ଏହାର ସମର୍ଥନ ଓ ତତ୍ତ୍ୱବୋଧ ନିମନ୍ତେ ବୌଦ୍ଧ ଅବତାରର ମାହାତ୍ମ୍ୟ କୀର୍ତ୍ତନ କରି ତାଙ୍କର ପବିତ୍ର ଜୀବନ ବର୍ଣ୍ଣନା କରିଛନ୍ତି ।

ପୁଣି ବସ୍ତୁରେ କିଛି ଅଧିକ ନୂତନତ୍ୱ ମଧ୍ୟ ଅଛି—

(୧) କପଟ ଚୋର, (୨) ଅନୁକୂଳ ନାୟକ ଲକ୍ଷଣ, କଳଙ୍କଭଞ୍ଜନ ଚରିତ, (୩) ଗୋପୀମାନଙ୍କର ବୃନ୍ଦାବନ ଗମନ ପ୍ରସଙ୍ଗରେ ଗୋପୀମାନଙ୍କର କପଟ ଅଭିମାନ, (୪) ସ୍ୱକୀୟା ଓ ପରକୀୟା ପ୍ରୀତିର ପାର୍ଥକ୍ୟ ଦର୍ଶାଇ ରାଧାଙ୍କ ମୁଖରେ ପୌରାଣିକ ଚରିତ୍ରମାନଙ୍କୁ ଦୃଷ୍ଟାନ୍ତ ଦେଇ ସ୍ୱ-ମତର ସମର୍ଥନ ବ୍ୟାଖ୍ୟାନ ।

ଦ୍ୱାରକାନାଥଙ୍କୁ ବୋଲନ୍ତି ପରସ୍ପର,
ସେବି ବସ୍ତୁ ଅନ୍ତର ଧନଶ୍ୟାମ ହେ ।୪।
କର ପ୍ରବଞ୍ଚ ମାଟି ଉଚ୍ଚମନ୍ତ୍ର,
କୃଷ୍ଣ କେବଳ ମୋର ପ୍ରାଣ ଈଶ୍ୱର ହେ ।
ପତି ସ୍ୱରୂପ ହେଲେ ନିନ୍ଦ୍ୟା ଦୋଷ,
ଧର୍ମ ଅନ୍ତେଷ୍ଟ ନନ୍ଦନନ୍ଦନ ପ୍ରକାଶ ହେ ।
କୃଷ୍ଣ ବୋଲନ୍ତି ତେଣୁ ମୁଁ ଏକ,
ଦେହ ପ୍ରାଣ ପଟ୍ଟ ମନରେ ଭିନ୍ନ ହେ ।
ଭଗ ଯଶୋଦାଙ୍କ ଦୂତ ପ୍ରଭାବ,
ଏ ଶବ୍ଦ ହେତୁ ପାପ-ଭିନ୍ନ ପରବ୍ର ହେ ।

ତଥାପି ଭୃଙ୍ଗଭାଷ ଶୁଣିଣ ଚଞ୍ଚୁ,
କୃଷ୍ଣ ଅବଶ୍ୟ ସର୍ବଜନା ସମ୍ପୂର୍ଣ୍ଣ ସେ ।
ସ୍ମରୁଣ ସେହି ଏକା ସମସ୍ତେ ଶକ୍ତି,
ତେବେ ଜୀବତ ହେଲ ଭାବେ ଅଶକ୍ତ ସେ ।
(୨୫ଶ ଛାନ୍ଦ)

(୫) ଶ୍ରୀକୃଷ୍ଣଙ୍କ ଦାସ୍ୟବେଶରେ ନୃତ୍ୟ, (୬) ଶ୍ରୀରାଧାଙ୍କର କୃଷ୍ଣବେଶ, (୭) ରାଧାଙ୍କର ମୁରଲୀବାଦନ ଓ (୮) ବ୍ରଜଧାମ ବର୍ଣ୍ଣନ ପ୍ରଭୃତି ।

ରାଧାକୃଷ୍ଣ ଯୁଗଳ-ପ୍ରେମଲୀଳା ବର୍ଣ୍ଣନାର ବିଷୟବସ୍ତୁ ହେବାରୁ କବି ତାଙ୍କର କୃତିତ୍ୱ ମହିମା ଗାନକରି ଏଥିରେ ଅଦ୍ଭୁତ ହୋଇଥିବା ବ୍ୟକ୍ତ କରିଛନ୍ତି । କବିଙ୍କ ରସପ୍ରାଚୁର୍ଯ୍ୟ ଓ ସରସ ପଦାବଳୀ ଭାବମାନଙ୍କୁ ଉତ୍ତମ କୃତିଶ୍ରେଣୀ ସ୍ଥାନରେ ଅଧିକାରୀ କରାଇଥିଲେ ମଧ୍ୟ କେବଳ ରୂପାୟନ ଓ ଭକ୍ତର ପ୍ରାଣର ଆବେଗ ସେହି ଗୌରବକୁ ବିଷୟବସ୍ତୁର ମାହାତ୍ମ୍ୟ ରୂପେ ଚିହ୍ନିତ କରିଛନ୍ତି ।

ପ୍ରେମ ତରଙ୍ଗିଣୀ ଗୀତ ଚତୁର୍ବିଂଶ ଛାନ୍ଦ ଏ ତ
ଚନ୍ଦ୍ରକାନ୍ତ ଭଣ୍ଡ ହେଲେ ରଚିତ ହିତ,
ପୂର୍ଣ୍ଣଚନ୍ଦ୍ରମା ପ୍ରକାର ଉଜ୍ଜ୍ୱଳାଭାବ ଜନକ
ଖଳ ଅକର୍ମଶୀଳାଙ୍କୁ ଏ ବଣିନାଥ ।
ଏହାବେ ସୁଖବ ରଚିତ, ସଦାନନ୍ଦ ଜନଗୃହୀ ଦୃଷ୍ଟା ବଚନ ।
(୨୪ଶ ଛାନ୍ଦ, ପ୍ରେ: ତ: )

## ପ୍ରେମ କଳ୍ପଲତା

'ପ୍ରେମ କଳ୍ପଲତା' ଏକ କ୍ଷୁଦ୍ର ରାଧା-କୃଷ୍ଣ ଲୀଳାସମ୍ବନ୍ଧୀୟ କାବ୍ୟ । ସୋଳଟି ଛୋଟ ଛୋଟ ଛାନ୍ଦରେ କବି ଏହା ରଚନା କରିଛନ୍ତି ଏବଂ ପ୍ରତ୍ୟେକ ଛାନ୍ଦରେ ଷୋଳଟି ଲେଖାଏଁ ପଦ ରଖିଛନ୍ତି ।

କବି ଗ୍ରନ୍ଥାରମ୍ଭରେ ପରମ୍ପରା ରକ୍ଷାକରି ଗଣେଶଙ୍କୁ ଓ ସରସ୍ୱତୀଙ୍କୁ ନମସ୍କାର କରିଛନ୍ତି । ଦକ୍ଷ ବାଦଶାହ ପ୍ରଶଂସା କରି କହିଛନ୍ତି—ତାଙ୍କ ମନ

'କଳପ୍ତ-କଥ-ଚନ୍ଦ୍ରିକା' ଗାୟନ କରୁଛୁ, ଏଥି ଅପରାଧକୁ କ୍ଷମା କରିବା ପାଇଁ କୃଷ୍ଣଙ୍କୁ ଅନୁରୋଧ ଜଣାଉଛନ୍ତି ।

ହେ କୃଷ୍ଣ ବଲ୍ଲଭପାଳକ ଜାଣୁଅଛ ମୋ ମନ,
କଳପ୍ତ କଥ-ଚନ୍ଦ୍ରିକା କରୁଛୁ ଗାୟନ ।
କୃପା ଦୃଷ୍ଟିରେ ଏହାକୁ ନିହାରିଣ କର,
ତବ ଲୀଳାମୃତାବ୍ଧିକୁ ନିଅ ଏ ନିକର ।

ଚନ୍ଦ୍ର-ସଂଘଠ ସମ୍ବନ୍ଧରେ କହିଛନ୍ତି—

କଦାଚ ଦେଖ ଧବଳ ତାରାମାନଙ୍କ ଅଗ୍ରେ,
ବସ୍ତୁ ଅଛି ଅଜ୍ଞାନ୍ତ ନିର୍ମଳ ଅନଗ୍ରେ ।

ଶ୍ରୀକୃଷ୍ଣ ଲୀଳାମୃତାବ୍ଧି ବର୍ଣ୍ଣନ କରିବାରେ ସାଧୁଙ୍କ ମନ ଓ ବୁଦ୍ଧି ଭଣା ହେବ ନାହିଁ । ଖଳଙ୍କର ନିନ୍ଦାକୁ ବା କିଏ ଡରୁଛି ! ଉଚିତ କହିବ ହିଁ ତାଙ୍କର ଅବଗୁଣ ପାଇଁ ।

ସାଧୁଙ୍କର ଭଣା ବୁଦ୍ଧି ହୋଇବ ଏଥିରେ
ମୋ ମନ ଉଚିତ ହେଉ ତାହାଙ୍କ କଥାରେ ।
ଖଳ ଯେବେ କହିଲେ ଶାସ୍ତ୍ର-ବନ୍ଦନ ଛାର,
ଶ୍ରାବଣ ନୃତ୍ୟନ୍ତ ଅପାର ସାର ସଂସାର ।
ଅପ୍ରାକୃତ ସଂସ୍କୃତ ଭଣା ଚରଣ କୃତ,
କହିଲେ କହୁଛ ନାହିଁ ସେ ତାଙ୍କ ପ୍ରକୃତ ।

'ପ୍ରେମ କଳ୍ପଲତା' ବ୍ୟତୀତ ବ୍ରଜଲୀଳାମୃତ ସମୁଦ୍ର, ଗୁପ୍ତଲୀଳାମୃତ ଲହରୀ, ଗୁପ୍ତଲୀଳାମୃତ ତରଙ୍ଗ, ଗୁପ୍ତଲୀଳାମୃତ ବନ୍ଧ ଓ ଗୁପ୍ତଲୀଳାମୃତ ନଦୀ ପ୍ରଭୃତି ରଚନା କୋଇଥିବା କବି କହିଛନ୍ତି ।

ଯା ଦୃଷ୍ଟିରେ ଭରଣ ଲୀଳାମୃତ ସାଗର,
ଲହରୀ ତରଙ୍ଗ ବନ୍ଧ ନଦୀ ପ୍ରକାର ।
ପ୍ରେମ କଳ୍ପଲତା ବନ୍ଧ ଏହେ ରଚନରେ,
ଭକ୍ତ ଶ୍ରୀପ୍ରଭାପ ଦାସ ଗୁପ୍ତ ବର୍ଣ୍ଣାନରେ । (୧ମ ଛାନ୍ଦ)

ଭକ୍ତଜନ୍ମ ବହୁର ଭଳି 'ମହାଜନ ଅଙ୍କ ଓଢ଼' ରୂପେ ଏହା ଗ୍ରହଣ କରିବା ପାଇଁ କବି ସ୍ପୃହାଇଛନ୍ତି ।

ଦ୍ୱିତୀୟ ଛାନ୍ଦରୁ ଜଗଦ୍ଗୁରୁର ସ୍ତୁତିବା ଓ ସଂସାର ପରକାଷ୍ଠା ପ୍ରୀତିର ମାହାତ୍ମ୍ୟ କୀର୍ତ୍ତିତ କରାଯାଇଛି ।

ଭାବଶ୍ରିତ ପ୍ରାୟ ପ୍ରତ୍ୟେକ ଛାନ୍ଦ ଅଳଙ୍କାରରେ ଭୂଷିତ ହୋଇଛି । ବିବିଧ ଅନୁପ୍ରାସ, ଯମକ ଓ ଉପମା ପ୍ରଭୃତି ଶୋଭନ ସ୍ଥଳରେ ଅଳଙ୍କାରିକ ପଦରେ ପ୍ରକାଶିତ ହୋଇ କବିଙ୍କ 'ପାଣ୍ଡିତ୍ୟ'ର ପ୍ରମାଣ ଦେଉଛି ।

ଭାଷା ମାର୍ଜିତ ଓ ସଂସ୍କୃତ ଶବ୍ଦର ବ୍ୟବହାର ଅଳ୍ପ ନୁହେଁ । ଏହି କାରଣରୁ ଜାତୀୟ ଆକାରରେ କ୍ଷୁଦ୍ର ହେଲେ ମଧ୍ୟ ପଣ୍ଡିତ ରସିକ ଶ୍ରୋତୃ-ମାନଙ୍କ ପକ୍ଷେ ଆନନ୍ଦଦାୟକ ହୋଇଛି । କବିଙ୍କ ଅନ୍ୟାନ୍ୟ କାବ୍ୟର ଲକ୍ଷଣଶୈଳୀ ଏଠାରେ ପ୍ରକାଶ ପାଇଛି । ଅଳଙ୍କାର ମଣ୍ଡିତ କାବ୍ୟକାବ୍ୟର ପରମଶୋଭା ସୃଷ୍ଟି କରିବା ପାଇଁ କବି ଏହି କ୍ଷୁଦ୍ର କାବ୍ୟଟି ରଚନା କରିଛନ୍ତି କହିଲେ ଅତ୍ୟୁକ୍ତି ହେବ ନାହିଁ ।

ସଦାନନ୍ଦ ପ୍ରଥମ ଛାନ୍ଦରେ ମଙ୍ଗଳାଚରଣ କରି ଦ୍ୱିତୀୟ ଛାନ୍ଦରେ ରାଧା-କୃଷ୍ଣ ପ୍ରେମ ଲୀଳାର ମାହାତ୍ମ୍ୟ ବର୍ଣ୍ଣନା କରିଛନ୍ତି ; ତୃତୀୟ ଛାନ୍ଦରେ କୃଷ୍ଣ-ରାଧା ବ୍ରଜବଧୂ ସହ ମଥୁରାର ସୂଚନା ଦେଇଛନ୍ତି । ୪ର୍ଥ—ଗୋବିନ୍ଦ ସଙ୍ଗେ ଗୋପୀ ପ୍ରସଙ୍ଗରେ ଲୀଳାଧାମର ପ୍ରଶଂସା କରିଛନ୍ତି ଏବଂ "ରାଜକ ତେଜି ହରି ଶରଣ ବଦ" ବୋଲି ସୁଜନମାନଙ୍କୁ ଅନୁରୋଧ କରିଛନ୍ତି । ୫ମ—କୃଷ୍ଣ ମଥୁରା ଯିବା ସମ୍ବାଦ ବ୍ରଜରେ ପ୍ରସ୍ତୁତ ହୋଇଥିବାରୁ ଗୋପୀମାନଙ୍କର ଦୁଃଖ । ୬ଷ୍ଠ—ଗୋପୀ ବିଳାପ । ଭୁଜଙ୍ଗ ଦଷ୍ଟ ଭଳି ମଥୁରାକୁ ଯିବା ପାଇଁ କୃଷ୍ଣ ସ୍ୱୀକୃତ ହେବା ସମ୍ବାଦ ଶୁଣି ଗୋପୀମାନେ ବିକଳ ଅସ୍ଥିର ହେଲେ । ୭ମ—ବ୍ରଜବାସୀଙ୍କର ଖେଦ । ଗୋପୀମାନଙ୍କର ଖେଦ । "ସ୍ୱ ସ୍ୱଭାବ ଅନୁରୂପରେ ସମସ୍ତେ କହନ୍ତି ଏକ ଏ ପ୍ରକାର" ବିଳାପ କଲେ । ୮ମ—କୃଷ୍ଣଙ୍କ ବିଳାପ ଓ ଗୋପୀମାନଙ୍କୁ ପ୍ରବୋଧ ଦେଇ କହୁଛନ୍ତି—"ଜାଣ ପ୍ରୀତି ଯେ ସାଧାର ଜନ୍ମେ ନସ୍ରେ ଯେ ତାହାର, ତୁମ୍ଭେମାନେ ମୋ ଅନ୍ତର ଧାର ହୋ ।" ରାଧାଙ୍କ କ୍ରନ୍ଦନ ଓ କୃଷ୍ଣଙ୍କ ପ୍ରବୋଧ । "ରସିକ ହେ ରସିକାଞ୍ଚ,

ଜାଣେନ୍ତି ସତ୍ୟ ପ୍ରଭାବ, ସେଥିପାଇଁ ବୋଧ ହେଉଛି ଜାଣିବାର" ଏବଂ ତାଙ୍କୁ "ଶୀଘ୍ର ଜାଉ ଦର୍ଶନ କରାଇଦିଅ, ଯିବୁ ତାଙ୍କ ପାଖେ ସେ ତୁମାର ହେବ।" ୯ମ—ସ୍ୱପ୍ନ ଦୃଶ୍ୟ ଦେଖିଲେ ଯଶୋଦା ନନ୍ଦ। ରଥ ଦୃଷ୍ଟିପଥରୁ ଅନ୍ତର୍ହିତ ହେବାରୁ ଗୋପୀମାନଙ୍କ ବିଳାପ। ରାଧାଙ୍କ ମୂର୍ଚ୍ଛା। ଓ ଚେତନା ଆସିବା ପରେ ବିଳାପ। ୧୦ମ—ମଥୁରାନଗର ଶ୍ରୀକୃଷ୍ଣ ପଥରେ ଚାଲିଲେ। ମଥୁରା ଜନପଦ ଉପବନ ଓ ଅଟ୍ଟାଳିକା ଦର୍ଶନରେ ଆନନ୍ଦିତ। ସେ ପାଖ ଆସିବାରୁ ରାଜା କଂସଙ୍କ ମନରେ ଚିନ୍ତା ଜାତ ହେଲା। 'ଶେଷାଙ୍କୁ ଅଯୋଗ୍ୟ' ଧୋବାକୁ କୃଷ୍ଣ ଏଠ ହେ ମାରି ତାଙ୍କୁ ମୁକ୍ତି ଦେଲେ। ତାର ସୁଦାମ ଲୁଟି ନେଲେ। ପୁଣି "କୁବ୍ଜାର କଥା ସେ ସୁନ୍ଦର କଲେ କୁବ୍ଜା ରୂପ।" ପୁଣି "ମାତୃଭୂ ଗଜକୁ ନିହତ କରିବାପରେ ମଲ୍ଲ ଧନୁକୁ ଭାଙ୍ଗିଲେ।" ପରେ କଂସଙ୍କୁ ସଂହାର କଲେ। "ମଥୁରା ପୁରର ଉଦ୍ଧାର କର" ମାଳିଙ୍କୁ ମାଗିଲେ। "ମାମୁଙ୍କୁ ମାରିଲେ ଭ୍ରମୁଁକୁ ଘର ନେଇ ଜା ଦେଉ, ପାଞ୍ଚରେ ଦେଖନ୍ତୁ ତାଙ୍କରେ ସ୍ଥାନ ନେଇଛ କଂସ।" ଉଗ୍ରସେନଙ୍କୁ ମଥୁରା ରାଜା କଲେ। "ଯାଦବ ସବ ବସୁଦେବ ସହ ଲଭିଲେ ସୁଖ। ଉଦ୍ଧବ ଜଣେଷ ମାଧବ ସଖା ପ୍ରୀତ ଆଲିଙ୍ଗ।" କିନ୍ତୁ ଏ ଐଶ୍ୱର୍ଯ୍ୟ ମଧ୍ୟରେ କୃଷ୍ଣ ଗୋପୀମାନଙ୍କ ପ୍ରେମ ସ୍ମରଣ କରି "କେବଳ ବିରହ ପ୍ରବଳ ବାଧ୍ୟ ଚଳନ୍ତି ଜନ। ଦୃଷ୍ଟି ଏକାନ୍ତେ ଯୋଗୀନ୍ଦ୍ର ଏ ଜାଣୁଁ ? ବୃନ୍ଦାବନ।" ୧୧ଶ—"ଚନ ଚନନ ଉଦ୍ଧବଙ୍କୁ" ସମ୍ବୋଧି କୃଷ୍ଣଙ୍କ ଚରିତ୍ର। ୧୨ଶ—କୃଷ୍ଣ ଉଦ୍ଧବଙ୍କୁ ଜ୍ଞାନ 'ବ୍ରହ୍ମ ଉପଦେଶ' ଦେଇ ଗୋପୀମାନଙ୍କୁ ବୋଧ ଦେବାପାଇଁ ବ୍ରଜକୁ ପଠାଇଲେ। "ବୋଲିବେଲ ଶୀଘ୍ର ଯାଅ ସେ ପରଦେଶେ, ବା ଜାଣି ତାଙ୍କୁ ଜ୍ଞାନ ଉପଦେଶେ। ମୁଁ ବ୍ରହ୍ମ ଟକ୍କ ସବୁ ଘଟସ୍ଥରେ, ଗୋପୀଙ୍କୁ ବୁଝାଇବ ଅନ୍ତସ୍ଥରେ।" ଉଦ୍ଧବ ଗୋପକୁ ଗମନ କଲେ। ୧୨ଶ—ମାଧବଙ୍କ ସନ୍ଦେଶ ନେଇ ଉଦ୍ଧବ ବ୍ରଜରେ ପ୍ରବେଶ ହେଲେ। ନନ୍ଦଯଶୋଦା, ଗୋପଗୋପୀ ପ୍ରଭୃତି ନିଜ ନିଜ ଦୁଃଖ କହିଲେ ଉଦ୍ଧବଙ୍କୁ କୃଷ୍ଣଙ୍କ କୁଶଳବାର୍ତ୍ତା ପଚାରିଲେ। ରାଧାଙ୍କ ଶୋକ। ଉଦ୍ଧବଙ୍କ ଉପଦେଶ, ଗୋପୀଙ୍କ ଜନମ୍ବାଦ। "ପ୍ରଣମ ଏ ଭ ଭକ୍ତ-ଶିରୋମଣି, ଉଦ୍ଧବ ମନ ଅପରାଧ କ୍ଷମି ଦେ। ତାର ଅପେକ୍ଷା ମତ ଦେ।

ବାରଲ ତାଙ୍କ ଜ୍ଞାନ ଭକ୍ତି ବାହାର ସମ୍ପୂର୍ଣ୍ଣ ସଫଳ ହେଉ।" ୧୩ଶ—ଗୋପୀମାନଙ୍କୁ ଉଦ୍ଧବଙ୍କ କୃଷ୍ଣଭକ୍ତି ଦର୍ଶନ। ୧୪ଶ—ଉଦ୍ଧବ ବାଣୀ ଶୁଣି ଗୋପୀମାନେ କୃଷ୍ଣଙ୍କୁ ଦେଖିବା ଆସିବା ପାଇଁ ଅନୁରୋଧ କଲେ। ଗୋପୀଙ୍କ ଅନନ୍ୟପ୍ରେମର ତାତ୍ତ୍ୱିକ ବର୍ଣ୍ଣନ। "ହୋଇ ହେଉ ଶାସ୍ତ୍ର ଜ୍ଞାନ ଭକ୍ତି ଭୁଲିକି ନେଇଛୁ ଏକ ବାସନାର। ଗୋପାଳେ ସେବନ୍ତୁ ଗୌରବ ସଙ୍ଗେ ଯିବା ନାହିଁ, ଯେ କ ତାଲିବାର। ଉଦ୍ଧବ।" ଜନମାର୍ଗ ଗୋପୀମାନେ ଉପହାସ କରି ଉଦ୍ଧବଙ୍କୁ କହିଲେ। କୃଷ୍ଣ ଶୁଣନ୍ତେ ଅଭିଳାଷ ହୋଇ ଗୋପୀଙ୍କୁ ପ୍ରବେଶ କରି ହୋଇଥିବା ଗୋପୀମାନେ କହିଲେ। ଉଦ୍ଧବ ବହୁତ କୁହାଇଲେ, ଗୋପୀ ମନ ମାନିଲା ନାହିଁ। ଉଦ୍ଧବ ମେଲାଣି ହୋଇ ମଥୁରାକୁ ଫେରିଲେ। ୧୫ଶ—ଗୋପୀମାନେ ଜ୍ଞାନମାର୍ଗକୁ 'ଅଜ୍ଞାନର' ମୂଲ୍ୟ ନ ଦେଇଥିବା ଉଦ୍ଧବ କୃଷ୍ଣଙ୍କୁ ଜଣାଇଲେ। ରାଧା କଣ କହୁଥିଲେ ବୋଲି କୃଷ୍ଣ ଉଦ୍ଧବଙ୍କୁ ପଚାରିଲେ। ୧୬ଶ—ଉଦ୍ଧବଙ୍କ ଉତ୍ତର।

ଏହି ବହୁପ୍ରକାର ଅଳଙ୍କାର ପ୍ରୟୋଗରେ ଶୁଦ୍ଧ ଛାନ୍ଦଗୁଡ଼ିକୁ ରମଣୀୟ କରିଛନ୍ତି। କେତେକର ଶୁଦ୍ଧ ହେଲେ ମଧ୍ୟ ଅଳଙ୍କାରର ପ୍ରକାରସଂଖ୍ୟା ଶୁଦ୍ଧ ନୁହେଁ। 'ରସ' ଅପେକ୍ଷା ଅଳଙ୍କାରର ପ୍ରାଧାନ୍ୟ ହିଁ ଏ କାବ୍ୟର ବିଶେଷ ଦର୍ଶନୀୟ ବିଷୟ। ଉପମା, ଯମକ, ଅନୁପ୍ରାସ ଓ ବକ୍ରୋକ୍ତି ବହୁ ପ୍ରକାର ଅଳଙ୍କାରରେ କାବ୍ୟଟି ମଣ୍ଡିତ ହୋଇଛି।

(୧) ସୁଧୀ ସୁଧୀରେ ପିଅ ଶ୍ରୀକୃଷ୍ଣ ଚରଣାମୃତ,
  ବନ୍ଧ ଅବନ୍ଧ ଅବଧିକ ଉଦ୍ଦେଶ୍ୟ ନ ଦେବ ହେ। (୩ୟ ଛାନ୍ଦ)
ଛାନ୍ଦଟିର ୧୬ଟି ପାଦ ପଦ ଏହି ଯମକରେ ରଚିତ।
(୨) ଶୁଣ ଏ ଗୀତ ଆଦ୍ୟ ସଙ୍ଗୀତବେତ୍ତା ନିପୁଣ ଗୁଣ,
  ହେଉ ଏକ ସଙ୍ଗ ଗୋପୀ ଛନ୍ଦ ଭୃଙ୍ଗ ପରଶ ରଣ। (୪ର୍ଥ ଛାନ୍ଦ)
(୩) କନକ୍ କମଳା କେଶବ୍ ଶମନା ଯାମିନ୍ ମଧ୍ୟମା,
  ବଦନ ମଦନ ବାସନା ଭୂଷଣ ପ୍ରତିମା। (୬ଷ୍ଠ ଛାନ୍ଦ)
(୪) ସୁଧୀରେ ଶୁଣ ଏ ବଧିରେ ଭଲ୍ଲ ସୁଖ ବେଣୁକ,
  ପଥରେ ଚଳିଲେ ରଥରେ ହେ ମଧୁମଙ୍ଗଳ। (୧୦ମ ଛାନ୍ଦ)

(୫) ଦେବ ଦୁର୍ଲ୍ଲଭ ଯେ ମାନବ ତନୁ,
ଯାହା ଦେଲା କୃଷ୍ଣ ମନ ବନ୍ଧନ ।
ଧନଜ ଜନକ ଯୁଗମାନଙ୍କୁ,
ନ ଲକ୍ଷ୍ୟ କରିବେ ତା ଯମାନଙ୍କୁ ।
ତା ଗଣମାନଙ୍କୁ, ଓଷ୍ଟ ପୁଟରେ ଅଶନ ମାନଙ୍କୁ । (୧୧ଶ ଛାନ୍ଦ)

(୬) ଜଳକ୍ରୀଡ଼ା ବନ୍ଧୁ ନୟନା ଧରେ,
ବୋଲନ୍ତି ରୁ ନର ନୟନା ଘରେ ।
ମୁଁ ଶୁଣିଲି ଏ ନୟନା ହରେ,
ମାରିଲୁ ବକ୍ଷ ମାନ ଅନାଶରେ ।
କାନ୍ତ ବନା ଶରେ, ବୋଲେ ରାତ୍ରା ବନ୍ଧ ମାନବ ନାଶରେ ।
(୧୧ଶ ଛାନ୍ଦ)

(୭) ୧୬ଶ ଛାନ୍ଦରେ ଅନେକାର୍ଥ, ସବେଗାର୍ଥ, ଅନୁପ୍ରାସିକା, ସବଗମକ ପ୍ରଭୃତିର ମଧ୍ୟ ଦୃଷ୍ଟାନ୍ତ ଅଛି ।

ଅନେକାର୍ଥ—ସଜଳ ଧାରାମ୍ବ ନାଶନ,
ସଜନ ନନ୍ଦ ନନ୍ଦନ ।
ସବେଗାର୍ଥ—ଲତେ ବାମା ପ୍ରେମ ଯୁକ୍ତ,
ଶ୍ରମ ଯୁକ୍ତ ସୁଖ ଭୁକ୍ତ ।
ଅନୁପ୍ରାସିକା—ନମୋ ନାନା ନାମ ମାନ,
ନୃନଂ ନମନ୍ତି ମନ୍ୟନ ।
ସବଗମକ—ମୋହନରେ ମୋହନରେ,
ବରହରେ ବରହରେ ।
ଏକାକ୍ଷର—ଭୂତ୍ୟ ଭୂତ ଭୂକା ଭୂକ,
ଭୂକା ବୋଲେ ଭୂକା ଭାକ ।

ଅଷ୍ଟଦଳ ପଦ୍ମବନ୍ଧ, ଷୋଡ଼ଶଦଳ ପଦ୍ମବନ୍ଧ, ଧନୁର୍ବନ୍ଧ, ଖଡ୍ଗ ବନ୍ଧ, ଶମ୍ଭୁ ବନ୍ଧର ଦୃଷ୍ଟାନ୍ତ ମଧ୍ୟ ଅଛି ।

ସଦାନନ୍ଦଙ୍କ ଶିଷ୍ୟ ଅଭିମନ୍ୟୁ ସାମନ୍ତସିଂହାରଙ୍କ 'ସୁଲକ୍ଷଣା' କାବ୍ୟଟି ମଧ୍ୟ 'ଗୋପାଳବଲ୍ଲଭ'ରେ ରଚିତ । ସେଥିରେ ଷୋଳଟି ଛାନ୍ଦ ଓ ପ୍ରତ୍ୟେକ ଛାନ୍ଦରେ ଷୋଳଟି ଲେଖାଏଁ ପଦ ଅଛି । ସୁଲକ୍ଷଣା ଗୋଟିଏ କାଳ୍ପନିକ କାବ୍ୟ ।

## ବ୍ରଜଲୀଳାମୃତ ସମୁଦ୍ର

'ବ୍ରଜଲୀଳାମୃତ ସମୁଦ୍ର' ଏକ ଭାବାନୁବାଦ ଗ୍ରନ୍ଥ । ଚୈତନ୍ୟପନ୍ଥୀ ଷଡ଼୍ ଗୋସ୍ୱାମୀଙ୍କ ମଧ୍ୟରୁ ବରିଷ୍ଠ ପଣ୍ଡିତପ୍ରବର ଶ୍ରୀ ରୂପଗୋସ୍ୱାମୀ ଚୈତନ୍ୟ ଦେବଙ୍କ ସମସାମୟିକ ଓ ସଖା ଥିଲେ । ସେ ଶ୍ରୀରାଧାକୃଷ୍ଣ ଲୀଳାର ନବନବ ବ୍ୟାଖ୍ୟାସମ୍ବଳିତ ବହୁ କାବ୍ୟ, ନାଟକ ଓ ଶାସ୍ତ୍ର ସଂସ୍କୃତରେ ରଚନା କରି ଅଚିନ୍ତ୍ୟ ଭେଦାଭେଦ ଦର୍ଶନକୁ ଦୃଢ଼ଭିତ୍ତିରେ ପ୍ରତିଷ୍ଠିତ କରିପାରିଥିଲେ । ତାଙ୍କର ପଦଲାଳିତ୍ୟ, ପାଣ୍ଡିତ୍ୟ ଓ ରସଜ୍ଞତା ତାଙ୍କ ଲେଖାବଳୀକୁ ଅମର କରି ରଖିଛି । ରାଧାକୃଷ୍ଣ ମଧୁରଲୀଳା ବା ମଧୁରବ୍ରଜଲୀଳାକୁ ଆଶ୍ରୟ କରି ସେ ସଂସ୍କୃତରେ 'ବିଦଗ୍ଧ ମାଧବ', ନାଟକ ରଚନା କରିଛନ୍ତି । ଏହାଟି ଭକ୍ତ ଓ ସୁଧୀ ଜଗତକୁ ଏକ ଅମୂଲ୍ୟ ରତ୍ନ । ବ୍ରଜପନ୍ଥୀ ବୈଷ୍ଣବମାନେ ଏହାକୁ ଅତି ଆଦରରେ ପାଠ କରୁଥାଆନ୍ତି । ଏହି ଗ୍ରନ୍ଥଟି ସଦାନନ୍ଦଙ୍କ ପୂର୍ବରୁ ପ୍ରାୟ ଦୁଇଶତ ବର୍ଷ ପୂର୍ବେ ରଚିତ ହୋଇଥିଲା । ଓଡ଼ିଶାର ବ୍ରଜବୈଷ୍ଣବଙ୍କ ମଧ୍ୟରେ ଏହାର ପ୍ରଚାର ଯଥେଷ୍ଟ ଥିଲା । କିନ୍ତୁ ଗ୍ରନ୍ଥ ସଂସ୍କୃତରେ ଲିଖିତ ହୋଇଥିବାରୁ ସର୍ବସାଧାରଣ ଏହାର ମାଧୁର୍ଯ୍ୟ ଉପଭୋଗ କରିବାକୁ ବଞ୍ଚିତ ହୋଇଥିଲେ । କବି ଓ ସାଧକ ସଦାନନ୍ଦ ଅଭାବ ପୂରଣ ଦେଶର ଲୋକଙ୍କ ସମେତ ବ୍ରଜବାସୀ ବୈଷ୍ଣବଙ୍କ ଧନ୍ୟବାଦର ପାତ୍ର ହୋଇଛନ୍ତି ଏବଂ ଓଡ଼ିଆ ସାହିତ୍ୟକୁ ଏକ ଅପୂର୍ବ ଅନୁବାଦ ଗ୍ରନ୍ଥ ଦାନ କରିଛନ୍ତି ।

'ବିଦଗ୍ଧ ମାଧବ'ର ବଙ୍ଗଳା ଅନୁବାଦ ବଙ୍ଗୀୟ ବୈଷ୍ଣବ କବି ଯଦୁନନ୍ଦନ ଦାସଙ୍କ ଦ୍ୱାରା ପୟାରବନ୍ଧରେ ଲିଖିତ ହୋଇଥିବା ଜଣାଯାଏ । ସଦାନନ୍ଦ ଯଦୁନନ୍ଦନଙ୍କ ଅନୁବାଦକୁ ଅବଲମ୍ବନ କରି ପୟାରବନ୍ଧରେ 'ବ୍ରଜଲୀଳାମୃତ ସମୁଦ୍ର' ରଚନା କରିଛନ୍ତି ।

ଛନ୍ଦର ସ୍ୱଚ୍ଛତା, ପ୍ରକାଶ ଭଙ୍ଗୀର ମାଧୁରୀ, ରସଶୈଳୀର ସାବଲୀଳତା ଏବଂ ଅନୁବାଦ ଶକ୍ତିକୁ ଭକ୍ତକୋଟୀର ଏକ ପ୍ରକାର କାବ୍ୟରୂପ ଦାନ କରିଛି । ଓଡ଼ିଆ ଅନୁବାଦ ସାହିତ୍ୟ କ୍ଷେତ୍ରରେ ଏହି ଗ୍ରନ୍ଥଟି ଏକ ବିଶିଷ୍ଟ ସ୍ଥାନ ଅଧିକାର କରିଛି । ଗ୍ରନ୍ଥଟି ପାଠ କଲେ ଅନୁବାଦ ବୋଲି ମନେ ହୁଏ ନାହିଁ; ଅନୁବାଦକ ନିଜର ମନର ସ୍ୱାଧୀନତା ଏଥି ସହିତ ଓତଃପ୍ରୋତ ଭାବରେ ଜଡ଼ିତ କରିଥିବାରୁ ରଚନାଟି ନୂତନ ହୋଇପାରିଛି । ଭକ୍ତକୋଟୀର ସାହିତ୍ୟିକ ଓ ତତ୍ତ୍ୱପୂର୍ଣ୍ଣ ସଂସ୍କୃତ ରଚନାକୁ ଓଡ଼ିଆ ଭାଷାରେ ଓଡ଼ିଆଙ୍କ ଭଳି ଅନୁବାଦ ହୋଇଥିବା ସମସ୍ତ କାବ୍ୟମାନଙ୍କ ମଧ୍ୟରେ 'ବ୍ରଜଲୀଳାମୃତ ସମୁଦ୍ର' ପ୍ରଥମ ସ୍ଥାନ ଅଧିକାର କରିଛି ।

ଭକ୍ତକୋଟୀର ୫୮ଟି ସର୍ଗ ପ୍ରାୟ ବିଶିଷ୍ଟ ଏହି ବୃହତ୍ ଗ୍ରନ୍ଥଟିର ରଚନା କବି ଏକାଦଶଦିନ ଲେଖକ ସୂଦନଙ୍କର ମାତ୍ର ଚାରିଶି ଦିନ ମଧ୍ୟରେ ଶେଷ କରି ଆଶ୍ଚର୍ଯ୍ୟ କବିପ୍ରତିଭା ଶକ୍ତିର ପରିଚୟ ଦେଇଛନ୍ତି ଏବଂ ସାହିତ୍ୟ-କ୍ଷେତ୍ରରେ ଏକ ଚିରସ୍ଥାୟୀ ଆସନ ସୃଷ୍ଟି କରିଛନ୍ତି ।

ସଦାନନ୍ଦଙ୍କ ଅନୁବାଦର ସାର୍ଥକତା ଦେଖାଇବା ପାଇଁ କେତେ ପଦ୍ୟରେ ଦୃଷ୍ଟ କରନ୍ତୁ —

(୧) ଧନ୍ୟ ଗୋଷ୍ଠ ଗୁରୁର କୃପାରେ ହେଁ ସ୍ଫୁରିବେ,
ବାଞ୍ଛା ଦାଦ ସ୍ୱଦେଶଙ୍କ ଶ୍ରୀରୂପ ପଦ୍ମରେ । ୫୧ ।
ଗୋସ୍ୱାମୀଙ୍କ ଭକ୍ତ ପଦ୍ମର ଭକ୍ତି ଯେ ଅପାର,
ହେଉ ସଦ୍‌-ଗୁରୁଙ୍କ ପଦ, ଗୁରୁ ଶ୍ରୀଚରଣ । ୫୨ । (୨ୟ ଛାନ୍ଦ, ବ୍ର:ଲୀ:ସ:)

(୨) ଶ୍ରୀରୂପ ଗୋସ୍ୱାମୀ ମୁଖରୁ ଉଦ୍‌ଭବ,
ପ୍ରଥମ ଜନ୍ମ ଏ ରସରାଜ ମାଧବ । ୩୭ ।
ପ୍ରାକୃତେ କଲା ଭାଷାରେ ଏ ପ୍ରକାଶେ,
ରାଧାକୃଷ୍ଣ ଲୀଳା ଭକ୍ତ ଏ । ୩୮ ।
ଉଜ୍ଜ୍ୱଳ ନୀଳମଣି ରୂପସ୍ଥ ଜନ୍ମ,
ବ୍ରଜଲୀଳାମୃତ ସମୁଦ୍ର ଏ ଟେକେ ୩୯ । (୧ମ ଛାନ୍ଦ)

ସଦାନନ୍ଦ ଶ୍ରୀ ରୂପଗୋସ୍ୱାମୀଙ୍କର 'ବିଦଗ୍ଧମାଧବ' ନାମକ ସଂସ୍କୃତ ନାଟକକୁ 'ସ୍ୱପ୍ନାନ୍ତରେ ଗୁପ୍ତଗୀତ' ଭଳି ଏକ ସ୍ୱତନ୍ତ୍ର କବିତାମୟୀ ଆକାର ଦାନ କରିଛନ୍ତି । କବି-ସ୍ୱପ୍ନଦର୍ଶନମୂଳକ ବୈଚିତ୍ର୍ୟକୁ ସେ ଏହା ଅସ୍ୱୀକାର କରିଛନ୍ତି ମାତ୍ର ।

ଶ୍ରୀରୂପ ଗୋସ୍ୱାମୀ ଅନୁକମ୍ପା ପାଇ ଦୃଢ଼ତ୍ୱ ଲୀଳାରେ ମୋର,
ସ୍ୱପ୍ନଦର୍ଶି ଗୁପ୍ତ ସ୍ଫୂର୍ତ୍ତିକଲ ରାଧାକୃଷ୍ଣ ଦର୍ଶନ ପ୍ରକାର ।
ସୁଜନେ, ମୋ ଭକତି ବୁଝିବ ସେ,
ଲିପ୍ସକୃତ ଛନ୍ଦ କବିଶୂନ୍ୟ ବୃତ୍ତା ସ୍ୱପ୍ନାନ୍ତରେ ଗୁପ୍ତଗୀତ ।୯୮। (୨ୟ ଛାନ୍ଦ)

(୩) ଯେ ଶ୍ଳୋକ ବୁଝିବାକୁ ମୋର ଶକ୍ତି ନାହିଁ,
ସଦ୍‌ଗୁରୁଙ୍କ ବୁଦ୍ଧିସ୍ଥ ଭାଷଣ କରଇଁ । (୪୯ଶ ଛାନ୍ଦ)

ଭକ୍ତକୋଟୀର ସଂସ୍କୃତ ଛନ୍ଦର ସ୍ୱପ୍ନାନ୍ତରରେ ଯୁକ୍ତି ରଖିବା ଶାସ୍ତ୍ରୀୟ ଏବଂ ମୂଳଛନ୍ଦର ସମସ୍ତ ମାଧୁର୍ଯ୍ୟ ସ୍ୱପ୍ନାନ୍ତର ଛନ୍ଦରେ ପ୍ରତିଫଳିତ ହେବା ସମ୍ଭବ ନୁହେଁ, ଏହି ଅସ୍ୱୀକୃତି ସ୍ପଷ୍ଟ ଭାବ ପ୍ରକାଶ ଥିଲେ । ଏହି କାରଣରୁ ସେ 'କୋଇଲି ହେଲି ରଙ୍ଗ କହିଲି' ପ୍ରଭୃତି ଭାବ ବ୍ୟକ୍ତ କରିଛନ୍ତି ।

(୯) ଶ୍ରୀ ରୂପ ଗୋସ୍ୱାମୀ ସଦାନନ୍ଦ,
ତାଙ୍କରେ ମୋ ମନ ହେଉ ଆନନ୍ଦ ।
ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମାର,
ଦୋଷ ନ ଘେନିବ ହେ ବିଜ୍ଞ ନର ।
କୋଇଲି ହେଲି ରଙ୍ଗ କହିଲି,
ଆପଣା ଚନ୍ଦ୍ରମାଙ୍କ ବୋଧ କଲି ।୬୯।
(୩୬ଶ ଛାନ୍ଦ)

(୨) ଭକ୍ତଳୀଳାମୃତ ସମୁଦ୍ର, ବୁଡ଼ି ନ ପାରେ କବି ଶୂଦ୍ର ।
ପାଇବ କୃଷ୍ଣ ପ୍ରେମ ରତ୍ନ, ହରିବ ଦୁଃଖେ ଭବ ରତ୍ନ ।
ସମସ୍ତେ ଗୋସାଇଁ ମିଳିଲେ, ଦେବୀଙ୍କ ଭଣ୍ଡାର ଲୁଟି ନେଲେ ।
ମୋହ ପାଇଁ ତ ରହୁ ନାହିଁ, କି ଅବା ଲଭୁଛି ମୁହିଁ ।

ଯେତେ ବୋଲୁଛ ମୁଁ ପଣ୍ଡିତ, ସେ ସବୁ ଅଟଇ ତ ସତ ।
ଯେତେ ବୋଲୁଛ ମୁଁ ମୂରୁଖ, ସେ ମୋର ଅଛି ପ୍ରତ୍ୟକ୍ଷ ।
ସଂସ୍କୃତଜ୍ଞାନ ମୋର ନାହିଁ, ପଣ୍ଡିତଙ୍କ ରୀତି ବୋଲଇଁ ।
ଯାହା ବୋଲୁଛ ସେ ଘଟିବ, ନ ଦେଖି ମୋର ସେ ବୁଝିବ ।
କିମ୍ବା ଜାଣିଛୁ ମୁଁ ସେ ସବୁ, ପାପୀମାନଙ୍କ ମୁଁ ରାଜନ ।
ଜଗାବନ୍ଧୁ ବାନା ମୋର, ହୃଦ୍‌ଗତ ଅଟୁ ଅନ୍ତର ।
ଏ ସଦାନନ୍ଦ କବିସୂର୍ଯ୍ୟ, ବ୍ରହ୍ମାଙ୍କ ନାହିଁ ଦେଖି କାର୍ଯ୍ୟ ।
(୩୮ଶ ଛାନ୍ଦ)

(୩) ଶ୍ରୀରୂପ ଗୋସ୍ୱାମୀ ପାଦପଦ୍ମ ହେତୁ ଭଣି,
ଶିବର ଅଣୁ ଗାଇ ଛନ୍ଦେ କୃଷ୍ଣଲୀଳାଗୁଣି ।
ଅନନ୍ତ ସହସ୍ର ମୁଖେ ଗାଏ ନିରବଧି,
ତଥାପି ସେ ଲୀଳା ଗୁଣ ନ ପାଏ ଅବଧି ।
ମୁଁ ଛାର କି କହିବି ମୋହର କି ଶକ୍ତି,
ଶ୍ଳୋକ ଦେଖି ବୋଧ କରି ଅପଣା ମନସ୍ତି ।
ସେ ଶ୍ଳୋକ ବୁଝିବାକୁ ମୋହର ଶକ୍ତି ନାହିଁ,
ସଦାନନ୍ଦ ହୃଦିସ୍ଥ ଭକତି କହଇଁ । (୪୮ଶ ଛାନ୍ଦ)

ବ୍ରଜଲୀଳାମୃତ ଲହରୀ ରଚନାର ସମୟ—ଶ୍ରୀ ରୂପ ଗୋସ୍ୱାମୀଙ୍କର ସଂସ୍କୃତ ନାଟକ 'ବିଦଗ୍ଧ ମାଧବ'ର ବଙ୍ଗୀୟ ପଦ୍ୟାନୁବାଦ କବି ଯଦୁନନ୍ଦନ ଦାସଙ୍କ ବଙ୍ଗଳା ଅନୁବାଦର ଅନୁବାଦ ଛାନ୍ଦବନ୍ଧରେ ସଦାନନ୍ଦ ଅତି ଅଳ୍ପ ସମୟ ଭିତରେ ଶେଷ କରିଥିଲେ । ମାର୍ଗଶୀର କୃଷ୍ଣପକ୍ଷ ଦ୍ୱିତୀୟା ଦିନ ସେ ଏହା ଆରମ୍ଭ କରି ପଞ୍ଚ କୃଷ୍ଣପକ୍ଷରେ ଅର୍ଥାତ୍ ପୂର୍ଣ୍ଣମାସ ଗତରେ ଶେଷ କରିଥିଲେ । ଏହି ପୂର୍ଣ୍ଣମାସ ଭିତରେ ଭିତରୁ ପୁଣି ଚତୁର୍ଦ୍ଦଶୀ, ଅମାବାସ୍ୟା ଓ ପ୍ରତିପଦା—ଏ ତିନିଦିନ ସେ ବୈଷ୍ଣବବ୍ରତରେ; ଅର୍ଥାତ୍ ପ୍ରାୟ ନଅଦିନ ସେ ଲେଖି ନଥିଲେ । ପୁଣି ବୈଶାଖ ଅନୁସାରେ ଏ ତିନି ଦିନ ଉପବାସ କରି ରହିବା ନିୟମ ଥିବାରୁ କବି ସେ ନିୟମକୁ ମାନିଥିଲେ । ପୁଣି କେତେଦିନ ମଧ୍ୟ ଲେଖା ହୋଇ ନଥିଲା । ଏପରି ସ୍ଥଳରେ

ସେ ଏକମାତ୍ର ସମୟରେ 'ଉଦ୍ଭବେଶ ମନ'ରେ ଛନ୍ଦଲେଖା ସମାପ୍ତି କରିଥିବା ବ୍ୟକ୍ତ କରିଛନ୍ତି ।

ଛନ୍ଦର ବୈଚିତ୍ର୍ୟ ଅଭାବ ପାଇଁ ଲପନ ଛାନ୍ଦ, ଗୀତବନ୍ଧରେ ରଚନା ଦୃଷ୍ଟିରୁ ଏତେ ଅଳ୍ପ ସମୟ ଭିତରେ କୃତିତ୍ୱ ସହକାରେ ଗ୍ରନ୍ଥ ସମାପ୍ତି କରିଥିବା କବିଙ୍କ କାବ୍ୟକୁଶଳତାର ସିଦ୍ଧହସ୍ତତା ପ୍ରମାଣିତ କରୁଛି ।

"ନିଜ ମନ ଇଚ୍ଛି ନ ହେବାରୁ" ସଦାନନ୍ଦ ଏହି ସଙ୍ଗୀତ ଗ୍ରନ୍ଥର ଅନୁବାଦ ଆରମ୍ଭ କରି 'ଉଦ୍ଭବେଶ ମନରେ' ଅନ୍ତ ଅଲଙ୍କାର ମଧ୍ୟରେ ସମାପ୍ତି କରିଥିଲେ । ଅନୁବାଦ ଗ୍ରନ୍ଥର ଆଦର ହେବ କି ନାହିଁ ଏ ସମ୍ବନ୍ଧରେ କବିଙ୍କ ମନରେ ସନ୍ଦେହ ଜାତ ହୋଇଥିବା ସ୍ୱାଭାବିକ । ଏହି ଆଶଙ୍କା ହେବାରୁ ସେ କହିଛନ୍ତି ଲୋକେ ଘେନନ୍ତୁ ବା ନ ଘେନନ୍ତୁ ଏହା ଚିନ୍ତା ନ କରି ନିଜ ମନକୁ ବୋଧ କରିବା ପାଇଁ ସେ ଲେଖିଥିଲେ । ମନର ପ୍ରବଳ ଆଗ୍ରହ ତାଡ଼ନା ଓ ଆଦେଶ ଏହି ଗ୍ରନ୍ଥରଚନାର ମୂଳ କାରଣ ।

ଶ୍ରୀ ରୂପ ଗୋସ୍ୱାମୀ ପାଦପଙ୍କଜେ ଶରଣ
 କହୁ ସଦାଶିବ ଦାସ ଏ ସାଧୁଚରଣ,
ମାର୍ଗଶିର କୃଷ୍ଣପକ୍ଷ ଦ୍ୱିତୀୟାରେ ଜନ୍ମ,
 ମାଘକୃଷ୍ଣ ନବମୀରେ ହୋଇଲା ସମାପ୍ତ ।
ଚତୁର୍ଦ୍ଦଶୀ ଅମାବାସ୍ୟା ଏ ଦୁଇଦିନ,
 ଲେଖିଲି ନାହିଁ ଅବୋଧ ଏ ଦୁଇଦିନ ।
ମାସକେ ସମାପ୍ତି କଲି ଉଦ୍ଭବେଶ ମନରେ,
 ଦୋଷ ଥିବ ଶୋଧିବ ନ ଦୋଷିବ ସଜ୍ଜନରେ ।
ଏ ଭୂଜ ଲାବଣ୍ୟକୁ ହୋଇଲା ସମାପତ,
 ଲପନ ଛାନ୍ଦ ସଦାନନ୍ଦ ମାଧବ ଚରିତ । × ×
କେ ଘେନ୍ତୁ ନ ଘେନ୍ତୁ ଏହା ହେତୁ ନ କଲି,
 ନିଜ ମନ ବୁଝିଲା ନ ଦେଲି ବୋଲି ବୋଲି ।
 (ଶେଷ ଛାନ୍ଦ)

# ନାମ ଚିନ୍ତାମଣି

ଶ୍ରୀନାମ ଚିନ୍ତାମଣି ହିଁ କାବ୍ୟର ବିଷୟ । ନାମ ମାହାତ୍ମ୍ୟ ପ୍ରତିପାଦନ କରି କବି ସଂକ୍ଷେପରେ ବହୁ ବିଷୟର ଅବତାରଣା କରିଛନ୍ତି । କୃଷ୍ଣ ହିଁ ନାମ-ଚିନ୍ତାମଣି । ଶୁଦ୍ଧ ନାମ କୀର୍ତ୍ତନକାରୀଙ୍କ ସମସ୍ତ ପାର୍ଥ । ଅଜାମିଳ, ଜଗାଇ ମାଧାଇ, କୁମ୍ଭୀର, ପିଙ୍ଗଳା, ଦ୍ରୌପଦୀ, ହରିଦାସ ଓ ଯବନଦାସ ପ୍ରଭୃତି ନାମଭକ୍ତଙ୍କ ଦୃଷ୍ଟାନ୍ତ କବି ଦେଇଛନ୍ତି ।

୨ୟ ଛାନ୍ଦରେ କବି ପଦନସାଧନା ଓ ଅଷ୍ଟାଙ୍ଗ ଯୋଗକୁ ପରିହାର କରିବା ପାଇଁ ଉପଦେଶ ଦେଇଛନ୍ତି । ୩ୟ ଛାନ୍ଦରେ ଚୈତନ୍ୟଙ୍କ ଅଷ୍ଟୋତ୍ତର ନାମ ବର୍ଣ୍ଣିତ ହୋଇଛି । ୪ର୍ଥରେ ଚୈତନ୍ୟଙ୍କୁ ପତିତପାବନ ବୋଲି ସମ୍ବୋଧନ କରି ନିଜକୁ ଦୋଷୀ ପାପୀ ଦେଖାଇ ତାଙ୍କର ନିକଟରେ ପ୍ରାର୍ଥନା କରିଛନ୍ତି । ୫ମ ଛାନ୍ଦ—ରାଧାଙ୍କ ଅଷ୍ଟୋତ୍ତରଶତ ନାମ । ୬ଷ୍ଠ ଛାନ୍ଦ—ଶ୍ରୀରାଧିକାଙ୍କ ପ୍ରାର୍ଥନା । ୭ମ ଛାନ୍ଦ—ଶ୍ରୀକୃଷ୍ଣଙ୍କ ଅଷ୍ଟୋତ୍ତରଶତ ନାମ । ୮ମ ଛାନ୍ଦ—ପୁନଃ ପ୍ରାର୍ଥନା । ୯ମ ଛାନ୍ଦ—ପୁନଃ ଅଷ୍ଟୋତ୍ତର ଶତ ନାମ । ୧୦ମ ଛାନ୍ଦ—ପୁନଃପ୍ରାର୍ଥନା । ୧୧ଶ ଛାନ୍ଦ—ସଖୀଙ୍କ ପ୍ରାର୍ଥନା । ୧୨ଶ ଛାନ୍ଦ—ଶ୍ରୀବୃନ୍ଦାବନ ଧାମ ବର୍ଣ୍ଣନ ।

ତାଳପତ୍ରପୋଥିର ଶେଷ ଶ୍ଳୋକ । ଏଥିରେ ଓଡ଼ିଶାର ରାଜା ପ୍ରତାପରୁଦ୍ର ଓ ରାୟରାମାନନ୍ଦଙ୍କ ନାମର ଉଲ୍ଲେଖ ଅଛି । ଚୈତନ୍ୟ ଓ ତାଙ୍କ ପାର୍ଷଦମାନଙ୍କର ନାମ, ହରିଦାସ, ଯବନଦାସ, ଜଗାଇମାଧାଇ ପ୍ରଭୃତିଙ୍କ ନାମ ଲିଖିତ ଅଛି । ଏମାନଙ୍କ ସମ୍ବନ୍ଧରେ ଅତି ଅଳ୍ପ ସୂଚନା ମାତ୍ର ଅଛି । ଏହା ଏ ଗ୍ରନ୍ଥର ଏକ ବିଶେଷତ୍ୱ ।

ପ୍ରତାପରୁଦ୍ରଙ୍କ ସମ୍ବନ୍ଧରେ—"ଜୟ ହେ ପ୍ରତାପରୁଦ୍ର ସଂସାରା (୩ୟ ଛାନ୍ଦ) ରାୟରାମାନନ୍ଦଙ୍କ ସମ୍ବନ୍ଧରେ—ଜୟ ରାୟ ରାମାନନ୍ଦାନନ୍ଦ-ମୂରତି ଚରଣବନ୍ଦିତ ମୂରତି ! (୩ୟ ଛାନ୍ଦ)

ଏହି ଗ୍ରନ୍ଥ ଛନ୍ଦିଟି କୃଷ୍ଣ, ରାଧା ଓ ଗୌରାଙ୍ଗଙ୍କ ନାମମାହାତ୍ମ୍ୟ ପାଇଁ ରଚିତ ହୋଇଛି ।

'ପ୍ରଚଳରସାମୃତ ଲକ୍ଷଣ' ପରେ ଏହି ଗ୍ରନ୍ଥଟି ରଚିତ ହୋଇଥିବା ଜଣାଯାଏ । କାରଣ, ୭ମ ଛାନ୍ଦର ବାଣୀ ଉଦ୍ଦେଶରେ "ସୁଖ ମୁଖାସ୍ୱ । ଲକ୍ଷଣ ଯାଚପଣ ବାଣୀ" ଲେଖାଅଛି ।

କବିଙ୍କ 'ପ୍ରେମ ତରଙ୍ଗିଣୀ'ର ୬ଷ୍ଠ ଛାନ୍ଦର "ଶ୍ରୀକୃଷ୍ଣଙ୍କ ଅଷ୍ଟୋତ୍ତର ଶତ ନାମ" ସହିତ 'ନାମ ଚନ୍ଦ୍ରମଣି'ର ସପ୍ତମ ଛାନ୍ଦର ଶ୍ରୀକୃଷ୍ଣ ଅଷ୍ଟୋତ୍ତର ଶତନାମର ସ୍ତବ ଓ ସ୍ଥାନରେ ସାମ୍ୟଥିବା ଦେଖାଯାଏ ।

ନାମ ଚନ୍ଦ୍ରମଣି ( ସପ୍ତମ ଛାନ୍ଦ । ରାଗ—ଅଷାଢ଼ ଶୁକ୍ଳବାରୀ )—

ହେ କୃଷ୍ଣ ହେ ବ୍ରଜବନ୍ଦ୍ୟ ନାଗର,
ହେ ନଟବର ମୁରଲୀଅଧର ।
ହେ ଘନଶ୍ୟାମ ପୁଷ୍ପିତଲୋଚନ,
ଶରଦ ପୂର୍ଣ୍ଣ ଚନ୍ଦ୍ରବଦନ ।
ନାସ୍ତ ରଥିତୋବ, ଗୋପାଳ ଗୋବିନ୍ଦ ହେ ପୀତାମ୍ବର ।୧।

ପ୍ରେମତରଙ୍ଗିଣୀ ( ୬ଷ୍ଠ ଛାନ୍ଦ । ରାଗ—ଜନଡ଼ା )—

ହେ ମୁରାରି ହେ କୃଷ୍ଣ ହେ ଶ୍ୟାମ ହେ ନାଥ
ହେ ହରି, ହେ ବ୍ରଜନାଗର, ହେ ନଟବର ମୁରଲୀ ଅଧର
ହେ ଘନଶ୍ୟାମ ହେ ମୟୂର ମୁକୁଟ
ଧୀର ନାଟବର ବେଶ ହେ ସୁନ୍ଦର ।
ହେ ଗୋବିନ୍ଦ ହେ ଗୋପାଳ ବନମାଳ
ହେ ବାସୁଦେବ ମକରକୁଣ୍ଡଳୀ,
ଦାମୋଦର ଅରବିନ୍ଦ ସଦାନନ୍ଦ, ଗୋପୀମୁଖ ପଦ୍ମଅଳି ହେ ସୁନ୍ଦର ।୧।

## ନିଷ୍ଠାନୀଳମଣି

ଓଡ଼ିଶାର ବୈଷ୍ଣବ ସାହିତ୍ୟମାନଙ୍କରେ ରାଧାକୃଷ୍ଣ ଲୀଳା ଗୂଢ଼ତ୍ୱ ଓ ଉଚ୍ଚସ୍ଥାନ ଅଧିକାର କରିଛି । ଚୈତନ୍ୟଦେବଙ୍କ ପୂର୍ବରୁ ଓ ତାଙ୍କ ସମସ୍ତରେ ଉତ୍କଳରେ-ବଙ୍ଗ ଭକ୍ତ ଓ କବି ରାଧାକୃଷ୍ଣ ଚରିତ୍ର ବର୍ଣ୍ଣନା କରି ଅମର ହୋଇଛନ୍ତି । ପଞ୍ଚସଖାଙ୍କ କୃତିମାନଙ୍କରେ ସମ୍ପ୍ରଦାୟସ୍ଥାନର

ବସ୍ତୁତ ତତ୍ତ୍ୱବ୍ୟାଖ୍ୟା ଓ ଗଦ୍ୟମାଧ୍ୟମର ସୂଚନା ବିଶେଷ ସ୍ଥାନ ଅଧିକାର କରିଥାନ୍ତି । ସେତେବେଳକୁ ଚୈତନ୍ୟପନ୍ଥୀ ବୈଷ୍ଣବମତ ବିଶିଷ୍ଟ ଆକାର ଧାରଣ କରିଥିଲା; ଏହାର ତତ୍ତ୍ୱଗତ ଦିଗରେ ଗଭୀର ଏହାର ସ୍ୱରୂପରେଖ ସ୍ପଷ୍ଟ ହେଲା । 'ବୃନ୍ଦାବନ ଗୋଲୋକଧାମ' ମାର୍ଗୀ, ରୂପସନାତନଙ୍କ ପ୍ରଭୃତି ଗୋସ୍ୱାମୀମାନେ ସଂସ୍କୃତରେ ବହୁ ପ୍ରାମାଣିକ ଗ୍ରନ୍ଥ ରଚନା କରି ସଂପ୍ରଦାୟ ମାର୍ଗ ପରିଷ୍କାର କରିଦେଲେ ଏବଂ ପରବର୍ତ୍ତୀ କବି ଭକ୍ତ ଏମାନଙ୍କ ପଦାଙ୍କ-ଅନୁସରଣ କରି ସାଂପ୍ରଦାୟିକ କାବ୍ୟକବିତା ଓ ଗ୍ରନ୍ଥ ରଚନା କଲେ । ଅଷ୍ଟାଦଶ ଶତାବ୍ଦୀ ଶେଷକୁ ଅର୍ଥାତ୍ ସଦାନନ୍ଦଙ୍କ ଆବିର୍ଭାବ ବେଳକୁ ଓଡ଼ିଶାରେ ବହୁ ବୃନ୍ଦାବନଧାମମାର୍ଗୀ ବୈଷ୍ଣବ ଗ୍ରନ୍ଥ ରଚିତ ହୋଇ ବୈଷ୍ଣବ-ମାନଙ୍କ ମନ ଆନନ୍ଦିତ କରୁଥିଲା । ଏହି ସଂପ୍ରଦାୟର ତଥ୍ୟ ଓ ତତ୍ତ୍ୱ ସମ୍ପର୍କରେ ସଦାନନ୍ଦ ଏକାଧିକ ଗ୍ରନ୍ଥ ରଚନା କରି ଜଣେ ପ୍ରଧାନ ସାଂପ୍ରଦାୟିକ ପ୍ରଚାରକର ଆସନ ଅଧିକାର କରି ପାରିଛନ୍ତି । ଶିଷ୍ୟ ଅଭିମନ୍ୟୁ ଗୁରୁଙ୍କ ପଦାଙ୍କ ଅନୁସରଣ କରିଛନ୍ତି । ସେ ରାଧାକୃଷ୍ଣ ଲୀଳାକୁ ସଂପ୍ରଦାୟଗତ ଭଙ୍ଗୀରେ ପ୍ରତ୍ୟକ୍ଷ କରି ଉତ୍କୃଷ୍ଟ କାବ୍ୟ ରଚନା କରିଛନ୍ତି । ପରବର୍ତ୍ତୀ ବୃନ୍ଦାବନଧାମପନ୍ଥୀ ବୈଷ୍ଣବ କବି ଓ ଲେଖକମାନଙ୍କର କୃତିରେ ଏହି ଦ୍ୱୟଙ୍କର ଛାୟା ପଡ଼ିଛି । ଏହି ଦୃଷ୍ଟିରୁ ସଦାନନ୍ଦଙ୍କ ଗ୍ରନ୍ଥମାନଙ୍କର ପ୍ରାଧାନ୍ୟ ସ୍ୱୀକାର୍ଯ୍ୟ । ବୃନ୍ଦାବନଧାମପନ୍ଥୀ ବୈଷ୍ଣବକବିମାନଙ୍କର କାବ୍ୟକବିତାର ମାଧୁର୍ଯ୍ୟ ଉପଭୋଗ କରିବାରେ ଏହି ସରଳ ସୁବୋଧ ଗ୍ରନ୍ଥମାନଙ୍କରେ ବର୍ଣ୍ଣିତ ସାଂପ୍ରଦାୟିକ ତତ୍ତ୍ୱ ସାହାଯ୍ୟ କରିବ । ଏହି କାରଣରୁ ସଂକ୍ଷେପରେ ତତ୍ତ୍ୱବିବରଣ ଦିଆଗଲା ।

'ବ୍ରହ୍ମ କଳାମଣି' କାବ୍ୟ ଛନ୍ଦରି ତ୍ରୁଟି ତ୍ରୁଟି ବାରଟି ସ୍ଥାନରେ ଶେଷ ହୋଇଛି । ବୈଷ୍ଣବ ଧର୍ମର କେତୋଟି ମୂଳତତ୍ତ୍ୱ ଏଥିରେ ବର୍ଣ୍ଣିତ ଅଛି । ଚୈତନ୍ୟଦେବଙ୍କ ସ୍ୱରୂପ ଓ ରୂପସନାତନାଦି ଗୋସ୍ୱାମୀମାନଙ୍କ ଦ୍ୱାରା ବହୁ ଉଲ୍ଲେଖ ପ୍ରତିପାଦିତ ତତ୍ତ୍ୱ ଓ ଆଦ୍ୟନ୍ତବସ୍ତୁର ଅନ୍ତର୍ଭୁକ୍ତ ବିଷୟ କେବଳ ଏଥିରେ ସ୍ଥାନ ପାଇଛି । ଅନ୍ୟ ବୈଷ୍ଣବ ସଂପ୍ରଦାୟମାନଙ୍କ ତତ୍ତ୍ୱ ବିଷୟରେ ବିଶେଷ ଉଲ୍ଲେଖଯୋଗ୍ୟ ବର୍ଣ୍ଣନା ନାହିଁ ।

'ଜ୍ଞାନଳମଣି' ଉତକାଣ୍ଡି ପ୍ରଧାନତଃ ଏକ ଶାସ୍ତ୍ରୀୟ ଗ୍ରନ୍ଥ । ଏଥିରେ ସ୍ଥଳବିଶେଷରେ ଭକ୍ତିତତ୍ତ୍ୱର ଦର୍ଶନ ମିଳୁଥିଲେ ମଧ୍ୟ ତାହା ସମସ୍ତ ଭକ୍ତ ଜନବର୍ଗକୁ ଆହ୍ଲାଦିତ କରିପାରି ନାହିଁ ।

'ଶକ୍ତି' ବା ମନକୁ ବୋଧ କରିବା ଉଦ୍ଦେଶ୍ୟରେ କବି କହନ୍ତି ଚିତ୍ତ ବୁଝାଇଛନ୍ତି ।

ଶୁଣରେ ଚିତ୍ତ ମୋର          କର ଏହି ବିଚାର
କେବଳ ଈଶ୍ୱର ଏକ ।୧। (୧ମ ଛାନ୍ଦ)

ସବୁ ଇନ୍ଦ୍ରିୟ ମଧ୍ୟରେ ପ୍ରଧାନ ମନ ଯେ
ତାହାର ବିଚାର ହେଲା ଏବେ ଏହି ଅଟଇ । ୨ ।
(୧ମ ଛାନ୍ଦ)

'ଜ୍ଞାନଜମଣି' ପ୍ରଶ୍ନ ଉତ୍ତର ରୂପ ଅବଲମ୍ବନ ଭଙ୍ଗୀ ସହିତ ଏଥିରେ ବର୍ଣ୍ଣିତ ହୋଇଛି । ଏଥିରେ 'ଶ୍ରୋତାବକ୍ତା' କେହି ନାହିଁ । କେବଳ କବି ନିଜେ ବର୍ଣ୍ଣନା କରିଛନ୍ତି ଏବଂ ସ୍ଥଳେ ସ୍ଥଳେ 'ମାନସ' 'ଅରେ ମନ' ପ୍ରଭୃତି ଅନ୍ୟ କେତେକ ସମ୍ବୋଧନ ଅଛି । ଗ୍ରନ୍ଥର ଆକାର ସାମାନ୍ୟ ହେବାର କାରଣ ସମ୍ଭବତଃ କବି କହୁଛନ୍ତି ଯେ କାବ୍ୟ ଅଳ୍ପ ହୋଇ ଗୂଢ଼ର ହୋଇଥିବ, ଏଥିରୁ ଭକ୍ତଙ୍କୁ ବୋଧ ହେଉଥିବ—ଏ ପ୍ରକାର ହେଲେ 'କବିତ୍ୱ ବଣ୍ଟ' ହୁଏ । କବି ନିଜର ଦୈନ୍ୟ ପ୍ରକାଶ କରି କହୁଛନ୍ତି ଯେ ସେ 'ତାତ୍ତ୍ୱିକ ଶବ୍ଦ କିଛି ବର୍ଣ୍ଣିବା କରିବେ ।' ମଙ୍ଗଳାଚରଣ ଛାନ୍ଦରେ ସାଧୁପ୍ରଶଂସା ଓ ଜଳନଦୀ: କରାଯାଇଛି ।

କେ ଶ୍ରୋତା କେ ବକ୍ତା ଏଥିରେ କିଛି ନ ବର୍ଣ୍ଣିବ,
ତାତ୍ତ୍ୱିକ ଶବ୍ଦ କିଛି ବର୍ଣ୍ଣିବ କରିବ । (୧ମ ଛାନ୍ଦ)

କବି ନିଜର ପ୍ରବନ୍ଧରେ ନିଜ କାବ୍ୟଟିକୁ 'ତାତ୍ତ୍ୱିକ ଗୀତ' ବୋଲି ମଧ୍ୟ କହିଛନ୍ତି । କିନ୍ତୁ ପ୍ରକୃତରେ ଏହା ଏକ ଅପୂର୍ବ ଗ୍ରନ୍ଥ । "ସମ୍ପୂର୍ଣ୍ଣ ତୁମ୍ଭ ରଚନା। ଜ୍ଞାନକମଣି ନାମେ ତାତ୍ତ୍ୱିକ ଗୀତ ।" (୮ମ ଛାନ୍ଦ) କବିଙ୍କ ବ୍ୟାକୁଳତା ଦେଖି ଭଗବାନ କୃଷ୍ଣ କୃପା କରିବାରୁ କବି ଏ ଗ୍ରନ୍ଥ ଲେଖିଛନ୍ତି ବୋଲି ବର୍ଣ୍ଣନା କରିଛନ୍ତି—

ବାଞ୍ଛାକଳ୍ପତରୁ କୃଷ୍ଣ ଭକତେ ଦେବକ,
କବିସୂର୍ଯ୍ୟ ବ୍ରହ୍ମା ଦେଖିଣ ଭାବୁକ । (୧ମ ଛାନ୍ଦ)

ଅନ୍ୟ କେତେକ ସ୍ଥଳରେ ଭକ୍ତ ପ୍ରବରମାନଙ୍କର ମହିମା ବର୍ଣ୍ଣନା ଓ ଉଦ୍ଦେଶ ସମ୍ପର୍କରେ କହିଛନ୍ତି ଯେ 'ସମସ୍ତ ଜୀବ'ଙ୍କୁ ଯେ ବିଷ୍ଣୁ ସ୍ୱରୂପ ଭଗବାନ୍ ଜାଣନ୍ତି ।

ଦୁର୍ଗତି ପାଏ ପୂଜକ ଦ୍ୱାର ନିର୍ମଳ,
ଅଦ୍ଭୁତ ଭକ୍ତିଭାବୁ ଜାଣି ଭଗବାନ ସେ । (୩ୟ ଛାନ୍ଦ)

ଜଗନ୍ନାଥମନ୍ଦିରେ ଉତ୍କଳର ସଦାନନ୍ଦ ବୈଷ୍ଣବତତ୍ତ୍ୱ ସମ୍ପର୍କରେ ଗ୍ରନ୍ଥରେ ଯେଉଁସବୁ ଉପଦେଶ ଦେଇଛନ୍ତି ତାର ସାରାଂଶ ଏହିପରି—

ବୈଷ୍ଣବ ମାର୍ଗ—ସ୍ଥାବର, ଜଙ୍ଗମ, କୀଟ ଓ ପତଙ୍ଗ—ଏପରି ଚାରି ଭେଦରେ ସମସ୍ତ ସୃଷ୍ଟିକୁ ବିଭକ୍ତ କରାଯାଇଛି । ବ୍ରହ୍ମ, କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ର—ଏ ଚାରି ଆଶ୍ରମ । ବେଦରେ ପ୍ରବୃତ୍ତି ଓ ନିବୃତ୍ତି ଦୁଇ ମାର୍ଗର ଉଲ୍ଲେଖ ଅଛି । ପ୍ରବୃତ୍ତି ମାର୍ଗରେ ସୁଖ ଦୁଃଖ ଓ ନିବୃତ୍ତି ମାର୍ଗରେ ଜନ୍ମମୃତ୍ୟୁ ଲୁଚେ । ବୈଷ୍ଣବ, ଶାକ୍ତ, ଗାଣପତ୍ୟ ଓ ସୌର—ଏ ଚାରି ସମ୍ପ୍ରଦାୟ ପ୍ରବୃତ୍ତି ଓ ନିବୃତ୍ତି ମାର୍ଗରେ ଚଳନ୍ତି । ବୈଷ୍ଣବମାନେ ଦ୍ୱୈତବାଦୀ ଓ ସ୍ମାର୍ତ୍ତମାନେ ଅଦ୍ୱୈତବାଦୀ ।

ଚାରି ବୈଷ୍ଣବ ସମ୍ପ୍ରଦାୟ : ମତବାଦ—ବୈଷ୍ଣବମାନଙ୍କର ଭଗବାନଙ୍କଠାରେ ସେବ୍ୟସେବକ ସମ୍ପର୍କ; ଭଗବାନ ପ୍ରଭୁ, ମନୁଷ୍ୟ ଦାସ । ଏହି ବୈଷ୍ଣବ ସମ୍ପ୍ରଦାୟ ଶ୍ରୀ, ବ୍ରହ୍ମ, ରୁଦ୍ର ଓ ସନକ—ଏ ଚାରି ପ୍ରକାରେ ପ୍ରକାଶିତ । ଶ୍ରୀ (ଲକ୍ଷ୍ମୀ) ମତରେ (ସମ୍ପ୍ରଦାୟରେ) ଶ୍ରୀରାମାନୁଜାଚାର୍ଯ୍ୟ, ବ୍ରହ୍ମ ସମ୍ପ୍ରଦାୟରେ ମାଧ୍ୱାଚାର୍ଯ୍ୟ, ସନକସମ୍ପ୍ରଦାୟରେ ଶ୍ରୀନିମ୍ବାର୍କ, ଓ ରୁଦ୍ର ସମ୍ପ୍ରଦାୟରେ ଶ୍ରୀବିଷ୍ଣୁସ୍ୱାମୀ ପ୍ରଧାନ ଆଚାର୍ଯ୍ୟରୂପେ ସ୍ୱୀକୃତ । ବୈଷ୍ଣବମତ ଶିଖାସୂତ୍ରିଶ୍ୟ ଜନ୍ମରେ ଭୂତଳରେ ଲକ୍ଷଣ ଏବଂ ଭେଦ ଅଛନ୍ତି । ଅନ୍ୟ ସ୍ମାର୍ତ୍ତମତରେ ଏହିପରି ନାହିଁ । ସମ୍ପ୍ରଦାୟ ଅଧୀନ ଲୋକର ସବୁ ଧର୍ମ

ଗୃହୀତ ହୁଏ । ଏହି ମତ ବୈଷ୍ଣବ ଧର୍ମ୍ମାବଲମ୍ବୀର ମୂଳ ପ୍ରଧାନ ଧାମ—ଜଗନ୍ନାଥ (ଭୁବନେଶ୍ୱର), ବଦ୍ରିକାଶ୍ରମ, ଦ୍ୱାରକା ଓ ପୁରୁଷୋତ୍ତମ । (ଚୈତନ୍ୟପନ୍ଥୀଙ୍କ ମତରେ) ବୃନ୍ଦାବନ ଅନନ୍ୟଧାମ । ସାଧାରଣତଃ ବୈଷ୍ଣବମାନେ ମୁକ୍ତିକୁ ଇଚ୍ଛା କରନ୍ତି ନାହିଁ ।

ନାରଦ, ବ୍ୟାସ, ସନକ, ଶୁକ ଓ ବଶିଷ୍ଠ ଆଦି ମୁନିଋଷିମାନଙ୍କର ମତକୁ ଅନୁସରଣ କରି ବୈଷ୍ଣବମାନେ ଚଳନ୍ତି । ବ୍ୟାସଦେବଙ୍କ ପୁରାଣମାନଙ୍କ ମଧ୍ୟରେ ଶ୍ରୀମଦ୍ ଭାଗବତ ହିଁ ମହାପୁରାଣ । ଏହି ଗ୍ରନ୍ଥର ପଞ୍ଚମ ରସ ସ୍ୱୟଂ କୃଷ୍ଣ ଗୌରରୂପରେ ଆସ୍ୱାଦିଥିଲେ । ଶ୍ରୀଚୈତନ୍ୟଙ୍କ କୃପାରୁ ଶ୍ରୀରୂପ ଓ ସନାତନାଦି ବୈଷ୍ଣବମାନେ ଏହି ଗ୍ରନ୍ଥର ତତ୍ତ୍ୱକୁ ବିସ୍ତୃତଭାବରେ ପ୍ରକାଶ କରିଛନ୍ତି । ବୈଷ୍ଣବମାନେ (ଚୈତନ୍ୟପନ୍ଥୀ) ଶ୍ରୀରୂପ ଗୋସ୍ୱାମୀ ଆଦିଙ୍କର ମତକୁ ବେଦ ବଚନଠାରୁ ଅଧିକ ମାନନ୍ତି ।

ଦୀକ୍ଷା—ଯେ ସେ ଲୋକଙ୍କଠାରୁ ନେବା ଉଚିତ ନୁହେଁ । କାରଣ ଦୀକ୍ଷା ନେଲା ପରେ ଗୁରୁ ତ୍ୟାଗ ହୁଏ ନାହିଁ । ସଦ୍‌ଗୁରୁ ଦେଖି ତାଙ୍କଠାରୁ ଦୀକ୍ଷା ନେବା ଉଚିତ । ମହାକୁଳପ୍ରସୂତ, ବହୁ ଯଜ୍ଞଦୀକ୍ଷିତ, ବହୁ ଶାସ୍ତ୍ର-ବେତ୍ତା ହେଲେ ମଧ୍ୟ ସେ ଯଦି ଅବୈଷ୍ଣବ ହେବେ ତାଙ୍କଠାରୁ ଦୀକ୍ଷା ନେବା ଉଚିତ ନୁହେଁ । ଶୂଦ୍ର ଯଦି ଭକ୍ତ ହୋଇଥାଏ ତେବେ ସେ ଗୁରୁ ହେବାପାଇଁ ଯୋଗ୍ୟ । ଅଜ୍ଞତା ବଶରୁ ଯଦି ଅବୈଷ୍ଣବଠାରୁ ଦୀକ୍ଷା ନେଇଥିବ ତାହାହେଲେ ତାଙ୍କୁ ଆଉ ଗୁରୁ ବୋଲି ମାନିବ ନାହିଁ । ସେ ଦେଇଥିବା ମନ୍ତ୍ରକୁ ଲେଖି ଜଳରେ ଭସାଇଦେଲେ ଗୁରୁଶିଷ୍ୟ ସମ୍ପର୍କ ଛୁଟିବ । ପୁଣି ସଦ୍‌ଗୁରୁ କରିବ । ଉପଯୁକ୍ତ ପାତ୍ରରେ ଦୀକ୍ଷାଦାନ କରିବା ଗୁରୁଙ୍କ କର୍ତ୍ତବ୍ୟ । ଶିଷ୍ୟ ଆଗେ ଗୁରୁଙ୍କ ପୂଜାକରି ପରେ କୃଷ୍ଣଙ୍କ ପୂଜିବ । କୃଷ୍ଣଭକ୍ତ ଗୁରୁପଦକୁ ସେ.ଶା ନୁହନ୍ତି । ଶିଷ୍ୟ ଗୁରୁ-କୃଷ୍ଣ-ବୈଷ୍ଣବଙ୍କୁ ନ ଭଜିଲେ ସେ ଶିଷ୍ୟ ନୁହେଁ । ନାମ, ରୂପ, ବୟସ, ବେଶ, ସେବାସକ୍ତି, ଗୁଣ-ଅବସ୍ଥା, ସମ୍ବନ୍ଧ, ଯୂଥ, ପାଲ୍ୟ, ଦାସୀ, ନିବାସ—ଏ ଏକାଦଶବିଧ ସାଧନା ।

ବୈଷ୍ଣବ ଜୀବଯାତ୍ରା —ବୈଷ୍ଣବଙ୍କ ଜୀବଯାତ୍ରାର ସମ୍ବନ୍ଧରେ ମଧ୍ୟ ସଦାନନ୍ଦ କହିଛନ୍ତି । ତାଙ୍କ ମତାନୁସାରେ ରାତ୍ର ଚାରିଦଣ୍ଡ ଥାଉଁ ଉଠିବ, ଶ୍ରୀ ଶ୍ରୀ ଗୁରୁଧ୍ୟାନମାନ କରିବ, ଶ୍ରୀ ଶ୍ରୀ ପ୍ରଣାଳୀ ଅନୁସାରେ ଚଳିବ, ମହାପ୍ରଭୁଙ୍କ ପାଦପଦ୍ମରେ ମିଳିବ, ଯାହାର ଯେଉଁ ରସ ତାକୁ ସେ ବସ୍ତୁରେ ମନରେ ଚିନ୍ତା କରିବ । ରାଧାକୃଷ୍ଣ ନାମ କୀର୍ତ୍ତନ କରୁ କରୁ ଉଠ ହେବ । ଯଥା-ବିଧାନେ ବାହ୍ୟକ୍ରିୟା ଦନ୍ତଧାବନ ସାରି ସ୍ନାନ କରିବ । ରାଧାକୃଷ୍ଣ ମନ୍ତ୍ର ପଢ଼ି ସ୍ନାନ କରିବ । ଗଙ୍ଗା ଯମୁନାଷ୍ଟକାଦି ସ୍ତୋତ୍ର ପାଠକରି ଗୃହରେ ପ୍ରବେଶ ହେବ । ତୁଳସୀ ମୂଳରେ ପାଣି ଦେବ । ଶାସ୍ତ୍ରମତ ବାକ୍ୟ ପଢ଼ି ପ୍ରଦକ୍ଷିଣ କରିବ, ପ୍ରଣାମ କରିବ, ପରେ ତୁଳସୀମଞ୍ଜୀ ଶ୍ୟାମାଧନ ଓ ଊର୍ଦ୍ଧ୍ୱାଦି ଧାରିବ । ଶ୍ରୀହରି ମନ୍ଦିର ତିଳକ ଧାରଣ କରି ଦେହେଁ ନାମାକ୍ଷର ଦେଇବ । ଗୋପୀଚନ୍ଦନ ଦେଇ ଏ ସେବା କରିବ । ଗୁଞ୍ଜ, ତୁଳସୀ, ପଦ୍ମ, ଶ୍ୟାମାଧନ, ଧାତ୍ରୀ ଏହି ପଞ୍ଚମାଳା ଦେଇ ରାଧାକୃଷ୍ଣଙ୍କର ସ୍ତୁତିସ୍ତବ ପାଠ କରିବ । ନାମାକ୍ଷର (ନାମାବଳୀ) ବାସଓଢ଼ଣ ଦେଇବ । ଶ୍ରୀଗୁରୁ ଚରଣେ ଧ୍ୟାନ କରିବ । ପ୍ରଣାଳୀ ପ୍ରଭାତେ ଗୌର ଓ ପରିକରମାନଙ୍କ ଚରଣ ବନ୍ଦିବ । ଶଚୀସୁତ ·ନନ୍ଦନନ୍ଦନଙ୍କୁ ଆଉ ତାଙ୍କ ପ୍ରିୟ ସନ୍ନିଧାନ, ବସ୍ତ୍ର, ବେଶ, ଅଳାପାଦି ଏକାଦଶ-ବିଧ ସାଧନା ଅନୁସାରେ ଚିନ୍ତା କରିବ । ସିଦ୍ଧସାଧକ ସ୍ୱରୂପ ଆପଣା ପର୍ଯ୍ୟନ୍ତ ଧ୍ୟାନ କରିବ ଏବଂ ସଖୀ ଦେହହିଁ ଧ୍ୟାନ କରିବ । ଗୁରୁରୂପା ସଖୀଙ୍କରେ ରହିବ । ସମସ୍ତ ଅନୁସାର ରହି ଆପଣାର ଯେଉଁ ସେବା ତାକୁ କରିବ । ମନ୍ତ୍ର ଧ୍ୟାନକୁ ମୁଦ୍ରେଣ ପଢ଼ିବ, ଜଳ ଇଷ୍ଟମତ ମନ୍ତ୍ର ଜପିବ । ହରିନାମ, ଗୁରୁ ଗୋପାଳ ମନ୍ତ୍ର (ଅଷ୍ଟାଦଶାକ୍ଷର, ଦଶାକ୍ଷର) ତିନି ବାଳେ ରାଧାମନ୍ତ୍ର —ଏଥିରୁ ଯାହା ପାଇଥିବ ତାହା ସ୍ମରଣ କରିବ । ପଞ୍ଚନାମ ଦ୍ୱିଜଲମନ୍ତ୍ର, କୃଷ୍ଣମନ୍ତ୍ର, ଗୌର-ଗୋପାଳ ମନ୍ତ୍ର, ଗଦାଧର ମନ୍ତ୍ର, ଗୌରସୁନ୍ଦର ମନ୍ତ୍ର, ଚୈତନ୍ୟ ମନ୍ତ୍ର, କୃଷ୍ଣତାରକ ବାସୁଦେବ ମନ୍ତ୍ର —ଏଥିରୁ ମନ୍ତ୍ରକୁ ଯାହାର ଯାହା ମନ ସେହି ମନ୍ତ୍ର ଜପ କରିବ । ସ୍ତବମାଳାରୁ ସ୍ତୁତି ପାଠ କରିବ । ସାଧକର ପଞ୍ଚନାମ ମୂଳ । ସିଦ୍ଧର ନାମ ଗାୟତ୍ରୀ । ଏହି ତିନି ଜଣଙ୍କର ତିନି ପ୍ରକାର ମନ୍ତ୍ର ।

ତଦନ୍ତର ଗୌରାଙ୍ଗଙ୍କୁ ଭଜିବ, ମନରେ ସେହି ପ୍ରକାର ଅନୁରାଗ ବଢ଼ିବ ଯେଉଁ ପ୍ରକାର ଦାମୋଦର ବାସ ଓଢ଼ିବ ! ସିଦ୍ଧି ପ୍ରଣାଳୀ ସମୟରେ ଶ୍ରୀରାଧିକାଙ୍କ ସମସ୍ତ ସଖୀ ଏକ ଶ୍ରୀରୂପ ଅଙ୍ଗରେ ଗୁରୁରୂପା ସ୍ଥିର ପାର୍ଶ୍ୱରେ ରହି ସେବା କରିବ । ତହୁଁ ଇଷ୍ଟ ଶ୍ରୀମୂର୍ତ୍ତି ଦର୍ଶନ, ସ୍ପର୍ଶନ, ଚରଣାମୃତ ପାନ କରିବ, ତାହାପରେ ବୈଷ୍ଣବଙ୍କୁ ଦଣ୍ଡବତ କରିବ, ପଦରେ ଅଧରାମୃତ ପାଇବ, ପୁଣି ଆପେ ଭୋଜନ କରିବ !

ଯେବେ ବୈଷ୍ଣବଶାସ୍ତ୍ରରେ ଅନ୍ୟ ଶିବ ଦେବଦେବୀ କୃଷ୍ଣଚନ୍ଦ୍ର ସମାନ ଜ୍ଞାନ କରିବ ନାହିଁ । ସମସ୍ତ ବୈଷ୍ଣବେ ଭାଗବତ ପଢ଼ିବ । ସନ୍ଧ୍ୟାକାଳେ ଆରତି ଦର୍ଶନ ଆଉ ନାମସଂକୀର୍ତ୍ତନ କରିବ । ପୁଣି ପୂର୍ବପରି କୃଷ୍ଣଙ୍କୁ ଧ୍ୟାନ କରି ଶୟନ କରିବ । ଯେ ହରିନାମ ସଂଖ୍ୟା କରିଥିବ କାଳବେଳ ନ ଦେଖି ସଦା ଭଜନ କରିବ । ଏକାଦଶୀ, ଜୟନ୍ତୀ, ଦୋଳଯାତ୍ରାଦି ଉତ୍ସବ କରିବ । ଧନଜନ, ଦାରାଦାସ ଓ ଆପଣା କୃଷ୍ଣଙ୍କଠାରେ ସମର୍ପଣ କରିଥିବ । ରାଗାନୁଗା ସାଧନ ଏହି ପ୍ରକାର । କର୍ତ୍ତବ୍ୟ ବେଳରେ ବୈଧୀ ଅଙ୍ଗ । କୃଷ୍ଣଙ୍କ ଅଷ୍ଟକାଳରେ ଗୁରୁ ଦେହେ ସାକ୍ଷାତ୍କାର । ଏହା ଜାଣି ଦେହେ ସେବା କରିବ ।

ସେବା ବୋଲିବ କୃଷ୍ଣ ଅଗ୍ରାଗତେ,
ପ୍ରୀତି କରିବ ତାହାର ସଙ୍ଗତେ ।
ଅଛ ଏଥିରୁ ପୂର୍ବ ଜନ୍ମର,
ଗୁରୁ ଦେହେ ଏତ ସାକ୍ଷାତ୍କାର ।
ଯେବେ ପଶୁ ସଦେଶର ଥିବା,
ତାହା ଦୃଷ୍ଟାନ୍ତ ଦେଖଣ କହିବା ।
ପତିବ୍ରତା ସ୍ୱାମୀ ଦୂରେ ମରନ୍ତେ,
ଜାଣି ତାହା ତନୁ ଜଳୁ ଯେମନ ।
ଖଣ୍ଡା ଚୋଟକୁ କଟାରି ନ ଯାଇ,
ଯେସନ ଅଗ୍ନି ଭିତରେ ଯାଏ ଜଳ ।
ତନ୍ତୁ ବଳ୍ମୀକରୁ ସ୍ୱାମୀ ମିଳଇ,
ଏରୂପେ କହିଲ ମୁହିଁ ବୁଝାଇ ।

ଏଣୁ ଶ୍ରୀଗୁରୁ ଶ୍ରୀମୂର୍ତ୍ତି ତାହାଙ୍କ,
ପ୍ରେମେ ସେବା କରିବ ପ୍ରତ୍ୟକ୍ଷ ।
ଏହା ଭଜନ ପାଇଁ ମୂଳ ସୂତ୍ର,
ଅଟଇ ଆପଣା ମନ ବଳିବାରୁ ।
ମନଠାରେ ଅଛି ସବୁ କାର୍ଯ୍ୟ,
ସବୁ ଶିକ୍ଷାରେ ମନ ଅଟେ ମୂଳ ।
ଅତେବ ଚିତ୍ତ ତୁ ମୋତେ କୃପା କର,
ଏହି ପଦେ ଭଜନ ସିଦ୍ଧ କର ।
ସୁରେଶ୍ୱର ରସିକର ଚରଣେ,
ପ୍ରେମାନୁବନ୍ଧ ଭାବ ଅନୁକ୍ଷଣେ । (ଶ୍ରୀମ ଗ୍ରନ୍ଥ, ଗୀ:ଟୀ:)

ସଙ୍ଗନିଷ୍ଠା—ସଙ୍ଗନିଷ୍ଠା ବିଷୟରେ ସଦାନନ୍ଦ କହିଛନ୍ତି ଯେ ଧନବନ୍ତ, ରାଜ୍ୟ, ଜନପ୍ରିୟତା ହେଲେ ମଧ୍ୟ ଏବଂ କପାଳ ପୋଡ଼ିଲେ ମଧ୍ୟ ସତ ଭକ୍ତଗୋଷ୍ଠୀ ଭଳି ଏଥିରେ କାହା ଅଛି ତେବେ ସେସବୁ ସଙ୍ଗରେ ପ୍ରତ୍ୟାଖ୍ୟାନ କାହିଁ । ଭକ୍ତରେ ବୋଲି ଧରି, ଭକ୍ତିକ ଭାବ, ମୁଖେ ‘ରାଧା ଗୋବିନ୍ଦ’ ଉଚ୍ଚାରିବ, ସ୍ୱଚ୍ଛତା ଥିବ, ସନ୍ତୋଷ ହୋଇ ନଥିବ, ଯେ ଦେଖି ଯେ ମନେହୁଏ ଏ ବୈଷ୍ଣବ ଭକ୍ତ, ଯେଉଁ କୃଷ୍ଣଙ୍କ ଚିହ୍ନ (ପଦ୍ମ, ବଂଶୀ) ଥିବ, ତାହାହେଲେ ତେବେହେଁ ସୁସିଦ୍ଧାନ୍ତ କରିବୁ ମିଳିବ । ଭଗବାନ କୃଷ୍ଣ ଓ ଚୈତନ୍ୟଙ୍କଠାରେ ଏକାନ୍ତ ଶରଣାଗତ ହୋଇ କେବଳ ବୈଷ୍ଣବ ଭକ୍ତଙ୍କ ସଙ୍ଗେ ଭକ୍ତଗୋଷ୍ଠୀ କରିବ । ଯେଉଁ ବୈଷ୍ଣବ ଭକ୍ତ ରାଧାକୃଷ୍ଣ ନାମ ମୁଖରେ ଗାନ କରୁଥିବ, ଯେଉଁ ଦୁଇହାତ ତେକିକୁ ଅଶ୍ରୁଧାର ବହୁଥିବ, ଅଙ୍ଗରେ ସାତ୍ତ୍ୱିକ ଚିହ୍ନମାନ ପ୍ରକାଶ ପାଉଥିବ, ଶ୍ରଦ୍ଧାଠାରୁ ପ୍ରେମ ପର୍ଯ୍ୟନ୍ତ ଭକ୍ତି-ଧାରାରେ ସମନ୍ୱୟରେ ଭକ୍ତିଯିବ, ଶାନ୍ତ ଆଦି ଅନୁଭବ ସାହାଯ୍ୟ ଅଙ୍ଗରେ ଲକ୍ଷ୍ୟ ହେବ, ଏପରି ପରମ ବୈଷ୍ଣବଙ୍କ ସଙ୍ଗରେ ଭକ୍ତଗୋଷ୍ଠୀ କରିବ ।

ଭକ୍ତିନିଷ୍ଠା—ଏକାନ୍ତଭାବେ କୃଷ୍ଣ ଅଦ୍ଭୁତ ଓ ଏକାନ୍ତ ଭକ୍ତିନିଷ୍ଠା । ଚୈତନ୍ୟଦେବ, କୃଷ୍ଣ, ଗଦାଧର ରାଧା—ଏହି ହୃଦୟରେ ଏହି ଯୁଗଳମୂର୍ତ୍ତି ଧାରଣ କରି ସେମାନଙ୍କ ପାଦରେ ଚିତ୍ତ ରଖିବା ମଧ୍ୟ ଏକାନ୍ତ ଭକ୍ତିନିଷ୍ଠା ।

ଗୋଲୋକ ବୃନ୍ଦାବନ : ନିତ୍ୟବିହାର—କୃଷ୍ଣ ସ୍ୱୟଂ ଭଗବାନ । ସେ ପୁଣି ବ୍ରଜେନ୍ଦ୍ର ନନ୍ଦନ । ତାଙ୍କର ଗୋଲୋକ ବୃନ୍ଦାବନରେ ନିତ୍ୟ ବିହାର । ଏହିଠାରେ "ନାହିଁ ସୃଷ୍ଟି ବ୍ରହ୍ମା ସ୍ରଷ୍ଟା, ପ୍ରଳୟ ପବନ ଶୋଷ, ନାହିଁ ଅନନ୍ତଶଯ୍ୟା ବ୍ୟାପେ ବୃଦ୍ଧି ବିଭବ ।" ଅନନ୍ତଶଯ୍ୟା ବ୍ୟାପୀରେ ସମ୍ପୂର୍ଣ୍ଣ ନିତ୍ୟ ବୃନ୍ଦାବନ ହିଁ ବୈଷ୍ଣବଙ୍କ ଅଲୌକିକ ପରମ ଧାମ । ଏଠାରେ ଯୋଗମାୟାଙ୍କ ପୂର୍ବ ଅନୁମତି ବିନା କେହି ପ୍ରବେଶ କରି ପାରିବେ ନାହିଁ । ଏହି ସ୍ଥାନପ୍ରାପ୍ତି ସାଧନାଲବ୍ଧ । ତେବେ ବୃନ୍ଦାବନ ଶ୍ରୀକୃଷ୍ଣଙ୍କ ଲୀଳା ସ୍ଥାନ । ଏହା ବୈକୁଣ୍ଠ ଅପେକ୍ଷା ଶ୍ରେଷ୍ଠ, କାରଣ ବୈକୁଣ୍ଠାଧିପତି ମହାବିଷ୍ଣୁ କୃଷ୍ଣଙ୍କର କଳା ଅଂଶ ବିଶେଷମାତ୍ର । ଏହି ନିତ୍ୟ ଗୋଲୋକରେ ଅଧିକାର ପାଇବା କଷ୍ଟସାଧ୍ୟ ଅଟେ । ଶ୍ରୀକୃଷ୍ଣଙ୍କ ସ୍ୱାଶକ୍ତି ଭଗବତୀ ଯୋଗମାୟାଙ୍କ ଅନୁଗ୍ରହରେ ତାଙ୍କର ଅନ୍ତରଙ୍ଗ ଭକ୍ତ ଏହି ଗୋଲୋକ ଧାମରେ ଅଧିକାର ପାଆନ୍ତି । ଏଠାରେ ଶ୍ରୀରାଧାକୃଷ୍ଣ ପଦାମ୍ବୁଜ ଦର୍ଶନ, ବୃନ୍ଦାବନ ଧୂଳିରେ ଅବଗାହନ ବୈଷ୍ଣବର ଏକାନ୍ତ କାମ୍ୟ ।

ଅନ୍ୟ ଦେବଦେବୀ ଆରାଧନା : 'ନ ନିନ୍ଦା ନ ସ୍ତୁତି'—କୃଷ୍ଣଭକ୍ତ ଅନ୍ୟାନ୍ୟ ଦେବଦେବୀମାନଙ୍କୁ "ନ ନିନ୍ଦ ନ ବନ୍ଦ ବୈଷ୍ଣବରେ" ସୂତ୍ରାନୁଯାୟୀ, କାରଣ ସମସ୍ତଙ୍କଠାରେ ଏକ ଈଶ୍ୱରଙ୍କର ଶକ୍ତି ନ୍ୟୂନାଧିକରେ ଅଛି । କିନ୍ତୁ କେବଳ ଶିବାଶ୍ରୟ, ଭଗବାନ୍ ଅଦ୍ୱିତୀୟ କୃଷ୍ଣଙ୍କୁ ଭକ୍ତିରେ ଭଜିବ । ଗଣେଶଙ୍କୁ ଅଗ୍ରପୂଜ୍ୟ ବୋଲି ସବୁ ପୂଜା କରିବ । "ଭକ୍ତିରେ ବିଘ୍ନ ନପଡ଼ୁ" ବୋଲି ପ୍ରାର୍ଥନା କରିବ । ଶିବ କୃଷ୍ଣ ଅଭିନ୍ନ । ଶିବ ବୈଷ୍ଣବାଗ୍ରଣୀ । ତାଙ୍କ ଚରଣ ବନ୍ଦନା କରିବ । ପ୍ରକୃତି ଭଗବତୀ ଦେବୀ ଦୁର୍ଗା କୃଷ୍ଣଙ୍କ ତାମସ ଶକ୍ତି । କୃଷ୍ଣଙ୍କ ଆଜ୍ଞାରେ ସେ ସଂହାର କରନ୍ତି । ତାଙ୍କୁ ପୂଜା କରିବ । ଶାକ୍ତମାନେ ଛାଗ, ମହିଷି ବଳି ଦେଇ ପୂଜା କରନ୍ତି ଉଚିତ ନାହିଁ । ବୈଷ୍ଣବଙ୍କର ସ୍ୱତ୍ୱ କେବଳ ଭକ୍ତି । ତାଙ୍କର ନିର୍ମାଲ୍ୟ ସେବାରେ ବ୍ରଜେନ୍ଦ୍ର ନନ୍ଦନଙ୍କୁ ପାଇବା ହିଁ କାମ୍ୟ । ଚନ୍ଦ୍ର, ସୂର୍ଯ୍ୟ ଈଶ୍ୱର ସନ୍ନିଧ୍ୟ; ସେମାନଙ୍କୁ ଅବହେଳା ନ କରିବ । ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର ବ୍ରହ୍ମାଣ୍ଡର ସୃଷ୍ଟି, ପାଳନ, ସଂହାରକର୍ତ୍ତା । ସେମାନେ କୃଷ୍ଣଙ୍କର ଅବତାର, ଏହା ଜାଣି ଆଦର କରିବ । ମହାବୈକୁଣ୍ଠରେ ମହାନାରାୟଣ ଲକ୍ଷ୍ମୀଙ୍କ ସହିତ ବିହାର କରୁଛନ୍ତି । ତାଙ୍କର ଶକ୍ତି କୃଷ୍ଣଙ୍କ ସମାନ ହେଲେ ମଧ୍ୟ

ମଥୁରାରେ କୃଷ୍ଣ ଲୀଳାରେ ମାଧୁର୍ଯ୍ୟ ନାହିଁ କି ଗୋପୀମାନଙ୍କ ପ୍ରେମ ବ୍ରଜେନ୍ଦ୍ର ନନ୍ଦନଙ୍କ ନିତ୍ୟଧାମ ଗୋଲକସ୍ଥ ବୃନ୍ଦାବନରେ ଅତ୍ୟଧିକ ଅନନ୍ତ ରସ ସେଠାରେ ନାହିଁ । ଏ ପ୍ରକାର ଶ୍ରୀକୃଷ୍ଣ ଦେବ ଓ ବ୍ରଜଦେବ ବୃନ୍ଦାବନ ଶ୍ରୀକୃଷ୍ଣଙ୍କଠାରୁ ଭିନ୍ନ । ଅତଏବ 'ଦ୍ୱାରକା କୃଷ୍ଣ' ବୈଷ୍ଣବର 'ପ୍ରାଣନାଥ' ନୁହନ୍ତି । ସେ ଅନନ୍ତ ମଧୁ ଲୀଳାମାଳା ଦେଖି ମୁଗ୍ଧ ହୋଇଥିଲେ । ଶ୍ରୀରାଧା ଓ ଗୋପୀମାନଙ୍କସହ କୃଷ୍ଣଙ୍କର ବିହାର ଏବଂ ବୃନ୍ଦାବନ ଗୋଲକ ଧାମର ମହିମା । ଏଠାରେ ବେଦବିଧି ଗୋଚର ନାହିଁ । ବହୁବେଳେ ସୁଧାକରଙ୍କୁ ସୁଧାଧାର ଧାର ଧାର ହୋଇ ଝରୁଛି ।

କୃଷ୍ଣ ମହିମା—କୃଷ୍ଣଙ୍କର ମହିମା ଓ ଗୁଣ ଅନେକ । ପୂତନା, ଶକଟା, ତୃଣା, ବକା ପ୍ରଭୃତି ଅସୁରମାନଙ୍କୁ ବିନାଶ କଲେ । ଯାମଳାର୍ଜ୍ଜୁନ ଭଞ୍ଜନ କଲେ । କାଳିକୁ ମୁକ୍ତି ଦେଲେ । ଅଘକୁ 'ହେ! ପୁଅ ମାଉସ' ବୋଲି କହି ତାଙ୍କୁ ଉଦ୍ଧାର କଲେ, ଏପରି ପ୍ରଭୁଙ୍କର କରୁଣା । ଇନ୍ଦ୍ର ସାତଦିନ ବୃଷ୍ଟି କଲେ; ଗୋବର୍ଦ୍ଧନ ଟେକିକୁ ଟେକି ଗୋକୁଳର ପ୍ରାଣୀମାନଙ୍କୁ କୃଷ୍ଣ ରକ୍ଷା କଲେ । ଇନ୍ଦ୍ର ଶରଣ ପଶିଲେ । ବ୍ରହ୍ମା ଅପରାଧ କଲେ, କୃଷ୍ଣ ତାଙ୍କୁ କ୍ଷମା କଲେ । ଏ ପ୍ରଭୁଙ୍କର କ୍ଷମା ଗୁଣ । ମଥୁରାରୁ ଦ୍ୱାରକା ଯାଇ ସେଠାରେ ବହୁ ରୂପରେ ଲୀଳା କଲେ । ବହୁ ମହିଷୀ ବିବାହ କଲେ । ରାଜାରୂପରେ ସେବା କଲେ । ପାଣ୍ଡବଙ୍କ ମିତ୍ର ହେଲେ । ଏ ସବୁ ପ୍ରଭୁଙ୍କର ଐଶ୍ୱର୍ଯ୍ୟ ଗୁଣ । କିନ୍ତୁ ଏପରି ଲୀଳା ଶୁଣିଲେ ବୈଷ୍ଣବ ମନରେ ଭୟ ମାଡ଼େ । "ଏ ମହିମାମାନ କହିବେନି ଜନ । ଭୟ ମାଡ଼ଇ ମୁଁ ହୋଇ ମନ୍ଦ ।" କୋଟି କୋଟି ବ୍ରହ୍ମାଣ୍ଡ ତାଙ୍କ ନିଶ୍ୱାସରୁ ଜାତ । ବ୍ରହ୍ମା, ରୁଦ୍ର ଓ ଶିବ ତାଙ୍କଠାରୁ ଜାତ । ମହାବିଷ୍ଣୁ ଆଦି ତାଙ୍କ ଅଂଶରୁ ଜାତ । କୃଷ୍ଣଙ୍କର ରାଧା ଓ ଗୋପୀମାନଙ୍କର ଲୀଳା ଅଲୌକିକ । ପ୍ରଭୁଙ୍କର ଐଶ୍ୱର୍ଯ୍ୟ ଦେଖିଲେ ତାଙ୍କ ମନରେ 'ମୁଁ ଈଶ୍ୱର' ଏହି ଭାବ ଜାତ ହୁଏ । କେବେ ସେ ଇଚ୍ଛା କରନ୍ତି ମାତ୍ରେ ସମସ୍ତ କାର୍ଯ୍ୟ ହୋଇଯାଏ । ଏଥିରେ ଭଗବାନ ଜଗତକୁ ଭୋଳାଇ ଦେଉଛନ୍ତି । କେବେଳେ ଗୋପୀଙ୍କ ପ୍ରେମ ହେଉଛି ତାଙ୍କର ବିଶେଷ ମହିମା । ଏହି ମହିମା ଶୁଣି ବୈଷ୍ଣବମାନଙ୍କର ଏତେ ଭୋଗିଲେ ପ୍ରଭୁଙ୍କରେ ମନ ଭରେ ନାହିଁ ।

ନୂଆ ସୁହାଗି ନୂଆ ନୂଆ ବେଶ,
ପୁଣି ନୂଆ ସୁରୁଙ୍ଗ ନୂଆ ନୂଆ ହାସ ।
ନୂଆ ଭଙ୍ଗିତ ବଚନ ସେ ବିସ୍ମୟ,
ପୁଣି ହୋତବ୍ୟ ଦ୍ରଷ୍ଟବ୍ୟ ଯାର ସେ ଧନ୍ୟ । (୧୦ମ ଛାନ୍ଦ)

ବ୍ରଜଲୀଳା ଦ୍ୱାରକା ଲୀଳାଠାରୁ ଉତ୍କୃଷ୍ଟ—ବ୍ରଜର ଶୃଙ୍ଗାର ରସ ପରମ ଆସ୍ୱାଦନୀୟ ଓ ସ୍ପୃହଣୀୟ । ଅନ୍ୟସ୍ଥାନ ଅପେକ୍ଷା ବ୍ରଜର ଶୃଙ୍ଗାର ରସ ସ୍ୱତନ୍ତ୍ର ଧରଣର । ସଂସାରରେ ଶୃଙ୍ଗାର ରସ ନଥାଇ ପାରିବାହିଁ ନାହିଁ । ବୈକୁଣ୍ଠରେ ଲକ୍ଷ୍ମୀ ଓ ନାରାୟଣଙ୍କ ବିହାର, ଦ୍ୱାରକାରେ କୃଷ୍ଣଙ୍କର ମହିଷୀମାନଙ୍କ ସଙ୍ଗେ ବିହାର, ହରପାର୍ବତୀଙ୍କ ବିହାର, ସୀତାରାମଙ୍କ ବିହାର ଶୃଙ୍ଗାର ରସର ହେଲେ ମଧ୍ୟ ତାହା କେବଳ ସମ୍ଭୋଗ ନାମରେ ଖ୍ୟାତ । କିନ୍ତୁ ବ୍ରଜର ଶୃଙ୍ଗାର ନିଶ୍ଚିତ ଏସବୁ ସମାନ ନୁହେଁ ।

ଅନ୍ତଃପୁରରେ ସୀତା ସୁନ୍ଦର, କେହୁ ଜିଣା ବ୍ରଜେ ଶୃଙ୍ଗାର ।
ରୁକ୍ମିଣୀ ତା ହୁଦାଇ ଭଣ୍ଡ, ଦୋଷଣ ସ୍ତ୍ରୀ ସବେ ଭଣ୍ଡ ।
ଉଗ୍ରରେ ସ୍ତ୍ରୀ ସୁଖ ହେତୁ ଅଧମ, ସେ ହେତୁ ଜିଷ୍ଣୁ ହରମ ।
ଗୋପୀ କୃଷ୍ଣ ମଣ୍ଡଳେ ରସ, ପାଇ ଶିବହାନିଲ ହାସ ।
ସ୍ୱେଦଉଠାଇ ନାନା ବିକାର, ଫୁଟାଇଲେ ମିଶ୍ରତା ଅପାର ।
ଆଣ୍ଡ ସୃଜନ ମନ୍ଦ ରତି, ହେଲେହେଁ ଅସିଦ୍ଧତା ଏତି ।
ଅଛୁ ଯାବନ ଜେତେ ସ୍ତ୍ରୀଜନ, ତହିଁରେ ସମ୍ଭୋଗ କେବଳ ।
(୧୧ଶ ଛାନ୍ଦ)

ପୁଣି ଏସବୁ ସ୍ଥଳରେ ନାୟିକାମାନେ ଦକ୍ଷିଣ ନାୟକ । ନାମଗ୍ରନ୍ଥ ଯଶରେ 'ବାମତା' ଶକ୍ତି ନାହିଁ ।

ନାୟିକାର ସେ ଅବାସ୍ତବ, ଦେଖ ଗୁଣ ପରମ ବାଣ ।
ହେତୁପୂର୍ଣ୍ଣ ଅର୍ଘ୍ୟ ଦେଶ, ମାନ ବଢ଼ାଇ ଏ ହୃଦୟ ।
ଏ ଦୂତ ଭଙ୍ଗି ଏହୁ ଛନ୍ଦ, ନାହିଁ ଲକ୍ଷ୍ମୀବେ ବୈବଦେବୀ । X X
ଅସ୍ତନାୟିକା ଯେସମାନ, ଯେଉଁରେ ନାହିଁ ସ୍ୱପାର୍ଶ୍ୱନ । (୧୧ଶ ଛାନ୍ଦ)

ଏହି ଭାବରେ କୃଷ୍ଣ ଦ୍ୱାରକାରେ ଥିଲବେଳେ ମହିଷୀମାନଙ୍କ ସହିତ ବିହାର କରି ସେମାନଙ୍କର ପ୍ରୀତି ଅନୁଭବ କରୁଥିଲେ ମଧ୍ୟ ସେଥିରେ ତାଙ୍କର ମନବୋଧ ହେଉ ନଥିଲା । ସେଥିହେତୁ ସେ ନବବୃନ୍ଦାବନ ରଚନା କରି ସେଠାରେ ରାଧାଙ୍କୁ ସ୍ମରଣ କରି କାତରରେ ରୋଦନ କରୁଥିଲେ । ଗୋପୀ-ପୀରତି ଅନୁଭବ ଯୋଗୁଁ କୃଷ୍ଣ ଅତି ବ୍ୟଗ୍ରତା ପ୍ରକାଶ କରିବାରୁ ମହିଷୀ-ମାନଙ୍କର ସୌଭାଗ୍ୟଗର୍ବ କ୍ରମେ ନାଶ ପାଇବାକୁ ଲାଗିଲା । ରୁକ୍ମିଣୀ ଏ ସବୁ ବୁଝିପାରି ପ୍ରଭୁଙ୍କୁ ଏହିପରି ପ୍ରବୋଧ କଲେ—

ପରସ୍ତ୍ରୀ ସଙ୍ଗେ ବନ ଗାଇ, ଏଣୁ ସୁ ନାଥ ନ ଭୁଲନ୍ତି ।
ଛାଡ଼ି ନ ପାରନ୍ତି ଅଭ୍ୟାସ, ଅନେକ ହୋଇଲେ ସେହି ଅଂଶ ।
(୧୧ଶ ଛାନ୍ଦ)

ଏହା କହି ନବବୃନ୍ଦାବନ ରଚନା କରି ସେଠାରେ ମହିଷୀମାନଙ୍କୁ ଗୋପୀ ଭାବରେ ପ୍ରେମ କରିବା ପାଇଁ କୃଷ୍ଣଙ୍କୁ କହିଲେ । କୃଷ୍ଣ ଏମାନଙ୍କର ମନୋଗତ ଅଭିଳାଷ ବୁଝିପାରି ସେମାନଙ୍କର ମନୋଭାବ ଯେ କେତେ ନ୍ୟୂନ ଧରଣର ଏବଂ ସେମାନେ ଯେ ଗୋପୀଙ୍କ ପରି ହୃଦୟ ନିର୍ମଳ ପ୍ରେମ ଦାନ କରି ପାରିବେ ନାହିଁ ତାହା ପ୍ରମାଣିତ କରି ସେମାନଙ୍କୁ ଦେଖାଇବା ନିମନ୍ତେ ଏହି ପ୍ରସ୍ତାବରେ ସମ୍ମତ ହେଲେ । ନବବୃନ୍ଦାବନରେ ବୃନ୍ଦା ଉପସ୍ଥିତ ହେଲେ । ପୂର୍ବକଳ୍ପିତ ମତେ କୃଷ୍ଣ କୁଞ୍ଜଭିତରେ ବଂଶୀବାଦନ କଲେ । ମହିଷୀ-ମାନେ ସେଠାରେ ଗୋପୀମାନଙ୍କ ପରି ସୁସଜ୍ଜିତ ହୋଇ ଲୁଚି ଲୁଚି କୃଷ୍ଣଙ୍କ ସ୍ଥାନକୁ ଯିବାପାଇଁ ବାହାରିଲେ; କିନ୍ତୁ ବହୁ ବିଘ୍ନ ବାଟରେ ପଡ଼ିଲା । ଲୁଚି ବାହାର ହେଉଁ ହେଉଁ କାହା ଆଗରେ ଶାଶୁ, କାହା ଆଗରେ ଶ୍ୱଶୁର, ସ୍ୱାମୀ, ଭଣଜା, ପୁତ୍ର, ନାତି ଦେଖାଦେଲେ । ମହିଷୀମାନେ ଏହା ଦେଖି ବାହୁଡ଼ିଲେ । କୃଷ୍ଣଙ୍କ ମନ କିନ୍ତୁ ବ୍ରଜଲୀଳା ସ୍ମରଣରେ ତନ୍ମୟ ରହିଲା ।

ସମସ୍ତ ରାତି କୃଷ୍ଣ ତହିଁ, ମୁରଲୀ ବଜାଇ ବଜାଇ ।
ରୋଦନ କରି କହିଥିଲେ, ହା ବ୍ରଜ ! ହା ବ୍ରଜ ! ବୋଲଇଲେ ।
ପାହିଲ ମାତ୍ରେ ଶ୍ରୀଧର, ଫେରିଲେ ମିଳିଲେ ନିଜ ପୁର ।

ଏଥିରେ ମନ୍ତ୍ରୀମାନେ ଜଳ ଭ୍ରମ ଭୁଲି ଯାଉଲେ । ଯେମନ୍ତେ ପ୍ରକୃତ କନ୍ଦର୍ପ ପୀଡ଼ାରେ ସମ୍ଭୋଗ କରି ବହୁ ସନ୍ତାନ ଲାଭ କରିଛନ୍ତି । କିନ୍ତୁ ବ୍ରଜରେ ପ୍ରାକୃତ କନ୍ଦର୍ପର ଅଧିକାର ନାହିଁ । ସେଠାରେ ସେ କେବଳ ଅନଙ୍ଗ । ପ୍ରାକୃତ ନରନାରୀମାନେ ଏହା ଜାଣି ପାରିବେ ନାହିଁ । ଏହି ଅପ୍ରାକୃତ ପ୍ରେମରେ ପ୍ରତ୍ୟେକ ପ୍ରତ୍ୟଙ୍ଗ ଲକ୍ଷଣରେ ଉଦ୍ଦୀପକ ହୁଅନ୍ତି । ନୟନ, ନାସିକା, ଭ୍ରୂଲତା, ଓଷ୍ଠ, ପାଦାଙ୍ଗୁଳି ଏଥିରେ ସହାୟକ ହୁଅନ୍ତି । ଏହି ପ୍ରେମରେ ପ୍ରେମିକ ପ୍ରେମିକାଙ୍କ ଅଙ୍ଗରେ ଯେଉଁ ବିବିଧ ଚେଷ୍ଟା ପ୍ରକାଶିତ ହୁଏ ତାହା ଅନ୍ୟ ସ୍ଥାନରେ ମିଳେନାହିଁ ।

ଅଙ୍ଗ ପ୍ରତ୍ୟଙ୍ଗ ଜଣେ ଜଣେ, ସହାୟ ହୁଅନ୍ତି ଲକ୍ଷଣେ ।
ନୟନ ଦୂତପଣ କରେ, ନାନାଦି ଚେଷ୍ଟାକୁ ଆଚରେ ।
କୁଞ୍ଚିତ ଚକିତ ମୁଦ୍ରିତ, ହସାଇ ଚକିତ ସ୍ଫୁରିତ ।
କେତେବେଳେ ଉଠେ ଚଳନ, ଲଳାଟପଟେ ବା ମିଳନ ।

ସଙ୍କେତ ସ୍ଥାନମାନଙ୍କୁ ହିଁ, ନେତ୍ର ନ ଯାଇ ଅଶେଷ ଯାଇ ।
ଦୃଷ୍ଟାନ୍ତର କଥା କୁହାଇ, ଅବା ଉଚ୍ଚାର କରଇ ।
ଯାହାର ନାସ୍ତି ବୈଦେଶ୍ୟ ନେଇ, ପାଦ ପଙ୍କଜେ ପ୍ରଣମଇ ।
ଅଶ୍ରୁ ଯେତେଣୁ ବିନ୍ଦୁ ଜଳରେ, ମିଳାଇ ଅଙ୍ଗ ଭଙ୍ଗିତରେ ।

ନାସିକା ଫୁଲି ଉଠୁଥାଇ, ଗାମ୍ଭୀର୍ଯ୍ୟ ଜନ ପ୍ରାପ୍ତ ହୋଇ ।
ଭ୍ରୂଲତା ଥାଇ ଭାବ ସଙ୍ଗେ, ଅନେକେ ନାଚେ ନବରଙ୍ଗେ ।
ତୋହର ବିପରୀତ କର୍ମ,     ଶୁଣି ଲାଗିବ ମୋର ଭ୍ରମ ।

ସୂତ ଋଷିର କହିଲେ —

ଶୁଣ ଏ ବେଦର ବଚନ, ଅଛଇ ଭିନ୍ନ ଭିନ୍ନ କର୍ମ ।
କର୍ମର ହେତୁରୁ ଫଳ ଫଳେ, ଭୁଞ୍ଜଇ ଏ ମହୀମଣ୍ଡଳେ ।
କର୍ମର ଫଳ ଭୋଗ କରି, ଜନ୍ତୁ ଭ୍ରମନ୍ତି ବହୁଜନ୍ମ ।
ତେଣୁ ମୁଁ କର୍ମ ନ କରଇ, କର୍ମେ ମୋ ପ୍ରୟୋଜନ ନାହିଁ ।
ସମ୍ପାଦି କଲେ ନାନାକର୍ମ, କର୍ମେ ନ ଛୁଟେ ନାନା ଭ୍ରମ ।
ଜୀବର ମୋକ୍ଷ ଧର୍ମ ସାର, ଆତ୍ମା ଦର୍ଶନେ ମନ ସ୍ଥିର ।

କର୍ମହିଁ ଜୀବର ବନ୍ଧନ; ସକଳ କର୍ମକୁ ତ୍ୟାଗ କରିବାହିଁ ମୋକ୍ଷ । ଆତ୍ମଜ୍ଞାନରେ ଏହି ମୋକ୍ଷ ସମ୍ଭବ । ଏହି ତତ୍ତ୍ୱପୂର୍ଣ୍ଣ ମୁନିମାନଙ୍କ ବହୁ ପ୍ରଶ୍ନର ଅବତାରଣା କରି ବୁଝାଇ ଅଛନ୍ତି । ଭଗବାନ ଶ୍ରୀମୁଖରେ ତୁଳ ରୂପ ଧରି ଏ ସୃଷ୍ଟି ବର୍ଣ୍ଣନା କରିଛନ୍ତି । କର୍ମର ଫଳ ଭୋଗ କରିଥିବା ଜୀବ ସଂସାରରେ ଜନ୍ମଲାଭ କରି ମାୟା ମୋହରେ ପଡ଼ି ରହୁଛି । କର୍ମ କରି ମୁକ୍ତ ପାଇବା ଅସମ୍ଭବ, ସକଳ କର୍ମ ତ୍ୟାଗ କରି ଆତ୍ମାରେ ବ୍ରହ୍ମ ଦର୍ଶନ କଲେ ମୁକ୍ତି ସମ୍ଭବ । ବେଦର ଗୁଢ଼ ଅର୍ଥ ବୁଝି ନପାରି ଲୋକେ କର୍ମରେ ଲିପ୍ତ ରହୁଛନ୍ତି । ବେଦରେ ନିର୍ଗୁଣ ଭକ୍ତିର ନିର୍ଦ୍ଦେଶ ଅଛି । ଏ ନିର୍ଗୁଣ ଭକ୍ତିଦ୍ୱାରା ବ୍ରହ୍ମଜ୍ଞାନ ସମ୍ଭବ । ଜ୍ଞାନଯୋଗ ସମର୍ଥିତ ପନ୍ଥାକୁ ଚୈତନ୍ୟ ଦାସ ବଡ଼ ସୁନ୍ଦର ଭାବରେ ଏ ଗ୍ରନ୍ଥରେ ପ୍ରତିପାଦନ କରିଅଛନ୍ତି । ଜ୍ଞାନାଗ୍ନି ଦ୍ୱାରା ସକଳ କର୍ମ, ସକଳ ପାପ ଦଗ୍ଧ ହୋଇଯାଏ ଓ ଜୀବ ଆତ୍ମଜ୍ଞାନ ଲଭି ସେଥୁଁ ମୁକ୍ତ ପ୍ରାପ୍ତ ହୁଏ, ଏହି ତତ୍ତ୍ୱଟିକୁ ବାରମ୍ବାର ବିଭିନ୍ନ ଅଧ୍ୟାୟରେ ବୁଝାଇଛନ୍ତି ।

ଅନେକ ପାପ ଅର୍ଜିଥିଲେ, ହରଇ ତାହା ଜ୍ଞାନ ଜଳେ ।
ନାନା ପାତକ ଅର୍ଜି ପ୍ରାଣୀ, ସେବେ ହୁଅଇ ବ୍ରହ୍ମଜ୍ଞାନୀ ।
ଜ୍ଞାନ ଅନଳେ ପାପ ଦହେ, ପାପରାଶି ଅଙ୍ଗେ ନ ରହେ ।

( ୧୪ଶ ଅଧ୍ୟାୟ )

ଭଗବତ୍ ଗୀତାର ଜ୍ଞାନଯୋଗର ସାରତତ୍ତ୍ୱ ସହିତ ନିର୍ଗୁଣ ମାହାତ୍ମ୍ୟର ମୂଳତତ୍ତ୍ୱର ସାମଞ୍ଜସ୍ୟ ଅଛି ।

ସେପାଇଁ ଗୋଟି ଗୋଟି ଅଧ୍ୟାୟରେ ଭକ୍ତି କର୍ମ, କର୍ମଫଳ, ଆତ୍ମଜ୍ଞାନ, ନିର୍ଗୁଣ ବ୍ରହ୍ମ, ବ୍ରହ୍ମଙ୍କ ସୃଷ୍ଟି ସର୍ଜନା, ଧ୍ୟାନ, ନିର୍ଗୁଣ ଭକ୍ତି ପ୍ରଭୃତି ବସ୍ତୁ ବିଷୟ ସୁନ୍ଦର ଭାବରେ ବର୍ଣ୍ଣନା କରିଛନ୍ତି । ଗୀତ ଅପସ୍ତ ଦୃଷ୍ଟିରେ ଗ୍ରନ୍ଥଟି ଲେଖା ।

ଭାଷା ଅତି ସହଜ ଓ ସରଳ । ଅତି ଜଟିଳ ତତ୍ତ୍ୱକୁ ଅତି ସହଜ ଭାବରେ ଚୈତନ୍ୟ ଦାସ ବୁଝାଇ ପାରିଛନ୍ତି ।

(୧) ସକଳ ଭୂତେ ବିଷ୍ଣୁ ଅଛନ୍ତି, ତା ଭାବ ବେଦ ନ ଜାଣନ୍ତି । (୧ମ ଅ:)
(୨) ଜନ୍ମ ମରଣେ ଭୟ ନାହିଁ, ଆତ୍ମାର ତତ୍ତ୍ୱ ଯେ ଜାଣଇ । (୧ମ ଅ:)
(୩) ଗୋବିନ୍ଦ ହୃଦେ କର ଧର, କେତେବେଳେ ନୋହିବ ବାହାର । (୧ମ ଅ:)
(୪) କର୍ମ ଛୁଟାଇ କର୍ମ କରେ, ଆନନ୍ଦେ ଜଗତ ବିସ୍ତରେ । (୨ୟ ଅ:)
(୫) ତାହାର ନକଲ ନୋହେ କେହୁ, ତା ବିନୁ ଅନ୍ୟ କେହୁ ନାହିଁ । (୨ୟ ଅ:)
(୬) ନିର୍ଗୁଣ ସ୍ୱରୂପ ମୁରାରି, ଖେଳଇ ତ୍ରିଗୁଣ ଆବୋରି ।
ଭବୁଝି ସିତ ପ୍ରକୃତି ଯେହ୍ନ, ସେ ଦ୍ୱାରେ ତ୍ରିଗୁଣ ବୋଲାଇ ।
କର୍ମ ଆବୋରି ଏ ସଂସାରେ, ତ୍ରିଗୁଣ ବନ୍ଧୁ କେବା ତରେ ? (୨ୟ ଅ:)
(୭) କର୍ମର ଫଳ ଭୁଞ୍ଜିବାକୁ, ତେଣୁ ସଞ୍ଚିବ ଜନ୍ମ ମୃତ୍ୟୁ । (୨ୟ ଅ:)
(୮) ସକଳ କର୍ମ ବେଗେ ତେଜ, ନିର୍ମଳ ମନେ ବ୍ରହ୍ମ ଖୋଜ । (୩ୟ ଅ:)
(୯) ଆତ୍ମା ଜ୍ଞାନରେ ତାକୁ ପାଇ, ଆନ ଭାବରେ ଭେଟ ନାହିଁ । (୩ୟ ଅ:)
(୧୦) ମୋତେ ଦେଖିଲେ ଜନ୍ମ ନାହିଁ ସେ ପାରେ ଜନ୍ମରେ ଯାଇଁ ।
ଯାଇଁବା ଛଟକର ଭାବ, ଜଣି ପାରିବ ସେତେ ଠାବ । (୪ର୍ଥ ଅ:)
(୧୧) ସକଳ କର୍ମ ବିଷ୍ଣୁ ପାଶେ, ସମର୍ପି ରହିବ ହରଷେ । (୫ମ ଅ:)
(୧୨) ଯେ ଜନ ଭକ୍ତି ଯୋଗ କଲେ, ଅବଶ୍ୟ ଫଳେ ଠାକୁରାଳେ । (୬ମ ଅ:)
(୧୩) ଦେଖିଲେ ମୋ ସ୍ୱରୂପ ଶୁଦ୍ଧ, ଅନ୍ତେ ମୋ ଅଙ୍ଗେ ଥିବ ରୁଦ୍ଧ । (୬ମ ଅ:)
(୧୪) ନବ ପୃଥ୍ୱୀ ନବ ଦ୍ୱାର, ଏ କାୟା ବ୍ରହ୍ମାଣ୍ଡ ସଂସାର । (୮ମ ଅ:)
(୧୫) ପୁଣ୍ୟ ହୋଇଲେ ଜ୍ଞାନ ବାଟ, ଅନାଦି ବ୍ରହ୍ମ ହୋଏ ଭେଟ । (୧୬ଶ ଅ:)

କବି 'ଜ୍ଞାନ ଚଉତିଶ' ନାମକ ଏକ ଶ୍ରେଷ୍ଠ ତତ୍ତ୍ୱ ଗ୍ରନ୍ଥ ଲେଖିଥିବା ଜଣାଯାଏ ।

କବି ଗ୍ରନ୍ଥଦ୍ୱୟର ସ୍ୱଚ୍ଛ ସରଳଭାଷା ଜଟିଳ ତତ୍ତ୍ୱ ବିଷୟ ସହଜରେ ବୁଝିବା ଦିଗରେ ବହୁତ ସାହାଯ୍ୟ କରିଛନ୍ତି । ତାଙ୍କର ସରଳ ସ୍ୱଚ୍ଛ, ଲଳିତ ଭଙ୍ଗୀ, କଥୋପକଥନ ଛଳରେ ତତ୍ତ୍ୱ ବ୍ୟାଖ୍ୟା ପାଠକର ମନକୁ ଆକର୍ଷଣ କରିପାରିଛି । ଏହି ବିଶେଷତ୍ୱ ଯୋଗୁଁ କବି ନିରାକାର ନିର୍ଗୁଣତତ୍ତ୍ୱକୁ ଓଡ଼ିଶାର ଅପେକ୍ଷାକୃତ ଅଳ୍ପଶିକ୍ଷିତ ଲୋକଙ୍କ ସମ୍ମୁଖରେ ସ୍ପଷ୍ଟତର ଉପସ୍ଥାପିତ କରିପାରି ତତ୍ତ୍ୱପ୍ରଚାରରେ ବହୁ ସାହାଯ୍ୟ କରିଛନ୍ତି । ଏହି କାରଣରୁ ନିର୍ଗୁଣ ନିରାକାର ପନ୍ଥୀ ଓ ମହିମାପନ୍ଥୀମାନେ ଚୈତନ୍ୟଦାସଙ୍କ ଗ୍ରନ୍ଥକୁ ଏକ ପ୍ରାମାଣିକ ଗ୍ରନ୍ଥରୂପେ ଗ୍ରହଣ କରିଛନ୍ତି ଏବଂ ଏହି ଛନ୍ଦପ୍ରବର୍ତ୍ତିତ ତତ୍ତ୍ୱ ବହୁକବିଙ୍କୁ ଯୁଗବୋଧିର କବିତା ରଚନା କରି ଓଡ଼ିଆ ସାହିତ୍ୟର କବିତାଭଣ୍ଡାରକୁ ସମୃଦ୍ଧ କରିବାରେ ସାହାଯ୍ୟ କରିଛି ।

# ନବମ ପରିଚ୍ଛେଦ

## ରାଜା ନାରାୟଣ ଦେବ

ସାଧାରଣ ମନୁଷ୍ୟର ଜୀବନରେ ଯେପରି, ଗୋଟିଏ ଜାତିର ଜୀବନରେ ମଧ୍ୟ ସେହିପରି ଅନେକ ପ୍ରକାରର ଉତ୍ଥାନ ଓ ପତନ ଦେଖାଯାଏ । ଆଜି ଯେ ଅମୀର କାଲି ସେ ଫକୀର ଓ କାଲି ଯେ ଫକୀର ଆଜି ସେ ଅମୀର ହେଉଛି । ଆଜି ଯେଉଁ ଜାତି ଧନରେ, ମାନରେ ଓ ବଳରେ ଜଗତରେ ଶୀର୍ଷସ୍ଥାନ ଅଧିକାର କରିଅଛି, କାଲି ହୁଏତ ସେ ଦରିଦ୍ର, ପରପଦ ଦଳିତ ଲାଞ୍ଛିତ ହୋଇ ପଡ଼ିଛି ।

ଏ ସବୁ ଉତ୍ଥାନ ପତନ ସତ୍ତ୍ୱେ ଜାତି ବଞ୍ଚିରହେ । ଅନେକ ସମୟରେ ଶାସକୀୟ ସ୍ତରରେ ଜାତିର ମୃତ୍ୟୁ ଘଟିଥାଇ ପାରେ; କିନ୍ତୁ ମାନସିକ ସ୍ତରରେ, ଆତ୍ମାର ଜଗତରେ ସେ ଅମର ହୋଇ ରହିଥାଏ । ଏହା ସମ୍ଭବପର ହୋଇଥାଏ ଜାତିର କାର୍ଯ୍ୟକଳାପଦ୍ୱାରା ଜଗତକୁ ତାର ଚିରନ୍ତନ ଦାନଦ୍ୱାରା ।

ଆଜି ଯଦି କେହି ପଚାରେ ଯେ, ଓଡ଼ିଆ ଜାତି ଏହି ସହସ୍ର ବର୍ଷ ବ୍ୟାପି ପତନ ସ୍ତରରେ କାହାଦ୍ୱାରା ବଞ୍ଚି ରହିଛି, ତେବେ ସେ କୌଣସି ଲୋକ ନିଃସଙ୍କୋଚରେ ଉତ୍ତର ଦେବ—"ଓଡ଼ିଆ ଜାତି ବଞ୍ଚି ରହିଛି, ତାର ଶିଳ୍ପକଳା ସ୍ଥାପତ୍ୟ ଓ ତାର ଅମର ସାହିତ୍ୟଦ୍ୱାରା ।"

ଭୁବନେଶ୍ୱର, ଜଗନ୍ନାଥ, କୋଣାର୍କ ମନ୍ଦିର; ଖଣ୍ଡଗିରି, ଉଦୟଗିରିର ଗୁମ୍ଫା; ସାହିତ୍ୟ ଦର୍ପଣ, ଗୀତଗୋବିନ୍ଦ, ସଙ୍ଗୀତ ନାରାୟଣ, ଅଳଙ୍କାର ଚନ୍ଦ୍ରିକା, ସିଦ୍ଧାନ୍ତ ଦର୍ପଣ ଓ ଜଗନ୍ନାଥ, ଲୋକନାଥ, ଉପେନ୍ଦ୍ର, ଦୀନକୃଷ୍ଣ, ଅଭିମନ୍ୟୁ, ସଦାନନ୍ଦ ଓ ବଳଦେବ ପ୍ରଭୃତିଙ୍କ କାବ୍ୟରାଜି ଓଡ଼ିଆ ଜାତିକୁ ଅମର କରି ରଖିଛି । ଯେଉଁ ମହାତ୍ମାମାନେ ଜଗତ ସମ୍ମୁଖରେ ଓଡ଼ିଆ ଜାତିର ମାନମର୍ଯ୍ୟାଦା ବୃଦ୍ଧି କରିଛନ୍ତି, ସେମାନଙ୍କ ମଧ୍ୟରୁ ପାରଳାଧୀଶ ଗଜପତି ଶ୍ରୀ ନାରାୟଣ ଦେବ ଜଣେ ।

ନାରାୟଣ ଦେବ ବୀର, ଯୋଦ୍ଧା, ବୈଷ୍ଣବ, ଦାତା, କବି, ସଙ୍ଗୀତଜ୍ଞ ଓ ଅଳଙ୍କାରିକ ଥିଲେ ।

୧୮ଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ପାରଳାକିମେଣ୍ଡି ଅଧିପତି ଶ୍ରୀ ନାରାୟଣ ଦେବ ଜନ୍ମଗ୍ରହଣ କରିଥିଲେ । ସେ ଗଜପତି ଜଗନ୍ନାଥ ନାରାୟଣ ଦେବ ନାମରେ ମଧ୍ୟ ପରିଚିତ ଥିଲେ । ରାଜା ଶ୍ରୀ ଅନନ୍ତ ପଦ୍ମନାଭ ଦେବ ଅପୁତ୍ରକ ଥିବାରୁ ଜଗନ୍ନାଥ ନାରାୟଣଙ୍କୁ ପୋଷ୍ୟପୁତ୍ର କରିଥିଲେ । ପାରଳା ବଂଶର ରେଡ଼ି ପଣ୍ଡିତ ଭରଦ୍ୱାଜ ଏକ ପୁରୁଣା ତାଳପତ୍ର ପୋଥିରୁ ଦେଲେ, ସେଥିରେ ନାରାୟଣ (ଜଗନ୍ନାଥ ନାରାୟଣ) ଦେବଙ୍କ ସମ୍ବନ୍ଧରେ ଲେଖାଅଛି—

"ଏହି ଜଗନ୍ନାଥନାରାୟଣ ଦେବ ହିଜିରୀକଲେ ୧୧୪୯ ମାଂସ ଥାଏଇ । ଏହି ରାଜା ବଳବନ୍ତ ହେବାରୁ ଚିକାକୋଲଠାରୁ ଛତ୍ରଗଡ଼ ପର୍ଯ୍ୟନ୍ତ ଅଖଣ୍ଡିତ ଅଧିକାର କଲେ । ଅନେକ ଶାସନ, ଧର୍ମ କୀର୍ତ୍ତିମାନ କଲେ । ଏ ମଧ୍ୟରେ ଯାଫିର ଖାଁ ବୋଲି ନବାବ ଥିଲା । ଚିକାକୋଲଠାରେ ଉକଳକର ମନ୍ଦର, ଅଠଗଡ଼, ଟିକଳି, ବଡ଼ଖେଡ଼ି—ଏ ଚାରି ଜମିଦାରଙ୍କୁ ଖଜଣାକର ଘେନି ଯାଉଥିଲା । ସେ ସମୟରେ ଶସ୍ତ୍ରାମ ଗଡ଼ଠାରେ ଯୁଦ୍ଧ ହେଉଥିଲା । ମୁସାହାବଦୀନ ବୋଲି ନବାବ ଥିଲା । ତାଙ୍କ ସଙ୍ଗେ ଯୁଦ୍ଧ ଥିଲେ । ସେ ସମୟରେ ଶୁଣିଲେ ଯାଫିର ଖାଁ ନବାବ ଏ ଚାରି ଜମିଦାରଙ୍କୁ କାରାରୁଦ୍ଧ କରି ବନ୍ଦୀ କରିଅଛି । ଏହା ଶୁଣି ସ୍ୱଗଡ଼କୁ ପାଥିଙ୍କୁ ଶସ୍ତ୍ରାମରେ ରଖି ଫୌଜ ସମସ୍ତ ଘେନି ତାଙ୍କ ରାଜଧାନୀ ଦେଇ ସେଠାରୁ ଜଗନ୍ନାଥନାରାୟଣ ଦେବ ମହାରାଜା ଚିକାକୋଲଠାରେ ନବାବଙ୍କୁ ବନ୍ଦୀ କରି ଏ ଜମିଦାରମାନଙ୍କୁ ଛଡ଼ାଇ ଆଣିଲେ । ସମସ୍ତ ଜମିଦାରମାନଙ୍କୁ ଖଲାସିଅର୍ଥ ଅଠର ଜମିଦାରଙ୍କୁ ଏକଛ ପଟ ବନ୍ଧନ କରାଇଲେ । ଯାଫିର ଖାଁ ନବାବଠାରୁ ବାଦ୍ୟ, ଛତ୍ରଧ୍ୱଜା, ମହାମର୍ଦ୍ଦନ ନାମା, ଜମା ସ୍ୱସ୍ତିକା, ଡାକାବୋବଳୁ—ଏ ସମସ୍ତ ଛଡ଼ାଇ ଆଣିଲେ । ପୁଣି ଶସ୍ତ୍ରାମ ଆସି ମୁସାହାବଦୀନ ନବାବଙ୍କୁ ମାରି ଶସ୍ତ୍ରାମଗଡ଼ରେ ବିଜୟ ନଗାରା ବଜାଇ କଲେ । ଅଠରଗଡ଼ ଜମିଦାରଙ୍କୁ ପାଦତଳେ ରଖାଇଲେ । ପୁନରପି ଫୌଜବନ୍ଦୀ କରି ଓଡ଼ିଶା ଦେଶକୁ କଟକ ଯାଇ କଲେ । ଛତ୍ରଗଡ଼ଦ୍ୱାର ପର୍ଯ୍ୟନ୍ତ ଘେନଲେ । ବାରପୁରଠାରେ ଠାଣା କଲେ । କପିଳେଶ୍ୱର

ମନ୍ଦାଦେବଙ୍କୁ ସ୍ଥାପନ କଲେ । ଭଗବତଙ୍କ ଦେଉଳ ତୋଳାଇଲେ । ତପସ୍ୱୀ ବନ୍ଧାଇଲେ । ଶ୍ରୀ ବୀରକେଶରୀ ଦେବଙ୍କୁ ନିଡ଼ାଇକରି ଜିଣି ଓଡ଼ିଶା ଦେଶରେ ରାଜତ୍ୱ କଲେ ବର୍ଷ ମାସ ଦିନ । ଏ ଭିତରେ କଟକ ଗଡ଼କୁ ଫୌଜବନ୍ଦୀ କଲେ । କଟକରେ ସିବଭଟ୍ଟ ବୋଲି ନବାବ ( ମରହଟ୍ଟା ଶାସନକର୍ତ୍ତା ) ଥିଲା । ସେ ନବାବ ଜିଣି ରାଜାଙ୍କୁ ବନ୍ଦୀ କଲେ । ବନ୍ଦୀରୁ କୃତ୍ୟମରେ ଫିଟି କୃଷ୍ଣଚନ୍ଦ୍ରଙ୍କୁ ଶ୍ରାଧକଲେ । କେତେ ଦିନ ମୌରଭଞ୍ଜ ( ମୟୂରଭଞ୍ଜ ) ଦେଶରେ ରହି ସେଠାରେ ବନ୍ଧହେଲେ । ଶ୍ରୀବୃନ୍ଦାବନ ଯାତ୍ରା କଲେ । ବୈଷ୍ଣବ ହୋଇ କଣ୍ଠି ଧାରଣା କଲେ । ପୁନରପି ପାଉଲା ଆସି ଅନେକ ଲୋକ ତୋପରେ ଉଡ଼ାଇଲେ । ମାଡ଼ି ଶୁଳଠାରେ ଦେହ ଛାଡ଼ିଲେ ।”

ବଂଶାବଳୀରେ ଯେଉଁସବୁ ଘଟଣା ଲେଖା ହୋଇଛି, ସେଥିରୁ ଅଧିକାଂଶ ଇତିହାସ ଦ୍ୱାରା ପ୍ରମାଣିତ । ନାରାୟଣ ଦେବ ( ଜଗନ୍ନାଥ ନାରାୟଣ ଦେବ ) ଶେଷ ଜୀବନରେ ବୃନ୍ଦାବନ ଯାଇ ବୈଷ୍ଣବ ଦୀକ୍ଷା ନେବା କଥା ସେ ନିଜେ ତାଙ୍କର ‘ବୃନ୍ଦାବନଚନ୍ଦ୍ର ବିହାର’ କାବ୍ୟରେ ଲେଖିଅଛନ୍ତି ।

ଖ୍ରୀ: ୧୭୬୨ ରେ ସିବଭଟ୍ଟ ସାମନ୍ତରାୟ ଓଡ଼ିଶାରେ ଶାସନ କର୍ତ୍ତା ନିଯୁକ୍ତ ହୋଇ ୮ ବର୍ଷ ପର୍ଯ୍ୟନ୍ତ ରାଜତ୍ୱ ଚଳାଇଥିଲେ । ସେତେବେଳେ ଖୋର୍ଦ୍ଧାରେ ବୀର କେଶରୀ ଦେବ ରାଜତ୍ୱ କରୁଥିଲେ । ଏହି ସମୟରେ ନାରାୟଣ ଦେବ ଖୋର୍ଦ୍ଧା ଆକ୍ରମଣ କରିଥିଲେ । ବୀର କେଶରୀ ଦେବ ସିବଭଟ୍ଟଙ୍କ ସାହାଯ୍ୟରେ ୧୭୬୦ ଖ୍ରୀଷ୍ଟାବ୍ଦରେ ନାରାୟଣ ଦେବଙ୍କୁ ପରାସ୍ତ କରିଥିଲେ ।

ବଂଶାବଳୀରେ ବୀରପ୍ରତାପରୁଦ୍ର ଅପୁତ୍ରକ ହେବାରୁ ଜଗନ୍ନାଥନାରାୟଣ ଦେବଙ୍କୁ ଦତ୍ତପୁତ୍ର କରିଥିଲେ ବୋଲି ଲେଖାଅଛି । ଏହା ଠିକ୍ ନୁହେଁ । ଅନନ୍ତ ପଦ୍ମନାଭ ଦେବ ଅପୁତ୍ରକ ହେବାରୁ ଜଗନ୍ନାଥଙ୍କୁ ପୋଷ୍ୟପୁତ୍ର କରିଥିଲେ । ବୋଧହୁଏ ଜଗନ୍ନାଥଙ୍କ ନାବାଳକ ଅବସ୍ଥାରେ ପଦ୍ମନାଭ ମରିଯିବାରୁ ଜଗନ୍ନାଥ ରାଜ୍ୟଶାସନ କରିବା ଭଳି ବୟସକୁ ଆସିବା ପର୍ଯ୍ୟନ୍ତ ପ୍ରତାପରୁଦ୍ର ଦେବ ରାଜ୍ୟର ପରିଚାଳନା ଭାର ନେଇଥିଲେ ।

ନାରାୟଣ ଦେବଙ୍କ ରାଜତ୍ୱ ସବୁବେଳେ ଅଶାନ୍ତିମୟ ଥିଲା। ଅଧିକାଂଶ ସମୟ ଯୁଦ୍ଧ ଓ ଯୁଦ୍ଧ-ସଂକ୍ରାନ୍ତ ମନ୍ତ୍ରଣାରେ ଅତିବାହିତ ହେଉଥିଲା। ସେଥିରୁ ଅନ୍ତର୍ନିହିତ ପ୍ରବଳ ଶକ୍ତି ନ ଥିଲେ ଏତେ କାର୍ଯ୍ୟ-ଜଞ୍ଜାଳ ଭିତରେ ଏତେ ମୂଲ୍ୟବାନ୍ ଓ ପାଣ୍ଡିତ୍ୟପ୍ରଦର୍ଶକ ଗ୍ରନ୍ଥ ଲେଖିବା ସହଜ ନୁହେଁ। ଜଗନ୍ନାଥ-ନାରାୟଣ ଦେବଙ୍କର ସେପରି ଶକ୍ତି ଥିଲା ବୋଲି 'ବୃନ୍ଦାବନଚନ୍ଦ୍ର ବିହାର', 'ସଙ୍ଗୀତ ନାରାୟଣ', 'ଅଲଙ୍କାର ଚନ୍ଦ୍ରିକା' 'ସଂଗୀତ କୌମୁଦୀ' ପରି ଉତ୍କୃଷ୍ଟ ଗ୍ରନ୍ଥ ଲେଖି ପାରିଥିଲେ। ସଂଗୀତ ନାରାୟଣ, ସଂଗୀତ କୌମୁଦୀ, ଅଲଙ୍କାର ଚନ୍ଦ୍ରିକା ସଂସ୍କୃତରେ ରଚିତ ହୋଇଛି।

ଲେଖକଙ୍କର 'ସଙ୍ଗୀତ ନାରାୟଣ'ର କେତେକ ଅଂଶ ପ୍ରକାଶିତ ହୋଇଛି ଓ 'ବୃନ୍ଦାବନ ବିହାର' ପୋଥି ଆକାରରେ ଅଛି। କିନ୍ତୁ 'ଅଲଙ୍କାର ଚନ୍ଦ୍ରିକା' ଗ୍ରନ୍ଥଟିର ଆଜି ପର୍ଯ୍ୟନ୍ତ ସନ୍ଧାନ ମିଳିନାହିଁ।

'ସଙ୍ଗୀତ ନାରାୟଣ'—ଗ୍ରନ୍ଥଟି ଚାରୋଟି ପରିଚ୍ଛେଦରେ ବିଭକ୍ତ।

ପ୍ରଥମ ପରିଚ୍ଛେଦରେ ମଙ୍ଗଳାଚରଣ ପରେ ଗ୍ରନ୍ଥିକ ଗଙ୍ଗ ବଂଶର ପ୍ରଶସ୍ତି ଦେଇ ସଙ୍ଗୀତର ଉତ୍ପତ୍ତି ନିର୍ଣ୍ଣୟ କରିଅଛନ୍ତି। ସଙ୍ଗୀତ ପଞ୍ଚମ ବେଦ—ଏହାର ଅଭ୍ୟାସରେ ମନୁଷ୍ୟ ଧର୍ମ, ଅର୍ଥ, କାମ, ମୋକ୍ଷ ପାଏ। ଗୀତ, ବାଦ୍ୟ, ନୃତ୍ୟ ଏ ତିନି ମିଶିଲେ ସଙ୍ଗୀତ ହୁଏ ଏବଂ କେତେକଙ୍କ ମତରେ ଗୀତ ବାଦ୍ୟ ଏ ଦୁହେଁ ମିଶିଲେ ମଧ୍ୟ ସଙ୍ଗୀତ ହୁଏ। ସଙ୍ଗୀତ ଦୁଇ ପ୍ରକାର—ମାର୍ଗ ଓ ଦେଶୀ। ନାଦ ନ ଥିଲେ ସଙ୍ଗୀତ ହୁଏ ନାହିଁ। ନାଦ ବ୍ୟବହାରରେ ତିନିପ୍ରକାର ଦେଖାଯାଏ—ମନ୍ଦ୍ର, ମଧ୍ୟ, ତାର। ରଞ୍ଜକ ହୋଇଥିବା ଧାତୁ ଓ ମାତୃ ଏ ଦୁହେଁ ମିଶିଲେ ଗୀତ ହୁଏ। ଶ୍ରୁତି ନାଦରୁ ହୁଏ, ଶ୍ରୁତିରୁ ସ୍ୱର, ସ୍ୱରରୁ ମୂର୍ଚ୍ଛନା, ମୂର୍ଚ୍ଛନାରୁ ତାଳ, ତାଳରୁ ତାନ, ତାନରୁ ଗ୍ରାମ ପ୍ରଭୃତି ଜାତହୁଏ। ଆରୋହ ଅବରୋହ ଭେଦରେ ଶ୍ରୁତି ବାଇଶି ପ୍ରକାର। ସ୍ୱର ସାତ ପ୍ରକାର। ସ୍ୱର ଉଚ୍ଚାରଣ ବେଳେ ବାଦୀ, ସମ୍ବାଦୀ, ବିବାଦୀ, ଅନୁବାଦୀ ଚାରିପ୍ରକାର ହୁଏ। ସ୍ୱର ପୁଣି ଗ୍ରାମ, ସଂଯୋଗ, ସଂସ୍ଥାନ ଏ ତିନି ପ୍ରକାର ହୁଏ। ଏହାର ତିନି ପ୍ରକାର ନାମ—ଷଡ୍‌ଜ, ମଧ୍ୟମ, ଗାନ୍ଧାର। ଏମାନଙ୍କର ବିସ୍ତାର କେତେ

ମୂର୍ଚ୍ଛନା ଏବଂ ମୂର୍ଚ୍ଛନାର ଲକ୍ଷଣ ଦର୍ଶାଇବାପରେ ତାନ କେତେ ପ୍ରକାର ତାହା ବର୍ଣ୍ଣନା କରାଯାଇଛି । ତାନର ସଂଖ୍ୟା ୫୦୩୩ ବୋଲି ଲେଖକ ଜଣାଇଛନ୍ତି । ସ୍ଥାୟୀ, ଆରୋହୀ, ଅବରୋହୀ, ସଞ୍ଚାରୀ ଏପରି ଚାରି ପ୍ରକାର ବର୍ଣ୍ଣ । ଏମାନଙ୍କ ଅଳଙ୍କାର ହେଲେ ସ୍ଥାୟୀ ୨୭, ଆରୋହୀ ୧୨, ଅବରୋହୀ ୧୨, ସଞ୍ଚାରୀ ୧୬, ଏପରି ୬୭ ଅଳଙ୍କାର ହୁଏ । ଏହି ଅଳଙ୍କାର ବିଷୟରେ ବିସ୍ତୃତଭାବରେ ଲେଖକଙ୍କର ଅନ୍ୟତମ 'ଅଳଙ୍କାର ଚନ୍ଦ୍ରିକା'ରେ ଆଲୋଚିତ ହୋଇଥିବାରୁ ସେ ସବୁ ଏହି ଗ୍ରନ୍ଥରେ ପୁନରାବୃତ୍ତି କଲେ ନାହାନ୍ତି ବୋଲି ସେ ଲେଖିଛନ୍ତି । ତା ପରେ ଗମକ ସ୍ୱର, ଅଂଶ ସ୍ୱର, ନ୍ୟାସ ସ୍ୱରର ଲକ୍ଷଣ କହିବା ପରେ ସ୍ୱରର ଜାତି—ଶୁଦ୍ଧ, ବିକୃତ, ସଙ୍କର ଇତ୍ୟାଦିରେ ବର୍ଣ୍ଣନା କରାଯାଇଛି । ଶୁଦ୍ଧ ଜାତି ୭, ବିକୃତ ୧୧—ଏହି ଅଠରଟି ରାଗମାନଙ୍କର ମାତା । '୭ ସହସ୍ର ଗୋପକନ୍ୟାଙ୍କ ଗୀତରୁ ୧୬ ସହସ୍ର ରାଗ ଜାତହେଲା । ସେଥିରୁ କେବଳ ୩୬ଟି ଖ୍ୟାତ ହୋଇ ରହିଲେ । ଏହି ରାଗମାନଙ୍କ ମଧ୍ୟରୁ କେତେକ ପୁରୁଷ ଓ କେତେକ ସ୍ତ୍ରୀ । ୬ ରାଗ ଓ ୩୦ ରାଗିଣୀ । ଦେଶ ଭେଦରେ ମଧ୍ୟ ବିଭିନ୍ନ ରାଗ ନିର୍ଣ୍ଣୟ ଥିବାର ଗ୍ରନ୍ଥକାର ଲେଖିଅଛନ୍ତି । କେଉଁ ରାଗ ଗାଇଲେ କି ପୁଣ୍ୟ, କେଉଁ ରାଗର କି ଆକୃତି, ଲକ୍ଷଣ ଓ କେଉଁ ସମୟରେ କେଉଁ ରାଗ ଗାଇବ, ତାହା ବର୍ଣ୍ଣିତ ହୋଇଛି । ଗୀତ ଦୁଇ ପ୍ରକାର—ନିବଦ୍ଧ, ଅନିବଦ୍ଧ । ନିବଦ୍ଧରେ ତିନି ପ୍ରକାର—ଶୁଦ୍ଧ, ଛାୟା ଓ କ୍ଷୁଦ୍ର । ଅନ୍ୟମତରେ ପ୍ରବନ୍ଧ, ବସ୍ତୁ, ରୂପକ । ପଦ ବା ଧାତୁ ଚାରି ପ୍ରକାର । —ଉଦ୍‌ଗ୍ରାହକ, ମେଳାପକ, ଆଭୋଗ ଓ ଧ୍ରୁବ । ଗୀତର ପାଞ୍ଚ ପ୍ରକାର ଜାତି—ମେଦିନୀ, ନନ୍ଦିନୀ, ପାବନୀ, ତାରାବଳୀ । ଏମାନଙ୍କର ଲକ୍ଷଣ ଓ ଭେଦ ବିସ୍ତୃତ ଭାବରେ ଦର୍ଶାଯାଇଛି । ତାଳ ଓ ତାର ପ୍ରକାରଭେଦ, ଗୀତର ଗୁଣ ଓ ତାଳମାନଙ୍କର ଉଦାହରଣ ଉଲ୍ଲେଖ ହୋଇଛି । ତାଳପରେ ଲୟ ସମ୍ବନ୍ଧରେ ଲେଖି 'ଗୀତ ନିର୍ଣ୍ଣୟ' ନାମକ ପ୍ରଥମ ପରିଚ୍ଛେଦ ସମାପ୍ତ କରିଛନ୍ତି ।

ଦ୍ୱିତୀୟ ପରିଚ୍ଛେଦରେ ବାଦ୍ୟ ପ୍ରସଙ୍ଗ କୁହାଯାଇଛି । ବାଦ୍ୟ ଚାରି ପ୍ରକାର—ତତ, ଆନଦ୍ଧ, ସୁଷିର, ଘନ । ଅନେକ ପ୍ରକାର ବାଦ୍ୟଯନ୍ତ୍ର ଥିଲେ

ସୂଚୀ ଏହି ଗ୍ରନ୍ଥରେ ନିମ୍ନଲିଖିତ କେତୋଟି ଯନ୍ତ୍ରର ଗଠନପ୍ରଣାଳୀ ଦିଆଯାଇଛି; ଯଥା:—ଅଳାବଣୀ, କିନ୍ନରୀ ବୀଣା ବା ରୁଦ୍ରବୀଣା, ସାରଙ୍ଗୀ; କ୍ଷୁଦ୍ରଘଣ୍ଟା, କଣ୍ଠତାଳିକା ( ବା ଆଉଜଣା ), ମର୍ଦ୍ଦଳ ( ମର୍ଦ୍ଦଳ ବଜାଇବା ପ୍ରଣାଳୀ ଦିଆଯାଇଛି ) ଓ ବଂଶୀ । ଏହି ପରିଚ୍ଛେଦର ନାମ 'ବାଦ୍ୟ-ନିର୍ଣ୍ଣୟ' । ଏଥିରେ ବାଦ୍ୟ କିପରି ବଜେଇବାକୁ ହେବ, ତାହା ମଧ୍ୟ ଲେଖା ହୋଇଛି ।

ତୃତୀୟ ପରିଚ୍ଛେଦରେ ନୃତ୍ୟ ସମ୍ବନ୍ଧରେ ଲେଖା ଯାଇଛି । ନାଟ୍ୟର ଉତ୍ପତ୍ତି ବର୍ଣ୍ଣିବା ପରେ ନର୍ତ୍ତକ ତିନି ପ୍ରକାର ବୋଲି ଉଲ୍ଲେଖ କରି ଅଛନ୍ତି; ଯଥା:—ନୃତ୍ୟ, ନାଟ୍ୟ, ନୃତ୍ତ । ଏମାନଙ୍କର ଭେଦ ଓ ଲକ୍ଷଣ ଦିଆ ଯାଇଛି । ନୃତ୍ୟ ଓ ନୃତ୍ତ ଦୁଇ ପ୍ରକାର; ଯଥା—ଲାସ୍ୟ ଓ ତାଣ୍ଡବ । ତାଣ୍ଡବ ଦୁଇ ପ୍ରକାର; ଯଥା:—ପ୍ରେରଣୀ ତାଣ୍ଡବ ଓ ବହୁରୂପ ତାଣ୍ଡବ । ଲାସ୍ୟ ଦୁଇ ପ୍ରକାର—ଛୁରିତ ଓ ଯୌବତ । ଲାସ୍ୟ ଭେଦରେ ମଧ୍ୟ ନୃତ୍ୟ ବହୁପ୍ରକାର । ନୃତ୍ତ ତିନି ପ୍ରକାର—ବିଷମ, ବିକଟ ଓ ଲଘୁ । ନୃତ୍ୟ—ଶାସ୍ତ୍ରୀନୃତ୍ୟ, ଧାକଡ଼ୀ (ଦେଶୀ), ଶାବର ନୃତ୍ୟ, କୁରଙ୍ଗୀନୃତ୍ୟ, ମଣ୍ଡୁକୀ । ନାଟ୍ୟଶାଳା କିପରି ନିର୍ମାଣ କରିବାକୁ ହେବ ତାହା କୁହାଯାଇଛି । କିପରି ନାଟ୍ୟ ସଭା ହେବ, କିଏ କେଉଁଠାରେ ବସିବେ ତାର ବର୍ଣ୍ଣନା ଦିଆଯାଇଅଛି । ନାଚିବା ଲୋକ ବା ପାତ୍ରର ଗୁରୁର ଲକ୍ଷଣ, ଶାସ୍ତ୍ରୀ ଅଭିନୟ ପ୍ରଭୃତିର ଲକ୍ଷଣ, ମର୍ଦ୍ଦୀ ବିଧାନ, ବେଶ ବିଧାନ, ବାଦ୍ୟ ଲକ୍ଷଣ, ଆମୁଖ ପ୍ରକରଣ, ପ୍ରଥମୁଖ ପ୍ରସଙ୍ଗ, ନେପଥ୍ୟ ଲକ୍ଷଣ, ପୁଷ୍ପ ଓ ମାଲ୍ୟ ପ୍ରସଙ୍ଗ, ଅଳଙ୍କାର ପ୍ରସଙ୍ଗ, ସ୍ତ୍ରୀଭୂଷଣ, ଅଙ୍ଗ ବିବର୍ତ୍ତନ, ଦୃଷ୍ଟି ବର୍ଣ୍ଣନ, ନାଟ୍ୟାନ୍ତ, ପାତ୍ରର ନାମ, ରସର ନାମ, ନାଟ୍ୟର ଶୋଭା, ନାଟ୍ୟ ସମସ୍ୟ, ନାଟ୍ୟ ପ୍ରଶଂସା ପ୍ରଭୃତି ଦିଆଯାଇଛି । ଅଙ୍ଗପ୍ରତ୍ୟଙ୍ଗଗୁଳିକ " ପ୍ରକାର ଭେଦରେ କଣ ହୁଏ, କି ଭାବ ପ୍ରକାଶ କରେ, ତାହା ବିସ୍ତୃତଭାବରେ ବୁଝାଇଛନ୍ତି । ଏ ପରିଚ୍ଛେଦର ନାମ 'ନାଟ୍ୟ ନିର୍ଣ୍ଣୟ' ।

ଚତୁର୍ଥ ପରିଚ୍ଛେଦ—ଏହି ଭାଗରେ ବହୁତ ଗୀତମାନଙ୍କର ଉଦାହରଣ ଦିଅଯାଇଛି । କେତୋଟି ପ୍ରସିଦ୍ଧ ସଂସ୍କୃତ ଗ୍ରନ୍ଥକାରମାନଙ୍କର ଏବଂ କେତୋଟି

ଛନ୍ଦକାରଙ୍କ ନିଜର ଗୀତ ଉଦାହରଣସ୍ୱରୂପ ଦିଆଯାଇଛି । ଏ ପରିଚ୍ଛେଦର ନାମ 'ଶୁଦ୍ଧ ପ୍ରବନ୍ଧୋଦାହରଣ' ।

'ସଙ୍ଗୀତ ନାରାୟଣ'ରେ ବର୍ଣ୍ଣିତ ବିଷୟଗୁଡ଼ିକ ଖୁବ୍ ସୁନ୍ଦର ଭାବରେ ପ୍ରକାଶ ପାଇଛି । ଗ୍ରନ୍ଥକାର ଅନ୍ୟାନ୍ୟ ଶାସ୍ତ୍ରକାରମାନଙ୍କର ମତ ବିଚାର କରିବା ସଙ୍ଗେ ସଙ୍ଗେ ନିଜର ମତ ପରିଷ୍କାର ଭାବରେ ବ୍ୟକ୍ତ କରିଛନ୍ତି । ଏଥି ହେତୁରୁ ଗ୍ରନ୍ଥର ମର୍ଯ୍ୟାଦା ବିଶେଷଭାବରେ ବୃଦ୍ଧି ପାଇଛି । ଏଥି ଗ୍ରନ୍ଥରେ ଭରତ, କୋହଳ, ଦାତ୍ତିଳ ପ୍ରଭୃତିଙ୍କ ସଙ୍ଗୀତ ଗ୍ରନ୍ଥ, ହରିନାୟକଙ୍କ ସଙ୍ଗୀତ ରତ୍ନମାଳା, ସଙ୍ଗୀତ କୌମୁଦୀ, ସଙ୍ଗୀତ ସାର, ସଙ୍ଗୀତ କଳ୍ପତରୁ, ନାଟ୍ୟ ଦର୍ପଣ, ସଙ୍ଗୀତ ପ୍ରକାଶ, ସଙ୍ଗୀତ କଳାଙ୍କୁର, ନାରଦ ସଂହିତା, ସଙ୍ଗୀତ ଦାମୋଦର, ସଙ୍ଗୀତ ଚନ୍ଦ୍ରିକା, ସଙ୍ଗୀତ ଶିରୋମଣି, କବିରତ୍ନ ପୁରୁଷୋତ୍ତମ ମିଶ୍ରଙ୍କ ତାଳ ସର୍ବସ୍ୱ ପ୍ରଭୃତି ଅନେକ ଗ୍ରନ୍ଥର ମତ ଉଦ୍ଧୃତ ହୋଇଛି । ବିଶେଷତଃ ଗଜପତିଙ୍କ ସଙ୍ଗୀତାଚାର୍ଯ୍ୟ କବିରତ୍ନ ଶ୍ରୀ ପୁରୁଷୋତ୍ତମ ମିଶ୍ରଙ୍କଠାରୁ ଜଗନ୍ନାଥ-ନାରାୟଣ ସଙ୍ଗୀତ ସମ୍ବନ୍ଧରେ ଯାହା ଶିଖିଛନ୍ତି, ସେଥିଉପରେ ବେଶି ନିର୍ଭର କରିଛନ୍ତି ବୋଲି ସେ ନିଜେ ଉଲ୍ଲେଖ କରିଛନ୍ତି । ପୁରୁଷୋତ୍ତମ ମିଶ୍ରଙ୍କ ତାଳ ସର୍ବସ୍ୱ ଓ ହରିନାୟକଙ୍କ 'ସଙ୍ଗୀତ ରତ୍ନମାଳା' ଏ ଦୁଇଟି ଗ୍ରନ୍ଥର ସନ୍ଧାନ ଆଜି ପର୍ଯ୍ୟନ୍ତ ମିଳିନାହିଁ ।

'ବୃନ୍ଦାବନଚନ୍ଦ୍ର ବିହାର'—ଏହି ଗ୍ରନ୍ଥଟିରେ ଚମତ୍କାରଭାବରେ ନାରଦ ଭଗବାନ୍ ଶ୍ରୀକୃଷ୍ଣଙ୍କର ଲୀଳା ବର୍ଣ୍ଣନା କରିଅଛନ୍ତି । ସ୍ୱୟଂ ମାହେଶ୍ୱରୀ ଏକେ ଘଟରେ ଜଳଧରଙ୍କୁ ଆଣି ରୋହିଣୀଙ୍କ କୋଳରେ ଶୋଇଦେଇ ଶ୍ରୀମୁଖେ କହିଲେ "ଜଳଧରଙ୍କୁ ଦେଖରଖ । ଏକ ବର୍ଷ ସାତ ଦିନ ପରେ ଯଶୋଦା ଶ୍ରୀକୃଷ୍ଣଙ୍କୁ କୁମରଭାବରେ ପାଇବେ ।" ତାଙ୍କ ବାଣୀ ଅନୁସାରେ ବସୁଦେବଙ୍କ ସ୍ତ୍ରୀ ଦେବକୀଙ୍କ ଗର୍ଭରେ ଶ୍ରୀକୃଷ୍ଣ ଜନ୍ମହେଲେ ଏବଂ ସ୍ୱୟଂ ମାହେଶ୍ୱରୀ ଯଶୋଦାଙ୍କ ଗର୍ଭରେ ଜନ୍ମହେଲେ । ବସୁଦେବ ପୁଅ ଜନ୍ମ ହେବା ହେଉ ରାତି ସମୟରେ ଯଶୋଦା ନିଦ୍ରାଯାଇଥିବା ବେଳେ ଦୁହିତାର ସ୍ଥାନରେ ଶ୍ରୀକୃଷ୍ଣଙ୍କୁ ରଖିଦେଇ ନିଜେ ଦୁହିତାକୁ ନେଇ ପଳାଇଲେ । ଶ୍ରୀକୃଷ୍ଣ ଓ ବଳରାମ ଗୋପ ନନ୍ଦଙ୍କର

ବର୍ଣ୍ଣିତ ହେବାକୁ ଲାଗିଲେ । ଏଣେ କଂସ ରାଜାର ଷଡ଼ଯନ୍ତ୍ରରେ ଅନେକ ଅସୁର ଆସି ଶ୍ରୀକୃଷ୍ଣଙ୍କୁ ମାରିବାକୁ ଯତ୍ନ କଲେ । ପ୍ରଥମେ ପୂତନା ଅସୁରୀ କ୍ଷୀରପାନ କରାଇବା ବାହାନାରେ ଆସି ଶ୍ରୀକୃଷ୍ଣଙ୍କ ହାତରେ ପ୍ରାଣ ହରାଇଲା । ପରେ ଶକଟାସୁର, ତୃଣା, ବକା ଦୈତ୍ୟଙ୍କୁ ଶ୍ରୀକୃଷ୍ଣ ବଧନ କଲେ; ଯାମଳାର୍ଜ୍ଜୁନ ଭଞ୍ଜନ କଲେ; ଗୋପରେ ନାନା ଭଙ୍ଗରେ ବାଲ୍ୟଲୀଳା ଦେଖାଇଥିଲେ । ଗୋପରେ ଜନ୍ମାବଧି ୧୧ ବର୍ଷ ୬ ମାସ, ମଥୁରାରେ ୧୩ ବର୍ଷ ୬ ମାସ, ଦ୍ୱାରକାରେ ୧୦୦ ବର୍ଷ ଲୀଳା ବିହାର କରିଥିଲେ । ଶ୍ରୀକୃଷ୍ଣଙ୍କ ଗୋପ ଓ ମଥୁରାଲୀଳା ୧୦ଟି ସର୍ଗ ଛନ୍ଦରେ ସମ୍ପୂର୍ଣ୍ଣ ହୋଇଛି ।

କବି ଯୋଗାଇଥା ଅଲିଯାନ ପ୍ରଭୃତି ଗୋଷ୍ଠୀଙ୍କ ସଂପ୍ରଦାୟ ଶେଷ ଭାଗରେ ବୈଷ୍ଣବ ଦୀକ୍ଷା ଗ୍ରହଣ କରିଥିଲେ । ତୀର୍ଥ କରିବା ଉଦ୍ଦେଶ୍ୟରେ ବୃନ୍ଦାବନ ମଧ୍ୟ ଯାଇଥିଲେ । ବୃନ୍ଦାବନରୁ ଫେରିବା ପରେ 'ବୃନ୍ଦାବନଚନ୍ଦ୍ର ବିହାର' ଗ୍ରନ୍ଥ ୧୬୮୯ ବା ୧୬୬୨ରେ ଲେଖା ହୋଇଥିଲା ।

ଶର୍କରା ସ୍ୱାଦୁ ଶୂକର ନ ଜାଣିଲା
ପଙ୍କରେ ନ ଛୁଟେ ଭେକଙ୍କୁ
ଏହୁ ପୀରତି ଛଳେ ସୁଜନଙ୍କୁ,
ଦୁଜ ପର୍ଯ୍ୟନ୍ତ ସାଧୁଙ୍କ ମୁଁ ସେ
ହେଉଛି ଏଥି ଯୋଗ୍ୟକୁ, ହେ ସୁଜନେ ।
କଳି ଶୂନ୍ୟ ଶମ୍ଭୁ ଅଠ ଶତ,
ଗତବେଳୀ ବରଷ ସମାପତ ।
ଶକାବ୍ଦ ଶୋଳଶ ଅଠଜନ୍ମ
ସମ୍ବତ୍ସର ନାମ ପ୍ରବଜିତ, ହେ ସୁଜନେ ।
କାର୍ତ୍ତିକ ଶୁକ୍ଳ ପଞ୍ଚମୀରେ ଆରମ୍ଭ
ଭଲ୍ଲୁ ଏହୁ ଗ୍ରନ୍ଥ ବଖାଣ,
ମାଘ କୃଷ୍ଣପଞ୍ଚମୀରେ ପୂର୍ଣ୍ଣ,
ମଙ୍ଗଳବାର ଦ୍ୱାଦଶ ଦଣ୍ଡ ।
ହେବାର ବତିଶ ଲିତା ପ୍ରମାଣ, ହେ ସୁଜନେ ।

ବସି ଶ୍ରୀରାମ ସ୍ୱାମୀଙ୍କ ଛାମୁରେ
ଅଢ଼ କୋଶ ଚିମୁଣ୍ଡି ପାଞ୍ଚଶାରେ ।
ତାଙ୍କ ବଂଶୋତ୍ପତ୍ତି ଜଗନ୍ନାଥ
ନାରାୟଣ ଦେବ ସୁତହିରେ, ହେ ସୁଜନେ ।
ବୃନ୍ଦାବନରେ ରାଧା କୃଷ୍ଣ ଶ୍ୟାମ କୃଷ୍ଣ
ସୁତ କୃଷ୍ଣ ଭକ୍ତ ଦର୍ଶନ,
ପୁଣି ଯେତେ ସଂକେତ ସ୍ଥଳମାନ
ରଜସ୍ଥଳୀ ଧୂଳି ସେବି ପରିକ୍ରମା ।
ଭକ୍ତ ଗିରି ଗୋବର୍ଦ୍ଧନ, ହେ ସୁଜନେ ।
ଭଜି ଦେବକ ସେବକ ସମୂହ
ସ୍ନାହି ଯମୁନା ଜଳେ ଅବଗାହି
ପୁଣି ବୃନ୍ଦାଦେବୀ କୃପାରୁ ଲଭିଲି
ଯେଉଁ ସୁଜନ ନିବନ୍ଧ, ହେ ଏ ରସ । (୧ମ ପ୍ରକାଶ ଛାନ୍ଦ)

କବି ଏହି କାବ୍ୟଟିରେ ବେଶି କିଛି କବିତ୍ୱ ଦେଖାଇ ପାରି ନାହାନ୍ତି । ମୌଳିକତା ମଧ୍ୟ ବିଶେଷଭାବରେ ଦେଖାଯାଏ ନାହିଁ । ଗୋସ୍ୱାମୀ ଗ୍ରନ୍ଥମାନଙ୍କର ପ୍ରଭାବ ସ୍ପଷ୍ଟଭାବରେ ପରିଲକ୍ଷିତ ହୁଏ । ଭାଷା ବେଶ୍ ସରଳ ହୋଇଛି ।

ଜଗନ୍ନାଥ ନାରାୟଣ ଦେବ ଜଣେ ମହାରାଜା, ଯୋଦ୍ଧା । ସେ ସେ କାଳର ପଣ୍ଡିତ, ସଙ୍ଗୀତଜ୍ଞ, ଭକ୍ତ, ଆଲଙ୍କାରିକ ହୋଇପାରନ୍ତେ, ଏହାହିଁ ଦେଖିବାର କଥା । ଏପରି ମଧୁର ସମାବେଶ ଯେ କୌଣସି ଜାତି ପକ୍ଷରେ ଗୌରବର ବିଷୟ ।

# ଦଶମ ପରିଚ୍ଛେଦ

## ପୀତାମ୍ବର ଦାଶ

ମହାକବି ପୀତାମ୍ବର ଦାଶଙ୍କ 'ନୃସିଂହପୁରାଣ' ଏକ ଲୋକପ୍ରିୟ ପୁରାଣ । ନୃସିଂହଙ୍କ ଚରିତକୁ ବୈଷ୍ଣବ କବି ଚମତ୍କାର ଭାଷା ଓ ଭଙ୍ଗୀରେ ପ୍ରକାଶ କରିଥିବାରୁ ସର୍ବଶ୍ରେଣୀର ଲୋକେ ଏହାକୁ ଆଦର କରିଥାନ୍ତି । ତତ୍ସହିତ ଶାସ୍ତ୍ରୀୟ ବହୁବିଧ ଉପଦେଶ, ସାମାଜିକ ବ୍ୟବହାର, ଲୋକନୀତି ଆଦି ଏଥିରେ ବାସ୍ତବଦୃଷ୍ଟିରୁ ବର୍ଣ୍ଣିତ ହୋଇଥିବାରୁ ଲୋକେ ସମ୍ମାନ ସହକାରେ ଏହାକୁ ପାଠ କରିଥାନ୍ତି ।

କବିଙ୍କ ସମୟ ସରଳ ଓଡ଼ିଆ ଭାଷାରେ ବହୁ ପୁରାଣ ରଚିତ ହୋଇ ଲୋକଙ୍କ ଭିତରେ ପ୍ରଚଳିତ ହୋଇ ସାରିଥିଲା । ସାରଳା ଦାସଙ୍କ ମହାଭାରତ, ବିଳଙ୍କା ରାମାୟଣ, ଚଣ୍ଡୀ ପୁରାଣ, ବଳରାମ ଦାସଙ୍କ ଜଗମୋହନ ରାମାୟଣ, ଜଗନ୍ନାଥ ଦାସଙ୍କ ଭାଗବତ, ଅଚ୍ୟୁତାନନ୍ଦଙ୍କ ପଦ୍ମପୁରାଣ, ଦୀନକୃଷ୍ଣ ଦାସଙ୍କ ହରିବଂଶ, ମହାଦେବ ଦାସଙ୍କ ବିଷ୍ଣୁକେଶରୀ ପୁରାଣ ପ୍ରଭୃତି ପୀତାମ୍ବରଙ୍କ ପୂର୍ବରୁ ଲୋକଙ୍କ ଉପରେ ପ୍ରଗାଢ଼ ପ୍ରଭାବ ବିସ୍ତାର କରିବାରେ ଏବଂ ଧାର୍ମିକ, ନୈତିକ ଓ ସାମାଜିକ ମାନଦଣ୍ଡକୁ ଦୃଢ଼ ରଖିବାରେ ସମର୍ଥ ହୋଇ ପାରିଥିଲେ । ବିଶେଷ ବର୍ଣ୍ଣନାରେ ଚତୁର୍ଦ୍ଦଶାକ୍ଷର ବୃତ୍ତକୁ ସାରଳା ଦାସ ଯେଉଁ ଗୌରବ ଦାନ କରିଥିଲେ ତା ଫଳରେ ପରବର୍ତ୍ତୀ ବହୁ ପୁରାଣଲେଖକ ଏହି ବୃତ୍ତକୁ ଗ୍ରହଣ କରିଛନ୍ତି । ପୀତାମ୍ବର ଏହି ଶ୍ରେଣୀର ପଥିକ । ଓଡ଼ିଶାରେ ଏହି ଧାରା ଶୁଷ୍କ ହୋଇନାହିଁ ।

କବିଙ୍କ ସମୟ—ଦ୍ୱିତୀୟ ରତ୍ନାକର ଗ୍ରନ୍ଥାଂଶରେ କବି କହିଛନ୍ତି —

ମୁହିଁ ଶିଶୁ ବୁଦ୍ଧି ଯୁକ୍ତି ଛନ୍ଦଃ ଅପଣ୍ଡିତ,
ଏହୁ ଗ୍ରନ୍ଥ ଲେଖିବାକୁ ମୁହିଁ କବା ଶକ୍ତ । (୨ୟ ରତ୍ନାକର)

ଏଥିରୁ ଅଳ୍ପବୟସରେ କବି ଏ ଗ୍ରନ୍ଥ ରଚନା କରିଥିବା ପ୍ରସଙ୍ଗକୁ ଲକ୍ଷ୍ୟ କରିଥିବା ଅନୁମାନ କରାଯାଇ ନ ପାରେ । ଯୌବନାବସ୍ଥାରେ କବି ରଚନା କରିଥିଲେ 'ଶିଶୁବୁଦ୍ଧି'ର ଅର୍ଥ ଅଳ୍ପ ବୁଦ୍ଧି । ନମ୍ରତାବଶରୁ କବି ଏପରି ଲେଖିଛନ୍ତି ।

ପୁଣି ସପ୍ତମ କାଣ୍ଡ ପ୍ରସଙ୍ଗରେ କବି ଲେଖିଛନ୍ତି—

ସପ୍ତମ କାଣ୍ଡ ଶୁଣିମା ମୋର ସାଧୁଜନେ,
ଯୋବନ ପଢ଼ିଲେ ଥାଣି ମୋତେ ବଡ଼ ସ୍ଥାନେ । × × ।
ଜନ୍ମରୁ ବାତୁଳ ଥିବେ ବୁଦ୍ଧି ମୋର ଗଲା,
ବୟସ ଲେଉଟିଲା ଭୁଇଁ ଅଙ୍କେ ସାତ ହେଲା ।
ଏ ସମୟେ ବଳଭଦ୍ର ଆଜ୍ଞା ଦେଲେ ମୋତେ,
ବୋଇଲେ ଧ୍ରୁବକଥା କହ ପାଢୋଶନ୍ତି ଛନ୍ଦେ ।
ସେଉଁ ଜନ୍ମେ ଯେଉଁ ଆଜ୍ଞା ଦେଲେ ମୋତେ ଜାଣ,
ଏବେ ଆଜ୍ଞା ଦେଲ କର ନୃସିଂହ ପୁରାଣ ।

ଏଥିରୁ ଜଣାଯାଉଛି ଯେ କବିଙ୍କୁ ଏ ସମୟକୁ ଅର୍ଥାତ୍ ଦ୍ୱିତୀୟ ରତ୍ନାକରର ପ୍ରଥମାଂଶ ଲେଖନ ସମୟକୁ କବିଙ୍କ 'ଭୂଇଁଅଙ୍କେ ସାତ' ଅର୍ଥାତ୍ ୨୭ ବର୍ଷ ବୟସ ହୋଇଥିଲା; ଏହା କବିଙ୍କ ପୂର୍ଣ୍ଣଯୌବନାବସ୍ଥା ।

କବି ପ୍ରଥମ ରତ୍ନାକରରେ ଲେଖିଛନ୍ତି, ସେ ବୀରକିଶୋର(ବୀରକେଶରୀ) ଦେବଙ୍କ ୩୨ (ବତିଶ) ଅଙ୍କରେ ବା ଖ୍ରୀ: ୧୭୬୨ ରେ ପୁତ୍ରରେ ଶାରଦା ଗ୍ରନ୍ଥ ରଚନା କରିବାକୁ କବିଙ୍କୁ ଆଦେଶ ଦେଇଥିବା ଲେଖିଛନ୍ତି । ଖ୍ରୀ ୧୭୬୨ ବେଳକୁ ଅର୍ଥାତ୍ ପ୍ରଥମ ରତ୍ନାକର ରଚନା କରିବା ସମୟକୁ କବିଙ୍କର ବୟସ ୨୭ ବର୍ଷରୁ ଊଣା ହୋଇଥିବ । ଏଥିରୁ ଅନୁମିତ ହେଉଛି, କବି ଖ୍ରୀ:୧୭୩୫ର ଅଳ୍ପ ପରେ ଜନ୍ମଗ୍ରହଣ କରିଥିଲେ ।

ଦ୍ୱିତୀୟ ରତ୍ନାକର ଶେଷ ବେଳକୁ କବିଙ୍କ ବୟାଶି ବର୍ଷ ବୟସ ହୋଇଥିଲା ।

ଦନ୍ତ ଭଗ୍ନ ଚାଲି ମୋର ଆଖି ଶେଷ
ପୂର୍ଣ୍ଣ ହେଲାକୁ ମୋହର ବୟସ ବୟାଶି । ( ୨ୟ ରତ୍ନାକର )

ଦ୍ୱିତୀୟ ରତ୍ନାକର ଶେଷ 'ଜଗବାନ୍ଧୁ' ଙ୍କଙ୍କୁ ପାଞ୍ଚବର୍ଷ ଲାଗିଥିବା ଏଥିରୁ ଜଣାଯାଉଛି; କାରଣ ଏହି ଗ୍ରନ୍ଥରେ ପ୍ରାରମ୍ଭାଂଶରେ ସେ ପୂର୍ବକଥା ବର୍ଣ୍ଣନା ପ୍ରସଙ୍ଗରେ ତାଙ୍କ ନିଜର ବୟସ ୮୭ (ସତାଅଶୀ) ହୋଇଥିବା ବ୍ୟକ୍ତ କରିଛନ୍ତି ।

କବିଙ୍କ ଦୁଃଖମୟ ଜୀବନ : ଅନୁକମ୍ପ—ତାଙ୍କ ଗଡ଼ିଆ ଭୂମିରେ ଘର ଖଣ୍ଡିଏ ମାତ୍ର ରହିଥିଲେ, ଅନ୍ୟ ଆଶ୍ରୟ କିଛି ନ ଥିଲା, ଖାଇ ବରତନ କିଛି ଲକ୍ଷା ନଥିବାରୁ ସେ ଅତି କଷ୍ଟରେ ଜୀବନଯାପନ କରୁଥିଲେ । ଦାରିଦ୍ର୍ୟରେ ଭିକ୍ଷା ମାଗି ସେ ଚଳୁଥିବା କଥା ସ୍ପଷ୍ଟ ବ୍ୟକ୍ତ କରିଛନ୍ତି । ଏ ଦୁଃଖ-କଷ୍ଟରେ ଉଦରଜ୍ୱାଳା ଦୈନ୍ୟ ମଧ୍ୟ କବି ପୁରାଣ ରଚି ଲେଖି ଯାଇଛନ୍ତି; ଏ ଆଦର୍ଶ ସାହିତ୍ୟ କ୍ଷେତ୍ରରେ ବିରଳ ଦେଖାଯାଏ । ସର୍ବଭୂତ ହିତୈଷିତା ଏହି ଜନଦୁଃଖୀ ସାହିତ୍ୟ ଓ ଧର୍ମସାଧକଙ୍କ କର୍ମମୟ ଜୀବନ ଆଦର୍ଶ ହୋଇ ରହିଥାଏ । ତାଙ୍କ ମନୋବୃତ୍ତିରେ ନିଜର ଦୁଃଖକାହାଣୀ ଭଗବାନଙ୍କୁ ଜଣାଇଛନ୍ତି ।

କଥା କହୁ ଦୁଃଖିଙ୍କ ହେ ଜଗ କର୍ମଦାତା,
ଭୃତ୍ୟଙ୍କୁ ଲଗାଇ ଦିଅ ସଂସାରର ଚିନ୍ତା ।
ଭୁଞ୍ଜିଲେ ଭକ୍ତ ମୁକ୍ତି ବେଳ ପାଇରେ ଅନ୍ତ କାଳ,
ପାଷାଣ କୋଟି ଯୋଜନ ଅଙ୍କ ବନ୍ଧୁକଣ ।
ଏତେ ପୃଥିବୀରେ ପ୍ରଭୁ ହୋଇ ମହାରାଜା,
କାହିଁକି ହେଲେ ପଡ଼ି ଚକରେ ମୋତେ ଲଜ୍ଜା ।
ତାଙ୍କ ଗଡ଼ିଆ ଭୂମିରେ ଥିଲା ଖଣ୍ଡେ ଛିଟ,
କାନ୍ଥରେ ମୁଣ୍ଡି ଘଷିଲି ଦର୍ଶନ ବଞ୍ଚିତ ।

ସ୍ୱକୃତବଶତନ ଯତ୍ନ ଚିନ୍ତା ନ ଥିବାରୁ,
ପୃଥ୍ୱୀଶାକ ଭ୍ରମି ବୁଲି ଆଣେ ଦ୍ୱାରଠାରୁ ।
ବାରଦ୍ୱାର ବୁଲି ମୋତେ ମିଳେ ଯେବା ଯାହା,
ସଙ୍ଗାକୁ ଆଦରି ମୁହିଁ ଭୁଞ୍ଜେ ନିତ ତାହା ।
ମୋହଠାରୁ ଗଳଦୁଃଖୀ ସଂସାରେ କେ ନାହିଁ,
ସବୁଙ୍କର ଅଗ୍ରୀ ତୁମ୍ଭେ ଅଛ ସ୍ୱବଶାହି ।
ବ୍ରାହ୍ମଣ କୁଳେ ମୋହର ହେବାରୁ ଜନମ,
ଏତେକ ମାଗି ଖାଇ ଅଟେ ମୋର କର୍ମ ।

(ପଞ୍ଚମ ରତ୍ନାକର । ପ୍ରାରମ୍ଭ)

କବି କର୍ମକୁ ଆଦରି ଦୁଃଖକଷ୍ଟେ କାଳଯାପନ କରୁଥିଲେ । କେବଳ ବ୍ରାହ୍ମଣକୁଳରେ ଜନ୍ମ ଥିବାରୁ ଏହା ତାଙ୍କର ପୂର୍ବାର୍ଜିତ କର୍ମର ଫଳ ବୋଲି ଆଶ୍ୱାସନା ପାଉଥିଲେ ଏବଂ ଏତେକ କେବଳ ଖାଇ ବୋଲି ଭାବୁଥିଲେ ।

କବି ନିଜର ଦୁଃଖ କାହାଣୀକୁ ପୁଣି ଅତି କରୁଣ ସ୍ୱରରେ ବ୍ୟକ୍ତ କରିଛନ୍ତି । ପ୍ରଭୁ ଭକ୍ତମାନଙ୍କୁ ତାରି କରୁ କରୁ କବିଙ୍କୁ ପାସୋରି ଦେଇଛନ୍ତି । କବିଙ୍କ ତୃଣ୍ଡାକରା ଅପସୋସର କାରଣ, ଦ୍ରବ୍ୟବନ୍ତ ଭକ୍ତଙ୍କ କଥା ଶୁଣି ଶୁଣି ପ୍ରଭୁଙ୍କୁ ବେଳ ମିଳୁନାହିଁ । ଗରିବ ଭକ୍ତକୁ ପଚାରିବାକୁ ବେଳ ପାଉ ନାହାନ୍ତି ।

ଭକ୍ତ ଦୁଃଖର କଣ୍ଠରେ ପ୍ରଭୁଙ୍କୁ ବ୍ୟଙ୍ଗ ସ୍ୱରରେ କହୁଛନ୍ତି—

ପ୍ରଭୁ ତୁମ୍ଭେ ବଡ଼ ହୋଇ ଭଜେ ଯେବେ ଥାନ୍ତ,
ତେବେ ମୁଁ ଶୁଣାରି କଥା ଜଣାନ୍ତି ଏକାନ୍ତେ ।
ଭକ୍ତମାନେ ଦ୍ରବ୍ୟବନ୍ତ ସଂସାରେ ହେବାରୁ,
ତେଣୁ ଆଦର କରନ୍ତ ପ୍ରଭୁ ମହାମେରୁ ।
ମୁହିଁ ତ୍ରିଶ୍ରା ଜେଜଡ଼ା ଦୋଷଡ଼ା ଥାଏ ଧରି,
ତେଣୁ ଅଖଣ୍ଡଳା ମୋତେ କରନ୍ତ ହେଳାଏ । × × ।

(୭ମ ରତ୍ନାକର)

ମନର ଦୃଢ଼ତା ଭକ୍ତକୁ ଅସୀମ ସାହସ ଦେଇଛି । ସେ କହୁଛନ୍ତି—

ପ୍ରଭୁଙ୍କୁ କେତେ ଲୋକର ଚିନ୍ତା ଥିବ କିଛି,
ମୋହର ଚିନ୍ତା ଏକା ସେ ପାଦୋରନ୍ତୁ ଦେଖି ।
ସେ ପାଦେ ଯୋଗ ଦେଲେ ମୁଣ୍ଡ ଯାଉ ଛିଣ୍ଡିଆଇ,
ତେଣୁ ବସନ୍ତି ଶ୍ରୀପଦ୍ମ ହୃଦେ ଦେଖା ଯାଇ । (୭ମ ରତ୍ନାକର)

ହରିକୀର୍ତ୍ତନ ଓ ବିପ୍ରଙ୍କ ପଦ ସେବାକୁ ଭକ୍ତ ନିଜର କର୍ତ୍ତବ୍ୟ ବୋଲି ମନେକରି ସେଥିରେ ତନ୍ମୟ ହୋଇଛନ୍ତି, ଏହାକୁ 'ସଂସାର ମଧ୍ୟରୁ ତରିବାକୁ' ଶ୍ରେଷ୍ଠ ଉପାୟ ବୋଲି ମଧ୍ୟ ଭାବିଛନ୍ତି ।

ହରି କୀର୍ତ୍ତନ ବିପ୍ରଙ୍କ ଚରଣ ସେବାକୁ
ଧ୍ୟାନ କରୁଛି ସଂସାର ମଧ୍ୟରୁ ତରିବାକୁ । (୭ମ ରତ୍ନାକର )

ଭକ୍ତ ନୀଳଗିରି ମାହାତ୍ମ୍ୟ ପ୍ରସଙ୍ଗରେ ସେହିବାସ କରିବା ମନ କଥା ଜଗନ୍ନାଥଙ୍କୁ ଜଣାଇଛନ୍ତି—

ହରିକୀର୍ତ୍ତନ ବ୍ରାହ୍ମଣ ଚରଣ ମୋ ସେବା,
ଦାସ ପୀତାମ୍ବରକୁ ସେ କ୍ଷେତ୍ରେ ବାସ ଦେବା । (୭ମ ରତ୍ନାକର)

ସାଧୁ ସୁପଣ୍ଡିତ ସୁଜନଙ୍କ ସେବାକୁ ଭକ୍ତ ସବୁବେଳେ କାମନା କରୁଥିଲେ ।

ସାଧୁ ସୁପଣ୍ଡିତ ସୁଜନଙ୍କ ପାଦତଳେ
ସର୍ବଦା ସେବା ମୋହର ବନ୍ଧୁ ଅବହେଳେ । (୭ମ ରତ୍ନାକର)

ଭକ୍ତ ଦୁଃଖଦାରିଦ୍ର୍ୟ ଭିତରେ ଜୀବନଯାପନ କରି ମଧ୍ୟ ବାଣୀସେବାରୁ ବିରତ ହୋଇ ନଥିଲେ । ଦାରିଦ୍ର୍ୟର କଷାଘାତ ଭକ୍ତ କରୁଣ ସ୍ୱରରେ ବର୍ଣ୍ଣନା କରିଛନ୍ତି । ରଚନା ଶେଷରେ ଭକ୍ତ ଏ ଅକ୍ଷରର ତ୍ରୁଟିକୁ ଶଙ୍କାକରି ପାଠକଙ୍କଠାରେ କ୍ଷମା ମାଗିଛନ୍ତି ।

ବିପ୍ରକୁଳେ ଜନ୍ମ ମୁହିଁ କେବଳ ଅଟେ ଦୁର୍ଗୀ,
ବିପ୍ରକୁଳ୍ୟା ପଦଜଳ ଖାଇ ହୁଏ ସୁଖୀ ।
ଗୁରୁ ଶାସ୍ତ୍ର ବାକ୍ୟମାତ୍ର ନପାଳୁଁଲେ ଅଛୁ,
ଭୁକ୍ତ୍ୟର୍ଥ ପୋଷେ ଦାତାଏ ଦେଲେ ନତୋ ଯାଚି ।

ସୁଧବାଧକ ଭ୍ରମଣ ବାତାଦ୍ୱାରୁ ଅଣି,
ବେଦଜନ ଜଣ ପିଅଇ ଭକ୍ତିଭୁଲ୍ୟା ପାଣି ।
ଏଣୁ ନିଶ୍ଚେ ସୁଜନେ ମୋ ଦୋଷ କ୍ଷମାକର,
ବାଲୁକେଶ୍ୱର ଶିଷ୍ୟ ମୁହିଁ ବିପ୍ର ପୀତାମ୍ବର । (୪ର୍ଥ ରତ୍ନାକର)

ଏ ଦୁଃଖରେ ଜୀବନଯାପନ କଲେ ମଧ୍ୟ କବି ସ୍ୱ ଜାତି ସଂସ୍କୃତିକୁ ଭୁଲି ନାହାନ୍ତି । ସୁଜନମାନଙ୍କଠାରେ ଭକ୍ତି, ଜ୍ଞାନ, ଧ୍ୟାନ—ଏ ତିନଭିକ୍ଷା ମାଗିଛନ୍ତି ।

ଭକ୍ତି ଜ୍ଞାନ ଧ୍ୟାନ ଏ ତିନ ମୋତେ ଦେବା
ଅନ୍ନ ଭିକ୍ଷାରେ ଗର୍ବ ନସୁରେ ମୋର ବାବା । (୪ର୍ଥ ରତ୍ନାକର)

କବିଙ୍କ ପୂର୍ବପୁରୁଷଙ୍କ ସଂସ୍କୃତି—କବି ପ୍ରଥମ ରତ୍ନାକରର ଆରମ୍ଭରେ ସ୍ୱ ପୂର୍ବପୁରୁଷ ପିତାମହ ପିତାଙ୍କ ସଂସ୍କୃତିର ସଂକ୍ଷିପ୍ତ ପରିଚୟ ଦେଇଛନ୍ତି ।

ପିତାମହ ଲକ୍ଷ୍ମୀଧର ଦାଶ—"ବିଷ୍ଣୁଙ୍କର ପଦାମ୍ବୁଜେ ବଦ୍ଧିତ ବିଶ୍ୱାସ" । "ଜାଣନ୍ତି ସଦ୍‌ଗୁରୁ ପାଦ ସେବା ବେଦନ୍ତି" । ସେ ଯଜୁର୍ବେଦୀ ଥିଲେ ଏବଂ "ସର୍ବଶାସ୍ତ୍ରରେ ପରିପୂର୍ଣ୍ଣ" ଥିଲେ, କାଣ୍ୱଶାଖା ତାଙ୍କର ଶାଖା । "ପରମହଂସ ଦୀକ୍ଷା ସେ ତାଙ୍କର ପ୍ରସ୍ଥର", ସେ "ବ୍ରହ୍ମନିଷ୍ଠ ନିପୁଣ" ଥିଲେ ।

ପିତା ବାଲୁକେଶ୍ୱର, ଲକ୍ଷ୍ମୀଧରଙ୍କ ଜ୍ୟେଷ୍ଠପୁତ୍ର । ସେ "ଜାଣନ୍ତି ସଦ୍‌ଗୁରୁ ପାଦ ସେବା ବେଦାନ୍ତ" ।

ଶେଷ ପୁଣି ବିଷ୍ଣୁଙ୍କର ଅତ୍ୟନ୍ତ ଭକତ,
ପ୍ରଭୁଙ୍କ ପାଦରେ ସେବା ଦେଇଥାନ୍ତି ନିତ୍ୟ ।

ବେଦଶାସ୍ତ୍ର ପୁରାଣରେ ବହୁ ଶ୍ରମ କରି,
ଏତେକାଳ କାଟିଲେ ସେ ବସ୍ତୁ ନାମ ସ୍ମରି । (୧ମ ରତ୍ନାକର)

ଏହି ଭଳି ସମ୍ଭ୍ରାନ୍ତ ପରିବାରର ସାତ୍ତ୍ୱିକ ରୂପେ ପୀତାମ୍ବର ନିଜର ପିତା ଓ ପିତାମହଙ୍କ ପ୍ରଦର୍ଶିତ ମାର୍ଗରେ ନିଜ ଜୀବନକୁ ନିୟନ୍ତ୍ରିତ କରିଥିଲେ ଏବଂ ନୃସିଂହପୁରାଣ ରଚନା ଏହାରି ଫଳ ।

ସଂସ୍କୃତ ଶିକ୍ଷା—କବି ନିଜର ସଂସ୍କୃତ ଭାଷାରେ ଶିକ୍ଷା ନଥିବା ବ୍ୟକ୍ତ କରିଛନ୍ତି । ଏହି ପ୍ରସଙ୍ଗରେ କବି ନିଜ ଜୀବନର କେତୋଟି ଦୁଃଖ ବର୍ଣ୍ଣନା କରିଛନ୍ତି—

ଏଥିକୁ ଯାହା କରିବେ ମୋତେ ନାସ୍ତିକ ପୁଣ,
କହିବି ଅର୍ଥ ସଙ୍ଗତେ ନୃସିଂହ ପୁରାଣ ।
ସୁଜନ ପଣ୍ଡିତମାନେ ଶୁଣ ମନଦେଇ,
ପୁରାଣରେ ଶାନ (ଜ୍ଞାନ) କଲେ କହି ନ ପାରଇ ।

ଲୁହିଁନେ ଅଜ୍ଞାନ ମୁହିଁ ଅଟଇ ପ୍ରକଟେ,
ତେଣୁ ତେଜି ଅଶପାଶ ନ କରଇ ମୋତେ ।
ସ୍ୱଭାବେ ତ ସଦା ମୂର୍ଖ ଅଟଇ ମୁଁ ଜାଣେ,
ଏତେକ ମୁହିଁ କହି ନାହିଁ ସାଧୁ ବନ୍ଧୁଗଣେ ।

ସଂସ୍କୃତ ଭାଷା ମୋହର ଜେତେକ ନାହିଁ ପଢ଼ା,
କେବଳ ପ୍ରାକୃତରେ କରେ ପଦ ଯୋଡ଼ା ।
(୧ମ ରତ୍ନାକର)

ରଚନା ସ୍ଥାନ—ପ୍ରଥମ ରତ୍ନାକରର ଶେଷରେ କବି ଏହି ଅଂଶକୁ ଋଷିକୁଲ୍ୟା ତଟରେ ଲେଖିଥିବା ପ୍ରକାଶ କରିଛନ୍ତି ।

ପ୍ରଥମ ଶାଖାର ନାମ ଏ ପୁସ୍ତକ ଅଟେ,
ଲେଖିଲି ମୁଁ ଏହି ଗ୍ରନ୍ଥ ଋଷିକୁଲ୍ୟା ତଟେ ।

କାଙ୍ଗସ୍ତର—କବି ନିଜର ପୂର୍ବଜନ୍ମ ବୃତ୍ତାନ୍ତ ବିଶଦ୍‌ଭାବରେ ବର୍ଣ୍ଣନା କରିଛନ୍ତି । ବିଷ୍ଣୁଙ୍କ ଦ୍ୱାରଦ୍ୱୟ ଜୟ ବିଜୟ ମନୁ ମହର୍ଷିଙ୍କୁ ବୈକୁଣ୍ଠ-ପୁରର ଦ୍ୱାର ଦେଶରେ ଅଟକାଇ ଦେବାରୁ ଋଷି ସେମାନଙ୍କୁ ମର୍ତ୍ତ୍ୟରେ ଦୈତ୍ୟ ହୋଇ ଜନ୍ମ ହେବେ ବୋଲି ଶାପ ଦେଲେ । ଏମାନେ ଚାରିଥର ମର୍ତ୍ତ୍ୟରେ ଜନ୍ମ ହେବେ, ପ୍ରଥମେ ମୁର ଦାନବ, ଦ୍ୱିତୀୟରେ ହିରଣ୍ୟ ହିରଣାକ୍ଷ, ତୃତୀୟରେ ରାବଣ କୁମ୍ଭକର୍ଣ୍ଣ, ଚତୁର୍ଥରେ ଦମଘୋଷଙ୍କ ପୁତ୍ର । ଏହି ଚାରି ଜନ୍ମପରେ ବୈକୁଣ୍ଠକୁ ସେମାନେ ଫେରିବେ । ଏହି ଶାପ ଓ ଶାପମୁକ୍ତିବାଣୀ ମନୁ କହିଲେ । ବିଷ୍ଣୁ ଏ ସମ୍ବାଦ ଶ୍ରବଣ କରି ଯତ୍‌ପରୋନାସ୍ତି ଦୁଃଖିତ ହେଲେ ଏବଂ ଋଷିଙ୍କୁ କହିଲେ—

ସେ କଥା ଜାଣି ପୁଚ୍ଛିଲେ ପ୍ରଭୁ ନାରାୟଣ,
ଭୋଗଇଲେ ଦ୍ୱାରୀଙ୍କୁ ମୋର କଲ ଅକଲ୍ୟାଣ ।
ସେ ଯେବେ ଜନ୍ମିବେ ଦୈତ୍ୟ ହୋଇ ମର୍ତ୍ତ୍ୟେ ଯାଇ,
ଆମ୍ଭଙ୍କୁ ଚିନ୍ତା ଜନ୍ମାଇ କରାଇଲ ତହିଁ ।
ମୁଁ ଯେବେ ତାହାଙ୍କୁ ମାରି ଜନ୍ମିବି ସଂସାରେ,
ତେବେ ତୁମ୍ଭେ ଯାଇ ପ୍ରଜାକର ମଞ୍ଚପୁରେ ।
ମୁଁ ତାହାଙ୍କୁ ଯେଉଁଥର ମାରୁଥିବି ଯାଇ,
ତୁମ୍ଭେ ତାହା ଲେଖୁଥିବ ମହାକବି ହୋଇ ।
କବି ରୂପେ ଅବତରି ବାନ୍ଧି ତାହା ଗ୍ରନ୍ଥ,
ସେ ଗ୍ରନ୍ଥକୁ ଲୋକେ ଶୁଣି ହୁଅନ୍ତୁ କୃତାର୍ଥ ।

ଏ ସମ୍ବନ୍ଧରେ କବି କହନ୍ତି ଯେ ମୁନି ଅଂଶ ନ ଥିଲେ କବି ହେବା ସମ୍ଭବ ନୁହେଁ । ମନୁଋଷିଙ୍କ ମର୍ତ୍ତ୍ୟ ଅବତାର ରୂପେ କବି ଜନ୍ମିଥିଲେ—

ମୁନି ଅଂଶ ନଥିଲେ ସେ କବିତା ନକରି,
ବିଷ୍ଣୁର ଅଂଶ ନଥିଲେ ନୁହେ ଦଣ୍ଡଧାରୀ ।
ଏ ଯୋଗ ବିଷ୍ଣୁ ଆଜ୍ଞାରେ ହେଲି ମୁଁ ମନୁଷ୍ୟ,
ଆଦି ଜନ୍ମେ ବୋଲାଇଲି ନାମ କାଳଦାସ ।

ସେ ଜନ୍ମେ ପ୍ରସନ୍ନ ମୋତେ ହେଲେ ବାକ୍ୟ ଦେବୀ,
ମହାକାବ୍ୟ ଲେଖି କରି ରଖିଗଲେ ଭୁବି ।
ଦ୍ୱିତୀୟ ଜନ୍ମ ହୋଇଲି ଜଗନ୍ନାଥ ଦାସ,
ଶ୍ରୀ ଭାଗବତ ଗ୍ରନ୍ଥ ମୁଁ କଲଇ ପ୍ରକାଶ ।

ତୃତୀୟ ଜନ୍ମରେ ବଳରାମ ଦାସ ହେଲି,
ରାମାୟଣ ଗ୍ରନ୍ଥ ମୋର ମୁହୁଁ ପ୍ରକାଶିଲି ।
ଚତୁର୍ଥ ଜନ୍ମରେ ହେଲି ନାରାୟଣ ଦାସ,
ବାଣିଲି ପୁରାଣ ହରିବଂଶ ଗୀତ ରସ ।

ତହିଁ ଉତ୍ତାରୁ ପଞ୍ଚମ ଜନ୍ମେ ଯାଇ ପୁଣ,
ଶ୍ରୀ ସାରଳା ଦାସ କବି ହେଲି ଜଗତେଣ ।
ଶ୍ରୀ ମହାଭାରତଟୀକା ବାଣିଲି ପ୍ରାକୃତେ,
ଅଠରଖଣ୍ଡ ହୋଇଣ ରହିଲା ଜଗତେ ।

ଷଷ୍ଠ ଜନ୍ମରେ ବାଣିଲି ଚଣ୍ଡିକା ପୁରାଣ,
ତଦନ୍ତେ କଲି ବିଲଙ୍କା ନାମେ ରାମାୟଣ ।
ଶେଷ ଜନ୍ମେ ମହାଦେବ ଦାସ ହେଲି ମୁହିଁ,
ବଷ୍ଣୁକେଶରୀ ଯେ ବଷ୍ଣୁ ପୁରାଣଙ୍କୁ କହି ।

ଏ ଜନ୍ମେ ପଦ୍ମପୁରାଣ କରଣି ଲେଖିଲି,
ଶ୍ରୀ ଗୋବିନ୍ଦ କୃପାରୁ ମୁଁ ପଦ ନିର୍ଣ୍ଣେ କଲି ।
ସପ୍ତମ ଜନ୍ମ ପୂର୍ଣ୍ଣିମା ମୋର ସାଧୁଜନେ,
ଗୋବିନ୍ଦ ସମ୍ମୁଖେ ଅଛି ମୋତେ ବଡ଼ ସ୍ଥାନେ ।

(୧ମ ଅଧ୍ୟାୟ)

ଏଥିପରେ ଭକ୍ତ ନିଜ ଜନ୍ମପ୍ରସଙ୍ଗ ବର୍ଣ୍ଣନା କରୁଛନ୍ତି —

ପ୍ରଥମ ଜନ୍ମରେ କାଳିଦାସ ରୂପେ 'ରଘୁବଂଶ' ସଂସ୍କୃତରେ ଲେଖି ବିଷ୍ଣୁଙ୍କ ମହିମା ଗାନ କରିଛନ୍ତି । ଦ୍ୱିତୀୟ ଜନ୍ମରେ ଜଗନ୍ନାଥ ଦାସ ରୂପେ ଓଡ଼ିଆରେ 'ଭାଗବତ' ଲେଖିଛନ୍ତି । ତୃତୀୟ ଜନ୍ମରେ ବଳରାମ ଦାସ

ରୂପେ 'ଜଗମୋହନ ରାମାୟଣ' ଓଡ଼ିଆରେ ରଚନା କରିଛନ୍ତି । ଚତୁର୍ଥ ଜନ୍ମରେ ସେ ନାରାୟଣ ଦାସ ରୂପେ ପଞ୍ଚିକଣା 'ହରିବଂଶ' ଓଡ଼ିଆରେ ଲେଖିଛନ୍ତି । ପଞ୍ଚମ ଜନ୍ମରେ ଶାରଳା ଦାସ ରୂପେ ମହାଭାରତ ଓ ବିଲଙ୍କା ରାମାୟଣ ଓଡ଼ିଆରେ ଲେଖିଛନ୍ତି । ଷଷ୍ଠ ଜନ୍ମରେ ମହାଦେବ ଦାସ ରୂପେ ଓଡ଼ିଆରେ 'ବିଷ୍ଣୁକେଶରୀ ପୁରାଣ' ଓ 'ପଦ୍ମ ପୁରାଣ' ରଚନା କରିଛନ୍ତି । ମହାଦେବ ଦାସଙ୍କ ପଦ୍ମପୁରାଣ ବର୍ତ୍ତମାନ ଦୁଷ୍ପ୍ରାପ୍ୟ । ସପ୍ତମ ଜନ୍ମରେ କବି 'ନୃସିଂହ ପୁରାଣ' ରଚନା କରିଛନ୍ତି ।

କାଳିଦାସଙ୍କ ସମୟ ନିର୍ଦ୍ଦିଷ୍ଟ ରୂପେ କହି ହେଉ ନାହିଁ । ବିଭିନ୍ନ ପଣ୍ଡିତ ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀଠାରୁ ଆରମ୍ଭ କରି ଖ୍ରୀ, ସପ୍ତମ ଶତାବ୍ଦୀ ପର୍ଯ୍ୟନ୍ତ ସମୟ ନିର୍ଣ୍ଣୟ କରୁଛନ୍ତି । କେବଳ ପ୍ରଥମ ଜନ୍ମରେ କାଳିଦାସ ସଂସ୍କୃତ ଭାଷାରେ କିଛି ମହିମା ଗାନ କରିଛନ୍ତି । ଅନ୍ୟ ଜନ୍ମରେ ଓଡ଼ିଆ ଭାଷାରେ ଗ୍ରନ୍ଥ ରଚନା କରିଅଛନ୍ତି । ଜଗନ୍ନାଥ ଦାସ, ବଳରାମ ଦାସ ଓ ନାରାୟଣ ଦାସଙ୍କ ଜନ୍ମ ପରେ ଶାରଳା ଦାସ ଆବିର୍ଭୂତ ହୋଇଥିବା କଥନ ଯୁକ୍ତି ଯଥାର୍ଥ ନୁହେଁ । ଶାରଳା ଦାସ ଏମାନଙ୍କ ପୂର୍ବରୁ ଜନ୍ମ ଗ୍ରହଣ କରିଥିଲେ । ଏଥିରୁ ଜଣାଯାଉଛି, କବି ସମସାମୟିକତାକୁ ଭ୍ରମଶୂନ୍ୟ କରି ନାହାନ୍ତି ।

ଏହି ଜନ୍ମାନ୍ତର ପ୍ରସଙ୍ଗରୁ ନାରାୟଣ ଦାସ ଓ ମହାଦେବ ଦାସ କବିଙ୍କ ପୂର୍ବବର୍ତ୍ତୀ ଥିବା ସ୍ପଷ୍ଟ ହେଉଛି, କାରଣ ଏ ଦୁହିଁଙ୍କର ସମୟ ନିର୍ଦ୍ଦିଷ୍ଟ ଭାବରେ ଜଣାଯାଇ ନାହିଁ । ଏହି ସୂତ୍ରଟି ଏମାନଙ୍କ ସମୟ ଜାଣିବା ନିମନ୍ତେ ଏକ ପ୍ରାମାଣିକ ଉପାଦାନ ରୂପେ ପ୍ରକାଶ ପାଉଛି ।

ସାତ ଜନ୍ମ ମଧ୍ୟରୁ ଜଗନ୍ନାଥ ଦାସ, ନାରାୟଣ ଦାସ ଓ କବି ନିଜେ ବ୍ରାହ୍ମଣ ଥିଲେ । ଓଡ଼ିଶାର ଅନ୍ୟମାନେ ଅବ୍ରାହ୍ମଣ ହେଲେ ମଧ୍ୟ କବି ଏମାନଙ୍କୁ ସ୍ୱଚ୍ଛ ଆସନ ଦେଇ ଉଦାର ମନୋଭାବର ପରିଚୟ ଦେଇଛନ୍ତି ।

ଛନ୍ଦକଳାକାର ଚକ୍ରରାମ—ଛନ୍ଦ ଲେଖକ, ନକଲକାର ଓ ପୁରାଣ ପଣ୍ଡା ଏ ତିନିଜଣଙ୍କୁ ଉପଯୁକ୍ତ ହେବେ ପୁରସ୍କାର ବା ଦକ୍ଷିଣା ଦେବା ଧର୍ମ ହେବାର ପୀତାମ୍ବର କହୁଛନ୍ତି ।

ସଂକଳ୍ପ କରି ନୃସିଂହ ପୁରାଣ ଯେତେ ଶୁଣୁଥିବ,
ଯାହା ସେତେ ମହାଶିବ ତା ଜନ୍ମେ ପାଇବ ।
କୋଟି ତୀର୍ଥର ଯେ ଫଳ ଲଭିବ ସେ ଜନ,
ପୌର୍ଣ୍ଣମୀରେ ସଂକ୍ରାନ୍ତିରେ ଦେବ ଭୂମି ଦାନ ।

ନାନା ଦୁଃଖେ ଯହିଁ ଯେତେ କଷ୍ଟ ଭୋଗିଥିବ,
ମନପୂର୍ଣ୍ଣ କରି ତାଙ୍କୁ ଦକ୍ଷିଣା ଯେ ଦେବ ।
ତାହାଙ୍କର ଦୁଃଖ ଯେତେ ଅଛି ଗର୍ଭବାସ,
ସହଜ ଲୋକଙ୍କ ସେହି ରୂପେ ଦୁଃଖ ଯାଉ ।

ତାହାଙ୍କୁ କେବେହେଁ ମନେ ନ କରିବ ଘୃଣା,
ଦେଉଥିବ ତାଙ୍କୁ ମନ କରିଣ କରୁଣା ।
ତାଙ୍କୁ ଦେଉଥିବା ଫଳ ଅବଶ୍ୟ ଲଭଇ,
କୋଟିଏ ଗୋଦାନ ଫଳ ଦେଇ ଜନ ପାଇ । (୭ମ ଉଲ୍ଲାସର)

ନୃସିଂହ ପୁରାଣ ଲେଖିବା କାରଣ—

ଶ୍ରୀ ନୃସିଂହ ପୁରାଣ ଏ ଅଟେ ଗ୍ରନ୍ଥ ସାର,
ସାତ ଶ୍ଳୋକରେ କହିଲେ ସେ ବେଦାନ୍ତର ।
ବ୍ରହ୍ମା ସେ କହିବା ପର୍ଯ୍ୟେ କେବଳ ସମସ୍ତ
ପନ୍ଦର ସହସ୍ର ଶ୍ଳୋକ ଅଟଇ ଏ ଗ୍ରନ୍ଥ ।

ନାରଦ ମୁନି ପୂର୍ବରୁ ଏହି ଗ୍ରନ୍ଥଟି ଶୁଣିଥିଲେ ଏବଂ ଏହି ଗ୍ରନ୍ଥରୁ ଦକ୍ଷିଣା ସ୍ୱରୂପ ବହୁ ଧନଦ୍ରବ୍ୟ ଦେବତାଙ୍କୁ ଦେଇଥିଲେ । ବ୍ରହ୍ମା ଏ ଦକ୍ଷିଣାକୁ ବ୍ରାହ୍ମଣମାନଙ୍କୁ ଦାନ କରିଦେଇଥିଲେ । ତେଣୁ ଆଜି ନୃସିଂହ ପୁରାଣ ବ୍ରହ୍ମବୋଧ ସଙ୍ଗେ ସମାନ ଏବଂ ଏହି ପୁରାଣ ବସ୍ତୁଙ୍କ ଆତ୍ମା ସ୍ୱରୂପ ।

ନୃସିଂହ ପୁରାଣ ଏହି ବସ୍ତୁ ଆତ୍ମା ଅଟେ,
ଶ୍ରୀ ନୃସିଂହ ଯେଉଁ ବରିଛନ୍ତି ସବୁ ଘଟେ ।

ଅନ୍ୟ ପୁରାଣ ଅଟଇ ସେତେ କଷ୍ଟ ପଦ,
ନୃସିଂହ ପୁରାଣ ଏହା ଅଟଇ ବ୍ରହ୍ମବୋଧ ।
ପାବନ ପୁଣ୍ୟଦାୟକ ଏ ଗ୍ରନ୍ଥ ଅଟଇ ପୁଣ,
ଶୁଣିଣ ତୋଷ ହେଲେ ନାରଦ ବ୍ରହ୍ମସୁତ । (୭ମ ରତ୍ନାକର)

ଶାରଦାଙ୍କ ଆଜ୍ଞାରୁ ପୁରାଣ ଲେଖନ—ପୀତାମ୍ବର ଶାରଦାଙ୍କ କୃପାରୁ ନୃସିଂହ ପୁରାଣ ଲେଖିଥିବା ଗ୍ରନ୍ଥର ବହୁ ସ୍ଥାନରେ ବର୍ଣ୍ଣନା କରିଅଛନ୍ତି । ପ୍ରଭୁ ନାରାୟଣଙ୍କ ଆଦେଶରେ ଶାରଦା ତାଙ୍କୁ ଏ ଗ୍ରନ୍ଥ ଲେଖିବା ପାଇଁ ସ୍ୱପ୍ନରେ ଆଦେଶ ଦେଇଥିବା କଥା କହିଛନ୍ତି ।

ବୀରକେଶରୀ ନୃପତି ସ୍ୱରାଜ୍ୟର କାଳେ,
ଶାରଦାଙ୍କୁ ପଠାଇଲେ ପ୍ରଭୁ ଆଦ୍ୟମୂଳେ ।
ବୋଇଲେକ ଋଷିକୁଲ୍ୟା ନଦୀ ଶାଳର ପାଟ,
ବିପ୍ର ପୀତାମ୍ବର ଭକ୍ତି କରିଅଛୁ ଗୁହ ।

ତାଙ୍କୁ ତୁମ୍ଭେ ଶୀଘ୍ରେ ଯାଇ ବର ଦେଇ ଅସ,
ନୃସିଂହ ପୁରାଣ ସେହୁ କରିବ ପ୍ରକାଶ ।
ଏହା ଶୁଣି ସରସ୍ୱତୀ ଆଜ୍ଞା ଘେନିଲେଣ,
ସ୍ୱପନରେ ଆସି ମୋତେ କହିଲେ ତତକ୍ଷଣ ।

ବୋଇଲେକ ତାକୁ ହେତେ ନିଦ୍ରା ପରିହର,
ନୃସିଂହ ପୁରାଣ ଲେଖ କହିଲେ ଶ୍ରୀହରି ।
ତକ୍ଷଣ ବୋଇଲି ମା ମୁଁ ନ ଜାଣଇ ଶାସ୍ତ୍ର,
ଶାରଦା ବୋଇଲେ ଆମ୍ଭେ ହେବୁ ତୋତେ ସାହା ।

ମୁକୁଳିତ ପଦ ଲେଖ ବାକ୍ୟ ହେବୁ ଦେଇ,
ଅଳ୍ପ ଆଜ୍ଞାରେ ତେ ମୁଣ୍ଡ ବାନ୍ଧ ସ୍ତୁତିକରି ।

ଶାରଦାଙ୍କ ଏ ଆଜ୍ଞା ପରେ ପୀତାମ୍ବର ମୂର୍ଖଙ୍କ ନିଦ୍ରା ଭାଙ୍ଗିଲା କଣ୍ଠାଗ୍ର-ବାକ୍ୟ ଶାରଦା ତାଙ୍କୁ ଅଳ୍ପ ଦାନ କରିଥିଲେ ।

ଶୁଣି ଧାତ୍ରଦେବୀ କହିଲେ ଲେଖ ତୁମ୍ଭେ ଗ୍ରନ୍ଥ,
ନିନ୍ଦିବେ ଲୋକଙ୍କ କଥା ଜାଣିବେ ଅଦ୍ଭୁତ ।
ମୂର୍ଖ ଲୋକଙ୍କୁ ପଣ୍ଡିତ କରାଇ ଦେଇ ଏକା,
ଯେ ମୂଢ଼ ଗୁଣିବେ ତାହା ମନୁ ଛାଡ଼ ଶଙ୍କା । (୭ମ ରତ୍ନାକର)

କବି ଏ ପ୍ରସଙ୍ଗକୁ ପୁଣି ସ୍ମରଣ କରାଇ ଦେଇ ଭାରତ ସୁତ ବର୍ଣ୍ଣନା କରିବା ପୂର୍ବରୁ ନିଜକୁ ଶାରଦାସୁତ ବୋଲି କହିଛନ୍ତି ।

ଲେଖେ ମୁଁ ଶାରଦା ସୁତ ହୋଇଣ ଜନମ,
ତେଣୁ ସେହୁ ମାତା ମୋତେ ହୋଇଲେ ସଦୟ ।
ଯେଣୁ ସେ ଦେବୀର ମୋତେ ହୋଇଲା କରୁଣା,
ତେଣୁ ଏ ଗ୍ରନ୍ଥ ଲେଖେ ମୁଁ ନ ହୋଇଣ ଦୀନା । (୭ମ ରତ୍ନାକର)

ନୃସିଂହଙ୍କ ବୈକୁଣ୍ଠପୁର ଗମନ ପରେ ଗ୍ରନ୍ଥ ଶେଷ କରିବା ପାଇଁ କବି ମନସ୍ଥ କରିଥିବା ଅନୁମିତ ହୁଏ । ଏହାପରେ ବର୍ଣ୍ଣିତ ହୋଇଥିବା ତଥ୍ୟର ନୃସିଂହ ଚରିତ ସହିତ ପ୍ରତ୍ୟକ୍ଷ ସମ୍ପର୍କ ନାହିଁ । କେବଳ ପୁରାଣର କୌଣସି ନିର୍ଦ୍ଦିଷ୍ଟ ଯୋଜନା ଅନୁସରଣ କରିବାର ଆବଶ୍ୟକତା ବିଶେଷ ଭାବରେ ଅନୁଭୂତ ହେଉ ନ ଥିବାରୁ କବି ସ୍ୱ ଇଚ୍ଛାନୁସାରେ ନିଜର ପାଣ୍ଡିତ୍ୟ ପ୍ରକାଶ କରିବା ସଙ୍ଗେ ସଙ୍ଗେ ଜନକଲ୍ୟାଣ କରିବା କାମନାରେ ବିବିଧ ତତ୍ତ୍ୱ ଓ ତଥ୍ୟ ବର୍ଣ୍ଣନା କରିଛନ୍ତି । ସ୍ୱ କାର୍ଯ୍ୟର ସମର୍ଥନ ଉଦ୍ଦେଶ୍ୟରେ ଦୈବବାଣୀର ଆଶ୍ରା ନେଇଛନ୍ତି । ସେଠାରେ ସ୍ୱୟଂ ଆଦିମୂଳ ବିଷ୍ଣୁ କବିଙ୍କୁ ନୃସିଂହପୁରାଣର ରଚନା ବନ୍ଦ ନ କରିବାକୁ ସ୍ୱପ୍ନରେ ଆଦେଶ ଓ ଅଭୟ ପ୍ରଦାନ କଲେ । କବି ଏହାକୁ ଶିରୋଧାର୍ଯ୍ୟ କରି ରାମାୟଣ, ମହାଭାରତାଦି କଥା ପ୍ରସଙ୍ଗ ରଚନା କରି ଶେଷ ରତ୍ନାକରରେ ସ୍ଥାନ ଦେଇଛନ୍ତି ।

ଶ୍ରୀନୃସିଂହ ମହାପ୍ରଭୁ ବୈକୁଣ୍ଠକୁ ଯାନ୍ତେ,
ମହାଭୟ କରି ମୁହିଁ ଥକିଲି ହୃଦଗତେ ।
ନୃସିଂହ ଯିବାରୁ ମୁହିଁ ହୁଅନ୍ତେ ଆକୁଳ,
ସ୍ୱପନେ କହିଲେ ହରି ମୋତେ ଆଦିମୂଳ ।

ହୋଇଲେ ନୃସିଂହସ୍ୱରୂପ ପ୍ରଭୁ ସୁପ୍ରକଟ,
ଅନ୍ତେ ଅକ୍ଷ୍ମୀ ଦେଖିଲୁ ଲୋକେ ନ ହୋଇ କାତର ।
ଏଣି ଅବତାରରେ ମୋର ଯେତେକ ମହିମା,
ଲେଖ ନୃସିଂହସ୍ୱରୂପ ସମସ୍ତେ ଶୁଣିମା ।

ଏ କଥାକୁ ସ୍ୱାର୍ଥ୍ୟ କରି ପଢିବେ ଯେ ହୋଇତ,
ତାହାଙ୍କୁ ଜଡ଼ କରିବି ମୁଁ ଏ ଜଗତେ ।
ମହାପୁରୁଷ ଜଣେ ରୁ ବୋଲି ଡମ୍ଭାରଣ,
ଏଥିକୁ ଜନର ଅପୁ ଲେଖ ମନେ ଖୁଷ ।

ସୁପଣ୍ଡିତମାନେ ଶୁଣି ହେବେ ମନେ ତୋଷ,
ମୂର୍ଖଲୋକେ ନ ମାନି କହିବେ ଦୋଷ ଜାଣ ।
ଅନ୍ଧ ବୋଲିଲେ ସଂସାରେ ଚନ୍ଦ୍ର ସୂର୍ଯ୍ୟ ନାହିଁ,
ଏତେ କି ଚନ୍ଦ୍ର ସୂର୍ଯ୍ୟ ଗଲେ ସାନ ହୋଇ ।

(୭ମ ଉଲ୍ଲାସ)

କବି ଗ୍ରନ୍ଥର ଆରମ୍ଭରେ ଶାରଦାଙ୍କ ସ୍ୱପ୍ନାଦେଶ କଥା ସଂକ୍ଷେପ କହିଥିଲେ । ଏବେ ସ୍ୱୟଂ ଭକ୍ତଙ୍କ ସ୍ୱପ୍ନାଦେଶ ପାଇଲେ । ଭକ୍ତକବିଙ୍କ ଈଶ୍ୱରବିଶ୍ୱାସ ଯେ ତାଙ୍କ ମନରେ ବିଶେଷ ଶକ୍ତି ଦାନ କରିଛି ଏଥିରେ ସନ୍ଦେହ ନାହିଁ ।

ଗ୍ରନ୍ଥରଚନାର କାରଣ ସମ୍ପର୍କରେ କବି ଶାରଦା ଓ ସ୍ୱୟଂ ଭକ୍ତଙ୍କ ସ୍ୱପ୍ନ-ଆଦେଶ କଥା ଯାହା ବ୍ୟକ୍ତ କରିଛନ୍ତି ଭକ୍ତ ଜୀବନରେ ଏପରି ଘଟଣାର ସତ୍ୟତା ସମ୍ବନ୍ଧରେ ଆଲୋଚନା କରିବା ଗ୍ରହଣୀୟ ନୁହେଁ । ଏହାହିଁ ଭକ୍ତମାନଙ୍କ ମତ । ତନ୍ମୟତା ହିଁ ଏହାର କାରଣ । ଏ ଘୋର କଳିକାଳର ମାୟାଅନ୍ଧକାରରୁ ରକ୍ଷା ପାଇବାକୁ ହେଲେ ଗୋବିନ୍ଦଲୀଳା କୀର୍ତ୍ତନ ବିନୁ ଅନ୍ୟ ପନ୍ଥା ନାହିଁ ବୋଲି କବି ଉପଲବ୍ଧି କଲେ ।

କେତେଥର ଜନ୍ମମୃତ୍ୟୁ ହେବ କଳେବର,
ଗୋବିନ୍ଦଲୀଳା ବିନୁ ମୋ ନାହିଁ ପ୍ରତିକାର ।

ଭରସା କଲି ଏମନ୍ତ ଯାଣି ମୁଣ୍ଡି ଦେଇ,
ସେ କୃଷ୍ଣ ଲୀଳାରୁ କଣ୍ଠ ବଖାଣିବ ଗୀତେ ।

କବି ଏପରି ଚିନ୍ତା କରି 'ପଦ୍ମନାଭ'ଙ୍କୁ ଅନୁସ୍ମ କରିବା ସ୍ଥିର କଲେ ।

ଏପରି କବି ଅନୁକୂଳ ହୋଇ ମନେ ମନେ ଧ୍ୟାନ କରନ୍ତେ ସ୍ୱପ୍ନରେ ବାଣୀ ଦେବୀ ପ୍ରସନ୍ନ ହୋଇ ନୃସିଂହ ପୁରାଣ ରଚନା କରିବାକୁ ସ୍ୱପ୍ନରେ ତାଙ୍କୁ ଆଦେଶ ଦେଲେ ।

ଏହି ଘଟଣା ବୀରକିଶୋର (ବୀରକେଶରୀ) ଦେବ ୧ମଙ୍କ ୩୨ ଅଙ୍କ ଅର୍ଥାତ୍ ଖ୍ରୀ: ୧୭୬୨ ସିଂହ ଶୁକ୍ଳପକ୍ଷ ପଞ୍ଚମୀ ସୋମବାର ଦିନ ସ୍ୱପ୍ନରେ ଘଟିଥିଲା । ଖୋର୍ଦ୍ଧା ରାଜା ଗୋପୀନାଥ ଦେବଙ୍କ ନାତି, ରାଜା ରାମଚନ୍ଦ୍ର ଦେବଙ୍କ ପୁତ୍ର ବୀରକେଶରୀ ଦେବ ( ଖ୍ରୀ: ୧୭୫୬-୧୭୯୩ )ଙ୍କ ରାଜତ୍ୱ ସମୟର ଏ ଘଟଣା ।

ବୀରକିଶୋର ଦେବଙ୍କ ବତିଶ ଅଙ୍କରେ,
ସିଂହମାସ ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ ।
ସୋମବାର ହୋଇଥିଲା ଅଶେଷ ଶେଷ ଦିନ,
ମୋ ଆଗରେ ହସ୍ତ ହୋଇ ବୋଇଲେ ଏସନ ।

ନୃସିଂହ ପୁରାଣ ଛନ୍ଦ କର ତୁହି ଏବେ
ଶୁଣି ପଢ଼ି ସଜ୍ଜନେ ପାପୁଁ ମୁକ୍ତ ହେବେ ।
(୧ମ ରତ୍ନାକର ମଙ୍ଗଳାଚରଣ)

ଏଥିରୁ ନୃସିଂହ ପୁରାଣର ରଚନା ଆରମ୍ଭ ସମୟ ଜଣାପଡ଼ୁଛି ଏବଂ କବି ବୀରକେଶରୀ ଦେବ ୧ମଙ୍କ ସମସାମୟିକ ଥିବାର ସ୍ପଷ୍ଟ ହେଉଛି ।

ସାତ ରତ୍ନାକର ଲେଖା ସଙ୍କଳ୍ପ—ନୃସିଂହ ପୁରାଣକୁ ସାତଖଣ୍ଡ ବା ସାତ ରତ୍ନାକରରେ ସମ୍ପୂର୍ଣ୍ଣ କରିବା ପାଇଁ କବି ସଙ୍କଳ୍ପ କରିଥିବା ତୃତୀୟ ରତ୍ନାକରର ଭଣିତା ଅଂଶରୁ ଜଣାଯାଏ ।

ଏତେକ ଆସି ପ୍ରଥମ ଦ୍ୱିତୀୟ ତୃତୀୟକୁ,
ସମ୍ପୂର୍ଣ୍ଣ କଲି ଲକ୍ଷ୍ମୀ ଈଶିଳ ପଦାରକୁ ।
ଚତୁର୍ଥ ଖଣ୍ଡ କରିବ ଏବେ ମୋତେ ଆଜ୍ଞା,
ତେବେ ମୁଁ ପାରିବ ଲେଖି ନୃସିଂହଙ୍କ ଗୁଣ ।
ସପ୍ତରନ୍ଧ୍ରକର ଯାଏ ଅଟ୍ଟ ମନ କରି,
ସେ ଅର୍ଥ କଣାଇ ମୋତେ ଦେବ ନରହରି । (ଶାନ୍ତ ଛନ୍ଦ)

ଗ୍ରନ୍ଥ ଓ ଗ୍ରନ୍ଥସୂଚୀ; ୧ମ ଉଲ୍ଲାସର—ନୃସିଂହଙ୍କ ବନ୍ଦନା, ରାଜା ପରୀକ୍ଷିତଙ୍କୁ ବ୍ରହ୍ମଶାପ, ପରୀକ୍ଷିତଙ୍କ ସ୍ୱର୍ଗନାମ କୀର୍ତ୍ତନ, ପାଣ୍ଡବଙ୍କୁ ଈଶ୍ୱରଙ୍କ ତତ୍ତ୍ୱଜ୍ଞାନ କଥନ, ଶୁକଦେବଙ୍କ ଜନ୍ମ, ତପସ୍ୟା, ମନ୍ତ୍ର ଗ୍ରହଣ, ମାତାଙ୍କୁ ଶୁକଙ୍କ ଜ୍ଞାନମାର୍ଗ କଥନ, ପରୀକ୍ଷିତଙ୍କ ପୁରାଣ ଶ୍ରବଣ, ନାରଦଙ୍କ ବ୍ରହ୍ମଶାପ ମୋଚନ, ନୃସିଂହ ପୁରାଣ ମାହାତ୍ମ୍ୟ, ପ୍ରଳୟ, ସୃଷ୍ଟି ବର୍ଣ୍ଣନା, ଶଚୀଦେବୀଙ୍କ ଜନ୍ମ, ବିବାହ, ଲକ୍ଷ୍ମୀଙ୍କ ଜନ୍ମ, କୌସ୍ତୁଭ ମଣିର ଜନ୍ମ ବୃତ୍ତାନ୍ତ, ହର ସମ୍ପ୍ରଦାୟ ଜନ୍ମ ବୃତ୍ତାନ୍ତ, ଶ୍ୟାମାନନ୍ଦୀ ଦୀକ୍ଷା, ବ୍ରହ୍ମଚର୍ଯ୍ୟ ଭାବ ପ୍ରଶଂସା, ଯାବତ ବିବାହ, ଧନୁ ଓ ବଂଶୀର ଜନ୍ମବୃତ୍ତାନ୍ତ, କନ୍ଦର୍ପ ବିବାହ, ମୁର ଦାରୁଣ ଦୈତ୍ୟ ଜନ୍ମ ବୃତ୍ତାନ୍ତ, ମୁରର ପୂର୍ବଜନ୍ମ ବୃତ୍ତାନ୍ତ ।

୨ୟ—ଦ୍ୱାରପାଳ ଜୟ ବିଜୟଙ୍କ ଶାପ ବିବରଣ, ସାଧୁ ମନୁଙ୍କ କଥା, ନୃସିଂହ କବଚ, ସାଧୁ ମନୁଙ୍କ ପୁତ୍ରଙ୍କୁ ବିଷ୍ଣୁ ବାଳ ରୂପରେ ଦେବା, ସାଧୁ ମନୁଙ୍କ ମୋକ୍ଷ, ଦୁର୍ବାସାଙ୍କ କ୍ରୋଧ, କ୍ରୋଧ ଶାନ୍ତି ନିମିତ୍ତ ବିଷ୍ଣୁଙ୍କ ଉଦ୍ୟମ, ମୁର ଦାରୁଣଙ୍କ ବାଲ୍ୟଲୀଳା, ରାଜା ଭରତଙ୍କ ଚରିତ, ରୁକ୍ମିଣୀ ପୁତ୍ରଙ୍କୁ ଜ୍ଞାନମାର୍ଗ କଥନ, ମୁରପୁର ଓ ଚନ୍ଦ୍ରସେନର ପରାକ୍ରମ, ନନ୍ଦଙ୍କ ପୁତ୍ରଜନ୍ମ ବୃତ୍ତାନ୍ତ, ମୁର ଦାରୁଣଙ୍କ ତପସ୍ୟା, ଭୂମିକମ୍ପର କାରଣ, ମୁର ଦାରୁଣଙ୍କ ବରଲାଭ, କର୍ଣ୍ଣାଟେଶ୍ୱର ରାଜାଙ୍କଠାରୁ ମୁରର ଯୁଦ୍ଧ, କର୍ଣ୍ଣାଟେଶ୍ୱର ସହିତ ମୁରର ଯୁଦ୍ଧ, ମୁରର ବିଜୟ, କର୍ଣ୍ଣାଟେଶ୍ୱରଙ୍କ ପଳାୟନ, ମୁରପୁରର ରାଜ୍ୟପ୍ରାପ୍ତି, ବ୍ରହ୍ମାଙ୍କର ମୁରକୁ ନୀତିଶିକ୍ଷା ଦାନ, ମୁରର ସପ୍ତଦ୍ୱୀପ ଭ୍ରମଣ, କଣ୍ଠକେଶୁଙ୍କ ସହିତ ମିତ୍ରତା, ମୁରପୁରର ଶାଲ୍ମଳୀଦ୍ୱୀପ ଯାତ୍ରା, ମତଙ୍ଗାବତ ସ୍ୱୟମ୍ବର, ମର୍ଦ୍ଦନାବତୀ ବିବାହ, ମୁରପୁରର ଦୁଃଖ, ମାଳ୍ପୈ ରାଜ୍ୟରେ ପ୍ରବେଶ, ସୁନାବର୍ତ୍ତୀକ ମଣି ବୃତ୍ତାନ୍ତ;

ଇନ୍ଦ୍ରନୀଳମଣି ବୃତ୍ତାନ୍ତ, ମୁରାସୁର-ଇନ୍ଦ୍ର ଯୁଦ୍ଧ, ମୁରର ସ୍ୱର୍ଗପୁର ବିଜୟ, ମୁର ଦାନବଙ୍କ ପଦ୍ମାବତୀ ଓ ଚନ୍ଦ୍ରାବତୀ କନ୍ୟା ବିବାହ, ମୁରାସୁରର ସ୍ୱପୁରକୁ ପ୍ରତ୍ୟାଗମନ, ମୁରବଧ ନିମନ୍ତେ ବିଷ୍ଣୁଙ୍କୁ ଦେବତାମାନଙ୍କ ପ୍ରାର୍ଥନା ।

ତୃତୀୟ—ମୁର ବିବାହ, ବିଷ୍ଣୁଙ୍କୁ ଦେବତାମାନଙ୍କ ଜଣାଣ, ଭଗବତୀଙ୍କ ଜନ୍ମ, ମେରୁପର୍ବତରେ ଦେବତାମାନଙ୍କ ଯଜ୍ଞ, ମୁରର ମେରୁପର୍ବତ ଉତ୍ପାଟନ କରିବା, ମୁରକୁ ଶୁକ୍ରଙ୍କ ଉପଦେଶ, ମେରୁର ପୁନଃ ସଂସ୍ଥାପନ, ଭଗବତୀ ବିବାହ, ଶେଷ ନୃସିଂହ ଜନ୍ମ, ନାମକରଣୋତ୍ସବ, ବାଲ୍ୟଲୀଳା, ଗୁରୁପାଠ, ଗୁରୁସେବା, ଭଗବତୀଙ୍କ ଶାଳଗ୍ରାମ ପୂଜା, ନୃସିଂହ ବ୍ରତବନ୍ଧ, ବ୍ରହ୍ମାଙ୍କଠାରୁ ଶେଷ ନୃସିଂହଙ୍କ ବିଦ୍ୟାଶିକ୍ଷା, ନୃସିଂହଙ୍କ ବଦରିକାଶ୍ରମରେ ପ୍ରବେଶ, ନୃସିଂହଙ୍କ ଯୌବରାଜ୍ୟାଭିଷେକ, ଶ୍ରୀବତ୍ସ ବିପ୍ର କଥା, କର୍ଣ୍ଣାଟେଶ୍ୱର ରାଜାଙ୍କ ଶେଷ ନୃସିଂହଙ୍କଠାରେ ଶରଣ ପଶିବା, ବ୍ରହ୍ମାଙ୍କ ରାଜଦଣ୍ଡ କଥନ, ଲକ୍ଷ୍ମୀଙ୍କ ସ୍ୱୟଂବର, ଶେଷ ନୃସିଂହଙ୍କ ସହିତ ଇଳା କମଳାଙ୍କ ବିବାହ ।

ଚତୁର୍ଥ—ଅଳକ୍ଷ୍ମୀ ବିବାହ, ମୁର ନିକଟରେ ନାରଦଙ୍କ ନୃସିଂହ ଜନ୍ମ ବୃତ୍ତାନ୍ତ କଥନ, ମୁରର ଚିନ୍ତା, ଅଶୀଳର ବଦରିକାଶ୍ରମରେ ପ୍ରବେଶ, ବିଷ୍ଣୁଭକ୍ତଙ୍କୁ ମୁରର ଦଣ୍ଡ, ବିଦ୍ୟାଧ୍ୟୟନ ପାଇଁ ଶେଷ ଓ ନୃସିଂହଙ୍କ କନକାବତୀ ପୁରକୁ ଯାତ୍ରା, ନୃସିଂହଙ୍କୁ ମାରିବା ପାଇଁ ମୁର ଓ ମଦନବତୀଙ୍କ ବିଚାର, ନୃସିଂହଙ୍କଠାରୁ ମୁର ପୁତ୍ରର ବିଦ୍ୟାଧ୍ୟୟନ ବ୍ୟବସ୍ଥା, ମୁରର ଷଡ଼ଯନ୍ତ୍ର, ମହାକର୍ଣ୍ଣର ମନ୍ତ୍ର, ନୃସିଂହ ବଧ, ମୁର ପୁତ୍ରର ନିଧନ, ମୁର ଓ ମୁରପତ୍ନୀଙ୍କ ଶୋକ, ମୃତଦେହ ବ୍ରହ୍ମାଙ୍କ ଯମପୁରରେ ପ୍ରବେଶ ଓ ଅମୋଘମାଳା ପ୍ରଦାନ, କାଂକୋଳାସୁର ବଧ, ଶରଭିତ ଓ ଚନ୍ଦ୍ରମାଳୀ ଉଦ୍ଧାର, ସୁବର୍ଣ୍ଣକେଶୀ, କୁଟକେଶୀ, ଖରଦନ୍ତ, କାଳକେତୁ ଓ ସୌଦାଗ ଅସୁରଙ୍କ ଯୁଦ୍ଧ ଓ ମୃତ୍ୟୁ, ଅମୃତମଣି ଚରିତ, ହରପଣ୍ଡାଦି ଅସୁରଙ୍କ ଯୁଦ୍ଧ ଓ ମୃତ୍ୟୁ, ବୃକାସୁରର ଯୁଦ୍ଧ ଓ ମୃତ୍ୟୁ, ବଳିବାମନ ଚରିତ, ଦାନବର ଯୁଦ୍ଧ ଓ ମୃତ୍ୟୁ, ରାଜା ବଳି ସ୍ଥାନ ଉର୍ଦ୍ଧ୍ୱ, ଶ୍ରୀପୁରୁଷ ଲକ୍ଷଣ ।

ପଞ୍ଚମ—ଭକ୍ତି ମାହାତ୍ମ୍ୟ । ଲକ୍ଷ୍ମୀଙ୍କ ଦର୍ପଦଳନ । ମହାସୁରର ଯୁଦ୍ଧ ଅନ୍ୱେଷଣ ଓ ଯୁଦ୍ଧ, ବିଜୟାରଥ ଚରିତ, ପ୍ରତାପସିଂହ ସହ ମୂଢ଼ାସୁରର

ବଦରିକା ପରିଭ୍ରମଣ, କୃଷ୍ଣବଲ୍ଲଭ ରାଜା ବନ୍ଦୀ, ନୃସିଂହଙ୍କ ସେନାଙ୍କ ଯୁଦ୍ଧ, କୃଷ୍ଣବଲ୍ଲଭଙ୍କ ମୃତ୍ୟୁ, ପ୍ରତାପ ସିଂହର ଯୁଦ୍ଧ ଓ ମୃତ୍ୟୁ, ଜଳନ୍ଧର ଚରିତ । ମୁନି ଅନନ୍ତଦେବଙ୍କୁ ଡାକି ସମୁଦ୍ରରେ ନିକ୍ଷେପ କରିବା । ଅନନ୍ତଦେବଙ୍କର ମାହାତ୍ମ୍ୟ । ଜାବପରମ ନଗର, ପାଣ୍ଡବଙ୍କ ନନ୍ଦନବନ ଭ୍ରମଣ, ଶ୍ୱେତଗଙ୍ଗାଙ୍କ ଯଜ୍ଞ, ଅର୍ଜ୍ଜୁନଙ୍କ ଲିଙ୍ଗୁଲୁଙ୍କୁ ବ୍ୟାଧି ଜାତ, ଧନ୍ୱନ୍ତରିଙ୍କ ଜନ୍ମ, ଅର୍ଜ୍ଜୁନ ଇନ୍ଦ୍ରଙ୍କୁ ଖାଣ୍ଡବବନ ପ୍ରାର୍ଥନା କଲେ, ନନ୍ଦନବନସ୍ଥ ଦେବତାମାନଙ୍କୁ ନୃସିଂହଙ୍କ ଆଶ୍ୱାସନା, ଦେବ ସୈନ୍ୟସହ ନୃସିଂହଙ୍କ ବଦରିକାରେ ପ୍ରବେଶ ।

୭୭—ସୁରଙ୍କ ମର୍ତ୍ତ୍ୟର ସ୍ୱାତନ୍ତ୍ର୍ୟ, ମୃଗପୁରର ଯୁଦ୍ଧଯାତ୍ରା, ନୃସିଂହଙ୍କ ଯୁଦ୍ଧ ଆୟୋଜନ । ପ୍ରଲମ୍ବାଦି ଅସୁରଙ୍କ ଯୁଦ୍ଧ ଭୂମିରେ ମୃତ୍ୟୁ, ମୃଗ ଓ ନୃସିଂହ ଯୁଦ୍ଧ, ମୃଗପୁରବଧ । କର୍ଣ୍ଣାଟେଶ୍ୱର, କନକାବତୀ ପୁରରେ ରାଜା କରିବା ।

୭୮—ନୃସିଂହଙ୍କ ମହାଲକ୍ଷ୍ମୀ ମନ୍ଦିରରେ ପ୍ରବେଶ, କଳିଙ୍ଗର ମାହାତ୍ମ୍ୟ, ମହାଲକ୍ଷ୍ମୀଙ୍କ ସ୍ୱୟମ୍ଭୂ ଜନ୍ମ, କଳିଙ୍ଗେଶ୍ୱର ଚନ୍ଦନଯାତ୍ରା, ନୃସିଂହଙ୍କ ଦେହତ୍ୟାଗ, ନାରଦଙ୍କୁ ବ୍ରହ୍ମାଙ୍କ ଭାଗବତ କଥନ, ହିରଣ୍ୟକଶିପୁଙ୍କ ତପସ୍ୟା, ପ୍ରହ୍ଲାଦ ଚରିତ, ନୃସିଂହାବତାର ଓ ହିରଣ୍ୟକଶିପୁ ବଧ, ପ୍ରହ୍ଲାଦଙ୍କ ରାଜ୍ୟାଭିଷେକ, ସଂକ୍ଷିପ୍ତ ରାମାୟଣ ଚରିତ, ବଂଶାନୁଚରିତ, ଶ୍ରୀକୃଷ୍ଣଙ୍କ ଲୀଳା, କଂସ ବଧ, କୃଷ୍ଣଙ୍କ ଦେହତ୍ୟାଗ, ପରୀକ୍ଷିତଙ୍କ ଚରିତ, ଜନ୍ମେଜୟଙ୍କ ଚରିତ ।

ନୃସିଂହ ପୁରାଣ ସତ୍ୟଯୁଗର ଚରିତ, ଏହା ସାମବେଦରୁ ସମ୍ଭୂତ । ପ୍ରଥମେ ନାରଦଙ୍କୁ ବ୍ରହ୍ମା ଏହା ବର୍ଣ୍ଣନା କରିଥିଲେ । ପରେ ଦ୍ୱାପର ଯୁଗରେ ଶୁକଙ୍କ ମୁଖରୁ ପରୀକ୍ଷିତ ଏହା ଶୁଣିଥିଲେ ।

ନୃସିଂହ ଓ ଶେଷଦେବ ଚୂଳଖିଲ, ନୃସିଂହ କୋପ୍ୟ, ଶେଷ ଜନ୍ମ । ବଙ୍ଗଦେଶର ରାଜା କୃଷ୍ଣବଲ୍ଲଭଙ୍କ ରାଣୀ ଭଗବତୀଙ୍କ ଗର୍ଭରୁ ଏ ଦୁହିଁଙ୍କର ଜନ୍ମ । ନୃସିଂହ ଓ ଶେଷଦେବଙ୍କ ଲୀଳା ହିଁ ଏହି ପୁରାଣର ମୁଖ୍ୟ ବିଷୟବସ୍ତୁ ।

ପ୍ରସଙ୍ଗକ୍ରମେ କବି ବହୁତ ପୌରାଣିକ ଆଖ୍ୟାୟିକା ତତ୍ତ୍ୱ, ଉପଦେଶ ପ୍ରଭୃତିକୁ ସ୍ଥାନ ଦେଇଛନ୍ତି ।

କବି ପରୀକ୍ଷିତଙ୍କୁ ଆଦର୍ଶ ନରପତି ରୂପେ ବର୍ଣ୍ଣନା କରିଛନ୍ତି । ପରୀକ୍ଷିତ ସୁନ୍ଦର ପଣରେ କାମର ଅବତାର ହୋଇଥିଲେ । ବାହୁବଳ ପଣରେ ଇନ୍ଦ୍ରଙ୍କ ସମ, ପଣ୍ଡିତ ପଣରେ ବୃହସ୍ପତି, ବାଣୀ ଗମ୍ଭୀର ବଚନ କୋକିଳ, ଦୟାଳୁ ପଣରେ ରାମଚନ୍ଦ୍ର, ଚନ୍ଦ୍ରମା ପ୍ରାୟ ଆହ୍ଲାଦ, ଧୈର୍ଯ୍ୟ ପଣରେ ମେରୁ, କ୍ଷମା ଶାନ୍ତି ଲକ୍ଷଣରେ ଧାରିତ୍ରୀ, ରାଜେଶ୍ୱର ପଣରେ ଯୁଧିଷ୍ଠିର, ଧନବନ୍ତ ପଣରେ ଧନେଶ୍ୱର, ବାଣୀର ଶୀଳତର୍ପଣ ଗଙ୍ଗା ନାହିଁ ସମାନ । ପୁଣି, ଅସ୍ତ୍ରାବଧାନରେ ରାମଙ୍କ ସମାନ, ତେଜଗୁଣରେ ତପନ, ଉଜ୍ଜ୍ୱଳ ପଣରେ ଶରଚନ୍ଦ୍ର ସମାନ । ସେ ବୈଷ୍ଣବର ଶାସ୍ତ୍ରବିଦ୍ ସମ୍ପୂର୍ଣ୍ଣ ଥିଲେ । ସେ ବତିଶ ଲକ୍ଷଣଯୁକ୍ତ ହୋଇ ଜନ୍ମଗ୍ରହଣ କରିଥିଲେ । "ଗର୍ଭରେ ସବୁ ଜାଣନ୍ତି ପରୀକ୍ଷିତ ନାମ ।" ଏହି ରାଜା ରାଜନୀତି କୁଶଳ ଥିଲେ ।

ସୋମବଂଶ ଉଦ୍ଧାରଣ ଅଟଇ ସେହି ବୀର,
ଜମ୍ବୁଦ୍ୱୀପଯାକ ଜସ୍ୱ ଭଇଲା ଏକେଶ୍ୱର ।
ବର୍ଣ୍ଣାଶ୍ରମଧର୍ମମାନ ଶୁଣି କରିଥାଇ,
ରାଜନୀତିରେ ବଢ଼ିଣ ସାଧୁ ଛନ୍ତି ତୁଷ୍ଟ ।

ରାଜ୍ୟର ନ୍ୟାୟ ଅନ୍ୟାୟ ଧର୍ମାଧର୍ମ ବୋଲେ,
ବିପ୍ର ମୁଖରୁ ଏହା ଶୁଣି ଶାସ୍ତ୍ରମତେ ।
ସ୍ୱଦେଶ ପରଦେଶରେ ଶୁଣନ୍ତି ଗୁହାରି,
ପ୍ରଜାକୁଳ ପାଳନ୍ତି ସେ ସୁପ୍ରସନ୍ନ କରି ।

ପ୍ରାତଃକାଳେ ଘୃତ ଦେଇ ଅଗ୍ନିକି ସେ ହୋମି,
ଅନ୍ନଦାନ କରନ୍ତି ସେ ଦେଖି ରଙ୍କ ଲୋକୀ ।
କାର୍ଯ୍ୟ ଗୁରୁ ବୈଷ୍ଣବ ଚରଣ ସେବନ୍ତି,
ବିଷ୍ଣୁଙ୍କର ସେବା ପୂଜା ପ୍ରତ୍ୟକ୍ଷ କରନ୍ତି ।

ଅତିଥି ଯେ ଅଭ୍ୟାଗତ ଭିକ୍ଷାରୀ ସନ୍ନ୍ୟାସୀ,
ଏମାନଙ୍କୁ ପୂଜା ଅନ୍ନବସ୍ତ୍ର ଦେଇ ତୋଷି ।
ସୁଜନ ପ୍ରତିପାଳନ ଦୁର୍ଜନ ନିପାତ,
ଉତ୍ତମ ଶାସ୍ତ୍ର ଦେଖିଣ ଚରଣେ ସେବନ୍ତି ।
ଏହିରୂପେ ପ୍ରତିଦିନ ଚର୍ଚ୍ଚାମାନ କରି,
ଜନମୁଖେ ଶୁଭେ ଧନ୍ୟ ଧନ୍ୟ ଦଣ୍ଡଧାରୀ ।
(୧ମ ଲହରୀକର । ପ୍ରଥମାଂଶ)

ଏଥିରୁ ବିବିଧ ଶାସ୍ତ୍ର, ପୁରାଣ, ଆୟୁର ଦାନଦ୍ୱାର ପ୍ରଭୃତି ବିଷୟରେ କବିଙ୍କର ଜ୍ଞାନ ଥିବା ପ୍ରମାଣିତ ହେଉଛି ।

କବି ଜଣେ ପ୍ରଧାନ ବୈଷ୍ଣବ ଥିବାରୁ ବ୍ରହ୍ମର୍ଷି ବଶିଷ୍ଠଙ୍କ ମୁଖରେ ଶ୍ରୀହରି ନାମକୀର୍ତ୍ତନର ମହିମା ଗାନ କରାଇ ଥିଲେ ।

କେବଳ ଶ୍ରୀହରି ନାମ ସଂସାରକୁ ମୂଳ,
ଆଉ ଯେତେ କଥାମାନ ସବୁହିଁ ବିଫଳ ।

ନୃସିଂହ ପୁରାଣ ମାହାତ୍ମ୍ୟ ପ୍ରସଙ୍ଗରେ ଏହି ପୁରାଣର ଜନ୍ମ ବୃତ୍ତାନ୍ତ ବ୍ରହ୍ମା ନାରଦଙ୍କୁ କହିଥିଲେ ଯେ—

× × ×

ବ୍ୟାସ ଆସୁ ଆସୁ ଗର୍ଭୁଁ ଉଚ୍ଚାରିଲେ ଏହା ।
ନୃସିଂହ ମହିମା ଯାକ ପୁରାଣ ବାଣିଲେ,
ପ୍ରଥମରୁ ମୂଳକାଣ୍ଡ ସେ ଗ୍ରନ୍ଥ ହୋଇଲେ ।
ଭୂମିରେ ପଡ଼ନ୍ତେ ଋଷି ବାନ୍ଧିଲେ ସେ ଗ୍ରନ୍ଥ,
ଶୁଣ ହୃଦେ ବ୍ୟାସଙ୍କର ଏତେକ କରାମତ ।
(୧ମ ଲହରୀକର)

କବି ନୃସିଂହ ପୁରାଣକୁ ପୁରାଣମାନଙ୍କର ରାଜା କରି ଅନ୍ୟ ପୁରାଣମାନଙ୍କୁ ପାତ୍ର ମନ୍ତ୍ରୀ ପ୍ରଭୃତି ରାଜସେବକ କରିଛନ୍ତି । ନୃସିଂହ ପୁରାଣ ରାଜା, ବ୍ରହ୍ମ-

ପୁରାଣ ପାଠ, ମାର୍କଣ୍ଡ ପୁରାଣ ମନ୍ତ୍ରୀ, ବଶିଷ୍ଠ ପୁରାଣ ପୁରୋହିତ, ମତ୍ସ୍ୟପୁରାଣ କୋଟୱାଳ ମହାପାତ୍ର, କୂର୍ମ ପୁରାଣ ସେନାପତି, ବରାହ ପୁରାଣ ସର୍ବଅଧିକାରୀ, ବାମନ ପୁରାଣ ପରିଛା, ବାଳ୍‌ଦେବୀ ପୁରାଣ ଝଣା, ଲକ୍ଷ୍ମୀ ପୁରାଣ ରାଣୀ, ପଦ୍ମ ପୁରାଣ ସେବାକାରୀ, ବ୍ରହ୍ମାଣ୍ଡ ପୁରାଣ ସଙ୍ଗ ପଡ଼ିହାରୀ । ଅନ୍ୟସବୁ ପୁରାଣ ରାଜାଙ୍କ ପାଦସେବକ ହେଲେ ।

ପୁଣି ଏହି ନୃସିଂହ ପୁରାଣକୁ ବ୍ୟାସଦେବ କହନ୍ତି ଗଣେଶ ଲେଖନ୍ତି । ଏହି ପୁରାଣରେ ଷାଠିଏ ଲକ୍ଷ ଗ୍ରନ୍ଥ ହୋଇଥିଲା । ଦେବତାମାନଙ୍କୁ ବିଂଶ ଲକ୍ଷ, ନାଗଲୋକଙ୍କୁ ବିଂଶ ଲକ୍ଷ ଦେଲେ । ଅବଶିଷ୍ଟ ବିଂଶ ଲକ୍ଷରୁ ଉଦ୍ଧୃତ କେଇ ଛଅପଦ, ସୁରତି ରଚନା କଲେ । ବାଲ୍ମୀକି ଏଥିରୁ ଉଦ୍ଧୃତ କେଇ ରାମାୟଣ କଲେ । କବିଙ୍କର ଏହି କଳ୍ପନା ମହାଭାରତ ଛନ୍ଦର ଜନ୍ମ ସଦୃଶ ହୋଇଛି ।

କବି ଏ କଳ୍ପନା ବଳରେ ଏତେ ବଡ଼ ପ୍ରକାଣ୍ଡ ଗ୍ରନ୍ଥ ପଦ୍ୟରେ ରଚନା କରି ଅମର ହୋଇଛନ୍ତି । କଳ୍ପନାର ସମ୍ବଳତା, ବର୍ଣ୍ଣନା ଚାତୁରୀ, ବିଷୟ ବିନ୍ୟାସରେ କୌଣସି ପ୍ରତିଭା ପ୍ରକଟିତ ହୋଇ ନ ଥିଲେ ମଧ୍ୟ କଥାସ୍ରୋତ ଓ ତତ୍ତ୍ୱ ବ୍ୟାଖ୍ୟାନକୁ ରମଣୀୟ କରିବାରେ କବି ସକ୍ଷମ ହୋଇଛନ୍ତି । ପୁରାଣ ସାଧାରଣତଃ ଜ୍ଞାନଭଣ୍ଡାର ରୂପେ ଗୃହୀତ ହେଉଥିବାରୁ କବି ଅପ୍ରାସଙ୍ଗିକ ନାନା ବିଷୟ ଏଥିରେ ସଂଲଗ୍ନ କରିଛନ୍ତି । ଏଥିରେ କବିଙ୍କ ପାଣ୍ଡିତ୍ୟ ପ୍ରକାଶ ପାଇଛି ।

କବି କୌଣସି ସଂସ୍କୃତ ପୁରାଣରୁ ନୃସିଂହ ପୁରାଣ ଅନୁବାଦ କରି ନାହାନ୍ତି । ସଂସ୍କୃତରେ 'ନୃସିଂହ ପୁରାଣ' ଥିବା କଥା ବ୍ୟକ୍ତ କରିଛନ୍ତି ଏବଂ ଏହି ପୁରାଣକୁ ସେ ସାଧୁଙ୍କର ମୁଖରେ ଶୁଣି ଲେଖିଥିବା ମଧ୍ୟ ପ୍ରକାଶ କରିଛନ୍ତି । 'ବଂଶୀ' ଇତ୍ୟାଦି ପ୍ରସଙ୍ଗରେ କବି କହିଛନ୍ତି—

ଏ ରୂପେ ଧନ୍ୟ ସେ ବଂଶୀ ବ୍ରହ୍ମା କଲେ ଜାତ,
ନୃସିଂହ ପୁରାଣେ ଏହା ହୋଇଛି କଥିତ ।
କହି ପିତାମ୍ବର ଦାଶ ସାଧୁଙ୍କର ମୁଖେ,
ଏ ଗ୍ରନ୍ଥର ଅର୍ଥ ଶୁଣି ପଦରେ ତା ଲେଖେ ।

ସତ୍ୟଯୁଗର ଏ ଗ୍ରନ୍ଥ ବେଦବ୍ୟାସକୃତ,
ଅଷ୍ଟାଦଶ ପୁରାଣେ ଏ ଗ୍ରନ୍ଥ ଅଟଇ ଖ୍ୟାତ ।

ସଂସ୍କୃତ ଭାଷାରେ ରଚିତ ନୃସିଂହ ପୁରାଣ ସତ୍ୟଯୁଗର ପୁରାଣ ଏବଂ ଏହା ଅଷ୍ଟାଦଶ ପୁରାଣାନ୍ତର୍ଗତ ବୋଲି କବି କହୁଛନ୍ତି । (୧ମ ରତ୍ନାକର)

ପୃଥ୍ୱୀ ସୃଷ୍ଟି ସର୍ଜନା ପ୍ରସଙ୍ଗରେ—

ପ୍ରଥମ ଖଣ୍ଡର ସୃଷ୍ଟି ସର୍ଜନା ବୃତ୍ତାନ୍ତ,
ଏ ନୃସିଂହ ପୁରାଣରେ ହୋଇଅଛି ଲିଖିତ,
ଯେତେକ ବୁଦ୍ଧି ହେଲା ମୁଁ ଲେଖିଲି ତେତେକ
କେ ଆନ କଣ ପାରିବ ଶାରଦାଙ୍କ ବାକ୍ୟ ।
(୧ମ ରତ୍ନାକର)

କବିଙ୍କ ଆଶା ଓ ଆକାଂକ୍ଷା—କବି 'ସାଧୁଜନ ମୁକ୍ତାସ୍ୱତେ' ନୃସିଂହପୁରାଣ ଶ୍ରୀଶି ରଚନା କରିଥିଲେ । କବି 'କୋଟିଏ ଗ୍ରନ୍ଥ ସତ୍ତ' ପୁରାଣ ଲେଖିଥିବା ସ୍ୱୀକାର କରିଛନ୍ତି । ବସ୍ତୁ, ତଥାପି 'ସତ୍ୟ ହେଉ ବା ଅସତ୍ୟ' ହେଉ କବି 'ଲେଖିବା ସତ୍ୟ' ବୋଲି ବ୍ୟକ୍ତ କରିଛନ୍ତି । କଳ୍ପକାଳନା କାଳିକୁ ତାଙ୍କ 'ସତ୍ୟ ଶିକ୍ଷା' । ସଂସାରକୁ ରକ୍ଷା କରିବା ପାଇଁ ସେ ଏହି ଗ୍ରନ୍ଥ ରଚନା କରିଥିଲେ ।

ଶ୍ରୀ ନୃସିଂହ ଜନ୍ମ ସତ୍ୟଯୁଗର ଏ ଗ୍ରନ୍ଥ,
କୋଟିଏ ଗ୍ରନ୍ଥ ବାହୁଣ ଲେଖିଲି କହୁତ ।
ଏଣୁ ଏ ଗ୍ରନ୍ଥର ପୁଣ୍ୟ ସଂସାରେ ମୋ ରହୁ,
ଯେଣୁ ବୋଲନ୍ତେ ଦୟାକଲେ କମଳାର ସାଇଁ ।

ଏଥିର ନାମ ଶ୍ରବଣ କରିବଇଁ ଯେତି ଜନ,
ଦେହ ଅନ୍ତେ ବୈକୁଣ୍ଠରେ ହେବ ବସ୍ତୁ ଦାସ ।
ଶ୍ରୀନୃସିଂହ ଚରଣତଳେ ରହୁ ମୋ ନାମ,
ଭକ୍ତ୍ୟ ରୂପେ ସଂସାରେ ମୁଁ ପାଇବି ଜନମ । (୫ମ ରତ୍ନାକର)

ଭକ୍ତକବି ଏହି 'ନୃସିଂହ ନାମେ ଗ୍ରନ୍ଥ' ପୀୟୂଷ ସ୍ୱରୂପ ଥିବାରୁ ଏହା 'ଅମୂଲ୍ୟ ପଦ ପୀୟୂଷ' ନାମ ଦେଇଛନ୍ତି । କବି ଅତି ସୁନ୍ଦର ସରଳ ଭାବରେ ନିଜ ହୃଦୟର ଭାବ ଓ ଆକାଂକ୍ଷା ବ୍ୟକ୍ତ କରିଛନ୍ତି ।

ଭକ୍ତକବି 'ଅପ୍ରକଟ' ନୃସିଂହସ୍ୱରୂପଙ୍କୁ ବିଷ୍ଣୁଙ୍କ ଆଜ୍ଞାରେ ପ୍ରାକୃତ ବର୍ଣ୍ଣରେ ଲେଖିଥିଲେ । ତେଣୁ ତାଙ୍କ ନାମ 'ବିଷ୍ଣୁ ପୁରାଣ'ରେ ଥିବାରୁ ବିଷ୍ଣୁଭକ୍ତ ତାଙ୍କ ହୃଦୟକୁ ପୂତଃ ସ୍ପୃଶତ ହେଉଥିଲା । ସେ ଏହି ଭାବକୁ ପ୍ରକାଶ କରି ଅସହ୍ୟ କୀର୍ତ୍ତି ଅର୍ଜନ କରିବା ସଙ୍ଗେ ସଙ୍ଗେ ଅନନ୍ତ ପୁଣ୍ୟର ଅଧିକାରୀ ହୋଇ ଯାଇଛନ୍ତି । କବି ଅନ୍ୟ ପଦରେ ନିଜର 'ଭାବ'କୁ ସୁନ୍ଦର ଭାବରେ ଏପରି ପ୍ରକାଶ କରିଛନ୍ତି—

ଡାଲି ବଦାଗଲେ ଯେବେ ଝିଟୁଜାଇ ଜଳ,
ସେହ୍ନ ମଣ୍ଡ ପଦ ମୋର ହୃଦେ ହୁଏ ଦଳ ।
ଦୂଳହେଲେ ତର୍ଣ୍ଣରେ କପାରେ ମୁଁ ଭଣି,
ସୂତ୍ରକାର ଆଣି ତାହା ଦେଉଥାଏ ଲେଖି ।

ଏହା ଶୃଙ୍ଖଳିତଭାବ ପଦସ୍ୱରୂପ ନହେଲେ ମଧ୍ୟ ଭକ୍ତକବିଙ୍କ ସ୍ୱରଣ କବିତା ପଦରେ ଏହା ଶୃଙ୍ଖଳାବଦ୍ଧ ହୋଇଛି ।

କବି ଏହି ଭାବକୁ ଆଶଙ୍କା କରି ପାଠକମାନଙ୍କୁ ପ୍ରାର୍ଥନାରେ କହିଛନ୍ତି—

ଦେବଳ ଏତେକ ମୁହିଁ କହୁଛି ତୁମ୍ଭଙ୍କୁ,
ଯେତେ ତେତେ ଦୋଷ ଶୁଣିବ ଏ ପୁସ୍ତକକୁ ।
ତୁମ୍ଭର ଛାମୁରେ ଏକା ମୋତେ ବଖାଣିବ
ଭକ୍ତ ଶୁଣିଣ ଅନ୍ୟର ଦେଖେଁ ନ କହିବ ।

ଅର୍ଥ ବୁଝି ନ ପାରିଲେ ଶୁଣୁଥିବ ବସି,
ଅଭକ୍ତମାନେ ଅଟନ୍ତି ତ ବିଷ୍ଣୁ ଦ୍ରୋହ-ରାଶି ।

ତୁମ୍ଭ ସଙ୍ଗତରେ ମୋତେ ଥିବ କରୁଣା କରି,
ଏତେକ ମାଗୁଛି ସମସ୍ତଙ୍କୁ ଅନୁସରି । (୫ମ ରତ୍ନାକର)

କବିଙ୍କ ଉକ୍ତି—କବି ବୈଷ୍ଣବ ବ୍ରହ୍ମସମ୍ପ୍ରଦାୟ ଅନ୍ତର୍ଭୁକ୍ତ ହେଲେ ମଧ୍ୟ ସେ ସାମ୍ୟବାଦରେ ଚତୁଃ ସମ୍ପ୍ରଦାୟ ଗାୟତ୍ରୀ ମନ୍ତ୍ର ଜପ୍ୟ "ଏକୋଇଶ ସହସ୍ର ଛଅଶତ" ଭଜନା କରୁଥିଲେ । ଚିତ୍ରୋତ୍ପଳା ନଦୀ ତଟରେ ତାଙ୍କ ମଠ । ସେଠାରେ ତାଙ୍କର ପିତୃପିତାମହ ସାତପାଞ୍ଚ ବାସ କଲେଣି । କବି ଚତୁଃସମ୍ପ୍ରଦାୟ ଗାୟତ୍ରୀ ଭଜନ କରି ଦାତା ହେବା ଉଦ୍ଦେଶ୍ୟରେ ଅନ୍ନବସ୍ତ୍ରାଦି ପ୍ରସ୍ତୁତ କରି ସ୍ୱ ଇଷ୍ଟଦେବଙ୍କୁ ସେବା କରୁଥିଲେ ।

ଦାତା ହେଲେ ଅନ୍ନ ମୁଷ୍ଟି କରେ ଗ୍ରାସ ନିତ୍ୟ,
ଜଗକୁ ଭୁଞ୍ଜାଇ ଭୁଞ୍ଜୁଥାଇ ଅନୁବ୍ରତେ । (୪ର୍ଥ ରତ୍ନାକର)

ଧର୍ମାନ୍ଧର ଦାସ ସଂକୀର୍ଣ୍ଣ ବାଦବିବାଦକୁ ପରିହାର କରିଛନ୍ତି, ଏହା ତାଙ୍କର ଏକାଗ୍ରତାର ପରିଚାୟକ ହୋଇଛି ।

ଲେଖିଲି ନୃସିଂହ ଛନ୍ଦ କହେ ପ୍ରଭୁ ମୋତେ,
ବାଦ ବିବାଦ ମୁଁ କରି ନାହିଁ କଦାଚିତେ ।
ଝୁଟିଲେ ଲେଖି କହିଲେ ମୋର ନ ସରଗ,
ଭକ୍ତିରେ ମୁଁ ଭୁଞ୍ଜିଅଛି ପାଦପଦ୍ମ ଛାଇଁ । (୪ର୍ଥ ରତ୍ନାକର)

କବି ସାଧୁର ସାଧକ କହି ରାଜାର ପ୍ରଜା ନୁହନ୍ତି ବୋଲି କହିଛନ୍ତି; ଉଚ୍ଚସ୍ତ ଶ୍ରେଣୀ ମନୁଷ୍ୟ ଜୀବନର ଉନ୍ନତ ପଥର ଜନକ ବୋଲି ସେ ମନେ କରିଥିବାରୁ ଏପରି ଲେଖିଥିବା ସମ୍ଭବ । କବିଙ୍କ ସମୟକୁ ଗଞ୍ଜାମ ଜିଲ୍ଲା ବିଦେଶୀ ଶାସନାଧୀନ ଥିଲା; ତାଙ୍କର ଜନ୍ମସ୍ଥାନ କୌଣସି ଜମିଦାରୀ ଅନ୍ତର୍ଗତ ନଥାଇ ଖାସ୍ ସରକାରଙ୍କ ଅଧୀନରେ ଥିଲା । ଏହି କାରଣରୁ କବି 'ରାଜାର ପ୍ରଜା ନୁହେଁ' ବୋଲି କହିଥିବା ସମ୍ଭବ; ତେବେ, କବି ରାଜାର ରାଜ୍ୟଶାସନକୁ ହୃଦୟରେ କୌଣସିଠାରେ ଅସ୍ୱୀକାର କରି ନାହାନ୍ତି କି ଆବଶ୍ୟକ ନୁହେଁ ବୋଲି କହି ନାହାନ୍ତି; ବହୁ ସ୍ଥଳରେ ଆଦର୍ଶ ରାଜା ଓ ରାଜ୍ୟଶାସନର ସଫଳ

ରୂପ ଚିତ୍ରଣ କରିଛନ୍ତି । କେବଳ ରାଜାର ଅତ୍ୟାଗ୍ରହ ଓ ଅତ୍ୟଧିକ ଅଧିକାର ପ୍ରୟୋଗର ବିରୋଧ କରିଥିବା ଏଥିରୁ ସୂଚିତ ହେଉଛି । କବି ଭୂମିହୀନ ଓ ଭିକାରୀ ଥିବାରୁ ସାଧୁ ଓ ରାଜାଙ୍କ କବଳରୁ ବାହାରେ ଥିବା କଥା ତାଙ୍କ ଉକ୍ତିରୁ ଅନୁମାନ କରାଯାଇପାରେ ।

ବାପ୍ପୁ କୁଳେ ଜନ୍ମ ମୋହର ଜଳ ନଗ୍ରକାର
ପୁରାଣେ ଗଲ ମୋ ବୟ ଚୌରାଶୀ ବରଷର ।

ଦେହ ବହୁକଷ୍ଟରୁ ମୁଁ କରେ ବିଷ୍ଣୁ ପୂଜା
ସାଧୁର ଖାତକ ନୁହେଁ ରାଜାର ମୁଁ ପ୍ରଜା ।

ନରବାଣୀ ବ୍ୟତୀତ ନ ଜାଣେ ଆନ ମୁହିଁ
ଜ୍ଞାନ ଅମୃତକୁ ଭକ୍ତି ଗୁହେ ବସିଥାଇ ।

କବି ଏଠାରେ 'ଚୌରାଶୀ ବରଷ' ଲେଖିଥିବାରୁ ଏଥିରେ ତାଙ୍କର ବୟସର ସୂଚନା ଥିବା ଅନୁମାନ କରାଯାଇପାରେ । ତେବେ ତୃତୀୟ ରତ୍ନାକର ଲେଖିବା ବେଳକୁ କବିଙ୍କ ବତଶ ବର୍ଷ ହୋଇଥିବ; ଚତୁର୍ଥ ରତ୍ନାକର ଲେଖା ସମୟକୁ ଚୌରାଶୀ ବର୍ଷ ହୋଇଥିବା ସନ୍ଦେହ ହୋଇପାରେ; 'ଚୌତ୍ରିଶି' ସ୍ଥାନରେ 'ଚୌରାଶୀ' ଲେଖନକାର ପ୍ରମାଦରୁ ହୋଇଥିବା ସମ୍ଭବ ।

କବି ଭଗବାନ, ଭକ୍ତ, ସାଧକ ଓ ସୁଜନ ସମ୍ମୁଖରେ ନିଜର ସ୍ୱଭାବସୁଲଭ ଦୈନ୍ୟ ପ୍ରକାଶ କରି ନିର୍ମଳ ମନର ପରିଚୟ ଦେଇଛନ୍ତି । ସଂସାରର ସବୁ ମାନବଙ୍କ ସେ ଜନନୀ ପୁତ୍ର, ଅତଏବ ସେମାନଙ୍କର ଦୟାର ପାତ୍ର ବୋଲି ଏକ ସ୍ଥଳରେ ବ୍ୟକ୍ତ କରିଛନ୍ତି —

ଯେତେକ ମାନବ ଅଛନ୍ତି ଏ ସଂସାରେ ପୁଣ
ତାହାଙ୍କ ସଙ୍ଗେ ମୁଁ ଅଟଇ ଜଣେ ଦେହ-ଧାରୀ ।

ସବୁ ମନକୁ ମୋ ମନ ଅଟଇ ସା ବଡ଼
ଏଣୁ ଗ୍ରନ୍ଥ ଲେଖିବାକୁ ଲାଗେ ମୋତେ ଡର ।

ପ୍ରଭୁର ମନ ହେଲା ମୋ ମନ ରଞ୍ଜିବାକୁ
ଦେଣ୍ଟି ମୁଁ ପଦ ବାନ୍ଧେ ପ୍ରଭୁଙ୍କ କୃପାକୁ ।
ମଧ୍ୟରେ ମାଧବ ସେତେ ଅଛନ୍ତି ଘଣ୍ଟିତା
ମୁଁ ତାଙ୍କ ବନ୍ଦଇ ପୃଷ୍ଠ ଅଟଇ କୁଳଜାତା ।
ପିତାର ଦଣ୍ଡ କଳ୍ପବୃକ୍ଷ ଠାରେ ଥାଇ
ରଞ୍ଜିବେ ପୀତାମ୍ବରଙ୍କୁ ପ୍ରଭୁ ଲକ୍ଷ୍ମୀ ପାଇଁ । (ଶବ୍ଦ ରତ୍ନାକର)

ପୁଣି, ଲକ୍ଷ୍ମୀନୃସିଂହଙ୍କ ଦେଉଳ ପରେ ଚୌଷଠି ସହସ୍ର କନ୍ୟା ଲୁଣ୍ଠିଲେ । କର୍ଣ୍ଣାଟେଶ୍ୱର, ଯବନ ଆଦି ସେସବୁ ଥିଲେ ସମସ୍ତେ ଦେଉଳ ଶେଷ କଲେ ।

ମୋତେ ଯେ ଲୁଣ୍ଠିବାକୁ ଇଚ୍ଛିଣ୍ଟ ଯେ ଥିଲା
ତାହା ପୀତାମ୍ବର ଧଣ ମାଗିଣ ଲୁଣ୍ଠିଲ । (ଶବ୍ଦ ରତ୍ନାକର)

ଭକ୍ତପ୍ରାଣ କବିଙ୍କ ଏ ଉକ୍ତି ତାଙ୍କର ସ୍ୱଭାବ ଓ ଚରିତ୍ର ନିର୍ମଳ ଥିବା ପ୍ରମାଣିତ କରୁଛି ।

କବିଙ୍କ ସାମ-ସତ୍ତା ସମନ୍ୱୟ ଚିନ୍ତା :—ପୀତାମ୍ବର ଥିଲେ ବୈଷ୍ଣବ ସମ୍ପ୍ରଦା (ସମ୍ପ୍ରଦାୟ) ସମ୍ବନ୍ଧରେ କହନ୍ତି—ଶ୍ରୀସମ୍ପ୍ରଦାର ଗୁରୁ ରାମାନନ୍ଦ, ବ୍ରହ୍ମସମ୍ପ୍ରଦାର ଗୁରୁ ମାଧବାନନ୍ଦ, ସନକ ସମ୍ପ୍ରଦାର ଗୁରୁ ନମାନନ୍ଦ, ରୁଦ୍ର ସମ୍ପ୍ରଦାର ଗୁରୁ ଶ୍ୟାମାନନ୍ଦ । ନିର୍ଗୁଣ ସମ୍ପ୍ରଦାର ଗୁରୁ ନିର୍ଦ୍ଦିଷ୍ଟ ଶାସ୍ତ୍ରାନୁଯାୟୀ କେବଳ ଏଠାରେ ଲୁଚି ଅଛନ୍ତି । ସମ୍ପ୍ରଦା ଓ ସମ୍ପ୍ରଦାୟ ଭିତରେ ଭେଦଭାବର ଅବକାଶ ନ ଥିବ ଶିଷ୍ୟଙ୍କ ମୁଖରେ ଧ୍ରୁବଙ୍କ ଉପଦେଶ ପ୍ରସଙ୍ଗରେ ପୀତାମ୍ବର ଲୁଚି ଅଛନ୍ତି ।

ଏ ଯୁଗ ପଣ୍ଡିତେ ଯୁଗ ସମ୍ପ୍ରଦା ଅନୁସାରେ, ଏମାନେ ନାମବ୍ରହ୍ମ ମହାନନ୍ଦଙ୍କୁ ପ୍ରକାଶ କରିବେ । ପୃଥିବୀରେ ବୈକୁଣ୍ଠର ଦ୍ୱାରଦ୍ୱାରକୁ ଅବୋଧ ରଖିବେ ।

ଏ ଯୁଗ ପଣ୍ଡିତେ ଶୁଦ୍ଧାଦ୍ୱୈତକୁ ପ୍ରଚାରି,
କହନ୍ତି ଏହା ବିଷ୍ଣୁର ଭକ୍ତି ଅବଲମ୍ବନା ।
ଯୁଗ ସମ୍ପ୍ରଦାଙ୍କ ନଥାଇ ହୃଦେ ଛନ୍ନ,
ନ ଜାଣିଣ ଏ ଯେମାନେ କହୁଥାନ୍ତି ଦ୍ୱନ୍ଦ ।

ଶ୍ରୀ ଚୈତନ୍ୟ ମୋହର ଶୁଦ୍ଧଦ୍ୱୈତ ମତ,
ଦେବ ସେଇଁ ଦ୍ୱାରେ ସେବକେ ଏହା ନରହରି ।
ପର ଏକ ପର-ଦ୍ୱାର ହିନା ଭିନ୍ନ ଭିନ୍ନ,
ଏକଥା ପାଷଣ୍ଡମାନେ ବୁଝନ୍ତି କଳନ ।

ପଞ୍ଚ ଯୁଗଦ୍ୱାରେ ଜଗମୋହନଙ୍କୁ ଗଢିଲେ,
ଏକ ଜଗନ୍ନାଥ ସେବା କରି ହିନା ହେଲେ ।
ସେହିରୂପେ ଅଟେ ଯୁଗ ସମ୍ପ୍ରଦା ଧାରଣା,
ଭିନ୍ନ ନାମ କଲ୍ପି କଳିଯୁଗେ ହେବ ଜଣା । (୧ମ ରତ୍ନାକର)

କବି ପୀତାମ୍ବର ଦାଶ ବ୍ରହ୍ମସମ୍ପ୍ରଦା ଅନ୍ତର୍ଭୁକ୍ତ ଥିବା ଜଣାଯାଏ ।

ସେହି ସାଧୁମାନଙ୍କର ଚରଣ ସେବାକୁ,
ମୁହିଁ ଶିଷ୍ୟ ହୋଇଅଛି ବ୍ରହ୍ମସମ୍ପ୍ରଦାକୁ ।
ମାଧବାନନ୍ଦୀ ସେ ବ୍ରହ୍ମସମ୍ପ୍ରଦାକୁ ପିତା,
ଜଗତ ମୋହନ ଧର୍ମ ନୃସିଂହୋପାସନା ।
ଉଲବନ୍ଧ ମଠର ନାମୁଁ ବେଶଧାଏ,
ଶରଣ ପଶିଲି ପୀତାମ୍ବର ପଦ୍ମପାଦେ । (୧ମ ରତ୍ନାକର)

ଏହି ବ୍ରହ୍ମସମ୍ପ୍ରଦା ସମ୍ବନ୍ଧରେ କବି କହୁଛନ୍ତି — ଏହାର ଧାମ ଶ୍ୱେତଦ୍ୱୀପ, ଧର୍ମଶାଳା, ବଦରିକା; କ୍ଷେତ୍ର ଶ୍ରୀବୃନ୍ଦାବନ ନୃସିଂହପୀଠ; ବେଦ ଋଗ୍‌ବେଦ ଉତ୍ପତ୍ତି । କବି ଏହାର ବିସ୍ତୃତ ବିବରଣ ପ୍ରଦାନ କରିଛନ୍ତି । ବାଦ ଦ୍ୱୈତବାଦକୁ କବି ଘୃଣା କରୁଛନ୍ତି । ନାରଦଙ୍କ ମୁଖରେ ସେ କୁହାଇଛନ୍ତି —

ଏତେକ୍ଷଣେ ନାରଦଙ୍କ ଏ ଧର୍ମର ହେତୁ
ହୋଇ ଜାଣି ମନେ ତୃଣ ଜ୍ଞାନ କଲୁ ।

ସର୍ମ୍ମ ଦ୍ୱା ନ ଚଳି ବାଦ ଲଗାନ୍ତି ଅଜ୍ଞାନେ
ବୈଷ୍ଣବ ଧର୍ମ ନ ଜାଣନ୍ତି ମୂର୍ଖେ ମୂଢ଼ ଯେଣେ ।

ଅନେକ ଧର୍ମମୂଳ ବୋଲି ଆପେ ହୋନ୍ତି ବଡ଼
ନ ବୋଲନ୍ତି ଏହାଜିନା ବାଷ୍ଟ୍ରଙ୍କର ଦେହ ।
ସେ ସେଇଁ ସ୍ୱଭଦେ ଭଜନ୍ତେ ଏକ ନରହରି
ଏହା ନ ଯାଣି କରନ୍ତି ମନେ ବାଦ ଧରି ।

କବି ସ୍ୱ ସମ୍ପ୍ରଦାୟର ଉପାସ୍ୟଦେବ ନୃସିଂହଙ୍କ ଚରିତ ବର୍ଣ୍ଣନା କରି ନୃସିଂହପୁରାଣ ରଚନା କରିଥିବା ପ୍ରତୀୟମାନ । ଧର୍ମପ୍ରେରଣାହିଁ ଏହି ଗ୍ରନ୍ଥରଚନାର ମୂଳକାରଣ ।

ଯୋଗିନୀମାନଙ୍କ ନାମ—କବିଙ୍କ ଯୋଗିଣୀମାନଙ୍କର ନାମ-ପ୍ରକରଣରେ ଲୋକପ୍ରଚଳିତ ବହୁ ନାମ ସ୍ଥାନ ପାଇଛି । ଚଉଷଠି ଯୋଗିନୀଙ୍କ ନାମ ସଂସ୍କୃତ ପୁରାଣ ଓ ତନ୍ତ୍ରରେ ଦେଖାଯାଏ । ଉତ୍କଳରେ ଶକ୍ତିପୀଠର ସଂଖ୍ୟା ବହୁତ ଥିବାରୁ ଭିନ୍ନ ସ୍ଥାନରେ ବିଭିନ୍ନନାମ ମଧ୍ୟ ଦେଖାଯାଏ । କବିଙ୍କ ବାସସ୍ଥାନ ନିକଟରେ ପ୍ରସିଦ୍ଧ ତାରାତାରିଣୀ ଦେବୀ ପୀଠ । ଏହି ଅଞ୍ଚଳରେ ଦେବୀ ଆରାଧନା ଓ ତନ୍ତ୍ରର ପ୍ରଚଳନ ବହୁ ପ୍ରାଚୀନ କାଳରୁ ବର୍ତ୍ତମାନ ଅଛି । କବିଙ୍କ ଚଉଷଠି ଯୋଗିନୀଙ୍କ ସବୁନାମ ଶାସ୍ତ୍ରୋକ୍ତ ନାମ ସହିତ ମେଳ ହେଉନାହିଁ ।

ଶାକମ୍ଭରୀ, ଘଣ୍ଟୋଦରୀ, ଦୁର୍ଗେଶ୍ୱରୀ, କାଳୀ, ଭଗବତୀ, ରାମଚଣ୍ଡୀ, କୁଠାରୁ, ବାସେଳୀ, ଚାମୁଣ୍ଡା, ଖାଡ଼ିକାଈ, ବ୍ରାହ୍ମଣୀ, ରୁଦ୍ରାଣୀ, ଶର୍ବାଣୀ, ଉଗ୍ରଚଣ୍ଡୀ, ଶାରଳା, ତାରିଣୀ, ଚମ୍ପାଈ, ସୁରକାଈ, ରୂପାଈ, ପିଙ୍ଗଳା, ଶ୍ୟାମକମା, ମାଣିକମା, ବାସ୍ତୁଡ଼ି, ହିଙ୍ଗୁଳା, କାଳିକାଈ, କାଳରାତ୍ରୀ, କାଳିକା, ବାଳିକା, ସିଦ୍ଧେଶ୍ୱରୀ, କାଳମୁଖୀ, ଘାଟେଲୀ, ଚଣ୍ଡିକା, ବିମଳା, କଙ୍କାଳୀ, ଛିନ୍ନା, ମାୟା, କାତ୍ୟାୟନୀ, କଣ୍ଠାକାଈ, ବନଦୁର୍ଗା, ପିଶାଚୀ, ମୋହିନୀ, କାଳୁଜା, ମୋହନୀ, ସର୍ପମୁଖୀ, କଙ୍କାଳାଈ, ଶମ୍ଭାସୀ, ତାରା, ହିଙ୍ଗୁଳା,

ବନ୍ଧ୍ୟାତ୍ୱଙ୍କ ନାଧି, ସନ୍ଧ୍ୟାଧି, ଜାମ୍ବୁନାଧି, ଜମ୍ବୁ, ଶ୍ରେମଲତା, ଜାତ୍ୟାଦ୍ରିଜ, କାମଚଣ୍ଡୀ, ଭାବଣୀ, ପିଙ୍ଗଳା ।

ଉପଚର୍ଯ୍ୟା—ଏଥି ପ୍ରସଙ୍ଗକ୍ରମେ ଅକର ଦୋଷ ଥିଲେ କ୍ଷମା କରିବାକୁ ସୁପଣ୍ଡିତମାନଙ୍କୁ ନିବେଦନ କରି ଯେଉଁ 'ଦୋଷ' ପ୍ରକରଣଟି ବ୍ୟକ୍ତ କରିଛନ୍ତି ସେଥିରେ ସାମାଜିକ ପାରିବାରିକ ଜୀବନର ଏକ ସଂକେତ ପ୍ରକାଶ ପାଇଛି ।

ମାତ ପିତା ଶ୍ରୀଗୁରୁ ଏଣ ଦେବତା ବ୍ରାହ୍ମଣ
ଏମାନଙ୍କୁ ଦଣ୍ଡିବ ନାହିଁ ଦୋଷ କଲେ ଜାଣ ।

ଭୃତ୍ୟ, ପୋଷଣୀୟ, ବନ୍ଧୁ, ସଖି, ଭଗିନୀ, ଦୁହିତା, ଶାଳକ, ପଡ଼ୋଶୀ, ପୁତ୍ର, ସହୋଦର, ଜନନୀ, ଜାତିଲୋକ, ଶ୍ୱଶୁର, ଯାତ୍ର, କୁଳବଧୂ, ଗୃହସ୍ଥ, ସୂପକାର, ଜରଣ (ଗୃହମାତ୍ରା), ମିତ୍ର, ମହାଜନ, ମାତୁଳ, ଭଣ୍ଡାରୀ, ଶିଳ୍ପୀ, ଧୀବର, ବାଳକ ପ୍ରଭୃତିଙ୍କ ଦୋଷର ଦଣ୍ଡବିଧାନ କଥା ସୁନ୍ଦରଭାବରେ ବ୍ୟକ୍ତ କରିଛନ୍ତି । ସାମାଜିକ ଜୀବନଯାତ୍ରାରେ ଏହି ଦୋଷ ଓ ଦଣ୍ଡ ପ୍ରତ୍ୟେକ ପରିବାରର ଦୈନନ୍ଦିନ ଜୀବନରେ ଘଟୁଛି । କବିଙ୍କ ସାମାଜିକ ଦୃଷ୍ଟିଭଙ୍ଗୀ ଏଥିରୁ ସ୍ପଷ୍ଟ ହେଉଛି । ସୁସ୍ଥ ସମ୍ପ୍ରୀତିପୂର୍ଣ୍ଣ ସମାଜ ଓ ପରିବାର ତାଙ୍କର ଲକ୍ଷ୍ୟ ।

ଭୃତ୍ୟ ଯେବେ ଦୋଷ କରେ କରିବ ନ ଜାଣି
ମତ ଲୋକ ସାକ୍ଷେ ଦଣ୍ଡ ଦେବ ତାକୁ ଆଣି ।

ପୋଷ୍ୟଙ୍କ ଦୋଷ ଦେଖିଲେ କହିବ ତା କାଳ
ବନ୍ଧୁ ଦୋଷକଲେ ବାର୍ତ୍ତା ନ ଦେବ କେବଳ ।

ସଖି ଯେବ ଦୋଷକରେ ଭିନ୍ନ କରିଦେବ
ଭଗିନୀ ଦୋଷ କରିଲେ ନ ଚାହିଁବ ମୁଖ । ଇତ୍ୟାଦି ।

ଏହି ପ୍ରସଙ୍ଗରେ ପୀତାମ୍ବର ଅକର ଦୋଷକୁ 'କବି'ର ଦୋଷ ହୋଇ ଯାଉ ହେଲେ ଦଣ୍ଡ ବିଧାନ କରିବାକୁ ସୁପଣ୍ଡିତମାନଙ୍କୁ ପ୍ରାର୍ଥନା କରିଛନ୍ତି ।

ଭକ୍ତର ଦୋଷକୁ ଦଣ୍ଡ 'ନ ଦେଖନ୍ତି' ବୋଲି ଭାବୁଛ । ଏହି ଦଣ୍ଡ ଅପେକ୍ଷା ଅଧିକ କଠୋର ଦଣ୍ଡ ଆଉ କିଛି ହୋଇ ନ ପାରେ ।

ଭକ୍ତ ଶତ ଦୋଷ କଲେ ଜାଣିବ ନ କଳ
'ନ ଦେଖି' ବୋଲି ଜାଣିଲେ ବସଇ ଯେ ସ୍ଥଳ । (୨ୟ ରତ୍ନାକର)

ଉପମାରେ ନୂତନତ୍ୱ—ଭକ୍ତ କବି ଦାସଙ୍କୁ ସାଧୁସନ୍ଥ ଅଣ୍ଟା, ତାରକଣ୍ଟା, ମଳ ପଙ୍କିଳ ତୁଳନାଗୁଡ଼ିକ ଏ କ୍ଷେତ୍ରରେ ନୂତନତ୍ୱ ଦେଖାଇଛନ୍ତି ।

ଶ୍ରୀମଧୁସୂଦନ ନାମ ଭକ୍ତ ପାଶୁପତ
ଶତ୍ରୁଙ୍କୁ ଜଗ୍ମୁ ଭକ୍ଷଣ ନାଶିବ ତା ଦୋଷ ।
ମନକୁ ଧନୁ ଜଡ଼ିଣ ଆଗ ଫୋଲିଥିବ
ଯୋଗନ୍ତ ଖଞ୍ଜିନ ଭକ୍ତ ସ୍ଥଳୀ ଦଣ୍ଡିବ । × ×

ଶ୍ରୀନୃସିଂହ ନାମ ବୋଲି ମନେ ସୁଖ ରଖ
ଜଗଦ୍ଧିବ ତାରକଣ୍ଟା ଦୂର ପଦ୍ମମୁଖ ।
ଅଭଦ୍ର ପଦ୍ମରଦାନା ଅଙ୍ଗେ ଶଦ ଛାଡ଼ି
ମଥାକୁ ଟେକିବ ଜାଣ ଅଙ୍କୁ ପଦ୍ମାକ୍ଷୀ ।

ଶୁକ୍ଳ କନକ ବସ୍ତ୍ର, ଉତ୍ତର ଅଙ୍ଗେ ଭଣ
ଶ୍ରୀମହାବାହୁ ଜାନକୁ ଜଣେ ଶୁଭ ଧନ ।
ଶ୍ରୀଗଦାଧର ଦେହକୁ ଧାରାଇବ ଅଦ୍ଭୁ,
ଶ୍ରୀନାରାୟଣ ତୋଳକୁ ପଦା ଜଳବାରେ ।

ଶ୍ରୀବାସୁଦେବ ନାମ ଉତ୍ତମ ଭଣ ଦ୍ରୁତ
ଭଣିବ ଶ୍ରୀ-ପୀତବାସ ବଳିତା ଅଜଳ ।
ଦୈତ୍ୟାରି ଚରଣେ ଲକ୍ଷ୍ମୀ ଶଳଗ୍ରୀ ନୟନ
ଜାଣିଥିବେ ଶ୍ରୋତୃମାନେ ଏ ଭଣିତି ଧ୍ରୁବ । (୪ର୍ଥ ରତ୍ନାକର)

ଶ୍ରୀଜଗନ୍ନାଥ ଓ ନୀଳଗିରି—ପିତାମ୍ବର ଦାସ ସ୍ୱର୍ଗରେ ବସ୍ତୁ ସ୍ଥାନରେ ଶାଳଗିରି ନିବାସ ଜଗନ୍ନାଥଙ୍କୁ ସ୍ତୁତି କରିଛନ୍ତି ।

ଏହି ପୁରୁଷୋତ୍ତମ କ୍ଷେତ୍ର (ପୁରୀକ୍ଷେତ୍ର, ନୀଳଗିରି)କୁ ସ୍ୱ ସମ୍ପ୍ରଦାୟ (ସମ୍ପ୍ରଦା) ବୈଷ୍ଣବ ସମ୍ପ୍ରଦାୟର ଧାମ ଓ କ୍ଷେତ୍ର ମଧ୍ୟରେ ଥିବା ବାଣ୍ଡ କରିଛନ୍ତି । ଏ ସମ୍ପ୍ରଦାୟର କ୍ଷେତ୍ର ପୁରୁଷୋତ୍ତମ ଏବଂ ଏ କ୍ଷେତ୍ରରେ ଅଧିଷ୍ଠିତ ନୃସିଂହ ଏମାନଙ୍କର ଦେବତା ।

ଭୃଗୁ ରତ୍ନାକରରେ ବିଷ୍ଣୁଙ୍କର ନବମ ଅବତାର ପ୍ରସଙ୍ଗରେ କବି କହିଛନ୍ତି ଯେ କୃଷ୍ଣାବତାର ପରେ ବିଷ୍ଣୁ କଳିଯୁଗରେ ବୌଦ୍ଧରୂପେ ନୀଳଗିରିରେ ଅବତୀର୍ଣ୍ଣ ହେବେ ।

ତହୁଁ ହରିବୁ ଯେ ଅନ୍ତେ କଳିଯୁଗେ ଯାଇ
ବସିବୁ ନୀଳଗିରିରେ ବୌଦ୍ଧରୂପ ହୋଇ ।
ଏଥିକୁ ଅଠସ୍ତ କନ୍ୟା ରୁହନ୍ତୁ ଶିବ
ଶ୍ରୀପୁରୁଷୋତ୍ତମ କ୍ଷେତ୍ରେ ଅଜ୍ଞାକୁ ସେବକ ।
ଘଣ୍ଟା ପଡ଼ିଆରୀ ଘଣ୍ଟପାଳ ଦେଉଳପଣ୍ଡା ।

(ଭୃଗୁ ରତ୍ନାକର-ପୃ:୪୨୭—ସ୍ୱ.ର.ପୃ)

ପୁଣି, କଳିଯୁଗର ଅନ୍ତରେ ନୀଳଗିରିରେ ବୌଦ୍ଧାବତାରର ଆବିର୍ଭାବ ହେବ ।

ଶ୍ରୀଧର ମନ୍ତ୍ରୀ ମୋର ଶୁଣ ହେ ସୁଜନ
ତହୁଁ ହରିବୁ ବସିବୁ ଅନ୍ତେ ନୀଳଗିରି ।
କଳିଯୁଗ ଅନ୍ତେ ହେବୁ ବୌଦ୍ଧ ଅବତାର
ଦାରୁବ୍ରହ୍ମରୂପେ ହୋଇ ପାଳିବୁ ସଂସାର ।

(ଭୃଗୁ ରତ୍ନାକର-ପୃ:୪୬୩)

ଦ୍ୱାପର ଯୁଗର ଚୌଷଠି ସମ୍ପ୍ରଦାୟ ଗୋପବାଳା ନୀଳଗିରିରେ ଜନ୍ମହୋଇ ପଣ୍ଡା, ପଡ଼ିଆରୀ, ସୁଆର, ଦେଉଳପଣ୍ଡା, ଭଣ୍ଡାରମେକାପ, ଘଣ୍ଟୁପାଳକ, ଦ୍ୱାରପାଳ, ଖୁଣ୍ଟିଆ, ମହୁଆ ପ୍ରଭୃତି ସେବକରୂପେ ଦାରୁବ୍ରହ୍ମଙ୍କ ସେବା କରନ୍ତି ।

ନୃସିଂହଙ୍କ ବିବାହପରେ ନୃସିଂହ ଲକ୍ଷ୍ମୀଙ୍କ ସହ ଗରୁଡ଼ ପିଠିରେ ବସି ନୀଳଗିରିଠାରେ ସ୍ୱଦେଶକୁ ଫେରିଥିଲେ । ଏଠାରେ ନୃସିଂହ ଗରୁଡ଼ଙ୍କୁ କହୁଛନ୍ତି ଯେ ସୃଷ୍ଟି ସର୍ଜନା ସକାଶୁ ନୀଳଗିରି ଅଛି ଏବଂ ଏଠାରୁ ସେ ଜଗନ୍ନାଥ ରୂପ ହୋଇଥିଲେ । ଅନ୍ୟ ଅବତାରମାନେ ପରେ ହେଲେ ।

ସୃଷ୍ଟି ସର୍ଜନା ପାଇଁ ତ ଅଛି ନୀଳଗିରି
ବଳଭଦ୍ର ଜଗନ୍ନାଥ ନନ୍ଦନା ବିସ୍ତାର ।
ଏଠାରୁ ବାରବାଟି ହେଲଣି ତ ସୃଷ୍ଟି
ତାହାଙ୍କ ଦର୍ଶନ କଲେ ହେବ ଅନ୍ତ ଶ୍ରେୟ ।
ନୃସିଂହ ବୋଇଲେ ଶୁଣ ହେ କଶ୍ୟପ ସୃଷ୍ଟି
ଶ୍ରୀଜଗନ୍ନାଥ ରୂପ ମୁଁ ଏଠାରୁ ହୋଇଛି ।
ଆଉ ଅବତାର ଯାକ ପଛେ ଯାଇ ହେବ
ଭୁଲିଲେ ଏଥି ଜଗନ୍ନାଥ ମୂର୍ତ୍ତି ଏବେ ହେଉ । (ଗଦ୍ୟ ର.ପୃ:୫୬

ତାରେ ଜଗନ୍ନାଥଙ୍କ ହୃଦୟରୁ ନୃସିଂହ ଜନ୍ମି ହିରଣ୍ୟ ଦୈତ୍ୟକୁ ବଧ କରିବେ ବୋଲି ଜଗନ୍ନାଥ ଦର୍ଶନବେଳେ ନୃସିଂହ ଜଗନ୍ନାଥଙ୍କୁ କହିଥିଲେ । ସୃଷ୍ଟିରୁ ଆହାର ହେବା ପ୍ରସଙ୍ଗ ସହିତ ସୁଦର୍ଶନର ଆଭାସ, ଜଗନ୍ନାଥ ମୂର୍ତ୍ତିର ଆକାରଗତ କଥା ସାମ୍ୟ ଧର୍ମ ଲକ୍ଷ୍ୟ କରାଯାଇପାରେ ।

ନୀଳଗିରି, ଅକ୍ଷୟବଟ, ଗରୁଡ଼, ପକ୍ଷୀରାଜ, ରୋହିଣୀକୁଣ୍ଡ, ବଡ଼ଦାଣ୍ଡ, ଆନନ୍ଦମଣ୍ଡପ ପ୍ରଭୃତିର ମାହାତ୍ମ୍ୟର ସଙ୍କେତରେ କବି ବର୍ଣ୍ଣନା କରି ନୀଳଗିରିର ଗୌରବ ବୃଦ୍ଧି କରିଛନ୍ତି । ରତ୍ନବେଦୀ ବା ଅନ୍ତମଣ୍ଡପ ବନ୍ଧୁ କାଶ୍ରମ ବୋଲି କହିଛନ୍ତି । ନୀଳଗିରି ହିଁ ଏ ମର୍ତ୍ତ୍ୟମଣ୍ଡଳରେ ଉତ୍ତମସ୍ଥଳ —

ଏ ମର୍ତ୍ତ୍ୟମଣ୍ଡଳକୁ ଏ ଅଟଇ ଉତ୍ତମସ୍ଥଳ
ସେଥି ଉତ୍ତମଙ୍କେଳ ଅଛନ୍ତି ସେ ପାଦମୂଳ ।
ଜଗନ୍ନାଥ ଅବତାର ପରେ ସ୍ୱୟମ୍ଭୂର୍ତ୍ତି
ଉଣେଇଶ ଧର୍ମ ପ୍ରଭୃ କହୁ ଥାନ୍ତି ସ୍ଥିତି । (ଗଦ୍ୟ ର.ପୃ: ୫୭)

ଏଠାରେ ନୃସିଂହଙ୍କ ଅବତାର ଉତ୍ସବ ଧର୍ମକାବ୍ୟ ବନ୍ଦପାଠ, ସପ୍ତମଙ୍ଗଳାଦି କାର୍ଯ୍ୟ ସମ୍ପନ୍ନ ହୋଇଥିଲା । ଏହାର ମୂର୍ତ୍ତି ସ୍ୱରୂପ ବର୍ତ୍ତମାନ ସୁଦ୍ଧା କେତେ କେତେ ବୈଷ୍ଣବ ଗୃହସ୍ଥଙ୍କ ସମ୍ପଦରେ ଏ ଗ୍ରନ୍ଥ ପାଠ ହୁଅନ୍ତି ।

ସପ୍ତମ ଅଧ୍ୟାୟର ପ୍ରାରମ୍ଭାଂଶରେ 'ନୀଳାଦ୍ରି ମାହାତ୍ମ୍ୟ' ନାମକ ସ୍ୱତନ୍ତ୍ର ପରିଚ୍ଛେଦ ଅଛି । ଜଗନ୍ନାଥ, ମହାପ୍ରସାଦ, ଦ୍ୱାଦଶଯାତ୍ରା ପ୍ରଭୃତିର ମାହାତ୍ମ୍ୟ କୀର୍ତ୍ତିତ ହୋଇଛି । ସୁବର୍ଣ୍ଣକାର୍ତ୍ତିକ ବିପ୍ରର ଉପାଖ୍ୟାନ ଏହି ମାହାତ୍ମ୍ୟ ପ୍ରକଟ କରୁଛି ।

ଏହି ଜଗନ୍ନାଥ ଅଙ୍ଗ ଅନୁକୂଳ, ସେଥିକୁ ନିତ୍ୟସ୍ଥଳ ବୋଲି କହନ୍ତି । ବ୍ରଜପଲ୍ଲୀ ବୈଷ୍ଣବମଣ୍ଡଳରେ ବୃନ୍ଦାବନ ତୁଲ୍ୟ ଏହି ସ୍ଥଳ ।

ଏହି ପୁରୁଷୋତ୍ତମ କ୍ଷେତ୍ର ଲକ୍ଷ୍ମୀନାରାୟଣଙ୍କ ଶ୍ରୀସ୍ଥଳୀ ବୋଲି ମଧ୍ୟ କହନ୍ତି । ନୃସିଂହ ଲକ୍ଷ୍ମୀଙ୍କୁ କହୁଛନ୍ତି—

ଏ ପୃଥ୍ୱୀର ଭାର ଯେତେ ନାଶିବାର ପାଇଁ
ତୁମ୍ଭେ ଆମ୍ଭେ ଦେହ ଧରି ଅବତାର ହୋଇ ।
ଚଉଦ ଭୁବନରେ ଆମ୍ଭେ ଏକା ମୂଳ
ସତ୍ୟ ଯୁଗରେ ଜନ୍ମିଲୁଁ ଦୁହେଁ ହୋଇ ମେଳ ।

ନୃସିଂହ ବାମନ ରାମକୃଷ୍ଣ ବଳରାମ
ଏ ରୂପ ଜନ୍ମ ଆମ୍ଭର ତୁମ୍ଭ ସଙ୍ଗେ ପ୍ରେମ ।
ନିତ୍ୟସ୍ଥଳ ସ୍ଥାନରେ ସେ ତୁମ୍ଭେ ଏକା ମୂଳ
ତୁମ୍ଭ ଯୋଗ ଆମ୍ଭର ଏ ଅଟେ ନିତ୍ୟସ୍ଥଳ ।

ଅଷ୍ଟ ସଖୀ ଚଉଷଠୀ ସହସ୍ର ଯେ କନ୍ୟା
ଏହାଙ୍କ ଯୋଗ ଆମ୍ଭର ସଦା ଜନ୍ମ ସିନା ।
ଏହି ରୂପ ଜନ୍ମ ଅନ୍ତେ ବୌଦ୍ଧ ରୂପ ଧରି
ରାସ କରିବା ସେ କଳିଯୁଗେ ନୀଳଗିରି । (୭ମ ଅଧ୍ୟାୟ)

ବଂଶପରିଚୟ—

ଜାତିରେ ବ୍ରାହ୍ମଣ ମୁହିଁ ଅଟଇ ଯଜୁର୍ବେଦୀ
କଣ୍ୱଶାଖା ଜେଣ ମୋର କୌଣ୍ଡିନ୍ୟ ସୃଷ୍ଟି ।
କୌଣ୍ଡିନ୍ୟ ସଗୋତ୍ରେ ମୋତେ କଲା ବ୍ରହ୍ମ ଜାତ
ବୋଇଲେ କର ନୃସିଂହ ପୁରାଣକୁ ଗୀତ । (୭ମ ରତ୍ନାକର)

ମୋ ପ୍ରପିତାମହ ଶ୍ରୀ ନୀଳାମ୍ବର ଦାଶ
ମୋର ପିତାମହ ଶ୍ରୀ ଲକ୍ଷ୍ମୀଧର ଦାଶ ।
ବାଳୁକେଶ୍ୱର ତାହାଙ୍କ ଜ୍ୟେଷ୍ଠପୁତ୍ର ଖ୍ୟାତ
ସେ ମୋର ପିତର ମୁହିଁ ଅଟେ ତାଙ୍କ ସୁତ । (୭ମ ରତ୍ନାକର)

ତାଙ୍କ ଘର ଋଷିକୁଲ୍ୟା ତଟ (ଗଞ୍ଜାମ ଜିଲ୍ଲା) ରେ । ସେ ଜାତିରେ ବ୍ରାହ୍ମଣ; ଯଜୁର୍ବେଦୀ, କାଣ୍ୱ ଶାଖା, କୌଣ୍ଡିନ୍ୟ ଗୋତ୍ର । ପ୍ରପିତାମହ ନୀଳାମ୍ବର ଦାଶ, ପିତାମହ ଲକ୍ଷ୍ମୀଧର ଦାଶ, ପିତା ବାଳୁକେଶ୍ୱର ଦାଶ ।

ସୁବଳ କବିଙ୍କର ବଳଭଦ୍ର ନାମକ ଏକ ପୁତ୍ର ଜନ୍ମ ହୋଇଥିବା କଥା ପ୍ରକାଶ କରିଛନ୍ତି । ସ୍ୱୟଂ ବଳଭଦ୍ରଙ୍କ ବରପ୍ରସାଦରୁ ଏ ପୁତ୍ର ଜନ୍ମ ହୋଇଥିବାରୁ କବି ଏହାର ପ୍ରୀତିସ୍ୱରୂପ ବଡ଼ ଠାକୁର ବଳଭଦ୍ରଙ୍କ ଆଜ୍ଞାନୁସାରେ ପୁତ୍ରର ନାମ ବଳଭଦ୍ର ଦେଇଥିଲେ ।

ଏ ପ୍ରସଙ୍ଗରେ କବି ଲେଖିଛନ୍ତି ଯେ କବି ସପ୍ତମ ଜନ୍ମ ଅର୍ଥାତ୍ ନୃସିଂହ-ପୁରାଣ ଲେଖକ ପୀତାମ୍ବରଙ୍କ ଜନ୍ମ ଏ ମର୍ତ୍ତ୍ୟରେ ତାଙ୍କର ଶେଷ ଜନ୍ମ; ଏହା ପରେ ସେ ସ୍ୱର୍ଗକୁ ଫେରି ଯିବେ । ସ୍ୱପ୍ନରେ ବଳଦେବ କବିଙ୍କୁ ଏହି ପ୍ରସଙ୍ଗ କହି ନୃସିଂହପୁରାଣ ରଚନା କରିବାକୁ ଆଦେଶ ଦେଇଥିଲେ । ଏହା ତାଙ୍କର ଶେଷଜନ୍ମ ବୋଲି ବଡ଼ ଠାକୁର ବଳଭଦ୍ରଙ୍କଠାରୁ ଶୁଣି କବି ସଚେତ ହୋଇ ତାହା ଜଣାଇଲେ—

ଶେଷଜନ୍ମ ବୋଲିଣ ଯେ ଆଜ୍ଞା ଦେଲ ମୋତେ
ପୁଣ୍ୟବାନ ହେବା ମୋତେ ରହିବ ଜଗତେ ।

ବଡ଼ଠାକୁର ବୋଇଲେ ଶୁଣ ହେ ସୁହୃଦ
ପ୍ରଥମ ଗର୍ଭେ ବାଳକ ହୋଇବ ତୋର ଶୁଦ୍ଧ ।
ଅନନ୍ତର ନାମଟି ଏହା ଦେବୁ ତାର ନାମ
ଏମନ୍ତ ବୋଲିଣ ଆଜ୍ଞା ଦେଲେ ବଳରାମ ।

ଏ ରୂପେ ସେ ମହାପ୍ରଭୁ ଆଜ୍ଞା ଦେଲେ ମୋତେ
ସତ୍ୟରେ ପୁତ୍ର ଜନମ ହୋଇଲା ଜଗତେ ।
ସେ ପୁତ୍ରର ନାମ ଦେଲି ବଳଭଦ୍ର ବୋଲି
ଯହୁଁ ବାଣୀ ପାଇ ଏହା ପୁରାଣେ କହିଲି । (୨ୟ ରତ୍ନାକର)

ଏହାଙ୍କ ପୌତ୍ର ଗୋବିନ୍ଦ ଦାସ 'ଦାମୋଦର ପୁରାଣ' ନାମକ ଗ୍ରନ୍ଥ ସୁବୃହତ୍ ସପ୍ତ ଖଣ୍ଡରେ ଲେଖିଛନ୍ତି । ଏହା ବର୍ତ୍ତମାନ ପର୍ଯ୍ୟନ୍ତ ଅପ୍ରକାଶିତ ରହିଛି । ସେଥିରେ କବି ନିଜର ବଂଶ ପରିଚୟ ଏହିପରି ସୂଚେଇ ଦେଇଛନ୍ତି—

ଜମ୍ବୁଦ୍ୱୀପ ଭରତଖଣ୍ଡ ସାରସ୍ୱତ ଭୂମି
ମଧ୍ୟ କଳିଙ୍ଗ ଦେଶ ଦକ୍ଷିଣ ପ୍ରସ୍ଥାମି ।
ଉତ୍କଳ ଦେଶ ସୀମା ଅଳପ ଉତ୍ତ୍ରାନ୍ତ
କଳିଙ୍ଗ ଦେଶର ସେ ଉତ୍ତର ପ୍ରଶସ୍ତ ।

ନୀଳାଚଳକୁ ପଥ ଦ୍ୱାଦଶ ଯୋଜ ଛଡ଼ା
ଋଷିକୁଲ୍ୟା ନଦୀ ତଟେ ଆଶ୍ରମ ମୋର ଗଢ଼ା ।
ପୂର୍ବ ଖଣ୍ଡ ପରଗଣା ଭଅର ବୋଲି ଗ୍ରାମ
ପିତୃ ପିତାଙ୍କ କାଳୁଁ ମୋ ତହିଁରେ ଆଶ୍ରମ । (୫ମ ଖଣ୍ଡ)

ଭଅର ବା ଭଦ୍ରର ସ୍ଥାନଟି ବର୍ତ୍ତମାନ ଗଞ୍ଜାମଜିଲ୍ଲା ଅନ୍ତର୍ଗତ ପିଥଲ ଥାନାର ଅଧିକାର ଅନ୍ତର୍ଭୁକ୍ତ । ଗ୍ରାମଟି ପ୍ରସିଦ୍ଧ ପିଥଲ ଗ୍ରାମର ପଡ଼ୋଶୀ ଗ୍ରାମ, ପୂର୍ବଦିଗରେ ଅବସ୍ଥିତ । ସୀମାକୁ ସୀମା ଲାଗିଛି । ବର୍ତ୍ତମାନ ସୁଦ୍ଧା ସେହି ଗ୍ରାମରେ କେତେକ ପ୍ରାଚୀନ ପ୍ରସ୍ତର ଦେବଦେବୀ ମୂର୍ତ୍ତି ମିଳୁଥିବା ଶୁଣାଯାଏ । କବିଙ୍କ ବଂଶଧରମାନେ ବର୍ତ୍ତମାନ ସୁଦ୍ଧା ଜୀବିତ ଥିବା ଜଣାଯାଏ ।

ଗୌରୀଙ୍କ ପ୍ରଦତ୍ତ ବଂଶାବଳୀ—ଉଦ୍ଧବ, ମାଧବ, ମୁକୁନ୍ଦ, ଲକ୍ଷ୍ମୀଧର, ବାଲୁକେଶ୍ୱର, ପୀତାମ୍ବର, ଶ୍ରୀନିବାସ, ଗୌରୀ । ପୀତାମ୍ବର ତାଙ୍କର ବଳଭଦ୍ର ନାମରେ ଏକ ପୁତ୍ର ଥିବା ପ୍ରସଙ୍ଗରେ ଲେଖିଛନ୍ତି । ଶ୍ରୀନିବାସ ପୀତାମ୍ବରଙ୍କର କନିଷ୍ଠ ପୁତ୍ର ଥିବା ଗୌରୀଙ୍କ ଲେଖିଛନ୍ତି ।

ଗୌରୀଙ୍କ ପ୍ରଦତ୍ତ ବିବରଣୀରୁ ଜଣାଯାଏ, ଲକ୍ଷ୍ମୀଧର ଦାଶ ପ୍ରାକୃତ ବନ୍ଧରେ କଦାକ୍ଷରୀ ବୃତ୍ତରେ 'ସହସ୍ର ନାମ' ଗୀତ ରଚନା କରିଥିଲେ । 'ପ୍ରଣବ ବ୍ୟାଖ୍ୟା ଗୀତା' ନାମକ ଏକ ଗ୍ରନ୍ଥ ସଂସ୍କୃତ ପଦ୍ୟରେ ବାର ଅଧ୍ୟାୟ ଷୋଡ଼ଶାକ୍ଷର ବୃତ୍ତରେ ରଚନା କରିଥିଲେ । ବାଲୁକେଶ୍ୱର ଦାଶ ବସନ୍ତମାଳା ଛନ୍ଦର 'ବସନ୍ତକେଳି' ନାମକ ଗୀତ ଦ୍ୱାଦଶାକ୍ଷର ବୃତ୍ତରେ, 'ଦୂତୀରମଣୀ' ନାମକ ଅନ୍ୟ ଏକ ଗୀତ ଶାରଦା ଛନ୍ଦରେ ଲେଖିଥିଲେ । ପୀତାମ୍ବର କବିସିଂହ ପ୍ରଣୀତ ବ୍ୟତୀତ ଅନ୍ୟ କୌଣସି ଗ୍ରନ୍ଥ ରଚନା କରିଥିବା ଗୌରୀଙ୍କ ଲେଖିନାହାନ୍ତି ।

---

# ଏକାଦଶ ପରିଚ୍ଛେଦ

## ରାଜକବି କୃଷ୍ଣଚନ୍ଦ୍ର ସିଂହ

ମହାଭାରତ ରଚୟିତା ରାଜା କୃଷ୍ଣ ସିଂହ ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ଧରାକୋଟ ଜମିଦାରୀର ରାଜା । ସେ ଖ୍ରୀ: ୧୭୩୯ରେ ଜନ୍ମ ଗ୍ରହଣ କରିଥିବା ଜଣାଯାଏ ।

ଏହାଙ୍କ ପିତାମହ ରାଜା ରାମଚନ୍ଦ୍ର ସିଂହ 'ଜିଣିଲେ ପ୍ରବଳ ଦେଖାଇ ପରମସ୍ତ' ବୋଲି ଲେଖିଛନ୍ତି । ଏଥିରୁ ଅନୁମାନ ହେଉଛି ସେ ପଡ଼ୋଶୀ ରାଜାମାନଙ୍କ ସହ ଯୁଦ୍ଧବିଗ୍ରହରେ ଲିପ୍ତ ଥିଲେ ଏବଂ ଏମାନଙ୍କ ମଧ୍ୟରୁ କେତେକଙ୍କୁ ପରାସ୍ତ କରି ନିଜ ରାଜ୍ୟ ବିସ୍ତୃତି କରିଥିଲେ । ଶତ୍ରୁମାନେ ଏହାଙ୍କୁ ଭୟ କରୁଥିଲେ ଏବଂ ସ୍ୱଜନ ଅର୍ଥାତ୍ ପ୍ରଜାମାନେ ଏହାଙ୍କୁ ଆଦର କରୁଥିଲେ । ସେ ପରମ ବୈଷ୍ଣବ କୃଷ୍ଣଭକ୍ତ ଥିଲେ ।

ଶୂର ପରେଶ ତାଙ୍କ ସମାନ ଏକ ସେହୁ,
ଜିଣିଲେ ପ୍ରବଳ ଦେଖାଇ ପରମସ୍ତ ।
ଭଜିଲେ ତାଙ୍କ ପାଦେ ବହୁ ଶତ୍ରୁଜନ,
ରକ୍ଷିଲେ ସ୍ୱଗୁଣରେ ନିଜ ଜନମାନ ।
ଶ୍ରୀଗୁରୁ-ଦେବଙ୍କର ପାଦାଶ୍ରୟ ଧରି,
ଦେଲେ ଥିଲା ପାତକ ଦୈନ୍ୟ ଦୂର କରି ।

( ଆଦିପର୍ବ । ଶେଷାଂଶ )

ଶ୍ରୀବୃନ୍ଦାବନ ଚନ୍ଦ୍ର ପାଦପଦ୍ମ ସେବେଣ,
ମନ-ଭୃଙ୍ଗଙ୍କୁ ସେହୁ ରଖାଇଲେ ତୋଷେ ।
ଏ ମହୀରେ ସେ ଏକା ବୈଷ୍ଣବ ବୋଲାଇଲେ,
ସମସ୍ତ ଜନଙ୍କର ପ୍ରଶଂସିତ ହେଲେ ।

ରାମଚନ୍ଦ୍ର ସାଂସାରିକ ଜଞ୍ଜାଳରେ ଅତୃପ୍ତ ହୋଇ ରାଜ୍ୟଭାର ପୁତ୍ରଙ୍କୁ ଅର୍ପଣକରି ଗୁରୁଙ୍କ ସଙ୍ଗେ ତୀର୍ଥଯାତ୍ରା କଲେ ଏବଂ ଧାର୍ମିକ ଜୀବନ ଯାପନ କଲେ ।

ତରୁଣ ବୟସରେ ଶୁଦ୍ଧ ରାଜ୍ୟସୁଖ,
ଦେଖିଲେ ଦେବଭୂତ ରାମେଶ୍ୱର ।
ଗୁରୁଙ୍କୁ ସ୍ନେହ କରି ସଙ୍ଗତେ ଘେନିଲେ,
ପୁରୁଷୋତ୍ତମ କ୍ଷେତ୍ରେ ପ୍ରବେଶ ହୋଇଲେ ।

ରାମଚନ୍ଦ୍ର ପୁରୁଷୋତ୍ତମରେ କିଛିଦିନ ଅବସ୍ଥାନ କରିବା ପରେ ଗୁରୁଙ୍କ ସଙ୍ଗେ ବୃନ୍ଦାବନ ଯାତ୍ରା କରିଥିଲେ । ସେଠାରେ ପ୍ରତିଦିନ ଯମୁନାରେ ସ୍ନାନ କରି ରାଧାକୁଣ୍ଡ ଶ୍ୟାମକୁଣ୍ଡରେ ବୁଡ଼ୁଥିଲେ ଏବଂ ବୈଷ୍ଣବ ବନ୍ଦନା କରୁଥିଲେ । ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା । ରାମଚନ୍ଦ୍ର ବୃନ୍ଦାବନରେ ଏକ ଶାସନ ସ୍ଥାପନ କରିଥିଲେ ।

ରାମଚନ୍ଦ୍ର ସିଂହଙ୍କ ମୃତ୍ୟୁପରେ ତାଙ୍କ ଜ୍ୟେଷ୍ଠପୁତ୍ର କୃଷ୍ଣ ସିଂହ ରାଜା ହେଲେ । ଏ ପିତାଙ୍କ ଭଳି ରାଜ୍ୟ ଶାସନ କରି ବହୁ ଖ୍ୟାତି ଲାଭ କଲେ । କେତେବର୍ଷ ରାଜତ୍ୱ କରିବାରେ ଏହାଙ୍କର ମୃତ୍ୟୁ ହେବାରୁ ଏହାଙ୍କ କନିଷ୍ଠଭ୍ରାତା ହରେକୃଷ୍ଣ ସିଂହ ରାଜା ହେଲେ ।

ଧର୍ମରେ ସେ ଅବନୀ ମଣ୍ଡଳ ପାଳିଲେ,
ଗୁରୁଦେବ ବ୍ରାହ୍ମଣ ପାଦରେ ବନ୍ଦିଲେ ।
ଦେଇଣ ହସ୍ତରେ ବସୁଧା ପୁତ୍ରଙ୍କୁ,
ବାହାରିଲେ ଗୋବିନ୍ଦ ଦ୍ୱାଦଶୀ ସ୍ନାନକୁ ।

ଗୋବିନ୍ଦ ଦ୍ୱାଦଶୀ ପରେ ପୁରୀ କ୍ଷେତ୍ରରେ କିଛିଦିନ ଅବସ୍ଥାନ କରି ଭକ୍ତିରେ ସମସ୍ତ ଅତିବାହିତ କଲେ । ସେଠାରେ ତାଙ୍କର ମୃତ୍ୟୁ ହେଲା ।

ହରେକୃଷ୍ଣ ସିଂହଙ୍କ ମୃତ୍ୟୁ ପୂର୍ବରୁ ତାଙ୍କ କନିଷ୍ଠଭ୍ରାତା ନୀଳାଦ୍ରି ସିଂହ ସିଂହାସନାରୋହଣ କରିଥିଲେ ଏବଂ ତାଙ୍କ ନାବାଳକାବସ୍ଥାରେ ତାଙ୍କର ପୁତ୍ର

ଜ୍ୟେଷ୍ଠ ପୁତ୍ରଙ୍କର ମଧ୍ୟ ମୃତ୍ୟୁ ହୋଇ ଯାଇଥିଲା । କୃଷ୍ଣ ସିଂହ ଜଲାନ୍ଦ ସିଂହଙ୍କ ମଧ୍ୟମ ପୁତ୍ର ଏବଂ ସେ ରାଜେନ୍ଦ୍ର ସିଂହଙ୍କ ଉତ୍ତରାଧିକାରୀ ହୋଇ ରାଜା ହେଲେ । କୃଷ୍ଣସିଂହ ବତ୍ରିଶ ବର୍ଷ ବୟସରେ ଖ୍ରୀ: ୧୭୮୧ରେ ରାଜା ହୋଇଥିଲେ ।

ରାମଚନ୍ଦ୍ର ସିଂହଙ୍କ ପିତାଙ୍କ ନାମ ପୁରୁଷୋତ୍ତମ ସିଂହ । ପିତାମହଙ୍କ ନାମ ନାରାୟଣ ସିଂହ ।

ନାରାୟଣ ସିଂହ ନରପତିଙ୍କ ସୁତ,
ପୁରୁଷୋତ୍ତମ ସିଂହ ନୃପତି ବିଖ୍ୟାତ ।
ତାହାଙ୍କ ଜ୍ୟେଷ୍ଠ ସୁତ ରାମଚନ୍ଦ୍ର ସିଂହ,
ରାଜଶେଖରେ ଯ ବଳାଇଣ ମୋହ ।

(ଉଦ୍ଯୋଗ ପର୍ବ । ଶେଷାଂଶ)

ଜଲାନ୍ଦ ସିଂହ ନାମେ ଜନ୍ମିଲୁ ତାଙ୍କର,
ଅଶ୍ରୁ ତ ପରିଲୋକେ କହିଥିଲେ ଘର ।
ତାହାଙ୍କ ଆଗେ ତାଙ୍କ ଜ୍ୟେଷ୍ଠ ସୁତ ଦୁଇ,
ମର୍ତ୍ତ୍ୟ ଲୋକଙ୍କର ଧର୍ମକୁ ଥିଲେ ପାଇ ।
ମୁଁ ତାଙ୍କର ହୁଅଇ ମଧ୍ୟମ କୁମର,
ଏଣୁ ଧରିଲେକେ ହୋଇଲି ନରବର ।

(ଆଦିପର୍ବ । ଧର୍ମଗ୍ରନ୍ଥ ଷ୍ଟୋର ସଂ-ପୃ: ୪୧୮-୪୧୯)

କୃଷ୍ଣ ସିଂହଙ୍କର ରାଜ୍ୟପ୍ରାପ୍ତି ସମ୍ବନ୍ଧରେ ଶ୍ୟାମସୁନ୍ଦର ରାଜଗୁରୁ (ପ୍ରବନ୍ଧାବଳୀ, ପୃ: ୯-୧୦) ଲେଖିଛନ୍ତି— "ଏମାନଙ୍କ ସହିତ ଅପତ୍ୟ ହେବାକୁ ବଡ଼ ବାଳ ସମୟରେ ପିତାଙ୍କ ସଙ୍ଗେ ଯାଇଁ ନୃସିଂହପୁରରେ ରହିଥିଲେ । ତାଙ୍କ ପିତା ଜଲାନ୍ଦ ସିଂହ ଏହିଠାରେ ପରଲୋକ ପ୍ରାପ୍ତ ହେଲେ । ସେତେବେଳେ ଏହାଙ୍କ ଜ୍ୟେଷ୍ଠ ପିତା ରାଜେନ୍ଦ୍ର ସିଂହ ପୁରୁଷୋତ୍ତମ କ୍ଷେତ୍ରରେ କାଳକବଳରେ ପତିତ ହେଲେ । ଧରାକୋଟର ପ୍ରଜାମାନେ ଅନ୍ୟ କୌଣସି ବ୍ୟକ୍ତିଙ୍କୁ ଉତ୍ତରାଧିକାରୀ ରୂପେ ଉପଯୁକ୍ତ ଜାଣିବାର

ଚେଷ୍ଟା କରୁଥିଲେ । ଏହି ବାର୍ତ୍ତା ଶୁଣିପାଇ କୃଷ୍ଣ ସିଂହ ଏକାଗ୍ର କୃଷକଙ୍କଠାରୁ ଧାନବୋଝ ଅଣି ସେଠାର ସାମନ୍ତମାନଙ୍କୁ ଅସ୍ଥିର କରି ସେମାନଙ୍କ ସାହାଯ୍ୟରେ ଖ୍ରୀ: ୧୭୮୧ରେ ପୁନଃପ୍ରତିଷ୍ଠିତ ହେଲେ ।"

କୃଷ୍ଣ ସିଂହ ସାତ ବର୍ଷ ରାଜତ୍ୱ କରି ଖ୍ରୀ: ୧୭୮୮ରେ ପରଲୋକ ପ୍ରାପ୍ତ ହୋଇଥିଲେ ବୋଲି ଶୁଣାଯାଏ; କିନ୍ତୁ ଖ୍ରୀ: ୧୮୨୮ରେ ତାଙ୍କର-ମହାଭାରତର ଶେଷାଂଶ ଶେଷ ହୋଇଥିବା ଜଣାଯାଏ । ତେବେ ସେତେବେଳକୁ ଜୀବିତ ଥିଲେ ବୋଲି ଅନୁମାନ କରିବା ଉଚିତ ହେବ । ସେତେବେଳକୁ ତାଙ୍କୁ ପ୍ରାୟ ଅଶୀ ବର୍ଷ ବୟସ ହୋଇଥିବ । କୃଷ୍ଣ ସିଂହଙ୍କ ରାଜପାଦ ପ୍ରାପ୍ତି ବତ୍ରିଶ ବର୍ଷ ବୟସରେ ହୋଇଥିବା ତଥ୍ୟ ସ୍ୱର୍ଗତ ଶ୍ୟାମସୁନ୍ଦର ରାଜଗୁରୁ ଗ୍ରହଣାବଳୀରେ ଦେଇଛନ୍ତି ।

ଗ୍ରନ୍ଥ ରଚନା—ମହାଭାରତର ଅନୁବାଦ ଛଡ଼ାକୁ କଣ୍ଠପଦେ ସେ କବି ଜଣେ ଉଚ୍ଚକୋଟୀର ପଣ୍ଡିତ ଥିଲେ । ସେ ସଂସ୍କୃତ ଭାଷାରୁ ଉତ୍ତମ ରୂପେ ଆୟତ୍ତ କରିଥିଲେ । ଖ୍ରୀ: ୧୭୮୧ ରେ ସେ ସିଂହାସନ ପାଇଥିଲେ ଏବଂ ଶକାବ୍ଦ ୧୭୦୪ ବା ଖ୍ରୀ: ୧୭୮୨ର ଫାଲ୍‌ଗୁନ କୃଷ୍ଣପକ୍ଷ ପଞ୍ଚମୀ ଦିନ ଆଦିପର୍ବର ଅନୁବାଦ ଶେଷ ହୋଇଥିଲା ।

ଏ କାଳକୁ ଶକାବ୍ଦ ସତରଶ ଚାରି,
କହିଲି କାଳ ସଂଖ୍ୟା ଜାଣିବ ବିଚାରି ।
ଫାଲ୍‌ଗୁନ ମାସ କୃଷ୍ଣପକ୍ଷ ପଞ୍ଚମୀରେ,
ଭୃଗୁବାରେ ଚିତ୍ରା ନାମକ ନକ୍ଷତ୍ରରେ ।
କୋଡ଼ିଏ ଦଣ୍ଡ ଦିନ ବେଳର ଅନ୍ତରେ,
ଆଦିପର୍ବ ପୂରଣ ସାରିଲି ଗୀତରେ । (ଆଦିପର୍ବ, ପୃ: ୪୨୦)

କୃଷ୍ଣ ସିଂହ ମହାଭାରତ ଅନୁବାଦ କରିବା ପୂର୍ବରୁ ତାଙ୍କର ଜ୍ୟେଷ୍ଠଭ୍ରାତ ଜଗୁ ସିଂହ ଦ୍ରୋଣପର୍ବ ଅନୁବାଦ କରିଥିଲେ । ଜ୍ୟେଷ୍ଠଭ୍ରାତ ଅନୁବାଦ କରିଥିବାରୁ ଦ୍ରୋଣପର୍ବ ଛଡ଼ା ଅନ୍ୟ ସବୁ ପର୍ବର ଅନୁବାଦ

କୃଷ୍ଣ ସିଂହ କଣ ଯାଇଥିଲେ । ଏତିକିରେ ଶେଷ କରିବାକୁ ମନରେ ଭାବିଥିଲେ । କିନ୍ତୁ ସମ୍ପୂର୍ଣ୍ଣ ମହାଭାରତ ଲେଖାର ଫଳର ସେ ସମ୍ପୂର୍ଣ୍ଣ ଅଧିକାରୀ ହୋଇ ପାରିବେ ନାହିଁ, ଏହି କାରଣରୁ ବନ୍ଧୁମାନଙ୍କ ପରାମର୍ଶରେ ମହାଭାରତ ଅନୁବାଦ ଶେଷ ହେବାପରେ ଦ୍ରୋଣପର୍ବର ସ୍ୱତନ୍ତ୍ର ଅନୁବାଦ କଲେ ।

ପୁରୁଷୋତ୍ତମ ସିଂହ ନୃପ ସହୋଦର,
ରାମଚନ୍ଦ୍ର ସିଂହ ରାଜାଙ୍କ ମୂର୍ତ୍ତି ନାଥ ।
ଜୟସିଂହ ରାଜା ମୋହର ଜ୍ୟେଷ୍ଠ ତାତ,
କହିଥିଲେ ପୂର୍ବେ ସେ ଦ୍ରୋଣ ପର୍ବ ଗୀତ ।

ଏହା ଜାଣି ମୋର ଆପଣଙ୍କ ଗୁରୁଦେବ-
ଯାଏ ଗୀତ କରଣ କରିଲି ମୁହିଁ ହେତ ।
ଦ୍ରୋଣ ପର୍ବ ଗୀତକୁ ନ ବର୍ଣ୍ଣିଲି ଗୀତେ,
ବୋଲିଥିଲେ ଜ୍ୟେଷ୍ଠ ପିତା ସ୍ୱର୍ଗ ଗଲେ ।

ଲକ୍ଷେ ଶ୍ରୁତପୂର୍ଣ୍ଣ ହୋଇଲା ବୋଲି ଜାଣି,
ମୋ ମନେ କଲ ସ୍ଥିର ଜନକୁ ସଶ୍ରୁତ ।
ସଭାରେ ପଦମଧ୍ୟେ ଭାରତ ଗୀତମାନେ,
ଦ୍ରୋଣପର୍ବ ଗୀତ ବର୍ଣ୍ଣିଲି ଗୀତେ ।

ଏ ପୃଥ୍ୱୀ ଶକାବ୍ଦ ସପ୍ତରଶ ଦଶ,
ବରଷ ହୋଇଲୁ ଉତ୍ତମ ହୋଇ ଶେଷ ।
ପୌଷ ଶୁକ୍ଳ ଦ୍ୱିତୀୟା ଚନ୍ଦ୍ରମା ବାସରେ,
ହେଲା ଏହି ଗୀତ ବ୍ୟାସଙ୍କ ତୋଷରେ ।

(ଦ୍ରୋଣପର୍ବ, ପୃ: ୫୧୬)

କର୍ଣ୍ଣ ପର୍ବରେ ଏହାର ସୂଚନା ଦେଇଥିଲେ—

ମୋ ଜ୍ୟେଷ୍ଠ ପିତା ଜୟସିଂହ ନରମଣି,
ଦ୍ରୋଣପର୍ବକୁ ଗୀତ କରିବାର ଶୁଣି ।

ଦ୍ରୋଣପର୍ବକୁ ମୁଁ ଗୀତରେ ନ କହିଲି,
କର୍ଣ୍ଣପର୍ବ ଦୃଷ୍ଟି କରି ସେ ଆରମ୍ଭିଲି ।
ଏହାକୁ ସାଧୁଜନେ ମନରେ ଘେନିବ,
ନ କହିଲି ଦ୍ରୋଣପର୍ବ ବୋଲି ନ ବୋଲିବ ।
(କର୍ଣ୍ଣପର୍ବ, ମଙ୍ଗଳାଚରଣ)

୧୭୦୪ ଶକାବ୍ଦରେ ଆଦିପର୍ବ ଓ ୧୭୧୦ରେ ଦ୍ରୋଣ ପର୍ବର ଅନୁବାଦ ଶେଷ ହୋଇଥିଲା । ପ୍ରାୟ ସାତ ବର୍ଷ ଭିତରେ ମହାଭାରତ ଓ ହରିବଂଶର ଅନୁବାଦ ଶେଷ କରିଥିବା ବଡ଼ ଗୌରବର ବିଷୟ ।

ମହାଭାରତ—ଓଡ଼ିଶାର ପ୍ରାଚୀନ କବିମାନଙ୍କ ଭିତରେ କୃଷ୍ଣସିଂହଙ୍କ ଛଡ଼ା ଅନ୍ୟ କେହି ସଂସ୍କୃତ ମହାଭାରତକୁ ଓଡ଼ିଆରେ ଅନୁବାଦ କରିଥିବାର ଜଣାଯାଇ ନାହିଁ । ସାରଳା ଦାସଙ୍କ ମହାଭାରତ ମୂଳ ମହାଭାରତର ଅନୁବାଦ ନୁହେଁ । ସାରଳା ଦାସ ଏକେ ତାହାର ସ୍ରଷ୍ଟା ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ସେହି ଗ୍ରନ୍ଥକୁ ମୂଳ ମହାଭାରତର ଭାଷାନ୍ତର କହିବା ସମ୍ଭବ ନୁହେଁ । କିନ୍ତୁ ତାହା ସତ୍ତ୍ୱେ ସେ ଗ୍ରନ୍ଥଟି ବଡ଼ ଆଦର ପାଉଛି । ସଂସ୍କୃତ ମହାଭାରତର ଅନୁବାଦ ଅପେକ୍ଷା ସାରଳା ଦାସଙ୍କ ମହାଭାରତକୁ ହିଁ ଲୋକେ ବହୁ ଶ୍ରଦ୍ଧାରେ ଓ ଆଗ୍ରହ ସହକାରେ ପାଠ କରୁଅଛନ୍ତି । ଯେଉଁମାନେ ମୂଳଗ୍ରନ୍ଥର ବିଷୟ ବୁଝି ରସ ଆସ୍ୱାଦନ କରିବାକୁ ଇଚ୍ଛାନ୍ତି ସେମାନେ କେବଳ କୃଷ୍ଣସିଂହ ମହାଭାରତ ପାଠ କରନ୍ତି ।

କୃଷ୍ଣସିଂହ ମହାଭାରତରେ ଅକ୍ଷରସଂଖ୍ୟା ସବୁଠାରେ ସମାନ ରଖି ନାହାନ୍ତି । ବର୍ତ୍ତମାନ ଯେଉଁ ଛାପା ପୁସ୍ତକ ମିଳୁଛି ସେଥିରେ ସବୁ ଠେଉର ଅକ୍ଷର କରାଇ ଦିଆଯାଇଛି । ସ୍ୱ. ଶ୍ୟାମସୁନ୍ଦର ରାଜଗୁରୁ 'ପ୍ରବନ୍ଧାବଳୀ'ରେ ଏହି ମହାଭାରତରେ ଚାରି, ତେର, ଚଉଦ ଏପରି ଅକ୍ଷର ଥିବା କେତେକ ଚରଣ ଉଦ୍ଧାର କରିଅଛନ୍ତି । ତାହା ନିମ୍ନରେ ଦିଆଗଲା—

ଯଦୁବଂଶ ଅଛି ସୁଅଜ୍ଞେ ପ୍ରାପତ, (୧୨)
କହିଲେ ସେ ଶ୍ରୀନିଧି ନାସା ପ୍ରତିମଣି । (୧୩)

ଭ୍ରମୁ ଦେଖି ମଣ୍ଡଳେ ଏହି ଚିନ୍ତା ହେଲା, (୧୩)
ଯତ୍ନ କଲା ଭ୍ରମୁ ବାର୍ଷ ମୋର ହେଲା । (୧୨)

ସେ ରାଜା ମୋତେ ପୁତ୍ର ପ୍ରାପତ କରାଇବେ, (୧୪)
ଏହା ହୋଇ ଜେଠେ ପଣ୍ଡିତେ ମୋର ଯେବେ । (୧୩)

ଦଶମାସ ଅନ୍ତି ଗୁଣତେଜ ସମାପତ, (୧୩)
କଲେ ଅତି ସୁନ୍ଦର କୁମାର ଜନ୍ମପତ । (୧୪)

ସମାନ ଅକ୍ଷର ଥିବା ପଦ ମଧ୍ୟ ଏକ ସ୍ଥାନରେ ରହିଛି ନାହିଁ । କେଉଁଠାରେ ବାର, କେଉଁଠାରେ ତେର, କେଉଁଠାରେ ବା ଚଉଦ ଅକ୍ଷର ଦେଖାଯାଏ ।

ପୁତ୍ର ଆଜି ହେଲା ଦେବଙ୍କାନଙ୍କର,
ବୃଥା ଜୀବନ ହୋଇଲା ମୋହର । (୧୨)

ରୂପ କୁଳ ଶୀଳରେ ଅଟଇ ମୁଁ ଧନ୍ୟ,
ପୁତ୍ରହୀନ ହୁଏ ମନ୍ଦ ନାହିଁ ପୁଣ୍ୟ । (୧୩)

ଧାଇବେ ସେ କାଳରେ ଯଥାର୍ଥ ମହୀପତି,
ପ୍ରବେଶ ହେଲେ ଅସି ଅଶୋକବନ ପତି । (୧୪)

କୃଷ୍ଣ ସିଂହଙ୍କ ରଚନାରେ ସଂସ୍କୃତ ଶବ୍ଦର ବହୁଳ ବ୍ୟବହାର ଦେଖାଯାଏ ।

ମୂଳ ସଂସ୍କୃତ ଗ୍ରନ୍ଥର ଅଧିକାଂଶ ଅଂଶ ଆକ୍ଷରିକ ଅନୁବାଦ ହୋଇଛି । ସ୍ଥଳ ବିଶେଷରେ ଅନୁବାଦରେ ସ୍ୱାତନ୍ତ୍ର୍ୟ ମଧ୍ୟ କୃଷ୍ଣସିଂହ ଦେଖାଇ ଥିବାର ପରିଲକ୍ଷିତ ହୁଏ । କିନ୍ତୁ କୌଣସିଠାରେ ମୂଳ ବିଷୟକୁ ଅଦଳବଦଳ କରିଥିବାର ଜଣାଯାଏ ନାହିଁ । ଦ୍ରୌପଦୀଙ୍କ ବେଶବର୍ଣ୍ଣନା ସଂସ୍କୃତ ଗ୍ରନ୍ଥ ଅନୁଯାୟୀ କୃଷ୍ଣସିଂହ କରି ନାହାନ୍ତି । ଆମ ଦେଶର ଲୋକମାନଙ୍କ ହୃଦୟ-ଗ୍ରାହୀ ହେଲା ଭଳି ଏକ ରୂପ ଦେଇଛନ୍ତି । ଏହି ଅଂଶ ଟିକିଏ ପଢିଲେ

ବେଳେ ମନେହୁଏ ସତେ ଯେପରି ଗୋଟିଏ ଓଡ଼ିଆ ଲଳନା ଆସି ପାଖରେ ଠିଆ ହୋଇଛି । ଚୂଡ଼ି, ପାହୁଡ଼, ନାକଚଣା, କଣ୍ଟାପଟି, ତାଡ଼, କୁଡ଼ା, ମୁନାଚମ୍ପା, କାନଫୁଲ, ପାଉଁଜିଲଗା ବଳା, ଝୁମ୍‌କା ଇତ୍ୟାଦି ଖାଣ୍ଟି ଓଡ଼ିଆ ଅଳଙ୍କାରରେ ଦ୍ରୌପଦୀଙ୍କୁ କୃଷ୍ଣସିଂହ ସଜେଇ ଦେଇଛନ୍ତି ।

ମହାଭାରତ ଛଡ଼ା କୃଷ୍ଣସିଂହ ହରିବଂଶର ଅନୁବାଦ ମଧ୍ୟ କରିଥିଲେ ।

ରଚନା ସମୟ—ଉକ୍ତ ମହାଭାରତର କେତେକ ପର୍ବର ରଚନା ସମୟ ବ୍ୟକ୍ତ କରିଥିବାରୁ ସମସ୍ତ ଗ୍ରନ୍ଥର ଅନୁବାଦ ସମୟ ଜାଣିବା ପାଇଁ ସୁବିଧା ହୋଇଛି ।

ଆଦିପର୍ବ—ଶକାବ୍ଦ ୧୬୦୪ ବା ଖ୍ରୀ: ୧୬୮୨ ।

ଏକାଳକୁ ଶକାବ୍ଦ ପଡ଼ିଗଲା ଶୁଣ,
କହିଲି କାଳ ସଂଖ୍ୟା ଜାଣିବ ନିପୁଣ । (ଆଦିପର୍ବ, ଶେଷାଂଶ)

ବନପର୍ବ—ଶକାବ୍ଦ ୧୬୫୦ ବା ଖ୍ରୀ: ୧୮୨୮ ।

ଷୋଡ଼ଶ ପଞ୍ଚାଶ ଶକାବ୍ଦ ଏ କାଳକୁ,
ହୋଇଛି ଯେ ଶୁଣି ଜାଣିବ ଜନକୁ । (ବନପର୍ବ, ଶେଷାଂଶ)

ଭୀଷ୍ମପର୍ବ—ଶକାବ୍ଦ ୧୬୦୬ ବା ଖ୍ରୀ: ୧୬୮୪ ।

ଷୋଡ଼ଶ ଛଅ ଶକାବ୍ଦ ଏକାଳକୁ,
ଶୁଣି ଶୁଣି ଅଜ୍ଞାନ୍ତ ଭଣନ୍ତେ ମନକୁ । (ଭୀ: ପ:, ଶେଷାଂଶ)

ଦ୍ରୋଣପର୍ବ—ଶକାବ୍ଦ ୧୬୧୦ ବା ଖ୍ରୀ: ୧୬୮୮ ।

ଏ ସମୟ ଶକାବ୍ଦ ଷୋଡ଼ଶ ଦଶ,
ବରଷ ହୋଇଛି ସମ୍ପୂର୍ଣ୍ଣ ହୋଇ ଶେଷ ।
(ଦ୍ରୋ: ପ:, ଶେଷାଂଶ)

କର୍ଣ୍ଣପର୍ବ—ଶକାବ୍ଦ ୧୬୦୬ ବା ଖ୍ରୀ: ୧୬୮୪ ।

ଏ କାଳକୁ ଶକାବ୍ଦ ଛଅ ଷୋଡ଼ଶ,
ରସିକମାନେ କରୁଛନ୍ତି ପ୍ରକାଶ । (କ: ପ:, ଶେଷାଂଶ)

ଉଦ୍ୟୋଗ ପର୍ବ — ଶକାବ୍ଦ ୧୭୫୦ ବା ଖ୍ରୀ: ୧୮୨୮ ।

ସତରଶ ପଞ୍ଚାଶ ଶକାବ୍ଦ ପ୍ରାପତ,
ଏ କାଳରେ ସେ ଥି ହୋଇଲା ସମାପତ ।
(ଉ: ପ:, ଶେଷାଂଶ)

ବିରାଟ ପର୍ବ — ଶକାବ୍ଦ ୧୭୦୫ ବା ଖ୍ରୀ: ୧୭୮୩ ।

ଏ କାଳକୁ ପାଞ୍ଚ ଅଧିକ ସତରଶ,
ଗଣିବାରେ ଶକାବ୍ଦ ହୋଇଅଛି ଶେଷ । (ବି: ପ:, ଶେଷାଂଶ)

ସ୍ତ୍ରୀ ପର୍ବ — ଶକାବ୍ଦ ୧୭୦୬ ବା ଖ୍ରୀ: ୧୭୮୪

ଏ କାଳକୁ ଲେଖାରେ ହୋଇଛି ପ୍ରକାଶ,
ଶକାବ୍ଦ ଛଅ ଅଧିକ ସତରଶ । (ସ୍ତ୍ରୀ: ପ:, ଶେଷାଂଶ)

ଅନୁଶାସନ ପର୍ବ — ଶକାବ୍ଦ ୧୭୦୭ ବା ଖ୍ରୀ: ୧୭୮୫

ଏ କାଳକୁ ଶକାବ୍ଦ ସତରଶ ସାତ,
ହୋଇଅଛି ବୋଲନ୍ତି ପଣ୍ଡିତଙ୍କ ମତ । (ଅନୁ:ପ:, ଶେଷାଂଶ)

ସ୍ୱର୍ଗାରୋହଣ ପର୍ବ — (ଅଶ୍ୱମେଧାଦି ପଞ୍ଚପର୍ବ) ଶକାବ୍ଦ ୧୭୦୭ ବା
ଖ୍ରୀ: ୧୭୮୫ ।

ଏ କାଳରେ ଶକାବ୍ଦ ସତରଶ ସାତ,
ହୋଇଅଛି ବୋଲି କହ ପଣ୍ଡିତଙ୍କ ମତ ।
(ସ୍ୱର୍ଗ ପ:, ଶେଷାଂଶ)

ଅଶ୍ୱମେଧାଦି ପାଞ୍ଚ ପର୍ବ ଲେଖିବା ପାଇଁ ଉଣନବର୍ଷ ଲାଗିଥିବା କବି କହୁଛନ୍ତି । କବି ଅଶ୍ୱମେଧାଦି ପାଞ୍ଚ ପର୍ବକୁ ଏମନ୍ତେ ଲେଖିଥିଲେ — ଅଶ୍ୱମେଧ, ଆଶ୍ରମ ପର୍ବ, ମୌଷଳ ପର୍ବ, ଯାନ ପର୍ବ, ସ୍ୱର୍ଗାରୋହଣ ପର୍ବ ।

ଚୈତ୍ର ଶୁକ୍ଳ ରବିବାର ନବମୀରେ,
ଗୀତ ପୂର୍ଣ୍ଣ ହେଲା ଶ୍ରୀକୃଷ୍ଣ କୃପାରେ ।

ଅରମ୍ଭଠାରୁ ସମାପତକ କରନ୍ତ
ଏକ ହୋଇଅଛୁ ସୁଜନେ ଜାଣ ଶେଷ । (ସ୍ୱର୍ଗ ପ., ଶେଷାଂଶ)

କବିଙ୍କ ସମସ୍ତ ସୂଚନା ଅନୁସାରେ ପର୍ବଲେଖାର କ୍ରମ ଏପରି ଜଣାଯାଉଛି ।—

| | |
|---|---|
| ଆଦି—୧୬୮୪ ଶକାବ୍ଦ | ଅନୁଶାସନ—୧୭୦୭ ଶକାବ୍ଦ |
| ସଭା—୧୭୦୫ ,, | ସ୍ୱର୍ଗାରୋହଣ—୧୭୦୭ ,, |
| ଶଲ୍ୟ—୧୭ ୬ ,, | ଦ୍ରୋଣ—୧୭୧୦ ,, |
| କର୍ଣ୍ଣ—୧୭୦୬ ,, | ବନ—୧୭୫୦ ,, |
| ସ୍ତ୍ରୀ—୧୭୦୬ ,, | ଉଦ୍ୟୋଗ—୧୭୫୦ ,, |

ଏହି କର୍ଣ୍ଣ ପର୍ବର ଆରମ୍ଭରେ 'ଦ୍ରୋଣପର୍ବ' ନ ଲେଖିବାର କାରଣ ଦେଇଛନ୍ତି । କର୍ଣ୍ଣ ପର୍ବ ଶକାବ୍ଦ ୧୭୦୬ ରେ ଶେଷ ହୋଇଛି । ଏହି ସମୟ ପର୍ଯ୍ୟନ୍ତ ଦ୍ରୋଣ ପର୍ବ ଲେଖା ହୋଇନଥିଲା । ଶଲ୍ୟ ପର୍ବ ପୂର୍ଣ୍ଣ କରି ସାରିବା ପରେ ଦ୍ରୋଣ ପର୍ବ ଲେଖା ଆରମ୍ଭ ହୋଇଛି । ଏଥିରୁ ଜଣାଯାଉଛି ଯେ ସ୍ୱର୍ଗାରୋହଣ ପର୍ବ ରଚନା ଶେଷ ସମୟ ୧୭୦୭ ଶକାବ୍ଦ ହେଲେ ହେଁ ଅନ୍ୟ ସବୁ ପର୍ବ ଲେଖା ହୋଇନଥିଲା । ବନପର୍ବ ୧୭୫୦ ଶକାବ୍ଦରେ ଓ ଉଦ୍ୟୋଗ ପର୍ବ ମଧ୍ୟ ସେହି ବର୍ଷ ରଚିତ ହୋଇଥିବା ସେହି ପର୍ବମାନଙ୍କ ଶେଷାଂଶରେ ବର୍ଣ୍ଣିତ ହୋଇଛି ।

ଆଦି ସଭା-ବନ ପର୍ବଙ୍କୁ ଗୀତ କଲି,
ବିରାଟ ପର୍ବ ଯାଏଁ କହିଅଛୁ ଶ୍ଳୋକି ।
(ବିରାଟ ପର୍ବ, ମଙ୍ଗଳାଚରଣ)

ଉଦ୍ୟୋଗ ପର୍ବ ଯାଏ କଲି ଗୀତ,
ଶଲ୍ୟରୁ ସ୍ୱର୍ଗପର୍ବକୁ ଦେଲା ଏବେ ଶେଷ ।
(ଶଲ୍ୟ ପର୍ବ, ମଙ୍ଗଳାଚରଣ)

ଦ୍ରୋଣ ପର୍ବ ସର୍ବଶେଷରେ ଲେଖା ହୋଇଥିଲା ଏବଂ ଏହାର ରଚନା ଶେଷ କାଳ ଶ. ୧୭୧୦ ବୋଲି କହୁଛନ୍ତି । ଏଥିରୁ ମଧ୍ୟ ଜଣାଯାଉଛି ଯେ

ଖ୍ରୀ: ୧୬୧୦ ବେଳକୁ ଅର୍ଦ୍ଧ ସତ୍ୟ ପଦ ଲେଖା ସରିଥିଲା । ଏଥିରୁ ଜଣାଯାଏ ମନେ ହେଉଛି, ବଳ ଓ ଛନ୍ଦ ବୋଧ ସଙ୍ଗରେ ସେଥିରେ ସମସ୍ତ ଉଦାହରଣ ତାହା ଲେଖକଙ୍କର ଦୋଷ ନୁହେଁ ସମ୍ଭବ । ବୋଧହୁଏ ପରବର୍ତ୍ତୀ ସମୟରେ ଅନ୍ୟ କେହି ଲେଖକ ଅଂଶକୁ ପୂରଣ କରିଥିବେ ଏବଂ ଏହି ସମସ୍ତ ବ୍ୟକ୍ତି କରିଥିବେ । ସେହି କବି ନିଜେ ଏହି ଦୁଇଟି ପଦର ଅନୁକ୍ରମ ସାଧନ କରିଥିବେ କିମ୍ବା ନୂତନ ସଂଯୋଗ କରିଥିବେ ତାହା ହୋଇପାରେ ଏହି ସମସ୍ତ ମଧ୍ୟ ସେ ବ୍ୟକ୍ତି କରିଥିବା ଅସମ୍ଭବ ନୁହେଁ । ଖ୍ରୀ: ୧୬୫୦କୁ ଗ୍ରହଣ କଲେ କବିଙ୍କ ଜୀବଦ୍ଦଶାର କାଳ ନିର୍ଣ୍ଣୟରେ ସନ୍ଦେହ ଅବଶିଷ୍ଟ ରହୁଛି । ସ୍ୱର୍ଗୀୟ ଶ୍ୟାମସୁନ୍ଦର ରାଜଗୁରୁ ଲେଖିଛନ୍ତି ଯେ କବି ଖ୍ରୀ: ୧୬୨୪ ରେ ଜନ୍ମଗ୍ରହଣ କରି ଖ୍ରୀ: ୧୬୮୮ ରେ ମାନବଲୀଳା ସମ୍ବରଣ କରିଥିଲେ । ପୁଣି ସେ ଲେଖିଛନ୍ତି ଯେ ବସୁଲକ୍ଷ୍ମୀ ବର୍ଷ ବୟସରେ ଖାଦ୍ୟରେ ବିଷ ଖାଇ ଦର୍ଶ ମାତ୍ର ରାଜତ୍ୱ କରିଥିଲେ । ଏ ତଥ୍ୟ ଅନୁସାରେ ଦେଖିଲେ, ତାଙ୍କ ଜନ୍ମ ବର୍ଷ ଖ୍ରୀ: ୧୬୩୪ ହେବ । ବଳ ଓ ଛନ୍ଦ୍ ବୋଧ ପଦର ସମୟକୁ ( ଖ୍ରୀ: ୧୬୫୦ ବା ଖ୍ରୀ: ୧୬୬୮ ) ଗ୍ରନ୍ଥ ରଚନା ବ୍ୟକ୍ତ କରିଥିବା ଧରିନେଲେ ସେ ସମୟକୁ ସେ ଜୀବିତ ଥିଲେ ବୋଲି କହିବାକୁ ହେବ । ଅର୍ଥାତ୍ ଖ୍ରୀ: ୧୬୬୮ ବେଳକୁ କବି ଜୀବିତ ଥିଲେ ଏବଂ ସେତେବେଳକୁ ତାଙ୍କର ବୟସ ପଚାଶିବ ବର୍ଷ । ସ୍ୱର୍ଗତ ରାଜଗୁରୁ ଲେଖିଛନ୍ତି ଯେ କବି ଅଠସ୍ତରି ବର୍ଷ ବୟସରେ ଗୋଲୋକଧାମକୁ ଅନ୍ତର୍ହିତ ହୋଇଲେ । ରାଜଗୁରୁଙ୍କ ତଥ୍ୟ ଗ୍ରହଣଯୋଗ୍ୟ ।

କବି ରାଜା ହେବାର ବର୍ଷକ ପରେ ମହାଭାରତ ରଚନା ଆରମ୍ଭ କରିଥିଲେ ଏବଂ ସାତ ଆଠ ବର୍ଷ ମଧ୍ୟରେ ଗ୍ରନ୍ଥ ଶେଷ କରିଥିଲେ । ଏତେ ଅଳ୍ପ ସମୟ ମଧ୍ୟରେ ଏତେ ବଡ଼ ଗ୍ରନ୍ଥ ରଚନା ତାଙ୍କର ପ୍ରଗାଢ଼ ନିଷ୍ଠା, ଏକାଗ୍ରତା ଓ ଅଧ୍ୟବସାୟର ପରିଚୟ ଦେଉଛି ।

“କଳିରେ ଅଛି, ଦେବତେବାଳି ସ୍ୱର୍ଗପୁର ଲାଭ ପଞ୍ଚମାସ୍ତୁକ ଓ ବେଦବେଦାଳି ନଥା ଦେବଙ୍କୀଙ୍କ ଶ୍ରୀପଦରେ ନିକ୍ଷେପର ଅର୍ପଣ କରି ଦେଇ ଯାଆନ୍ତି ପଣ୍ଡିତଙ୍କ ପାଖରେ ରହି ତାଙ୍କର ପ୍ରାପ୍ତ ସମସ୍ତ ଧନ ଏଥିରେ

ଅନୁଯୋଗ କରିଥିଲେ ।" (ପ୍ରବନ୍ଧାବଳୀ) କବି ସେ ମହାଭାରତ ଲେଖାରେ ତତ୍ପର ଥିଲେ, ଏଥିରେ ସନ୍ଦେହ ନାହିଁ । ସେ ଭକ୍ତଜନୋଚିତ ଦୈନ୍ୟ ପ୍ରକାଶ କରି ନିଜର ଅକ୍ଷମତା ଓ କାର୍ଯ୍ୟହୀନତା ପ୍ରଭୃତି ବାକ୍ୟ କହିଛନ୍ତି । ତାହା ଜୀବନର ନୂଆ ଘଟଣା ନୁହେଁ । କବି ପ୍ରାୟ ପ୍ରତ୍ୟେକ ପର୍ବରେ ନିଜର 'ଅକ୍ଷମତା' ପ୍ରକାଶ କରିଛନ୍ତି ଏବଂ ଭଗବାନ ଓ ସାଧୁଜନଙ୍କ କ୍ଷମା ମାଗିଛନ୍ତି । ବ୍ୟାସକୃତ ସଂସ୍କୃତ ମହାଭାରତକୁ ଓଡ଼ିଆ ଭାଷାରେ ପ୍ରବନ୍ଧ ରଚନା କରିବା ନିମନ୍ତେ ତାଙ୍କର ସାମର୍ଥ୍ୟ ନଥିବା ସେ ଦୈନ୍ୟ ଦୃଷ୍ଟିରୁ ନିବେଦନ କରୁଛନ୍ତି । ତାଙ୍କର ଅଧିକାଂଶର ରଚନା ତାଙ୍କ ସାମର୍ଥ୍ୟର ଯଥେଷ୍ଟ ପ୍ରମାଣ ଦେଉଛି; ସେ ଜଣେ ଉପଯୁକ୍ତ ଅନୁବାଦକ ।

କବି ଭକ୍ତଜନସୁଲଭ ଦୈନ୍ୟ ପ୍ରକାଶ କରି ନିଜର ଅକ୍ଷମତା ପ୍ରକାଶ କରିଥିଲେ ମଧ୍ୟ ପ୍ରକୃତରେ ସେ ନିଜର ସାମର୍ଥ୍ୟ ହିଁ ପ୍ରକାଶ କରିଛନ୍ତି ।

ଶୁଚୀ ମୁନେ ନ ଶିଖିବାରୁ ସୁଏ ଟୀକା,
ପଣ୍ଡିତେ ଏ କଥା ଯେବଣ ମନେ ଘେନ ।
ମୂର୍ଖମାନଙ୍କରେ ମୁଁ ଅଟଇ ମୂରୁଖ,
ମୋ ଗୀତ ଶୁଣି କର୍ଣ୍ଣେ ନୋହିବ ସମ୍ମୁଖ ।

ଭଗାଙ୍କ ଜନ ଶ୍ରମ ବ୍ୟାସଙ୍କର ବାଣୀ,
ଗୀତେ ମୁହିଁ ଯାହା ହୋଇଲି ବଖାଣି ।
ଏଥିରୁ ଅପରାଧ ହୋଇବଇ କଥା,
ଶୁଦ୍ଧ ପଦ କେଣି ନଥିବ ଜାଣ ଯୋଥା ।

ଏ କଥା ଜାଣି ମୁଁ କହୁଛି ପଣ୍ଡିତଙ୍କୁ,
ମୋ ବୁଦ୍ଧି ଯୋଗ୍ୟ ନ ଭାରତ କହିବାକୁ ।
ଯାହା ବଳେ ଭାରତ ଗୀତ—ପ୍ରବନ୍ଧରେ,
ଲେଖ ଭଳି ମୁହିଁ ମନୁଷ୍ୟ ମଧ୍ୟରେ ।

କେବଳ ଏ ଗୀତରେ ଦଣ୍ଡ ଭାଗ୍ୟଙ୍କ,
ମହିମା ପୂର୍ଣ୍ଣ ହୋଇ ହୋଇଛି ଦଶାଇ ।

ଏହି ପ୍ରକାଶକୁ ଆଦର କରିବାର,
ଉଚିତ ଅଟେ ହେ ପଣ୍ଡିତେ ମନେ କରି ।

ତଣ୍ଡୁଳ ହୋଇ ବସ୍ତୁ ଅଣ୍ଡା ଯେବେ ଥିବେ,
ତାହାକୁ ସର୍ବେ ପୂଜା କରନ୍ତି ହର୍ଷରେ ।
ଆଉ କହିବା ପାଇଁ କଥା ନାହିଁ କିଛି,
ମୋର ଜଣିବାର ନ ଯେନ ମୁଁ ହୋଇଛି । ×
(ସ୍ୱର୍ଣ୍ଣାଦ୍ୱେଷଣ ପଦ୍ୟ, ଶେଷାଂଶ)

ଧର୍ମୋଟ ମଣ୍ଡଳେ ହୋଇଲେ ମୁଁ ରାଜା,
ଅଧରମ ନଥାରେ ବଳାଇଲ ମଜା ।
ଦୁଷ୍ଟ ହୋଇବେ ଦୋଲ ଭକ୍ତି ଅସାଧୁଙ୍କୁ,
ଗୁପ୍ତ ଦେଲ ମୁଁ ସାଧୁସଙ୍ଗମ ମାର୍ଗକୁ ।
ଦୁଷ୍ଟ କଥା ତଡ଼ନ୍ତି ନ ଜଳ ଜାତ୍ରିନ,
ବଳାଇଲ ନର୍ତ୍ତନ ଗୀତ ବାଦ୍ୟ ମନ ।
ଧନ ଜନ ନନ୍ଦନ ସୁରସାରେ ଶ୍ରୀତ,
ଜରି ଦୁଖ ଦେଲ ବଳିଷ୍ଠ ଅହୋରାତ୍ରି ।

ଦୁଷ୍କୃତ ଧର୍ମ ମାନଙ୍କୁ ଆଦରିଲ,
ସୁଚରିତ ଜ ଦୂରେ ସ୍ୱପ୍ନ ନ ଦେଖିଲ ।
ମୋ ମତରେ ମୁହିଁ ହୋଇଣ ଜାଣିବାର,
ଜଣ୍ଟି ସବୁ ପାପକଥାକୁ ମୋହର ।
ଏ ବାକ୍ୟରେ ପଣ୍ଡିତ ପରେଶ ରାଙ୍ଗ ବନ୍ଧୁ,
ଶ୍ରୀ ମହୀଶ୍ୱରଙ୍କୁ ଗୀତରେ ଜଣାଇ ।
ଦୟେଶରେ ଏ କଥା ବଡ଼ ଉପହାସ,
ମୂର୍ଖ ପଣେ ମୋହର ବଳିଷ୍ଠ ସାହସ ।
ହେ ଲୁଅଛୁ ଭ ସୁଧଜନ ଅବଗତ,
ଲକ୍ଷେ ଛନ୍ଦ ଯାଂକୁ କରଛ ମୁଁ ଗୀତ ।

ବାନ୍ଧି ଫାଶି ହାତରେ ବଢ଼ିବା ନଦୀକି,
ବସିଥିଲି ବାନ୍ଧ ବନ୍ଧା ସେ ହୋଇ ଯାଏ କି।
ସେହିରୂପେ ମୋହର ହୋଇଲା ବଚନ,
ଶୁଣିବା କର ଅଟେ ବସି ବିଜ୍ଞଜନ।

(ମୂର୍ଖପଦ, ଶେଷାଂଶ)

ଧନବନ୍ତ ଦେଖିଣ ମୋ ପୁତ୍ର ବନ୍ଧୁ,
କରୁଥିଲି ସେ ଅତିଶୟରେ ପ୍ରମୋଦ।
ମୂର୍ଖଜନମାନଙ୍କ ଉପଦେଶ କଥା,
ଅନ୍ତର୍ନିଶି ବସି ବାଢ଼ିଲି କରି ହେଥା।

ଭଲ ମନ୍ଦ ବୁଝି କଥା ନ ଜାଣିଲି,
ମୁଁ ବଡ଼ ବୋଲି ସବୁ ଜନେ ଭାବିଲି।
ଦାଣ୍ଡବଳେ ତ ପେଲିଅଛି ସଜ୍ଜନମନ,
ଏଣୁ ସନ୍ତୁବେଳେ ହୋଇଅଛି ଉନ୍ମାଦ। ଉତ୍ପାତ।

(ବିଦ୍ୱାନ ପଦ, ଶେଷାଂଶ)

ମୂର୍ଖଙ୍କ ଜନଙ୍କୁ ଧିକ୍କାର ଅଟେ ମଧ୍ୟ ବିଜ୍ଞଜନଙ୍କଠାରୁ ପଦେଶ ତାହା ପ୍ରଶଂସା। ସେ ମୂର୍ଖ ନୁହନ୍ତି, ବୁଦ୍ଧିମାନ ନୁହନ୍ତି; ସେ କବି, ଅସାଧ୍ୟ ସାଧନରେ ସଫଳ ହୋଇଛନ୍ତି; ବଢ଼ିଲା ନଦୀକୁ ସେ ହାତରେ ବାନ୍ଧି ଫାଶି ବସି ବାନ୍ଧିଛନ୍ତି।

ମହାଭାରତର ଭୀଷ୍ମ ସାଧୁସଙ୍ଗ, ଶାନ୍ତି ଭୀଷ୍ମ। ତତ୍ତ୍ୱାର୍ଥ ପ୍ରକାଶ ପାଇଁ ଏହା ଉପଯୋଗୀ ହୋଇଛି। ତହିଁ ଲୌକିକ ସ୍ୱଭାବ ବ୍ୟବହାର ମଧ୍ୟ ଅଛନ୍ତି। ଅନୁବାଦରେ ଓଡ଼ିଆ ଭାଷାର ବୈଶିଷ୍ଟ୍ୟ ରକ୍ଷା କରିଛନ୍ତି। ଓଡ଼ିଆ ସମାଜର ଅସ୍ତୁର ବ୍ୟବହାର ପ୍ରଣାଳୀକୁ ସ୍ଥାନ ମଧ୍ୟ ଦେଇଛନ୍ତି।

କବି ମୂର୍ଖପଦ ଅନ୍ତର୍ଗତ ଶ୍ରୀମଦ୍ଭଗବଦ୍ଗୀତାର କ୍ଷେତ୍ରକ୍ଷେତ୍ରଜ୍ଞ ବିଭାଗ ଯୋଗ ଅଧ୍ୟାୟକୁ ତତ୍ତ୍ୱବ୍ୟାଖ୍ୟା ଉପଯୋଗୀ ଭାବରେ ଅନୁବାଦ କରିଛନ୍ତି।

(୧) ଏଥି ଅନ୍ତେ କୃଷ୍ଣ କହିଲେ ଅର୍ଜୁନ,
ଶରୀରର କ୍ଷେତ୍ରଟି କହାଇ ଅଭିଧାନ ।
ଶରୀରକୁ ତ ଯେଉଁ ଲୋକଟି ଜାଣନ୍ତି,
କ୍ଷେତ୍ରଜ୍ଞ କହାଇ କରି ତାହାକୁଟି କହି ।

ସବୁ କ୍ଷେତ୍ରମାନଙ୍କରେ ମୁହିଁ ପାର୍ଥସୁତ,
କ୍ଷେତ୍ରଜ୍ଞ ହୋଇ ମୋତେ ଜାଣ କୁନ୍ତୀସୁତ ।
କ୍ଷେତ୍ରକ୍ଷେତ୍ରଜ୍ଞ ଏ ଯାହିଁକୁ କହାଇବନ୍ତି,
ସେକ୍ଷେତ୍ରରେ କହିବା ଜ୍ଞାନ ମୋର ମତ ।

## ମୂଳ ସଂସ୍କୃତ—ଅର୍ଜୁନ ଉବାଚ

ପ୍ରକୃତିଂ ପୁରୁଷଞ୍ଚୈବ କ୍ଷେତ୍ରଂ କ୍ଷେତ୍ରଜ୍ଞମେବ ଚ,
ଏତଦ୍ ବେଦିତୁମିଚ୍ଛାମି ଜ୍ଞାନଂ ଜ୍ଞେୟଂ ଚ କେଶବ ।

ଶ୍ରୀ ଭଗବାନ୍ ଉବାଚ

ଇଦଂ ଶରୀରଂ କୌନ୍ତେୟ ! କ୍ଷେତ୍ରମିତ୍ୟଭିଧୀୟତେ
ଏତଦ୍ ଯୋ ବେତ୍ତି ତଂ ପ୍ରାହୁଃ କ୍ଷେତ୍ରଜ୍ଞ ଇତି ତଦ୍ ବିଦଃ । ୧ ।

କ୍ଷେତ୍ରଜ୍ଞଞ୍ଚାପି ମାଂ ବିଦ୍ଧି ସର୍ବକ୍ଷେତ୍ରେଷୁ ଭାରତ !
କ୍ଷେତ୍ର କ୍ଷେତ୍ରଜ୍ଞୟୋର୍ଜ୍ଞାନଂ ଯତ୍ତଜ୍ଜ୍ଞାନଂ ମତଂ ମମ । ୨ ।

ତତ୍ କ୍ଷେତ୍ରଂ ଯଚ୍ଚ ଯାଦୃକ୍ ଚ ଯଦ୍ ବିକାରି ଯତଶ୍ଚ ଯତ୍
ସ ଚ ଯୋ ଯତ୍ ପ୍ରଭାବଶ୍ଚ ତତ୍ ସମାସେନ ମେ ଶୃଣୁ । ୩ ।

(ଭ:ଗୀ:, ୧୩ଶ ଅଧ୍ୟାୟ)

(୨) ଏ କାଳେ ପୃଥ୍ୱୀର ସମ୍ରାଟ ଜର୍ଜ ୫,
ବାଞ୍ଛା କରି ଭଜିଲେ ଶୁଣ ନରପାଳ ।
ସ୍ୱର୍ଗ ମୋର ତାହିଁ ଖଣ୍ଡ ପିଣ୍ଡି ନେଲେ,
ଭୂମଣ୍ଡଳକୁ ଆସିଥିଲୁ ହେବାକୁ ଅନେକ ।

ରଜା ପ୍ରଜା ଅନେକ ଅନୁସନ୍ଧି କଲେ,
ଭଲ ହୋଇ ନ ପାରନ୍ତି ଏ ସଂସାରେ ।

ତୁମ୍ଭେ ତ ରଣସିଂହ ମୋ ଦୁଃଖ ନାଶକ,
ଦଣ୍ଡାଇ ପାରିବାକୁ ସମର୍ଥ କୁହ କ ? ।

ବସନ୍ତ ବୋଇଲେ ମୁଁ ଖେଳି ତ ପାରିବି,
ଆଜ୍ଞା ହେଲେ ତୁମ୍ଭଙ୍କୁ କହିବଇଁ ମୁହିଁ । × ×

ବସନ୍ତ ବୋଇଲେ ହେ ସଖୀ କେବେ ଶୁଣ,
କନ୍ଦର୍ପରେ ଆଚରଣ ସେ ଅବଗୁଣ ।

ଦ୍ୱିଜ ବୋଇଲେ ତାଙ୍କୁ ଖେଳିବାରେ ଦେବି,
ଅନେକ ମୁଣ୍ଡ କାଟି ଶୂଳ ଦିଆଇବି । ( ବ: ପ: )

(ଖ) କୃଷ୍ଣ-ବୃହସ୍ପତିର ପରାମର୍ଶ—

ବୃହସ୍ପତି ବୋଇଲେ ଶୁଣହ ଶ୍ରୀ ହରି,
ଏ କଥା କେମନ୍ତେ ହୋଇଲା ଆମ୍ଭେ ହୋଇଲୁ ପାରି ।

ଅପଣ ହେବେ ରକ୍ଷା କରିଥିବ ମୋତେ,
ସ୍ୱାମୀଙ୍କ ଜୀବନ ମୁଁ ଦେଖିମି ଦୃଷ୍ଟିରେ ।

ସ୍ୱର୍ଗରୁ ତ ତୁମ୍ଭେ କହିଲ ନ ଶୁଣିବ,
ତା ଲାଗି କି ରୂପେ ତୁମ୍ଭଙ୍କୁ ଶୁଣାଇବ ।

ଏବେ ମୁଁ କହୁଅଛୁ ନ ବୁଝି ଗୋବିନ୍ଦ,
ବଡ଼ାଇ ଦୁଃଖଦାତ୍ରୀ ମୋହର ଆନନ୍ଦ ।

ସ୍ୱାମୀ ତ କରୁଛନ୍ତି ତୁମ୍ଭ ପାଇଁ ପ୍ରାଣ,
ଛାଡ଼ିବ ମୁଁ ବୁଝିଲେ ହେଲେ ନାରାୟଣ ।

ଏବେ ସ୍ୱଳ୍ପ ହେ ତୁମ୍ଭେ ଅମ୍ଭେ ମିଶି ଯିବା,
କି ରୂପେ ମାରିବେ ସ୍ୱାମୀଙ୍କୁ ପଚାରିବା । × ×

ବାହୁ ମହଲରେ ସନ୍ତ୍ରମାନେ ତ ଥିଲ,
ଶୋଭାଇଥିଲୁ ସେହିଲୁ ଶା ସେଦିନ ଅଲଥିଲା ।

ସେହି ସୂର୍ଯ୍ୟଙ୍କ ଅକାର୍ଯ୍ୟ ଅଙ୍କେ ପାରୁଷଣ,
ମୋ ଭକ୍ତିବାକୁ ଏବେ ଛଲ ଭରି ଜାଣ ।

ତାହାଙ୍କୁ ଯାହା ଏବେ ମାଗିବା ସ୍ୱରୁଥାଇ,
ଏଥିରୁ ଅଧିକ ଶୋଭା କଥା ନାହିଁ । (ସ୍ୱୃତିପଦ)

# ଦ୍ୱାଦଶ ପରିଚ୍ଛେଦ

## ନାରାୟଣ ଦାସ : ମହାଦେବ ଦାସ : ରାମ ଦାସାଦି କବି

### ନାରାୟଣ ଦାସ

ଓଡ଼ିଆ ପୁରାଣମାନଙ୍କ ଭିତରେ ନାରାୟଣ ଦାସଙ୍କ 'ହରିବଂଶ'ର ସ୍ଥାନ ନଗଣ୍ୟ ନୁହେଁ । ସାରଳା ଦାସଙ୍କ ମହାଭାରତ, ଜଗନ୍ନାଥ ଦାସଙ୍କ ଭାଗବତ, ବଳରାମ ଦାସଙ୍କ ଜଗମୋହନ ରାମାୟଣ ପରି ଲୋକପ୍ରିୟ ନ ହେଲେ ମଧ୍ୟ ବୈଷ୍ଣବ ପୁରାଣ ରୂପରେ ଏହାର ଆଦର ରହିଛି । ହରିବଂଶ ଚରିତ ନାରାୟଣଙ୍କ ପୂର୍ବରୁ ଆଉ କେହି ସଂକ୍ଷିପ୍ତ ଅଥଚ ମାହାତ୍ମ୍ୟପୂର୍ଣ୍ଣ ଭାବରେ ଲେଖିଥିବା ଜଣାଯାଏ ନାହିଁ । ନାରାୟଣଙ୍କ ପୂର୍ବରୁ ଭକ୍ତକବି ଅଚ୍ୟୁତାନନ୍ଦ 'ହରିବଂଶଚରିତ'କୁ ବିସ୍ତୃତ ଭାବରେ ସାତ ଖଣ୍ଡରେ ଲେଖିଥିଲେ; ନାରାୟଣଙ୍କ ପରେ ମହାଭାରତ ରଚୟିତା କୃଷ୍ଣସିଂହ ହରିବଂଶର ଅନୁବାଦ କରିଛନ୍ତି । କିନ୍ତୁ ସଂକ୍ଷିପ୍ତ ହରିବଂଶ ଚରିତ ଅନୁସନ୍ଧିତ୍ସୁ-ମାନଙ୍କ ପାଖରେ ନାରାୟଣଙ୍କ ହରିବଂଶ ହିଁ ଆଦୃତ ହୋଇଥାଏ । ସଂକ୍ଷିପ୍ତ କଳେବର ଯୋଗୁଁ ନାରାୟଣଙ୍କ ହରିବଂଶ 'ଖଣ୍ଡିଆ ହରିବଂଶ' ନାମରେ ପରିଚିତ । ଅଚ୍ୟୁତାନନ୍ଦଙ୍କ ହରିବଂଶ ସାଧାରଣତଃ 'ସାତଖଣ୍ଡିଆ ହରିବଂଶ' ନାମରେ ପରିଚିତ ।

କବିଙ୍କ ସମୟ ନିର୍ଦ୍ଦିଷ୍ଟ ଭାବରେ ଜଣାଯାଇନଥିଲେ ମଧ୍ୟ ସେ ନୃସିଂହପୁରାଣ ଲେଖକ ପୀତାମ୍ବର ଦାସଙ୍କ ପୂର୍ବବର୍ତ୍ତୀ ଥିଲେ । ପୀତାମ୍ବରଙ୍କ ସାତଜଣ ଭକ୍ତରୁ ନାରାୟଣ ଦାସ ଚତୁର୍ଥ ଜଣ । ଏଥିରୁ ଜଣାଯାଉଛି ଯେ ପୀତାମ୍ବରଙ୍କ ଜନ୍ମ ପୂର୍ବରୁ ନାରାୟଣଙ୍କ ସ୍ୱର୍ଗପ୍ରାପ୍ତି ହୋଇଥିଲା । ପୀତାମ୍ବର ଅଷ୍ଟାଦଶ ଶତାବ୍ଦୀର ଶେଷାର୍ଦ୍ଧରେ ନୃସିଂହପୁରାଣ ରଚନା କରିଥିଲେ ।

ଖ୍ରୀ. ୧୭୭'ରେ ନୃସିଂହପୁରାଣର ପ୍ରଥମ ରତ୍ନାକର ରଚିତ ହୋଇଥିଲା । କବି ପୀତାମ୍ବର ଖ୍ରୀ: ୧୭୩୫ କିମ୍ବା ତାହାର ପଞ୍ଚାଶଟି ବର୍ଷ ପୂର୍ବରୁ ଜନ୍ମଗ୍ରହଣ କରିଥିଲେ । କବିଙ୍କ ଜୀବନ ସମ୍ବନ୍ଧରେ ଅନ୍ୟ କିଛି ଉପାଦାନ ମିଳୁନାହିଁ ।

ଚତୁର୍ଥ କଳ୍ପରେ ହେଲି ନାରାୟଣ ଦାଶ
ବାଖାଣିଲି ପୁରାଣ ହରିବଂଶ ଗୀତରସ ।
( ୨୧ ରତ୍ନାକର, ନୃ: ପୁ: ୨୩୫, (ପ୍ରା: ଭା. ବିଭାଗ)

କବି ଚତୁର୍ଦ୍ଦଶାକ୍ଷରୀ ବୃତ୍ତରେ ହରିବଂଶଟି ରଚନା କରିଛନ୍ତି । ଆଦି ମହାକବି ସାରଳା ଦାସଙ୍କ ପ୍ରଦର୍ଶିତ ମାର୍ଗ ଅନୁସରଣ କରି ନାରାୟଣ ସ୍ଥଳବିଶେଷରେ ଉପଦେଶମୂଳକ ପଦ୍ୟ ଗଦ୍ୟ-ପୁରାଣ ରଚନା କରିଛନ୍ତି । କବି ଗ୍ରନ୍ଥାନ୍ତରେ ଭଣିତାଅଙ୍କ ଦ୍ୱାରା ସ୍ୱପରିଚୟ ଦେଇ ନିଜର ଅଭିଳାଷ ଜ୍ଞାପନ କରିଛନ୍ତି । କବି ସାରଳାଙ୍କ ଆଜ୍ଞାରେ ହରିବଂଶ ରଚନା କରିଥିବା ବ୍ୟକ୍ତ କରିଛନ୍ତି ।

ହରିବଂଶ କହିବାକୁ ବୋଇଲେ ଶ୍ରୀଧର
ମୋର ମୁଖରେ କଥା ହେବ ଉଚ୍ଚାର ।
ଶ୍ରୀକୃଷ୍ଣର ଦୟା ଯେବେ ହେବ ମୋ ହୃଦରେ
ହରିବଂଶ ପ୍ରସ୍ତର ମୁଁ କରିବି ସମାସେ ।
ଅଷ୍ଟାଦଶ ପର୍ବ ହେଲା ତାହା ମୁଁ ଲେଖିବି
ହରିବଂଶ ଚଉତି ସେହି ପ୍ରକାଶ କରିବି ।
ହରିବଂଶ ଶ୍ରୀକୃଷ୍ଣ ମୁଖରୁ ବାହାରି
ଶୁଣି ସେତେବେ ପ୍ରସନ୍ନ ହେଲେ ଜଗଦୀଶ୍ୱର ।
ତେବେ ସେହି ହରିବଂଶ କରିବି ଭଣିତ
ହରିବଂଶ ପୁରାଣ କ ... ଜଗନ୍ନାଥ ।

ଭାଗବତ ଚରିତକୁ ସଂକ୍ଷିପ୍ତ କରି ହରିବଂଶ ରଚିତ ହୋଇଥିବା କବି ବ୍ୟକ୍ତ କରିଛନ୍ତି ।

ଭାଗବତ ସଂକ୍ଷେପିଣ କରି ହରିବଂଶ
ଶ୍ରୀହରି ଚରଣେ ନମେ ନାରାୟଣ ଦାସ ।

ଶୁକମୁନି ପରୀକ୍ଷିତଙ୍କୁ ଏହି ହରିବଂଶଚରିତ କହୁଥିବାରୁ ଶୁକ-ପରୀକ୍ଷିତ ସମ୍ବାଦରେ ଛନ୍ଦଟି ରଚିତ ହୋଇଛି ।

ବୈକୁଣ୍ଠ ବର୍ଣ୍ଣନା, ସୃଷ୍ଟି ସର୍ଜନା, ସମୁଦ୍ର ମନ୍ଥନ, କଂସ ଜନ୍ମ, ଦେବକୀ-ବସୁଦେବ ବିବାହ, କୃଷ୍ଣବଳରାମଙ୍କ ଜନ୍ମ, କୃଷ୍ଣବଳରାମଙ୍କ ଗୋପଲୀଳା, ମଥୁରାଲୀଳା, ଦ୍ୱାରକା ଲୀଳା, କୃଷ୍ଣଙ୍କ ଦେହତ୍ୟାଗ । ଶେଷରେ କୃଷ୍ଣ ଜଗନ୍ନାଥ ରୂପେ ଅବସ୍ଥିତ ଇତ୍ୟାଦି ଚରିତ ଏଥିରେ ବର୍ଣ୍ଣିତ ହୋଇଛି ।

ନାରାୟଣ ଦାସଙ୍କୁ ସ୍ୱୟଂ ବିଷ୍ଣୁ ଲେଙ୍କାଟିଏ ହୋଇ ଗ୍ରନ୍ଥରଚନା କରିବା ନିମନ୍ତେ ସ୍ୱପ୍ନରେ ଆଦେଶ ଦେଇଥିବା କଥା ପ୍ରକାଶ କରିଛନ୍ତି । ଦେବଦେବୀମାନଙ୍କ ସ୍ୱପ୍ନାଦେଶ, ଗୁରୁଙ୍କ ଆଦେଶ ଓଡ଼ିଶାର ବହୁ କବିଙ୍କ ଜୀବନରେ ଘଟିଥିବା ସେମାନଙ୍କ ଗ୍ରନ୍ଥମାନଙ୍କରୁ ଜଣାଯାଏ । ସାରଳା ଦାସ, ବଳରାମ ଦାସ ପ୍ରଭୃତି କବିମାନେ ଏହିପରି ପ୍ରସଙ୍ଗ ସ୍ୱମାନଙ୍କରଚିତ ପଦ-ମାନଙ୍କରେ ବ୍ୟକ୍ତ କରିଛନ୍ତି । ଭକ୍ତି ପକ୍ଷରେ ଏହା ସ୍ୱାଭାବିକ ମନେ ହେଲେ ମଧ୍ୟ ଶୁଦ୍ଧାଶୁଦ୍ଧ ଦୋଷରୁ ମୁକ୍ତି ପାଇବାର ଏହା ଏକ ଉପାୟ ମଧ୍ୟ । ଭକ୍ତକବି ନାରାୟଣ ଲେଖିଛନ୍ତି—

ଶ୍ରୀକୃଷ୍ଣ ନାମ ଧରନ୍ତେ ଅନୁକୂଳ ହେଲେ
ଲେଙ୍କକ ଗୋଟିଏ ମୋତେ ଖଣାଖାଲେ ଦେଲେ ।
ଏହି ସେ ଆଦେଶ ଦେଲେ ଚକ୍ରଧର
ତୁ ଯାହା ଲେଖିବୁ ତାହା ହରିବଂଶ ସାର ।

( ପୁ: ୭୩ ଓ: ଭା: କର୍ମାଳା )

କବି ନେତ୍ରାନ୍ଧ ଥିଲେ । ସମ୍ପୂର୍ଣ୍ଣ ଗ୍ରନ୍ଥଟି ସେ ଅଧ୍ୟୟନ କରିଥିବା ସେ କହିଛନ୍ତି ।

ଶ୍ରୀକୃଷ୍ଣ ଚରିତ ଏହୁ ଅଟଇ ଅପାର
ବେଦାଧ୍ୟାୟୀ ହେବୁ ସୁପ୍ରସନ୍ନ ଚକ୍ରଧର ।
ସକଳ ବେଦ ଗୋଟିକ ଯେ ମୋର ଅଧ୍ୟୟନ
ଶ୍ରୀକୃଷ୍ଣ ଅଙ୍ଗରେ ମୁହିଁ କଲଇ ରଚନ ।

ସୁରବଂଶ ହୋଇଲେ ଯେଣୁ ଜନ ଧର୍ମ
ତେଣୁ ମୁଁ କୃତାର୍ଥ ହେଲି ତାହାଙ୍କ ସ୍ୱଦେଶ ।
ଶ୍ରୀହରି ଚରିତ ମୋର ନିତ୍ୟ ହିଁ ଅଭ୍ୟାସ
ହରିନାମ ସୁମରଇ ନାରାୟଣ ଦାଶ । (ପୃ: ୭୮)

କବି ଗ୍ରନ୍ଥର ସ୍ଥାନେ ସ୍ଥାନେ ନିଜକୁ "ଜନମରୁ ମୂର୍ଖ ମୁହିଁ ଅଟେ ବାଳ ଜାଣ" ବୋଲି ପରିଚିତ କରାଇଥିଲେ ମଧ୍ୟ ଏହା ତାଙ୍କର ବୈଷ୍ଣବୋଚିତ ଦୈନ୍ୟ ଛଡ଼ା ଅନ୍ୟ କିଛି ନୁହେଁ । ସେ ପ୍ରକୃତରେ ସୁଶିକ୍ଷିତ, ଶାସ୍ତ୍ରଦର୍ଶୀ, ବୈଷ୍ଣବ, ସାଧୁସଙ୍ଗ ସେବକ ଓ ହରିଚରଣ ଆଲୋଚକ ।

ଶ୍ରୀକୃଷ୍ଣଙ୍କ ଲୀଳାମାନ ଅଟେ ଦିବ୍ୟରସ
ଚରଣେ ଶରଣ ମାଗେ ନାରାୟଣ ଦାଶ ।
ବିପ୍ରକୁଳେ ଜନ୍ମ ମୋର ନ ଜାଣଇ କିଛି
ସନ୍ଥଜନ ମୁଖରୁ ଯାହା ମୁଁ ଶୁଣିଛି ।

କୃପାନିଧି କୃପାକରି ଯେବେ ଦେବ ସାହା
ତେବେ ଆପଣଙ୍କ କଥା ମୁହିଁ ଲେଖିବଇଁ । (ପୃ: ୯୧)

କବି ସ୍ୱକପୋଳ-କଳ୍ପନା-ବିଳାସୀ ନୁହନ୍ତି ; ସେ ବେଦାଧ୍ୟାୟୀ ହେବାରୁ ବେଦାନ୍ତଶାସ୍ତ୍ରସମ୍ମତ ତତ୍ତ୍ୱର ଚର୍ଚ୍ଚା କରିଛନ୍ତି ।

ବେଦାନ୍ତ ଶାସ୍ତ୍ର ମତରେ କହୁଛି ଭକତ
ଅପରାଧ କ୍ଷମା ମୋର କର ଜଗନ୍ନାଥ । (ପୃ: ୧୮୧)

ଶ୍ରୀମଦ୍‌ଭାଗବତ ବର୍ଣ୍ଣିତ କଥା ଓ ତତ୍ତ୍ୱକୁ କବି ସ୍ୱ ଇଚ୍ଛାନୁସାରେ ସଂକଳନ କରି ଏହି ଗ୍ରନ୍ଥରେ ସ୍ଥାନ ଦେଇଛନ୍ତି ।

ଭକ୍ତଙ୍କ ବର୍ଣ୍ଣନାନୁଯାୟୀ ବଡଦେଉଳ । ବଳଭଦ୍ରମୂର୍ତ୍ତି ତାହା ଏଥିରେ ସ୍ଥାନ ପାଇନାହିଁ କହିଲେ ଚଳେ । ଭାଷା ମାର୍ଜିତ ।

ନୀଳଗିରିରେ ଶ୍ରୀକୃଷ୍ଣଙ୍କ ଅନ୍ତର୍ଦ୍ଧାନ ପ୍ରସଙ୍ଗ ଓଡ଼ିଶାର ଚନ୍ଦ୍ର ଦାସ ବର୍ଣ୍ଣନା କରିଛନ୍ତି । ଶ୍ରୀକୃଷ୍ଣଙ୍କ ମୃତଶରୀରକୁ ପାଣ୍ଡବମାନେ ଦ୍ୱାରକାର ସମୁଦ୍ରକୂଳରେ ଦାହ କରୁଥିବା ବେଳେ ସେମାନଙ୍କୁ ଦୈବବାଣୀ ଶୁଣାଗଲା ବୋଲି କବି ନାରାୟଣ କହିଛନ୍ତି ଏବଂ ଏହି ଦୈବବାଣୀ ଅନୁସାରେ ପାଣ୍ଡବମାନେ କାର୍ଯ୍ୟକାରୀ ହୋଇଥିଲେ । ଅଗ୍ନି ସଂଯୋଗର ସୂତ୍ରାନ୍ତ ଦେବା ପରେ ସାତ ଦିନ ସାତ ରାତି ଜଳିଥିଲେ ମଧ୍ୟ ଶ୍ରୀକୃଷ୍ଣଙ୍କ ମୃତ ଦେହକୁ ସେମିତିଏ ରହିଲେ ଜଳିଲା ନାହିଁ । ଏହା ଦେଖି ପାଣ୍ଡବମାନେ ବେଦନ ଭୋଗିବାରୁ ଦୈବବାଣୀ ହେଲା—

ଅଟଇ ଈଶ୍ୱର ଭସ୍ମ ଦହନକୁ ନୋହେ
କେଉଁ ଛଳ ପାଇ ଭସ୍ମେ ନାରାୟଣେ ପୋଡ଼େ ।
ଏବେ ଅଗ୍ନିରୁ କାଢ଼ିଣ ସମୁଦ୍ରରେ ମେଲ ।
ଜଗନ୍ନାଥ ନଗରକୁ ଯେ ବେଗ ହୋଇ ଚାଲ ।

ଭବିଷ୍ୟତ ବକ୍ତା ସହଦେବ, ଧର୍ମଦେବ ଯୁଧିଷ୍ଠିରଙ୍କୁ କହିଲେ—

ସହଦେବ ତାହା ଶୁଣି ଧର୍ମଙ୍କୁ କହିଲା
ଦ୍ୱାପର ଶେଷରେ କଳି ପ୍ରବେଶ ହୋଇଲା ।
ହୋଇବେ ବଉଦ୍ଧ ରୂପ ଚତୁର୍ଦ୍ଧାବତାର
ବିଜୟ କରିବେ ଯାଇ ଶ୍ରୀନୀଳକନ୍ଦର । (ଶେଷାଂଶ)

କବି ଦଶାବତାର ବର୍ଣ୍ଣନାରେ ମଧ୍ୟ ଜଗନ୍ନାଥଙ୍କୁ ବୌଦ୍ଧାବତାର ବୋଲି କହିଛନ୍ତି ।

ବଉଦ୍ଧ ରୂପରେ କଳି ଚତୁର୍ଦ୍ଧାବତାର
ବିଜୟ କଲ ଯାଇଣ ଶ୍ରୀନୀଳକନ୍ଦର । (ଶେଷାଂଶ)

ସୃଷ୍ଟି ସର୍ଜନା କାଳରେ ନୀଳଗିରି ଜଗନ୍ନାଥଙ୍କ ଅସ୍ଥାନ ଥିବା କଥା ଷଷ୍ଠାଧ୍ୟାୟରେ ବର୍ଣ୍ଣନା କରିଛନ୍ତି ।

## ମହାଦେବ ଦାସ

ମହାଦେବ ଦାସ ବସ୍ତ୍ରକେଶରୀ ପୁରାଣ, ମାର୍କଣ୍ଡେୟ-ପୁରାଣ, କାର୍ତ୍ତିକ ମାହାତ୍ମ୍ୟ, ନୀଳାଦ୍ରି ମହୋଦୟ ପ୍ରଭୃତି କେତେକ ପୁରାଣ ରଚନା କରିଥିବା ଜଣାଯାଏ । ଓଡ଼ିଆ ପୁରାଣ ସାହିତ୍ୟକୁ ଅଳଙ୍କୃତ ମହାଦେବ ଦାସ ଯଥେଷ୍ଟ ସମୃଦ୍ଧିଶାଳୀ କରିଛନ୍ତି । ସେ ଜଣେ ମହାକବି । ସାରଳା ଦାସଙ୍କ ମହାଭାରତ, ବଳରାମ ଦାସଙ୍କ ରାମାୟଣ, ପୀତାମ୍ବରଙ୍କ ନୃସିଂହପୁରାଣ ପ୍ରଭୃତି ପ୍ରସିଦ୍ଧ ପୁରାଣମାନଙ୍କ ପରି ବସ୍ତ୍ରକେଶରୀ ପୁରାଣ ଏକ ମହାକାବ୍ୟ ।

ତାଙ୍କ ଭାଷା ସରଳ ଓ ମାର୍ଜିତ । ତାଙ୍କ ଗ୍ରନ୍ଥମାନଙ୍କ ଭିତରେ ବସ୍ତ୍ରକେଶରୀ ପୁରାଣ, କାର୍ତ୍ତିକ ମାହାତ୍ମ୍ୟ, ମାର୍କଣ୍ଡେୟ ପୁରାଣ, ଭଗବତ [illegible] ଓ [illegible] ଯଜ୍ଞ ବହୁଳନାଦୃତ ପୁରାଣ ।

କବି ଶୂଦ୍ରକୁଳରେ ଜନ୍ମ ଗ୍ରହଣ କରିଥିବା କଥା ସେ ଗ୍ରନ୍ଥମାନଙ୍କର ବହୁ ସ୍ଥାନରେ ବ୍ୟକ୍ତ କରିଛନ୍ତି । ମହାଦେବଙ୍କ ପିତାଙ୍କ ନାମ ଲକ୍ଷ୍ମଣ ।

> ସେ ଶୂଦ୍ର କୁଳେ ଲକ୍ଷ୍ମଣ ଦାସ ଉତ୍ପତ୍ତି
> ମହାଦେବ ଦାସ ମୁଁ ସେ ତାହାଙ୍କ ସନ୍ତତି । (କେଶରୀ ପୁରାଣ)

ଶୂଦ୍ର ଜାତିରେ ଜନ୍ମ ଗ୍ରହଣ କରିଥିଲେ ବୋଲି ମହାଦେବଙ୍କ ମନରେ ହେୟଜ୍ଞାନର ଛାୟା ପଡ଼ିନଥିଲା; ସେ ବରଂ ଗୌରବ ଅନୁଭବ କରୁଥିଲେ । ଶୂଦ୍ର ଜାତି ବ୍ରହ୍ମାଙ୍କ ପାଦରୁ ଉତ୍ପନ୍ନ ଥିବାରୁ କବି ଏ ଜାତିର ମହାନ କୀର୍ତ୍ତନ କରି ପ୍ରତ୍ୟେକ ଜାତିର ସାର୍ଥକ୍ୟ ଥିବା ବ୍ୟକ୍ତ କରିଛନ୍ତି; କେହି ସେପରି ଶୂଦ୍ର କୁଳରେ ଜନ୍ମ ହେଲେ ବୋଲି ନିଜକୁ ହେୟ ମନେ ନକରନ୍ତୁ, ଏହା ହିଁ କବିଙ୍କ ଲକ୍ଷ୍ୟ । ଏହାଦ୍ୱାରା ସେ ସାମାଜିକ ସମତା ଦର୍ଶାଇ ସମାଜର ସମୂହ କଲ୍ୟାଣ କରିଛନ୍ତି ।

ପାଦପଦ୍ମ ହୃଦେ ଧରି ହୋଇଣକ ଜାତ
ପାଦପଦ୍ମ ମହିମା ଯେ ଜାଣିଲେ କହନ୍ତ । (ମାː ପୁː, ଶେଷାଂଶ)

ବିଷ୍ଣୁକେଶରୀ ପୁରାଣରେ ମଧ୍ୟ ସେ ଅନୁରୂପ ଭାବ ବ୍ୟକ୍ତ କରିଛନ୍ତି ।

ସେ ସ୍ଥଳ ବିଶେଷରେ ନିଜକୁ "ମୁହିଁ ସର୍ବେ ଯେ ଶୂଦ୍ର, ଜାତି ଅପଣ୍ଡିତ" ବୋଲି ପରିଚିତ କରାଇଥିଲେ ମଧ୍ୟ ଏହା ତାଙ୍କର ଧର୍ମ-ସମ୍ପୃକ୍ତ ତଥା ନମ୍ରତା ଓ ବୈଷ୍ଣବୀୟଜନିତ ଦୈନ୍ୟ ଉକ୍ତି ମାତ୍ର ।

ଉକ୍ତ ବିଷ୍ଣୁକେଶରୀ ପୁରାଣ ରଚନା ସମୟ ଭିତରେ ପୁରୀରେ ଅବସ୍ଥାନ କରିଥିବାର ସୂଚନା ଦ୍ୱିତୀୟ ସର୍ଗରେ ଜଗନ୍ନାଥ ବନ୍ଦନାତ୍ମକ ପ୍ରସଙ୍ଗରୁ ଜଣାଯାଏ । ମାର୍କଣ୍ଡେୟ ପୁରାଣରେ ମଧ୍ୟ ଉକ୍ତ ପୁରୀବାସର ସୂଚନା ଦେଇଛନ୍ତି ।

ଜଗନ୍ନାଥ ସ୍ୱାମୀ ନୀଳକନ୍ଦର ନିବାସ
ତାହାଙ୍କୁ ସେବିଲି ମୁହିଁ ମହାଦେବ ଦାସ ।
ତେଣୁ ସରସ୍ୱତୀ ଦେବୀ ଦୟା କଲେ ମୋତେ
ପବିତ୍ର ପୁରାଣ ମୋର ସ୍ଫୁରଣିଲ ଚିତ୍ତେ । (ମଙ୍ଗଳାଚରଣ ଅଂଶ)

ମହାଦେବ ଦାସ ନୃସିଂହ ପୁରାଣ ରଚୟିତା ପୀତାମ୍ବର ଦାସଙ୍କ ପୂର୍ବବର୍ତ୍ତୀ ଏହା ସ୍ପଷ୍ଟ । କାରଣ, ପୀତାମ୍ବର ଦାସ ନୃସିଂହ ପୁରାଣରେ ନିଜର ପୂର୍ବଜନ୍ମ ବର୍ଣ୍ଣନା ପ୍ରସଙ୍ଗରେ ସେ ପଞ୍ଚମ ଜନ୍ମରେ ମହାଦେବ ଦାସ ଥିଲେ ଏବଂ ବିଷ୍ଣୁକେଶରୀ ପୁରାଣ ରଚନା କରିଥିଲେ ବୋଲି ଲେଖିଛନ୍ତି ।

ପଞ୍ଚମ ଜନ୍ମେ ମହାଦେବ ଦାସ ହେଲି ମୁହିଁ
ବିଷ୍ଣୁକେଶରୀ ଯେ ବିଷ୍ଣୁ ପ୍ରସାଦେ ଲହି ।
(୨ୟ ରତ୍ନାକରː ନୃ· ପୁ· ; ପୃ· ୨୩୫ – ସ୍ୱ. ଉ· ପୁସ୍ତକାଳୟ)

ବିଷ୍ଣୁକେଶରୀ ପୁରାଣ—ବିଷ୍ଣୁ ସିଂହ ବା କେଶରୀ ଅବତାର ହୋଇଥିବାରୁ ଏହି ପୁରାଣକୁ 'ବିଷ୍ଣୁକେଶରୀ ପୁରାଣ' ବୋଲି ମହାଦେବ ନାମ ଦେଲେ ।

ଶୁଣି ଆନନ୍ଦ ହୋଅ ଜନେ ଏ ଭବ୍ୟ ପୁରାଣ
ଶ୍ରୀ ବିଷ୍ଣୁକେଶରୀ ବୋଲି ବିଦିତ ଭୁବନ ।
ବିଷ୍ଣୁ ସିଂହ ଅବତାର ହୋଇଥିଲେ ଯେଣୁ
ବିଷ୍ଣୁକେଶରୀ ପୁରାଣ ନାମ ଅଟେ ତେଣୁ ।

(୧ମ ସର୍ଗ — ପୃ: ୫, ଦାଶରଥି ପୁସ୍ତକାଳୟ)

ଏହି ଗ୍ରନ୍ଥାରମ୍ଭରେ ନୈମିଷାରଣ୍ୟରେ ବ୍ୟାସଦେବ ଓ ମୁନିମାନଙ୍କର କଥୋପକଥନ ପ୍ରସଙ୍ଗରେ କହୁଛନ୍ତି ଯେ କଳିକାଳ ନିକଟ ହୋଇ ଆସୁଥିବାରୁ ସଂସ୍କାର ନଷ୍ଟ ହେଲେ ଧ୍ୱଂସ ହେବ ଏବଂ ଧର୍ମ ଭ୍ରଷ୍ଟ ଅଧର୍ମରେ ଲୋକେ ରତ ହେବେ । ଏଥିରେ ଉତ୍ତେଜିତ ମୁନିମାନେ ନୈମିଷାରଣ୍ୟକୁ ଚାଲିଗଲେ । ଏହି ଭୟରୁ ପରିତ୍ରାଣ ପାଇବା ନିମନ୍ତେ ସେମାନେ ଏକ ଯଜ୍ଞର ଅନୁଷ୍ଠାନ କରିବାକୁ ସ୍ଥିର କରି ବ୍ୟାସଦେବଙ୍କୁ କହିଲେ ।

ଯଜ୍ଞ ଆରମ୍ଭିଲେ ମୁନି ମିଳିଣ ବହୁତ
କେତେଦିନ ନ ଲାଗିବ ଯେତେକ କଳି ଭୟ ।

ଏଥିରୁ ଉପାୟ କରିବା ପାଇଁ ମୁନିମାନେ ବ୍ୟାସଦେବଙ୍କୁ ଅନୁରୋଧ କଲେ । ବ୍ୟାସ ମୁନିମାନଙ୍କୁ କହିଲେ—"ପ୍ରାଣିଙ୍କର ହୃଦେ ରଜ ଦେଖି ଭୂମି ଭୟ" ନୃସିଂହ ଅଚ୍ୟୁତ ଜନଙ୍କୁ ଦୟା କରିବେ । ଏହିଠାରେ ବର୍ଷି ଋଷିମାନେ "ଏହିକଥା କୁହାବୋଲି ତୃପ୍ତ ହେବା ନାହିଁ ।" ବ୍ୟାସଙ୍କ ଆଦେଶରେ ମୁନିମାନଙ୍କ ଅନୁରୋଧକ୍ରମେ ସୂତ ମୁନି ବିଷ୍ଣୁଙ୍କ ମହିମା ଓ ପ୍ରହ୍ଲାଦଙ୍କ ଭକ୍ତି ପ୍ରସଙ୍ଗ ବର୍ଣ୍ଣନା କଲେ । ଏହା ହିଁ ବିଷ୍ଣୁକେଶରୀ ପୁରାଣର ମୁଖ୍ୟ ବିଷୟବସ୍ତୁ ।

ବ୍ୟାସଦେବଙ୍କ ମହିମା ଦୃଷ୍ଟିଗତ ଭକ୍ତ
ଧର୍ମମାନଙ୍କ ସ୍ଥାପନେ ଯେବା ପ୍ରକାଶ କଲି ।
ସେ କଥା ଶୁଣ ଅନ୍ତ ଅନେକ ଏବେ କହୁ
ଅଶେଷ କଳ୍ମ ପୁତ୍ରମାନଙ୍କୁ ଯେ ଦହୁ । (୧ମ ସର୍ଗ)

ମହାଦେବ ଦାସ ପାଞ୍ଚଟି ସର୍ଗ ସର୍ଗରେ ପୁସ୍ତକଟି ଚତୁର୍ଦ୍ଦଶାକ୍ଷର ବୃତ୍ତରେ ରଚନା କରିଛନ୍ତି । ବସ୍ତୁଟି ପୁରାଣାନୁଗ । ଭାଷା ବେଶ ସରଳ ହୋଇଛି ।

ପ୍ରଥମ ସର୍ଗ—ମାନଧାତା ଉପାଖ୍ୟାନ, ଅମ୍ବରୀଷର ଉପାଖ୍ୟାନ, ସୃଷ୍ଟି ବର୍ଣ୍ଣନା, ବ୍ରହ୍ମା ଓ ଶିବ ପ୍ରଭୃତିଙ୍କ ଆବିର୍ଭାବ, ଜୟ ବିଜୟଙ୍କୁ ସନକାଦିର ଅଭିଶାପ ପ୍ରଦାନ, ହିରଣ୍ୟକଶିପୁ ଓ ହିରଣ୍ୟାକ୍ଷଙ୍କ ଜନ୍ମ, ବିଦ୍ୟାଶିକ୍ଷା, ତପସ୍ୟା, ବରପ୍ରାପ୍ତି, ଦିଗ୍‌ବିଜୟ । ହିରଣ୍ୟାକ୍ଷର ମୃତ୍ୟୁ ।

ଦ୍ୱିତୀୟ ସର୍ଗ—ସ୍ୱର୍ଗପୁରକୁ ବୃତ୍ରାସୁରର ଯୁଦ୍ଧଯାତ୍ରା, ଦେବାସୁର ଯୁଦ୍ଧ, ଦେବତାମାନଙ୍କର ବିଷ୍ଣୁଙ୍କପାଖରେ ଗୁହାରି, ବିଷ୍ଣୁଙ୍କ ବର, ଦଧୀଚିଙ୍କ ଅସ୍ଥି ପ୍ରଦାନ, ଇନ୍ଦ୍ରଙ୍କ ବଜ୍ରନିର୍ମାଣ, ବୃତ୍ରାସୁରର ମୃତ୍ୟୁ, ହିରଣ୍ୟ-ଇନ୍ଦ୍ର ଯୁଦ୍ଧ ଓ ଇନ୍ଦ୍ରଙ୍କ ପରାଜୟ, ଦେବତାମାନଙ୍କ ସହ ହିରଣ୍ୟର ପୁନର୍ବାର ଯୁଦ୍ଧ ଓ ଜୟ, ପ୍ରହ୍ଲାଦର ଜନ୍ମ ଓ ବାଲ୍ୟଜୀବନ, ଦେବତାମାନଙ୍କର ପୁନର୍ବାର ଅଧିକାର ପ୍ରାପ୍ତି, ପ୍ରହ୍ଲାଦଙ୍କ ବିଦ୍ୟାଧ୍ୟୟନ, ପ୍ରହ୍ଲାଦର ତତ୍ତ୍ୱଜ୍ଞାନ କଥନ, ହିରଣ୍ୟର ପ୍ରହ୍ଲାଦଙ୍କୁ ରାଜନୀତି ଶିକ୍ଷା ପ୍ରଦାନ, ପ୍ରହ୍ଲାଦ ଉପରେ ହିରଣ୍ୟଙ୍କ କୋପ, ପ୍ରହ୍ଲାଦଙ୍କ ଉପରେ ମହାଗିରି ସ୍ଥାପନ ଓ ସମୁଦ୍ରରେ କ୍ଷେପଣ ।

ତୃତୀୟ ସର୍ଗ—ହିରଣ୍ୟର ମୃତ୍ୟୁ, ପ୍ରହ୍ଲାଦଙ୍କ ବିବାହ, ରାଜ୍ୟ ଶାସନ, ଐଶ୍ୱର୍ଯ୍ୟ, ବାନପ୍ରସ୍ଥାଶ୍ରମ ଗ୍ରହଣ ଓ ସ୍ୱର୍ଗ ପ୍ରାପ୍ତି ।

ଚତୁର୍ଥ ସର୍ଗ—ହିରଣ୍ୟର ନାତି ଓ ପ୍ରହ୍ଲାଦଙ୍କ ପୁଅ ବୈରୋଚନ ସହିତ ଦେବତାମାନଙ୍କ ଯୁଦ୍ଧ । ମୟ ଦୈତ୍ୟର ମାୟା, ପୁନର୍ବାର ଯୁଦ୍ଧ । ବିଷ୍ଣୁଙ୍କ ଅମୃତ ହରଣ । ବୈରୋଚନର ମୃତ୍ୟୁ ।

ପଞ୍ଚମ ସର୍ଗ—ସମୁଦ୍ର ମନ୍ଥନ, ଲକ୍ଷ୍ମୀ ଅମୃତାଦିର ଉତ୍ପତ୍ତି, ବିଷ୍ଣୁଙ୍କ ଅମୃତ ହରଣ, ଦେବ-ଅସୁର ଯୁଦ୍ଧ, ଦେବତାମାନଙ୍କ ପରାଜୟ, ବଳିର ଯଜ୍ଞ, ବାମନ ଜନ୍ମ, ବଳିଙ୍କୁ ବାମନଙ୍କ ଦାନ ଭିକ୍ଷା, ବଳିର ପାତାଳପୁରରେ ଅବସ୍ଥାନ ।

ବିଷ୍ଣୁଙ୍କ ନୃସିଂହାବତାରରେ ବିଷ୍ଣୁ ନୃସିଂହ ରୂପେ ସ୍ତମ୍ଭରୁ ଅବତୀର୍ଣ୍ଣ ହୋଇ ଦୁଷ୍ଟ ହିରଣ୍ୟାକ୍ଷକୁ ବଧ କରିଥିଲେ । ଏହି ପ୍ରସଙ୍ଗଟି କେବଳ ନୃସିଂହାବତାର ଚରିତ ପୁରାଣର ମୁଖ୍ୟ ବିଷୟ । ମାତ୍ର ଏହା ବ୍ୟତୀତ ବରାହ, ବାମନ ଅବତାରର ସଂକ୍ଷିପ୍ତ ଚରିତ ମଧ୍ୟ ପୁରାଣରେ ଦିଆଯାଇଛି । ପ୍ରଥମର ଅର୍ଦ୍ଧ, ଦ୍ୱିତୀୟ ଓ ତୃତୀୟ ସର୍ଗର କେତେକାଂଶ ସୃଷ୍ଟି-ପ୍ରଳୟ ଚରିତ ଅଧିକାର କରିଛି । ସୃଷ୍ଟି ରଚନା ପ୍ରକରଣ, ବିଭିନ୍ନ ଉପାଖ୍ୟାନ, ଧ୍ରୁବ ଓ ନାରଦ ଚରିତ, ବିଭିନ୍ନ ଭକ୍ତି ଉପଦେଶାଦି ବର୍ଣ୍ଣନ ଅବଶିଷ୍ଟ ସ୍ଥାନ ଅଧିକାର କରିଛି ।

ସେ ସରଳ ମନୋଜ୍ଞ ଭାଷାରେ ପୁରାଣଟିକୁ ଲେଖିଥିଲେ ଏବଂ ଏହି କାରଣରୁ ଏହାର ପ୍ରଭାବ ବିଶେଷ, ଭକ୍ତଙ୍କ ଉପରେ ପଡ଼ିଛି ।

ପରବର୍ତ୍ତୀ ସମୟରେ ପୀତାମ୍ବର ଦାସ ନୃସିଂହ ପୁରାଣ ଲେଖି ନୃସିଂହଙ୍କ ମାହାତ୍ମ୍ୟ ମୁଖ୍ୟ ଭାବରେ କୀର୍ତ୍ତନ କରିଥିଲେ । ପୀତାମ୍ବରଙ୍କ ପୁରାଣରେ ନୃସିଂହ, ଗଣେଶ, ଲକ୍ଷ୍ମୀ ପ୍ରଭୃତିଙ୍କ ଜନ୍ମ, ଗାଳିଗଞ୍ଜନ, ଦେବାଧ୍ୟାୟନ, ତତ୍ତ୍ୱ, ଯୁଦ୍ଧ ପ୍ରଭୃତି ପ୍ରସଙ୍ଗ ବର୍ଣ୍ଣିତ ହୋଇଥିବାରୁ ଏଥିପ୍ରତି ଅନେକ ପାଠକଙ୍କ ବିଶେଷ ଆଗ୍ରହ ଦେଖାଯାଏ । ବିଷ୍ଣୁକେଶରୀ ପୁରାଣରେ ମହାଦେବ କଳ୍ପନାକୁ ପ୍ରସାରିତ କରି ଶାସ୍ତ୍ରୀୟ ପ୍ରସଙ୍ଗାଦି ବର୍ଣ୍ଣନା କରିଛନ୍ତି । କିନ୍ତୁ, ପୀତାମ୍ବର ଏ କ୍ଷେତ୍ରରେ ଟିକିଏ ସ୍ୱାଧୀନ । ମହାଦେବ ବିଷ୍ଣୁଙ୍କ ବରାହ, ବାମନ ଓ ନୃସିଂହ ଅବତାର ଚରିତ ବର୍ଣ୍ଣନା କରିଛନ୍ତି । ପୀତାମ୍ବର ମତ୍ସ୍ୟ, ବରାହ, ବାମନ ଓ ନୃସିଂହ ଏ ଚାରି ଅବତାର ଚରିତ ବର୍ଣ୍ଣନା କରିଛନ୍ତି । ବିଷ୍ଣୁକେଶରୀ ପୁରାଣରେ ହିରଣ୍ୟ ଓ ତାହାର ଭ୍ରାତା ପ୍ରଦୋଷ ନୃସିଂହଙ୍କ ପ୍ରତିଦ୍ୱନ୍ଦ୍ୱୀ । ନୃସିଂହ ପୁରାଣରେ ମୁରୁ ଓ ଦାରୁଣ ପ୍ରତିଦ୍ୱନ୍ଦ୍ୱୀ ।

ମହାଦେବ ଦାସ ଜଣେ ବହୁପୁରାଣ ଲେଖକ ରୂପେ ଓଡ଼ିଶାରେ ବିଶିଷ୍ଟ ସ୍ଥାନ ଅଧିକାର କରିଛନ୍ତି । ବୈଷ୍ଣବତତ୍ତ୍ୱ ପ୍ରଚାରରେ ମହାକବି ମହାଦେବଙ୍କ ପୁରାଣଗୁଡ଼ିକ ବିଶେଷ ସାହାଯ୍ୟ କରିଛି । ତାଙ୍କ ବିବିଧ

ଷୋଡ଼ଶୋପଚାରରେ ଭକ୍ତିକଥନ ଓ ଉପାଖ୍ୟାନ ସ୍ୱାମୀଜୀଙ୍କ ଜୀବନରେ ପ୍ରଭାବ ବିସ୍ତାର କରିଛି । ଏହାଙ୍କ ପୁରାଣ ବ୍ରତକଥା ଅନେକ ଲୋକ କରିଥିବା ହେତୁରୁ ପୀତାମ୍ବର ଦାସ ନୃସିଂହପୁରାଣ ଅନୁକରଣ କରି ନୃସିଂହ ପୁରାଣ ରଚନା କରିଛନ୍ତି ଏବଂ ଏହାର ପୂର୍ବଜନ୍ମରେ ମହାଦେବ ଦାସ ଥିଲେ ବୋଲି ମୁକ୍ତ କଣ୍ଠରେ ସ୍ୱୀକାର କରିଛନ୍ତି ।

ପଦ୍ମପୁରାଣ, ଧର୍ମାଧର୍ମ, ଭକ୍ତି, ଉତ୍ପତ୍ତି, ସୃଜ୍ୟନାଶନ ଜପ, ଦେବା-ପୂଜା ସମ୍ପର୍କ, ଅହିଂସା ଧର୍ମ, ଜୀବବଧ ପାତକ, ଦୋଷରେ ଶାନ୍ତିବିଧାନ କଥା, ଦେବପୂଜାର ବିରୋଧ, ନରକ ବିଧାନ, କର୍ମଫଳ ଅଶୁଭସୂଚ, ତପସ୍ୟା ଓ ତପସ୍ୟାର କଠୋରତା, ସତ୍ୟନିଷ୍ଠ, ଅସୁରଧର୍ମ ପ୍ରଭୃତି ବିଷୟ ମହାଦେବ ଅତି ସରଳ ଅଥଚ ଦୃଢ଼ ଭାବରେ ବ୍ୟକ୍ତ କରି ସମାଜର ଅଶେଷ କଲ୍ୟାଣ ସାଧନ କରିଛନ୍ତି ।

କାର୍ତ୍ତିକ ମାହାତ୍ମ୍ୟ—କାର୍ତ୍ତିକରେ ଦାମୋଦର ପୂଜା ହୁଏ, ନିତ୍ୟ କାର୍ତ୍ତିକ ମାହାତ୍ମ୍ୟ ପାରାୟଣ ହୁଏ । ବିଷ୍ଣୁଭକ୍ତି ହିଁ ଏହି ମାହାତ୍ମ୍ୟର ମୁଖ୍ୟ ବିଷୟବସ୍ତୁ ।

ପଦ୍ମପୁରାଣ ଉତ୍ତରଖଣ୍ଡର ଦଶମ ଠିକେ ଠିକେ ଏଥିରେ ବର୍ଣ୍ଣିତ ହୋଇଛି । ସୂତ, ନାରଦ, ପୃଥୁ ପ୍ରଭୃତିଙ୍କ କଥନ ଛଳରେ ଏହି ରଚନା ହୋଇଛି । ପ୍ରସିଦ୍ଧ ଭାଗବତ ବୃତ୍ତ ବା ନବାକ୍ଷରୀ ବୃତ୍ତରେ କବି ଲେଖିଛନ୍ତି । ଦ୍ୱାତ୍ରିଂଶ ଅଧ୍ୟାୟ ବିଶିଷ୍ଟ ଏହି ମାହାତ୍ମ୍ୟ ବା ପୁରାଣଟି ଓଡ଼ିଶାର ସର୍ବତ୍ର ପଠିତ ହୁଏ ।

କୃଷ୍ଣଚରଣ ଓ କୃଷ୍ଣ ଗୁଣଗାନ କରି ମୁକ୍ତି ପାଇବା କାମନାରେ କବି ଏହି ଗ୍ରନ୍ଥ ରଚନା କରିଥିବା ବ୍ୟକ୍ତ କରିଛନ୍ତି । ଉପାଖ୍ୟାନ ଗୁଡ଼ିକ ସରଳ ଭାଷାରେ ଲିଖିତ ହୋଇଥିବାରୁ ହୃଦ୍ୟ ହୋଇଛି ।

ଏଥିରେ ଦେବଶର୍ମାଙ୍କ ମୋକ୍ଷ ( ୧ମ ), ସତ୍ୟଭାମାଙ୍କ ପୂର୍ବଜନ୍ମ ( ୨ୟ ), ଶଙ୍ଖାସୁର ବେଦ ହରଣ ( ୩ୟ ), ଶଙ୍ଖାସୁର ବଧ ( ୪ର୍ଥ ),

କାର୍ତ୍ତିକବ୍ରତ ପ୍ରଶଂସା (୫ମ), କାର୍ତ୍ତିକ ଉଦ୍ୟାପନ ଧର୍ମ (୬ଷ୍ଠ), ଜଳନ୍ଧର ଉତ୍ପତ୍ତି (୭ମ), ଦେବଲୋକ ରୋଧନ (୮ମ), ବିଷ୍ଣୁ ଜଳନ୍ଧର ସଂଗ୍ରାମ (୯ମ), ବିଷ୍ଣୁ ପ୍ରବେଶେ କାର୍ତ୍ତିମୁଖ ମହିମା (୧୦ମ), ଜଳନ୍ଧର ସଂଗ୍ରାମ (୧୧ଶ), ଜଳନ୍ଧର ମାୟାବଧନ (୧୨ଶ), ବିଷ୍ଣୁଙ୍କ ବୃନ୍ଦାବତୀ ହରଣ (୧୩ଶ), ଜଳନ୍ଧର ବଧ (୧୪ଶ), ତୁଳସୀ ମହିମା (୧୫ଶ), ଜଳନ୍ଧରାଗତ କନ୍ୟା (୧୬ଶ), ବିଷ୍ଣୁଦୂତ-ଧର୍ମଦୂତ ସମ୍ବାଦ (୧୭ଶ), ପ୍ରେତଗଣ ବିଷ୍ଣୁଦାସ ସମ୍ବାଦ (୧୮ଶ), ଅଜାମିଳ ସୁଶୀଳଚରିତ (୧୯ଶ), ଜୟ ବିଜୟ ଜନ୍ମ (୨୦ଶ), କୃଷ୍ଣବେଣୀ ଭଜନ (୨୧ଶ), ପ୍ରଶଂସାରେ ଧର୍ମ (୨୨ଶ), ଧନେଶ୍ୱର ଉପାଖ୍ୟାନ (୨୩ଶ), ଧନେଶ୍ୱର ବସ୍ତ୍ର ନର୍କ ଉଦ୍ଧାରଣ (୨୪ଶ), ଧନେଶ୍ୱର ବସ୍ତ୍ର ମୋକ୍ଷଣ (୨୫ଶ), କାର୍ତ୍ତିକ ବ୍ରତ ଧର୍ମ (୨୬ଶ), ଦେବୋତ୍ଥାନ ଦ୍ୱାଦଶୀ ଭଜନ (୨୭ଶ); ତ୍ରିଦେବ ସ୍ଥାବର ଚରିତ (୨୮ଶ), ବଟ ପିପ୍ପଳ ମହିମା (୨୯ଶ), ବିଷ୍ଣୁଙ୍କ ଲକ୍ଷ୍ମୀଲୟ ଆଶ୍ରମ ପ୍ରବେଶ (୩୦ଶ), ଅଲକ୍ଷ୍ମୀ ବନ ପ୍ରବାସ (୩୧ଶ), ଅଲକ୍ଷ୍ମୀ ସ୍ଥାନ ନିରୂପଣ, ଉଦ୍ୟାପନ ଦୋଷ ବର୍ଣ୍ଣନା (୩୨ଶ) ।

ମହାଦେବ ଅତି ସରଳ ଓ ସୁନ୍ଦର ଭାଷାରେ ସ୍ୱଚ୍ଛନ୍ଦଭାବରେ ଗ୍ରନ୍ଥଟି ଲେଖିଥିବାରୁ ଆବାଳବୃଦ୍ଧବନିତା ଏହାକୁ ପାଠକରି ଧର୍ମାନୁରାଗ ଆନନ୍ଦ ଲାଭ କରିଥାଆନ୍ତି ଏବଂ ତାଙ୍କ ଅମୃତବାଣୀ-ରସ ମୁଗ୍ଧ କରିଥାଏ ।

ମାର୍କଣ୍ଡେୟ ପୁରାଣ—ମହାଦେବ ଦାସ ମାର୍କଣ୍ଡେୟ ପୁରାଣଟି ଚତୁର୍ଦ୍ଦଶ ଅଧ୍ୟାୟରେ ସରଳ ଓଡ଼ିଆ ଭାଷାରେ ରଚନା କରିଛନ୍ତି । ଏହା ମୂଳଟିକି ସଂସ୍କୃତ ପୁରାଣର ଅନୁବାଦ ନୁହେଁ । କେତେ ନୂଆ ଚରିତ ଓ ପ୍ରସଙ୍ଗ ଏ ପୁରାଣରେ ବର୍ଣ୍ଣିତ ହୋଇଛି । ସୁରଥ ରାଜା ଚରିତ, ଜୟଦ୍ରଥ ଜନ୍ମ ଓ ପିତୃବଧ ମନ୍ତ୍ରଣା, ସୁରଥ ରାଜାଙ୍କ ବନଗମନ, ସିଦ୍ଧେଶ୍ୱରୀ ଦେବୀଙ୍କ ସହ ସାକ୍ଷାତ, ମାର୍କଣ୍ଡ ଋଷିଙ୍କ ସହ ସୁରଥଙ୍କ ସାକ୍ଷାତ, ସୁରଥଙ୍କ ପୂର୍ବଜନ୍ମ ବୃତ୍ତାନ୍ତ, ଜୟଦ୍ରଥଙ୍କ ରାଜ୍ୟାଭିଷେକ, ରାଣୀ କମଳାଙ୍କ ପ୍ରାଣତ୍ୟାଗ, ସୁରଥଙ୍କ ତପସ୍ୟା ଓ ଜୟଦ୍ରଥର ବିନାଶ, ଯମ ଓ ଯମପୁର ବର୍ଣ୍ଣନା, ଲକ୍ଷ ସମୁଦ୍ର, କୁଶ, କ୍ରୌଞ୍ଚ, ଶାଲ୍ମଳୀ, ଶାକଳୀ ପ୍ରଭୃତି ସପ୍ତସମୁଦ୍ର ଓ ସପ୍ତଦ୍ୱୀପ, ଅଷ୍ଟକୁଳାଚଳର

ବର୍ଣ୍ଣନା, କାଳୋଦ୍ଭବ ବନ୍ଧ, ଯମପୁରରେ ଯମଦଣ୍ଡ, ସୁଖଦୁଃଖର କାରଣ, ଯମରାଜା ଓ ମାର୍କଣ୍ଡେୟଙ୍କ ଭେଟ । ମୁକ୍ତିକାମୁକ, ଧର୍ମବ୍ୟାଧ, ସେମାନଙ୍କ ମୁକ୍ତିଲାଭାନ୍ତର ହେବା କାରଣ ।

ଦେବୀପୁରାଣ ମାହାତ୍ମ୍ୟ । ପ୍ରଳୟ, ସୃଷ୍ଟି ପ୍ରକ୍ରିୟା । ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱରଙ୍କ ଜନ୍ମ, ମଧୁକୈଟଭ ଅସୁର ବଧ, ମେଦିନୀ ନିର୍ମାଣ, ଅଶ୍ୱ ଶିଳା ପ୍ରସଙ୍ଗ ।

ଦକ୍ଷପ୍ରଜାପତି, ନାରଦ, କାମଦେବ, ପାର୍ବତୀ, ସରସ୍ୱତୀ, ସାବିତ୍ରୀ, ଚତୁର୍ମୁଖ ବ୍ରହ୍ମା । ମାର୍କଣ୍ଡେୟଙ୍କ ଜନ୍ମ ଓ ପାର୍ବତୀ, ହରଗୌରୀ, ସାବିତ୍ରୀଙ୍କ ବିବାହ; ତୀର୍ଥ ମାହାତ୍ମ୍ୟ, ପିଣ୍ଡବ୍ରହ୍ମାଣ୍ଡ, ଜଗତସୃଷ୍ଟି, ଜଳନ୍ଧର ଦୈତ୍ୟ ବଧ, ଦକ୍ଷଯଜ୍ଞ ବର୍ଣ୍ଣନ, ଯଜ୍ଞକୁ ପାର୍ବତୀଙ୍କ ଅନିମନ୍ତ୍ରିତ ଭାବେ ଆଗମନ, ଯଜ୍ଞକୁଣ୍ଡରେ ପାର୍ବତୀଙ୍କ ପ୍ରବେଶ ଓ ନିଧନ, ଶିବଙ୍କ କୋପ, ଦକ୍ଷଯଜ୍ଞ ଭଙ୍ଗ, ଶିବଙ୍କ ତପସ୍ୟା, ନାରଦଙ୍କ ଶାପମୋଚନ ।

ଜଗନ୍ନାଥଙ୍କ ଆଜ୍ଞାରେ କବି ଏ ପୁରାଣ ଲେଖିଥିବା ଗ୍ରନ୍ଥାନ୍ତରେ ବର୍ଣ୍ଣନା କରିଛନ୍ତି । କବି ନୀଳାଚଳାଧିପତି ଜଗନ୍ନାଥଙ୍କ ସେବା କରିବାରୁ ସନ୍ତୁଷ୍ଟ ତାଙ୍କ ପ୍ରତି ଦୟା କଲେ, ଫଳରେ ତାଙ୍କ ହୃଦୟରେ ପବିତ୍ର ପୁରାଣ ସ୍ଫୁରିଲା ।

ଜଗନ୍ନାଥ ସ୍ୱାମୀ ନୀଳକନ୍ଦରେ ନିବାସ,
ତାହାଙ୍କ ସେବକ ମୁହିଁ ମହାଦେବ ଦାସ ।
ତେଣୁ ହରିଶ୍ରୀ ଦେଖି ଦୟା କଲେ ମୋତେ,
ସକଳ ପୁରାଣ ମୋର ସ୍ଫୁରିଲା ଚିତ୍ତେ ।
ଜଗନ୍ନାଥଙ୍କ ଆଜ୍ଞାରେ କହଇ ଏ ମୁହିଁ, × ×

ଦୈତ୍ୟକୁଳ ସଂହାର କରି ପୃଥ୍ୱୀର ଭାର ନାଶ କରିବା ନିମନ୍ତେ ଦୁର୍ଗାଦେବୀ ମର୍ତ୍ତ୍ୟରେ ଜନ୍ମଗ୍ରହଣ କରିଥିଲେ ।

ଦାନବ ବିନାଶ କଲେ ମୂର୍ତ୍ତିମତୀ ହୋଇ,
ଶୁଣିଲେ ପୃଥିବୀ ଯାକ ଦେବଙ୍କ ମହାତ୍ମ୍ୟ,
ପୁନରପି ରାଜେ ଜନକ ବୈକୁଣ୍ଠ ପୁରେ ।

ମହର୍ଷି ମାର୍କଣ୍ଡ ଦୁର୍ଗାଙ୍କ ଦୈତ୍ୟସଂହାର ଚରିତକୁ ପୁରାଣ ଆକାରରେ ରଚନା କଲେ । ମାର୍କଣ୍ଡ ଋଷି ରଚିତ ଏହି ପୁରାଣର ନାମ ମାର୍କଣ୍ଡେୟ ପୁରାଣ । ଚଣ୍ଡୀପୁରାଣର ବିଷୟବସ୍ତୁ ଏଥିରେ ସନ୍ନିବେଶିତ ହୋଇଥିବାରୁ କବି ମହାଦେବ ଏହା 'ଚଣ୍ଡୀପୁରାଣ'ର ଚରିତ ବୋଲି ମଧ୍ୟ କହୁଛନ୍ତି । ଦୁର୍ଗାଙ୍କ ମହିମାକୁ ଗୀତରେ କବି ମହାଦେବ ବର୍ଣ୍ଣନା କରିଛନ୍ତି ।

ଗୋମାତା କପିଳାଙ୍କ ନନ୍ଦିନୀ ଶିବଙ୍କ କ୍ଷୀର ଖାଉଥିବାରୁ ବିଶ୍ୱାବସୁ ଗନ୍ଧର୍ବ ଶିବଙ୍କୁ ଏ ସମ୍ବାଦ ଦେଲେ । ଶିବ କ୍ରୋଧରେ ନନ୍ଦିନୀକୁ ହତ୍ୟା କଲେ । କପିଳା ବିଶ୍ୱାବସୁଙ୍କ ଉପରେ କ୍ରୋଧ ପ୍ରକାଶ କଲେ ଏବଂ ଶାପ ଦେଲେ । ଏହି ଶାପ ଫଳରେ ଦ୍ୱାପର ଯୁଗରେ ବିଶ୍ୱାବସୁ ମର୍ତ୍ତ୍ୟରେ ବୈଶ୍ୟ ରାଜା ସୁରଥ ରୂପେ ଜନ୍ମଗ୍ରହଣ କଲେ । ସୁରଥ ଚକ୍ରବର୍ତ୍ତୀ ହେଲେ । ବୃଦ୍ଧ ବୟସରେ ତାଙ୍କର ଜୟଦତ୍ତ ନାମରେ ଏକ ପୁତ୍ର ଜନ୍ମ ହେଲା । ସେ ପୁତ୍ର ବଡ଼ ଦୁଷ୍ଟ ସ୍ୱଭାବର । ସେ ପିତାଙ୍କୁ ଗାଦିଚ୍ୟୁତ କରି ନିଜେ ରାଜ୍ୟରେ ରାଜା ହେଲା । ସୁରଥ ବନକୁ ପଳାୟନ କଲେ । ବନରେ ସିଦ୍ଧେଶ୍ୱରୀ ଠାକୁରାଣୀଙ୍କ ସେବା କରିବାରୁ ଦେବୀ ପ୍ରସନ୍ନ ହେଲେ ଏବଂ ମାର୍କଣ୍ଡ ଋଷିଙ୍କ ଆଶ୍ରମରେ ଦର୍ଶନ କରିବା ପାଇଁ କହିଲେ । ସୁରଥ ଋଷିଙ୍କୁ ଦେଖା କଲେ । ଋଷି ରାଜା ସୁରଥଙ୍କୁ ତାଙ୍କ ପଦତଳକୁ ଡାକିଲେ । ସ୍ୱପୁତ୍ରଙ୍କୁ ଦୁର୍ଗାଙ୍କ ଋଷି ମାର୍କଣ୍ଡଙ୍କ ମୁଖରୁ ଶୁଣିବାରୁ ସୁରଥଙ୍କ ଗୋହତ୍ୟା ପାପ ମୋଚନ ହେଲା । ସେ ସ୍ୱର୍ଗକୁ ପ୍ରତ୍ୟାବର୍ତ୍ତନ କଲେ ।

ବକ୍ତା ଋଷି ମାର୍କଣ୍ଡଙ୍କ ନାମାନୁସାରେ ଏହି ପୁରାଣର ନାମ ମାର୍କଣ୍ଡେୟ ପୁରାଣ ହୋଇଛି । ମାର୍କଣ୍ଡ ଋଷି ବକ୍ତା ଏବଂ ସୁରଥ ଶ୍ରୋତା ।

ଶ୍ରୀ ନୀଳଗିରି ନିବାସୀ ଜଗନ୍ନାଥଙ୍କୁ ଦର୍ଶନ କରିବାରୁ ସୁରଥଙ୍କ ଗୋହତ୍ୟା ପାପ ଦୂର ହୋଇଥିବା କଥା ମଧ୍ୟ କବି କହିଛନ୍ତି । ଏହାଦ୍ୱାରା

ନୀଳଗିରି ଓ ଜଗନ୍ନାଥଙ୍କ ମାହାତ୍ମ୍ୟ ବୃଦ୍ଧି ପାଇଛି । ଲେଖକଙ୍କ ସ୍ୱଦେଶପ୍ରେମିକତାର ଏହା ଏକ ପ୍ରମାଣ ।

ନୀଳାଦ୍ରି ମହୋଦୟମ୍—ସଂସ୍କୃତ ଭାଷାରେ ଲିଖିତ ପ୍ରସିଦ୍ଧ ମାହାତ୍ମ୍ୟ ଗ୍ରନ୍ଥ 'ନୀଳାଦ୍ରି ମହୋଦୟ' ନୀଳାଚଳ ଓ ଜଗନ୍ନାଥଙ୍କ ଚରିତ, ବିଧିବିଧାନାଦି ସମ୍ବନ୍ଧରେ ଏକ ପ୍ରାମାଣିକ ଗ୍ରନ୍ଥରୂପେ ଶ୍ରୀ ଜଗନ୍ନାଥ ମନ୍ଦିରରେ ଗୃହୀତ ହୋଇ ଆସୁଅଛି । କବି ଏହି ଗ୍ରନ୍ଥର ଆକ୍ଷରିକ ଅନୁବାଦ କରି ନଥିଲେ ମଧ୍ୟ ବହୁ ବିଷୟବସ୍ତୁ ଗ୍ରହଣ କରିଛନ୍ତି । ସ୍କନ୍ଦ ପୁରାଣାନ୍ତର୍ଗତ ଉତ୍କଳଖଣ୍ଡର ନୀଳାଦ୍ରି ମାହାତ୍ମ୍ୟ ବା ପୁରୁଷୋତ୍ତମ ମାହାତ୍ମ୍ୟର ପ୍ରଭାବ ମଧ୍ୟ ଏଥିରେ ପଡ଼ିଛି । କବି ସରଳ ନବାକ୍ଷରୀ ଛନ୍ଦରେ ଗ୍ରନ୍ଥଟି ରଚନା କରିଛନ୍ତି । ଜଗନ୍ନାଥଙ୍କ ମାହାତ୍ମ୍ୟର ପ୍ରଚାର ଓ ଓଡ଼ିଶାର ଧାର୍ମିକ-ଗୌରବ ବୃଦ୍ଧିରେ ଏହି ଗ୍ରନ୍ଥଟିର ଦାନ ରହିଛି । କବି ଅତି ସରଳ ଭାଷାରେ ଗ୍ରନ୍ଥଟି ଲେଖିଥିବାରୁ ଭକ୍ତ ଓ ଅନୁସନ୍ଧିତ୍ସୁମାନଙ୍କ ପକ୍ଷରେ ଜଗନ୍ନାଥ ମାହାତ୍ମ୍ୟ ଓ ଚରିତ ବୁଝିବା ଦିଗରେ ଏହା ବିଶେଷ ସାହାଯ୍ୟ କରୁଛି ଓ ଜିଜ୍ଞାସା ମଧ୍ୟ ବୃଦ୍ଧି କରୁଛି ।

ଜଗନ୍ନାଥ-ସାହିତ୍ୟରେ ନୀଳାଦ୍ରି ମହୋଦୟର ସ୍ଥାନ ଅତି ଉଚ୍ଚ । ଶାସ୍ତ୍ରୀୟ ପ୍ରମାଣ ଏଥିରେ ନିହିତ ଥିବାରୁ ଭକ୍ତ ଓ ଅନୁସନ୍ଧିତ୍ସୁମାନଙ୍କ ପକ୍ଷରେ ଏହା ଅତି ଆଦରଣୀୟ ଗ୍ରନ୍ଥ ହୋଇଥିବା ସ୍ୱାଭାବିକ ।

ଭାଗବତ ୧୨ଶ ଓ ୧୩ଶ ସ୍କନ୍ଧ ରଚନା—ଜଗନ୍ନାଥ ଦାସ ଭାଗବତର ଏକାଦଶ ସ୍କନ୍ଧ ପର୍ଯ୍ୟନ୍ତ ମୋଟରେ ୩୧୯ ଅଧ୍ୟାୟ ଲେଖିଥିଲେ । ସେ ସମସ୍ତ ଭାଗବତ ଶେଷ କରି ପାରି ନଥିଲେ । ଜଗନ୍ନାଥ ଦାସଙ୍କ ଭାଗବତର ବହୁଳ ଆଦର ଓ ପ୍ରଚାର ଦେଖି ପୁରାଣ ଲେଖକ ବୈଷ୍ଣବ କବି ମହାଦେବ ଦାସ ଏହି ଗ୍ରନ୍ଥଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ଦ୍ୱାଦଶ ସ୍କନ୍ଧ ଓ ତ୍ରୟୋଦଶ ସ୍କନ୍ଧ ନବାକ୍ଷରୀ ବୃତ୍ତରେ ରଚନା କରିଥିଲେ ଏବଂ ଜଗନ୍ନାଥ ଦାସ 'ମହନ୍ତ ମହାଜନ' ଥିବାରୁ ଭଣିତାରେ ଜଗନ୍ନାଥ ଦାସ ନାମ ହିଁ ରଖିଥିଲେ । କବି କହିଛନ୍ତି—

ଜଗନ୍ନାଥ ଦାସଙ୍କ ଗୀତ, ନାମ ତା ଶିଶୁ ଭାଗବତ ।
ଦନଶତ ଭୁବନତଣ, ଏକାଦଶ ଘାଏ ପ୍ରକାଶ ।

ଅଥା ନାମେଣ ସେ ବୃନ୍ଦେଶ, ଶ୍ରୀ ଭାଗବତ ଗୀତ ସେ ।
ଗାଇଲେ ଶୁଣିଲେ ଭ୍ରବଣେ, ମୁକ୍ତି ଲଭନ୍ତି ତତକ୍ଷଣେ ।

ଯେତେବ ସେ ସେ ପାଦ ପାଲବ, ତେତେବ ସେ ଆନନ୍ଦ ହୋଇବ ।
ଏଣୁ ତାଙ୍କ ବୋଧିତା ଅର୍ଥେ, ଦ୍ୱାଦଶ ଯୁକ୍ତି ଶ୍ଳୋକ ଯତେ ।

କୃପଣଠାରୁ ଶୁଣି ମନେ, ଚତୁର୍ଦ୍ଦଶ ଭଣିଲି ଲେଖନେ ।
ଏଣୁ ସେ ଗୀତରେ ବାସ୍ତବ, ଜଗନ୍ନାଥ ନାମରେ ପ୍ରସିଦ୍ଧ ।

ତେଣୁ ତାଙ୍କ ନାମ ବଖାଣି, ସେ ସେ ମନ୍ତ୍ର ସମ୍ଭାଜନ ।
ସେ ବସ୍ତୁ ଜାଣି କୃଷ୍ଣଦାସ, ପୁରାଣ ରସରେ ପ୍ରକାଶ ।

ଜଗତ ଭୁଞ୍ଜାଉ ସମସ୍ତେ, ପଢନ୍ତି ଶିଶୁ ଭାଗବତେ ।
ତେଣୁ ତାଙ୍କ ଚରଣେ ମନ, ଶରଣ ମହାଦେବ ଦୀନ ।

(୧୨ଶ ସ୍କନ୍ଧ : ୧୩ଶ ଅଧ୍ୟାୟ )

ମହାଦେବ ଦାସ ଜଗନ୍ନାଥ ଦାସଙ୍କ କୃପା ଓ ସ୍ନେହକୁ ଛଡ଼ାଇ ଦେଖାଇଛନ୍ତି କବିତ୍ୱ ବଳେ । ଭାଗବତଙ୍କ କୃପା ଶୈଳୀ ଭିତରେ ଯଥାର୍ଥ ଥିବା କଥା ପଢ଼ୁଛନ୍ତି । ସାଧାରଣରେ ଲେଖକ ମହାଦେବ ଦାସ ଅନୁବାଦିତ ଦ୍ୱାଦଶ ଓ ତ୍ରୟୋଦଶ ସ୍କନ୍ଧକୁ ମଧ୍ୟ ଜଗନ୍ନାଥ ଦାସଙ୍କ ରଚନା ସ୍ୱରୂପ ଗ୍ରହଣ କରିଛନ୍ତି । ଏହା କବିଙ୍କ କୃତିତ୍ୱର ଏକ ଜ୍ୱଳନ୍ତ ଉଦାହରଣ ।

ଜଗନ୍ନାଥ ଦାସଙ୍କ ଅମୂଲ୍ୟ ଅମର କୃତିକୁ ମହାଦେବ ସମ୍ପୂର୍ଣ୍ଣ କରି ଓଡ଼ିଆ ସାହିତ୍ୟ ଓ ଓଡ଼ିଶାର ଧାର୍ମିକ ଓ ସାମାଜିକ ଜୀବନର ସମୃଦ୍ଧି ସାଧନ କରିଛନ୍ତି; ଏଥିଲାଗି ସେ କୀର୍ତ୍ତି ରଖି ଯାଇଛନ୍ତି ।

## ରାମ ଦାସ

'ଦାର୍ଢ୍ୟତାଭକ୍ତି' ବା 'ଦାର୍ଢ୍ୟତାଭକ୍ତି ରସାମୃତ' ନାମକ ବିଖ୍ୟାତ ଭକ୍ତଜୀବନୀ ଗ୍ରନ୍ଥର ପ୍ରଣେତା ରାମ-ଦାସ ଅଷ୍ଟାଦଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ଜନ୍ମଗ୍ରହଣ କରିଥିଲେ ଏବଂ ଦ୍ୱିତୀୟାର୍ଦ୍ଧରେ ଗ୍ରନ୍ଥଟି ରଚନା କରିଥିଲେ। ଜୀବନୀ ଗ୍ରନ୍ଥ ରୂପ ଦୃଷ୍ଟିରେ ଦାର୍ଢ୍ୟତାଭକ୍ତି ରସାମୃତ ଓଡ଼ିଆରେ ବିଶିଷ୍ଟ ସ୍ଥାନ ଅଧିକାର କରିଛି। ରାମ ଦାସ ପ୍ରାୟ ପଚିଶ ଜଣ ଭକ୍ତଙ୍କ ଜୀବନର ବିଶିଷ୍ଟ ଘଟଣା ଏଥିରେ ବର୍ଣ୍ଣନା କରିଛନ୍ତି; ଭକ୍ତ ଜୀବନରେ ଭଗବାନଙ୍କ ପ୍ରତ୍ୟକ୍ଷ ଓ ପରୋକ୍ଷ ପ୍ରଭାବ ବର୍ଣ୍ଣନା ଏହି ଜୀବନୀମାନଙ୍କର ମୁଖ୍ୟ ଉଦ୍ଦେଶ୍ୟ। ଦୃଢ଼ଭକ୍ତି ଭଗବାନଙ୍କୁ ବଶ କରିଏ; ଭକ୍ତ ଭଗବାନଙ୍କ ପାଦରେ ଭରସା ରଖି ମହାବିପଦର ସମ୍ମୁଖୀନ ହୋଇ ସେଥିରୁ ଉଦ୍ଧାର ଲାଭ କରିଥିବା ବିଷୟ କବି ବର୍ଣ୍ଣନା କରିଛନ୍ତି।

'ଦାର୍ଢ୍ୟତାଭକ୍ତି ରସାମୃତ'ରେ ରାମ ଦାସ ବହୁ ଐତିହାସିକ ଭକ୍ତ ଓ ଶାସକଙ୍କ ବିଷୟ ଲିପିବଦ୍ଧ କରିଛନ୍ତି। ଐତିହାସିକ ଯୁଗର କେତେକ ଭକ୍ତ, କବି, ରାଜା ଓ ମନ୍ତ୍ରୀ ଶିଳ୍ପୀଙ୍କ ସମ୍ବନ୍ଧରେ କେତେକ ବିଶିଷ୍ଟ ତଥ୍ୟ କବି ପରିବେଷଣ କରି ଜାତୀୟ ଇତିହାସ କ୍ଷେତ୍ରକୁ ଅମର ଦାନ କରି ଯାଇଛନ୍ତି।

ରାମ ଦାସଙ୍କ ପୂର୍ବରୁ ପୁରାଣମାନଙ୍କରେ ପୌରାଣିକ ଯୁଗର ବହୁ ଭକ୍ତଙ୍କ ଚରିତ ଦେଖାଯାଏ। ଓଡ଼ିଆ ଭାଷାରେ ପଞ୍ଚସଖାଙ୍କ ସାହିତ୍ୟ, ଦିବାକର ଦାସଙ୍କ ଜଗନ୍ନାଥ ଚରିତାମୃତ, ଈଶ୍ୱର ଦାସଙ୍କ ଚୈତନ୍ୟ ଭାଗବତ ପ୍ରଭୃତି 'ଜୀବନୀ' ଜାତୀୟ ପ୍ରସିଦ୍ଧ। ଏକ ଗ୍ରନ୍ଥରେ ପଞ୍ଚାଶ ଭକ୍ତଙ୍କ ଜୀବନୀ ସ୍ଥାନ ପାଇଥିବା କ୍ୱଚିତ୍ ଦେଖାଯାଏ। ଏ କ୍ଷେତ୍ରରେ ରାମ ଦାସ ଅଭିନବ ଆଦର୍ଶ ସୃଷ୍ଟି କରି ଯାଇଛନ୍ତି।

ଭକ୍ତି ଜୀବନୀରେ ଓଡ଼ିଶାର ଐତିହାସିକ ଯୁଗର ବହୁ ଭକ୍ତଙ୍କ ଜୀବନୀ ସ୍ଥାନ ପାଇଛି। ଏଥି ଭିତରେ ବହୁ କବି-ଭକ୍ତ ଅଛନ୍ତି। ବଳରାମ ଦାସ,

ଜଗନ୍ନାଥ ଦାସ, କୃଷ୍ଣ ଦାସ, ବାଳଦେବ, ଜୟଦେବଙ୍କ ଜୀବନୀ ଏଥିରେ ଅଛି ।

ପ୍ରାଚୀନ କାଳର ଭକ୍ତ; ଯଥା—ବଳିରାଜା, ହରିଶ୍ଚନ୍ଦ୍ର ରାଜା, କର୍ଣ୍ଣ ରାଜାଙ୍କ ଚରିତ ଏଥିରେ ଅଛି ।

ଓଡ଼ିଶା ବାହାରେ ଭାରତର ବହୁ ବରିଷ୍ଠ ଭକ୍ତଙ୍କ ଜୀବନୀ; ଯଥା— ଶ୍ରୀଧରସ୍ୱାମୀ, କବୀର, ଅଙ୍ଗନା ମାଧବୀ, ଗଙ୍ଗାଧର ଭଟ୍ଟ, ତୁଳସୀ ଦାସ, ରାମଦାସ, ମୀରା ବାଈ ପ୍ରଭୃତିଙ୍କ ଜୀବନ କହି ଦେଇଛନ୍ତି ।

ଏହି ଜୀବନୀ ଭିତରେ ଶ୍ରୀପୁରୁଷୋତ୍ତମ କ୍ଷେତ୍ର ଓ ଶ୍ରୀଜଗନ୍ନାଥଙ୍କ ସମ୍ପୃକ୍ତ ସମ୍ପର୍କ ଥିବା ପ୍ରସଙ୍ଗ ମଧ୍ୟ ଅଛି ।

କବି ରାଜା ନରସିଂହ ଦେବ, ପୁରୁଷୋତ୍ତମ ଦେବ, ପ୍ରତାପରୁଦ୍ର ଦେବ ପ୍ରଭୃତି କେତେକଜଣ ଐତିହାସିକ ରାଜାଙ୍କର ଜୀବନର କେତେକ ଅଂଶ ବର୍ଣ୍ଣନା କରିଛନ୍ତି । ରାଜା ଭକ୍ତଙ୍କୁ ପ୍ରଥମେ ଚିହ୍ନି ନପାରି ତାଙ୍କ ପ୍ରତି ଅନୁଚିତ ବ୍ୟବହାର କରିବା ଓ ଦଣ୍ଡ ଦେବା, ଭକ୍ତଙ୍କୁ ଭଗବାନ ସହାୟ ହୋଇ ବିପଦରୁ ଉଦ୍ଧାର କରିବା, ରାଜା ଅନୁତାପ କରି ଭକ୍ତଙ୍କୁ ବହୁ ମାନ୍ୟ କରିବା କେତେକ ଭକ୍ତ-ଜୀବନର ମୁଖ୍ୟ ଲକ୍ଷଣ । ଭକ୍ତର ଦୃଢ଼ଭକ୍ତି ପରୀକ୍ଷା ଓ ଭଗବାନଙ୍କ ସହାୟତାରେ ଭକ୍ତର ଉତ୍ତୀର୍ଣ୍ଣ ହେବାକୁ କବି ସୁନ୍ଦର ଭାବରେ ଅତି ସରଳ ସୁବୋଧ ଭାଷା ବ୍ୟବହାର କରି ବୁଝାଇଛନ୍ତି ଏବଂ ପାଠକ ମନରେ ପ୍ରଭାବ ପକାଇବାରେ ସମର୍ଥ ହୋଇ ପାରିଛନ୍ତି । ଏଥିରେ ଧର୍ମତତ୍ତ୍ୱର ସୂକ୍ଷ୍ମ ବିଷୟର ସ୍ଥାନ ପାଇନାହିଁ ।

କବି ଜନଶ୍ରୁତି ଉପରେ ନିର୍ଭର କରି ଓଡ଼ିଶା ଓ ଓଡ଼ିଶା ବାହାରର ବହୁ ଭକ୍ତଙ୍କ ଜୀବନୀ ଲିପିବଦ୍ଧ କରିଛନ୍ତି । ଭକ୍ତଙ୍କ ପ୍ରତି ଭଗବାନଙ୍କର ମାୟା ଅତ୍ୟଧିକ ଥିବା ଦର୍ଶାଇ ତାଙ୍କର ମହାନତା ଓ ଭକ୍ତ ସେବା ଅନୁପାତରେ ଦୃଢ଼ ଥିବା ଚିତ୍ରଣ କରିବା ଉଦ୍ଦେଶ୍ୟରେ କବି ଶାସକମାନଙ୍କ ନିଷ୍ଠୁରତା ଓ ମୂର୍ଖତା ମଧ୍ୟ ଚିତ୍ରଣ କରିଛନ୍ତି । କିନ୍ତୁ ଏହା ସବୁ ଇତିହାସ ସମର୍ଥିତ ହୋଇ

କୃତିତ୍ୱ ପାଇବ ନାହିଁ । ଏଥିରେ କବି ଅପେକ୍ଷା କିମ୍ବଦନ୍ତୀ ବିଶେଷ ସକ୍ରିୟ ଭାବରେ ଦାୟୀ । ମହାରାଜା ପୁରୁଷୋତ୍ତମ ଦେବ ପ୍ରତାପରୁଦ୍ରଙ୍କ ସମ୍ବନ୍ଧରେ କବି ଶାସକମାନଙ୍କ ଭିତରେ ଯେଉଁସବୁ ତଥ୍ୟ ପରିବେଷଣ କରିଛନ୍ତି ସେ ସବୁ କିମ୍ବଦନ୍ତୀଦ୍ୱାରା ସମର୍ଥିତ ହେଲେ ମଧ୍ୟ ଇତିହାସ ଦ୍ୱାରା ସମର୍ଥିତ ନୁହେଁ ।

ପୁରୁଷୋତ୍ତମ ଦେବ କପିଳେନ୍ଦ୍ରଙ୍କ 'ଔରସ ପୁତ୍ର'—ଏହି କିମ୍ବଦନ୍ତୀ ଥିଲେ ମଧ୍ୟ ଇତିହାସର ସମର୍ଥନ ମିଳୁନାହିଁ । ବଳରାମ ଦାସ ଓ ଜଗନ୍ନାଥ ଦାସଙ୍କ ପ୍ରତି ପ୍ରତାପରୁଦ୍ର କରିଥିବା ଅତ୍ୟାଚାର ତାଙ୍କ ଭକ୍ତି ସମର୍ଥନ କରୁନାହିଁ । ଏଗୁଡ଼ିକ କେବଳ କିମ୍ବଦନ୍ତୀ । ତେବେ, ଓଡ଼ିଶାର ବହୁ ଭକ୍ତଙ୍କ ମାହାତ୍ମ୍ୟ ବର୍ଣ୍ଣନ ସମୟରେ ଏପରି ବହୁ ଉଦ୍ଦେଶ୍ୟ ଶାସକ ପ୍ରତିକୂଳେ ଚର୍ଚ୍ଚିତ ହୋଇଥିବା ଜଣାଯାଏ ।

କବି ନବାକ୍ଷରୀ ବୃତ୍ତରେ ଏକ ଏକ ଅଧ୍ୟାୟରେ ଏକ ଏକ କାହାଣୀ ଦେଇଛନ୍ତି । ଅନ୍ୟ କେତେ ଲୋକଙ୍କ କାହାଣୀ ମୂଳ ଅଧ୍ୟାୟରୁ ଉଦ୍ଧାର କରିଛୁ ।

କବି ଭକ୍ତ ରାମ ଦାସଙ୍କ ବାସସ୍ଥାନ ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ବ୍ରହ୍ମପୁର ଓ ଗୋପାଳପୁର ମଧ୍ୟରେ ଥିବା ପ୍ରସିଦ୍ଧ ଡୁଗ୍ର ସ୍ଥାନ । ପୂର୍ବେ ଏହି ଗ୍ରାମଟି ମନ୍ଦସା ରାଜ୍ୟର ଅନ୍ତର୍ଭୁକ୍ତ ଥିଲା ।

"ମନ୍ଦସା ରାଜ୍ୟ ଡୁଗ୍ର ଗ୍ରାମ । ସେ ଗ୍ରାମେ ଅଟଇ ମୋ ବିଶ୍ରାମ ।"

ଏହି ମନ୍ଦସା ଗ୍ରାମରେ ତାଙ୍କର ବଂଶଧରମାନେ ବର୍ତ୍ତମାନ ସୁଦ୍ଧା ଜୀବିତ ଅଛନ୍ତି । ସ୍ୱର୍ଗତ ଶ୍ୟାମସୁନ୍ଦର ରାଜଗୁରୁ ଏହି ଗ୍ରାମ ଓ ରାମ ଦାସଙ୍କ ବଂଶଧର-ମାନଙ୍କ ସମ୍ବନ୍ଧରେ କେତେକ ତଥ୍ୟ ପ୍ରକାଶ କରିଛନ୍ତି । "ଡୁଗ୍ର ଖଣ୍ଡିଏ ପଲ୍ଲୀ ଗ୍ରାମ । ଏଠାରେ ଅନେକ ଶ୍ରୋତ୍ରିୟ ବ୍ରାହ୍ମଣ ବାସ କରନ୍ତି; କେତୋଟିଏ ଦେବାଳୟ ମଧ୍ୟ ଅଛି । ରାମ ଦାସ ଏହି ଦେବାଳୟର ଅଧିକାରୀ ଓ ଏହି ବ୍ରାହ୍ମଣମାନଙ୍କର ଗୋସାଇଁ, ଅର୍ଥାତ୍ ଦୀକ୍ଷାଗୁରୁ ଥିଲେ । ଏହି ଜିଲ୍ଲାର ଉତ୍ତର ପ୍ରଦେଶରେ ଅନେକଠାରେ ଦେଖାଯାଏ କି, ସେହି ସମୟରେ ଏକ ଶ୍ରେଣୀର

ବ୍ରାହ୍ମଣମାନେ ସେହି ସମୟରେ ଶବଦାହ କରନ୍ତି, ସେଥିପାଇଁ ସେମାନେ ଗୋଷ୍ଠୀଏ ଦେବାଳୟ ତୋଳାଇ ସେମାନଙ୍କ ଶୁଦ୍ଧତା କରିବାକୁ କହି ତାହାକୁ ସେହି ମଠର ଅଧିକାରୀ କରି ଗୋସ୍ୱାମୀ ଉପାଧି ଦେଇ ତାହାଠାରୁ ମନ୍ତ୍ର ଗ୍ରହଣ କରନ୍ତି । ଏହି ଗୋସ୍ୱାମୀମାନେ ବାନପ୍ରସ୍ଥାଶ୍ରମ ଅବଲମ୍ବନ କରନ୍ତି ନାହିଁ । ଗୃହସ୍ଥାଶ୍ରମରେ ଥାଇ ନିଜ ନିଜର କର୍ତ୍ତବ୍ୟ କର୍ମମାନ ଚଳାଇ ଥାନ୍ତି । ରାମ ଦାଶ ଏହି ଶ୍ରେଣୀର ଗୋସାଇଁ ଜଣେ । ଏ ଜାତିରେ ଉତ୍କଳୀୟ ବ୍ରାହ୍ମଣ । ଷନକରାମ ଗୋତ୍ରୀ ଓ ଯଜୁର୍ବେଦୀ । ଏହାଙ୍କ ପିତାଙ୍କ ନାମ ଲକ୍ଷ୍ମଣ ଦାଶ । “ପିତା ମୋ ଲକ୍ଷ୍ମଣ ଦାଶ, ମୁହିଁ ଅଟଇ ତାଙ୍କ ପିଣ୍ଡ । ପୁତ୍ରଙ୍କ ନାମ ମଧୁସୂଦନ ଦାଶ । ରାମ ଦାଶଙ୍କ ବଂଶାବଳୀ ଏହିପରି—କୃଷ୍ଣ ଦାଶଙ୍କ ପୁତ୍ର ଲକ୍ଷ୍ମଣ, ଏହାଙ୍କ ପୁତ୍ର ରାମ ଦାଶ । ରାମ ଦାଶଙ୍କ ପୁତ୍ର ମଧୁସୂଦନ, ତାଙ୍କ ପୁତ୍ର ଅର୍ତ୍ତି, ତାଙ୍କ ପୁତ୍ର ଶ୍ରୀଧର, ତାଙ୍କ ପୁତ୍ର ପରଶୁରାମ ।”

( ଦେବଭାବଳୀ—ପୃ: ୧୧୮-୧୧୪ )

ପ୍ରାୟ ଅର୍ଦ୍ଧଶତାବ୍ଦୀ ପୂର୍ବରୁ ଶ୍ରୀ ମତ୍ସ୍ୟଧର ରାଜଗୁରୁ ଏହି ତଥ୍ୟ କବିଙ୍କ ବଂଶଧରମାନଙ୍କଠାରୁ ସଂଗ୍ରହ କରିଥିଲେ ।

କବିଙ୍କ ଗୁରୁଙ୍କ ନାମ ଶ୍ରୀଗଦାଧର ଦାଶ ଥିବା କଥା କବି ନିଜେ ବ୍ୟକ୍ତ କରିଛନ୍ତି । ଗଦାଧର ଜଣେ ସଂସ୍କୃତ ପଣ୍ଡିତ ଥିଲେ ଏବଂ ତତ୍ର ଗ୍ରାମରେ ଏକ ଟୋଲ୍ ସ୍ଥାପନ କରି କେତେକ ଛାତ୍ରଙ୍କୁ ସଂସ୍କୃତ ଶିକ୍ଷା ଦେଉଥିଲେ ।

ରାମ ଦାଶ ମଠ ଅଧିକାର ଗ୍ରହଣ କରିବା ସଙ୍ଗେ ସଙ୍ଗେ ଗ୍ରାମର କାର୍ଯ୍ୟ ବା ସରକାରୀ ଗ୍ରାମ ଗୁମାସ୍ତା କାର୍ଯ୍ୟ କରୁଥିଲେ । ତାଙ୍କ ପିତା ମଧ୍ୟ କାର୍ଯ୍ୟୀ ଥିଲେ । ପରଶୁରାମ ଦାଶ କାର୍ଯ୍ୟୀ ଥିବା ତାଙ୍କର ସମସାମୟିକ ପ୍ରବନ୍ଧାବଳୀ କେତେକ ଲେଖିଛନ୍ତି ।

କବି ‘ଦାର୍ଢ୍ୟଭକ୍ତି ରସାମୃତ’ର ପ୍ରଥମ ସ୍ତବକରୁ ଖୋର୍ଦ୍ଧାର ରାଜା ବୀର-କିଶୋର ଦେବ (ଖ୍ରୀ: ୧୭୩୬-୧୭୯୩)ଙ୍କ ରାଜତ୍ୱର ବର୍ଣ୍ଣନା ପ୍ରସଙ୍ଗରେ ଅର୍ଥାତ୍

ଖ୍ରୀ: ୧୬୬୦ରେ ସମ୍ପୂର୍ଣ୍ଣ କରିଥିଲେ । ସେଦିନ ଭାଦ୍ରମାସ ଶୁକ୍ଳ ଏକାଦଶୀ ରବିବାର ହୋଇଥିଲା ।

ଏ ବାଞ୍ଛାକଳ୍ପ କଥାମାନ, ପଚିଶ ଅଧ୍ୟାୟରେ ସମ୍ପୂର୍ଣ୍ଣ ।
ଶ୍ରୀ ବୀରକେଶରୀ ଦେବଙ୍କ, ସମ୍ପୂର୍ଣ୍ଣ ବୟାଳିଶ ଅଙ୍କ ।
ସେ ଭାଦ୍ର ପଞ୍ଚମୀ ଦିନରେ, ଶୁକ୍ଳ ଶୁକଳ ସୂର୍ଯ୍ୟବାରେ ।
ତଥି: କର୍ଣ୍ଣର ଘଡ଼ିବାରେ, ଚୈତନ ନ ମନରଖେରେ ।

ଶୁଣେଇ ନାମରେ ଯେଉଁ ଲୋକ, ପାଆଣ୍ଡି ଦଣ୍ଡ ଥିଲା ଦେଖ ।
ଏମନ୍ତ ଶୁଭ ଅନୁକୂଳେ, ପ୍ରାଣୀଙ୍କ ଶ୍ରବଣ ମଙ୍ଗଳେ ।
ସମ୍ପୂର୍ଣ୍ଣ ହୋଇଲା ଏ ଚରିତ, କହଇ ଲକ୍ଷ୍ମଣ ସୁତ । (୨୫ଶ ଅଧ୍ୟାୟ)

ଏହି ଗ୍ରନ୍ଥର ଦ୍ୱିତୀୟ ଖଣ୍ଡ ରାଜା ବୀରକେଶରୀ ଦେବଙ୍କ ପରେ ଦିବ୍ୟସିଂହ ଦେବଙ୍କ ରାଜତ୍ୱର ତେଇଶି ଅଙ୍କରେ ଆଷାଢ଼ ଶୁକ୍ଳ ଏକାଦଶୀ ଦିନ ଶ୍ରୀ ଶୁକ୍ଳେଶ୍ୱର ମହାଦେବଙ୍କ ପାଖରେ ସମ୍ପୂର୍ଣ୍ଣ ହୋଇଥିଲା ।

ଶ୍ରୀ ଦିବ୍ୟସିଂହ ଦେବଙ୍କର, ସମ୍ପୂର୍ଣ୍ଣ ତେଇଶି ଅଙ୍କର । ×
ମଣ୍ଡଳି ଘଟକେ ତୁଙ୍ଗ ଗ୍ରାମ, ସେ ହୁଏ ମୋହର ଆଶ୍ରମ ।
ଶ୍ରୀଗୁରୁ ଗଦାଧର ଦାସ, ଯେ ପାଦପଦ୍ମେ ମୋର ଆଶ ।
ପିତା ମୋ ଲକ୍ଷ୍ମଣ ଦାଶ, ମୁହିଁ ଅଟଇ ତାଙ୍କ ଶିଷ୍ୟ ।

ନାମେ ମୋହର ବାଞ୍ଛାମୂର୍ତ୍ତି, ଜଗତେ ଲକ୍ଷ୍ମୀଦେବୀ ପତି । × ×
ପ୍ରଥମ ପ୍ରବନ୍ଧ ପଚିଶ, ଅଧ୍ୟାୟରେ ହୋଇଥିଲା ଶେଷ ।
ତହୁଁ ବତିଶ ଅନୁସାର, କହିଲୁ ସାଧୁମାନଙ୍କର ।
କୃପାରୁ ପୂର୍ଣ୍ଣ ପଞ୍ଚବିଂଶ, ଅଧ୍ୟାୟରେ ବାଞ୍ଛାକଳ୍ପ ରସ ।
ଦୁଇ ପ୍ରବନ୍ଧ ମିଶିବାରେ, ସମ୍ପୂର୍ଣ୍ଣ ପଞ୍ଚାଶ ଅଧ୍ୟାୟରେ । (୫୦ଶ ଅଧ୍ୟାୟ)

ତାଙ୍କ ପ୍ରଥମ ଖଣ୍ଡ ଶେଷ ହେବାର ବତିଶ ବର୍ଷ ପରେ ଦ୍ୱିତୀୟ ଖଣ୍ଡକୁ ଶେଷ କଲେ । ବୀରକେଶରୀ ଦେବ ଓ ଦିବ୍ୟସିଂହ ଦେବଙ୍କ ରାଜତ୍ୱର ସମୟ

ବିଭିନ୍ନ ଐତିହାସିକ ବିଭିନ୍ନ ପ୍ରକାର ଦେଇଥିବାରୁ ଏଙ୍କ ଅନୁସାରେ ଗଣନା କଲେ କରାଯାଇ ଦେଖାଯାଉଛି; ୬୨ ବର୍ଷ ପ୍ରଭେଦ ଘଟିଲା ୨୯ ବର୍ଷ ହେଉଛି । କିନ୍ତୁ ଗଣନା ଅନୁସାରେ ପ୍ରମାଣ ଥିବା ମତଭେଦ ନାହିଁ । ଐତିହାସିକମାନଙ୍କ ଦ୍ୱାରା ରାଜତ୍ୱ ସମୟର ଗୃହବାସ ବର୍ଷ ନିର୍ଣ୍ଣୟରେ ପ୍ରମାଦ ଥିବା ଜଣାଯାଏ । କେତେକଙ୍କ ମତରେ ଗଜପତି ଦେବ ଖ୍ରୀ: ୧୭୩୬ରୁ ୧୭୮୦ ଓ ଦିବ୍ୟସିଂହ ଦେବ ଖ୍ରୀ: ୧୭୮୦ରୁ ରାଜତ୍ୱ କରିଥିଲେ । ଦିବ୍ୟସିଂହ ଦେବଙ୍କ ୨୩ ଅଙ୍କ ବା ଖ୍ରୀ: ୧୭୯୯ରେ ଏହି ଦ୍ୱିତୀୟ ଗ୍ରନ୍ଥ ଶେଷ କରିଥିଲେ ।

ବର୍ତ୍ତମାନ କେତେକ ମୁଦ୍ରିତ ସଂସ୍କରଣରେ ଦ୍ୱିତୀୟ ଭାଗରେ ପଞ୍ଚାବନଟି ଅଧ୍ୟାୟ ଥିବା ଦେଖାଯାଉଛି । ଉଦ୍ଧବ ଦାସ ଚରିତ, ଚନ୍ଦ୍ରକ ଚରିତ, ଭକ୍ତ ବତ୍ସଳ ଚରିତ, ବିଲ୍ୱମଙ୍ଗଳ ଚରିତ, ଜୟଦେବ ଚରିତ — ଏପରି ପାଞ୍ଚଟି ଅଧ୍ୟାୟ ଅଧିକ ଅଛି । ଏ ଅଧ୍ୟାୟମାନଙ୍କର ଭଣିତାରେ ଦାସ ରାମ, ବାସୁ ରାମ ଦାସ, ରାମ ଦାସ ପ୍ରଭୃତି ଅଛି । ଅନୁମାନ ହେଉଛି, ଏହି ପଞ୍ଚାଶଟି ଅଧ୍ୟାୟ ଲେଖି ଗ୍ରନ୍ଥ ସମ୍ପୂର୍ଣ୍ଣ କରିବା ପରେ ପୁଣି ଏହି ପାଞ୍ଚଟି ଅଧ୍ୟାୟ ଲେଖି ଯୋଡ଼ିଛନ୍ତି, କିମ୍ବା, ଅନ୍ୟ କେହି ଭକ୍ତ ଏହି ପାଞ୍ଚ ଅଧ୍ୟାୟକୁ ରାମଦାସଙ୍କ ନାମରେ ଭଣିତା କରି ଏଥିରେ ଯୋଡ଼ି ଦେଇଛନ୍ତି । ଭାଷା ଓ ଲେଖାଶୈଳୀକୁ ଏଗୁଡ଼ିକ ପ୍ରକ୍ଷିପ୍ତ ବୋଲି ମନେ ହେବ ନାହିଁ; କେବଳ କଳ୍ପିତ ଭାବରେ ଏହା ତାଙ୍କର ଲେଖା ନ ହୁଏ ବୋଲି କହି ହେଉନାହିଁ ।

ଚୈତନ୍ୟଙ୍କ 'ମନ' ସମ୍ବୋଧନରେ ଏହି ଉତ୍ତରଗୀତ ଅଧ୍ୟାୟଗୁଡ଼ିକ ରଚିତ ହୋଇଛି ।

ମନ ଚୈତନ୍ୟଙ୍କୁ ପ୍ରଶ୍ନ କରୁଛନ୍ତି—

କେଉଁ କର୍ମ କଲେ ପ୍ରାଣୀ, ଯାତନା ନ ବାଧିବ ପୁଣି ।

ଗୋବିନ୍ଦ ଭକତି ଲଭିବେ, ଜନ୍ମ ମରଣ ପାଶୋରିବେ ।

ଚୈତନ୍ୟ କହୁଛନ୍ତି—

ବ୍ରତ ତୀର୍ଥାଦି କର୍ମ ଯେତେ, ସଞ୍ଚିତ ତପସ୍ୟା ସଙ୍ଗତେ ।

ସକଳ କର୍ମ ମଧ୍ୟେ ସାର, କେବଳ ନାମ ଉଚ୍ଚାର । × ×

ଏ ବେନି ଭଣ୍ଡା ମଧ୍ୟେ ସାର, ଦୁର୍ଲଭ ମୂରତି ଯାହାର ।
ଦୃଢ଼ ନଥାଇ କର୍ମ ଯେତେ, ଫଳ ନ ଫଳେ ଭଣ୍ଡାଗତେ ।

ଏହା ବୁଝି ମନ ପଶୁଛନ୍ତି—

ଏ ମୁଣ୍ଡଦେହର ଦେହଧର, କେ ଅଛି ଦୃଢ଼ ପଣ କର ।
ଭରଣ ଯାଉଛନ୍ତି କହ, ଶୁଣି ତା ଚିତ୍ତ ମୋ ହରେଣ । (୧ମ ଅ: )

ସତ୍ୟ, ତ୍ରେତା, ଦ୍ୱାପର, କଳିର ଯେତେକ ଯୁଗରେ ଭକ୍ତ ହୋଇ ଅଛନ୍ତି ସେମାନଙ୍କ ଭିତରୁ ଜଣ ଜଣ ଭକ୍ତ କେତେକ ଜଣଙ୍କ ଚରିତ କହିବା ପାଇଁ ଚୈତନ୍ୟ ଭକ୍ତ ପ୍ରକାଶ କରି କହିଲେ । ଏହାହିଁ ପୋତ୍ୟାଭକ୍ତି ଭକ୍ତାମୃତର ଭୂମିକା ।

କବି ଏହି ଭକ୍ତଚରିତରେ ବହୁ ଅଲୌକିକ ଘଟଣା ବର୍ଣ୍ଣନା କରିଛନ୍ତି, ତାଙ୍କର ମଧ୍ୟ ଆଶଙ୍କା ହୋଇଛି ଯେ ଲୋକେ ସାଧାରଣରେ ଏହାକୁ ବିଶ୍ୱାସ କରିବେ ନ ପାରି । ଏଥି ଯୋଗୁ କବି କହୁଛନ୍ତି--

"ମୂର୍ଖ ଲୋକଙ୍କୁ ଏହା ମିଛ । ସାଧୁଙ୍କୁ ଅଟଇ ପ୍ରତ୍ୟୟ ।"
(ବିଶ୍ୱମ୍ଭର ଦାସ ଭଣିତ)

ଓଡ଼ିଶାର କେତେକ ଭକ୍ତଚରିତ ଏଥିରେ ସ୍ଥାନ ପାଇଛି—

(୧) ବିଶ୍ୱମ୍ଭର ଦାସ—ଉତ୍କଳଖଣ୍ଡ, ମଲ୍ଲିଦେଶ, ଢେଙ୍କାନାଳ, ଜାତିରେ ବଣିଆ କରଣ, ସ୍ତ୍ରୀ ନାମ ଲେଉଚଣ୍ଡ, ପୁତ୍ରନାମ ରଘୁନାଥ ।

(୨) ରଘୁ ଅରଖିତ—ବଙ୍ଗଦେଶ, ଖୁରଧାର, ରାଜା କୃଷ୍ଣ ମହାପାତ୍ରଙ୍କ ପୁତ୍ର ରଘୁନାଥ, ମାତା—କମଳା । ଶ୍ରୀକ୍ଷେତ୍ର ପୁରୁଷୋତ୍ତମ ସନ୍ନିଧି ସମାଧି ।

(୩) ରଘୁ କେଉଟ—ପୁରୀ ନିକଟସ୍ଥ ପିପିଲି ଗ୍ରାମ । ଶ୍ରୀକ୍ଷେତ୍ର ପୁରୁଷୋତ୍ତମ ସମାଧି ।

(୪) ଗଙ୍ଗାଧର—କଣିଆ, ଗୋବିନ୍ଦପୁର, ପୁରୀ, ପ୍ରତାପରୁଦ୍ରଙ୍କ ରାଜତ୍ୱର ଘଟଣା ।

(୫) ବନ୍ଦ୍ର ମହାନ୍ତି—ଯାଜପୁର, କଟକ ଜିଲ୍ଲା, କରଣ, ପ୍ରତାପରୁଦ୍ରଙ୍କ ସମୟ, ରାଜା ଘଟଣାରେ ସମ୍ପୃକ୍ତ ।

(୬) ବଳରାମ ଦାସ—ପିତା—ସତ୍ୟ ସୋମନାଥ, ପୁରୁଷୋତ୍ତମରେ ଘର, ପ୍ରତାପରୁଦ୍ର ଏଥିରେ ସଂପୃକ୍ତ ।

(୭) ଜଗନ୍ନାଥ ଦାସ—ପୁରୁଷୋତ୍ତମ କ୍ଷେତ୍ରବାସ, ବ୍ରାହ୍ମଣ, ପ୍ରତାପରୁଦ୍ର ରାଜା ସଂପୃକ୍ତ ।

(୮) ମଣିଦାସ—ପୁରୁଷୋତ୍ତମରେ ଘର, ମାଳାକାର, ମହାରାଜା ସଂପୃକ୍ତ ।

(୯) କୃଷ୍ଣଦାସ—ପୁରୁଷୋତ୍ତମରେ ବାସ, କରଣ, ରାଜା ନରସିଂହ ଦେବ ସଂପୃକ୍ତ ।

(୧୦) ଚେଳାଛ ମହାପାତ୍ର—ପୁରୁଷୋତ୍ତମରେ ଘର, ବିପ୍ର, ପ୍ରତାପରୁଦ୍ର ସଂପୃକ୍ତ ।

ଏପରି ବହୁ ଭକ୍ତଙ୍କ ପୁରୁଷୋତ୍ତମ କ୍ଷେତ୍ର ଓ ଜଗନ୍ନାଥଙ୍କ ମାହାତ୍ମ୍ୟ ସମ୍ବନ୍ଧ ସମ୍ପର୍କ ଥିବା କଥା ବର୍ଣ୍ଣନା କରିଛନ୍ତି ।

## ନୀଳାମ୍ବର ଦାସ

ଓଡ଼ିଶାରେ ପୁରାଣ ଲେଖକମାନଙ୍କ ଭିତରେ ନୀଳାମ୍ବର ଦାସ ଏକାଧିକ ପୁରାଣ ଲେଖି ସମ୍ମାନର ସ୍ଥାନ ଅଧିକାର କରିଛନ୍ତି । ସେ ପଦ୍ମପୁରାଣ, ଜୈମିନି ଭାରତ, ଦେଉଳତୋଳା ପ୍ରଭୃତି ଲେଖିଥିବାର ଜଣାଯାଏ । ସଂସ୍କୃତ ପଦ୍ମପୁରାଣର ଜ୍ଞାନଶିକ୍ଷା ଖଣ୍ଡର କଥାକୁ ସଂକ୍ଷେପରେ ଓଡ଼ିଆ ଭାଷାରେ ପଦ୍ୟରେ ପୁରାଣ ଆକାରରେ ଲେଖିଛନ୍ତି । 'ଜୈମିନି ଭାରତ' ମହାଭାରତର କଥାସାର ଉଦ୍ଧୃତ ଚଳେ । ଦେଉଳତୋଳାରେ ପୁରୀ କ୍ଷେତ୍ରର ପ୍ରାଚୀନ

ଯାହାଙ୍କରେ ଇନ୍ଦ୍ରଦ୍ୟୁମ୍ନ ମହାରାଜାଙ୍କ ଶ୍ରୀକ୍ଷେତ୍ରରେ ଜଗନ୍ନାଥଙ୍କ ମୂର୍ତ୍ତି ଚତୁଷ୍ଟୟ ସ୍ଥାପନା ଓ ଦେବାଳୟ ପ୍ରଭୃତି ଉତ୍ସର୍ଗ ପ୍ରସଙ୍ଗ ପଦ୍ୟରେ ସଂକ୍ଷେପରେ ବର୍ଣ୍ଣିତ ହୋଇଛି ।

ଏହି ପୁସ୍ତକମାନଙ୍କର ନିଜ ସମ୍ପାଦନରେ ଲେଖିଥାଆନ୍ତି । ଭଣିତା ସ୍ଥଳମାନଙ୍କରେ ନିଜକୁ 'ଚନ୍ଦ୍ର ସନାତନ ଦାସ' ବୋଲି ପରିଚୟ ଦେଇଛନ୍ତି । ତାଙ୍କ ସମୟ ଜଣାପଡ଼ୁ ନାହିଁ ।

ଏହି ଗ୍ରନ୍ଥରେ ସଂକ୍ଷିପ୍ତ ବିବରଣ ଦେବା ଲାଗି ଏହାରୁ କେତେ ବର୍ଣ୍ଣନା– ବାଳୁକା, ଜଳ-ଜନ୍ତୁ, ଜନପଦ, ପ୍ରଭୃତି ବିଷୟର ଧ୍ୟାନ ଦେଇନାହାନ୍ତି ।

ଏହାର ଭାଷା ସୁବୋଧ ଓ ମାର୍ଜିତ ।

---

Printed by Jayaram Mahapatro, B. Com.,
Grantha Prakasini, Cuttack-1, 1966.